oaob.nitrkl.ac.in: images reprocessed

୧୮୭୮ ମାତୃରଚନାବଳୀ ୧୯୭୮

ଜନ୍ମଶତବାର୍ଷିକୀ ସଂସ୍କରଣ

## ଶ୍ରୀମା

**ଜନ୍ମଗ୍ରହଣ :**

ଫେବ୍ରୁଆରି ୨୧, ୧୮୭୮

**ଭାରତବର୍ଷରେ ପଦାର୍ପଣ :**

ମାର୍ଚ୍ଚ ୨୯, ୧୯୧୪

**ମହାପ୍ରୟାଣ :**

ନଭେମ୍ବର ୧୭, ୧୯୭୩

**ଜନ୍ମଶତବାର୍ଷିକୀ :**

ଫେବ୍ରୁଆରି ୨୧, ୧୯୭୮

'oaob.nitrkl.ac.in' images reprocessed

# ମାତୃରଚନାବଳି

## ସପ୍ତଦଶ ଖଣ୍ଡ

## ମା'ଙ୍କର ଆଉ କେତୋଟି ଉତ୍ତର

'oaob.nitrkl.ac.in' images reprocessed

**ମାତୃରଚନାବଳି : ୧୭ଶ ଖଣ୍ଡ**
**ମା'ଙ୍କର ଆଉ କେତୋଟି ଉତ୍ତର**
ଶ୍ରୀମା'ଙ୍କ ଜନ୍ମ ଶତବାର୍ଷିକୀ ଗ୍ରନ୍ଥମାଳା(ଇଂ) ୧୭ଶ ଖଣ୍ଡ
*"More Answers from the Mother"* ର ଓଡ଼ିଆ ଅନୁବାଦ

ପ୍ରଥମ ମୁଦ୍ରଣ ୨୦୧୫

ଅନୁବାଦ : ଚିତ୍ତରଂଜନ ଦାସ

₹ 265

ISBN 978-93-5210-091-0

© ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ ୨୦୧୫

ପ୍ରକାଶକ
ନବଜ୍ୟୋତି ପ୍ରକାଶନ
ଶ୍ରୀଅରବିନ୍ଦ ଆଶ୍ରମ ପ୍ରକାଶନ ବିଭାଗ, ପଣ୍ଡିଚେରୀ – ୬୦୫ ୦୦୨

---

**MATRURACHANABALI – Vol 17** (Oriya)
**Maankara Aau Ketoti Uttara**

First edition 2015

Translated by Chittaranjan Das

© Sri Aurobindo Ashram Trust 2015

Published by Navajyoti Publication
A unit of Sri Aurobindo Ashram Publication Department
Pondicherry - 605002

Printed at Sri Aurobindo Ashram Press, Pondicherry
PRINTED IN INDIA

'oaob.nitrkl.ac.in' images reprocessed

## ପ୍ରକାଶକଙ୍କ ସୂଚନା

ଏହି ଖଣ୍ଡଟିରେ ମାଆଙ୍କର ଛଅଜଣ ଶିଷ୍ୟଙ୍କ ପତ୍ରର ଉତ୍ତରକୁ ସନ୍ନିବେଶିତ କରାଯାଇଛି । ପ୍ରତ୍ୟେକ ଗୁଚ୍ଛର ପତ୍ରଗୁଡ଼ିକୁ ସମୟ ଅନୁକ୍ରମରେ ସଜ୍ଜିତ କରି ଦିଆଯାଇଛି । ଦ୍ୱିତୀୟ ଓ ଚତୁର୍ଥ ଗୁଚ୍ଛକୁ ଏଠାରେ ସର୍ବପ୍ରଥମ ଥର ପାଇଁ ପ୍ରକାଶ କରାଯାଇଛି; ଅନ୍ୟ ଗୁଚ୍ଛଗୁଡ଼ିକ ଆଂଶିକ ଅଥବା ସମ୍ପୂର୍ଣ୍ଣ ଭାବରେ ଶ୍ରୀଅରବିନ୍ଦ ଆଶ୍ରମର ତ୍ରୈମାସିକ ପତ୍ରିକା Bulletin of Sri Aurobindo International Centre of Education ରେ ପୂର୍ବରୁ ବାହାରି ଯାଇଛି । ଦୁଇଟି ଗୁଚ୍ଛ ଇଂରାଜୀ ଭାଷାରେ ଲେଖା ହୋଇଥିଲା, ଆଉ ଚାରୋଟି ସମ୍ପୂର୍ଣ୍ଣତଃ ଅଥବା ମୁଖ୍ୟତଃ ଫରାସୀ ଭାଷାରେ । ପୁସ୍ତକର ଶେଷରେ ''ବିଷୟଗୁଡ଼ିକର ଟିପ୍ପଣୀ''ରେ ଅଧିକ ବିସ୍ତୃତ ବିବରଣୀ ଦିଆଯାଇଛି ।

'oaob.nitrkl.ac.in' images reprocessed

# ବିଷୟ-ସୂଚୀ


ପୃଷ୍ଠା

**ପ୍ରଥମ ଗୁଚ୍ଛ (୧୯୩୨ – ୧୯୪୯)** ୧

ଜଣେ ତରୁଣ ଶିଷ୍ୟଙ୍କୁ, ଯିଏକି ୧୯୩୦ ମସିହାରେ ତେରବର୍ଷ ବୟସରେ ଶ୍ରୀଅରବିନ୍ଦ ଆଶ୍ରମରେ ଆସି ଯୋଗ ଦେଇଥିଲେ । ନିଜର ଅଧ୍ୟୟନ ସମାପ୍ତ କରି ସେ ଏକାଧିକ ଆଶ୍ରମ-ବିଭାଗରେ କାର୍ଯ୍ୟ କରିଥିଲେ । ବହୁବର୍ଷ ଧରି ଏହାର ଶିକ୍ଷାକେନ୍ଦ୍ରରେ ଶିକ୍ଷକ ଥିଲେ ଏବଂ ଆଶ୍ରମର ଅଭ୍ୟର୍ଥନା-ବିଭାଗରେ ଜଣେ ସଦସ୍ୟ ଥିଲେ ।

**ଦ୍ୱିତୀୟ ଗୁଚ୍ଛ (୧୯୩୭ – ୧୯୪୧)** ... ୨୧୫

ଜଣେ ଫରାସୀ ମହିଳାଙ୍କୁ, ଯିଏକି ୬୬ ବର୍ଷ ବୟସରେ ୧୯୩୭ ମସିହାରେ ଶ୍ରୀଅରବିନ୍ଦ ଆଶ୍ରମରେ ବାସ କରିବାକୁ ଆସିଥିଲେ ।

**ତୃତୀୟ ଗୁଚ୍ଛ (୧୯୩୮ – ୧୯୭୧)** ୨୨୯

ଜଣେ ଶିଷ୍ୟଙ୍କୁ, ଯିଏକି ୨୧ ବର୍ଷ ବୟସରେ ୧୯୩୮ ମସିହାରେ ଶ୍ରୀଅରବିନ୍ଦ ଆଶ୍ରମରେ ଆସି ଯୋଗ ଦେଇଥିଲେ । ପଚାଶ ବର୍ଷରୁ ଅଧିକ କାଳଧରି ସେ ଅନେକ ବିଭାଗରେ କାର୍ଯ୍ୟ କରିଥିଲେ । ସେ ଜଣେ ହିନ୍ଦୀ ଶିକ୍ଷକ ଓ ଅନୁବାଦକ, ଦୁଇଟି ହିନ୍ଦୀ ପତ୍ରିକାର ସମ୍ପାଦକ ଏବଂ ଆଶ୍ରମର ଏକାଧିକ ବିଭାଗରେ ତତ୍ତ୍ୱାବଧାରକ ରୂପେ କାର୍ଯ୍ୟ କରିଥିଲେ ।


**ଚତୁର୍ଥ ଗୁଚ୍ଛ (୧୯୪୨ – ୧୯୭୦)** ... ୩୯୫

ଜଣେ ଶିଷ୍ୟଙ୍କୁ, ଯିଏକି ୩୧ ବର୍ଷ ବୟସରେ ୧୯୩୧ ମସିହାରେ ଶ୍ରୀଅରବିନ୍ଦ ଆଶ୍ରମରେ ଯୋଗ ଦେଇଥିଲେ । ୧୯୪୦ ଦଶାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ସେ ଗୃହନିର୍ମାଣ ବିଭାଗରେ କାର୍ଯ୍ୟ କରିଥିଲେ ଓ ତା'ପରେ ଆସବାବପତ୍ର ବିଭାଗର ମୁଖ୍ୟ ହେଲେ; ୧୯୭୦ରେ ତାଙ୍କର ତିରୋଧାନ ପର୍ଯ୍ୟନ୍ତ ସେ ସେହି ବିଭାଗଟିର ପରିଚାଳନା କରିଥିଲେ ।


'oaob.nitrkl.ac.in' images reprocessed

| ବିଷୟ-ସୂଚୀ | ପୃଷ୍ଠା |
| --- | --- |
| **ପଞ୍ଚମ ଗୁଚ୍ଛ (୧୯୬୦ – ୧୯୭୩)** | ... ୪୨୧ |
| ଜଣେ ଶିଷ୍ୟାଙ୍କୁ, ଯିଏକି ୮ ବର୍ଷ ବୟସରେ ୧୯୪୪ ମସିହାରେ ଶ୍ରୀଅରବିନ୍ଦ ଆଶ୍ରମରେ ଆସି ଯୋଗ ଦେଇଥିଲେ । ଆଶ୍ରମର ଶାରୀରିକ ଶିକ୍ଷା ବିଭାଗରେ ସେ ପ୍ରାୟ ୩୦ ବର୍ଷ କାଳ କାର୍ଯ୍ୟ କରିଥିଲେ, ଏଗାର ବର୍ଷ ବୟସରେ ସେ ସେହି ବିଭାଗରେ ଜଣେ କ୍ୟାପ୍‌ଟେନ୍ ହୋଇ ପାରିଥିଲେ । | |
| **ଷଷ୍ଠ ଗୁଚ୍ଛ (୧୯୬୧ – ୧୯୬୮)** | ... ୪୪୯ |
| ଜଣେ ଶିଷ୍ୟଙ୍କୁ, ଯିଏକି ୨୧ ବର୍ଷ ବୟସରେ ୧୯୩୯ରେ ଶ୍ରୀଅରବିନ୍ଦ ଆଶ୍ରମରେ ଆସି ଯୋଗ ଦେଇଥିଲେ । ସେ ପ୍ରଥମେ ଜଣେ ଆଶ୍ରମ ସେକ୍ରେଟେରୀଙ୍କର ସହକାରୀ ଭାବରେ କାର୍ଯ୍ୟ କଲେ, ତା'ପରେ ଏକାଧିକ ଅତିଥି-ଭବନର ପରିଚାଳନାରେ ତତ୍ତ୍ୱାବଧାରକ ରହିଲେ ଏବଂ ବର୍ତ୍ତମାନ ଜଣେ ଲେଖକ, ବକ୍ତା ଏବଂ ତିନୋଟି ପତ୍ରିକାର ସମ୍ପାଦକ ଅଛନ୍ତି । | |
| **ବିଷୟଗୁଡ଼ିକ ଉପରେ ଟିପ୍ପଣୀ** | ... ୪୮୯ |


'oaob.nitrkl.ac.in' images reprocessed



ଶ୍ରୀମା ୧୯୬୩

'oaob.nitrkl.ac.in' images reprocessed

# ପ୍ରଥମ ଗୁଚ୍ଛ

**(୧୯୩୨ - ୧୯୩୯)**

'oaob.nitrkl.ac.in' images reprocessed

'oaob.nitrkl.ac.in' images reprocessed

## ପ୍ରଥମ ଗୁଚ୍ଛ (୧୯୩୨-୧୯୩୯)

ଜଣେ ତରୁଣ ଶିଷ୍ୟଙ୍କୁ, ଯିଏକି ୧୯୩୦ ମସିହାରେ ତେର ବର୍ଷ ବୟସରେ ଶ୍ରୀଅରବିନ୍ଦ ଆଶ୍ରମରେ ଆସି ଯୋଗ ଦେଇଥିଲେ । ଆଠବର୍ଷ ଅଧ୍ୟୟନ କରି ସାରିବାପରେ ସେ କାର୍ଯ୍ୟ କରିବା ଆରମ୍ଭ କଲେ । ପ୍ରଥମେ ଗୋଲ୍‌କୋଣ୍ଡ୍ (ଆଶ୍ରମର ଏକ ନିବାସଗୃହ)ର ନିର୍ମାଣକାର୍ଯ୍ୟରେ ରହିଲେ । ସେଠାରେ ସେ ବଢ଼େଇ ବିଭାଗର ତତ୍ତ୍ୱାବଧାନ କରୁଥିଲେ । ତା'ପରେ ଶସ୍ୟାଗାର ଏବଂ ଭୋଜନଶାଳାକୁ ଗଲେ । ୧୯୪୫ ମସିହାରେ ନୂଆ ହୋଇ ଖୋଲା ହୋଇଥିବା ଆଶ୍ରମ ବିଦ୍ୟାଳୟରେ ଜଣେ ଶିକ୍ଷକ ହେଲେ । ସେ ତା'ପରେ ଅଭ୍ୟର୍ଥନା ବିଭାଗରେ କାର୍ଯ୍ୟ କରିଥିଲେ । ପନ୍ଦର ବର୍ଷ ବୟସରୁହିଁ ଏହି ଶିଷ୍ୟଜଣକ ମାଆଙ୍କ ପାଖକୁ ଲେଖିବା ଆରମ୍ଭ କରିଥିଲେ ।

*ଦି'ପହରେ ଶୋଇଥିବା ସମୟରେ ମୁଁ ସଚେତନ ନ ଥାଏ । କେଉଁଠି କ'ଣ ସୋର ଶବ୍ଦ ହେଲେ ମୋତେ ଶୁଣାଯାଏ ନାହିଁ । ମାତ୍ର, ଯେତେବେଳେ ରାତିରେ ଶୋଇଥାଏ, ବେଳେ ବେଳେ ମୋ'ର ଚେତା ରହିଥାଏ ଏବଂ ସେତେବେଳେ ମୁଁ ପ୍ରାୟ ସବୁକିଛି ଶୁଣିପାରେ ।*

*ରାତିରେ ନ ଶୋଇବାଟା ଠିକ୍ କଥା କି ?*

ନାଇଁ, ନ ଶୋଇବା ଆଦୌ ଠିକ୍ କଥା ନୁହେଁ । ଅତ୍ୟନ୍ତ ଶାନ୍ତ ହୋଇ ଭଲ ଭାବରେ ଶୋଇପାରିବା ଦରକାର । ଏବଂ, ତୁମେ ଯେତେବେଳେ ସ୍ୱପ୍ନ ଦେଖ, ସେତେବେଳେ ସେଗୁଡ଼ିକ ସମ୍ବନ୍ଧରେ ସଚେତନ ହେବାରୁ ତୁମେ ଏହାଦ୍ୱାରା କଦାପି ବଞ୍ଚିତ ହେବ ନାହିଁ । ତୁମେ କାହିଁକି ଶୋଇ ପାର ନାହିଁ ?

ଅତ୍ୟନ୍ତ ଆନ୍ତରିକ ଭାବରେ ଓ କୌଣସି ଭୟ ନ କରି ତୁମକୁ ମୋତେ ସବୁକିଛି କହିବାକୁ ହେବ । ଅତ୍ୟନ୍ତ ଖୋଲା ହୋଇ ମୋ'ପାଖରେ ସବୁକଥା କହିଦେବା ଦ୍ୱାରା ତୁମେ ମୋ'ର ଅଧିକ ନିକଟବର୍ତ୍ତୀ ହୋଇଆସିବ ।

*୮ ଡିସେମ୍ବର ୧୯୩୨*

'oaob.nitrkl.ac.in' images reprocessed

*ମାଆ, ଏହି ଜନ୍ତୁମାନଙ୍କର* ତାତ୍ପର୍ଯ୍ୟ ମୁଁ କିଛି ବୁଝିପାରୁ ନାହିଁ। ଉଦାହରଣ ସ୍ୱରୂପ, ସିଂହର...*

ଶକ୍ତି ।

*ହରିଣ...*

ପ୍ରଖର ଗତି ।

*ହଂସ...*

ଆତ୍ମା ।

*ଚଢ଼େଇମାନେ...*

କେତେକ ଚଢ଼େଇଙ୍କର ତାତ୍ପର୍ଯ୍ୟ ରହିଛି, ମାତ୍ର ସବୁ ଚଢ଼େଇଙ୍କ ପାଇଁ ସେହି ତାତ୍ପର୍ଯ୍ୟ ଆଦୌ ସମାନ ନୁହେଁ ।

*୨୩ ଡିସେମ୍ବର ୧୯୩୨*

*ଆଜି ଆପଣ ମୋ ପାଖକୁ ଯେଉଁ ହାତୀର ଛବିଟି ପଠାଇଛନ୍ତି, ମୁଁ ତା'ର ତାତ୍ପର୍ଯ୍ୟ ଜାଣିବାକୁ ଚାହୁଁଛି; ହଁ, ଶୁଆଟିର ମଧ୍ୟ ।*

ଶୁଆର ତାତ୍ପର୍ଯ୍ୟ ହେଉଛି "କଥା କହିବାରେ ଧାରାପ୍ରବାହର ଦକ୍ଷତା" ଏବଂ ହାତୀର ତାତ୍ପର୍ଯ୍ୟ ହେଉଛି "ବଳ" ।

*୨୫ ଡିସେମ୍ବର ୧୯୩୨*

ଲଫାପା ଉପରେ ଥିବା କୁକୁରର ଅର୍ଥ ହେଉଛି ଆଜ୍ଞାକାରିତା ।

*୩୧ ଡିସେମ୍ବର ୧୯୩୨*

---

* ଶିଷ୍ୟଟି ଏପରି ପ୍ରଶ୍ନ କରିଥିଲେ, କାରଣ ମାଆ ତାଙ୍କ ପାଖକୁ ଉତ୍ତର ଲେଖି ପଠାଇବା ସମୟରେ ଲଫାପା ଉପରେ ଜନ୍ତୁମାନଙ୍କର ଚିତ୍ର ମାରି ପଠାଉଥିଲେ ।

'oaob.nitrkl.ac.in' images reprocessed

*ଆଜି ସକାଳେ ଆପଣ ମୋ' ପାଖକୁ ଯେଉଁ ଛବିଟି ପଠାଇଛନ୍ତି, ତାହାର ତାତ୍ପର୍ଯ୍ୟ କ'ଣ ?*

ଏଇଟି ଗୋଟିଏ ସିଲ୍ ମାଛ,– ଭାରି ଚତୁର ଜନ୍ତୁ, ତାକୁ ଯାବତୀୟ ପ୍ରକାରର କୌଶଳ ଶିକ୍ଷା ଦେଇହେବ, ଏପରିକି ହାତସଫେଇ ମଧ୍ୟ ।

*୩ ଜାନୁଆରି ୧୯୩୩*

*ମୟୂରଟିର ଅର୍ଥ କ'ଣ ?*

ବିଜୟ ।

*୫ ଜାନୁଆରି ୧୯୩୩*

*ଆଜି ଆପଣ ମୋ' ପାଖକୁ ଯେଉଁ ଠେକୁଆ ପଠାଇଛନ୍ତି, ତା'ର ଅର୍ଥ ?*

ଏଇଟି ସାଧାରଣ ଗାତଠେକୁଆ ନୁହେଁ, ଏହା ଗୋଟିଏ ବିଲଠେକୁଆ । ଏହାର ଅର୍ଥ "ବୁଦ୍ଧିମତ୍ତା" ।

*୬ ଜାନୁଆରି ୧୯୩୩*

*ବର୍ତ୍ତମାନ ମୁଁ ସବୁକିଛି ବୁଝିପାରୁଛି । ମୁଁ ଆଉ ସେହି ଏକହିଁ ଭୁଲ୍‌କୁ କେବେହେଲେ କରିବି ନାହିଁ । ଏଥିପାଇଁ ମୁଁ ଅତ୍ୟନ୍ତ ଦୁଃଖିତ । ଏବେ ମୁଁ ସ୍ଥିର ହେବି ଏବଂ ଆପଣଙ୍କୁ ଭଲ ଲାଗୁ ନ ଥିବା ଆଦୌ କୌଣସି କାର୍ଯ୍ୟ କରିବି ନାହିଁ ।*

ଏକଥା ଖୁବ୍ ଭଲ, ମୋ' ବାବୁ । ତୁମକୁ ମୁଁ ବିଶ୍ୱାସ କରୁଛି ଏବଂ ମୁଁ ଭଲ କରି ଜାଣିଛି ଯେ, ମୋତେ ଭଲ ନ ଲାଗୁଥିବା କୌଣସି କାର୍ଯ୍ୟ ତୁମେ କେବେହେଲେ ଇଚ୍ଛା କରି କରିବ ନାହିଁ । ତେଣୁ, ଆଉ ମୋତେ ଦୁଃଖ କର ନାହିଁ ବା ଅତୀତ ବିଷୟରେ ଅଧିକ ଭାବି ହୁଅ ନାହିଁ; ଭବିଷ୍ୟତରେ ଏ ବିଷୟରେ ତୁମେ ଆଉ କୌଣସି ଭୁଲ୍ ଯେ କରିବ ନାହିଁ, କେବଳ ତଜ୍ଜନିତ ଆନନ୍ଦ ବିଷୟରେହିଁ ଚିନ୍ତା କର ।

ଉଚିତ କଥାଟିକୁ କରିବାରେ ତୁମକୁ ସାହାଯ୍ୟ କରିବା ପାଇଁ ମୋ'ର ସ୍ନେହ ଯେ ତୁମ ଲାଗି ସର୍ବଦା ରହିଥିବ, ତୁମେ ସେହି ବିଷୟରେ ନିଶ୍ଚିତ ରହିପାର ।

*୧୮ ଜାନୁଆରି ୧୯୩୩*

'oaob.nitrkl.ac.in' images reprocessed

*ମୁଁ କାଲି ଯାହା ଲେଖିଥିଲି, ମୁଁ ଭାବୁଛି ତାହା ଆଦୌ ଭଲ ନ ଥିଲା । ମୁଁ ଯାହା ଲେଖିଥିଲି, ବର୍ତ୍ତମାନ ସେଥିପାଇଁ ଦୁଃଖ ପ୍ରକାଶ କରୁଛି ।*

ତୁମେ ଆଦୌ ଦୁଃଖ ପ୍ରକାଶ କରିବ ନାହିଁ । ଆଦୌ କିଛି ନ ଲୁଚାଇ ଖୋଲା ହୋଇଯିବା ସବୁବେଳେ ଅଧିକ ଭଲ; ନିଜର ଭୁଲ୍‌ଗୁଡ଼ିକୁ ସଂଶୋଧନ କରିବା ପାଇଁ ତାହାହିଁ ସର୍ବୋତ୍ତମ ଉପାୟ ।

*୨୪ ଜାନୁଆରି ୧୯୩୩*

*'କ' ମୋତେ କହୁଛନ୍ତି ଯେ ସେ ମୋ' ଲାଗି କୌଣସି କମିଜ ତିଆରି କରିବେ ନାହିଁ, କେବଳ ପଞ୍ଜାବି ତିଆରି କରିଦେବେ । ତା'ପରେ, ବହୁତ କଳହ କରିବାପରେ, ସେ କହୁଛନ୍ତି ଯେ ଗୋଟିଏ ପଞ୍ଜାବି ଓ ଗୋଟିଏ କମିଜ ତିଆରି କରିବେ; ମାତ୍ର ମୋ'ର ଦୁଇଟି ରଙ୍ଗିନ କମିଜ ଦରକାର ।*

ତୁମ ପକ୍ଷରେ କଳହ କରିବାଟା ମୋତେ ଉଚିତ ହେଲା ନାହିଁ । ମୁଁ ଏପରି ଆଚରଣକୁ ଆଦୌ ସମର୍ଥନ କରିବି ନାହିଁ । ତୁମେ ଏବେ ମଧ୍ୟ ଜଣେ ପିଲା ଏବଂ ତୁମକୁ ତୁମଠାରୁ ବଡ଼ମାନଙ୍କୁ ସମ୍ମାନ କରିବାକୁ ହେବ । ପୁଣି, ଆଉ ଜଣକଠାରୁ କିଛି ପାଇବା ନିମନ୍ତେ ଏହାକୁ ସମ୍ଭାବ୍ୟ ସବୁଠାରୁ ଖରାପ ଉପାୟ ବୋଲି କୁହାଯିବ ।

ତୁମେ କହୁଛ, ''ମୋ'ର କମିଜ **ଦରକାର;** ମୋତେ କମିଜ କରିଦିଅ'', ସେପରି କୁହାଯାଏ ନାହିଁ । ନିଜର ଏକ ବାସନା ଅଥବା ପସନ୍ଦର ଏହିପରି ଭାବରେ ନିଜକୁ ନେଇ ଲଦିଦେବା ପାଇଁ କି ଅଧିକାର ରହିଛି ?

ପ୍ରକୃତରେ କ'ଣ କରାଯାଇ ପାରିବ, ସେକଥା ମୁଁ ଅନୁସନ୍ଧାନ କଲାପରେ କହିବି ।

*୫ ଫେବ୍ରୁଆରି ୧୯୩୩*

*ମୁଁ 'କ'ଙ୍କ ସହିତ କଳହ କରି ନ ଥିଲି । ତାଙ୍କ ପ୍ରଶ୍ନର ଉତ୍ତର ଦେଇ ନ ଥିଲି ଏବଂ ତାଙ୍କ ସହିତ କଳହ କରିବା ସକାଶେ ମୁଁ ଯଥେଷ୍ଟ ଫରାସୀ ଭାଷା ମଧ୍ୟ ଜାଣି ନାହିଁ ।*

ଯଦି ତୁମେ କଳହ କରି ନାହଁ, ତେବେ ଉତ୍ତମ କଥା । କଳହ କରିବାର ଅର୍ଥ ହେଉଛି, ହିଂସ୍ର ଭାବରେ ପରସ୍ପର ପ୍ରତି ଅପ୍ରୀତିକର କଥାଗୁଡ଼ିକର ପ୍ରୟୋଗ କରିବା ।

*୬ ଫେବ୍ରୁଆରି ୧୯୩୩*

'oaob.nitrkl.ac.in' images reprocessed

ଲଫାଫା ଉପରର ବଲ୍‌ଗା ହରିଣ ସହିଷ୍ଣୁତାର ପ୍ରତୀକ ।

*୧୫ ଫେବ୍ରୁଆରି ୧୯୩୩*

*(ଗୋଟିଏ କପୋତର ଚିତ୍ର ବିଷୟରେ)*

ମୁଁ ତୁମର ନାମର (ଶାନ୍ତି) ପକ୍ଷୀଟିକୁ ତୁମ ପାଖକୁ ପଠାଉଛି ।

*୧୬ ଫେବ୍ରୁଆରି ୧୯୩୩*

ବିରାଡ଼ିର ତାତ୍ପର୍ଯ୍ୟ ହେଉଛି ଗ୍ରହଣଶୀଳତା ।

*୨୧ ଫେବ୍ରୁଆରି ୧୯୩୩*

ଲଫାପା ଉପରେ ଥିବା ପେଲିକାନ୍ ହେଉଛି ନିଷ୍ଠାର ପ୍ରତୀକ ।

*୨୫ ଫେବ୍ରୁଆରି ୧୯୩୩*

*ମୁଁ ପ୍ରାଣକୁ ପ୍ରତିରୋଧ କରିବି, ତା' ସହିତ ଯୁଦ୍ଧ କରିବି । ମୁଁ ତା' ଉପରେ ବିଜୟ ହାସଲ କରିବି । ଦିନେ ମୁଁ ଯାବତୀୟ ଅନ୍ଧକାର ଶକ୍ତିଙ୍କ ଉପରେ ବିଜୟଲାଭ କରିବି । ଯେତେବେଳେ ଦିବ୍ୟ ପରମ କରୁଣା ମହଜୁଦ ରହିଛି, ମୁଁ ତେବେ କାହିଁକି ଭୟ କରିବି ?*

ହଁ, ତୁମେ ଆଦୌ ଭୟ କରିବ ନାହିଁ, ଦିବ୍ୟ ପରମ କରୁଣା ଉପରେ ତୁମେ ପୂର୍ଣ୍ଣ ଆସ୍ଥା ରଖିଥିବ । ଦ୍ୱିତୀୟ କଥା ହେଉଛି, ଯଥେଷ୍ଟ ପରିମାଣର ନିଦ୍ରା ଦ୍ୱାରା ତୁମେ ନିଜ ଶରୀରକୁ ମଧ୍ୟ ସୁଭାରସାମ୍ୟଯୁକ୍ତ କରି ରଖିବ । ଚବିଶି ଘଣ୍ଟାରୁ ସାତ ଘଣ୍ଟା ଶୋଇବ ଓ ଯଥେଷ୍ଟ ଖାଦ୍ୟ ଖାଇବ ।

*୨ ମାର୍ଚ୍ଚ ୧୯୩୩*

*କାଲି ଖରାବେଳେ ମୁଁ ବହିଟିଏ ପଢୁଥିଲି ଓ କିଛି ସମୟ ପରେ ଶୋଇ ପଡ଼ିଲି । ହଠାତ୍ ଚମକିଲା ପରି ହୋଇ ଉଠିପଡ଼ିଲି ଏବଂ କେତେ ସମୟ ହୋଇଛି ଦେଖିଲି । ପ୍ରାୟ ଗୋଟାଏ ବାଜିଥିଲା । ଗୋଟାଏ ବେଳେ ମୋ'ର ଏକ କ୍ଲାସ୍ ଥିଲା । ତେଣୁ, ସେହି କ୍ଲାସ୍‌କୁ ଯାଇ ପାରିଲି । କ'ଣ ଦିବ୍ୟ ପରମକର୍ତ୍ତା ମୋତେ ଏପରି ଉଠାଇଦେଲେ ?*

'oaob.nitrkl.ac.in' images reprocessed

ତାହା ଆଦୌ ଅବଶ୍ୟମ୍ଭାବୀ ନୁହେଁ । ଅବଚେତନର ଗୋଟିଏ ଅଂଶ ସବୁବେଳେ ଜାଗରୂକ ରହିଥାଏ, ଏବଂ, ଏକ ନିର୍ଦ୍ଦିଷ୍ଟ ସମୟରେ ଉଠିବା ଲାଗି ଆବଶ୍ୟକ ଇଚ୍ଛା ଥିଲେ ତାହାହିଁ ସେହି ଅଂଶଟି ତୁମକୁ ଉଠାଇ ଦେବା ଲାଗି ଯଥେଷ୍ଟ ହେବ ।

*୩ ମାର୍ଚ୍ଚ ୧୯୩୩*

*ଏକ ଅନ୍ଧକାରମୟ ପ୍ରାଣକୁ କିପରି ଏକ ଆଲୋକମୟ ପ୍ରାଣରେ ବଦଳାଇ ଦେଇ ହେବ ?*

ସେହି ପ୍ରାଣକୁ ସମର୍ପଣ କରିଦେଇ, ଏହାକୁ ଆଲୋକ ଭିତରକୁ ଉନ୍ମୋଚିତ କରିଦେଇ ଏବଂ ଚେତନାର ବୃଦ୍ଧିସାଧନ କରି ।

*୪ ମାର୍ଚ୍ଚ ୧୯୩୩*

*କାଲି ରାତିରେ ମୁଁ ହଠାତ୍ ଭାବିଲି ଯେ, ମୁଁ ସଂପୂର୍ଣ୍ଣ ନୀରବତା ପାଳନ କରିବାକୁ ଚେଷ୍ଟା କରିବି; ଏପରିକି ମୋଟେ ହସିବି ନାହିଁ କିଂବା ଚିନ୍ତା ବି କରିବି ନାହିଁ । କେବଳ ଦିବ୍ୟଜନନୀଙ୍କ ବିଷୟରେ ଚିନ୍ତା କରିବି । ଦିବ୍ୟ ପରମସତ୍ତାଙ୍କୁ ପ୍ରାର୍ଥନା କରୁଥିବି ।*

ହସିବ ନାହିଁ କିଂବା ଚିନ୍ତା କରିବ ନାହିଁ, ତାହା କିଞ୍ଚିତ୍ ଅତ୍ୟଧିକ ହୋଇଯିବ ।

*ମୁଁ ନିଜକୁ କହିଲି : ମାତ୍ର ସାରା ଦିନଟା ନୀରବ ରହିଲେ କିଭଳି ହୁଅନ୍ତା ? ମୁଁ ତାହା କରିବାକୁ ଚେଷ୍ଟା କରିବି ।*

ସେଇଟି ମଧ୍ୟ ଟିକିଏ ଅଧିକ ହୋଇଯିବ । ଗୋଟାସୁଦ୍ଧା ଚୁପ୍ ରହିବା ଅପେକ୍ଷା ନିଜ କଥା କହିବା ଉପରେ ନିୟନ୍ତ୍ରଣ ଅର୍ଜନ କରିବା ଅଧିକ ମହତ୍ତ୍ୱପୂର୍ଣ୍ଣ । ସର୍ବୋତ୍ତମ କଥା ହେଉଛି, ଯାହା ଉପଯୋଗୀ, କେବଳ ତାହାକୁହିଁ ଯଥାସମ୍ଭବ ଅଧିକ ନିର୍ଦ୍ଦିଷ୍ଟ ଏବଂ ସଂକ୍ଷିପ୍ତ ଭାବରେ କହିବା ।

*୫ ମାର୍ଚ୍ଚ ୧୯୩୩*

*ବେଳେ ବେଳେ ମୁଁ ଏକାବେଳେକେ ପୂରାପୂରି ସ୍ଥିର ହୋଇଯାଏ । କାହାରି ସହିତ କଥା କହେ ନାହିଁ, ଏକୁଟିଆ ଚାରିଆଡ଼େ ବୁଲୁଥାଏ, କେବଳ ଦିବ୍ୟ ପରମସତ୍ତାଙ୍କ*

'oaob.nitrkl.ac.in' images reprocessed

*ବିଷୟରେ ଚିନ୍ତା କରୁଥାଏ । ଯଦି ମୋତେ କେହି କିଛି କହନ୍ତି ଏବଂ ଅନେକ ସମୟରେ ଅନାବଶ୍ୟକ ଭାବରେ କିଛି କହନ୍ତି, ତେବେ ମୁଁ କୌଣସି ଉତ୍ତର ଦିଏ ନାହିଁ । ପୂରା ସମୟଯାକ ଏହିପରି ଅବସ୍ଥାରେ ରହିବା ଠିକ୍ କି ?*

ଏହା ଏକ ଅତି ଉତ୍ତମ ଅବସ୍ଥା ଏବଂ ଏହାକୁ ଆଦୌ କୌଣସି କ୍ଷତି ନ କରି ସ୍ଥାୟିଭାବେ ରଖାଯାଇ ପାରିବ । ମାତ୍ର, ଏହା ପଛରେ ନିଷ୍ଠା ରହିଥିବା ଆବଶ୍ୟକ । ଅର୍ଥାତ୍, କେବଳ ସ୍ଥିର ଥିବାପରି ଦେଖା ଯାଉ ନ ଥିବ, ମାତ୍ର ଏକ ଯଥାର୍ଥ ଓ ଗଭୀର ସ୍ଥିରତା ରହିଥିବ, ଯାହାକି ତୁମକୁ ସ୍ୱତଃସ୍ଫୂର୍ତ୍ତ ଭାବରେ ନୀରବ ରଖିଥିବ ।

*୯ ମାର୍ଚ୍ଚ ୧୯୩୩*

*(ଲଫାପା ଉପରେ ଥିବା ଏକ ଛବି ବିଷୟରେ) ଏହା ଗୋଟିଏ ଛେଳି କି ?*

ଏହା ଗୋଟିଏ ହରିଣ, ଏହାର ତାତ୍ପର୍ଯ୍ୟ ହେଉଛି "ଗତିରେ ପ୍ରଖରତା" ।
ଛେଳି ହେଉଛି "ସ୍ଫୂର୍ତ୍ତିଯୁକ୍ତତା" ।

*୯ ମାର୍ଚ୍ଚ ୧୯୩୩**

*(କେତେକ ଘୁଷୁରି ଥିବା ଏକ ଛବି ବିଷୟରେ)*

ମୁଁ ଯେଉଁ ଲଫାପାଟି ତୁମ ପାଖକୁ ପଠାଉଛି, ତାହା ପ୍ରକୃତିରେ ରହିଥିବା ପ୍ରାଣର ନାନା ଅସ୍ପଷ୍ଟ ଗତିସ୍ପନ୍ଦନ ବିଷୟରେ ସୂଚନା ଦେଉଛି ।

*୧୫ ମାର୍ଚ୍ଚ ୧୯୩୩*

*କେଉଁଟି ଆଗ, କେଉଁଟି ତା'ପରେ,– ଏସବୁ ବିଷୟରେ ମୁଁ କିଛି ଜାଣେ ନାହିଁ । ଉଦାହରଣ ସ୍ୱରୂପ, ସତ୍ୟ ପରେ କ'ଣ ?*

ସତ୍ୟ ପରେ ପୁଣି ସତ୍ୟ, ଏବଂ ତା'ପରେ ମଧ୍ୟ ପୁଣି ସତ୍ୟ ?

*୨୩ ମାର୍ଚ୍ଚ ୧୯୩୩*

---

* ଉପରେ ଯେଉଁ ତାରିଖ, ତଳେ ସେହି ତାରିଖ; କାରଣ ଶିଷ୍ୟଟି ବେଳେବେଳେ ଗୋଟିଏ ଦିନରେ ଏକାଧିକବାର ବି ଚିଠି ଲେଖି ପଠାଉଥିଲେ ।

'oaob.nitrkl.ac.in' images reprocessed

*ରାତିରେ କେବଳ ଏଗାରଟା ପରେ ଯାଇ ମୁଁ ଭଲ କରି ଶୁଏ । ମୁଁ ସାଢ଼େ ପାଞ୍ଚଟା ବେଳେ ଉଠେ । ମାତ୍ର ଚାରିଟା ସାଢ଼େ ଚାରିଟା ବେଳକୁ ନିଦ ଭାଙ୍ଗି ଯାଇଥାଏ ।*

ନିଦ ଭାଙ୍ଗିଯିବା ପରେ ବିଛଣାରେ ଶୋଇ ରହିବା ଭଲ ନୁହେଁ; ତାହା ବିଶ୍ରାମ ଅପେକ୍ଷା ଅଧିକ କ୍ଳାନ୍ତି ଆଣିଦିଏ ଏବଂ ଏହାଦ୍ୱାରା ତମଃ ବି ବୃଦ୍ଧି ପାଏ । ତେଣୁ, ନିଦ ଭାଙ୍ଗିବା ମାତ୍ରକେ ବିଛଣାରୁ ଉଠି ଚାଲିଆସିବା ଅଧିକ ଭଲ । ତେବେ, ସନ୍ଧ୍ୟାବେଳକୁ ତୁମକୁ ନିଦ ମାଡ଼ିବ ଏବଂ ଶୀଘ୍ର ଶୋଇବାକୁ ଯାଇପାରିବ । **ମଧ୍ୟରାତ୍ରି ପୂର୍ବରୁ** ଆମେ ଯେତେ ଘଣ୍ଟା ଶୋଉ, ତାହାହିଁ ସବୁଠାରୁ ଭଲ ଓ ସେଥିରୁ ସବୁଠାରୁ ଅଧିକ ବିଶ୍ରାମ ମିଳେ ।

*୨୫ ମାର୍ଚ୍ଚ ୧୯୩୩*

*ପ୍ରହ୍ଲାଦଙ୍କ କାହାଣୀରେ, ପିଲାଟି ମୃତ୍ୟୁମୁଖରେ ଯାଇ ପଡ଼ିଥିଲା, ମାତ୍ର ସେତେବେଳେ ସେ କେବଳ ପରମ ଦିବ୍ୟସତ୍ତାଙ୍କୁହିଁ ଚିନ୍ତା କଲା ଏବଂ ଦିବ୍ୟ ସତ୍ତା ତା'ର ଚେତନାରେ ତାକୁ ପୋଡ଼ି ମାରିଦେବାକୁ ଯାଉଥିବା ଅଗ୍ନିକୁ ହରଣ କରିନେଲେ । ମୃତ୍ୟୁ ଜୀବନରେ ପରିବର୍ତ୍ତିତ ହୋଇଗଲା, ଆନନ୍ଦରେ ପରିଣତ ହୋଇଗଲା ଏବଂ ତାହାରି ମାଧ୍ୟମରେ ପ୍ରହ୍ଲାଦ ଦିବ୍ୟ ପରମ ଆଲୋକର ଉପଲବ୍ଧି କଲା । ଏହି କାହାଣୀଟିର କ'ଣ ଏହିପରି ଅର୍ଥ ହେବ ଯେ, ପରମ ଦିବ୍ୟସତ୍ତା ଅଥବା ଦିବ୍ୟ ସହାୟତା ମଧ୍ୟଦେଇ ଅସୁବିଧାଜନକ ବସ୍ତୁଗୁଡ଼ିକ ସହଜ ବସ୍ତୁକୁ ବଦଳିଯାଇପାରିବ, ଏପରିକି ମୃତ୍ୟୁ ମଧ୍ୟ ଜୀବନକୁ ବଦଳିଯିବ ?*

ହଁ, ଏହା ନୈତିକ ଭୂମିରେ ସତ୍ୟ, ଏବଂ ଦିନେ ଏହା ଜଡ଼ର ଭୂମିରେ ମଧ୍ୟ ସତ୍ୟ ହୋଇଯିବ ।

*୨୬ ମାର୍ଚ୍ଚ ୧୯୩୩*

*ମୁଁ ବର୍ତ୍ତମାନ ମୋ'ର ମନେ ପଡୁଥିବା ଦୁଇଟି କଥାକୁ ଆପଣଙ୍କୁ ପଚାରିବାକୁ ଚାହୁଁଛି । ଆପଣ ମୋ' ଲାଗି ଲେଖି ପଠାଇଛନ୍ତି : ''ନିଜର ପ୍ରାଣକୁ ସାନ୍ତ୍ୱନା ଦେବା ଲାଗି କଦାପି କାହାଣୀମାନ ପଢ଼ ନାହିଁ ।'' ଏବଂ, ଦ୍ୱିତୀୟଟି : ''ପ୍ରାଣକୁ ସନ୍ତୋଷ ଦେବାକୁ କିମ୍ବା ଖୁସୀ କରିବାକୁ ଅନାବଶ୍ୟକ ଭାବରେ କଥା କହ ନାହିଁ ।''*

ହାଲୁକା ଏବଂ ଅହିତକର କାହାଣୀସବୁ ପଢ଼ିବାରେ ସମୟ ନଷ୍ଟ କର ନାହିଁ ।

'oaob.nitrkl.ac.in' images reprocessed

*ନିରର୍ଥକ ଏବଂ ତୁଚ୍ଛ କଥାବାର୍ତ୍ତାରେ ନିଜର ଶକ୍ତିକୁ ନଷ୍ଟ କର ନାହିଁ ।*

*୨୮ ମାର୍ଚ୍ଚ ୧୯୩୩*

*"ଅନୁକମ୍ପା"ର ଅର୍ଥ କ'ଣ ?*

ଫରାସୀ ଭାଷାରେ miséricorde ର ଅର୍ଥ ଯାହା, ଅନୁକମ୍ପାର ଅର୍ଥ ସେଇଆ । ଏହା ଏପରି ଏକ ଦୟାର ଭାବ, ଯେଉଁଥିରେ କି ବଳ ଏବଂ କୃପା ପୂର୍ଣ୍ଣ ହୋଇ ରହିଥାଏ, ଏପରି ଏକ ଦୟାଭାବ ଯାହା କ୍ଷମା ପ୍ରଦାନ କରେ, ଯାହା କ୍ଷତିଗୁଡ଼ିକର ପୂରଣ କରିଦିଏ । ସବୁଯାକ ଦୋଷ ଭୁଲିଯାଏ ଓ ଯାହା ପ୍ରତ୍ୟେକଙ୍କ ପାଇଁ ସର୍ବୋତ୍ତମ, କେବଳ ତାହାରି ଚିନ୍ତା କରିଥାଏ ।

*୩୧ ମାର୍ଚ୍ଚ ୧୯୩୩*

*ମୁଁ ନିଜକୁ ନିରୀକ୍ଷଣ କରି ଦେଖୁଛି ଏବଂ ନିଜ ଭିତରେ କୌଣସି ବିଶେଷ ଗତିଶୀଳତା ବା କୌଣସି ସନ୍ଦେହ ଥିବାର ଦେଖିପାରୁ ନାହିଁ । ଅଧିକନ୍ତୁ, ମୋତେ କେବଳ ଖୁସୀ ଲାଗୁଛି । ମାତ୍ର, ବେଳେବେଳେ ଏପରି ଘଟୁଛି ଯେ ମୋ'ର ସେହି ନିରୀକ୍ଷଣ କରିବାରେ ପ୍ରମାଦ ରହିଯାଉଛି ।*

ଆଦୌ କୌଣସି ପ୍ରମାଦ ବା ଭ୍ରମରେ ନ ପଡ଼ିବାର ଅର୍ଥ ହେଉଛି ପ୍ରଜ୍ଞାର ପରାକାଷ୍ଠାରେ ଯାଇ ପହଞ୍ଚି ପାରିଥିବା । ସେହି ସ୍ଥାନରେ ପହଞ୍ଚିବା ପୂର୍ବରୁ ତୁମମାନଙ୍କୁ ସମସ୍ତଙ୍କୁ ବହୁତ କିଛି କରିବାକୁ ହେବ ।

*୩ ଏପ୍ରିଲ ୧୯୩୩*

*'ଖ' ଜଣେ ବେଶ୍ ଭଲ ବାଳକ । ତାଙ୍କର ଚରିତ୍ରରେ କେତେକ ଉତ୍ତମ ଗୁଣ ରହିଛି । ମାତ୍ର, ମୋ' ଦେଖିବାରେ ତାଙ୍କର ଗୋଟିଏ ମନ୍ଦ ଗୁଣ ରହିଛି,— ସେଇଟି ହେଉଛି ବୃଥା ଗର୍ବ ।*

ସିଏ ଏକାବେଳେକେ ପିଲାଟିଏ — ନିଶ୍ଚୟ ସେହି ଗର୍ବକୁ ଅତିକ୍ରମ କରିଯିବ । ତୁମ ନିଜ ପାଖରେ କ'ଣ ଆଦୌ କୌଣସି ବୃଥା ଗର୍ବ ପ୍ରକୃତରେ ନାହିଁ, ଯାହାଫଳରେ ତୁମେ ଅନ୍ୟମାନଙ୍କୁ ସେହି ଅପବାଦ ଦେବ ?

*୩ ଏପ୍ରିଲ ୧୯୩୩*

'oaob.nitrkl.ac.in' images reprocessed

*(ଗୋଟିଏ ସ୍ୱପ୍ନର ବର୍ଣ୍ଣନା ଦେଇ ଏହି ଶିଷ୍ୟ ସେହି ବିଷୟରେ ମନ୍ତବ୍ୟ ଦେଇଥିଲେ :) ସ୍ୱପ୍ନରେ ମୁଁ ବସ୍ତୁଗୁଡ଼ିକୁ ଠିକ୍ ଯେପରି ଭାବରେ ଦେଖିଥିଲି, ମୁଁ ସେପରି ଭାବରେ ଲେଖି ନାହିଁ; କାରଣ ସେଭଳି ବର୍ଣ୍ଣନା ଦେବା ଅତ୍ୟନ୍ତ କଷ୍ଟକର ।*

କେବଳ ଯେତିକି ବିଷୟ ସମ୍ପୂର୍ଣ୍ଣ ଭାବରେ ନିର୍ଭୁଲ୍, ତୁମେ ତାହାହିଁ କହିବ ବୋଲି ମୁଁ ତୁମକୁ ଅତ୍ୟନ୍ତ ମନୋଯୋଗୀ ଏବଂ ସାବଧାନ ହେବା ଲାଗି ପରାମର୍ଶ ଦେଉଛି । ସ୍ୱପ୍ନକଥା ବର୍ଣ୍ଣନା କରି କହିବା ସମୟରେ ବିଷୟଗୁଡ଼ିକୁ ବଢ଼ାଇ କରି କହିବା ଭାରି ସହଜ, ଏବଂ ସେପରି କ୍ଷେତ୍ରରେ ତାହାର ଆଉ କୌଣସି ମୂଲ୍ୟ ନ ଥାଏ ।

*୧୦ ଏପ୍ରିଲ ୧୯୩୩*

*ସିଂହ ପିଠିରେ ହାତ ପକାଇଥିବା ଗୋଟିଏ ଛୋଟ ଝିଅକୁ ପ୍ରଦର୍ଶିତ କରୁଥିବା ଏହି ଛବିଟିର ଅର୍ଥ କ'ଣ ? ''ଦିବ୍ୟ ଶକ୍ତିର ସହାୟତା ଦ୍ୱାରା ପ୍ରତିକୂଳ ସକଳ ଶକ୍ତି ସ୍ଥିର ଓ ଶାନ୍ତ ହୋଇଯାଇ ପାରିବେ''– ଏହାର ଅର୍ଥ ଏଇଆ କି ?*

ସିଂହ ଶକ୍ତିର ପ୍ରତୀକ । ଏପରି କହିଲେ ବରଂ ଅଧିକ ଠିକ୍ ହେବ ଯେ, ଦିବ୍ୟ ପରମଶକ୍ତିଙ୍କର ନିୟନ୍ତ୍ରଣରେ ରହିଥିବା ପର୍ଯ୍ୟନ୍ତ, ଶକ୍ତି ଉପକାରୀ ହେବ; ମାତ୍ର, ସେହି ନିୟନ୍ତ୍ରଣଟି ନ ଥିଲେ ତାହା ସମସ୍ତଙ୍କର ଅନିଷ୍ଟ କରିବ ଏବଂ ଭୟଙ୍କର ହୋଇଉଠିବ ।

*୧୦ ଏପ୍ରିଲ୧୯୩୩*

*(ଶିଷ୍ୟ ମାଆଙ୍କ ପାଖକୁ ପଠାଇଥିବା କେତେଜଣ ଶିକାରୀଙ୍କର ଗୋଟିଏ ଚିତ୍ର ବିଷୟରେ)*

ତୁମେ ମୋତେ କେଡ଼େ ଅସୁନ୍ଦର ଚିତ୍ରଟିଏ ପଠାଇଛ ! ଏଥିରେ ଥିବା ମଣିଷଗୁଡ଼ାକ ଜଣେ ଜଣେ ଦୁଷ୍ଟ ପଶୁ, ଜୀବନଧାରୀ ପ୍ରାଣୀମାନଙ୍କ ମଧ୍ୟରେ ସବୁଠାରୁ ଅଧିକ ନିଷ୍ଠୁର ।

*୧୨ ଏପ୍ରିଲ ୧୯୩୩*

*ପରମ ଦିବ୍ୟସତ୍ତା ହେଉଛନ୍ତି ଆମ ଜୀବନର ପ୍ରକୃତ ଯଥାର୍ଥ ଲକ୍ଷ୍ୟ । ଆମକୁ ଦିବ୍ୟ ଇଚ୍ଛାକୁ ପରିପୂର୍ଣ୍ଣ କରିବାକୁ ହେବ । ମାତ୍ର, ଏହି ପରମ ଦିବ୍ୟସତ୍ତା ପ୍ରକୃତରେ କିଏ ଓ ଦିବ୍ୟ ଇଚ୍ଛା କହିଲେ ପ୍ରକୃତରେ କାହାକୁ ବୁଝାଇବ ?*

'oaob.nitrkl.ac.in' images reprocessed

ଏସବୁ ବିଷୟରେ କଥାରେ କିଛି କହିହେବ ନାହିଁ; ନିଜର ବ୍ୟକ୍ତିଗତ ଅନୁଭବ ଦ୍ୱାରାହିଁ ସେଗୁଡ଼ିକୁ ଆବିଷ୍କାର କରିବାକୁ ପଡ଼ିବ । *୧୩ ଏପ୍ରିଲ ୧୯୩୩*

*ନିଜର ବଳ ଉପରେ ମୋ'ର ଆସ୍ଥା ରହିଛି ଏବଂ ମୁଁ ବିଶ୍ୱାସ କରୁଛି ଯେ ମୁଁ ସମସ୍ତ କାର୍ଯ୍ୟକୁ କରିବା ଲାଗି ସମର୍ଥ ହେବି ।*

ତୁମେ **ନିଜର** ବଳ ଉପରେ ବିଶ୍ୱାସ ରଖିବ ନାହିଁ । **ସେହି** ଦିବ୍ୟ ଶକ୍ତି ଉପରେହିଁ ବିଶ୍ୱାସ ରଖିଥିବ । ଯେଉଁମାନେ ଦିବ୍ୟ ପରମସତ୍ତାଙ୍କ ପାଖରେ ଉତ୍ସର୍ଗୀକୃତ ହୋଇ ରହିଥାନ୍ତି, ସେହି ସମସ୍ତଙ୍କ ଭିତରେ ଏହି ଦିବ୍ୟ ଶକ୍ତି କାର୍ଯ୍ୟ କରେ ଏବଂ ସେମାନଙ୍କର ଯାବତୀୟ କାର୍ଯ୍ୟରେ ସେମାନଙ୍କୁ ବଳ ଦେଉଥାଏ ।

*ମୋ'ର ବିଶ୍ୱାସ ରହିଛି ଯେ, ମୁଁ ସବୁ କାର୍ଯ୍ୟ ଅବଶ୍ୟ କରିପାରିବି । କାମ ମୋତେ ଭାରି ଭଲ ଲାଗୁଛି ଏବଂ, ଯଦି ଆପଣଙ୍କର ଆପତ୍ତି ନ ଥାଏ, ତେବେ ମୁଁ ଏହି କାମଟିରେହିଁ ରହିବି ।*

ମୁଁ ଆଉଥରେ କହୁଛି : **ନିଜ ଉପରେ** ରହିଥିବା ବିଶ୍ୱାସ ତୁମକୁ ଆଦୌ ବେଶୀ ଦୂର ନେଇଯାଇ ପାରିବ ନାହିଁ ଏବଂ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଶୀଘ୍ର ହେଉ ଅଥବା ବିଳମ୍ବରେ ହେଉ, ତୁମେ ନିଶ୍ଚୟ ଏକ ପ୍ରତିକ୍ରିୟା ଅନୁଭବ କରିବ ଏବଂ ବନ୍ଦ କରିବାକୁ ବାଧ୍ୟ ହେବ ।

ସର୍ବପ୍ରଥମେ ଯଥାର୍ଥ ଦୃଷ୍ଟିକୋଣଟିକୁ ସୁନିଶ୍ଚିତ ଭାବରେ ଅର୍ଜନ କର; ଅର୍ଥାତ୍, **କେବଳ ଦିବ୍ୟ ପରମସତ୍ତାଙ୍କ** ମଧ୍ୟରେହିଁ ନିଜର ଭୂମି, ଭରସା ଏବଂ ସହାୟତାଟିକୁ ଲାଭ କର,— ତେବେ କ୍ଳାନ୍ତ ହୋଇ ପଡ଼ିବାର ସକଳ ସମ୍ଭାବନା ଅନ୍ତର୍ହିତ ହୋଇଯିବ । ସେପର୍ଯ୍ୟନ୍ତ, ଭୃତ୍ୟଟି ଅନ୍ତତଃ କିୟଦଂଶ କାମ କରୁଥାଉ ଏବଂ ତୁମେ ଇଚ୍ଛା କଲେ ସେହି କାର୍ଯ୍ୟଟିର ତତ୍ତ୍ୱାବଧାନ କରୁଥାଅ ।

*୧୭ ଏପ୍ରିଲ ୧୯୩୩*

*ମିଟର ଦେଖିବା କାର୍ଯ୍ୟଟିକୁ* ଶେଷ କରିବା ପରେ ମୋତେ ଭାରି କ୍ଳାନ୍ତ ଲାଗିଲା ।*

* ଆଶ୍ରମ-ନିବାସଗୁଡ଼ିକର ବିଦ୍ୟୁତ୍ ମିଟର । ପ୍ରତ୍ୟହ ବିଦ୍ୟୁତ୍ କେତେ ଖର୍ଚ୍ଚ ହେଉଛି, ତାହା ଲିପିବଦ୍ଧ କରି ରଖିବା ନିମନ୍ତେ ଏହି ଶିଷ୍ୟଙ୍କୁ ମିଟରଗୁଡ଼ିକୁ ଦେଖିବାକୁ ହେଉଥିଲା ।

'oaob.nitrkl.ac.in' images reprocessed

*ମୋତେ ବୋଧ ହେଲା, ଯେପରି ମୋତେ ଆଉ ଅଧିକ କୌଣସି କାର୍ଯ୍ୟ କରିବାରୁ ମୋ' ଭିତରର କୌଣସି କିଛି ନିବୃତ୍ତ କରି ରଖିବାକୁ ଇଚ୍ଛା କରୁଛି । ତେଣୁ, ମୁଁ ଶକ୍ତିସଂଗ୍ରହ କରି ନିଜକୁ କହିବାକୁ ଲାଗିଲି, ''ନାଇଁ, ନାଇଁ, ତୋତେ କାର୍ଯ୍ୟ କରିବାକୁହିଁ ହେବ । ବିଶ୍ୱାସ ରଖ, ସବୁକିଛି ଦୂର ହୋଇଯିବ ।'' ଏବଂ ପ୍ରକୃତରେ ସମସ୍ତ କ୍ଳାନ୍ତି ଦୂର ହୋଇଗଲା । ସନ୍ଧ୍ୟାବେଳେ ପେଟ ଭାରି କ'ଣ ହେଲା । ମୁଁ ଭାବିଲି ଯେ ଏଇଟା ମଧ୍ୟ ମୋତେ କାର୍ଯ୍ୟ କରିବାରୁ ନିବୃତ୍ତ କରି ରଖିବାକୁ ଇଚ୍ଛା କରୁଛି । ମୁଁ ନିଜକୁ ନିଜେ କହିଲି, ''ନାଇଁ, ତୋତେ କାମ କରିବାକୁହିଁ ପଡ଼ିବ । କେବଳ କାମ କଲେ ଅଥବା ବିଶ୍ୱାସ ରଖିଲେହିଁ ଏହି ଯନ୍ତ୍ରଣା ଦୂର ହେବ । ବିଶ୍ରାମ ନେଲେ ଆହୁରି ଅଧିକ ଯନ୍ତ୍ରଣା ହେବ ।'' ମୁଁ ଠିକ୍ ଯେଉଁଭଳି ଆଶା କରିଥିଲି, ରାତ୍ରିଭୋଜନ ପରେ ମୋ'ର ଯନ୍ତ୍ରଣା ଦୂର ହୋଇ ଯାଇଥିଲା । ହେ ମୋ'ର ଦିବ୍ୟ ଜନନି, ମୋତେ ଆଶୀର୍ବାଦ କରନ୍ତୁ, ଯେପରିକି ଆପଣଙ୍କଠାରେ ମୋ'ର ବିଶ୍ୱାସ ଅଧିକରୁ ଅଧିକ ଅଟଳ ଓ ଶକ୍ତିଶାଳୀ ହେଉ ।*

ତୁମର କ୍ରିୟାଶୀଳ ଚେତନା ଏବଂ ଇଚ୍ଛାଶକ୍ତିରେ ତୁମର ବିଶ୍ୱାସ ରହିଛି, ମାତ୍ର ନିଜ ଶରୀର ଉପରେ ତଥାପି ବିଶ୍ୱାସ ଆସି ନାହିଁ । ସେହି କାରଣରୁହିଁ ତୁମ ଶରୀର କ୍ଳାନ୍ତ ହୋଇପଡୁଛି ଏବଂ କଷ୍ଟ ପାଉଛି । ତୁମକୁ ନିଜ ଶରୀରକୁ କିଛି ବିଶ୍ରାମ ଦେବାକୁ ହେବ । ନିଜର କାର୍ଯ୍ୟକୁ ସୁସଂଗଠିତ କରି ଏବଂ ଯାବତୀୟ ନିରର୍ଥକ ଆସିବା ଏବଂ ଯିବାକୁ ଦୂର କରି ନଶିଖିଥିବା ପର୍ଯ୍ୟନ୍ତ ଘର ଓଳାଇବା କାମଟିକୁ ନିଜେ ନ କରି ଭୃତ୍ୟ ଦ୍ୱାରା କରାଇବା ଅଧିକ ଭଲ ହେବ; ଅଥବା, ନିଜେ ଘର ଓଳାଇବା କାର୍ଯ୍ୟଟିକୁ କରିବ ବୋଲି ଯଦି ନିହାତି କହିବ, ତେବେ ତୁମ ବଗିଚାକାମ କରିବା ସକାଶେ ତୁମକୁ ଆଉଗୋଟିଏ ଲୋକ ଦେଖିବାକୁ ହେବ ।

*୧୮ ଏପ୍ରିଲ ୧୯୩୩*

*ଆଜି ସନ୍ଧ୍ୟାରେ ଅସମ୍ଭବ ଭାବରେ କ୍ଳାନ୍ତ ଲାଗିଲା । ଏପରିକି ମିଟରେ-ହିସାବଗୁଡ଼ିକୁ ଲିପିବଦ୍ଧ କରି ରଖିବା ସମ୍ଭବ ହେଲା ନାହିଁ ।*

ଯଦି ଏପରି କ୍ଳାନ୍ତ ଲାଗୁଛି, ତେବେ, ଏତେ ବେଶୀ ଆସିବା ଓ ଯିବାକୁ ଏଡ଼ିପାରିବା ପାଇଁ ତୁମକୁ ନିଜ କାର୍ଯ୍ୟଟିକୁ ଅଧିକ ସଂଗଠିତ କରିବାକୁ ପଡ଼ିବ ।

*୨୬ ଏପ୍ରିଲ ୧୯୩୩*

'oaob.nitrkl.ac.in' images reprocessed

*ବର୍ତ୍ତମାନ ମୁଁ ଆପଣଙ୍କୁ ଏକ ଅନ୍ୟ କଥା ପଚାରିବି । କୌଣସି ପରିସ୍ଥିତିରେ ମଧ୍ୟ ମୁଁ କୌଣସି ମହିଳାଙ୍କୁ ସ୍ପର୍ଶ କରିବି ନାହିଁ କିଂବା ମୋତେ ଛୁଇଁବା ଲାଗି ମଧ୍ୟ ସେମାନଙ୍କୁ କୌଣସି ସୁଯୋଗ ଦେବି ନାହିଁ ବୋଲି ଆପଣ ମୋତେ ଦୟା କରି ଲେଖି ପଠାଇବେ କି ?*

ମହିଳାମାନଙ୍କ ବିଷୟରେ ତୁମେ ନିଜକୁ ଦୁର୍ବଳ ଅନୁଭବ କରୁଥିବାରୁ, ତୁମେ କୌଣସି ମହିଳାଙ୍କୁ ସ୍ପର୍ଶ କରିବ ନାହିଁ ବୋଲି ମୁଁ କହୁଛି । କୌଣସି ମହିଳାଙ୍କୁ ମଧ୍ୟ ତୁମକୁ ସ୍ପର୍ଶ କରିବା ଲାଗି ସୁଯୋଗ ଦିଅ ନାହିଁ ।

*୪ ମେ ୧୯୩୩*

*ଆଜି ସକାଳେ ଟିକିଏ ଦୁର୍ବଳ ଲାଗିଲା । ମାତ୍ର, ଅନ୍ୟ ପକ୍ଷରେ, ଉପରବେଳା ବେଶ୍ ଆନନ୍ଦ ଲାଗୁଥିଲା; ମୋ'ର ସବୁ ଚିନ୍ତା ଦୂର ହୋଇ ଯାଇଥିଲା । ଏପରି କାହିଁକି ହେଲା ?*

ଦିବ୍ୟ ନିର୍ଦ୍ଦେଶ ପାଖରେ ନିଜକୁ ସମର୍ପଣ କରିଦେବା ଦ୍ୱାରାହିଁ ଆନନ୍ଦ ଆସିଥାଏ ।

*୬ ମଇ ୧୯୩୩*

*ଯଦି ଆପଣ କିଛି ନ ଭାବିବେ, ତେବେ ଆପଣଙ୍କୁ ମୁଁ ମୋ' ଲାଗି ଗୋଟିଏ ଟୁଲ୍ ଦେବାକୁ କହିବି, ଯାହା ଉପରେ କି ମୁଁ ମୋର ଫାଇଲ୍-ବାକ୍ସକୁ ରଖିପାରିବି । ଏଇଟି ଭାରି ଅଛ ଉଚ ହୋଇଥିବାରୁ ଏହା ଭିତରୁ କିଛି ଜିନିଷ ବାହାର କରି ନେବା କିଞ୍ଚିତ୍ କଷ୍ଟକର ହେଉଛି ।*

ସବୁ କଥା ସହଜ ହେଉ ବୋଲି ତୁମେ କାହିଁକି ସବୁବେଳେ ଇଚ୍ଛା କରୁଛ ?

*୧୫ ମଇ ୧୯୩୩*

*ମୁଁ ଅନୁଭବ କରୁଛି, ମୋ'ର କ୍ଳାନ୍ତି ଦୂର ହୋଇଗଲାଣି । ଯଦି ତାହା ହୋଇଥାଏ, ତେବେ ଦିନବେଳେ ବିଶ୍ରାମ ନେବା ଆଉ ଦରକାର ହେବ କି ?*

'oaob.nitrkl.ac.in' images reprocessed

ହଁ, ଦିନବେଳେ କିଛିସମୟ ପାଇଁ ବିଶ୍ରାମ ନେବା ଅଧିକ ଭଲ ହେବ । ତୁମର ଏହି ବୟସରେ ତୁମେ ତଥାପି ଅଭିବୃଦ୍ଧି ଲାଭ କରୁଛ ଏବଂ, କଠିନ କାର୍ଯ୍ୟବ୍ୟସ୍ତତାର ମଝିରେ ମଝିରେ ତୁମର ବହୁତ ବିଶ୍ରାମ ନେବା ଦରକାର ।

*୨୨ ମଇ ୧୯୩୩*

*''ତୁମେ ପାର'' ଏବଂ ''ତୁମେ ଇଚ୍ଛା କଲେ''– ଏହି ଦୁଇ ଉତ୍ତର ଭିତରେ କୌଣସି ପାର୍ଥକ୍ୟ ଅଛି କି ? ମୁଁ ଭାବୁଛି ଯେ, ଆପଣ ଯେତେବେଳେ ''ତୁମେ ଇଚ୍ଛା କଲେ'' ବୋଲି ଉତ୍ତର ଦେଉଛନ୍ତି, ସେତେବେଳେ ତାହାର ଅର୍ଥ ହେଉଛି ଯେ ଆପଣ ସେହି କଥାଟିକୁ ଖୁବ୍‌ବେଶୀ ପସନ୍ଦ କରୁ ନାହାନ୍ତି । ଏକଥା ସତ୍ୟ କି ?*

''ତୁମେ ଇଚ୍ଛା କଲେ''ର ସ୍ପଷ୍ଟତଃ ଏହାହିଁ ଅର୍ଥ ହେବ ଯେ, ତୁମେ ଯାହା କରିବାକୁ ଇଚ୍ଛା କରୁଛ, ତୁମର ସାଧନା ନିମନ୍ତେ ତାହାର ପରିଣାମ ହୁଏତ ଖୁବ୍ ବେଶୀ ଭଲ ନ ହେବାର ଏକ ଆଶଙ୍କା ରହିଛି । ମାତ୍ର, ତାହାର ଏପରି ଏକ ଅନ୍ୟ ଅର୍ଥ ବି ହୋଇପାରେ ଯେ, ତୁମେ ଆବଶ୍ୟକ ଅଗ୍ରଗତିଟିକୁ ସମ୍ଭବ କରିବା ଲାଗି ହୁଏତ ତଥାପି ପ୍ରସ୍ତୁତ ହୋଇ ପାରି ନାହଁ, ଯେପରିକି, ତୁମେ ଯାହା କରିବାକୁ ଇଚ୍ଛା କରୁଛ, ସେଇଟି କରିବାରୁ ନିଜକୁ ନିବୃତ୍ତ କରି ରଖିପାରିବ ।

*୨୯ ମଇ ୧୯୩୩*

*ମୋ'ର କିପରି ଧ୍ୟାନ କରିବା ଉଚିତ ?*

ଅଭୀପ୍ସାରେହିଁ ସଂପୂର୍ଣ୍ଣ ମନୋନିବେଶ କର ଏବଂ ଆଉ ସବୁକିଛିକୁ ପରିତ୍ୟାଗ କର ।

*ଯଦି ଭାବନାସବୁ ଆସୁଥିବ, ତେବେ ମୁଁ କ'ଣ କରିବି ?*

ସେଗୁଡ଼ିକୁ ପରିତ୍ୟାଗ କର ।

*ଆଜିକାଲି ମୁଁ କ'ଣ ଲେଖିବି କିଛି ଜାଣିପାରୁ ନାହିଁ । ମୋ'ର ଯାହାକିଛି ଜାଣିବା ଆବଶ୍ୟକ, ସେଗୁଡ଼ିକୁ ଆପଣ ମୋତେ ଭିତରେହିଁ କହି ଦେଉଛନ୍ତି । ତେବେ ମୁଁ ସେଗୁଡ଼ିକୁ ଶୁଣିପାରିବି କିପରି ?*

'oaob.nitrkl.ac.in' images reprocessed

ନିଜ ସମଗ୍ର ସତ୍ତାର ଏକ ପରିପୂର୍ଣ୍ଣ ନୀରବତାରେ ସେଗୁଡ଼ିକୁ ଶୁଣିବ,– ତାହା ମାନସିକ, ପ୍ରାଣିକ ଏବଂ ଦୈହିକ ସବୁ ସ୍ତରର ହୋଇଥିବ ।

*୬ ଜୁଲାଇ ୧୯୩୩*

*ମୁଁ ଭୋଜନାଗାରକୁ ଖାଇବାକୁ ଗଲାବେଳେ ସେମାନେ ମୋତେ ବେଳେ ବେଳେ ଅଧିକ ତରକାରି ଦେଇ ଦେଉଛନ୍ତି । ସେସବୁ ଗ୍ରହଣ କରିବା ଠିକ୍ କି ?*

ହଁ, ଯଦି ଦିଆଯାଉଛି, ତେବେ ଠିକ୍ । ମାଗିବା ଠିକ୍ ନୁହେଁ ।

*୧୪ ଜୁଲାଇ ୧୯୩୩*

*ଉତ୍ତମ ଫରାସୀ ଶୈଳୀ ମୁଁ କେଉଁଠି ଶିଖି ପାରିବି ?*

ଉଚ୍ଚ ଶ୍ରେଣୀର ବ୍ୟାକରଣ ପାଠ୍ୟକ୍ରମରେ ଏହା ଶିକ୍ଷା ଦିଆଯାଉଛି । ଏବଂ, ଏଥିପାଇଁ ସ୍ୱତନ୍ତ୍ର ବହିସବୁ ମଧ୍ୟ ଅଛି । ଶୈଳୀର ଗୋଟିଏ ମୁଖ୍ୟ ବିଧାନ ହେଉଛି ଯେ, କୌଣସି ଗଦ୍ୟାଂଶରେ କେବଳ ଅପରିହାର୍ଯ୍ୟ ସ୍ଥାନଗୁଡ଼ିକୁ ଛାଡ଼ିଦେଲେ ଆଉ କେଉଁଠି ହେଲେ ''ମୁଁ'' ଶବ୍ଦଟି ବ୍ୟବହାର କରାଯିବ ନାହିଁ । ଏବଂ, ଯେକୌଣସି ପରିସ୍ଥିତିରେ ମଧ୍ୟ ଦୁଇଟି କ୍ରମିକ ବାକ୍ୟକୁ କେବେହେଲେ ''ମୁଁ'' ଦେଇ ଆରମ୍ଭ କରାଯିବ ନାହିଁ । ତୁମର ଦୈନିକ ବିବରଣୀକୁ କିଞ୍ଚିତ୍ ଶୈଳୀ ପ୍ରଦାନ କରିବାରେ ତୁମକୁ କ'ଣ କରିବାକୁ ହେବ, ଏଥିରୁ ତୁମର ଏକ ଧାରଣା ହୋଇ ଯାଉଥିବ !

*୨୦ ଜୁଲାଇ ୧୯୩୩*

ତୁମେ ମିତାହାରୀ ହେବ, ଅର୍ଥାତ୍, ଥାଳିରେ ଅତି ବେଶୀ ଖାଦ୍ୟ ନେବ ନାହିଁ । କାରଣ ପେଟୁହେବା ସର୍ବଦା ଅପକାରହିଁ କରିଥାଏ ।

*୨୬ ଜୁଲାଇ ୧୯୩୩*

*ସୀମାବଦ୍ଧ ଚେତନାର ବାଡ଼ଗୁଡ଼ିକୁ ଭାଙ୍ଗିଦିଅ, ଚେତନାକୁ ସନ୍ଦୀପିତ କର, ତାହାକୁ ଜୀବନରେ ଭରିଦିଅ, ତାହାକୁ ସମୁଜ୍ଜ୍ୱଳ କର । ଏହି କାର୍ଯ୍ୟଟିକୁ ତୁରନ୍ତ କରିବାକୁ ହେବ ।*

'oaob.nitrkl.ac.in' images reprocessed

ତରତର ହୋଇ କରା ଯାଉଥିବା କାର୍ଯ୍ୟଟିକୁ ଆଦୌ ଉତ୍ତମ ଭାବରେ କରି ହୁଏ ନାହିଁ ।

*୨୯ ଜୁଲାଇ ୧୯୩୩*

*ଆଜି ସକାଳେ ପ୍ରଣାମ ସମୟରେ ମୁଁ ପ୍ରଣାମପ୍ରକୋଷ୍ଠରେ ବସିଥିଲି । ମୋ' ଆଖିରୁ ମଧୁର ଏବଂ ବିନମ୍ର ଅଶ୍ରୁ ବୋହିଯିବାକୁ ଆରମ୍ଭ କଲା; ପ୍ରଗାଢ଼ ଏବଂ ଉଦ୍ଦୀପ୍ତ ପ୍ରାର୍ଥନାମାନ ଉତ୍ଥିତ ହେଉଥିଲା । ପ୍ରେମ ଥିଲା, ଆନନ୍ଦ ବି ରହିଥିଲା । ସେଥିରେ କେତେ ସୁଖାନୁଭୂତି ଭରି ରହିଥିଲା । ଏହି କ୍ରିୟାଟି ପ୍ରକୃତରେ କ'ଣ ?*

ଏହା ହେଉଛି ଚୈତ୍ୟ ଅର୍ଥାତ୍ ପ୍ରକୃତ ଆତ୍ମା ସହିତ ପ୍ରତିଷ୍ଠିତ ହୋଇଥିବା ଏକ ସଂସ୍ପର୍ଶ ।

*୮ ସେପ୍ଟେମ୍ବର ୧୯୩୩*

*'ଗ' – ମୋ' ଉପରେ ଅପ୍ରସନ୍ନ ହୋଇପଡ଼ିଲା ପରେ ମୁଁ କାହିଁକି ଥରିଉଠିବା ପରି ଅନୁଭବ କଲି, ଆପଣ ମୋତେ ଦୟା କରି ତାହା ବୁଝାଇଦେବେ କି ?*

ଯାବତୀୟ **ପ୍ରାଣିକ** ଗତିସ୍ପନ୍ଦନ (ବାସନା, କ୍ରୋଧ, ଭୟ, ଇତ୍ୟାଦି) ଏପରି ସ୍ପନ୍ଦନମାନ ସୃଷ୍ଟି କରିଥା'ନ୍ତି ଯାହାକି ବିଦ୍ୟୁତ୍-ତରଙ୍ଗ ପରି ପରିବେଶଟି ମଧ୍ୟରେ ସଞ୍ଚାରିତ ହୋଇଯାଆନ୍ତି ଏବଂ ସେଗୁଡ଼ିକ ଲାଗି ଉନ୍ମୁକ୍ତ, ସଂବେଦନଶୀଳ ବା ଦୁର୍ବଳ ହୋଇ ରହିଥିବା ବ୍ୟକ୍ତିମାନଙ୍କୁ ଆଘାତ କରିଥା'ନ୍ତି ।

*୧୬ ସେପ୍ଟେମ୍ବର ୧୯୩୩*

*ଆଜି ମୋତେ କ୍ଳାନ୍ତ ଲାଗୁଛି । ମୁଁ ଭାବୁଛି ଆଜି ମୁଁ ଯଥେଷ୍ଟ ବିଶ୍ରାମ ନେଇ ନାହିଁ । ମାତ୍ର ଏଥିପାଇଁ କ'ଣ କରାଯିବ ? ମୋ'ର ଆଦୌ ସମୟ ହେଉ ନାହିଁ !*

ତୁମର ଦିନଟି ଯଦି ଅଧିକ ନ୍ୟାୟସଙ୍ଗତ ଭାବରେ ସଜ୍ଜିତ ହୋଇ ପାରନ୍ତା, ଯଦି ଗୁଡ଼ାଏ ନିରର୍ଥକ ଦଉଡ଼ଧାପଡ଼କୁ ଏଡ଼ାଯାଇ ପାରନ୍ତା, ତେବେ ବିଶ୍ରାମ ନିମନ୍ତେ ତୁମକୁ ନିଶ୍ଚୟ ସମୟ ମିଳନ୍ତା ।

*୩୦ ସେପ୍ଟେମ୍ବର ୧୯୩୩*

*ଯଦି କିଏ କିଛି ହଜାଇଲା କିଂବା ଭାଙ୍ଗି ଦେଲା, ଏକଥା କ'ଣ ସତ ଯେ ତା'ର ସେଥିଲାଗି ଅସ୍ୱସ୍ତି ବା ଦୁଃଖ ଅନୁଭବ କରିବା ଉଚିତ ?*

'oaob.nitrkl.ac.in' images reprocessed

ଅସ୍ୱସ୍ତି ବା ଦୁଃଖ ଅନୁଭବ କଲେ ତାହା କିପରି ହଜି ଯାଇଥିବା ଦ୍ରବ୍ୟଟିକୁ ଖୋଜି ଆଣିବାରେ ଅଥବା ଭାଙ୍ଗି ଯାଇଥିବା ଜିନିଷଟିକୁ ଯୋଡ଼ିଦେବାରେ ସାହାଯ୍ୟ କରିବ, ମୁଁ ସେହି କଥାଟି ଆଦୌ ବୁଝିପାରୁ ନାହିଁ ।

*୧ ନଭେମ୍ବର ୧୯୩୩*

*ସତେଅବା ଏକ ସହଜାତ ପ୍ରବୃତ୍ତି ଦ୍ୱାରା ପ୍ରେରିତ ହୋଇ ମୋ' ଭିତରୁ ଏହି କଥାଗୁଡ଼ିକ ବାହାରି ଆସିଲା : ''ମୋ'ର କ୍ଷୁଦ୍ର ଉଦ୍ୟାନଟି ଦିବ୍ୟ ପରମଚେତନା ଆଡ଼କୁ ଉନ୍ମୋଚିତ ହୋଇଯାଉଛି ।''*

ବୃକ୍ଷଲତାମାନେ ମଧ୍ୟ ପରମ ଦିବ୍ୟସତ୍ତାଙ୍କ ଆଡ଼କୁ ଉନ୍ମୋଚିତ ହୋଇଯାଇ ପାରନ୍ତି ।

*୫ ନଭେମ୍ବର ୧୯୩୩*

*ପୋକ ମାରିବା ଲାଗି ଏକ ତରଳ ପଦାର୍ଥ ତିଆରି କରିବାକୁ ମୋତେ କିଛି କିରାସିନି ଓ ସାବୁନ ମିଳିବ କି ?*

ହଁ ମିଳିବ, ମାତ୍ର କିରାସିନି ଉଦ୍ଭିଦମାନଙ୍କ ଲାଗି ଅନିଷ୍ଟକାରକ ହୋଇଥାଏ – ପୋକମାନଙ୍କ ସହିତ ଗଛମାନେ ଯେପରି ମରି ନ ଯାନ୍ତି, ସେଥିଲାଗି ସାବଧାନ ରହିବ ।

*୭ ନଭେମ୍ବର ୧୯୩୩*

*ଏକ ବିଷାଦର ଅବସ୍ଥା ଆସିଲେ କ'ଣ କରିବା ଉଚିତ ?*

ତାହାକୁ ଝାଡ଼ି ଫିଙ୍ଗିଦେବ,– ପାଦରୁ ଧୂଳି ଯେମିତି ଝାଡ଼ିଦିଅ, ସେହିପରି ।

*୮ ନଭେମ୍ବର ୧୯୩୩*

*ଆଜି ଉପରବେଳା ଶୋଇ ଉଠିବାପରେ ଏକ ବିଷାଦ ମୋତେ ଆଚ୍ଛନ୍ନ କରି ପକାଇଥିଲା ବୋଲି ମୁଁ ଭାବୁଛି । ଏହାର କୌଣସି କାରଣ ମୁଁ ଖୋଜି ପାଉ ନାହିଁ ।*

ଅନେକ ସମୟରେ ଶୋଇବା ବେଳେ ଅବାଞ୍ଛିତ ବହୁତ ଶକ୍ତି ତଥା ବସ୍ତୁଙ୍କର ସମ୍ପର୍କରେ

'oaob.nitrkl.ac.in' images reprocessed

ଆସିବାକୁ ହୋଇଥାଏ; ସେମାନେ ତୁମର ପ୍ରାଣଗତ ଶକ୍ତିଗୁଡ଼ିକୁ ଶୋଷି ନିଅନ୍ତି, ଯାହାଫଳରେ କି ଉଠିବାବେଳକୁ ତୁମକୁ ଦୁର୍ବଳ ଏବଂ ବିଷଣ୍ଣ ଲାଗିଥାଏ ।

*୧୫ ନଭେମ୍ବର ୧୯୩୩*

*ପ୍ରକୃତ ସୁଖ କ'ଣ ଓ ତାହା କେତେବେଳେ ଆସିଥାଏ ?*

ଯେତେବେଳେ ଅପର ନିମନ୍ତେ କୌଣସି ଆକର୍ଷଣ ଅନୁଭୂତ ହୁଏ ନାହିଁ ଅର୍ଥାତ୍ କୌଣସି ମିଛ ସୁଖକୁ ମନ ଯାଏ ନାହିଁ ।

ପ୍ରକୃତ ସୁଖ ଦିବ୍ୟ ଉତ୍ସରୁ ସମ୍ଭବ ହୁଏ; ଏହା ଶୁଦ୍ଧ ଏବଂ **ସର୍ତ୍ତହୀନ** ହୋଇ ରହିଥାଏ । ସାଧାରଣ ସୁଖ ଏକ **ପ୍ରାଣିକ** ଉତ୍ସରୁ ଜନ୍ମଲାଭ କରିଥାଏ; ଏହା ଅଶୁଦ୍ଧ ହୋଇ ରହିଥାଏ ଏବଂ ପରିସ୍ଥିତି ଉପରେ ନିର୍ଭର କରୁଥାଏ ।

*୧୮ ନଭେମ୍ବର ୧୯୩୩*

*ପ୍ରାଣ-ଶକ୍ତି କହିଲେ କ'ଣ ବୁଝାଏ ?*

ଏହି ଶକ୍ତି ଜଡ଼ ଶରୀର ମଧ୍ୟରେ ପ୍ରାଣର ସୃଷ୍ଟି ଓ ପୋଷଣ କରେ; ଯେତେବେଳେ ଏହି ଶକ୍ତି ଦିବ୍ୟ ପରମସତ୍ତାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ହୁଏ ସେତେବେଳେ ଏହା ଶରୀର ଓ ତାହାର ଯାବତୀୟ କ୍ରିୟାକଳାପକୁ ରୂପାନ୍ତରିତ କରିବାରେ ବ୍ୟବହୃତ ହୋଇଥାଏ ।

*୧ ଡିସେମ୍ବର ୧୯୩୩*

*'କ' ମୋତେ କହିଲେ ! ''ବିଦ୍ରୂପ କରିବା ଖରାପ ନୁହେଁ । ଯଦି ତୁମେ କେବେହେଲେ ବିଦ୍ରୂପ ନ କରୁଥିବ, ତେବେ ତୁମେ କେବଳ ଏକ ରସହୀନ ବୃକ୍ଷ ପରି ହୋଇ ରହିଥିବ ।'' ଏହା ସତ୍ୟ କି ?*

ନା — ମୋତେ ସତ୍ୟ ନୁହେଁ । ବିଦ୍ରୂପ କରିବା ଆଦୌ ଏକ ବୁଦ୍ଧିଗତ ଉତ୍କର୍ଷର ସୂଚନା ଦିଏ ନାହିଁ । କେବଳ ଅଜ୍ଞାନପ୍ରଣୋଦିତ ମାନସିକ ଔଦ୍ଧତ୍ୟରହିଁ ସୂଚନା ଦେଇଥାଏ । ଚୈତ୍ୟ କଦାପି ବିଦ୍ରୂପ କରେ ନାହିଁ ।

*୨ ଡିସେମ୍ବର ୧୯୩୩*

'oaob.nitrkl.ac.in' images reprocessed

*ମୁଁ କହିଲି, " 'ଖ', ଆମେ ମନୁଷ୍ୟମାନଙ୍କର ଖରାପ ଦିଗଟାକୁ ମୋଟେ ଦେଖିବା ନାହିଁ, ସବୁବେଳେ ଭଲ ଦିଗଟିକୁ ଦେଖିବା ।" ସେ ଉତ୍ତର ଦେଲେ "ନା, ଆମେ ଦୁଇଟିଯାକ ଦିଗକୁ ଦେଖିବା ଏବଂ ତେବେଯାଇ ଦୁଇଟି ମଧ୍ୟରେ ରହିଥିବା ଫରକଟିକୁ ଜାଣି ପାରିବା ।"*

ଅନ୍ୟମାନଙ୍କର ଦୋଷଗୁଡ଼ିକ ବିଷୟରେ କହିବା ନିଶ୍ଚୟ ଏକ ଅତ୍ୟନ୍ତ ଖରାପ କଥା । ପ୍ରତ୍ୟେକ ବ୍ୟକ୍ତିର ନିଜର ଦୋଷସବୁ ରହିଛି ଏବଂ ନିଜର ଭାବନାଗୁଡ଼ିକ ଭିତରେ ସେଗୁଡ଼ିକ ଉପରେ ଗୁରୁତ୍ୱ ପ୍ରଦାନ କରିବା ଦ୍ୱାରା ସେଗୁଡ଼ିକର ନିରାକରଣ ଦିଗରେ ପ୍ରକୃତରେ ଆଦୌ କୌଣସି ସାହାଯ୍ୟ ମିଳେ ନାହିଁ ।

*୪ ଡିସେମ୍ବର ୧୯୩୩*

*'ଗ' ମୋତେ କହିଲେ ଯେ, ଯଦି ଖବରକାଗଜ ପଢ଼ିବା ଲାଗି ମୋତେ ସମୟ ନ ମିଳୁଛି, ତେବେ ଅନ୍ତତଃ ମୋ'ର ସେଗୁଡ଼ିକ ଉପରେ ଥରେ ଆଖି ବୁଲାଇନେବା ଉଚିତ । ମୁଁ ତାଙ୍କୁ ପଚାରିଲି, "କ'ଣ ଏମିତି ଗୋଟାଏ ନିୟମ ରହିଛି ଯେ ଆମେ ଅବଶ୍ୟ ଖବରକାଗଜ ପଢ଼ିବା ?" ସେ ଉତ୍ତର ଦେଲେ, "ପୃଥିବୀରେ କ'ଣ ସବୁ ଘଟୁଛି, ମୋ'ର ସେଗୁଡ଼ିକୁ ମଧ୍ୟ ଜାଣିବା ଦରକାର । ମୁଁ ତ ଜଣେ ସନ୍ନ୍ୟାସୀ ନୁହେଁ ।"*

ମୁଁ ମଧ୍ୟ ସନ୍ନ୍ୟାସୀ ନୁହେଁ ଓ ମୁଁ କେବେ ଖବରକାଗଜ ପଢ଼େ ନାହିଁ । ଏଥିପାଇଁ ମୁଁ ସମୟ ପାଏ ନାହିଁ ।

ନିଜର ଚେତନାକୁ ଏକ ଅତ୍ୟନ୍ତ ସାଧାରଣ ସ୍ତରକୁ ଖସାଇ ନ ଆଣି ଖବର କାଗଜ ପାଠ କରିବା କଷ୍ଟକର । ଯେତେବେଳେ ଏହି ଚେତନା ଦିବ୍ୟ ପରମସତ୍ତାଙ୍କଠାରେ ଦୃଢ଼ପ୍ରତିଷ୍ଠିତ ହୋଇଯିବ, କେବଳ ସେତିକିବେଳେ ଯାଇ ଖବରକାଗଜ ପଢ଼ିଲେ ଏକ ନିମ୍ନତର ଚେତନାକୁ ଖସି ଆସିବାର କୌଣସି ଭୟ ରହିବ ନାହିଁ ।

*୫ ଡିସେମ୍ବର ୧୯୩୩*

*ଶ୍ରୀଅରବିନ୍ଦ 'କ'ଙ୍କ ପାଖକୁ ଲେଖିଛନ୍ତି ଯେ 'ଖ'ଙ୍କ ଠାରୁ ସେ ବା ମୁଁ କୌଣସି ଦ୍ରବ୍ୟ ଗ୍ରହଣ କରିବା ମାଆ ଆଦୌ ଇଚ୍ଛା କରନ୍ତି ନାହିଁ । ଜଣେ ବ୍ୟକ୍ତିଙ୍କ ପାଖରୁ କିଛି ଗ୍ରହଣ କଲେ କ'ଣ ପ୍ରକୃତରେ ଘଟେ, ଆପଣ ମୋତେ ସେକଥା କହିବେ କି ?*

'oaob.nitrkl.ac.in' images reprocessed

ତୁମେ ଯଦି ଯୋଗମାର୍ଗରେ ଅଗ୍ରଗତି କରିବାକୁ ଇଚ୍ଛା କରୁଥାଅ, ତେବେ ତୁମକୁ କେବଳ ଦିବ୍ୟ ପରମସତ୍ତାଙ୍କଠାରୁହିଁ ଯାହାକିଛି ଗ୍ରହଣ କରିବାକୁ ହେବ ।

*୧୦ ଡିସେମ୍ବର ୧୯୩୩*

*କେତେଦିନ ତଳେ ମୋତେ ଲାଗିଲା ଯେ ମୁଁ ଏକ ସୁଖମୟ ଚେତନା ମଧ୍ୟକୁ ଉତ୍ତୋଳିତ ହୋଇଯାଇଛି; ମାତ୍ର ତାହାର ଅଳ୍ପ କେତେଦିନ ପରେ ମୁଁ ଠିକ୍ ତାହାର ବିପରୀତ କଥାଟିକୁ ଅନୁଭବ କଲି । ମୁଁ ପୁଣି ବହୁତ ନିମ୍ନକୁ ଖସି ପଡ଼ିଥିଲି । ବର୍ତ୍ତମାନ ମୋତେ ସବୁ ଭଲ ଲାଗୁଛି । ଏସବୁ କ୍ରିୟା ବିଷୟରେ ଆପଣ ମୋତେ ବୁଝାଇ କହିଦେବେ କି ?*

ଏଇଟି ହେଉଛି ଚେତନାର ଏକ ଅତ୍ୟନ୍ତ ସାଧାରଣ ସ୍ତରର ଏକ କ୍ରିୟାଶୀଳତା, ଯାହାକି ଆପଣାର ଏହି ସାଧାରଣ ଅବସ୍ଥାଟିଠାରୁ ଏକ ଅଧିକ ଉଚ୍ଚ ସ୍ତରରେ ରହିବା ଲାଗି କିଞ୍ଚିତ୍ କଷ୍ଟକର ବୋଲି ଭାବୁଛି ।

*୧୨ ଡିସେମ୍ବର ୧୯୩୩*

*ଘୂର୍ଣ୍ଣିବାତ୍ୟା ହେବାର କାରଣ ବିଷୟରେ ଆପଣ ଦୟାକରି ମୋତେ କହିବେ କି ?*

ପ୍ରତିକୂଳ ଶକ୍ତିମାନଙ୍କର ଏକ ପ୍ରଚଣ୍ଡ ଆକ୍ରମଣ ଫଳରେ ଏହି ଘୂର୍ଣ୍ଣିବାତ୍ୟା ହୋଇଥିଲା ।

*୧୮ ଡିସେମ୍ବର ୧୯୩୩*

*ଆପଣ କ'ଣ ଭାବୁଛନ୍ତି ଯେ, କେବଳ ଏକ ପ୍ରଗାଢ଼ ଅଭୀପ୍ସା ଦ୍ୱାରା ଜଣେ ବ୍ୟକ୍ତି ସମଗ୍ର ସତ୍ତାରେ ନୀରବତା ଲାଭ କରିପାରିବ ଏବଂ ସେହି ନୀରବତା ଦ୍ୱାରା ନିଜର ସାଧନା କରି ପାରିବ ?*

ହଁ ।

*ମନ, ପ୍ରାଣ ଏବଂ ଜଡ଼ସ୍ତରର ସକଳ ଅଶୁଦ୍ଧତା ଏହି ନୀରବତାର ଅବତରଣ ଦ୍ୱାରା ଚାଲିଯାଇ ପାରିବ କି ?*

'oaob.nitrkl.ac.in' images reprocessed

ନୀରବତା କଦାପି ସବୁ ଅଶୁଦ୍ଧତାକୁ ଦୂର କରିପାରିବ ନାହିଁ; ମାତ୍ର ସେଗୁଡ଼ିକ ମଧ୍ୟରୁ ଅନେକଙ୍କର କ୍ଷେତ୍ରରେ ଏକ ଉପଶମ ଘଟାଇ ପାରିବ ।

*୨୩ ଡିସେମ୍ବର ୧୯୩୩*

*ଏହା କ'ଣ ସତ ନୁହେଁ ଯେ, ମାସିକ ପତ୍ରିକା ଓ କାହାଣୀମାନ ପଢ଼ିବା ନିମନ୍ତେ ଜଣେ ବ୍ୟକ୍ତିକୁ ଏକ ସଂପୂର୍ଣ୍ଣ ସାଧାରଣ ଚେତନାର ସ୍ତରକୁ ଖସିଯିବାକୁ ପଡ଼ିବ ?*

ଏହା ଆଦୌ ଆବଶ୍ୟମ୍ଭାବୀ ନୁହେଁ; ମାତ୍ର ଏଥିରୁ ନିଜକୁ ବଞ୍ଚାଇ ରଖିବା ଅତ୍ୟନ୍ତ କଷ୍ଟକର ।

*୨୮ ଡିସେମ୍ବର ୧୯୩୩*

*ଦିବ୍ୟ ପରମସତ୍ତା ତାଙ୍କର ପ୍ରେମକୁ ପ୍ରାଣ ଉପରେ ଅଜାଡ଼ି ଦେଇପାରିବେ ଓ ପ୍ରାଣ କେବଳ ତାଙ୍କରି ଦ୍ୱାରା ପ୍ରଭାବିତ ହେଉଥିବ, ଏକଥା କେବେ ସମ୍ଭବ ହେବ ?*

ଯେତେବେଳେ ପ୍ରାଣ ଏକ ନୂତନ ଦୀକ୍ଷାରେ ଦୀକ୍ଷିତ ହୋଇଯିବ,— ଅର୍ଥାତ୍, ଯେତେବେଳେ ତାହା ଦିବ୍ୟ ପରମସତ୍ତାଙ୍କୁ **ପ୍ରକୃତରେ ଚାହିଁବ** ।

*୩୦ ଡିସେମ୍ବର ୧୯୩୩*

*ଆଜି ସନ୍ଧ୍ୟାରେ 'ଗ' ମୋତେ ଯୋଗ ବିଷୟରେ କହୁଥିଲେ । ମୁଁ ବର୍ତ୍ତମାନ ଜାଣୁଛି ଯେ, ତାଙ୍କ ସହିତ କଥାବାର୍ତ୍ତା ହେବା ଦ୍ୱାରା ବିଶେଷ ଭଲ ହୋଇ ନାହିଁ । ମୁଁ ତାହା ନ କରିଥିଲେ ଅଧିକ ଭଲ ହୋଇଥା'ନ୍ତା । ମାତ୍ର, ଏହାଦ୍ୱାରା ମୋ'ର କିଛି ଅନିଷ୍ଟ ହେଲା ବୋଲି ଆପଣ ଭାବୁଛନ୍ତି କି ?*

କୌଣସି ଭୁଲ୍ କରି ପକାଇଲେ ଆମର ଆଦୌ ବିଚଳିତ ହେବା ଉଚିତ ନୁହେଁ; ଆମର ଅଭୀପ୍ସାରେ କେବଳ ଏକ ପୂର୍ଣ୍ଣ ଆନ୍ତରିକତା ରଖିବାକୁ ହେବ,— ତେବେ ପରିଶେଷରେ ସବୁ ଠିକ୍ ହୋଇଯିବ ।

*୪ ଜାନୁଆରି ୧୯୩୪*

*ଡିସେମ୍ବର ୩୧ ତାରିଖରେ ଯେତେବେଳେ 'କ' ଅସୁସ୍ଥ ଥିଲେ ସେତେବେଳେ, ''ସିଏ ଆଜି ରାତିରେ ସୁସ୍ଥ ହେବାକୁ ଆରମ୍ଭ କରିବେ କି ?'' ବୋଲି ଆପଣ*

'oaob.nitrkl.ac.in' images reprocessed

*ଡାକ୍ତର ବାବୁଙ୍କୁ ପଚାରିଥିଲେ । ସେ ''ଏହା ଅସମ୍ଭବ'' ବୋଲି ଉତ୍ତର ଦେଇଥିଲେ । ଏବଂ ତା'ପରେ କହିଥିଲେ : ''ଯଦି ଆପଣ ସେପରି ଇଚ୍ଛା କରୁଥାନ୍ତି, ତେବେ ତାହା ସମ୍ଭବ ହେବ ।'' ତେବେ 'କ' ହୁଏତ ନବବର୍ଷର ମଧ୍ୟରାତ୍ରି ଧ୍ୟାନରେ ଯୋଗ ଦେଇ ପାରିଥାନ୍ତେ ।*

ଘଟଣା ପ୍ରବାହରେ ଗତିକୁ ବଦଳାଇ ଦେବା ପାଇଁ ଏକ **ଉତ୍ତର** ଆଦୌ ଯଥେଷ୍ଟ ନୁହେଁ । କେବଳ ଅଭୀପ୍ସା ବା ବିଶ୍ୱାସ ତାହା କରିପାରିବ । କାରଣ, କେବଳ ଅଭୀପ୍ସା ଏବଂ ବିଶ୍ୱାସହିଁ ଦିବ୍ୟ ପରମସତ୍ତାଙ୍କୁ କାର୍ଯ୍ୟ କରିବା ଲାଗି ବାଟ ଛାଡ଼ି ଦେଇଥା'ନ୍ତି ।

*୯ ଜାନୁଆରି ୧୯୩୪*

*ମାଆ, ଏହି ପ୍ରାଣ ଅଚିରେ ନିଜକୁ ଆପଣଙ୍କ ପାଖରେ ସମର୍ପିତ କରିଦେବ, ଏକଥା କ'ଣ ସତ ନୁହେଁ ?*

ହଁ । ଯଦି ତାହାର ଅଭୀପ୍ସାରେ ଆନ୍ତରିକତା ଥାଏ, ତେବେ ତାହା ଅଚିରେ ନୂତନ ଭାବେ ଦୀକ୍ଷିତ ହୋଇଯିବ ।

*୧୧ ଜାନୁଆରି ୧୯୩୪*

*''ଅଭୀପ୍ସାରେ ଆନ୍ତରିକତା ରହିବାର''ର ଅର୍ଥ କ'ଣ ?*

ଏପରି ଏକ ଅଭୀପ୍ସା ଯାହାକି କୌଣସି ଅହଂପ୍ରେରିତ ବା ଆତ୍ମସ୍ୱାର୍ଥମୂଳକ ହିସାବ ସହିତ ମିଶ୍ରିତ ହୋଇ ରହି ନ ଥିବ ।

*୧୨ ଜାନୁଆରି ୧୯୩୪*

*'ଖ'* ଏବଂ ମୋ' ଭିତରେ ଯେଉଁ ଭଲ ପାଇବା ରହିଛି, ସେ ବିଷୟରେ ଆପଣ କ'ଣ ଭାବୁଛନ୍ତି ?*

କେବଳ ଦିବ୍ୟ ପରମ-ଉପସ୍ଥିତିର ଭୂମି ଉପରେ ଦଣ୍ଡାୟମାନ ହୋଇଥିବା ଭଲ ପାଇବାହିଁ ଅବିମିଶ୍ରିତ ହୋଇ ରହିପାରିବ ଏବଂ ସାଧନାରେ କୌଣସି ବାଧା ଆଣି ପହଞ୍ଚାଇବ ନାହିଁ ।

*୧୭ ଜାନୁଆରି ୧୯୩୪*

* ଜଣେ ତରୁଣ ସହ-ସାଧକ ।

'oaob.nitrkl.ac.in' images reprocessed

*... ତେଣୁ 'ଗ'ଙ୍କ ପ୍ରତି ମୋ'ର କୌଣସି ଘୃଣାଭାବ ରହିବ ନାହିଁ ।*

ଘୃଣା ସର୍ବଦାହିଁ ଏକ ମନ୍ଦ କଥା ଏବଂ ଏହା ହେଉଛି ଆସକ୍ତିର ଠିକ୍ ଓଲଟା ପାଖ ।

*୧୯ ଜାନୁଆରି ୧୯୩୪*

*'କ'ର ଶରୀର ଖୁବ୍ ଦୁର୍ବଳ, ତେଣୁ ମୁଁ ତାକୁ ବ୍ୟାୟାମ ନ କରିବାକୁ କହିଲି ।*

କାହାକୁ ଦୁର୍ବଳ ବୋଲି କହିବା ଆଦୌ ଭଲ ନୁହେଁ । ତାହାଦ୍ୱାରା ଆମେ କାହାରିକୁ ସବଳ କରିପାରିବା ନାହିଁ :— ଏପରି କଲେ ଠିକ୍ ଓଲଟା ଫଳହିଁ ଫଳିବ ।

*୨୦ ଜାନୁଆରି ୧୯୩୪*

*ସ୍ନେହମୟି ମା, 'ଖ'ଙ୍କ ପ୍ରତି ମୋ'ର ଯେଉଁ ଆସକ୍ତି ରହିଛି, ମୁଁ ତାହାକୁ ଜୟ କରିବା ପାଇଁ କ'ଣ କରିବି ମୋତେ କୁହନ୍ତୁ ।*

ସେହି ବିଷୟରେ ତୁମେ ଆଉ କିଛିହେଲେ ଭାବିବ ନାହିଁ,— ତାହା ହେଉଛି ସର୍ବୋତ୍ତମ ଉପାୟ ।

*୨୦ ଜାନୁଆରି ୧୯୩୪*

*ମୁଁ ଭାବୁଛି, କେବଳ ତାଙ୍କରି କାମ ବ୍ୟତୀତ ଆଉ କୌଣସି କାରଣରୁ ଜଣେ ଆଉଜଣକ ରହିବା ଜାଗାକୁ ଯିବାଟାକୁ ମାଆ ଆଦୌ ପସନ୍ଦ କରନ୍ତି ନାହିଁ ।*

ମୁଁ ପସନ୍ଦ କରେ ନାହିଁ, କାରଣ ଯେତେବେଳେ ବ୍ୟକ୍ତିମାନେ ନିଜର କାର୍ଯ୍ୟ ବାହାରେ ପରସ୍ପରକୁ ଯାଇ ଭେଟନ୍ତି, ସେତେବେଳେ ସେମାନେ ସାଧାରଣତଃ ନାନା ନିକମା ଗପସପରେ ମାତିଯାଆନ୍ତି ଏବଂ ଏହାଦ୍ୱାରା ସେମାନଙ୍କର ମୋଟେ ଭଲ ହୁଏ ନାହିଁ ।

*୨୭ ଜାନୁଆରି ୧୯୩୪*

*ମୋ' ଭଉଣୀ ମୋତେ ପଚାରିଲେ, "ତୁମେ ମୋ' ବାସସ୍ଥାନକୁ ଆସିବ କି ?" ମୁଁ ଉତ୍ତର ଦେଲି, "ଦେଖିବି; ମାଆଙ୍କୁ ପଚାରି କହିବି ।"*

'oaob.nitrkl.ac.in' images reprocessed

ତାଙ୍କ କ୍ଷେତ୍ରରେ ତୁମେ ଅନ୍ୟ ସାଧକମାନଙ୍କ ଲାଗି ପ୍ରଯୁଜ୍ୟ ନିୟମଟିକୁ ମଧ୍ୟ ତୁମର ପ୍ରୟୋଗ କରିବା ଉଚିତ । ଯେତେବେଳେ ଆବଶ୍ୟକ, କେବଳ ସେତିକିବେଳେ ତୁମେ ତାଙ୍କୁ ଦେଖା କରିବ ଓ କେବଳ ଅପରିହାର୍ଯ୍ୟ ହେଲେ ଯାଇ ତାଙ୍କ ସହିତ କଥାବାର୍ତ୍ତା ହେବ ।

*୧ ଫେବ୍ରୁଆରି ୧୯୩୪*

*କେବଳ ଅପରିହାର୍ଯ୍ୟ ହେଲେ ଯାଇ ସେ ମୋ' ସହିତ କଥାବାର୍ତ୍ତା କରିବେ ବୋଲି ମୁଁ ମୋ' ଭଉଣୀଙ୍କୁ କହିବି କି ?*

ତୁମେ ଯେ ଖାଲିଟାରେ ତାଙ୍କ ସହିତ କଥାବାର୍ତ୍ତା କରିବାକୁ ଆଦୌ ଇଚ୍ଛା କରୁ ନାହଁ, ତୁମେ ତାଙ୍କୁ ସେକଥା ସବୁବେଳେ କହିପାରିବ ।

*୩ ଫେବ୍ରୁଆରି ୧୯୩୪*

*'ଗ' ମୋତେ ପଚାରିଲେ, ''ଜଣେ ବ୍ୟକ୍ତି ଯେତେବେଳେ ଆଧ୍ୟାତ୍ମିକ ଉପଲବ୍ଧି ପ୍ରାପ୍ତ ହୋଇଯାଏ, ସେତେବେଳେ ସେ ପ୍ରକୃତରେ କ'ଣ କରିବ ? ସେ ହୁଏତ କୌଣସି ଏକ ସ୍ଥାନକୁ ଯାଇ ଗୋଟିଏ ଆଶ୍ରମ ଖୋଲିବ ଏବଂ ମାଆ ତାଙ୍କ ମାଧ୍ୟମରେ କାର୍ଯ୍ୟ କରିବେ ।''*

ଆମର ଲକ୍ଷ୍ୟ ଏକାବେଳେକେ ଭିନ୍ନ । ଏପରି ଆଦୌ ଘଟିବ ନାହିଁ ଯେ, ଆଗାମୀ ବହୁକାଳ ପର୍ଯ୍ୟନ୍ତ ଆଉ ନୂତନ କେନ୍ଦ୍ରମାନଙ୍କର ସ୍ଥାପନା ହେବ । ଅନ୍ତତଃ ଆମର ପୂର୍ଣ୍ଣ ଅନୁମୋଦନ ବ୍ୟତୀତ ସେପରି ହୋଇ ପାରିବ ନାହିଁ । ଆମେ ଯାହା ଉପଲବ୍ଧି କରିବାକୁ ଇଚ୍ଛା କରୁଛୁ, ସେଥିଲାଗି ସଂପ୍ରସାରଣ ଅପେକ୍ଷା ସଂକେନ୍ଦ୍ରଣର ଅଧିକ ଆବଶ୍ୟକତା ରହିଛି ।

*୫ ଫେବ୍ରୁଆରି ୧୯୩୪*

*ମାଆ ! ଆପଣ କ'ଣ ଭାବୁ ନାହାନ୍ତି ଯେ ଏହି ଶରୀର ରହିଥିବା ପର୍ଯ୍ୟନ୍ତ ଆମେ ଭୁଲ୍ କରିବାରେ ଲାଗିଥିବା ଓ ବେଳେବେଳେ ବହୁତ କଥା ଭୁଲି ବି ଯାଉଥିବା ?*

ଏପରି ହେବା ଆଦୌ ଅବଶ୍ୟମ୍ଭାବୀ ନୁହେଁ । ଏହି ସବୁକିଛି ଚେତନାର ବିକାଶ ଉପରେ ନିର୍ଭର କରୁଛି ।

*୬ ଫେବ୍ରୁଆରି ୧୯୩୪*

'oaob.nitrkl.ac.in' images reprocessed

*ପ୍ରାଣ କିପରି କାର୍ଯ୍ୟ କରେ, ମୁଁ ସେକଥା ଜାଣି ପାରିବି କି ? ମୁଁ ଭାବୁଛି, ତାହା ଏପର୍ଯ୍ୟନ୍ତ ମଧ୍ୟ ବହୁ ଅଶୁଦ୍ଧତାରେ ପୂର୍ଣ୍ଣ ହୋଇ ରହିଛି ।*

ନିଜର ଅଶୁଦ୍ଧତାଗୁଡ଼ିକ ବିଷୟରେ ଅତିରିକ୍ତ ଚିନ୍ତା କରୁଥିଲେ ତଦ୍ଦ୍ୱାରା କୌଣସି ଲାଭ ହୁଏ ନାହିଁ । ଏହାଠାରୁ ଅଧିକ ଭଲ ହେବ, ଯଦି ତୁମେ ନିଜେ ହାସଲ କରିବାକୁ ଚାହୁଁଥିବା ଶୁଦ୍ଧତା, ଆଲୋକ ଏବଂ ଶାନ୍ତି ଉପରେହିଁ ନିଜର ଭାବନାକୁ ସ୍ଥିର କରି ରଖିବ ।

*୭ ଫେବ୍ରୁଆରି ୧୯୩୪*

*ବର୍ତ୍ତମାନ ମୁଁ ଅନୁଭବ କରୁଛି ଯେ ସବୁକିଛି ଶାନ୍ତ ରହିଛି । ଏହା ପ୍ରକୃତରେ କ'ଣ — ପ୍ରକୃତ ଶାନ୍ତି ନା ଏକ କଳ୍ପନା ?*

ନିରର୍ଥକ ପ୍ରଶ୍ନମାନ କରି ତୁମେ ସେହି ଶାନ୍ତିକୁ ଚହଲାଇ ଦେଉଛ କାହିଁକି ? ମନଟା ମଧ୍ୟ ଶାନ୍ତ ହୋଇ ରହିଥିବା ଉଚିତ ।

*୮ ଫେବ୍ରୁଆରି ୧୯୩୪*

*ଆଜି ସକାଳେ ସମୂହ ଧ୍ୟାନ ସମୟରେ ମୁଁ କିଛି ପରିମାଣରେ ଏକ ଚାପ ଅନୁଭବ କଲି । ମୁଁ ଆଶା କରୁଛି ଯେ ଏହା ମୋ'ର ଅଧ୍ୟୟନରେ ଆଦୌ କୌଣସି ପ୍ରତିବନ୍ଧକ ହେବ ନାହିଁ । ତା' ନ ହେଲେ, ବରଂ ଧ୍ୟାନ ନ କରିବାହିଁ ଅଧିକ ଭଲ ହେବ ବୋଲି ମୁଁ ଭାବୁଛି ।*

ଯଥାର୍ଥ ପ୍ରଣାଳୀରେ କରାଯାଉଥିବା ଧ୍ୟାନ କାହିଁକି ଅଧ୍ୟୟନର ପ୍ରତିବନ୍ଧକ ହେବ, ମୁଁ ତାହାର କୌଣସି କାରଣ ଦେଖୁ ନାହିଁ । ବରଂ, ଠିକ୍ ଓଲଟାହିଁ ହେବ । ତୁମେ ଯାହାକୁ "ଧ୍ୟାନ" ବୋଲି କହୁଛ, ତାହା ଆଦୌ ଧ୍ୟାନ ନ ହୋଇ କେବଳ ଏକ **ଜୀବନହୀନ ନିଷ୍କ୍ରିୟତା** ଏବଂ ନିଦ୍ରାଳୁତା ହୋଇଥିଲେ ଯାଇ ତାହା ତୁମର ଅଧ୍ୟୟନରେ ହାନି ସୃଷ୍ଟି କରିବ ଏବଂ, ଯାବତୀୟ ଦୃଷ୍ଟିରୁ ବିଚାର କରି ଦେଖିଲେ, ସେହି ଅବସ୍ଥାଟି ସଂପୂର୍ଣ୍ଣ ଭାବରେ ଅକାମ୍ୟ ହୋଇଥିବାରୁ, ସେଥିରେ ସମୟ ନଷ୍ଟ ନ କରିବାହିଁ ଅବଶ୍ୟ ଅଧିକ ଭଲ ହେବ ।

*୧୨ ଫେବ୍ରୁଆରି ୧୯୩୪*

*ତେବେ ଯଥାର୍ଥ ଧ୍ୟାନ କହିଲେ କାହାକୁ ବୁଝାଇବ ?*

'oaob.nitrkl.ac.in' images reprocessed

ଦିବ୍ୟ ପରମ ଉପସ୍ଥିତିଙ୍କ ଉପରେ ନିଜକୁ ସକ୍ରିୟ ଏବଂ ସଚେତନ ଭାବରେ ସଂକେନ୍ଦ୍ରିତ କରି ରଖିବା ଏବଂ ସେହି ଉଦାର ପରମସତ୍ୟଙ୍କର ଅବିଚ୍ଛିନ୍ନ ଏବଂ ଜାଗରୂକ ମନନ କରିବା,— ତାହାହିଁ ପ୍ରକୃତ ଧ୍ୟାନ ।

*ତେବେ ଏହି ଚାପ କିପରି ଓ କାହିଁକି ଆସୁଛି ?*

ଯଦି ତୁମେ ସେହି ଜୀବନହୀନ ନିଷ୍କ୍ରିୟତାଟିର କଥା କହୁଥାଅ, ତେବେ ତାହା ନିମ୍ନତର ପ୍ରାଣର ପ୍ରତିରୋଧ ତଥା ଜଡ଼ସ୍ଥ ପ୍ରକୃତିର ଅନ୍ଧକାରାଚ୍ଛନ୍ନତାରୁହିଁ ଆସୁଛି । ଏକ ଅବିଶ୍ରାନ୍ତ ଇଚ୍ଛା ଏବଂ ଅଭୀପ୍ସା ବଳରେ ତୁମେ ଏହାକୁ ଅତିକ୍ରମ କରିଯାଇ ପାରିବ ।

*୧୨ ଫେବ୍ରୁଆରି ୧୯୩୪*

*ମାଆ, ଏହି ବିଷାଦର ସ୍ଥିତିଟି ବିଷୟରେ ମୁଁ କିଛି ଜାଣି ପାରିବି କି ?— ଏଇଟି ଆସିଲା କିପରି ?*

ସେହି ବିଷାଦ ସାଧାରଣ ବାତାବରଣ ଭିତରେ ରହିଥିଲା ଏବଂ, ଯେଉଁମାନେ ସେଇଟି ଆଡ଼କୁ ଉନ୍ମୋଚିତ ହୋଇ ରହିଥିଲେ, ତାହା ସେହି ପ୍ରତ୍ୟେକଙ୍କୁ ଆକ୍ରମଣ କଲା ।

*୧ ମାର୍ଚ୍ଚ ୧୯୩୪*

*ତେବେ, ଏହି ବିଷାଦ ଯେପରି ଆକ୍ରମଣ କରି ନ ପାରିବ, ସେଥିପାଇଁ କ'ଣ କରାଯାଇ ପାରିବ ?*

ତୁମେ ତା' ପ୍ରତି କୌଣସି ଦୃଷ୍ଟି ଦେବ ନାହିଁ ଏବଂ ତାହା ସତେଯେପରି ସେଇଠି ଆଦୌ କେଉଁଠିହେଲେ ନାହିଁ, ସେହିପରି ବିଶ୍ୱାସ କରୁଥିବ ।

*ମାତ୍ର, ସର୍ବପ୍ରଥମେ, ବିଷାଦ ଆମ ଭିତରକୁ ପ୍ରବେଶ କରିବା ପୂର୍ବରୁ ତାହା ବାତାବରଣରେ ଅଛି ବୋଲି କିପରି ଜାଣିହେବ ?*

ଏଇଟି ଠିକ୍ କଥା ନୁହେଁ । ତୁମ ବାହାରେ ଯେଉଁସବୁ ବସ୍ତୁ ରହିଛି, ତୁମେ ଦୂରରୁ ସେଗୁଡ଼ିକୁ

'oaob.nitrkl.ac.in' images reprocessed

ଦେଖିପାରୁଛ ଏବଂ ଅନୁଭବ ବି କରି ପାରୁଛ। ଠିକ୍ ସେହିପରି, ବିଷାଦ ତୁମକୁ ସ୍ପର୍ଶ କଲା ପୂର୍ବରୁ ତୁମେ ତାହାକୁ ବାତାବରଣରେ ରହିଥିବାର ଅନୁଭବ ବି କରିପାରିବ।

*୧ ମାର୍ଚ୍ଚ ୧୯୩୪*

*'କ' ମୋ' ସହିତ ତଥାପି କାହିଁକି ସମ୍ପର୍କ ରଖିବାକୁ ଚାହୁଁଛନ୍ତି, ମୁଁ ଆଦୌ ବୁଝି ପାରୁ ନାହିଁ। ସେ କ'ଣ ଏକଥା କେବେ ଛାଡ଼ି ପାରିବ ନାହିଁ ? ସେ ତାହା କଲେ କରନ୍ତୁ,— ମୋତେ କେବଳ ସାବଧାନତା ଅବଲମ୍ବନ କରି ରହିବାକୁ ପଡ଼ିବ।*

ହଁ, ଏହି କ୍ଷେତ୍ରରେ ତୁମେ କେବଳ ସେତିକି କରିବ। ଯେତେବେଳେ ନାରୀମାନଙ୍କ ପ୍ରତି ତୁମର ଆଉ କୌଣସି ଦୁର୍ବଳତା ନ ରହିବ, ସେତେବେଳେ ସେମାନେ ଆଉ ତୁମର ଆଦୌ ଅନୁଧାବନ କରିବେ ନାହିଁ।

*ମଧୁମୟି ମାଆ ! ଏହି ଦୁର୍ବଳତାକୁ ଜୟ କରିବା ନିମନ୍ତେ ଶୀଘ୍ରତମ ଉପାୟଟି ପ୍ରକୃତରେ କ'ଣ ?*

ତୁମେ ଅନ୍ୟ ବିଷୟ ଚିନ୍ତା କରିବ।

*୧୨ ମାର୍ଚ୍ଚ ୧୯୩୪*

*ସ୍ନେହମୟି ମାଆ ! ମୋ'ର ଏହି ଈର୍ଷାକୁ ଯେକୌଣସି ପ୍ରକାରେ ନଷ୍ଟ କରିଦେବାକୁ ପଡ଼ିବ। ମୁଁ ଏହି ଈର୍ଷା ବିଷୟରେ ସଜ୍ଞାନ ହେବି ଏବଂ ଏହାକୁ ତୁରନ୍ତ ବର୍ଜନ କରିବି।*

ମୁଁ ଯାହାକିଛି କରେ, ତାହାକୁ ଯେ ପ୍ରତ୍ୟେକ ବ୍ୟକ୍ତିର ଭଲ ପାଇଁ ସର୍ବଦା କରୁଥାଏ ଏବଂ କେତେଜଣଙ୍କର କ୍ଷତି କରି କେତେ ଜଣଙ୍କର ଭଲ ପାଇଁ ଆଦୌ କରେ ନାହିଁ, ଯଦି ତୁମେ ଏହି କଥାଟିକୁ ବୁଝି ପାରନ୍ତେ, ତେବେ ନିଜର ଈର୍ଷାକୁ ଅଚିରେ ଅତିକ୍ରମ କରିଯାଇ ପାରନ୍ତ ଏବଂ ଏହି ଯନ୍ତ୍ରଣାଦାୟକ କ୍ଷତସ୍ଥାନଟିର ଜ୍ୱାଳାରୁ ମୁକ୍ତ ହୋଇ ପାରନ୍ତ।

ତୁମର ପ୍ରକୃତ ବିଶ୍ୱାସ ହେଉ ଯେ, ମୁଁ ତୁମ ପାଇଁ ଯାହାକିଛି କରେ, ଅଭିପ୍ରେତ ମାର୍ଗଟିରେ ଅଗ୍ରଗତି କରିବା ଲାଗି ତୁମ ପାଇଁ ଠିକ୍ ସେହି କଥାଟିରହିଁ ଆବଶ୍ୟକତା ରହିଥାଏ; ତେବେ ଯାବତୀୟ ଈର୍ଷା ଓ ଅସୂୟା ଅନ୍ତର୍ହିତ ହୋଇଯିବ।

*୨୦ ମାର୍ଚ୍ଚ ୧୯୩୪*

'oaob.nitrkl.ac.in' images reprocessed

*ମା', ''ଖ''ଙ୍କ ସହିତ କଥା କହିବା ବିଷୟରେ ମୁଁ କାହିଁକି କିଛିତ୍ କୁଣ୍ଠା ଅନୁଭବ କଲି, ମୋତେ ଅନୁଗ୍ରହ କରି ବୁଝାଇ ଦିଅନ୍ତୁ ।*

କାରଣ, ତାଙ୍କର ବାହ୍ୟ ଇଚ୍ଛାଶକ୍ତିଟି ତୁମର ମନ ଓ ପ୍ରାଣ ଉପରେ କ୍ରିୟାକରି ନିଜର ପ୍ରଭାବ ବିସ୍ତାର କରୁଥିଲା ।

*୨୦ ମାର୍ଚ୍ଚ ୧୯୩୪*

*'ଖ' ଏବଂ ମୋ' କ୍ଷେତ୍ରରେ ଯାହା ହେଉଛି, ସେହିପରି ପ୍ରତ୍ୟେକ ମନୁଷ୍ୟର ବାହ୍ୟ ଇଚ୍ଛାଶକ୍ତିର ପ୍ରଭାବ ଅନ୍ୟମାନଙ୍କ ଉପରେ କାହିଁକି କ୍ରିୟା କରୁ ନାହିଁ ? ଉଦାହରଣ ସ୍ୱରୂପ, ମୁଁ ମୋ' ଭଉଣୀ ସହିତ କଥା କହିବାକୁ ଇଚ୍ଛା କରୁ ନାହିଁ, ମାତ୍ର ସିଏ ମୋ' ସହିତ କଥାବାର୍ତ୍ତା ହେଉଛନ୍ତି; ସେଥିରୁ ପ୍ରମାଣ ହେଉଛି ଯେ ମୋ' ବାହ୍ୟ ଇଚ୍ଛାଶକ୍ତିର ପ୍ରଭାବ ତାଙ୍କର ପ୍ରାଣ ଅଥବା ତାଙ୍କର ମନ ଉପରେ କୌଣସି କ୍ରିୟା କରୁ ନାହିଁ । ଏପରି କାହିଁକି ହେଉଛି ?*

ସେଥିରୁ ପ୍ରମାଣିତ ହେଉଛି ଯେ, ତା'ର ଇଚ୍ଛାଶକ୍ତି ଠିକ୍ ତୁମ ଇଚ୍ଛାଶକ୍ତି ପରି ବଳବାନ୍ – ଏବଂ ତାହା ଭାରି ଭଲ କଥା । ମାତ୍ର, ତୁମେ କେଉଁ ଅଧିକାରରେ ତୁମର ଇଚ୍ଛାଶକ୍ତି ଅନ୍ୟମାନଙ୍କ ଉପରେ କାର୍ଯ୍ୟ କରୁ ବୋଲି ଇଚ୍ଛା କରୁଛ ? ପ୍ରତ୍ୟେକ ବ୍ୟକ୍ତି ଅବଶ୍ୟ ସ୍ୱାଧୀନ ହୋଇ ରହିବା ଉଚିତ । କେବଳ ଜଣେ ଶିଷ୍ୟ ବାଛିଥିବା ଜଣେ ଗୁରୁଙ୍କର ସେହି ଶିଷ୍ୟର ଇଚ୍ଛାଶକ୍ତି ଉପରେ ନିଜର ଇଚ୍ଛାଶକ୍ତିକୁ ନେଇ କାର୍ଯ୍ୟକାରୀ କରିବାର ଅଧିକାର ରହିଛି ।

*୨୧ ମାର୍ଚ୍ଚ ୧୯୩୪*

*ମାଆ, ''ଆପଣ ଯାହାକିଛି କରୁଛନ୍ତି, ତାହାକୁ ସର୍ବଦା ମୋ'ର ଭଲ ପାଇଁ କରୁଛନ୍ତି''– ଯଦି ଏହି ଭାବନାଟି ମନରେ ଦୃଢ଼ପ୍ରତିଷ୍ଠିତ ହୋଇ ରହିଯାଆନ୍ତା, ତେବେ ମନ କ'ଣ ପ୍ରାଣ ସତ୍ତା ଉପରେ ପ୍ରଭାବ ପକାଇ ପାରନ୍ତା ନାହିଁ ?*

ଅବଶ୍ୟ ପାରନ୍ତା; ମାତ୍ର ତାହାର ପ୍ରତିବଦଳରେ ପ୍ରାଣିକ ସତ୍ତା ଅନେକ ସମୟରେ ମନକୁ ପ୍ରଭାବିତ କରେ ଏବଂ ସେଥିରେ ନାନା ସନ୍ଦେହର ସୃଷ୍ଟି କରେ ।

*୨୧ ମାର୍ଚ୍ଚ ୧୯୩୪*

'oaob.nitrkl.ac.in' images reprocessed

*ଆଜି ସକାଳେ ପ୍ରଣାମ ସମୟରେ ଚୈତ୍ୟସତ୍ତାର ସ୍ତରରେ ଏକ ବିଷାଦ ବ୍ୟାପି ରହିଥିଲା ।*

ଚୈତ୍ୟସତ୍ତା **କେବେହେଲେ** ବିଷାଦ ଦ୍ୱାରା ଆଚ୍ଛନ୍ନ ହୁଏ ନାହିଁ ।

*ସେହି ବିଷାଦ ସମୟରେ ମୁଁ ପ୍ରାର୍ଥନା କଲି, "ଏହି ପ୍ରାଣ ପ୍ରକୃତରେ କେଡ଼େ ବିଶ୍ୱାସଘାତକ ! ମା' ମୋ' ପାଇଁ ଏତେ ଏତେ କଥା କରୁଛନ୍ତି, ମାତ୍ର ତାହା ତଥାପି ବିଦ୍ରୋହୀ ହୋଇ ଯାଉଛି । ହେ ମଧୁମୟି ମାଆ, ମୋତେ ଆଶୀର୍ବାଦ କରନ୍ତୁ ଯେପରିକି ପ୍ରାଣ ଆଉ ମୋଟେ ବିଦ୍ରୋହ କରିବ ନାହିଁ ଓ କେବଳ ସେହି ଦିବ୍ୟ ପରମସତ୍ତାଙ୍କଠାରେ ଆସ୍ଥା ରଖିବାକୁ ସମର୍ଥ ହେବ ।" ଏହି କ୍ରିୟାଟିର ଉଦ୍‌ଗମ ପ୍ରକୃତରେ କେଉଁଠାରୁ ହେଉଛି ?*

ମନର ଗୋଟିଏ ଅଂଶ ଦୀକ୍ଷିତ ହୋଇଛି ଏବଂ ସେଇଟି ଅବଶିଷ୍ଟ ଅଂଶଟିଠାରୁ ଆପଣାର ସୂତ୍ରକୁ ଛିନ୍ନ କରି ନେଉଛି, ଦୃଷ୍ଟିପାତ କରୁଛି, ବିଚାର କରି ପାରୁଛି ଏବଂ ସାଧାରଣ ମନ ଓ ଆଦୌ ଦୀକ୍ଷିତ ହୋଇ ନ ଥିବା ପ୍ରାଣର ଆଚରଣ ସକାଶେ ଦୁଃଖପ୍ରକାଶ କରୁଛି ।

*୨୧ ମାର୍ଚ୍ଚ ୧୯୩୪*

*ଏକଥା କ'ଣ ସତ ନୁହେଁ ଯେ ବିଷାଦ ତିନି ପ୍ରକାରର ରହିଛି : ମନର ବିଷାଦ, ପ୍ରାଣର ବିଷାଦ ଓ ଚୈତ୍ୟର ମଧ୍ୟ ବିଷାଦ ?*

ମୁଁ ପୁନର୍ବାର କହୁଛି ଯେ **ଚୈତ୍ୟସତ୍ତା ବିଷାଦ କ'ଣ ଆଦୌ କିଛି ଜାଣେ ନାହିଁ;** କାରଣ ଏହାର ପ୍ରକୃତି ହେଉଛି ଦିବ୍ୟ ପ୍ରକୃତି ଏବଂ, ଦିବ୍ୟ ପରମସତ୍ତାଙ୍କ ମଧ୍ୟରେ ବିଷାଦ ବୋଲି କିଛି ନାହିଁ ।

*ଯେତେବେଳେ ମନ ଓ ପ୍ରାଣ ଯେପରି ଇଚ୍ଛା କରୁଥା'ନ୍ତି, ସେହିପରି କାର୍ଯ୍ୟ କରିବାରେ ଲାଗିଥା'ନ୍ତି ଓ ଦିବ୍ୟ ପରମସତ୍ତାଙ୍କୁ ଅମାନ୍ୟ କରୁଥା'ନ୍ତି ବା ତାଙ୍କ ବିରୋଧରେ ବିଦ୍ରୋହ କରନ୍ତି, ସେତେବେଳେ କ'ଣ ଚୈତ୍ୟ ବିଷାଦଗ୍ରସ୍ତ ହୋଇ ପଡ଼େ ନାହିଁ ?*

'oaob.nitrkl.ac.in' images reprocessed

ନାଇଁ, ନାଇଁ, ଆଦୌ ହୁଏ ନାହିଁ । ତୁମେ ବୁଝୁଛ ନା ନାହିଁ ?

ଚୈତ୍ୟସତ୍ତା ହୁଏତ ସବୁ ଦେଖୁଥାଏ ଏବଂ ସତ୍ତାର ସେହି ଅନ୍ୟ ଅଂଶଗୁଡ଼ିକର ନିର୍ବୋଧତା ଦେଖି ଦୁଃଖିତ ହୁଏ, ମାତ୍ର, ତା'ର ପ୍ରକୃତିଟି ଏପରି ଯେ, ତାହା ପକ୍ଷରେ ବିଷାଦଗ୍ରସ୍ତ ହେବା ମୋଟେ ସମ୍ଭବ ହୁଏ ନାହିଁ ।

*୨୨ ମାର୍ଚ୍ଚ ୧୯୩୪*

*ଆପଣ କାଲି ଲେଖିଥିଲେ, ''ଏଥିରୁ ପ୍ରମାଣ ମିଳୁଛି ଯେ ତା'ର (ତୁମ ଭଉଣୀର) ଇଚ୍ଛା ତୁମ ଇଚ୍ଛା ପରି ସମାନ ଭାବରେ ଶକ୍ତିଶାଳୀ – ଏବଂ ତାହା ଭାରି ଭଲ କଥା । ''ତାହା ଭାରି ଭଲ କଥା'' ଦ୍ୱାରା ଆପଣ କ'ଣ କହିବାକୁ ଚାହୁଁଛନ୍ତି, ମୁଁ ବୁଝିପାରୁ ନାହିଁ ।*

ଯେତେବେଳେ ଜଣେ ବ୍ୟକ୍ତିର ଏକ ଶକ୍ତିଶାଳୀ ଇଚ୍ଛା ରହିଛି, ତାହା ହେଉଛି ସବୁବେଳେ ଏକ ଭାରି ଭଲ କଥା ।

*୨୨ ମାର୍ଚ୍ଚ ୧୯୩୪*

*ଯଦି ମୋ'ର ଇଚ୍ଛା ମୋ' ଭଉଣୀ ଉପରେ କାର୍ଯ୍ୟ କରିପାରୁ ନାହିଁ, ତେବେ 'ଖ'ଙ୍କ ଇଚ୍ଛା କିପରି ମୋ' ଉପରେ କାର୍ଯ୍ୟ କରୁଛି ?*

ଏଥିରୁ ସହଜରେ ଜଣାଯାଉଛି ଯେ ତୁମ ଭଉଣୀ ତୁମ ପ୍ରଭାବ ଆଡ଼କୁ ଯେତେ ପରିମାଣରେ ଉନ୍ମୁକ୍ତ ରହିଛନ୍ତି, ତୁମେ 'ଖ'ଙ୍କର ପ୍ରଭାବ ଆଡ଼କୁ ତା'ଠାରୁ ଅଧିକ ଉନ୍ମୁକ୍ତ ହୋଇ ରହିଛ । ଜଣେ ବ୍ୟକ୍ତି ଯେତେବେଳେ ଆଉଜଣେ ବ୍ୟକ୍ତିର ପ୍ରଭାବ ଆଡ଼କୁ ଉନ୍ମୁକ୍ତ ହୋଇ ରହିଥାଏ, ସେତେବେଳେ ତାହା ସର୍ବଦା ଏକ ଦୁଃଖର ବିଷୟହିଁ ହୋଇ ରହିଥାଏ । କେବଳ ଦିବ୍ୟ ପରମସତ୍ତାଙ୍କର ପ୍ରଭାବ ବ୍ୟତୀତ ଆମର ଆଉ ଅନ୍ୟ କୌଣସି ପ୍ରଭାବ ଗ୍ରହଣ କରିବା ଉଚିତ ନୁହେଁ ।

*୨୨ ମାର୍ଚ୍ଚ ୧୯୩୪*

*ପ୍ରାଣଦ୍ୱାରା ପ୍ରଭାବିତ ହେବାରୁ ବଞ୍ଚାଇ ରଖିପାରିବା ଲାଗି, ମନ ପାଖରେ ସେପରି କୌଣସି ଉପାୟ ରହିଛି କି ?*

'oaob.nitrkl.ac.in' images reprocessed

ତେବେ ମନ ଊର୍ଦ୍ଧ୍ୱରୁହିଁ ଆଲୋକ ଗ୍ରହଣ କରୁ ଏବଂ ପ୍ରଭାବିତ ହେବାକୁ ମନା କରିଦେଉ ।

*୨୨ ମାର୍ଚ୍ଚ ୧୯୩୪*

*'ଖ'ଙ୍କ ଦ୍ୱାରା ପ୍ରଭାବିତ ହେବା ବିଷୟରେ ମୁଁ କ'ଣ କରି ପାରିବି ?*

ଭାବନାରେ ବା କାର୍ଯ୍ୟରେ ତାଙ୍କ ଆଡ଼କୁ କୌଣସି ମନୋଯୋଗ ଦେବ ନାହିଁ ।

*ସେ ମୋତେ କିପରି ପ୍ରଭାବିତ କରୁଛନ୍ତି ?*

କାରଣ ତୁମେ ତାଙ୍କପ୍ରତି ଏକ ଆକର୍ଷଣ ଅନୁଭବ କରୁଛ ଏବଂ ତାଙ୍କର ଇଚ୍ଛା ତୁମର ଇଚ୍ଛାଠାରୁ ଅଧିକ ଶକ୍ତିଶାଳୀ ବୋଲି ବୋଧ ହେଉଛି ।

*ମୋ' ସହିତ କଥା କହିବା ପାଇଁ ମୋ' ଭଉଣୀଙ୍କର ଏକ ଅଧିକ ଶକ୍ତିଶାଳୀ ଇଚ୍ଛା ରହିଥିବାରୁ, ସେଇଟି କିପରି ଏକ ଭଲ କଥା ହେବ, ମୁଁ ସେକଥା ମୋଟେ ବୁଝି ପାରୁ ନାହିଁ ।*

ତାହାକୁ ଇଚ୍ଛାଶକ୍ତି ନ କହି ବରଂ ଏକ ବାସନା ବା ସହଜାତ ପ୍ରବୃତ୍ତି ବୋଲି କୁହାଯାଇ ପାରିବ ।

ସିଏ ତୁମ ସହିତ କଥା କହିବାକୁ ଇଚ୍ଛା କରୁଛନ୍ତି, ମୁଁ ଏଇଟାକୁ ଭଲ କଥା ବୋଲି କହୁ ନାହିଁ । ମୁଁ କହୁଛି ଯେ, ସାଧାରଣ ଭାବରେ ଏକ ଶକ୍ତିଶାଳୀ ଇଚ୍ଛା ଥିବା ଏକ ଭଲ କଥା । ଯେତେବେଳେ ତୁମର ଏକ ଶକ୍ତିଶାଳୀ ଇଚ୍ଛା ଥିବ, ସେତେବେଳେ ତୁମକୁ ତାହାକୁ କେବଳ ଯଥାର୍ଥ ଦିଗରେ ପରିଚାଳିତ କରିବାକୁ ପଡ଼ିବ; ଯଦି ତୁମ ପାଖରେ ଇଚ୍ଛାଶକ୍ତି ବୋଲି କିଛି ନ ଥାଏ, ତେବେ ତୁମକୁ ପ୍ରଥମେ ତାହାର ବିକାଶ କରାଇବାକୁ ହେବ,— ଏହା ସର୍ବଦା ସମୟସାପେକ୍ଷ ଏବଂ ବେଳେ ବେଳେ କଷ୍ଟକର ବି ହୋଇଥାଏ ।

ଏଣୁତେଣୁ ପ୍ରଶ୍ନମାନ ପଚାରିବା ଆଗରୁ କିଞ୍ଚିତ୍ ଚିନ୍ତାକଲେ ଓ ନିଜେ ନିଜେ ବୁଝିବାକୁ ଚେଷ୍ଟାକଲେ ତୁମେ ଅଧିକ ଲାଭବାନ୍ ହୋଇପାରିବ ।

*୨୩ ମାର୍ଚ୍ଚ ୧୯୩୪*

'oaob.nitrkl.ac.in' images reprocessed

*ପ୍ରଣାମ ପରେ ମୁଁ ଚାଲି ନ ଯାଇ ରହିଥିଲି; କାରଣ ମୋତେ ଆପଣ କହିଥିଲେ ଯେ, ଯଦି ଅଳ୍ପ କେତେଜଣ ନ ଯାଇ ରହିବେ, ତେବେ ସେଥିରେ ଆପଣ କୌଣସି ଆପତ୍ତି କରିବେ ନାହିଁ । ଆଜି ମୁଁ ରହି ନ ଥିଲି, କାରଣ 'ଗ' ମୋତେ କହିଲେ ଯେ ମାଆ ଏପରି କରିବାକୁ ମନା କରିଛନ୍ତି ।*

ବାହାରୁ ଅନେକ ଦର୍ଶକ ଆସିଥିଲେ ଓ ସେମାନେ ରହିବାରେ ଲାଗିଲେ; ତେଣୁ ମୁଁ ଗୋଟିଏ ବିଜ୍ଞପ୍ତି ଦେଇଥିଲି । ଏବଂ, ପ୍ରଣାମ ପରେ ଅଧିକରୁ ଅଧିକ ବ୍ୟକ୍ତି ବସି ଯାଇ ଅନ୍ୟମାନଙ୍କ ଉପରେ ଦୃଷ୍ଟିପାତ କରିବାରେ ମଧ୍ୟ ଅଭ୍ୟସ୍ତ ହୋଇ ପଡୁଥିଲେ । ସତେ ଯେପରି ସେଠାରେ କ'ଣ ଗୋଟାଏ ପ୍ରଦର୍ଶନୀ ହେଉଥିଲା ! ମାତ୍ର, ଯଦି ଅଳ୍ପ କେତେଜଣ ରହିବେ, ତେବେ ସେଥିରେ ମୋ'ର ଆପତ୍ତି ହେବ ନାହିଁ ।

*୨୪ ମାର୍ଚ୍ଚ ୧୯୩୪*

*ଆଜି ସନ୍ଧ୍ୟାବେଳଠାରୁ ମୁଁ ଅନୁଭବ କରୁଛି, ସତେଯେପରି ଏକ କଳା ମେଘ ଅପସରି ଯାଇଛି ଏବଂ ମୋତେ ଖୁବ୍ ଖୁସୀ ଲାଗୁଛି । ଏହା ସତ କି ?*

ଏହା ପ୍ରକୃତରେ ସତ ଓ ଅବଶ୍ୟ ସ୍ଥାୟୀ ହୋଇ ରହିବ, ତୁମକୁ ତାହା ଇଚ୍ଛା କରିବାକୁ ପଡ଼ିବ ।

*୨୪ ମାର୍ଚ୍ଚ ୧୯୩୪*

*ମୋର ଇଚ୍ଛାକୁ ଶକ୍ତିଶାଳୀ କରିବାକୁ ମୁଁ କ'ଣ କରି ପାରିବି ?*

ତାହାକୁ ଆବଶ୍ୟକ ଶିକ୍ଷା ଦେବ, କାମରେ ଲଗାଇବ,— ଠିକ୍ ନିଜର ମାଂସପେଶୀଗୁଡ଼ିକୁ ବ୍ୟାୟାମ ଦ୍ୱାରା କାମରେ ଲଗାଇଲା ପରି,— ତାହାକୁ ବ୍ୟବହାର କରି କାମରେ ଲଗାଇବ ।

*୨୬ ମାର୍ଚ୍ଚ ୧୯୩୪*

*ମାଆ, ପ୍ରତି ଥର ମୁଁ ଗୋଟିଏ ପ୍ରାର୍ଥନା ଲେଖିକରି ଦିଏ ବୋଲି ଆପଣ ଇଚ୍ଛା କରୁଛନ୍ତି କି ?*

'oaob.nitrkl.ac.in' images reprocessed

ଯେତେବେଳେ ସ୍ୱତଃସ୍ଫୂର୍ତ୍ତ ଭାବରେ ପ୍ରାର୍ଥନାଟିଏ ଆସୁଥିବ, କେବଳ ସେତିକିବେଳେ ଲେଖିବ ।

*୩୧ ମାର୍ଚ୍ଚ ୧୯୩୪*

*ମାସ ପରେ ମାସ ଦ୍ରୁତ ବେଗରେ ଚାଲିଯାଉଛି ଓ ମୋ'ର ଦୁର୍ବଳତା ବଢ଼ିବାରେ ଲାଗିଛି । ମୋତେ କେଡ଼େ ଅସ୍ୱସ୍ତି ନ ଲାଗୁଛି ! ମୁଁ କେଡ଼େ ଅବାଧ, ନିଷ୍ଠାହୀନ, ଈର୍ଷାପରାୟଣ, ଦୁର୍ବଳ, ବାସନାଚ୍ଛନ୍ନ, ଅଜ୍ଞାନଯୁକ୍ତ ଓ ମିଥ୍ୟାମୟ ହୋଇ ନ ରହିଛି ! ମୁଁ ମୋ' ନିଜର ନିମ୍ନତର ପ୍ରକୃତିଟିକୁ ଦେଖିପାରୁ ନାହିଁ । ମାଆ, ମୁଁ ତେବେ କ'ଣ କରିବି ?*

ସେଇଟି ଆଡ଼କୁ ଦୃଷ୍ଟିପାତ ନ କରିବା ଏବଂ ଅନ୍ୟାନ୍ୟ ଅଧିକ ଆଗ୍ରହୋଦ୍ଦୀପକ ବସ୍ତୁଗୁଡ଼ିକରେ ମନୋନିବେଶ କରିବା ଅଧିକ ଭଲ ହେବ । ଜଣେ ଯାହା ଭାବେ, ତାହାହିଁ ହୋଇଯାଏ : ତୁମେ ଯେଉଁ ବଳ, ସଚ୍ଚୋଟପଣ, ଏବଂ ନିଷ୍ଠା ଅର୍ଜନ କରିବାକୁ ଇଚ୍ଛା କରୁଛ, ତୁମର ସେହିସବୁ ବିଷୟରେ ଚିନ୍ତା କରିବା ଉଚିତ ।

*ମାର୍ଚ୍ଚ ୧୯୩୪*

*ନିମ୍ନତର ପ୍ରକୃତିଟିକୁ ଶୁଦ୍ଧ କରିବା ଲାଗି ଯେତେବେଳେ ମୋ' ଭିତରେ କୌଣସି ଶକ୍ତିଶାଳୀ ଉଦ୍ୟମ ହୋଇପାରୁ ନାହିଁ, ସେତେବେଳେ ମୋ' ବିଷୟରେ ଆଉ କିପରି କିଛି ଆଶା କରାଯାଇ ପାରିବ ? ମୁଁ କାହିଁକି ଅନ୍ୟମାନଙ୍କ ବିଷୟରେ ଚିନ୍ତା କରୁଛି ? ଏହାଦ୍ୱାରା ମୋ'ର କି ଭଲ ପ୍ରକୃତରେ ହେବ ? ମାଆ, ମୁଁ ଆଦୌ କେଉଁଥିକୁ ହେଲେ ଯୋଗ୍ୟ ନୁହେଁ ! ମୋ' ଭିତରେ ଏବେ ମଧ୍ୟ କୌଣସି ନିଷ୍କପଟ ଓ ନିଷ୍ଠାପର ଅଭୀପ୍ସା ସମ୍ଭବ ହୋଇ ନାହିଁ । ମାଆ, ମୋତେ ଆପଣ କିଛିହେଲେ ପରାମର୍ଶ ଦିଅନ୍ତୁ । ମୁଁ ଆପଣଙ୍କର ଏକ ଜ୍ଞାନହୀନ ଓ ଅନ୍ଧକାରାଚ୍ଛନ୍ନ ଶିଶୁ । ମୋତେ ପରିଚାଳିତ କରି ନିଅନ୍ତୁ, ଯଥାର୍ଥ ମାର୍ଗଟିକୁ ଦେଖାଇ ଦିଅନ୍ତୁ ।*

କ'ଣସବୁ କରିବା ଉଚିତ ଓ ଅନୁଚିତ, ତୁମର ସେବିଷୟରେ ଖୁବ୍ ସଚେତନତା ଆସି ଯାଇଥିବା ପରି ମନେ ହେଉଛି । ମାତ୍ର ତାହାକୁ କାର୍ଯ୍ୟରେ ପରିଣତ କଲାବେଳକୁହିଁ ତୁମ ଲାଗି ଯାବତୀୟ ଅସୁବିଧା ଆସି ପହଞ୍ଚି ଯାଉଛି । ତୁମର ଆଉ ଅଧିକ ଜ୍ଞାନ ଲାଗି ପ୍ରାର୍ଥନା କରିବା ଆବଶ୍ୟକ ନାହିଁ; ଯେତିକି, ତାହା ଯେତେ ଅଳ୍ପ ହେଉପଛକେ, ତୁମେ

'oaob.nitrkl.ac.in' images reprocessed

ଜାଣି ସାରିଛ, ତାହାକୁ ନିଷ୍ଠା ଏବଂ ବିବେକର ସହିତ କାର୍ଯ୍ୟରେ ପ୍ରୟୋଗ କରିପାରିବା ନିମନ୍ତେ ତୁମକୁ ବଳ ଏବଂ ସାହସ ଲାଗି ପ୍ରାର୍ଥନା କରିବାକୁ ହେବ ।

*୪ ଏପ୍ରିଲ ୧୯୩୪*

*'କ'ଙ୍କ ମନରେ ଆଘାତ ଦେଉଥିବା ଭଳି ମୋ' ଭିତରେ କ'ଣ ଅଛି, ମୁଁ ଜାଣି ପାରୁ ନାହିଁ । ମୋ'ର ପ୍ରକୃତି ତାଙ୍କର ପ୍ରକୃତିଠାରୁ ଭିଣା ହୋଇଥିବାରୁ, ସେ କାଳେ ଏହାଦ୍ୱାରା ଆହତ ହୋଇପଡ଼ିବେ, ମୁଁ ସେଇକଥା ଭାବୁଥିଲି ।*

ତୁମର ପ୍ରକୃତି 'କ'ଙ୍କର ପ୍ରକୃତିଠାରୁ ଭିଣା ବୋଲି ତୁମକୁ କିଏ କହିଲା ? ପ୍ରତ୍ୟେକ ବ୍ୟକ୍ତିର ତା' ନିଜସ୍ୱ ପ୍ରକୃତି ରହିଛି ଏବଂ ପ୍ରତ୍ୟେକ ବ୍ୟକ୍ତି ତା' ନିଜ ବାଟର ଅନୁସରଣ କରୁଛି । ତେଣୁ, ଅନ୍ୟମାନଙ୍କ ସହିତ କରାଯାଉଥିବା ତୁଳନା ସର୍ବଦା ଅତ୍ୟନ୍ତ ନିରର୍ଥକ, ଏବଂ ଅନେକ ସମୟରେ ବଡ଼ ବିପଜ୍ଜନକ ।

*୪ ଏପ୍ରିଲ ୧୯୩୪*

*ଦୁର୍ବଳତା । କାଲି ରାତିରେ 'ଖ' ମୋତେ ପଚାରିଲେ " 'ମୋତେ କିଛି ପାଣି ଦିଅ' କଥାଟିକୁ ତୁମେ ଗୁଜରାଟୀ ଭାଷାରେ କିପରି କହିବ ?" ମୁଁ ତାଙ୍କୁ ଉତ୍ତର ଦେଇଥିଲି । ମୁଁ କାହାରି ମନକୁ ଅସନ୍ତୁଷ୍ଟ କରିପାରେ ନାହିଁ । ମୋ' ପ୍ରକୃତିଟା ମୋତେ ଭାରି ପିଲାଳିଆ ଲାଗୁଛି । କେଡ଼େ ଦୁର୍ବଳ ମୁଁ ! ଏହି ଦୁର୍ବଳତା ଦ୍ୱାରା ମୁଁ ମୋ' ନିଜ ସକାଶେ ଅଗଣିତ ନାନା ଅସୁବିଧା ସୃଷ୍ଟି କରୁଛି ।*

ଏହିସବୁ ସାନ କଥା ଉପରେ ତୁମେ ଆଦୌ ଅତିବେଶୀ ମହତ୍ତ୍ୱ ଦେବ ନାହିଁ । ତୁମେ ଯେଉଁ ଆଦର୍ଶଟିର ଉପଲବ୍ଧି କରିବାକୁ ଇଚ୍ଛା କରୁଛ, ତାକୁ କଦାପି ଦୃଷ୍ଟିପଥରୁ ଅନ୍ତର କରି ନ ଦେବା ଏବଂ ସେହି ଉପଲବ୍ଧି ନିମନ୍ତେ ପାରୁପର୍ଯ୍ୟନ୍ତ ସବୁକିଛି କରିବା, ତାହାହିଁ ମହତ୍ତ୍ୱପୂର୍ଣ୍ଣ ।

*୬ ଏପ୍ରିଲ ୧୯୩୪*

*"ରାଧାଙ୍କ ଚେତନା" ଫୁଲଟିର ତାତ୍ପର୍ଯ୍ୟ କ'ଣ ?*

ପ୍ରେମର ଉତ୍ସର୍ଗୀକରଣ ।

*୬ ଏପ୍ରିଲ ୧୯୩୪*

'oaob.nitrkl.ac.in' images reprocessed

*ମୋ' ଭଉଣୀଙ୍କୁ ମୋ' ସହିତ କଥା କହିବାକୁ ଭଲ ଲାଗୁଛି, ମାତ୍ର ତାଙ୍କ ପାଖରେ ମୁଁ ଖୁବ୍ ଗମ୍ଭୀର ହୋଇ ରହୁଛି । ଦେଖା ହେଲାବେଳେ ମୁଁ ତାଙ୍କ ଉଦ୍ଦେଶ୍ୟରେ ମୋତେ ମୋ' ଖୁସୀଟିକୁ ଜ୍ଞାପନ କରୁ ନାହିଁ । ମାତ୍ର ପ୍ରାୟ ସମସ୍ତଙ୍କ ସହିତ ଭେଟ ହେବା ସମୟରେ ଅଲଗା ପ୍ରକାରର ହେଉଛି ।*

ଯଦି ଅନ୍ୟମାନଙ୍କୁ ଭେଟିବା ସମୟରେ ତୁମେ ନିଜର ଖୁସୀ ଜ୍ଞାପନ କରିପାରୁଛ, ତେବେ ନିଜ ଭଉଣୀଙ୍କର କ୍ଷେତ୍ରରେ ମଧ୍ୟ ତାହା କରିପାରନ୍ତେ । ଗୋଟିଏ ଦୃଷ୍ଟିରୁ ବିଚାର କଲେ ନିଜ ଭଉଣୀଙ୍କୁ ଦେଖି ଖୁସୀ ପ୍ରକାଶ କରିବାରେ 'ଖ' କିଂବା 'ଗ'ଙ୍କୁ ଦେଖି ଖୁସୀ ଜ୍ଞାପନ କରିବା ଅପେକ୍ଷା କମ୍ ବିପଦ ରହିଛି ।

*୧୦ ଏପ୍ରିଲ ୧୯୩୪*

*ମାଆ, ଟିକିଏ ସ୍ମିତ ହାସ୍ୟ ଯେ ବିପଜ୍ଜନକ ହୋଇପାରେ, ଏକଥା ଜାଣି ମୁଁ ଖୁବ୍ ଖୁସୀ ହେଲି । ମୁଁ ଏଣିକି ଆଦୌ କୌଣସି ମହିଳାଙ୍କୁ ଦେଖି ମୋଟେ ହସିବି ନାହିଁ ।*

ଏପରି ଏକ ସଂକଳ୍ପକୁ ହୁଏତ କିଞ୍ଚିତ୍ କଠୋର ବୋଲି କହିବାକୁ ହେବ । ତାହା ଆଦୌ ମୋ' ମନ୍ତବ୍ୟର ଅଭିପ୍ରାୟ ନ ଥିଲା; ମୁଁ ଏତିକି କହିବାକୁ ଇଚ୍ଛା କରୁଥିଲି ଯେ ତୁମେ ନିଜ ଭଉଣୀଙ୍କ ସହିତ ଅତ୍ୟନ୍ତ ଖରାପ ବ୍ୟବହାର କରିବ ନାହିଁ – କାରଣ ସେଥିରେ ତାଙ୍କର କିଛି ଲାଭ ହେବ ନାହିଁ । ସତ କଥାଟି ହେଉଛି : ଦିବ୍ୟ ପରମସତ୍ତାଙ୍କ ଲାଗି ତୁମର ଉତ୍ସର୍ଗୀକୃତ ହୋଇ ରହିବା ଏପରି ସମ୍ପୂର୍ଣ୍ଣ ହୋଇ ରହିଥିବ ଯେ, ତୁମେ ଅନ୍ୟମାନଙ୍କ ସହିତ ରହୁଥିବା ଏହିସବୁ ସମ୍ପର୍କ ଉପରେ ଆଉ କୌଣସି ମହତ୍ତ୍ୱ ଦେବ ନାହିଁ ।

*୧୧ ଏପ୍ରିଲ ୧୯୩୪*

*ଆପଣ ମୋତେ କହିଥିଲେ, ''ସତକଥା ହେଉଛି, ଦିବ୍ୟ ପରମସତ୍ତାଙ୍କ ପାଖରେ ତୁମର ଉତ୍ସର୍ଗୀକୃତ ହୋଇ ରହିବା ଏତେ ସମ୍ପୂର୍ଣ୍ଣ ହେବା ଉଚିତ ଯେ ଅନ୍ୟମାନଙ୍କ ସହିତ ଏହିସବୁ ସମ୍ପର୍କ ଉପରେ ତୁମେ ଆଉ କୌଣସି ମହତ୍ତ୍ୱ ଦେବ ନାହିଁ ।'' ଏହି କଥାଟିକୁ ମୁଁ କିପରି ଜୀବନରେ ପ୍ରୟୋଗ କରି ପାରିବି ?*

ଅନ୍ୟମାନଙ୍କ ସହିତ ତୁମର ସମ୍ବନ୍ଧଗୁଡ଼ିକ ବିଷୟରେ ନାନା ଟିକିନିଖି ନେଇ ବ୍ୟସ୍ତ ରହିବା

'oaob.nitrkl.ac.in' images reprocessed

ଅପେକ୍ଷା ଦିବ୍ୟ ପରମସତ୍ତାଙ୍କ ପାଖରେ ନିଜର ଉତ୍ସର୍ଗୀକୃତ ହୋଇ ରହିବାକୁ ଅଧିକ ବଳଶାଳୀ କରିବା ଲାଗିହିଁ ତୁମେ ଅଧିକ ତତ୍ପର ହୋଇ ରହିବ ।

*୧୨ ଏପ୍ରିଲ ୧୯୩୪*

*ଦିବ୍ୟ ଜନନି, କାଲି ହେଉଛି ଆକ୍ରମଣଟିର ଦିନ । ପ୍ରାୟ ସାତଟା ବେଳକୁ ତାହା ଆସିବ – ପ୍ରାଣ ବିଦ୍ରୋହ କରିବାକୁ ଆରମ୍ଭ କରିବ ।*

ତୁମେ କ'ଣ କହିବାକୁ ଚାହୁଁଛ ମୁଁ କିଛି ବୁଝି ପାରୁ ନାହିଁ । ଗୋଟିଏ ମନ୍ଦ ଅଭ୍ୟାସକୁ ତୁମେ କାହିଁକି ସ୍ୱୀକୃତି ଦେଉଛ ଓ କାହିଁକି ଗ୍ରହଣ କରି ନେଉଛ ?

*୨୧ ଏପ୍ରିଲ ୧୯୩୪*

*ମୁଁ ଏକଥାଟି ଲେଖିଲି, କାରଣ ସେହି ଆକ୍ରମଣ ଗତ ରବିବାର ହୋଇଥିଲା, ତା' ପୂର୍ବ ରବିବାର ଦିନ ମଧ୍ୟ ହୋଇଥିଲା । ତେଣୁ ମୁଁ ଭାବିଲି, ଏହି ରବିବାରକୁ ମଧ୍ୟ ତାହା ହୁଏତ ପୁଣି ଆସିବ ।*

ଏହିସବୁ ଭାବନାକୁ ପ୍ରତ୍ୟାଖ୍ୟାନ କରିବାହିଁ ଅଧିକ ଭଲ କଥା ହେବ, କାରଣ ସେସବୁ ଆକ୍ରମଣଟିକୁ ଘଟାଇବାରେହିଁ ସାହାଯ୍ୟ କରିଥା'ନ୍ତି ।

*୨୧ ଏପ୍ରିଲ ୧୯୩୪*

*'କ' ଓ ମୁଁ ଆମ ବନ୍ଧୁତାର ସଦ୍‌ବ୍ୟବହାର କରୁଛୁ ବୋଲି ମୁଁ ଭାବୁ ନାହିଁ । ଅନେକ ସମୟରେ ଆମେ ନାନା ନିରର୍ଥକ ଓ ବିପଜ୍ଜନକ କଥାବାର୍ତ୍ତାସବୁ ହେଉଛୁ । ତାଙ୍କ ସହିତ ଅଧିକ ଦେଖା ନ କରିବାଟା ବରଂ ଭଲ ହେବ ନାହିଁ କି ?*

ମୁଁ ଭାବୁଛି, ନିଜର କହିବାକଥାକୁ ନିୟନ୍ତ୍ରଣରେ ରଖିବା ଓ ଅସୁସ୍ଥ ତଥା ବିପଜ୍ଜନକ ବିଷୟଗୁଡ଼ିକୁ ନେଇ କଥାବାର୍ତ୍ତା ହେବାକୁ ମନା କରିବାର ଅଭ୍ୟାସଟିର ଅନୁଶୀଳନ କରିପାରିଲେ ତଦ୍ଦ୍ୱାରା ଅଧିକ ଭଲ ହେବ । ମାତ୍ର, ଅତ୍ୟନ୍ତ ସ୍ପଷ୍ଟ କଥା ଯେ, ତୁମେ ଦୁହେଁ ଏକାଠି ହେବା ଦ୍ୱାରା ଯଦି ତାହା ତୁମ ଦୁହିଙ୍କ ଭିତରେ ତୁମେ ଅତିକ୍ରମ କରିବାକୁ ଇଚ୍ଛା କରୁଥିବା କଥାଟିକୁହିଁ ଜାଗ୍ରତ କରି ଆଣୁଥାଏ, ତେବେ ସେହି ଦେଖା ହେବାରୁ ନିବୃତ୍ତ ରହିବା ନିଶ୍ଚୟ ଅଧିକ ଭଲ ହେବ ।

*୨୬ ଏପ୍ରିଲ ୧୯୩୪*

'oaob.nitrkl.ac.in' images reprocessed

*ସାଧାରଣତଃ 'କ'ହିଁ ଯୋଗ ବିଷୟରେ କଥା କହିଥା'ନ୍ତି । ଉଦାହରଣ ସ୍ୱରୂପ, " 'ଖ'ଙ୍କର ସଙ୍ଗୀତ ତାଙ୍କର ପ୍ରାଣିକ ଭୂମିରୁ ଆସୁଛି, ଏବଂ ମାଆ ତାଙ୍କୁ ସେହି କାରଣରୁ ଗୀତ ଗାଇବାକୁ ମନା କରିଛନ୍ତି ।"*

ତୁମର କଥାବାର୍ତ୍ତାସବୁ ଯଦି ଏହିଭଳି ମନ୍ତବ୍ୟଗୁଡ଼ିକ ମଧ୍ୟରେ ସୀମାବଦ୍ଧ ହୋଇ ରହିଥାଏ, ତେବେ, ମୁଁ କ'ଣ କରୁଛି ଓ କାହିଁକି ସେସବୁ କରୁଛି, ଏଗୁଡ଼ିକୁ ସେମାନେ ଅବଶ୍ୟ ଜାଣି ପାରୁଛନ୍ତି ବୋଲି ଭାବୁଥିବା ସମୟରେ ଆଶ୍ରମବାସୀମାନେ ନିଜ ଭିତରେ ଯେଉଁସବୁ ଅଗଣିତ ଅଜ୍ଞାନପ୍ରଣୋଦିତ ମନ୍ତବ୍ୟମାନ ଦେବାରେ ଓ ଶୁଣିବାରେ ଅଭ୍ୟସ୍ତ ହୋଇ ଯାଇଥାଆନ୍ତି, ସେଗୁଡ଼ିକ ଅପେକ୍ଷା ଏହାର ମଧ୍ୟ ଆଦୌ ଅଧିକ କୌଣସି ମହତ୍ତ୍ୱ ନାହିଁ ବୋଲି ବୁଝିବାକୁ ହେବ ।

*୨୭ ଏପ୍ରିଲ ୧୯୩୪*

*ମଧୁମୟି ମାଆ, ଆଜି ରାତିରେ କିଞ୍ଚିତ୍ ଅସ୍ୱସ୍ତିକର ବୋଧ ହେଲା । 'ଗ' ସହିତ ସମ୍ପର୍କରେ ଆସିଥିବାରୁ ଏହି ଅସ୍ୱସ୍ତି ଜାତ ହେଲା ନା ଏହା ପଛରେ ଆଉ କିଛି କାରଣ ଥିଲା ?*

ହୁଏତ ଥିଲା – ମାତ୍ର ସାଧାରଣତଃ ଏଭଳି ଅସ୍ୱସ୍ତିବୋଧ ପଛରେ କ୍ୱଚିତ୍ କୌଣସି ଯୁକ୍ତିଯୁକ୍ତ କାରଣ ରହିଥାଏ । ଅବଶ୍ୟ ଏପରି ମଧ୍ୟ ହୋଇପାରେ ଯେ, ପ୍ରାଣିକ ସତ୍ତାଟି ଅସନ୍ତୋଷ ଅଥବା ବିଦ୍ରୋହର ଏକ କ୍ଷୁଦ୍ର ଗତିସ୍ପନ୍ଦନକୁ ବ୍ୟକ୍ତ କରୁଥାଏ ।

*୧ ମଇ ୧୯୩୪*

*ସେଗୁଡ଼ିକ ସମ୍ବନ୍ଧରେ ମୁଁ ଶ୍ରୀଅରବିନ୍ଦଙ୍କର ସ୍ୱହସ୍ତଲିଖିତ କେତେଖଣ୍ଡ କାଗଜ ପାଇଲି । ପ୍ରେସର ହାଉସ୍‌ରେ କେହି ସେଗୁଡ଼ିକୁ ଅଳିଆଟିଣ ଭିତରକୁ ଫିଙ୍ଗି ଦେଇଥିଲେ ।*

ତୁମେ ସେଗୁଡ଼ିକୁ ସେଠାରୁ ନେଇ ନିଜପାଖରେ ରଖିଲ ବୋଲି ମୁଁ ଆଶା କରୁଛି ।

*୪ ମଇ ୧୯୩୪*

*ଆଜି ସକାଳୁ ମୋତେ ଅସ୍ୱସ୍ତି ଲାଗୁଛି, କ୍ଳାନ୍ତ ଓ ବିଷଣ୍ଣ ବି ଲାଗୁଛି । ଏକ*

'oaob.nitrkl.ac.in' images reprocessed

*ଜଡ଼ତାର ଅବସ୍ଥାରେ ମୋ'ର ଗୁଡ଼ିଏ ସମୟ ଚାଲିଯାଉଛି । ଆନ୍ତରିକତାର ଅଭାବ ରହିଛି ଓ ମୁଁ ଅସ୍ଥିର ହୋଇପଡୁଛି ।*

ବାହ୍ୟତର ପ୍ରକୃତିଟି ଦିବ୍ୟ ପରମ-ଉପସ୍ଥିତିଟି ଦ୍ୱାରା ରୂପାନ୍ତରିତ ନ ହୋଇଥିବା ଯାଏ ତାହା ସର୍ବଦା ନାନା ଅପୂର୍ଣ୍ଣତା ଦ୍ୱାରା ଭର୍ତ୍ତି ହୋଇ ରହିଥାଏ । ମାତ୍ର ଏସବୁ ତୁମକୁ ବିଷାଦଗ୍ରସ୍ତ କରି ପକାଇବା ଆଦୌ ଠିକ୍ ନୁହେଁ ।

*୪ ମଇ ୧୯୩୪*

*ଆଜି ବିଛଣାଚଦର କାଢ଼ି ଦେଲା ବେଳକୁ ଗୋଟିଏ କଙ୍କଡ଼ାବିଛା ଯାଇ ଚଟାଣ ଉପରେ ପଡ଼ିଲା । ମୁଁ ମୋ ଚପଲ ଦେଇ ତାକୁ ମାଡ଼ି ବସିଲି ଓ ସେ ପଳାଇବା ପୂର୍ବରୁ ମାରିଦେଲି । କିଛିଦିନ ପୂର୍ବରୁ ମୁଁ ଠିକ୍ ଏହି କଥାଟିକୁହିଁ ଏକ ସ୍ୱପ୍ନରେ ଦେଖିଥିଲି ।*

ଏଗୁଡ଼ିକୁ ପୂର୍ବସୂଚକ ସ୍ୱପ୍ନ ବୋଲି କୁହାଯାଏ । ଯାହା ପରେ ଘଟିବାକୁ ଯାଉଥିଲା, ତୁମେ ତାହାକୁ ଆଗରୁ ଦେଖିଲ ।

*୭ ମଇ ୧୯୩୪*

*ଅନ୍ୟ ବ୍ୟକ୍ତିମାନଙ୍କର କଥାରେ ମୁଁ ଅନେକ ସମୟରେ ଧୋକାରେ ପଡ଼ିଯାଉଛି । ସେହି କଥାଗୁଡ଼ିକ ମୋତେ ବାରବାର ଠିକ୍ ପରି ବୋଧ ହେଉଛି, ମାତ୍ର ଅନେକ ସମୟରେ ଭୁଲ୍ ବୋଲି ପ୍ରମାଣିତ ହେଉଛି ।*

ହଁ, ଏହା ଅବଶ୍ୟ ସତ ।

*ଉଦାହରଣ ସ୍ୱରୂପ କଙ୍କଡ଼ାବିଛା ସମ୍ବନ୍ଧୀୟ ସ୍ୱପ୍ନଟି ବିଷୟରେ ଆପଣଙ୍କୁ ପ୍ରଶ୍ନ କରିବାକୁ ମୁଁ ନିଜେ ଭାବି ନ ଥିଲି । ମୁଁ ଆପଣଙ୍କୁ ଏକଥା ପଚାରେ ବୋଲି 'କ' ମୋତେ ଆସି କହିଥିଲେ ।*

ହଁ; କେବଳ ଯାହା ନିଜ ଭିତରୁ ଗଭୀରରୁ ଆସୁଛି, ତାହାହିଁ କରିବା ଅବଶ୍ୟ ଭଲ ।

*୯ ମଇ ୧୯୩୪*

'oaob.nitrkl.ac.in' images reprocessed

*କାଲି ରାତିରେ ମୁଁ କେତେକ ବ୍ୟାକରଣ ପାଠ ଅଭ୍ୟାସ କଲି ଓ ତାହା ମୋତେ ୧୧ଟା ୪୫ ମିନିଟ ଯାଏ କାର୍ଯ୍ୟରତ କରି ରଖିଥିଲା । ମୋତେ ଆଦୌ ନିଦ ମାଡ଼ୁ ନ ଥିଲା । ଏହା ଭଲ କି ?*

ନାଇଁ । ମୁଁ ଏହାକୁ ଆଦୌ ଭଲ ବୋଲି ଦେଖିପାରୁ ନାହିଁ । ଖୁବ୍ ଡେରି ହେଲେ ତଥାପି ଦଶଟାବେଳେ ତୁମର ଶୋଇବାକୁ ଯିବା ଉଚିତ । ନିଦ୍ରା ହେଉଛି ଏକ ଅଭ୍ୟାସର କଥା । ଯଦି ଏକା ସମୟରେ ଶୋଇବାକୁ ଯିବାର ଅଭ୍ୟାସ କରିପାରିବ, ତେବେ ନିଦ ବଳେ ବଳେ ଆସିବ ।

*୯ ମଇ ୧୯୩୪*

*ଦୁଇଦିନ ତଳେ ସକାଳେ କିଛି ଫୁଲ ତୋଳିବା ସକାଶେ ମୁଁ 'ଖ'ଙ୍କ ନିବାସକୁ ଯାଇଥିଲି । ତାଙ୍କୁ ଯେମିତି ଦେଖିବାକୁ ପାଇଲି, ସେତେବେଳେ ମୁଁ ଏକ କମ୍ପନ ଅନୁଭବ କଲି ଓ ତା'ର ଅବ୍ୟବହିତ ପରେ କିଞ୍ଚିତ୍ ଅସ୍ୱସ୍ତି ଲାଗିଲା । ମୁଁ ଭାବୁଛି, ମୋ'ର ପ୍ରାଣିକ ସତ୍ତାହିଁ ଅସ୍ୱସ୍ତି ଅନୁଭବ କଲା; ମାତ୍ର, ତାଙ୍କୁ ଦେଖିବା ସମୟରେ ମୁଁ କାହିଁକି ଏହି ଅସ୍ୱସ୍ତି ବୋଧ କଲି, ମୁଁ ତାହା ବୁଝିପାରୁ ନାହିଁ ।*

କେତେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ହତାଶା ଏବଂ ବିଷାଦର ଏହି ଭାବନାଗୁଡ଼ିକୁ ନିଜର ଚତୁର୍ଦିଗରେ ବହନ କରି ରହିଥା'ନ୍ତି ଏବଂ ସେଗୁଡ଼ିକ ଦ୍ୱାରା ଉତ୍ପୀଡ଼ିତ ହେଉଥା'ନ୍ତି । ଏହି ଭାବନାସବୁ ଭାରି ସଂକ୍ରାମକ, ଠିକ୍ ଯେକୌଣସି ରୋଗ ପରି,— ଏବଂ ଯେକୌଣସି ରୋଗରେ ପୀଡ଼ିତ ହେବାପରି ଜଣେ ବ୍ୟକ୍ତି ସେଇଟି ଦ୍ୱାରା ମଧ୍ୟ ପୀଡ଼ିତ ହୋଇ ପଡ଼ିଥାଏ ।

*୧୪ ମଇ ୧୯୩୪*

*ଏହିସବୁ ଉଦ୍ଦଣ୍ଡ ଏବଂ ପ୍ରତିକୂଳ ଭାବନାଗୁଡ଼ିକର ଆକ୍ରମଣକୁ ମୁଁ କିପରି ଏଡ଼ି ଦେଇ ପାରିବି ?*

ସେମାନେ ଆସୁଥିବା ସମୟରେ ତୁମେ ସେଗୁଡ଼ିକୁ ପ୍ରତ୍ୟାଖ୍ୟାନ କରି ଶିଖିବ ।

*ସେଗୁଡ଼ିକୁ ବହନ କରୁଥିବା ବ୍ୟକ୍ତିମାନଙ୍କର ସମ୍ପର୍କରେ ଆସିବି ନାହିଁ ?*

ତାହା ଆଦୌ ସମ୍ଭବ ନୁହେଁ — ତେବେ ଅନେକ ଅନେକ ବ୍ୟକ୍ତିଙ୍କୁ ଏଡ଼ି ରହିବାକୁ ପଡୁଥିବ ।

'oaob.nitrkl.ac.in' images reprocessed

*ମାତ୍ର ଅସଲ କଥା ହେଉଛି, କେଉଁ ବ୍ୟକ୍ତିଟି ସେଗୁଡ଼ିକୁ ବହନ କରୁଛି, ସେକଥା କିପରି ଜାଣିହେବ ?*

କୌଣସି ବାହ୍ୟ ପ୍ରଣାଳୀ ଦ୍ୱାରା ତାହା ସମ୍ଭବ ହେବ ନାହିଁ; କେବଳ ଏକ ଅନ୍ତଃ ଭଲମନ୍ଦ-ବୋଧ ଅର୍ଜନ କଲେ ଯାଇ ଏସବୁ ବିଷୟକୁ ଜାଣିହେବ ।

*୧୫ ମଇ ୧୯୩୪*

*ଆପଣ ମୋତେ କହିଛନ୍ତି, "ଯଦି 'ଖ' ତୁମ ପରାମର୍ଶକୁ ଗମ୍ଭୀର ଭାବରେ ଗ୍ରହଣ କରିବେ, ତେବେ ମୁଁ ବିସ୍ମିତହିଁ ହେବି ।" ଏହାର କ'ଣ ଏପରି ଅର୍ଥ ହେବ ଯେ, ଆମେ କାହାରି ପରାମର୍ଶକୁ ଗମ୍ଭୀର ଭାବରେ ଗ୍ରହଣ କରିବା ନାହିଁ ?*

ଏକ ସାଧାରଣ ନିୟମ ହିସାବରେ, କେହି ତୁମର ପରାମର୍ଶ ନ ମାଗୁଥିବା ଯାଏ ଆଦୌ କାହାକୁ କୌଣସି ପରାମର୍ଶ ନ ଦେବାହିଁ ଅଧିକ ଭଲ କଥା ହେବ । ମାତ୍ର, ଯଦି ଆଉ କାହାଠାରୁ ତୁମେ କୌଣସି ପରାମର୍ଶ ଗ୍ରହଣ କରିବ, ତେବେ ଅତ୍ୟନ୍ତ ଯତ୍ନସହକାରେ ତାହାକୁ ବିଚାର କରି ଦେଖିବ ଏବଂ ସେଥିରୁ ଲାଭବାନ୍ ହେବା ନିମନ୍ତେ ଚେଷ୍ଟା କରିବ ।

*୧୬ ମଇ ୧୯୩୪*

*ମଧୁମୟି ମାଆ, ଆମେ ଆପଣଙ୍କୁ କ'ଣ ପାଇଁ ସନ୍ଦେହ କରୁଛୁ ? ଆପଣଙ୍କ ବ୍ୟତୀତ ଆଉ କେହି ଅଧିକ ଭଲ ଅଥବା ଅଧିକ ବିଜ୍ଞ ବ୍ୟକ୍ତି ଅଛନ୍ତି କି ? ତେବେ ଆମେ ଆପଣଙ୍କୁ ବିଶ୍ୱାସ କରିପାରୁ ନାହୁଁ କାହିଁକି ?*

କାରଣ ବାହ୍ୟ ପ୍ରକୃତିଟି ଅଜ୍ଞାନଗ୍ରସ୍ତ, ଅନ୍ଧକାରାଚ୍ଛନ୍ନ ଏବଂ ନିର୍ବୋଧ ହୋଇ ରହିଛି । ତେଣୁ ସ୍ୱଭାବତଃ ଏହାର ଆଚରଣ ତଥା କର୍ଯ୍ୟ ମଧ ସେହିପରି ଅଜ୍ଞାନଗ୍ରସ୍ତ, ଅନ୍ଧକାରାଚ୍ଛନ୍ନ ଏବଂ ନିର୍ବୋଧ ହେବାରେ ଲାଗିଛି ।

*୧୬ ମଇ ୧୯୩୪*

*ଆଜି ସକାଳେ ମୁଁ ଯେତେବେଳେ 'ଗ'ଙ୍କୁ ଦେଖିଲି, ସେତେବେଳେ ଏକ କମ୍ପନ ଅନୁଭବ କଲି । ମାତ୍ର ଆଜି ସନ୍ଧ୍ୟାବେଳେ ଆଦୌ ସେପରି ଲାଗିଲା ନାହିଁ । ସେପରି କାହିଁକି ହୁଏ ?*

'oaob.nitrkl.ac.in' images reprocessed

ସମ୍ଭବତଃ ତୁମେ ସନ୍ଧ୍ୟାବେଳେ ସକାଳ ତୁଳନାରେ ଅଧିକ ସକ୍ରିୟ ଥିଲ, ପ୍ରାଣିକ ସଂସ୍ପର୍ଶଗୁଡ଼ିକ ପ୍ରତି କମ୍ ଉନ୍ମୁକ୍ତ ହୋଇ ରହିଥିଲ ।

*ଦୂରରେ ଛିଡ଼ା ହୋଇ ନିରୀକ୍ଷଣ କରୁଥିଲା ପରି ଯଦି ଜଣେ ନିଜର ଗୋଟିଏ ଦିନର କ୍ରିୟାଶୀଳତାକୁ ବିବେକର ସହିତ ତାରତମ୍ୟ ବିଚାର କରି ଦେଖିପାରିବ, ତେବେ, ମୁଁ ଭାବୁଛି ଯେ ସେ ଅଚିରେ ନିମ୍ନତର ପ୍ରକୃତିଠାରୁ ଊର୍ଦ୍ଧ୍ୱକୁ ଉଠିଯାଇ ପାରିବ । ମାତ୍ର, ଯଥାର୍ଥ ବିବେକଟିକୁ ଅର୍ଜନ କରି ପାରିବାକୁ ହେଲେ, ତାକୁ ପ୍ରଥମେ ଏପରି ଏକ ଚେତନାର ଅଧିକାରୀ ହେବାକୁ ପଡ଼ିବ, ଯାହାକି ମିଥ୍ୟା ଓ ସତ୍ୟ ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ଜାଣି ପାରୁଥିବ । ମୁଁ ମୋର ସକଳ କ୍ରିୟାଶୀଳତାକୁ ଦେଖି ପାରୁଛି, ମାତ୍ର ତଥାପି ଅନ୍ଧକାର ଏବଂ ଆଲୋକ ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ସ୍ପଷ୍ଟ ଭାବରେ ଦେଖିପାରୁ ନାହିଁ ।*

ହଁ, ଏହା ସତକଥା । ମାତ୍ର ଅଭ୍ୟାସ ଏବଂ ନିୟନ୍ତ୍ରଣ ଦ୍ୱାରାହିଁ ବିବେକ ବିକାଶଲାଭ କରିଥାଏ । ଅନ୍ୟ କଥାରେ କହିଲେ, ତୁମେ ଯାହାକିଛି ଅବଲୋକନ କରିପାରିଛ, ତାହା ଠିକ୍ କି ନୁହେଁ ବୋଲି ମୋତେ ପଚାରିବ, ଏବଂ ମୁଁ ଦେଉଥିବା ଉତ୍ତରଗୁଡ଼ିକର ସହାୟତାରେ ତୁମେ ନିଜର ଅବଲୋକନଗୁଡ଼ିକୁ ସଂଶୋଧନ କରିନେଇ ପାରିବ ।

*୧୭ ମଇ ୧୯୩୪*

*ଆଜି ସକାଳେ 'ଗ' ମୋତେ ପଚାରିଲେ, " 'କ' କାହିଁକି ତାଙ୍କର କୋକୋ ପିଇଲେ ନାହିଁ ଓ ବର୍ତ୍ତମାନ ସେ କାହିଁକି ଏପରି ବୁଲି ବାହାରିଛନ୍ତି ?" ଏବିଷୟରେ ମୁଁ ଯାହା ଭାବୁଥିଲି, ତାଙ୍କୁ ସେହିପରି ଉତ୍ତରଟିଏ ଦେଲି ।*

ଅନ୍ୟମାନଙ୍କ ବିଷୟରେ କହିବା କେବଳ ଯେ ନିରର୍ଥକ ତା' ନୁହେଁ, ମାତ୍ର ଅନେକ ସମୟରେ ତାହା ଅତ୍ୟନ୍ତ ହାନିକାରକ ମଧ୍ୟ ହୋଇଥାଏ ।

*ମାତ୍ର, ଅନ୍ୟ ଲୋକେ ଯାହା କଲେ, ତାହା ପଛରେ ରହିଥିବା ଅଭିପ୍ରାୟଗୁଡ଼ିକୁ ଜାଣିବା ଲାଗି ଜଣେ କାହିଁକି ଚେଷ୍ଟା କରିବ ? ଏଭଳି କ୍ଷେତ୍ରମାନଙ୍କରେ କ'ଣ କରିବା ଉଚିତ ମୁଁ ଜାଣିପାରୁ ନାହିଁ । ଯଦି ମୋତେ କେହି କିଛି ପଚାରୁଛନ୍ତି, ତେବେ ମୋତେ ଏକ ଉତ୍ତର ତ ଦେବାକୁହିଁ ପଡ଼ିବ ।*

'oaob.nitrkl.ac.in' images reprocessed

ତୁମେ ସବୁବେଳେ କେବଳ ଏତିକି କହିପାରିବ, "ଆମେ ଅନ୍ୟମାନଙ୍କ ବିଷୟରେ ବୃଥା ଗପ କରିବାକୁ ମାଆ ଆଦୌ ଭଲ ପାଆନ୍ତି ନାହିଁ।"

*୧୮ ମଇ ୧୯୩୪*

*ମାତ୍ର, ଆମେ କେଉଁ ବ୍ୟକ୍ତିଙ୍କୁ ଏକଥା କହୁଛୁ, ସବୁକିଛି ତାହାରି ଉପରେ ନିର୍ଭର କରେ । ଯଦି ସେ ବିଦ୍ରୋହ କରି ଉଠିବେ, ତେବେ ?*

ତେବେ ତାଙ୍କର ଆହୁରି ଅଧିକ ଖରାପ ହେବ !

*ପ୍ରାଣ ଯାବତୀୟ ସଂସ୍ପର୍ଶ ଲାଗି ଉନ୍ମୋଚିତ ନ ହେବାକୁ ହେଲେ ମୋ'ର କ'ଣ କରିବା ଉଚିତ ?*

ନିଜର ଚେତନାକୁ ତୁମେ ପ୍ରାଣଠାରୁ ଅଧିକ ଉଚ୍ଚରେ ନେଇ ରଖିଥିବ ।

*୧୮ ମଇ ୧୯୩୪*

*ମୁଁ କେବଳ ଅଳ୍ପସଂଖ୍ୟକ ବ୍ୟକ୍ତିଙ୍କୁ ଭେଟିବା ସମୟରେ ହର୍ଷ ପ୍ରକାଶ କରିବି ଓ କୌଣସି ମହିଳାଙ୍କୁ ଭେଟିବାବେଳେ ଆଦୌ ସେକଥା କରିବି ନାହିଁ ବୋଲି ନିଷ୍ପତ୍ତି କରିଛି । ଏହା ଠିକ୍ ହେବ ତ ?*

ସର୍ବଦା ଦିବ୍ୟ ଜୀବନ ପ୍ରତିହିଁ ଉତ୍ସର୍ଗୀକୃତ ହୋଇ ରହିଥିବାର ଏକ ଦୃଷ୍ଟିକୋଣ ରଖିପାରିବା ହେଉଛି ଅତିରିକ୍ତ ଭାବରେ କଠୋର ନିୟମମାନ କରିବା ଅପେକ୍ଷା ଅଧିକ ମହତ୍ତ୍ୱପୂର୍ଣ୍ଣ । ଏକ ପ୍ରାଣସ୍ତରୀୟ ଆଦାନପ୍ରଦାନର ପ୍ରତ୍ୟାଶା ରଖି କାହାକୁ ଭେଟିବା ସମୟରେ ହର୍ଷ ପ୍ରକାଶ ନ କରିବାର ସଂକଳ୍ପଟିଏ ଅଧିକ ଭଲ ହେବ ।

*୨୧ ମଇ ୧୯୩୪*

*ଜଣେ ବ୍ୟକ୍ତି ତା'ର ସକଳ ଅଶୁଦ୍ଧତାକୁ ଅବଶ୍ୟ ଜାଣିବ, ଏକଥା ଠିକ୍ ନୁହେଁ କି ?*

ସେଗୁଡ଼ିକୁ ଜାଣିବା ଅବଶ୍ୟ ଦରକାର, ମାତ୍ର ଅତିରିକ୍ତ ଭାବରେ ବାରଂବାର ଆପଣାର

'oaob.nitrkl.ac.in' images reprocessed

ମନୋଯୋଗକୁ ତାହାରି ଉପରେ ନିବଦ୍ଧ କରି ରଖିଥିବା,– ଏହା ମୋତେ ଭଲ ନୁହେଁ । ସେଗୁଡ଼ିକର ନିରାକରଣ ଦିଗରେ ଏଥିରୁ କୌଣସି ସାହାଯ୍ୟ ମିଳେ ନାହିଁ,– ଫଳ ଠିକ୍ ଓଲଟା ହୁଏ ।

*୨୧ ମଇ ୧୯୩୪*

*'ଗ' ମୋତେ ପଚାରିଲେ, "ସେଇଟି କି ଜିନିଷ ?" ମୁଁ ଉତ୍ତର ଦେଇ କହିଲି, "ମୋ' ଜନ୍ମଦିନ ପାଇଁ ମାଆ କିଛି ଲେଖି ଦେଇଛନ୍ତି ।" "ମୁଁ ଦେଖି ପାରିବି କି ?" ବୋଲି ସେ କହିଲେ । ମୁଁ ତାଙ୍କୁ ସେଇଟିକୁ ପଢ଼ିବାକୁ ଦେଲି । ମୁଁ ଠିକ୍ କଲି ବୋଲି ଆଦୌ ଭାବୁ ନାହିଁ ।*

ସ୍ପଷ୍ଟତଃ, ଏପରି ଏକ ଅବସରରେ ଯେତେବେଳେ ମୁଁ ଗୋଟିଏ ପ୍ରାର୍ଥନା କାହାକୁ ଦିଏ, ସେତେବେଳେ ମୁଁ ସେଥିରେ ଏକ ନିର୍ଦ୍ଦିଷ୍ଟ ଶକ୍ତିକୁ ସଂକେନ୍ଦ୍ରିତ କରିଥାଏ । ଅନ୍ୟମାନଙ୍କୁ ସେହି ପ୍ରାର୍ଥନାଟି ଦେଖାଇବା ଦ୍ୱାରା ତୁମେ ସେହି ଶକ୍ତିର ପ୍ରଭାବଟିକୁ ଅନେକାଂଶରେ ନଷ୍ଟ କରିଦିଅ ।

*୨୨ ମଇ ୧୯୩୪*

*ମୁଁ ଭାବୁଛି, ଆପଣଙ୍କର ଚିଠିଗୁଡ଼ିକରେ ମଧ୍ୟ କିଛି ଶକ୍ତି ରହିଥାଏ, ତେଣୁ ସେଗୁଡ଼ିକୁ ମଧ୍ୟ କାହାକୁ ନ ଦେଖାଇବାହିଁ ଅଧିକ ଭଲ ।*

ହଁ, ଏବଂ ଏକ ନିୟମ ସଦୃଶ, ଅନ୍ୟମାନଙ୍କ ବିଷୟରେ ପଚରା ଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ମଧ୍ୟ ମୁଁ ଭଲ ପାଏ ନାହିଁ । ଯୋଗର କ୍ଷେତ୍ରରେ ପ୍ରତ୍ୟେକ ବ୍ୟକ୍ତି ନିଜର ଅଗ୍ରଗତି ବିଷୟରେହିଁ ମନୋଯୋଗୀ ହୋଇ ରହିଥିବା ଉଚିତ – ଅନ୍ୟମାନଙ୍କର ଅଗ୍ରଗତିର ତା' ସହିତ କୌଣସି ସମ୍ବନ୍ଧ ନ ଥାଏ ।

*୨୩ ମଇ ୧୯୩୪*

*କୌଣସି ବ୍ୟକ୍ତି ସମ୍ବନ୍ଧରେ ଆମର ଯେଉଁ ଧାରଣାମାନ ରହିଛି, ସେଗୁଡ଼ିକୁ ଆପଣଙ୍କ ଆଗରେ କହିଦେବା ଅଧିକ ଭଲ ନୁହେଁ କି ? ତେବେ ଆପଣ ସେଗୁଡ଼ିକୁ ସଂଶୋଧନ କରିଦେଇ ପାରିବେ । କାରଣ, ଯଦି ସେଗୁଡ଼ିକ ଭୁଲ୍ ଧାରଣା ହୋଇଥାଏ, ତେବେ ସେଗୁଡ଼ିକୁ ପୋଷଣ କରିବା ଅତ୍ୟନ୍ତ ବିପଜ୍ଜନକ ହେବ ।*

'oaob.nitrkl.ac.in' images reprocessed

ଅବଶ୍ୟ ହେବ । ମାତ୍ର, ସବୁଠାରୁ ଭଲ କଥା ହେଉଛି ଯେ ତୁମେ ଲୋକମାନଙ୍କ ସମ୍ବନ୍ଧରେ ଯାବତୀୟ ପ୍ରକାରର ଧାରଣା ପୋଷଣ କରିବାରୁ ନିବୃତ୍ତ ରହିବ । କାରଣ, ସେପରି ହେଲେ ଭୁଲ୍ ଧାରଣାଗୁଡ଼ିକୁ ନିଜ ଭିତରେ ସ୍ଥାନ ଦେବାର ଆଉ କୌଣସି ଆଶଙ୍କା ରହିବ ନାହିଁ ।

*ଅନ୍ୟ ବ୍ୟକ୍ତିମାନଙ୍କ ସମ୍ବନ୍ଧରେ ଆଦୌ କୌଣସି ଧାରଣା ପୋଷଣ ନ କରିବା ନିଶ୍ଚୟ ସବୁଠାରୁ ଭଲ; ମାତ୍ର, ମୁଁ ଭାବୁଛି, ମନର ପୂର୍ଣ୍ଣ ଶୁଦ୍ଧୀକରଣ ହେବା ପର୍ଯ୍ୟନ୍ତ ତାହା କଦାପି ସମ୍ଭବ ହେବ ନାହିଁ ।*

ହଁ, ଯଦି ମନ ଅଧିକ ଉପାଦେୟ କୌଣସି ବିଷୟରେ ଆଗ୍ରହୀ ଏବଂ ଉଦ୍ୟତ ହୋଇ ରହିପାରିବ, ତେବେ ତାହା ଅବଶ୍ୟ ସମ୍ଭବ ହେବ ।

*୨୩ ମଇ ୧୯୩୪*

*ତେଣୁ, ଏହା ଅଧିକ ଭଲ ହେବ ଯେ ଏଣିକି ମୋ' ଭିତରେ ଅନ୍ୟମାନଙ୍କ ବିଷୟରେ ରହିଥିବା ମୋ'ର ଧାରଣାଗୁଡ଼ିକୁ ମୁଁ ବର୍ଜନ କରିବି ଏବଂ ଲୋକମାନଙ୍କ ସମ୍ବନ୍ଧରେ ମନଃସ୍ତରରେ ନାନା କଳ୍ପନା କରିବାରୁ ବିରତ ହେବି ?*

ହଁ, ବରଂ ଏହିପରି କରିବା ଉଚିତ ।

*'କ'ଙ୍କୁ ଦେଖା କରିବା ମୋ' ଲାଗି ଭଲ ହେବ କି ?*

ତାଙ୍କୁ **ଦେଖିବା** କହିଲେ ତୁମେ ପ୍ରକୃତରେ କ'ଣ ବୁଝୁଛ, ସେକଥା ତାହାରି ଉପରେ ନିର୍ଭର କରିବ । ଯଦି ତାହା କେବଳ କେତୋଟି କଥାର ଆଦାନପ୍ରଦାନକୁ ବୁଝାଉଥାଏ ବା ମଝିରେ ମଝିରେ ଏକତ୍ର କିଛି କାର୍ଯ୍ୟ କରିବାକୁ ବୁଝାଉଥାଏ, ତେବେ ସେଥିରେ କିଛି ଯାଏ ଆସେ ନାହିଁ । ମାତ୍ର, ଦୀର୍ଘକାଳ କଥାବାର୍ତ୍ତାକୁ ତଥାପି ଏଡ଼ି ରହିବାକୁ ହେବ ।

*୨୪ ମଇ ୧୯୩୪*

*ଅନ୍ୟମାନଙ୍କୁ ବିଦ୍ରୂପ କରି ଜଣେ ମଣିଷ କେଉଁ ସୁଖ ପାଏ ?*

'oaob.nitrkl.ac.in' images reprocessed

ହଁ, ଅନ୍ୟମାନଙ୍କର ଭାବରାଜ୍ୟରେ ଆଘାତ ଦେଇ ଜଣେ ମନୁଷ୍ୟ ବସ୍ତୁତଃ କି ସୁଖ ପାଏ, ମୁଁ ମଧ୍ୟ ସେକଥା ବୁଝିପାରେ ନାହିଁ । ଏହା ଆଦୌ ଏକ ସୁନ୍ଦର କଥା ନୁହେଁ ଏବଂ ସେଥିରୁ ବହୁତ ମିଥ୍ୟାଭିମାନୀ ନିର୍ବୋଧତା ମଧ୍ୟ ଧରା ପଡ଼ିଯାଏ ।

*୨୪ ମଇ ୧୯୩୪*

*ଆପଣଙ୍କ ନିକଟକୁ ଏହି କଥାଟି ଲେଖି ପଠାଇବା ଠିକ୍ ହେଲା କି : 'ଖ'ଙ୍କ ପରି ଜଣେ ବ୍ୟକ୍ତି ଭାବୁଛନ୍ତି ଯେ ସିଏ ହେଉଛନ୍ତି ଖୁବ୍ ଶୃଙ୍ଖଳିତ । ଯେତେବେଳେ ସେ ଏଭଳି କଥାବାର୍ତ୍ତା କରୁଛନ୍ତି ସେତେବେଳେ ତାଙ୍କର ଶୃଙ୍ଖଳା କୁଆଡ଼େ ଯାଉଛି ?'' ମୋ'ର ଶେଷ ଉକ୍ତିଗୁଡ଼ିକ ଅତିରଞ୍ଜିତ ହୋଇ ଯାଇ ନାହିଁ ତ ?*

ସେଗୁଡ଼ିକ ହୁଏତ ଅତିରଞ୍ଜିତ ହୋଇ ନ ଥାଇ ପାରନ୍ତି; ମାତ୍ର ଏଥିରେ କୌଣସି ସନ୍ଦେହ ନାହିଁ ଯେ, ସେଗୁଡ଼ିକ ଆଦୌ ସହାନୁଭୂତି ସହିତ କୁହାଯାଇ ନାହିଁ ଏବଂ, ଚେତନାକୁ ପ୍ରଶସ୍ତ ଓ ପ୍ରଭାସ୍ୱର କରିବା ଦିଗରେ ସହାନୁଭୂତିସମ୍ପନ୍ନତା ହେଉଛି ଏକ ଅପରିହାର୍ଯ୍ୟ ପଦକ୍ଷେପ ।

*୨୫ ମଇ ୧୯୩୪*

*ମଧୁମୟି ମାଆ, ଏହି ପ୍ରାଣଟା କେବେ ଯାଇ ଦିବ୍ୟ ପରମସତ୍ତାଙ୍କ ପାଇଁ ବ୍ୟାକୁଳ ହୋଇ ଶିଖିବ ? ଏହାର ଆବେଗଟି ଚୈତ୍ୟ ପ୍ରେମରୂପେ ପରିବର୍ତ୍ତିତ ହୋଇଯାଉ, ଏହାର କ୍ରୋଧ*

ସମତା ରୂପେ

*ଏହାର ଅସୂୟା*

ବିଶ୍ୱାସରୂପେ

*ଏହାର ଦମ୍ଭ*

ବିନୟ ରୂପେ

'oaob.nitrkl.ac.in' images reprocessed

*ଏହାର ସ୍ୱାର୍ଥବୁଦ୍ଧି*

ଆତ୍ମଦାନ ରୂପେ ପରିବର୍ତ୍ତିତ ହୋଇଯାଉ ।

*୨୬ ମଇ ୧୯୩୪*

*'କ' ମଧ୍ୟାହ୍ନ ଭୋଜନ ପରେ ପ୍ରାୟ ପ୍ରତିଦିନ ମୋ' ସହିତ ଘରକୁ ଫେରୁଥିଲେ; ମାତ୍ର କାଲି ମୋତେ ଭେଟିବା ପୂର୍ବରୁ ସେ ଚାଲିଗଲେ । ଏପରି କରିବା ପଛରେ କୌଣସି କାରଣ ନ ଥିଲା ବୋଲି ସେ ମୋତେ କହିଲେ । ଏହା କ'ଣ ସତ କଥା ?*

ଏକଥା ବେଶ୍ ସମ୍ଭବ ହୋଇପାରେ ଯେ ସେ ଆଦୌ କୌଣସି କାରଣ ନ ଥାଇ ଚାଲି ଯାଇଥିଲେ । ଆଦୌ କୌଣସି ସଚେତନ କାରଣ ନ ଥାଇ ଜଣେ ମଣିଷ କେତେ କେତେ କଥା କରିଥାଏ ।

*୨୬ ମଇ ୧୯୩୪*

*ଆଦୌ କୌଣସି ସଚେତନ ଅଭିପ୍ରାୟ ନ ଥାଇ ଜଣେ ମନୁଷ୍ୟ କେତେ କେତେ କଥା କରେ ବୋଲି ଆପଣ ଲେଖିଛନ୍ତି । ମାତ୍ର, ସେପରି କରିବା ବାଞ୍ଛନୀୟ କି ? ମୁଁ ଭାବୁଛି, ସାବଧାନ ଭାବରେ ସବୁକଥା ନ ଭାବି ଆଦୌ କିଛି ନ କଲେ ଅଧିକ ଭଲ ହୁଅନ୍ତା ।*

ଅବଶ୍ୟ, ସେପରି କରିବା ନିଶ୍ଚୟ ଅଧିକ ଭଲ ।

*୨୮ ମଇ ୧୯୩୪*

*ଏକ ସ୍ୱପ୍ନ : ରାତ୍ରି ସମୟ, ମୁଁ ଗୋଟିଏ କବିତା ଲେଖୁଥିଲି । ହଠାତ୍ 'ଖ' ଆସି ପହଞ୍ଚିଲେ ଓ ଟେବୁଲ ଉପରେ ଥିବା କିରାସିନି ଆଲୁଅଟିକୁ ନିଭାଇଦେଲେ । କିଛି ସମୟ ପରେ ସେ ବିଜୁଳି ଆଲୁଅଟିକୁ ମଧ୍ୟ ନିଭାଇଦେଲେ । ଏହି ସ୍ୱପ୍ନଟିର କୌଣସି ତାତ୍ପର୍ଯ୍ୟ ଅଛି କି ?*

ଯଦି ସ୍ୱପ୍ନଟିର କୌଣସି ତାତ୍ପର୍ଯ୍ୟ ରହିଥାଏ (ସେକଥା ଠିକ୍ ନ ହୋଇ ବି ପାରେ),

'oaob.nitrkl.ac.in' images reprocessed

ତେବେ ଏହାର ଅର୍ଥ ହେବ ଯେ ତୁମ ଚେତନାରେ ଏକ ବିଶେଷ ପ୍ରକାରର ପ୍ରତିକୂଳ ଶକ୍ତି 'ଖ'ଙ୍କ ଭଳି ଆକାରଟିଏ ଗ୍ରହଣ କରିଥିଲା । ଆଲୁଅସବୁ ନିଭିଯିବାର ସର୍ବଦା ପ୍ରତୀକାତ୍ମକ ଅର୍ଥ ହେଉଛି ଯେ ଚେତନା ଅଚେତନା ମଧ୍ୟକୁ ଖସି ଆସିଥିଲା ।

*ମଧୁମୟି ମାଆ, ମୋ' ଚେତନା କାହିଁକି ବାହାର ଆଡ଼କୁ ଚାଲି ଯାଉଛି ଓ ମୋ ଅଭୀପ୍ସା କାହିଁକି ହ୍ରାସ ହୋଇଯାଉଛି, ମୁଁ ତାହା ଜାଣିବାକୁ ଇଚ୍ଛା କରୁଛି ।*

ସମ୍ଭବତଃ, ଏପର୍ଯ୍ୟନ୍ତ ଦୀକ୍ଷିତ ହୋଇ ନ ଥିବା ତୁମ ପ୍ରକୃତିର ଗୋଟିଏ ଅଂଶ ଉପରିଭାଗକୁ ଉତ୍ଥିତ ହୋଇ ଆସିଛି ଏବଂ ବର୍ତ୍ତମାନ ସକ୍ରିୟ ହୋଇ ରହିଛି ।

*୨୯ ମଇ ୧୯୩୪*

*ତେବେ, ଦୀକ୍ଷିତ ହୋଇ ନ ଥିବା ଗୋଟିଏ ଅଂଶ ଉପରିଭାଗକୁ ଉତ୍ଥିତ ହୋଇ ଆସିଲେ, ମୋ'ର କ'ଣ କରିବା ଉଚିତ ?*

ସେଇଟି ଦୀକ୍ଷିତ ହେବା ପର୍ଯ୍ୟନ୍ତ ତା' ଉପରେ ତୁମେ ଆଲୋକ ଓ ଜ୍ଞାନର ସମ୍ପାତ କରାଇବ ।

*୨୯ ମଇ ୧୯୩୪*

*ମାଆ, ଆପଣ ଲେଖିଥିଲେ ଯେ, ଅଦୀକ୍ଷିତ ଅଂଶଟି ଦୀକ୍ଷିତ ହୋଇଯିବା ପର୍ଯ୍ୟନ୍ତ ମୁଁ ତା' ଉପରେ ଆଲୋକ ଏବଂ ଜ୍ଞାନର ସମ୍ପାତ କରାଇବି । ମୁଁ ତ ଭାବୁଛି, ଆପଣହିଁ ତାହା କରିପାରିବେ ।*

ମୁଁ ଠିକ୍ ତାହାହିଁ କହୁଛି; ତୁମକୁ କେବଳ ଶ୍ରୀଅରବିନ୍ଦଙ୍କୁ କିଂବା ମୋତେ ଆବାହନ କରିବାକୁ ହେବ ଏବଂ, ଏହି ଅନ୍ଧକାରାଚ୍ଛନ୍ନ ଅଂଶଟି ଯେପରି ଆଲୋକିତ ଓ ଦୀକ୍ଷିତ ହୋଇପାରିବ, ସେଥିଲାଗି ପ୍ରାର୍ଥନା କରିବାକୁ ହେବ ।

*୩୦ ମଇ ୧୯୩୪*

*'ଗ' ମୋତେ ଅନେକ ସମୟରେ ବ୍ୟାକରଣ ବିଷୟରେ ନାନା ପ୍ରଶ୍ନ ପଚାରୁଛନ୍ତି । ମୁଁ ତ ଭଲ କରି ଫରାସୀ ଭାଷା ଜାଣି ନାହିଁ, ତେଣୁ ସେ ମୋତେ ଏସବୁ ନ ପଚାରିଲେ ଭଲ ହୁଅନ୍ତା ।*

'oaob.nitrkl.ac.in' images reprocessed

ତୁମେ ଯେତିକି ଅଳପ ଜାଣିଛ, ତୁମେ ଅନ୍ୟମାନଙ୍କୁ ସେତିକି ଅବଶ୍ୟ କହିପାରିବ, ମାତ୍ର, ତୁମେ ଯେ ଅଧିକ ଜାଣି ନାହଁ ଏବଂ ତୁମେ ନିଜ ଉତ୍ତରଗୁଡ଼ିକ ଠିକ୍ ବୋଲି ଯେ ଆଦୌ ସୁନିଶ୍ଚିତ ନୁହଁ, ସେକଥା ବିଷୟରେ ସେମାନଙ୍କୁ ସତର୍କ କରାଇ ଦେବାରେ ସାବଧାନ ରହିଥିବ ।

*୩୧ ମଇ ୧୯୩୪*

*ମନ୍ଦିରକୁ ଯିବା ଉଚିତ କି ? ମୋ' ଭିତରକୁ ଏପରି ଏକ ଧାରଣା ଆସିଲା ଯେ, ଯଦି ଜଣେ ବ୍ୟକ୍ତି ଆକାରାତୀତ ଦିବ୍ୟ ପରମସତ୍ତାଙ୍କୁ ବିଶ୍ୱାସ କରୁଥାଏ, ତେବେ ଆକାରବିଶିଷ୍ଟ ଦିବ୍ୟ ପରମସତ୍ତାରେ ସେ ମୋଟେ ବିଶ୍ୱାସ କରିବ ନାହିଁ, ଅର୍ଥାତ୍ ତାଙ୍କୁ ଏକ ମନୁଷ୍ୟ ପରି କଳ୍ପନା କରିପାରିବ ନାହିଁ ।*

ତୁମ କହିବାର ଅର୍ଥ ହେଉଛି : ଯଦି ଜଣେ ବ୍ୟକ୍ତି କୌଣସି ଏକ ଧର୍ମର ଭଗବାନଙ୍କ ଉପରେ ବିଶ୍ୱାସ କରୁଛି, ତେବେ ସେ କିପରି ଶରୀରଧାରୀ ଦିବ୍ୟ ପରମସତ୍ତାଙ୍କ ଉପରେ ବିଶ୍ୱାସ ରଖିପାରିବ ? ତାହା ଏକ ବେଶ୍ ଉଚିତ କଥା ।

*୧ ଜୁନ୍ ୧୯୩୪*

*ମୁଁ ଭୂଗୋଳବହିଗୁଡ଼ିକୁ ଘରକୁ ନେଇପାରିବି କି ? ମୁଁ ସେଗୁଡ଼ିକୁ କଦାପି ମୋ' କୋଠରି ବାହାରକୁ ଯିବାକୁ ଦେବି ନାହିଁ ।*

ହଁ, ସେହି ବହିଗୁଡ଼ିକୁ ତୁମେ ଘରକୁ ନେଇପାରିବ, ମାତ୍ର ସେଗୁଡ଼ିକୁ ଅତ୍ୟନ୍ତ ଯତ୍ନରେ ରଖିବାକୁ ହେବ, ଯେପରିକି ସେଗୁଡ଼ିକ ଚିରିଯିବ ନାହିଁ, ମଇଳା ହେବ ନାହିଁ ଅଥବା କୀଟମାନଙ୍କର କବଳରେ ପଡ଼ିବ ନାହିଁ ।

*୨ ଜୁନ୍ ୧୯୩୪*

*ଅନୁରାଗ ହେତୁ 'କ' କିପରି ଅସୁବିଧାରେ ପଡ଼ିଲେ, ମୁଁ ସେକଥା ଆଦୌ ବୁଝି ପାରୁ ନାହିଁ । ମୋ'ର ସେହି ଅସୁବିଧାସବୁ ହୁଏ ନାହିଁ । ହୁଏତ ଏହାର କାରଣ ହେଉଛି ଯେ ମୁଁ ସେଗୁଡ଼ିକ ବିଷୟରେ ସଜ୍ଞାନ ନ ଥାଏ ।*

ଏପରି ହେଉଛି, କାରଣ ଅନୁରାଗ ତାଙ୍କ ଭିତରେ ଏକ ଆସକ୍ତି ଉତ୍ପନ୍ନ କରୁଛି ଏବଂ ଯାବତୀୟ ଆସକ୍ତି ଯୋଗର ବିରୋଧିଭାବେହିଁ କାର୍ଯ୍ୟ କରିଥାଏ ।

*୪ ଜୁନ୍ ୧୯୩୪*

'oaob.nitrkl.ac.in' images reprocessed

*ଅନୁରାଗ ମୋ' ଭିତରେ ଆସକ୍ତି ଉତ୍ପନ୍ନ କରୁଛି କି ?*

ଅନୁରାଗ ସର୍ବଦାହିଁ ଆସକ୍ତି ସୃଷ୍ଟି କରେ। ଅବଶ୍ୟ ଜଣେ ବ୍ୟକ୍ତି ଯୋଗୀ ହୋଇଥିଲେ ତାହା ଭିନ୍ନ କଥା ହେବ।

*ବୋଧ ହେଉଛି, ସତେ ଯେପରି ପ୍ରାଣିକ ଜଗତରେ ଆଦୌ କୌଣସି ବିଜୁଳି ଆଲୁଅ ନାହିଁ – ସ୍ୱପ୍ନସବୁ ସର୍ବଦା ଅନ୍ଧକାରାଚ୍ଛନ୍ନ ହୋଇ ରହିଥା'ନ୍ତି।*

ଏହି ଅଦ୍ଭୁତ କଥାଟିକୁ ତୁମକୁ କିଏ କହିଲା ?

ଏକଥା ସମ୍ପୂର୍ଣ୍ଣ ସତ ଯେ ଭୌତିକ ଜଗତରେ ଲୋକେ ଯେଉଁ କିସମର ବିଜୁଳି ଆଲୁଅ ବ୍ୟବହାର କରନ୍ତି, ପ୍ରାଣିକ ଜଗତରେ ସେହି ଆଲୁଅ ପ୍ରକୃତରେ ନାହିଁ। ମାତ୍ର ତୁମେ ଯେତେ ଚାହିଁବ, ସେତେ ଆଲୁଅ ସେଠାରେ ରହିଛି,– ଏପରିକି ସବୁଠାରୁ ସୁନ୍ଦର ଓ ସବୁଠାରୁ ଉଜ୍ଜ୍ୱଳ କେତେ କେତେ ଆଲୁଅ ରହିଛି; ଯାହାଫଳରେ କି, ଯଦି ଜଣକୁ ପୂର୍ବରୁ ସତର୍କ କରି ଦିଆ ନ ଯାଏ, ତେବେ ସିଏ ସତେଅବା ଏକ ଅତ୍ୟନ୍ତ ଉଚ୍ଚ ଭୂମିରେ ଯାଇ ପହଞ୍ଚି ଯାଇଥିବା ପରି ବିଶ୍ୱାସ କରିବାରେ ଲାଗିଥିବ।

*୪ ଜୁନ୍ ୧୯୩୪*

*ଆପଣ କହୁଛନ୍ତି ଯେ, ଜଣେ ଯେତେ ଇଚ୍ଛା କରିବ, ପ୍ରାଣିକ ଜଗତରେ ସେତେ ସଂଖ୍ୟାରେ ଆଲୁଅ ରହିଛି,– ମାତ୍ର ସେଗୁଡ଼ିକ ପ୍ରକୃତି ଆଲୁଅ ନା ସେଗୁଡ଼ିକୁ ପ୍ରାଣିକ ସତ୍ତାମାନେହିଁ ତିଆରି କରିଥା'ନ୍ତି ?*

ଏହା ଏକ ସ୍ପଷ୍ଟ କଥା ଯେ, ପ୍ରାଣିକ ଜଗତରେ ଥିବା ଆଲୋକଗୁଡ଼ିକ ହେଉଛନ୍ତି ପ୍ରାଣିକ ଆଲୋକ।

*ମୁଁ ଏଠାରେ ଜାଗ୍ରତ୍ ଅବସ୍ଥାରେ ଯେପରି ଦେଖିଥାଏ, ସ୍ୱପ୍ନସମୟରେ ଦିବାଲୋକ ମୋତେ ସେପରି ଆଦୌ ଦେଖାଯାଏ ନାହିଁ। ସେତେବେଳେ ସବୁକିଛି କ୍ଷୀଣ ହୋଇ ଦେଖାଯାଏ।*

ସେପରି ହୁଏ, କାରଣ ସେହି ଜଗତରେ ତୁମର ଦୃଷ୍ଟି ପୂର୍ଣ୍ଣଭାବରେ ବିକାଶଲାଭ କରି ନ

'oaob.nitrkl.ac.in' images reprocessed

ଥାଏ କିଂବା ସେଠାରେ ତୁମେ ଅନ୍ଧକାର ସ୍ଥାନଗୁଡ଼ିକୁ ଚାଲି ଯାଅ । ମାତ୍ର ତାହାର ଅର୍ଥ ନୁହେଁ ଯେ ସଂପୂର୍ଣ୍ଣ ପ୍ରାଣିକ ଜଗତଟି ଅନ୍ଧକାରାଚ୍ଛନ୍ନ ହୋଇ ରହିଥାଏ ।

*୫ ଜୁନ୍ ୧୯୩୪*

*ମୁଁ କିପରି ମୋ' ମନର ସର୍ବାଧିକ ଆଲୋକିତ ଅଂଶଟିକୁ ସବୁବେଳେ ଉପରିଭାଗରେ ଆଣି ରଖିପାରିବି ?*

ସେଥିଲାଗି ସଂକଳ୍ପ କର ଏବଂ, ତଥାପି ଅନ୍ଧକାରାଚ୍ଛନ୍ନ, ଅଜ୍ଞାନମୟ ଏବଂ ଅହଂପ୍ରେରିତ ସ୍ଥାନଗୁଡ଼ିକ ଯେତେବେଳେ ତୁମର ସତ୍ତାଉପରେ ଆଧିପତ୍ୟ ବିସ୍ତାର କରିବାକୁ ଚେଷ୍ଟା କରୁଥା'ନ୍ତି, ସେତେବେଳେ ସେଠାରେ ଆସି ହସ୍ତକ୍ଷେପ କରିବାକୁ ତୁମେ ଆଲୋକିତ ଅଂଶଟିକୁ ଆବାହନ କରିଆଣ ।

*ଆପଣ କେତେକ ନିର୍ଦ୍ଦିଷ୍ଟ ପ୍ରଶ୍ନର କାହିଁକି ଉତ୍ତର ଦିଅନ୍ତି ନାହିଁ ? ପ୍ରଶ୍ନଟି ଆନ୍ତରିକତା ସହିତ ପଚରାହୋଇ ନ ଥାଏ ବୋଲି ସେପରି ହୁଏ କି ?*

ସାଧାରଣତଃ ଏହାର କାରଣ ହେଉଛି ଯେ, ପ୍ରଶ୍ନଟି ଖରାପ ଭାବରେ ବ୍ୟକ୍ତ କରା ଯାଇଥାଏ; ଅନେକ ସମୟରେ, ଉତ୍ତର ଦେବା ଭଲ ହେବ ନାହିଁ ବୋଲି ଉତ୍ତର ଦିଆଯାଏ ନାହିଁ ।

*୬ ଜୁନ୍ ୧୯୩୪*

*ଏହି ବିଗତ ଦୁଇଟି ଦିନ ମୋ' ଈର୍ଷା ବିଷୟରେ ଚିନ୍ତା କରି ମୁଁ ଅତ୍ୟନ୍ତ ଦୁଃଖାଚ୍ଛନ୍ନ ହୋଇ ରହିଛି ।*

ଦୁଃଖାଚ୍ଛନ୍ନ ହୋଇ ରହିବାରେ କୌଣସି ଲାଭ ହୁଏ ନାହିଁ । ଦୁଃଖିତ ଅନୁଭବ କରିବାରେ ତୁମେ ଯେଉଁ ଶକ୍ତିକୁ ବୃଥା ବ୍ୟୟ କରୁଛ, ଅନୁଚିତ କ୍ରିୟାଶୀଳତାଟିକୁ ପରିବର୍ତ୍ତିତ କରିଦେବାରେ ତାହାର ବ୍ୟବହାର ହେଉଥିଲେ ଅଧିକ ଭଲ ହୁଅନ୍ତା ।

*ମାତ୍ର ଆଜି ସକାଳେ, ମୁଁ ପ୍ରଣାମ କରି ଆସିବା ପରେ ମୋତେ ଖୁବ୍ ଖୁସୀ ଲାଗିଲା । ଦିବ୍ୟ ପରମସତ୍ତାଙ୍କ ଆଡ଼କୁ ଅଭିମୁଖୀ ହେବା କ'ଣ ସାଧାରଣ ମନଟା*

'oaob.nitrkl.ac.in' images reprocessed

*ସକାଶେ ପ୍ରକୃତରେ ସମ୍ଭବ ନୁହେଁ; ଏକ ତୀବ୍ର ଅଭୀପ୍ସା ରହିଥିଲେ ମଧ୍ୟ କ'ଣ ତଥାପି ସମ୍ଭବ ନୁହେଁ ?*

ଏକ ପୂର୍ଣ୍ଣପ୍ରସ୍ତୁତ ଦୀକ୍ଷାଗ୍ରହଣ ପାଇଁ ଅସମ୍ଭବ ବୋଲି କିଛି ନାହିଁ; ମାତ୍ର ତାହାକୁ ସ୍ଥାୟୀ କରି ରଖିବା ହେଉଛି କଷ୍ଟକର ।

*୯ ଜୁନ୍ ୧୯୩୪*

*ଯେତେବେଳେ କୌଣସି କାର୍ଯ୍ୟ କରିବାକୁ ଥାଏ, ସେତେବେଳେ ଦୁଇଟି ଉତ୍ତର ଆସି ଆବିର୍ଭୂତ ହୁଅନ୍ତି । ଗୋଟିଏ ଅଂଶ କାର୍ଯ୍ୟଟିକୁ ନ କରିବାକୁ କହୁଥାଏ, ଆଉଗୋଟିଏ କାର୍ଯ୍ୟଟିକୁ କଲେ କିଛି କ୍ଷତି ନାହିଁ ବୋଲି କହେ । କେଉଁ ଅଂଶଟି ଭୁଲ୍ ଓ କେଉଁ ଅଂଶଟି ଠିକ୍, ସେକଥା କିଏ ନିଷ୍ପତ୍ତି କରେ ?*

ଯଦି ଚୈତ୍ୟ ଚେତନାର ପୂର୍ଣ୍ଣ ଜାଗୃତି ହୋଇଥା'ନ୍ତା, ତେବେ ତାହାହିଁ ନିଷ୍ପତ୍ତି କରନ୍ତା । ମାତ୍ର ଏହି କ୍ଷେତ୍ରଟିରେ ମନର ଗୋଟିଏ ଅଂଶ ଆରଟି ସହିତ ଯୁକ୍ତି କରୁଥାଏ ଏବଂ ତେଣୁ, ଏଠାରେ ମନସ୍ଥ ପୁରୁଷସତ୍ତାହିଁ ଆସି ପହଞ୍ଚିଯାଏ ଏବଂ ନିଷ୍ପତ୍ତି କରେ ।

*୧୧ ଜୁନ୍ ୧୯୩୪*

*''ଏକ ପୂର୍ଣ୍ଣପ୍ରସ୍ତୁତ ଦୀକ୍ଷାଗ୍ରହଣ ପାଇଁ ଅସମ୍ଭବ ବୋଲି କିଛି ନାହିଁ; ମାତ୍ର ତାହାକୁ ସ୍ଥାୟୀ କରି ରଖିବା ହେଉଛି କଷ୍ଟକର'',– ଏହାଦ୍ୱାରା ଆପଣ କ'ଣ କହିବାକୁ ଚାହୁଁଛନ୍ତି, ମୁଁ ଠିକ୍ ବୁଝି ପାରୁ ନାହିଁ । ତାହା କ'ଣ ଗୋଟିଏ କ୍ଷଣ ପାଇଁ ଦୀକ୍ଷିତ ହୋଇଯାଏ ଏବଂ ତା'ପରେ ପୁନର୍ବାର ପଛକୁ ଖସି ଆସେ ?*

ହଁ, ମନ ହଠାତ୍ ସବୁକିଛି ସ୍ୱଚ୍ଛ ଭାବରେ ଦେଖିବାକୁ ପାଏ ଏବଂ ଦୀକ୍ଷିତ ହୋଇଯାଏ । ମାତ୍ର ତା'ପରେ ପୁଣି ଅନ୍ଧକାରାଚ୍ଛନ୍ନତା ଦ୍ୱାରା ଆକ୍ରାନ୍ତ ହୁଏ ଏବଂ ଆପଣାର ପୁରୁଣା ଅଭ୍ୟାସଗୁଡ଼ିକ ମଧ୍ୟକୁ ଖସିପଡ଼େ ।

*ସାଧାରଣ ମନର ଦୀକ୍ଷାଗ୍ରହଣଟିକୁ କିପରି ସ୍ଥାୟୀ କରାଯାଇ ପାରିବ ?*

'oaob.nitrkl.ac.in' images reprocessed

ଦୀକ୍ଷାଗ୍ରହଣଟି ସଂପୂର୍ଣ୍ଣ ହୋଇପାରିବା ପର୍ଯ୍ୟନ୍ତ ତାହାକୁ ବାର ବାର ଆଲୋକର ସଂସ୍ପର୍ଶକୁ ଆଣିବାରେ ଲାଗିଥିବ ।

୧୧ ଜୁନ୍ ୧୯୩୪

*ମୋତେ ଲାଗୁଛି, ନାରୀମାନଙ୍କର ଏକ ଏଭଳି ଆକର୍ଷଣଶକ୍ତି ରହିଛି, ଯାହାକୁ ଏକ ସ୍ୱାଭାବିକ କ୍ରିୟାଶୀଳତା ରୂପେ ସେମାନେ ପୁରୁଷମାନଙ୍କ ଉପରକୁ ବିସ୍ତାର କରି ଆଣିଥା'ନ୍ତି ଏବଂ ପୁରୁଷମାନେ; ମାଛମାନେ ଆସି ଜାଲରେ ପଡ଼ିଲାପରି ସେଥିରେ ଆସି ପଡ଼ିଯାଆନ୍ତି ଓ ଅନେକ ସମୟରେ ଆଉ ପଳାଇଯାଇ ପାରନ୍ତି ନାହିଁ । ଏହା ସତ କି ? ଏହି ଶକ୍ତି ଯେପରି ସ୍ପର୍ଶ କରି ନ ପାରିବ, ତାହାର ଉପାୟ କ'ଣ ? ଅର୍ଥାତ୍, କ'ଣ କଲେ ଆମେ ସେଥିରୁ ନିଷ୍କୃତି ଲାଭ କରି ପାରିବା ?*

ମୁଁ ଭାବୁଛି ଏହା ହେଉଛି ଏକ ପାରସ୍ପରିକ ପ୍ରଭାବ — ଏବଂ ପୁରୁଷମାନେ ମଧ୍ୟ ସେମାନଙ୍କ ଉପରେ ସେହିପରି ପ୍ରଭାବ ପକାଇଥା'ନ୍ତି ବୋଲି ନାରୀମାନେ ଅଭିଯୋଗ କରିଥା'ନ୍ତି । ଏହାର ପ୍ରତିକାର ହେଉଛି, ଆମେ ଆମ ଚେତନାକୁ କେବଳ ଦିବ୍ୟ ପରମସତ୍ତାଙ୍କ ଆଡ଼କୁହିଁ ଉଦ୍ଦିଷ୍ଟ କରି ରଖିବା ।

୧୧ ଜୁନ୍ ୧୯୩୪

*'ଖ' ମୋତେ କହିଲେ ଯେ, ଯେତେବେଳେ ତଣ୍ଟି ଦରଜ ହୋଇଥିବ, ସେତେବେଳେ ଚାହା ବା କଫି ପିଇବା ଦ୍ୱାରା ଖୁବ୍ ଉପକାର ହୁଏ; ଏବଂ ସିଏ ନିଜେ ଦିନକୁ ଦୁଇ ବା ତିନି ଥର ସେହିପରି ପିଅନ୍ତି ବୋଲି ମଧ୍ୟ ମୋତେ କହୁଥିଲେ ।*

ପ୍ରତ୍ୟେକ ବ୍ୟକ୍ତିର ନିଜ ଔଷଧମାନ ରହିଛି, ଅଭ୍ୟାସମାନ ମଧ୍ୟ ରହିଛି ଏବଂ ତାହା ତା' ନିଜ ପାଇଁ ହୁଏତ ଫଳଦାୟକ ହୋଇପାରେ । ମାତ୍ର, ତାହାକୁ ଏକ ସାଧାରଣ ନିୟମରେ ପରିଣତ କରିବା ଏବଂ ଅନ୍ୟ ବ୍ୟକ୍ତିମାନଙ୍କର କ୍ଷେତ୍ରରେ ତାହାକୁ ପ୍ରୟୋଗ କରିବା ଏକ ବଡ଼ ଭୁଲ୍‌କଥା ହେବ ।

୨୬ ଜୁନ୍ ୧୯୩୪

*କାଲି ରାତିରେ ମୋ'ର ଚାରିଭାଗରୁ ପ୍ରାୟ ତିନିଭାଗ ସମୟ ନିଦ ନ ହୋଇ କଟିଲା । ମୁଁ ଭାବୁଛି, କଳ୍ପନାର ଚକ୍ଷୁରେ ଏଇଟା ସେଇଟା ଦେଖିବାରେ ରତ ରହିବାରୁହିଁ ମୁଁ ଶୋଇପାରୁ ନାହିଁ ।*

'oaob.nitrkl.ac.in' images reprocessed

ସେକଥା ଯାହା ହୋଇଥାଉ ପଛକେ, ପ୍ରାଣିକ କ୍ଷେତ୍ରଟା ଅସ୍ୱସ୍ଥ ଓ ଅସ୍ଥିର ରହିଥିବାରୁ ଏପରି ହେଉଛି । ୨୮ ଜୁନ୍ ୧୯୩୪

*ଆଜି ଉପରଓଳି ମୁଁ ସାଢ଼େ ବାରଟାଠାରୁ ସାଢ଼େ ତିନିଟାଯାଏ ଶୋଇଲି; ଅତି ବେଶୀ ଶୋଇପଡ଼ିଲି, ନୁହେଁ ?*

ନା,— ଏହା ଭଲ ହେଲା, କାରଣ ତୁମେ ଆଦୌ ଭଲ କରି ଶୋଇପାରୁ ନାହଁ ।

୨୮ ଜୁନ୍ ୧୯୩୪

*ପ୍ରାଣଶକ୍ତିକୁ କିପରି ଶାନ୍ତ କରିବି, ଯେପରିକି ମୁଁ ଟିକିଏ ଅଧିକ ଭଲ ଭାବରେ ଶୋଇପାରିବି ? ଅଭୀପ୍ସା ଦ୍ୱାରା ତାହା ହେବ କି ?*

ଏବଂ ଏକ ସଂକେନ୍ଦ୍ରଣ ଦ୍ୱାରା, ସେହି ଅସ୍ଥିରତାକୁ ପ୍ରତ୍ୟାଖ୍ୟାନ କରିବା ଲାଗି ଏକ ସଂକଳ୍ପ ଦ୍ୱାରା ।

*ପ୍ରେତମାନଙ୍କ ବିଷୟରେ ଏକ ନିର୍ଣ୍ଣୟରେ ପହଞ୍ଚିବାକୁ ହେଲେ, କେଉଁ ଅଂଶଟି ଅନ୍ୟ ଅଂଶଗୁଡ଼ିକର ଯୁକ୍ତିକୁ ସନ୍ଦେହ କରୁଥାଏ, ମୁଁ ସେହିକଥା ଜାଣିବାକୁ ଇଚ୍ଛା କରୁଛି ।*

ଏଗୁଡ଼ିକ ହେଉଛନ୍ତି ମନର ଭିନ୍ନ ଭିନ୍ନ ନାନା ଖଣ୍ଡ, ଯେଉଁମାନେ କି ଗୋଟିଏ ଅନ୍ୟଟିର ବିରୋଧ କରୁଥା'ନ୍ତି ଓ ପରସ୍ପରର ଖଣ୍ଡନ କରନ୍ତି । ଏବଂ, ସେଗୁଡ଼ିକ ବିକାଶର ସମାନ ସ୍ତରରେ ମଧ୍ୟ ରହି ନ ଥା'ନ୍ତି ।

୨୮ ଜୁନ୍ ୧୯୩୪

*ଭଗବଦ୍-ବିରୋଧୀ ପ୍ରେତମାନଙ୍କ ବିଷୟରେ ସଚେତନ ହୋଇ ପାରିଲେ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ହୁଅନ୍ତା ।*

ସେମାନଙ୍କୁ କେବଳ ପ୍ରତ୍ୟାଖ୍ୟାନ କରୁଥିବା ଅଥବା ସେମାନଙ୍କ ଉପରେ ବିଜୟ ହାସଲ କରୁଥିବାଯାଏ । ୨୯ ଜୁନ୍ ୧୯୩୪

'oaob.nitrkl.ac.in' images reprocessed

*ଏପରି ପ୍ରେତମାନେ ଥାଆନ୍ତି, ଯେଉଁମାନେ କି ଆମକୁ ଅବାଟକୁ ନେଇଯିବାକୁ ଉଦ୍ୟମ କରୁଥା'ନ୍ତି; ମାତ୍ର, ଆମ ସାଧନାରେ ଆମକୁ ସାହାଯ୍ୟ କରୁଥିବା ଅନ୍ୟ ଭଳି ପ୍ରେତମାନେ ମଧ୍ୟ ନ ଥିବେ କି ?*

ମୁଁ ଭାବିଥିଲି ଯେ, ପ୍ରାଣିକ ସତ୍ତାଗୁଡ଼ିକର ଅର୍ଥରେ ତୁମେ 'ପ୍ରେତ' ଶବ୍ଦଟିକୁ ବ୍ୟବହାର କରୁଥିଲ । ସେହି ସତ୍ତାମାନେ ତୁମର ସାଧନାରେ ତୁମକୁ କଦାପି ସାହାଯ୍ୟ କରିବେ ନାହିଁ ।

*ଏହି ଭଗବତ୍-ବିରୋଧୀ ପ୍ରେତମାନଙ୍କ ଉପରେ କିପରି ବିଜୟ ହାସଲ କରିବାକୁ ହେବ, ମୁଁ ତାହା ଜାଣିବାକୁ ଇଚ୍ଛା କରୁଛି ।*

ତାହା କରିବା ନିମନ୍ତେ ଇଚ୍ଛା କରିବାକୁ ହେବ ଏବଂ ସେମାନଙ୍କର ଯାବତୀୟ ପ୍ରରୋଚନାରେ ବିଶ୍ୱାସ ସ୍ଥାପନ କରିବାକୁ ମନା କରିଦେବାକୁ ହେବ ।

*୨୯ ଜୁନ୍ ୧୯୩୪*

*ହଁ ମାଆ, ଏହି ପ୍ରାଣିକ ସତ୍ତାଗୁଡ଼ିକ ଆମକୁ ପଥଚ୍ୟୁତ କରି ନିଅନ୍ତି; ମାତ୍ର ଏପରି ସତ୍ତାମାନେ ମଧ୍ୟ କ'ଣ ନାହାନ୍ତି, ଯେଉଁମାନେ ଆମକୁ ସାହାଯ୍ୟ କରିପାରିବେ, ଆମକୁ ଠିକ୍ ପଥକୁ ଫେରାଇ ଆଣି ପାରିବେ ?*

ହଁ, ସେମାନେ ମଧ୍ୟ ଅଛନ୍ତି; ମାତ୍ର ସେମାନେ ପ୍ରାଣିକ ଜଗତର ସତ୍ତା ହୋଇ ନ ଥିବାରୁ (ପ୍ରାଣିକ ଜଗତ୍ ଜଡ଼ଜଗତର ନିକଟତମ ହୋଇ ରହିଛି), ମନୁଷ୍ୟମାନଙ୍କର ସମ୍ପର୍କରେ ଆସିବା ସେମାନଙ୍କ ପକ୍ଷରେ ଅଧିକ କଷ୍ଟକର ହୋଇ ରହିଥାଏ । ମନଃସ୍ତରରେ ସେମାନଙ୍କର କ୍ରିୟା ବେଳେବେଳେ ଦୃଶ୍ୟମାନ ହୋଇଥାଏ; ଏବଂ, ଚୈତ୍ୟ ସ୍ତରରେ ଆହୁରି ଅଧିକ ସ୍ପଷ୍ଟ ଭାବରେ ହେଉଥାଏ ।

*ଗୋଟିଏ ସ୍ୱପ୍ନରେ, ମୋ' ଗୃହର ବଗିଚାରେ ମୁଁ ଫୁଲ ତୋଳୁଥିଲି । ହଠାତ୍ ଫାଟକଟା ଖୋଲିଗଲା ଏବଂ ତିନିଜଣ ଭଦ୍ରମହିଳା ଭିତରକୁ ଆସିଲେ । ଜଣେ ମୋତେ କିଛି ଫୁଲ ମାଗିଲେ । ମୁଁ ଉତ୍ତର ଦେଲି, "ସବୁଯାକ ସୁନ୍ଦର ଫୁଲ ମାଆଙ୍କ ପାଖକୁ ପଠାଯିବ । ତୁମେ ଇଚ୍ଛା କଲେ ଅସୁନ୍ଦର ଫୁଲଗୁଡ଼ିକୁ ନେଇପାର ।" ମାତ୍ର ସେହି ଭଦ୍ରମହିଳାମାନେ ମୋ' କାର୍ଯ୍ୟରେ ଖୁବ୍ ବାଧା ଦେଉଥିଲେ ।*

'oaob.nitrkl.ac.in' images reprocessed

ସମ୍ଭବତଃ, ଏହା ହେଉଛି ନିମ୍ନତର ପ୍ରକୃତିର କେତେକ ନିର୍ଦ୍ଦିଷ୍ଟ ଶକ୍ତିଙ୍କର ପ୍ରତୀକ, ଯେଉଁମାନେ କି ଦିବ୍ୟ ପରମସତ୍ତାଙ୍କ ଉଦ୍ଦେଶ୍ୟରେ ସମର୍ପିତ ହୋଇ ସାରିଥିବା ବସ୍ତୁଗୁଡ଼ିକୁ ଅଧିକାର କରିବାକୁ ଚେଷ୍ଟା କରୁଥା'ନ୍ତି ।

*୩୦ ଜୁନ୍ ୧୯୩୪*

*ଗତକାଲି ମୁଁ ଗୋଟିଏ ବିଚିତ୍ର ସ୍ଥିତିରେ ଥିଲି : ପ୍ରଥମେ ପାଞ୍ଚ ମିନିଟ ଖରାପ ଲାଗିଲା, ତା'ପରେ ପାଞ୍ଚ ମିନିଟ ପରେ ଆନନ୍ଦପୂର୍ଣ୍ଣ ଲାଗିଲା, ଏବଂ ଏହିପରି ତିନିଘଣ୍ଟା ପର୍ଯ୍ୟନ୍ତ ଲାଗି ରହିଥିଲା । ତା' ପରେ ଯାଇ ମୁଁ ସମଗ୍ର ତାମସାଟାକୁ ବୁଝିପାରିଲି ଏବଂ ଇଚ୍ଛାଶକ୍ତି ଓ ପ୍ରାର୍ଥନା ଦ୍ୱାରା ଏହାକୁ ପ୍ରତ୍ୟାଖ୍ୟାନ କରିଥିଲି । ମାତ୍ର, ଏହି ଗତିକ୍ରିୟାଟିକୁ ମୁଁ ପ୍ରକୃତରେ ବୁଝିପାରୁ ନାହିଁ ।*

ପ୍ରାଣିକ ସତ୍ତାର ଦୁଇଟି ଅଂଶ ଏକାଠି ଲଢ଼ିବାରେ ଲାଗିଥିଲେ,— ପାଳି ଅନୁସାରେ ଗୋଟିଏ ଜିତୁଥିଲା ଓ ଆରଟି ହାରି ଯାଉଥିଲା ।

*'ଗ' ମୋତେ କହିଲେ ଯେ ମାନସ ତଥା ପ୍ରାଣିକ ଜଗତରେ ଏପରି ସତ୍ତାମାନ ଥାଆନ୍ତି ଯେଉଁମାନେ କି ଭଗବତ୍-ବିରୋଧୀ ସତ୍ତାଗୁଡ଼ିକର ବିରୋଧ କରୁଥା'ନ୍ତି ଓ ଆମକୁ ସାହାଯ୍ୟ କରନ୍ତି ।*

ଠିକ୍ ଯେପରି ଏହି ପୃଥିବୀପୃଷ୍ଠରେ ମଧ୍ୟ ଏପରି ବ୍ୟକ୍ତି ଥାଆନ୍ତି, ଯେଉଁମାନେ କି ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଇଚ୍ଛା କରନ୍ତି ।

*୨ ଜୁଲାଇ ୧୯୩୪*

*ଆଜି ଖୁବ୍ ଖୁସୀ ଲାଗୁଛି । ଏହି ଖୁସୀ ଆଧ୍ୟାତ୍ମିକ କି ନୁହେଁ, ମୁଁ ତାହା ଜାଣିବାକୁ ଚାହୁଁଛି ।*

ନିଜକୁ ଏଭଳି ପ୍ରଶ୍ନମାନ ପଚାରିବା ପରିବର୍ତ୍ତେ, ଅଧିକ ଭଲ ହୁଅନ୍ତା, ଯଦି ତୁମେ ସ୍ଥିର ହୋଇ ରହନ୍ତ, ଏକାଗ୍ର ଓ ଶାନ୍ତ ହୋଇ ରହନ୍ତ, ଯେପରିକି ସେହି ଖୁସୀଟି ସ୍ଥାୟୀ ହୋଇ ପାରନ୍ତା ।

*୩ ଜୁଲାଇ ୧୯୩୪*

'oaob.nitrkl.ac.in' images reprocessed

*ହେ ମଧୁମୟି ମା, ଯେତେବେଳେ କେହି ମୋ' ସହିତ କଥାବାର୍ତ୍ତା କରୁଛନ୍ତି, ସେତେବେଳେ ଆପଣ ମୋତେ ଅବିଚଳିତ ହୋଇ ରହିବାକୁ ଶିକ୍ଷା ଦିଅନ୍ତୁ, କାରଣ ତା'ପରେ ମୋ'ର ମନ ଏଣେତେଣେ ହୋଇ ଦଉଡ଼ିବାରେ ଲାଗିଯାଉଛି ।*

ତୁମେ କଥାବାର୍ତ୍ତା ସହିତ ନିଜକୁ ଏକାତ୍ମ କରି ପକାଇବ ନାହିଁ । ଊର୍ଦ୍ଧ୍ୱରେ ଥାଇ ଏବଂ ଦୂରରେ ଥାଇ ତାହାପ୍ରତି ଦୃଷ୍ଟିପାତ କରୁଥିବ; ସତେଯେପରି ଆଉଜଣେ କେହି ଶୁଣୁଛି ଓ କହୁଛି, ଠିକ୍ ସେହିପରି । ଏବଂ, ଯେତିକି ଏକାନ୍ତ ଅପରିହାର୍ଯ୍ୟ, ତା'ଠାରୁ ଆଦୌ ଅଧିକ କିଛି କହୁ ନ ଥିବ ।

*୪ ଜୁଲାଇ ୧୯୩୪*

*ଆଜି ମୁଁ ମୋ' ଭିତରେ ସେହି ଶକ୍ତି କ୍ରିୟାଶୀଳ ହୋଇ ରହିଥିବାର ଅନୁଭବ କଲି । ମୁଁ ଏହି କଠିନ କାର୍ଯ୍ୟଟିକୁ କିପରି କରିପାରିଲି, ସେକଥା ଭାବି ପ୍ରକୃତରେ ଆଶ୍ଚର୍ଯ୍ୟ ହୋଇ ଯାଉଛି । ଆଦୌ କୌଣସି ବିଶ୍ରାମ ନ ନେଇ ଗୋଟିଏ ପୂରା ଘଣ୍ଟା ତାହାରି ଉତ୍‌ଖନନ କରୁଥିଲି । ତଥାପି, ସେହି କାର୍ଯ୍ୟଟି ଶେଷ ହେବା ପରେ ମଧ କାହିଁକି କିଞ୍ଚିତ୍ କମ୍ପନ ଲାଗି ରହିଥିଲା, ମୁଁ ବୁଝିପାରୁ ନାହିଁ ।*

ଶକ୍ତିଟି ସମ୍ଭବତଃ ଶରୀର ନିମନ୍ତେ କିଞ୍ଚିତ୍ ଅତିରିକ୍ତ ହୋଇ ରହିଥିଲା ଏବଂ ତାକୁ ସହ୍ୟ କରିବାରେ ଶରୀର କଷ୍ଟ ଅନୁଭବ କରୁଥିଲା;— କମ୍ପନ ସେହି କାରଣରୁ ହେଲା ।

*ଆପଣ ମୋ' ପାଖକୁ ଲେଖିଥିଲେ : ''ଯେତିକି ଏକାନ୍ତ ଅପରିହାର୍ଯ୍ୟ, କେବଳ ସେତିକିଠାରୁ ଅଧିକ କଥା କହିବ ନାହିଁ ।'' ମାତ୍ର, ଯେତେବେଳେ ଜଣେ ମୋତେ ଅନାବଶ୍ୟକ ପ୍ରଶ୍ନଟିଏ ପଚାରୁଥିବ, ସେତେବେଳେ ମୁଁ କ'ଣ କରିବି ?*

ପ୍ରଶ୍ନଟିକୁ ଏଡ଼ି ଦେଉଥିବା ପରି ଗୋଟିଏ ଦୁଇଟି ଶବ୍ଦରେ ତାହାର ଉତ୍ତର ଦେବ ଏବଂ ଏହାପ୍ରତି ଆଦୌ କୌଣସି ମହତ୍ତ୍ୱ ଦେବ ନାହିଁ ।

*୪ ଜୁଲାଇ ୧୯୩୪*

*ମଧୁମୟି ମାଆ, ଆପଣଙ୍କର ଶକ୍ତିକୁ ସହ୍ୟ କରି ପାରିବାଲାଗି ମୁଁ ନିଜର ଶରୀରକୁ କିପରି ପ୍ରସ୍ତୁତ କରି ପାରିବି ?*

'oaob.nitrkl.ac.in' images reprocessed

ଶାନ୍ତି ଏବଂ ସ୍ଥିରତା ମଧ୍ୟରେହିଁ ସହ୍ୟ କରି ପାରିବାର ଶକ୍ତିକୁ ଆବିଷ୍କାର କରାଯାଏ ।

*୫ ଜୁଲାଇ ୧୯୩୪*

*'କ' ମୋତେ କହିଲେ ଯେ, ସନ୍ଦେହ ବିଷୟରେ ଶ୍ରୀଅରବିନ୍ଦଙ୍କର ବାଣୀଗୁଡ଼ିକୁ ପାଠ କଲେ ଅନେକ ଉପକାର ହେବ । ମୁଁ ତାଙ୍କୁ ଉତ୍ତର ଦେଇ କହିଲି, ''ସନ୍ଦେହ ବିଷୟରେ କିଛି ପଢ଼ିବା ନିମନ୍ତେ ଆଦୌ କୌଣସି ପ୍ରୟୋଜନ ନାହିଁ ।'' ସେ କହିଲେ, ''ମୁଁ ଆଦୌ ଭାବିପାରୁ ନାହିଁ ଯେ ଏହି ସ୍ତରରେ ସକଳ ସନ୍ଦେହରୁ ମୁକ୍ତ ହେବା ପ୍ରକୃତରେ ଆଦୌ ସମ୍ଭବ ହେବ ।''*

ସକଳ ସନ୍ଦେହରୁ ମୁକ୍ତ ହେବା କେବଳ ଯେ ସଂପୂର୍ଣ୍ଣ ସମ୍ଭବ ତା' ନୁହେଁ, ଏଇଟି ହେଉଛି ଏକ ସଂପୂର୍ଣ୍ଣ ଭାବରେ ଅପରିହାର୍ଯ୍ୟ ସର୍ତ୍ତ । ମାତ୍ର, ମୁଁ ସନ୍ଦେହରୁ ମୁକ୍ତ ହୋଇ ସାରିଛି ବୋଲି ପୂର୍ଣ୍ଣ ପ୍ରତ୍ୟୟ ଦେଇ ପାରିବାଭଳି କହିବା ଲାଗି ସମର୍ଥ ହେବା ପୂର୍ବରୁ ଜଣେ ବ୍ୟକ୍ତିକୁ ସେହି ବିଷୟରେ ସୁନିଶ୍ଚିତ ହେବା ଲାଗି ଅନ୍ତତଃ ଅଳ୍ପକେତେ ମାସ ଅପେକ୍ଷା କରିବାକୁ ହେବ ।

ମାତ୍ର, ସେକଥା ଯାହା ହେଉ ପଛକେ, ଏହି ପ୍ରକାରର ଆଲୋଚନାରେ ଆଦୌ କୌଣସି ଲାଭ ହେବ ନାହିଁ,– ସନ୍ଦେହକୁ ଅତିକ୍ରମ କରିବାରେ ଏହା କୌଣସି ସାହାଯ୍ୟ କରିବ ନାହିଁ ।

*୯ ଜୁଲାଇ ୧୯୩୪*

*ମୋ' ଭିତରୁ ଆପଣ ଯାବତୀୟ ଦୁର୍ବଳତାକୁ ଦୂର କରି ଦିଅନ୍ତୁ । ହେ ଦିବ୍ୟ ଜନନି, ସର୍ବାଙ୍ଗୀଣ ଏବଂ ସମ୍ପୂର୍ଣ୍ଣ ଭାବରେ ଆପଣଙ୍କର ସନ୍ତାନ ହେବା, ଅନେକ ଲୋକ ଯେଉଁଭଳି ଭାବନ୍ତି, ସେଭଳି ଆଦୌ ସହଜ ନୁହେଁ । ଏହା ହେବାକୁ ହେଲେ ଜଣେ ବ୍ୟକ୍ତିକୁ...*

ତୁମେ ଅତ୍ୟନ୍ତ ନିଷ୍ଠାଯୁକ୍ତ ଓ ନିଷ୍କପଟ ହୁଅ; ତୁମେ ଭୟଶୂନ୍ୟ ହୋଇ ମୋତେ ଯାହାକିଛି ଦେଖାଇ ନ ପାରିବ, ନିଜ ଭିତରେ ସେଭଳି କୌଣସି କଥାକୁ ପ୍ରଶ୍ରୟ ଦିଅ ନାହିଁ ଏବଂ ଏପରି କିଛି କର ନାହିଁ, ଯାହାକୁ କି ମୋ' ଆଗରେ କରିବାକୁ ତୁମେ ଲଜ୍ଜା ଅନୁଭବ କରିବ ।

*୧୧ ଜୁଲାଇ ୧୯୩୪*

'oaob.nitrkl.ac.in' images reprocessed

*ମୋତେ ଲାଗୁଛି, ଚେତନାର ପ୍ରତ୍ୟେକ ଅବସ୍ଥାରେ ଗୋଟିଏ ଗୋଟିଏ ଅହଂ ନିଶ୍ଚୟ ରହିଛି; ଉଦାହରଣ ସ୍ୱରୂପ, ମାନସିକ ଅହଂ, ପ୍ରାଣିକ ଅହଂ, ଦେହସ୍ତରର ଅହଂ ।*

ଏକ ଆଧ୍ୟାତ୍ମିକ ଅହଂ ମଧ୍ୟ ରହିଛି; ଏବଂ ଏପରିକି, ଯେଉଁ ଦେବତାମାନେ ଅଧିମାନସ ସ୍ତରରେ ବାସ କରନ୍ତି, ସେମାନଙ୍କର ମଧ୍ୟ ଆପଣା ଆପଣାର ଅହଂ ରହିଛି ।

*ଏବଂ ଦିବ୍ୟ ଆନନ୍ଦ ଲାଭ କରିବା ନିମନ୍ତେ ସେମାନଙ୍କୁ ପ୍ରତ୍ୟେକଙ୍କୁ ନିଜର ସେହି ଅହଂରୁ ମୁକ୍ତ ହେବାକୁ ପଡ଼ିବ ।*

କେବଳ ସମର୍ପଣ ଆଦୌ ଯଥେଷ୍ଟ ନୁହେଁ; ଅହଂକୁ ବିଲୁପ୍ତ କରିଦେବାକୁ ହେବ,– ତାହା ପରମ ଦିବ୍ୟସତ୍ତାଙ୍କ ମଧ୍ୟରେ ଲୀନ ହୋଇଯିବ, ତାଙ୍କରି ମଧ୍ୟରେ ଅନ୍ତର୍ହିତ ହୋଇଯିବ ।

*୧୨ ଜୁଲାଇ ୧୯୩୪*

*ମୁଁ ଭାବୁଛି ଅତିମାନସ ଈଶ୍ୱରମାନଙ୍କର କୌଣସି ଅହଂ ନ ଥିବ । ତେଣୁ, ମୁଁ ବିଶ୍ୱାସ କରୁଛି ଯେ, ଆମେ ଠିକ୍ ସେହିମାନଙ୍କ ପରି ଅହଂଶୂନ୍ୟ ହେବା, ଏହି ପୃଥିବୀପୃଷ୍ଠରେହିଁ ତାହା ହେବା ଏବଂ ତା'ପରେ ସେହି ଦିବ୍ୟ ପରିଚାଳନା ଦ୍ୱାରା ପରିଚାଳିତ ହୋଇ କାର୍ଯ୍ୟ କରିବା ।*

ମୁଁ ଭାବୁଛି, ଅତିମାନସ ସୋପାନରେ ହୁଏତ କ'ଣ ଘଟିବ, ବର୍ତ୍ତମାନ ଏତିକିବେଳୁ ସେହି ବିଷୟରେ କଳ୍ପନାରୁ ଅନୁମାନ କରିବାରେ ଆଦୌ କୌଣସି ଲାଭ ନାହିଁ ।

*୧୨ ଜୁଲାଇ ୧୯୩୪*

*ପାଞ୍ଚଟା ସମୟରେ ଘରୁ ଯାଇ 'ଆଶ୍ରମେ'ର ଛାତ ଉପରୁ ସାଧାରଣତନ୍ତ୍ର ଦିବସରେ ଉତ୍ସବଗୁଡ଼ିକୁ ଦେଖିବା ନିମନ୍ତେ ମୁଁ ପ୍ରସ୍ତୁତ ହୋଇ ଯାଇଥିଲି । ମାତ୍ର, ମୋ'ର ନ ଯିବାଟାକୁହିଁ ଆପଣ ଅଧିକ ପସନ୍ଦ କରିବେ ବୋଲି ପୁଣି ଭାବି ମୁଁ ଫେରିଆସିଲି ।*

ଏସବୁ କଥାରେ ବା ଅନ୍ୟ କୌଣସି କଥାରେ ମୋ'ର ଆଦୌ କୌଣସି ପସନ୍ଦ ବା ଅପସନ୍ଦ ନାହିଁ ।... ପ୍ରତ୍ୟେକ ବ୍ୟକ୍ତି ତା' ନିଜର ପ୍ରୟୋଜନ ଅନୁସାରେ ଏହି ବିଷୟରେ ନିଷ୍ପତ୍ତି କରିବ ।

*୧୪ ଜୁଲାଇ ୧୯୩୪*

'oaob.nitrkl.ac.in' images reprocessed

*"ମୋ'ର କୌଣସି ପସନ୍ଦ ବା ଅପସନ୍ଦ ନାହିଁ"— ଆପଣଙ୍କର ଏହି କଥାଟିର ଅର୍ଥ ମୁଁ ବୁଝିପାରୁ ନାହିଁ । ଏହାର କ'ଣ ଏପରି ଅର୍ଥ ହେବ ଯେ, କୌଣସି କଥା କରିବାକୁ ହେବ କି ନ ହେବ, ଆପଣଙ୍କୁ ନ ପଚାରି ଆମେ ନିଜେ ନିଜେ ତାହାର ନିଷ୍ପତ୍ତି କରିପାରିବୁ ?*

ନାଇଁ, ବାକ୍ୟଟିକୁ ମୁଁ ସଂପୂର୍ଣ୍ଣ କରି ନ ଥିଲି । ମୁଁ ଏହି ଅର୍ଥରେ କହିଥିଲି ଯେ, କେଉଁଟି ଅଧିକ ରୁଚିକର ବା ନୁହେଁ, ମୁଁ ସେହି ଅନୁସାରେ କିଛି ନିଷ୍ପତ୍ତି କରେ ନାହିଁ; ପ୍ରତ୍ୟେକ ବ୍ୟକ୍ତିର ପ୍ରୟୋଜନ ଅନୁସାରେହିଁ ନିଷ୍ପତ୍ତି କରିଥାଏ ।

*୧୬ ଜୁଲାଇ ୧୯୩୪*

*ମାଆ, ଗତ ଥର ମୋ' ଭଉଣୀ ମୋ' ପାଖରୁ କୌଣସି ବ୍ୟାଖ୍ୟା ମାଗି ନ ଥିଲେ, ଶ୍ରୀଅରବିନ୍ଦଙ୍କର ଗୋଟିଏ ଚିଠି ବିଷୟରେ ମୋତେ କିଛି ବୁଝାଇ ଦେବାକୁ କହିଥିଲେ । ଜଡ଼ଜଗତ୍ ସମ୍ବନ୍ଧରେ ସିଏ ଲେଖିଥିବା କଥାଗୁଡ଼ିକୁ ଯେତେବେଳେ ମୁଁ ପାଠ କଲି, ତାଙ୍କର ଘର ଛାଡ଼ି ଅନ୍ୟତ୍ର ଯିବା ବିଷୟରେ ମୁଁ ପଢ଼ି ଜାଣିବାକୁ ପାଇଲି, ସେତେବେଳେ ମୁଁ ଭାରି ବିଚଳିତ ହୋଇଗଲା ପରି ଅନୁଭବ କଲି;— ତାହାରି ଫଳରେ ମୋ'ର ଅଭୀପ୍ସାକୁ ଏକ ବାଧା ଆସି ପହଞ୍ଚିଥିଲା । ହେ ମୋ'ର ମଧୁମୟି ମାଆ, ଏଣିକି ମୁଁ ଆପଣଙ୍କର ଇଚ୍ଛା ଅନୁସାରେହିଁ ଯାହାକିଛି କରିବି ।*

ଯଦି ଏହାଦ୍ୱାରା ତୁମେ ବିଚଳିତ ହୋଇ ଯାଉଥିବ, ତେବେ ସିଏ କ'ଣ କହୁଛନ୍ତି, ତୁମେ ତାହାକୁ ଆଦୌ ଶୁଣିବ ନାହିଁ ଅଥବା ତାଙ୍କ ପାଇଁ ଶ୍ରୀଅରବିନ୍ଦଙ୍କର ଚିଠିଗୁଡ଼ିକୁ ବ୍ୟାଖ୍ୟା ମଧ୍ୟ କରିବ ନାହିଁ ।

*ଆଜି ସନ୍ଧ୍ୟାବେଳେ ମୁଁ ତାଙ୍କୁ ଗୋଟିଏ ବ୍ୟାଖ୍ୟା କରି ଦେଇଥିଲି, ମାତ୍ର ସେଥିଲାଗି ଆଦୌ ବିଚଳିତ ଅନୁଭବ କରି ନ ଥିଲି ।*

ମାତ୍ର, ନିଜର ଯେଉଁ ଦୁର୍ବଳତା ସକାଶେ ତୁମେ ବିଚଳିତ ଅନୁଭବ କରୁଛ, ସେହି ଦୁର୍ବଳତାକୁ ଅତିକ୍ରମ କରିଯାଇ ପାରିବାଟାହିଁ ସ୍ପଷ୍ଟତଃ ଅଧିକ ଭଲ ହେବ । କାରଣ ତାହାହିଁ ଯଥାର୍ଥରେ ଅସୁବିଧାଟିକୁ ଦୂର କରିଦେବ ।

*୨୩ ଜୁଲାଇ ୧୯୩୪*

'oaob.nitrkl.ac.in' images reprocessed

*ମୋ'ର ମଧୁମୟି କୁନି ମାଆଟି,*

*କାଲି ସନ୍ଧ୍ୟାବେଳେ ଧ୍ୟାନ ସମୟରେ ମୁଁ କେତେ ନା କେତେ ପ୍ରେମର ଅନୁଭୂତି ଲାଭ କରୁଥିଲି – ମୁଁ ପ୍ରେମର ତରଙ୍ଗ ଏବଂ ସ୍ପନ୍ଦନମାନ ଅନୁଭବ କରି ପାରୁଥିଲି । ମାତ୍ର, ଏହି ପ୍ରେମ ଅନ୍ୟମାନଙ୍କ ଉପରେ ଆପଣାକୁ ଅଜାଡ଼ି ଦେଇଥାଏ । ପୂର୍ବରୁ, ଯେତେବେଳେ ମୁଁ ଏହିପରି ପ୍ରେମାତିଶଯ୍ୟ ଅନୁଭବ କରୁଥିଲି, ସେତେବେଳେ ମୁଁ ଚୁପ୍ ରହୁଥିଲି । ମୁଁ ଅଧିକ ଗମ୍ଭୀର ହୋଇ ଯାଉଥିଲି ଏବଂ ତାହାକୁ ବ୍ୟକ୍ତ କରୁ ନ ଥିଲି । ମାତ୍ର ଏଥର ଠିକ୍ ଓଲଟା ହେଲା; ସେହି ପ୍ରେମ ନିଜକୁ ବ୍ୟକ୍ତ କରିବା ଲାଗି ମୁଁ ବାଟ ଛାଡ଼ିଦେଲି, କାରଣ ଏପରି ହେବାକୁ ମୁଁ ଆଉ ଅନୁଚିତ ବୋଲି ମନେ କରୁ ନାହିଁ । ମାତ୍ର, ଯଦି ଆପଣ ଆବଶ୍ୟକ ମନେ କରନ୍ତି, ତେବେ ମୁଁ ତାହାର ଗତିକୁ ଅନ୍ତର୍ମୁଖୀ କରି ରଖିବି ।*

ଜଣେ ଯେଉଁ ପ୍ରେମକୁ ନୀରବରେ ଧାରଣ କରି ରଖିଥାଏ ତାହା ବିଶୁଦ୍ଧ କରିବା ପାଇଁ ଓ ରୂପାନ୍ତର ପାଇଁ ତା' ନିଜ ଭିତରେହିଁ କାର୍ଯ୍ୟ କରୁଥାଏ । ଯେଉଁ ପ୍ରେମକୁ ଜଣେ ବାହାର ଆଡ଼କୁ ନିର୍ଦ୍ଦେଶିତ କରିଦିଏ,– ଯଦି ଏକ ବିଶୁଦ୍ଧ ଏବଂ ମୋହମୁକ୍ତ ପ୍ରଣାଳୀରେ ତାହା କରାଯାଏ,– ତେବେ ତାହା ବେଳେବେଳେ ଅନ୍ୟମାନଙ୍କୁ ସାହାଯ୍ୟ କରିପାରେ । ମାତ୍ର ଅଧିକାଂଶ ସମୟରେ ଅନ୍ୟମାନେ ତାହାକୁ ଭୁଲ୍‌ଭାବରେ ଗ୍ରହଣ କରନ୍ତି ।... ତେଣୁ, ତୁମର ଅନ୍ତର୍ଗତ ପ୍ରବୃତ୍ତି ତୁମକୁ ଯେପରି କହିବ, ତୁମେ ଠିକ୍ ସେହିପରି କରିବ ।

*୨୪ ଜୁଲାଇ ୧୯୩୪*

*ଆଜି ମୁଁ ଚବିଶି ଜଣ ଲୋକଙ୍କ ସହିତ କଥା କହିଛି; ଏହା ପ୍ରକୃତରେ ଅତି ବେଶୀ ହୋଇଯାଉଛି । ଆଜି ସକାଳୁ ମୋ' ଭିତରେ ଖୁସୀର ଏକ ଅଭାବ ରହିଥିବା ପରି ମୁଁ ଅନୁଭବ କରୁଛି । କୌଣସି ମନ୍ଦ ଅନୁଭୂତି ହେଉ ନାହିଁ ସତ, ମାତ୍ର ମୁଁ ଯେଉଁ ପ୍ରେମ ଅନୁଭବ କରୁଥିଲି, ତାହା ଅନ୍ତର୍ହିତ ହୋଇଯାଇଛି ।*

ଏହା ବେଶ୍ ସ୍ୱାଭାବିକ – ତୁମେ ତ ପୂର୍ଣ୍ଣମାତ୍ରାରେ ତାହାର ଅପଚୟହିଁ କରିଛ । ଯାହା ଦିବ୍ୟ ପରମସତ୍ତାଙ୍କ ପାଖରୁ ଆସିଥିଲା, ତାକୁ ସେହି ଦିବ୍ୟ ପରମସତ୍ତାଙ୍କଠାରେ ସଂକେନ୍ଦ୍ରିତ କରି ରଖିବା ପରିବର୍ତ୍ତେ ତୁମେ ତାହାକୁ ଅନ୍ୟମାନଙ୍କ ଉପରେ ନେଇ ଅପଚୟ କରିଛ ଓ ହରାଇ ବସିଛ ।

*୨୪ ଜୁଲାଇ ୧୯୩୪*

'oaob.nitrkl.ac.in' images reprocessed

*ସ୍ନେହମୟି ମାଆ, ଆପଣଙ୍କର ଉତ୍ତରଟିକୁ ପଢ଼ିବା ପରେ ମୁଁ ଗମ୍ଭୀର ହୋଇଗଲି । ମୁଁ ଭାବିଥିଲି ଯେ ମୋତେ ଏଣିକି ଚୁପ୍ ରହିବାକୁ ପଡ଼ିବ । ଅନ୍ତତଃ ଆଜି ପାଇଁ ଚୁପ୍ ରହିବାକୁ ହେବ । କ୍ଷଣକ ପରେ ମୋ' ସତ୍ତାର ଆଉଗୋଟିଏ ଅଂଶ କହିଲା, "ଏଇଟା ଆଦୌ ପ୍ରକୃତ ନୀରବତା ନୁହେଁ, ଏହାକୁ ଅଧିକ ଯଥାର୍ଥ ଭାବରେ ପ୍ରାଣର ଏକ ଅସନ୍ତୋଷ ବୋଲି କୁହାଯାଇ ପାରିବ, କାରଣ ତୁ ତ ଭଲଭାବରେ ଦେଖି ପାରୁଥିବୁ ଯେ ଏଥିମଧ୍ୟରେ ଖୁବ୍ ବେଶୀ ସୁଖ ବା ଉତ୍ସାହ ଅନୁଭୂତ ହେଉ ନାହିଁ ।" ମୁଁ ଭାବିଲି ଯେ ଏହି ଦ୍ୱିତୀୟ ଅଂଶଟିହିଁ ଠିକ୍ କଥା କହୁଥିଲା ।*

ଦୁଇଟିଯାକ ଆଂଶିକ ଭାବରେ ଠିକ୍ ଓ ଆଂଶିକ ଭାବରେ ଭୁଲ୍ । କେବଳ ନୀରବତା ଏବଂ ସଂକେନ୍ଦ୍ରଣ ଦ୍ୱାରାହିଁ ଅବତରଣ କରୁଥିବା ଶକ୍ତିଟିକୁ ଗ୍ରହଣ କରିବା ବିଜ୍ଞତାର କାର୍ଯ୍ୟ ହେବ; ମାତ୍ର, ପ୍ରାଣକୁ ତା'ର ଖିଆଲଗୁଡ଼ିକ ଅନୁସାରେ ଚାଲିବାକୁ ଦିଆଗଲା ନାହିଁ ବୋଲି ତା' ଭିତରେ ଯେଉଁ ଅପ୍ରସନ୍ନତା ରହିଥାଏ, ଏହି ନୀରବତା ଓ ସଂକେନ୍ଦ୍ରଣ କଦାପି ସେଥିରୁ ଜନ୍ମଲାଭ କରୁ ନ ଥିବ ।

ଏହି ସଂକେନ୍ଦ୍ରଣ ନୀରବତା ଏବଂ କେବଳ ଯେ ଏକ **ବୃହତ୍ ଶାନ୍ତି** ଦ୍ୱାରା ପୂର୍ଣ୍ଣ ହୋଇ ରହିଥିବ ତା' ନୁହେଁ, ମାତ୍ର **ଏକ ଅତ୍ୟନ୍ତ ପ୍ରଗାଢ଼ ଖୁସୀ ଦ୍ୱାରା** ମଧ୍ୟ ପୂରି ରହିଥିବ । ତେବେଯାଇ ଜାଣିବ ଯେ ସେହି ଗତିବୃତ୍ତିଟି ପ୍ରକୃତରେ ଠିକ୍ ଏବଂ ତାହା ଆଉ ଅନ୍ୟକିଛି ସହିତ ଆଦୌ ମିଶ୍ରିତ ହୋଇ ନାହିଁ । *୨୪ ଜୁଲାଇ ୧୯୩୪*

*ହେ ମାଆ, ମୁଁ ଆପଣଙ୍କର ସମ୍ପୂର୍ଣ୍ଣ ଅନୁଗତ ସନ୍ତାନଟିଏ ହେବାକୁ ଇଚ୍ଛା କରୁଛି; ଆପଣ ନିଜର ଇଚ୍ଛାକୁ ବ୍ୟକ୍ତ କରିବା ପୂର୍ବରୁହିଁ ମୁଁ ତାହାକୁ ଜାଣିବାକୁ ଇଚ୍ଛା କରୁଛି । ଏବଂ ସେଥିପାଇଁ ସମର୍ଥ ହେବାକୁ ହେଲେ ମୋତେ ଅବଶ୍ୟ... ।*

କେବଳ ଦିବ୍ୟ ଇଚ୍ଛାଟିକୁ ପୂରଣ କରିବା ବ୍ୟତୀତ ଆଉ ସକଳ ବିଷୟରେ ରହିଥିବା ସମସ୍ତ ଅଭିରୁଚିକୁ ବର୍ଜନ କରିବାକୁ ହେବ ।

*୨୮ ଜୁଲାଇ ୧୯୩୪*

*ମାଆ, ଅହଂଭାବରୁ ମୁକ୍ତ ହେବା ଲାଗି କ'ଣସବୁ କରିବାକୁ ହେବ, ଆପଣ ମୋତେ କହିବେ କି ?*

'oaob.nitrkl.ac.in' images reprocessed

ଅଦମ୍ୟ ଭାବରେ ସେଥିପାଇଁ ସଂକଳ୍ପ କରିହିଁ ତୁମେ ତାହାକୁ ହାସଲ କରିବ ।

୩୧ ଜୁଲାଇ ୧୯୩୪

*ହେ ମୋ'ର ସ୍ନେହମୟି ମାଆ, ଗୋଟିଏ ସ୍ୱପ୍ନରେ ମୁଁ ଆପଣଙ୍କୁ ବିଭିନ୍ନ ରୂପରେ ଦେଖିଲି । ଆପଣ ଖୁବ୍ ଅଳ୍ପ ବୟସର, ମୋ'ରି ବୟସର ପରି ଦିଶୁଥିଲେ,– ପ୍ରାୟ ସତର କି ଅଠର ବର୍ଷ ପରି । ତଥାପି, ମୁଁ ଯେପରି ଆପଣଙ୍କର ସନ୍ତାନ, ଆପଣଙ୍କ ସହିତ ମୁଁ ସେହିପରି ଆଚରଣ କରୁଥିଲି । ମାତ୍ର, ଏହି ଯେଉଁ ଅଳ୍ପବୟସ୍କା ବାଳିକାଟିକୁ ମୁଁ ମାଆ ବୋଲି ସମ୍ବୋଧନ କଲି, ସିଏ ଆପଣଙ୍କର ରୂପ ଗ୍ରହଣ କରିଥିବା ଏକ ସତ୍ତାଠାରୁ ଆଦୌ କୌଣସି ପ୍ରକାରେ ଭିନ୍ନ ଥିଲା କି ନାହିଁ, ମୋ'ର ସେହି ବିଷୟରେ ଭାରି ସନ୍ଦେହ ହେଉଛି ।*

ଏହା ଆଦୌ ଅସମ୍ଭବ ନୁହେଁ ଯେ ମୁଁ ବିଭିନ୍ନ ରୂପରେ ତୁମ ଆଗରେ ଆବିର୍ଭୂତ ହେବି,– ଏପରିକି ଗୋଟିଏ ଅତି ଅଳ୍ପବୟସ୍କା ବାଳିକାର ରୂପରେ ମଧ୍ୟ ଆବିର୍ଭୂତ ହୋଇପାରିବି ।

୧ ଅଗଷ୍ଟ ୧୯୩୪

*ମାଆ, ମୁଁ ମୋ' ସ୍ୱପ୍ନରେ କାହିଁକି ଏପରି ଅଧିକାଂଶ ସମୟରେ କଙ୍କଡ଼ାବିଛା ଓ ସାପମାନଙ୍କୁ ଦେଖିବାକୁ ପାଉଛି, ମୁଁ ସେକଥା ଆଦୌ ବୁଝିପାରୁ ନାହିଁ ।*

ସେମାନେ ହେଉଛନ୍ତି ମନ୍ଦ ଭାବନାଗୁଡ଼ିକର ପ୍ରତୀକ, ବିକୃତ ଅଥବା ଅନ୍ଧକାରାଚ୍ଛନ୍ନ ଶକ୍ତିମାନଙ୍କର ପ୍ରତୀକ ।

୧ ଅଗଷ୍ଟ ୧୯୩୪

*ମାଆ, ଏକ ଚାପ ଅନୁଭବ କଲାବେଳେ ମୁଁ ମୋ'ର ଅଧ୍ୟୟନ ବିଷୟରେ କ'ଣ କରିବି, ସେକଥା କିଛି ଜାଣିପାରୁ ନାହିଁ । କାରଣ, ସେତେବେଳେ ମୋ'ର ମୁଣ୍ଡ ଆଉ ଆଦୌ କାର୍ଯ୍ୟ କରୁ ନାହିଁ ।*

ମୁଣ୍ଡ ପୁନର୍ବାର କାର୍ଯ୍ୟ କରିବାକୁ ଆରମ୍ଭ କଲା ପର୍ଯ୍ୟନ୍ତ ଅପେକ୍ଷା କରିବ ।

୨ ଅଗଷ୍ଟ ୧୯୩୪

'oaob.nitrkl.ac.in' images reprocessed

*ଆଜି ସନ୍ଧ୍ୟାବେଳେ ମୁଁ ଅନାବଶ୍ୟକ ଭାବରେ କଥା କହିଥିଲି; ତେଣୁ, ଯେତେବେଳେ ଆପଣ ଆସିଲେ, ସେତେବେଳେ ମୁଁ କିଛି ଅନୁଭବ କଲି ନାହିଁ ।*

ପ୍ରସ୍ଥାନ ସମୟରେ ମୁଁ ଯେତେବେଳେ ତୁମକୁ ଦେଖିଲି, ସେତେବେଳେ ତୁମର ପରିମଣ୍ଡଳଟି ଅତ୍ୟନ୍ତ ଉତ୍ତେଜିତ ହୋଇ ରହିଥିଲା, ତୁମର ଚେତନା ମଧ୍ୟ ଭାରି ଉପରସ୍ତରୀୟ ଥିଲା । ମୁଁ ଭଲ ଭାବରେ ବୁଝି ପାରିଲି ଯେ, ସେହି ମହିଳାମାନଙ୍କର ସମ୍ପର୍କରେ ଆସିବା ଦ୍ୱାରା ତୁମର ଆଦୌ କୌଣସି ଭଲ ହେଉ ନାହିଁ ।

*୧୮ ଅଗଷ୍ଟ ୧୯୩୪*

*ଦିନେ ନା ଦିନେ ମୁଁ ଯେ ପ୍ରେମର ଅଧିକାରୀ ହୋଇପାରିବି, ମୋ'ର ସେହି ବିଷୟରେ ଆଦୌ କୌଣସି ସନ୍ଦେହ ନାହିଁ । ମାତ୍ର, ପ୍ରେମ ବ୍ୟତୀତ ମୋ'ର ଗୋଟିଏ ଦିନ ମଧ୍ୟ କିପରି କଟିପାରିବ ? ଆପଣଙ୍କ ଲାଗି ପ୍ରେମରୁ ବିଚ୍ଛିନ୍ନ ହୋଇ ରହିବାଠାରୁ ବରଂ ମରିଯିବାହିଁ ଶ୍ରେୟସ୍କର — ମୋ' ମନରେ ଏହିପରି ଏକ ଭାବନା ଜାଗ୍ରତ୍ ହେଉଥିଲା ।*

ତାହା ଏକ ଉଦ୍‌ଭଟ ଧାରଣା ।

ମରିବା ଦ୍ୱାରା ନୁହେଁ, ବଞ୍ଚି ରହିହିଁ ପ୍ରେମର ଉପଲବ୍ଧି ସମ୍ଭବ ହୋଇପାରିବ ।

*୨୦ ଅଗଷ୍ଟ ୧୯୩୪*

*ମୁଁ ମୋ' ଭିତରେ ସର୍ବତ୍ର ଅନ୍ଧକାରାଚ୍ଛନ୍ନତା ଏବଂ ଅଜ୍ଞାନ ବ୍ୟତୀତ ଆଉ କିଛି ଦେଖିପାରୁ ନାହିଁ । କେବେ ଯାଇ ମୋ'ର ସମୟର ଅପଚୟ କରିବାଟି ବନ୍ଦ ହେବ ? ମୋ'ର ଆଜ୍ଞାବହତା ଏବଂ ନିଷ୍ଠା ପ୍ରକୃତରେ କୁଆଡ଼େ ଗଲା ? ସେହି ଶାନ୍ତି ଓ ଖୁସୀ କୁଆଡ଼େ ଗଲେ ? ମୋ'ର ଉତ୍ସାହ ଏପରି ଅନ୍ତର୍ହିତ ହୋଇଗଲା କାହିଁକି ? ମାଆ, ବର୍ତ୍ତମାନ ମୁଁ ପ୍ରକୃତରେ କେଉଁଠି ଅଛି ?*

ହତାଶ ହେବାରେ ବା ନିଜକୁ ଉତ୍ପୀଡ଼ିତ କରିବାରେ କୌଣସି ଫଳ ମିଳେ ନାହିଁ । କେବଳ ଶାନ୍ତି ଓ ସ୍ଥିରତା ମଧ୍ୟରେହିଁ ଉତ୍ତମ ଅନୁଭବଟି ଲେଉଟି ଆସି ପାରିବ ।

*୨୨ ଅଗଷ୍ଟ ୧୯୩୪*

'oaob.nitrkl.ac.in' images reprocessed

*ଅନ୍ୟମାନଙ୍କ ସହିତ ରହୁଥିବା ସମ୍ପର୍କଗୁଡ଼ିକ ବିଷୟରେ ଆପଣ କିଛି କହିବେ କି ? କାରଣ ଏହା ମୋ' ଲାଗି ସମ୍ପୂର୍ଣ୍ଣ ଭାବରେ ସ୍ପଷ୍ଟ ହୋଇପାରୁ ନାହିଁ ।*

କୌଣସି ବାହ୍ୟ ନିୟମକୁ ନେଇ ହାତରେ ଧରାଇଦେବା ଆଦୌ ସମ୍ଭବ ନୁହେଁ; କାରଣ ପ୍ରତ୍ୟେକଟି କ୍ଷେତ୍ରରେ ତା'ର ନିଜର ଏକ ନିର୍ଦ୍ଦିଷ୍ଟ ସମାଧାନ ଆସି ମିଳୁଥିବା ଉଚିତ । ଭିତରର ଦୃଷ୍ଟିକୋଣଟି **ଯଥାର୍ଥ** ହେବା ଉଚିତ, ସେଥିରେ ପରିପୂର୍ଣ୍ଣ ଆନ୍ତରିକତା ରହିଥିବା ଉଚିତ ।

*୨୩ ଅଗଷ୍ଟ ୧୯୩୪*

*ଆପଣ ଅନ୍ୟମାନଙ୍କ ସହିତ ରହୁଥିବା ସମ୍ପର୍କଗୁଡ଼ିକ ବିଷୟରେ ମୋ' ପାଖକୁ ଲେଖିଥିଲେ, ''ଭିତରର ଦୃଷ୍ଟିକୋଣଟି ଯଥାର୍ଥ ହେବା ଉଚିତ, ସେଥିରେ ପରିପୂର୍ଣ୍ଣ ଆନ୍ତରିକତା ରହିଥିବା ଉଚିତ ।'' ଏବେ ମଧ୍ୟ ମୁଁ ସେହି ଦୃଷ୍ଟିକୋଣଟିକୁ ଅର୍ଜନ କରି ନ ଥିବାରୁ, ମୁଁ ଭାବୁଛି, କାହା ସହିତ ଆଦୌ ନ ମିଶିବା ଓ ସେଇଟି ଆସିବାଯାଏ ଅପେକ୍ଷା କରିବାହିଁ ଅଧିକ ଭଲ ହେବ ।*

ସେହି ଦୃଷ୍ଟିକୋଣଟି ଅର୍ଜନ କରିବାକୁ ତୁମକୁ ଏକ ଉଦ୍ୟମ କରିବାକୁ ହେବ – ଖାଲି ଅପେକ୍ଷା କରିବା ଆଦୌ ଯଥେଷ୍ଟ ନୁହେଁ ।

*୨୫ ଅଗଷ୍ଟ ୧୯୩୪*

*'ଖ'ଙ୍କ ପ୍ରତି ରହିଥିବା ମୋ'ର ଦୃଷ୍ଟିକୋଣ ଅବାଞ୍ଛିତ ନୁହେଁ କି ? ବେଳେ ବେଳେ ଫୁଲ ଦେଇ ମୁଁ ତାଙ୍କୁ ଚିଡ଼ାଇଥାଏ ।*

ଏହିସବୁ ନୈକଟ୍ୟରେ କୌଣସି ଉପକାର ହୁଏ ବୋଲି ମୁଁ ଦେଖିପାରୁ ନାହିଁ – ଏକଥା ସୁନିଶ୍ଚିତ ଯେ, ନିଜ ଚେତନାକୁ ଉପରକୁ ଉଠାଇବାରେ ସେସବୁ କୌଣସି ସାହାଯ୍ୟ କରେ ନାହିଁ ।

*୨୭ ଅଗଷ୍ଟ ୧୯୩୪*

*କିଏ ଜଣେ କହୁଥିଲେ ଯେ ''ଦି ଥିଓସୋଫିକାଲ୍ ପାଥ୍'' ପତ୍ରିକାଟି ଶ୍ରୀଅରବିନ୍ଦଙ୍କୁ ଖୁବ୍ ସାହାଯ୍ୟ କରିଥିଲା ।*

'oaob.nitrkl.ac.in' images reprocessed

ଏଇଟା କେଡ଼େ ମୂର୍ଖ କଥା !!

ଶ୍ରୀଅରବିନ୍ଦ କୌଣସି ବ୍ୟକ୍ତି ବା କୌଣସି ବସ୍ତୁ ଦ୍ୱାରା ସାହାଯ୍ୟ ପ୍ରାପ୍ତ ହୋଇ ପାରିବେ କି ? ସେହି **ପରମସତ୍ତାହିଁ** ସାହାଯ୍ୟ କରନ୍ତି, କାହାଦ୍ୱାରା ସାହାଯ୍ୟପ୍ରାପ୍ତ ହୁଅନ୍ତି ନାହିଁ ।

*ମୁଁ ଯେତେବେଳେ 'ଗ'ଙ୍କ ଘରୁ ବାହାରି ଆସିଲି, ସେତେବେଳେ ମୋ' ଭିତରେ ଥିବା ପ୍ରେମ ଓ ଖୁସୀ କୁଆଡ଼େ ଅନ୍ତର୍ହିତ ହୋଇ ଯାଇଥିଲା । ଅଧିକନ୍ତୁ, ତାଙ୍କ ସହିତ ସମ୍ପର୍କରେ ଆସି ପ୍ରଥମ ଥର ପାଇଁ ଯେ ମୁଁ ଏପରି ଉପଦ୍ରୁତ ହେଲି, ସେକଥା ମଧ୍ୟ ନୁହେଁ । ଏଇଥିରୁ ମୋ'ର ଧାରଣା ହୋଇଗଲା ଯେ ଏଣିକି ତାଙ୍କୁ ଦେଖା କରିବା ବନ୍ଦ ହୋଇଯିବା ଉଚିତ ।*

ସେଠାକୁ ଯାଇ ସବୁ ହରାଇ ଆସୁଥିବାର ଏହି ଅନୁଭୂତିଟି ଏତେ ଥର ଲାଭ କରିବାପରେ, ତୁମେ କାହିଁକି ଯେ ତଥାପି ସେଠାକୁ ଯାଉଛ, ମୁଁ ଆଦୌ ବୁଝିପାରୁ ନାହିଁ ।

*ଆପଣ ଯେତେବେଳେ ଉତ୍ତର ନ ଦିଅନ୍ତି, ସେତେବେଳେ ସାଧାରଣତଃ ଏହିଭଳି ଘଟିଥାଏ ଯେ, ମୋ' ମନର ଦୁଇ ଅଂଶ ମଧ୍ୟରେ ଗୋଟିଏ ସଂଘର୍ଷ ଆରମ୍ଭ ହୋଇଯାଏ ।*

ଯେତେବେଳେ କୌଣସି କଥାକୁ ଭଲ କି ମନ୍ଦ ବା ସତ କି ମିଛ ବୋଲି କହିହୁଏ ନାହିଁ ଏବଂ ଅସଲ କଥାଟିକୁ ବୁଝାଇ ଦେଇ ପାରିବା ପାଇଁ ଦୀର୍ଘ ସମୟର ଆବଶ୍ୟକତା ଥାଏ, ମୁଁ ସେତେବେଳେ କୌଣସି ଉତ୍ତର ଦିଏ ନାହିଁ ।

*ମାଆ, ଆପଣ ମୋତେ ଆପଣଙ୍କର ପ୍ରେମ ଦିଅନ୍ତୁ ।*

ତାହା ତ ମୁଁ ଅବିଚ୍ଛିନ୍ନ ଭାବରେ ଦେଉଛି, ମାତ୍ର ସେହି ଏକା ଭୁଲ୍‌ଗୁଡ଼ିକୁ ବାରଂବାର କରିବା ଦ୍ୱାରା ତୁମେ ମଧ୍ୟ ତାହାକୁ କଦାପି ହରାଇ ଦେବ ନାହିଁ । *୩୦ ଅଗଷ୍ଟ ୧୯୩୪*

*ମାଆ, ମୋତେ ଯେପରି କେହି ବା କିଛି କୌଣସି ପ୍ରକାରେ ବିକ୍ଷୁବ୍ଧ କରି ନ ପାରିବ, ସେଥିପାଇଁ ମୋତେ କ'ଣ କରିବାକୁ ହେବ, ଆପଣ କହିଦିଅନ୍ତୁ ।*

'oaob.nitrkl.ac.in' images reprocessed

ସେଥିପାଇଁ ତୁମର ସମଗ୍ର ସତ୍ତାକୁ ଚୈତ୍ୟ ସତ୍ତା ଦ୍ୱାରା, କେବଳ ତାହାରିଦ୍ୱାରା ପରିଚାଳିତ ହେବାକୁ ପଡ଼ିବ ।

*୩୧ ଅଗଷ୍ଟ ୧୯୩୪*

*ମୁଁ କ'ଣ କରିବି କିଛି ଜାଣି ପାରୁ ନାହିଁ, କାରଣ କାଲି ରାତିଠାରୁ ମୋ'ର ସତ୍ତାଟି ଆକ୍ରାନ୍ତ ହୋଇ ରହିଛି । ବର୍ତ୍ତମାନ ଭାରି ଅସ୍ଥିର ଓ ଅବସାଦମୟ ଲାଗୁଛି, ମୁଁ ଅନ୍ଧାର ଓ ଅଜ୍ଞାନ ଭିତରେ ରହିଥିବା ପରି ମନେହେଉଛି । ସର୍ବୋପରି, ମୋ' ଚେତନା ସଂପୂର୍ଣ୍ଣ ଅନୁପସ୍ଥିତ ଥିବା ପରି ବୋଧ ହେଉଛି ।*

ଏହିସବୁ ଅନ୍ଧକାରମୟ ପର୍ଯ୍ୟାୟଗୁଡ଼ିକୁ ତୁମେ ଯେତେ କମ୍ ମହତ୍ତ୍ୱ ଦେବ, ସେଗୁଡ଼ିକ ସେତେ ଶୀଘ୍ର ଅନ୍ତ ହୋଇଯିବେ ।

*୫ ସେପ୍ଟେମ୍ବର ୧୯୩୪*

*ଏହି ମୁହୂର୍ତ୍ତଟିରେ ମୋ'ର ଚେତନା ଯାଇ କେଉଁଠି ଅଛି ? ଏହି ବିଷାଦ-ଅବସ୍ଥାଟି ପ୍ରକୃତରେ କି ଅବସ୍ଥା ଏବଂ ଏହା ଏତେ ସମୟଯାଏ କାହିଁକି ରହୁଛି ? ମାଆ, ଆଗରୁ ତ ଆପଣଙ୍କର ଶକ୍ତି ଆସି ଏହାକୁ ଘଉଡ଼ାଇ ଦେଇ ପାରୁଥିଲା । ସେହି ଶକ୍ତି ମଧ୍ୟ ବର୍ତ୍ତମାନ କେଉଁଠି ରହିଛି ? ହାୟ, ତାକୁ ମୁଁ ହରାଇ ବସିଛି ।*

ତୁମେ ଶାନ୍ତ ହୁଅ, ସ୍ଥିର ହୁଅ । ଏହା କେବଳ ଏକ ସଙ୍କଟର ଅବସ୍ଥା ଏବଂ ଚେତନାର ବୃଦ୍ଧି ଘଟିବା ସଙ୍ଗେ ସଙ୍ଗେ ଏଇଟି ଅବଶ୍ୟ ଅତିବାହିତ ହୋଇଯିବ ।

*୧୦ ସେପ୍ଟେମ୍ବର ୧୯୩୪*

*ସ୍ନେହମୟି ମାଆ, ମୁଁ ଅନୁଭବ କରୁଛି, ସତେଅବା ଆପଣଙ୍କର ଇଚ୍ଛା ବିରୋଧରେ ମୁଁ କୌଣସି କାର୍ଯ୍ୟ କରିବାରେ ଲାଗିଛି । ଏହି ଅଜ୍ଞାତ ବସ୍ତୁଟି ଅତ୍ୟନ୍ତ ପ୍ରତିକୂଳ ହୋଇ ଠିଆ ହୋଇଛି ଏବଂ ମୋତେ ନାନା ମନ୍ଦ ଅନୁଭବର ଶିକାର କରୁଛି ।*

ମୁଁ ଏପରି କିଛି ବିଶେଷ କଥାର ପରିଚୟ ପାଇ ନାହିଁ, ଯାହାକି ମୋ' ଇଚ୍ଛା ବିରୋଧରେ କରା ହେଉଛି । ମାତ୍ର ତୁମେ ନିଜକୁ ବିଚଳିତ ହେବାକୁ ଛାଡ଼ିଦେବା ଉଚିତ ନୁହେଁ । ତୁମକୁ ଅଧିକରୁ ଅଧିକ ସଚ୍ଚୋଟ ଏବଂ ନିଷ୍ଠାଯୁକ୍ତ ହେବା ଲାଗି ସଂକଳ୍ପ କରିବାକୁ ପଡ଼ିବ ଏବଂ, ଅବଶିଷ୍ଟ ସବୁକିଛି ନିମନ୍ତେ, ଦିବ୍ୟ କରୁଣା ଉପରେ ଆସ୍ଥା ରଖିବାକୁ ହେବ ।

*୧୧ ସେପ୍ଟେମ୍ବର ୧୯୩୪*

'oaob.nitrkl.ac.in' images reprocessed

*ଏହି ସଂକଟ କିପରି ଆସିଲା ଓ କାହିଁକି ଏତେ ସମୟ ରହିଲା, ମନ ସେକଥାଟିକୁ ଜାଣିବାକୁ ଇଚ୍ଛା କରୁଛି । ଏହା ଘଟିବା ସମୟରେ ଜଣେ ବ୍ୟକ୍ତିର କ'ଣ କରିବା ଉଚିତ ?*

ଏହି ଆକ୍ରମଣଟି ବେଶ୍ ବହୁ ଅଞ୍ଚଳକୁ ବ୍ୟାପ୍ତ ହୋଇଯାଇ ସାରିଛି । ଯେତେବେଳେ ଏପରି ଘଟିବ, ସେତେବେଳେ ସବୁଠାରୁ ଭଲ କଥା ହେଉଛି ଯେ, ତୁମେ ସ୍ଥିର ରହିବ, ଭିତରେ କିଂବା ବାହାରେ ଆଦୌ ଉତ୍ତେଜିତ ହେଉ ନ ଥିବ ।

*୧୪ ସେପ୍‌ଟେମ୍ବର ୧୯୩୪*

*ଯେତେବେଳେ ମୋ'ର ଚେତନା ଭଲ ଅବସ୍ଥାରେ ରହୁଛି, ସେତେବେଳେ ମଧ୍ୟ ମନ ସର୍ବଦା ଶାନ୍ତ ରହୁ ନାହିଁ । ଯାଡୁସାଡୁ ନାନା ଭାବନା ଆସି ଘାରି ପକାଉଛି ।*

ମନର ଆହୁରି ପଛରେ, ପ୍ରାଣର ଆହୁରି ପଶ୍ଚାତରେ କେବଳ ଚୈତ୍ୟକେନ୍ଦ୍ରରେହିଁ ତୁମେ ଆଦୌ ଚହଲି ପଡୁ ନ ଥିବା ସ୍ଥିରତାର ସନ୍ଧାନ ପାଇପାରିବ ।

*୧୫ ସେପ୍‌ଟେମ୍ବର ୧୯୩୪*

*ଚାପଟି ବରାବର ରହିଛି । ହେ ସ୍ନେହମୟି ମାଆ, ଆପଣ ମୋତେ ସ୍ଥିରତା ପ୍ରଦାନ କରନ୍ତୁ ।*

ତୁମ ଉପରେ ଶାନ୍ତି ଏବଂ ସ୍ଥିରତାକୁ ଢାଳିଦେବାରୁ ମୁଁ କେବେହେଲେ ବିରତ ହୋଇ ନାହିଁ ।— ତୁମେ ସେଗୁଡ଼ିକୁ ଗ୍ରହଣ କରୁ ନାହଁ କାହିଁକି ? *୧୭ ସେପ୍‌ଟେମ୍ବର ୧୯୩୪*

*ସେହି ସ୍ଥିରତା ଓ ଶାନ୍ତିକୁ ଗ୍ରହଣ କରିବାକୁ ହେଲେ ମୁଁ କ'ଣ କରିବି ?*

ତୁମେ ସେଗୁଡ଼ିକୁ ନିଷ୍ଠା ଏବଂ ସମ୍ପୂର୍ଣ୍ଣତା ସହିତ ଇଚ୍ଛା କରିବ । ତୁମ ସତ୍ତାର କେବଳ ଗୋଟିଏ ଅଂଶହିଁ ସେଗୁଡ଼ିକୁ ଗ୍ରହଣ କରୁଥିବ, ସେପରି ହେବ ନାହିଁ ।

*କାଲି ରାତିରେ ମୁଁ 'କ'ଙ୍କ ସହିତ ୧୧ଟା ବାଜିଶି ପର୍ଯ୍ୟନ୍ତ କଥା ହେଉଥିଲି । ମାତ୍ର, ତା' ସତ୍ତ୍ୱେ ମୋତେ ଆଦୌ ନିଦ ହେଲା ନାହିଁ ।*

'oaob.nitrkl.ac.in' images reprocessed

ଅଧିକ ରାତିଯାଏ ଚେଇଁ ରହିବା କଦାପି ଭଲ ଭାବରେ ଶୋଇବା ନିମନ୍ତେ ନିଜକୁ ପ୍ରସ୍ତୁତ କରିବା ଲାଗି ସାହାଯ୍ୟ କରେ ନାହିଁ ।

୧୭ ସେପ୍ଟେମ୍ବର ୧୯୩୪

*ମୋ' ପ୍ରଣାମ ସମୟରେ ମୁଁ ନିଶ୍ଚୟ କିଛି ନା କିଛି ଅନୁଭବ କରିଥିବି, କାରଣ, ହେ ସ୍ନେହମୟି ମାଆ, ପରେ ମୁଁ ଅନେକ କାନ୍ଦିଲି । ଏପରି କାହିଁକି ହେଲା ?*

କାରଣ, ପ୍ରଣାମ ସମୟରେ ମୁଁ ତୁମର ସାଧାରଣ ଚେତନା ଏବଂ ଚୈତ୍ୟ ଚେତନା ମଧ୍ୟରେ ଆବଶ୍ୟକ ସଂଯୋଗଟିର ପୁନଃପ୍ରତିଷ୍ଠା କରିଥିଲି ।

ଚୈତ୍ୟ ଚେତନା ମଧ୍ୟରେ ଯେଉଁ ପରିମାଣହୀନ ମଧୁରତା ରହିଛି, ତାହା ସର୍ବଦା ବାହ୍ୟ ଚେତନାଟିକୁ ଭାବାବେଗରେ କନ୍ଦାଇ ଦେଇଥାଏ ।

୨୧ ସେପ୍ଟେମ୍ବର ୧୯୩୪

*ମାଆ, ଦୀର୍ଘ ସମୟ ଧରି ମୁଁ ମୋର ସମସ୍ତ ହୃଦୟ ଦେଇ ଆପଣଙ୍କ ଲାଗି ଅଭୀପ୍ସା କରିବାରେ ଲାଗିଛି; ମୋତେ ଆପଣ ଆପଣଙ୍କର ପ୍ରେମ ଓ ଶାନ୍ତି ପ୍ରଦାନ କରିବେ ବୋଲି ଅଭୀପ୍ସା କରୁଛି ।*

ମୋ'ର ପ୍ରେମ ଓ ମୋ'ର ଶାନ୍ତି ତୁମ ସହିତ ସବୁବେଳେ ରହିଛି — ତୁମକୁହିଁ ତାହାକୁ ଗ୍ରହଣ କରିବା ଲାଗି ଶିକ୍ଷା କରିବାକୁ ହେବ ।

୨୨ ସେପ୍ଟେମ୍ବର ୧୯୩୪

*ଆଜି ସକାଳେ 'ଖ' ମୋ' ପାଖକୁ ଆସିଥିଲେ ଏବଂ ତାଙ୍କ ସହିତ ମୁଁ ସଙ୍କୋଚହୀନ ଭାବରେ କଥାବାର୍ତ୍ତା କରିଥିଲି । ତା'ପରେ, ତାଙ୍କ ସହିତ କଥା କହୁଥିବା ସମୟରେ ମୁଁ ଅନୁଭବ କଲି, ସତେଯେପରି ଗୋଟିଏ ନିଆଁ ଆସି ମୋତେ ଚତୁର୍ଦ୍ଦିଗରୁ ଘେରିଗଲା । ସାରା ଦିନଟାଯାକ ମୋତେ ଜ୍ୱରାକ୍ରାନ୍ତ ହୋଇଥିବା ପରି ଲାଗିଲା । ମୁଁ ଭାବୁଛି, ତାଙ୍କ ସହିତ ସଂପର୍କରେ ଆସିଲେହିଁ ଏହି ଯାବତୀୟ ଘଟଣା ଘଟୁଛି; ତେଣୁ ମୋତେ ତାଙ୍କୁ ଏଡ଼ି ରହିବାକୁ ପଡ଼ିବ ।*

ଏହି ବ୍ୟକ୍ତି ଅଥବା ସେହି ବ୍ୟକ୍ତିଙ୍କୁ ଏଡ଼ି ରହିବାକୁ ଚେଷ୍ଟା କଲେ ଖୁବ୍‌ବେଶୀ ଫଳ ମିଳିବ

'oaob.nitrkl.ac.in' images reprocessed

ନାହିଁ । ତା' ନ କରି ଯଦି ତୁମେ ବରଂ ଆପଣାର ଚେତନାକୁ ବଦଳାଇ ଦେଇ ପାରିବ, ଏହାକୁ ଏହି ଯାବତୀୟ ପ୍ରଭାବ ଲାଗି ଉନ୍ମୁକ୍ତ କରି ନ ରଖିବ ଏବଂ କେବଳ ଦିବ୍ୟ ପରମେସତ୍ତାଙ୍କ ଆଡ଼କୁ ଉନ୍ମୁକ୍ତ କରି ରଖିବ, ତେବେ ତୁମକୁ ଅନେକ ଅଧିକ ଫଳ ମିଳିବ ।

*୨୩ ସେପ୍ଟେମ୍ବର ୧୯୩୪*

*ବେଶ୍ କେତେଦିନ ହେଲା ମୁଁ ଅନୁଭବ କରୁଛି ଯେ, 'ଗ'ଙ୍କର ମୋ'ପ୍ରତି ଏକ ଆକର୍ଷଣ ରହିଛି । ''ଏହି ବ୍ୟକ୍ତି ଅଥବା ସେହି ବ୍ୟକ୍ତିଙ୍କୁ ଏଡ଼ି ରହିବା ଅପେକ୍ଷା...'' ଏକଥା ଆପଣ ଲେଖି ପଠାଇବା ପରେ ମୁଁ ଭାବିଲି ଯେ ମୁଁ ତାଙ୍କ ସହିତ ହୁଏତ କଥାବାର୍ତ୍ତା ହୋଇପାରିବି ଓ କ୍ରମଶଃ ଯଥାର୍ଥ ଦୃଷ୍ଟିକୋଣଟିକୁ ଅର୍ଜନ କରିପାରିବି ।*

*ମାଆ... ପ୍ରେମ ।*

ପ୍ରେମ କହିଲେ ଯଦି ତୁମେ ଦିବ୍ୟ ପ୍ରେମକୁ ବୁଝୁଥାଅ, କେବଳ ମାନବୀୟ ପ୍ରେମକୁ ପରିହାର କରିହିଁ ଜଣେ ତାହାକୁ ଲାଭ କରିପାରିବ । ମାନବୀୟ ପ୍ରେମ ହେଉଛି ଦିବ୍ୟ ପ୍ରେମର ଏକ ବିଡ଼ମ୍ବନା ଏବଂ ବିକୃତୀକରଣ ବୋଲି କୁହାଯିବ ।

*୨୬ ସେପ୍ଟେମ୍ବର ୧୯୩୪*

*ମାଆ, ମୁଁ ଆଉ କୌଣସି କିଛି ଅନୁସାରେ ନୁହେଁ, କେବଳ ଆପଣଙ୍କର ଇଚ୍ଛା ଦ୍ୱାରା ପରିଚାଳିତ ହୋଇହିଁ କାର୍ଯ୍ୟ କରିବାକୁ ଇଚ୍ଛା କରୁଛି ।*

ତେବେ, ଯେଉଁ ବାଟରେ ଯାଉଛ, ସେଇଟିକୁ ତୁରନ୍ତ ପରିହାର କର — ଏଣେ ତେଣେ ଟହଲ ମାରି ବାଳିକାମାନଙ୍କ ସହିତ କଥାବାର୍ତ୍ତା କରିବାରେ ଆଉ ସମୟ ନଷ୍ଟ କର ନାହିଁ । ଆଉଥରେ ନିଷ୍ଠାର ସହିତ କାର୍ଯ୍ୟ କରିବା ଆରମ୍ଭ କର, ଅଧ୍ୟୟନ କର, ନିଜକୁ ଶିକ୍ଷାସମ୍ପନ୍ନ କର, ନିରର୍ଥକ ଗପସପ ଅପେକ୍ଷା ଆଗ୍ରହୋଦ୍ଦୀପକ ଓ ଉପଯୋଗୀ ବିଷୟଗୁଡ଼ିକରେ ଆପଣାକୁ ନିଯୁକ୍ତ କରି ରଖ ଏବଂ ନିଜର ପ୍ରାଣସ୍ତରୀୟ ଆକର୍ଷଣଗୁଡ଼ିକ ସକାଶେ ଆଉ କୌଣସି ମିଛ କୈଫିୟତମାନ ଦିଅ ନାହିଁ । ଯଦି ତୁମର ଇଚ୍ଛା ପଛରେ ଯଥାର୍ଥ ଆନ୍ତରିକତା ରହିଥାଏ, ତେବେ ତୁମେ ନିଶ୍ଚିତ ହୋଇ ରହିପାର ଯେ, ତୁମକୁ ଏହି ବିଷୟରେ ସାହାଯ୍ୟ କରିବା ଲାଗି ମୋ'ର ଶକ୍ତି ଅବଶ୍ୟ ମହଜୁଦ ରହିଥିବ ।

*୨୭ ସେପ୍ଟେମ୍ବର ୧୯୩୪*

'oaob.nitrkl.ac.in' images reprocessed

*ବିପଥଗାମୀ ହୋଇ ଯାଇଥିବା ମୋ'ର ସତ୍ତା ପୁଣି କେବେ ସିଧା ଆପଣଙ୍କ ପାଖକୁ ପଡ଼ିଥିବା ପଥଟିକୁ ଫେରିଆସି ପାରିବ ?*

ଏହାଠାରୁ ଅଧିକ ସହଜ ଆଉ କିଛି ନାହିଁ — ତୁମକୁ କେବଳ ଦୃଢ଼ତାର ସହିତ ନିଷ୍ପତ୍ତି କରିବାକୁ ହେବ ଯେ, ତୁମେ ଦିବ୍ୟ ଜୀବନ ବ୍ୟତୀତ ଆଉ ଅନ୍ୟ କିଛିହେଲେ ଚାହୁଁ ନାହଁ ଏବଂ ଆଉ ସବୁକିଛିଠାରୁ ଫେରି ଆସିବାକୁ ଇଚ୍ଛା କରୁଛ । ତେବେ ତୁମେ ସୁନିଶ୍ଚିତ ଭାବରେ ତତ୍‌କ୍ଷଣାତ୍ ମୋତେ ପାଇପାରିବ ।

*୨୯ ସେପ୍‌ଟେମ୍ବର ୧୯୩୪*

*ମୋ'ର ସ୍ୱଭାବ ଅତ୍ୟନ୍ତ ଦୁର୍ବଳ ହୋଇଥିବାରୁ, ସାଧାରଣ ବସ୍ତୁଗୁଡ଼ିକୁ ଛାଡ଼ିଆସି ପାରିବା ମୋ'ଲାଗି କଷ୍ଟକର ହୋଇଯାଉଛି । ମାତ୍ର, ଏଥିରେ କୌଣସି ସନ୍ଦେହ ନାହିଁ ଯେ ମୁଁ କେବଳ ଆପଣଙ୍କୁହିଁ ଚାହୁଁଛି; ଯଦି ଆପଣ ରହିବେ ନାହିଁ, ତେବେ କେବଳ ମୃତ୍ୟୁ ବ୍ୟତୀତ ଆଉ କିଛି ନାହିଁ ।*

ମୃତ୍ୟୁର କୌଣସି ପ୍ରଶ୍ନ ଉଠୁ ନାହିଁ । ନିଜର ଶରୀରକୁ ବିସର୍ଜନ ଦେବା ଦ୍ୱାରା କୌଣସି ସମାଧାନ ହୁଏ ନାହିଁ । ତୁମେ ତୁମର ବାସନାଗୁଡ଼ିକୁ ଛାଡ଼ି ପାରୁ ନାହଁ, ଏବଂ ତାହା ଅବସ୍ଥାଟିକୁ ଅଧିକ ଖରାପ କରିଦେଉଛି । ସେହି ବାସନାଗୁଡ଼ିକ ଯେ କେତେ ନିରର୍ଥକ ଏବଂ ନିର୍ବୋଧ, ଏକଥା ବୁଝି ସେଗୁଡ଼ିକୁହିଁ ମରିଯିବାକୁ ଦେବା ଅନେକ ଅଧିକ ଯୁକ୍ତିସଙ୍ଗତ ଏବଂ ଯଥାର୍ଥ ହେବ ।

ଯେହେତୁ ତୁମେ ଏତେ ଅଧିକ ପରିମାଣରେ ଦିବ୍ୟ ଜୀବନକୁହିଁ ଇଚ୍ଛା କରୁଛ, ତେବେ ବିଫଳତାକୁ ଆଦୌ ଭୟ କରିବାର କୌଣସି ପ୍ରୟୋଜନ ନାହିଁ, କାରଣ, ଅଭୀପ୍‌ସା ନିଷ୍ଠାଯୁକ୍ତ ଓ ଅବିଚ୍ଛିନ୍ନ ରହିଥିଲେ ତାହା ସର୍ବଦା ଅବଶ୍ୟ ପୂରଣ ହୋଇଥାଏ ।

ନିଜର ଦୁର୍ବଳତାକୁ ଅତିକ୍ରମ କରିବା ସକାଶେ ଏକ ଦୃଢ଼ ସଂକଳ୍ପ ଗ୍ରହଣ କର ଏବଂ ତୁମେ ଦେଖିବ ଯେ, ଏହା ଯେତେ କଷ୍ଟକର ହୋଇଥିବ ବୋଲି ମନେ ହେଉଛି, ତାହା ଆଦୌ ସେତେ କଷ୍ଟକର ନୁହେଁ । ପ୍ରତିବନ୍ଧକଗୁଡ଼ିକୁ ପାର ହୋଇ ଯିବାକୁ ତୁମ ସହିତ ମୋ'ର ଶକ୍ତି ସର୍ବଦା ରହିଛି, ମୋ'ର ଆଶୀର୍ବାଦ ମଧ୍ୟ ।

*୨୯ ସେପ୍‌ଟେମ୍ବର ୧୯୩୪*

*ଆଜି ମୁଁ କୌଣସି ଅଧ୍ୟୟନ କରି ନାହିଁ । ମୁଣ୍ଡ ତଥାପି ବଥାଉଛି । ଅନେକ*

'oaob.nitrkl.ac.in' images reprocessed

*ସମୟରେ ସାହସ ରହୁ ନାହିଁ ଏବଂ ସୁଦର୍ଶନ ଚକ୍ର* ଆସି ମୋତେ ଚିରନିଦ୍ରାରେ ଶୁଆଇଦେଇ ଯାଉ ବୋଲି ମୁଁ ଇଚ୍ଛା କରୁଛି ।*

ତୁମ ବୟସରେ ଏତେ କମ୍ ସାହସ – ଏହା ପ୍ରକୃତରେ ଲଜ୍ଜାଜନକ !

ଯଦି କ୍ଲାନ୍ତ ଲାଗୁଛି, ତେବେ ବିଶ୍ରାମ ନିଅ; ମାତ୍ର ବିଜୟର ଇଚ୍ଛାଟିକୁ କଦାପି ହରାଇ ଦିଅ ନାହିଁ । *୧୩ ଅକ୍ଟୋବର ୧୯୩୪*

*ଗପ ଲେଖିବା ଓ ଗପ ପଢ଼ିବାରେ ମୋ'ର ବହୁତ ଆଗ୍ରହ ରହିଛି । ସେତେବେଳେ ମୋ'ର ସବୁ ଯନ୍ତ୍ରଣା ଭୁଲି ହୋଇଯାଏ ।*

ତାହା ପ୍ରମାଣ କରିଦେଉଛି ଯେ ତୁମ ଯନ୍ତ୍ରଣାର ଅନ୍ତତଃ ତିନିଚତୁର୍ଥାଂଶ କେବଳ କାଳ୍ପନିକ ।

*ତେଣୁ, ଯଦି ଆପଣ ଅନୁମତି ଦିଅନ୍ତି, ସମୟହିଁ ହେଉଛି ମୋ' ଲେଖିବା ଏବଂ ପଢ଼ିବାକୁ ଅବିଚ୍ଛିନ୍ନ ରଖିବା ବିଷୟରେ ଏକମାତ୍ର ପ୍ରଶ୍ନ । ଗଳ୍ପ ଲେଖିବାରେ ବହୁତ ସମୟ ଲାଗେ ।*

ତୁମେ ଗଳ୍ପ ପଢ଼ିବ ଓ ଗଳ୍ପ କରିବ,– ଏଥିରେ କୌଣସି କ୍ଷତି ହେବ ବୋଲି ମୁଁ ଭାବୁ ନାହିଁ । ମାତ୍ର ତାହା ତୁମର ଅଧ୍ୟୟନରେ ଆଦୌ କୌଣସି ହସ୍ତକ୍ଷେପ କରିବା ଉଚିତ ନୁହେଁ । ଏବଂ, ନିଜର ଶୈଳୀଟିଏ ବିକଶିତ କରି ଆଣିବା ନିମନ୍ତେ ତୁମେ ଯେପରି ଗଳ୍ପ ଲେଖିବାକୁ ଇଚ୍ଛା କରିବ, ସେପରି ଗଳ୍ପ ଅବଶ୍ୟ ଲେଖିପାରିବ ।

*୧୫ ଅକ୍ଟୋବର ୧୯୩୪*

*ମାଆ, ମୋ'ର ଏହି କାଳ୍ପନିକ ଅସୁସ୍ଥତାକୁ ବୁଝିବାରେ ଆପଣ ମୋତେ ସାହାଯ୍ୟ କରନ୍ତୁ । ମୁଁ ଏହାକୁ ମୋଟେ ବୁଝିପାରୁ ନାହିଁ ।*

ତୁମେ ଭାବୁଛ ଯେ ତୁମେ ଅସୁସ୍ଥ ଅଛ, ଏବଂ ତାହା ଅସୁସ୍ଥତାକୁ ପ୍ରକୃତରେ ବଢ଼ାଇ ଦେଉଛି । ଯେତେବେଳେ ସେହି ଅସୁସ୍ଥତାକୁ ଭୁଲିଯିବ, ସେତେବେଳେ ତାହା ପ୍ରାୟ ସମ୍ପୂର୍ଣ୍ଣ ଭାବରେ ତୁମକୁ ଛାଡ଼ି ଚାଲିଯିବ । *୧୫ ଅକ୍ଟୋବର ୧୯୩୪*

---

* ଶ୍ରୀକୃଷ୍ଣଙ୍କ ମାରଣାସ୍ତ୍ର ।

'oaob.nitrkl.ac.in' images reprocessed

*ଆଜି ସକାଳେ 'କ' ମୋତେ କିଛି ପାନ ଯାଚିଲେ । ମୁଁ ତାଙ୍କୁ କହିଲି ଯେ ମାଆ ମନା କରିଛନ୍ତି । ସେ କହିଲେ, ''ନାଇଁ, ବେଳେ ବେଳେ ପାନ ଖାଇବାରେ କୌଣସି ମନା ନାହିଁ । ପ୍ରଣାମ କରିବାକୁ ଯିବା ପୂର୍ବରୁ ତୁମେ ନିଜ ମୁହଁକୁ ଭଲ କରି ଧୋଇ ନେଇ ପାରିବ ।''*

କି କପଟତା !! **ଏହା ଅତ୍ୟନ୍ତ ଲଜ୍ଜାଜନକ ।**

*ମାଆ ଏପରି ଖୋଲାଖୋଲି ଭାବରେ ଅବାଧ ହୋଇ ଜଣେ କିପରି ଆପଣଙ୍କର ପ୍ରେମ ଲାଭ କରିବ ବୋଲି ଆଶା କରି ପାରିବ ? ଆପଣଙ୍କର ଇଚ୍ଛାକୁ ବିରୋଧ କରି କାର୍ଯ୍ୟ କରିବାକୁ ପୁଣି ଅନ୍ୟମାନଙ୍କ ଉପରେ କାହିଁକି ଚାପ ପକାଇବ ?*

ହଁ, ଏହା ଏକ ଅତ୍ୟନ୍ତ ନିନ୍ଦନୀୟ କଥା । ଏହିଭଳି କାର୍ଯ୍ୟଗୁଡ଼ିକୁ ସର୍ବଦା ବାରବାର କରୁଥିବାରୁହିଁ ଏହି ବ୍ୟକ୍ତିମାନେ ଆଦୌ କୌଣସି ଅଗ୍ରଗତି କରୁ ନ ଥା'ନ୍ତି ।

*୧୬ ଅକ୍ଟୋବର ୧୯୩୪*

*ମୁଁ ଭାବୁଛି, ମୂଳ ଶରୀରର ଯାବତୀୟ ଅସୁସ୍ଥତା ଅଧିକାଂଶତଃ କେବଳ କାଳ୍ପନିକ । ତେବେ, ଯଦି ଜଣେ ବ୍ୟକ୍ତି ତା' ଶରୀରରୁ ବାହାରିଯାଇ ସର୍ବଦା ଜୀବନ ବଞ୍ଚି ପାରୁଥିବ,– ଠିକ୍ ଶୋଇଲାବେଳେ ଯେପରି ହୋଇଥାଏ,– ତେବେ ସମ୍ଭବତଃ ତାକୁ କେବେହେଲେ ଅସୁସ୍ଥ ଲାଗିବ ନାହିଁ । ତେଣୁ, ସବୁକିଛି କେବଳ ଶରୀର ଭିତରୁ ବାହାରିଯାଇ ରହିବା ଉପରେ ନିର୍ଭର କରୁଛି ।*

ଶରୀରରୁ ବାହାରକୁ ବାହାରିଗଲେ ଅସୁସ୍ଥତା ଯିବ ନାହିଁ, କେବଳ ଯଥାର୍ଥ ଭାବରେ ଭାବି ଶିଖିଲେ ଏବଂ ଅସୁସ୍ଥତାକୁ ସମର୍ଥନ ଯୋଗାଇ ଦେଉଥିବା ଭାବନାଗୁଡ଼ିକୁ ସବୁକିଛି ବିଷୟକୁ ଆସିବା ଲାଗି ଅନୁମତି ନ ଦେଲେ ଯାଇ ତାହା ସମ୍ଭବ ହେବ ।

*୧୮ ଅକ୍ଟୋବର ୧୯୩୪*

*ମୋ'ର ମନ ଅଧିକାଂଶ ସମୟରେ ମୁଁ ଆରମ୍ଭ କରିଥିବା ଗପକୁ ନେଇ ବ୍ୟସ୍ତ ରହୁଛି । ମାତ୍ର, ଏହିପରି ଭାବରେ ବ୍ୟସ୍ତ ହୋଇ ରହିବା ମନ ପାଇଁ ଭଲ କି ?*

'oaob.nitrkl.ac.in' images reprocessed

**ଯଦି ତୁମର ଗଳ୍ପ ଆଗ୍ରହୋଦ୍ଦୀପକ ହୋଇଥାଏ,** ଯଦି ସେଥିରେ ପ୍ରେମପ୍ରଦର୍ଶନ ବା ଆଉକିଛି ମୂର୍ଖତା ନ ଥାଏ, ତେବେ ମନ ତାହାକୁ ନେଇ ବ୍ୟସ୍ତ ରହିବା ନିଶ୍ଚୟ ଅଧିକ ଭଲ ହେବ ।

*୨୦ ଅକ୍‌ଟୋବର ୧୯୩୪*

*ମାଆ, ଆପଣଙ୍କର ପ୍ରେମକୁ ମୁଁ କାହିଁକି ଅନୁଭବ କରିପାରୁ ନାହିଁ ?*

କାରଣ ତୁମେ ତାହାକୁ ଭୁଲ୍ ଜାଗାରେ ବା ଏକ ଭୁଲ୍ ଆକାରରେ ପାଇବାକୁ ଖୋଜି ବୁଲୁଛ ।

*ମୁଁ ଭାବୁଛି, ମୁଁ ପ୍ରକୃତରେ ଅତ୍ୟନ୍ତ ଏକୁଟିଆ, କେବଳ ଏଠି ସେଠି ବୁଲିବାରେ ଲାଗିଛି ।*

ତୁମର ପ୍ରାଣ ନିଶ୍ଚୟ ନିଷ୍ପତ୍ତି କରି ନେଇଥିବ ଯେ ମୋ'ର ପ୍ରେମ କେବଳ ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀରେହିଁ ନିଜକୁ ବ୍ୟକ୍ତ କରିବ; ଏବଂ, ଯେହେତୁ ତାହା ସେପରି ଭାବରେ ଘଟିଲା ନାହିଁ, ତେଣୁ ପ୍ରାଣ "ପ୍ରେମ ବୋଲି ଆଦୌ କିଛି ନାହିଁ" ବୋଲି କହୁଛି ।

*୨୦ ଅକ୍‌ଟୋବର ୧୯୩୪*

*ମାଆ, ମୁଁ ଭାବୁଛି, ଆପଣଙ୍କର ପ୍ରେମକୁ ଅନୁଭବ କରିବା ନିମନ୍ତେ ଚେତନାର ତିନୋଟି ଅବସ୍ଥା ରହିଛି । ପ୍ରଥମଟି ହେଉଛି, ଜଣେ ମନୁଷ୍ୟ କେବଳ ଏକ ସାଧାରଣ ବ୍ୟକ୍ତି ହୋଇଥିବ ଏବଂ ସିଏ ଆପଣଙ୍କୁ ଦେଖୁଛି କି ନାହିଁ, ସେ ବିଷୟରେ କିଛି ଅନୁଭବ କରୁ ନ ଥିବ । ଦ୍ୱିତୀୟରେ ଦୀର୍ଘ କାଳଧରି ଆପଣଙ୍କୁ ନ ଦେଖିଲେ ସେ କ'ଣ ଗୋଟାଏ ଅନୁଭବ କରୁଥିବ । ଏବଂ, ତୃତୀୟରେ, ଆପଣଙ୍କର ସ୍ଥୂଳ ଶରୀର ଲାଗି ତା'ର କୌଣସି ପ୍ରୟୋଜନ ନ ଥିବ – ପ୍ରେମର ପରମ ଅଗ୍ନିରେ ଆପଣଙ୍କର ଶରୀର ଓ ତା'ର ଜଡ଼ଶରୀର ଏକ ଆତ୍ମାନ୍ତରୀୟ ସମ୍ମିଳନରେ ପରସ୍ପର ସହିତ ଲୀନ ହୋଇ ଯାଇଥିବେ । ମାଆ, ମୁଁ ଭାବୁଛି ଯେ ଆପଣଙ୍କର ସ୍ଥୂଳ ଶରୀରରେ ଜଣେ ବ୍ୟକ୍ତିର କୌଣସି ପ୍ରୟୋଜନ ନ ଥାଏ, କାରଣ ଆପଣ ପୂର୍ବରୁହିଁ ତା'ର ହୃଦୟରେ ଯାଇ ଅବସ୍ଥିତ ରହିଥା'ନ୍ତି ।*

'oaob.nitrkl.ac.in' images reprocessed

ସେକଥା ସଂପୂର୍ଣ୍ଣ ସତ୍ୟ ନୁହେଁ । ଅନ୍ତର୍ଗତ ସମ୍ପର୍କ ଅପେକ୍ଷା ପାର୍ଥିବ ସମ୍ପର୍କରେ ଯଦି ଅଧିକ କିଛି ନ ଥା'ନ୍ତା, ତେବେ ପୃଥିବୀପୃଷ୍ଠରେ ମୋ'ର ଏକ ଶରୀର ଗ୍ରହଣ କରିବା ନିମନ୍ତେ ପ୍ରକୃତରେ କୌଣସି କାରଣ ରହି ନ ଥା'ନ୍ତା ।

*୨୩ ଅକ୍ଟୋବର ୧୯୩୪*

*ଆପଣ ମୋତେ ଲେଖିଥିଲେ : "ଯାହାକିଛି ତୁମକୁ ଦିବ୍ୟ ପରମସତ୍ତାଙ୍କଠାରୁ ଦୂରକୁ ନେଇ ଯାଉଥିବ, ସେପରି କିଛି କରିବାକୁ ମନା କରିଦେବା ପାଇଁହିଁ ତୁମେ ଉଦ୍ୟମ କରିବ ।" ମୁଁ ଏ ବିଷୟରେ ଭାବିଛି, ମାତ୍ର କିଛି ବୁଝି ପାରୁ ନାହିଁ ।*

ମୁଁ ଯେତେଥର ତୁମର କୌଣସି ପ୍ରଶ୍ନର ଉତ୍ତର ଦେଉଛି, ତୁମେ ମୋତେ କହୁଛ ଯେ ତୁମେ ମୋ' ଉତ୍ତରଟିକୁ ବୁଝି ପାରିଲ ନାହିଁ । ତେବେ ମୁଁ କ'ଣ କରିବି ? ତୁମକୁ କିଛି ଚିନ୍ତା କରି ଶିଖିବାକୁ ହେବ ଓ ଏକ ଗଭୀରତର ଭାବନା ମଧ୍ୟକୁ ପ୍ରବେଶ କରିବାକୁ ପଡ଼ିବ ।

'ଖ'* ତୁମେ ଯେଉଁ ବହୁସଂଖ୍ୟକ ଉପନ୍ୟାସ ପଢୁଛ, ମୋତେ ସେ ବିଷୟରେ ଲେଖିଛନ୍ତି । ଏଭଳି ପଢ଼ିବା ଦ୍ୱାରା ତୁମର କିଛି ଭଲ ହେଉଛି ବୋଲି ମୁଁ ଆଦୌ ଭାବୁ ନାହିଁ । ଏବଂ, ତୁମେ ମୋତେ ଯେପରି କହିଥିଲ, ଯଦି ଶୈଳୀର ଅଧ୍ୟୟନ କରିବାକୁ ତୁମେ ତାହା କରୁଥାଅ, ମନୋଯୋଗ ସହକାରେ ଜଣେ ଭଲ ଲେଖକଙ୍କର ଗୋଟିଏ ଭଲ ବହିକୁ ଯତ୍ନର ସହିତ ପାଠ କଲେ ଏପରି ତରତର ଓ ଉପରଠାଉରିଆ ଭାବରେ ତୁମର ଏହି ପଢ଼ିବା ଆପେକ୍ଷା ତାହା ତୁମକୁ ଅଧିକ ଅନେକ ଶିଖାଇଦେଇ ପାରିବ ।

*୨୫ ଅକ୍ଟୋବର ୧୯୩୪*

*ମାଆ, ମୁଁ କ'ଣ କରିବି ? ମୁଁ ତ ବୁଝିବାକୁ ଚେଷ୍ଟା କରୁଛି, କିନ୍ତୁ ବୁଝିପାରୁ ନାହିଁ । ମୋ'ର ଅଧ୍ୟୟନରେ ମଧ୍ୟ ସେହିପରି ହେଉଛି ।*

କାରଣ ତୁମର ମନ ଅଧ୍ୟୟନର ଶୃଙ୍ଖଳାରେ ଯଥେଷ୍ଟ ପରିମାଣରେ ପ୍ରଶିକ୍ଷିତ ହୋଇ ପାରି ନାହିଁ ।

*ଉପନ୍ୟାସ ପଢ଼ିବା ପାଇଁ ମୋର ଦୁଇଟି କାରଣ ଥିଲା : ଶବ୍ଦ ଶିକ୍ଷା କରିବା ଏବଂ ଶୈଳୀଟିକୁ ଜାଣିବା ।*

---

* ଆଶ୍ରମର ଗ୍ରନ୍ଥାଗାରୀ ।

'oaob.nitrkl.ac.in' images reprocessed

ଶିଖିପାରିବା ନିମନ୍ତେ ତୁମକୁ ଅତ୍ୟନ୍ତ ଯତ୍ନର ସହିତ ପଢ଼ିବାକୁ ହେବ ଏବଂ ତୁମେ କ'ଣ ପଢ଼ିବ, ତାହାକୁ ମଧ୍ଯ ଯତ୍ନର ସହିତ ବାଛିବାକୁ ହେବ ।

*୨୫ ଅକ୍ଟୋବର ୧୯୩୪*

*ମାଆ, ଅଧିକ ଭଲ ଭାବରେ ବୁଝିପାରିବା ନିମନ୍ତେ ମୋତେ କେଉଁ ଶୃଙ୍ଖଳାଟିକୁ ଶିଖିବାକୁ ପଡ଼ିବ ?*

ଫ୍ରାନ୍ସର କଲେଜମାନଙ୍କରେ ବାସ୍ତବ କ୍ଷେତ୍ରରେ ଯାହା ହୁଏ ତୁମେ ବୌଦ୍ଧିକ ଅଧ୍ୟୟନର ସେହି ଶୃଙ୍ଖଳାଟିକୁ ଶିକ୍ଷା କରିବ । ତୁମେ ଏ ବିଷୟରେ 'ଗ'ଙ୍କ ସହିତ କଥାବାର୍ତ୍ତା କର, ସେ ତୁମକୁ ବୁଝାଇ କହିଦେବ ।

*ଗୁଜରାଟୀ ଭାଷାରେ ଜଣେ ଭଲ ଲେଖକ ଅଛନ୍ତି – ମୁଁ ତାଙ୍କର ଲେଖା ବହିଗୁଡ଼ିକୁ ପଢ଼ିପାରନ୍ତି । 'କ' ମୋତେ କହିଲେ ଯେ ତାଙ୍କର ଶୈଳୀ ଆନାତୋଲ୍ ଫ୍ରାନ୍ସଙ୍କ ଶୈଳୀ ଭଳି ।*

ସତେ ? ଯଦି ସେ ଆନାତୋଲ୍ ଫ୍ରାନ୍ସଙ୍କ ପରି ଲେଖୁଥିବେ, ତେବେ ସେ ନିଶ୍ଚୟ ଜଣେ ଚମତ୍କାର ଲେଖକ ହୋଇଥିବେ !

*୨୬ ଅକ୍ଟୋବର ୧୯୩୪*

*ମୋ' ଅସୁସ୍ଥତା ତ କାଳ୍ପନିକ ଥିଲା, ତେବେ ଆପଣ ମୋତେ କାହିଁକି ସୁଦର୍ଶନ* ସେବନ କରିବାକୁ କହିଲେ, ସେକଥା ବୁଝିବା ମୋ' ମାନସିକ ସାମର୍ଥ୍ୟର ବାହାରେ ହୋଇଯାଉଛି ।*

କାରଣ, ଅସୁସ୍ଥତାଟି କାଳ୍ପନିକ ବୋଲି ତୁମର ଶରୀର ଜାଣି ନ ଥିଲା ଏବଂ ତେଣୁ, ଆରୋଗ୍ୟଲାଭ କରିବାର ସମ୍ଭାବନାରେ ବିଶ୍ୱାସ ସ୍ଥାପନ କରିବା ନିମନ୍ତେ ତା'ଲାଗି ଏକ ଔଷଧର ପ୍ରୟୋଜନ ଥିଲା ।

*୨୬ ଅକ୍ଟୋବର ୧୯୩୪*

---

* ଏକ ଆୟୁର୍ବେଦିକ ଔଷଧ ।

'oaob.nitrkl.ac.in' images reprocessed

*ସମସ୍ତଙ୍କର "ଉପକାର କରିବାକୁ" ଇଚ୍ଛା କରିବା ଅର୍ଥାତ୍ ଅନ୍ୟ ଲୋକମାନଙ୍କୁ ସାହାଯ୍ୟ କରିବା ଭଲ କି ?*

ଉତ୍କଟ ଭାବରେ ସ୍ୱାର୍ଥପର ହେବା ଅପେକ୍ଷା ଉପକାର କରିବାକୁ ଇଚ୍ଛା କରୁଥିବା ନିଶ୍ଚିତ ଭାବରେ ଅଧିକ ଭଲ । ମାତ୍ର, ଏହି ଉପକାର କରିବାର ଇଚ୍ଛାରେ ମଧ୍ୟ ମିତାଚାରୀ ହେବା ଅତ୍ୟାବଶ୍ୟକ ।

*ବର୍ତ୍ତମାନ ମୋ'ର ଯାବତୀୟ କ୍ରିୟାରେ ଗୋଟିଏ ହେଲେ ଚୈତ୍ୟ ଉପାଦାନ ଦେଖିବାକୁ ମିଳିବ ନାହିଁ । ମାଆ, ମୋ' ଭିତରେ ଥିବା କୌଣସି କିଛି ଯେପରି ନିମ୍ନତର କ୍ରିୟାଗୁଡ଼ିକ ଲାଗି ନିଜର ସମ୍ମତି ପ୍ରଦାନ ନ କରେ !*

ହଁ, ନିମ୍ନତର ପ୍ରକୃତି ପାଖରେ ତୁମେ କଦାପି ନତିସ୍ୱୀକାର କରିବ ନାହିଁ; କେବଳ ତୁମ ଭିତରେ ତାହା ନିଜକୁ ବ୍ୟକ୍ତ କଲାବେଳେ ଯେ କରିବ ନାହିଁ ତା' ନୁହେଁ, ଅନ୍ୟମାନଙ୍କ ଭିତରେ ତାହା ପ୍ରକାଶ ପାଉଥିବା ସମୟରେ ମଧ୍ୟ ନତିସ୍ୱୀକାର କରିବ ନାହିଁ । କେବେ କୌଣସି ମନ୍ଦ ଉପଦେଶ ଶୁଣିବ ନାହିଁ, ମନ୍ଦ ଦୃଷ୍ଟାନ୍ତଗୁଡ଼ିକର ଅନୁସରଣ କରିବ ନାହିଁ, କେବଳ ଦିବ୍ୟ ପରମସତ୍ତାଙ୍କ ପ୍ରଭାବ ବ୍ୟତୀତ ଆଉ କୌଣସି ପ୍ରଭାବକୁ ଗ୍ରହଣ କରିବ ନାହିଁ ଏବଂ ତେବେ ତୁମର ଅସ୍ୱସ୍ତିଭାବ ନିଶ୍ଚୟ ଅନ୍ତର୍ହିତ ହୋଇଯିବ ।

*୩୦ ଅକ୍ଟୋବର ୧୯୩୪*

*କେବଳ 'କ'ହିଁ ମୋତେ ଯାହାକିଛି ପରାମର୍ଶ ଦିଅନ୍ତି ଏବଂ ମୋ' ପାଇଁ ଦୃଷ୍ଟାନ୍ତ ପରି କାର୍ଯ୍ୟ କରନ୍ତି । ମୁଁ ତାଙ୍କ ଦ୍ୱାରା ପ୍ରଭାବିତ ହେଉଥାଏ ।*

ପ୍ରଭାବଟି କାହାଠାରୁ ଆସୁଛି, ତାହାର କୌଣସି ମହତ୍ତ୍ୱ ନାହିଁ; ତୁମେ ଏହାକୁ ଆଦୌ ଗ୍ରହଣ କରିବ ନାହିଁ ।

*ଯେତେବେଳେ ମୁଁ କୌଣସି ଅବସାଦ ଅନୁଭବ କରିବି ସେତେବେଳେ ତାଙ୍କୁ ଜଣାଇବା ଲାଗି ଆଜି ସକାଳେ 'କ' ମୋତେ କହିଛନ୍ତି ।*

ଅନ୍ୟମାନଙ୍କ ପାଖରେ ନିଜର ଅବସାଦଗୁଡ଼ିକୁ ଯାଇ ବ୍ୟକ୍ତ କରିବାରେ କୌଣସି ଲାଭ

'oaob.nitrkl.ac.in' images reprocessed

ରହିଥିବାର ମୁଁ ଦେଖିପାରୁ ନାହିଁ । ଏହା ତୁମକୁ ବା ସେମାନଙ୍କୁ କାହାକୁହେଲେ ସାହାଯ୍ୟ କରିବ ନାହିଁ ।

*୩୦ ଅକ୍ଟୋବର ୧୯୩୪*

*ମାଆ, ମୁଁ କ'ଣ କରିବି ? ମୁଁ ସଂପୂର୍ଣ୍ଣ ଭାବରେ ଅଚେତନ ହୋଇ ରହିଛି । ମାଆ, ଆପଣ କେଉଁଠାରେ ଅଛନ୍ତି ?*

ତୁମର ଚୈତ୍ୟସତ୍ତାରେ,– ସେଠାରେ ମୁଁ ସର୍ବଦା ଉପସ୍ଥିତ ଅଛି । ସେହିଠାରେହିଁ ତୁମେ ମୋତେ ପାଇପାରିବ ଓ ତୁମକୁ ସେହିଠାରେହିଁ ପାଇବାକୁ ପଡ଼ିବ । ଏବଂ, ମୋତେ ସେଠାରେ ଆବିଷ୍କାର କରି, ଆପଣା ହୃଦୟର ଗଭୀରତାଗୁଡ଼ିକ ମଧ୍ୟରେ ମୋ'ର ସନ୍ଧାନ ଲାଭ କରି ତୁମେ ମୋତେ ମୋ'ର ଦୈହିକ ରୂପରେ ମଧ୍ୟ ଚିହ୍ନିପାରିବ ।

*୩୧ ଅକ୍ଟୋବର ୧୯୩୪*

*କିନ୍ତୁ, ଚୈତ୍ୟ ଏବଂ ସର୍ବାଙ୍ଗୀନ ସତ୍ତା ମଧ୍ୟରେ ଏକ କଳା ପରଦା ବାଧା ଭଳି ରହିଥିବା ପର୍ଯ୍ୟନ୍ତ ମୁଁ କିପରି ମୋ'ର ଚୈତ୍ୟ କେନ୍ଦ୍ରଟିରେ ପ୍ରବେଶ କରି ପାରିବି ? (ମାଆ "ସର୍ବାଙ୍ଗୀନ" ସ୍ଥାନରେ "ବାହ୍ୟିକ" ଶବ୍ଦଟି ଲେଖିଦେଲେ ଏବଂ ମନ୍ତବ୍ୟ ଦେଇଥିଲେ :)*

**ସର୍ବାଙ୍ଗୀନ**ର ଅର୍ଥ ହେଉଛି ସମ୍ପୂର୍ଣ୍ଣ, ସବୁଯାକ, ଯେଉଁଥିରୁ କିଛିହେଲେ ବାଦ୍ ଯାଇ ନ ଥାଏ, ଗୋଟାଯାକ – ବାହ୍ୟିକ ସତ୍ତା ସର୍ବାଙ୍ଗୀନ ହେବାର ଅବସ୍ଥାଠାରୁ ବହୁ ଦୂରରେ ରହିଥାଏ । ଯେତେବେଳେ ଆମେ "ସର୍ବାଙ୍ଗୀଣ ସତ୍ତା" ବିଷୟରେ କହୁ, ସେତେବେଳେ ସତ୍ତାର ସମ୍ପୂର୍ଣ୍ଣ ପରିସରରେ, ସ୍ଥୂଳ ଦେହଟିଠାରୁ ଆରମ୍ଭ କରି ଯଥାର୍ଥ ଆତ୍ମସତ୍ତା, ଦିବ୍ୟ ପରମଚେତନା ପର୍ଯ୍ୟନ୍ତହିଁ ତାହାକୁ ବୁଝିଥାଉ ।

*୩୧ ଅକ୍ଟୋବର ୧୯୩୪*

*ଆପଣ "ଯଥାର୍ଥ ଆତ୍ମସତ୍ତା, ଦିବ୍ୟ ପରମଚେତନା" ବୋଲି ଲେଖିଛନ୍ତି । ତଦ୍ୱାରା କ'ଣ ଯଥାର୍ଥ ଆତ୍ମା, ଅର୍ଥାତ୍ ଚୈତ୍ୟକୁ ମଧ୍ୟ ବୁଝାଇବ ?*

ନାହିଁ । ଦୁଇଟିଯାକ ଗୋଟିଏ ନୁହନ୍ତି । ଆପଣାର ଏକାଧିକ ସନ୍ଦେଶରେ ଶ୍ରୀଅରବିନ୍ଦ ମନୁଷ୍ୟ

'oaob.nitrkl.ac.in' images reprocessed

ମଧ୍ୟରେ ରହିଥିବା ଦିବ୍ୟ ଉପାଦାନସ୍ୱରୂପ ଚୈତ୍ୟସତ୍ତା ଓ ମସ୍ତିଷ୍କର ଊର୍ଦ୍ଧ୍ୱାଞ୍ଚଳମାନଙ୍କରେ ରହିଥିବା ସତ୍ତାର ଅନ୍ୟ ସ୍ଥିତିଗୁଡ଼ିକ ମଧ୍ୟରେ ରହିଥିବା ପାର୍ଥକ୍ୟ ବିଷୟରେ ବୁଝାଇ ଦେଇଛନ୍ତି । ତୁମେ ମଧ୍ୟ (ଉପନ୍ୟାସ ନ ପଢ଼ି) ଶ୍ରୀଅରବିନ୍ଦଙ୍କର ସନ୍ଦେଶ ଓ ପୁସ୍ତକଗୁଡ଼ିକୁ ଟିକିଏ ଟିକିଏ ପଢ଼, ତେବେ ମୋତେ ଆଉ କଦାପି କୌଣସି ଅନାବଶ୍ୟକ ପ୍ରଶ୍ନ ପଚାରିବ ନାହିଁ ।

୧ ନଭେମ୍ବର ୧୯୩୪

*ଅବଶ୍ୟ ଏକଥା ଅତ୍ୟନ୍ତ ସ୍ୱାଭାବିକ ଯେ, ମୁଁ ଆପଣଙ୍କଠାରୁ ବହୁଦୂରରେ ଯାଇ ରହିଛି । ସର୍ବପ୍ରଥମେ ମୋତେ ଆପଣଙ୍କ ପ୍ରତି ଏକ ଯଥାର୍ଥ ଦୃଷ୍ଟିକୋଣ ଅର୍ଜନ କରିବାକୁ ହେବ ଏବଂ ସମ୍ପୂର୍ଣ୍ଣ ଭାବରେ ଖୋଲିଯିବାକୁ ପଡ଼ିବ । ବର୍ତ୍ତମାନ ତାହା ମୋର ଅଭାବ ରହିଛି । ମାଆ, ଆପଣ କେଉଁଠାରେ ଅଛନ୍ତି, ଏବଂ ମୁଁ ମଧ୍ୟ କେଉଁଠାରେ ଅଛି ?*

ତୁମେ ମୋ'ଠାରୁ ଯେତେ ଦୂରରେ ଅଛ ବୋଲି ଭାବୁଛ, ପ୍ରକୃତରେ ଆଦୌ ସେତେ ଦୂରରେ ରହି ନାହଁ । ତୁମକୁ କେବଳ କିଞ୍ଚିତ୍ ପରିମାଣରେ ତୁମର ମନ ଓ ପ୍ରାଣର ଉତ୍ତେଜନାକୁ ଶାନ୍ତ କରି ଆଣିବାକୁ ହେବ, କିଞ୍ଚିତ୍ ସ୍ଥିର ଏବଂ ଏକାଗ୍ର ହୋଇ ରହିବାକୁ ପଡ଼ିବ ଏବଂ ତେବେ ତତ୍‌କ୍ଷଣାତ୍ ମୋ'ର ଉପସ୍ଥିତିକୁ ନିଜ ଭିତରେ ଏବଂ ଚତୁର୍ଦ୍ଦିଗରେ ପ୍ରତ୍ୟକ୍ଷ କରିପାରିବ ।

୧ ନଭେମ୍ବର ୧୯୩୪

*ମୁଁ ଗୁଜରାଟୀ ସାହିତ୍ୟ ପଢ଼ିବା ବନ୍ଦ କରିଦିଏ ବୋଲି ଆପଣ ଭାବୁଛନ୍ତି କି ?*

ଏହି ସାହିତ୍ୟର ତୁମର କଳ୍ପନା ଉପରେ କିପରି ପ୍ରଭାବ ପଡୁଛି, ଏହା ପୂର୍ଣ୍ଣତଃ ତାହାରି ଉପରେ ନିର୍ଭର କରୁଛି । ଯଦି ତାହା ତୁମର ମନଭିତରେ ଅବାଞ୍ଛିତ ନାନା ଧାରଣା ଓ ତୁମର ପ୍ରାଣକୁ ନାନା ବାସନାରେ ପୂର୍ଣ୍ଣ କରି ଦେଉଥାଏ, ତେବେ ଏଭଳି ପୁସ୍ତକକୁ ପଢ଼ିବା ବନ୍ଦ କରିବା ଅବଶ୍ୟ ଅଧିକ ଭଲ ହେବ ।

୨ ନଭେମ୍ବର ୧୯୩୪

*ଜଣେ ବ୍ୟକ୍ତି ଆପଣଙ୍କ ସହିତ ଏକାତ୍ମ ହୋଇ ରହିଥିବା ସମୟରେ ମଧ୍ୟ, ଏକଥା*

'oaob.nitrkl.ac.in' images reprocessed

*କ'ଣ ପ୍ରକୃତରେ ସତ୍ୟ ଯେ, ସେ ଏପରି ଅନେକ କାର୍ଯ୍ୟ ତଥାପି କରୁଥିବ, ଯାହାକି ଆପଣଙ୍କ ଲାଗି ଉତ୍ସର୍ଗୀକୃତ ହୋଇ ନାହିଁ ?*

ନା — ଏକାତ୍ମ ହେବାପରେ ଏହା ଆଦୌ ସମ୍ଭବ ନୁହେଁ ।

*୨ ନଭେମ୍ବର ୧୯୩୪*

*ମାଆ, ମୁଁ ଆପଣଙ୍କ ସହିତ ଏପରି ଭାବରେ ଏକାତ୍ମ ହୋଇଯିବାକୁ ଚାହୁଁଛି, ଯେପରିକି ମୋ'ର ପ୍ରତ୍ୟେକ କାର୍ଯ୍ୟରେ ଆପଣଙ୍କୁ ଦେଖି ପାରୁଥିବି ।*

ଏପରି କହିଲେ ଆହୁରି ଅଧିକ ଠିକ୍ ହେବ ଯେ, ତୁମେ କେବଳ ମୋ'ରି ସଂକଳ୍ପ ଅନୁସାରେ କାର୍ଯ୍ୟ କରିବାକୁ ସମର୍ଥ ହେବ ।

*୩ ନଭେମ୍ବର ୧୯୩୪*

*ମାଆ, ମୁଁ କାଲି ସନ୍ଧ୍ୟାବେଳୁ ଆପଣଙ୍କୁ ଖୋଜୁଛି, ମାତ୍ର ଆପଣଙ୍କୁ ପାଉ ନାହିଁ । ତେଣୁ ମୁଁ ଏକୁଟିଆ ଅନୁଭବ କରୁଛି, ଅବଲମ୍ବନହୀନ ହୋଇଗଲା ପରି ଲାଗୁଛି ।*

ଏହି ସବୁକିଛି ହେଉଛି ମିଛ କଳ୍ପନା । ବରଂ ଓଲଟି, ମୁଁ ତୁମ ସହିତ ସର୍ବଦା ରହିଛି (ଯାହା ପ୍ରକୃତରେ ସତ) ବୋଲି ଯଦି ତୁମେ ନିଜକୁ କହି ପାରୁଥାଆନ୍ତ, ତେବେ ତାହା ତୁମକୁ ମୋ'ର ଉପସ୍ଥିତି ବିଷୟରେ ସଚେତନ ରହିବାରେ ଅବଶ୍ୟ ସାହାଯ୍ୟ କରନ୍ତା ।

*୯ ନଭେମ୍ବର ୧୯୩୪*

*ମାଆ, ବର୍ତ୍ତମାନ ମୁଁ ଅତ୍ୟନ୍ତ ଦୁଃଖିତ ହୋଇ ରହିଛି କାରଣ ମୋତେ ଆପଣ ଯାହା କହୁଛନ୍ତି, ସେଥିରେ ମୁଁ ଆଦୌ ବିଶ୍ୱାସ କରୁ ନାହିଁ । ମାତ୍ର ମୁଁ ଆଉ କ'ଣ କରିପାରିବି, କଥାଟି ମୋ' ପାଖରେ ଆଦୌ ପରିଷ୍କାର ହୋଇ ପାରୁ ନାହିଁ । ଏଥିରୁ ପ୍ରମାଣିତ ହୋଇ ଯାଉଛି ଯେ ଆପଣଙ୍କଠାରେ ମୋ'ର କୌଣସି ବିଶ୍ୱାସ ନାହିଁ । ଏଥିରେ ଅବଶ୍ୟ କୌଣସି ସନ୍ଦେହ ନାହିଁ ଯେ ଏବେ ମଧ୍ୟ ମୋ'ର ବହୁତ କଥା ଶିକ୍ଷା କରିବାକୁ ରହିଛି ।*

ତୁମର **ସବୁକିଛି**, ସମ୍ପୂର୍ଣ୍ଣ ଭାବରେ ସବୁକିଛି ଶିକ୍ଷା କରିବାର ରହିଛି । ତୁମର ମନ ତଥାପି

'oaob.nitrkl.ac.in' images reprocessed

ବଡ଼ ଅଶୋଧିତ, ଅଜ୍ଞାନମୟ ଏବଂ ଅସ୍ପଷ୍ଟତାଯୁକ୍ତ ହୋଇ ରହିଛି ଏବଂ ଅଜ୍ଞାନଜନିତ ସକଳ ଔଦ୍ଧତ୍ୟ ମଧ୍ୟ ପୂର୍ଣ୍ଣ ହୋଇ ରହିଛି; ତୁମକୁ ସର୍ବୋପରି ତାହାକୁହିଁ ଯଥାର୍ଥ ଶିକ୍ଷା ଦେବାକୁ ହେବ ।

*ଆପଣହିଁ,– ଯାହାଙ୍କୁ ଆମେ ଅବଶ୍ୟ ଜାଣିବା, ବୁଝିବା, ଉପଲବ୍ଧି କରିବା...*

ତୁମେ ସବାଆଗ ଯାହା କରିବ, ସେଇଟି ହେଉଛି ଯେ, ତୁମେ କିଞ୍ଚିତ୍ ବିନୟ ଶିକ୍ଷା କରିବ ଏବଂ ତୁମେ **ଆଦୌ କିଛି** ଜାଣି ନାହଁ ବୋଲି ସ୍ୱୀକାର କରିବ – ତୁମେ ଶବ୍ଦଗୁଡ଼ିକୁ ପଢୁଛ, ପ୍ରାର୍ଥନାଗୁଡ଼ିକୁ ପାଠ କରୁଛ, ଶବ୍ଦଗୁଡ଼ିକର ପୁନରାବୃତ୍ତି କରୁଛ, ପ୍ରାର୍ଥନାଗୁଡ଼ିକର ଅନୁକରଣ କରୁଛ,– **ମାତ୍ର ସେଗୁଡ଼ିକୁ ଆଦୌ ବୁଝି ପାରୁ ନାହଁ** । ତୁମେ ଏହି ଯାବତୀୟ ଧାରଣା ଓ କଥାଗୁଡ଼ିକୁ ଏକାଠି ମିଶାଇ ପକାଉଛ; ଏପରି ଏକ ମସ୍ତିଷ୍କ ଭିତରେ ସେଗୁଡ଼ିକୁ ମିଶାଇ ପକାଉଛ ଯାହାକି, ଗୋଟିଏ ସାନ ପିଲାର ମସ୍ତିଷ୍କ ପରି ହୋଇ ରହିଛି ଏବଂ, ଏସବୁ ସତ୍ତ୍ୱେ ତୁମେ ସବୁକିଛି ବୁଝୁଥିଲା ପରି ଭ୍ରମ କରି ପକାଉଛ !

*୧୫ ନଭେମ୍ବର ୧୯୩୪*

*ଯେଉଁସବୁ ଦିନମାନଙ୍କରେ ମୁଁ ପଢ଼ାପଢ଼ି କିଛି କରେ ନାହିଁ, ସେଦିନ ମୋତେ ଅସ୍ୱସ୍ତି ଲାଗେ । ମାତ୍ର, ଅଧ୍ୟୟନ ଆରମ୍ଭ କରିଦେବା ମାତ୍ରକେ, ପୁଣି ଖୁସୀ ଲାଗେ । ଏହି ପ୍ରକ୍ରିୟାଟିକୁ ମୁଁ ମୋଟେ ବୁଝିପାରେ ନାହିଁ ।*

ପ୍ରକ୍ରିୟା କହିଲେ ତୁମେ କ'ଣ ବୁଝ ? ଏହା ଆଦୌ ଏକ ପ୍ରକ୍ରିୟା ନୁହେଁ; ମନକୁ ଅଧ୍ୟୟନ ଉପରେ ପୁଣି ସଂକେନ୍ଦ୍ରିତ କରି ଆଣିବାରୁ ତାହାର ସ୍ୱାଭାବିକ ପରିଣାମରୂପେ ଅସ୍ୱସ୍ତି ଅନ୍ତର୍ହିତ ହୋଇଯାଏ । ଅଧ୍ୟୟନ ଦ୍ୱାରା ମନକୁ ଏକ ସୁସ୍ଥ କ୍ରିୟାଶୀଳତା ମିଳେ ଏବଂ ଦ୍ୱିତୀୟତଃ ଏହା କ୍ଷୁଦ୍ର, ସ୍ଥୂଳ ଅହଂଟିର ଏହି ବ୍ୟାଧିତ ଭାବନାପାଖରୁ ମଧ୍ୟ ମନର ଦୃଷ୍ଟିକୁ ପ୍ରତ୍ୟାହୃତ କରି ନେଇଆସେ ।

*୩ ଡିସେମ୍ବର ୧୯୩୪*

*ମାଆ, କାଲି ରାତିରେ ଧ୍ୟାନ ସମୟରେ ଯେଉଁ ଆନନ୍ଦ ଓ ପ୍ରେମ ମୋ'ର ସମୁଦାୟ ସତ୍ତାକୁ ପୂର୍ଣ୍ଣ କରି ରଖିଥିଲା, ସେସବୁ କୁଆଡ଼େ ଚାଲିଗଲା ? ଆପଣ ମୋତେ ଯାହାସବୁ ଆଣି ଦେଉଛନ୍ତି, ତାହାକୁ ଗ୍ରହଣ କରିବା ଏବଂ ସ୍ଥାୟୀ କରି ରଖିବାର ଉପାୟଟିକୁ ମୁଁ କେବେହେଲେ ଜାଣିଲି ନାହିଁ ।*

'oaob.nitrkl.ac.in' images reprocessed

ତୁମେ ଅବଶ୍ୟ ଗ୍ରହଣ କରି ଜାଣିଛ, କାରଣ ତୁମେ ସେହି ପ୍ରେମ ଏବଂ ଆନନ୍ଦର ପ୍ରଭାବକୁ ଅନୁଭବ କରି ପାରୁଛ; ମାତ୍ର, ସେଗୁଡ଼ିକୁ କିପରି ସ୍ଥାୟୀ କରି ରଖିବାକୁ ହୁଏ, ତୁମେ ତାହା ଜାଣିଥିବା ପରି ମନେ ହେଉ ନାହିଁ। ତୁମେ ଯାହାକିଛି ଲାଭ କରୁଛ, ନୀରବ ଭାବରେ ତାହାକୁ ନିଜ ଭିତରେ ସାଇତି ରଖିବାର ବିଦ୍ୟାଟିକୁ ମଧ୍ୟ ତୁମକୁ ଶିଖିବାକୁ ହେବ।

*୪ ଡିସେମ୍ବର ୧୯୩୪*

*ପାଉଥିବା ବସ୍ତୁଗୁଡ଼ିକୁ ମୁଁ କିପରି ହଜାଇ ଦେଉଛି, ଆପଣ ଦୟା କରି ମୋତେ ସେହି କଥା ବୁଝାଇ ଦିଅନ୍ତୁ।*

ତୁମେ ତାହାକୁ ନଷ୍ଟ କରିଦେଉଛ – ନିଜର ଭାବନାରେ, କଥାରେ ଅଥବା କାର୍ଯ୍ୟରେ ଲବ୍ଧ ଶକ୍ତି ଓ ବଳକୁ ବାହାରକୁ ଫୋପାଡ଼ି ଦେଉଛ। *୪ ଡିସେମ୍ବର ୧୯୩୪*

*ମୋ'ର ଧାରଣା ହେଉଛି ଯେ ଦିବ୍ୟ ଶାନ୍ତି ଏହି ସମୁଦାୟ ପୃଥିବୀ ଉପରେ କଦାପି ପ୍ରତିଷ୍ଠିତ ହେବ ନାହିଁ।*

ଏ ବିଷୟରେ ତୁମେ ପ୍ରକୃତରେ କ'ଣ ଜାଣିଛ ? ତୁମର ମନ ଭବିଷ୍ୟତ୍ ବିଷୟରେ ଆଦୌ କୌଣସି ଧାରଣା କରି ପାରିବ କି ? ବିଶେଷତଃ ଅତିମାନସ ଭବିଷ୍ୟତ୍ ବିଷୟରେ।

*୭ ଡିସେମ୍ବର ୧୯୩୪*

*ଆଜି ସକାଳେ ମୁଁ 'ଖ'କୁ କହିଲି ଯେ, ଭବିଷ୍ୟତରେ ଏହି ଆଶ୍ରମର ଦଶା କ'ଣ ହେବ, ସେକଥା ସେ ଜାଣି ନାହାନ୍ତି ବୋଲି ମାଆ ମୋତେ କହିଛନ୍ତି। ସେ କହିଲେ, ''ଏକଥା କିପରି ସମ୍ଭବ ? ମୁଁ ଆଦୌ ବିଶ୍ୱାସ କରିପାରୁ ନାହିଁ ଯେ, ଯେଉଁ କାର୍ଯ୍ୟଟି ସକାଶେ ମାଆ ପୃଥିବୀରେ ଶରୀର ଗ୍ରହଣ କରିଛନ୍ତି, ସେହି ବିଷୟରେ ସେ କିଛି ଜାଣି ନାହାନ୍ତି।''*

ମୁଁ ଏପରି କୌଣସି କଥା କହିଥିଲି ବୋଲି ମୁଁ ଭାବୁ ନାହିଁ। ତୁମେ ନିଶ୍ଚୟ ମୋତେ ଭୁଲ୍ ବୁଝିଛ। ମାତ୍ର,– 'ଖ' ଏପରି ଭାବି ଭୁଲ୍ କରୁଛନ୍ତି ଯେ ଗୋଟିଏ ଆଶ୍ରମର ପ୍ରତିଷ୍ଠା କରିବା ଲାଗି ମୁଁ ପୃଥିବୀକୁ ଆସିଥିଲି। ସେଇଟିକୁ ନିଶ୍ଚୟ ଏକ ତୁଚ୍ଛ ଉଦ୍ଦେଶ୍ୟ ବୋଲି କୁହାଯିବ।

*୮ ଡିସେମ୍ବର ୧୯୩୪*

'oaob.nitrkl.ac.in' images reprocessed

*ମାଆ, ଛବିଗୁଡ଼ିକୁ ଦେଖିଲେ କିପରି କ୍ଷତି ହୁଏ, ଆପଣ ବୁଝାଇ କହିବେ କି ?*

ଏହା ସ୍ପଷ୍ଟତଃ ସେହି ଛବିଗୁଡ଼ିକ କିପରି, ତାହା ଉପରେ ନିର୍ଭର କରିବ । ମାତ୍ର, ଅଧିକାଂଶ ସମୟରେ ସେଗୁଡ଼ିକ ସାଧାରଣ ଜୀବନର ବସ୍ତୁଗୁଡ଼ିକୁ ନେଇ ତିଆରି ହୋଇଥା'ନ୍ତି ଏବଂ ତେଣୁ ଚେତନାକୁ ମଧ୍ୟ ସେହି ଆଡ଼କୁ ଆକର୍ଷିତ କରି ନେଇଯାଆନ୍ତି ।

*୧୦ ଡିସେମ୍ବର ୧୯୩୪*

*ମାଆ, ହେ ମୋ'ର ସ୍ନେହମୟି ମାଆ, ମୁଁ କେବେଯାଇ ଆପଣଙ୍କ ସହିତ ଏକାତ୍ମ ହୋଇ ପାରିବି । କେବେଯାଇ ମୁଁ ଆପଣଙ୍କ ମଧ୍ୟରେ ଏବଂ ଆପଣଙ୍କ ନିମନ୍ତେହିଁ ଜୀବନ ବଞ୍ଚିପାରିବି ?*

ତୁମକୁ ଅବିଚଳିତ ଭାବରେ ତାହାହିଁ ସଂକଳ୍ପ କରିବାକୁ ପଡ଼ିବ, ମାତ୍ର କଦାପି ଅଧୀର ହୋଇ ପଡ଼ିବ ନାହିଁ । ଏକ ସ୍ଥିର ସଂକଳ୍ପ ଦ୍ୱାରାହିଁ ତୁମେ ଅଧିକ ଶୀଘ୍ର ତାହା ଉପଲବ୍ଧି କରିପାରିବ । ଅସ୍ଥିର ହୋଇପଡ଼ିଲେ ସମୟକୁ ବଞ୍ଚାଇବା ଅପେକ୍ଷା ଅଧିକ ନଷ୍ଟହିଁ କରିବ ।

*୧୩ ଡିସେମ୍ବର ୧୯୩୪*

*ମାଆ, 'ଖ' ଲେଖିଥିବା ଗୁଜରାଟୀ କବିତାଗୁଡ଼ିକୁ ପଢ଼ିବା ନିମନ୍ତେ ତାଙ୍କ ଘରକୁ ଯିବା ଉଚିତ ହେବ କି ?*

ସେହି ଯିବା ଦ୍ୱାରା ତୁମ ଉପରେ ତାହାର କିପରି ପ୍ରଭାବ ପଡ଼ିବ, ଏହା ସମ୍ପୂର୍ଣ୍ଣତଃ ତାହାରି ଉପରେ ନିର୍ଭର କରୁଛି । ଯଦି ଅଧିକ ଶାନ୍ତ ଏବଂ ସନ୍ତୁଷ୍ଟ ଭାବରେ ତୁମେ ସେଠାରୁ ଆସି ପାରିବ, ତେବେ ଯିବାରେ କିଛି ଅସୁବିଧା ନାହିଁ । ମାତ୍ର, ଅନ୍ୟ ପକ୍ଷରେ, ଯଦି ତଦ୍ଦ୍ୱାରା ତୁମେ ବିଷଣ୍ଣ ଏବଂ ଅତୃପ୍ତ ଅନୁଭବ କରିବ, ତେବେ ସେଠାକୁ ନ ଗଲେହିଁ ଅଧିକ ଭଲ ହେବ । ତେଣୁ ନିଜେ ଦେଖ, ଏହା ତୁମ ଉପରେ କିପରି ପ୍ରଭାବ ପକାଉଛି, ଏବଂ ସେହି ଅନୁସାରେ ନିଷ୍ପତ୍ତି ନିଅ ।

*୧୩ ଡିସେମ୍ବର ୧୯୩୪*

*ମାଆ, କେଉଁସବୁ ସର୍ତ୍ତର ପୂରଣ କଲେ ଅତିମାନସ ମୋ' ଉପରେ ଅବତରଣ କରିବ, ମୋତେ ଆପଣ କହିବେ କି ? ଅପେକ୍ଷାକୃତ ଅଧିକ ଶୀଘ୍ର ଅତିମାନସର*

'oaob.nitrkl.ac.in' images reprocessed

*ଅବତରଣ ଘଟିବ ବୋଲି ମୁଁ ଯେତେବେଳେ ଶୁଣିଲି, ସେତେବେଳେ ଅତ୍ୟନ୍ତ ଖୁସି ହୋଇଗଲି ।*

ଏହିସବୁ ବିଷୟରେ ଆଦୌ କିଛି ନ କହିଲେହିଁ ଅଧିକ ଭଲ । ଚେତନାର ଅଭିବୃଦ୍ଧି ନିମନ୍ତେ ଆନ୍ତରିକତା ସହିତ ଯାବତୀୟ ଆଧ୍ୟାତ୍ମିକ ଉଦ୍ୟମ କରିବା ହେଉଛି ଏଥିଲାଗି ଏକ ପ୍ରସ୍ତୁତି ।

*୧୮ ଡିସେମ୍ବର ୧୯୩୪*

*ମୋ' ଭିତରେ ରହିଥିବା ଆନନ୍ଦ ଓ ପ୍ରେମ କାହିଁକି ଅନ୍ଧକାରାଚ୍ଛନ୍ନତା ଦ୍ୱାରା ଆକ୍ରାନ୍ତ ହୋଇ ପଡୁଛି, ଆପଣ ମୋତେ ବୁଝାଇ କହିବେ କି ? ମୁଁ ସେପରି କିଛି କରିଛି ବୋଲି ମୋ'ର ମନେ ହେଉ ନାହିଁ ଏବଂ, କୌଣସି କାରଣ ନ ଥାଇ ସେହି ଆନନ୍ଦ ଓ ପ୍ରେମ ମୋତେ ଛାଡ଼ିଯିବା ମଧ୍ୟ କଦାପି ସମ୍ଭବ ନୁହେଁ ।*

ନାଇଁ, ଆଦୌ କିଛିହେଲେ ଛାଡ଼ି ଚାଲିଯାଏ ନାହିଁ । କେବଳ ସ୍ଥୂଳ ସତ୍ତାଟିହିଁ ସ୍ୱଭାବତଃ ଅସମର୍ଥ ହୋଇ ରହିଥାଏ ଓ ତେଣୁ ଅନେକ ସମୟ ଲାଗି ସେହି ଆନନ୍ଦ ଓ ପ୍ରେମକୁ ଧରି ରଖିପାରେ ନାହିଁ; ଅବଶ୍ୟ ଯଦି ତାହା ଚୈତ୍ୟ ଦ୍ୱାରା ପରିଚାଳିତ ହେଉଥାଏ, ତେବେ ଅନ୍ୟ କଥା ହୁଏ ।

*କେବଳ ଉଠିବା ପରେହିଁ ମୋ'ର ଅବସ୍ଥା ବଦଳିଯାଏ ।*

ହଁ, ବିଶେଷତଃ ରାତ୍ରି ସମୟରେହିଁ ସ୍ଥୂଳ ସତ୍ତାଟି ଅନ୍ଧକାରାଚ୍ଛନ୍ନତା ଏବଂ ଅଚେତନତା ମଧ୍ୟକୁ ଖସିପଡ଼େ ।

*ଏତେ ବେଶୀ ସୁଖର ପରେ ପରେ ଏତେ ବେଶୀ ବିକ୍ଷୋଭ କାହିଁକି ଆସେ, ମୁଁ ତାହା ମୋଟେ ବୁଝିପାରେ ନାହିଁ । ଏପରି ଯେ ପ୍ରଥମଥର ପାଇଁ ଘଟିଲା, ସେ କଥା ଆଦୌ ନୁହେଁ ।*

ଚେତନାର ଗତିକ୍ରିୟାଗୁଡ଼ିକ ଠିକ୍ ଏକ ପେଣ୍ଡୁଲମ୍‌ର ଗତିକ୍ରିୟା ଭଳି । ତାହା ଗୋଟିଏ ଆଡ଼କୁ ଯେତିକି ଅଧିକ ଚାଲି ଯାଉଥାଏ, ବିପରୀତ ଦିଗରେ ମଧ୍ୟ ସେତିକି ଅଧିକ ଦୂରକୁ ଚାଲିଯାଏ ।

*୧୯ ଡିସେମ୍ବର ୧୯୩୪*

'oaob.nitrkl.ac.in' images reprocessed

*କେଉଁସବୁ ସଙ୍କେତ ଦେଖିଲେ ଅତିମାନସ ଉପରିଭାଗକୁ ଆସିଲାଣି ବୋଲି କହିବା ସମ୍ଭବ ହେବ ?*

ଶାନ୍ତି ଲାଗିବ, ଖୁସି ଲାଗିବ,— ବିଶ୍ୱାସ ପୂର୍ଣ୍ଣ ହୋଇ ରହିଥିବା; ଏକ ଗଭୀର ଏବଂ ଯଥାର୍ଥ ମଙ୍ଗଳାକାଙ୍‌କ୍ଷା ପରିପୂର୍ଣ୍ଣ ଥିବ ଏବଂ ଦିବ୍ୟ ଉପସ୍ଥିତିର ଅତ୍ୟନ୍ତ ନିକଟରେ ଅବସ୍ଥାନ କରୁଥିବ ।

*୨୦ ଡିସେମ୍ବର ୧୯୩୪*

*ମୋ' ସ୍ୱପ୍ନରେ ମୁଁ ଦେଖିବାକୁ ପାଇଲି ଯେ ଆପଣ ଲେଖିଥିଲେ, ''ମୋ'ର ଟିକି ସନ୍ତାନଟି, ତୁ ଅଧ୍ୟୟନ କାହିଁକି ବନ୍ଦ କରିଦେଲୁ ?'' ଆପଣ ଆହୁରି ଅନେକ କଥା ଲେଖିଥିଲେ ଏବଂ, ଯଦି ସମ୍ଭବ ହୁଏ, ଆପଣ ଏଥିରେ ମଧ୍ୟ ସେହି କଥାଗୁଡ଼ିକୁ ଲେଖିଦେବେ ବୋଲି ମୁଁ ଇଚ୍ଛା କରୁଛି ।*

ହଁ, ତୁମେ କାହିଁକି ଅଧ୍ୟୟନ କରି ନ ଥିଲ ବୋଲି ମୁଁ ତୁମକୁ କାଲି ରାତିରେ କହିଥିଲି; ଏବଂ ମୁଁ କହିଥିଲି ଯେ, ପ୍ରାଣର ଆବେଗଗୁଡ଼ିକ ପାଖରେ ସେହିପରି ଭାବରେ ବଶ ହୋଇ ରହିଯିବା ଦ୍ୱାରା ତୁମେ କଦାପି ତାହାକୁ ନିଜର ନିୟନ୍ତ୍ରଣରେ ଆଣି ପାରିବ ନାହିଁ । ତୁମେ ନିଜ ପାଇଁ ଅବଶ୍ୟ ଏକ ଶୃଙ୍ଖଳା ତିଆରି କରିବ ଏବଂ, ଯଦି ତୁମେ ଏହି ପ୍ରାଣସ୍ତରୀୟ ମନ୍ଦଇଚ୍ଛା ଏବଂ ମାନସିକ ଅବସାଦର ଅବସାନ ଘଟୁ ବୋଲି ପ୍ରକୃତରେ ଇଚ୍ଛା କରୁଥିବ, ତେବେ ତୁମକୁ ଯେକୌଣସି ପ୍ରକାରେ ସେହି ଶୃଙ୍ଖଳାକୁ ନିଜ ଉପରେ ଆଣି ଲାଗୁ କରିବାକୁ ହେବ । ଶୃଙ୍ଖଳା ବ୍ୟତୀତ ଜୀବନରେ କିଛି କରି ହେବ ନାହିଁ, ଯାବତୀୟ ଯୋଗ ମଧ୍ୟ ଅସମ୍ଭବ ହୋଇ ରହିଥିବ ।

*୨୨ ଡିସେମ୍ବର ୧୯୩୪*

*ଶାରୀରିକ କାର୍ଯ୍ୟରେ ଶୃଙ୍ଖଳା ଅନୁସାରେ ଚାଲିବା କଷ୍ଟକର ହୁଏ ନାହିଁ, ମାତ୍ର, ଭିତରେ ଅସ୍ୱସ୍ତି ରହିଥିବା ସମୟରେ ଅଧ୍ୟୟନ ପାଇଁ ତାହା କଷ୍ଟକର ହୋଇପଡ଼େ । ତଥାପି, ମୁଁ ଠିକ୍ କରିଛି ଯେ, ଯେଉଁସବୁ ଦିନ ମୁଁ ଅଧ୍ୟୟନ ନ କରିବି, ସେଦିନ ମୁଁ ମୋ'ର ମଧ୍ୟାହ୍ନଭୋଜନକୁ ମଧ୍ୟ ବନ୍ଦ କରିଦେବି ।*

କି ଅଦ୍ଭୁତ ଧାରଣା ! ପ୍ରାଣ କରିଥିବା ଏକ ଭୁଲ୍ ପାଇଁ ତୁମ ଶରୀରକୁ କାହିଁକି ଶାସ୍ତି ଦେବ ? ଏହା ଆଦୌ ଠିକ୍ ହେବ ନାହିଁ ।

*୨୨ ଡିସେମ୍ବର ୧୯୩୪*

'oaob.nitrkl.ac.in' images reprocessed

*'କ' ମୋତେ କହିଲେ ଯେ, ଗତ ଅଳ୍ପ କେତେବର୍ଷ ହେଲା ଆପଣଙ୍କର ସଂକଳ୍ପ ମୁତାବକହିଁ ସବୁକିଛି ହୋଇଛି । ମାତ୍ର ମୁଁ ତାହାର ଠିକ୍ ଓଲଟା ଭାବୁଛି – ମୁଁ ଭାବୁଛି ଯେ ଆପଣଙ୍କର ଦିବ୍ୟ ବିଧାନ ମୁତାବକ ଖୁବ୍ କମ୍‌ସଂଖ୍ୟକ କାର୍ଯ୍ୟହିଁ ହୋଇଛି । (ମୁଁ ତାଙ୍କୁ ଏହି କଥାଟି କହିଲି ନାହିଁ ।)*

ତାଙ୍କୁ କହି ନାହଁ ଠିକ୍ କରିଛ; ମାତ୍ର ଏହି କଥାଟି ନିଶ୍ଚୟ ସତ ଯେ ଏହି ପୃଥିବୀରେ ବହୁତ କମ୍ କଥା ଦିବ୍ୟ ଇଚ୍ଛା ମୁତାବକ ହୋଇପାରୁଛି ।

*୨୭ ଡିସେମ୍ବର ୧୯୩୪*

*ମାଆ, ମୁଁ ପ୍ରକୃତରେ କ'ଣ, ଆପଣ ମୋତେ କହିଦିଅନ୍ତୁ ।*

ବାହ୍ୟତଃ ତୁମେ ହେଉଛ ଗୋଟିଏ ଅଚେତନ ଶିଶୁ, ଯିଏକି ସଚେତନ ହେବାକୁ ଚେଷ୍ଟା କରୁଛି ।

ଅନ୍ତର୍ଗତ ଭାବରେ, ତୁମେ ହେଉଛ ଏକ ଶାଶ୍ୱତ ଆତ୍ମା, ଯାହାକି ଗୋଟିଏ ଶରୀର ମଧ୍ୟରେ ନିଜକୁ ପ୍ରକାଶିତ କରିବାକୁ ଚେଷ୍ଟା କରୁଛି ।

*୭ ଜାନୁଆରି ୧୯୩୫*

*ମୁଁ ଭାବିଥିଲି ଯେ ଆତ୍ମା ସବୁବେଳେ ଶରୀର ଭିତରେ ରହିଛି, ଏବଂ ତାହାର ଉପସ୍ଥିତି ବ୍ୟତୀତ ଅସ୍ତିତ୍ୱ କଦାପି ସମ୍ଭବ ହେବ ନାହିଁ ।*

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଆତ୍ମା ଶରୀର ଭିତରେ ରହିଛି, ମାତ୍ର ଏହା ପ୍ରକଟ ହୋଇ ନାହିଁ;– ସିଏ ରହିଛି ବୋଲି ପ୍ରତ୍ୟକ୍ଷ ହେଉ ନାହିଁ ଏବଂ ଶରୀରର ଜୀବନଟି ଉପରେ ତାହାର ଖୁବ୍ କମ୍ ପ୍ରଭାବ ରହିଛି ।

*ସତ୍ତାର କେଉଁ ଅଂଶଟି ପ୍ରେମ ଏବଂ ଶାନ୍ତି ପାଇଁ ଅଭୀପ୍ସା କରିଥାଏ ?*

ଯେକୌଣସି (ଶାରୀରିକ, ପ୍ରାଣିକ ବା ମାନସିକ) ଭୂମିରେ ହେଉ ପଛକେ, ଯେଉଁ ଅଂଶଟି ଚୈତ୍ୟ ପ୍ରଭାବଟି ଲାଗି ଉନ୍ମୋଚିତ ହୋଇ ରହିଥାଏ ।

*୭ ଜାନୁଆରି ୧୯୩୫*

'oaob.nitrkl.ac.in' images reprocessed

*ମାଆ, ଆପଣ କେତେ ଶତାବ୍ଦୀ ପୂର୍ବେ ପୃଥିବୀପୃଷ୍ଠରେ ଅବତରଣ କରିଥିଲେ, ମୁଁ ସେକଥା ଜାଣି ପାରିବି କି ?*

ଏହି ପୃଥିବୀ ଗଠିତ ହେବା ଦିନଠାରୁ ମୁଁ କେବେ ପୃଥିବୀ ଛାଡ଼ିଯାଇ ନାହିଁ ।

*୧୦ ଜାନୁଆରି ୧୯୩୫*

*କୃଷ୍ଣ, ବୁଦ୍ଧ ଓ ଯିଶୁଖ୍ରୀଷ୍ଟଙ୍କୁ ଅବତାର ବୋଲି କୁହାଯାଏ । ତେଣୁ, ଏହି ବ୍ୟକ୍ତିମାନେ ଆପଣଙ୍କଠାରୁ ଅଭିନ୍ନ ନ ଥିଲେ କି ?*

କୃଷ୍ଣ ଏକ ଅବତାର ଥିଲେ; ମାତ୍ର ବୁଦ୍ଧ ଏବଂ ଖ୍ରୀଷ୍ଟଙ୍କୁ କେବଳ ଗୋଟିଏ ଗୋଟିଏ ପ୍ରସର୍ଜନ ବୋଲି କୁହାଯିବ । ଏବଂ, ତୁମ ପ୍ରଶ୍ନର ଦ୍ୱିତୀୟ ଅଂଶଟି ବିଷୟରେ, ତୁମେ କେଉଁ ଅର୍ଥରେ ତାହା କହୁଛ, ମୋ'ର ସେବିଷୟରେ କୌଣସି ଧାରଣା ନାହିଁ ।

*୧୧ ଜାନୁଆରି ୧୯୩୫*

*ସ୍ଥିର ହୋଇ ରହିବାକୁ ଆପଣ ନିର୍ଦ୍ଦିଷ୍ଟ ଭାବରେ କେଉଁ ଅର୍ଥରେ ବୁଝୁଛନ୍ତି, ମୁଁ ଜାଣିବାକୁ ଇଚ୍ଛା କରୁଛି ।*

ଏହାର ଅର୍ଥ ହେଉଛି ଉତ୍ତେଜିତ ନ ହେବା – ଅର୍ଥାତ୍, ସର୍ବୋପରି **ମନଃସ୍ତରରେ,** ତୁମର ଅନୁଭବ ଓ ତୁମର ଭାବନାଗୁଡ଼ିକର କ୍ଷେତ୍ରରେ ।

*୧୪ ଜାନୁଆରି ୧୯୩୫*

*ଯୌନ-କେନ୍ଦ୍ର ଏବଂ ତାହାର ଶକ୍ତିକୁ କିପରି ଅନ୍ତର୍ଗତ ପରମାଲୋକର ଏକ ପିଣ୍ଡ ଏବଂ ଏକ ଗତିଶୀଳତାକୁ ପରିବର୍ତ୍ତିତ କରାଯାଇ ପାରିବ, ଏକ ସୃଜନାତ୍ମକ ଶକ୍ତି, ଏକ ଶୁଦ୍ଧ ଦିବ୍ୟ ପରମାନନ୍ଦରୂପେ ପରିବର୍ତ୍ତିତ କରାଯାଇ ପାରିବ ?*

ସେହି କେନ୍ଦ୍ର ଭିତରକୁ ଆଲୋକର କ୍ରମସଞ୍ଚାରଣ ଦ୍ୱାରା ।

*୧୫ ଜାନୁଆରି ୧୯୩୫*

*ମୁଁ ପ୍ରାୟ ସବୁବେଳେ ଅଶାନ୍ତ ଏବଂ ଅବସାଦଗ୍ରସ୍ତ ଅନୁଭବ କରୁଥାଏ – ଏବଂ*

'oaob.nitrkl.ac.in' images reprocessed

*ମୁଁ କାଳେ ଅନ୍ୟମାନଙ୍କର ମଧ୍ୟ ଶାନ୍ତିଭଙ୍ଗ କରିବି, ସେହି ଭୟ ବି କରୁଥାଏ ।*

ତାହା ଏକ ଅତ୍ୟନ୍ତ ପ୍ରଶଂସନୀୟ ମନୋଭାବ,– ମାତ୍ର ସର୍ବୋତ୍ତମ କଥାଟି ହେବ, ଯଦି ତୁମେ ସେହି ଅବସାଦରୁ ନିଜକୁ ମୁକ୍ତ କରି ଆଣିପାରିବ, ଯେପରିକି ଅନ୍ୟମାନଙ୍କ ପାଖକୁ ତାହା ସଂକ୍ରାମିତ ହୋଇଯିବାର ଆଉ କୌଣସି ଭୟ ନ ଥିବ ।

*୧୬ ଜାନୁଆରି ୧୯୩୫*

*ଆଜି ସକାଳେହିଁ ଏକ ବୃହତ୍ ଅବସନ୍ନତା ଆସି ଘାରି ରଖିଛି ଏବଂ ତେଣୁ ଅଧ୍ୟୟନ କରିବା ଆଦୌ ସମ୍ଭବ ହେଉ ନାହିଁ । ମାଆ, ମୁଁ କ'ଣ କରିବି ?*

ନିଜକୁ ଜୋର୍ କରି ଅଧ୍ୟୟନରେ ନିୟୋଜିତ କର ଏବଂ ତେବେ ତୁମର ଅବସନ୍ନତା ଦୂର ହୋଇଯିବ । ତୁମେ ଏପରି ଜଣେ କଲେଜ ଛାତ୍ରର କଳ୍ପନା କରିପାରିବ ଯିଏକି ନିଜ ଅଧ୍ୟାପକଙ୍କୁ ''ଆଜ୍ଞା, ମୁଁ ଘରକୁ ଦିଆ ଯାଇଥିବା ପାଠ ଆଜି କରି ନାହିଁ, କାରଣ ମୋତେ ଭାରି ଅବସନ୍ନ ଲାଗିଲା'' ବୋଲି ଆସି କହୁଥିବ ?

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଅଧ୍ୟାପକ ତାକୁ ଅତ୍ୟନ୍ତ କଠୋର ଶାସ୍ତି ଦେବେ ।

*୧୬ ଜାନୁଆରି ୧୯୩୫*

*ମୋ'ର ସତ୍ତା ଚେତନାର ଅଧିକରୁ ଅଧିକ ନିମ୍ନ ସ୍ତରକୁ ଖସିଯିବାରେ ଲାଗିଛି ।*

ତୁମେ କ'ଣ ଜାଣିପାରୁ ନାହଁ ଯେ ତୁମେ ନିଜ ବିଷୟରେ କିଞ୍ଚିତ୍ ଅତିରିକ୍ତ ପରିମାଣରେ ଭାବୁଛ ? ତୁମେ ମୋତେ ଏପରି ଜଣେ ରୋଗଭ୍ରମଗ୍ରସ୍ତ ବ୍ୟକ୍ତିର କଥା ସ୍ମରଣ କରାଇ ଦେଉଛ ଯିଏକି ତା' ଦେହରେ ଜ୍ୱର ଅଛି କି ନାହିଁ ଜାଣିବା ପାଇଁ ସବୁବେଳେ ନିଜର ନାଡ଼ୀ ଦେଖିବାରେ ଲାଗିଥାଏ ।

*୧୭ ଜାନୁଆରି ୧୯୩୫*

*ଏଥିରେ କୌଣସି ସନ୍ଦେହ ନାହିଁ ଯେ ମୁଁ ନିଜ ଗତିବିଧିଗୁଡ଼ିକ ବିଷୟରେ ଅତିରିକ୍ତ ଭାବରେ ଚିନ୍ତା କରୁଛି । ଭବିଷ୍ୟତରେ ମୁଁ ମୋ'ର ଗୋଟିଏ ଗତିବିଧି ସମ୍ବନ୍ଧରେ ଥରେ ମାତ୍ର ଜଣାଇବି । ମାତ୍ର, ଏହା ବିଷୟରେ ଚିନ୍ତା ନ କରିବା ମୋ' ଲାଗି ମୋତେ ସହଜ ହେବ ନାହିଁ ।*

'oaob.nitrkl.ac.in' images reprocessed

ମାତ୍ର, ସେହି ବିଷୟରେ ଚିନ୍ତା କରିବାରେ ଲାଗିଥିଲେ, ସେ ବିଷୟରେ ମୋତେ ନ ଜଣାଇଲେ ଆଦୌ କିଛି ଫଳ ହେବ ନାହିଁ । ବରଂ, ଯଦି ତୁମେ ମୋତେ କଥାଟିକୁ କହିଦେବ, ତେବେ ତୁମକୁ ମୁଁ ଅଧିକ ସହଜରେ କିଛି ସାହାଯ୍ୟ କରି ପାରିବି ।

*୧୮ ଜାନୁଆରି ୧୯୩୫*

*ଏକଥା କ'ଣ ସତ୍ୟ ଯେ ଏକଦା – 'ସତ୍ୟଯୁଗରେ'– ଦିବ୍ୟ ପରମସତ୍ତା ସର୍ବତ୍ର ଶାସନ କରୁଥିଲେ ?*

ମାତ୍ର ଏହି ପୃଥିବୀପୃଷ୍ଠରେ କଦାପି ନୁହେଁ ।

*ଆତ୍ମାର କ'ଣ କେବେ ବିନାଶ ହୁଏ ନାହିଁ ? ତାହାକୁ କ'ଣ ସର୍ବଦା ଏକ ଶରୀର ଗ୍ରହଣ କରିବାକୁ ହୋଇଥାଏ ?*

ତାହା ଆଦୌ ଅବଶ୍ୟମ୍ଭାବୀ ନୁହେଁ; ମାତ୍ର, ସ୍ଥୂଳ ଜୀବନକୁ ଫେରିଯିବ କିଂବା ରୂପାୟିତ ଜଗତ୍ ବାହାରେ ବିଶ୍ରାମ ନେବ, ଦୁଇଟା ମଧ୍ୟରୁ ଗୋଟାଏ ବାଛିନେବାର ଶକ୍ତି ଅର୍ଜନ କରିବା ପୂର୍ବରୁ ଆତ୍ମାକୁ ଏକ **ଅତି ଉଚ୍ଚ ମାତ୍ରାର ପରିପୂର୍ଣ୍ଣତା** ହାସଲ କରିବାକୁ ହୋଇଥାଏ ।

*୨୩ ଜାନୁଆରି ୧୯୩୫*

*ମୁଁ ଭାବୁଥିଲି ଯେ ଆତ୍ମା ଆପଣା ସ୍ୱଭାବ ଅନୁସାରେ ପରିପୂର୍ଣ୍ଣହିଁ ହୋଇଥିବ । ''ଯେଉଁ ସତ୍ୟରୁ ଏହା ଉଦ୍‌ଗତ ହୋଇ ଆସିଛି, ତାହାରି ଅଭିମୁଖରେ ଆତ୍ମା ଆରୋହଣ କରି ଯାଉଥିବ''ର ଅର୍ଥ ମୁଁ ବୁଝିପାରୁ ନାହିଁ ।*

ଆତ୍ମା ହେଉଛି ମର୍ମତଃ ଏକ ଦିବ୍ୟ ସତ୍ତା, ମାତ୍ର ସେହି ଆତ୍ମା (ଚୈତ୍ୟ ସତ୍ତା) ବିବର୍ତ୍ତନର ଯାବତୀୟ ରୂପ ମଧ୍ୟଦେଇ ବୃଦ୍ଧିଲାଭ କରୁଥାଏ; ତାହା ଅଧିକରୁ ଅଧିକ ଏକ ବ୍ୟକ୍ତିସତ୍ତାର ସ୍ୱଭାବକୁ ଧାରଣ କରୁଥାଏ ଏବଂ ନିଜ ବିଷୟରେ ତଥା ନିଜର ଉଦ୍‌ଗମସ୍ଥଳଟି ବିଷୟରେ ଅଧିକରୁ ଅଧିକ ସଚେତନ ହେଉଥାଏ ।

*୨୪ ଜାନୁଆରି ୧୯୩୫*

'oaob.nitrkl.ac.in' images reprocessed

*ମୁଁ ଭାବୁଛି ଯେ ମୋ' ଚେତନାର ସ୍ଥିତି ଅନୁସାରେ ଆପଣଙ୍କର କ୍ରିୟା ବଦଳି ବଦଳି ଯାଉଥାଏ । ମୁଁ ଯେତେବେଳେ ଭଲ ଅବସ୍ଥାରେ ଥାଏ ଓ ଯେତେବେଳେ ଅବସାଦଗ୍ରସ୍ତ ହୋଇ ରହିଥାଏ, ଦୁଇ ଅବସ୍ଥା ମଧ୍ୟରେ ମୁଁ ଏକ ବୃହତ୍ ପାର୍ଥକ୍ୟ ରହିଥିବାର ଦେଖିବାକୁ ପାଏ ।*

ମୋ'ର କ୍ରିୟା ବଦଳେ ନାହିଁ, ମାତ୍ର ତୁମର ଦେଖିବାର ଧାରାଟି ବଦଳି ଯାଉଥାଏ ।

*୨୫ ଜାନୁଆରି ୧୯୩୫*

*ମୁଁ ଭାବୁଛି ଯେ, ମୁଁ ଯେତେବେଳେ ଆପଣାକୁ ନିଜର ଅଧ୍ୟୟନରେ ନିୟୋଜିତ କରି ରଖି ନ ଥାଏ, ସେତେବେଳେ ଆପଣ ସେକଥାକୁ ଖୁବ୍ ବେଶୀ ପସନ୍ଦ କରନ୍ତି ନାହିଁ ।*

ଅଧ୍ୟୟନ ଦ୍ୱାରା ମସ୍ତିଷ୍କ ବଳଯୁକ୍ତ ହୁଏ ଏବଂ ତାହା ପ୍ରାଣିକ ଭୂମିର ଆବେଗ ଓ ବାସନାଗୁଡ଼ିକ ପାଖରୁ ଏହାର ସଂକେନ୍ଦ୍ରଣକୁ ମଧ୍ୟ ହଟାଇ ଆଣିଥାଏ । ମନ ତଥା ପ୍ରାଣକୁ ନିୟନ୍ତ୍ରଣ କରିବାରେ ଅଧ୍ୟୟନରେ ନିଜକୁ ସଂକେନ୍ଦ୍ରିତ କରି ରଖିବା ଏକ ଅତ୍ୟନ୍ତ ଶକ୍ତିଶାଳୀ ସାଧନରୂପେ କାର୍ଯ୍ୟ କରେ । ତେଣୁ, ଅଧ୍ୟୟନ କରିବା ଏଡ଼େ ମହତ୍ତ୍ୱପୂର୍ଣ୍ଣ ହୋଇ ରହିଥାଏ ।

*୨୮ ଜାନୁଆରି ୧୯୩୫*

*ମୋ' ଭିତରେ ଏପରି କିଛି ରହିଛି, ଯାହା ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଭଲ ପାଏ । ମାତ୍ର ଏହା ଆଦୌ ଉଚିତ ନୁହେଁ ।*

ଏହାଦ୍ୱାରା ଏକ ଅତ୍ୟନ୍ତ ଉତ୍ତମ ପ୍ରକୃତିର ପରିଚୟ ମିଳେ ସତ, ମାତ୍ର ଏହାକୁ ବିପଦ୍‌ଶୂନ୍ୟ ଭାବରେ କରିବାକୁ ହେଲେ ନିଜ ଉପରେ ପୂର୍ଣ୍ଣ ନିୟନ୍ତ୍ରଣ ରହିଥିବା ଆବଶ୍ୟକ ହୁଏ ।

*୩୦ ଜାନୁଆରି ୧୯୩୫*

*କେତେ କେତେ କାର୍ଯ୍ୟ କରିବାକୁ ରହିଛି, ଅଥଚ, ମୁଁ ବୃଥାରେ ସମୟ ନଷ୍ଟ କରିଦେଉଛି । ମାଆ, ମୋ'ର କାର୍ଯ୍ୟଗୁଡ଼ିକ କେବେ ଯାଇ ଆପଣଙ୍କ ସହିତ ସମଞ୍ଜସତା ରକ୍ଷା କରି ପାରିବ ?*

'oaob.nitrkl.ac.in' images reprocessed

ଏହା ହେଉଛି ଇଚ୍ଛାର ବ୍ୟାପାର । ତୁମକୁ ନିଜ ଇଚ୍ଛାଶକ୍ତିର ଅନୁଶୀଳନ କରିବାକୁ ହେବ, ତାହାକୁ ବଳଶାଳୀ କରିବାକୁ ହେବ — ତେବେ ତୁମର ସମୟ ଆଉ କଦାପି ବୃଥାରେ ନଷ୍ଟ ହେବ ନାହିଁ ।

*୩୦ ଜାନୁଆରି ୧୯୩୫*

*ମୁଁ ଭାବୁଛି, ମୋ'ର ମନ ଆଦୌ ଯେ ଶାନ୍ତ ହୋଇ ପାରୁ ନାହିଁ, ତା'ର କାରଣ ହେଉଛି, ମୁଁ ଯଥେଷ୍ଟ ଦୃଢ଼ତା ସହିତ ଅଧ୍ୟୟନ କରୁ ନାହିଁ । ଏହି ଅଧ୍ୟୟନ ମୋତେ ଖୁବ୍ ବେଶୀ ସୁଖ ଦେଇପାରୁ ନାହିଁ ।*

ଅଧ୍ୟୟନ କେହି ସୁଖ ପାଇଁ କରେ ନାହିଁ— ଶିକ୍ଷା କରିବା ପାଇଁ ଏବଂ ନିଜ ମସ୍ତିଷ୍କର ବିକାଶ ପାଇଁ ଅଧ୍ୟୟନ କରିବାକୁ ହୁଏ ।

*୧ ଫେବ୍ରୁଆରି ୧୯୩୫*

*ଯେତେବେଳେ ଆପଣ ଛୋଟ ଥିଲେ, ଆପଣଙ୍କର ପିଲାବେଳେ, ଆପଣ ଦିବ୍ୟ ପରମସତ୍ତାଙ୍କର ଅବତାର ବୋଲି ଜାଣିଥିଲେ କି ?*

ମୁଁ ସଚେତନ ଥିଲି ।

*୨ ଫେବ୍ରୁଆରି ୧୯୩୫*

*କେବଳ କୌଣସି କାର୍ଯ୍ୟ କରିସାରିବା ପରେ ଯାଇ ମୁଁ ସାଧାରଣତଃ ସେହି ଗତିକ୍ରିୟାଟି ବିଷୟରେ ସଜ୍ଞାନତା ଲାଭ କରିଥାଏ । ଯଦି ମୁଁ କାର୍ଯ୍ୟଟିଏ କରିବା ପୂର୍ବରୁ ଗୋଟାଏ ମିନିଟ୍ ଅପେକ୍ଷା କରି ପାରୁଥା'ନ୍ତି, ତେବେ ମୋ'ର ଭୁଲ୍ ଗତିକ୍ରିୟାଗୁଡ଼ିକୁ ଅବଶ୍ୟ ଏଡ଼ି ପାରୁଥା'ନ୍ତି ।*

ହଁ, ଆଧ୍ୟାତ୍ମିକ ଜୀବନର ଦୃଷ୍ଟିକୋଣରୁ ମୁଁ କରିବାକୁ ଯାଉଥିବା କାର୍ଯ୍ୟଟି ପ୍ରକୃତରେ ସହାୟକ ହେବ କି ନାହିଁ, ନିଜକୁ ତାହା ପଚାରିବା ନିମନ୍ତେ କାର୍ଯ୍ୟଟିଏ କରିବା ପୂର୍ବରୁ କେତେ ସେକେଣ୍ଡ ଅଟକି ଯାଇ ପାରିବାର ଅଭ୍ୟାସଟିକୁ ଶିକ୍ଷା କରିବା ଦ୍ୱାରା ବହୁତ ଭଲ ଫଳ ମିଳେ ।

*୪ ଫେବ୍ରୁଆରି ୧୯୩୫*

'oaob.nitrkl.ac.in' images reprocessed

*ଜ୍ଞାନ ପୂର୍ବରୁହିଁ ଆମଭିତରେ ରହିଛି ବୋଲି କୁହାଯାଇଥାଏ । ମାତ୍ର ମୁଁ ଭାବୁଛି ଯେ, ଆତ୍ମାହିଁ ଜ୍ଞାନକୁ ଗ୍ରହଣ କରେ ଏବଂ ମନ ଏବଂ ପ୍ରାଣ ମଧ୍ୟକୁ ତାହାକୁ ସଞ୍ଚାରିତ କରିଦିଏ ।*

ଏହିସବୁ ବିଚାରରେ କୌଣସି ବିରୋଧ ଥିବାର ମୁଁ ଦେଖିପାରୁ ନାହିଁ । ଚୈତ୍ୟସତ୍ତାହିଁ ପରମସତ୍ୟକୁ ଗ୍ରହଣ କରେ ଏବଂ ମନ ଏବଂ ପ୍ରାଣକୁ ସଂଚାରିତ କରିଦିଏ ।

*୬ ଫେବ୍ରୁଆରି ୧୯୩୫*

*"ଚୈତ୍ୟର ସଂଜ୍ଞା ଅନୁସାରେ ତାହାକୁ କଦାପି ସେହି ଅଂଶ ବୋଲି କୁହାଯିବ ନାହିଁ, ଯିଏକି ଅତିମାନସ ଭୂମିକୁ ସିଧା ସ୍ପର୍ଶ କରି ରହିଥାଏ ।... ଆମଭିତରେ ରହିଥିବା ଚୈତ୍ୟ ଅଂଶଟି ଏପରି ଗୋଟିଏ ବସ୍ତୁ ଯାହାକି ସିଧା ଦିବ୍ୟ ପରମସତ୍ତାଙ୍କ-ଠାରୁ ଆସିଥାଏ ଏବଂ ତାହାଙ୍କୁହିଁ ସ୍ପର୍ଶ କରି ରହିଥାଏ ।" (ଶ୍ରୀଅରବିନ୍ଦ)*

*ମୁଁ ଅତିମାନସ ଏବଂ ଦିବ୍ୟ ପରମସତ୍ତା ମଧ୍ୟରେ ରହିଥିବା ପାର୍ଥକ୍ୟଟିକୁ ଜାଣି ନାହିଁ ।*

ଏଠାରେ ଯେଉଁ ଦିବ୍ୟ ପରମସତ୍ତାଙ୍କ ବିଷୟରେ କୁହାଯାଇଛି ତାହା କାଳର ଆରମ୍ଭରୁହିଁ ପୃଥିବୀକୁ ସ୍ପର୍ଶ କରି ରହିଛନ୍ତି । ଅତିମାନସ ହେଉଛି ଦିବ୍ୟ ପରମସତ୍ତାଙ୍କର ଏକ ନୂତନ ସଂସ୍ଥିତି, ଯାହାକି ଏପର୍ଯ୍ୟନ୍ତ ଆପଣାକୁ ଏହି ପୃଥିବୀପୃଷ୍ଠରେ ପ୍ରକଟ କରି ନାହିଁ ।

*୭ ଫେବ୍ରୁଆରି ୧୯୩୫*

*ଏହି ଜୀବନଟା ପ୍ରକୃତରେ କେତେ କୌତୁକମୟ ! ଆତ୍ମାକୁ ବିବର୍ତ୍ତନର ପ୍ରକ୍ରିୟା ମଧ୍ୟରେ ରହିଥିବାର ପ୍ରତ୍ୟକ୍ଷ କରିବା ପ୍ରକୃତରେ କୌତୁକପୂର୍ଣ୍ଣ । ଏଥିରେ ପ୍ରତ୍ୟେକ ବସ୍ତୁ ଆଗ୍ରହୋଦ୍ଦୀପକ । ଏହି ଅନୁଭବ ପ୍ରକୃତରେ କାହାର – ମନର ?*

ହଁ, ମନର । ମାତ୍ର ଅଗ୍ନିଦେବତାଙ୍କର ଶିଖାଟିର ଏକ ପ୍ରଥମ ପ୍ରଭାବର ସ୍ପର୍ଶ ପାଇସାରିବା ପରେ ।

*୮ ଫେବ୍ରୁଆରି ୧୯୩୫*

*ଆତ୍ମାକୁ ବିକଶିତ ହେବାର ଦେଖିବା ବେଶ୍ କୌତୁକଦାୟକ ବୋଲି ମନୁଷ୍ୟର ମନ କିପରି କହିପାରିବ ? କାରଣ, ଆତ୍ମା ତ ମନର ଊର୍ଦ୍ଧ୍ୱରେ ରହିଛି ।*

'oaob.nitrkl.ac.in' images reprocessed

ମନ ଯେତେବେଳେ ଏକଥା କହେ, ସେତେବେଳେ ତାହା ପ୍ରାଣିକ ଆତ୍ମା ବିଷୟରେ ଯାହାକିଛି କହୁଥାଏ, କାରଣ ଜୀବନରେ ତାହାରହିଁ ବିକାଶ ହେଉଥାଏ ।

*ମାଆ, ମୁଁ ଅଗ୍ନିଦେବତାଙ୍କର ଏହି ଶିଖା ବିଷୟରେ କିଛି ଜାଣିବାକୁ ଇଚ୍ଛା କରୁଛି ।*

ଏହା ହେଉଛି ବିଶୁଦ୍ଧୀକରଣର ଶିଖା, ଅଗ୍ରଗତିର ସଂକଳ୍ପଶକ୍ତି ।

*୯ ଫେବ୍ରୁଆରି ୧୯୩୫*

*ମୁଁ ଭାବୁଛି, ''ପ୍ରାଣିକ ଆତ୍ମା'' କହିଲେ ଆପଣ ପ୍ରାଣିକ ସତ୍ତାକୁହିଁ ବୁଝୁଛନ୍ତି ।*

ପ୍ରାଚୀନ ବ୍ୟକ୍ତିମାନେ ପ୍ରାଣିକ ଆତ୍ମାକୁ ''ଆନିମା'' ବା ପ୍ରେରଣାଶକ୍ତି ବୋଲି କହିଛନ୍ତି । ଏହି ଶକ୍ତି ପ୍ରେରିତ କରାଏ, ଶରୀର ଭିତରେ ପ୍ରାଣ ସଞ୍ଚାର କରି ରଖିଥାଏ । ଏହାକୁ ବେଳେବେଳେ ଅତୀନ୍ଦ୍ରିୟ ସତ୍ତା ବୋଲି ମଧ୍ୟ କୁହା ଯାଇଥାଏ । *୧୧ ଫେବ୍ରୁଆରି ୧୯୩୫*

*ଅନ୍ତର୍ଗତ ବିକାଶଟି ହେଉଛି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ, କାରଣ ଆମେ ତାହାରି ମାଧ୍ୟମରେହିଁ ଆପଣଙ୍କର ପ୍ରେମ ଏବଂ ଶାନ୍ତିକୁ ଲାଭ କରୁ । ଭାବନା କିଂବା ଆଉ କୌଣସିର ମାଧ୍ୟମରେ ତାହା ପ୍ରାପ୍ତ ହୁଏ ନାହିଁ । ବାହ୍ୟବସ୍ତୁଗୁଡ଼ିକର ମାଧ୍ୟମରେ ଯେଉଁ ଆନନ୍ଦ ମିଳେ, ଆପଣଙ୍କର ବାହ୍ୟ କ୍ରିୟାଗୁଡ଼ିକରୁ ଯେଉଁ ଆନନ୍ଦ ମିଳିଥାଏ, ତାହା ଦିବ୍ୟ ଅଥବା ଆଧ୍ୟାତ୍ମିକ ଉତ୍ସରୁ ଆଦୌ ଆସି ନ ଥାଏ । ଏହି କଥାଟିର ପ୍ରମାଣ ହେଉଛି ଯେ, ଆପଣଙ୍କର କାର୍ଯ୍ୟଗୁଡ଼ିକ ବଦଳିଗଲେ ଆମେସବୁ ଅତ୍ୟନ୍ତ ବିଚଳିତ ହୋଇପଡୁ ।*

ସମ୍ପୂର୍ଣ୍ଣ ନିରର୍ଥକ !!!!

ତୁମେ ଦୁଇଟି କଥାକୁ ଏକାଠି ଗୋଳିଆମିଶା କରି ଦେଉଛ । ମୁଁ ତୁମକୁ ନିଶ୍ଚିତତାର ସହିତ କହିପାରିବି ଯେ, ମୋ'ର କ୍ରିୟା, ତାହା ଅନ୍ତର୍ଗତ ବା ବାହ୍ୟ ଯାହା ହୋଇଥାଉ ପଛକେ, ତାହା **ସର୍ବଦା ଦିବ୍ୟ ଉତ୍ସରୁହିଁ** ଉଦ୍‌ଗତ ହୋଇ ଆସିଥାଏ । ତୁମେ ଯେଉଁ ବିଚଳିତ ହୋଇପଡ଼, କାର୍ଯ୍ୟରେ ଦିବ୍ୟତାର କୌଣସି ଅଭାବ ଥାଏ ବୋଲି ତାହା ଆଦୌ ଘଟେ ନାହିଁ; ତୁମ ମନରେ ନମନୀୟତା ଏବଂ ଗ୍ରହଣଶୀଳତାର କ୍ଷେତ୍ରରେ, ତୁମ ପ୍ରାଣିକ ଏବଂ ଶାରୀରିକ କ୍ଷେତ୍ରରେ ସେହିଗୁଡ଼ିକର ଅଭାବ ରହିଥାଏ ବୋଲି ସେପରି ଘଟିଥାଏ ।

'oaob.nitrkl.ac.in' images reprocessed

*ମୁଁ ଭାବୁଛି, ସ୍ଥୂଳ ଚେତନାଟିହିଁ ବର୍ତ୍ତମାନ ସକ୍ରିୟ ହୋଇ ରହିଛି, ଆପଣଙ୍କର ଦୋଷ ବାଛିବାରେ ଲାଗିଛି । ଏବେ ମଧ୍ୟ ବିଶୃଙ୍ଖଳତା ରହିଛି,– ଏହାକୁ କିପରି ଝାଡ଼ି ଫିଙ୍ଗିଦେଇ ପାରିବି, ମୁଁ ତାହା ଜାଣି ପାରୁ ନାହିଁ ।*

ଏକମାତ୍ର ଯଥାର୍ଥ ବିନୟ ଦ୍ୱାରାହିଁ ତୁମେ ଏହିସବୁ ବିଶୃଙ୍ଖଳତାରୁ ଆପଣାକୁ ବଞ୍ଚାଇ ରଖିପାରିବ । ଏପରି ଏକ ବିନୟ, ଯାହା ଜାଣିଥାଏ ଯେ ତୁମେ ବର୍ତ୍ତମାନ ମୋତେ ବୁଝିବା ଲାଗି ସମ୍ପୂର୍ଣ୍ଣ ଅସମର୍ଥ ଏବଂ ତେଣୁ ମୋତେ ନେଇ ବିଚାର କରି ବସିବାର ଚେଷ୍ଟା କରିବା ଏକ ଧୃଷ୍ଟ ନିରର୍ଥକତା ବ୍ୟତୀତ ଆଉ କିଛି ନୁହେଁ । *୧୩ ଫେବ୍ରୁଆରି ୧୯୩୫*

*ମୁଁ ସମ୍ପୂର୍ଣ୍ଣ ଅଜ୍ଞାନ, ମୋ' ଭିତରେ ଚେତନାର ଏକାନ୍ତ ଅଭାବ ରହିଛି – ତେବେ ଏହି ଅବସ୍ଥାରେ ମୁଁ ଆପଣଙ୍କୁ ବୁଝିପାରିବି କିପରି, ଆପଣଙ୍କର ବିଚାର ବା କିପରି କରିପାରିବି ?*

ଆଦୌ ବିଚଳିତ ହୋଇ ପଡ଼ ନାହିଁ – ଶାନ୍ତ ହୁଅ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ବର୍ତ୍ତମାନ ତୁମର ଯେଉଁ ଅଂଶଟି ଏକଥା କହୁଛି, ତାହା କେବେହେଲେ ମୋ'ର ବିଚାର କରିବାକୁ ଚେଷ୍ଟା କରି ନାହିଁ । କେବଳ ଶାନ୍ତ ରହିହିଁ ଜଣେ ବ୍ୟକ୍ତି ସର୍ବୋଚ୍ଚ ଆସ୍ପୃହାର ଚତୁର୍ଦ୍ଦିଗରେ ଆପଣାକୁ ଏକଯୁକ୍ତ କରି ରଖିପାରିବ ।

*୧୪ ଫେବ୍ରୁଆରି ୧୯୩୫*

*କେଉଁସବୁ ଅଂଶ ଆପଣଙ୍କର ବିଚାର କରିବାକୁ ଚେଷ୍ଟା କରନ୍ତି, ମୁଁ ତାହା ଜାଣିବାକୁ ଇଚ୍ଛା କରୁଛି ।*

ସ୍ଥୂଳ ମନର ଗୋଟିଏ ଅଂଶ ଏବଂ ସବୁଠାରୁ ଅଧିକ ଜଡ଼ସ୍ଥ ହୋଇ ରହିଥିବା ପ୍ରାଣିକ ।

*୧୫ ଫେବ୍ରୁଆରି ୧୯୩୫*

*ମାଆ, ମୁଁ ଯାଇ କେବେହେଲେ ନମ୍ର ହୋଇପାରିବି ?*

ମୁଁ ଭାବୁଛି, ତାହା ଶୀଘ୍ର ସମ୍ଭବ ହୋଇଯିବ, କାରଣ ତୁମେ ନିଜର ଭୁଲଟିକୁ ହୃଦୟଙ୍ଗମ କରିପାରିଛ । *୧୫ ଫେବ୍ରୁଆରି ୧୯୩୫*

'oaob.nitrkl.ac.in' images reprocessed

*"ସବୁଠାରୁ ଅଧିକ ଜଡ଼ସ୍ଥ ହୋଇ ରହିଥିବା ପ୍ରାଣ" କହିଲେ ଆପଣ କ'ଣ ବୁଝୁଛନ୍ତି, ମୁଁ ତାହା ଜାଣିବାକୁ ଇଚ୍ଛା କରୁଛି ।*

ଏଇଟି ହେଉଛି ପ୍ରାଣର ସେହି ଅଂଶ ଯାହାକି ସ୍ଥୂଳ, ଜଡ଼ ଚେତନାର ନିକଟତମ ହୋଇ ରହିଥାଏ, ଯେଉଁ ଅଂଶଟି ଶରୀର ଭିତରେ ଜୀବନର ସଞ୍ଚାର କରି ରଖିଥାଏ ।

*୧୬ ଫେବ୍ରୁଆରି ୧୯୩୫*

*'ଖ'ଙ୍କ ସହିତ ଯୋଗ ବିଷୟରେ କଥାବାର୍ତ୍ତା ହେବା ଉଚିତ କି ?*

ଏପରି ଭାବରେ ଲୋକମାନଙ୍କ ସହିତ ଯୋଗ ବିଷୟରେ କଥାବାର୍ତ୍ତା କରିବା ତୁମ ଲାଗି ଭଲ ବୋଲି ମୁଁ ଆଦୌ ବିଚାର କରୁ ନାହିଁ । ଏହା ତୁମ ଭିତରେ ଏପରି ଏକ ଭ୍ରମ ସୃଷ୍ଟି କରୁଛି ଯେ, ସେମାନଙ୍କୁ ତୁମର କିଛି ଶିକ୍ଷା ଦେବାର ଅଛି ଏବଂ ତଦ୍ୱାରା ତୁମ ଭିତରେ ବିନୟ ଲାଗି କୌଣସି ଅନୁକୂଳତା ସୃଷ୍ଟି ହେଉ ନାହିଁ । *୧୮ ଫେବ୍ରୁଆରି ୧୯୩୫*

*ଅଧ୍ୟୟନ ମୋ' ଲାଗି ଭାରି ଅସମ୍ଭବ ହୋଇ ପଡ଼ିଲାଣି, ମୋ' ଭିତରର ଜଡ଼ତା ହେତୁ ।*

ଅଧ୍ୟୟନ ନ କଲେ ସେହି ଜଡ଼ତା ବୃଦ୍ଧିହିଁ ପାଉଥିବ ।

*୪ ମାର୍ଚ୍ଚ ୧୯୩୫*

*"ଦିବ୍ୟ ପ୍ରେମ, ସୌନ୍ଦର୍ଯ୍ୟ ଓ ଆନନ୍ଦ ଆଣିବା ନିମନ୍ତେ"– ଏହି କଥାଟିରେ "ସୌନ୍ଦର୍ଯ୍ୟ" କହିଲେ କ'ଣ ବୁଝାଉଛି ?*

ସ୍ୱୟଂ ଦିବ୍ୟ ପରମସତ୍ତାଙ୍କ ଯାଏ ସତ୍ତାର ପ୍ରତ୍ୟେକ ସ୍ତରରେ ଏକ ସୌନ୍ଦର୍ଯ୍ୟ ରହିଛି । ଜଡ଼ ସୌନ୍ଦର୍ଯ୍ୟକୁ ସେହି ସୌନ୍ଦର୍ଯ୍ୟର କେବଳ ଏକ ଅତି ନିକୃଷ୍ଟ ସଂସ୍କରଣ ବୋଲି କୁହାଯିବ ।

*୫ ମାର୍ଚ୍ଚ ୧୯୩୫*

*'ଖ' ଯଦି ବେଳେ ବେଳେ ତାଙ୍କ ସାଧନା ବିଷୟରେ ମୋ' ସହିତ କଥା ହୁଅନ୍ତି, ତେବେ ତାହାକୁ ଅନୁଚିତ ବୋଲି କୁହା ଯିବ ନାହିଁ କି ?*

'oaob.nitrkl.ac.in' images reprocessed

ଯେପର୍ଯ୍ୟନ୍ତ ତୁମେ ତାଙ୍କୁ କୌଣସି ପରାମର୍ଶ ନ ଦେଉଥିବ, ତେବେ ସେଥିରେ ବେଶୀକିଛି ଯାଏ ଆସେ ନାହିଁ । ଅବଶ୍ୟ, ଏକ ସାଧାରଣ ନିୟମ ହିସାବରେ, ସାଧନା ବିଷୟରେ ତୁମେ ଯେତେ କମ୍ କଥା କହିବ, ତାହା ସେତେ ଅଧିକ ଭଲ ।

*୬ ମାର୍ଚ୍ଚ ୧୯୩୫*

*କୌଣସି ପ୍ରତିବନ୍ଧକ ବା ଅସୁବିଧାର ସମ୍ମୁଖୀନ ନ ହୋଇ ଅଗ୍ରଗତି କରିବା ସମ୍ଭବ କି ?*

ନାହିଁ । ଅସୁବିଧା ଅବଶ୍ୟ ଆସିବ; ମାତ୍ର ସେଗୁଡ଼ିକ ଯେ ନୈରାଶ୍ୟଭାବ ସୃଷ୍ଟି କରିବେ, ତାହାର କୌଣସି କାରଣ ନାହିଁ ।

*୮ ମାର୍ଚ୍ଚ ୧୯୩୫*

*ଅସୁବିଧାସବୁ ଯେପରି ନୈରାଶ୍ୟରେ ପକାଇ ନ ଦେବେ, ସେଥିଲାଗି ମୁଁ କ'ଣ କରିବି ?*

ସଚେତନ ହେବ ।

*"ହୃଦୟର ମାଧ୍ୟମରେ",– ଯୋଗର ଏହି ଶବ୍ଦଟିର ଅର୍ଥ କ'ଣ ? ଏହା ଉଚ୍ଚତର ପ୍ରାଣକୁ ବୁଝାଇବ କି ?*

ହଁ, ଆମର ସଂବେଗମୟ ସତ୍ତାକୁ ।

*ଚେତନାରେ କୌଣସି ସ୍ଖଳନ ନ ଘଟାଇ କୌଣସି ଅସୁବିଧାକୁ ଅତିକ୍ରମ କରିଯିବା ସମ୍ଭବ ହେବ ନାହିଁ କି ?*

ଅବଶ୍ୟ ହେବ । ବସ୍ତୁତଃ, ଯଦି ଚେତନାର ସ୍ତର ନିମ୍ନକୁ ଚାଲି ଆସିବ, ତେବେ କୌଣସି ଅସୁବିଧାକୁ ଅତିକ୍ରମ କରିବା ଅସମ୍ଭବହିଁ ହୋଇଯିବ । ବରଂ, ଅନ୍ୟ ପକ୍ଷରେ, ଅସୁବିଧାସବୁକୁ ଅତିକ୍ରମ କରିବାକୁ ହେଲେ, ଚେତନାକୁ ତାହାର ସାଧାରଣ ସ୍ତରରୁ ଊର୍ଦ୍ଧ୍ୱକୁ ଉଠିବା ଲାଗି ଚେଷ୍ଟା କରିବାକୁହିଁ ପଡ଼ିବ ।

*୯ ମାର୍ଚ୍ଚ ୧୯୩୫*

'oaob.nitrkl.ac.in' images reprocessed

*"ଯେତେବେଳେ କେନ୍ଦ୍ର ସତ୍ତାଟି ସମର୍ପିତ ହୋଇ ରହେ, ସେତେବେଳେ ପ୍ରଧାନ ଅସୁବିଧାଟି ଚାଲିଗଲା ବୋଲି ଜାଣିବ",— ଏହି କେନ୍ଦ୍ରସତ୍ତା କହିଲେ କାହାକୁ ବୁଝାଉଛି ?*

କେନ୍ଦ୍ରସତ୍ତା ସବୁ ବ୍ୟକ୍ତିଙ୍କ ମଧ୍ୟରେ ସମାନ ନ ଥାଏ — ଏହା ହେଉଛି ସେହି ଅଂଶ, ଯାହାକି ବ୍ୟକ୍ତିତ୍ୱର ଅବଶିଷ୍ଟ ସକଳ କ୍ଷେତ୍ରର ଶାସନ କରେ ଏବଂ ତାହା ଉପରେ ଆପଣାର ଇଚ୍ଛାକୁ ନେଇ ଲଦି ଦେଉଥାଏ ।

ଯେତେବେଳେ ଚୈତ୍ୟ ସତ୍ତାହିଁ ବ୍ୟକ୍ତିତ୍ୱ ଭିତରେ ଏହି କେନ୍ଦ୍ରସ୍ଥାନଟିକୁ ଅଧିକାର କରି ରହିଥାଏ, ସେତେବେଳେ ସବୁକିଛି ଅତ୍ୟନ୍ତ ସହଜ ହୋଇଯାଏ ।

*୧୪ ମାର୍ଚ୍ଚ ୧୯୩୫*

*ବର୍ତ୍ତମାନ ପ୍ରାଣକୁହିଁ ସୁ-ଆଚରଣଯୁକ୍ତ ହେବାକୁ ପଡ଼ିବ । ମୁଁ ଆଶା କରୁଛି ଯେ ଆପଣଙ୍କର ସହାୟତାରେ ମୁଁ ଏହା କରିପାରିବି ।*

ହଁ, ତୁମେ ଅବଶ୍ୟ ଏହା କରିପାରିବ । ଶୁଭେଚ୍ଛା ରହିଥିବା ଅଂଶଟିକୁ ବୃଦ୍ଧିଲାଭ କରିବାକୁ ହେବ, ଯେପର୍ଯ୍ୟନ୍ତ କି ତାହା ଅବଜ୍ଞା କରୁଥିବା ଅଂଶଟିକୁ ନିୟନ୍ତ୍ରଣ କରିବାର ଓ ତାହାକୁ ନବଦୀକ୍ଷିତ ହେବା ପାଇଁ ବାଧ୍ୟ କରିବାର ଶକ୍ତି ଅର୍ଜନ କରି ପାରିବ ।

*୧୬ ମାର୍ଚ୍ଚ ୧୯୩୫*

*ମୁଁ ଦେଖି ପାରୁଛି ଯେ ମାନସିକ ପ୍ରସ୍ତୁତି ମଧ୍ୟ ବହୁତ ପରିମାଣରେ ସାହାଯ୍ୟ କରେ ।*

ହଁ, ଯଥାର୍ଥ ଭାବରେ କାର୍ଯ୍ୟଟିକୁ ସମ୍ପନ୍ନ କରୁଥିବା ପର୍ଯ୍ୟନ୍ତ ଏହା ଅତ୍ୟନ୍ତ ସହାୟକ ହୋଇଥାଏ ।

*ମନୋମୟ ପୁରୁଷର ଭାଷା ଏବଂ ହୃଦୟର ଗଭୀରରୁ ଆସୁଥିବା ଅର୍ଥାତ୍ ଚୈତ୍ୟସ୍ତରର ଭାଷା,— ଦୁଇଟି ମଧ୍ୟରେ ପ୍ରଭେଦ କ'ଣ ରହିଛି ?*

'oaob.nitrkl.ac.in' images reprocessed

ଚୈତ୍ୟର ଭାଷା ହେଉଛି ଏକ ନୀରବ ଭାଷା;— ତାହା ନିଜକୁ ଶବ୍ଦ ଦ୍ୱାରା ବ୍ୟକ୍ତ ନ କରି ଏକ ବୋଧ ଅଥବା ଜ୍ଞାନର ଆକାରରେ ବ୍ୟକ୍ତ କରିଥାଏ । *୧୭ ମାର୍ଚ୍ଚ ୧୯୩୫*

*ଚୈତ୍ୟର ପରିଣାମ ଏବଂ ମନୋମୟ ପୁରୁଷର ସନ୍ଦେଶ ଭିତରେ କୌଣସି ଫରକ ରହିଥାଏ କି ?*

ହଁ, ବହୁତ ଫରକ ରହିଥାଏ । ମନୋମୟ ପୁରୁଷର ସନ୍ଦେଶକୁ ଶୁଣିବା ଅପେକ୍ଷା ଚୈତ୍ୟସ୍ତରର ସନ୍ଦେଶଟିକୁ ଶୁଣିବା ଅଧିକ କଷ୍ଟକର ।— ମନୋମୟ ପୁରୁଷ ସମ୍ପୂର୍ଣ୍ଣ ଭାବରେ ଆଦୌ ଦୋଷମୁକ୍ତ ନ ଥାଏ ଓ ତେଣୁ ତା'ର ଭୁଲ୍ କରି ବସିବାର ଏକ ଭୟ ରହିଥାଏ । ଚୈତ୍ୟ କେବେହେଲେ କୌଣସି ଭୁଲ୍ କରେ ନାହିଁ ।

*ମୋ'ର ପ୍ରାଣ ପ୍ରାଣିକ ପୁରୁଷ ଦ୍ୱାରା ନିୟନ୍ତ୍ରିତ ହୋଇ ପାରୁ ନାହିଁ କାହିଁକି ?*

ଯେତେବେଳେ ସକଳ ବାସନା ଉପରେ ପ୍ରଭୁତ୍ୱ ଆସିଯାଏ ଓ ପ୍ରାଣିକ ସତ୍ତାଟି ଶାନ୍ତ ହୋଇଯାଏ, କେବଳ ସେତିକିବେଳେହିଁ ପ୍ରାଣିକ ପୁରୁଷର ଜାଗୃତି ସମ୍ଭବ ହୁଏ ।

*ମୋ'ର ହୃଦୟ ତ ସର୍ବଦା ବନ୍ଦ ଥିଲା, ତେବେ ମୁଁ ଯେଉଁ ପ୍ରେମ ଏବଂ ଶାନ୍ତି ଅନୁଭବ କରୁଥିଲି, ତାହା ପୁଣି କେଉଁଠାରୁ ଆସୁଥିଲା ?*

ତୁମର ହୃଦୟ କଦାପି ସବୁ ସମୟରେ ବନ୍ଦ ରହେ ନାହିଁ । ଯେତେବେଳେ ଖୋଲିଯାଏ, ସେତେବେଳେ ଶାନ୍ତି ଏବଂ ପ୍ରେମ ତୁମ ଭିତରେ ଆସି ପ୍ରବେଶ କରନ୍ତି ।

*୧୮ ମାର୍ଚ୍ଚ ୧୯୩୫*

*କେତେବେଳେ ଯାଇ ଚୈତ୍ୟର ସନ୍ଦେଶକୁ ଶୁଣି ହେବ ?*

ଯେତେବେଳେ ତୁମେ ଅତ୍ୟନ୍ତ ନୀରବ ଓ ମନୋଯୋଗୀ ହୋଇପାରିବ ।

*ମୋ'ର ମନ ଏବେସୁଦ୍ଧା ଅଜ୍ଞାନ ଭିତରେ ରହିଛି, ଏଥିରେ ସ୍ଥିରତାର ପୂର୍ଣ୍ଣ ଅଭାବ ରହିଛି;— ତେବେ ମନୋମୟ ପୁରୁଷର ଜାଗୃତି କିପରି ଘଟିପାରିଲା ?*

'oaob.nitrkl.ac.in' images reprocessed

ଯେଉଁମାନେ ନିଜ ଉପରେ ଦୃଷ୍ଟିପାତ କରିବାରେ ଅଭ୍ୟସ୍ତ ଥାଆନ୍ତି, ସେମାନଙ୍କ ଭିତରେ ମନୋମୟ ପୁରୁଷ ସର୍ବଦା ଅଳ୍ପବହୁତ ଜାଗ୍ରତ ହୋଇ ରହିଥାଏ ।

*ମୁଁ ଭାବୁଛି, ହୃଦୟର ଉନ୍ମୋଚନ ଦ୍ୱାରା ଯେଉଁ ପ୍ରେମ ଓ ଶାନ୍ତି ସମ୍ଭବ ହୋଇଥାଏ, ତାହା ହେଉଛି ଚୈତ୍ୟ ସ୍ତରରେ ଏବଂ ସେଥିରେ କୌଣସି ମିଶ୍ରଣ ଘଟି ନ ଥାଏ ।*

ଏହା ଆଦୌ ଅବଶ୍ୟମ୍ଭାବୀ ନୁହେଁ; ସେହି ପ୍ରେମ ଓ ଶାନ୍ତି ଚୈତ୍ୟ ସ୍ତରରୁ ଆସୁଥିଲେ ମଧ୍ୟ, ଯେତେବେଳେ ସେମାନେ ମନ ଏବଂ ପ୍ରାଣର ଭୂମିରେ ନିଜକୁ ବ୍ୟକ୍ତ କରନ୍ତି, ସେତେବେଳେ ସେମାନେ ହୁଏତ ଅପେକ୍ଷାକୃତ କମ୍ ଉଦ୍ଭୋଳିତ ଅନ୍ୟ ନାନା ଗତିକ୍ରିୟା ସହିତ ମିଶିଯିବାର ଆଶଙ୍କା ମଧ୍ୟ ରହିଥାଏ ।

ପ୍ରେମ ଓ ଶାନ୍ତି,— ଏମାନେ ଊର୍ଦ୍ଧ୍ୱରୁ ମଧ୍ୟ ଆସିପାରନ୍ତି, ସିଧା ଦିବ୍ୟ ବିସ୍ତାରଗୁଡ଼ିକରୁ ଆସିପାରନ୍ତି ।

*୧୯ ମାର୍ଚ୍ଚ ୧୯୩୫*

*ଚୈତ୍ୟର ସନ୍ଦେଶ ଏବଂ ପରମ ଦିବ୍ୟସତ୍ତାଙ୍କର ସନ୍ଦେଶ ମଧ୍ୟରେ କୌଣସି ପ୍ରଭେଦ ରହିଛି କି ?*

ପରମ ଦିବ୍ୟସତ୍ତା ନିଜକୁ ଏକ **ସନ୍ଦେଶର** ମାଧ୍ୟମରେ ବ୍ୟକ୍ତ କରନ୍ତି ବୋଲି କ୍ୱଚିତ୍ କୁହାଯାଇ ପାରିବ; ବରଂ ଏକ ଚେତନାର ସ୍ଥିତିକୁ ପ୍ରଦାନ କରିହିଁ ନିଜକୁ ବ୍ୟକ୍ତ କରିଥା'ନ୍ତି ।

*ଜଡ଼ସ୍ଥ ପୁରୁଷଙ୍କର ଜାଗୃତି କେବେ ଘଟିପାରିବ ଓ ସେ ଏହି ଜଡ଼ସତ୍ତାଟିର ନିୟନ୍ତ୍ରଣ କରିବେ ?*

ଯେତେବେଳେ ସ୍ଥୂଳ ଚେତନା ଉପରେ ପରମ ଆଲୋକର ଅବତରଣ ଘଟିବ ।

*ଊର୍ଦ୍ଧ୍ୱରୁ ଆସୁଥିବା ପ୍ରେମ ଓ ଶାନ୍ତି ମନ ଏବଂ ପ୍ରାଣ ମଧ୍ୟରେ ପ୍ରବେଶ କରିବାବେଳେ ବିକୃତିଯୁକ୍ତ ହୋଇ ଯିବେ ନାହିଁ କି ?*

ସେମାନେ ପ୍ରକୃତରେ ଅଧିକାଂଶ ସମୟରେ ତାହାହିଁ ହୋଇଯାଆନ୍ତି; ପ୍ରେମ ଗୋଟାଏ ପ୍ରକାରର ପ୍ରବଳ ଆବେଗରେ ପରିଣତ ହୋଇଯାଏ ଓ ଶାନ୍ତି ଜଡ଼ତାରେ ପରିଣତ ହୁଏ ।

'oaob.nitrkl.ac.in' images reprocessed

*ମୋ'ର ହୃଦୟ ଯେପରି ପୁନର୍ବାର ବନ୍ଦ ହୋଇ ନ ଯିବ ଓ ଆପଣାଙ୍କୁ ସର୍ବଦା ଉନ୍ମୋଚିତ ରଖିଥିବ, ସେଥିଲାଗି ମୋତେ କ'ଣ କରିବାକୁ ହେବ ?*

ତୁମେ ଅବିଚଳ ଭାବରେ ତାହାହିଁ ସଂକଳ୍ପ କରୁଥିବ ଏବଂ ତେବେ ତାହା ଦିନେ ନା ଦିନେ ହେବ ।

*୨୦ ମାର୍ଚ୍ଚ ୧୯୩୪*

*ମନୋମୟ, ପ୍ରାଣମୟ ଏବଂ ଜଡ଼ସ୍ଥ ପୁରୁଷଙ୍କ ବ୍ୟତୀତ ଆଉ ଅନ୍ୟକୌଣସି ପୁରୁଷ ଅଛନ୍ତି କି ?*

ଚୈତ୍ୟପୁରୁଷ ରହିଛନ୍ତି ।

*୨୧ ମାର୍ଚ୍ଚ ୧୯୩୪*

*ମୋ' ଫାଉଣ୍ଟେନ୍ କଲମଟିକୁ ନ ଖୋଲିବା ଲାଗି 'ଗ' ମୋତେ କହିଲେ; ମାତ୍ର, କାଳି ନ ବାହାରିବାରୁ ମୁଁ ଏହାକୁ ଅଧା ଖୋଲିଲି ଏବଂ ତା'ପରେ ଏକ ଦୁର୍ଘଟଣା ଘଟିଲା ।*

ତୁମକୁ କଲମ ନ ଖୋଲିବାକୁ କୁହାଯାଇଥିଲା, ତେଣୁ କଲମଟିକୁ ଖୋଲିବା ତୁମର ଭୁଲ୍ ହେଲା,– କାରଣ, ମୁଁ ନିଜେ ଏକଥା କହିଥିଲି ଯେ, ଯଦି କେହି ନିଜ କଲମଟିକୁ ନେଇ ଯାହା ମନ ତାହା କରିବ, ତେବେ ତା'ଲାଗି ସେଇଟିକୁ ମୋଟେ ମରାମତି କରିଦିଆଯିବ ନାହିଁ ।

ମୁଁ ଏଥର ପାଇଁ ସେଇଟିକୁ ସମ୍ଭବ ହେଲେ ମରାମତି କରାଇଦେବି, ମାତ୍ର ତୁମକୁ ପ୍ରତିଜ୍ଞା କରିବାକୁ ହେବ ଯେ ତୁମେ ସେଇଟିକୁ ପୁନର୍ବାର ସ୍ପର୍ଶ କରିବ ନାହିଁ ।

*କୌଣସି ଏକ ଜଡ଼ବସ୍ତୁକୁ ଭାଙ୍ଗିଦେଲେ ଅଥବା ହଜାଇଦେଲେ ମୁଁ ଆଦୌ କିଛି ଅନୁଭବ କରେ ନାହିଁ ।*

ଅନୁଭବ ନ କରିବା ଗୋଟିଏ ଦୋଷ । ନିଜେ ବ୍ୟବହାର କରୁଥିବା ଜଡ଼ପଦାର୍ଥଗୁଡ଼ିକର ଯତ୍ନ ନ ନେବା ଅଚେତନା ଏବଂ ଅଜ୍ଞାନକୁହିଁ ସୂଚାଇ ଦିଏ । ଯତ୍ନ ନେଇ ନ ଜାଣିଲେ

'oaob.nitrkl.ac.in' images reprocessed

କୌଣସି ଜଡ଼ ପଦାର୍ଥ ବ୍ୟବହାର କରିବା ଲାଗି ଆମର ଆଦୌ କୌଣସି ଅଧିକାର ନାହିଁ । *୨୩ ମାର୍ଚ୍ଚ ୧୯୩୫*

*ବର୍ତ୍ତମାନ ମୁଁ ବୁଝିପାରୁଛି ଯେ ଜଡ଼ପଦାର୍ଥଗୁଡ଼ିକରେ ମଧ୍ୟ ଦିବ୍ୟ ପରମସତ୍ତାଙ୍କର କିଛି ନା କିଛି ଉପାଦାନ ରହିଛି ।*

ହଁ । ଏବଂ ଆମକୁ ସେଗୁଡ଼ିକର ଯତ୍ନ ନେବାକୁ ହେବ; ଆମେ ସେଗୁଡ଼ିକ ପ୍ରତି ଆସକ୍ତ ବୋଲି ନୁହେଁ, ମାତ୍ର ସେଗୁଡ଼ିକ ମଧ୍ୟ ଦିବ୍ୟ ପରମଚେତନାର କିଛି ଅଂଶକୁ ବ୍ୟକ୍ତ କରୁଛନ୍ତି ବୋଲି ସେଗୁଡ଼ିକର ଯତ୍ନ ନେବାକୁ ପଡ଼ିବ ।

*କେଉଁସବୁ ସଙ୍କେତରୁ ଜାଣିହେବ ଯେ ହୃଦୟ ସମ୍ପୂର୍ଣ୍ଣ ଭାବରେ ଉନ୍ମୋଚିତ ହୋଇ ରହିଛି,– ମୁଁ ସେକଥା ଜାଣିବାକୁ ଇଚ୍ଛା କରୁଛି ।*

ଏହି କଥାଟିକୁ ଅନୁଭବ କରିହୁଏ ଏବଂ ଯେତେବେଳେ ତାହା ତୁମ କ୍ଷେତ୍ରରେ ପ୍ରକୃତରେ ଘଟିବ, ସେତେବେଳେ ସେହି ବିଷୟରେ ତୁମର ଆଉ କୌଣସି ସନ୍ଦେହ ରହିବ ନାହିଁ ।

*ହୃଦୟର ଉନ୍ମୋଚିତ ହୋଇଯିବା,– ଏହା କ'ଣ ଚୈତ୍ୟ ସତ୍ତାକୁ ଉପରିଭାଗକୁ ଆଣିବାକୁ ବୁଝାଇବ କି ?*

ଚୈତ୍ୟ ସତ୍ତାର ଉପରିଭାଗକୁ ଆସିବା,– ଏହା ପ୍ରଣାଳୀ ନୁହେଁ, ଏହା ତାହାର ପରିଣାମ ।
*୨୫ ମାର୍ଚ୍ଚ ୧୯୩୫*

*ଆଜି ମୁଁ ଅନୁଭବ କରୁଛି, ସତେଯେପରି ସମଗ୍ର ଜଗତହିଁ ସ୍ଥିର ରହିଛି; ସବୁକିଛି ସ୍ଥିର ହୋଇ ରହିଛି ଏବଂ ମୋ' ପାଇଁ ଅନବଜ୍ଞାତ ହୋଇ ରହିଛି । ଏହି ପୃଥିବୀରେ ମୁଁ ହେଉଛି ଏକ ବହିରାଗତ ମନୁଷ୍ୟ । ମୋ' ଅନୁଭବଟିକୁ ମୁଁ ଠିକ୍ ଭାବରେ ବର୍ଣ୍ଣନା କରିପାରିଲି କି ନାହିଁ କେଜାଣି ?*

ତୁମର ଭାବିବା କଥାଟିକୁ ମୁଁ ଖୁବ୍ ଭଲ ଭାବରେ ବୁଝିପାରୁଛି । ଯେତେବେଳେ ଜଣେ ଚେତନାର ଏକ ନୂତନ କ୍ଷେତ୍ରରେ ପ୍ରବେଶ କରୁଥାଏ, ସେତେବେଳେ ଏହିପରି ଏକ ଅନୁଭବ ହୋଇଥାଏ ।

'oaob.nitrkl.ac.in' images reprocessed

*ଯଦି ଏହା ଗୋଟିଏ ଉତ୍ତମ ଅନୁଭୂତି, ତେବେ ମୁଁ ତଥାପି କାହିଁକି ଆପଣଙ୍କର ପ୍ରେମ ଏବଂ ଆନନ୍ଦକୁ ବୁଝିପାରୁ ନାହିଁ, ମୁଁ ସେକଥା ଆଦୌ ବୁଝିପାରୁ ନାହିଁ ।*

ଆନନ୍ଦ ଓ ପ୍ରେମ ଯେ ସବୁପ୍ରକାର ଅନୁଭୂତି ସହିତ ରହିଥାଏ, ସେକଥା ଠିକ୍ ନୁହେଁ ।

*ଓଲଟି, ମୁଁ ବେଶ୍ ଦେଖିପାରୁଛି ଯେ ଏହି କ୍ଷେତ୍ରରେ ଏକ ସକ୍ରିୟ ସଂକେନ୍ଦ୍ରଣ ବିଦ୍ୟମାନ ରହିଛି । ଅନେକ ସମୟରେ ମୁଁ ହୃଦ୍-କେନ୍ଦ୍ରରେ ଏକ ଚାପ ଅନୁଭବ କରୁଛି । ମାତ୍ର ତଥାପି କାହିଁକି କିଞ୍ଚିତ୍ ଆନନ୍ଦ ଏବଂ ସୁଖ ସମ୍ଭବ ହୋଇ ପାରୁନାହିଁ ?*

ଏହି ଅନୁଭୂତିଟି କେବଳ ଚେତନା ଜାଗ୍ରତ୍ ହୋଇଥିବାର ଏକ ଅନ୍ୟତମ ଅନୁଭୂତି ।

*୨୭ ମାର୍ଚ୍ଚ ୧୯୩୫*

*ସବୁକିଛି 'ଆପଣ' ହୋଇଯିବ, ଆପଣଙ୍କ ବ୍ୟତୀତ ଆଉ ଆଦୌ କିଛି ରହିବ ନାହିଁ । ମୁଁ ମଧ୍ୟ 'ଆପଣ' ହୋଇଯିବି ଏବଂ କେବଳ ଆପଣହିଁ ରହିଥିବେ । ମୁଁ ଏପରି କହି ଅତିରଞ୍ଜନ କରି ପକାଉଛି କି କ'ଣ କେଜାଣି ?*

ଯେଉଁ ଆଦର୍ଶକୁ ତୁମର ମନ ନିଜ ସମ୍ମୁଖରେ ଉତ୍ତୋଳନ କରି ରଖିଛି, ବାସ୍ତବ କ୍ଷେତ୍ରରେ ତାହାକୁ ସମ୍ଭବ କରିବା ତୁମ ଉପରେହିଁ ନିର୍ଭର କରୁଛି ।

*କାଲି ମୁଁ ଲେଖିଲି ଯେ ଏକ ଗଭୀର ସ୍ଥିରତା ବିରାଜମାନ ଥିଲା — ମାତ୍ର ଆଜି ତ କେବଳ ଏକ ଗଭୀର ବିକ୍ଷୁବ୍ଧତାହିଁ ଅନୁଭୂତ ହେଉଛି !*

ଯୁଗପତ୍ ଭାବରେ ସତ୍ତାର ଗୋଟିଏ ଅଂଶ ରହିଛି ଯାହାକି ଆଲୋକ ଏବଂ ଆନନ୍ଦ ମଧ୍ୟରେ ବାସ କରୁଛି, ଏବଂ ଆଉଗୋଟିଏ ଅଂଶ ବିକ୍ଷୁବ୍ଧତା ଓ ଅନ୍ଧକାରାଚ୍ଛନ୍ନତା ମଧ୍ୟରେ ବାସ କରୁଛି । ଯଦି ତୁମେ ବିକ୍ଷୁବ୍ଧତା ଆଡ଼କୁ ମନ ଦେବ, ତେବେ ତୁମେ ଏହାକୁହିଁ ଅନୁଭବ କରିବ । ମାତ୍ର, ଯଦି ଆଲୋକ ଏବଂ ଆନନ୍ଦ ଆଡ଼କୁ ଦୃଷ୍ଟି ଫେରାଇବ, ତୁମେ ସେହିଗୁଡ଼ିକରେହିଁ ବାସ କରିବ ।

*୨ ଏପ୍ରିଲ ୧୯୩୫*

'oaob.nitrkl.ac.in' images reprocessed

*ବସ୍ତୁତଃ, ମୋ'ର ସର୍ଦ୍ଦି ମୋ'ର ବିକ୍ଷୁବ୍ଧ ହୋଇ ରହିବା ସକାଶେ ହୋଇଥିଲା ବୋଲି ମୁଁ ଭାବିଲି; କାରଣ ସେହି ବିକ୍ଷୁବ୍ଧତା ସର୍ବଦା ଚେତନାକୁ ତଳଆଡ଼କୁହିଁ ଟାଣି ଆଣିଥାଏ ।*

ଏଥିରେ ମସ୍ତିଷ୍କରେ ମଧ୍ୟ ଏକ ପ୍ରତିରୋଧର ସୃଷ୍ଟି ହୋଇଥାଏ; ସ୍ଥୂଳ ମନର ଯେଉଁ ଉପାଦାନଗୁଡ଼ିକ ରୂପାନ୍ତର ଲାଗି ଅସମ୍ମତ ହେଉଥା'ନ୍ତି, ତାହା ସେହି ଉପାଦାନଗୁଡ଼ିକୁହିଁ ବ୍ୟକ୍ତ କରୁଥାଏ ।

୬ ଏପ୍ରିଲ ୧୯୩୫

*ମୁଁ ଭାବୁଛି, କେବଳ ଚୈତ୍ୟସତ୍ତା ଉପରିଭାଗକୁ ଆସିଲେ ଯାଇ ଜଣେ ବ୍ୟକ୍ତି ଚୈତ୍ୟ ଚେତନା ଲାଭ କରିଥାଏ ।*

ଅଥବା, ଯେତେବେଳେ ନିଜ ଭିତରେ ଯଥେଷ୍ଟ ଗଭୀରକୁ ପ୍ରବେଶ କରିହେବ, ସେତେବେଳେ ହିଁ ନିଜର ଚୈତ୍ୟସତ୍ତାଟି ସହିତ ସମ୍ପର୍କସ୍ଥାପନ କରିହେବ ।

*ତେବେ ଏହି ସ୍ଥୂଳ ମନଟିର ପ୍ରତିରୋଧ ବିଷୟରେ ମୋତେ କ'ଣ କରିବାକୁ ହେବ ? ତାହାହିଁ ମୋତେ ଅଧ୍ୟୟନ କରିବାକୁ ଦେଉ ନାହିଁ ଓ ସର୍ବଦା ଅସୁବିଧାରେ ପକାଉଛି ।*

ସର୍ବପ୍ରଥମେ ସେଇଟିଠାରୁ ନିର୍ଲିପ୍ତ ରହିବାକୁ ହେବ, ତାହାର ଗତିକ୍ରିୟାଗୁଡ଼ିକ ସହିତ ନିଜକୁ ଆଦୌ ଅଭିନ୍ନ ବୋଲି ଗ୍ରହଣ କରିବ ନାହିଁ ।

*ପ୍ରାଣସ୍ତରର ଯେଉଁସବୁ ଅଂଶ ଅନ୍ଧକାରାଚ୍ଛନ୍ନ ହୋଇ ରହିଛନ୍ତି, ଆପଣ ମୋତେ ସେଗୁଡ଼ିକ ବିଷୟରେ କିଛି କହିବେ କି ? ସେମାନେ ମୋ' ଚେତନାକୁ କିପରି ତଳଆଡ଼କୁ ଟାଣି ନେଉଛନ୍ତି, ସେକଥା ମୁଁ ମୋଟେ ବୁଝିପାରୁ ନାହିଁ । ସେମାନେ ଏହି ଜଡ଼ଭୂମି ଉପରେ କିପରି କାର୍ଯ୍ୟ କରୁଛନ୍ତି, ମୁଁ ଆଦୌ ଜାଣିପାରୁ ନାହିଁ ।*

ଇନ୍ଦ୍ରିୟଗୁଡ଼ିକର ମାଧ୍ୟମରେ (ଦର୍ଶନେନ୍ଦ୍ରିୟ, ଶ୍ରବଣେନ୍ଦ୍ରିୟ ପ୍ରଭୃତି) ସେମାନେ ଜଡ଼ର ଭୂମି ସହିତ ସଂଯୁକ୍ତ ହୋଇ ରହିଛନ୍ତି ।

୮ ଏପ୍ରିଲ ୧୯୩୫

'oaob.nitrkl.ac.in' images reprocessed

*ଅବଚେତନ ଉପରେ ବିଜୟ ହାସଲ କରିହେବ କିପରି ?*

ପାହାଚ ପାହାଚ କରି ତା' ମଧ୍ୟରେ ପ୍ରବେଶ କରିବାକୁ ପଡ଼ିବ, ଅତ୍ୟନ୍ତ ମନୋନିବେଶ ସହିତ ତାହାକୁ ଅବଲୋକନ କରିବାକୁ ହେବ,— ଚେତନାର ଆଲୋକ ସାହାଯ୍ୟରେ ଏସବୁ କରିବାକୁ ହେବ ।

*ଏହି ପୃଥିବୀରେ ମୁଁ କାହିଁକି ଅଜ୍ଞାନ ଓ ଅନ୍ଧକାରାଛନ୍ନତା ମଧ୍ୟରେ ପଡ଼ିରହିଛି ?*

ମନ ଏହିସବୁ ପ୍ରଶ୍ନର କୌଣସି ଉତ୍ତର ଦେଇପାରିବ ନାହିଁ, ଅଥବା ଯଥାର୍ଥ ଉତ୍ତରଗୁଡ଼ିକୁ ବୁଝି ମଧ୍ୟ ପାରିବ ନାହିଁ ।

*୯ ଏପ୍ରିଲ ୧୯୩୫*

*ମୁଁ ତ କିଛି ବୁଝି ପାରୁ ନାହିଁ; ତେଣୁ ମୋ' ସମୟଟିକୁ କିପରି କଟାଇବାକୁ ହେବ, ସେକଥା ମଧ୍ୟ ବୁଝି ପାରୁ ନାହିଁ ।*

ଅଧ୍ୟୟନ କର, ତାହାହିଁ ବୁଝିବାର ସର୍ବୋତ୍ତମ ବାଟ ।

*ଆପଣ ତ ମୋତେ ଅଧ୍ୟୟନ କରିବା ପାଇଁ କହିଛନ୍ତି, କିନ୍ତୁ ଅଧ୍ୟୟନ କରିବାକୁ ମୋ'ର କୌଣସି ରୁଚି ହେଉ ନାହିଁ ।*

ଅଧ୍ୟୟନ ଲାଗି ତୁମେ ଯଥେଷ୍ଟ ସମୟ ଦେଉ ନାହଁ; ସେହି କାରଣରୁହିଁ ତୁମର ସେଥିରେ କୌଣସି ଆଗ୍ରହ ହେଉ ନାହିଁ । ଯେକୌଣସି କଥାକୁ ଆମେ ମନୋଯୋଗ ସହିତ କରିବା, ତାହା ଆମକୁ ଅବଶ୍ୟ ଆଗ୍ରହୋଦ୍ଦୀପକ ମନେହେବ ।

*୧୦ ଏପ୍ରିଲ ୧୯୩୫*

*ମୁଁ ଏପରି ଗୋଟିଏ ଚେତନାର ଅଧିକାରୀ ହେବାକୁ ଇଚ୍ଛା କରୁଛି, ଯାହାକି ମୋତେ ମନ୍ଦ ଆଚରଣରୁ ନିବୃତ୍ତ କରି ରଖି ପାରୁଥିବ । ମୁଁ ଭାବୁଛି, କେବଳ ଚୈତ୍ୟ ଚେତନାହିଁ ତାହା କରିପାରିବ ।*

'oaob.nitrkl.ac.in' images reprocessed

ଚୈତ୍ୟଯାଏ ନ ହୋଇ ପାରିଲେ ମଧ୍ୟ, ଆଲୋକିତ ମନ ନିର୍ବୋଧ ଭାବରେ ଆଚରଣ କରିବାରୁ ପ୍ରାଣକୁ ନିବୃତ୍ତ କରି ରଖିପାରିବ ।

*୧୫ ଏପ୍ରିଲ ୧୯୩୫*

*ମୋ'ର ସର୍ଦ୍ଦି ଆଦୌ ଛାଡୁ ନାହିଁ । ଏହି ଅସମଞ୍ଜସତା ନିମନ୍ତେ ନିଶ୍ଚୟ ଗୋଟାଏ କିଛି କରିବାକୁ ହେବ ।*

ଯାବତୀୟ ଅସୁସ୍ଥତାରୁ ରକ୍ଷା ପାଇବାର କେବଳ ଗୋଟିଏ ଅକାଟ୍ୟ ଉପାୟ ରହିଛି । ସେଇଟି ହେଉଛି ଯେ, ତୁମେ ସେଆଡୁ ନିଜର ଦୃଷ୍ଟିକୁ ସମ୍ପୂର୍ଣ୍ଣ ଭାବରେ ପ୍ରତ୍ୟାହାର କରି ଆଣିବ ଏବଂ ସେଗୁଡ଼ିକୁ ଆଦୌ କୌଣସି ମହତ୍ତ୍ୱ ଦେବାକୁ ମୋଟେ ରାଜି ହେବ ନାହିଁ ।

*୧୬ ଏପ୍ରିଲ ୧୯୩୫*

*ଆଧ୍ୟାତ୍ମିକ ଚେତନା କାହିଁକି ଅନୁକ୍ଷଣ ବିଦ୍ୟମାନ ରହିପାରେ ନାହିଁ ?*

କାରଣ, ସାଧାରଣ ଚେତନାଟି ତାକୁ ତଡ଼ିଦେବାରେ ଲାଗିଥାଏ ।

*୧୯ ଏପ୍ରିଲ ୧୯୩୫*

*ଯେପରିକି କେହିହେଲେ ଆଧ୍ୟାତ୍ମିକ ଚେତନାକୁ ତଡ଼ିଦେଇ ପାରିବ ନାହିଁ, ସେଥିଲାଗି କ'ଣ କରିବାକୁ ପଡ଼ିବ ?*

ତୁମେ ତାହାକୁ ସର୍ବଦା ଏବଂ ସକଳ ପରିସ୍ଥିତିରେ ମନେ ରଖିଥିବ ।

*୨୦ ଏପ୍ରିଲ ୧୯୩୫*

*ମଣିଷ ମଣିଷ ଭିତରେ ଏକ ଶୁଦ୍ଧ ପ୍ରେମ ସମ୍ଭବ ହୋଇପାରିବ ବୋଲି ଆପଣ ଭାବୁଛନ୍ତି କି ?*

ମଣିଷ ମଣିଷ ଭିତରେ ରହୁଥିବା **ଶୁଦ୍ଧ ପ୍ରେମ** ଉପରେ ମୋ'ର ଖୁବ୍‌ବେଶୀ ବିଶ୍ୱାସ ନାହିଁ ।

*୨୧ ଏପ୍ରିଲ ୧୯୩୫*

'oaob.nitrkl.ac.in' images reprocessed

*"ଆଧ୍ୟାତ୍ମିକ ଚେତନା" କହିଲେ କାହାକୁ ବୁଝାଏ ?*

ସାଧାରଣ ଭାବରେ କହିଲେ, ଏହା ହେଉଛି ସେହି ଚେତନା ଯାହାକି ଦିବ୍ୟ ପରମସତ୍ତାଙ୍କ ଆଡ଼କୁ ଅଭିମୁଖୀ ହୋଇ ରହିଥାଏ । *୨୨ ଏପ୍ରିଲ ୧୯୩୫*

*ମଣିଷମାନେ ଅନ୍ୟ ଅପୂର୍ଣ୍ଣ ସତ୍ତାମାନଙ୍କଠାରୁ କାହିଁକି ସହାୟତା ଇଚ୍ଛା କରନ୍ତି, ମୁଁ ସେକଥା ଆଦୌ ବୁଝିପାରେ ନାହିଁ ।*

ସେମାନେ ସେମାନଙ୍କୁ ଅଧିକ ଭଲ ଭାବରେ ବୁଝନ୍ତି, କାରଣ ସେମାନେ ସେହିମାନଙ୍କରହିଁ ଅଧିକ ନିକଟବର୍ତ୍ତୀ ହୋଇ ରହିଥା'ନ୍ତି ।

*୨୩ ଏପ୍ରିଲ ୧୯୩୫*

*ଗତ କେତୋଟି ରାତି ମୁଁ ଅତ୍ୟନ୍ତ ଅସ୍ୱସ୍ତି ଭାବରେ କଟାଇଛି । ସକାଳେ ଉଠିଲା ବେଳକୁ କ୍ଲାନ୍ତ ଲାଗୁଛି । ଏପରି ଆଉ କେତେଦିନ ଲାଗି ରହିବ ?*

ଏବେ ବ୍ୟସ୍ତ ଏବଂ ଅଧୀର ହୋଇ ପଡୁଥିଲେ ତାହା ଏହି ମନ୍ଦ ସମୟଟି ଶୀଘ୍ର ସମାପ୍ତ ହୋଇଯିବାରେ ଆଦୌ ସାହାଯ୍ୟ କରିବ ନାହିଁ । ବରଂ, ଯଦି ତୁମେ ନିଜ ଭିତରେ ଏକ ସ୍ଥାୟୀ ଶାନ୍ତି ସମ୍ଭବ କରି ପାରନ୍ତ, ତେବେ ଅଧିକ ଶୀଘ୍ର ନିଜ ଅସୁବିଧାଗୁଡ଼ିକ ମଧ୍ୟରୁ ମୁକ୍ତ ହୋଇଯାଇ ପାରନ୍ତ । କେବଳ ଏକ ଶାନ୍ତ ଅବସ୍ଥାରେହିଁ ଜଣେ ବ୍ୟକ୍ତି ଆପଣାର ଚୈତ୍ୟ ଚେତନା ସହିତ ସଂଯୋଗ ସ୍ଥାପନା କରିପାରିବ ।

*ମୋ' ଜୀବନଟା ସବୁଦିନ ବର୍ତ୍ତମାନ ପରି ରହିଥିବ କି ?*

ନା – ମୁଁ ଆଶା କରୁଛି ରହିବ ନାହିଁ । ମାତ୍ର, ଯଦି ତୁମେ ନିଜଭିତରେ ଟିକିଏ ଅଧିକ ଶାନ୍ତ ହୋଇ ପାରନ୍ତ, ତେବେ ତୁମର କଷ୍ଟଗୁଡ଼ିକ ଅଧିକ ଶୀଘ୍ର ଦୂର ହୋଇ ଯାଆନ୍ତା ।

*୨୪ ଏପ୍ରିଲ ୧୯୩୫*

*ବର୍ତ୍ତମାନ ମୁଁ ଆପଣଙ୍କର ସନ୍ତାନ ହେବା ଲାଗି ମୋ' ଆତ୍ମାର ସକଳ ବ୍ୟାକୁଳତା ସହିତ ଚାହିଁ ରହିଛି ।*

'oaob.nitrkl.ac.in' images reprocessed

ତୁମେ ମୋ' ସନ୍ତାନ ହୋଇ ସର୍ବଦା ରହିଛ; ଏହି ବିଷୟରେ ତୁମକୁ କେବଳ ସଚେତନ ହେବାକୁ ପଡ଼ିବ ।

*୨୫ ଏପ୍ରିଲ ୧୯୩୫*

*ମନୁଷ୍ୟମାନେ ପରମସତ୍ୟ ପ୍ରତି କେବେ ଏକ ଯଥାର୍ଥ ଦୃଷ୍ଟିକୋଣ ଅର୍ଜନ କରି ପାରିବେ ? କେବେ ସେମାନଙ୍କର ଏହି ବୃଥା ଭ୍ରମି ଭ୍ରମି ନାନା ନିରର୍ଥକ ସଂଗ୍ରାମରେ ଶକ୍ତିର ଅପଚୟ କରିବା ବନ୍ଦ ହୋଇଯିବ ? ସେମାନେ ପ୍ରକୃତ କଥା ବୁଝୁ ନାହାନ୍ତି କାହିଁକି ?*

କାରଣ ସେମାନେ ଏବେ ମଧ୍ୟ ମନଃସ୍ତରରେ ଅପରିପକ୍ୱ ରହିଛନ୍ତି ।

*୩୦ ଏପ୍ରିଲ ୧୯୩୫*

*ଅନ୍ୟ ବ୍ୟକ୍ତିମାନଙ୍କ ସହିତ ଘନିଷ୍ଠ ସମ୍ବନ୍ଧ ରଖିବାରୁ ମୁଁ ଏବେ ମଧ୍ୟ ନିଜକୁ ମୁକ୍ତ କରିପାରି ନାହିଁ । ମୋତେ ଆପଣ ଉପାୟ କହିଦିଅନ୍ତୁ ।*

ଏହିସବୁ ଘନିଷ୍ଠ ସମ୍ବନ୍ଧ ପ୍ରାୟ ଏକ ସହଜାତ ପ୍ରବୃତ୍ତିରୁ ସମ୍ଭବ ହୁଅନ୍ତି ଏବଂ ସେଗୁଡ଼ିକରେ ଆଦୌ ଖୁବ୍ ବେଶୀ ମହତ୍ତ୍ୱ ନ ଥାଏ । ସେଗୁଡ଼ିକ ଯେପରି ଗୋଟିଏ ଗୋଟିଏ ଆସକ୍ତିରେ ପରିଣତ ନ ହୁଅନ୍ତି, ତୁମକୁ କେବଳ ସେହି ବିଷୟରେ ଯତ୍ନବାନ୍ ହେବାକୁ ପଡ଼ିବ ।

*କେବଳ ଆତ୍ମ-ଉପଲବ୍ଧି ହୋଇଗଲେ ଯାଇ ଜଣେ ବ୍ୟକ୍ତିର ଯୋଗସାଧନା ଆରମ୍ଭ ହୁଏ ।*

ଏସବୁକୁ ଆମେ ରେଖା ଟାଣି ଆଦୌ ଅଲଗା ଅଲଗା କରି କହି ପାରିବା ନାହିଁ ଏବଂ, ଏପରି ହୋଇପାରେ ଯେ, ଜଣେ ବ୍ୟକ୍ତି ତା' ସତ୍ତାର ଗୋଟିଏ ଅଂଶରେ ଯୋଗସାଧନା ଆରମ୍ଭ କରି ଦେଇଥିବ ଏବଂ ଅବଶିଷ୍ଟ, ତା' ସତ୍ତାର ଅନ୍ୟାନ୍ୟ ଅଂଶଗୁଡ଼ିକ ତଥାପି ରୂପାନ୍ତରିତ ହେବା ଲାଗି ଆଦୌ ସମ୍ମତ ହେଉ ନ ଥିବେ ।

*୨ ମଇ ୧୯୩୫*

*ଆପଣ କହୁଛନ୍ତି ଯେ, ପରସ୍ପରର ସମ୍ପର୍କରେ ଆସି ଲୋକମାନେ ସାଧାରଣ*

'oaob.nitrkl.ac.in' images reprocessed

*ଚେତନା ମଧ୍ୟକୁ ଖସିଯାଆନ୍ତି । ତେଣୁ, ଆପଣାର କେନ୍ଦ୍ରସ୍ଥ ଚେତନାରେ ରହି ପାରିବା ଲାଗି ମୋତେ କ'ଣ କରିବାକୁ ପଡ଼ିବ ?*

ଦିବ୍ୟ ଉପସ୍ଥିତିକୁ କେବେହେଲେ ପାସୋରିବ ନାହିଁ ।

*୪ ମଇ ୧୯୩୫*

*'କ' କହୁଛନ୍ତି ଯେ, ତାଙ୍କର ଅବସ୍ଥା ଅନୁସାରେ ଆପଣ ମଧ୍ୟ ବଦଳି ଯାଉଛନ୍ତି ।*

ନାଇଁ, ଲୋକମାନଙ୍କର ଅବସ୍ଥା ଅନୁସାରେ ମୁଁ ବଦଳି ଯାଏ ନାହିଁ । ପ୍ରତ୍ୟେକ ମୁହୂର୍ତ୍ତରେ ସେମାନଙ୍କର ନିଜ ଅବସ୍ଥାଟି ଅନୁସାରେହିଁ ମୋ' ପ୍ରତି ସେମାନଙ୍କର ଧାରଣା ବଦଳି ଯାଉଥାଏ । *୪ ମଇ ୧୯୩୫*

*ମୋ' ଚେତନାର ବର୍ତ୍ତମାନ ସ୍ଥିତିଟି ବିଷୟରେ ମୁଁ ଜାଣିବାକୁ ଇଚ୍ଛା କରୁଛି, କାରଣ ମୁଁ ଅନୁଭବ କରୁଛି ଯେ, ମୋ' ଭିତରେ ବର୍ତ୍ତମାନ ସବୁକିଛି ଶାନ୍ତ ହୋଇ ରହିଛି ।*

ଶାନ୍ତ ହୋଇ ରହିବା ଅବଶ୍ୟ ଏକ ଉତ୍ତମ କଥା । ଏହି ଅବସ୍ଥାଟି ବିଷୟରେ କଥା କହି ସେହି ଶାନ୍ତିକୁ ବିଚଳିତ କରି ପକାଇବାର ଆଶଙ୍କା ସୃଷ୍ଟି କର ନାହିଁ ।

*୪ ମଇ ୧୯୩୫*

*ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏକ ସାଧାରଣ ଅର୍ଥରେ, ଆପଣ ସର୍ବଦା ଆମ ସହିତ ରହିଛନ୍ତି; ମାତ୍ର ମୁଁ ଯାହା ଚାହୁଁଛି ତାହା ହେଉଛି ଯେ, ମୁଁ ଆପଣଙ୍କର ଉପସ୍ଥିତି ବିଷୟରେ ସଚେତନ ରହିବି । ଆପଣ ମୋ' ସହିତ ରହିଥିଲେ ମୁଁ ଆଦୌ ବିଦ୍ରୋହୀ ହୋଇ ପଡ଼ିବି ନାହିଁ ଏବଂ ଏହି ଅନ୍ଧକାରମୟ ଅଶାନ୍ତି ସତ୍ତ୍ୱେ ଆପଣଙ୍କର ପ୍ରେମ ଓ ଶାନ୍ତିକୁ ଅନୁଭବ କରି ପାରିବି ।*

ଏହି ବାସନା ତଥା ବିଦ୍ରୋହ ସକାଶେହିଁ ତୁମର ପ୍ରାଣ ସେହି ପରମ ଉପସ୍ଥିତିକୁ ଅନୁଭବ କରି ପାରେ ନାହିଁ; ମାତ୍ର, ତୁମେ ତାହାକୁ ଅନୁଭବ କରି ପାରୁ ନାହଁ ବୋଲି ଯେ ତାହା ସେଠାରେ ନାହିଁ, ସେକଥା ଆଦୌ ନୁହେଁ ।

*୮ ମଇ ୧୯୩୫*

'oaob.nitrkl.ac.in' images reprocessed

*ସମ୍ଭବତଃ ମୋ' ସାହାଯ୍ୟ କରିବାର ଧାରାଟି ପ୍ରକୃତରେ ଭଲ ନୁହେଁ ।*

ମୁଁ ତାହା ମନ୍ଦ ବୋଲି ମଧ୍ୟ ଭାବୁ ନାହିଁ – ମାତ୍ର, ଏକଥା ଅବଶ୍ୟ ଠିକ୍ ଯେ ତାହା ତୁମର ଚେତନାଟି ସହିତ ସମାନୁପାତିକ ହୋଇ ରହିଛି ।

*ଯେତେବେଳେ ଆମର କୌଣସି ଉତ୍ତମ ଅନୁଭୂତି ହେଉଥାଏ, ସେତେବେଳେ ବାହାରର କୌଣସି ଶକ୍ତିକୁ ଭିତରେ ପ୍ରବେଶ କରିବାରୁ କିପରି ଅଟକାଇ ରଖିହେବ, ମୁଁ ସେକଥା ଜାଣିବାକୁ ଚାହୁଁଛି ।*

ଆମେ କୌଣସି ଉତ୍ତମ ଅନୁଭୂତି ଭିତରେ ରହିଥିବା ସମୟରେ ସର୍ବଦା ଯେ ଏକ ଅକାମ୍ୟ ବାହ୍ୟ ଶକ୍ତି ଆମ ଭିତରକୁ ପ୍ରବେଶ କରିବାକୁ ଆସେ, ସେକଥା ଆଦୌ ନୁହେଁ । ବରଂ, ଏପରି ହେବା ଉଚିତ ଯେ, ସେହି ଉତ୍ତମ ଅନୁଭୂତିଟି ଆମକୁ ଯେଉଁ ଶକ୍ତି ଆଣି ଦେଉଥିବ, ଆମେ ତାହାରି ଦ୍ୱାରା କୌଣସି ବାହ୍ୟ ଶକ୍ତି ଆମ ଭିତରକୁ ପ୍ରବେଶ କଲାବେଳେ ତାକୁ ପ୍ରତ୍ୟାହାର କରିଦେଇ ପାରୁଥିବା ।

*୧୦ ମଇ ୧୯୩୫*

*ମିଛ କହିବା ଦ୍ୱାରା କ'ଣ ଲାଭ ହୁଏ, ମୁଁ ତାହା ବୁଝିପାରୁ ନାହିଁ ।*

ଅବଶ୍ୟ ମିଛ କହିବା ଦ୍ୱାରା ଆଦୌ କିଛି ଲାଭ ହୁଏ ନାହିଁ । ବରଂ, ତଦ୍ୱାରା ଜଣେ ନିଜର ଚେତନାକୁ ଅନ୍ଧକାର ଦ୍ୱାରା ଆଚ୍ଛନ୍ନ କରିପକାଏ ।

*୧୨ ମଇ ୧୯୩୫*

*ମୁଁ ଅତିମାନବିକ, ଆଧ୍ୟାତ୍ମିକ ଓ ଦିବ୍ୟ ଜୀବନକୁ ଆଦୌ କେଉଁଠିହେଲେ ଦେଖିପାରୁ ନାହିଁ; ଏବଂ ସେହି ଦିବ୍ୟ ଜୀବନ ବ୍ୟତୀତ ମୋ' ଲାଗି ସବୁକିଛି ଅର୍ଥହୀନ ହୋଇ ରହିଛି ।*

ଯଦି ତୁମର ଚେତନା ଅତିମାନବିକ, ଦିବ୍ୟ ବା ଏପରିକି ଆଧ୍ୟାତ୍ମିକ ହୋଇଥା'ନ୍ତା, ତେବେ ତୁମେ ସେହି ଏକା ଚେତନାକୁ ସବୁଠାରେ ଦେଖିପାରନ୍ତ ।

*୧୩ ମଇ ୧୯୩୫*

'oaob.nitrkl.ac.in' images reprocessed

*ବର୍ତ୍ତମାନ ପାଇଁ ମୁଁ ସାଧନା ବିଷୟରେ ଆଦୌ କିଛି ନ ଭାବିଲେ ମଧ୍ୟ ହୁଅନ୍ତା ନାହିଁ ? ନିଜ ଭିତରର ଶାନ୍ତିଟିକୁ ପାଇବା ଲାଗି ମୁଁ ଆଦୌ ଅନ୍ୟ କୌଣସି ବାଟ ଦେଖି ପାରୁ ନାହିଁ । ହୃଦୟର ଉନ୍ମୋଚନ ଲାଗି ମୋ'ର ଆସ୍ପୃହା ଅବ୍ୟାହତ ରହିଛି । ମାତ୍ର ମୁଁ ଦେଖିପାରୁଛି ଯେ, ଚୈତ୍ୟ ଚେତନାକୁ ଲାଭ କରିବା ଆଦୌ ଏଡ଼େ ସହଜ ନୁହେଁ ।— ଏଥିଲାଗି ଅନେକ ଧୈର୍ଯ୍ୟଶୀଳ ସଂକେନ୍ଦ୍ରଣ ଆବଶ୍ୟକ ।*

ନିଜ ଭିତରର ଶାନ୍ତି ପାଇବାର ପଛରେ ସାଧନା କେବେହେଲେ ଅନ୍ତରାୟ ହୁଏ ନାହିଁ । ବରଂ ଏହାର ଠିକ୍ ବିପରୀତହିଁ ହୋଇଥାଏ, କାରଣ ସାଧନା ସଂପୂର୍ଣ୍ଣ ଭାବରେ ଏହି ଅନ୍ତର୍ଗତ ଶାନ୍ତିର ଭୂମି ଉପରେହିଁ ଛିଡ଼ା ହୋଇ ରହିଥାଏ । ଏବଂ ଏହି ଅନ୍ତର୍ଗତ ଶାନ୍ତି ଅଗ୍ରଗତି ଲାଗି ସବୁଠାରୁ ଅସଲ ଆବଶ୍ୟକତା ହୋଇ ରହିଥାଏ । ଚୈତ୍ୟ ଚେତନା ସହିତ ସଂଯୋଗ ସ୍ଥାପନ କରିବାକୁ ହେଲେ ପ୍ରକୃତରେ ଏକ ଧୈର୍ଯ୍ୟଶୀଳ ସଂକେନ୍ଦ୍ରଣ ଆବଶ୍ୟକ ହୋଇଥାଏ ।

*୧୪ ମଇ ୧୯୩୫*

*ଆପଣଙ୍କର ଇଚ୍ଛା ଅନୁସାରେ ମୁଁ 'ଖ'କୁ ଫରାସୀ ଭାଷା ପଢ଼ାଇବି । ସେଥିଲାଗି ତାଙ୍କ ବାସସ୍ଥାନକୁ ଯିବି । ମାତ୍ର, ସିଏ କାହିଁକି ମୁଁ ରହୁଥିବା ସ୍ଥାନକୁ ଆସିବେ ନାହିଁ, ମୁଁ ତାହା ଜାଣିବାକୁ ଚାହୁଁଛି ।*

ପ୍ରଥମତଃ, ଏକ ସାଧାରଣ ନିୟମ ହିସାବରେ, ମହିଳାମାନେ ପୁରୁଷମାନଙ୍କର କୋଠରିଗୁଡ଼ିକୁ ନ ଯିବାଟା ଅଧିକ ଭଲ ହେବ । ଏହି ନିର୍ଦ୍ଦିଷ୍ଟ କ୍ଷେତ୍ରଟିରେ, ଯଦି ସିଏ ତୁମ କୋଠାରିକୁ ଆସିବେ, ତେବେ ମୋ'ର ଭୟ ହେଉଛି ଯେ ସେ ନିଜ ପଛାତରେ ଏପରି ଗୋଟିଏ ବାତାବରଣ ସୃଷ୍ଟି କରିଦେଇ ଯିବେ, ଯାହାକି ତୁମ ମନର ଶାନ୍ତି ନିମନ୍ତେ ଅତ୍ୟନ୍ତ ଅଶାନ୍ତିକାରକ ହେବ ।

*୧୫ ମଇ ୧୯୩୫*

*ଏହି ଅନ୍ଧାରଟା ଏତେ ଅଧିକ ସମୟରେ କାହିଁକି ଆସୁଛି ଓ ଏତେ ଦୀର୍ଘ ସମୟ କାହିଁକି ରହୁଛି, ମୁଁ ବୁଝିପାରୁ ନାହିଁ । ମୁଁ କ'ଣ ପୂର୍ବଠାରୁ ଅଧିକ ଖରାପ ହୋଇ ଯାଇଛି କି ?*

'oaob.nitrkl.ac.in' images reprocessed

ନାଇଁ, ତୁମେ ପୂର୍ବଠାରୁ ଅଧିକ ସଚେତନ ହୋଇଛ। ଆଗରୁ ବରଂ ଅଧିକ ଅନ୍ଧକାର ରହିଥିଲା, ମାତ୍ର ତୁମେ ଏହା ବିଷୟରେ ସଚେତନ ନ ଥିଲ। ତୁମେ ତାହାକୁ ଅନ୍ଧାର ବୋଲି ଜାଣି ପାରୁ ନ ଥିଲ।

*ମୋ'ର କୌଣସି ଶାନ୍ତି ନାହିଁ, କୌଣସି ପ୍ରେମ ନାହିଁ, କାମ କରିବା ଲାଗି କୌଣସି ଶକ୍ତି ମଧ ନାହିଁ। ବର୍ତ୍ତମାନ ମୁଁ କେଉଁ ପର୍ଯ୍ୟାୟଟି ଦେଇ ଗତି କରୁଛି ?*

ତୁମେ ଗୋଟିଏ ମଧ୍ୟବର୍ତ୍ତୀ ଅବସ୍ଥା ଦେଇ ଗତି କରୁଛ, ଯେଉଁଠାରେ କି ତୁମେ ଅଧିକ ସଚେତନ ହୋଇଛ ମାତ୍ର ତଥାପି ନିୟନ୍ତ୍ରଣ ଅର୍ଜନ କରିପାରି ନାହଁ।

*ଏହି ଅନ୍ଧକାରଟି କେଉଁ ଅଂଶରେ ରହିଛି ଏବଂ ସେଠାରେ ଆଉ କେତେ କାଳ ରହିବ ?*

ବିଶେଷ ଭାବରେ ସ୍ଥୂଳ ଚେତନାର ସ୍ତରରେ— ସେହି ସ୍ଥୂଳ ସ୍ତରଟି ଆଲୋକପ୍ରାପ୍ତ ହେବା ପର୍ଯ୍ୟନ୍ତ।

*୧୭ ମଇ ୧୯୩୫*

*ତେବେ, ସ୍ଥୂଳ ସ୍ତରଟିର ଆଲୋକନ ନିମିତ୍ତ ମୋତେ କ'ଣ କରିବାକୁ ହେବ,— ଏବଂ, ପ୍ରାଣିକ ସ୍ତରଟିକୁ ମଧ। କାରଣ, ମୋର ଅନୁମାନ ସେଇଟି ମଧ ଅନ୍ଧକାରାଚ୍ଛନ୍ନ ଏବଂ ଅସ୍ପଷ୍ଟ ହୋଇ ରହିଛି।*

ତୁମେ ସର୍ବଦା ଅନ୍ଧକାର ପରିବର୍ତ୍ତେ ଆଲୋକକୁହିଁ ବାଛିବ।

*୧୮ ମଇ ୧୯୩୫*

*ଅନ୍ଧାର, ହେ ଅନ୍ଧାର, ତୁ ଅନ୍ତର୍ହିତ ହୋଇଯା। ମାଆ, ଆପଣ କ'ଣ ଏଠାରେ ଉପସ୍ଥିତ ନାହାନ୍ତି ?*

ଅବଶ୍ୟ ଉପସ୍ଥିତ ରହିଛି ଏବଂ ଆବଶ୍ୟକ ସମସ୍ତ ଆଲୋକକୁ ତୁମ ଉପରକୁ ସଂକେନ୍ଦ୍ରିତ କରି ଆଣୁଛି, ଯେପରିକି ସକଳ ଅନ୍ଧକାର ଅନ୍ତର୍ହିତ ହୋଇଯିବ। ତାହାକୁ ଗ୍ରହଣ କରିବା ହେଉଛି ତୁମର କାର୍ଯ୍ୟ।

*୧୮ ମଇ ୧୯୩୫*

'oaob.nitrkl.ac.in' images reprocessed

*ତେବେ ମୋତେ କେଉଁ ପଥଟିକୁ ଗ୍ରହଣ କରିବାକୁ ହେବ ? ଏବଂ, କେଉଁ ଠିକ୍ ଏବଂ ଯଥାର୍ଥ ଉପାୟରେ ମୁଁ ସେହି ପ୍ରୟାସଟିକୁ କରି ପାରିବି ?*

କାଲି ମୁଁ ତୁମକୁ ଯାହା ବୁଝାଇ କହି ଦେଇଥିଲି, ତୁମେ ସେହି କଥାଟିକୁ କରିବ । ଅର୍ଥାତ୍, ନିୟମିତ ତଥା ବିଧିବଦ୍ଧ ଭାବରେ ଅଧ୍ୟୟନ କରି ତୁମେ ନିଜର ମସ୍ତିଷ୍କକୁ ସକ୍ରିୟ କରିବ; ତା'ପରେ ଯେଉଁସବୁ ସମୟରେ ଅଧ୍ୟୟନ ନ କରୁଛ, ଯଥେଷ୍ଟ ଭାବରେ ସକ୍ରିୟ ହୋଇ ସାରିଥିବା ଫଳରେ ତୁମର ମସ୍ତିଷ୍କ କିଞ୍ଚିତ୍ ବିଶ୍ରାମ ନେବା ଲାଗି ସମର୍ଥ ହେବ ଏବଂ ସେତେବେଳେ ତୁମ ପକ୍ଷରେ ନିଜ ହୃଦୟର ଗଭୀରରେ ସଂକେନ୍ଦ୍ରିତ ହୋଇ ରହିବା ସମ୍ଭବ ହୋଇଯିବ । ତୁମେ ସେହିଠାରେହିଁ ନିଜର ଚୈତ୍ୟ ଉତ୍ସଟିକୁ ଆବିଷ୍କାର କରିବ । ତାହାରି ଫଳରେ ତୁମେ କୃତଜ୍ଞତା ତଥା ଯଥାର୍ଥ ଆନନ୍ଦ ବିଷୟରେ ସଚେତନ ହୋଇପାରିବ ।

*୨୩ ମଇ ୧୯୩୫*

*ମୋ'ର ସମସ୍ତ ଅଶାନ୍ତି ଏବଂ ଅବସାଦ ସତ୍ତ୍ୱେ ମୁଁ ମୋ' ଅଧ୍ୟୟନରେ ଅଗ୍ରଗତି କରିବା ଲାଗି ପ୍ରାଣପଣେ ମୋ'ର କର୍ତ୍ତବ୍ୟ କରିବି । ମାତ୍ର, କେବଳ ଆପଣଙ୍କ ଶକ୍ତିର ସତତ ସହାୟତା ଦ୍ୱାରାହିଁ ଏହା ସମ୍ଭବ ହେବ ।*

ମୋ'ର ଶକ୍ତି ଏବଂ ମୋ'ର ସାହାଯ୍ୟ ତୁମ ସହିତ ଅନୁକ୍ଷଣ ରହିଛି ଏବଂ, ତୁମେ ଅଧ୍ୟୟନ କରୁଥିବା ସମୟରେ ମୋ'ର ଚେତନା ତୁମକୁ ସନ୍ଦୀପିତ ମଧ୍ୟ କରୁଛି ।

*'ଗ' ମୋତେ କହିଲେ ଯେ, ପ୍ରଣାମ ପରେ ତାଙ୍କୁ ଏକ ବୃହତ୍ ଅବସାଦର ଅନୁଭବ ହେଲା ଓ ସିଏ ଭାରି ବିକଳ ହୋଇ କାନ୍ଦିଲେ । ଏପରି ହେବାର କାରଣଟିକୁ ସେ ଜାଣିବାକୁ ଚାହୁଁଛନ୍ତି ।*

ସିଏ ନିଶ୍ଚୟ କୌଣସି ବାସନା ନେଇ ମୋ' ପାଖକୁ ଆସିଥିବେ, ଏବଂ ଯେଉଁଥିରୁ କି ତାଙ୍କର ତୃପ୍ତିବିଧାନ ହୋଇ ପାରିବ ନାହିଁ, ତେଣୁ ସେହି ବାସନାଟି ତାଙ୍କୁ ଦୁଃଖିତ କରି ପକାଇଥିବ ଓ ଅବସାଦ ଆଣି ଦେଇଥିବ । ଅଳ୍ପବହୁତ ପରିମାଣରେ ତୁମ କ୍ଷେତ୍ରରେ ମଧ୍ୟ ସେହିକଥା ହେଉଛି ।

*୨୩ ମଇ ୧୯୩୫*

'oaob.nitrkl.ac.in' images reprocessed

ମୁଁ ଅନ୍ଧାରଟିକୁ ତଡ଼ିଦେଇ ସାରିଲାପରେ ମଧ ତାହା ତଥାପି କାହିଁକି ତୁମ ପାଖକୁ ପୁନର୍ବାର ଫେରିଆସୁଛି, ବର୍ତ୍ତମାନ ମୁଁ ତାହା ଜାଣିପାରୁଛି । କାରଣ ତୁମ ଭିତରେ କୃତଜ୍ଞତାବୋଧ ଜାଗ୍ରତ୍ ହୋଇ ନାହିଁ ।

*୨୩ ମଇ ୧୯୩୫*

*ମୁଁ ଭାବୁଛି ମୋ' ଭିତରେ ଥିବା କୌଣସି ଉପାଦାନ ଦିବ୍ୟ ପରମକରୁଣାରେ ବିଶ୍ୱାସ କରୁ ନାହିଁ । ଏବଂ ତାହାହିଁ କୃତଜ୍ଞତାର ପଥରୋଧ କରୁଛି ।*

ସମ୍ପୂର୍ଣ୍ଣ ଠିକ୍ ।

*ପ୍ରଥମେ ମୁଁ ଆପଣଙ୍କ ପ୍ରତି କେତେ ଶ୍ରଦ୍ଧା ଅନୁଭବ କରୁଥିଲି, ମାତ୍ର ବର୍ତ୍ତମାନ ସେହି ଶ୍ରଦ୍ଧା ଅଧିକ ସ୍ୱାର୍ଥପର ହୋଇଗଲାଣି ।*

ହଁ, ତାହା ସତ୍ୟ କଥା । ନିଜେ ଯାହା ଦେଉଥିଲ, ତୁମେ ସେ ବିଷୟରେ ମୂଲଚାଲ କରିବାକୁ ଆରମ୍ଭ କଲ, ଏବଂ ତାହାହିଁ ଉତ୍ସଟିକୁ ଶୁଷ୍କ କରିଦେଲା । ଅବଶ୍ୟ, ତୁମେ ଯାହା ଦେଉଛ, ଯଦି ତା'ର ବଦଳରେ ଆଦୌ କିଛି ଦାବି କରିବ ନାହିଁ ବୋଲି ତୁମେ ଶପଥ କରି ପାରିବ, ତେବେ ତୁମେ ଅଚିରେ ପ୍ରେମର ସେହି ଅତୁଳନୀୟ ଆନନ୍ଦଟିର ପୁନରାବିଷ୍କାର କରିପାରିବ ।

*୨୪ ମଇ ୧୯୩୫*

*ଏକ ସ୍ୱାର୍ଥପ୍ରେରିତ ପ୍ରେମ ଦ୍ୱାରା ଆପଣଙ୍କ ନିକଟ ହେବା ସମ୍ଭବ ହେବ କି ?*

ପ୍ରକୃତିର ପୂର୍ଣ୍ଣ ରୂପାନ୍ତର ନ ହୋଇ ପାରିଥିବା ପର୍ଯ୍ୟନ୍ତ ଏହା ସର୍ବଦା ମିଶ୍ରିତ ହୋଇ ରହିଥାଏ— ଭଲ ଏବଂ ମନ୍ଦ ପରସ୍ପରର ପାର୍ଶ୍ୱବର୍ତ୍ତୀ ହୋଇ ରହିଥା'ନ୍ତି । ତେଣୁ, ରୂପାନ୍ତରଟି ହାସଲ ନ ହେବା ପର୍ଯ୍ୟନ୍ତ, ମୋ' ପାଖକୁ ଯେତେ ବ୍ୟକ୍ତି ଆସୁଥିବେ, ସେମାନଙ୍କ ଭିତରେ ଅହଙ୍କାରିତା ସର୍ବଦା ମିଶ୍ରିତ ହୋଇ ରହିଥିବ ।

*ମୁଁ ମୋ'ର ଯାବତୀୟ ଭୁଲ୍ କାର୍ଯ୍ୟ ବିଷୟରେ ସଜ୍ଞାନ ରହିଛି, ମାତ୍ର, ଦୁର୍ଭାଗ୍ୟବଶତଃ ମୁଁ ସେଗୁଡ଼ିକୁ ଆୟତ୍ତ କରି ପାରୁ ନାହିଁ । ତାହାହିଁ ମୋତେ ଦୁଃଖୀ କରି ପକାଉଛି ।*

'oaob.nitrkl.ac.in' images reprocessed

ସେଥିଲାଗି ବ୍ୟସ୍ତ ହୁଅ ନାହିଁ, ବିଶ୍ୱାସ ରଖ; ବିଶ୍ୱାସର ଅଭାବ ହିଁ ତୁମର ଚେତନାକୁ ଘୋଡ଼ାଇ ରଖିଛି।

*ମାଆ, କ'ଣ କଲେ ମୁଁ ନିଜର ପ୍ରେମକୁ ଶୁଦ୍ଧ ଓ ଚୈତ୍ୟସ୍ତରୀୟ କରି ପାରିବି ?*

ତୁମେ ନିଜ ବିଷୟରେ ଆଦୌ କିଛି ଭାବିବ ନାହିଁ।

*୨୫ ମଇ ୧୯୩୫*

*ଆପଣ ମୋତେ ମୌନ ରହିବାକୁ ଅନୁମତି ଦିଅନ୍ତୁ, ମୁଁ ନିର୍ଜନତା ଭିତରେ ପ୍ରବିଷ୍ଟ ହୋଇଯାଏ ।*

ନିଜ ମନଭିତରେ ନୀରବତା ପାଳନ କର, ନିଜ ଚୈତ୍ୟସତ୍ତାର ନିକାଞ୍ଚନ ମଧ୍ୟରେ ପ୍ରବିଷ୍ଟ ହୁଅ, ଏବଂ ସେଠାରେ ମୋତେ ଭେଟି ପାରିବ।

*୨୭ ମଇ ୧୯୩୫*

*ଆପଣ ମୋତେ ନୀରବତା ପାଳନ କରି ମୋ' ଚୈତ୍ୟ ସତ୍ତାର ନିକାଞ୍ଚନ ଭିତରକୁ ଯିବା ଲାଗି କହୁଛନ୍ତି । ମାତ୍ର, ମୁଁ ସେହି କଥାଟିକୁ କିପରି କରିପାରିବି ? କେବଳ ଆପଣହିଁ ମୋତେ ସେହି ଅବସ୍ଥାକୁ ନେଇଯାଇ ପାରିବେ ।*

ଏହା ସମ୍ପୂର୍ଣ୍ଣ ଭାବରେ ଏକ ତାମସିକ ଉତ୍ତର। ମୋ'ର ଚେତନା ସର୍ବଦା ସକ୍ରିୟ ରହିଛି, ମାତ୍ର ତୁମେ ତୁମପଟୁ ନିଜର **ଇଚ୍ଛାଶକ୍ତିକୁ କାମରେ ଲଗାଇବ ଏବଂ ଏକ ପ୍ରଚେଷ୍ଟା କରିବ**।

*୨୮ ମଇ ୧୯୩୫*

*ମୁଁ ଭାବୁଛି ଯେ ମୋ'ର ନିକାଞ୍ଚନକୁ ଚାଲିଯିବା ଆବଶ୍ୟକ।– ମୁଁ କେବଳ ମୋ'ର ବାହ୍ୟ ସତ୍ତାରେହିଁ ବଞ୍ଚିବାରେ ଲାଗିଛି ।*

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ତୁମେ ପ୍ରଧାନତଃ ନିଜର ମନ, ପ୍ରାଣ ଏବଂ ଭୌତିକ ସ୍ତରରେହିଁ ଜୀବନ ବଞ୍ଚୁଛ। କିନ୍ତୁ ଏଥିରୁ ସଂକେନ୍ଦ୍ରଣ ତୁମର କୌଣସି କ୍ଷତି କରନ୍ତା ନାହିଁ। ମାତ୍ର ତାହାକୁ ଅତିବେଶୀ କରିବା ମଧ୍ୟ ଆଦୌ ଉଚିତ ନୁହେଁ।

'oaob.nitrkl.ac.in' images reprocessed

*ଆପଣଙ୍କୁ ଖୋଜି ପାଇବା ଲାଗି କିପରି ପ୍ରୟାସ କରିବାକୁ ହେବ, ଆପଣ ମୋତେ ଶିଖାଇ ଦିଅନ୍ତୁ ।*

ସେଥିଲାଗି ତୁମକୁ ନିଜର ସଂକଳ୍ପଶକ୍ତିକୁ କାମରେ ଲଗାଇବାକୁ ହେବ ।

*୨୮ ମଇ ୧୯୩୪*

*ମୁଁ ଅନୁଭବ କରୁଛି ଯେ, ନିକାଞ୍ଚନରେ ରହିଲେ ମୁଁ ଅଧିକ ଉନ୍ମୋଚିତ ଏବଂ ଗ୍ରହଣଶୀଳ ହୋଇ ରହିପାରନ୍ତି ।*

ନିକାଞ୍ଚନରେ ରହିବା କଥାଟିକୁ ଯଦି ତୁମେ, କେବଳ ଯେତିକି ଅପରିହାର୍ଯ୍ୟ ସେତିକି ବ୍ୟତୀତ ଆଉ ଅନ୍ୟ ବ୍ୟକ୍ତିମାନଙ୍କ ସହିତ ତୁମର ସାକ୍ଷାତ୍ ନ ହେବା ଏବଂ ଅତ୍ୟାବଶ୍ୟକ ନ ହେବା ପର୍ଯ୍ୟନ୍ତ ସେମାନଙ୍କ ସହିତ କଥା ନ କହିବା ଅର୍ଥରେ ବୁଝୁଥାଅ, ତେବେ ମୁଁ ତୁମ ସହିତ ଏକମତ ।

*୩୦ ମଇ ୧୯୩୪*

*ମାଆ, ଆପଣ ମୋ' ଭିତରୁ ଏହିସବୁ ଦୁର୍ଦ୍ଦଶାକୁ ଦୂର କରିଦିଅନ୍ତୁ ଏବଂ ମୋତେ ଅଜ୍ଞତା ଓ ମିଥ୍ୟାର ଊର୍ଦ୍ଧ୍ୱକୁ ଉଠାଇ ନିଅନ୍ତୁ । ସତରେ କ'ଣ ଯଥେଷ୍ଟ ସମୟ ଅତିବାହିତ ହୋଇଯାଇ ନାହିଁ ?*

ମୋ'ର ପ୍ରିୟ ସନ୍ତାନଟି, ଏହି ନିରର୍ଥକ ଦୁଃଖ ଭିତରୁ ବାହାରି ଆସି ପାରିବାରେ ତୁମକୁ ସାହାଯ୍ୟ କରିବାକୁ ମୁଁ ଏକାନ୍ତ ଇଚ୍ଛା କରୁଛି, ମାତ୍ର ମୋ'ର ଆଶଙ୍କା ହେଉଛି ଯେ, ତୁମର ଏହି ଦୁଃଖ କେବଳ ବ୍ୟର୍ଥ ହୋଇ ଯାଇଥିବା ନାନା ବାସନାରୁ ଉଦ୍‌ଗତ ହୋଇ ଆସୁଛି ଏବଂ,— ସେହି କ୍ଷେତ୍ରରେ ତୁମକୁ ସର୍ବପ୍ରଥମେ ସେହିସବୁ ବାସନା ଏବଂ ମହଦାକାଂକ୍ଷା-ଗୁଡ଼ିକୁ ପରିତ୍ୟାଗ କରିବାକୁ ହେବ । ମାତ୍ର, ମୋ'ର ସାହାଯ୍ୟ ଯେ ତୁମ ଲାଗି ସର୍ବଦା ରହିଛି, ସେ ବିଷୟରେ ତୁମେ ନିଶ୍ଚିତ ରହିବ ।

*୩୦ ମଇ ୧୯୩୪*

*ମୁଁ ଭାବୁଛି, ମୋ' ଭିତରୁ ସକଳ ଦାବି ଅନ୍ତର୍ହିତ ହୋଇଯିବା ପର୍ଯ୍ୟନ୍ତ ମୋତେ ଆପଣଙ୍କଠାରୁ ଭୌତିକ ଅର୍ଥରେ କିଞ୍ଚିତ୍ ଦୂରରେ ରହିବାକୁ ପଡ଼ିବ ।*

'oaob.nitrkl.ac.in' images reprocessed

ଏହାକୁ ମୁଁ ଏକ ପ୍ରତିକୂଳ ପ୍ରସ୍ତାବ ବୋଲି କହିବି, ତାହା ହେଉଛି ସମ୍ପୂର୍ଣ୍ଣ ଭାବରେ ମିଥ୍ୟା ଓ ତୁମକୁ ସେହି ପ୍ରସ୍ତାବକୁ ସଙ୍ଗେ ସଙ୍ଗେ ପ୍ରତ୍ୟାଖ୍ୟାନ କରିବାକୁ ହେବ ।

୧ ଜୁନ୍ ୧୯୩୫

*ପୃଥିବୀରେ ମୋତେ କେଉଁଠିହେଲେ ଏକ ସ୍ଥିର ଓ ଶାନ୍ତିମୟ ଜୀବନ କଦାପି ମିଳିବ ନାହିଁ । ଏବଂ ତଥାପି ମୋ' ସତ୍ତାର ଗୋଟିଏ ଅଂଶ ଏହି ଜଗତର ବିବର୍ତ୍ତନକୁ ଭୋଗ କରିବାରେ ଲାଗିଛି ।*

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ତୁମ ସତ୍ତାର ଗୋଟିଏ ଅଂଶ ବିଶ୍ୱର ଚୈତ୍ୟ ଜୀବନ ସହିତ ସମଞ୍ଜସ ହୋଇ ରହିଛି । ୪ ଜୁନ୍ ୧୯୩୫

*"ବିଶ୍ୱର ଚୈତ୍ୟ ଜୀବନ" କହିଲେ ଆପଣ କ'ଣ ବୁଝୁଛନ୍ତି ?*

ଠିକ୍ ଯେପରି ମନୁଷ୍ୟମାନଙ୍କ ଭିତରେ ଏକ ଚୈତ୍ୟ ଜୀବନ ରହିଛି, ସେହିପରି ଜଗତରେ ମଧ୍ୟ ଏକ ଚୈତ୍ୟ ଜୀବନ ରହିଛି ଏବଂ ଅନ୍ୟ ପୃଥିବୀଗୁଡ଼ିକରେ ମଧ୍ୟ ତାହା ରହିଛି ।

*ତେବେ ଏହି ପୃଥିବୀରେ ଜୀବନର ଲକ୍ଷ୍ୟ କ'ଣ ?*

ଚେତନାକୁ ଦିବ୍ୟ ପରମସତ୍ତାଙ୍କ ଆଡ଼କୁ ଅଗ୍ରସର କରାଇବା ।

୫ ଜୁନ୍ ୧୯୩୫

*ମାଆ, ମୋ'ର ଚେତନାକୁ ଆପଣଙ୍କ ଆଡ଼କୁ ମୁହାଁଇ ରଖନ୍ତୁ ।*

ମୋ'ର ପ୍ରେମକୁ କେବେହେଲେ ସନ୍ଦେହ କରିବ ନାହିଁ ଏବଂ ତା'ହେଲେ ତୁମେ ସ୍ୱଭାବପ୍ରେରିତ ଭାବରେହିଁ ମୋ' ଆଡ଼କୁ ମୁହଁ ଫେରାଇ ଆଣିବ ।

୧୦ ଜୁନ୍ ୧୯୩୫

*ଯଦି ମୁଁ ଚୈତ୍ୟ ଚେତନାଟିକୁ ଲାଭ କରି ପାରନ୍ତି, ତେବେ ଏହି ଯାବତୀୟ ଅସୁବିଧା ଆଉ ଆଦୌ ରହନ୍ତା ନାହିଁ ।*

'oaob.nitrkl.ac.in' images reprocessed

ନିଶ୍ଚିତଭାବରେ ଚୈତ୍ୟ ଚେତନାର ଏହିସବୁ ଅସୁବିଧାରୁ ଗୋଟିଏ ହେଲେ ବି ନାହିଁ; ତାହା ସତତ ମୋ'ର ଉପସ୍ଥିତି ଏବଂ ମୋ'ର ପ୍ରେମକୁ ଅନୁଭବ କରିପାରୁଛି ।

୧୦ ଜୁନ୍ ୧୯୩୫

*ଗତକାଲି ଆଲୋକ ଓ ଆନନ୍ଦ ଭିତରକୁ ଫେରି ଆସିବା ନିମନ୍ତେ କେତେ ଚେଷ୍ଟା କଲି, ମାତ୍ର ତଥାପି ବିଫଳ ହେଲି ।*

ତୁମେ ଏବେ ଚେଷ୍ଟା ଯେ କଲ, ଏହା ଅତ୍ୟନ୍ତ ଉତ୍ତମ କଥା; ମାତ୍ର ତୁମର ଏତେଶୀଘ୍ର ନିରୁତ୍ସାହିତ ହୋଇପଡ଼ିବା ଆଦୌ ଉଚିତ ନୁହେଁ । ସଙ୍ଗେ ସଙ୍ଗେ ସଫଳ ହୋଇ ପାରିଲ ନାହିଁ ବୋଲି ଆଦୌ ନିରାଶ ହେବା ଉଚିତ ନୁହେଁ । ବରଂ ଓଲଟି, ସଫଳତା ଲାଭକରିବା ପର୍ଯ୍ୟନ୍ତ ଆପଣାର ପ୍ରୟାସରେ ଅନବରତ ଲାଗି ରହିଥିବା ଉଚିତ ।

ମୋର ସହାୟତା ସର୍ବଦା ତୁମ ସହିତ ରହିବ ।

୧୧ ଜୁନ୍ ୧୯୩୫

*ମୁଁ ଏହି ଚୈତ୍ୟ ଚେତନାଟିକୁ କିପରି ଲାଭ କରିପାରିବି ?*

ଅଭୀପ୍ସା ଦ୍ୱାରା, ପ୍ରାର୍ଥନା ଏବଂ ସଂକେନ୍ଦ୍ରଣ ଦ୍ୱାରା ।

*ସମ୍ଭବତଃ ମୋ'ର ଅଭୀପ୍ସା ଯଥେଷ୍ଟ ପରିମାଣରେ ତୀବ୍ର ହେଉ ନାହିଁ ?*

ସର୍ବୋପରି ତାହା ବଡ଼ ବିଚ୍ଛିନ୍ନ ହୋଇ ପଡ଼ୁଛି, ଅବିଚ୍ଛିନ୍ନ ରହି ପାରୁ ନାହିଁ ।

*ମୋ' ପ୍ରୟାସରେ ମୁଁ କାହିଁକି ସଙ୍ଗେ ସଙ୍ଗେ ସଫଳ ହେଉ ନାହିଁ, ଆପଣ ମୋତେ କହିଦିଅନ୍ତୁ ।*

କାରଣ, ବାହ୍ୟ ଅଜ୍ଞାନତା ଭାରି ଦୃଢ଼ମୂଳ ହୋଇ ରହିଛି ଏବଂ କେବଳ ଅନବରତ ପ୍ରୟାସ ଦ୍ୱାରାହିଁ ତାହା ନତିସ୍ୱୀକାର କରିବ ।

*ମୋ' ଭିତରେ ଆପଣଙ୍କର ଉପସ୍ଥିତି ମୋତେ ମନ୍ଦ ଆଚରଣ କରିବାରୁ ନିବୃତ୍ତ କରି ରଖୁ ନାହିଁ କାହିଁକି ?*

'oaob.nitrkl.ac.in' images reprocessed

କାରଣ, ବାହ୍ୟ ସତ୍ତାଟି — ଯେଉଁ ସତ୍ତାଟି ମନ୍ଦ ଆଚରଣ କରୁଛି,– ସେହି ଉପସ୍ଥିତି ବିଷୟରେ ସଜ୍ଞାନ ନାହିଁ ଅଥବା ତାହାକୁ ସ୍ୱୀକାର କରିବା ପାଇଁ ରାଜି ହେଉ ନାହିଁ ।

*ମୁଁ ମୋ'ର ସମସ୍ତ ହୃଦୟ ଦେଇ ସେହି ଚୈତ୍ୟ ଚେତନାକୁ ଲାଭ କରିବାକୁ ଇଚ୍ଛା କରୁଛି; ଏଥିଲାଗି ମୁଁ ଯେକୌଣସି ମୂଲ୍ୟ ଦେବାକୁ ପ୍ରସ୍ତୁତ ଅଛି ।*

**ଏକ ଅବିରାମ ଏବଂ ଅବିଚଳିତ ଇଚ୍ଛା**, ଏଥିପାଇଁ କେବଳ ଏହି ମୂଲ୍ୟଟିକୁ ଦେବାକୁ ପଡ଼ିବ ।

୧୧ ଜୁନ୍ ୧୯୩୫

*ଆମ ଯୋଗରେ ଆମର ଇତରପ୍ରାଣୀମାନଙ୍କ ପ୍ରତି କେଉଁଭଳି ଦୃଷ୍ଟିକୋଣ ରଖିବା ଉଚିତ ?*

କେବଳ ସେହି ଦିବ୍ୟ ପରମ ଐକ୍ୟସ୍ଥିତିର ଚେତନାଟିକୁ ଲାଭ କରିପାରିଲେ ଯାଇ ଯଥାର୍ଥ ଦୃଷ୍ଟିକୋଣଟି ସମ୍ଭବ ହେବ । ତା' ପୂର୍ବରୁ ଇତରପ୍ରାଣୀଙ୍କ ପ୍ରତି ସମ୍ମାନପୂର୍ଣ୍ଣ ଆଚରଣ ଦେଖାଇବା ଅତ୍ୟନ୍ତ ଭଲ ହେବ, ସେମାନଙ୍କ ପ୍ରତି ଶ୍ରଦ୍ଧା ଏବଂ ଅନୁକମ୍ପା ରଖିବାକୁ ହେବ ।

୧୧ ଜୁନ୍ ୧୯୩୫

*ମାତ୍ର, ଆମେ କ'ଣ ଅନିଷ୍ଟକାରୀ ଜୀବମାନଙ୍କୁ ମାରିବା ନାହିଁ ?*

ଅବଶ୍ୟ ମାରିବା ।

୧୨ ଜୁନ୍ ୧୯୩୫

*ମୋ' ଭିତରେ ଅନ୍ଧକାରାଚ୍ଛନ୍ନତା ରହିଛି ନା ତାହା ବାହାରୁ ଆସୁଛି ?*

ଭୌତିକ ବସ୍ତୁଗୁଡ଼ିକ ମଧ୍ୟରେ ଅନ୍ଧକାରାଚ୍ଛନ୍ନତା ସର୍ବତ୍ର ରହିଛି – ଭିତରେ ରହିଛି, ବାହାରେ ମଧ୍ୟ ରହିଛି ।

୧୨ ଜୁନ୍ ୧୯୩୫

'oaob.nitrkl.ac.in' images reprocessed

*ଯେତେବେଳେ ଅତ୍ୟନ୍ତ ତୀବ୍ର ଯନ୍ତ୍ରଣା ଭୋଗ କରିବାକୁ ପଡୁଥାଏ, ସେତେବେଳେ ମୋହାଚ୍ଛନ୍ନତାରୁ ରକ୍ଷା ପାଇବାକୁ ହେଲେ କ'ଣ କରିବା ଉଚିତ ?*

ସେତେବେଳେ ଗୋଟିଏ ସୁନ୍ଦର ଫୁଲ ଆଡ଼କୁ ଅନାଅ ।

*୧୩ ଜୁନ୍ ୧୯୩୫*

*ମାତ୍ର, ଯେତେବେଳେ ଦାରୁଣ କଷ୍ଟ ଭୋଗ କରିବାକୁ ପଡୁଥାଏ, ସେତେବେଳେ ଏକ ସୁନ୍ଦର ଫୁଲ ମଧ୍ୟ ବିରକ୍ତିକର ମନେହୁଏ । ମୁଁ ଭୁଲ୍ କଥା କହୁଛି କି ?*

ତାହା ସୂଚନା ଦିଏ ଯେ ତୁମେ କଷ୍ଟଭୋଗ କରୁଥିବା ପ୍ରାଣିକ ସତ୍ତା ପାଖରେ ସମ୍ପୂର୍ଣ୍ଣ ଭାବରେ ଦାସ ହୋଇ ରହିଛ । ତୁମକୁ ଦୂରତା ରଖି ଶିଖିବାକୁ ହେବ ଏବଂ ନିଜକୁ ନିମ୍ନତର, ବାହ୍ୟ ଗତିକ୍ରିୟାଗୁଡ଼ିକରୁ ବିଚ୍ଛିନ୍ନ କରି ରଖିବାକୁ ହେବ ।

*୧୪ ଜୁନ୍ ୧୯୩୫*

*ମୁଁ ଭାବୁଛି, ଅନ୍ୟ ବ୍ୟକ୍ତିମାନଙ୍କର କଷ୍ଟକୁ ଅନୁଭବ କରିବାକୁ ସମର୍ଥ ନ ହେବା ଏବଂ କଷ୍ଟ ଭୋଗ କରୁଥିବା ବ୍ୟକ୍ତିମାନଙ୍କୁ ଏଡ଼ି ରହିବା ହେଉଛି ଏକ ଦୁର୍ବଳତା ।*

ଯଦି ସେମାନଙ୍କର କଷ୍ଟମୋଚନ ସକାଶେ ତୁମପାଖରେ ଆବଶ୍ୟକ ମନଃସ୍ତରୀୟ କିଂବା ଭୌତିକ ସାଧନ ପ୍ରକୃତରେ ନଥାଏ, ତେବେ ସେମାନଙ୍କୁ ନେଇ ବ୍ୟସ୍ତ ହେବାରେ କିଛି ଲାଭ ହୁଏ ନାହିଁ ।

*୧୬ ଜୁନ୍ ୧୯୩୫*

*ସେହି ଏକପ୍ରକାର ଭୁଲ୍‌ଗୁଡ଼ିକ ମୋତେ ଆପଣଙ୍କ ପାଖରୁ ସର୍ବଦା ଦୂରକୁ ନେଇ ଯାଉଛନ୍ତି ଏବଂ ମୁଁ ଏକାକୀ ହୋଇ ରହିବା ପାଇଁ ବାଧ୍ୟ ହେଉଛି ।*

କୌଣସି ଅବସାଦ ଭିତରେ ପଡ଼ି ନ ଯାଇ ତୁମେ ତାହା କରିପାରିବ କି ନାହିଁ, ତୁମକୁ ସେହି କଥାଟିକୁ ଜାଣିବାକୁ ପଡ଼ିବ; ଅବସାଦ ତ ଗପସପ କରିବାଠାରୁ ବି ଆହୁରି ଅଧିକ ଖରାପ ହେବ ।

*୧୮ ଜୁନ୍ ୧୯୩୫*

'oaob.nitrkl.ac.in' images reprocessed

*ସେହି ଗୋଟିଏ ନିଆଁହିଁ ମୋତେ ଚତୁର୍ଦ୍ଦିଗରୁ ଜାଳି ପୋଡ଼ି ଦେଉଛି ।*

ଯଦି ତାହା ପ୍ରକୃତରେ **ଜାଳି ପୋଡ଼ି** ଦେଉଥାଏ, ତେବେ ତୁମକୁ ସେହି ନିଆଁକୁ ନିର୍ବାପିତ କରିବାକୁ ହେବ; କିଂବା, ଯଦି ତାହା ତୁମକୁ ଶୁଦ୍ଧ କରିପାରିବ, ତେବେ ତାହାକୁ ନିଜର କାର୍ଯ୍ୟରେ ଲଗାଇବାକୁ ହେବ ।

*୨୦ ଜୁନ୍ ୧୯୩୫*

*ମୋ' ଭିତରେ ଗୋଟିଏ ନିଆଁ ଜଳିବାରେ ଲାଗିଛି, ଏହା ଏକ ବିରାଟ ନିଆଁ । ଏହା ମୋ'ର ପ୍ରାଣଶକ୍ତିକୁ ନିଷ୍କାସିତ କରି ନେଇଯାଉଛି; ମୁଁ ଅନୁଭବ କରୁଛି, ସତେଯେପରି କେହି ଆସି ମୋତେ ଗିଳି ପକାଉଛି । କ'ଣ କରିବି କିଛି ଜାଣି ପାରୁ ନାହିଁ ।*

ଏହି ସବୁଗୁଡ଼ିକ ହେଉଛି ଗୋଟିଏ ଗୋଟିଏ ହାନିକାରକ ପ୍ରତିକୂଳ ଭାବନା, ଯାହାକୁ ତୁମକୁ ପ୍ରତ୍ୟାଖ୍ୟାନ କରିବାକୁ ହେବ । ତୁମକୁ ଜ୍ୱର ହୋଇଛି କି ? ଯଦି ଜ୍ୱର ହୋଇଥାଏ, ତେବେ ଡାକ୍ତରଙ୍କୁ ତୁମର ଚିକିତ୍ସା କରିବା ଲାଗି କୁହ । ମାତ୍ର, ଯଦି ଜ୍ୱର ହୋଇ ନାହିଁ, ତେବେ ଏହି ନିଆଁ ଲାଗିଥିବାର କଥାଟି ହେଉଛି ଏକ ଭୁଲ୍ କଳ୍ପନା ଏବଂ ସେଇଟିକୁ ପ୍ରତ୍ୟାଖ୍ୟାନ କରିବାକୁ ହେବ ।

ଏପରି ଏକ ପବିତ୍ର ଅଗ୍ନି ଅଛି, ଯାହାକି ହୃଦୟ ଭିତରେ ଜଳୁଥାଏ ଏବଂ ସମଗ୍ର ସତ୍ତାକୁ ଘେରିକରି ରହିଥାଏ । ଏହି ପରମ ଅଗ୍ନି ସବୁକିଛିକୁ ଆଲୋକିତ କରେ, ଶୁଦ୍ଧ କରେ । ତୁମେ ମୋ' ପାଖରେ କିଛି ଅଗ୍ରଗତି ନିମନ୍ତେ ପ୍ରାର୍ଥନା କଲାବେଳେ ମୁଁ ପ୍ରତ୍ୟେକ ଥର ସେହି ଅଗ୍ନିଟିକୁ ପ୍ରଜ୍ୱଳିତ କରି ଦେଇଥାଏ; ମାତ୍ର ମିଥ୍ୟା ଏବଂ ଅନ୍ଧକାରାଚ୍ଛନ୍ନତା ବ୍ୟତୀତ ତାହା ଆଉ ଅନ୍ୟ କିଛିହେଲେ ନଷ୍ଟ କରେ ନାହିଁ ।

*୨୦ ଜୁନ୍ ୧୯୩୫*

*ଆପଣ ମୋ' ଭିତରେ ମଧ ଏହି ଅଗ୍ନିଟିକୁ ପ୍ରଜ୍ୱଳିତ କରନ୍ତି ବୋଲି କହୁଛନ୍ତି,— ତେବେ ସେହି ମିଥ୍ୟା ଏବଂ ଅନ୍ଧକାରାଚ୍ଛନ୍ନତା ତଥାପି ରହିଛନ୍ତି କାହିଁକି ?*

ଏକ ସମ୍ପୂର୍ଣ୍ଣ ଶୁଦ୍ଧୀକରଣ ପାଇଁ ବହୁକାଳଧରି ଏବଂ ଧୀରେ ଧୀରେ ଉଦ୍ୟମ କରିବାକୁ ହୋଇଥାଏ ।

*୨୧ ଜୁନ୍ ୧୯୩୫*

'oaob.nitrkl.ac.in' images reprocessed

*ନର୍କ ବୋଲି କିଛି ଅଛି କି ?*

ହଁ, ମନୁଷ୍ୟର ଭାବନା ଦ୍ୱାରା ଆକୃତି ପାଇଥିବା ନର୍କମାନ ରହିଛି ଏବଂ ସେଗୁଡ଼ିକ ପ୍ରାଣିକ ଜଗତର କେତେକ ଅଞ୍ଚଳରେ ଅବସ୍ଥିତ ରହିଛନ୍ତି ।

*୨୧ ଜୁନ୍ ୧୯୩୪*

*ଦିବ୍ୟ ପରମସତ୍ତାହିଁ ଆମକୁ ଅଜ୍ଞାନ ଓ ଅଚେତନ କରି ରଖିଛନ୍ତି,– ଏକଥା ସତ୍ୟ କି ?*

ଏହି କଥାଟିର ଆଦୌ କୌଣସି ଅର୍ଥ ନାହିଁ ।

*ମୁଁ ନୀରବତା ସମ୍ବନ୍ଧରେ କିଛି ଜାଣିବାକୁ ଇଚ୍ଛା କରୁଛି । ନିମ୍ନତର ପ୍ରକୃତିରେ ସଂକେନ୍ଦ୍ରିତ ହୋଇ ରହିବା ଅପେକ୍ଷା ନୀରବତାରେ ଅଧିକ ଉପକାର ମିଳିଥାଏ କି ?*

ନିମ୍ନତର ପ୍ରକୃତିର କ୍ଷେତ୍ରରେ ସଂକେନ୍ଦ୍ରିତ ହୋଇ ରହିବାରେ **କେବେହେଲେ** କୌଣସି ଭଲ ହୁଏ ନାହିଁ । ତୁମେ ଯାହାର ବିକାଶସାଧନ କରିବାକୁ ଇଚ୍ଛା କରୁଛ, ତାହାରି ଉପରେହିଁ ମନୋନିବେଶ କରିବ । ଯାହାକୁ ନଷ୍ଟ କରିଦେବାକୁ ଚାହୁଁଛ, ତା' ଉପରେ ନୁହେଁ ।

*ମୁଁ ଭାବୁଛି ଯେ ଜଣେ ବ୍ୟକ୍ତିର ବାହ୍ୟ କ୍ଷେତ୍ରରେ ମଧ୍ୟ ଶାନ୍ତ ଓ ନୀରବ ହୋଇ ରହିବା ଉଚିତ ।*

ହଁ, ଶାନ୍ତ ହୋଇ ଅବଶ୍ୟ ରହିବା ଉଚିତ; ନୀରବତା ସବୁବେଳେ ସମ୍ଭବ ହୁଏ ନାହିଁ ।

*୨୩ ଜୁନ୍ ୧୯୩୪*

*ମାତ୍ର, ଆମେ କିପରି ଅଜ୍ଞାନ ଏବଂ ଅଚେତନ ହୋଇଗଲୁ ?*

ମୁଁ ଅନୁମାନ କରୁଛି ଯେ, "ଆମେ" ବୋଲି କହିବା ଦ୍ୱାରା ତୁମେ ମନୁଷ୍ୟମାନଙ୍କୁହିଁ ବୁଝାଉଛ । ମନୁଷ୍ୟମାନେ ଆଦୌ ଅଜ୍ଞାନ ଏବଂ ଅଚେତନ **ହୋଇନାହାନ୍ତି** । ସେମାନେ

'oaob.nitrkl.ac.in' images reprocessed

ଚିରକାଳ ତାହାହିଁ ରହିଛନ୍ତି । କାରଣ, ଭୌତିକ ପ୍ରକୃତି ମନୁଷ୍ୟର ଆବିର୍ଭାବର ବହୁ ପୂର୍ବରୁହିଁ ଅଚେତନ ଓ ଅନ୍ଧକାରାଚ୍ଛନ୍ନ ହୋଇ ରହିଥିଲା ।

*ନୀରବତା କ'ଣ ଶୁଦ୍ଧ ଏବଂ ରୂପାନ୍ତରିତ ହେବା ପାଇଁ ଆବଶ୍ୟକ ଯାବତୀୟ ଶକ୍ତିକୁ ଆଣିଦେଇ ପାରିବ କି ?*

ଠିକ୍ **ଆଣି ଦେବ ନାହିଁ**, ମାତ୍ର ନୀରବତା ମଧ୍ୟରେ ତୁମେ ତାହା ଲାଭ କରି ପାରିବ ।

*୨୪ ଜୁନ୍ ୧୯୩୫*

*ଜଣେ ବ୍ୟକ୍ତି କ'ଣ ମୃତ୍ୟୁ ପରେ ସେହିସବୁ ଉତ୍‌ପୀଡ଼ନକୁ ଭୋଗ କରେ ?*

ହଁ, ଯଦି ସେ ସେଗୁଡ଼ିକରେ ବିଶ୍ୱାସ କରୁଥାଏ ।

*୨୪ ଜୁନ୍ ୧୯୩୫*

*"ଆମେ ଯେତେବେଳେ ଉପଭୋଗଗୁଡ଼ିକୁ ଅତିକ୍ରମ କରିଯିବା, ସେତେବେଳେ ଯାଇ ଆନନ୍ଦର ଅଧିକାରୀ ହେବା । ବାସନା ସହାୟକ ହୋଇ ରହିଥିଲା, ବାସନାହିଁ ପ୍ରତିବନ୍ଧକ ହେବ ।" (ଶ୍ରୀଅରବିନ୍ଦ)**

*କ'ଣ ବାସନା ଦ୍ୱାରା ସେହି ଆନନ୍ଦ ଉପଲବ୍ଧ ହୋଇଥାଏ ?*

ନାହିଁ । କେବଳ ବିବର୍ତ୍ତନର ଆରମ୍ଭ ଅବସ୍ଥାରେ ଚେତନାର ନିଦ୍ରାଭଙ୍ଗ କରାଇବା ନିମନ୍ତେ ବାସନାର ପ୍ରୟୋଜନ ରହିଥାଏ । ମାତ୍ର, ବାସନା କଦାପି ଆନନ୍ଦଯାଏ ନେଇ ପାରିବ ନାହିଁ; କେବଳ ଆତ୍ମଦାନ ଦ୍ୱାରାହିଁ ତାହା ସମ୍ଭବ ହେବ ?

*୨୪ ଜୁନ୍ ୧୯୩୫*

*ଆପଣଙ୍କୁ ମୁଁ କାହିଁକି ଭଲପାଏ, ମୋତେ କୁହନ୍ତୁ ।*

ସବୁ ଚୈତ୍ୟଧାରୀ ସତ୍ତାଙ୍କ ପରି, ତୁମର ଚୈତ୍ୟ ସତ୍ତାହିଁ ମୋତେ ଭଲ ପାଏ ।

*୨୫ ଜୁନ୍ ୧୯୩୫*

* ବିଚାର ଓ ଦୃଷ୍ଟିକଣା, ଜନ୍ମଶତବାର୍ଷିକୀ ସଂସ୍କରଣ, ୧୬ଶ ଖଣ୍ଡ, ପୃ. ୩୭୬ ।

'oaob.nitrkl.ac.in' images reprocessed

*ପ୍ରତ୍ୟେକ ବ୍ୟକ୍ତିର ତ ଗୋଟିଏ ଚୈତ୍ୟ ସତ୍ତା ରହିଛି, ମାତ୍ର ପ୍ରତ୍ୟେକେ ତ ଆପଣଙ୍କୁ ଭଲ ପାଆନ୍ତି ନାହିଁ ।*

କାରଣ ସେମାନେ ନିଜର ଚୈତ୍ୟ ସତ୍ତା ବିଷୟରେ ସଚେତନ ନ ଥା'ନ୍ତି ଅଥବା ସେମାନେ ମୋତେ ଜାଣନ୍ତି ନାହିଁ ।

*ମୋ' ପ୍ରେମକୁ ନେଇ ମୁଁ ଏବେ ମୂଲଚାଲ କରିବାର ରୀତିଟିକୁ ବନ୍ଦ କରି ପାରିଛି କି ?*

ଚୈତ୍ୟ ପ୍ରେମ କେବେହେଲେ ମୂଲଚାଲ କରେ ନାହିଁ – ମାତ୍ର ପ୍ରାଣ ସର୍ବଦା ଯାବତୀୟ ପରିସ୍ଥିତିରେ ନିଜ ପାଇଁ କିଛି ନା କିଛି ଲାଭ ଆଦାୟ କରିବାକୁ ଚେଷ୍ଟା କରୁଥାଏ ।

*କେବଳ ମୋ'ର ଚୈତ୍ୟ ସତ୍ତା କ'ଣ ଆପଣଙ୍କୁ ଭଲ ପାଏ ?*

ମନ, ପ୍ରାଣ ଓ ଶରୀର ଯେତେ ପରିମାଣରେ ଚୈତ୍ୟ ସତ୍ତାର ନିୟନ୍ତ୍ରଣରେ ଥାଆନ୍ତି, ସେମାନେ ମଧ ସେହି ପରିମାଣରେ ମୋତେ ଭଲ ପାଉଥା'ନ୍ତି ।

*୨୬ ଜୁନ୍ ୧୯୩୫*

*"ଯେତେବେଳେ ଆମେ ବ୍ୟକ୍ତିସୀମାର ବାଡ଼ଟିକୁ ଅତିକ୍ରମ କରିଯିବୁ, ସେତେବେଳେ ଯାଇ ଆମେ ଯଥାର୍ଥ ବ୍ୟକ୍ତି ହୋଇପାରିବୁ । ଅହଂ ସହାୟକ ହୋଇ ରହିଥିଲା; ଅହଂ ପ୍ରତିବନ୍ଧକ ହୋଇଛି ।"**

ଭୌତିକ ବ୍ୟକ୍ତିସତ୍ତାଟିଏ ସମ୍ଭବ କରିବା ଲାଗି ଅହଂର ଆବଶ୍ୟକତା ରହିଥିବା ଯାଏ ଅହଂ ସହାୟକ ହେଉଥାଏ; ମାତ୍ର ସେଇଟି ଗଠିତ ହୋଇ ଯିବାପରେ ଅହଂକୁ ଅନ୍ତର୍ହିତ ହେବାକୁ ପଡ଼େ ।

*୨୬ ଜୁନ୍ ୧୯୩୫*

*କିଛି ଯେପରି ମୋ'ର କୌଣସି ଅନିଷ୍ଟ କରି ନ ପାରିବ, ମୋତେ ସେଥିଲାଗି କିଭଳି ଏକ ମନୋଭାବ ରଖିବାକୁ ହେବ ?*

---

* ଶ୍ରୀଅରବିନ୍ଦ, ବିଚାର ଓ ଦୃଷ୍ଟିକଣା, ଜନ୍ମ-ଶତବାର୍ଷିକୀ ସଂସ୍କରଣ, ୧୬ଶ ଖଣ୍ଡ, ପୃ. ୩୭୭ ।

'oaob.nitrkl.ac.in' images reprocessed

ସଂପୂର୍ଣ୍ଣ ମୋହମୁକ୍ତତା, ସମତା, ନିର୍ଲିପ୍ତତା ।

*ତେବେ କହନ୍ତୁ, ମୁଁ ବୃହଦାକାଙ୍କ୍ଷାର ବିପଦଟିକୁ କିପରି ଅତିକ୍ରମ କରିପାଇ ପାରିବି, ଯାହାକି ମୁଁ ସତ୍ୟକୁ ଜାଣିବା ସତ୍ତ୍ୱେ ମୋ' ଭିତରେ ତଥାପି ଅବସ୍ଥିତ ରହିଛି ?*

ତୁମେ ତାହାର କ୍ଷଣିକ ଓ ଶୂନ୍ୟଗର୍ଭ ପରିତୃପ୍ତିଗୁଡ଼ିକର ଅସାରତାକୁ ଦେଖି ଶିଖିବ ।

*ମୋ'ର ପୂର୍ବଜନ୍ମରେ ମୁଁ ପ୍ରୟାସ କରିଥିଲେ ମଧ୍ୟ ରୂପାନ୍ତର ହାସଲ କରି ପାରି ନାହିଁ; ତେବେ, ଏହି ଜନ୍ମରେ ତାହାକୁ ହାସଲ କରିବି ବୋଲି କି ପ୍ରମାଣ ରହିଛି ?*

କାରଣ, ତୁମର ପୂର୍ବଜନ୍ମରେ ସେହି ସମୟଟି ତଥାପି ଆସି ନ ଥିଲା, ଯେତେବେଳେ କି ଏକ ପୂର୍ଣ୍ଣ ରୂପାନ୍ତର ସମ୍ଭବ ହୋଇଥା'ନ୍ତା ।

*୨୯ ଜୁନ୍ ୧୯୩୫*

*"ପୂର୍ଣ୍ଣତାପ୍ରାପ୍ତ ବ୍ୟକ୍ତିମାନେ ଅନ୍ୟ ମନୁଷ୍ୟମାନଙ୍କ ପରି ଆଉ ନୂତନ ଶରୀର ଗ୍ରହଣ କଲାବେଳେ ନିଜକୁ ଶୁଦ୍ଧ କରିବାକୁ ବାଧ୍ୟ ହେଉ ନ ଥିଲେ ।" "ନୂତନ ଶରୀର ଗ୍ରହଣ କଲାବେଳେ ନିଜକୁ ଶୁଦ୍ଧ କରିବାର" ଅର୍ଥ କଣ ?*

ଏହି ପୃଥିବୀପୃଷ୍ଠରେ ଭୌତିକ ଜୀବନଧାରଣ କରିଥିବାର ଅବସ୍ଥାରେହିଁ ଜଣେ ବ୍ୟକ୍ତିର ଆଧ୍ୟାତ୍ମିକ ଅଗ୍ରଗତି ନିମନ୍ତେ ନିଜକୁ ଶୁଦ୍ଧ କରିବାର ସୁଯୋଗ ଥାଏ ।

*୧ ଜୁଲାଇ ୧୯୩୫*

*"ଯେତେବେଳେ ଆମେ ମନୁଷ୍ୟତାର ଅବସ୍ଥାକୁ ପାର ହୋଇଯିବା, ଆମେ ସେତେବେଳେ ଯାଇ ପରମ ଓ ଯଥାର୍ଥ ମନୁଷ୍ୟ ହେବା । ପ୍ରାଣିସତ୍ତା ସହାୟକ ହୋଇ ରହିଥିଲା; ପ୍ରାଣିସତ୍ତା ପ୍ରତିବନ୍ଧକ ହେଉଛି ।"*

*ପ୍ରାଣିସତ୍ତା ମନୁଷ୍ୟତ୍ୱର ଉପଲବ୍ଧିରେ ସହାୟକ ହୋଇଥାଏ, ପରେ ଏକ ପ୍ରତିବନ୍ଧକ ହୁଏ ।*

---

* ଶ୍ରୀଅରବିନ୍ଦ, ତତ୍ରୈବ । ୧୬ଶ ଖଣ୍ଡ, ପୃ. ୩୩୭ ।

'oaob.nitrkl.ac.in' images reprocessed

ମନୁଷ୍ୟସତ୍ତା ତା'ର ବର୍ତ୍ତମାନ ଅବସ୍ଥାରେ ତଥାପି ପ୍ରାଣୀର ସୋପାନରେ ରହିଛି; ତେଣୁ, ଜଣେ ଯଥାର୍ଥ ମନୁଷ୍ୟ, ଦିବ୍ୟ ପରମସତ୍ତାଙ୍କ ସମ୍ବନ୍ଧରେ ସଚେତନ ହୋଇ ପାରୁଥିବା ଜଣେ ମନୁଷ୍ୟ ହେବାକୁ ହେଲେ ତାକୁ ଏହି ସାଧାରଣ ମନୁଷ୍ୟସ୍ତରରୁ ଆହୁରି ଆଗକୁ ଯିବାକୁ ପଡ଼ିବ ।

୧ ଜୁଲାଇ ୧୯୩୫

*କେତେଦିନ ତଳେ 'କ' ମୋତେ ପ୍ରାଣିକ ସତ୍ତା ଏବଂ ପ୍ରେତମାନଙ୍କ ବିଷୟରେ କେତେକ କାହାଣୀ କହୁଥିଲେ । ସେହି ଦିନଠାରୁ ମୋତେ ଅନ୍ଧାରକୁ ଗଲେ ଭୟ ଲାଗୁଛି ।*

ତୁମେ କାହିଁକି ଏସବୁ କାହାଣୀ ଶୁଣୁଛ ? ସେଗୁଡ଼ିକର ଆଦୌ କୌଣସି ଅର୍ଥ ନାହିଁ । ଅଧିକାଂଶ ସମୟରେ କେବଳ ମନୁଷ୍ୟମାନଙ୍କର କଳ୍ପନା ଭିତରେହିଁ ପ୍ରେତମାନେ ବାସ କରୁଥା'ନ୍ତି । ଏବଂ, ପ୍ରାଣସ୍ତରର ସତ୍ତାଗୁଡ଼ିକ ବିଷୟରେ କହିବାକୁ ଗଲେ, ଆମେ ସେମାନଙ୍କୁ ଭୟ ନ କଲେ, ସେମାନେ ଆମର କୌଣସି ଅନିଷ୍ଟ କରି ପାରିବେ ନାହିଁ । ଏବଂ ତୁମକୁ ଦିବ୍ୟ ସୁରକ୍ଷା ମିଳୁଥିବା ପର୍ଯ୍ୟନ୍ତ ଆଉ ଭୟ କରିବାର କ'ଣ ଅଛି ? କିଛି ବି ନାହିଁ ।

*ମୁଁ କେଉଁଠିହେଲେ ପ୍ରେମ ଓ ଶାନ୍ତି ପାଇପାରୁ ନାହିଁ ।*

ପ୍ରେମ ଓ ଶାନ୍ତି ତୁମକୁ ଛାଡ଼ି ଚାଲିଯାଇ ନାହାନ୍ତି; କେବଳ ତୁମେହିଁ ସେଗୁଡ଼ିକୁ ଦେଖି ପାରୁ ନାହଁ । ତୁମେ ଉଲ୍ଲେଖ କରୁଥିବା ସେହି ଶକ୍ତିହିଁ ତୁମକୁ ଯେ ପୁଣି ଅନ୍ଧ କରି ରଖିବାକୁ ଚେଷ୍ଟା କରୁଛି, ଏଥିରେ କୌଣସି ସନ୍ଦେହ ନାହିଁ ।

୩ ଜୁଲାଇ ୧୯୩୫

*କେଉଁ ଶକ୍ତି ମୋତେ ଅନ୍ଧ କରି ରଖିବାକୁ ଚେଷ୍ଟା କରୁଛି ଏବଂ ତାହାକୁ ତଡ଼ି ଦେବା ଲାଗି ମୋତେ କ'ଣ କରିବାକୁ ପଡ଼ିବ ?*

ତାହା ହେଉଛି ଏକ ପ୍ରତିକୂଳ ଇଚ୍ଛା, ଯାହାକି ନିଜର ପ୍ରବର୍ତ୍ତନାଗୁଡ଼ିକୁ ପ୍ରେରଣ କରୁଥାଏ — ତୁମକୁ ତାହାର ପ୍ରବର୍ତ୍ତନାଗୁଡ଼ିକରେ ବିଶ୍ୱାସ କରିବାକୁ ସିଧା ମନା କରିଦେବାକୁ ପଡ଼ିବ । ତାହାହିଁ ଯଥେଷ୍ଟ ।

୪ ଜୁଲାଇ ୧୯୩୫

'oaob.nitrkl.ac.in' images reprocessed

*ଏକ ପ୍ରତିକୂଳ ଇଚ୍ଛା ନିଜର ପ୍ରବର୍ତ୍ତନାଗୁଡ଼ିକୁ ପ୍ରେରଣ କରୁଛି ବୋଲି ଆପଣ ଲେଖିଥିଲେ । ମାତ୍ର କାହିଁ ମୁଁ ତ ଏହି ବିଷୟରେ ଜାଣିପାରୁ ନାହିଁ । ଆପଣ ମୋତେ ବୁଝାଇ କହିଦେବେ କି ?*

ତୁମେ ସେହି ବିଷୟରେ କିଛି ଜାଣି ପାରୁ ନାହଁ ବୋଲି କିପରି କହିପାରିବ, କାରଣ ତୁମେ ନିଜେ ତ ଲେଖିଛ : ''ମାତ୍ର ଅନେକ ସମୟରେ ମୋତେ କେହି ଅନ୍ଧ କରି ଦେଉଛି ଏବଂ ମୁଁ ତା'ପରେ ଆଉ ଆପଣଙ୍କର ଆଲୋକକୁ ଦେଖିପାରୁ ନାହିଁ ।'' ତୁମେ ଯାହାକୁ ''କେହି'' ବୋଲି କହୁଛ, ମୁଁ ତାହାକୁହିଁ ''ପ୍ରତିକୂଳ ପ୍ରବର୍ତ୍ତନା'' ବୋଲି କହୁଛି ।

*୬ ଜୁଲାଇ ୧୯୩୫*

*ମୁଁ ଏହି ପ୍ରବର୍ତ୍ତନାଗୁଡ଼ିକର ପରିଣାମଗୁଡ଼ିକୁହିଁ ଦେଖୁଛି – ମାତ୍ର ସେଗୁଡ଼ିକ କିପରି ଆସୁଛନ୍ତି, ତାହା ଜାଣିପାରୁ ନାହିଁ । ପ୍ରତିକୂଳ ଇଚ୍ଛାଟି କିପରି କାର୍ଯ୍ୟ କରେ, ମୁଁ ସେକଥା ଜାଣିବାକୁ ଚାହୁଁଛି ।*

ଏହା ଏପରି ଏକ ମାନସିକ ଗଠନର ରଚନା କରୁଛି, ଯାହାର କି ପ୍ରଭାବିତ ହେବାକୁ ଯାଉଥିବା ବ୍ୟକ୍ତିଟିର ମନ ସହିତ କେତେକ ସାଦୃଶ୍ୟ ରହିଛି । ଏହି ଗଠନଟି ସେହି ବ୍ୟକ୍ତିର ମାନସିକ ବାୟୁମଣ୍ଡଳ ଭିତରେ ଯାଇ ରହିଯାଉଛି ଏବଂ ଏତେଟିକିଏ ସୁଯୋଗ ପାଇଲେ ଭିତରକୁ ଚାଲିଯାଉଛି । ଯଦି ବ୍ୟକ୍ତିଟି ଯଥେଷ୍ଟ ପରିମାଣରେ ସଚେତନ ବା ସତର୍କ ରହିପାରୁ ନାହିଁ, ତେବେ, ରଚନାଟି ତା' ମସ୍ତିଷ୍କ ଭିତରେ ପ୍ରବେଶ କରିସାରିବା ପରେ ଯାଇ ସିଏ ସେବିଷୟରେ ସଜ୍ଞାନ ହେଉଛି ଏବଂ ସେତେବେଳେ ସେ ଭୁଲ୍ କରି ସେହି ରଚନାଟିକୁ ନିଜର ଭାବନା ବୋଲି ବିଚାର କରି ପକାଉଛି ।

*୭ ଜୁଲାଇ ୧୯୩୫*

*ମୁଁ ଭାବୁଛି, ବିଗତ ଦୁଇଦିନ ଧରି ଆଶ୍ରମର ସାଧାରଣ ବାତାବରଣରେ କିଛି ଅରୀତିକ କଥା ଘଟିଛି । ଯାବତୀୟ ଉଦ୍ୟମ, ଆସ୍ପୃହା ଏବଂ ସ୍ଥିରତା ସତ୍ତ୍ୱେ ମୋ'ର ଅବସାଦ ତଥାପି ରହିଛି ।*

ତୁମେ ଯେପରି କହୁଛ, ବସ୍ତୁସ୍ଥିତିରେ ସେପରି କିଛି ଘଟିଛି ବୋଲି ମୁଁ ଭାବୁ ନାହିଁ ଏବଂ, ସେକଥା ଯାହା ହୋଇଥାଉ ପଛକେ, ତୁମ ବିଷୟରେ କିଛି ନିର୍ଦ୍ଦିଷ୍ଟ କରି କହିବାକୁ ଗଲେ,

'oaob.nitrkl.ac.in' images reprocessed

ସର୍ବୋତ୍ତମ କଥା ହେଉଛି ଯେ ତୁମର ଅସୁବିଧାଗୁଡ଼ିକ ଦୂର ହୋଇଯିବା ପର୍ଯ୍ୟନ୍ତ ତୁମେ ଆଦୌ ଚିନ୍ତିତ ହେବ ନାହିଁ, ଏବଂ ସ୍ଥିର ରହି ଆସ୍ପୃହା କରିବ ।

*ମୁଁ କଳ୍ପନା କରୁଛି, ହୁଏତ କୌଣସି ଶକ୍ତିର ଅବତରଣ ଘଟିବାକୁ ଯାଉଛି ଓ ଏହି ସବୁକିଛିକୁ କେବଳ ତାହାର ଏକ ପ୍ରତିରୋଧ ବୋଲି କୁହାଯାଇପାରିବ ।*

ସର୍ବଦା ପ୍ରତିରୋଧହିଁ ବିଭ୍ରାନ୍ତିର ସୃଷ୍ଟି କରିଥାଏ ।

*୮ ଜୁଲାଇ ୧୯୩୫*

*ମୁଁ ତଥାପି ଅନୁଭବ କରୁଛି ଯେ ଆଶ୍ରମର ବାୟୁମଣ୍ଡଳ ଅତ୍ୟନ୍ତ ଭାରୀ ହୋଇ ରହିଛି । ମାତ୍ର, ଯଦି ମୁଁ ଏପରି ଭାବୁ ନ ଥା'ନ୍ତି, ତେବେ ଅଧିକ ଭଲ ହେଉଥା'ନ୍ତା ।*

ସେଥିପ୍ରତି ଆଦୌ କୌଣସି ଦୃଷ୍ଟି ନ ଦେଲେ ତାହା ଅବଶ୍ୟ ଅନେକ ଅଧିକ ଭଲ ହେଉଥା'ନ୍ତା ।

*୮ ଜୁଲାଇ ୧୯୩୫*

*ମୋ'ର ଅବସ୍ଥା ଏପରି ଶୁଷ୍କ ହୋଇଗଲା କାହିଁକି ? ଏହା କ'ଣ ଏକ ପରୀକ୍ଷା କି ?*

ପରୀକ୍ଷା କହିଲେ ତୁମେ ପ୍ରକୃତରେ କ'ଣ ବୁଝୁଛ ? ଏହାକୁ ତୁମ ଉପରେ କଦାପି କୌଣସି ଖିଆଲ ଅନୁସାରେ ଲଦି ଦିଆଯାଇ ନାହିଁ । ତୁମେ ଯେପରି ଭାବୁଛ, ଅନୁଭବ କରୁଛ ଏବଂ କାର୍ଯ୍ୟ କରୁଛ, ତାହାରି ଏକ ସ୍ୱାଭାବିକ ପରିଣାମ ଅନୁସାରେହିଁ ସର୍ବଦା ତୁମକୁ ନାନା ଅବସ୍ଥାରେ ରହିବାକୁ ପଡୁଛି ।

*ମୋ'ର ଏକ ପୂର୍ବବୋଧ ହେଉଛି, ସତେଯେପରି ମୋ'ଜୀବନରେ କିଛି ପ୍ରତିକୂଳ ଘଟଣା ଘଟିବାକୁ ଯାଉଛି ।*

ଘଟିବାକୁ ଯାଉଥିବା ମନ୍ଦ କଥାଟିକୁ ଦୂର କରିଦେବା ଲାଗି ଯଦି ତୁମେ ସେହି ସୁଯୋଗଟିକୁ କାମରେ ନ ଲଗାଅ, ତେବେ କୌଣସି ମନ୍ଦର ପୂର୍ବବୋଧ ଲାଭ କରିବାର କିଛି ଦରକାର ନାହିଁ ।

*୧୧ ଜୁଲାଇ ୧୯୩୫*

'oaob.nitrkl.ac.in' images reprocessed

*ଏହି ମନ୍ଦ କଥାଟି କ'ଣ ଓ ତାହା କେବେ ଆସିବାକୁ ଯାଉଛି, ମୁଁ ସେବିଷୟରେ କିଛି ଜାଣେ ନାହିଁ । ଯଦି ମୁଁ ବୁଝିପାରୁ ନାହିଁ, ତେବେ ତାହାକୁ ଦୂର କରିବାର ଉପାୟ ମଧ୍ୟ ମୁଁ ଜାଣି ନାହିଁ ।*

ତୁମ ଜୀବନରେ କୌଣସି ମନ୍ଦ କଥା ଘଟିବାକୁ ଯାଉଛି, ତୁମେ କେବଳ ଏହି ଧାରଣାଟିକୁ ବର୍ଜନ କରି ପାରିବ ।

*ଦିବ୍ୟ ପରମସତ୍ତାଙ୍କର ସେବକ ହେବା ଲାଗି ମୋ'ର ପ୍ରୟାସ ମୋ' ଜୀବନର ଶେଷ ମୁହୂର୍ତ୍ତଯାଏ ଚାଲିବ । ମୁଁ ବରଂ ମରିଯିବି, ମାତ୍ର ଯୋଗମାର୍ଗକୁ ଛାଡ଼ିବି ନାହିଁ ।*

ତୁମର ଯୋଗମାର୍ଗକୁ ବର୍ଜନ କରିବାର କୌଣସି ପ୍ରଶ୍ନହିଁ ଉଠୁ ନାହିଁ ଏବଂ ତୁମେ ଯେ ତାହା କରିବ ନାହିଁ, ମୋ'ର ସେବିଷୟରେ ଆଦୌ ସନ୍ଦେହ ନାହିଁ । ଏବଂ, ତୁମର ମରିଯିବାର ମଧ୍ୟ ଆଦୌ କୌଣସି କାରଣ ନାହିଁ, ତୁମେ ଅବଶ୍ୟ ବଞ୍ଚିବ ଏବଂ ଦିବ୍ୟ ପରମସତ୍ତାଙ୍କ ଲାଗି ବଞ୍ଚିବ ।

*୧୨ ଜୁଲାଇ ୧୯୩୫*

*ମାଆ, ମୁଁ ଆପଣଙ୍କଠାରୁ ଅନେକ ଦୂରକୁ ଚାଲି ଯାଇଥିଲା ପରି ଅନୁଭବ କରୁଛି । ଆପଣଙ୍କୁ ପ୍ରାର୍ଥନା କରୁଛି : ଏହି ପ୍ରତିକୂଳ ଶକ୍ତିଗୁଡ଼ିକୁ ଅତିକ୍ରମ କରିଯିବା ପାଇଁ ଏବଂ ମୋ'ର ନିମ୍ନତର ପ୍ରକୃତି ତଥା ମୋତେ ଯାହାକିଛି ଏପରି ଉତ୍ପୀଡ଼ିତ କରି ରଖିଛି, ତାହା ଉପରେ ବିଜୟ ହାସଲ କରିବା ପାଇଁ ଆପଣ ମୋତେ ବଳ ଦିଅନ୍ତୁ ।*

ଏପରି ଉଦ୍‌ବିଗ୍ନ ହୋଇ ପଡ଼ିବାର କୌଣସି କାରଣ ରହିଛି ବୋଲି ମୁଁ ଭାବୁ ନାହିଁ । ତୁମେ ଆଗରୁ ମୋ'ଠାରୁ ଯେତିକି ଦୂରରେ ଥିଲ, ବର୍ତ୍ତମାନ ତା'ଠାରୁ ଆଦୌ ଅଧିକ ଦୂରକୁ ଚାଲିଯାଇ ନାହଁ । ତୁମ ସତ୍ତାର ସେହି ଏକା ଅଂଶଗୁଡ଼ିକହିଁ ଏବେ ବି ଦିବ୍ୟ ଜୀବନରେ ଅଂଶଗ୍ରହଣ କରିବାକୁ ଅସମ୍ମତି ପ୍ରକାଶ କରୁଛନ୍ତି । ଆଗରୁ ତୁମେ ସେଗୁଡ଼ିକ ବିଷୟରେ ସଜ୍ଞାନ ନ ଥିଲ, ମାତ୍ର ବର୍ତ୍ତମାନ ତୁମେ ସେଗୁଡ଼ିକ ସମ୍ବନ୍ଧରେ ଅଧିକରୁ ଅଧିକ ସଜ୍ଞାନ ହୋଇ ଆସୁଛ । ଏବଂ, ଏହି ସଚେତନ ହେବାକୁହିଁ ଅବଶ୍ୟ ଏକ ଯଥାର୍ଥ ଅଗ୍ରଗତି ବୋଲି କହିବାକୁ ହେବ,— ଏହା ପୂର୍ଣ୍ଣ ନିୟନ୍ତ୍ରଣଶକ୍ତି ଆଡ଼କୁ ପରିଚାଳିତ କରିନେବ ।

*୧୫ ଜୁଲାଇ ୧୯୩୫*

'oaob.nitrkl.ac.in' images reprocessed

*ଏହି ନିମ୍ନତର ଅଂଶଗୁଡ଼ିକ ଯେପରି ଦିବ୍ୟ ଜୀବନରେ ଅଂଶଗ୍ରହଣ କରିପାରିବେ, ସେଥିଲାଗି ମୋତେ କ'ଣ କରିବାକୁ ହେବ ?*

ଠିକ୍ ଗୋଟିଏ ପିଲାକୁ ଶିକ୍ଷା ଦେଲାପରି ତୁମେ ସେଗୁଡ଼ିକୁ ଶିକ୍ଷା ଦେବ ।

*୧୬ ଜୁଲାଇ ୧୯୩୫*

*ସ୍ନେହମୟି ମାଆ, ମୁଁ ଆପଣଙ୍କର କାମହିଁ କରିବି, ଯେଉଁ କାମଟି ସକାଶେ ମୁଁ ଆପଣଙ୍କ ସହିତ ରହିଛି । ତାହା ସମ୍ପନ୍ନ ହେବା ମାତ୍ରକେ ମୁଁ ଆପଣଙ୍କ ଭିତରେ ଲୀନ ହୋଇଯିବି । ଆପଣଙ୍କର ଏହାହିଁ ଇଚ୍ଛା ବୋଲି ମୁଁ ବିଶ୍ୱାସ କରୁଛି ।*

ବର୍ତ୍ତମାନ ପାଇଁ ମୁଁ କେବଳ ଏତିକି ଯାଏ ଇଚ୍ଛା କରୁଛି : ପୃଥିବୀପୃଷ୍ଠରେ ଯେଉଁ କାର୍ଯ୍ୟଟିକୁ କରିବାକୁ ହେବ, ସେହି କାର୍ଯ୍ୟଟିକୁ କରିବା । ଏହା ବ୍ୟତୀତ ଆଉ ଯାହାକିଛି ରହିଲା, ସେକଥା ପରେ ଦେଖିବା ।

*୧୮ ଜୁଲାଇ ୧୯୩୫*

*ବାତାବରଣଟି ସର୍ବତ୍ର ଅହଂଭାବନାରେ ପୂର୍ଣ୍ଣ ହୋଇ ରହିଛି; ମୁଁ ଭାବୁଛି, ଅହଂକେନ୍ଦ୍ରିକ ହୋଇ ନ ଥିବା ଯେକୌଣସି ବ୍ୟକ୍ତି ଏହା ଭିତରକୁ ଆସି ଉଦରସ୍ଥ ହୋଇ ଯାଉଛି ।*

ଯେଉଁମାନେ ସାଧାରଣ ଚେତନାରେ ବାସ କରୁଛନ୍ତି, କେବଳ ସେହିମାନଙ୍କ ପାଇଁ ଏକଥା ସତ ।

*୧୮ ଜୁଲାଇ ୧୯୩୫*

*ଦିବ୍ୟ ପରମସତ୍ୟ ସମ୍ବନ୍ଧରେ କୌଣସି ଅନୁଭବ ନ ଥାଇ, ଅନ୍ତର୍ବୋଧୀ ଚେତନାର ସ୍ତରକୁ ଉତ୍ତୋଳିତ ନ ହୋଇ ଅଥବା ନିଜ ହୃଦୟର ଗଭୀରତାଗୁଡ଼ିକ ମଧ୍ୟରେ ପ୍ରବେଶ ନ କରି ଦିବ୍ୟ ଇଚ୍ଛା ସମ୍ବନ୍ଧରେ ଅବଗତ ହୋଇ ପାରିବା ସମ୍ଭବ କି ?*

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏହି ତିନୋଟି ସର୍ତ୍ତରୁ ଅନ୍ତତଃ ଗୋଟିଏ ବ୍ୟତୀତ, ଆପଣାର ଅବଚେତନ ଇଚ୍ଛାକୁ ଦିବ୍ୟ ପରମଇଚ୍ଛା ବୋଲି ଭ୍ରମ କରିବାର ଏବଂ ପଥଚ୍ୟୁତ ହେବାର ଗୁରୁତର ଆଶଙ୍କା ରହିଛି ।

*୧୯ ଜୁଲାଇ ୧୯୩୫*

'oaob.nitrkl.ac.in' images reprocessed

*"ଯିଏ ନିଜର ସମ୍ପତ୍ତିଗୁଡ଼ିକୁ ପରିତ୍ୟାଗ କରି ପାରିଛି, ସମ୍ପତ୍ତିଗୁଡ଼ିକୁ କେବଳ ବୃଦ୍ଧି କରିବାର ଚିନ୍ତା କରୁଥିବା ଆଉଜଣେ ବ୍ୟକ୍ତିଠାରୁ ସିଏ ଏକ ଉଚ୍ଚତର ସ୍ତରରେ ଅବସ୍ଥାନ କରୁଛି ।"*

*ମାତ୍ର, ନିଜର ସମ୍ପତ୍ତିଗୁଡ଼ିକୁ ପରିତ୍ୟାଗ କଲେ ଜଣେ ବ୍ୟକ୍ତି ପ୍ରକୃତରେ କ'ଣ କରିପାରିବ, ସିଏ ଜୀବନଧାରଣ ବି କିପରି କରିବ ?*

ଏପରି ଗୋଟିଏ ମନ୍ତବ୍ୟକୁ ମୁଁ ଭୟଙ୍କର ଭାବରେ ଅହଂକେନ୍ଦ୍ରିତ ବୋଲି ଭାବୁଛି ।

ଯଥାର୍ଥ ଭାବରେ ସମ୍ପଦଗୁଡ଼ିକୁ ଲାଭ କରିବାକୁ ହେଲେ କିପରି ନିଜର **ସବୁକିଛିକୁ** ଦେବାକୁ ହେବ, ଆମକୁ ସେହିକଥା ଶିକ୍ଷା କରିବାକୁ ପଡ଼ିବ ।

*୨୧ ଜୁଲାଇ ୧୯୩୫*

*ଅବସାଦ ଲାଗିରହିଥିବାରୁ ମୋ'ର ଅଧ୍ୟୟନ ହୋଇପାରୁ ନାହିଁ ।*

ମୁଁ ତୁମକୁ କହିଛି ଯେ, ଏହି **ଅଧ୍ୟୟନ** ଦ୍ୱାରାହିଁ ତୁମେ ଅବସାଦକୁ ଅତିକ୍ରମ କରି ପାରିବ ।

*ମୋ'ର ଚେତନା ଏକ ଆବରଣ ଦ୍ୱାରା ଆଚ୍ଛନ୍ନ ହୋଇ ରହିଛି । ମୁଁ ଆପଣଙ୍କର ସନ୍ତାନ ତ ?*

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ତୁମର ଚୈତ୍ୟ ସତ୍ତା ହେଉଛି ମୋ'ର ସନ୍ତାନ;— ଏବଂ ସେହି କଥାଟିକୁ ସିଏ ଭଲ କରି ଜାଣିଛି । *୨୭ ଜୁଲାଇ ୧୯୩୫*

*ଏହି ଅନ୍ଧକାରାଚ୍ଛନ୍ନ ଓ ଉତ୍ପୀଡ଼ନକାରୀ ଗର୍ତ୍ତରେ ମୋତେ ଆଉ କେତେ ଦିନ ଯନ୍ତ୍ରଣା ଭୋଗ କରିବାକୁ ହେବ ? ମୁଁ ଅତ୍ୟନ୍ତ ଦୁଃଖିତ ଯେ ମୁଁ ଆପଣଙ୍କର ସନ୍ତାନ ହୋଇ ପାରି ନାହିଁ ।*

ତୁମ କଥାର ଅର୍ଥ ମୁଁ ଆଦୌ ବୁଝିପାରୁ ନାହିଁ । ତୁମେ ମୋ'ର ସନ୍ତାନ ହୋଇ ପାରିବ ନାହିଁ ବୋଲି ତୁମକୁ ମୁଁ କେବେ କହି ନାହିଁ; ଓଲଟି ତୁମକୁ କହିଛି ଯେ, ନିଜର ଚୈତ୍ୟ ସତ୍ତାରେ ତୁମେ ମୋ'ର ସନ୍ତାନ ହୋଇ ରହିଛ ଏବଂ, ତୁମେ ଯେତେବେଳେ ତୁମ ଚୈତ୍ୟ ସତ୍ତା ବିଷୟରେ ସଚେତନ ହେବ, ସେତେବେଳେ ଏହି କଥାଟି ବିଷୟରେ ମଧ୍ୟ ପୂର୍ଣ୍ଣ ସଚେତନ ହୋଇପାରିବ । *୨ ଅଗଷ୍ଟ ୧୯୩୫*

'oaob.nitrkl.ac.in' images reprocessed

*ମୁଁ ଦୁଃଖିତ ବୋଲି ଏହି ଅର୍ଥରେ ତାହା କହିଥିଲି ଯେ, ମୁଁ କେବଳ ସେଇଥି ସକାଶେ ଏଠାରେ ରହିଥିଲେହେଁ ମୁଁ ଆପଣଙ୍କର ସନ୍ତାନ ହୋଇ ପାରୁ ନାହିଁ ତଥା ଆପଣଙ୍କର ବିଶ୍ୱସ୍ତ ସେବକ ହୋଇ ପାରୁ ନାହିଁ ।*

ମୁଁ ମଧ୍ୟ ସେହିକଥା ବୁଝିଥିଲି – ଏବଂ ମୁଁ ଆଉଥରେ ସେହିକଥା କହୁଛି ଯେ, ମୋ'ର ସନ୍ତାନ ହେବାରୁ ଓ ମୋ'ର ବିଶ୍ୱସ୍ତ ସେବକ ହେବାରୁ ତୁମକୁ ଆଦୌ କିଛିହେଲେ (ତୁମର ନିଜ ଇଚ୍ଛାଟି ବ୍ୟତୀତ) ଅଟକାଇ ରଖି ପାରିବ ନାହିଁ ।

*୨ ଅଗଷ୍ଟ ୧୯୩୫*

*କେବଳ ନିଜର ଦୁଃଖଟାକୁ ନେଇ ଦର୍ଶନ ଦିବସରେ ଶ୍ରୀଅରବିନ୍ଦଙ୍କ ପାଖକୁ ଗଲେ ମୁଁ କିପରି ତାଙ୍କଠାରୁ ଆଦୌ କିଛି ଗ୍ରହଣ କରି ପାରିବି ?*

ଏଥିରେ କୌଣସି ସନ୍ଦେହ ନାହିଁ ଯେ ତୁମେ ତାଙ୍କ ପାଖକୁ ସ୍ଥିରତା ଏବଂ ଆଲୋକ ନେଇ ଯିବ ।

*୩ ଅଗଷ୍ଟ ୧୯୩୫*

*ମୁଁ ଦିବ୍ୟଜୀବନକୁ ବଞ୍ଚିବା ପାଇଁ ଇଚ୍ଛା କରୁଛି । ଯଦି ଏହି ଜୀବନରେ ସମ୍ଭବ ନ ହୁଏ, ତେବେ ଆଉ ଏକ ଜନ୍ମରେ ମୁଁ ତାହା ନିଶ୍ଚୟ କରିପାରିବି ।*

ଅନ୍ୟ ଜନ୍ମଗୁଡ଼ିକ ବିଷୟରେ ଭାବିବାର ଆଦୌ କୌଣସି ଆବଶ୍ୟକତା ନାହିଁ । ଏହି ଜୀବନରେହିଁ ତୁମକୁ ଦିବ୍ୟପରମଙ୍କୁ ଉପଲବ୍ଧି ନିମନ୍ତେ ଚେଷ୍ଟା କରିବାକୁ ହେବ ଏବଂ ତୁମେ ତାହା ନିଶ୍ଚୟ କରିବ ।

ମାତ୍ର ଅଧୀର ହେଲେ ମୋଟେ ଚଳିବ ନାହିଁ । ତୁମର ଅଧୀରତାହିଁ ତୁମର ଅବସାଦର କାରଣ ହେଉଛି ।

*୪ ଅଗଷ୍ଟ ୧୯୩୫*

*ଆପଣ ମୋତ ଏହି ଯନ୍ତ୍ରଣାଦାୟକ ଅନ୍ଧକାରାଚ୍ଛନ୍ନତାରୁ ପରିତ୍ରାଣ କରନ୍ତୁ । ମୋତେ ଅନ୍ତତଃ ଗୋଟାଏ ବିନ୍ଦୁ ଶାନ୍ତି ଓ ଆନନ୍ଦ ପ୍ରଦାନ କରନ୍ତୁ ।*

'oaob.nitrkl.ac.in' images reprocessed

ତୁମେ ଠିକ୍ ସେହି ବ୍ୟକ୍ତିଟି ପରି ହେଉଛ, ଯିଏକି ମହାସାଗର ମଧ୍ୟରେ ରହିଛି ଅଥଚ ଜଳର ଅଭାବ ବିଷୟରେ ଅଭିଯୋଗ କରିବାରେ ଲାଗିଛି !

*୬ ଅଗଷ୍ଟ ୧୯୩୫*

*ଅନ୍ତତଃ ଅଗଷ୍ଟ ୨୦ ତାରିଖ ପର୍ଯ୍ୟନ୍ତ ମୁଁ ଯାବତୀୟ ସମ୍ପର୍କସ୍ଥାପନରୁ ନିଜକୁ ଅପସରାଇ ନେଲେ ଅଧିକ ଭଲ ହେବ ନାହିଁ କି ? ନ ହେଲେ, ଆପଣ ଆଉ ଅନ୍ୟକିଛି ବାଟ ଦେଖାଇ ଦିଅନ୍ତୁ, ଯେପରିକି ମୁଁ କିଞ୍ଚିତ୍ ଶାନ୍ତ ଏବଂ ଏକାଗ୍ର ହୋଇ ପାରିବି ।*

ଏଇଟା ବା ସେଇଟା କରି ତୁମେ କଦାପି ଏଥିରୁ ମୁକ୍ତ ହୋଇ ପାରିବ ନାହିଁ – ମୁକ୍ତ ହେବାର ଉପାୟ **ଭିତରୁହିଁ** ଆସିବ । *୬ ଅଗଷ୍ଟ ୧୯୩୫*

*'ଖ'ଙ୍କ ସହିତ ବୁଲିଯିବା ଉଚିତ ହେବ କି ?*

ନାହିଁ, ଏହା ଖୁବ୍‌ବେଶୀ ଉଚିତ ହେବ ନାହିଁ । ମାତ୍ର, ଯଦି ତୁମେ ବୁଲିଯିବ ନାହିଁ ଏବଂ ତା'ପରେ ଅବସାଦ ଭିତରେ ରହିବ, ତେବେ ତାହା ତ ଆହୁରି କମ୍ ବାଞ୍ଛନୀୟ ହେବ ।

*୮ ଅଗଷ୍ଟ ୧୯୩୫*

*'ଖ'ଙ୍କ ସହିତ ବୁଲି ଯିବି ନାହିଁ ବୋଲି ମୁଁ ଦୁଇଦିନ ହେଲା ଭାବୁଛି । ମାତ୍ର ଏପରି ବୁଲିଯିବା କାହିଁକି ବାଞ୍ଛନୀୟ ନୁହେଁ, ଆପଣ ମୋତେ ଦୟାକରି କହିବେ କି ? ଦିବ୍ୟ ଇଚ୍ଛା ମୋ'ର ବୋଧଗମ୍ୟ ହେଉଛି ବୋଲି ମୁଁ ଭାବୁଛି, ମାତ୍ର ଏହା ସତ କି ?*

ମୁଁ ଭାବୁଛି ଯେ ତୁମ ଚେତନାର ଗୋଟିଏ ଭାଗ ବେଶ୍ ସ୍ପଷ୍ଟ ଭାବରେ ଦିବ୍ୟ ପରମଇଚ୍ଛାକୁ ପ୍ରକୃତରେ ଜାଣି ପାରୁଛି; ମାତ୍ର ଯେତେବେଳେ ତୁମେ ଏହି ଇଚ୍ଛାକୁ ସର୍ବାଙ୍ଗୀଣ ଭାବରେ ପାଳନ କରିବାକୁ ଚେଷ୍ଟା କରୁଛ ସେତେବେଳେ ଆପଣାର ନାନା ବାସନା ଏବଂ ଆବେଗ ଦ୍ୱାରା ବାଧାପ୍ରାପ୍ତ ହୋଇ ରହିଥିବା ତୁମର ପ୍ରାଣ ଅବସାଦଗ୍ରସ୍ତ ହୋଇ ପଡୁଛି ଏବଂ ସହଯୋଗ କରିବାକୁ ଅସମ୍ମତ ହେଉଛି ଏବଂ ସେହି କାରଣରୁହିଁ ସକଳ ଅଗ୍ରଗତି ବନ୍ଦ ହୋଇ ଯାଉଛି । *୯ ଅଗଷ୍ଟ ୧୯୩୫*

'oaob.nitrkl.ac.in' images reprocessed

*ଆଜି ମୁଁ ଖୁବ୍ ଅବସାଦଗ୍ରସ୍ତ ହୋଇ ପଡ଼ିଛି; ଆଜି ମୁଁ ନୀରବ ଓ ଏକାଗ୍ର ହୋଇ ରହିବି ବୋଲି କେତେ ଇଚ୍ଛା କରିଥିଲି, ମାତ୍ର ହାୟ, ସବୁକିଛି କେବଳ ପଣ୍ଡ ହୋଇ ଯାଇଛି ।*

'ଖ'ଙ୍କ ସହିତ ବୁଲିଯିବା ବନ୍ଦ କରିଦେବ ବୋଲି ତୁମେ ଯେତେବେଳେ କହିଥିଲ, ମୁଁ ସେତେବେଳେ ଠିକ୍ ଏହାହିଁ ଘଟିବ ବୋଲି ଆଶଙ୍କା କରିଥିଲି ।

*୯ ଅଗଷ୍ଟ ୧୯୩୫*

*କାଲି ରାତିରେ 'ଗ'ଙ୍କ ନିବାସକୁ ଯାଇ ସଙ୍ଗୀତ ଶୁଣିବା ମୋ' ସକାଶେ ଭଲ ହେଲା କି ? ଆଜି ମୁଁ କେତେକ ପରିମାଣରେ ଏକ ବିକ୍ଷୋଭ ଅନୁଭବ କରୁଛି ।*

ଯାହାସବୁ ଘଟିଗଲାଣି, ସେସବୁ ବିଷୟରେ ପ୍ରଶ୍ନମାନ ପଚାରିବା ଦ୍ୱାରା ବିଶେଷ ଲାଭ ହୁଏ ନାହିଁ । ଯଦି ତାହାର ମନ୍ଦ ପ୍ରଭାବ ପଡ଼ିଲା, ତେବେ ତୁମେ ତାହାକୁ ଅତିକ୍ରମ କରିଯିବ ଏବଂ, ଯଦି ଭଲ ପ୍ରଭାବ ପଡ଼ିଲା, ତେବେ ତାହାକୁ ସୁରକ୍ଷିତ କରି ରଖିବ ।

*୧୭ ଅଗଷ୍ଟ ୧୯୩୫*

*ବିଗତ କେତେଦିନ ହେଲା 'କ' ଅସୁସ୍ଥ ଅଛନ୍ତି । ସେ କିପରି ଅସୁସ୍ଥ ହୋଇ ପଡ଼ିଲେ ?*

ସମ୍ଭବତଃ କୌଣସି ଏକ ବିଷାଦ ହେତୁ ।

*'କ' ଆପଣଙ୍କୁ କାହିଁକି ଭୟ କରନ୍ତି ? ଆପଣଙ୍କୁ ଭୟ କଲେ ଆମେ କିପରି ଅଗ୍ରଗତି କରି ପାରିବୁ ?*

ଭୟ ହେଉଛି ଏହି ମାର୍ଗରେ ଏକ ବଡ଼ ପ୍ରତିବନ୍ଧକ, ଏଥିରେ କୌଣସି ସନ୍ଦେହ ନାହିଁ ।

*ଅନ୍ୟମାନଙ୍କର ବ୍ୟାପାରରେ ମୁଣ୍ଡ ନ ଖେଳାଇବାକୁ ମୋ'ସତ୍ତାର ଗୋଟିଏ ଅଂଶ ମୋତେ କହୁଛି । ମାତ୍ର, ମୋ'ସ୍ୱଭାବ ତ ସେହିପରି, ତେଣୁ ତାହାକୁ ବନ୍ଦ କରିବା ଆଦୌ ସହଜ ହେଉ ନାହିଁ ।*

'oaob.nitrkl.ac.in' images reprocessed

କାହାକୁ ସାହାଯ୍ୟ କରିବା ଏବଂ କାହାର କାମରେ ଆସିବାରେ ଆଦୌ କୌଣସି କ୍ଷତି ନାହିଁ ।

*୨୩ ଅଗଷ୍ଟ ୧୯୩୫*

*'ଖ'ଙ୍କ ମନରେ ବିଷାଦ ଜାତ ହୋଇଛି । ଏହି ବିଷାଦ ଆପଣଙ୍କର ଇଚ୍ଛାରୁ ଜାତ ହୋଇଛି ବୋଲି ସେ କହୁଛନ୍ତି ।*

ଏହି କଥାର ଆଦୌ କୌଣସି ଅର୍ଥ ନାହିଁ । ମୁଁ ତ ଓଲଟି ଏପରି କହିବି ଯେ, ପ୍ରତ୍ୟେକ ବ୍ୟକ୍ତି ଶାନ୍ତ ଏବଂ ଅବିଚଳିତ ଭାବରେ ସର୍ବଦା ଆଗକୁ ଆଗକୁ ଯାଉଥିବ ଏବଂ ଏହିସବୁ ନିମ୍ନତର ସ୍ଥିତିଗୁଡ଼ିକ ମଧ୍ୟରେ କଦାପି ଆସି ପଡ଼ି ଯାଉ ନ ଥିବ, ମୁଁ ସେହିକଥା ଇଚ୍ଛା କରିଥାଏ ।

*'କ' କହନ୍ତି ଯେ ସେ ଏଠାରେ ସତେଅବା ଏକ ବନ୍ଦିଶାଳାରେ ରହିଥିବା ପରି ଅନୁଭବ କରୁଛନ୍ତି ।*

ମୁଁ କେବେ କାହାକୁ ବନ୍ଦିଶାଳାରେ ନେଇ ରଖି ନାହିଁ ।

*୨୪ ଅଗଷ୍ଟ ୧୯୩୫*

*'କ' କି ପ୍ରକାରର ସ୍ୱାଧୀନତା ଚାହୁଁଛନ୍ତି ? ସେ ଏଠାରେ କାହିଁକି ବନ୍ଦି ହୋଇ ରହିଥିବା ପରି ଅନୁଭବ କରୁଛନ୍ତି ?*

ତାଙ୍କର ପ୍ରାଣହିଁ ଏହି ଅଭିଯୋଗ କରୁଛି ।

*ଏଠାରେ ଆମେ ଯୋଗ କରିବା ପାଇଁ ଅଛୁ ଅଥବା ନିଜର ବାସନା ଏବଂ ବୃହତ୍ ଆକାଙ୍କ୍ଷାଗୁଡ଼ିକ ଅନୁସାରେ କାର୍ଯ୍ୟ କରିବା ନିମନ୍ତେ ସଂପୂର୍ଣ୍ଣ ସ୍ୱାଧୀନ ହୋଇ ରହିବା ପାଇଁ ଅଛୁ ?*

ପ୍ରାଣ ଯେଉଁ ତଥାକଥିତ ସ୍ୱାଧୀନତା ପାଇବ ବୋଲି ଦାବି କରୁଥାଏ, ତାହା ପ୍ରକୃତରେ କୌଣସି ସ୍ୱାଧୀନତା ନୁହେଁ, ତାହା ହେଉଛି ନିମ୍ନତର ବାସନା ଏବଂ ଆବେଗଗୁଡ଼ିକ ପାଖରେ ଏକ ଦାସତ୍ୱ ।

'oaob.nitrkl.ac.in' images reprocessed

*ହେ ମାଆ ! ଯେଉଁ ମନ୍ଦ ଘୂର୍ଣ୍ଣିବାୟୁ ମନୁଷ୍ୟମାନଙ୍କୁ ଯଥାର୍ଥ ମାର୍ଗରୁ ଦୂରକୁ ବିଚ୍ୟୁତ କରି ନେଇଯାଉଛି, ତାହାକୁ ପ୍ରକୃତରେ କିଏ ଶାନ୍ତ କରିବ ? ମାଆ, ଏହି ଭୟଙ୍କର ଅନ୍ଧାର ଏବଂ ଅଜ୍ଞାନ ମଧ୍ୟରେ ରହିବାକୁ ଆପଣ ମଧ୍ୟ ସମ୍ମତ ହୋଇ ପାରୁଛନ୍ତି କିପରି ?*

ମୁଁ ପୃଥିବୀରେ ରହିଛି, କାରଣ ଏହି ପୃଥିବୀରେହିଁ ଦିବ୍ୟକାର୍ଯ୍ୟଟିକୁ ସମ୍ପନ୍ନ କରିବାକୁ ହେବ,– ଏତଦ୍‌ବ୍ୟତୀତ ଏହାର ଆଉ କୌଣସି କାରଣ ନାହିଁ ।

*୨୪ ଅଗଷ୍ଟ ୧୯୩୫*

*ଅଗ୍ରଗତି ନିମନ୍ତେ ଦୁଃଖକଷ୍ଟ ଭୋଗ ଅନିବାର୍ଯ୍ୟ କି ?*

କଦାପି **ନୁହେଁ** ।

*୨୬ ଅଗଷ୍ଟ ୧୯୩୫*

*ପ୍ରତ୍ୟେକ ବ୍ୟକ୍ତିର ଜୀବନରେ କାର୍ଯ୍ୟ କରିବା ଆପଣଙ୍କ ପକ୍ଷରେ ଆଦୌ ସହଜ ନୁହେଁ,– ପ୍ରାୟ ସର୍ବଦା ଏହି କ୍ଷେତ୍ରରେ କେତେକ ପରିମାଣରେ ଏକ ପ୍ରତିରୋଧ ବା ବିଦ୍ରୋହ ଅବଶ୍ୟ ରହିଥାଏ, ଏକଥା ସତ କି ?*

ଏହା ନିଶ୍ଚିତ ଯେ ପ୍ରାୟ ପ୍ରତ୍ୟେକଙ୍କ ମଧ୍ୟରେ ପ୍ରତିରୋଧ ରହିଛି ଏବଂ ଅନେକଙ୍କ ଭିତରେ ବିଦ୍ରୋହ ମଧ୍ୟ ରହିଛି ।

*୨୭ ଅଗଷ୍ଟ ୧୯୩୫*

*'କ' କହୁଛନ୍ତି ଯେ ତାଙ୍କର ପଥଟି ସ୍ପଷ୍ଟ ହୋଇଗଲାଣି; କେବଳ ଗୋଟିଏ ଅସୁବିଧା ରହିଛି ଯାହାକୁ କି କେବଳ ଆପଣ ଦୂର କରି ପାରିବେ ଓ ଆଉ ଅନ୍ୟ କେହି ତାଙ୍କୁ କୌଣସି ସାହାଯ୍ୟ କରି ପାରିବେ ନାହିଁ । ସିଏ ପ୍ରକୃତ ସତ୍ୟଟିକୁ କିପରି ବୁଝିବେ, ମୁଁ ଆଦୌ ବୁଝିପାରୁ ନାହିଁ, କାରଣ ସିଏ ତ ଆପଣଙ୍କ କଥା ମଧ୍ୟ ଶୁଣନ୍ତି ନାହିଁ !*

ତୁମେ ବ୍ୟସ୍ତ ହୁଅ ନାହିଁ; 'କ'ଙ୍କୁ ସାହାଯ୍ୟ କରିବା ପାଇଁ ଯାହା ସର୍ବୋତ୍ତମ ତାହା ତୁମେ କରିଛ । ଯଦି ସିଏ ଶୁଣିବାକୁ ଇଚ୍ଛା କରୁ ନାହାନ୍ତି, ତେବେ ତୁମର ଆଉ କିଛି କରିବାକୁ ନାହିଁ ।

*୨୯ ଅଗଷ୍ଟ ୧୯୩୫*

'oaob.nitrkl.ac.in' images reprocessed

*ଆଗେ, ମୋ' ଜୀବନରେ ଆନନ୍ଦ, ଶାନ୍ତି ଓ ପ୍ରେମର ଗୋଟିଏ ଗୋଟିଏ ସମୟ ଆସୁଥିଲା । ବର୍ତ୍ତମାନ ଏକାଧିକ ମାସ ହେବ ସେପରି କୌଣସି ସମୟ ଆଦୌ ଆସୁ ନାହିଁ କାହିଁକି ?*

ପିଲାମାନଙ୍କ କ୍ଷେତ୍ରରେ ଅନେକ ସମୟରେ ଚୈତ୍ୟସତ୍ତା ବେଶ୍ ଉପରିଭାଗରେ ରହିଥାଏ ଏବଂ ତାହା ସେମାନଙ୍କୁ ଶାନ୍ତ ଓ ଆନନ୍ଦିତ କରି ରଖିଥାଏ । ବୟସ ବଢ଼ିବା ସଙ୍ଗେ ସଙ୍ଗେ ପ୍ରାଣ ଏବଂ ମନର ବିକାଶ ମଧ ହୁଏ ଏବଂ ସେମାନେ ଅଧିକ ମହତ୍ତ୍ୱ ଧାରଣ କରନ୍ତି — ଏବଂ ସେହି ସମୟରୁହିଁ ଯାବତୀୟ ଅସୁବିଧା ଏବଂ ଦୁଃଖ ଆରମ୍ଭ ହୋଇଯାଏ ।

*୩୦ ଅଗଷ୍ଟ ୧୯୩୫*

*ମୋ'ର ବିଷାଦ ବଢ଼ିବାରେ ଲାଗିଛି । ଏହା ଯେ ତଥାପି ସେହି ପ୍ରାଣରୁ ସମ୍ଭବ ହେଉଛି, ସେକଥା ମୁଁ ଜାଣିପାରୁଛି । ମାତ୍ର, ମୁଁ ଦୃଢ଼ ଭାବରେ ବିଶ୍ୱାସ କରୁଛି ଯେ, ତାହା ତଥାପି ନିଜର ବିଷାଦଟିକୁ କଦାପି ଆହୁରି ଅଧିକ କ୍ଷେତ୍ରକୁ ବ୍ୟାପ୍ତ କରାଇଦେଇ ପାରିବ ନାହିଁ ।*

ଏହି ବିଷାଦ ପାଇଁ ମୁଁ ଆଦୌ କୌଣସି ଯୁକ୍ତିଯୁକ୍ତ କାରଣ ଦେଖୁ ନାହିଁ; ଏଇଟା ମୋତେ ଅବାସ୍ତବ କିଛି ପରି ଦେଖାଯାଉଛି, ଏପରି ଗୋଟିଏ ପ୍ରକାରର ମିଥ୍ୟା କଳ୍ପନା ପରି ଦିଶୁଛି, ଯାହାକି ତୁମକୁ କାବୁ କରି ରଖିଛି । ତୁମେ ସେସବୁକୁ ଅଚିରେ ପ୍ରତ୍ୟାଖ୍ୟାନ କର ।

*୮ ସେପ୍ଟେମ୍ବର ୧୯୩୫*

*ଏହି ବିଷାଦ ଏତେ ଅଧିକ ଗଭୀରଯାଏ କିପରି ଭେଦି ଯାଇ ପାରିଲା, ମୁଁ ଆଦୌ ବୁଝିପାରୁ ନାହିଁ । ମୁଁ ଭାବୁଛି, ପୁନର୍ବାର ସେହି ଏକା ଶକ୍ତିଟିହିଁ ମୋତେ ଏହି ଅବସ୍ଥାରେ ଆଣି ରଖୁଛି ।*

ହଁ, ସେହି ପ୍ରାଣହିଁ ଆପଣାର ବିଷାଦକୁ ଉପଭୋଗ କରିବାରେ ଲାଗିଛି ।

*ପ୍ରାଣକୁ କିପରି ତା'ର ଏହି ବିଷାଦ-ବିଳାସରୁ ନିବୃତ୍ତ କରିବାକୁ ହେବ, ମୁଁ ତାହା ଜାଣି ପାରୁ ନାହିଁ । ମୁଁ ଆଉ କ'ଣ କରିବି ? ସିଏ ଯାହା ଇଚ୍ଛା କରୁଛି, ତାହା କରିଯାଉଛି ।*

'oaob.nitrkl.ac.in' images reprocessed

ତୁମକୁ ନିଜର ଇଚ୍ଛାଶକ୍ତିକୁ ଅଧିକ ଦୃଢ଼ କରିବାକୁ ହେବ ।

୯ ସେପ୍ଟେମ୍ବର ୧୯୩୫

*ଆପଣ ମୋ'ର ପ୍ରାଣକୁ ଶାନ୍ତ କରି ପାରିବେ ନାହିଁ, ତାହାକୁ ଆଉ ଟିକିଏ କମ୍ କଠିନ କରି ପାରିବେ ନାହିଁ ?*

ତାହାକୁ ତ ଅଧିକାଂଶ ସମୟରେ ଶାନ୍ତି ପ୍ରଦାନ କରାଯାଇଛି ଏବଂ ତାହା ପ୍ରତ୍ୟେକ ଥର ହିଁ ସେହି ଶାନ୍ତିକୁ ବୈରକ୍ତ୍ୟର ଏକ ଆଚ୍ଛାଦନ ପରି ନିଜଉପରୁ କାଢ଼ି ଫିଙ୍ଗିଦେଇଛି ।

*ମୁଁ କିପରି ମୋ'ର ପ୍ରେମକୁ ବଳବାନ୍ କରିପାରିବି ଯେପରିକି ଏହା ମୋ'ର ଅଗ୍ରଗତିରେ ବାଧା ଦେଉଥିବା ବାସନା ଏବଂ ଆବେଗଗୁଡ଼ିକୁ ପରାସ୍ତ କରିଦେଇ ପାରିବ ?*

ତୁମେ ନିଜର ଚୈତ୍ୟ ଚେତନା ଉପରେ ସଂକେନ୍ଦ୍ରିତ ହୋଇ ରହ ।

*ଏକ ବିଶ୍ୱାସର ଅଭାବ କ'ଣ ପ୍ରାଣିକର ନବଦୀକ୍ଷାଗ୍ରହଣକୁ ବିଳମ୍ବିତ କରି ଦେଉଛି କି ?*

ହଁ, ଏଥିରେ କୌଣସି ସନ୍ଦେହ ନାହିଁ ।

୧୦ ସେପ୍ଟେମ୍ବର ୧୯୩୫

*ମୁଁ ଗୋଟିଏ ଶିଶୁପରି ହେବି,– ନମନୀୟ, ସରଳ, ନମ୍ର ଓ ବିଶ୍ୱାସମୟ ଶିଶୁଟିଏ ହେବି । ମାଆ, ମୁଁ କେବେ ଯାଇ ତାହା ହୋଇପାରିବି ?*

ଖୁବ୍ ଶୀଘ୍ର, ଯଦି ସେହିଭଳି ହେବା ଲାଗି ତୁମର ଇଚ୍ଛା ଅଦମ୍ୟ ହୋଇ ରହିପାରିବ ।

*୧୦ ସେପ୍ଟେମ୍ବର ୧୯୩୫*

*ମୁଁ ଦିବ୍ୟ ପରମସତ୍ତାଙ୍କ ପାଇଁ ବଞ୍ଚିବି ବୋଲି ଆପଣ ଯାହା ଲେଖିଥିଲେ, କେବଳ ମୋତେ ଉତ୍ସାହ ଦେବା ପାଇଁ ତାହା ଲେଖିଥିଲେ,– ଏହା ସତ୍ୟ କି ?*

'oaob.nitrkl.ac.in' images reprocessed

ନାହିଁ,— ମୁଁ ଲେଖିଥିଲି, କାରଣ ମୁଁ ତାହାହିଁ ଭାବିଥିଲି ।

*ଅନ୍ୟ ବ୍ୟକ୍ତିମାନଙ୍କର ପରିବେଶକୁ ଅନୁଭବ କରିବାର ପ୍ରୟୋଜନ ରହିଛି କି ?*

ଯେପର୍ଯ୍ୟନ୍ତ ଯାବତୀୟ ଅନୁଚିତ ସ୍ପନ୍ଦନଗୁଡ଼ିକୁ ସଂଶୋଧନ କରିପାରିବା ଭଳି ତୁମ ଭିତରେ ଯଥେଷ୍ଟ ଶକ୍ତି ନ ଆସିଛି, ସେପର୍ଯ୍ୟନ୍ତ ତାହାକୁ ଅନୁଭବ ନ କରିବାହିଁ ଅଧିକ ଭଲ କଥା ହେବ ।

*ଯେଉଁ ବ୍ୟକ୍ତିମାନଙ୍କ ସହିତ କୌଣସି ସମ୍ବନ୍ଧ ସ୍ଥାପନ କରିବାର ସମ୍ଭାବନା ଥିବ, ସେମାନଙ୍କର ସ୍ୱଭାବକୁ ଜାଣିବା ଆବଶ୍ୟକ କି ?*

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଯଦି ଲୋକମାନଙ୍କ ସହିତ ସମ୍ପର୍କ ରହିଥିବ, ତେବେ, ସେମାନେ କିପରି ଲୋକ ହୋଇଥିବେ, ସେକଥା ଜାଣିବା ଅଧିକ ଭଲ ହେବ ।

*୧୧ ସେପ୍ଟେମ୍ବର ୧୯୩୫*

*ମୋ'ର ଅବସ୍ଥା ଖରାପରୁ ଅଧିକ ଖରାପ ହେବାରେ ଲାଗିଛି । ମୁଁ ଅନୁଭବ କରୁଛି, ସତେଯେପରି ମୁଁ କେଉଁଠି ଯାଇ ଲାଖିଯାଇଛି, ଆଉ ଆଗକୁ ଗୋଟିଏ ବି ପାଦ ପକାଇ ହେଉ ନାହିଁ ।*

ବେଳେବେଳେ ଏପରି ହୁଏ ଯେ, ଜଣେ ଯେତେବେଳେ ନିଜ ଉପରେ ଅସନ୍ତୁଷ୍ଟ ହୋଇ ରହିଥାଏ, ସେତିକିବେଳେହିଁ ସିଏ ସବୁଠାରୁ ଅଧିକ ଅଗ୍ରଗତି କରେ ।

*ମୋ'ର ଅଗ୍ରଗତି କାହିଁକି ବନ୍ଦ ହୋଇ ଯାଇଛି, ଆପଣ ମୋତେ କହି ଦିଅନ୍ତୁ । ଆଗରୁ ଆପଣଙ୍କର ଉପସ୍ଥିତି ମୋ' ଭିତରେ ସର୍ବଦା ରହିଥିଲା । ବର୍ତ୍ତମାନ ତ ମୁଁ ଆଦୌ କିଛିହେଲେ ବୁଝିପାରୁ ନାହିଁ ଏବଂ କ'ଣ କରିବାକୁ ହେବ କିଛି ଜାଣି ପାରୁ ନାହିଁ ।*

ମୁଁ ଆଗରୁ ତୁମକୁ ବୁଝାଇ କହିଛି ଯେ, ଶକ୍ତି ସହିତ ସ୍ଥାପିତ ପ୍ରଥମ ସମ୍ପର୍କ ଦ୍ୱାରା ଚେତନାକୁ ନିଜର ଅକ୍ତିଆରରେ ରଖିବା ଲାଗି ଏବଂ ସତ୍ତାକୁ ପରିଚାଳିତ କରିବାଲାଗି

'oaob.nitrkl.ac.in' images reprocessed

ଚୈତ୍ୟ ସତ୍ତାକୁ ଏକ ଆବଶ୍ୟକ ଶକ୍ତି ପ୍ରଦତ୍ତ ହୋଇଥାଏ । ମାତ୍ର କ୍ରମେ ଅନ୍ୟ ଅଂଶଗୁଡ଼ିକ (ମାନସିକ, ପ୍ରାଣିକ ଓ ଦୈହିକ) ପୁନର୍ବାର ଆପଣାର ପୁରାତନ କ୍ରିୟାଧାରାଗୁଡ଼ିକୁ ଫେରିଯାଆନ୍ତି ଏବଂ ଫଳରେ ଉତ୍ତମ ଅବସ୍ଥାଟି ମଧ୍ୟ ଆଚ୍ଛନ୍ନ ହୋଇ ରହିଯାଏ । ତାହାକୁ ଫେରି ପାଇବା ଲାଗି ତୁମ ଭିତରେ ଅଦମ୍ୟ ଇଚ୍ଛାଶକ୍ତି ଥିବା ଦରକାର ।

*୧୪ ସେପ୍ଟେମ୍ବର ୧୯୩୫*

*ଗୋଟିଏ ପିଲାପରି ହୋଇଯିବା,— ଏକଥା କହିଲେ ଆପଣ କ'ଣ ବୁଝନ୍ତି ?*

ଗୋଟିଏ ପିଲା ଭିତରେ ଚୈତ୍ୟ ଜୀବନଟି ମାନସିକ ଜୀବନ ଦ୍ୱାରା ଆଚ୍ଛାଦିତ ହୋଇ ରହି ନ ଥାଏ । ଗୋଟିଏ ପିଲା ସମ୍ପୂର୍ଣ୍ଣ ଭାବରେ କୌଣସି ଛାଞ୍ଚରେ ପଡ଼ି ନ ଥିବାରୁ ତା' ଭିତରେ ଅଭିବୃଦ୍ଧି ଲାଗି ଏକ ବୃହତ୍ ସାମର୍ଥ୍ୟ ରହିଥାଏ ଏବଂ ସିଏ ସମୁଚିତ ନମନୀୟତା ସହିତ ଅଗ୍ରଗତି କରିବାକୁ ସମର୍ଥ ହୁଏ ।

*୧୬ ସେପ୍ଟେମ୍ବର ୧୯୩୫*

*ଏହି ଯୋଗରେ ଯେଉଁ ଶିଶୁସୁଲଭ ପଥଟିର ଅନୁସରଣ କରିହେବ, ମୁଁ ତାହାରି ବିଷୟରେ ଜାଣିବାକୁ ଚାହୁଁଛି ।*

ଶିଶୁସୁଲଭ ପଥଟି ହେଉଛି ଆଦୌ କୌଣସି ପ୍ରଶ୍ନ ବା ସଂଶୟ କରୁ ନ ଥିବା ଏକ ବିଶ୍ୱାସର ପଥ, ପୂର୍ଣ୍ଣ ନିର୍ଭରର ଏବଂ ଆଦୌ କୌଣସି କୁଣ୍ଠା ନ ଥିବା ଏକ ସମର୍ପଣର ପଥ ।

*୧୭ ସେପ୍ଟେମ୍ବର ୧୯୩୫*

*ଏହି ଶିଶୁସୁଲଭ ପଥଟିକୁ ଗ୍ରହଣ କରିବା ମୋ' ପାଇଁ ଭଲ ହେବ ବୋଲି ଆପଣ ଭାବୁଛନ୍ତି କି ?*

ଶିଶୁସୁଲଭ ପଥଟି ସର୍ବଦା ଅଧିକ ଭଲ – ମାତ୍ର ଏହା ଆଦୌ ସେତେ ସହଜ ନୁହେଁ, କାରଣ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ଏବଂ ପୂର୍ଣ୍ଣ ଆନ୍ତରିକତା ସହିତ ଏହାକୁ ଗ୍ରହଣ କରିବାକୁ ହୋଇଥାଏ ।

*୧୮ ସେପ୍ଟେମ୍ବର ୧୯୩୫*

'oaob.nitrkl.ac.in' images reprocessed

*ଏକଥା କ'ଣ ଠିକ୍ ଯେ 'କ' ମୋତେ ଏବେ କମ୍ ବିଶ୍ୱାସ କରୁଛନ୍ତି ?*

'କ' ତାଙ୍କ ଆଉ ମୋ' ଭିତରେ କୌଣସି ମଧ୍ୟବର୍ତ୍ତୀ ବ୍ୟକ୍ତି ରହିବା ଆବଶ୍ୟକ କରୁନାହାନ୍ତି ଏବଂ ସିଏହିଁ ପ୍ରକୃତରେ ଠିକ୍ ।

*ସବୁକଥା ସତେଅବା ଏକ ସ୍ୱପ୍ନରେ ଘଟୁଥିବା ପରି ଲାଗୁଛି, ଯେଉଁଠାରେ କି, ଭବିଷ୍ୟତରେ କିଛି ଶୁଭହିଁ ସମ୍ଭବ କରାଇପାରିବା ଲାଗି ସବୁକିଛିକୁ ଘଟିବାକୁ ହେଉଛି ।*

ହଁ, ତୁମେ ଠିକ୍ କଥା କହୁଛ; ଏଠାରେ ସବୁକଥା ସେହିପରି ଭାବରେ ଘଟିଥାଏ ।

*୨୩ ସେପ୍ଟେମ୍ବର ୧୯୩୫*

*ଆଗେ ଆପଣ ମୋ'ର ହୃଦୟ ଭିତରେ ରହିଥିଲେ; ବର୍ତ୍ତମାନ ଆଉ ସେଠାରେ ଆପଣ କାହିଁକି ରହୁ ନାହାନ୍ତି ? ମୁଁ ଅନ୍ଧ ହୋଇଥିବାରୁ ଆପଣଙ୍କୁ ଦେଖିପାରୁନାହିଁ : ନୀରବତା, ନୀରବତା, ଶାନ୍ତି ।*

ହଁ, ତୁମେ ଠିକ୍‌ହିଁ କହିଛ; ମୁଁ ସବୁବେଳେ ତୁମ ହୃଦୟ ଭିତରେ ରହିଛି; ମାତ୍ର ତୁମ ବାହ୍ୟ ଚେତନାର କୌଣସି ବସ୍ତୁ ଅତ୍ୟନ୍ତ ସକ୍ରିୟ ହୋଇ ରହିଛି ଓ ଏତେ କୋଳାହଳ କରୁଛି ଯେ ତୁମେ ଏହି ଉପସ୍ଥିତି ବିଷୟରେ ସଜ୍ଞାନ ହୋଇ ରହି ପାରୁ ନାହଁ । କେବଳ ନୀରବତା ଏବଂ ସ୍ଥିରତା ଭିତରେହିଁ ତୁମେ ତାହା ବିଷୟରେ ସଜ୍ଞାନ ହୋଇପାରିବ ।

*୨୫ ସେପ୍ଟେମ୍ବର ୧୯୩୫*

*ଯୋଗ ବିଷୟରେ ମୋ'ର ବିଚାରଗୁଡ଼ିକୁ ଶୁଣିବାକୁ 'କ' ରାଜି ହେଉ ନାହାନ୍ତି କାହିଁକି ? ମୁଁ ତାଙ୍କର ଏହି ଗତିକ୍ରିୟାଟିକୁ ବୁଝିବାକୁ ଇଚ୍ଛା କରୁଛି ।*

ମୁଁ ତୁମକୁ ଆଗରୁ କହିଛି : ସେ ଭୟ କରୁଛନ୍ତି ଯେ ସେ ହୁଏତ ତୁମ ଦ୍ୱାରା ପ୍ରଭାବିତ ହୋଇଯିବେ ଏବଂ ସେ ଆମ ବ୍ୟତୀତ ଅନ୍ୟ କାହାରି ପ୍ରଭାବକୁ ଗ୍ରହଣ କରିବାକୁ ଇଚ୍ଛା କରୁ ନାହାନ୍ତି ।

*୨୭ ସେପ୍ଟେମ୍ବର ୧୯୩୫*

'oaob.nitrkl.ac.in' images reprocessed

*ଏଭଳି କୌଣସି ମାର୍ଗ ଅଛି କି, ଯେଉଁଥିରେ ଆରମ୍ଭରୁହିଁ ଆଦୌ କୌଣସି ପ୍ରୟାସ କରିବାକୁ ପଡ଼େ ନାହିଁ ?*

ସେପରି କିଛି ଅଛି ବୋଲି ମୁଁ ଭାବୁ ନାହିଁ : ମାତ୍ର କେତେ ବ୍ୟକ୍ତି ସ୍ୱଭାବପ୍ରେରିତ ଭାବରେ ସେହି ପ୍ରୟାସଟିକୁ କରନ୍ତି, ତାହା ଉପରେ ବେଶୀ ଗୁରୁତ୍ୱ ନ ଦେଇ ପ୍ରୟାସ କରୁଥା'ନ୍ତି ।

*୨୮ ସେପ୍ଟେମ୍ବର ୧୯୩୫*

*ଅନ୍ଧକାର କିପରି ଉପରକୁ ଉଠିବାରେ ଲାଗିଛି ! ତାହା ମୋର ଚେତନାକୁ ଆଚ୍ଛାଦିତ କରି ଦେଇଛି ଏବଂ ମୁଁ କ'ଣ କରିବାକୁ ହେବ କିଛି ଜାଣି ପାରୁ ନାହିଁ । ଭିତରେ ଅବଶ୍ୟ ଏକ ପରିବର୍ତ୍ତନ ହେବା ଆବଶ୍ୟକ, ଏବଂ ତାହା ହେବା ପର୍ଯ୍ୟନ୍ତ, ସ୍ଥିରତା, ଆସ୍ପୃହା ଆବଶ୍ୟକ ।*

ହଁ, ସେକଥା ଠିକ୍ । ତୁମକୁ ଅନ୍ତର୍ଗତ ପରିବର୍ତ୍ତନ ଲାଗି ସର୍ବଦା ଆସ୍ପୃହା କରିବାକୁ ହେବ, ଆଲୋକଟି ଯେପରି ତୁମର ଅନ୍ଧକାରାଚ୍ଛନ୍ନ ଭୌତିକ ମନ ଭିତରେ ପ୍ରବେଶ କରି ପାରିବ, ତୁମକୁ ସେଥିଲାଗି ଆବଶ୍ୟକ ଇଚ୍ଛା ସମ୍ଭବ କରିବାକୁ ପଡ଼ିବ ଏବଂ ଏହି ଆସ୍ପୃହା ତଥା ଇଚ୍ଛାର ଫଳ ନିମନ୍ତେ ସ୍ଥିର ହୋଇ ଅପେକ୍ଷା କରି ରହିବାକୁ ହେବ ।

*୧୧ ଅକ୍ଟୋବର ୧୯୩୫*

*ଇଚ୍ଛା କରିବା ଏବଂ ଆସ୍ପୃହା ରଖିବା ମଧ୍ୟରେ ଥିବା ପ୍ରଭେଦଟିକୁ ମୁଁ ବୁଝିପାରୁ ନାହିଁ । ଅଥବା, ଦୁଇଟିଯାକ କାର୍ଯ୍ୟକୁ କିପରି ଏକାବେଳେକେ କରାଯାଇ ପାରିବ ?*

ଯଦି ଦୁଇଟିଯାକକୁ ଏକାବେଳେକେ ନ କରି ପାରୁଛ, ତେବେ ଦୁଇଟି ମଧ୍ୟରୁ କୌଣସି ଗୋଟିଏକୁ କର ।

*୧୪ ଅକ୍ଟୋବର ୧୯୩୫*

*ବୁଦ୍ଧି ଦ୍ୱାରା ପ୍ରେରିତ ବିଶ୍ୱାସ କହିଲେ ପ୍ରକୃତରେ କ'ଣ ବୁଝାଏ, ମୁଁ ତାହା ବୁଝିପାରୁ ନାହିଁ । ବିଶ୍ୱାସ ହେଉଛି ଏକ ଆସ୍ଥାସ୍ଥାପନ, ଏଥିରେ ଯୁକ୍ତି ବୁଦ୍ଧିର କୌଣସି ସ୍ଥାନ ନାହିଁ ।*

'oaob.nitrkl.ac.in' images reprocessed

ଏହା ବୁଦ୍ଧିପ୍ରେରିତ ନୁହେଁ, **ମାନସିକ** – ମାନସିକ ସତ୍ତାର ମଧ୍ୟ ଏକ ବିଶ୍ୱାସ ରହିଥାଏ ଏବଂ ସେହିପରି ପ୍ରାଣିକ ସତ୍ତା ଏବଂ ଭୌତିକ ସତ୍ତାର ମଧ୍ୟ ନିଜନିଜର ବିଶ୍ୱାସ ଅବଶ୍ୟ ରହିପାରିବ । ଚୈତ୍ୟ ସତ୍ତା ସମ୍ବନ୍ଧରେ କହିବାକୁ ଗଲେ, ଏହାର ବିଶ୍ୱାସ ହେଉଛି ସ୍ୱଭାବପ୍ରେରିତ ଓ ସ୍ୱତଃସ୍ଫୂର୍ତ୍ତ,– ବିଶ୍ୱାସ ହେଉଛି ଚୈତ୍ୟ ସତ୍ତାର ଅସଲ ଉପାଦାନ ।

*୧୮ ଅକ୍ଟୋବର ୧୯୩୫*

*ଦୁଇପ୍ରକାରର ବିଶ୍ୱାସ ରହିଛି ବୋଲି ଅନୁମାନ କରା ଯାଇଥାଏ : ସରଳ, ଅନ୍ଧ ବିଶ୍ୱାସ, ଯେଉଁଟିରେ କି ଆଦୌ କୌଣସି ଯୁକ୍ତିବୁଦ୍ଧି ନ ଥାଏ, ଏବଂ ଆଉଗୋଟିଏ ବିଶ୍ୱାସ ଯେଉଁଥିରେ ଯୁକ୍ତି ଓ ବୋଧବୁଦ୍ଧି କେତେକ ପରିମାଣରେ ରହିଥାଏ – ଏହାକୁ ବୁଦ୍ଧି ଦ୍ୱାରା ପ୍ରେରିତ ବୁଦ୍ଧି ବୋଲି କୁହାଯାଇ ପାରିବ । ମାତ୍ର, ମୁଁ ଏହି ଦ୍ୱିତୀୟଟିକୁ ଆଦୌ ବୁଝି ପାରୁ ନାହିଁ : କୁହାଯାଏ ଯେ ତାହା ଯାବତୀୟ ପରିସ୍ଥିତିରେ ଦୃଢ଼ ହୋଇ ରହେ, କାରଣ ତାହା ଏକ ନିର୍ଦ୍ଦିଷ୍ଟ ବୁଝି ପାରିବା ଉପରେ ଛିଡ଼ାହୋଇ ରହିଥାଏ ।*

ବିଶ୍ୱାସ କେବଳ ଗୋଟିଏ ଥାଏ, ମାତ୍ର ସତ୍ତାର ବିଭିନ୍ନ ଭାଗରେ ତାହାର ଅଭିବ୍ୟକ୍ତି ଘଟିଥାଏ । ମୁଁ ଅନୁମାନ କରୁଛି ଯେ ତୁମେ ଉଦାହରଣ ଦେଉଥିବା ବ୍ୟକ୍ତିଟି ଯାହାକୁ "ଅନ୍ଧ ବିଶ୍ୱାସ" ବୋଲି କହୁଛି, ତାହା ହେଉଛି ହୃଦୟରେ ରହିଥିବା ଏକ ବିଶ୍ୱାସ, ଯାହାର ରହିବା ନିମନ୍ତେ କୌଣସି **ଯୁକ୍ତି ବୁଦ୍ଧିର** ପ୍ରୟୋଜନ ନ ଥାଏ : ମାତ୍ର ମନର ସ୍ତରରେ ମଧ୍ୟ ଗୋଟିଏ ବିଶ୍ୱାସ ରହିଥାଏ, ଯାହାକି ହୁଏତ କୌଣସି ଏକ ପ୍ରକାରର ଯୁକ୍ତିବୁଦ୍ଧିର ଭୂମି ଉପରେ ଠିଆ ହୋଇ ରହିଥାଏ । ନିଜ ଭିତରେ ଏକ ଅବିଚଳିତ ବିଶ୍ୱାସ ରହିଛି ବୋଲି ସୁନିଶ୍ଚିତ ହୋଇ ପାରିବା ଲାଗି ଆମ ସତ୍ତାର ପ୍ରତ୍ୟେକ ଭାଗରେହିଁ ତାହା ରହିଥିବା ଉଚିତ ।

*୧୯ ଅକ୍ଟୋବର ୧୯୩୫*

*ଯେଉଁ ବିଶ୍ୱାସ ସତ୍ତାର ବିଭିନ୍ନ ଭାଗରେ ଅଭିବ୍ୟକ୍ତ ହୁଏ, ତାହାର ଉତ୍ସ କେଉଁଠାରେ ?*

ବିଶ୍ୱାସ ହେଉଛି ଏକ ଆଧ୍ୟାତ୍ମିକ ଗୁଣର ଅଭିବ୍ୟକ୍ତି ।

*୨୧ ଅକ୍ଟୋବର ୧୯୩୫*

'oaob.nitrkl.ac.in' images reprocessed

*ମୁଁ ଅନୁଭବ କରୁଛି, ସତେଯେପରି ମୋ'ର ସ୍ୱଭାବ କ୍ରମେ ଅଧିକ ଜଟିଳ ଓ କମ୍ ନିଷ୍ଠାଯୁକ୍ତ ହେବାରେ ଲାଗିଛି । ଏପରି କାହିଁକି ହେଉଛି ?*

ମନ ବିକାଶଲାଭ କରିବା ସଙ୍ଗେ ସଙ୍ଗେ, ଶିଶୁର ସରଳ ତଥା ଶୁଦ୍ଧ ନିଷ୍ଠାଯୁକ୍ତତା ଅନ୍ତର୍ହିତ ହୋଇଯାଏ । ସେଇ ସ୍ଥାନରେ ଏକ ଅଧିକ ସଚେତନ, ଅଧିକ ଆଧ୍ୟାତ୍ମିକ ନିଷ୍ଠାଯୁକ୍ତତାକୁ ଆଣି ସ୍ଥାପିତ କରିବାକୁ ପଡ଼େ – ଏକ ଚୈତ୍ୟ ନିଷ୍ଠାଯୁକ୍ତତା ଅର୍ଜନ କରିବାକୁ ହୋଇଥାଏ ।

*୨୧ ଡିସେମ୍ବର ୧୯୩୫*

*ମୁଁ ସେହି ଚୈତ୍ୟ ନିଷ୍ଠାଯୁକ୍ତତାକୁ କିପରି ଅର୍ଜନ କରି ପାରିବି ? ମୋ' ଜୀବନ ଅଧିକରୁ ଅଧିକ ବିରକ୍ତିକର ହେବାରେ ଲାଗିଛି । ଏହି ନିଷ୍ଠାଯୁକ୍ତତାକୁ ଅର୍ଜନ କରିବାକୁ ଯେ ଦୀର୍ଘ ସମୟ ଲାଗିବ ସେଥିରେ କୌଣସି ସନ୍ଦେହ ନାହିଁ । ମାତ୍ର, ସେଇଟି ବ୍ୟତୀତ ମୁଁ ବଞ୍ଚିବି କିପରି ?*

**ଧୈର୍ଯ୍ୟ** ହେଉଛି ଆଧ୍ୟାତ୍ମିକ ଜୀବନର ଗୋଟିଏ ଅତ୍ୟନ୍ତ ମୂଳଭୂତ ସର୍ତ୍ତ । ପ୍ରାପ୍ତ କରିବାକୁ ହେଲେ ଆମକୁ ଅବଶ୍ୟ ଅପେକ୍ଷା କରି ଶିଖିବାକୁ ପଡ଼ିବ ।

*୨୩ ଡିସେମ୍ବର ୧୯୩୫*

*ମୋ'ର ଚେତନା ପଥଚ୍ୟୁତ ହୋଇ କିପରି ଏକ ଅତ୍ୟନ୍ତ ସ୍ଥୂଳ ଏବଂ ଅର୍ଦ୍ଧଚେତନ ରାଜ୍ୟକୁ ଚାଲିଗଲା, ଆପଣ ମୋତେ କହିଦିଅନ୍ତୁ ।*

ତାକୁ ସେଠାକୁ କେହି ଆଦୌ ନେଇ ଗଲେ ନାହିଁ,– ଏହା ସେଠାରେ ଅତ୍ୟନ୍ତ ସ୍ୱଭାବସିଦ୍ଧ ଭାବରେହିଁ ରହିଥିଲା । ଯାବତୀୟ ମନୁଷ୍ୟ-ଚେତନା ସେହିଠାରେହିଁ ରହିଥାଆନ୍ତି । ଯେତେବେଳେ ସେହି ଚେତନା ଏହି ସ୍ଥୂଳ ଜଡ଼ଭୂମିରୁ ଉପରକୁ ଉଠିବାକୁ ଆରମ୍ଭ କରେ, ତାହାକୁହିଁ ଏକ ବ୍ୟତିକ୍ରମ ବୋଲି କୁହାଯାଇ ପାରିବ ।

*୨ ଜାନୁଆରି ୧୯୩୬*

*ମୋ'ର ସ୍ୱଭାବ ମୋ' ସଂକଳ୍ପକୁ କଦାପି ମାନିବ ନାହିଁ । ଆପଣ ମୋ'ଠାରୁ ଏତେ ଦୂରରେ ଯାଇ ରହିଛନ୍ତି ବୋଲି ମନେ ହେଉଛି, ସତେ ଯେପରି ଆପଣ*

'oaob.nitrkl.ac.in' images reprocessed

*ଆଦୌ ନାହାନ୍ତି ! ମୁଁ ଆପଣଙ୍କ ପାଖରେ କେବଳ ଗୋଟିଏ ଭିକ୍ଷାହିଁ କରୁଛି : ଶାନ୍ତ ନିର୍ଜନତା, ଯେପରିକି ସବୁକିଛି ଠିକ୍ ହୋଇଯାଇ ପାରିବ ।*

ମୋ'ର ଟିକି ସନ୍ତାନଟି, ତୁମକୁ ନିଜ ଭିତରେହିଁ ସେହି ଶାନ୍ତି, ସେହି ନୀରବତା ଏବଂ ସେହି ନିର୍ଜନତାକୁ ଲାଭ କରିବାକୁ ହେବ । ଏବଂ ସେହି ନିର୍ଜନତା ମଧ୍ୟରେ ତୁମେ ମୋ'ର ଉପସ୍ଥିତି ବିଷୟରେ ସଚେତନ ହୋଇପାରିବ ।

ମୋ'ର ଅନେକ ଆଶୀର୍ବାଦ ତୁମ ସହିତ ରହିଛି ।

*୧୧ ଜାନୁଆରି ୧୯୩୬*

*ହେ ମୋ'ର ଜନନି, ମୋ' ପାଖରେ ଶାନ୍ତି ନାହିଁ, ପ୍ରେମ ନାହିଁ । ମୁଁ ଜାଣେ ଯେ ମୋ'ରି ଦୋଷରୁହିଁ ଏପରି ଘଟଣା ଘଟିଛି । ହେ ମୋ'ର ଆଦରଣୀୟା ଜନନି, ମୁଁ ଆପଣଙ୍କୁ ପୁନର୍ବାର ଫେରି ପାଇବି କି ?*

ହଁ, ପାଇବ, ଯଦି ତୁମେ ନିଜ ଭିତରେ ଆସ୍ପୃହାର ବହ୍ନିଟିକୁ ଜଳିବା ଲାଗି ବାଟ ଛାଡ଼ିଦେବ ।

*୧୪ ଜାନୁଆରି ୧୯୩୬*

*ମା', ଆସ୍ପୃହାର ସେହି ବହ୍ନି ଯେପରି କଦାପି ନିର୍ବାପିତ ହେବ ନାହିଁ, ମୋତେ ସେଥିଲାଗି କ'ଣ କରିବାକୁ ହେବ ?*

ସେହି ବହ୍ନିକୁ ପ୍ରଜ୍ୱଳିତ କରି ରଖିବାକୁ ହେଲେ ତା' ଭିତରକୁ ନିଜର ସବୁଯାକ ଅସୁବିଧା, ସବୁଯାକ ବାସନା ଏବଂ ସବୁଯାକ ଅପୂର୍ଣ୍ଣତାକୁ ନେଇ ନିକ୍ଷେପ କରିଦେବାକୁ ହେବ । ସକାଳେ ଓ ସନ୍ଧ୍ୟାବେଳେ ତୁମେ ଯେତେବେଳେ ମୋ' ପାଖକୁ ଆସୁଛ, ସେହି ଅଗ୍ନିକୁ ପ୍ରଜ୍ୱଳିତ କରି ରଖିବା ଲାଗି ତୁମେ ହୃଦୟ ଭିତରେ ମୋତେ ପ୍ରାର୍ଥନା କରିବ ଏବଂ ଏହି ଯାବତୀୟ ବସ୍ତୁକୁ ଇନ୍ଧନରୂପେ ମୋତେ ସମର୍ପିଦେବ ।

*୧୫ ଜାନୁଆରି ୧୯୩୬*

*ମୁଁ ଅନୁଭବ କରୁଛି ଯେ ମୋ'ର ବର୍ତ୍ତମାନ ଏକାନ୍ତକୁ ଚାଲିଯିବା ଦରକାର, ଯେପରିକି ସେହି ଅଗ୍ନିଟି ଅଧିକ ପ୍ରଗାଢ଼ ଭାବରେ ଜଳି ଉଠି ପାରିବ । ତେଣୁ ମୋତେ ନିର୍ଜନତା ଭିତରକୁ ଯିବା ଲାଗି ଅନୁମତି ଦିଅନ୍ତୁ ।*

'oaob.nitrkl.ac.in' images reprocessed

କ୍ରିୟାରତତା ଭିତରେ ଥାଇହିଁ ସେହି ଅଗ୍ନିକୁ ଜଳିବାକୁ ପଡ଼ିବ, ଯେପରିକି ତାହା ତୁମର ଯାବତୀୟ ଗତିକ୍ରିୟାକୁ ସଜାଡ଼ି ଦେଇ ପାରିବ ।

*ସେହି ଅଗ୍ନିଟିକୁ ଜଳାଇ ରଖନ୍ତୁ; ମୁଁ ଆପଣଙ୍କ ପାଖରେ ମୋ'ର ସକଳ ଗତିକ୍ରିୟାକୁ ନିବେଦନ କରି ଦେଉଛି ।*

ଅଗ୍ନିଟିକୁ ଜଳାଇ ରଖିବାକୁ ତୁମେ ଯେପର୍ଯ୍ୟନ୍ତ ଆସ୍ପୃହା କରୁଥିବ, ତାହା ଯେପରି କଦାପି ଲିଭି ଯିବ ନାହିଁ, ତାହା ମୁଁ ଦେଖିବି ।

*୧୭ ଜାନୁଆରି ୧୯୩୬*

*ଅଗ୍ନିଶିଖାଟି ଉପରେ ମୁଁ ଏତେ ବେଶୀ ଏକାଗ୍ର ହୋଇ ରହିଲି, କିନ୍ତୁ ହାୟ, ତାହାକୁ ପ୍ରଜ୍ଜ୍ୱଳିତ କରିବା ନିମନ୍ତେ ମୋ'ର ଆସ୍ପୃହା ଯଥେଷ୍ଟ ପରିମାଣରେ ଶକ୍ତିଶାଳୀ ହୋଇ ପାରିଲା ନାହିଁ ।*

ଅଗ୍ନିଟିକୁ ଜଳାଇବା ତୁମର କାର୍ଯ୍ୟ ନୁହେଁ । ମୁଁ ଯେପରି କହିଥିଲି, ମୁଁ ସେଇଟିକୁ ସର୍ବଦା ଜଳାଇବାରେ ଲାଗିଛି – ତୁମେ କେବଳ ଆପଣାକୁ ଉନ୍ମୋଚିତ କରି ରଖିବ, ଯେପରିକି ତାହାକୁ ଗ୍ରହଣ କରି ପାରିବ ଏବଂ ନିଜର ସଦିଚ୍ଛା ଦ୍ୱାରା ତାହାର ଲାଳନ କରିପାରିବ ।

*୨୪ ଜାନୁଆରି ୧୯୩୬*

*ସେହି ଅଗ୍ନି ମଧ୍ୟକୁ ସମସ୍ତ ବାସନା, ସମସ୍ତ ଆସକ୍ତି, ସମସ୍ତ ଅଶୁଦ୍ଧତା ଓ ସମସ୍ତ ଅପୂର୍ଣ୍ଣତା ଇନ୍ଧନ ରୂପେ ଅର୍ପିତ ହେଉ !*

ହଁ, ଖୁବ୍ ଉତ୍ତମ କଥା । ଏହି କାର୍ଯ୍ୟଟିକୁ ସତତ ଅବ୍ୟାହତ ରଖିବାକୁ ପଡ଼ିବ ।

*୨୭ ଜାନୁଆରି ୧୯୩୬*

*ଏହା କ'ଣ ସତ ଯେ ଗୋଟିଏ ଗୋଟିଏ ସମୟରେ ସତ୍ତାର ଉତ୍ତମ ଅଂଶଗୁଡ଼ିକ ଅନ୍ତରାଳକୁ ଅପସରି ଯାଆନ୍ତି ଏବଂ କେବଳ ନିମ୍ନତର ଅଂଶଗୁଡ଼ିକହିଁ ଉପରିଭାଗରେ ଥାଆନ୍ତି ? ଏହିପରି ଭାବରେହିଁ ପତନର ଏକ ବୋଧ ଜାତ ହୁଏ ଏବଂ ଉତ୍ତମ ଅନୁଭୂତିଗୁଡ଼ିକ ବିସ୍ମୃତ ହୋଇଯାଏ ।*

'oaob.nitrkl.ac.in' images reprocessed

ଏପରି ବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କର ଜୀବନରେ ତାହା ଘଟିଥାଏ । ମାତ୍ର ଏପରି ଘଟିବା ଆଦୌ **ଅପରିହାର୍ଯ୍ୟ** ନୁହେଁ ଏବଂ ସୁନିଶ୍ଚିତ ଭାବରେ କାମ୍ୟ ମଧ୍ୟ ନୁହେଁ ।

*୧୩ ଫେବ୍ରୁଆରି ୧୯୩୬*

*ଏଠାରୁ ଆଉ କେଉଁଠାକୁ ଚାଲିଯିବା ? ଆପଣଙ୍କଠାରୁ ଆଉକେହି ଆମକୁ ଯେ ଅଧିକ ଭଲ ପାଇ ପାରିବ, ତାହା ଭାବିବା ବି ଅସମ୍ଭବ !*

ମୋ'ର ସ୍ନେହର ସନ୍ତାନଟି, ତୁମେ ଠିକ୍ କଥା କହୁଛ । ଯେଉଁମାନେ ଏଠାରେ ସୁଖୀ ହୋଇ ପାରୁ ନାହାନ୍ତି, ସେମାନେ ଆଉ ଅନ୍ୟ କେଉଁଠାରେ ମଧ୍ୟ ସୁଖୀ ହୋଇ ପାରିବେ ନାହିଁ ।

*୭ ମାର୍ଚ୍ଚ ୧୯୩୬*

*ଆପଣଙ୍କ ପାଖକୁ ଆସିବା ସମୟରେ ମୋ'ର କିଭଳି ମନୋଭାବ ରହିବା ଉଚିତ ?*

ମୋ' ପାଖକୁ ଯେତେବେଳେ ଆସିବ, ସେତେବେଳେ ତୁମେ ଶାନ୍ତ ଥିବ, ଉନ୍ମୋଚିତ ହୋଇ ରହିଥିବ ।

*୧୧ ମାର୍ଚ୍ଚ ୧୯୩୬*

*ଭିତରୁ ଯେଉଁ ବିଷାଦ ଆସୁଛି, ସେଥିରୁ ମୁଁ ନିଜକୁ ଅଲଗା କରି କିପରି ରଖିପାରିବି ?*

ତୁମେ ତାହା ଉପରେ ଆଦୌ କୌଣସି ଗୁରୁତ୍ୱ ଦିଅ ନାହିଁ ।

*ପ୍ରତିବନ୍ଧକ ଓ ବାଧାମାନେ କୌଣସି କଷ୍ଟଭୋଗକୁ ସୃଷ୍ଟି କରିବା ଉଚିତ ନୁହେଁ । ମୁଁ ଭାବୁଛି ଯେ ନିଜର ଅଜ୍ଞାନ ହେତୁହିଁ ଆମେ କଷ୍ଟଭୋଗଗୁଡ଼ିକର ସୃଷ୍ଟି କରିଥାଉ ।*

କଷ୍ଟଭୋଗ ଯେ ଆଦୌ ଅପରିହାର୍ଯ୍ୟ ନୁହେଁ, ସେଥିରେ କୌଣସି ସନ୍ଦେହ ନାହିଁ । ସେଗୁଡ଼ିକ ଆବଶ୍ୟକ ବି ନୁହନ୍ତି । କେବଳ ଅଜ୍ଞାନ ହେତୁହିଁ ଜଣେ କଷ୍ଟ ଭୋଗ କରିଥାଏ ।

*ଅନ୍ତତଃ ମୁଁ ବିଶ୍ୱାସ କରୁଛି ଯେ, ଯଦି ମୁଁ ସ୍ଥିର ଓ ଧୈର୍ଯ୍ୟଶୀଳ ଭାବରେ ସବୁକିଛିକୁ ଅବଲୋକନ କରି ପାରିବି, ତେବେ ଏହି ଯୋଗରେ ଆଦୌ କୌଣସି ଦୁଃଖଭୋଗ ବା ଅସୁବିଧା ରହିବ ନାହିଁ ।*

'oaob.nitrkl.ac.in' images reprocessed

ହଁ, ଏହି ଯୋଗ ଶାନ୍ତି ଏବଂ ଆନନ୍ଦ ଉପରେ ଆଧାରିତ, କଷ୍ଟଭୋଗ ଉପରେ ନୁହେଁ ।

*୧୨ ମାର୍ଚ୍ଚ ୧୯୩୬*

*'କ'ଙ୍କର ବିଚାରରେ କୌଣସି ବିନୟ ନ ଥିଲା, ତେଣୁ ମୁଁ ତାଙ୍କ ଉପରେ ବିରକ୍ତ ହେଲି ।*

ଅଜ୍ଞାନରେ ସର୍ବଦା ବିନୟର ଅଭାବ ରହିଥାଏ । ମନ ଯେତେ ଅଧିକ ପରିମାଣରେ ଅଜ୍ଞାନର ବଶବର୍ତ୍ତୀ ହୋଇଥାଏ, ତାହା ସେତିକି ଅନ୍ୟମାନଙ୍କୁ ବିଚାର କରେ, ସେତିକି ଅଧିକ ବିଦ୍ରୋହ କରୁଥାଏ ।

*୧୩ ମାର୍ଚ୍ଚ ୧୯୩୬*

*ମନକୁ ଆଲୋକିତ କରିବା ଲାଗି କ'ଣ କରିବାକୁ ପଡ଼ିବ ?*

ତୁମେ ତାହାକୁ ସ୍ଥିର ଓ ଶାନ୍ତ କରି ରଖିବ,— ସ୍ଥିରତା ମଧ୍ୟରେହିଁ ତାହା ଆଲୋକକୁ ଗ୍ରହଣ କରି ପାରିବ ।

*୧୪ ମାର୍ଚ୍ଚ ୧୯୩୬*

*ମୋ'ର ମନଟା ସବୁବେଳେ ସେହି ଏକାପରି,— ସର୍ବଦା ନାନା ଭାବନାରେ ଭର୍ତ୍ତି ହୋଇ ରହିଥାଏ । ତାହା ନୀରବ ହେବାକୁ କେବେ ଶିକ୍ଷା କରି ନାହିଁ ।*

ଠିକ୍ ତାହାକୁହିଁ ମୁଁ ମାନସିକ ଉତ୍ତେଜନା ବୋଲି କହିଥାଏ ।

*୨୫ ମାର୍ଚ୍ଚ ୧୯୩୬*

*ଏକ ସ୍ୱପ୍ନରେ ମୁଁ ଆପଣଙ୍କୁ ଦେଖିଲି, ଆପଣ ମୋତେ ଆଲିଙ୍ଗନ କରୁଥିଲେ । ଏହା କ'ଣ କଳ୍ପନା ?*

ମର୍ମତଃ ମୁଁ ସର୍ବଦା ତୁମକୁ ଗୋଟିଏ ଛୋଟ ଶିଶୁପରି ମୋ' ବାହୁ ଭିତରେ ଆବଦ୍ଧ କରି ରଖିଥାଏ; ତୁମକୁ ସାହାଯ୍ୟ କରିବାକୁ ଏବଂ ତୁମର ରକ୍ଷା କରିବାକୁ ତାହା କରିଥାଏ । ମାତ୍ର, ତୁମେ କ'ଣ ତାହାହିଁ ବୁଝୁଛ ? *୨୫ ମାର୍ଚ୍ଚ ୧୯୩୬*

'oaob.nitrkl.ac.in' images reprocessed

*ମର୍ମତଃ ଆପଣ ମୋତେ ବାହୁ ମଧ୍ୟରେ ଆବଦ୍ଧ କରି ଧରିଛନ୍ତି, ମାତ୍ର ମୋତେ ଆପଣ କେବେ ବାହୁ ଭିତରେ ଏପରି ଆବଦ୍ଧ କରି ଧରିବେ, ଯେପରିକି ମୁଁ ବାହାରର ଯାବତୀୟ ପ୍ରଭାବରୁ ନିରାପଦ ରହିପାରିବି ?*

ମୁଁ ସତକୁ ସତ ଦୈହିକ ଭାବରେ ତୁମକୁ ମୋ' ବାହୁ ମଧ୍ୟରେ ଧରି ରଖେ ବୋଲି ତୁମେ ପ୍ରତ୍ୟାଶା ରଖିଛ ବୋଲି ମୁଁ ଆଦୌ ଭାବୁ ନାହିଁ । ଯଦି ମୋ'ର ସବୁ ସନ୍ତାନଙ୍କୁ ମୁଁ ବାହୁ ଭିତରେ ଧରି ରଖେ (ପ୍ରଥମେ ଆଶ୍ରମରେ ଥିବା ୧୪୦ ଜଣ ବ୍ୟକ୍ତିଙ୍କଠାରୁ ଆରମ୍ଭ କରି), ତେବେ ମୋ'ର ଶରୀରକୁ ପ୍ରକୃତରେ ତା'ର ବର୍ତ୍ତମାନ ଆକୃତିଠାରୁ ଅଧିକ ବୃହତ୍ ହେବାକୁ ପଡ଼ିବ ।

ଏବଂ ତଥାପି, ଏକ ଜାଗ୍ରତ ଚେତନା ନିମନ୍ତେ, ମୋ'ର ଉପସ୍ଥିତି ସମ୍ପୂର୍ଣ୍ଣ ଭାବରେ ମୂର୍ତ୍ତ ହୋଇ ରହିଥାଏ ।

*୨୬ ମାର୍ଚ୍ଚ ୧୯୩୬*

*ମୁଁ କିପରି ଏକାଗ୍ର ରହିପାରିବି ଓ ଆପଣଙ୍କର କରୁଣାକୁ ଗ୍ରହଣ କରିବା ନିମନ୍ତେ ସମର୍ଥ ହେବି, ଆପଣ ମୋତେ ସେ ବିଷୟରେ କିଛି ପରାମର୍ଶ ଦିଅନ୍ତୁ ।*

ତୁମେ ସେହି ଏକାଗ୍ରତା ଲାଗି ଇଚ୍ଛା କର ଏବଂ ନିଜର ଇଚ୍ଛାକୁ ଶକ୍ତିଶାଳୀ କର ।

*୪ ଏପ୍ରିଲ ୧୯୩୬*

*ମୋ'ର ଅସୁବିଧାଗୁଡ଼ିକ ବିଷୟରେ ସଜ୍ଞାନ ହେଉଥିଲେ ମଧ୍ୟ, ମୁଁ ଯେ କାହିଁକି ସେଗୁଡ଼ିକୁ ଅତିକ୍ରମ କରିଯିବା ସକାଶେ ଆବଶ୍ୟକ ବଳ ପାଇପାରେ ନାହିଁ, ଆପଣ ମୋତେ କହିଦେବେ କି ?*

କାରଣ, ତୁମ ଭିତରେ ଥିବା ଚେତନା ତୁମର ଇଚ୍ଛା ତୁଳନାରେ ଅଧିକ ବିକାଶଲାଭ କରିଛି ।

*୧୬ ଏପ୍ରିଲ୍ ୧୯୩୬*

*'ଖ' ଏବଂ ମୋ' ଭିତରର ଏହି ବ୍ୟାପାରଟିରେ ଆପଣ ହସ୍ତକ୍ଷେପ କରିବାକୁ ଇଚ୍ଛା କରୁ ନାହାନ୍ତି ବୋଲି ଆପଣ କହୁଛନ୍ତି । ମାତ୍ର ଆପଣ କାହିଁକି ଇଚ୍ଛା କରୁ ନାହାନ୍ତି ? ଏସବୁ କଥାରେ କୌଣସି ମହତ୍ତ୍ୱ ନାହିଁ ବୋଲି ଆପଣ ଭାବୁଛନ୍ତି କି ?*

'oaob.nitrkl.ac.in' images reprocessed

*ମାତ୍ର ତଥାପି ଏସବୁ ସାଧନାରେ ବାଧା ସୃଷ୍ଟି କରିପାରିବ ଏବଂ ଏପରିକି ଅନିଷ୍ଟ ମଧ୍ୟ ଘଟାଇ ପାରିବ । ଦୟା କରି ମୋତେ ଏକ ଅତ୍ୟନ୍ତ ମନଖୋଲା ଉତ୍ତର ଦେବେ ।*

ତୁମେ ମୋତେ ଅତି ମନଖୋଲା ଉତ୍ତରଟିଏ ଦେବାକୁ କହିଛ; ତେଣୁ ମୁଁ ତୁମକୁ କହିବି ଯେ, ମୁଁ ହସ୍ତକ୍ଷେପ କରିବାକୁ ଇଚ୍ଛା କରୁ ନାହିଁ, କାରଣ ମୁଁ ତୁମକୁ ଯାହା କରିବା ଲାଗି କହିବି, ତାହାକୁ ଅନବଚ୍ଛିନ୍ନ ଭାବରେ କରିବା ସକାଶେ ତୁମର ବଳ ଏବଂ ଦୃଢ଼ତା ରହିପାରିବ କି ନାହିଁ, ସେବିଷୟରେ ମୁଁ ନିଶ୍ଚିତ ହୋଇପାରୁ ନାହିଁ । ଏବଂ, ଆଧ୍ୟାତ୍ମିକ ଜୀବନ ବିଷୟରେ କହିବାକୁ ଗଲେ, ନିଜ ଗୁରୁଙ୍କର ଆଦେଶକୁ ଅମାନ୍ୟ କରି କାର୍ଯ୍ୟ କରିବା ଅପେକ୍ଷା ବରଂ ଅଜ୍ଞାନ ଦ୍ୱାରା ପରିଚାଳିତ ହୋଇ କାର୍ଯ୍ୟ କରିବା ଅଧିକ ଭଲ ହେବ ।

*୨୧ ଏପ୍ରିଲ ୧୯୩୬*

*ଯଥାର୍ଥ ନିଷ୍ଠାଯୁକ୍ତ ଜୀବନ କହିଲେ ଆପଣ କ'ଣ ବୁଝନ୍ତି ?*

ତୁମର ଉଚ୍ଚତମ ଆସ୍ପୃହା ଏବଂ ଶୁଦ୍ଧତମ ଇଚ୍ଛା ସହିତ ସଙ୍ଗତି ରଖି ଯାବତୀୟ କାର୍ଯ୍ୟ କରିବା ।

*୨ ମଇ ୧୯୩୬*

*ବର୍ତ୍ତମାନ ମୁଁ ଆପଣଙ୍କଠାରୁ ଆହୁରି ଅଧିକ ଦୂରରେ ଯାଇ ରହିଥିବା ପରି ଅନୁଭବ କରୁଛି, ଅନ୍ଧାର ଭିତରେ କୁଆଡ଼େ ହଜିଯାଇଛି, ଝଡ଼ର ପ୍ରକୋପରେ ପଡ଼ି ପଥଚ୍ୟୁତ ହୋଇ ଯାଇଥିବା ଏକ ଜାହାଜ ପରି ଅନୁଭବ କରୁଛି । ଏପରି ଗୋଟିଏ ଦଶାରେ ରହିଥିବାରୁ ମୁଁ ଅତ୍ୟନ୍ତ ବ୍ୟଥିତ ହୋଇ ପଡ଼ିଛି ।*

ଏହି ଯାବତୀୟ ମିଛ ପ୍ରବର୍ତ୍ତନାକୁ ନିଜ ଉପରୁ ଝାଡ଼ି ଫିଙ୍ଗିଦିଅ,– ସେଗୁଡ଼ିକ ଆଦୌ ସତ୍ୟ ନୁହନ୍ତି ଏବଂ ଏହିସବୁ ନାଟକ ଉପରେ ଆଉ ମୋଟେ ବିଶ୍ୱାସ କର ନାହିଁ,– ଏହା ସଂପୂର୍ଣ୍ଣ ଭାବରେ ଏକ କଳ୍ପନାପ୍ରସୂତ ନାଟକ ।

*୭ ମଇ ୧୯୩୬*

*ଏସବୁ ପ୍ରବର୍ତ୍ତନା କିପରି ମୋ' ପାଖକୁ ଆସୁଛନ୍ତି, ଆପଣ ମୋତେ ବୁଝାଇ କହିଦିଅନ୍ତୁ । ସେଗୁଡ଼ିକ ମୋତେ ବେଶ୍ ପ୍ରକୃତ ବୋଲି ଲାଗୁଥିଲେ ।*

'oaob.nitrkl.ac.in' images reprocessed

ଯାବତୀୟ ପ୍ରବର୍ତ୍ତନା ଠିକ୍ ସେହିଭଳିହିଁ ଆସନ୍ତି; ସେଗୁଡ଼ିକ ମନରୁ ପ୍ରସୂତ ହୋଇ ବାତାବରଣ ମଧ୍ୟରେ ଉଡ଼ି ବୁଲୁଥା'ନ୍ତି ଏବଂ ସେଗୁଡ଼ିକୁ ଗ୍ରହଣ କରିବା ନିମନ୍ତେ ପ୍ରସ୍ତୁତ ଥିବା ଯେକୌଣସି ମନକୁ ଯାଇ ଅଧିକାର କରିନିଅନ୍ତି ।

*୭ ମଇ ୧୯୩୬*

*ମୋ' ଲାଗି କୌଣସି ଅନୁରକ୍ତି ରଖିବା ଅତ୍ୟନ୍ତ ବିପଜ୍ଜନକ ବୋଲି ଆପଣ ଭାବୁଛନ୍ତି କି ?*

କ'ଣ ପାଇଁ ବିପଜ୍ଜନକ ? ଯଦି ତୁମେ ନିଜର 'ଆଧ୍ୟାତ୍ମିକ ଅଗ୍ରଗତି ପାଇଁ'ର ଅର୍ଥରେ ଏପରି କହୁଥାଅ, ତେବେ ଏକ ଅନୁରକ୍ତିକୁ କଦାପି ଏକ ଅତ୍ୟନ୍ତ ବାଞ୍ଛନୀୟ ବ୍ୟାପାର ବୋଲି କୁହଯାଇପାରିବ ନାହିଁ ।

*୮ ମଇ ୧୯୩୬*

*ଏକ ଭାବପ୍ରବଣତାପୂର୍ଣ୍ଣ ଅନୁରକ୍ତି କହିଲେ, ଏକ ପ୍ରାଣସ୍ତରୀୟ ଅନୁରକ୍ତି ଓ "ଏପରି ଗୋଟିଏ ଅନୁରକ୍ତି ଲାଗି କୌଣସି ପ୍ରକାରର ଅଭିବ୍ୟକ୍ତି ଆଦୌ ନୁହେଁ" କହିଲେ ଆପଣ କ'ଣ ବୁଝୁଛନ୍ତି, ମୁଁ ଜାଣିବାକୁ ଇଚ୍ଛା କରୁଛି ।*

ଏକ ଭାବପ୍ରବଣତାପୂର୍ଣ୍ଣ ଅନୁରକ୍ତି ହେଉଛି ସଂବେଗସ୍ତରର ଏକ ଅନୁରକ୍ତି; ପ୍ରାଣସ୍ତରର ଅନୁରକ୍ତି ହେଉଛି ଇନ୍ଦ୍ରିୟଗୁଡ଼ିକର ଅନୁରକ୍ତି । "ଅଭିବ୍ୟକ୍ତି" କହିଲେ ମୁଁ ସ୍ନେହବ୍ୟଞ୍ଜକ ଶବ୍ଦଗୁଡ଼ିକର ଆଦାନପ୍ରଦାନ ଏବଂ ହାତ ଧରାଧରି ହେବା ଓ ପ୍ରେମାବେଗ ସହିତ ସ୍ପର୍ଶ କରିବା ପ୍ରଭୃତି ଇନ୍ଦ୍ରିୟଗତ ଇଙ୍ଗିତଗୁଡ଼ିକୁ ବୁଝିଥାଏ ।

*୧୪ ମଇ ୧୯୩୬*

*ମାଆ, ଆପଣ କ'ଣ ବିଶ୍ୱାସ କରୁଛନ୍ତି ଯେ, ମୁଁ ଯାହାକିଛି ଆପଣଙ୍କୁ କହିବି, ସେଥିରେ ଆଦୌ କୌଣସି କପଟତା ନ ଥିବ ?*

ତୁମେ କଦାପି ଜଣେ କପଟୀ ବ୍ୟକ୍ତି ନୁହଁ ବୋଲି ମୁଁ ପ୍ରକୃତରେ ବିଶ୍ୱାସ କରୁଛି, କାରଣ କପଟତା ଆଧ୍ୟାତ୍ମିକ ମାର୍ଗରେ ଗୋଟିଏ ବଡ଼ ବାଧା ପରି କାର୍ଯ୍ୟ କରିଥାଏ ।

*୧୬ ମଇ ୧୯୩୬*

'oaob.nitrkl.ac.in' images reprocessed

*ନିଜ ଚାରିପାଖରେ ମୁଁ କେବଳ ମେଘମାନଙ୍କୁ ଦେଖୁଛି ଯେଉଁମାନେ କି ମୋ' ପାଇଁ ଆପଣଙ୍କର ଆଲୋକକୁ କିଳି ରଖୁଛନ୍ତି । ଆପଣଙ୍କର ଉପସ୍ଥିତିକୁ ମୁଁ ପୁନର୍ବାର କିପରି ଅନୁଭବ କରିପାରିବି ?*

ପ୍ରଥମ ସର୍ତ୍ତ ହେଉଛି, ତୁମେ ନିଜର ମନକୁ ସ୍ଥିର ଓ ଶାନ୍ତ ରଖିବ । କେବଳ ଏକ ସ୍ଥିରତା ମଧ୍ୟରେହିଁ ସେହି ପରମ ଆଲୋକ ଅବତରଣ କରିପାରିବ ।

*୧୯ ମଇ ୧୯୩୬*

*ମୋତେ ଆପଣ କ୍ଷମା କରିବେ, ମୁଁ ତଥାପି ଅଜ୍ଞାନ ଭିତରେ ରହିଛି, ମୁଁ ଆଦୌ କିଛି ହେଲେ ଜାଣି ନାହିଁ ।*

ମୋ'ର ସହାୟତା ତୁମ ଲାଗି ସର୍ବଦା ରହିଛି ଏବଂ, ତୁମର ଦୁର୍ବଳତା ତଥା ଅସୁବିଧାଗୁଡ଼ିକୁ ଅତିକ୍ରମ କରି ଚାଲିଯାଇ ପାରିବାର ବଳ ମଧ୍ୟ ସର୍ବଦା ମହଜୁଦ ରହିଛି । ମାତ୍ର, ସେଗୁଡ଼ିକୁ କିପରି ଗ୍ରହଣ କରି କାମରେ ଲଗାଇବାକୁ ହୁଏ, ସେହି କଥାଟିକୁ ତୁମକୁ ଅବଶ୍ୟ ଜାଣିବାକୁ ପଡ଼ିବ ।

*୨୪ ମଇ ୧୯୩୬*

*ମୁଁ ତ ପ୍ରତ୍ୟେକ ଦିନ ଚେଷ୍ଟା କରୁଛି, ମାତ୍ର ଦୁର୍ଭାଗ୍ୟବଶତଃ ସେହି ଚେଷ୍ଟା ବିରୋଧରେ ଏକ ବିରୋଧ ମଧ୍ୟ ଦେଖିପାରୁଛି । ତା' ଫଳରେ ପ୍ରବଳ ପ୍ରତିକ୍ରିୟାମାନ ଜାତ ହେଉଛନ୍ତି ।*

ଯଦି ଆଦୌ କୌଣସି ପ୍ରତିକ୍ରିୟା ନ ଥା'ନ୍ତା, ତେବେ ଚେଷ୍ଟା କରିବା ଲାଗି ମଧ୍ୟ କୌଣସି କାରଣ ରହନ୍ତା ନାହିଁ ।

*୨୮ ମଇ ୧୯୩୬*

*ଆପଣ ଯେପରି କହିବେ, ସେହିପରି କାର୍ଯ୍ୟ କରିବାକୁ ମୋ'ର ଖୁବ୍ ଇଚ୍ଛା; ମାତ୍ର, ନିମ୍ନତର ଚେତନାରୁ କିପରି ଉଚ୍ଚତର ଚେତନାକୁ ଉଠିଯିବାକୁ ହୁଏ, ଆପଣ ମୋତେ ସେହି କଥାଟିକୁ କହିଦିଅନ୍ତୁ ।*

'oaob.nitrkl.ac.in' images reprocessed

ମୁଁ ତୁମକୁ ଆଗରୁ ମଧ୍ୟ କହିସାରିଛି ଯେ ପ୍ରଥମ ସର୍ତ୍ତ ହେଉଛି ତୁମର ମନକୁ ସ୍ଥିର କରି ଆଣିବା ଏବଂ ତୁମର ପ୍ରାଣକୁ ମଧ୍ୟ ଶାନ୍ତ କରି ଆଣିବା ଲାଗି ପ୍ରୟାସ କରିବା ।

*ମୋତେ ଯାହାକିଛି ଉପରକୁ ଉଠିଯିବାରେ ବାଧା ଦେବାର ଆଶଙ୍କା ରହିଛି, ସେଗୁଡ଼ିକଠାରୁ ମୁଁ ଦୂରରେ ରହେ ବୋଲି ଆପଣ ଇଚ୍ଛା କରୁଛନ୍ତି ନା, ଏଇଟି ସହିତ ସଂଗ୍ରାମ କରି ତାହାକୁ ପାର ହୋଇ ଚାଲିଯାଏ ବୋଲି ଚାହୁଁଛନ୍ତି ?*

"ପାର ହୋଇ ଚାଲିଯିବା" କହିଲେ ତୁମେ କ'ଣ ବୁଝୁଛ, ମୁଁ ସେକଥା ଜାଣିପାରୁ ନାହିଁ । ମାତ୍ର ସେକଥା ଯାହା ହୋଇଥାଉ ପଛକେ, ଚେତନାକୁ ନିମ୍ନକୁ ଖସାଇ ଆଣୁଥିବା ଯେକୌଣସି କଥାଠାରୁ ଦୂରରେ ରହିବାହିଁ ସର୍ବଦା ଅଧିକ ବିଜ୍ଞତାର କାର୍ଯ୍ୟ ହେବ ।

*ଆମେ ଯଦି ପ୍ରାଣକୁ ତାହାର ଆତ୍ମତୃପ୍ତି ସାଧନରୁ ବଞ୍ଚିତ କରି ରଖୁ, ତେବେ ସେଥିରେ କ୍ଷୁବ୍ଧ ଏବଂ ଅପ୍ରସନ୍ନ ହୋଇ ତାହା ସବୁକିଛିକୁ ଧ୍ୱସ୍ତବିଧ୍ୱସ୍ତ କରିପକାଏ ଏବଂ ଚେତନାକୁ ନେଇ ଏକ ଜଡ଼ତାବସ୍ଥାରେ ନିକ୍ଷେପ କରିଦିଏ । ମାତ୍ର, ପ୍ରାଣର ତୃପ୍ତିବିଧାନ ଅପେକ୍ଷା, ଅଧିକ ଭଲ ଆଉ କ'ଣ ରହିଛି ?*

ଯୋଗର ଦୃଷ୍ଟିକୋଣରୁ ବିଚାର କରି ଦେଖିଲେ ଏହି ପ୍ରଶ୍ନଟି ଆଦୌ ଉଠିବ ନାହିଁ; ଯୋଗ କଦାପି ଏହି ପ୍ରକାରର ପ୍ରାଣିକ ସନ୍ତୋଷବିଧାନକୁ ଅନୁମତି ଦେବ ନାହିଁ ।

*୩୦ ମଇ ୧୯୩୬*

*ଜଣେ ନାରୀଙ୍କୁ ସ୍ପର୍ଶ କରିବାର ଆବେଗଟି ପାଖରେ ମୋତେ ପରାଜୟ ସ୍ୱୀକାର କରିବାକୁ ଯେ ପଡ଼ିଥିଲା, ସେହି କଥାଟିକୁ ମୁଁ ଆପଣଙ୍କୁ କହିଲି ନାହିଁ ବୋଲି ଆପଣ ଏଡ଼େ ଗମ୍ଭୀର ଦିଶୁଥିଲେ କି ? ମୋ'ର ନିଷ୍ଠାହୀନତା ବିଷୟରେ ଆପଣ ମୋତେ ଅବଶ୍ୟ ସଜ୍ଞାନ କରାଇଦେବେ । ମୋତେ ସବୁକିଛି ଖୋଲିକରି କହିବେ ବୋଲି ଆପଣ ପ୍ରତିଶ୍ରୁତି ଦେଇଥିଲେ; ତେଣୁ, ଆପଣ ଯାହା ଶୁଣିଲେ, ସେ ବିଷୟରେ ମୋତେ କାହିଁକି ଆଦୌ କିଛି ପ୍ରଶ୍ନ କଲେ ନାହିଁ, ମୁଁ ସେକଥା ବୁଝିପାରୁ ନାହିଁ ।*

ନିଷ୍ଠା ଦାବି କରିଥାଏ ଯେ ମୁଁ ତୁମକୁ ପ୍ରଶ୍ନ କରିବାର ପ୍ରୟୋଜନ ଅନୁଭବ କରିବା ପୂର୍ବରୁ ତୁମେ ସଙ୍ଗେସଙ୍ଗେ ସବୁକିଛି ନିଜ ଆଡ଼ୁ ଆସି କହିଦେବ ।

'oaob.nitrkl.ac.in' images reprocessed

*ଆପଣଙ୍କର ଅସ୍ୱୀକୃତିକୁ ମୁଁ ଅଧିକ ଗଭୀର ଭାବରେ ଅନୁଭବ କରିପାରୁ ନାହିଁ,— ମୁଁ ଅଧିକ ସଂବେଦନାଶୂନ୍ୟ ହୋଇ ପଡ଼ିଛି ବୋଲି ଏପରି ହେଉଛି କି ? ଆଜିକାଲି ମୁଁ ଅତ୍ୟନ୍ତ ବିକ୍ଷୁବ୍ଧ ହୋଇପଡୁ ନାହିଁ, ମୋ'ର ଅବାଞ୍ଛିତ କାର୍ଯ୍ୟଗୁଡ଼ିକ ସକାଶେ ମୁଁ କୌଣସି ଦୁଃଖ ଅନୁଭବ କରୁ ନାହିଁ । ମୁଁ ଏଗୁଡ଼ିକରେ ବେଶ୍ ଅଭ୍ୟସ୍ତ ହୋଇ ଗଲିଣି ବୋଲି ଏପରି ହେଉଛି କି ?*

ହଁ, ଯାହାସବୁ କରିବା ଭଲ ନୁହେଁ ବୋଲି ତୁମେ ଉତ୍ତମ ରୂପେ ଜାଣିଛ, ସେହି କାର୍ଯ୍ୟଗୁଡ଼ିକୁ କରିବାରେ ଲାଗିଥିବାରୁ ତୁମେ ଆପଣାକୁ କ୍ରମେ କଠିନ କରି ପକାଉଛ ଏବଂ ନିଜର ଚେତନାକୁ ଅଧିକରୁ ଅଧିକ ପରିମାଣରେ ଆବୃତ କରି ରଖୁଛ ।

*ମୁଁ ଭାବୁଛି ଯେ ନିଜକୁ ଉପରକୁ ଉଠାଇ ନେବାର ଇଚ୍ଛାଟି ମୋ' ଭିତରେ ତଥାପି କାର୍ଯ୍ୟ କରୁଛି ।*

ସେହି ଇଚ୍ଛାଟି ଆପଣାକୁ ଦୃଢ଼ପ୍ରତିଷ୍ଠ କରୁ ଏବଂ ବିଜୟ ହାସଲ କରୁ,— ଏହାହିଁ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ । ଏହା ଏକାନ୍ତ ଆବଶ୍ୟକ ।

*୮ ଜୁନ୍ ୧୯୩୬*

*କାଲି, 'କ' ଅସୁସ୍ଥ ଅଛନ୍ତି ବୋଲି ଶୁଣିବାପରେ, ତାଙ୍କୁ ଯାଇ ଦେଖି ଆସିବାର ଏବଂ କିଛିତ୍ ସାହାଯ୍ୟ କରିବାର ପ୍ରବଳ ଇଚ୍ଛାଟିକୁ ମୁଁ ଆଉ ଅଟକାଇ ପାରିଲି ନାହିଁ । ଦିବ୍ୟ ପରମସତ୍ତାଙ୍କୁ ଭଲ ପାଇବା ଅପେକ୍ଷା ଜଣେ ମନୁଷ୍ୟକୁ ଭଲ ପାଇବା ଏଡ଼େ ଅଧିକ ସହଜ କାହିଁକି ହୋଇଯାଏ ?*

ଏହା ଅଧିକ ସହଜ ବୋଲି ମୁଁ ଆଦୌ ଭାବୁ ନାହିଁ । ଏହା ସଂପୃକ୍ତ ବ୍ୟକ୍ତିଟି ଉପରେହିଁ ନିର୍ଭର କରିବ । ପ୍ରଭେଦ ଏତିକି ରହିଛି ଯେ, ଅନ୍ୟଜଣେ ମନୁଷ୍ୟ ପ୍ରତି "ପ୍ରେମ" କହିଲେ ମନୁଷ୍ୟମାନେ ଯାହା ବୁଝନ୍ତି, ତାହା ପ୍ରକୃତରେ ଆଦୌ ପ୍ରେମ ନୁହେଁ; ତାହାକୁ ଭାବପ୍ରବଣତା, ଦୁର୍ବଳତା, ଅଜ୍ଞାନ ଏବଂ କାମୁକତାର ଏକ ଭୟାନକ ଏକତ୍ରମିଶ୍ରଣ ବୋଲି କୁହାଯାଇ ପାରିବ । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏହିପରି ଏକ ଅନୁଭୂତିକୁ ଆମେ କଦାପି ଦିବ୍ୟପରମସତ୍ତାଙ୍କର ଅଭିମୁଖୀ କରିପାରିବା ନାହିଁ ।

*୧୭ ଜୁନ୍ ୧୯୩୬*

'oaob.nitrkl.ac.in' images reprocessed

*ଆପଣଙ୍କର ସହାୟତା ଲାଭକରିବା ପରେ ତାହାକୁ ମନ୍ଦ ଭାବରେ କାର୍ଯ୍ୟରେ ଲଗାଇବା କିଂବା ଏପରିକି ଆଦୌ କାମରେ ନ ଲଗାଇବା ସମ୍ଭବ କି ?*

ହଁ, ସେକଥା ଅଧିକାଂଶ ସମୟରେ ଘଟିଥାଏ ।

*୨୬ ଜୁନ୍ ୧୯୩୬*

*ଆମେ ଆପଣଙ୍କ ସହାୟତାର ଅସଦ୍‌ବ୍ୟବହାର କରୁ ବା ଏପରିକି ତାହାକୁ ଆଦୌ କୌଣସି କାର୍ଯ୍ୟରେ ଲଗାଉ ନାହିଁ, ଏକଥା କିପରି ଘଟେ, ଆପଣ ମୋତେ ସେକଥା ବୁଝାଇଦେବେ କି ?*

ଲୋକେ ମୁଁ ପ୍ରଦାନ କରିଥିବା ବଳ ଏବଂ ଶକ୍ତିଟିକୁ ଗ୍ରହଣ କରନ୍ତି ଏବଂ ତାହାକୁ ଦିବ୍ୟ ପରମସତ୍ତାଙ୍କର କାର୍ଯ୍ୟସାଧନରେ ଲଗାଇବା ପରିବର୍ତ୍ତେ କେବଳ ଆପଣାର କାମନାଗୁଡ଼ିକୁ ଚରିତାର୍ଥ କରିବାରେ ବ୍ୟବହାର କରିଥା'ନ୍ତି ।

*୨ ଜୁଲାଇ ୧୯୩୬*

*ଆଧ୍ୟାତ୍ମିକ ଜୀବନରୁ, ଯଥାର୍ଥ ମନୋଦୃଷ୍ଟିରୁ ମୁଁ କେତେ ଦୂରକୁ ବିଚ୍ୟୁତ ହୋଇ ଯାଇଛି ! ମାନୁଷିକ ପ୍ରେମର ଏହି ଯାବତୀୟ ବ୍ୟାପାର ଏଭଳି ଅଧିକ ମାତ୍ରାରେ ବୃଦ୍ଧି ଲାଭକରେ ଯେ, ପରେ ନିଜକୁ ସେଥିରୁ ବାହାର କରି ଆଣିବା କଷ୍ଟକର ହୋଇପଡ଼େ । ଏପରି କାହିଁକି ହୁଏ ?*

ନିମ୍ନତର ଚେତନାର ଗତିକ୍ରିୟା ମଧ୍ୟକୁ ପଡ଼ି ନ ଯିବାକୁ ହେଲେ ଅତ୍ୟନ୍ତ ସତର୍କ ରହିଥିବା ଆବଶ୍ୟକ; ଏବଂ, ସେଗୁଡ଼ିକ ଭିତରୁ ବାହାରି ଆସିବା ସକାଶେ ଆହୁରି ଅଧିକ ବୃହତ୍ ଏକ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି । ତେଣୁ ଆପଣାକୁ ଧୈର୍ଯ୍ୟ ଏବଂ ଏକ ବଳବତୀ ଇଚ୍ଛାଶକ୍ତିର ଅସ୍ତ୍ର ଦ୍ୱାରା ବଳବାନ୍ କରି ରଖ ।

*୪ ଜୁଲାଇ ୧୯୩୬*

*ଏହା ଅତ୍ୟନ୍ତ କଷ୍ଟକର – ମୋ'ର ପ୍ରାଣିକ ଗତିକ୍ରିୟାଗୁଡ଼ିକରୁ ମୋତେ ଛିନ୍ନ କରି ନେଇଯିବାକୁ ଆପଣ କୌଣସି ଏକ ଅଲୌକିକ ଘଟଣା ଘଟାନ୍ତୁ । କାଲି ରାତିରେ ମୁଁ ଅତ୍ୟନ୍ତ ଅସ୍ୱସ୍ତି ଅନୁଭବ କଲି; କ'ଣ କରିବାକୁ ହେବ, କିଛି ଜାଣି ପାରିଲି*

'oaob.nitrkl.ac.in' images reprocessed

*ନାହିଁ । ଏହି ଅବ୍ୟବସ୍ଥା ଭିତରେ ମୁଁ ମୋ'ର ପାଦଗୁଡ଼ିକ କୌଣସି ସ୍ଥାନରେ ସ୍ଥିର କରି ରଖି ପାରିବି କି ନାହିଁ, ଆଦୌ ଜାଣିପାରୁ ନାହିଁ । ମୋ'ର ଭୟ ହେଉଛି ଯେ, ଏହିପରି ବାଧ ହୋଇ 'କ'ଙ୍କ ସହିତ ମୋ'ର ସମ୍ପର୍କ ତୁଟିଯିବା ଫଳରେ ଭବିଷ୍ୟତରେ କେତେକ ଦୁର୍ଭାଗ୍ୟଜନକ ପ୍ରତିକ୍ରିୟା ପ୍ରକାଶ ପାଇବାର ସମ୍ଭାବନା ରହିଛି ।*

ଏଭଳି ଭାବରେ ତିଳକୁ ତାଳ ବା ଏଡ଼େ ବଡ଼ ପର୍ବତଟାଏ କରିବାକୁ ଚେଷ୍ଟା କର ନାହିଁ । ଏହି ବ୍ୟାପାରଟି ସମ୍ବନ୍ଧରେ ତୁମକୁ ପରେ ନିଶ୍ଚୟ ହସ ମାଡ଼ିବ । ବର୍ତ୍ତମାନ ସିନା ତୁମେ ସେଇଟିକୁ ଏପରି ବିଷାଦପୂର୍ଣ୍ଣ ଭାବରେ ଗ୍ରହଣ କରୁଛ, ମାତ୍ର କିଞ୍ଚିତ୍ ଅଧିକ ଆଲୋକ ଏବଂ ଚେତନା ତୁମର ନିମ୍ନତର ପ୍ରାଣିକ ମଧ୍ୟରେ ପ୍ରବେଶ କରି ପାରିବା ପରେ, ତୁମକୁ ହସହିଁ ଲାଗିବ ।

*୬ ଜୁଲାଇ ୧୯୩୬*

*'କ' ମୋ' ପାଖକୁ ଗୋଟିଏ ଚିଠି ପଠାଇଥିଲେ ଓ ମୁଁ ଉତ୍ତର ଦେଇଛି । ମାତ୍ର ଆମେ ଏପରି ପରସ୍ପର ପାଖକୁ ଚିଠି ଦେଲେ ଆପଣଙ୍କୁ ତାହା ଭଲ ଲାଗିବ କି ? ତାଙ୍କ ସହିତ ମୁଁ ସଂପୂର୍ଣ୍ଣ ଭାବରେ କଥା କହିବା ବନ୍ଦ କରିଦିଏ ଓ ତାଙ୍କ ଘରକୁ ଯିବାକୁ ଅସମ୍ମତି ଜଣାଏ ବୋଲି ଆପଣ ଇଚ୍ଛା କରୁଛନ୍ତି କି ?*

ମୁଁ କ'ଣ ଇଚ୍ଛା କରୁଛି ବା ନ କରୁଛି, ମୋତେ ତୁମର ଏସବୁ ପଚାରିବାରେ ଆଉ କୌଣସି କାରଣ ଥିବାର ମୁଁ ଦେଖିପାରୁ ନାହିଁ– କାରଣ, ମୁଁ ଆଶା କରୁଛି ଯେ, ତୁମେ ଏହି ନିମ୍ନତର ଚେତନାର ଉପରକୁ ଉଠିଯିବ ଏବଂ ନିଜର ଚୈତ୍ୟ ସତ୍ତା ବିଷୟରେ ସଚେତନ ହେବ, ଯେପରିକି ତୁମର ଚୈତ୍ୟ ସତ୍ତାହିଁ ତୁମ ଜୀବନ ତଥା ତୁମର କାର୍ଯ୍ୟଗୁଡ଼ିକୁ ପରିଚାଳିତ କରିପାରିବ । ତେଣୁ, ତୁମେ କ'ଣ କରିପାରିବ ବା ନ ପାରିବ, ବର୍ତ୍ତମାନ ତୁମେହିଁ ନିଜକୁ ସେହି ପ୍ରଶ୍ନ ପଚାରିବ । ଏବଂ ତା' ପରେ ନିଜର ସର୍ବୋତ୍ତମ ସାମର୍ଥ୍ୟ ଅନୁସାରେ ତୁମେ ପ୍ରତ୍ୟେକ ମୁହୂର୍ତ୍ତରେ ସେହି ଅନୁସାରେ କାର୍ଯ୍ୟ କରିବ ।

*୭ ଜୁଲାଇ ୧୯୩୬*

*କାଲି ରାତିରେ ମୁଁ ପାଗଳ ହୋଇ ଯାଇଥିଲି; ମୋ'ର ଚେତନା ନିମ୍ନକୁ ଖସି ପଡ଼ିଥିଲା ଏବଂ କୌଣସିଥିରେ ମୋ'ର କୌଣସି ଆଗ୍ରହ ନ ଥିଲା ।– ନା*

'oaob.nitrkl.ac.in' images reprocessed

*ବିଶ୍ରାମ ନେବାରେ, ନା ଅଧ୍ୟୟନରେ କିଂବା ଶୋଇବାରେ । ମୁଁ ଯାହା କହୁଛି ତାହା ପ୍ରକୃତରେ ସତ, ମୋଟେ କଳ୍ପନା ନୁହେଁ ।*

ଏହି ସବୁକିଛି ମୋତେ ଅତ୍ୟନ୍ତ ହାସ୍ୟାସ୍ପଦ ଲାଗୁଛି ଏବଂ ପରିସ୍ଥିତି ତୁଳନାରେ ଅତ୍ୟନ୍ତ ଅନୁପାତଶୂନ୍ୟ ମନେହେଉଛି ।

*ବର୍ତ୍ତମାନ ମୁଁ କାହିଁକି ଏପରି ଅନୁଭବ କରୁଛି ଆପଣ ମୋତେ କହିଦିଅନ୍ତୁ । ଆଗରୁ ମୁଁ କେବେହେଲେ ଏପରି ଏଡ଼େ ପ୍ରବଳ ଆବେଗମୟତା ଅନୁଭବ କରି ନାହିଁ ।*

କାରଣ ତୁମର ପ୍ରାଣ ତୁମର ବିରୋଧୀ ହୋଇ ରହିଛି, ''ତୁମେ କଦାପି 'କ'ଙ୍କୁ ପରିତ୍ୟାଗ କରିବ ନାହିଁ ଏବଂ ତାଙ୍କୁ କଦାପି ପରିତ୍ୟାଗ କରିପାରିବ ନାହିଁ'' ବୋଲି ଯଦି ମୁଁ କହିଥିଲି, ତେବେ ତା'ପଛରେ କେବଳ ଗୋଟିଏ ଭାବନାହିଁ ରହିଥିଲା : ତାଙ୍କଠାରୁ ଦୂରକୁ, ବହୁ ଦୂରକୁ ପଳାଇଯିବା !

*'କ'ଙ୍କଠାରୁ ଜୋର୍ କରି ସମସ୍ତ ସମ୍ପର୍କ ଛିନ୍ନ କରିଦେଲେ କୌଣସି କ୍ଷତି ହେବ ନାହିଁ ବୋଲି ଆପଣ ନିଶ୍ଚିତ ତ ? ଏହାଫଳରେ କୌଣସି ଭୟଙ୍କର ପ୍ରତିକ୍ରିୟା ହେବ ନାହିଁ ତ ?*

ଏପରି ଅତିରଞ୍ଜନ ମୋଟେ କର ନାହିଁ । ତୁମେ ନିଜେ ସେହିପରି ଭାବିଲେହିଁ ଏହି ପ୍ରତିକ୍ରିୟାଗୁଡ଼ିକ ''ଭୟଙ୍କର'' ହେବ । ନିଜ ମସ୍ତିଷ୍କକୁ ଠିକ୍ କର, ଏସବୁ କିପରି ପିଲାଳିଆ ଏବଂ ମହତ୍ତ୍ୱହୀନ, ସେକଥା ଦେଖ, ଏବଂ ତା'ହେଲେ ଏହିସବୁ ''ଭୟଙ୍କର'' ପ୍ରତିକ୍ରିୟା ସମ୍ପୂର୍ଣ୍ଣ ଭାବରେ ଅନ୍ତର୍ହିତ ହୋଇଯିବେ ।

*୭ ଜୁଲାଇ ୧୯୩୬*

*ମୋ'ର ବିଶ୍ୱାସ, ଏଭଳି ଦିନଟିଏ ଆସିବ ଯେତେବେଳେ କି ମୋ' ଉପରେ ଆପଣଙ୍କର ଆସ୍ଥା ଆସିବ ଏବଂ ମୁଁ ଜଣେ କପଟୀ ଓ ଗୋପନରେ ଅନେକ କଥା କରୁଛି ବୋଲି ଆପଣ ଆଉ ବିଶ୍ୱାସ କରିବେ ନାହିଁ – ମୁଁ ଯେ ପ୍ରକୃତରେ ନିଷ୍ଠାଯୁକ୍ତ, ସେହିଦିନହିଁ ମୁଁ ଆପଣଙ୍କୁ ଦେଖାଇଦେଇ ପାରିବି ।*

'oaob.nitrkl.ac.in' images reprocessed

ପୂର୍ଣ୍ଣ ସଚେତନ ହୋଇ ପାରିଲେହିଁ ପୂର୍ଣ୍ଣ ଭାବରେ ନିଷ୍ଠାଯୁକ୍ତ ହେବା ସମ୍ଭବ ହୁଏ । ମାତ୍ର, ଅଧିକରୁ ଅଧିକ ପୂର୍ଣ୍ଣ ଭାବରେ ନିଷ୍ଠାଯୁକ୍ତ ହେବା ଲାଗି ତୁମର ଇଚ୍ଛାଟି ବଜାୟ ରଖ – ଏବଂ ସବୁକିଛି ଠିକ୍ ହୋଇଯିବ ।

*୧୦ ଜୁଲାଇ ୧୯୩୬*

*ମୋ'ର ଭାବନାଗୁଡ଼ିକ କାହିଁକି ସବୁକଥାକୁ ଏପରି ନାଟକୀୟ କରି ଦେଖାଇବାକୁ ଏବଂ ଜିନିଷଗୁଡ଼ିକୁ ତାଲ କରି ପକାଇବାକୁ ଭଲ ପାଆନ୍ତି, ଆପଣ କହିବେ କି ?*

ସତ୍ତାର ଅନାଲୋକିତ ଅଂଶଗୁଡ଼ିକ ତାହାହିଁ କରିବାରେ ସର୍ବଦା ଆନନ୍ଦ ପାଉଥା'ନ୍ତି ।

*ଆପଣ ମୋତେ ପ୍ରୟାସ କରିବାର ପ୍ରକୃତ ମାର୍ଗଟିକୁ ଦେଖାଇ ଦିଅନ୍ତୁ ।*

ନିଜର ମାଂସପେଶୀଗୁଡ଼ିକୁ ପ୍ରଶିକ୍ଷିତ କରିବା ପରି ତୁମକୁ ନିଜର ଇଚ୍ଛାଶକ୍ତିକୁ ମଧ୍ୟ ପ୍ରଶିକ୍ଷିତ କରିବାକୁ ହେବ । ବିଧିବଦ୍ଧ ବ୍ୟାୟାମ ଦ୍ୱାରା ତାହା କରିବାକୁ ହେବ । ଥରେ ଯଦି କୌଣସି କାର୍ଯ୍ୟ ତୁମେ କରିବ ନାହିଁ ବୋଲି ନିଷ୍ପତ୍ତି କରିଛ, ତେବେ ତାହା କରିବା ଲାଗି ନିଜକୁ କେବେହେଲେ ଅନୁମତି ଦେବ ନାହିଁ ।

*ନ୍ୟାୟ, ନ୍ୟାୟ – ନ୍ୟାୟ କେଉଁଠି ରହିଛି ?*

ନିର୍ବୋଧ ! ମୋତେ ନ୍ୟାୟର ଆବାହନ କର ନାହିଁ – ଅର୍ଥାତ୍, ତୁମ କ୍ରିୟାଗୁଡ଼ିକର କଠୋର ପରିଣାମଗୁଡ଼ିକୁ ତୁମେ ଭୋଗ କରିବ ବୋଲି କଦାପି ବାଟ ଫିଟାଇ ଦିଅ ନାହିଁ । କେବଳ ଦିବ୍ୟ ପରମକରୁଣାହିଁ ତୁମକୁ ତୁମର ଅସୁବିଧାଟିରୁ ଟାଣି ବାହାରକରି ଆଣିପାରିବେ ।

*୧୦ ଜୁଲାଇ ୧୯୩୬*

*ମୁଁ ଆଗ ଅପେକ୍ଷା ଅଧିକ ଖରାପ ହୋଇଯାଇଛି ବୋଲି ଆପଣ ଭାବୁଛନ୍ତି କି ? ଅଥବା, ଏହିସବୁ ବସ୍ତୁ ଆଗରୁ ମୋ' ଭିତରେ ରହିଥିଲେ ଏବଂ ମୁଁ ସେଗୁଡ଼ିକ ବିଷୟରେ ସଜ୍ଞାନ ନ ଥିଲି ?*

'oaob.nitrkl.ac.in' images reprocessed

ମନୁଷ୍ୟ ଯାହାକିଛି ହୋଇ ରହିଥାଏ ଓ ଯାହାକିଛି କରୁଥାଏ, ସେ ନିଜ ଭିତରେ ସର୍ବଦା ସେଗୁଡ଼ିକର ବୀଜକୁ ଅବଶ୍ୟ ବହନ କରୁଥାଏ । ମାତ୍ର, ସେହି ବୀଜଟି ବିକାଶଲାଭ କରିବା ପୂର୍ବରୁ ହୁଏତ ମରି ବି ଯାଇପାରେ ଏବଂ ଅବାଞ୍ଛିତ ବସ୍ତୁଗୁଡ଼ିକର କ୍ଷେତ୍ରରେ ତାହାହିଁ ଘଟିବା ଉଚିତ ।

*୧୫ ଜୁଲାଇ ୧୯୩୬*

*ମୋ'ର ଚେତନାରେ ତଥାପି ଏକ ସନ୍ଦେହ ରହିଯାଇଛି : ଆପଣ ମଧ୍ୟ ନାନା ମିଥ୍ୟା ଉପରେ ବିଶ୍ୱାସ କରନ୍ତି ।*

ଲୋକମାନେ ମିଥ୍ୟା କହୁଥିବା ସମୟରେ ମୁଁ ତାହାକୁ ସଂପୂର୍ଣ୍ଣ ନିର୍ଭୁଲ୍ ଭାବରେ ଜାଣିପାରେ; ଏପରିକି, ସେମାନେ ଯେତେବେଳେ ଅତ୍ୟନ୍ତ ଉତ୍ତମ ଭାବରେ ମିଥ୍ୟା କହୁଥା'ନ୍ତି ଓ ମୋତେ ଠକିଦେଇ ପାରିବେ ବୋଲି ବିଶ୍ୱାସ କରୁଥା'ନ୍ତି, ସେତେବେଳେ ମଧ୍ୟ ଜାଣିପାରେ ।

*୧୫ ଜୁଲାଇ ୧୯୩୬*

*ଆପଣଙ୍କର ପରମକରୁଣା ଆସିବ ଏବଂ ମୋତେ ଏହି ସାଧାରଣ ଚେତନାର ସ୍ତରରୁ ଆଧ୍ୟାତ୍ମିକ ଚେତନାର ସ୍ତରକୁ ଉତ୍ତୋଳିତ କରିନେବ ବୋଲି ମୁଁ ଆସ୍ପୃହା କରୁଛି ।*

ପରମକରୁଣା ଯେପରି ତୁମକୁ ପ୍ରକୃତରେ ସାହାଯ୍ୟ କରିପାରିବ, ସେଥିଲାଗି ତୁମକୁ ଆବଶ୍ୟକ ସର୍ତ୍ତଗୁଡ଼ିକ ପୂରଣ କରିବାକୁ ହେବ ଏବଂ ଏଥିରେ ସର୍ବପ୍ରଥମ ସର୍ତ୍ତଟି ହେଉଛି ଯେ, ଯେତେ ସାମାନ୍ୟ ହେଲେ ମଧ୍ୟ ତୁମେ ସକଳ ସଂଶୟକୁ ବର୍ଜନ କରିବ । ମୁଁ ପୁନରାବୃତ୍ତି କରି କହୁଛି, ''ମା'' ପୁସ୍ତକର ପ୍ରଥମ ଦୁଇ ଅଧ୍ୟାୟକୁ ଆଉଥରେ ଯତ୍ନ ଏବଂ ମନୋଯୋଗ ଦେଇ ପାଠ କରିବ । ତାହା ତୁମର ଏକ ଉତ୍ତମ କାର୍ଯ୍ୟ ହେବ ।

*୧୬ ଜୁଲାଇ ୧୯୩୬*

*ମୁଁ ଭାରି ଗର୍ବୀ, ମୋ' ଭିତରେ ଦମ୍ଭ ବି ଅନେକ । ମୁଁ ଭାବୁଛି ଯେ ମୁଁ ସବୁକିଛି ବୁଝି ପାରିବି । ତେଣୁ ଏଥିରେ ବିସ୍ମିତ ହେବାର କିଛି ନାହିଁ ଯେ ପରମକରୁଣା ନିଜକୁ ମୋ'ଠାରୁ ପ୍ରତ୍ୟାହୃତ କରିନେବ ।*

ଏକାବେଳେକେ ପ୍ରକୃତ କଥା କହିବାକୁ ଗଲେ, ପରମକରୁଣା ନିଜକୁ କେବେହେଲେ ପ୍ରତ୍ୟାହୃତ କରି ନିଏ ନାହିଁ । ଲୋକମାନେହିଁ ତାହାକୁ ଗ୍ରହଣ କରିବା କ୍ଷେତ୍ରରେ ନିଜ ପାଇଁ

'oaob.nitrkl.ac.in' images reprocessed

ଏକ ଅସମ୍ଭବ ବାତାବରଣ ତିଆରି କରି ରଖିଥା'ନ୍ତି । ମାତ୍ର, ତୁମକୁ କେବଳ ଯଥାର୍ଥ ଦୃଷ୍ଟିକୋଣଟିକୁ ଗ୍ରହଣ କରିବାକୁ ହେବ ଏବଂ ତାହାକୁ ସ୍ଥାୟୀ କରି ରଖିବାକୁ ପଡ଼ିବ, ଯେପରିକି ପରମକରୁଣା ପୁନର୍ବାର ଆପଣାର ବିମୋଚନକାରୀ କାର୍ଯ୍ୟଟିକୁ କରିପାରିବ ।

*୧୭ ଜୁଲାଇ ୧୯୩୬*

*'ମା' ପୁସ୍ତକରେ ଶ୍ରୀଅରବିନ୍ଦ ଲେଖିଛନ୍ତି : ''ଯଦି ସତ୍ତାର ଗୋଟିଏ ଅଂଶ ସମର୍ପିତ ହୋଇ ରହିଥିବ ମାତ୍ର ଆଉଗୋଟିଏ ଅଂଶ ଆପଣାକୁ ଅସମର୍ପିତ କରି ରଖିଥିବ, ଆପଣାର ନିଜ ପଥଟିକୁ ଅନୁସରଣ କରୁଥିବ ଅଥବା ନିଜର ସର୍ତ୍ତଗୁଡ଼ିକୁ ଆରୋପ କରିବାରେ ଲାଗିଥିବ, ତେବେ ଯେତେଥର ଏହିପରି ହେଉଥିବ, ସେତେଥର ତୁମେ ଦିବ୍ୟ ପରମକରୁଣାକୁ ନିଜ ପାଖରୁ ଦୂରକୁ ଠେଲିଦେଉଛ ବୋଲିହିଁ କୁହାଯିବ ।''**

*ମୋତେ କିପରି ସମର୍ପଣ କରିବାକୁ ହେବ, ମୁଁ ଏବେଯାଏ ତାହା ବୁଝିପାରୁଛି । ମାତ୍ର, ମୋ'ର ଗୋଟିଏ ଅଂଶ ସାଧାରଣ ଆନନ୍ଦ ଲାଭ କରିବାକୁ ଇଚ୍ଛା କରୁଛି ଏବଂ ସମର୍ପଣର ପ୍ରତ୍ୟାଶା ରଖିଥିବା ସେହି ଆଧ୍ୟାତ୍ମିକ ସୁଖକୁ ବର୍ଜନ କରିବାରେ ଲାଗିଛି । ଏହି ଅଂଶଟି ସକାଶେ ଆତ୍ମୋତ୍ସର୍ଗ ଏକ ଭୟଙ୍କର ବସ୍ତୁରେ ପରିଣତ ହୋଇ ରହିଛି ଏବଂ ଏହା ତା' ପାଖରୁ ଖସି ପଳାଇବା ଲାଗି ଇଚ୍ଛା କରୁଛି ।*

ତୁମକୁ ନିଜର ଇଚ୍ଛାକ୍ଷେତ୍ରରେ ଦୃଢ଼ ରହିବାକୁ ହେବ ଏବଂ ନିଜକୁ ପ୍ରବର୍ତ୍ତାଇବାକୁ ପଡ଼ିବ । କ୍ରମେ ବିଦ୍ରୋହ କରୁଥିବା ଅଂଶଟି ବଶ ହୋଇ ଆସିବ । ଅଜ୍ଞାନ ହେତୁହିଁ ଏହା ବର୍ତ୍ତମାନ ସମର୍ପଣ ଲାଗି ସମ୍ମତ ହେଉ ନାହିଁ । ସେହି ଅଜ୍ଞାନକୁ ବିଲୁପ୍ତ କରିବାକୁ ପଡ଼ିବ ।

*୧୭ ଜୁଲାଇ ୧୯୩୬*

*ପରମକରୁଣା ପୁନର୍ବାର ଫେରିଆସିବା ସକାଶେ ଆହୁରି କ'ଣ କରିବାକୁ ହେବ, ଆପଣ ମୋତେ କହିଦେବେ କି ?*

ସ୍ଥିର ରହିବ, ପରମକରୁଣା ଉପରେ ବିଶ୍ୱାସ ରଖିବ; ତାହା ସଦାବିଦ୍ୟମାନ ରହିଛି ଏବଂ ଯେଉଁମାନେ ଏକ ନିଷ୍ପାପର ହୃଦୟରେ ତାହାର ଆବାହନ କରିବେ, ସେମାନଙ୍କୁ ସାହାଯ୍ୟ କରିବା ଲାଗି ପ୍ରସ୍ତୁତ ଅଛି ।

*୧୮ ଜୁଲାଇ ୧୯୩୬*

* ଶତବାର୍ଷିକୀ ସଂସ୍କରଣ, ୨୫ଶ ଖଣ୍ଡ, ପୃଷ୍ଠା - ୨

'oaob.nitrkl.ac.in' images reprocessed

*ସକାଳେ ବାହାରକୁ ବୁଲି ନ ଯାଉଥିବା ଯାଏ ମୁଁ ସ୍ଥିର ରହୁଛି । ମୋ'ର ଏକାଗ୍ରତା ରହୁଛି ଓ ମୁଁ ଅଧ୍ୟୟନ କରିପାରୁଛି । ମାତ୍ର, ଥରେ ବାହାରକୁ ବାହାରିଗଲେ, ଆଉ ଅଧ୍ୟୟନ କରିବା ଆଦୌ ସମ୍ଭବ ହେଉ ନାହିଁ; ବିଶେଷତଃ ମିଟରଗୁଡ଼ିକୁ ଯାଇ ଦେଖିବା ଲାଗି*ହିଁ ମୋତେ ବାହାରକୁ ଯିବାକୁ ପଡୁଛି । ଲୋକମାନଙ୍କର କୋଠରି ଭିତରକୁ ଯିବାକୁ ହେଉଛି, ବେଳେ ବେଳେ ଏହି ବାତାବରଣଟି ମୋ' ଲାଗି ଏତେ ଅତିରିକ୍ତ ହୋଇଯାଉଛି ଯେ, ମୋ'ର ମୁଣ୍ଡବଥା ଆରମ୍ଭ ହେଉଛି ।*

ତୁମେ ଯେତେବେଳେ ନିଜର କାର୍ଯ୍ୟ କରୁଛ, ସେତେବେଳେ କେବଳ ନିଜର କାମ ଉପରେହିଁ ମନ ରହିବ, ଲୋକମାନଙ୍କ ଉପରେ ରହିବ ନାହିଁ । ସେମାନଙ୍କ ସହିତ କଥା କହିବା ଅଥବା ସେମାନଙ୍କ ପ୍ରତି ଦୃଷ୍ଟି ଦେବାର କୌଣସି ଆବଶ୍ୟକତା ନାହିଁ ।

*୨୧ ଜୁଲାଇ ୧୯୩୬*

*ମା', ଆପଣ ଯେ ପ୍ରତ୍ୟେକ ମୁହୂର୍ତ୍ତରେ ମୋ' ଉପରେ ନଜର ରଖିଛନ୍ତି, ମୁଁ ସେହି ବିଷୟରେ ସଜ୍ଞାନ ରହିବାକୁ ଚାହୁଁଛି ।*

ଉପରିଭାଗର ଏହି ଚେତନାରୁ ପାଦେ ପଛକୁ ଚାଲିଯିବ, ମାତ୍ର କିଞ୍ଚିତ୍ ପରିମାଣରେ ନିଜ ଭିତରକୁ ପ୍ରବେଶ କରିବ, ଏବଂ ତେବେ ତୁମେ ଏହି ବିଷୟରେ ଅବଶ୍ୟ ସଜ୍ଞାନ ହୋଇ ପାରିବ ।

*୨୪ ଜୁଲାଇ ୧୯୩୬*

*ଆମେ ବିଶ୍ୱର ଊର୍ଦ୍ଧ୍ୱକୁ ଉଠିବାକୁ ଇଚ୍ଛା କରିବା ସମୟରେ ବିଶ୍ୱଗତ ପରମନ୍ୟାୟ ଆମକୁ ସେଥିରୁ କ୍ଷାନ୍ତ କରି ରଖୁଥାଏ କି ?*

ହଁ, କେତେକ ପରିମାଣରେ ରଖୁଥାଏ । ମାତ୍ର, ଏଥିରେ କୌଣସି ସନ୍ଦେହ ନାହିଁ ଯେ, **ବିଶ୍ୱର ଊର୍ଦ୍ଧ୍ୱକୁ** ଉଠିବାକୁ ହେଲେ ଆମକୁ ସେହି ପରମନ୍ୟାୟର ବିଧାନରୁ ମଧ୍ୟ ସମ୍ପୂର୍ଣ୍ଣରୂପେ ମୁକ୍ତ ହୋଇଯିବାକୁ ପଡ଼ିବ । କାରଣ ସେହି ନ୍ୟାୟ ଏହି ବିଶ୍ୱରହିଁ ଏକ ଅଂଶ ହୋଇ ରହିଛି ।

*୨୫ ଜୁଲାଇ ୧୯୩୬*

* ବିଜୁଳିଶକ୍ତିର ମିଟର ଦେଖି ହିସାବ ରଖିବା । ଆଶ୍ରମର ଗୃହମାନଙ୍କରେ ପ୍ରତ୍ୟହ କେତେ ବିଜୁଳି ଖର୍ଚ୍ଚ ହେଉଥିଲା, ଏହି ଶିଷ୍ୟଜଣକ ତାହାର ବିବରଣୀ ରଖୁଥିଲେ ।

'oaob.nitrkl.ac.in' images reprocessed

*ଦିବ୍ୟ ଜନନି, ଭୁଲ୍ ଭାବରେ ମଧ ଦୟା ଲାଭକରିବା ଆମ ଲାଗି ସମ୍ଭବ କି ?*

ହଁ, ବସ୍ତୁତଃ ମନୁଷ୍ୟମାନଙ୍କର କ୍ଷେତ୍ରରେ ଅଧିକାଂଶ ସମୟରେ ତାହାହିଁ ଘଟିଥାଏ ।

*୨୭ ଜୁଲାଇ ୧୯୩୬*

*ମା', ଯେତେବେଳେ ମୋ'ର ଅଧିକା କିଛି ଆବଶ୍ୟକ ହେବ, ସେତେବେଳେ ମୁଁ ଆପଣଙ୍କ ପାଖକୁ ସିଧା ଲେଖି ପାରିବି କି ? କାରଣ, 'ପ୍ରସ୍ପରିଟି'* ବିଭାଗରେ ସେମାନେ ଗୋଇନ୍ଦା ପରି ବ୍ୟବହାର କରୁଛନ୍ତି ଓ ଅନେକ ବ୍ୟକ୍ତିଗତ ପ୍ରଶ୍ନମାନ ପଚାରୁଛନ୍ତି ।*

ମୋ'ରି ଆଦେଶରେହିଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସେମାନଙ୍କର ଅନୁରୋଧଗୁଡ଼ିକ ବିଷୟରେ ପ୍ରଶ୍ନ କରା ଯାଇଥାଏ । *୪ ଅଗଷ୍ଟ ୧୯୩୬*

*ହେ ମୋ'ର ପ୍ରେମାସ୍ପଦା, ଆପଣଙ୍କୁ କିପରି ଯଥାର୍ଥ ଭାବରେ ଭଲ ପାଇ ହେବ, ମୋତେ ଆପଣ ତାହା ଶିଖାଇ ଦିଅନ୍ତୁ ।*

ନିଜକୁ ଭୁଲିଯିବା,– ତାହାହିଁ ଯଥାର୍ଥ ଭଲ ପାଇବା ।

*୫ ସେପ୍‌ଟେମ୍ବର ୧୯୩୬*

*ନିଜ ଗୁରୁଙ୍କର ଆଦେଶ ଅମାନ୍ୟ କରିବା ଦ୍ୱାରା ଜଣେ ଆପଣାକୁ ପରମକରୁଣା-ଠାରୁ ବିଚ୍ଛିନ୍ନ କରି ପକାଏ । ମୋ'ର ଅଜ୍ଞାନତା ପୂର୍ଣ୍ଣ ଏବଂ ଅନ୍ଧକାରାଚ୍ଛନ୍ନ ଆଚରଣ ହେତୁ ପରମକରୁଣା ମୋ' ପାଇଁ ଯେ ଅନ୍ତରାଳ ହୋଇ ରହିଛନ୍ତି, ତାହା ଅତ୍ୟନ୍ତ ସ୍ୱାଭାବିକ । ଦିନେ ନା ଦିନେ ମୁଁ ଏହାକୁ ଅବଶ୍ୟ ଫେରି ପାଇବି ।*

ମୁଁ ସୁନିଶ୍ଚିତ ଭାବରେ କହିବି ଯେ ପରମକରୁଣା ତୁମଠାରୁ ନିଜକୁ ପ୍ରତ୍ୟାହାର କରି ନେଇ ନାହିଁ । ମାତ୍ର, ସମ୍ଭବତଃ ତୁମର ଚେତନା ଆପଣାକୁ ଏପରି ଏକ ସ୍ଥିତିରେ ଆଣି ରଖିଦେଇଛି, ଯେତେବେଳେ କି ତାହା ଆଉ ସେହି କରୁଣାକୁ ମୋଟେ ଅନୁଭବ କରିପାରୁ ନାହିଁ । *୭ ସେପ୍‌ଟେମ୍ବର ୧୯୩୬*

---

* ଆଶ୍ରମବାସୀଙ୍କ ପାଇଁ ନିମ୍ନତମ ଭୌତିକ ଆବଶ୍ୟକତାଗୁଡ଼ିକୁ ଯୋଗାଇ ଦେଉଥିବା ବିଭାଗ ।

'oaob.nitrkl.ac.in' images reprocessed

*ମୁଁ ଆପଣଙ୍କୁ ମୋ'ର ହୃଦୟ ଭିତରେ ଅନୁଭବ କରୁ ନାହିଁ ସତ, ମାତ୍ର ଆପଣଙ୍କୁ ମୋ'ର ଊର୍ଦ୍ଧ୍ୱରେ ଦେଖି ପାରୁଛି । ଯଦି ମୋ'ର ସେହି ଅନୁଭୂତି ଠିକ୍ ହୋଇଥାଏ, ତେବେ ଦୁଇଟି ମଧ୍ୟରେ ରହିଥିବା ପାର୍ଥକ୍ୟକୁ ମୋତେ ଆପଣ ବୁଝାଇଦେବେ କି ?*

ନା, ସେହି ଅନୁଭୂତିରେ କୌଣସି ଭୁଲ୍ ନାହିଁ ।

ହୃଦୟ ଭିତରେ ଏକ ଚୈତ୍ୟ ସଂପର୍କସ୍ଥାପନ ସମ୍ଭବ ହୁଏ; ମସ୍ତିଷ୍କର ଊର୍ଦ୍ଧ୍ୱରେ ଏକ ମାନସିକ ସଂଯୋଗ ରହିଥାଏ ।

*୧୦ ସେପ୍ଟେମ୍ବର ୧୯୩୬*

*ମନର କେଉଁ ଅଂଶରେ ଆପଣଙ୍କର ଉପସ୍ଥିତିକୁ ଆବିଷ୍କାର କରିହୁଏ ?*

ଉଚ୍ଚତର ମନରେ ।

*ହୃଦୟରେ ଆପଣଙ୍କର ଉପସ୍ଥିତି ଏବଂ ଶରୀରର ଊର୍ଦ୍ଧ୍ୱରେ ଆପଣଙ୍କର ଉପସ୍ଥିତି, ଏ ଦୁଇଟିର ପ୍ରଭାବ ମଧ୍ୟରେ କି ପ୍ରଭେଦ ରହିଛି ?*

ତା'ର ପ୍ରଭାବର କ୍ଷେତ୍ରରେ କୌଣସି ପ୍ରଭେଦ ନାହିଁ ।

*୧୧ ସେପ୍ଟେମ୍ବର ୧୯୩୬*

*କାହିଁକି ମୁଁ ଜାଣେ ନାହିଁ, ମାତ୍ର ମୋ'ର ଯେତିକି ଖାଇବା ଆବଶ୍ୟକ, ମୁଁ ସେତିକି ଆଦୌ ଖାଇପାରୁ ନାହିଁ । ଯଦି ଗୁଡ଼ାଏ ଖାଇ ଦେଉଛି, ତେବେ ପେଟଟା ଭାରୀ ହୋଇଯାଉଛି ।*

ସମ୍ଭବତଃ ତୁମେ ଅତ୍ୟନ୍ତ ତରତର ହୋଇ ଖାଇଦେଉଛ — ଖାଦ୍ୟକୁ ନ ଚୋବାଇ ଗିଳିଦେଉଛ । ତୁମକୁ ନିଜର ଖାଦ୍ୟକୁ ଭଲ କରି ଚୋବାଇବାକୁ ହେବ ଏବଂ ସ୍ଥିର ହୋଇ ଖାଇବାକୁ ହେବ । ତେବେ ଅଧିକ ଖାଇପାରିବ ଏବଂ ପେଟ ମୋଟେ ଭାରୀ ଲାଗିବ ନାହିଁ ।

*୧୪ ସେପ୍ଟେମ୍ବର ୧୯୩୬*

'oaob.nitrkl.ac.in' images reprocessed

*ଆପଣଙ୍କର ଉପସ୍ଥିତି ଭାବଶୂନ୍ୟ ହୋଇଯାଇଛି ଏବଂ କେତେ ଦିନ ହେଲା ମୁଁ ସେଥିରୁ କୌଣସି ଖୁସୀ ଏବଂ ଶାନ୍ତି ଅନୁଭବ କରୁ ନାହିଁ । ଏହା ସୂଚନା ଦେଉଛି ଯେ ମୋ' ଭିତରେ ଗୋଟାଏ କ'ଣ ଘଟିଛି ।*

ଆସ୍ପୃହାର ଅଗ୍ନିଟିକୁ ସର୍ବଦା ସମାନ ପ୍ରଗାଢ଼ତା ସହିତ ଅବିଚ୍ଛିନ୍ନ ଭାବରେ ପ୍ରଜ୍ଜ୍ୱଳିତ କରି ରଖିବା ବାହ୍ୟ ଚେତନା ପାଇଁ କଷ୍ଟକର ହୋଇପଡ଼େ । ମାତ୍ର, ନିଜର ଇଚ୍ଛାକୁ ପ୍ରୟୋଗ କରି ତୁମେ ସେହି ପବିତ୍ରକାରୀ ଅଗ୍ନି ଉପରେ ଦୃଷ୍ଟି ରଖିଥିବ ଏବଂ ଯେତେବେଳେ ତାହା ସ୍ତିମିତ ହୋଇ ଆସୁଥିବ ତାହାକୁ ପୁନଃପ୍ରଜ୍ଜ୍ୱଳିତ କରୁଥିବ ।

*୧୪ ସେପ୍ଟେମ୍ବର ୧୯୩୬*

*ମାଆ, ଯଥାର୍ଥ ପ୍ରେମରେ ବୁଦ୍ଧିର କୌଣସି ସ୍ଥାନ ଅଛି କି ?*

ଗୋଟିଏ ପ୍ରକୃତି ମଧ୍ୟରେ ଦୁଇଟିଯାକ ହୁଏତ ପାଖ ପାଖ ହୋଇ ରହିପାରନ୍ତି; ମାତ୍ର ସାଧାରଣତଃ ସେମାନଙ୍କ ଭିତରୁ ଗୋଟିକ ସହିତ ଅନ୍ୟଟିର ଆଦୌ ଖୁବ୍‌ବେଶୀ କିଛି କରିବାର ନ ଥାଏ ।

*୧୮ ସେପ୍ଟେମ୍ବର ୧୯୩୬*

*ନମ୍ରତା — ଆପଣ କ'ଣ ସେହି ଶବ୍ଦଟିକୁ ସମସ୍ତଙ୍କ ପ୍ରତି ବିନୀତ ହୋଇ ରହିବାର ଅର୍ଥରେ କହିଥିଲେ ?*

ଆଦୌ ନୁହେଁ ।

*ଆପଣଙ୍କ ପ୍ରତି ବିନୀତ ହୋଇ ରହିବା, ହଁ, ମୁଁ ତାହା ଅବଶ୍ୟ କରିବି । ମୋତେ ଆପଣଙ୍କର ପରମକରୁଣାକୁ ଉପଲବ୍ଧ କରାଇ ରଖିଥାନ୍ତୁ, ଯେପରିକି ମୁଁ ସେହି ବିନୟର ଉପଲବ୍ଧି କରିପାରିବି !*

ତୁମକୁ ଦିବ୍ୟ ପରମସତ୍ତାଙ୍କ ପ୍ରତିହିଁ ବିନୀତ ହୋଇ ରହିବାକୁ ହେବ, ଏକାନ୍ତ ଏବଂ ସମ୍ପୂର୍ଣ୍ଣ ଭାବରେ ବିନୀତ ହୋଇ ରହିବାକୁ ହେବ ।

*୧୯ ସେପ୍ଟେମ୍ବର ୧୯୩୬*

'oaob.nitrkl.ac.in' images reprocessed

*ଏକଥା କ'ଣ ଠିକ୍ ନୁହେଁ ଯେ, ଆପଣଙ୍କ ପ୍ରତି ଚୈତ୍ୟ ପ୍ରେମ ସମ୍ଭବ କରିପାରିବା ପୂର୍ବରୁ ଜଣେ ବ୍ୟକ୍ତି ଆପଣଙ୍କର ଉପସ୍ଥିତିକୁ ଅବଶ୍ୟ ଅନୁଭବ କରିପାରିବ ?*

ସର୍ବୋପରି ଚୈତ୍ୟହିଁ ସେହି ଉପସ୍ଥିତିକୁ ଅନୁଭବ କରିଥାଏ । ମାତ୍ର ବେଳେବେଳେ ମନ, ପ୍ରାଣ ଓ ଏପରିକି ଜଡ଼ ସତ୍ତା ମଧ୍ୟ ତାହାର ଅନୁଭୂତି ଲାଭ କରିଥା'ନ୍ତି ।

*ଗୋଟିଏ କାର୍ଯ୍ୟ ହେବା ପଛରେ ଯଦି ଆପଣଙ୍କର ଇଚ୍ଛା ନିହିତ ହୋଇ ରହିଥାଏ, ତେବେ ତାହା ସମ୍ପନ୍ନ ହୋଇପାରେ ନାହିଁ କାହିଁକି ? ମୁଁ ଦର୍ଶନଶାସ୍ତ୍ର ବୁଝିପାରେ ବୋଲି ଯଦି ଆପଣ ଇଚ୍ଛା କରୁଥା'ନ୍ତି, ତେବେ ମୁଁ ତାହା ବୁଝି ନ ପାରିବି କିପରି ?*

ଏକ ଦର୍ଶନାଗ୍ରହୀ ମନର ବିକାଶ ନିମନ୍ତେ ତୁମକୁ ବିଧିବଦ୍ଧ ଭାବରେ ଦର୍ଶନ ଅଧ୍ୟୟନ କରିବାକୁ ହେବ । ଦର୍ଶନର ଭିନ୍ନ ଭିନ୍ନ ମତବାଦ, ସେଗୁଡ଼ିକର ସିଦ୍ଧାନ୍ତଚୟ, ଇତ୍ୟାଦି, ଇତ୍ୟାଦି ।

*୨୨ ସେପ୍ଟେମ୍ବର ୧୯୩୬*

*ମାଆ, ଆପଣ ମୋତେ ଏପରି କେତେଜଣ ଫରାସୀ ଲେଖକଙ୍କର ନାମ କହିବେ, ଯାହାଙ୍କର ରଚନା ମୁଁ ପାଠ କରି ପାରିବି ?*

ଯଦି ଫରାସୀ ଭାଷା ଶିକ୍ଷା କରିବା ଉଦ୍ଦେଶ୍ୟ ହୋଇଥାଏ, ତେବେ ତୁମକୁ ଫରାସୀ ସାହିତ୍ୟର କୌଣସି ପାଠ୍ୟପୁସ୍ତକ ନେଇ ଆରମ୍ଭ କରିବାକୁ ହେବ, ତା'ପରେ ସେହି ପାଠ୍ୟପୁସ୍ତକରେ ଉଲ୍ଲେଖ କରାଯାଇଥିବା ଗୋଟିଏ ଦୁଇଟି ବହି ପଢ଼ିବ । ଏକାବେଳେକେ ଆରମ୍ଭରୁହିଁ ଆରମ୍ଭ କରିବ, ଅର୍ଥାତ୍, ପୁରାତନତମ ଲେଖକମାନଙ୍କଠାରୁ ।

*୨୨ ସେପ୍ଟେମ୍ବର ୧୯୩୬*

*ମୁଁ ସର୍ବଦା 'କ'ଙ୍କ ପ୍ରତି ଭଲ ଆଚରଣ ଦେଖାଇ ଆସିଛି; ସେ ମୋତେ ଗାଳି ଦେଇଥିଲେ ମଧ୍ୟ ଓ ମୋ'ର ବହୁତ କ୍ଷତି କରିଥିଲେ ମଧ୍ୟ ମୁଁ ତାହା କରିଆସିଛି । ତାହାର ପରିଣତି ଆପଣ ଦେଖନ୍ତୁ ।*

ଏକ ପୁରସ୍କାର ବା ପ୍ରତିଦାନ ପାଇବାର ଆଶା ରଖି ଆମେ କାହାର ଭଲ କରିବା ନାହିଁ,

'oaob.nitrkl.ac.in' images reprocessed

ଭଲ କରିବାର ଖୁସୀରେହିଁ ଭଲ କରୁଥିବା । ତେବେ ସବୁବେଳେ ଖୁସୀ ଲାଗିବ, ଯାହାକିଛି ଘଟିଲେ ବି ଖୁସୀ ଲାଗିବ ।

*୨୩ ସେପ୍ଟେମ୍ବର ୧୯୩୬*

*କେହିଜଣେ ମୋତେ କହିଲେ ଯେ, ଆପଣଙ୍କ ପ୍ରତି ଏକ ଚୈତ୍ୟସ୍ତରୀୟ ଭଲ ପାଇବା ରହିଥାଏ ବୋଲିହିଁ ଆପଣଙ୍କର ସାନ୍ନିଧ୍ୟକୁ ଅନୁଭବ କରିବା ସମ୍ଭବ ହୁଏ ।*

ଚୈତ୍ୟସ୍ତରୀୟ ପ୍ରେମ ନ ଥାଇ ମଧ୍ୟ ଉପସ୍ଥିତିଟିକୁ ଅନୁଭବ କରିପାରିବା ଆଦୌ ଅସମ୍ଭବ ନୁହେଁ । ମାତ୍ର ଏହାକୁ ବରଂ ଏକ ବ୍ୟତିକ୍ରମ ବୋଲି କୁହାଯିବ ।

*୨୪ ସେପ୍ଟେମ୍ବର ୧୯୩୬*

*ମୁଁ ସାହିତ୍ୟର ଇତିହାସ ପଢ଼ିବାକୁ ଆରମ୍ଭ କରୁଛି । ମୁଁ ଦେଖୁଛି ଯେ, କର୍ନେଇଏଙ୍କୁ ମୁଁ ଆଦୌ ବୁଝିପାରୁ ନାହିଁ ।– ଅର୍ଥାତ୍, ମୁଁ ପୁରାତନ ଫରାସୀ ଭାଷାକୁ ବୁଝିପାରୁ ନାହିଁ ।*

କର୍ନେଇଏ ପୁରାତନ ଫରାସୀ ଭାଷାର ପ୍ରତିନିଧି ନୁହନ୍ତି, ସିଏ ଶାସ୍ତ୍ରୀୟ ଫରାସୀ ଭାଷାର ପ୍ରତିନିଧି । ଯଦି ତୁମେ କେବେ ଆଦୌ କୌଣସି ଭୁଲ୍ ନ କରି ଫରାସୀ ଭାଷା କହି ପାରିବାକୁ ଇଚ୍ଛା କରୁଥାଅ, ତେବେ ଶାସ୍ତ୍ରୀୟ ଫରାସୀ ଭାଷାର ଅଧ୍ୟୟନ ଏକାନ୍ତ ଆବଶ୍ୟକ । ତୁମକୁ ସପ୍ତଦଶ ଶତାବ୍ଦୀର ମୁଖ୍ୟ ଲେଖକମାନଙ୍କୁ ଅବଶ୍ୟ ପଢ଼ିବାକୁ ହେବ । ଭାଷାଟିର ଅସଲ ଭାବକ୍ଷେତ୍ରରେ ପ୍ରବେଶ କରିବାକୁ ହେଲେ ଏହା ଅତ୍ୟାବଶ୍ୟକ ।

*୨୫ ସେପ୍ଟେମ୍ବର ୧୯୩୬*

*ଆପଣ ଯେଉଁପରି ଇଚ୍ଛା କରୁଛନ୍ତି, ମୁଁ ସେହିପରି କରିବି । ମୁଁ ବିଧିବଦ୍ଧ ଭାବରେ ପ୍ରତ୍ୟେକ ଲେଖକଙ୍କର ଗୋଟିଏ ଗୋଟିଏ ନାଟକ ପଢ଼ିବି ।*

ମୋଟେ ତରତର ହୁଅ ନାହିଁ; ସ୍ଥିର ଓ ଗମ୍ଭୀର ହୋଇ ଅଧ୍ୟୟନ କର । ଦଉଡ଼ ନାହିଁ, ବୁଝିବା ଲାଗି ପ୍ରୟାସ କର । ଏହି ଲେଖକମାନେ ଯେଉଁ ଶବ୍ଦଗୁଡ଼ିକୁ ବ୍ୟବହାର କରିଛନ୍ତି, ସେହି ସବୁଗୁଡ଼ିକୁ ତୁମେ ଅଭିଧାନରୁ ପାଇବ ।

*୨୬ ସେପ୍ଟେମ୍ବର ୧୯୩୬*

'oaob.nitrkl.ac.in' images reprocessed

*ବର୍ତ୍ତମାନ ପାଇଁ କେବଳ ଫରାସୀ ସାହିତ୍ୟ ପଢ଼ିଲେ ଅଧିକ ଭଲ ହୁଅନ୍ତା ନାହିଁ କି ? ତା'ପରେ, ଯେତେବେଳେ ଭାଷାଟିକୁ ଭଲଭାବରେ ବୁଝିପାରିବି, ତେବେ ପୁନର୍ବାର ଅନ୍ୟାନ୍ୟ ବିଷୟକୁ ଯାଇ ପାରିବି ।*

ତୁମେ ଏହାସହିତ ଭୂଗୋଳ, ବ୍ୟାକରଣ, ଇତିହାସ ଓ ପାଟୀଗଣିତ ପଢ଼ିପାରିବ,– ଏହାଦ୍ୱାରା ତୁମର କୌଣସି କ୍ଷତି ହେବ ନାହିଁ ।

*୨୮ ସେପ୍‌ଟେମ୍ବର ୧୯୩୬*

*ମୁଁ କେତେବେଳେ ଶୋଇବାକୁ ଯିବି ଓ କେତେବେଳେ ଉଠିବି ବୋଲି ଆପଣ ଚାହାନ୍ତି ?*

ତୁମର ସାତ ଘଣ୍ଟା ଶୋଇବା ଉଚିତ ।

*୨୯ ସେପ୍‌ଟେମ୍ବର ୧୯୩୬*

*ମୁଁ କେତେ ସମୟ ପଢ଼ିବି ଓ ଅଧ୍ୟୟନ କରିବି ବୋଲି ଆପଣ ଇଚ୍ଛା କରୁଛନ୍ତି ?*

ପ୍ରତିଦିନ ଚାରିଘଣ୍ଟା ଏକାଗ୍ର ଅଧ୍ୟୟନ ଯଥେଷ୍ଟ ।

*୩୦ ସେପ୍‌ଟେମ୍ବର ୧୯୩୬*

*ଆପଣ ମୋତେ ଯେ ଭଲ ପାଆନ୍ତି, ତାହା ଅନୁଭବ କରିବା ଲାଗି ମୋତେ କ'ଣ କରିବାକୁ ହେବ ?*

କିଏ ତୁମକୁ ଭଲ ପାଇବା ଅପେକ୍ଷା ତୁମେ କାହାକୁ ଭଲ ପାଇବା ଉପରେ ଅଧିକ ମନୋନିବେଶ କରିବ ।

*୩ ଅକ୍‌ଟୋବର ୧୯୩୬*

*ଅଧ୍ୟୟନ ମୋ'ର ସାଧନାରେ ସହାୟତା କରୁଛି ବୋଲି ଆପଣ ଭାବୁଛନ୍ତି କି ?*

ଉଭୟ ମନ ଏବଂ ପ୍ରାଣ ନିମନ୍ତେ ଏହା ଗୋଟିଏ ଉତ୍ତମ ଶୃଙ୍ଖଳା ।

*୫ ଅକ୍‌ଟୋବର ୧୯୩୬*

'oaob.nitrkl.ac.in' images reprocessed

*ତାଙ୍କର ବନ୍ଧୁ 'ଗ' ତାଙ୍କୁ କହିଛନ୍ତି ବୋଲି 'ଖ' ମୋତେ ଲେଖିଛନ୍ତି ଯେ, ''ନିଜ ସାଧନାକୁ ପଛରେ ରଖିଦେଇ ମଧ୍ୟ, ଯେଉଁମାନେ ଆମର ସହାନୁଭୂତି ଆବଶ୍ୟକ କରୁଛନ୍ତି, ଆମର ସେମାନଙ୍କ ଲାଗି ପୂର୍ଣ୍ଣ ହାର୍ଦିକ ସହାନୁଭୂତି ବ୍ୟକ୍ତ କରିବା ଉଚିତ ହେବ ।''*

ନିରର୍ଥକ କଥା !

*ସେ ଏହାକୁ ସାଧନାର ସର୍ବୋତ୍ତମ ଏବଂ ଉଦାରତମ ଅଭିବ୍ୟକ୍ତି ବୋଲି କହନ୍ତି । ''ନିଜର ଭଲ ପାଇବାକୁ ଦେଇ ନ ପାରିବାର ଅର୍ଥ ହେଉଛି ନିଜର କ୍ଷୁଦ୍ର ଅହଂଟି ଭିତରେ କିଳିହୋଇ ରହିବା । ଏହାକୁ ସମସ୍ତଙ୍କ ଲାଗି ବିତରିତ କରିଦେବାର ଅର୍ଥ ହେଉଛି ନିଜର ସତ୍ତାରେ ସମ୍ପ୍ରସାରଣ ଘଟାଇବା ଓ ଭଗବାନଙ୍କର ଅଧିକ ନିକଟବର୍ତ୍ତୀ ହେବା ।'' ଏହି ବିଷୟରେ ଆପଣ କ'ଣ ଭାବୁଛନ୍ତି ?*

ତାଙ୍କ କଥାରେ କିଛି ଅଂଶରେ ସତ୍ୟ ରହିଛି, ମାତ୍ର ମନୁଷ୍ୟସ୍ତରୀୟ ଚିରାଚରିତ ଭାବପ୍ରବଣତା ସହିତ ଏହାକୁ ଏକାଠି ମିଶାଇ ଦିଆଯାଇଛି ।

*'ଗ' ତାଙ୍କୁ ଯାହା କରିବାକୁ କହୁଛନ୍ତି, ତାହା କରିବା ପୂର୍ବରୁ 'ଖ' ବରଂ ଆପଣଙ୍କୁ ପଚାରନ୍ତୁ ବୋଲି ମୁଁ ତାଙ୍କୁ କହିଲି । କାରଣ, ଯେତେବେଳେ ଜଣେ ଆପଣଙ୍କୁ ଅବଲମ୍ବନ ବୋଲି ଗ୍ରହଣ କରିନେଇଛି, ସେତେବେଳେ ଏସବୁ କରିବାର କୌଣସି ଆବଶ୍ୟକତା ଅଛି ବୋଲି ମୁଁ ଭାବୁ ନାହିଁ ।*

କେବଳ **ସେହି ଦିବ୍ୟ ପରମସତ୍ତାଙ୍କ ମଧ୍ୟରେହିଁ** ଆମକୁ ପ୍ରତ୍ୟେକ ବସ୍ତୁ ତଥା ପ୍ରତ୍ୟେକ ବ୍ୟକ୍ତି ସହିତ ଆମର ସମ୍ମିଳନଟିକୁ ଉପଲବ୍ଧି କରିବାକୁ ହେବ ।— ତାଙ୍କୁ ଅଲଗା କରି ରଖି ବା ଏକାବେଳେକେ ସିଧା ଭାବରେ ତାହା କରାଯାଇ ପାରିବ ନାହିଁ ।

*୧୨ ଅକ୍ଟୋବର ୧୯୩୬*

*ମା', ଆପଣ କ'ଣ ଭାବୁଛନ୍ତି ଯେ, ଦିବ୍ୟ ପରମସତ୍ତାଙ୍କ ପ୍ରତି ସହାନୁଭୂତି ଅର୍ଜନ କରିବା ପୂର୍ବରୁ ଅନ୍ୟମାନଙ୍କ ପ୍ରତି ସହାନୁଭୂତି ଅର୍ଜନ କରିବା ସମ୍ଭବ ହେବ ?*

'oaob.nitrkl.ac.in' images reprocessed

ନାହିଁ, କଦାପି ସମ୍ଭବ ହେବ ନାହିଁ ।

*୧୩ ଅକ୍ଟୋବର ୧୯୩୬*

*ଆଜି ଆପଣ ମୋତେ ଦେଇଥିବା ଫୁଲଟିର ତାତ୍ପର୍ଯ୍ୟ ହେଉଛି ''ନିଃସ୍ୱାର୍ଥ କର୍ମ ।'' ତେଣୁ, ପ୍ରତ୍ୟେକ କର୍ମ ପଛରେ ଯେଉଁ ଆଗ୍ରହଟି ନିହିତ ହୋଇ ରହିଥାଏ, ମୋତେ ତାହାକୁ ଆବିଷ୍କାର କରିବାକୁ ହେବ ।*

ଫୁଲଟିର ଠିକ୍ ତାତ୍ପର୍ଯ୍ୟ ହେଉଛି : ସକଳ ନିଷ୍ଠା ଏବଂ ଉତ୍ସର୍ଗୀକୃତ ଭାବେ ଦିବ୍ୟ ପରମସତ୍ତାଙ୍କ ଲାଗି କରାଯାଉଥିବା ସମସ୍ତ କର୍ମ ।

*୧୩ ଅକ୍ଟୋବର ୧୯୩୬*

*ମାଆ, ଏହା କ'ଣ ଠିକ୍ ନୁହେଁ ଯେ ଆମେ ଆମ ନିଜର ଅଗ୍ରଗତି ବିଷୟରେ କେବେହେଲେ କିଛି ଭାବିବା ନାହିଁ ?*

ଏକଥା ସତ ଯେ ତୁମେ ତା' ବିଷୟରେ ଚିନ୍ତିତ ହେବ ନାହିଁ, ମାତ୍ର ତୁମ ଭିତରେ ଅଗ୍ରଗତି କରିବାର ଇଚ୍ଛାଟି ଅବଶ୍ୟ ରହିଥିବା ଉଚିତ ।

*୧୪ ଅକ୍ଟୋବର ୧୯୩୬*

*ଆଜି ଆପଣ ମୋତେ ''ଚୈତ୍ୟ ଅଗ୍ନିଶିଖା'' ତାତ୍ପର୍ଯ୍ୟ ବହନ କରୁଥିବା ଗୋଟିଏ ଫୁଲ ଦେଲେ; ତଦ୍ଦ୍ୱାରା ଆପଣ ମୋତେ କ'ଣ କହିବାକୁ ଇଚ୍ଛା କରୁଥିଲେ, ତାହା ମୁଁ ବୁଝି ପାରିଲି ନାହିଁ ।*

ଅଗ୍ନି ହେଉଛି ଅଗ୍ରଗତି ନିମନ୍ତେ ଇଚ୍ଛା, ଯାବତୀୟ ବାଧା ଏବଂ ଅସୁବିଧାକୁ ଜାଳିଦେଇ ପାରୁଥିବା ବିଶୁଦ୍ଧୀକରଣର ଶିଖା । ତୁମକୁ ସେହି ଫୁଲଟି ଦେଇ ମୁଁ ସେହି ଶିଖାଟି ତୁମ ଭିତରେ ପ୍ରଜ୍ୱଳିତ ହେଉ ବୋଲି ତୁମକୁ ଉତ୍ସାହିତ କରୁଛି ।

*୧୫ ଅକ୍ଟୋବର ୧୯୩୬*

*ଭୂଗୋଳ ଓ ଇତିହାସର ପାଠଗୁଡ଼ିକୁ ଲେଖିରଖିବା ଦରକାର କି ? ମୁଁ କେବଳ ବହି ପଢ଼ି ସେଗୁଡ଼ିକୁ ଅଧ୍ୟୟନ କରିପାରିବି ।*

'oaob.nitrkl.ac.in' images reprocessed

ଲେଖି ରଖିଲେ ଅଧିକ ଭଲ ଭାବରେ ଶିଖି ହୁଏ ।

*ଲେଖିବା ବେଳେ ମୋ'ର ହାତ ବହୁତ ସମୟରେ କ୍ଳାନ୍ତ ହୋଇଯାଏ ।*

ତେବେ ଗୋଟାଏ ବା ଦୁଇଟା ମିନିଟ ବିଶ୍ରାମ ନେବ ଓ ପୁଣି ଲେଖିବ ।

*୧୮ ଅକ୍ଟୋବର ୧୯୩୬*

*କାଲି 'କ' ମୋତେ କହିଲେ ଯେ, ପ୍ରଥମ ନେପୋଲିଅନ୍ ତାଙ୍କୁ ଭଲ ଲାଗନ୍ତି ନାହିଁ, ସିଏ ଆଦୌ ଜଣେ ଭଲ ମନୁଷ୍ୟ ନ ଥିଲେ, ସିଏ ଫ୍ରାନ୍ସକୁ ବିନଷ୍ଟ କରି ଦେଇଥିଲେ । ମାଆ, ଆପଣ ତାଙ୍କ ବିଷୟରେ କ'ଣ ଭାବନ୍ତି ?*

ସିଏ ଜଣେ ମହାନ୍ ଏବଂ ଅସାଧାରଣ ବ୍ୟକ୍ତି ଥିଲେ । ଅବଶ୍ୟ ତାଙ୍କର ଅନେକ ତ୍ରୁଟି ଥିଲା ଓ ସେ ଭୁଲ୍ ମଧ୍ୟ କରିଥିଲେ – ମାତ୍ର, ସେ ଫ୍ରାନ୍ସକୁ ବିନଷ୍ଟ କରି ଦେଇଥିଲେ ବୋଲି କଦାପି କୁହାଯାଇ ପାରିବ ନାହିଁ । ସେ ଫ୍ରାନ୍ସକୁ ଏକ ଅମଳିନ ଗୌରବ ଆଣି ଦେଇଥିଲେ । ମୁଁ ତୁମ ପାଇଁ ଏହା କହୁଛି; ମାତ୍ର ତାହାର ଅର୍ଥ ନୁହେଁ ଯେ ତୁମେ 'କ'ଙ୍କ ପାଖକୁ ଯାଇ ତାଙ୍କୁ ସେହି କଥାଟିକୁ କହିବ ।

*୨୧ ଅକ୍ଟୋବର ୧୯୩୬*

*''ସୁରକ୍ଷା'' ତାତ୍ପର୍ଯ୍ୟ ଥିବା ଫୁଲଟିକୁ ଦେଲାବେଳେ ଆପଣ କ'ଣ କହିବାକୁ ଇଚ୍ଛା କରିଥିଲେ ?*

ଅର୍ଥାତ୍, ତୁମ ପାଇଁ ସୁରକ୍ଷା ରହିଛି; ତାହାର ସୁଯୋଗ ତୁମେ କିପରି ଗ୍ରହଣ କରିବ, ସେହି ଉପାୟଟିକୁ ତୁମେ ବାହାର କରିବ ।

*ମା', ଆମ ଯୋଗରେ କଷ୍ଟ ଭୋଗ କରିବାର ପ୍ରକୃତରେ ଆଦୌ କୌଣସି ସ୍ଥାନ ଅଛି କି ? ଯେତେବେଳେ ଲୋକେ କଷ୍ଟ ଭୋଗ କରନ୍ତି, ସେତେବେଳେ କ'ଣ ଏହି ମାର୍ଗରେ ଥିବା ଅସୁବିଧାଗୁଡ଼ିକ ସକାଶେ ସେମାନେ କଷ୍ଟ ଭୋଗ କରୁଥା'ନ୍ତି ?*

ନାହିଁ । ଆନ୍ତରିକତାର ଅଭାବ ଥାଏ ବୋଲି କଷ୍ଟ ଭୋଗ କରନ୍ତି ।

'oaob.nitrkl.ac.in' images reprocessed

*ସମ୍ଭବତଃ କଷ୍ଟଭୋଗ କରିବାର ମାଧ୍ୟମରେହିଁ ସେମାନେ ସନ୍ତୋଷ ପାଇବାକୁ ଇଚ୍ଛା କରୁଥା'ନ୍ତି !*

ହଁ, ସେକଥା ମଧ୍ୟ ଘଟିଥାଏ ।

*ମୁଁ ଭାବୁଛି, ଏହି ଯୋଗରେ ଯାବତୀୟ କଷ୍ଟଭୋଗ କେବଳ କଳ୍ପନାର କଥା ।*

ହଁ ।

*କିଏ କଷ୍ଟ ଭୋଗ କରେ ? ପ୍ରାଣ ? ତାହାର ବାସନାଗୁଡ଼ିକ ତୃପ୍ତ ହୋଇପାରେ ନାହିଁ ବୋଲି ସେ କଷ୍ଟଭୋଗ କରେ କି ?*

ଅଧିକାଂଶ ସମୟରେ – ମାତ୍ର, ବାସନାଗୁଡ଼ିକର ତୃପ୍ତି ହୋଇ ଯାଉଥିବା ସମୟରେ ମଧ୍ୟ ତାହା ବେଶ୍ କଷ୍ଟଭୋଗ କରିବାର ଯୋଗାଡ଼ କରିନିଏ ।

*କଷ୍ଟଭୋଗର କାରଣଟିକୁ ବୁଝିପାରିଲେ ଆଉ କଷ୍ଟଭୋଗ ବୋଲି କିଛି ରହେ ନାହିଁ ।*

ହଁ, ଠିକ୍ କଥା ।

*ଆମ ନିଜ ନିର୍ବୋଧତାରୁ ଆମେ କଷ୍ଟ ଭୋଗ କରୁ ।*

ସାଧାରଣତଃ ଏହିପରି ହୋଇଥାଏ ।

*୨୨ ଅକ୍ଟୋବର ୧୯୩୬*

*ସବୁବେଳେ କିଛି ନା କିଛି ବାସନା ନେଇ ମୁଁ ଆପଣଙ୍କ ପାଖକୁ ଆସେ, ଏକଥା ଠିକ୍ ନୁହେଁ କି ?*

ଗୋଟାସୁଦ୍ଧା ନିଜ ବିଷୟରେ ସବୁଯାକ ଚିନ୍ତା କରି ତୁମେ ମୋ' ପାଖକୁ ଆସ ।

*୨୩ ଅକ୍ଟୋବର ୧୯୩୬*

'oaob.nitrkl.ac.in' images reprocessed

*ମୁଁ ଭାବୁଛି, ସେହି କାରଣରୁହିଁ ମୁଁ ଆପଣଙ୍କର ଭଲ ପାଇବା ବିଷୟରେ ସଜ୍ଞାନ ହୋଇପାରେ ନାହିଁ ।*

ପୂରାପୂରି ସତ କଥା; ଯେଉଁ ଭଲ ପାଇବା ମୁଁ ତୁମକୁ ଦେଉଛି କିଂବା ମୁଁ ତୁମକୁ ଯେଉଁ ଭଲ ପାଇବାଟି ଦିଏ ବୋଲି ତୁମେ ଇଚ୍ଛା କରୁଛ, ଯଦି ସେବିଷୟରେ ଚିନ୍ତା ନ କରି ତୁମେ ମୋ'ପ୍ରତି ଯେଉଁ ଭଲ ପାଇବାଟିକୁ ଅନୁଭବ କରିବାକୁ ଇଚ୍ଛା କରୁଛ, ତାହାରି ବିଷୟରେ ଭାବିପାରନ୍ତ, ତେବେ ତୁମେ ଅଧିକ ଉନ୍ମୋଚିତ ଏବଂ ଗ୍ରହଣଶୀଳ ହୋଇପାରନ୍ତ ।

*ମୁଁ ଭାବୁଛି ଯେ କେବଳ ପରମକରୁଣାହିଁ ମୋତେ ମୋ' ନିଜକୁ ଭୁଲି ଯିବାକୁ ସମର୍ଥ କରିପାରିବେ ।*

ତୁମକୁ ନିଜର ଇଚ୍ଛାଟିକୁ ମଧ୍ୟ କାମରେ ଲଗାଇବାକୁ ହେବ ।

*୨୪ ଅକ୍ଟୋବର ୧୯୩୬*

*ଆଜି କ୍ଲାନ୍ତ ଲାଗୁଛି । ଆପଣ ମୋତେ ଏହାର କାରଣ କହିଦିଅନ୍ତୁ ।*

ଖୁବ୍ ସମ୍ଭବ ଶୋଇବା ଅବସ୍ଥାରେ ତୁମେ କ'ଣସବୁ କ୍ଲାନ୍ତ କରି ପକାଉଥିବା କାର୍ଯ୍ୟ କରୁଥିଲ ।

*୨୬ ଅକ୍ଟୋବର ୧୯୩୬*

*ଶୋଇବା ଅବସ୍ଥାରେ ମୁଁ କ'ଣସବୁ କ୍ଲାନ୍ତ କରିଦେବା ଭଳି କାର୍ଯ୍ୟ କରୁଥିଲି, ଆପଣ କହନ୍ତୁ ।*

ପ୍ରାଣିକ ସ୍ତରରେ ଜନ୍ମଲାଭ କରୁଥିବା କେତେକ ନିର୍ଦ୍ଦିଷ୍ଟ ଗତିକ୍ରିୟା ଏବଂ ସମ୍ପର୍କସ୍ଥାପନର ସ୍ଥୂଳ ପରିଣାମ ରୂପେ ଶରୀର କ୍ଲାନ୍ତ ଅନୁଭବ କରେ । ଶୋଇବା ଅବସ୍ଥାରେ ଜଣେ ହୁଏତ ପ୍ରାଣିକ କ୍ଷେତ୍ରରେ ରହିଥିବା ମନ୍ଦ ସ୍ଥାନଗୁଡ଼ିକୁ ଚାଲି ଯାଇଥାଏ ଅଥବା ମନ୍ଦ ସତ୍ତାଗୁଡ଼ିକ ସହିତ ତାହାର ଭେଟ ହୋଇଥାଏ । *୨୭ ଅକ୍ଟୋବର ୧୯୩୬*

*ମାଆ, ମୁଁ ଏହି କ୍ଲାନ୍ତିସହିତ କିପରି ଲଢ଼ିପାରିବି ? ମୁଁ ଅଧ୍ୟୟନ କରିପାରୁ ନାହିଁ, କିଛି ପଢ଼ି ବି ପାରୁ ନାହିଁ । ସର୍ବଦା ଭାରି ନିଦ ମାଡୁଛି ।*

'oaob.nitrkl.ac.in' images reprocessed

ଯଦି ଏତେ ନିଦ ମାଡୁଛି, ତେବେ ସେଥିରୁ ଜଣାପଡୁଛି ଯେ, କୌଣସି ନା କୌଣସି କାରଣବଶତଃ ତୁମର ଶୋଇବା ଦରକାର ଅଛି – ତେଣୁ, ତାହାର ପ୍ରତିରୋଧ କରିବା ଆଦୌ ଉଚିତ ହେବ ନାହିଁ ।

*୨୮ ଅକ୍ଟୋବର ୧୯୩୬*

*ତେବେ ପ୍ରାଣିକ ଜଗତଟି ସହିତ ମୋ'ର ଏହି ସମ୍ପର୍କଗୁଡ଼ିକୁ ମୁଁ କିପରି ଆଉ ଏଡ଼ିପାରିବି ଏବଂ କ୍ଳାନ୍ତ ଅନୁଭବ କରିବି ନାହିଁ ?*

ଶୋଇବାକୁ ଯିବା ପୂର୍ବରୁ ନିଜର ଇଚ୍ଛାଶକ୍ତିକୁ କାମରେ ଲଗାଇବାକୁ ହେବ । ଶୋଇବାବେଳେ ଯେପରି ସ୍ଥିର ଭାବରେ ବିଶ୍ରାମ କରି ପାରିବ, ସେଥିପାଇଁ ଇଚ୍ଛା ପୋଷଣ କରିବାକୁ ହେବ ।

*୨୮ ଅକ୍ଟୋବର ୧୯୩୬*

*ମୁଁ ଆପଣଙ୍କର ଉପସ୍ଥିତିକୁ ହରାଇ ବସିଛି, ସୁଖ ଓ ପ୍ରେମକୁ ମଧ୍ୟ ହରାଇ ବସିଛି । ଏସବୁ କିପରି ହେଲା, ଏବଂ ମୁଁ କିପରି ସେଗୁଡ଼ିକୁ ପୁନର୍ବାର ଫେରି ପାଇବି ଆପଣ ଦୟାକରି ମୋତେ କହିଦିଅନ୍ତୁ ।*

ଏକ ସ୍ଥିର ଏବଂ ଅଟଳ ଇଚ୍ଛାଶକ୍ତି ଦ୍ୱାରା, ଏକ ସ୍ଥିର ସଂକଳ୍ପ ଦ୍ୱାରା ବାହ୍ୟ ବସ୍ତୁଗୁଡ଼ିକ ତୁମକୁ ବିକ୍ଷୁବ୍ଧ କରିବାକୁ ଅନୁମତି ଦେବାକୁ ମନା କରିଦେବା ଦ୍ୱାରା, ଦିବ୍ୟ ପରମସତ୍ତାଙ୍କ କୃପାଠାରେ ଆସ୍ଥା ରଖିବା ଦ୍ୱାରା ଏବଂ ତାହାର ନିଷ୍ପତ୍ତିଗୁଡ଼ିକ ପାଖରେ ସମର୍ପଣ କରିବା ଦ୍ୱାରା ।

*୨୯ ଅକ୍ଟୋବର ୧୯୩୬*

*ମୋତେ ଜଣେ କେହି କହିଲେ ଯେ ସମର୍ପିତ ଏବଂ ନିଷ୍ଠାଯୁକ୍ତ ହେବାର କୌଣସି ପ୍ରୟୋଜନ ନାହିଁ – ଆମେ କେବଳ ନିଜକୁ ଖୋଲି ରଖିବା,– ଏହା ସତ୍ୟ କି ?*

ନିଶ୍ଚିତରୂପେ ନୁହେଁ । ଏସବୁ ନିରର୍ଥକ କଥା କାହାଠାରୁ ଶୁଣିଲ ?

ନିଷ୍ଠା ବ୍ୟତୀତ ଯୋଗର ପଥ ପ୍ରକୃତରେ **ବିପଜ୍ଜନକ**; ସମର୍ପଣ ବିନା ଏହା ଅସମ୍ଭବ ।

*୩୦ ଅକ୍ଟୋବର ୧୯୩୬*

'oaob.nitrkl.ac.in' images reprocessed

*ଆମକୁ "ଆସ୍ଥା ସ୍ଥାପନ" ଫୁଲଟି ଦେବା ଦ୍ୱାରା ଆପଣ ଆମକୁ କ'ଣ କହିବାକୁ ଇଚ୍ଛା କରିଥିଲେ ?*

ଦିବ୍ୟ ପରମସତ୍ତାଙ୍କଠାରେ ପୂର୍ଣ୍ଣ ଆସ୍ଥାସ୍ଥାପନ ବ୍ୟତୀତ, ଦିବ୍ୟସହାୟତା କଦାପି ସଂପୂର୍ଣ୍ଣ ଭାବରେ ଫଳବତୀ ହେବ ନାହିଁ ।

*୬ ନଭେମ୍ବର ୧୯୩୬*

*ଯେଉଁସବୁ ବହିରେ ସାଧାରଣ ଜୀବନର, ତାହାର ଆନନ୍ଦ ଓ ନିରାନନ୍ଦଗୁଡ଼ିକର ବର୍ଣ୍ଣନା ରହିଛି, ସେସବୁ ପଢ଼ିଲେ ମୋ'ଲାଗି କ୍ଷତିକାରକ ହେବ ବୋଲି ଆପଣ ଭାବୁଛନ୍ତି କି ?*

ଏହା ଅତ୍ୟନ୍ତ ସ୍ପଷ୍ଟ ଯେ ଏହା ଖୁବ୍‌ବେଶୀ ସହାୟକ ନୁହେଁ; ଅବଶ୍ୟ ବହିଟି ଖୁବ୍ ଭଲ ଭାବରେ ଯଦି ଲେଖା ହୋଇଥାଏ ଏବଂ ଯଦି ତୁମେ ତାକୁ କେବଳ ଫରାସୀ ଭାଷା ଶିଖିବା ନିମନ୍ତେ ପାଠ କର, ତେବେ ତାହା ଅବଶ୍ୟ ଅନ୍ୟ କଥା ହେବ ।

*୧୪ ନଭେମ୍ବର ୧୯୩୬*

*ଏକ ସାଧାରଣ ନିୟମ ଅନୁସାରେ, ପିଲାମାନଙ୍କର ସବୁ ସମୟରେ ଖେଳିବା ଉଚିତ ହେବ କି ନାହିଁ, ତାହା ଭଲ ହେବ କି ନାହିଁ, ମୁଁ ତାହା ଜାଣିବାକୁ ଇଚ୍ଛା କରୁଛି ।*

ପିଲାମାନଙ୍କ ପାଇଁ କାମ କରିବାର ଓ ପାଠ ପଢ଼ିବାର ସମୟ ରହିବ, ଖେଳିବା ପାଇଁ ମଧ୍ୟ ସମୟ ରହିବ ।

*୧୬ ନଭେମ୍ବର ୧୯୩୬*

*ବେଳେବେଳେ ମୁଁ ମୋ ଅଧ୍ୟୟନରେ ଆଦୌ ମନୋନିବେଶ କରିପାରୁ ନାହିଁ । ସେତେବେଳେ ମୋ' ମସ୍ତିଷ୍କରେ ଥିବା କୌଣସି ବସ୍ତୁଟିଏ ମୋତେ ଅଧ୍ୟୟନ କରିବାକୁ ଓ ଏପରିକି କିଛି ପଢ଼ିବାକୁ ବି ଦେଉ ନାହିଁ ।*

ଏହାକୁ ତମସ୍ ବୋଲି କୁହାଯିବ ।

*୧୭ ନଭେମ୍ବର ୧୯୩୬*

'oaob.nitrkl.ac.in' images reprocessed

*ମୋ' ଭିତରେ କେଉଁଟା ଅଧ୍ୟୟନ କରିବାକୁ ଇଚ୍ଛା କରୁ ନାହିଁ ଓ କ୍ଳାନ୍ତ ହୋଇ ପଡୁଛି ? ମସ୍ତିଷ୍କ ?*

ତୁମର ଭୌତିକ ମନ; ଯେତେବେଳେ ତୁମେ ବେଶ୍ ସାନ ଥିଲ, ଯେଉଁଟି ଶିକ୍ଷା ପାଇଁ କୌଣସି ଚେଷ୍ଟା କରିବାରେ ଆଦୌ ଅଭ୍ୟସ୍ତ ହୋଇ ନାହିଁ ।

*ମୁଁ ଗମ୍ଭୀର ରହିଲେ ଓ ଅନ୍ୟ ଲୋକମାନଙ୍କ ସହିତ ମିଳାମିଶା ନ କଲେ କୌଣସି କ୍ଷତି ହେବ କି ?*

ନାହିଁ, କୌଣସି କ୍ଷତି ହେବ ନାହିଁ ।

*ମୁଁ ଭାବୁଛି, ଏକ ଏକାଗ୍ର ଜୀବନ ବଞ୍ଚିପାରିଲେ ତାହା ଆପଣଙ୍କ ଆଡ଼କୁ ଅଭିନିବିଷ୍ଟ ହୋଇ ରହିବାରେ ମୋତେ ସାହାଯ୍ୟ କରିବ – ଏବଂ ଆହୁରି ଭଲ ଭାବରେ ଅଧ୍ୟୟନ କରିବାରେ ମଧ୍ୟ ।*

ସେଥିରେ କୌଣସି ସନ୍ଦେହ ନାହିଁ ।

*୧୮ ନଭେମ୍ବର ୧୯୩୬*

*ମୋ' ମନର କୌଣସି ବିକାଶ ହେଉଛି ବୋଲି ଆପଣ ଭାବୁଛନ୍ତି କି ?*

ନିୟମିତ ଅଧ୍ୟୟନ ତାହାର ବିକାଶ କରାଇବାରେ କଦାପି ବିଫଳ ହେବ ନାହିଁ ।

*୭ ଡିସେମ୍ବର ୧୯୩୬*

*ଏବେ ମୁଁ ଅଧ୍ୟୟନରେ ଅଧିକରୁ ଅଧିକ ମନ ଦେଉଛି ଓ ମୋ'ର ସାଧନାରେ କମ୍ ଦୃଷ୍ଟି ଦେଉଛି । ଏପରି ହେବା ଉଚିତ କି ନୁହେଁ, ମୁଁ ଜାଣିପାରୁ ନାହିଁ ।*

ଏହା ବେଶ୍ ଉଚିତ, ଅଧ୍ୟୟନ ମଧ୍ୟ ସାଧନାର ଏକ ଅଂଶ ହୋଇ ପାରିବ ।

*୮ ଡିସେମ୍ବର ୧୯୩୬*

'oaob.nitrkl.ac.in' images reprocessed

*ମାଆ, ସବୁକିଛି କ୍ରମଶଃ ଅଧିକରୁ ଅଧିକ ଭଲ ହୋଇ ଯାଇଛି ବୋଲି ଆପଣ ଭାବୁଛନ୍ତି କି ? ମୁଁ ଭାବୁଛି, ମୁଁ ଆଗ ଅପେକ୍ଷା କମ୍ ପ୍ରୟାସ କରୁଛି ।*

ବର୍ତ୍ତମାନ ତୁମେ ଅବଶ୍ୟ ଅଗ୍ରଗତି କରୁଛ; ମାତ୍ର, କେବଳ ଅଗ୍ରଗତି କରୁଛ ବୋଲି ଏକ ପ୍ରତୀତି ଅପେକ୍ଷା ବର୍ତ୍ତମାନ ତୁମକୁ ସେହି ଅଗ୍ରଗତିର ସ୍ଥାୟିତ୍ୱ ଏବଂ ଯଥାର୍ଥତା ଉପରେ ଅଧିକ ମହତ୍ତ୍ୱ ଦେବାକୁ ହେବ । ମୋ' କହିବାର ଅର୍ଥ ହେଉଛି, ସତେଅବା ପ୍ରଗତି କରୁଥିବା ପରି ଦେଖା ଯାଉଥିବା ଅପେକ୍ଷା, ଅଦୃଶ୍ୟ ଭାବରେ ହେଲେ ମଧ୍ୟ ପ୍ରକୃତରେ ଅଗ୍ରଗତି କରିବା ଅଧିକ ମହତ୍ତ୍ୱପୂର୍ଣ୍ଣ ।

*୯ ଡିସେମ୍ବର ୧୯୩୬*

*ସାଧାରଣ ଜୀବନରେ ରହିଥିବା ବ୍ୟକ୍ତିମାନଙ୍କ ସହିତ, ଆଧ୍ୟାତ୍ମିକ ଜୀବନ ଲାଗି ଯେଉଁମାନଙ୍କର କୌଣସି ଆକର୍ଷଣ ନାହିଁ, ସେମାନଙ୍କ ସହିତ ସାଧକମାନଙ୍କର କୌଣସି ସମ୍ପର୍କ ରହିବା ଉଚିତ ନୁହେଁ ବୋଲି ଭାବିଲେ ମୋ'ର କୌଣସି ଭୁଲ୍ ହେବ କି ?*

ସ୍ପଷ୍ଟତଃ ତାହା ଅନେକ ଅଧିକ ଭଲ ହେବ ।

*୧୨ ଡିସେମ୍ବର ୧୯୩୬*

*'ଖ' ଏବଂ ମୋ' ଭିତରେ ଗୋଟିଏ ପ୍ରକାରର ବନ୍ଧୁତା ରହିଥିଲା । ସେତେବେଳେ ଦିନେ ହଠାତ୍ ସେ ମୋ' ସହିତ କଥା କହିବା ବନ୍ଦ କରିଦେଲେ ଓ ମୋତେ ଏଡ଼ି ରହି ଆସୁଛନ୍ତି । ମୋ'ର କୌଣସି ବ୍ୟକ୍ତିରେ ପ୍ରୟୋଜନ ନାହିଁ, କାରଣ ଆପଣ ମୋ'ର ହୋଇ ରହିଛନ୍ତି ଓ ମୁଁ ଆପଣଙ୍କର ହୋଇ ରହିଛି । ହେ ମାଆ, ହେ ଜନନି, ଆପଣ ମୋ' ପାଇଁ ସବୁକିଛି ହୋଇ ରହିଛନ୍ତି ।*

ମନୁଷ୍ୟ ମନୁଷ୍ୟ ମଧ୍ୟରେ ସମ୍ବନ୍ଧ ସ୍ପଷ୍ଟତଃ ଅତ୍ୟନ୍ତ ଅସ୍ଥାୟୀ । କେବଳ ଦିବ୍ୟ ପରମସତ୍ତାଙ୍କ ସହିତ ସମ୍ବନ୍ଧହିଁ ସ୍ଥାୟୀ ହୋଇପାରେ ।

*୧୪ ଡିସେମ୍ବର ୧୯୩୬*

*ମାଆ, ମୋ'ର ଅଗ୍ରଗତି ସ୍ଥାୟୀ ହୋଇପାରିଛି ନା କେବଳ ଉପରସ୍ତରରେ ହୋଇ ରହିଛି, ତାହା ମୁଁ ଜାଣିବାକୁ ଇଚ୍ଛା କରୁଛି ।*

'oaob.nitrkl.ac.in' images reprocessed

ଯାହା ତୁମେ ପ୍ରାପ୍ତ କରିଛ, ତାହାକୁ ସ୍ଥାୟୀ କରି ରଖିବାର ସର୍ବଦା ଏକ ଉପାୟ ରହିଛି । ତୁମକୁ ନିଜର ଇଚ୍ଛାଶକ୍ତିକୁ କାମରେ ଲଗାଇ ଶିଖିବାକୁ ହେବ ।

*୧୫ ଡିସେମ୍ବର ୧୯୩୬*

*ମୁଁ ''ପ୍ରସ୍ପରିଟି''କୁ ଦୁଇଟା ମୋଟା-ମଲାଟ ନୋଟ୍ ବହି ମାଗିଥିଲି । ମାତ୍ର ମୋତେ ସେଗୁଡ଼ିକ ଦିଆ ଗଲା ନାହିଁ । ଆପଣ ମନା କରିଥିଲେ କି ?*

ନାଇଁ, ମୁଁ କିଛି ମନା କରି ନ ଥିଲି; ସେମାନଙ୍କ ପାଖରେ ହୁଏତ ନୋଟ୍‌ବହି ନ ଥିବ ଏବଂ ନୂଆ ନୋଟ୍‌ବହି ତିଆରି କରିବାକୁ ପଡ଼ିବ । ମାତ୍ର, ସତ କହିବାକୁ ଗଲେ, ତୁମେ କଳ୍ପନାତୀତ ଭାବରେ ବହୁତସଂଖ୍ୟକ ନୋଟ୍‌ବହି ବ୍ୟବହାର କରୁଛ । ମୁଁ ସୁନିଶ୍ଚିତ ଭାବରେ କହିପାରିବି ଯେ, ତୁମ ପାଖରେ ଏପରି ବହୁସଂଖ୍ୟକ ନୋଟ୍‌ବହି ରହିଛି, ଯେଉଁଥିରେ କି ମାତ୍ର ଅଳ୍ପ କେତୋଟି ପୃଷ୍ଠା ଲେଖା ହୋଇଛି ଏବଂ ସେଗୁଡ଼ିକୁ ନିଶ୍ଚୟ ଆଉ କେଉଁ କାମରେ ବ୍ୟବହାର କରାଯାଇ ପାରନ୍ତା । କୌଣସି ଜିନିଷ ନଷ୍ଟ କରିବା ଆଦୌ ଉଚିତ ନୁହେଁ;— ପୃଥିବୀରେ ବହୁସଂଖ୍ୟକ ଏଭଳି ମନୁଷ୍ୟ ଅଛନ୍ତି, ଯେଉଁମାନଙ୍କ ପାଖରେ ସେମାନେ ଆବଶ୍ୟକ କରୁଥିବା ପଦାର୍ଥମାନ ମଧ୍ୟ ନାହିଁ ।

*୧୫ ଡିସେମ୍ବର ୧୯୩୬*

*ଆଉ ଗୋଟିଏ ମନ୍ତବ୍ୟ : 'ଗ' ପୁଅପିଲାମାନଙ୍କ ସହିତ ମିଶିବାକୁ ଭାରି ଭଲ ପାଉଥିବା ପରି ମନେ ହେଉଛି । ମାତ୍ର, ସିଏ କ'ଣ ଆଉ ସାନ ଝିଅଟିଏ ହୋଇ ଅଛନ୍ତି ? ଏପରି ମନ୍ତବ୍ୟଟିଏ ଦେବା ମୋ' ଲାଗି ସଂପୂର୍ଣ୍ଣ ଭୁଲ୍ କି ନୁହେଁ, ମୁଁ ସେକଥା ଜାଣି ନାହିଁ ।*

ଏହିପରି ଗୋଟିଏ ମନ୍ତବ୍ୟ ଏବଂ ତାହା ସୂଚିତ କରି ଦେଉଥିବା ଚେତନାର ସ୍ଥିତିଟି ତୁମର ସାଧନାରେ ଖୁବ୍‌ବେଶୀ ସହାୟତା ହେବ ବୋଲି ମୁଁ ଭାବିପାରୁ ନାହିଁ ।

*୧୭ ଡିସେମ୍ବର ୧୯୩୬*

*କାଲି ମୁଁ ଯେଉଁ ମନ୍ତବ୍ୟଟି ଦେଇଥିଲି, ସେହି କାଟର ମନ୍ତବ୍ୟସବୁ କାହିଁକି ସହାୟକ ନୁହନ୍ତି, ଆପଣ ବୁଝାଇ ଦିଅନ୍ତୁ ।*

'oaob.nitrkl.ac.in' images reprocessed

କେବଳ ସେତିକି ବାହାରକୁ ଦେଖା ଯାଉଥାଏ, ଏପରି ମନ୍ତବ୍ୟଗୁଡ଼ିକ ସର୍ବଦା ତାହାରି ଆଧାର ଉପରେ ଛିଡ଼ା ହୋଇ ରହିଥାନ୍ତି । ଏବଂ, ସ୍ଥୂଳ ମନଟିକୁ ମଧ୍ୟ ଆଧାର କରି ରହିଥା'ନ୍ତି, ଯାହାକି ସର୍ବଦା ଅତ୍ୟନ୍ତ କଠୋର ଭାବରେ ସବୁକଥାର ଅର୍ଥ ବାହାର କରିବା ଲାଗି ପ୍ରବୃତ୍ତି ରଖିଥାଏ । ଯଥାର୍ଥ ଜ୍ଞାନଠାରୁ ଆଉ କ'ଣ ଅଧିକ ଦୂରବର୍ତ୍ତୀ ହୋଇ ରହିପାରେ ? ଯଥାର୍ଥ ଜ୍ଞାନ ବସ୍ତୁଗୁଡ଼ିକର ଏକ ଅନ୍ତରଙ୍ଗ ବୋଧ ଉପରେ ଆଧାରିତ ରହିଥାଏ ଏବଂ ଚୈତ୍ୟ ଅବବୋଧ ଦ୍ୱାରା ପରିଚାଳିତ ହେଉଥାଏ ।

*୧୮ ଡିସେମ୍ବର ୧୯୩୬*

*ଗୁଲି ଖେଳିବା ଦ୍ୱାରା ମୋ'ର ଚେତନା ନିମ୍ନକୁ ଚାଲିଯିବ ବୋଲି ଆପଣ ବିଚାରୁଛନ୍ତି କି ?*

ତୁମେ ଯେଉଁ ଭାବଟିକୁ ନେଇ ଖେଳୁଥିବ, ସବୁ ତାହାରି ଉପରେ ନିର୍ଭର କରୁଛି । ଯଦି ତୁମେ ସତର୍କ ଥିବ ଓ ସଚେତନ ରହିବାରେ ସର୍ବଦା ଯତ୍ନଶୀଳ ରହିଥିବ, ତେବେ କିଛି ଯାଏ ଆସେ ନାହିଁ ।

*୧୯ ଡିସେମ୍ବର ୧୯୩୬*

*କାଲି ମୁଁ ଗୁଲି ଖେଳିସାରିବା ପରେ ପ୍ରଣାମ ପାଇଁ ଆସିଥିଲି ଏବଂ ଠିକ୍ ଭାବରେ ଏକାଗ୍ର ରହି ପାରିଲି ନାହିଁ । ଏଇଥିରୁ ପ୍ରମାଣ ହୋଇଯାଉଛି ଯେ, ଏହି ଖେଳଟି ମୋ' ପାଇଁ ବେଶୀ ଭଲ ନୁହେଁ ।*

ପ୍ରଣାମ ପୂର୍ବରୁ ଖେଳିବା ସ୍ପଷ୍ଟତଃ ତୁମର ଏକାଗ୍ରତାରେ କଦାପି ସାହାଯ୍ୟ କରିପାରିବ ନାହିଁ ।

*"ସଂଗଠନ" ଫୁଲଟିକୁ ଦେଇ ଆପଣ ମୋତେ କ'ଣ କହିବାକୁ ଇଚ୍ଛା କରିଥିଲେ ?*

ନିଜର ଜୀବନକୁ, ନିଜର କର୍ମକୁ ଓ ନିଜର ଚେତନାକୁ ସଂଗଠିତ କରିଆଣ ।

ପ୍ରତ୍ୟେକ ପଦାର୍ଥକୁ ତାହାର ଯଥାର୍ଥ ସ୍ଥାନରେ ରଖିବା,– ତାହାହିଁ ସଂଗଠନ ।

*୨୩ ଡିସେମ୍ବର ୧୯୩୬*

'oaob.nitrkl.ac.in' images reprocessed

*ମାଆ, ଆପଣ ଯେଉଁଠାରେ ଅଛନ୍ତି, ମୁଁ ସେହି ସ୍ଥାନରେହିଁ ଆପଣଙ୍କୁ ଲୋଡ଼ିବାକୁ ଇଚ୍ଛା କରିବି ।*

ଯେତେବେଳେ ମୋତେ ପାଇଯିବ, ସେତେବେଳେ ଜାଣିବ ଯେ ମୁଁ ସର୍ବତ୍ର ରହିଛି ।

*୨୩ ଡିସେମ୍ବର ୧୯୩୬*

*ମାଆ, ମୋ'ର ଜୀବନ ଓ ମୋ'ର କର୍ମ ଯେ ସଂଗଠିତ ହୋଇପାରି ନାହିଁ, ମୁଁ ସେଥିରେ ଏକମତ । ସେଗୁଡ଼ିକୁ ସଂଗଠିତ କରିବାରେ ଆପଣ ମୋତେ ସାହାଯ୍ୟ କରିପାରିବେ ନାହିଁ ?*

ସେଥିପାଇଁ ସର୍ବପ୍ରଥମ ପଦକ୍ଷେପଟି ହେଉଛି ଯେ, ନିଜର ଦୈନନ୍ଦିନ ଶୃଙ୍ଖଳାରେ ତୁମେ **ନିୟମିତତାର** ଅଭ୍ୟାସଟିକୁ ଅର୍ଜନ କରିବ ।

*୨୪ ଡିସେମ୍ବର ୧୯୩୬*

*ମୁଁ ଇଚ୍ଛା କରୁଛି ଯେ, ଆପଣ ମୋ'ର ଦୈନିକ କାର୍ଯ୍ୟନିର୍ଘଣ୍ଟକୁ ସଜାଡ଼ି ଦିଅନ୍ତୁ : ମୁଁ କେତେବେଳେ ଉଠିବି, କେତେବେଳ ଯାଏ ଫରାସୀ ପଢ଼ିବି ଓ ଅଧ୍ୟୟନ କରିବି; ଅପରାହ୍ଣ ସମୟରେ ବିଶ୍ରାମ ନେବି କି ନାହିଁ ।*

ତୁମ ପାଇଁ ମୁଁ ସେସବୁକୁ ସ୍ଥିର କରି ଦେବାର କୌଣସି ଅର୍ଥ ରହିଛି ବୋଲି ମୁଁ ଭାବୁ ନାହିଁ । ବାରବାର ସଜାଡ଼ି, ବଦଳାଇ, ତୁମେ ଯେଉଁ କାର୍ଯ୍ୟକ୍ରମଟି ନିଜ ଲାଗି ସବୁଠାରୁ ଅଧିକ ଅନୁକୂଳ ବୋଲି ଦେଖିବ, ସେଇଟିକୁ ଠିକ୍ କରିବ ଏବଂ ଯତ୍ନର ସହିତ ତାହାକୁ ପାଳନ କରିବ । ଅବଶ୍ୟ କାର୍ଯ୍ୟକ୍ରମଟିକୁ କିଞ୍ଚିତ୍ ନମନୀୟ ରଖିଥିବ, ଯେପରିକି ନୂତନ ଦିନଟିଏ ଆସିଲେ ତାହାର ପ୍ରୟୋଜନ ଅନୁସାରେ ସେଇଟିକୁ ତଦନୁସାରେ ଅନୁକୂଳିତ କରି ହେଉଥିବ ।

*୩୦ ଡିସେମ୍ବର ୧୯୩୬*

*ମାଆ, ଗୋଟିଏ ଶିଶୁ-ସନ୍ତାନ ତା'ର ମାଆ ପାଇଁ ଯେଉଁ ପ୍ରେମ ଅନୁଭବ କରେ, ମୁଁ ମଧ୍ୟ ଆପଣଙ୍କ ଲାଗି ସେହି ପ୍ରେମକୁ ଅନୁଭବ କରୁଛି ବୋଲି ଆପଣ ବିଶ୍ବାସ କରନ୍ତି କି ?*

'oaob.nitrkl.ac.in' images reprocessed

ନିଜର ମାଆ ପ୍ରତି ଗୋଟିଏ ଶିଶୁର ପ୍ରେମ ଏକ ସ୍ୱତଃସ୍ଫୂର୍ତ୍ତ ତଥା ଐକାନ୍ତିକ ବିଶ୍ୱାସରେ ପୂର୍ଣ୍ଣ ହୋଇ ରହିଥାଏ । ତୁମ ଭିତରେ କେବଳ ଏକ ଚୈତ୍ୟ ଉନ୍ମୋଚନର ଆଧାର ଉପରେ ଏହିଭଳି ଏକ ପ୍ରେମ ଆଧାରିତ ହୋଇ ରହିପାରିବ । କାରଣ ଚୈତ୍ୟକୁ ଗୋଟିଏ ଶିଶୁସହିତ ଏହି ଯଥାର୍ଥ କାରଣଟି ଯୋଗୁଁ ତୁଳନା କରା ଯାଇଥାଏ ଯେ, ଚୈତ୍ୟ ଦିବ୍ୟ ପରମସତ୍ତାଙ୍କ ମଧ୍ୟରେ ଏହି ସ୍ୱତଃସ୍ଫୂର୍ତ୍ତ ଏବଂ ଐକାନ୍ତିକ ପ୍ରେମକୁ ଅନୁଭବ କରିଥାଏ ।

*୧୨ ଜାନୁଆରି ୧୯୩୭*

*ମାଆ, ଏହି ମୁହୂର୍ତ୍ତରେ ମୁଁ କେଉଁ ସ୍ଥିତିରେ ଅଛି ଓ ମୋ' ଭିତରେ କ'ଣ ସବୁ ଘଟୁଛି, ଆପଣ ମୋତେ ବୁଝାଇ ଦିଅନ୍ତୁ ।*

ତୁମେ ନିଜେ ବୁଝିବାକୁହିଁ ପ୍ରୟାସ କରିବ, ନ ହେଲେ ମୋ'ର ଯାବତୀୟ ବୁଝାଇଦେବା ନିରର୍ଥକ ହୋଇଯିବ ।

*୧୧ ମାର୍ଚ୍ଚ ୧୯୩୭*

*ମୁଁ ଅନୁଭବ କରୁଛି ଯେ, କୌଣସି ବସ୍ତୁ ଅଥବା କେହି ବ୍ୟକ୍ତି ଭୌତିକ ମନଭିତରେ ଅବସ୍ଥିତ ରହି ମୋତେ ତଳକୁ ଟାଣି ନେଉଛି । କ'ଣ କରିବାକୁ ହେବ, ମୁଁ କିଛି ଜାଣିପାରୁ ନାହିଁ ।*

ଏହି କୌଣସି ବସ୍ତୁ ଅଥବା କୌଣସି ବ୍ୟକ୍ତିକୁ ତୁମେ ତୁମକୁ ତଳକୁ ଟାଣିନେଇ ଯିବାରୁ କ୍ଷାନ୍ତ କରିବ । ତୁମର ଏକ ଇଚ୍ଛାଶକ୍ତି ଅବଶ୍ୟ ରହିଛି — ତେବେ ତାହା କାହିଁକି ରହିଛି ?

*୧୨ ମାର୍ଚ୍ଚ ୧୯୩୭*

*ମୋତେ ଆକ୍ରମଣ କରିଥିବା ଅନ୍ଧକାରଟି ପ୍ରକୃତରେ କ'ଣ ଥିଲା, ମୋତେ ଆପଣ ବୁଝାଇ କହିବେ କି ?*

ଯେତେବେଳେ ଏକ ଅନ୍ଧକାର ତୁମକୁ ଆକ୍ରମଣ କରୁଥିବାର ଏବଂ ମୋ'ଠାରୁ ଦୂରକୁ ନେଇ ଯାଉଥିବାର ତୁମେ ଅନୁଭବ କରିବ, ସେତେବେଳେ ନିଶ୍ଚିତ ଭାବରେ ଜାଣିବ ଯେ ସେଇଟି ହେଉଛି ବାହାରୁ ଆସିଥିବା ଗୋଟିଏ ପ୍ରଭାବ, ଯାହାକି ତୁମ ବାତାବରଣ ମଧ୍ୟରେ ପ୍ରବେଶ କରିଛି ।

*୧୯ ମାର୍ଚ୍ଚ ୧୯୩୭*

'oaob.nitrkl.ac.in' images reprocessed

*ଫରାସୀ ଭାଷାରେ କେତୋଟି ଉପନ୍ୟାସ ପଢ଼ିଲେ କିଛି କ୍ଷତି ହେବ କି ?*

ଉପନ୍ୟାସ ପଢ଼ିବା ଦ୍ୱାରା କେବେ ଲାଭ ହୁଏ ନାହିଁ ।

*ବାହାରୁ ଆସୁଥିବା ପ୍ରଭାବ ଦ୍ୱାରା ଆକ୍ରାନ୍ତ ନ ହେବା ଲାଗି କ'ଣ କରିବାକୁ ହେବ ?*

ଦିବ୍ୟ ପରମସତ୍ତାଙ୍କଠାରେହିଁ ନିଜକୁ ସଂକେନ୍ଦ୍ରିତ କରି ରଖିବ ।

*୨୪ ମାର୍ଚ୍ଚ ୧୯୩୭*

*ମୁଣ୍ଡବଥା ଚାଲିଯିବା ସଙ୍ଗେ ସଙ୍ଗେ ପିଠିବଥା ଆରମ୍ଭ ହୋଇଗଲା, ଛାତିରେ ମଧ୍ୟ ଯନ୍ତ୍ରଣା ହେଲା । ମୁଁ କାହିଁକି ଏହିପରି ଗୋଟିଏ ପରେ ଗୋଟିଏ ବଥା ଓ ଯନ୍ତ୍ରଣା ଭୋଗ କରୁଛି, ମୋତେ ଦୟାକରି କହନ୍ତୁ ।*

ଏହାର କାରଣ ଅନେକ, ଅଧିକାଂଶ ସମୟରେ ସେଗୁଡ଼ିକୁ ସ୍ପଷ୍ଟ ଭାବରେ ବାରି ହୁଏ ନାହିଁ; ଏବଂ, ଅବଚେତନକୁ ଆକ୍ରାନ୍ତ କରୁଥିବା ନାନା ପ୍ରବର୍ତ୍ତନାରୁହିଁ ସେସବୁ ଜନ୍ମଲାଭ କରିଥା'ନ୍ତି ।

*୨୭ ମାର୍ଚ୍ଚ ୧୯୩୭*

*ଗୋଟିଏ ସ୍ୱପ୍ନ : ମୁଁ ଗୋଟିଏ ଅମୃତଭଣ୍ଡା ଗଛ ଦେଖିଲି ଯେଉଁଥିରେ ବଢ଼ିଆ ଅମୃତଭଣ୍ଡା ସବୁ ପାଚିଥିଲା । ଫଳଗୁଡ଼ିକୁ ଖାଇବା ପାଇଁ କେତୋଟି କାଉ ଓ ଗୋଟିଏ ମାଙ୍କଡ଼ ଗଛ ଉପରେ ବସିଥିଲେ । ମୁଁ ସେମାନଙ୍କ ଆଡ଼କୁ ଧୂଳି ଫୋପାଡ଼ିଲି ଏବଂ କେବଳ ମାଙ୍କଡ଼ଟି ବ୍ୟତୀତ ଆଉ ସମସ୍ତେ ପଳାଇଗଲେ । ସେ ମୋ' ଆଡ଼କୁ ଡେଇଁ ପଡ଼ିଲା ଓ ମୁଁ ତାକୁ ବିଦାରି ଖଣ୍ଡ ଖଣ୍ଡ କରି ପକାଇଲି । ମୁଁ ଭାବୁଛି; ଏହି ସ୍ୱପ୍ନଟିର ନିଶ୍ଚୟ ଏକ ଅର୍ଥ ଥିବ ।*

ସାଧାରଣତଃ ମାଙ୍କଡ଼ ହେଉଛି ଅନିୟନ୍ତ୍ରିତ ଭୌତିକ ମନର ପ୍ରତୀକ । ଏହି ଘଟଣାଟିରେ ସିଏ ସମ୍ଭବତଃ ତୁମ ଆଧ୍ୟାତ୍ମିକ ଆସ୍ପୃହାର ଫଳଗୁଡ଼ିକୁ ଚୋରି କରି ନେବାକୁ ଇଚ୍ଛା କରୁଥିଲା ।

*୨୯ ମାର୍ଚ୍ଚ ୧୯୩୭*

'oaob.nitrkl.ac.in' images reprocessed

*କାଲି ମୁଁ ଆପଣଙ୍କୁ 'କ'ଙ୍କ ବିଷୟରେ ଲେଖିଥିଲି, କାରଣ ମୋତେ 'ଖ' ଏବଂ ତାଙ୍କ ଭିତରେ ହେଉଥିବା ପ୍ରଭାବର ଆଦାନପ୍ରଦାନ ଭଲ ଲାଗୁ ନାହିଁ ।*

ମୋତେ ଏ ବିଷୟରେ ଜଣା ଥିଲା, ମାତ୍ର ମୋ'ର କାର୍ଯ୍ୟଟି ନୀରବତାରେହିଁ ସମ୍ପନ୍ନ ହେବାକୁ ମୁଁ ଅଧିକ ପସନ୍ଦ କରିଥାଏ ।

*୧୪ ଏପ୍ରିଲ ୧୯୩୭*

*ଆପଣଙ୍କର କାର୍ଯ୍ୟଟି ନୀରବତା ମଧ୍ୟରେ ସମ୍ପନ୍ନ ହେଉ ବୋଲି ଆପଣ ସର୍ବଦା ଅଧିକ ପସନ୍ଦ କରିଥା'ନ୍ତି । କେତେବେଳେ ଆପଣ ଆମକୁ ଲେଖିକରି ଜଣାଇବାକୁ ଚାହାନ୍ତି ? ଆପଣ ଅନେକ ସମୟରେ ମୋ'ପାଖକୁ ଏତେ କଥା ଲେଖିଛନ୍ତି, ଏପରିକି ମୁଁ ଆପଣଙ୍କୁ ସେସବୁ ବିଷୟରେ ପଚାରି ନ ଥିଲେ ମଧ୍ୟ ଆପଣ ବେଳେବେଳେ ଲେଖି ଜଣାଇଛନ୍ତି ।*

ଯେତେବେଳେ ଏକ ପରିଣାମ ନିମନ୍ତେ ତାତ୍କାଳିକ ଆବଶ୍ୟକତା ରହିଥାଏ, ମୁଁ ସେତେବେଳେ ଦୁଇ ପ୍ରକାରର ବ୍ୟକ୍ତିଙ୍କୁ ସେ ବିଷୟରେ କହିଥାଏ :

୧) ଯେଉଁମାନଙ୍କର ଅତ୍ୟନ୍ତ ସଦିଚ୍ଛା ରହିଛି ଏବଂ ଯେଉଁମାନେ ଜାଣିବା ଲାଗି ଖୁବ୍ ଆସ୍ପୃହା ରଖିଛନ୍ତି ।

୨) ଯେଉଁମାନେ ନିଜର ବାହ୍ୟ ଚେତନା ମଧ୍ୟରେ ଏତେ ଅଧିକ ପରିମାଣରେ ବନ୍ଦ ହୋଇ ରହିଛନ୍ତି ଯେ, ସେମାନଙ୍କୁ ସବୁକଥା ସିଧା ନ କହିଲେ ସେମାନେ ଆଦୌ କିଛିହେଲେ ବୁଝି ପାରିବେ ନାହିଁ ।

*୧୫ ଏପ୍ରିଲ ୧୯୩୭*

*ଉଚ୍ଚତର ଚେତନାର ଦୃଷ୍ଟିକୋଣରୁ ବିଚାର କଲେ ଏହି ଯୋଗରେ କ୍ରୀଡ଼ାର କେଉଁଭଳି ସ୍ଥାନଟିଏ ରହିଛି, ଆପଣ ମୋତେ ସେକଥା କହିବେ କି ?*

ମୋ' ଜାଣିବାରେ ସେପରି କୌଣସି ବିଶେଷ ସ୍ଥାନ ନାହିଁ ।

*୨୮ ଏପ୍ରିଲ ୧୯୩୭*

*ଏହି ଯୋଗରେ କ୍ରୀଡ଼ା ଲାଗି କୌଣସି ସ୍ଥାନ ନାହିଁ ବୋଲି ଯଦି ଆପଣ ଭାବୁଛନ୍ତି, ତେବେ ମୋତେ ଆପଣ ସେଥିପାଇଁ କାହିଁକି ଅନୁମତି ଦେଲେ ।*

'oaob.nitrkl.ac.in' images reprocessed

ଯୋଗରେ କ୍ରୀଡ଼ାର କୌଣସି ସ୍ଥାନ ନାହିଁ ବୋଲି ମୁଁ କହି ନାହିଁ, ମୁଁ କହିଛି ଯେ ତାହାର କୌଣସି **ବିଶେଷ** ସ୍ଥାନ ନାହିଁ ।

*'ଗ' ଲେଖିଛନ୍ତି, "ମୁଁ ଦେଖୁଛି ତୁମେ ସବୁ ସମୟରେ ଭାରି ଅସ୍ଥିର ହୋଇ ରହୁଛ; ତୁମର ବାତାବରଣଟି ଶିକ୍ଷା ଦେବା ନିମନ୍ତେ ଆଦୌ ଅନୁକୂଳ ନୁହେଁ ।"*

ହଁ, ଯାବତୀୟ ଅଧ୍ୟୟନକୁ ଲାଭଦାୟକ କରି ପାରୁଥିବା ମାନସିକ ସ୍ଥିରତାର ଅଭାବ ତୁମଠାରେ ରହିଛି ଏବଂ, ତୁମେ ଯେଉଁ କାର୍ଯ୍ୟ କରୁଛ, ତା' ଉପରେ ଏକାଗ୍ର ରହିବା ତୁମ ପକ୍ଷରେ ଖୁବ୍ କଷ୍ଟକର ହେଉଛି ।

*ଉଚ୍ଚତର ଚେତନାର ଦୃଷ୍ଟିକୋଣରୁ ଖେଳକୁ କିପରି ବିଚାର କରାଯାଏ । ମୁଁ ତାହା ଜାଣିବାକୁ ଚାହୁଁଛି – କ'ଣ ଏକ ପ୍ରାଣସ୍ତରୀୟ ସୁଖ ହିସାବରେ ?*

ଖେଳିବା ଦ୍ୱାରା ଏକ ଉପଯୋଗୀ ଶ୍ଲଥନ (relaxation) ସମ୍ଭବ ହୋଇପାରେ, ବିଶେଷତଃ ସାନ ପିଲାମାନଙ୍କ କ୍ଷେତ୍ରରେ ଏହା ଘଟିଥାଏ । ଯଦି ପ୍ରାଣିକ ସ୍ତରଟି ଏହାକୁ ନିଜର ଅନୁକୂଳ କରି କାମରେ ଲଗାଇପାରେ, ତେବେ ତାହା ଏକ ପ୍ରାଣିକ ସୁଖର ମଧ୍ୟ କାର୍ଯ୍ୟ କରିପାରେ । ଖେଳିବା ସମୟରେ ତୁମର ଦୃଷ୍ଟିକୋଣ ଉପରେହିଁ ସବୁକିଛି ନିର୍ଭର କରେ ।

*ପରିହାସ କରିବାକୁ ମୁଁ ଠିକ୍ ବୋଲି ବିଚାର କରୁଛି ।*

ମାତ୍ର, ଅତି ନିମ୍ନସ୍ତରର ଓ କୁତ୍ସିତ ପରିହାସମାନ ବି ରହିଛି ଏବଂ ସେଗୁଡ଼ିକରୁ ସାବଧାନତାର ସହିତ କ୍ଷାନ୍ତ ହୋଇ ରହିବା ଉଚିତ । ଯେଉଁସବୁ ପରିହାସ ଚେତନାକୁ ଆଘାତ କରେ ବା ତାହାକୁ ନିମ୍ନକୁ ଖସାଇ ଆଣେ, ସେଗୁଡ଼ିକ ମନ୍ଦ ପରିହାସ । *୨୯ ଏପ୍ରିଲ ୧୯୩୭*

*ବର୍ତ୍ତମାନ ମୋ'ର ଚେତନା କେଉଁ ସ୍ଥିତିରେ ରହିଛି ? ମୁଁ ଭାବୁଛି, ମୁଁ ଆଉ ଅଗ୍ରଗତି କରୁ ନାହିଁ । କାହିଁକି ଓ କିପରି କରୁ ନାହିଁ ?*

ନିଜ ବିଷୟରେ ଆଉଟିକିଏ କମ୍ ବ୍ୟସ୍ତ ଓ ଚିନ୍ତିତ ରହୁଥିଲେ, ତୁମେ ସମ୍ଭବତଃ ଅଧିକ ଅଗ୍ରଗତି କରି ପାରନ୍ତ । *୧ ମଇ ୧୯୩୭*

'oaob.nitrkl.ac.in' images reprocessed

*ମୁଁ କାହିଁକି ନିଜ ବିଷୟରେ ଏତେବେଶୀ ଭାବୁଛି, ଆପଣ ମୋତେ ସେକଥା କହିଦେବେ କି ? ମୁଁ ଅନୁମାନ କରୁଛି, ଏପରି ବ୍ୟକ୍ତିମାନେ ବି ଅଛନ୍ତି, ଯେଉଁମାନେ କି ନିଜ ବିଷୟରେ ଆଦୌ କିଛିହେଲେ ଭାବନ୍ତି ନାହିଁ ।*

ଏଭଳି ବ୍ୟକ୍ତି କ୍ୱଚିଦ୍ ଥାଆନ୍ତି । ନିଜ ବିଷୟରେ ଚିନ୍ତା କରିବାର ଅଭ୍ୟାସଟି ଲୋକମାନଙ୍କ ଭିତରେ ଅତ୍ୟନ୍ତ ବ୍ୟାପ୍ତ ହୋଇ ରହିଥାଏ । କେବଳ ଜଣେ ଯୋଗୀହିଁ ଏଥିରୁ ମୁକ୍ତ ହୋଇ ରହିପାରେ ।

*୩ ମଇ ୧୯୩୭*

*ଯଦି ଜଣେ ବ୍ୟକ୍ତି ନିଜ ବିଷୟରେ ଭାବୁ ନ ଥାନ୍ତା, ତେବେ ତା' ଜୀବନର ସୁଅଟା ତାକୁ ଦୁଃଖ ଏବଂ କଷ୍ଟଭୋଗର ମହାସାଗର ଭିତରକୁ ଭସାଇ ନେଇ ଯାଉଥା'ନ୍ତା, ଯେଉଁଠାରେ କି ପ୍ରାୟ ପ୍ରତ୍ୟେକ ମଣିଷ ଯାଇ ପଡ଼ିଥାଆନ୍ତି । ତେଣୁ, ଏହା ଆଦୌ ଭଲ ହୁଅନ୍ତା ନାହିଁ; ମଣିଷ ଏହି ସଂସାର ଭିତରୁ ପଳାଇଯାଇ ପାରନ୍ତା ନାହିଁ ଏବଂ ସତ୍ୟର ଉପଲବ୍ଧି କରି ପାରନ୍ତା ନାହିଁ ।*

ତୁମେ ଯେ ଏଠାରେ ଅଛ ଏବଂ କ'ଣ କରିବା ଉଚିତ ମୋତେ ସେକଥା ଶିଖାଇଦେଇ ପାରୁଛ, ଏହା ପ୍ରକୃତରେ ଭାରି ଭାଗ୍ୟର କଥା । ନ ହେଲେ ମୁଁ ପ୍ରକୃତରେ ଆଦୌ କିଛି ଜାଣନ୍ତି ନାହିଁ !!!

*୪ ମଇ ୧୯୩୭*

*ଯେତେବେଳେ ଜଣେ ବ୍ୟକ୍ତି ଆଉ କୌଣସି ବ୍ୟକ୍ତି ନିମନ୍ତେ କିଛି କରୁଛି, ସେତେବେଳେ ସେହି ବ୍ୟକ୍ତିଟି ସହିତ ଏକାତ୍ମ ହେବାର ଆବଶ୍ୟକତା ରହିଥାଏ କି ?*

ନାଇଁ,— ତାହା ଆଦୌ ଅବଶ୍ୟମ୍ଭାବୀ ନୁହେଁ; ମାତ୍ର ସେମାନଙ୍କର ପ୍ରଭାବ ଦ୍ୱାରା ଆଦୌ ପ୍ରଭାବିତ ନ ହେବା ଖୁବ୍ କଷ୍ଟକର ।

*୧୭ ମଇ ୧୯୩୭*

*ଯଦି ମୋତେ କେହି ଶିକ୍ଷକ ହୋଇ କିଛି ଶିକ୍ଷା ଦେଉଛି, ତେବେ ମୋ' ବିଷୟରେ*

'oaob.nitrkl.ac.in' images reprocessed

*ଏକାଗ୍ର ରହି ପାରିବାକୁ ତା'ର ମୋ' ସହିତ ଏକାତ୍ମ ହେବାର କୌଣସି ଆବଶ୍ୟକତା ଅଛି କି ?*

ଏକାଗ୍ରତା ନ ଥିଲେ ଆଦୌ କିଛି ଲାଭ କରି ହେବ ନାହିଁ ।

*୧୮ ମଇ ୧୯୩୭*

*'କ' ଲେଖିଛନ୍ତି : ''ମୋ' ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଲୋକମାନେ ମୋତେ ଅଣ୍ଡା ଏବଂ ମାଛ ଖାଇବାକୁ କହୁଛନ୍ତି । ମୁଁ ମାଛ ଖାଇ ପାରିବି କି ନାହିଁ, ମାଆଙ୍କୁ ପଚାରିବ ।''*

ଏହା ଯଦି ସ୍ୱାସ୍ଥ୍ୟ ବିଷୟରେ କୌଣସି କଥା ହୋଇଥାଏ, ତେବେ ଡାକ୍ତରଙ୍କରହିଁ ଏକଥା ନିଷ୍ପତ୍ତି କରିବା ଉଚିତ ।

*''ମାଆ ମୋତେ ଖୁବ୍ ଆକର୍ଷଣ କରିଥା'ନ୍ତି, ମାତ୍ର ମୋତେ ପାଳନ କରିଥିବା ମୋ'ର ବାପାମାଆଙ୍କ କଥା ମଧ୍ୟ ମୋତେ ଭାବିବାକୁ ହେବ । ମୋତେ ସେମାନଙ୍କର ଋଣଟିକୁ ଶୁଝିବାକୁହିଁ ପଡ଼ିବ ।'' ଆପଣ ଏହି ଶେଷ ବାକ୍ୟଟି ବିଷୟରେ କିଛି ଲେଖିବେ ।*

ମୋ'ର ଏହି ବିଷୟରେ ଆଦୌ କିଛି କହିବାର ନାହିଁ । ପ୍ରତ୍ୟେକ ବ୍ୟକ୍ତିକୁ ତା' ନିଜର ଦିଗଟିକୁ ଆବିଷ୍କାର କରିବାକୁ ହେବ । ମାତ୍ର, ଯଦି ତୁମେ ଥରେ ଦିବ୍ୟ ପରମସତ୍ତାଙ୍କ ପାଇଁ ଜୀବନ ବଞ୍ଚିବ ବୋଲି ନିଷ୍ପତ୍ତି କରି ସାରିଥିବ, ତେବେ ତୁମ ଲାଗି ପୃଥିବୀରେ ଆଉ କୌଣସି କଥା ଲାଗି କୌଣସି ମୂଲ୍ୟ ରହିବ ନାହିଁ; ମାତ୍ର, ଯେପର୍ଯ୍ୟନ୍ତ ସେପରି କୌଣସି ନିଷ୍ପତ୍ତି ଗ୍ରହଣ ନ କରିଥିବ, ତେବେ ନିଜର ଜୀବନକୁ ତୁମେ କେଉଁ ଦିଗରେ ପରିଚାଳିତ କରିବ, ନିଜ ଭିତରେ ସେହି ଦିଗଟିର ଆବିଷ୍କାର ତୁମକୁହିଁ କରିବାକୁ ପଡ଼ିବ ।

*୨୬ ମଇ ୧୯୩୭*

*ମାଆ, ଜଣେ ପୁଅ ତା' ବାପାଙ୍କର ସେବା କରିବାକୁ ଆଦୌ ବାଧ୍ୟ ନୁହେଁ, ଏକଥା ସତ ନୁହେଁ କି ?*

'oaob.nitrkl.ac.in' images reprocessed

ଯେଉଁ ବ୍ୟକ୍ତି ଦିବ୍ୟ ପରମସତ୍ତାଙ୍କ ପାଖରେ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ଉତ୍ସର୍ଗ କରିଦେଇଛି, କେବଳ ସେହି ବ୍ୟକ୍ତିରହିଁ ତା'ର ପିତାମାତାଙ୍କ ପ୍ରତି ନିଜର କର୍ତ୍ତବ୍ୟକୁ ପରିହାର କରିବାର ଅଧିକାର ରହିଛି ।

*୨୭ ମଇ ୧୯୩୭*

*ମୁଁ ଆପଣଙ୍କଠାରୁ ଅଧିକରୁ ଅଧିକ ଦୂରକୁ ଚାଲି ଯାଉଥିବା ପରି ଅନୁଭବ କରୁଛି । ମୁଁ ଏପରି ମଧ ଅନୁଭବ କରୁଛି ଯେ, ମୋ'ର ବୁଦ୍ଧି କମି କମି ଯାଉଛି, ମୁଁ ଅଧିକ ସଂବେଦନାଶୂନ୍ୟ ହେବାରେ ଲାଗିଛି, ଅଧିକ ସାଧାରଣ ହୋଇଯାଉଛି । ଅତ୍ୟନ୍ତ ସ୍ଥିରତା ମଧରେ ରହି ମୁଁ ଆପଣଙ୍କୁ ପ୍ରାର୍ଥନା କରୁଛି : ମୋତେ କେଉଁ ପଥରେ ଅବଶ୍ୟ ଯିବାକୁ ହେବ, ଆପଣ ମୋତେ ସେହି ପଥଟିକୁ ଦେଖାଇ ଦିଅନ୍ତୁ ।*

ନିଜର ଦୁର୍ବଳତା ଏବଂ ଅପୂର୍ଣ୍ଣତାଗୁଡ଼ିକୁ ଆବିଷ୍କାର କରିବା,— ତାହାହିଁ ଏକ ବୃହତ୍ ଅଗ୍ରଗତିର ସୂଚନା ଦେଇଥାଏ । ଏକ ନିଷ୍କପଟ ବିନମ୍ର ଭାବ ହେଉଛି ଅଗ୍ରଗତି ଆଡ଼କୁ ଏକ ସର୍ବପ୍ରଥମ ପଦକ୍ଷେପ ।

*୨୫ ଜୁନ୍ ୧୯୩୭*

*ଅନ୍ୟ ବ୍ୟକ୍ତିମାନଙ୍କ ପାଇଁ ଅତ୍ୟନ୍ତ ସହାନୁଭୂତି ଅନୁଭବ କରିବା କ'ଣ ପ୍ରକୃତରେ ଆବଶ୍ୟକ ?*

ତାହା ଆଦୌ ଅବଶ୍ୟମ୍ଭାବୀ ନୁହେଁ ।

*ଅଧିକାଂଶ କ୍ଷେତ୍ରରେ ଏକ ଅବିଚଳ ଉଦାସୀନତାହିଁ ସର୍ବୋତ୍ତମ କଥା ବୋଲି ମୁଁ ଭାବିଥିଲି ।*

ହଁ, ଏହା ଅନେକ ଅଧିକ ଭଲ କଥା ।

*୨୮ ଜୁନ୍ ୧୯୩୭*

*'ଖ' ଆଦୌ କୌଣସି ଦରକାର ନ ଥାଇ ମୋ ସହିତ କଥା ହେଲେ । ଏସବୁ ବ୍ୟାପାରକୁ ମହତ୍ତ୍ୱ ଦେବା ଉଚିତ କି ?*

'oaob.nitrkl.ac.in' images reprocessed

ସେଗୁଡ଼ିକ ଉପରେ ତୁମେ ଆଦୌ କୌଣସି ମହତ୍ତ୍ୱ ଦେବ ନାହିଁ । ମାତ୍ର, ସେହିସବୁ କଥା ଆଦୌ ନ ଶୁଣିଲେ ତାହା ଆହୁରି ଭଲ ହେବ । ବୃଥା ଗପସପ ସର୍ବଦା କ୍ଷତିହିଁ କରିଥାଏ ।

*୨୩ ଜୁଲାଇ ୧୯୩୭*

*ଆଜି ସକାଳେ ଭାରି ଅବସାଦ ଆସିଲା; ମୁଁ ଶୋଇଥିବା ସମୟରେ ସମ୍ଭବତଃ ଏକ ପ୍ରାଣିକ ପ୍ରଭାବ ମୋ' ଭିତରକୁ ପ୍ରବେଶ କରିଥିଲା ।*

ଯେତେବେଳେ ଅବସାଦ ଲାଗିବ, ତୁମେ ସେତେବେଳେ ଗୋଟିଏ ସ୍ଥିର ଜାଗାକୁ ଯାଇ ବସିପଡ଼ିବ ଏବଂ ସେହି ବିକ୍ଷୁବ୍ଧ ଅବସ୍ଥାଟି ଅନ୍ତର୍ହିତ ହୋଇ ଯାଇଛି ବୋଲି ଅନୁଭବ କରିବା ପର୍ଯ୍ୟନ୍ତ ଶାନ୍ତି ପାଇଁ ପ୍ରାର୍ଥନା କରିବ ।

*୧ ସେପ୍ଟେମ୍ବର ୧୯୩୭*

*ମୋ'ର ବର୍ତ୍ତମାନ ଜୀବନରେ ଆଦୌ କୌଣସି ଶୃଙ୍ଖଳା ନାହିଁ; ଅବଶ୍ୟ ମୁଁ ଭାବୁଛି ଯେ ତାହା ଅସ୍ଥିରତାରୁ ମୁକ୍ତ ରହିଛି । ଆଉଟିକିଏ ଅଧିକ ନିୟମିତ ହୋଇପାରିଲେ ଆପଣ ଅଧିକ ଭଲ ବୋଲି କହନ୍ତେ କି ?*

ତୁମକୁ ନିଜ ଭିତରୁହିଁ ଭୌତିକ ଚେତନାଟିକୁ ଶୃଙ୍ଖଳିତ କରିବାକୁ ପଡ଼ିବ ଏବଂ ସେହି ଭିତରୁହିଁ ତୁମେ ନିଜ ଭୌତିକ ଜୀବନ ଲାଗି ଏକ ବାହ୍ୟ ଶୃଙ୍ଖଳା ଲାଭ କରି ପାରିବ ।

*୮ ସେପ୍ଟେମ୍ବର ୧୯୩୭*

*ଆପଣ କହୁଛନ୍ତି ଯେ ମୁଁ ମୋ' ଭିତରୁହିଁ ମୋ'ର ଭୌତିକ ଚେତନାକୁ ଶୃଙ୍ଖଳାଯୁକ୍ତ କରି ରଖିବି । ମାତ୍ର, ସେହି ଶୃଙ୍ଖଳା ପ୍ରକୃତରେ କ'ଣ ଓ ମୁଁ ତାକୁ କିପରି ଅର୍ଜନ କରିପାରିବି, ମୋତେ ସେକଥା ଜଣା ନାହିଁ ।*

ମୋ' କହିବାର ଅର୍ଥ ହେଉଛି ଯେ, ଭିତରୁ କ୍ରିୟା କରୁଥିବା ଏକ ଶକ୍ତି ଦ୍ୱାରା ତୁମର ଭୌତିକ ଚେତନା ଶୃଙ୍ଖଳିତ ହେବା ଉଚିତ ।

*୧୧ ସେପ୍ଟେମ୍ବର ୧୯୩୭*

*'କ' ମୋ ପାଖକୁ ତାଙ୍କ ବନ୍ଧୁଙ୍କଠାରୁ ଆସିଥିବା ଖଣ୍ଡିଏ ଚିଠି ପଠାଇ ଦେଇଛନ୍ତି,*

'oaob.nitrkl.ac.in' images reprocessed

*ଯେଉଁଥିରେ କି ସେହି ବନ୍ଧୁ ଯୋଗ କରିବେ ଏବଂ ଏଠାରେ ଆସି ରହିବେ ବୋଲି କହିଛନ୍ତି ।*

ଆମେ ଏଠାରେ କାହାରିକୁ ସେପରି ଭାବରେ ଗ୍ରହଣ କରିପାରିବୁ ନାହିଁ :

୧) ବ୍ୟକ୍ତିଙ୍କ ବିଷୟରେ ତାଙ୍କର ନାମ, ପରିବାର, ତାଙ୍କ ସ୍ୱାସ୍ଥ୍ୟର ଅବସ୍ଥା, ସେ କ'ଣ କରୁଛନ୍ତି ପ୍ରଭୃତି ବିଷୟରେ ଆମକୁ ପୂର୍ଣ୍ଣ ବିବରଣୀ ମିଳିବା ପୂର୍ବରୁ ।

୨) ତାଙ୍କ ସହିତ ଆମର ସାକ୍ଷାତ୍ ହେବା ପୂର୍ବରୁ ।

୩) ଏବଂ, ଯେକୌଣସି ସ୍ଥିତିରେ ମଧ୍ୟ ଆମେ ଜଣେ ବ୍ୟକ୍ତିକୁ ପ୍ରଥମେ କେବଳ ପରୀକ୍ଷାମୂଳକ ଭାବରେ ଗ୍ରହଣ କରିବୁ; ଏହି ଯୋଗ କରିବା ଲାଗି ତା'ର ସାମର୍ଥ୍ୟ ରହିଛି କି ନାହିଁ, ସେକଥା ପରୀକ୍ଷା କରି ଦେଖିବୁ ।

ତେଣୁ ଏହି ବାଳକଜଣଙ୍କୁ ପ୍ରଥମେ ଇଂରାଜୀରେ ପତ୍ର ଲେଖି ଆମକୁ ଆବଶ୍ୟକ ସକଳ ବିବରଣୀକୁ ବିସ୍ତୃତ ଭାବରେ ଦେବାକୁ ପଡ଼ିବ ଏବଂ ସେ କାହିଁକି ଯୋଗ କରିବାକୁ ଇଚ୍ଛା କରୁଛନ୍ତି, ତାହା ବୁଝାଇ କହିବାକୁ ହେବ ।

ଏବଂ, ସେ ନିଜର ଫଟୋ ମଧ୍ୟ ପଠାଇଥିବେ ।

*୭ ଅକ୍ଟୋବର ୧୯୩୭*

*'ଖ'ଙ୍କ ସହିତ ମୁଁ କେତେକ ପରିମାଣରେ ଏକ ନିକଟ ପରିଚୟ ରଖିଥିବା ହେତୁ ଆପଣଙ୍କ ପାଖରେ କ୍ଷମାପ୍ରାର୍ଥନା କରୁଛି । ଅବଶ୍ୟ ଏଭଳି ନ କରିବାକୁ ଆପଣ ମୋତେ ଆଗରୁ କହିଛନ୍ତି । ମାଆ, ମୁଁ ଆପଣଙ୍କର ଭଲ ପାଇବା ପାଇବି ବୋଲି ଇଚ୍ଛା କରୁଛି । ସେହି ଭଲ ପାଇବା ବ୍ୟତୀତ ମୁଁ ବଞ୍ଚିପାରିବି କିପରି ?*

ଦିବ୍ୟ ପ୍ରେମ ଲାଭ କରିବାକୁ ହେଲେ, ଅନ୍ୟ ସକଳ ପ୍ରେମକୁ ତ୍ୟାଗ କରିବାକୁ ହେବ ।

*୨୮ ଡିସେମ୍ବର ୧୯୩୭*

*ଦୀର୍ଘ ବହୁଦିନ ଧରି ମୁଣ୍ଡର ସର୍ଦି ମୋ' ଭିତରେ ପ୍ରବେଶ କରିବ ବୋଲି ଉଦ୍ୟମ କରୁଛି । ଏଥର ମୁଁ କାହିଁକି ତାହାର ପ୍ରତିରୋଧ କରି ପାରିଲି ନାହିଁ, ଆପଣ ମୋତେ ବୁଝାଇଦେବେ କି ? କ'ଣ ବିଶ୍ୱାସ କମିଯିବାରୁ ଏପରି ହେଲା ?*

ତାହା ଆଦୌ ଅବଶ୍ୟମ୍ଭାବୀ ନୁହେଁ । ଏହି କ୍ଷେତ୍ରରେ ଅନ୍ୟ କାରଣମାନ ବି ଥାଇପାରେ ।

'oaob.nitrkl.ac.in' images reprocessed

ନିଜର ଅବଚେତନ ଉପରେ ନିୟନ୍ତ୍ରଣ ଅର୍ଜନ କରିବା ଦ୍ୱାରାହିଁ ଯାବତୀୟ ଆକ୍ରମଣ ଲାଗି ଏକ ସ୍ଥାୟୀ ପ୍ରତିରୋଧ ସମ୍ଭବ ହେବ ।

*୨୫ ଜାନୁଆରି ୧୯୩୮*

*ଆଦରଣୀୟା ମାଆ, ମୋ'ର ଏହି ଜନ୍ମମାସରେ ଆପଣ ମୋତେ ନିଜର ଆଶୀର୍ବାଦ ଦିଅନ୍ତୁ ।*

ହଁ, ତୁମ ଲାଗି ମୋ'ର ଅନେକ ଆଶୀର୍ବାଦ ରହିଛି ।

ଏବଂ ମୁଁ ତୁମକୁ ଗୋଟିଏ କଥା ପଚାରିବି ବୋଲି ବି ଭାବିଥିଲି । ତୁମେ ଜାଣିଛ, ଆମେ ଗୋଟିଏ ନୂତନ ସଦନ* ନିର୍ମାଣ କରିବାକୁ ଯାଉଛୁ । ସେଥିରେ ଆଧୁନିକତମ ନାନା ନିର୍ମାଣ ପ୍ରଣାଳୀର ସାହାଯ୍ୟ ନିଆଯିବ । ସେହି କାର୍ଯ୍ୟଟିର ତତ୍ତ୍ୱାବଧାନ ନିମନ୍ତେ ଅନେକ କର୍ମୀ ଆବଶ୍ୟକ ହେବେ । ଏହି ସମଗ୍ର କାର୍ଯ୍ୟଟିରେ ତୁମେ ଏକ ସକ୍ରିୟ ଅଂଶ ଗ୍ରହଣ କରିବାର ସମୟ ଆସିଛି ବୋଲି ମୁଁ ଭାବୁଥିଲି । ଅବଶ୍ୟ, ଏଥିପାଇଁ ନିୟମିତ ହେବା ଦରକାର, ଏଥିରେ ଅବିଚଳ ଆଗ୍ରହ ଓ ଅତୀବ ନିଷ୍ଠା ରହିଥିବା ଦରକାର । କେବଳ ରବିବାରଗୁଡ଼ିକୁ ଛାଡ଼ିଦେଲେ ତୁମକୁ **ନିୟମିତ ଭାବରେ** ପ୍ରତ୍ୟହ ଆଠଘଣ୍ଟା କାର୍ଯ୍ୟ କରିବାକୁ ହେବ । ସେହି ନିର୍ମାଣ କାର୍ଯ୍ୟଟି ଲାଗି ଅଳ୍ପଦିନ ମଧ୍ୟରେ ଜାପାନରୁ ମିସ୍ତ୍ରି ଆସି ପହଞ୍ଚିଯିବେ । ସେ ସେହି କାର୍ଯ୍ୟ ଲାଗି ଆବଶ୍ୟକ ଯାବତୀୟ ନିର୍ଦ୍ଦେଶ ଦେବେ । ତୁମେ ଏ ବିଷୟରେ କ'ଣ ଚିନ୍ତା କରୁଛ ଏବଂ ମୁଁ କର୍ମୀତାଲିକାରେ ତୁମର ନାମ ରଖିପାରିବି କି ନାହିଁ ମୋତେ କହିବ ।

*୧ ଫେବ୍ରୁଆରି ୧୯୩୮*

*ମାଆ, ଆପଣ ଏପରି କୃପାଶୀଳା ହୋଇ ମୋତେ ଯେଉଁ କାର୍ଯ୍ୟଟିକୁ ଦେଇଛନ୍ତି, ସେହି କାର୍ଯ୍ୟ ମୋତେ ଭଲ ଲାଗୁଛି । ମୋତେ ସତତ ଆପଣଙ୍କର ଉପସ୍ଥିତିକୁ ଅନୁଭବ କରିବାକୁ ଦିଅନ୍ତୁ ।*

କାର୍ଯ୍ୟଟି ତୁମକୁ ଭଲ ଲାଗୁଛି ଜାଣି ମୁଁ ଅତ୍ୟନ୍ତ ଖୁସୀ । କାମଟି କରିବା ଦ୍ୱାରା ତୁମର ଯେ ଅନେକ ଉପକାର ହେବ, ଏଥିରେ ମୋ'ର କୌଣସି ସନ୍ଦେହ ନାହିଁ । ଏହା ଗ୍ରହଣଶୀଳତାରେ ପ୍ରଭୂତ ବୃଦ୍ଧି ସାଧନ କରିଥାଏ ।

*୧୦ ଫେବ୍ରୁଆରି ୧୯୩୮*

---

* ଗୋଲ୍‌କୋଣ୍ଡ, ୫୦ଟି କୋଠରି-ବିଶିଷ୍ଟ ନିବାସଗୃହ ।।

'oaob.nitrkl.ac.in' images reprocessed

*କାର୍ଯ୍ୟ ବିଷୟରେ ମୁଁ ଆପଣଙ୍କ ସହିତ ସାଧାରଣ ଭାବରେ କିଛି କଥାବାର୍ତ୍ତା କରିବାକୁ ଇଚ୍ଛା କରୁଛି । ଦାୟିତ୍ୱରେ ଥିବା ବ୍ୟକ୍ତି ଏବଂ ତତ୍ତ୍ୱାବଧାରକମାନଙ୍କ ମଧ୍ୟରେ ମୁକ୍ତ ଭାବରେ ବିଚାର ତଥା ମତାମତର ଆଦାନପ୍ରଦାନ ହୋଇ ପାରୁଥିବା ଉଚିତ; ଅନ୍ଧଭାବରେ ନୁହେଁ, ଜ୍ଞାନ ସହିତହିଁ ସକଳ କାର୍ଯ୍ୟ ହୋଇ ପାରୁଥିବା ଉଚିତ ।*

ତୁମେ ଯେଉଁ ବିଷୟରେ କହୁଛ, ତାହାକୁ କଦାପି ନିଜର ଇଚ୍ଛା ଅନୁସାରେ କିଂବା କୌଣସି କଥାବାର୍ତ୍ତା ମାଧ୍ୟମରେ କରାଯାଇପାରିବ ନାହିଁ । ଏଥିପାଇଁ ଚେତନାର କ୍ଷେତ୍ରରେ ଏକ ପରିବର୍ତ୍ତନ ଦରକାର ଏବଂ, କେବଳ ଯୋଗ ଦ୍ୱାରାହିଁ ସେହି ପରିବର୍ତ୍ତନ ସମ୍ଭବ ହେବ ।

*୬ ମାର୍ଚ୍ଚ ୧୯୩୮*

*ବେଳେ ବେଳେ 'ଖ'ଙ୍କ ସହିତ କଥାବାର୍ତ୍ତା ହେଲେ କିଛି କ୍ଷତି ହେବ କି ?*

କେଉଁ ବିଷୟରେ ଓ କେତେ ସମୟ କଥାବାର୍ତ୍ତା କରିବ, ସବୁ ତାହାରି ଉପରେ ନିର୍ଭର କରିବ । ଚାଲି ଯାଉଯାଉ ପଦେ ଦୁଇପଦ କଥାରେ କୌଣସି କ୍ଷତି ନାହିଁ, ମାତ୍ର ଯଦି ତୁମେ ତଥାକଥିତ ଆଧ୍ୟାତ୍ମିକ ବିଷୟଗୁଡ଼ିକ ଉପରେ କଥାବାର୍ତ୍ତା ଆରମ୍ଭ କରିଦିଅ, ତେବେ ତାହା ବିପଜ୍ଜନକ ହେବ ।

*୧୪ ଏପ୍ରିଲ୍ ୧୯୩୮*

*'ଗ' ଶଟର ତିଆରି କାର୍ଯ୍ୟଟି (shuttering) ସମ୍ପୂର୍ଣ୍ଣ ଠିକ୍ ବୋଲି କହିଲେ । ସେ କହିଲେ, ଏହାକୁ କଦାପି ଅଧିକ ଭଲ ଭାବରେ କରାଯାଇପାରି ନ ଥା'ନ୍ତା ।*

ତୁମେ ଏ ବିଷୟରେ ଏତେ ନିଶ୍ଚିତ ?

ତୁମେ ଯଦି **ପ୍ରକୃତରେ ଭଲ ଭାବରେ** କାମ କରି ଶିଖିବାକୁ ଇଚ୍ଛା କରୁଥାଅ, ତେବେ ତୁମକୁ ନିଜ ଅପୂର୍ଣ୍ଣତାଗୁଡ଼ିକ ବିଷୟରେ ସଜ୍ଞାନ ରହିବାକୁ ପଡ଼ିବ ଏବଂ ଅଗ୍ରଗତିର ଇଚ୍ଛାକୁ ସର୍ବଦା ବଳବତ୍ତର ରଖିବାକୁ ପଡ଼ିବ ।

ନିଜ ବିଷୟରେ ବଢ଼େଇ କହିବା ଦ୍ୱାରା ଆଦୌ ଅଗ୍ରଗତି ହୁଏ ନାହିଁ ।

*୨୨ ଏପ୍ରିଲ୍ ୧୯୩୮*

'oaob.nitrkl.ac.in' images reprocessed

*ସଂଗଠନଟି ଅଧିକରୁ ଅଧିକ ଜଟିଳ ହୋଇଯାଉଛି ଓ ମୁଁ ଅଧିକରୁ ଅଧିକ ଚିନ୍ତିତ ହେଉଛି । ଏସବୁ ବାଧା କେଉଁଠାରୁ ଆସି ପହଞ୍ଚୁଛି, ମୁଁ ମୋଟେ ଜାଣିପାରୁ ନାହିଁ । ଏପର୍ଯ୍ୟନ୍ତ ତ ସବୁ ଭଲରେ ଚାଲିଥିଲା ।*

ଶ୍ରୀଯୁକ୍ତ 'ଗ' ଏକ ନିର୍ଦ୍ଦିଷ୍ଟ ପ୍ରକାରର ସଂଗଠନ ଚାହୁଁଛନ୍ତି । ସେ ପ୍ରକୃତରେ କ'ଣ ଚାହୁଁଛନ୍ତି, ମୋତେ ତାହା ବୁଝାଇ କହି ଦେଇଛନ୍ତି ଏବଂ **ମୁଁ ତାଙ୍କ ସହିତ ସମ୍ପୂର୍ଣ୍ଣ ଏକମତ** । କେତେକ ବ୍ୟକ୍ତିଙ୍କ ଭିତରେ ସେମାନଙ୍କର ଅହଂଟା ଯେଉଁ ପ୍ରତିରୋଧ କରିବାରେ ଲାଗିଛି, ତାହାହିଁ ଅବସ୍ଥାଟିକୁ ଜଟିଳ କରି ପକାଉଛି । ତା' ନ ହେଲେ ସବୁକିଛି ଭାରି ସରଳ ହୋଇ ଯାଉଥା'ନ୍ତା ।

*୩୦ ଏପ୍ରିଲ୍ ୧୯୩୮*

*ମାଆ, ମୁଁ କାହିଁକି ଆପଣଙ୍କର ଉପସ୍ଥିତିକୁ ଅନୁଭବକରୁ ନାହିଁ ?*

ତୁମର ମନଃସ୍ତରୀୟ କ୍ରିୟାଶୀଳତା ଅତ୍ୟଧିକ ହୋଇଯାଉଛି, ଯାହାକି ତୁମକୁ ମୋ'ର ଉପସ୍ଥିତିଟିକୁ ଅନୁଭବ କରିବାରୁ ବଞ୍ଚିତ କରି ରଖୁଛି । *୩ ମଇ ୧୯୩୮*

*ମୋ' ସତ୍ତାର ଗୋଟିଏ ଅଂଶ 'କ'ଙ୍କର ଭୁଲ୍‌ଗୁଡ଼ିକ ବିଷୟରେ ଭାବିବାକୁ ଆରମ୍ଭ କଲାଣି ।*

ମୋ'ର ଆଶଙ୍କା ହେଉଛି ଯେ, ଏହି କ୍ଷେତ୍ରରେ ତୁମେ ଏଭଳି ନାନା ପ୍ରଭାବ ଦ୍ୱାରା ପ୍ରଭାବିତ ହେଉଛ, ଯେଉଁଗୁଡ଼ିକ କି ଆଦୌ ଯଥେଷ୍ଟ ପରିମାଣରେ ସୁସ୍ଥ ନୁହନ୍ତି ।

*ଆର ଅଂଶଟି କହୁଛି : ''କାହିଁକି ତୁମେ ଅନ୍ୟମାନଙ୍କର ମନ୍ଦ ଚିନ୍ତା କରୁଛ ? ଏହାହିଁ ତୁମକୁ ଦିବ୍ୟ ଉପସ୍ଥିତିକୁ ଅନୁଭବ କରିବାରୁ ବଞ୍ଚିତ କରି ରଖୁଛି ।''*

ଏହା ସମ୍ପୂର୍ଣ୍ଣ ଭାବରେ ସତ୍ୟ ।

*ମାଆ, ଆପଣଙ୍କ ସହିତ ଯୁକ୍ତ ହୋଇ ରହିବା ନିମନ୍ତେ ଆପଣ ମୋତେ ମୋ' ହୃଦୟର ନୀରବତା ମଧ୍ୟରେ କାନ୍ଦିବାକୁ ଦିଅନ୍ତୁ ।*

'oaob.nitrkl.ac.in' images reprocessed

ତୁମେ ଏକ **ଶକ୍ତିଶାଳୀ** ଏବଂ **ସନ୍ଦୀପିତ ଶାନ୍ତି** ମଧ୍ୟରେ ପ୍ରବେଶ କର । ତୁମେ ସେହିଠାରେହିଁ ସର୍ବୋତ୍ତମ ଭାବରେ ସେହି ଯୁକ୍ତ ହେବାଟିକୁ ଅନୁଭବ କରିପାରିବ ।

*୬ ମଇ ୧୯୩୮*

*କାଲିଠାରୁ ସବୁକିଛି ବିଗିଡ଼ି ଯାଇଛି ଏବଂ ମୁଁ ପୁଣି ମୋ'ର ଭାରସାମ୍ୟକୁ ହରାଇ ବସିଛି । ଏବିଷୟରେ ମୁଁ ଆଦୌ କିଛି ବୁଝି ପାରୁ ନାହିଁ ।*

ଏଥିରେ କୌଣସି ସନ୍ଦେହ ନାହିଁ ଯେ ତୁମର ପ୍ରାଣିକ ଆପଣାକୁ ବ୍ୟର୍ଥ ଅନୁଭବ କରୁଛି ଏବଂ ସମ୍ଭବତଃ ଏପରି ଏକ ବିଷୟରେ ବ୍ୟର୍ଥ ଅନୁଭବ କରୁଛି, ଯାହାର କି ସେପରି କୌଣସି ମହତ୍ତ୍ୱ ନାହିଁ; କାରଣ ସେଇଟି ପ୍ରକୃତରେ କ'ଣ, ତୁମେ ସେଇଟିକୁ ମନେ ବି କରି ପାରୁ ନାହଁ । ପ୍ରାଣିକର ଏହିସବୁ ସତ୍ୱର ପରିବର୍ତ୍ତନଶୀଳ ଭାବଗୁଡ଼ିକ ଲାଗି ତୁମେ ଆଦୌ ଅଧିକ ଦୃଷ୍ଟି ଦେବ ନାହିଁ, କାରଣ ସେଗୁଡ଼ିକର କୌଣସି ଯଥାର୍ଥ ମୂଲ୍ୟ ନାହିଁ ।

*୯ ମଇ ୧୯୩୮*

*ମାଆ, ନିଜର କାର୍ଯ୍ୟରେ ସମର୍ପିତ ହୋଇ ରହିପାରିଲା ଭଳି ଏକ ସ୍ତରରେ ମୁଁ ଆସି ପହଞ୍ଚି ପାରିଛି କି ନାହିଁ, ମୁଁ ସେହି କଥାଟିକୁ ଜାଣିବାକୁ ଇଚ୍ଛା କରୁଛି । ମୁଁ ସେପରି ଆଦୌ ଭାବିପାରୁ ନାହିଁ । ଏବେ ମୁଁ ଦାୟିତ୍ୱରେ ରହିଥିବା ବ୍ୟକ୍ତିଙ୍କ ପାଖରେ ସମ୍ପୂର୍ଣ୍ଣ ଭାବରେ ବାଧ ହୋଇ ରହିବାର ଏକ ମନୋଦୃଷ୍ଟି ଗ୍ରହଣ କରିବାକୁ ଯାଉଛି : ସିଏ ଯାହା କହିବେ, ଆଦୌ କୌଣସି ଯୁକ୍ତି ନ କରି ତାହାକୁ ଅବଶ୍ୟ କାର୍ଯ୍ୟକାରୀ କରାଯିବ ।*

ହଁ, ଏହା ଉତ୍ତମ ହେବ । ଯଦି ତୁମେ ଅବାଧ ହେବ, ତେବେ ଏତେଟିକିଏ ତ୍ରୁଟି ପାଇଁ ମଧ୍ୟ ତୁମେ ନିଜେହିଁ ଦାୟୀ ହେବ । ମାତ୍ର, ଅନ୍ୟ ପକ୍ଷରେ, ଯଦି ତୁମେ କର୍ତ୍ତବ୍ୟନିଷ୍ଠ ଭାବରେ ସବୁ ମାନିନେବ, ତେବେ ସବୁକିଛି ଦାୟିତ୍ୱ ନିର୍ଦ୍ଦେଶଗୁଡ଼ିକୁ ଦେଇଥିବା ବ୍ୟକ୍ତିଟି ଉପରେହିଁ ନ୍ୟସ୍ତ ହୋଇ ରହିଥିବ ।

*୧୦ ମଇ ୧୯୩୮*

*ମାଆ, ଆପଣ କ'ଣ ଜାଣନ୍ତି ଯେ ମୁଁ ଅନୁକ୍ଷଣ କେବଳ କାର୍ଯ୍ୟଟି ବିଷୟରେହିଁ ଚିନ୍ତା କରୁଛି ? ସମ୍ଭବତଃ ଏଇଟା ମଧ୍ୟ ଖୁବ୍ ବେଶୀ ଭଲ କଥା ନୁହେଁ ।*

'oaob.nitrkl.ac.in' images reprocessed

ଅନ୍ୟ ପକ୍ଷରେ, ବରଂ ଏହା ଅତ୍ୟନ୍ତ ଭଲ କଥା । ଏହା ତୁମକୁ ଏକାଗ୍ର ହେବାକୁ ଶିକ୍ଷା ଦେଉଛି ।

*୧୨ ମଇ ୧୯୩୮*

*ମାଆ, ମୁଁ ଆପଣଙ୍କଠାରୁ ପ୍ରକୃତରେ ବହୁଦୂରରେ ଯାଇ ରହିଛି ।*

ଏପରି ହେଉଛି, କାରଣ ତୁମେ ଅତିବେଶୀ ବିକ୍ଷେପିତ ହୋଇ ପଡ଼ିଛ — ତୁମର ଚେତନା ଏକାଗ୍ର ହୋଇ ରହିବା ପରିବର୍ତ୍ତେ ନାନା ଉପରିସ୍ତରୀୟ ବାହ୍ୟ ବସ୍ତୁଗୁଡ଼ିକ ମଧ୍ୟକୁ ଧାବିତ ହେବାରେ ଲାଗିଛି । *ଜୁନ୍ ୧୯୩୮*

*କେତେଦିନ ହେଲା ଭାରି ଅସୁଖୀ ଲାଗୁଛି; ମନେ ହେଉଛି, ଆପଣ ମୋ'ର ଦୋଷଗୁଡ଼ିକ ବିଷୟରେ କାହାପାଖକୁ ଲେଖିଛନ୍ତି ଓ ସିଏ ତାହାକୁ ସମସ୍ତଙ୍କ ପାଖରେ ଯାଇ କହି ଦେଉଛନ୍ତି । ଏହା ମୋତେ କିଭଳି ସାହାଯ୍ୟ କରିବ, ମୁଁ ସେକଥା ବୁଝିପାରୁ ନାହିଁ । ବର୍ତ୍ତମାନ ମୋ'ର ଆଦୌ କୌଣସିଥିରେ ଆଗ୍ରହ ହେଉ ନାହିଁ ଏବଂ ମୁଁ ଅନୁଭବ କରୁଛି, ସତେ ଯେପରି ମୁଁ ମୋ' ସ୍ୱଭାବର ଅନ୍ଧାରପାଖଟି ଭିତରେ ପ୍ରବିଷ୍ଟ ହେବାରେ ଲାଗିଛି ।*

ଶ୍ରୀଅରବିନ୍ଦହିଁ ଲେଖିଥିଲେ ଯେ ଆମେ **ତୁମର ସ୍ୱଭାବ ଭିତରେ ରହିଥିବା "ଗୁରୁତର ଦୋଷଦୁର୍ବଳତା"** ବିଷୟରେ ସଜ୍ଞାନ ଅଛୁ । ତୁମର ଯେ ଏହି ଦୋଷଦୁର୍ବଳତାଗୁଡ଼ିକ ମଧ୍ୟରୁ କୌଣସି ଗୋଟିଏହେଲେ ନାହିଁ, ତୁମେ ସେକଥା କେବେ କଳ୍ପନା କରିଛ କି ? ଯଦି ତୁମେ ସେଗୁଡ଼ିକ ସ୍ୱୀକାର କରିନେବାକୁ ସମ୍ମତ ହୋଇଥାନ୍ତ, ତେବେ ସେଗୁଡ଼ିକୁ ଉଲ୍ଲେଖ କରିବା ନିମନ୍ତେ ଆମେ କମ୍ ପ୍ରୟୋଜନ ଅନୁଭବ କରିଥା'ନ୍ତୁ । ମାତ୍ର, ସେକଥା ଯାହା ହୋଇଥାଉ ପଛକେ, ମୁଁ ତୁମକୁ ଏହି ଅବସରରେ ଗୋଟିଏ କଥା କହିବାକୁ ଇଚ୍ଛା କରୁଛି; ତୁମ ଭିତରେ ସୁନିଶ୍ଚିତ ଭାବରେ ଅନେକ ସମ୍ଭାବନା ରହିଛି ଏବଂ ଯଥାର୍ଥ ଭାବରେ ବିକଶିତ ହୋଇପାରିଲେ ସେଗୁଡ଼ିକ ଗୋଟିଏ ଗୋଟିଏ ଅତି ଉତ୍ତମ ସାମର୍ଥ୍ୟରେ ପରିଣତ ହୋଇ ପାରିବ,— ମାତ୍ର ଏବେ ସେଗୁଡ଼ିକ କେବଳ ସମ୍ଭାବନାରୂପେହିଁ ରହିଛି ଏବଂ ଏହି କଥାଟିକୁ ମନେ ରଖିବା ଅବଶ୍ୟ ଉଚିତ ହେବ ଯେ, ସେଗୁଡ଼ିକୁ ଗୋଟିଏ ଗୋଟିଏ ଉପଲବ୍ଧିରେ ପରିଣତ କରିବା ନିମନ୍ତେ ଦୀର୍ଘ ସମୟ, ଉଦ୍ୟମ ତଥା ଧୈର୍ଯ୍ୟର ପ୍ରୟୋଜନ ହେବ । *୨୩ ଜୁନ୍ ୧୯୩୮*

'oaob.nitrkl.ac.in' images reprocessed

*ମୁଁ ଅନୁଭବ କରୁଛି ଯେ ମୁଁ ଆଦୌ କୌଣସିଥିକୁ ଯୋଗ୍ୟ ନୁହେଁ, ଶିକ୍ଷା କରିବା ନିମନ୍ତେ ମୋ' ଭିତରେ କୌଣସି ସାମର୍ଥ୍ୟ ନାହିଁ।*

ଏହାକୁ ସାମର୍ଥ୍ୟର ଅଭାବ ନ କହି ବରଂ ଅଭ୍ୟାସର ଅଭାବ ବୋଲି କୁହାଯିବ।

*ଆପଣଙ୍କଠାରୁ ମୁଁ କେତେ ଅଧିକ ଦୂରଯାଏ ବିଚ୍ୟୁତ ହୋଇଯାଇଛି!*

ତୁମର ପ୍ରାଣଟି ଅସନ୍ତୁଷ୍ଟ ହୋଇ ରହିଛି, କାରଣ ତାହା ମୋ'ଠାରୁ ଯେଉଁ ପ୍ରଶଂସା ଆଶା କରୁଛି, ମୁଁ ତାକୁ ସେହି ପ୍ରଶଂସା ଆଦୌ ଦେଇ ପାରି ନାହିଁ। ମାତ୍ର, ତୁମର ଚୈତ୍ୟ ସତତ ମୋ'ର ନିକଟବର୍ତ୍ତୀ ହୋଇ ରହିଛି; ତୁମ ଭିତରେ ଯେଉଁସବୁ ବିଷୟର ପରିବର୍ତ୍ତନ ହେବା ଉଚିତ, ସେଗୁଡ଼ିକ ବିଷୟରେ ତୁମକୁ ମୁଁ ସଚେତନ କରାଇ ଆଣୁଥିବାରୁ ତାହା ପ୍ରକୃତରେ ଖୁସି ହେଉଛି ଏବଂ ସର୍ବଦା ଆଗ୍ରହ ପ୍ରକାଶ କରୁଛି ଯେ, ତୁମର ପ୍ରାଣ ଯେତେ ଅସନ୍ତୋଷ ପ୍ରକାଶ କଲେହେଁ ମୁଁ ସର୍ବଦା ତାହାହିଁ କରୁଥାଏ।

*୬ ଜୁଲାଇ ୧୯୩୮*

*ମଧୁମୟି ମାଆ, ଆପଣ ଯାହା ଇଚ୍ଛା କରିବେ, ମୁଁ ତାହାହିଁ କରିବି। ଆପଣ କେଉଁଠାରେ ଅଛନ୍ତି ?*

ଯେଉଁ ମନ କିଛି ନ ଜାଣିଥିଲେ ମଧ୍ୟ ଉଚିତ ଅନୁଚିତର ବିଚାର କରୁଛି ତୁମେ ସେହି ମନର ଅଜ୍ଞାନକୁ ଅତିକ୍ରମ କରିଯାଅ, ଏକ ସ୍ଥିର ତଥା ନିରଭିମାନ ନୀରବତାର ଗଭୀର ମଧ୍ୟରେ ପ୍ରବେଶ କର : ତୁମେ ମୋତେ ସେହିଠାରେ ଦେଖିବାକୁ ପାଇବ।

*୨୯ ଅଗଷ୍ଟ ୧୯୩୮*

*କାର୍ଯ୍ୟ ବିଷୟରେ – ଭାଗ୍ୟ ପାଖରେ ନତମସ୍ତକ ହେବା କ'ଣ ଅଧିକ ଭଲ, ନା ଅନ୍ୟାୟ ବିରୋଧରେ ଯୁଦ୍ଧ କରିବା ଉଚିତ ?*

ଯୁଦ୍ଧ କରିବା ପୂର୍ବରୁ, ଅନ୍ୟାୟଟି ଯେ ପ୍ରକୃତରେ କେଉଁଠାରେ ରହିଛି, ତୁମେ ତାହା ଠିକ୍ ଜାଣିଛ ବୋଲି ତୁମକୁ ସୁନିଶ୍ଚିତ ହେବାକୁ ପଡ଼ିବ। ଏବଂ, କେବଳ ଦିବ୍ୟ ପରମସତ୍ତାଙ୍କଠହିଁ ସେହି ଜ୍ଞାନ ରହିଛି। *୨ ସେପ୍ଟେମ୍ବର ୧୯୩୮*

'oaob.nitrkl.ac.in' images reprocessed

*ମୋ'ର ସ୍ନେହମୟି ମାଆ, 'ଖ' ସହିତ ଘନିଷ୍ଠ ହେବା ବାଞ୍ଛନୀୟ ହେବ କି ?*

ସାଧନାର କ୍ଷେତ୍ରରେ, ଯେକୌଣସି ଘନିଷ୍ଠତାକୁ ଅବାଞ୍ଛନୀୟ ବୋଲି କୁହାଯିବ ।

*ମୁଁ ଇଚ୍ଛା କରୁଛି ଆପଣ ମୋ'ର ସାଧନା ବିଷୟରେ ମୋତେ କିଛି କହିବେ । ମୋ'ର ଜାଣିବାରେ ପ୍ରୟୋଜନ ରହିଛି ।*

ଆଧ୍ୟାତ୍ମିକ ଦୃଷ୍ଟିରୁ, ତୁମେ ଭଲ କରୁଛ କି ମନ୍ଦ କରୁଛ, ଆଦୌ କୌଣସି ଅଗ୍ରଗତି କରୁଛ କି ନାହିଁ, କେଉଁଠାରେ ଆସି ପହଞ୍ଚିଲଣି ଇତ୍ୟାଦି ବିଷୟରେ ଜାଣିବାକୁ ଇଚ୍ଛା କରିବା ସର୍ବଦା ମୋଟେ ଭଲ ନୁହେଁ । ''ଅହଂ''ଟା ପ୍ରତି ଦୃଷ୍ଟି ଆକର୍ଷଣ କରାଇ ତାହାର ପରିତୋଷ ସାଧନ କରିବା ପାଇଁ ଏହାକୁ ଆହୁରି ଗୋଟିଏ ସୁଯୋଗ ବୋଲି କୁହାଯାଇ ପାରିବ ।

*୨୬ ସେପ୍‌ଟେମ୍ବର ୧୯୩୮*

*ଗପ କରିବା ବିଷୟରେ ମୁଁ 'ଗ'ଙ୍କୁ କହୁଥିଲି । ତଦ୍ଦ୍ୱାରା ମୋ' ଉପରେ ସେ ଅତ୍ୟନ୍ତ ଅପ୍ରସନ୍ନ ହୋଇପଡ଼ିଲେ ଏବଂ ବର୍ତ୍ତମାନ ମୋ'ପ୍ରତି ସେ ଅତ୍ୟନ୍ତ ଉଦାସୀନ ହୋଇ ରହିଛନ୍ତି ।*

ଲୋକମାନଙ୍କୁ ସବୁକଥା କହିବାର ସର୍ବଦା ଏପରି ଗୋଟିଏ ଶୈଳୀ ରହିଛି, ଯାହାକି ସେମାନଙ୍କୁ ଆଦୌ ଅପ୍ରସନ୍ନ କରି ପକାଏ ନାହିଁ ।

*୧୮ ଜାନୁଆରି ୧୯୩୯*

*ମଧୁମୟି ମାଆ, ଗୋଲ୍‌କୋଣ୍ଡର ଏହି କୋଠରିଟି, ମଙ୍ଗଳବାର ଦିନ ଯାହାର ଛାତ ପଡ଼ିବ, ସେଇଟି ପ୍ରସ୍ତୁତ ହେବା ଲାଗି କାହିଁକି ଏତେ ଅଧିକ ଦିନ ଲାଗିଲା, ଆପଣ ମୋତେ କହିବେ । ମୋତେ ମୋ'ର ଭୁଲଗୁଡ଼ିକୁ ଅବଶ୍ୟ ଜାଣିବାକୁ ହେବ ।*

କାମଟି ଆଦୌ ସୁଚାରୁଭାବରେ ଚାଲୁ ନାହିଁ, କାରଣ ଗୋଲ୍‌କୋଣ୍ଡରେ ଏପରି ଏକ ମତଭେଦ ଏବଂ ଅସହମତିର ବାୟୁମଣ୍ଡଳ ରହିଛି, ଯାହାକି ଯଥାର୍ଥ ଶକ୍ତିଟିକୁ ଫଳପ୍ରଦ ଭାବରେ କାର୍ଯ୍ୟ କରିବାକୁ ଦେଉ ନାହିଁ । ଯଦି ପ୍ରତ୍ୟେକ ବ୍ୟକ୍ତି ନିଜନିଜର ବିଶେଷ ରୁଚି,

'oaob.nitrkl.ac.in' images reprocessed

ଏବଂ ଅରୁଚିଗୁଡ଼ିକୁ ଅତିକ୍ରମ କରିଯିବାର ପ୍ରୟାସ କରନ୍ତେ, ତେବେ କାର୍ଯ୍ୟ ଅଧିକ ଭଲ ଭାବରେ ଚାଲିପାରନ୍ତା ।

*୨୨ ଜାନୁଆରି ୧୯୩୯*

*ମୁଁ କ'ଣ ଆଗପରି ଆପଣଙ୍କୁ ଅପରାହ୍ନ ସମୟରେ ସାକ୍ଷାତ୍ କରି ପାରିବି ନାହିଁ ଓ ଆଉ ଆପଣଙ୍କୁ କିଛି ପଚାରି ପାରିବି ନାହିଁ ? ଅନେକ ସମୟରେ ଆପଣଙ୍କୁ ପଚାରିବାକୁ କିଛି ନା କିଛି ଅବଶ୍ୟ ରହିଥାଏ ।*

ଯେତେବେଳେ ବାହ୍ୟ ସମ୍ପର୍କ ସମ୍ଭବ ହୁଏ ନାହିଁ, ସେତେବେଳେ ଅନ୍ତର୍ଗତ ସମ୍ପର୍କର ଅନୁଶୀଳନ ଏବଂ ଉପଲବ୍ଧି ଲାଗି ସମୟ ଆସି ପହଞ୍ଚେ ।

*୨୫ ଏପ୍ରିଲ ୧୯୩୯*

*ଆଜି ମୋ' ଜନ୍ମଦିନ । ଆଜି ଦିନଟି ଏକ ଅଧିକତର ଆଧ୍ୟାତ୍ମିକ ଜୀବନର ଆରମ୍ଭ ହୋଇ ରହୁ ବୋଲି ମୁଁ ଇଚ୍ଛା କରୁଛି । ତେଣୁ, ସେହି ଦିଗରେ କିଛି ନା କିଛି କରିବାକୁହିଁ ହେବ । ଆପଣ କହିଦିଅନ୍ତୁ ମୁଁ କ'ଣ କରିବି ।*

କ'ଣ କରିବାକୁ ହେବ, ତାହାକୁ ମନ ଦ୍ୱାରା ନିଷ୍ପତ୍ତି କରିବା ଉଚିତ ହେବ ନାହିଁ । ଏହା ଏକ ସ୍ୱତଃସ୍ଫୂର୍ତ୍ତ କାର୍ଯ୍ୟ ହେବା ଉଚିତ ଏବଂ ଏକ ନିଷ୍ଠାଯୁକ୍ତ ତଥା ସାତତ୍ୟପୂର୍ଣ୍ଣ ବାୟୁମଣ୍ଡଳ ଭିତରେ ସଂଘଟିତ ହେବା ଉଚିତ ।

*୨୨ ମଇ ୧୯୩୯*

*ମାଆ, ମୁଁ ଦେଖିବାକୁ ପାଉଛି ଯେ ସନ୍ଧ୍ୟା ଧ୍ୟାନ ସମୟରେ ଆପଣଙ୍କୁ ମଶା କାମୁଡୁଛନ୍ତି । ଗୋଟିଏ ପଙ୍ଖା ଦ୍ୱାରା ସେମାନଙ୍କୁ ତଡ଼ି ଦେବା ଲାଗି ମୋତେ ଆପଣ ଅନୁମତି ଦେବେ କି ?*

ନାଇଁ, ପଙ୍ଖାଟା ଏପାଖ ସେପାଖ ହେଉଥିଲେ ମଶାମାନଙ୍କ ଅପେକ୍ଷା ତାହା ହୁଏତ ଆହୁରି ଅଧିକ ବିରକ୍ତିପ୍ରଦ ହେବ ।

*୧୨ ଜୁନ୍ ୧୯୩୯*

*ହେ ଦିବ୍ୟଜନନି, ମୋତେ ମୋ' ଆତ୍ମାର ନୀରବତା ମଧ୍ୟରେ ପ୍ରବେଶ କରିବାକୁ ଦିଅନ୍ତୁ ।*

'oaob.nitrkl.ac.in' images reprocessed

ନିଃସନ୍ଦେହ ଭାବରେ ଏହାହିଁ ମୋତେ ପାଇବାର ନିଶ୍ଚିତତମ ମାର୍ଗ ।

*୪ ମଇ ୧୯୪୦*

ତୁମେ ଯେପର୍ଯ୍ୟନ୍ତ ବସ୍ତୁଗୁଡ଼ିକ ବିଷୟରେ ନିଜର ମତାମତ ଉପରେ ବିଶ୍ୱାସ କରୁଥିବ, ସେପର୍ଯ୍ୟନ୍ତ ଦିବ୍ୟ ପରମଇଚ୍ଛାର ପରିଚୟ ଲାଭ କରିବା ଏବଂ ତାହାକୁ ଜାଣିବା ଲାଗି ତୁମେ ଆଦୌ ସମର୍ଥ ହେବ ନାହିଁ ।

*୧୩ ଜୁଲାଇ ୧୯୪୦*

*ଲୋକମାନେ ଆପଣଙ୍କୁ ଏପରି ମିଛ ବିବରଣୀମାନ ନେଇ ଦେଉଛନ୍ତି ବୋଲି ମୁଁ ଅତ୍ୟନ୍ତ ବିସ୍ମିତ ହେଉଛି । ଏବଂ, ଅତ୍ୟନ୍ତ କ୍ଷୋଭର ବିଷୟ ଯେ କାମଟି ଠିକ୍ ଆରମ୍ଭ ହେବା ବେଳକୁ ଏଭଳି ଘଟଣାମାନ ଘଟିବ । ମୋ' ଉପରେ ଆପଣଙ୍କର ବିଶ୍ୱାସ ରହିବ ବୋଲି ମୁଁ ଆଶା କରୁଛି ।*

ବିବରଣୀଗୁଡ଼ାକରୁ ମୁଁ କିଛି ଜାଣେ ନାହିଁ; ସେଗୁଡ଼ିକ ଉପରେ ନିର୍ଭର କରି ମୁଁ କେବେହେଲେ କୌଣସି ନିର୍ଣ୍ଣୟ କରେ ନାହିଁ । ଏବଂ, ଅନ୍ୟମାନଙ୍କଠାରୁ ମୁଁ ଯାହାସବୁ ଶୁଣେ, ସେଗୁଡ଼ିକ କୌଣସି ବ୍ୟକ୍ତି ଉପରେ ରହିଥିବା ମୋ'ର ବିଶ୍ୱାସକୁ ଆଦୌ ତୁଟାଇ ଦେଇ ପାରନ୍ତି ନାହିଁ ।

*୯ ଜାନୁଆରି ୧୯୪୧*

*ମାଆ, ମୁଁ ଗଣିତ ଆରମ୍ଭ କରିବା ଦିନଠାରୁ ମୋ'ର ମୁଣ୍ଡ ଅନେକ ସମୟରେ ବଥାଉଛି । ତେଣୁ ମୋତେ ଗତିଟିକୁ ଧୀର କରିବାକୁ ପଡ଼ିବ ଓ ପ୍ରତ୍ୟେକ ପାଠ ନିମନ୍ତେ ଦୁଇ ବା ତିନି ସପ୍ତାହ ନେବାକୁ ହେବ ।*

ଏହା **ଏକାବେଳେକେ ଅସମ୍ଭବ ।**

ଗଣିତ ଅଧ୍ୟୟନ କରିବା ଦ୍ୱାରା ଯଦି ତୁମେ କ୍ଳାନ୍ତ ହୋଇ ପଡୁଛ, ତେବେ ଏହାକୁ ବନ୍ଦ କରିଦେବାହିଁ ସବୁଠାରୁ ଭଲ ହେବ ।

*୨୦ ଜାନୁଆରି ୧୯୪୧*

*ମୋ' ମନଭିତରେ ଆଦୌ କୌଣସି ଶାନ୍ତି ନାହିଁ, କାରଣ ମୋ'ର ଅଧ୍ୟୟନଗୁଡ଼ିକୁ ନେଇ ମୁଁ ଖୁବ୍ ଚିନ୍ତାରେ ପଡ଼ି ଯାଇଛି । ମୋତେ ଗଣିତ ଭାରି କଷ୍ଟ ଲାଗୁଛି ।*

'oaob.nitrkl.ac.in' images reprocessed

*ମୋ'ର ସେହି ଆବଶ୍ୟକ ଅନ୍ତର୍ଗତ ଶାନ୍ତିଟି ମଧ ଆଦୌ ନାହିଁ । ମୁଁ ବର୍ତ୍ତମାନ ଯାହା ଲେଖିଲି, ଆପଣ ମୋତେ ସେହି ବିଷୟରେ କିଛି କହିବେ ବୋଲି ମୁଁ ଆଶା କରୁଛି ।*

ତୁମେ ନିଜେହିଁ ତ ଏହିସବୁ ଅଧ୍ୟୟନ କରିବ ବୋଲି ଇଚ୍ଛା ପ୍ରକାଶ କରିଥିଲ । ଏବଂ, ବର୍ତ୍ତମାନ ତୁମଭିତରେ କାହିଁକି ଆଦୌ ଶାନ୍ତି ରହିଲା ନାହିଁ ବୋଲି ତୁମେ ଅଭିଯୋଗ କରୁଛ, ମୁଁ ତାହାର କୌଣସି କାରଣ ଦେଖୁ ନାହିଁ । ମାତ୍ର, ତୁମର କାର୍ଯ୍ୟ ତୁମ ଲାଗି ଅତିରିକ୍ତ ହୋଇପଡୁଛି ବୋଲି ଯଦି ତୁମେ ଅନୁଭବ କରୁଥାଅ, ତେବେ ତୁମେ ସେଥିରୁ ଗୋଟାଏ ବା ଅନ୍ୟଟାକୁ ଛାଡ଼ି ଦେଇପାର ।

*୮ ମାର୍ଚ୍ଚ ୧୯୪୧*

*ହଁ, ଗଣିତ ଅଧ୍ୟୟନ ଆରମ୍ଭ କରିବା ବିଷୟରେ ଆପଣଙ୍କୁ କହି ମୁଁ ଭୁଲ୍ କରିଛି । କେବଳ ଆପଣ ମୋତେ ଯାହା କରିବାକୁ କହିବେ, ମୁଁ ତାହାହିଁ କରିବାର ମନୋଦୃଷ୍ଟି ପାଖକୁ ଫେରିଯିବାକୁ ଇଚ୍ଛା କରୁଛି । ଗୃହନିର୍ମାଣ କାର୍ଯ୍ୟରେ ଆଠଘଣ୍ଟା କାର୍ଯ୍ୟ କରିବା,– ଏହା ଆପଣଙ୍କର ଇଚ୍ଛା । ଏହିଟି ବ୍ୟତୀତ ମୁଁ ଆଉ କ'ଣ କରେ ବୋଲି ଆପଣ ଚାହାନ୍ତି ?*

ମୋତେ ଲାଗୁଛି, ଗୃହନିର୍ମାଣ କାର୍ଯ୍ୟଟି ବ୍ୟତୀତ ଯଦି ତୁମେ ଅଧ୍ୟୟନ କରିବାକୁ ଇଚ୍ଛା କରୁଥାଅ, ତେବେ ତୁମ ପକ୍ଷରେ ଶ୍ରୀଅରବିନ୍ଦଙ୍କର ରଚନାଗୁଡ଼ିକୁ ପାଠ କରିବା ଅଧିକ ଭଲ ହେବ; ତୁମେ ସେଗୁଡ଼ିକୁ ମନ ଦେଇ ଯତ୍ନର ସହିତ ପଢ଼ିବ, ତରତର ହେବ ନାହିଁ । ତୁମର ସାଧନା ନିମନ୍ତେ ଏହାହିଁ ତୁମକୁ ସବୁଠାରୁ ଅଧିକ ସାହାଯ୍ୟ କରିବ ।

*୯ ମାର୍ଚ୍ଚ ୧୯୪୧*

*ମୋ'ର ଲମ୍ବ ଲମ୍ବ ବାଳକୁ ମୁଁ କାଟିଦିଏ ବୋଲି ମୋତେ ଅନେକ ଲୋକ କହିଲେଣି । ଆପଣ କ'ଣ କହୁଛନ୍ତି ?*

ଏଥିରେ ଆଦୌ କିଛି ଯାଏ ଆସେ ନାହିଁ ।

*୧୪ ଅକ୍ଟୋବର ୧୯୪୭*

'oaob.nitrkl.ac.in' images reprocessed

*ବର୍ତ୍ତମାନ ମୁଁ ଆପଣଙ୍କଠାରୁ ଅନେକ ଦୂରକୁ ଚାଲି ଯାଇଥିଲା ପରି ଅନୁଭବ କରୁଛି । ଯେତେବେଳେ ମୁଁ ଆପଣଙ୍କ ଉପରେ ଆସ୍ଥା ରଖୁଥିଲି ଓ ଆପଣ ମୋ' ଉପରେ ଆସ୍ଥା ରଖୁଥିଲେ, ସେତେବେଳର ସେହି ଆଗର ସମ୍ପର୍କଟି ବର୍ତ୍ତମାନ ଆଉ ନାହିଁ । ମୋ' ଭିତରେ ବହୁ ବାସନା ପୂର୍ଣ୍ଣ ହୋଇ ରହିଛନ୍ତି ଏବଂ ମୁଁ କେବଳ ସେହିଗୁଡ଼ିକର ପୂରଣ କରିବାକୁ ଚେଷ୍ଟା କରୁଛି ।*

ତୁମର ବର୍ତ୍ତମାନ ଅବସ୍ଥାଟି ବିଷୟରେ ତୁମେ ଯେହେତୁ ସଜ୍ଞାନ ରହିଛ, ତେଣୁ ଯେଉଁସବୁ ପ୍ରଭାବ ତୁମକୁ ମୋ' ପାଖରୁ ଦୂରକୁ ନେଇଯାଉଛି ଏବଂ ତୁମକୁ ଦୁଃଖୀ କରି ପକାଉଛି, ବର୍ତ୍ତମାନ କ୍ରିୟାଶୀଳ ହୋଇ ସେଗୁଡ଼ିକ ପାଖରୁ ଦୂରରେ ରହିବାର ସମୟ ଆସି ପହଞ୍ଚିଛି । ଯଦି ଅତିଶୀଘ୍ର କିଛି କାର୍ଯ୍ୟ ଆରମ୍ଭ କରାଯାଇ ପାରିବ, ତେବେ ଆଦୌ କିଛି ହଜିଗଲା ବୋଲି ମୋତେ କୁହା ହେବ ନାହିଁ । *୨୩ ଅକ୍ଟୋବର ୧୯୪୭*

*ମାଆ, ବର୍ତ୍ତମାନ ମୁଁ ନୈରାଶ୍ୟରେ ପୂରି ରହିଥିବା ପରି ଏବଂ ଆପଣଙ୍କର ସାହାଯ୍ୟ ପାଉ ନ ଥିବା ପରି ଅନୁଭବ କରୁଛି । ମୋ' ମନଭିତରେ ସଂଘାତ ଭର୍ତ୍ତି ହୋଇ ରହିଛି ଓ ଏହା ମୋତେ ଅସୁସ୍ଥ କରି ପକାଉଛି ।*

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏତିକି ଘଟିଲେ ଜଣକୁ ଅସୁସ୍ଥ କରି ପକାଇବା ପାଇଁ ତାହା ଯଥେଷ୍ଟ ହେବ ।...

ଏକାବେଳେକେ ଦୁଇଜଣ ପ୍ରଭୁଙ୍କର ପରିଚର୍ଯ୍ୟା କରିବା ଆଦୌ ସମ୍ଭବ ନୁହେଁ । ତୁମେ ନିଜର ଅହଂ ଓ ତାହାର ବାସନାଗୁଡ଼ିକୁ ତୃପ୍ତ କରିବାକୁ ଇଚ୍ଛା କରିଥିଲ ଏବଂ ଫଳରେ ତୁମେ ନିଜର ଆତ୍ମା ପାଖରୁ ଦୂରକୁ ଚାଲିଯାଇଛ । ନିଜର ଆତ୍ମାକୁ ପୁନର୍ବାର ଆବିଷ୍କାର କର ଏବଂ ତା' ହେଲେ ମୋତେ ମଧ୍ୟ ପୁନର୍ବାର ଆବିଷ୍କାର କରି ପାରିବ ।— ମୁଁ ଆଦୌ ସ୍ଥାନ ପରିବର୍ତ୍ତନ କରି ନାହିଁ ।

*୭ ନଭେମ୍ବର ୧୯୪୭*

*ମୁଁ ସ୍ୱୀକାର କରୁଛି ଯେ, ମୁଁ ମୋ' ଆତ୍ମାଠାରୁ ଦୂରକୁ ଚାଲିଯାଇଛି ଓ କେବଳ ସେହିଠାରେହିଁ ମୁଁ ଆପଣାକୁ ପୁନର୍ବାର ଆବିଷ୍କାର କରି ପାରିବି । ଏହାକୁ ପୁନରାବିଷ୍କାର କରିବାରେ ଆପଣଙ୍କର ସହାୟତା ଭିକ୍ଷା କରିବାଲାଗିହିଁ ଏହିସବୁ କଥାକୁ ଲେଖିଥିଲି ।*

'oaob.nitrkl.ac.in' images reprocessed

ନିଜର ଦୁର୍ବଳତାଗୁଡ଼ିକୁ ଜୟ କରିବା ସକାଶେ ତୁମେ ସଂକଳ୍ପ ନ କରିବା ପର୍ଯ୍ୟନ୍ତ ମୋ'ର ସବୁକିଛି ସାହାଯ୍ୟ ବୃଥା ହୋଇ ଯାଉଥିବ । *ନଭେମ୍ବର ୧୯୪୭*

*ମାଆ, କିଛି ସଂରକ୍ଷିତ ଖାଦ୍ୟ ରଖିବାକୁ ଅଥବା ସିନେମା ଯିବାକୁ ଆମ ଦୁହିଙ୍କ ପାଇଁ ଆପଣ ମାସକୁ ଚାରୋଟି ଟଙ୍କା ଦେବେ କି ?*

ଯଦି ତୁମ ଦୁହିଙ୍କୁ ମୁଁ ଦୁଇଟଙ୍କା କରି ଦେବି, ତେବେ ପ୍ରତି ମାସରେ ପକେଟ ଖର୍ଚ୍ଚ ପାଇଁ ଆଶ୍ରମର ଅନ୍ୟ ପ୍ରତ୍ୟେକ ବ୍ୟକ୍ତିଙ୍କୁ ମଧ୍ୟ ମୁଁ କାହିଁକି ଦୁଇଟଙ୍କା କରି ନ ଦେବି, ତାହାର କୌଣସି ଯୁକ୍ତିଯୁକ୍ତ କାରଣ ନାହିଁ । ତା'ର ଅର୍ଥ, ଅତି କମ୍‌ରେ ପନ୍ଦରଶହ ଟଙ୍କା ଦରକାର ହେବ । (ପ୍ରତି ମାସରେ ଏକ ହଜାର ପାଞ୍ଚଶହ ଟଙ୍କା)

ଏହା ଉପରେ ଅଧିକ ଟିପ୍ପଣୀ ଅନାବଶ୍ୟକ ।

*ଜୁନ୍ ୧୯୪୮*

*ମୁଁ ବମ୍ବେ ଯିବାକୁ ଇଚ୍ଛା କରୁଛି । ଏଠାରେ ଯେ ମୁଁ ସୁଖରେ ନାହିଁ, ତାହା ଆଦୌ ସତ୍ୟ ନୁହେଁ । ବରଂ ତାହାର ଓଲଟା କଥାଟିହିଁ ସତ୍ୟ, ମୁଁ ଏଠାରେ ଅତିବେଶୀ ଏକ ସହଜ ଜୀବନ ଯାପନ କରୁଛି । ଏଠା ଜୀବନ ସହିତ ବାହାରର ଜୀବନକୁ ତୁଳନା କରି ଦେଖିବାକୁ ମୁଁ ଏକ ଅତ୍ୟାବଶ୍ୟକତା ଅନୁଭବ କରୁଛି । ମୁଁ ଏକ ପରିବର୍ତ୍ତନ ଆବଶ୍ୟକ କରୁଛି, ଏବଂ ସେହି ପରିବର୍ତ୍ତନଟି ସମ୍ଭବ ହେବା ଲାଗି ମୁଁ ଅନ୍ୟ ଜୀବନଟିକୁ ଜାଣିବାର ପ୍ରୟୋଜନ ଅନୁଭବ କରୁଛି ।*

ତୁମର ଇଚ୍ଛା ହେଲେ ତୁମେ ଅବଶ୍ୟ ଯାଇପାର; ମାତ୍ର, ଏହା କିପରି ଯେ ତୁମ ନିମ୍ନତର ସତ୍ତା ଉପରେ ବିଜୟ ହାସଲ କରିବାରେ ଏବଂ ନିଜ ଅହଂର ସୀମାଭିତରୁ ଉତ୍ତୀର୍ଣ୍ଣ ହେବାରେ ସାହାଯ୍ୟ କରିବ, ମୁଁ ସେକଥା ଆଦୌ ଦେଖିପାରୁ ନ ଥିବାରୁ ଏଥିଲାଗି ତୁମେ ମୋ'ଠାରୁ କୌଣସି ଆର୍ଥିକ ସାହାଯ୍ୟର ପ୍ରତ୍ୟାଶା ରଖିବ ନାହିଁ ।

*୨୮ ନଭେମ୍ବର ୧୯୪୮*

*ମାନ୍ଦ୍ରାଜ ଓ ତାହାର ଉପକଣ୍ଠ ଅଞ୍ଚଳଗୁଡ଼ିକୁ ଦେଖିବା ଲାଗି ମୁଁ ସେଠାକୁ ଯାଇ ପାରିବି କି ? ମୋ' ଭଉଣୀ ସେଠାରେ ସପରିବାର ରହୁଛନ୍ତି । ମୁଁ ସେଠାରୁ ଦର୍ଶନ ପୂର୍ବରୁ ଫେରି ଆସିବି ।*

'oaob.nitrkl.ac.in' images reprocessed

ତୁମର ଇଚ୍ଛା ହେଲେ ତୁମେ ଯାଇପାର, ମାତ୍ର **ତୁମର ପରିବାରକୁହିଁ** ତୁମକୁ ସେଥିଲାଗି ଆବଶ୍ୟକ ଅର୍ଥ ଯୋଗାଇ ଦେବାକୁ ପଡ଼ିବ । ମୁଁ ସେହି ଖର୍ଚ୍ଚ ଦେବି ବୋଲି ଆଦୌ ଆଶା ରଖିବ ନାହିଁ, କାରଣ ସେଥିଲାଗି ମୁଁ ତୁମକୁ କିଛି ଦେବି ନାହିଁ ଏବଂ, କୌଣସି ଶିଷ୍ୟ, ଆଶ୍ରମର କୌଣସି ସଭ୍ୟ, ବିଶେଷ କରି 'କ'ଙ୍କ ଠାରୁ ତୁମେ କୌଣସି ପଇସା ମାଗିବ ନାହିଁ ବୋଲି ମୁଁ ତୁମକୁ ମନା କରିଦେଉଛି ।

*୪ ନଭେମ୍ବର ୧୯୪୯*

### *"ପ୍ରାର୍ଥନା ଓ ଧ୍ୟାନମାଳା" ବିଷୟରେ କେତେକ ଟିପ୍ପଣୀ*

*(ମାଆଙ୍କର "ପ୍ରାର୍ଥନା ଓ ଧ୍ୟାନମାଳା" ବିଷୟରେ ଲିଖିତ ନିମ୍ନରେ ଥିବା ପତ୍ରଗୁଡ଼ିକ ସେହି ପ୍ରାର୍ଥନାଗୁଡ଼ିକର ତାରିଖ ଅନୁସାରେ ସଜାଇ ଦିଆଯାଇଛି ।)*

*"ତଥାପି ପ୍ରତ୍ୟହ ମୁଁ କେତେଥର କାର୍ଯ୍ୟ କରୁଛି ଏବଂ ମୋ'ର କାର୍ଯ୍ୟଟି ଆପଣଙ୍କ ଲାଗି ଉତ୍ସର୍ଗୀକୃତ ହୋଇ ନାହିଁ ।"*

*୨ ନଭେମ୍ବର ୧୯୧୨*

*ଦିବ୍ୟ ପରମସତ୍ତାଙ୍କ ସହିତ ଯୋଗସୂତ୍ର ସ୍ଥାପିତ ହୋଇ ସାରିବା ପରେ ମଧ୍ୟ କୌଣସି କାର୍ଯ୍ୟ ଦିବ୍ୟ ପରମସତ୍ତାଙ୍କ ଲାଗି ଉତ୍ସର୍ଗୀକୃତ ନ ହୋଇ ଜଣେ ସେହି କାର୍ଯ୍ୟଟିକୁ କରିପାରିବ କି ?*

ଅବଶ୍ୟ କରିପାରିବ । ଯୋଗସୂତ୍ର ସ୍ଥାପନ କରିବା ଏବଂ ଉତ୍ସର୍ଗୀକୃତ ହେବା ପରସ୍ପରଠାରୁ ବହୁତ ପୃଥକ୍ ।

*୮ ନଭେମ୍ବର ୧୯୩୪*

*ମାତ୍ର ଉତ୍ସର୍ଗୀକୃତ ହେବା ପୂର୍ବରୁ ଯୁକ୍ତ ହେବାର ଅନୁଭୂତି ଲାଭ କରିବା ସମ୍ଭବ କି ?*

ସତ୍ତାର ଯେଉଁ ଅଂଶଟି ଯୁକ୍ତ ହୋଇ ରହିଛି ବୋଲି ଅନୁଭବ କରୁଥାଏ, ଉତ୍ସର୍ଗୀକୃତ ହୋଇ ରହିଥିବା ଅଂଶଟିଠାରୁ ତାହା ଭିନ୍ନ ହୋଇଥାଏ ।

*୯ ନଭେମ୍ବର ୧୯୩୪*

'oaob.nitrkl.ac.in' images reprocessed

*ଏହି ପ୍ରାର୍ଥନାଟିରେ ଆପଣ ଲେଖିଛନ୍ତି : ''ମୁଁ ଏବେ ମଧ୍ୟ ସେହି ଏକାତ୍ମତାରୁ ଦୂର ହୋଇ, ନିଃସନ୍ଦେହ ଭାବରେ ବହୁଦୂର ହୋଇ ରହିଛି, ଯେଉଁଥିରେ କି ମୁଁ 'ମୁଁ'ର ଧାରଣାଟିକୁ ସମ୍ପୂର୍ଣ୍ଣ ଭାବରେ ହଜାଇ ଦେଇ ପାରିବି ।'' ଏବଂ, ସେଥି ସଙ୍ଗେ ସଙ୍ଗେ ''ଏବଂ, କେତେଥର, ଯେତେବେଳେ ମୁଁ ଏହି ଶବ୍ଦଟିକୁ ('ମୁଁ') ଉଚ୍ଚାରଣ କରେ, ସେତେବେଳେ ଆପଣହିଁ ମୋ' ଭିତରେ ଥାଇ କଥା କହୁଛନ୍ତି, କାରଣ ମୁଁ ବିଚ୍ଛିନ୍ନ ହୋଇ ରହିବାର ସମସ୍ତ ବୋଧକୁ ହରାଇ ସାରିଲିଣି ।'' (୧୯ ନଭେମ୍ବର ୧୯୧୨)*

*ମାଆ, ''ବିଚ୍ଛିନ୍ନତାର ବୋଧକୁ ହରାଇ ବସିବା'' ଏବଂ ''ଏକାତ୍ମତା'' ମଧ୍ୟରେ କୌଣସି ପାର୍ଥକ୍ୟ ଅଛି କି ?*

ବିଚ୍ଛିନ୍ନତାର ବୋଧଟିକୁ ହରାଇ ବସିବା ହେଉଛି ଏକାତ୍ମତାର ପୂର୍ବବର୍ତ୍ତୀ ସୋପାନ ଏବଂ ସେହି ଏକାତ୍ମତାର ସ୍ତରରେ ମଧ୍ୟ ଏକାଧିକ ସୋପାନମାନ ରହିଛି ।

*୨୪ ସେପ୍ଟେମ୍ବର ୧୯୩୪*

*୨୬ ନଭେମ୍ବର ୧୯୧୨ର ପ୍ରାର୍ଥନାରେ ଆପଣ କହିଛନ୍ତି ଯେ ଆପଣ '' 'ମୁଁ' ଏବଂ 'ମୋର'ର ସ୍ଥୂଳ ଭ୍ରମଟିକୁ ପ୍ରାୟ ହଜାଇ ଦେଇଛନ୍ତି ।'' ୩ ଡିସେମ୍ବର, ୧୯୧୨ର ପ୍ରାର୍ଥନାରେ ଆପଣ କହିଛନ୍ତି, ''ମୋ'ର ଦୃଷ୍ଟିକୋଣଟି ଯେଉଁ ପରିମାଣରେ ଆପଣଙ୍କୁ ମୋ' ଉପରେ ଏବଂ ମୋ' ଭିତରେ କାର୍ଯ୍ୟ କରିବାକୁ ଅନୁମତି ଦେଇ ପାରୁଛି, ସେହି ପରିମାଣରେହିଁ ଆପଣଙ୍କର ସର୍ବଶକ୍ତିମତ୍ତାର ଆଉ କୌଣସି ସୀମା ରହୁ ନାହିଁ ।''*

*ଏକାତ୍ମତା ଲାଭ କରିବା ପରେ ମଧ୍ୟ ଜଣେ ବ୍ୟକ୍ତିର ଦୃଷ୍ଟିକୋଣ ତଥାପି ସମ୍ପୂର୍ଣ୍ଣ ଭାବରେ ତାଙ୍କରି ଇଚ୍ଛା ଅନୁସାରେ ଦିବ୍ୟ ପରମସତ୍ତାଙ୍କୁ କାର୍ଯ୍ୟ କରିବାକୁ ଅନୁମତି ଦେଉ ନାହିଁ ।*

ସବୁ କ୍ଷେତ୍ରରେ **ନାନା** ମାତ୍ରା ରହିଛି ଏବଂ, ଆଜି ଯାହାକୁ ସଂପୂର୍ଣ୍ଣ ବୋଲି କୁହାଯାଉଛି, ତା'ର ପରଦିନ ମଧ୍ୟ ତାହା ଆଉ ସଂପୂର୍ଣ୍ଣ ଥିବାଭଳି ବୋଧ ହୁଏ ନାହିଁ ।

*୭ ନଭେମ୍ବର ୧୯୩୪*

*''ଯେତେବେଳେ କିଛି ଜାଣିବା ଆବଶ୍ୟକ ହୁଏ, ସେତେବେଳେ ଜଣେ ତାହାକୁ*

'oaob.nitrkl.ac.in' images reprocessed

*ଜାଣେ ଏବଂ, ଆପଣଙ୍କର ଆଲୋକନଟି ପ୍ରତି ମନ ଯେତିକି ଅଧିକ ପରିମାଣରେ ନିଷ୍କ୍ରିୟ ହୋଇ ରହିଥାଏ, ଏହାର ଅଭିବ୍ୟକ୍ତି ସେତିକି ଅଧିକ ସ୍ପଷ୍ଟ ଏବଂ ଯଥେଷ୍ଟ ହୋଇଥାଏ ।'' (୩ ଡିସେମ୍ବର ୧୯୧୨)*

*ମାଆ, ଏହା କେବେ ସମ୍ଭବ ହୁଏ ? ମୁଁ ତ ଅନେକ ସମୟରେ ଭୁଲ୍ ମାନ କରୁଛି; ପ୍ରତ୍ୟେକ ଥର ମୋ'ଲାଗି କ'ଣ ଆବଶ୍ୟକ, ଯଦି ମୁଁ ତାହା ଜାଣନ୍ତି, ତେବେ ତ କେଡ଼େ ଚମତ୍କାର ହୁଅନ୍ତା !*

ବ୍ୟକ୍ତିଗତ ରୁଚି-ଅଭିରୁଚିଗୁଡ଼ିକୁ ପରିତ୍ୟାଗ କରିଲେ ଯାଇ ଏହା ସମ୍ଭବ ହେବ ।

*୨୬ ସେପ୍ଟେମ୍ବର ୧୯୩୪*

*''କାରଣ, ଯାହା କୁହାଯାଇଛି, ବର୍ତ୍ତମାନ ମୁଁ ଆଉ ତାହାର ପୁନରାବୃତ୍ତି କରିବାକୁ ସମର୍ଥ ହେବି ନାହିଁ ।'' (୩ ଡିସେମ୍ବର ୧୯୧୨)*

*ଏହା କାହିଁକି ଘଟିଥାଏ ।*

କାରଣ, ସ୍ମୃତି ହେଉଛି ମାନସିକତାର ଏକ ସମ୍ପତ୍ତି ଏବଂ ଏଠାରେ ମନ ଏକଥା କହୁ ନ ଥିଲା, ମାନସାତୀତ ସ୍ତରର ଏକ ଚେତନାହିଁ ଯାହାକିଛି କହୁଥିଲା ।

*୨୮ ସେପ୍ଟେମ୍ବର ୧୯୩୪*

*''ହଁ, ଆପଣଙ୍କୁ ଅନ୍ୱେଷଣ କରିବାରେ ଆମର ଆଦୌ ଅତିରିକ୍ତ ତୀବ୍ରତା ଏବଂ ଅତିରିକ୍ତ ପ୍ରଚେଷ୍ଟା ରହିବ ନାହିଁ; ସେହି ପ୍ରଚେଷ୍ଟା ଏବଂ ତୀବ୍ରତା ଆପଣଙ୍କ ସମ୍ମୁଖରେ ଗୋଟିଏ ଆବରଣ ହୋଇ ରହିଥାନ୍ତି; ଆପଣଙ୍କୁ ଦେଖିବା ନିମନ୍ତେ ଆମ ଭିତରେ କୌଣସି ବାସନା ରହିବା ଉଚିତ ନୁହେଁ ।'' (୪ ଡିସେମ୍ବର ୧୯୧୨)*

*ଏହା କ'ଣ ସମସ୍ତଙ୍କର କ୍ଷେତ୍ରରେ ସତ୍ୟ ?*

ଆଦୌ ନୁହେଁ ।

ପୁନଶ୍ଚ ଏକ ସାଧାରଣ ନିୟମ ହିସାବରେ ତୁମେ କଦାପି ମୋ'ର ଅନୁଭୂତିଗୁଡ଼ିକୁ ନକଲ କରିବାର ଚେଷ୍ଟା କରିବ ନାହିଁ । **ଦିବ୍ୟ ପରମସତ୍ତାଙ୍କ ସହିତ ଯୁକ୍ତ ହୋଇ ସାରିବା ପରେ** ମୁଁ ସେଗୁଡ଼ିକୁ ଲିପିବଦ୍ଧ କରି ରଖିବାକୁ ଆରମ୍ଭ କଲି, ତୁମେ ବର୍ତ୍ତମାନ ସେହି ଅବସ୍ଥାରୁ ବହୁଦୂରରେ ଯାଇ ରହିଛ । *ଅକ୍ଟୋବର ୧୯୩୪*

'oaob.nitrkl.ac.in' images reprocessed

*"ମୁଁ ଆଉ ଏକ ଆବରଣ ବିଦୀର୍ଣ୍ଣ ହୋଇଯିବ ବୋଲି ଅପେକ୍ଷା କରିଛି; ଏହି ଅପେକ୍ଷା କରିବାରେ କୌଣସି ତରତର ନାହିଁ, କୌଣସି ଅସ୍ଥିରତା ନାହିଁ । ତଦ୍ୱାରା ମୋ'ର ଯୁକ୍ତ ହେବାଟି ଅଧିକ ପରିପୂର୍ଣ୍ଣ ହୋଇ ପାରିବ । ଏହି ଆବରଣଟି ଯେ ଯାବତୀୟ କ୍ଷୁଦ୍ର ଅପୂର୍ଣ୍ଣତା ଏବଂ ଅଗଣିତ ଆସକ୍ତି ଦ୍ୱାରା ଗଠିତ ହୋଇ ରହିଛି, ମୁଁ ସେକଥା ଜଣେ ।" (୧୧ ଡିସେମ୍ବର ୧୯୧୨)*

*ମୁଁ ଭାବୁଛି, ଏଠାରେ ଆପଣ ଯେଉଁ ଆବରଣଟିର ଉଲ୍ଲେଖ କରିଛନ୍ତି, ସେଇଟି ପରମୋଚ୍ଚ ସତ୍ତା ଏବଂ ଏହି ଅନ୍ଧକାରାଚ୍ଛନ୍ନ ଜଡ଼ ପୃଥିବୀ ମଧ୍ୟରେ ଏକ ଆବରଣ ହୋଇ ରହିଛି — ମାତ୍ର, ତାହାର ଆପଣଙ୍କ ସହିତ ଆଦୌ କିଛି କରିବାର ନାହିଁ ।*

ମୋ' ନିଜର କାର୍ଯ୍ୟଟିକୁ କରିପାରିବା ଲାଗି ମୋତେ ଜଡ଼ ପୃଥିବୀ ଏବଂ ଏହାର ଅପୂର୍ଣ୍ଣତାଗୁଡ଼ିକ ସହିତ ଏକାତ୍ମ ହେବାକୁ ପଡ଼ିଥିଲା ।

୬ ନଭେମ୍ବର ୧୯୩୪

*"ଆବରଣଟିର ସେପାଖରୁ ଆନନ୍ଦର ସେହି ଶବ୍ଦାତୀତ ଐକ୍ୟତାନଟି ଶୁଣାଗଲାଣି, ଯାହାକି ଆପଣଙ୍କର ଉଦାତ୍ତ ପରମ ଉପସ୍ଥିତିଟିକୁ ଉଦ୍‌ଘାଟିତ କରିଆଣୁଛି ।" (୧୧ ଡିସେମ୍ବର ୧୯୧୨)*

*ଏହାର କ'ଣ ଏପରି ଅର୍ଥ ହେବ ଯେ, ଏକ ଆନନ୍ଦମୟ ଏବଂ ଶବ୍ଦାତୀତ ସଂଗୀତ ରହିଛି, ଯାହାକି ଆପଣଙ୍କର ଉଦାତ୍ତ ପରମ ଉପସ୍ଥିତିଟିକୁ ଧାରଣ କରି ରଖିଛି ?*

ଯାବତୀୟ ପ୍ରତିଭାସର ପଶ୍ଚାତରେ ଶକ୍ତି ତଥା ଗତିକ୍ରିୟାଗୁଡ଼ିକର ଏକ ସୌଷମ୍ୟ ରହିଛି, ଯାହାକି ଏକ ପରିପୂର୍ଣ୍ଣ ଐକ୍ୟତାନ ମଧ୍ୟରେ ଯାବତୀୟ ଭିନ୍ନ ଭିନ୍ନ ବାଦ୍ୟଯନ୍ତ୍ରର ସୌଷମ୍ୟ ସଦୃଶ ହୋଇ ରହିଛି ।

୩୦ ଜୁଲାଇ ୧୯୩୪

*"ମୁଁ ଅନନ୍ତ ଶାନ୍ତି, ଛାୟାହୀନ ଆଲୋକ, ପୂର୍ଣ୍ଣ ସୌଷମ୍ୟ, ପରମ ନିଶ୍ଚୟତା, ବିଶ୍ରାମ ତଥା ପରମୋଚ୍ଚ ଆନନ୍ଦମୟତା ।" (୫ ଫେବ୍ରୁଆରି, ୧୯୧୩)*

*ଏଠାରେ "ନିଶ୍ଚୟତା" କହିଲେ, ଆଧ୍ୟାତ୍ମିକ ଅର୍ଥରେ ତାହା ପ୍ରକୃତରେ କ'ଣ ବୁଝାଇବ ?*

'oaob.nitrkl.ac.in' images reprocessed

ଜଣେ ବ୍ୟକ୍ତିର ଯାହା ଉପରେ ବିଶ୍ୱାସ ରହିଛି, ତାହାରି ଆଧ୍ୟାତ୍ମିକ ଅନୁଭବ ଦ୍ୱାରା ସଂପୁଷ୍ଟ ହୋଇ ରହିଥିବା ବିଶ୍ୱାସ ।

*୩୧ ଜୁଲାଇ, ୧୯୩୪*

*''ଯେଉଁମାନେ ଆପଣଙ୍କୁ ପରମୋତ୍ସାହ ଦ୍ୱାରା ଅନ୍ୱେଷଣ କରୁଛନ୍ତି, ସେମାନଙ୍କର ବୁଝିବା ଉଚିତ ଯେ, ଯେତେବେଳେ ଆପଣଙ୍କୁ ଆବଶ୍ୟକ କରାଯାଉଛି, ସେତେବେଳେ ସେଠାରେ ଆପଣ ଉପସ୍ଥିତ ରହିଛନ୍ତି । ଏବଂ, ଆପଣଙ୍କୁ ଅନ୍ୱେଷଣ କରିବା ତ୍ୟାଗକରି ବରଂ ପ୍ରତ୍ୟେକ ମୁହୂର୍ତ୍ତରେ ଆପଣଙ୍କ ସକାଶେ ଅପେକ୍ଷା କରିବା ଲାଗି ଯଦି ସେମାନଙ୍କଠାରେ ସେହି ସର୍ବୋଚ୍ଚ ବିଶ୍ୱାସଟି ରହିଥାଏ, ଯଦି ପ୍ରତ୍ୟେକ ମୁହୂର୍ତ୍ତରେ ସେମାନେ ଆପଣଙ୍କର ପରିଚର୍ଯ୍ୟା ଲାଗି ନିଜକୁ ସଂପୂର୍ଣ୍ଣ ଭାବରେ ଆଣି ପହଞ୍ଚାଇ ଦେଇ ପାରୁଥା'ନ୍ତି, ତେବେ, ଆପଣଙ୍କ ନିମନ୍ତେ ଏକ ଆବଶ୍ୟକତା ଆସି ପହଞ୍ଚିବା ମାତ୍ରକେ ଆପଣ ମଧ୍ୟ ସେଠାରେ ବିଦ୍ୟମାନ ହୋଇଯାଉଥାନ୍ତେ ।'' (୧୦ ଫେବ୍ରୁଆରି, ୧୯୧୩)*

*ଏହି କଥାଟି କ'ଣ ମୋ ପାଇଁ କୁହାହୋଇ ନାହିଁ ।*

ଏହା ପ୍ରତ୍ୟେକଙ୍କ ପାଇଁ କୁହାଯାଇଛି – ତୁମେ ଓ ଅନ୍ୟମାନେ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ଅଛନ୍ତି, ଯିଏକି ପରିପୂର୍ଣ୍ଣ ନିଷ୍ଠାର ସହିତ ଏହି ମନୋଦୃଷ୍ଟିଟିକୁ ଗ୍ରହଣ କରି ପାରିବେ । ମାତ୍ର, ଏଠାରେ ମୋ'ର ଏକଥାଟି ମଧ୍ୟ ସୂଚାଇଦେବା ଉଚିତ ଯେ, ଏହା ଏକ ଚେଷ୍ଟା କରିବାଠାରୁ ମଧ୍ୟ ଅଧିକ କଷ୍ଟକର । *୧୪ ନଭେମ୍ବର ୧୯୩୪*

*''ଏବଂ ଏହି ସରଳତାରେହିଁ ସବୁଠାରୁ ବଡ଼ ଶକ୍ତିଟି ରହିଛି; ସେହି ଶକ୍ତି, ଯାହାକି ସବୁଠାରୁ କମ୍ ମିଶ୍ରିତ ହୋଇ ରହିଛି ଏବଂ ଯାବତୀୟ କ୍ଷତିକାରକ ପ୍ରତିକ୍ରିୟା ଲାଗି ସବୁଠାରୁ କମ୍ ଅବସର ସୃଷ୍ଟି କରୁଛି ।'' (୧୨ ଫେବ୍ରୁଆରି ୧୯୧୩)*

*ତେଣୁ ମୁଁ ଅନୁମାନ କରିବି ଯେ, ଏହି ସରଳତା ଆଦୌ ଭଲ ନୁହେଁ, କାରଣ ଏଥିରେ ତଥାପି ଏକ ଅଳ୍ପ ପରିମାଣର ମିଶ୍ରଣ ରହିଛି ।*

ଏକାବେଳେକେ ନିର୍ବୋଧ ! ବର୍ତ୍ତମାନ ପୃଥିବୀ ଯେଉଁଭଳି ଅବସ୍ଥାରେ ରହିଛି, ସେଠାରେ ଆଦୌ କୌଣସି ମିଶ୍ରଣ ନ ଥାଇ କ'ଣ ସମ୍ଭବ ହୋଇ ପାରିବ ? ଆଦୌ କିଛି ନୁହେଁ, କିଛି ନୁହେଁ, କିଛି ନୁହେଁ ।

*ଅଗଷ୍ଟ ୧୯୩୪*

'oaob.nitrkl.ac.in' images reprocessed

*"ପ୍ରାଣର ଶକ୍ତିକୁ ଆଦୌ ବିଶ୍ୱାସ କରାଯିବ ନାହିଁ, କର୍ମର ମାର୍ଗରେ ତାହା କେବଳ ପ୍ରଲୋଭନହିଁ ଦେଖାଇବାରେ ଲାଗିଥାଏ ଏବଂ ତା'ର ଫାନ୍ଦ ଭିତରେ ଯାଇ ପଡ଼ିଯିବା ଲାଗି ସର୍ବଦା ଆଶଙ୍କାଟିଏ ରହିଥାଏ; କାରଣ, ତୁମକୁ ତାହା ଆଶୁପ୍ରାପ୍ତ ବହୁ ଫଳର ସ୍ୱାଦ ଆଣି ଯୋଗାଇ ଦେଉଥାଏ ।" (୧୨ ଫେବ୍ରୁଆରି, ୧୯୧୩)*

*ତେବେ ଆମର ଏହି ପ୍ରାଣର ଶକ୍ତିକୁ କେବେ ବିଶ୍ୱାସ କରିବା ଉଚିତ ନୁହେଁ ?*

ଆମେ ଆଶୁ ଏବଂ ଦୃଶ୍ୟମାନ ଫଳଗୁଡ଼ିକୁ ପାଇବାରେ ଶ୍ରଦ୍ଧା ରଖିଥାଉ ବୋଲି ଆମେ ପ୍ରାଣ ଦ୍ୱାରା ନିଜକୁ ପଥଚ୍ୟୁତ ହେବା ଲାଗି ଅନୁମତି ଦେଉଥାଉ ।

*ଅଗଷ୍ଟ ୧୯୩୪*

*"ଯେମିତି ମୋ'ର ଆଉ କୌଣସି ଜଡ଼ସ୍ତରର ଦାୟିତ୍ୱ ରହେ ନାହିଁ, ଏହିସବୁ ସମ୍ବନ୍ଧରେ ଯାବତୀୟ ଭାବନା ସେତେବେଳେ ମୋତେ ଛାଡ଼ି ମୋଠାରୁ ଦୂରକୁ ପଳାଇ ଯାଆନ୍ତି ଏବଂ ସେତେବେଳେ ମୁଁ ଐକାନ୍ତିକ ତଥା ସଂପୂର୍ଣ୍ଣ ଭାବରେ ଆପଣ ଏବଂ ଆପଣଙ୍କର ସେବାମଧ୍ୟରେହିଁ ନିମଜ୍ଜିତ ହୋଇ ରହିଥାଏ ।" (୧୧ ମଇ ୧୯୧୩)*

*ଏଠାରେ "ଆପଣଙ୍କର ସେବାମଧ୍ୟରେ" କହିଲେ ଆପଣ କ'ଣ ବୁଝୁଛନ୍ତି, ମୁଁ ତାହା ବୁଝିପାରୁ ନାହିଁ । କାରଣ, ଆପଣ ପୂର୍ବରୁ ମଧ୍ୟ କହିଥିଲେ, "ଯେମିତି ମୋ'ର ଜଡ଼ ସ୍ତରର ଆଦୌ କୌଣସି ଦାୟିତ୍ୱ ରହେ ନାହିଁ ।"*

ମୁଁ ଏହା ଲେଖିଥିଲି, କାରଣ କିଛି ସମୟ ପାଇଁ ମୁଁ ଘରେ ରହୁ ନ ଥିଲି, ମାତ୍ର ମୋ' ମାଆଙ୍କ ସହିତ ରହୁଥିଲି । ତେଣୁ ମୋ' ଉପରେ ଆଉ ଘରର ଘରଣୀସୁଲଭ କୌଣସି ଦାୟିତ୍ୱ ନ ଥିଲା । ସବୁ ପଦାର୍ଥ ଜଡ଼ର ସ୍ତରରେ ଯଥୋଚିତ ଭାବରେ ରହିଛି, ତାହା ଦେଖିବା ଘରଣୀଙ୍କର କାର୍ଯ୍ୟ ଥିଲା ।

*ଅଗଷ୍ଟ ୧୯୩୪*

*"ଆପଣଙ୍କର ପରମ-ଇଚ୍ଛା ବିଷୟରେ ସଚେତନ ହୋଇ ଏବଂ ଆମର ଇଚ୍ଛାକୁ ଆପଣଙ୍କର ଇଚ୍ଛା ସହିତ ଏକାତ୍ମ କରି ରଖିବା ଦ୍ୱାରାହିଁ ଯଥାର୍ଥ ମୁକ୍ତି ତଥା*

'oaob.nitrkl.ac.in' images reprocessed

*ସର୍ବଶକ୍ତିର ରହସ୍ୟକୁ ଆବିଷ୍କାର କରିହୁଏ, ଶକ୍ତିର ପୁନରୁଜ୍ଜୀବନ ଓ ସତ୍ତାର ରୂପାନ୍ତରୀକରଣର ରହସ୍ୟକୁ ଜାଣିହୁଏ ।" (୧୧ ମଇ ୧୯୧୩)*

*"ଶକ୍ତିଗୁଡ଼ିକର ପୁନରୁଜ୍ଜୀବନ"ର ଅର୍ଥଟିକୁ ମୁଁ ବୁଝିପାରୁ ନାହିଁ ।*

ଜଡ଼ ଓ ପ୍ରାଣିକ ସ୍ତରର ଶକ୍ତିଗୁଡ଼ିକ ବିକୃତି ଦ୍ୱାରା ଗ୍ରସ୍ତ ହୋଇ ରହିଥାନ୍ତି – ସେଗୁଡ଼ିକୁ ପୁନରୁଜ୍ଜୀବିତ କରାଇବାକୁ ପଡ଼େ, ଯେପରିକି ସେଗୁଡ଼ିକ ଦିବ୍ୟ-ଇଚ୍ଛାଟିକୁ ଅଭିବ୍ୟକ୍ତ କରିବାରେ ସମର୍ଥ ହୋଇପାରିବେ ।

*ଅଗଷ୍ଟ ୧୯୩୪*

*"ଆପଣଙ୍କ ଆଡ଼କୁ ଅଭିମୁଖୀ ହେବା, ଆପଣଙ୍କ ସହିତ ସମ୍ମିଳିତ ହେବା, ଆପଣଙ୍କ ମଧ୍ୟରେ ଓ ଆପଣଙ୍କ ଲାଗି ଜୀବନ ବଞ୍ଚିବା,– ତାହାହିଁ ସର୍ବୋଚ୍ଚ ସୁଖ, ଅବିମିଶ୍ରିତ ଆନନ୍ଦ ଓ ଅପରିବର୍ତ୍ତନୀୟ ଶାନ୍ତି । ଏହାର ଅର୍ଥ ହେଉଛି ଅନନ୍ତତାକୁ ଶ୍ୱାସବାୟୁ ରୂପେ ଗ୍ରହଣ କରିବା, ଆପଣାର ସୀମାଗୁଡ଼ିକୁ ଆଉ ଆଦୌ ଅନୁଭବ ନ କରିବା ଏବଂ କାଳ ତଥା ଦେଶର ସୀମାକୁ ଡେଇଁ ଚାଲିଯିବା । ସତେଅବା ସେଗୁଡ଼ିକୁ ଭୟ କରୁଥିବା ପରି ମନୁଷ୍ୟମାନେ ଏହି ପରମପ୍ରାପ୍ତି ଗୁଡ଼ିକରୁ କାହିଁକି ପଳାଇ ଯାଆନ୍ତି ? (୧୮ ଜୁନ୍ ୧୯୧୩)*

*ଏହି ପୃଥିବୀରେ ସର୍ବତ୍ର ରାଜତ୍ୱ କରୁଥିବା ମିଥ୍ୟା ଏବଂ ଅଜ୍ଞାନର ଉପରକୁ ଉଠିଯିବାକୁ ମନୁଷ୍ୟମାନେ କାହିଁକି ଇଚ୍ଛା କରନ୍ତି ନାହିଁ ?*

କାରଣ ସେମାନେ ମିଥ୍ୟାକୁ, ପ୍ରାଣିକ ଉଦ୍‌ବେଳନକୁ, ଉଗ୍ରତା ଏବଂ ନାଟକକୁ ଭଲ ପାଉଥାନ୍ତି । ଅନନ୍ତତାର ଶାନ୍ତି ସେମାନଙ୍କୁ ମୃତ୍ୟୁପରିହିଁ ଶୂନ୍ୟଗର୍ଭ ବୋଧ ହେଉଥାଏ, କାରଣ ସେମାନେ ଐକାନ୍ତିକ ଭାବରେ ମନ ଏବଂ ପ୍ରାଣର ସ୍ତରରେ ବାସ କରୁଥାନ୍ତି ।

*୨୯ ଜାନୁଆରି ୧୯୩୫*

*"ଆମର ଯଥାର୍ଥ ସତ୍ୟରେ ଆପଣହିଁ ଆମେ" କହିଲେ ଅଭିନ୍ନ ଭାବରେ ଆମମାନଙ୍କୁହିଁ ବୁଝାଏ ।" (୧୫ ଅଗଷ୍ଟ ୧୯୧୩)*

*"ଆମର ଯଥାର୍ଥ ସତ୍ୟ" କହିଲେ କ'ଣ ବୁଝାଇବ, ଏଠାରେ ମୁଁ ସେହି କଥାଟିକୁ ବୁଝିପାରୁ ନାହିଁ । କାରଣ, କେବଳ ଗୋଟିଏ ସତ୍ୟ ରହିଛି ବୋଲି ମୁଁ ଭାବୁଥିଲି ।*

'oaob.nitrkl.ac.in' images reprocessed

ମୁଁ 'ସତ୍ୟ' ଶବ୍ଦଟିକୁ ସତ୍ତାର ସତ୍ୟ ଅର୍ଥରେ ବ୍ୟବହାର କରିଛି ।

*୨୫ ଫେବ୍ରୁଆରି ୧୯୩୫*

*''ଏଥିରେ କୌଣସି ସନ୍ଦେହ ନାହିଁ ଯେ, ନିଜର ସଚେତନ ଭାବନାକୁ ନିଜ ନିୟନ୍ତ୍ରଣରେ ରଖିବାଭଳି ନିଜର ଅବଚେତନକୁ ମଧ୍ୟ ନିୟନ୍ତ୍ରଣରେ ରଖିବାକୁ ହେବ । ଏହି ଶକ୍ତିଟିକୁ ହାସଲ କରିବାର ଅନେକ ଉପାୟ ଅଛି ।... ମାତ୍ର, ନିଃସନ୍ଦେହ ଭାବରେ ଏପରି କିଛି ରହିଛି, ଯାହାକି ଅପେକ୍ଷାକୃତ ଅଧିକ ସତ୍ୱର ଭାବରେ ଫଳପ୍ରଦ ହୁଏ ।'' (୨୫ ନଭେମ୍ବର ୧୯୧୩)*

*ଏହି ''କିଛି''ଟି ପ୍ରକୃତରେ କ'ଣ, ଯାହାକି ଅବଚେତନ ଉପରେ ବିଜୟ ହାସଲ କରିପାରିବ ?*

ଅତିମାନସର ଅବତରଣ ।

*୨୮ ଏପ୍ରିଲ ୧୯୩୫*

*''ଏହି ଚେତନାର ଭୂମିରେ କେତେ ଭିନ୍ନ ଭିନ୍ନ ସ୍ତର ରହିଛି ! ଆପଣଙ୍କର ପରମ ଉପସ୍ଥିତି ଦ୍ୱାରା ଗୋଟିଏ ସତ୍ତା ମଧ୍ୟରେ ଯାହା ଉଦ୍‌ଭାସିତ ହୋଇଉଠେ, ଯାହା ଆପଣଙ୍କ ସହିତ ଏକାତ୍ମ ହୋଇଯାଏ ଏବଂ ଆପଣଙ୍କର ପରମ ଚେତନାରେ ଅଂଶଗ୍ରହଣ କରେ, ଏହି ଶବ୍ଦଟି କେବଳ ସେଇଥିପାଇଁ ବ୍ୟବହୃତ ହେବା ଉଚିତ ।'' (୧୩ ମାର୍ଚ୍ଚ ୧୯୧୪)*

ମୋ' କହିବାର ଅର୍ଥ ହେଉଛି ଯେ, ଯାହା ଦିବ୍ୟ ପରମ ଉପସ୍ଥିତିଟି ବିଷୟରେ ସଚେତନ ହୋଇ ରହିଛି, **ଚେତନା** ଶବ୍ଦଟି କେବଳ ତାହାରି ପାଇଁ ବ୍ୟବହୃତ ହେବା ଉଚିତ ।

*୧୯ ଏପ୍ରିଲ୍ ୧୯୩୫*

*''ଏହି ସ୍ଥିତିଟିର ବାହାରେ ଚେତନାର ଅନନ୍ତସଂଖ୍ୟକ ସ୍ତରମାନ ରହିଛି,– ସେଗୁଡ଼ିକ ପୂର୍ଣ୍ଣ ଅନ୍ଧକାର ଅର୍ଥାତ୍ ପ୍ରକୃତ ନିଶ୍ଚେତନା ପର୍ଯ୍ୟନ୍ତ ପ୍ରଲମ୍ବିତ ହୋଇ ରହିଛନ୍ତି; ଏହି ସ୍ତରଟିକୁ ହୁଏତ ଆପଣଙ୍କର ଦିବ୍ୟ ପରମ ପ୍ରେମର ଆଲୋକଟି ସ୍ପର୍ଶ କରିପାରି ନାହିଁ (ମାତ୍ର, ଜଡ଼ ଉପାଦାନର କ୍ଷେତ୍ରରେ ଏହା ଅସମ୍ଭବ ବୋଲିହିଁ*

'oaob.nitrkl.ac.in' images reprocessed

*ଲାଗୁଛି), ଅଥବା, ଅଜ୍ଞାନଗତ କୌଣସି କାରଣରୁ ତାହା ଆମ ଅବବୋଧର ବ୍ୟକ୍ତିଗତ ପରିସରଟିର ବହିର୍ଭୂତ ହୋଇ ରହିଛି ।'' (୧୩ ମାର୍ଚ୍ଚ ୧୯୧୪)*

*ଆପଣ ଉଲ୍ଲେଖ କରିଥିବା ଏହି ''ପ୍ରକୃତ ନିଶ୍ଚେତନା'' କ'ଣ ?*

ଅବଚେତନାର ଅବଚେତନା ।

*୨୧ ଏପ୍ରିଲ୍ ୧୯୩୫*

*''ଯେଉଁମାନେ ପୂର୍ଣ୍ଣ ଭାବରେ ଆପଣଙ୍କର ସେବକ ହୋଇ ପାରିଛନ୍ତି ଓ ଆପଣଙ୍କ ପରମ ଉପସ୍ଥିତିର ପୂର୍ଣ୍ଣ ଚେତନାକୁ ଲାଭ କରିଛନ୍ତି, ସେମାନଙ୍କର ଉପସ୍ଥିତିରେ ମୁଁ ଅତ୍ୟନ୍ତ ସଜ୍ଞାନ ହୋଇ ଯାଉଛି ଯେ, ମୁଁ ଯାହା ଉପଲବ୍ଧି କରିବା ନିମନ୍ତେ ଅଭୀପ୍ସା ରଖିଛି, ମୁଁ ତାହାଠାରୁ ଦୂରରେ, ବହୁ ଦୂରରେ ଯାଇ ରହିଛି ।'' (୩୦ ମାର୍ଚ୍ଚ ୧୯୧୪)*

*ଏହି ପୃଥିବୀରେ କ'ଣ ଏପରି ଅନେକ ମନୁଷ୍ୟ ଅଛନ୍ତି, ଯେଉଁମାନେ କି ସମ୍ପୂର୍ଣ୍ଣ ଭାବରେ ଆପଣଙ୍କର ସେବକ ହୋଇ ସାରିଲେଣି ?*

ଶ୍ରୀଅରବିନ୍ଦଙ୍କୁ ପ୍ରଥମ ଥର ପାଇଁ ଭେଟିବା ପରେ ମୁଁ ଏଇଟିକୁ ଲେଖିଥିଲି ।

*୧୮ ଜୁଲାଇ ୧୯୩୫*

*''ମୋ'ର ଚେତନା ଆପଣଙ୍କର ଚେତନା ସହିତ ଏକାତ୍ମ ହୋଇଯାଉ, ଯେପରିକି ଏହି ଭଙ୍ଗୁର ଓ କ୍ଷଣକାଳସ୍ଥାୟୀ ଯନ୍ତ୍ରଟିର ମଧ୍ୟଦେଇ କେବଳ ଆପଣହିଁ ଇଚ୍ଛାରୂପେ କାର୍ଯ୍ୟ କରୁଥିବେ ।'' (୯ ମଇ, ୧୯୧୪)*

*ଆପଣ କାହିଁକି ''ଏହି ଭଂଗୁର ଓ କ୍ଷଣକାଳସ୍ଥାୟୀ ଯନ୍ତ୍ର'' ବୋଲି କହିଛନ୍ତି ? କାରଣ ତାହା ଦିନେ ଏହି ସଂସାର ଛାଡ଼ି ଚାଲିଯିବ ?*

ଏଠାରେ ଯେଉଁ ଯନ୍ତ୍ରର କଥା କୁହାଯାଇଛି, ତାହା ହେଉଛି ଏହି ସଂସାରରେ ଜନ୍ମ ଗ୍ରହଣ କରିଥିବା ଏକ ଯନ୍ତ୍ର, ଯାହାର କି ଶାଶ୍ୱତ ଚେତନାର ତୁଳନାରେ ଏକ କିୟତ୍କାଳସ୍ଥାୟୀ ଅସ୍ତିତ୍ୱହିଁ ରହିଛି ।

*୧ ଜୁନ୍ ୧୯୩୫*

'oaob.nitrkl.ac.in' images reprocessed

*"ଏବଂ ମୁଁ ବର୍ତ୍ତମାନ ପୃଥିବୀପୃଷ୍ଠରେ ଆନନ୍ଦମଜ୍ଜିତ କ୍ରୀଡ଼ାରତ ଶିଶୁଟିଏ ହୋଇ ରହିଛି।" (୧୭ ମଇ ୧୯୧୪)*

*ମଆ, ମୁଁ ଭାବୁଛି ଯେ ଏହି "ମୁଁ" ଆପଣଙ୍କୁ ବୁଝାଉଛି, ତେଣୁ ବିଶେଷଣର ସ୍ତ୍ରୀଲିଙ୍ଗସୂଚକ ରୂପଟି ଦିଆ ନ ଯିବ କାହିଁକି ?*

ତୁମକୁ ସେହି ହିନ୍ଦୁ ପରମ୍ପରାଟିକୁ ଜାଣିବାକୁ ହେବ ଯେ, "ସେହି କ୍ରୀଡ଼ାରତ ଦିବ୍ୟ ପରମଶିଶୁ" ହେଉଛି ଏହି ପୃଥିବୀର ପ୍ରକୃତ କାରଣ। ମୁଁ ନିଜକୁ ତାଙ୍କରି ସହିତ ଏକାତ୍ମ କରି ରଖିଥିଲି।

*୫ ନଭେମ୍ବର ୧୯୩୪*

*"ଯାବତୀୟ ବ୍ୟକ୍ତିଗତ ସାମର୍ଥ୍ୟ ସୁପ୍ତ ହୋଇ ରହିଛନ୍ତି ଏବଂ ଚେତନା ଏବେ ମଧ୍ୟ ସେହି ବିଶ୍ୱାତୀତ ସ୍ଥିତିଗୁଡ଼ିକ ମଧ୍ୟରେ ଜାଗ୍ରତ ହୋଇ ଉଠି ନାହିଁ; ଅର୍ଥାତ୍, ଏହାର ଜାଗରଣାବସ୍ଥାରେ ମଝିରେ ମଝିରେ ବିରତି ଆସିଯାଉଛି ଏବଂ ସେତେବେଳେ ନିଦ୍ରାହିଁ ରାଜତ୍ୱ କରୁଛି।" (୧୯ ମଇ ୧୯୧୪)*

*ଏହାର କ'ଣ ଏହି ଅର୍ଥ ହେବ ଯେ, ବିଶ୍ୱାତୀତ ସ୍ଥିତିଗୁଡ଼ିକରେ ଚେତନା ଜାଗ୍ରତ ହୋଇ ଉଠିବା ପୂର୍ବରୁ ଏପରି ଏକ ଅବସ୍ଥା ରହିଥାଏ, ଯେତେବେଳେ କି ଚେତନା ନିଦ୍ରିତ ଥାଏ ?*

ଜାଗ୍ରତ ହୋଇ ଉଠିବା ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଚେତନା ସୁପ୍ତ ହୋଇ ରହିଥାଏ।

*ଚେତନା ଏହିପରି ଭାବରେ କେତେ କାଳ ସୁପ୍ତ ରହିଥାଏ ?*

ଗୋଟାଏ ମୁହୂର୍ତ୍ତକ ପାଇଁ ଅଥବା ଚିରନ୍ତନ କାଳ ପାଇଁ।

*୧୦ ଏପ୍ରିଲ୍ ୧୯୩୫*

*ତେବେ, ଏହାର ପ୍ରକୃତ ଅର୍ଥ କ'ଣ ହେବ ?*

ବିଶ୍ୱସ୍ତରୀୟ ଏପରି ଏକାଧିକ ଅନୁଭବ ରହିଛି, ଯାହାକି କେବଳ ସେଗୁଡ଼ିକୁ ଅର୍ଜନ କରିଥିବା ବ୍ୟକ୍ତିମାନଙ୍କର ସମ୍ମୁଖରେ ଉଦ୍‌ଘାଟିତ ହୋଇପାରିବ।

*୧୩ ଏପ୍ରିଲ୍ ୧୯୩୫*

'oaob.nitrkl.ac.in' images reprocessed

*"ଆପଣ ଏକ ସଂକଳ୍ପ ଗ୍ରହଣ କରିଛନ୍ତି । ଏହିସବୁ ଜଗତଗୁଡ଼ିକ ମଧ୍ୟକୁ ଆପଣ ଏପରି ବ୍ୟକ୍ତି ପ୍ରେରଣ କରିଛନ୍ତି, ଯେଉଁମାନେ ଏବଂ ଯାହାସବୁ କି ସେହି ସଂକଳ୍ପଟିକୁ ପୂର୍ଣ୍ଣ କରିପାରିବେ ।" (୧୪ ଜୁନ୍ ୧୯୧୪)*

*"ଯାହାସବୁ କି" କହିଲେ ଆପଣ କ'ଣ ବୁଝୁଛନ୍ତି ?*

ସେହି ସାମର୍ଥ୍ୟ, ସେହି ଶକ୍ତି, ସେହି ଚେତନା, ସେହି ଜ୍ଞାନ, ସେହି ପ୍ରେମ, ଇତ୍ୟାଦି, ଇତ୍ୟାଦି ।

*୭ ଏପ୍ରିଲ ୧୯୩୬*

*"ମାତ୍ର ଧର୍ମରେ ବିଚରଣ କରୁଥିବା ସତ୍ତାଟି ଆପଣଙ୍କ ଆଡ଼କୁ ମୁହଁ କରି ପ୍ରେମର ଏକ ଅଭୀପ୍ସାରେ ଆପଣଙ୍କର ସହାୟତା ନିମନ୍ତେ ଆବେଦନ କରୁଛି ।" (୨୪ ଜୁନ୍ ୧୯୧୪)*

*"ଧର୍ମରେ ବିଚରଣ କରୁଥିବା ସତ୍ତାଟି" କହିଲେ ଆପଣ କ'ଣ ବୁଝୁଛନ୍ତି ?*

ଯେଉଁ ସତ୍ତାର ଧାର୍ମିକ, ଆନୁଗତ୍ୟାତ୍ମକ ଭାବମାନ ରହିଛି ।

*୭ ଏପ୍ରିଲ୍ ୧୯୩୬*

*"ଏପରି ହେବା ବା ସେପରି ହେବାର ଇଚ୍ଛା କରିବାରେ ପୁଣି କେଉଁ ପ୍ରଜ୍ଞା ନିହିତ ହୋଇ ରହିଛି ?" (୨୫ ଜୁନ୍ ୧୯୧୪)*

*ଏହି ଉକ୍ତାଂଶଟିର ଅର୍ଥ କ'ଣ ?*

ତୁମେ ନିଜ ପାଇଁ ଯାହା ଠିକ୍ କରୁଛ ତାହା ନୁହେଁ, ମାତ୍ର ଦିବ୍ୟ ପରମସତ୍ତା ଯାହା ଇଚ୍ଛା କରୁଛନ୍ତି, ତାହାହିଁ ଇଚ୍ଛା କରିବା, ଅସଲ ପ୍ରଜ୍ଞା ସେଇଥିରେହିଁ ନିହିତ ହୋଇ ରହିଛି ।

*୧୩ ଡିସେମ୍ବର ୧୯୩୩*

*"ହେ ଦିବ୍ୟ ପରମଶକ୍ତି, ହେ ପରମ ଆଲୋକନକାରୀ, ଆପଣ ଆମମାନଙ୍କର ପ୍ରାର୍ଥନାକୁ ଶୁଣନ୍ତୁ, ଆମଠାରୁ ଚାଲି ଯାଆନ୍ତୁ ନାହିଁ, ନିଜକୁ ଅପସରାଇ ଦିଅନ୍ତୁ ନାହିଁ, ଆମକୁ ସଂଗ୍ରାମ କରିବାରେ ସାହାଯ୍ୟ କରନ୍ତୁ ।" (୮ ଜୁଲାଇ ୧୯୧୪)*

'oaob.nitrkl.ac.in' images reprocessed

*ଦିବ୍ୟ ପରମସତ୍ତା କେବେହେଲେ ଆମ ପାଖରୁ ଚାଲି ଯାଆନ୍ତି କି, ବା ନିଜକୁ ଆମଠାରୁ ଅପସରାଇ ନିଅନ୍ତି କି ?*

ନାହିଁ, ଆମେ ନିଜେହିଁ ତାଙ୍କଠାରୁ ଅପସରି ଆସିଥାଉ ।

*୧୧ ଜୁଲାଇ ୧୯୩୫*

*ତେବେ, "ଆମଠାରୁ ଚାଲି ଯାଆନ୍ତୁ ନାହିଁ, ନିଜକୁ ଅପସରାଇ ନିଅନ୍ତୁ ନାହିଁ" କହିଲେ ଆପଣ କ'ଣ ବୁଝୁଛନ୍ତି ?*

ଏହି କ୍ଷେତ୍ରରେ ମୁଁ ଦିବ୍ୟ ପରମସତ୍ତାଙ୍କୁ ସମ୍ବୋଧନ କରୁ ନ ଥିଲି, ମାତ୍ର ଏକ ଶକ୍ତି, ଦିବ୍ୟ ପରମସତ୍ତାଙ୍କର ଏକ ପ୍ରସର୍ଜନକୁ ସମ୍ବୋଧନ କରୁଥିଲି, ଯିଏକି ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ପୃଥିବୀପୃଷ୍ଠକୁ ଆସିଥିଲେ ଏବଂ ତାଙ୍କର ଯେଉଁ କାର୍ଯ୍ୟଟି କରିବାକୁ ଥିଲା, ତାହା କରିବା ଆଦୌ ସମ୍ଭବ ନୁହେଁ ବୋଲି ଦେଖିଥିଲେ ଯିଏ ଏଠାରୁ ଆପଣାକୁ ଅପସାରିତ କରିନେଇ ପାରିଥାନ୍ତେ । *୧୩ ଜୁଲାଇ ୧୯୩୫*

*"ପାର୍ଥିବ ଉପଲବ୍ଧିଗୁଡ଼ିକହିଁ ଆମ ଆଖିରେ ଭାରି ସହଜରେ ଏକ ଖୁବ୍ ବଡ଼ ମହତ୍ତ୍ୱ ଧାରଣ କରିଥା'ନ୍ତି ।" (୧୭ ଜୁଲାଇ ୧୯୧୪)*

*"ପାର୍ଥିବ ଉପଲବ୍ଧିଗୁଡ଼ିକ" କହିଲେ ଆପଣ କି ଅର୍ଥରେ ବୁଝନ୍ତି ?*

ଆମେ ଏହି ପୃଥିବୀରେ ଯେଉଁସବୁ କାର୍ଯ୍ୟ କରିଥାଉ ।

*୩୦ ଜାନୁଆରି ୧୯୩୬*

*"ହେ ପ୍ରଭୁ ପୃଥିବୀ ଦୁଇଟି ବିପରୀତ ଶକ୍ତି ମଧ୍ୟରେ ବିଭାଜିତ ହୋଇ ରହିଛି । ଉଭୟେ ଏକାଧିପତ୍ୟ ପାଇଁ ସଂଗ୍ରାମ କରୁଛନ୍ତି । ଏବଂ ଉଭୟେହିଁ ସମାନ ଭାବରେ ଆପଣଙ୍କ ବିଧାନର ବିରୋଧୀ ହୋଇ ରହିଛନ୍ତି ।" (୯ ସେପ୍ଟେମ୍ବର ୧୯୧୪)*

*ଏହି ଦୁଇଟିଯାକ ଶକ୍ତି କ'ଣ ?*

ଯଦି ତୁମେ ଯତ୍ନର ସହିତ ଧ୍ୟାନଟିକୁ ପାଠ କରିଥାନ୍ତ, ତେବେ ତୁମେ କଦାପି ଏହି ପ୍ରଶ୍ନଟିକୁ ପଚାରି ନ ଥା'ନ୍ତ,– ଏହି ଦୁଇ ଶକ୍ତି ହେଉଛନ୍ତି **ସଂରକ୍ଷଣ ଶକ୍ତି** ଏବଂ **ବିନାଶର ଶକ୍ତି** ।

*୨୨ ମଇ ୧୯୩୫*

'oaob.nitrkl.ac.in' images reprocessed

*"ବସନ୍ତଋତୁର ବେରାମଗୁଡ଼ିକ ନିମନ୍ତେ ଚେରି ଫୁଲରେହିଁ ଆରୋଗ୍ୟବିଧାନ ନିହିତ ହୋଇ ରହିଛି।" (୭ ଏପ୍ରିଲ୍, ୧୯୧୭)*

*ଏହି କଥାଟିର ଅର୍ଥ କ'ଣ ?*

ଏପରି ଅନେକ ବେରାମ ଅଛି, ଯଥା ବଥ, ରକ୍ତର ଅଶୁଦ୍ଧତା ଇତ୍ୟାଦି – ଯାହାକୁ କି ଲୋକେ ବିଶେଷଭାବେ ବସନ୍ତଋତୁରେ ଭୋଗ କରିଥା'ନ୍ତି। ଜାପାନର ଅଧିବାସୀମାନେ ଚେରିଗଛର ଫୁଲରୁ ତିଆରି ହୋଇଥିବା କେତେ ପ୍ରକାରର ଚାହା ଦ୍ୱାରା ସେହିସବୁ ବେରାମକୁ ଭଲ କରନ୍ତି। ମୋ'ର ଏହି ଅନୁଭବ ହେଲାବେଳେ ସେହି କଥାଟିକୁ ମୁଁ ଜାଣି ନ ଥିଲି।

*୧୧ ଫେବ୍ରୁଆରି ୧୯୩୬*

'oaob.nitrkl.ac.in' images reprocessed

'oaob.nitrkl.ac.in' images reprocessed

# ଦ୍ୱିତୀୟ ଗୁଚ୍ଛ
(୧୯୩୭ - ୧୯୪୧)

'oaob.nitrkl.ac.in' images reprocessed

'oaob.nitrkl.ac.in' images reprocessed

## ଦ୍ୱିତୀୟ ଗୁଚ୍ଛ

*ଜଣେ ଫରାସୀ ମହିଳାଙ୍କୁ ଲିଖିତ, ଯିଏକି ୬୬ ବର୍ଷ ବୟସରେ ୧୯୩୭ ଖ୍ରୀଷ୍ଟାବ୍ଦରେ ଶ୍ରୀଅରବିନ୍ଦ ଆଶ୍ରମରେ ସ୍ଥାୟୀ ଭାବରେ ରହିବାକୁ ଆସିଥିଲେ ।*

ଆଦୌ କୌଣସି କଥା ଅନିବାର୍ଯ୍ୟ ନୁହେଁ । ଯେକୌଣସି ମୁହୂର୍ତ୍ତରେ ଏକ ଉଚ୍ଚତର ଭୂମିରୁ ଜଡ଼ର ଭୂମିଉପରେ ଏକ ହସ୍ତକ୍ଷେପ ସମ୍ଭବ ହୋଇପାରେ ଏବଂ ତାହା ପରିସ୍ଥିତିର ଗତିପଥକୁ ବଦଳାଇ ଦେଇପାରେ । ମାତ୍ର, ଏହି ନିର୍ଦ୍ଦିଷ୍ଟ କ୍ଷେତ୍ରଟିରେ ଚିକିତ୍ସାଶାସ୍ତ୍ରଗତ ମତ ଉପରେ ପ୍ରତିଷ୍ଠିତ ଏକ ଅତ୍ୟନ୍ତ ଶକ୍ତିଶାଳୀ ମାନସିକ ସଂରଚନା ଏବଂ ଦିବ୍ୟ ପରମକରୁଣା ଉପରେ ରହିଥିବା ତୁମର ବିଶ୍ୱାସ ମଧ୍ୟରେ ଏକ ଦ୍ୱନ୍ଦ୍ୱ ବିଦ୍ୟମାନ ରହିଛି ।

ଏହି ଚିକିତ୍ସାଶାସ୍ତ୍ରଗତ ପରାମର୍ଶଟିର ଶକ୍ତି ଏହି କଥାଟି ଉପରେ ରହିଛି ଯେ, ତାହା ଧୀରେ ଧୀରେ ଅବଚେତନ ମଧ୍ୟକୁ ପ୍ରବେଶ କରି ସେଠାରେ ଆପଣାଲାଗି ସ୍ଥାନଟିଏ ତିଆରି କରିନେଉଛି ଏବଂ ସେହିଠାରୁ ଶରୀର ଉପରେ କାର୍ଯ୍ୟ କରିବାରେ ଲାଗୁଛି; ଏବଂ, ଚେତନ ମନ ତାହାର କୌଣସି ପତ୍ତା ମଧ୍ୟ ପାଇ ପାରୁ ନାହିଁ । ଯଦି ତାହାର ଜଣେ ଗୋଇନ୍ଦା ପରି ସତର୍କ ଆଖି ରହିଥା'ନ୍ତା ଏବଂ ତାହା ତଦ୍ୱାରା ଅବଚେତନକୁ ଘଷି ମାଜି ଶୁଦ୍ଧ କରି ରଖୁଥାନ୍ତା, ତେବେ ସେକଥା ଅବଶ୍ୟ ଅନ୍ୟ ପ୍ରକାରର ହୋଇଥାନ୍ତା ।

ତେଣୁ, ପରମକରୁଣା ଉପରେ ଆମର ବିଶ୍ୱାସ ଯେ ଏତେ ଯଥେଷ୍ଟ ପରିମାଣରେ ପ୍ରଗାଢ଼ ଏବଂ ଅବିଚଳ ହୋଇପାରିବ, ଯେପରିକି ତାହା ଚିକିତ୍ସାଶାସ୍ତ୍ରର ଏହିସବୁ ପରାମର୍ଶର କ୍ଷତିକାରୀ ପରିଣାମକୁ ଅତିକ୍ରମ କରିଯାଇ ପାରିବ, ମୁଁ ତୁମକୁ କଦାପି ସେହି ପ୍ରତିଶ୍ରୁତି ଦେଇ ପାରିବି ନାହିଁ । ଏବଂ, ଯେତେବେଳେ ତୁମର ଜଡ଼ସ୍ଥ ଚେତନାରେ ସବୁକିଛି "ବିପଦ, ବିପଦ" ବୋଲି ଚିତ୍କାର କରିବାରେ ଲାଗିଛି, ସେତେବେଳେ "ଇଏ କିଛି ନୁହେଁ" ବୋଲି କହିବାକୁ ମୋ'ର କୌଣସି ଅଧିକାର ନାହିଁ ।

ତୁମେ ନିଶ୍ଚିତ ରହିବ ଯେ ଆମର ସହାୟତା ଏବଂ ଆଶୀର୍ବାଦ ତୁମ ସହିତ ସର୍ବଦା ରହିଛି ।

*୨୪ ମାର୍ଚ୍ଚ ୧୯୩୭*

ତୁମକୁ ଏଠାରେ ଜୁନ୍ ପର୍ଯ୍ୟନ୍ତ ରଖିବାରେ ଆମେ ଅବଶ୍ୟ ଖୁସୀ ହେବୁ ।

ତୁମର ଏକଥା ବେଶ୍ ଠିକ୍ ଯେ ଏହିସବୁ ବନ୍ଦ ହୋଇ ରହିଥିବା ଦୁଆରଗୁଡ଼ିକ

'oaob.nitrkl.ac.in' images reprocessed

ହେଉଛନ୍ତି କଳ୍ପନାରହିଁ ଏକ ପରିଣାମ । ସେଗୁଡ଼ିକୁ ଖୋଲି ଦେବାଲାଗି ସେଗୁଡ଼ିକ ମଧ୍ୟଦେଇ ଚାଲିଯିବାର ସଂକଳ୍ପର ସର୍ବଦା ଅବଶ୍ୟ ଶକ୍ତି ରହିଛି; ଜୟଲାଭର ସୁନିଶ୍ଚିତତା ଯେପରି ପଥଟିକୁ ଉଜ୍ଜ୍ୱଳ ଓ ଆଲୋକିତ କରିଆଣେ, ଠିକ୍ ସେହିପରି ।

*୧୨ ଏପ୍ରିଲ୍ ୧୯୩୭*

ନିଶ୍ଚିତରୂପେ, ତୁମ ପୁଅ ପାଇଁ ତୁମେ ଯାହାସବୁ କରିବାକୁ ଇଚ୍ଛା କରୁଛ, ତାହା କରିସାରି ଯେତେବେଳେ ତୁମେ ଏଠାକୁ ଫେରି ଆସିବାକୁ ପ୍ରସ୍ତୁତ ହୋଇଯିବ, ସେତେବେଳେ ତୁମେ ଆମପାଖକୁ କେବଳ ସମ୍ବାଦଟିକୁ ପଠାଇବ ଏବଂ ଆମେ ତୁମକୁ ସ୍ୱାଗତ କରିବାକୁ ଖୁସି ହେବୁ ।

ଅନ୍ତର୍ଗତ ସ୍ଥିରତା ଓ ଶାନ୍ତି ଏବଂ ଦିବ୍ୟ ପରମସତ୍ତାଙ୍କ ଲାଗି ଉଦ୍ଦୀପ୍ତ ଅଭୀପ୍ସା,– ଆମେ ଦେଇ ପାରୁଥିବା ସହାୟତାକୁ ଗ୍ରହଣ କରିପାରିବା ନିମନ୍ତେ ଏହିଗୁଡ଼ିକ ହେଉଛନ୍ତି ସର୍ବୋତ୍ତମ ପ୍ରସ୍ତୁତି ଏବଂ ଆମଠାରୁ ଏଗୁଡ଼ିକୁ ପାଇବା ବିଷୟରେ ତୁମେ ନିଶ୍ଚିନ୍ତ ହୋଇ ରହିପାରିବ ।

*୨୯ ଏପ୍ରିଲ ୧୯୩୭*

ହଠାତ୍ ଭାବରେ ଯେଉଁସବୁ ଓଲଟପାଲଟ ଘଟିଥାଏ, ସେଗୁଡ଼ିକ ସାଧାରଣତଃ ସମ୍ପୂର୍ଣ୍ଣ ଭାବରେ ହୋଇ ନ ଥାଏ କିଂବା ସ୍ଥାୟୀ ହୋଇ ରହିପାରେ ନାହିଁ । ସେଗୁଡ଼ିକ ଗୋଟିଏ ଗୋଟିଏ ବିଦ୍ୟୁତ୍-ଝଲକ ବୋଲି କୁହାଯିବ, ଯେଉଁଗୁଡ଼ିକ ଅଧିକାଂଶ ସମୟରେ ଧୂଆଁ ଭିତରେ ମିଳାଇ ଯାଆନ୍ତି । ଧୀର ତଥା ସ୍ଥାୟୀ ପ୍ରଚେଷ୍ଟା ଏବଂ ଅଗ୍ରଗତି ଲାଗି ଅଦମ୍ୟ ଉଦ୍ୟମ ଅପେକ୍ଷାକୃତ ଅଧିକ ନିର୍ଭରଯୋଗ୍ୟ : "ଧୀର ଅଥଚ ନିଶ୍ଚିତ ଭାବରେ ।"*

ଏବଂ, ତୁମର ନିଦ୍ରାବସ୍ଥାରେ ଘଟିଥିବା ଘଟଣାସବୁକୁ ମନେ ପକାଇବାଟା ଆପଣାର ଆତ୍ମା ଆବିଷ୍କାର ମାର୍ଗରେ ଆଦୌ ଅପରିହାର୍ଯ୍ୟ ନୁହେଁ ।

ତୁମକୁ ଭଲ ଲାଗୁଛି ଜାଣି ମୁଁ ଅତ୍ୟନ୍ତ ଖୁସୀ ।

ତୁମେ ଏହି ବିଷୟରେ ନିଶ୍ଚିତ ରହିବ ଯେ ଆମର ସହାୟତା ଓ ସୁରକ୍ଷା ସର୍ବଦା ତୁମ ସହିତ ରହିଛି ।

*୧୨ ମଇ ୧୯୩୭*

ବିସ୍ତୃତିର ବୋଧ ଦ୍ୱାରା ଆପଣାକୁ କଦାପି ଅଭିଭୂତ ହୋଇ ପଡ଼ିବାକୁ ଦିଅ ନାହିଁ; ବରଂ

* ଧୀର ଭାବରେ କିନ୍ତୁ ନିଶ୍ଚିତ ଭାବରେ ।

'oaob.nitrkl.ac.in' images reprocessed

ଖୁସୀ ହୋଇ ପୂର୍ଣ୍ଣ ଶାନ୍ତ ଭାବରେ ସେଥିରେ ଅବଗାହନ କର । ଯଦି ଆମେ ଆମ ବ୍ୟକ୍ତିଗତ ଚେତନାର ଚାରିକାନ୍ଥ ଭିତରେ ଆବଦ୍ଧ ହୋଇ ରହିଥା'ନ୍ତେ ଏବଂ ସେଥିରୁ ମୁକ୍ତି ପାଇବାର ଆଉ କୌଣସି ଉପାୟ ନ ଥା'ନ୍ତା, ତେବେ ତାହା ବସ୍ତୁତଃ ଅତ୍ୟନ୍ତ ଦୁଃଖଦ ହୋଇଥା'ନ୍ତା ଏବଂ ଆମକୁ ପରାଭୂତ କରି ରଖିଥାନ୍ତା,— ମାତ୍ର, ଅନନ୍ତ ଆମପାଇଁ ଉନ୍ମୋଚିତ ହୋଇ ରହିଛି; ଆମକୁ କେବଳ ଏହା ଭିତରକୁ ପ୍ରବେଶହିଁ କରିବାକୁ ପଡ଼ିବ ।

*୨୯ ମଇ ୧୯୩୭*

ଶ୍ରୀଅରବିନ୍ଦ ତୁମର ଚିଠିଟିକୁ ପଢ଼ିଛନ୍ତି ଏବଂ ସେ ମୋ' ସହିତ ଏକମତ ଯେ, ଏତେ ଆଗରୁ ଯୋଜନାମାନ କରିବା ଆଦୌ ସହଜ ନୁହେଁ, କାରଣ ପରିସ୍ଥିତି କେତେବେଳେ କ'ଣ ହେବ, ସେକଥା ଆଗରୁ କହି ହେବ ନାହିଁ । ଅବଶ୍ୟ ଗୋଟିଏ କଥା ସୁନିଶ୍ଚିତ ହୋଇ ରହିଛି : ଶ୍ରୀଅରବିନ୍ଦ ତୁମକୁ ଶିଷ୍ୟାରୂପେ ସ୍ୱୀକାର କରିଛନ୍ତି । ତୁମକୁ ସେ ଗୋଟିଏ ନୂତନ ନାମ ଦେଇଛନ୍ତି,— ଏହି ଘଟଣାରୁହିଁ ତାହା ପ୍ରମାଣିତ ହେଉଛି । ମାତ୍ର, ଶିଷ୍ୟା ହେବା ଦ୍ୱାରା ଆଦୌ ଏପରି ଅର୍ଥକୁ ବୁଝାଇବ ନାହିଁ ଯେ, ଜଣେ ତଦ୍ଦ୍ୱାରା ଏହି ଆଶ୍ରମରେହିଁ ଅଧିବାସୀ ହୋଇ ରହିବ । ବସ୍ତୁତଃ, ଆଶ୍ରମ ଭିତରେ ଯେତେଜଣ ଶିଷ୍ୟ ରହିଛନ୍ତି, ତା'ଠାରୁ ଅଧିକସଂଖ୍ୟକ ଆଶ୍ରମ ବାହାରେହିଁ ଅଛନ୍ତି । ଆଶ୍ରମରେ ରହିବାକୁ ହେଲେ କେତୋଟି ସର୍ତ୍ତକୁ ପୂରଣ କରିବାକୁ ହୋଇଥାଏ । ଗୋଟିଏ ସର୍ତ୍ତ ହେଉଛି, ତୁମର ସ୍ୱାସ୍ଥ୍ୟ ଯଥେଷ୍ଟ ପରିମାଣରେ ଭଲ ରହିବ, ଯେପରିକି ତୁମେ ଆଶ୍ରମର ଶୃଙ୍ଖଳା ମାନି ଚଳି ପାରୁଥିବ । ଏହି ଶୃଙ୍ଖଳା ଅନୁସାରେ ଖାଦ୍ୟ ତଥା ଅନ୍ୟାନ୍ୟ ସେବାଦିର କୌଣସି ବିଶେଷ ବ୍ୟବସ୍ଥା ଯୋଗାଇଦେଇ ହୁଏ ନାହିଁ । ଏକ ନିର୍ଦ୍ଧାରିତ ସମୟ ପାଇଁ ବା ପରିଦର୍ଶକମାନଙ୍କ ପାଇଁ ସେସବୁ ବ୍ୟବସ୍ଥା କରା ଯାଇପାରେ; ମାତ୍ର ଏକାଧିକ କାରଣରୁ ସେଗୁଡ଼ିକୁ ସ୍ଥାୟୀ କରିହୁଏ ନାହିଁ । ତେଣୁ, ଯେତେବେଳେ ତୁମେ ଫେରି ଆସିବାକୁ ପ୍ରସ୍ତୁତ ହୋଇଯିବ, ସେତେବେଳେ ଆମକୁ ତିନି-ଚାରିମାସ ପୂର୍ବରୁ ଜଣାଇବ, ଯେପରିକି ପ୍ରକୃତରେ କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରି ହେବ କି ନାହିଁ, ଆମେ ଚେଷ୍ଟା କରି ଦେଖିବୁ ।

ତୁମର ପାଠଗୁଡ଼ିକ ବିଷୟରେ କହିବାକୁ ଗଲେ, ମୁଁ ଭାବୁଛି ବର୍ତ୍ତମାନ ପାଇଁ ନିଜକୁ ତଜ୍ଜନିତ କଷ୍ଟ ନ ଦେବାହିଁ ଅଧିକ ଭଲ ହେବ । ମୁଁ ଭାବୁଛି, ଘରୋଇ ଭାବରେ ତୁମେ ଯେତିକି ପଢ଼ାଉଛ, ସେତିକି ଯଥେଷ୍ଟ ହେବା ଉଚିତ ।

ତୁମର ଦେହ ଭଲ ହୋଇଗଲାଣି ଜାଣି ମୁଁ ଖୁବ୍ ଖୁସୀ; ଏବଂ ମୁଁ ଆଶା କରୁଛି ଯେ ତୁମର ସ୍ୱାସ୍ଥ୍ୟ ଏଣିକି ଅଧିକରୁ ଅଧିକ ଭଲ ହୋଇ ଆସିବ ।

*୫ ଜୁଲାଇ ୧୯୩୭*

'oaob.nitrkl.ac.in' images reprocessed

ଗତ କେତେଦିନ ଧରି ତୁମକୁ ଅତ୍ୟନ୍ତ ବିଷଣ୍ଣ ବୋଧ ହେଉଛି ବୋଲି ମୁଁ ଅତ୍ୟନ୍ତ ଦୁଃଖିତ । ସେପରି ବୋଧ ହେବା ଉଚିତ ନ ଥିଲା । ଆଲୋକଟି ତା' ସହିତ ନୂତନ ଅଗ୍ରଗତିର ଆନନ୍ଦକୁ ସର୍ବଦା ବହନ କରି ଆଣୁଥିବା ଉଚିତ । ମୁଁ ବର୍ତ୍ତମାନ ଭାବୁଛି ଯେ ସବୁକିଛି ନିଶ୍ଚୟ ଠିକ୍ ହୋଇଯିବ ।

*୧୦ ଜୁଲାଇ ୧୯୩୭*

ତୁମେ ଆଦୌ ବ୍ୟସ୍ତ ହୁଅ ନାହିଁ । ଜାଣତରେ ବା ଅଜାଣତରେ ତୁମେ କୌଣସି ଭୁଲ କରି ନାହଁ । ମୁଁ କେବଳ ଏପରି କେତେକ ଅନ୍ତର୍ଗତ ଓ ବାହ୍ୟ ପରିସ୍ଥିତି ବିଷୟରେ କହୁଥିଲି, ଯାହାକି ପୂର୍ବର କେତେକ ପରିସ୍ଥିତିର ଅନିବାର୍ଯ୍ୟ ପରିଣତିରୂପେହିଁ ଘଟିଥିଲା ଏବଂ ଘଟିବାରେ ଲାଗିଛି । କେବଳ ଯୋଗର ଶକ୍ତି, ଦିବ୍ୟ ପରମଚେତନାର ଶକ୍ତିହିଁ ପରିଣାମର ଏହି ଜଞ୍ଜିରଟିକୁ ଛିଡ଼ାଇଦେଇ ପାରିବ ।

ହୃଦୟରେ ପରିପୂର୍ଣ୍ଣ ଶାନ୍ତି ଏବଂ ମନରେ ପରିପୂର୍ଣ୍ଣ ଆଶା ସହିତ ତୁମେ ଏହି ସ୍ଥାନଟିରୁ ଅନ୍ୟତ୍ର ଯିବ । ଏହିପରି ଏକ ନିର୍ଭରତା ନେଇ ଯିବ ଯେ ଆମର ସାହାଯ୍ୟ ଓ ଆମର ଶକ୍ତି ମଧ ତୁମ ସହିତ ଯାଉଛନ୍ତି ଏବଂ ଆମର ଅନେକ ଆଶୀର୍ବାଦ ତୁମ ସହିତ ରହିଛି ଏବଂ ନିରନ୍ତର ରହିଥିବ ।

*୧୪ ସେପ୍ଟେମ୍ବର ୧୯୩୭*

*(ସେପ୍ଟେମ୍ବର ୧୯୩୭ରେ ଶିଷ୍ୟାଜଣକ ଛଅମାସ ପାଇଁ ଫ୍ରାନ୍ସ ଯାଇଥିଲେ ଏବଂ ମାର୍ଚ୍ଚ ୧୯୩୮ରେ ଆଶ୍ରମକୁ ପ୍ରତ୍ୟାବର୍ତ୍ତନ କଲେ ।)*

କୌଣସି ଭୟ କର ନାହିଁ; ମୁଁ ପ୍ରତିଭାସ ଗୁଡ଼ିକର ଆହୁରି ସେପାଖକୁ ଦେଖିପାରେ ଏବଂ ନୀରବତା ମଧ୍ୟରେ ଅର୍ଥାତ୍ ଶବ୍ଦର ଅତୀତ ହୋଇ ରହି ବୁଝିପାରେ ।

ମୋ'ର ବାହୁ ତୁମକୁ ସର୍ବଦା ବେଷ୍ଟନ କରି ରହିବ, ତୁମକୁ ଉତ୍ତୋଳିତ କରି ଧରିବାକୁ ଓ ବାଟ ଦେଖାଇବାକୁ ।

ତୁମେ ଯେ ମୋ'ର ପ୍ରିୟ ସନ୍ତାନ, ସେଥିରେ କୌଣସି ସନ୍ଦେହ ନାହିଁ; ମାତ୍ର ମୁଁ ତାହାକୁ ଦୁଃଖରେ ଜର୍ଜର ନୁହେଁ, ସୁଖୀ ରୂପେ; ଅଜ୍ଞାନାଚ୍ଛନ୍ନ ନୁହେଁ, ଆଲୋକପୂର୍ଣ୍ଣ ରୂପେ ରହିବାକୁ ଚାହେଁ ।

ମୋ'ର ଅନେକ ଆଶୀର୍ବାଦ ଅତ୍ୟନ୍ତ ସ୍ନେହଯୁକ୍ତ ଭାବରେ ତୁମ ସହିତ ରହିଛି ।

*୧୩ ଜୁନ୍ ୧୯୩୮*

'oaob.nitrkl.ac.in' images reprocessed

ପ୍ରଣାମବେଳେ ତୁମକୁ ଦେଖିଲି ନାହିଁ; ତେଣୁ, କାଲି ତୁମେ ଯେଉଁ କ୍ଲାନ୍ତି ବିଷୟରେ ଉଲ୍ଲେଖ କରିଥିଲ, ତାହାହିଁ ଆଜି ନ ଆସିବାର କାରଣ ଥିଲା କି ବୋଲି ସନ୍ଧାନ ନେବାକୁ ତୁମକୁ ଲେଖିବାକୁ ଯାଉଥିଲି । ଏବଂ, ବର୍ତ୍ତମାନ ତୁମର ଆଜି ସକାଳର ଚିଠିଟିକୁ ପାଇଲି । ବଡ଼ ଦୁଃଖର ବିଷୟ ଯେ ତୁମକୁ ଜ୍ୱର ହେଲା ! କିନ୍ତୁ କାହିଁକି ହେଲା ? ସେପରି କୌଣସି ଆପାତ କାରଣ ନାହିଁ ତ ? ମାତ୍ର ସେକଥା ଯାହା ହୋଇଥାଉ ପଛକେ, ତାହା ଖୁବ୍ ଶୀଘ୍ର ଛାଡ଼ିଯିବ ବୋଲି ମୁଁ ଆଶା କରୁଛି ।

ଏକଥା କହିବା ନିଷ୍ପ୍ରୟୋଜନ ଯେ, ଆମର ସହାୟତା, ଆମର ଶକ୍ତି, ଆମର ସୁରକ୍ଷା ଏବଂ ଆମର ଅନେକ ଆଶୀର୍ବାଦ ତୁମ ସହିତ ଅନୁକ୍ଷଣ ରହିଛି; ଏକ ଆରାମଦାୟକ ଓ ଆରୋଗ୍ୟକାରୀ ସ୍ନାନ ସଦୃଶ ତୁମେ ସେଗୁଡ଼ିକରେ ଆପଣାକୁ ନିମଜ୍ଜିତ କରିଦେବ । ତା' ସହିତ ମୁଁ ମୋ'ର ସ୍ନେହକୁ ଯୁକ୍ତକରି ରଖୁଛି ।

*୧୭ ଜୁଲାଇ ୧୯୩୮*

ତୁମ ପ୍ରଶ୍ନର ଉତ୍ତର ଦେବା ମୋ' ଲାଗି କଷ୍ଟକର ହେଉଛି, କାରଣ ଇଉଟ୍ରୋପିନ୍ ଓ ତାହାର ପ୍ରଭାବଗୁଡ଼ିକ ବିଷୟରେ ମୋ'ର କୌଣସି ବ୍ୟକ୍ତିଗତ ଅଭିଜ୍ଞତା ନାହିଁ । ମାତ୍ର, ଏକ ସାଧାରଣ ନିୟମ ଅନୁସାରେ ମୁଁ ଅନୁଭବ କରୁଛି ଯେ, ଯେତେବେଳେ କେହି ଚିକିତ୍ସା ଲାଗି ଜଣେ ଡାକ୍ତରଙ୍କ ପାଖକୁ ଯାଏ, ସେତେବେଳେ ସିଏ ଯାହା କରିବାକୁ କହିବେ, ତାହା ଅବଶ୍ୟ କରିବା ଉଚିତ । ବୃକ୍କଶୋଥ ରୋଗରେ ଇଉଟ୍ରୋପିନ୍ ସେବନ କରିବାକୁ ପରାମର୍ଶ ଦିଆ ନ ଯିବା ଉଚିତ ବୋଲି ମନେ କରାଯାଏ । ତୁମେ ଯେ ବୃକ୍କଶୋଥ ରୋଗରେ ପୀଡ଼ିତ ନୁହଁ, ଡାକ୍ତର ତୁମକୁ ସେ ବିଷୟରେ ଏକ ନିର୍ଭର ଜବାବ ଦେବା ଲାଗି ତୁମେ ତାଙ୍କୁ ପଚାର । ମୋତେ ମଧ୍ୟ ତାହା ଅତ୍ୟନ୍ତ ଅସମ୍ଭାବ୍ୟ ବୋଧ ହେଉଛି ।

ଆମର ସାହାଯ୍ୟ ଓ ଆମର ଅନେକ ଆଶୀର୍ବାଦ ସ୍ନେହଯୁକ୍ତ ଭାବରେ ସର୍ବଦା ତୁମ ସହିତ ରହିଛି ।

*୨୦ ଜୁଲାଇ ୧୯୩୮*

"ଦେହସ୍ତରର ଅଭୀପ୍ସା"* ନାମକ ଏହି ଫୁଲଟି, ଆମର ଆଶୀର୍ବାଦ ଓ ମୋ'ର ଭଲ ପାଇବା ସହିତ ।

ଡାକ୍ତରଙ୍କର କଥାରେ ତୁମେ ନିଜକୁ ବିଚଳିତ ହେବାକୁ ଦେବ ନାହିଁ । ଆମେ ସେପରି ମାନି ନ ନେବା ଯାଏ କୌଣସି ଅସୁସ୍ଥତାକୁ ସାଂଘାତିକ ବୋଲି କୁହାଯିବ ନାହିଁ ।

* Ixora cossinea (ଅରଣ୍ୟର ଅଗ୍ନି) ଫୁଲ ପାଇଁ ମାଆ ଯେଉଁ ନାମ ଦେଇଛନ୍ତି । ।।

'oaob.nitrkl.ac.in' images reprocessed

ଏବଂ, ତୁମେ ଯେ ଭଲ ହୋଇ ଆସୁଛ, ଖୁବ୍ ଶୀଘ୍ର ମୁଁ ଏହାହିଁ ଶୁଣିବାର ଆଶା ରଖୁଛି ।

*୨୪ ଜୁଲାଇ ୧୯୩୮*

ଏଥର ଗୋଟିଏ ସାନ "ନୂତନ ଜନ୍ମ"* ଫୁଲ ।

ବସ୍ତୁତଃ, ନିଜ ଭିତରେ ଅତ୍ୟନ୍ତ ଗଭୀରକୁ ଯିବା ଏବଂ ଜାଗ୍ରତ୍ ହୋଇ ଉଠିବା, ଅଧିକ ଆଲୋକମୟ ତଥା ଅଧିକ ସତ୍ୟ ଏକ ନୂତନ ଚେତନାରେ ଜନ୍ମଲାଭ କରିବାର ଏକ ସୁଯୋଗ ଗ୍ରହଣ କରିବା ବ୍ୟତୀତ ଆମେ ଏକ ଅସୁସ୍ଥତାର ଆଉ ଅଧିକ ଭଲ କେଉଁଭଳି ବ୍ୟବହାର କରିପାରିବା ?

ଆମର ସାହାଯ୍ୟ ଓ ଅନେକ ଆଶୀର୍ବାଦ ସ୍ନେହଯୁକ୍ତ ଭାବରେ ସର୍ବଦା ତୁମ ସହିତ ରହିଛି ।

*୨୮ ଜୁଲାଇ ୧୯୩୮*

ଶ୍ରୀଅରବିନ୍ଦ ଏବଂ ମୁଁ ଭାବୁଛୁ ଯେ, ପ୍ରଣାମ ପାଇଁ ଆସିବା ପୂର୍ବରୁ ତୁମର ଆଉ ଗୋଟିଏ ସପ୍ତାହ ଅପେକ୍ଷା କରିବା ଉଚିତ । ଏବଂ ତୁମକୁ ଯେତେବେଳେ ଆଉ ଆଦୌ ଦୁର୍ବଳ ନ ଲାଗିବ, ସେତେବେଳେ ଯାଇ ଦିନକୁ ଦୁଇଥର ଧ୍ୟାନ କରିବା ସମ୍ଭବ ହେବ । କାରଣ, ବର୍ତ୍ତମାନ ତ ବହୁସଂଖ୍ୟକ ଲୋକ ଅଛନ୍ତି ଓ ସ୍ଥୂଳ ବାତାବରଣଟିରେ ହୁଏତ ପ୍ରାୟ ଅତ୍ୟନ୍ତ ଭାରୀ ଭାରୀ ଲାଗୁଥିବ ।

ତେଣୁ, ଆଉ କିଛି ସମୟ ଧୈର୍ଯ୍ୟ ଅବଲମ୍ବନ କରିବାକୁ ଓ ତୁମର ଶାରୀରିକ ଶକ୍ତି ପୁନର୍ବାର ଫେରି ଆସିବା ଲାଗି ଅନୁମତି ଦେବାକୁ ଆମେ ତୁମକୁ ଅନୁରୋଧ କରୁଛୁ । ସେଥିଲାଗି ଆମର ସହାୟତା ଓ ସୁରକ୍ଷା ତୁମ ସହିତ ରହିଛି ।

ଅତ୍ୟନ୍ତ ସ୍ନେହର ସହିତ ।

*୨୬ ଅଗଷ୍ଟ ୧୯୩୮*

ଶ୍ରୀଅରବିନ୍ଦ ସାଂପ୍ରତିକ ଘଟଣାଗୁଡ଼ିକ ବିଷୟରେ ପୂର୍ବରୁ ଭବିଷ୍ୟବାଣୀ କରିଥିବା ତାଙ୍କର କୌଣସି ରଚନାଂଶର ମୁଁ ଉଲ୍ଲେଖ କରିଥିଲି ବୋଲି ମୋ'ର ସ୍ମରଣ ହେଉ ନାହିଁ । ମୁଁ ଏପରି କେତୋଟି ପୃଷ୍ଠାର କଥା କହିଥିଲି, ଯେଉଁଥିରେ କି ଶ୍ରୀଅରବିନ୍ଦ ବର୍ତ୍ତମାନ ପୃଥିବୀପୃଷ୍ଠରେ କରୁଥିବା **ତାଙ୍କର କାର୍ଯ୍ୟଟି** ବିଷୟରେ, ଜଡ଼କୁ ଏକ ଆଧ୍ୟାତ୍ମିକ ଭୂମିରେ ପରିଣତ କରିବାର ତାଙ୍କର କାର୍ଯ୍ୟ ବିଷୟରେ ଏକ ଅତ୍ୟନ୍ତ ସଂକ୍ଷିପ୍ତ ଆଭାସ ଦେଇଛନ୍ତି ।

---

* Oreganum majorana ଫୁଲ ।।

'oaob.nitrkl.ac.in' images reprocessed

ଏବଂ ମୁଁ ତୁମକୁ କହିଥିଲି ଯେ, ''ବିଚାର ଏବଂ ଦୃଷ୍ଟିକଣା'ର ଗୋଟିଏ ଅଧ୍ୟାୟରେ ମଧ୍ୟ ସେହି କଥାଟିକୁ ସୂଚାଇ ଦିଆଯାଇଛି । *୨୦ ସେପ୍‌ଟେମ୍ବର ୧୯୩୮*

ତୁମେ ବ୍ୟସ୍ତ ହୁଅ ନାହିଁ; ବହୁପୂର୍ବରୁ ତୁମେ ଯାହା ମୋତେ କହିଥିଲ – ନୀରବତା ମଧ୍ୟରେ – ତାହାକୁ ଆଜି ମୋ ପାଖରେ ଏକ ''ସ୍ୱୀକାରୋକ୍ତି'' ଭାବରେ ବ୍ୟକ୍ତ କରିଦେଇଛ । ଏବଂ ମୁଁ ସର୍ବଦା ତୁମକୁ ସେହି ଗୋଟିଏ ଉତ୍ତରହିଁ ଦେଇଛି : ବ୍ୟସ୍ତ ହୁଅ ନାହିଁ : ସବୁଯାକ ଦାନ ଯେ ଜଡ଼ସ୍ତରର ଦାନ ହେବ, ସେକଥା ଆଦୌ ନୁହେଁ ଏବଂ, ଆତ୍ମ-ଦାନ ହେଉଛି ନିଃସନ୍ଦେହ ଭାବରେ ଏକ ସର୍ବୋତ୍ତମ ଦାନ ।

*୨୯ ସେପ୍‌ଟେମ୍ବର ୧୯୩୮*

ଏହିସବୁ ସ୍ୱତଃସ୍ଫୂର୍ତ୍ତ ପ୍ରତିକ୍ରିୟାତ୍ମକ ଆଚରଣ ଅବଚେତନକୁହିଁ ପ୍ରକଟ କରିଥା'ନ୍ତି । ଏହି ସ୍ୱତଃସ୍ଫୂର୍ତ୍ତ ଆବେଗଗୁଡ଼ିକର ପଥ ଅନୁସରଣ କରି ଜଣେ ବ୍ୟକ୍ତି କ୍ରମେ ଅବଚେତନର ସେହି ଆଦିମ ଅରଣ୍ୟ ମଧ୍ୟକୁ ବାଟଟିଏ ଫିଟାଇଦେଇ ପାରିବ ଏବଂ ତା' ମଧ୍ୟକୁ ପରମ ଆଲୋକର ପ୍ରବେଶ ଘଟାଇ ପାରିବ ।

ବ୍ୟସ୍ତ ହୁଅ ନାହିଁ । ଏବଂ, ସବୁଠାରୁ ବଡ଼ କଥା ହେଉଛି, ମୋଟେ ବିଷଣ୍ଣ ଅନୁଭବ କର ନାହିଁ । ୧୨ ତାରିଖର **ଅନୁପାନଟି** ସମ୍ଭବତଃ ଅତିବେଶୀ ହୋଇଗଲା ତେଣୁ ହଜମ କରିବା ଲାଗି କିଞ୍ଚିତ୍ କଷ୍ଟକର ହେଲା । ଯଦି ତୁମେ କେବଳ ସ୍ଥିର, **ଅତ୍ୟନ୍ତ ସ୍ଥିର** ରହିପାରିବ, ତେବେ ସବୁକିଛି ଠିକ୍ ହୋଇଯିବ । ତା'ପରେ ପରମ ଆଲୋକର ପୁନରାବିର୍ଭାବ ହେବ । ଯାବତୀୟ ପୂର୍ବର ତୁଳନାରେ ଅଧିକ ଉଜ୍ଜ୍ୱଳ ଓ ଅଧିକ ସୁନ୍ଦର ହୋଇ ଆବିର୍ଭୂତ ହେବ ।

କୌଣସି ଭୟ କର ନାହିଁ – କୌଣସି ଶକ୍ତି ତୁମକୁ ମୋ'ପାଖରୁ ଛଡ଼ାଇ ନେଇ ପାରିବ ନାହିଁ, କାରଣ ମୁଁ ସର୍ବଦା ତୁମ ସହିତ – ତୁମ ଭିତରେ ରହିଛି ।

ସ୍ନେହ ସହିତ । *୧୩ ନଭେମ୍ବର ୧୯୩୮*

*ମାଆ,*

*ଡାକ୍ତର 'କ' ମୋତେ ଯେଉଁ ଔଷଧ ଖାଇବାକୁ କହିଥିଲେ, ମୁଁ ତାହା ଖାଇ ନାହିଁ । କାରଣ ମୁଁ ଭାବିଲି, ମୁଁ ତ ଆପଣଙ୍କ ପାଖକୁ ଲେଖିବି । ଆପଣଙ୍କ ବ୍ୟତୀତ ମୁଁ ଆଦୌ କିଛି କରିବି ନାହିଁ । ମୁଁ ପ୍ୟାରିସ୍‌ରେ ଥିବା ଡକ୍ଟର 'ଖ'ଙ୍କ ପାଖକୁ ଚିଠି ଲେଖି ତାଙ୍କର ମତ ପଚାରି ବୁଝିବି କି ?*

'oaob.nitrkl.ac.in' images reprocessed

ହଁ, ପ୍ୟାରିସ୍‌ରେ ଥିବା ତୁମ ଡାକ୍ତରଙ୍କ ସହିତ ପରାମର୍ଶ ନ କରି କୌଣସି ଔଷଧ ନ ଖାଇବା ବରଂ ଅଧିକ ଭଲ ହେବ ।

*ଏବଂ ମୁଁ ହୋମିଓପାଥି ଡାକ୍ତରଙ୍କ ସହିତ ହୁଏତ ପରାମର୍ଶ କରିବି କି ? ମୁଁ ତାଙ୍କୁ ଚିହ୍ନି ନାହିଁ ।*

ନାହିଁ, ତାହା ଆବଶ୍ୟକ ହେବ ନାହିଁ; ଯେତେ କମ୍ ସଂଖ୍ୟକ ଡାକ୍ତର ସେତେ ଭଲ, ଯେତେ କମ୍ ଔଷଧ, ସେତେ ଭଲ ।

*'ଗ' ମୋତେ ''ଜେନାସ୍ପିରିନ୍'' ଖାଇବାକୁ ଦୃଢ଼ ଭାବରେ ପରାମର୍ଶ ଦେଉଛନ୍ତି । ମୁଁ କିଛିଟା କୁଣ୍ଠା ବୋଧ କରୁଛି, କାରଣ ମୁଁ କେବେ ନିଦଔଷଧ ବ୍ୟବହାର କରେ ନାହିଁ । ସିଏ କହୁଛନ୍ତି ଯେ ଏହା ମୋଟେ ନିଦଔଷଧ ନୁହେଁ, ଏହାଦ୍ୱାରା କେବଳ କଫ କମିଯିବ ଓ ଆରାମ ଲାଗିବ । ଏ ବିଷୟରେ ମୁଁ କିଛି ବୁଝି ପାରୁ ନାହିଁ ଏବଂ ମୁଁ ଆପଣଙ୍କୁ ଆଗ ପଚାରିବି ବୋଲି ମଧ୍ୟ ତାଙ୍କୁ କହିଛି ।*

ନାଇଁ, ନାଇଁ, ଆଦୌ କୌଣସି ଔଷଧ ନୁହେଁ ! ଯେତିକି ଔଷଧ ବ୍ୟବହାର କରିବ, ତୁମେ ସେତିକି ଅଧିକ ପରିମାଣରେ ନିଜ ଶରୀରର ସ୍ୱାଭାବିକ ପ୍ରତିରୋଧଶକ୍ତିକୁ ଦୁର୍ବଳ କରି ଦେଉଥିବ ।

ଅସ୍ୱସ୍ତିକରତାର ହ୍ରାସ ନିମନ୍ତେ ଦଶ ମିନିଟ **ଯଥାର୍ଥ ସ୍ଥିରତା**, ଉଭୟ ଭିତରର ଏବଂ ବାହାରର ସ୍ଥିରତା ପୃଥିବୀର ସକଳ ଔଷଧ ଅପେକ୍ଷା ଅଧିକ ଫଳଦାୟକ ହେବ । ନୀରବତା ମଧ୍ୟରେହିଁ ସବୁଠାରୁ ଅଧିକ ଫଳପ୍ରଦ ସହାୟତା ନିହିତ ରହିଥାଏ ।

ଆମର ଅନେକ ଆଶୀର୍ବାଦ ସହିତ ।

*୩୦ ଜାନୁଆରି ୧୯୩୯*

ସତକଥା କହିବାକୁ ଗଲେ, ମୁଁ ଭାବୁଛିଯେ ଡାକ୍ତର ଠିକ୍ କହୁଛନ୍ତି : ତୁମର ଅସୁସ୍ଥତା ଏକ ସ୍ନାୟୁସ୍ତରର ଅସୁସ୍ଥତା । ଅର୍ଥାତ୍, ଶରୀରର କୌଣସି ଅଙ୍ଗରେ କୌଣସି ଗୋଳମାଳ ନାହିଁ, କାର୍ଯ୍ୟାତ୍ମକ କ୍ଷେତ୍ରରେହିଁ ଯାହାକିଛି ଗୋଳମାଳ ରହିଛି । ତୁମର ମୁଣ୍ଡବ୍ୟଥା ଅଛି ସତ, ମାତ୍ର ଏହାଦ୍ୱାରା ଉକ୍ତ ଅନୁମାନଟି ଆଦୌ ମିଥ୍ୟା ବୋଲି ପ୍ରମାଣିତ ହୋଇ ଯାଉ ନାହିଁ । କାରଣ, ସ୍ନାୟୁଗତ କାରଣରୁ ମଧ୍ୟ ଜଣେ ମୁଣ୍ଡବ୍ୟଥା ଭୋଗିପାରେ ଓ ଖୁବ୍ କଷ୍ଟ

'oaob.nitrkl.ac.in' images reprocessed

ପାଇପାରେ । ମାତ୍ର, ତାହା ସ୍ନାୟୁଗତ ହୋଇଥାଉ କିଂବା ନ ହେଉ ପଛକେ ଏହା ଅତ୍ୟନ୍ତ ସ୍ପଷ୍ଟ ହୋଇଯାଉଛି ଯେ, ଯଦି ତୁମେ ଦିବ୍ୟ ପରମସତ୍ତାଙ୍କର ସତତ ସମ୍ପର୍କରେ ରହିପାରିବ, ତେବେ ତୁମେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯିବ ।

ଆମର ଅନେକ ଆଶୀର୍ବାଦ ତୁମ ସହିତ ସର୍ବଦା ରହିଛି ।

ଅନେକ ସ୍ନେହ ସହିତ ।

*୯ ଫେବ୍ରୁଆରି ୧୯୩୯*

ଆଦୌ କୌଣସି ଇଞ୍ଜେକ୍‌ସନ୍ ନ ନେବା କେଡ଼େ ସୁନ୍ଦର କଥାଟିଏ ହେବ ! ନୁହେଁ କି ?

ଅନ୍ୟସବୁ ବିଷୟରେ ତୁମେ କୌଣସି ଚିନ୍ତା କର ନାହିଁ । ପ୍ରତ୍ୟେକ କିଛିର ପଶ୍ଚାତରେ ଏପରିକି ବିପଦଗୁଡ଼ିକର ପଶ୍ଚାତରେ ମଧ୍ୟ ଦିବ୍ୟ ପରମ କରୁଣା ବିଦ୍ୟମାନ ରହିଛି, ଏବଂ ତାହାରି ସହାୟତାରେ, ଏପରି କୌଣସି ବସ୍ତୁ ନାହିଁ, ଯାହାକୁ କି ଅଗ୍ରଗତି ନିମନ୍ତେ ଏକ ସୁଯୋଗରେ ପରିଣତ କରି ନ ହେବ ।

ଆମର ଅନେକ ଆଶୀର୍ବାଦ ସର୍ବଦା ତୁମ ସହିତ ରହିଛି ।

*୨୩ ମାର୍ଚ୍ଚ ୧୯୩୯*

ଆଦୌ କୌଣସି କାରଣ ନ ଥାଇ ତୁମେ ନିଜକୁ କେତେ ଯନ୍ତ୍ରଣା ନ ଦେଉଛ ! ମୁଁ ଖୁବ୍ ଭଲକରି ଜାଣିଥିଲି ଯେ ତୁମେ ସେହି ବ୍ୟାଙ୍କ୍‌ମାଲିକଙ୍କ ସହିତ ଭୋଜନ କରିବାକୁ ଯାଉଛ, ଏବଂ ସେଥିରେ ଆଦୌ କୌଣସି ଭୁଲ୍ ରହିଛି ବୋଲି ମୁଁ ଦେଖି ନ ଥିଲି । ତୁମର କ୍ଷୁଦ୍ର ସଂଗୀତବୈଠକ ଏବଂ ସେହି ପ୍ରକାରର ଯେକୌଣସି ଅବସର ପରି ସେଥିରେ ଆଦୌ କୌଣସି ଭୁଲ୍ ନ ଥିଲା । ମୁଁ ସର୍ବଦା ଭାବିଆସିଛି ଯେ, ତୁମେ ଯାହା ସହିତ ଯେତେବେଳେ ଦେଖା କରିବାକୁ ଇଚ୍ଛା କରିବ ବା ଯେଉଁ ସ୍ଥାନକୁ ଯିବାକୁ ଚାହିଁବ, ସେହି ସ୍ୱାଧୀନତା ତୁମର ଅବଶ୍ୟ ରହିଛି । ଏ ବିଷୟରେ ମୁଁ ତୁମକୁ ଥରେମାତ୍ର କିଛି ପରାମର୍ଶ ଦେଇଥିଲି, ମାତ୍ର ତାହା କେବଳ ଏକ ପରାମର୍ଶହିଁ ଥିଲା, ସେତିକିଠାରୁ ଅଧିକ ଆଦୌ କିଛି ନ ଥିଲା ଏବଂ ଏକ ନିର୍ଦ୍ଦିଷ୍ଟ ଗୋଟିଏ ମାତ୍ର ଘଟଣା ବିଷୟରେ ଉଦ୍ଦିଷ୍ଟ ଥିଲା ।

ମୁଁ ତରତର ହୋଇ ତୁମ ପାଖକୁ ଏହି ଟିପା ଲେଖାଟିକୁ ପଠାଉଛି; ଆଶା କରୁଛି ଯେ ଏହା ମୁଁ ତୁମ ଲାଗି ସର୍ବଦା ଇଚ୍ଛା କରୁଥିବା ଶାନ୍ତି ଏବଂ ସ୍ଥିରତା ଆଣି ତୁମକୁ ଦେଇପାରିବ ।

ମୋ'ର ଅନେକ ଆଶୀର୍ବାଦ ତୁମ ସହିତ ଅନବରତ ରହିଛି ।

*୩ ମଇ ୧୯୩୯*

'oaob.nitrkl.ac.in' images reprocessed

ପ୍ରିୟ କୁନି 'କ',

ସବୁବିଷୟକୁ ଦେଖିବାର ମୋ'ର **ଯଥାର୍ଥ** ପ୍ରଣାଳୀଟିକୁ ଯଦି ତୁମେ ଇଚ୍ଛା କରୁଥାଅ, ତେବେ ମୁଁ ଅବଶ୍ୟ କହିବି ଯେ, ପୃଥିବୀର ସବୁଯାକ ବଟିକା ଓ ଇଞ୍ଜେକ୍‌ସନ୍ ନେବା ତୁଳନାରେ ଦିବ୍ୟ ପରମକରୁଣା ଉପରେହିଁ ବିଶ୍ୱାସ ଏବଂ ଆସ୍ଥାର ଏକ ଉତ୍ତମ ଅନୁପାନରୁ ତୁମକୁ ଅଧିକ ଭଲ ଫଳ ମିଳିବ ।

ମୋ'ର ଅନେକ ଆଶୀର୍ବାଦ ସହିତ । ମୁଁ ସର୍ବଦା ତୁମ ପାଖରେ ରହିଛି ।

*୭ ମଇ ୧୯୩୯*

ବିଚରା ମୋ' କୁନି 'କ',

ତୁମକୁ ନିରାଶ କରିଥିବାରୁ ମୁଁ ପ୍ରକୃତରେ ଅତ୍ୟନ୍ତ ଦୁଃଖିତ; ମାତ୍ର ତୁମେ ଇଚ୍ଛା କରୁଥିବା ସାକ୍ଷାତଟି ଯୁଦ୍ଧ ଶେଷ ହେବା ପୂର୍ବରୁ କଦାପି ସମ୍ଭବ ହେବ ନାହିଁ ।

ଏବଂ, ଆନ୍ତର ଅଭିବୃଦ୍ଧି ନିମନ୍ତେ, ଶବ୍ଦଗୁଡ଼ିକର କୌଣସି ପ୍ରୟୋଜନ ରହିଛି ବୋଲି ମୁଁ ଆଦୌ ବିଶ୍ୱାସ କରୁ ନାହିଁ । ନୀରବତା ମଧ୍ୟରେହିଁ ଆମର ସହାୟତା ସବୁଠାରୁ ଅଧିକ ଶକ୍ତିଶାଳୀ ହୋଇ ମହଜୁଦ ରହିଥାଏ ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ । *୬ ସେପ୍‌ଟେମ୍ବର ୧୯୩୯*

ମୋ' କୁନି 'କ',

**ଜଣେ ବ୍ୟକ୍ତିଙ୍କଠାରୁ ପ୍ରସୃତ ହେଉଥିବା ସ୍ପନ୍ଦନଗୁଡ଼ିକରୁ ଅନ୍ତତଃ କିଛି ଗ୍ରହଣ ନ କରି** ତାଙ୍କ ସହିତ ଏକାଠି ଧ୍ୟାନ କରିବା ଏକାବେଳେକେ ଅସମ୍ଭବ । ଗୋଟିଏ ସ୍ଥାନରେ ପ୍ରବେଶ କଲେ ଯେପରି ସେଠାରେ ଥିବା ବାୟୁକୁ ଅବଶ୍ୟ ଗ୍ରହଣ କରିବାକୁ ହୋଇଥାଏ, ଏହା ଠିକ୍ ସେହିଭଳି କଥା ।

ଯେତେବେଳେ ଜଣେ ବ୍ୟକ୍ତି ଏକ କ୍ଷତିକାରୀ ବାୟୁମଣ୍ଡଳକୁ ଓ ଏକ ମନ୍ଦ ପ୍ରଭାବକୁ ବହନ କରୁଥାଏ (ମୁଁ ଏ ବିଷୟରେ ତୁମକୁ ସତର୍କ କରି ଦେଇଥିଲି), ସେତେବେଳେ ସାବଧାନ ରହିବାକୁ ହୁଏ,– ଯେପରିକି ଧ୍ୟାନ କରୁଥିବା ସମୟରେ ସେହି ବାୟୁମଣ୍ଡଳଟି ସହିତ ତୁମେ କେବେହେଲେ ଗ୍ରହଣଶୀଳ ହୋଇ ରହି ନ ଥିବ ।

ଏହା ଭୁଲ୍ ନୁହେଁ, ଏହା ଏକ ଅଜ୍ଞାନୋଚିତ କାର୍ଯ୍ୟ । ଏବଂ, କହିବା ଅନାବଶ୍ୟକ ଯେ, ଏହାଦ୍ୱାରା ତୁମେ ମୋ'ର କୁନି 'କ' ହୋଇ ରହିବାରୁ ମୋଟେ ବଞ୍ଚିତ ହୋଇ ରହିବ ନାହିଁ ଅଥବା ମୋ'ର ବାହୁଗୁଡ଼ିକୁ ତୁମକୁ ବେଷ୍ଟନକରି ରହି ତୁମକୁ ସୁରକ୍ଷା ମଧ୍ୟରେ ରଖିବାକୁ ଏହା କଦାପି ଅଟକାଇ ରଖିପାରିବ ନାହିଁ । *୧୯ ସେପ୍‌ଟେମ୍ବର ୧୯୩୯*

'oaob.nitrkl.ac.in' images reprocessed

ତୁମେ କାହିଁକି ନିଜର ନୀରବତା ଭଙ୍ଗ କରିବାକୁ ଇଚ୍ଛା କରୁଛ ? ନୀରବତା ହେଉଛି ଯାବତୀୟ ଯଥାର୍ଥ ଆଧ୍ୟାତ୍ମିକ ଉପଲବ୍ଧି ପାଇଁ ଦ୍ୱାରସ୍ୱରୂପ ?

ଏବଂ ମୁଁ ତୁମ ସହିତ ସତତ ରହିଛି । ନୀରବତା ମଧ୍ୟରେ ମୋ'ର ଶକ୍ତିକୁ ଆକର୍ଷିତ କର; ସେହି ଶକ୍ତି ତୁମକୁ କଦାପି ବଞ୍ଚିତ କରି ରଖିବ ନାହିଁ ।

ଆମର ଅନେକ ଆଶୀର୍ବାଦ ।

*୨୩ ଡିସେମ୍ବର ୧୯୩୯*

ପ୍ରିୟ କୁନି 'କ',

ଈର୍ଷାର ରାକ୍ଷସ ଯେତେବେଳେ ଆପଣାର କୌଣସି ପ୍ରସ୍ତାବ ନେଇ ତୁମ କାନପାଖରେ ଆସି ଫୁସୁଫୁସୁ ହୁଏ, ସେତେବେଳେ, ସାବଧାନ, ତୁମେ କଦାପି ତା' କଥା ଶୁଣିବ ନାହିଁ ।

ଯେତେବେଳେ ଯୁଦ୍ଧ ଆରମ୍ଭ ହେଲା, ସେତେବେଳେ ମୁଁ ତୁମକୁ କହିଥିଲି ଯେ, ଯୁଦ୍ଧ ଶେଷ ହେବା ପର୍ଯ୍ୟନ୍ତ ମୁଁ ସାଧକମାନଙ୍କୁ ସାକ୍ଷାତର ଅନୁମତି ଦେବି ନାହିଁ । ମୁଁ ଯାହା କହିଥିଲି, ବର୍ତ୍ତମାନ ତାହାହିଁ କରୁଛି । ଯାବତୀୟ ନିୟମିତ ସାକ୍ଷାତ୍କାରକୁ ବନ୍ଦ କରି ଦିଆଯାଇଛି । ବେଳେ ବେଳେ, ସର୍ବଦା ଆଦୌ ନୁହେଁ, କୌଣସି ଅତିଥି ଏଠାରୁ ଯିବା ପୂର୍ବରୁ ମୁଁ ତାଙ୍କୁ ସାକ୍ଷାତ୍ ଦେଇଥାଏ । ସେତିକିକୁ ବାଦ୍ ଦେଲେ, ଏହି ଅନେକ ମାସ ଭିତରେ ମୁଁ କେବଳ ଦୁଇଟି ବା ତିନୋଟି ବ୍ୟତିକ୍ରମ ଘଟାଇଛି । ତୁମର ନିଜ ବ୍ୟାପାର ନେଇ **ତୁମ ସହିତ ଏକ ସାକ୍ଷାତ୍ ମଧ୍ୟ ତାହାର ଅନ୍ତର୍ଗତ** । ଯଦି ତୁମକୁ କେହି ଅନ୍ୟପ୍ରକାରେ କହିଲା, ତୁମେ ସେଥିରେ କାହିଁକି ବିଶ୍ୱାସ କରୁଛ ? ତୁମକୁ ଏହିସବୁ ଛାଇକୁ ସତ୍ୱର ନିଜ ପାଖରୁ ତଡ଼ି ବାହାର କରିଦେବାକୁ ହେବ ଏବଂ ଏକ ଅବିଚଳିତ ବିଶ୍ୱାସର ପ୍ରଶାନ୍ତି ମଧ୍ୟରେ ସତତ ବାସ କରିବାକୁ ପଡ଼ିବ ।

ମୁଁ ସର୍ବଦା ତୁମ ପାଖରେ ରହିଛି । ଯଦି ଯତ୍ନର ସହିତ ଶୁଣିବ, ତେବେ ତୁମର ପ୍ରଶ୍ନଗୁଡ଼ିକ ଲାଗି ମୋ'ର ଉତ୍ତରଗୁଡ଼ିକୁ ମଧ୍ୟ ତୁମେ ଶୁଣିପାରିବ । ଯେତେବେଳେ ତୁମ ଭିତରେ ସବୁକିଛି ସ୍ଥିର ଏବଂ ନୀରବ ହୋଇଯିବ, ତୁମେ ସେତେବେଳେ ମୂର୍ତ୍ତ ଭାବରେ ମୋ'ର ଉପସ୍ଥିତିକୁ ଅନୁଭବ କରିବ ଏବଂ ସେଇଟିର ତୁଳନାରେ ଆଉ ଅଧିକ ଯଥାର୍ଥ ଏବଂ ଅଧିକ ଫଳପ୍ରଦ ସହାୟତା ଆଉ କ'ଣ ଅଛି ?

ସର୍ବଦା ମୋ'ର ଗଭୀରତମ ସ୍ନେହ ଓ ଆମର ଅନେକ ଆଶୀର୍ବାଦ ସହିତ ।

*୪ ମାର୍ଚ୍ଚ ୧୯୪୦*

'oaob.nitrkl.ac.in' images reprocessed

ପ୍ରିୟ କୁନି 'କ'

୨୨ ତାରିଖ ବିଷୟରେ ମୁଁ ଏକମତ — ଖୁବ୍‌ସମ୍ଭବ ଏହା ସାଢ଼େ ପାଞ୍ଚଟା ବେଳେ ଶିଡ଼ିର ସବା ଉପରେ ହୋଇପାରିବ । ମାତ୍ର, ଅସ୍ଥିରତାର ଏହିସବୁ ଦିନଗୁଡ଼ିକରେ ଏତେ ଆଗରୁ ବ୍ୟବସ୍ଥାମାନ କରିବା ବଡ଼ କଷ୍ଟକର । ଆମକୁ ଗୋଟିଏ ଦିନରୁ ଆଉ ଗୋଟିଏ ଦିନକୁ ବଞ୍ଚିବାକୁ ହେବ, ଏବଂ ଆମର ସକଳ ଚେତନା କେବଳ ସେହି ଗୋଟିଏ ଆଲୋକଦୀପ୍ତ ଦିଗ୍‌ବଳୟ ଉପରେ, ଦିବ୍ୟ ପରମ ଉପଲବ୍ଧି ଉପରେ ନିବଦ୍ଧ ହୋଇ ରହିଥିବ ।

ତୁମଲାଗି ଆମର ଅନେକ ଆଶୀର୍ବାଦ ଏବଂ ମୋ'ର ସ୍ନେହ ।

*୫ ଜୁଲାଇ ୧୯୪୦*

ପ୍ରିୟ କୁନି 'କ',

ନିଜ ବିଷୟରେ ଚିନ୍ତା କରିବାରେ ଅତିରିକ୍ତ ଭାବରେ ବ୍ୟସ୍ତ ରହିଲେ (ଭୌତିକ ହେଉ ଅଥବା ଆଧ୍ୟାତ୍ମିକ ହେଉ) ସାଧାରଣତଃ ସେଇଥିରୁହିଁ ଶୁଷ୍କତା ନିଷ୍ପନ୍ନ ହୋଇଥାଏ ଏବଂ ତାହାର ଫଳସ୍ୱରୂପ ଚେତନା କ୍ରମେ ସଂକୀର୍ଣ୍ଣ ହୋଇ ଆସେ । ଏବଂ ତା'ପରେ ସେହି ଚେତନା ଆଉ ଦିବ୍ୟ ଶକ୍ତିଚୟ ସହିତ ଯଥେଷ୍ଟ ପରିମାଣରେ ଯୁକ୍ତ ହୋଇ ରହିପାରେ ନାହିଁ ।

ଏହାର ପ୍ରତିକାର : ଦିବ୍ୟ ପରମସତ୍ତାଙ୍କ ଲାଗି ଏକ ଆହୁରି ସମ୍ପୂର୍ଣ୍ଣ ଆତ୍ମଦାନ ।

ମୋ'ର ଅନେକ ଆଶୀର୍ବାଦ ଓ ସମସ୍ତ ଭଲ ପାଇବା ସହିତ ।

*୮ ଡିସେମ୍ବର ୧୯୪୦*

ପ୍ରିୟ କୁନି 'କ',

ଚିନ୍ତା କର ନାହିଁ; ମୁଁ କେବଳ ଏତିକି କହିବାକୁ ଚାହିଁଥିଲି ଯେ ତୁମେ ଏପର୍ଯ୍ୟନ୍ତ ସାମାଜିକ ସମ୍ପର୍କଗୁଡ଼ିକରୁ ସମ୍ପୂର୍ଣ୍ଣ ଭାବରେ ମୁକ୍ତ ହୋଇ ପାରି ନାହଁ । ମାତ୍ର, ଦିବ୍ୟ ପରମସତ୍ତାଙ୍କ ନିମନ୍ତେ ତୁମ ଆସ୍ପୃହାର ଅଗ୍ନି ତୁମ ଭିତରେ ଅଧିକରୁ ଅଧିକ ଉଦ୍ଦୀପ୍ତ ହୋଇ ଜଳିବାକୁ ଆରମ୍ଭ କରିବା ସଙ୍ଗେ ସଙ୍ଗେ ତାହା ନିଶ୍ଚିତ ଭାବରେ ସମ୍ଭବ ହୋଇଯିବ ।

ମୋ'ର ଅନେକ ଆଶୀର୍ବାଦ ଏବଂ ସମସ୍ତ ଭଲ ପାଇବା ସହିତ ।

*୧୬ ଜାନୁଆରି ୧୯୪୧*

'oaob.nitrkl.ac.in' images reprocessed

# ତୃତୀୟ ଗୁଚ୍ଛ
(୧୯୩୮ - ୧୯୬୧)

'oaob.nitrkl.ac.in' images reprocessed

'oaob.nitrkl.ac.in' images reprocessed

## ତୃତୀୟ ଗୁଚ୍ଛ*

ଜଣେ ଶିଷ୍ୟଙ୍କ ପାଖକୁ, ଯାହାଙ୍କୁ କି କେବଳ ତାଙ୍କ ନାମର ମୂଳ ଅକ୍ଷର 'R' ଦ୍ୱାରା ଏହି ଲେଖାଟି ମଧ୍ୟରେ ଚିହ୍ନିତ କରାଯାଇଛି । ଉତ୍ତର ପ୍ରଦେଶର ଗୁରୁକୁଳ କାଙ୍ଗଡ଼ିଠାରେ ପ୍ରତିପାଳିତ ଏହି ଶିଷ୍ୟ ୧୯୩୮ ମସିହା ଜୁଲାଇରେ ଶ୍ରୀଅରବିନ୍ଦ ଆଶ୍ରମରେ ଯୋଗ ଦେଇଥିଲେ । ସେତେବେଳେ ତାଙ୍କୁ ୨୧ ବର୍ଷ ହୋଇଥିଲା । ଏବଂ ସେହିଦିନଠାରୁ ଏଠାରେ ରହିଛନ୍ତି । ବିଶେଷତଃ ନିଜ କର୍ମର ମାଧ୍ୟମରେ ସେ ମାଆଙ୍କର ସେବା କରିବାକୁ ପ୍ରୟାସ କରୁଥିଲେ ଏବଂ ଚିଠିଗୁଡ଼ିକରେ ତାଙ୍କର ସେହି ଆଗ୍ରହଟିହିଁ ପ୍ରତିଫଳିତ ହୋଇଛି । ଚିଠିଗୁଡ଼ିକ ଅଧିକାଂଶ ପ୍ରତ୍ୟକ୍ଷ ଭାବରେ କାର୍ଯ୍ୟଗତ ସମସ୍ୟାଗୁଡ଼ିକ ବିଷୟରେ ଚର୍ଚ୍ଚା କରିଛନ୍ତି । ଆଶ୍ରମରେ ଆପଣାର ପଚାଶ ବର୍ଷର ଅବଧି ମଧ୍ୟରେ ଏହି ଶିଷ୍ୟ ଏକାଧିକ ସ୍ଥାନରେ ଅବସ୍ଥାପିତ ହୋଇ କାର୍ଯ୍ୟ କରିଛନ୍ତି । ଏଠାରେ ପ୍ରଧାନ ସ୍ଥାନଗୁଡ଼ିକୁ ସୂଚିତ କରି ଦିଆଯାଉଛି, କାରଣ ପତ୍ରାଳାପରେ ସେହିଗୁଡ଼ିକ ସମ୍ବନ୍ଧରେ ବିଷୟମାନ ରହିଛି । ସେଗୁଡ଼ିକ ହେଉଛି : ଶ୍ରୀଅରବିନ୍ଦ ଓ ମାଆଙ୍କ ପାଇଁ ଫଳରସ ପ୍ରସ୍ତୁତ କରିବା, ନୂତନ ଆଶ୍ରମବାସୀଙ୍କ ଲାଗି କାର୍ଯ୍ୟର ନିର୍ଦ୍ଧାରଣ କରିଦେବା, ଆଶ୍ରମବାସୀମାନଙ୍କ ଲାଗି ଇନ୍ଧନ ଓ ଖାଦ୍ୟସାମଗ୍ରୀ ବିତରଣ କରିବା, ଫଳକୋଠରି, ଭୋଜନାଗାର, ପାଉଁରୁଟି ବିଭାଗ ଓ ଲୁଗାକଟା ବିଭାଗର ବ୍ୟବସ୍ଥାପକ ହେବା (କେତେକ କ୍ଷେତ୍ରରେ ଅନ୍ୟମାନଙ୍କ ସହିତ ମିଳିତ ଭାବରେ), 'ପୁରୋଧା' ଏବଂ 'ଅଗ୍ନିଶିଖାର'ର ସମ୍ପାଦନା କରିବା (ଦୁଇଟି ହିନ୍ଦୀ ମାସିକ ପତ୍ରିକା), ଆଶ୍ରମ ଶିକ୍ଷାକେନ୍ଦ୍ରରେ ହିନ୍ଦୀ ଶିକ୍ଷକର କାର୍ଯ୍ୟ କରିବା ଏବଂ, ଶ୍ରୀଅରବିନ୍ଦ ଓ ମାଆଙ୍କର ବହୁ ରଚନାର ହିନ୍ଦୀ ଅନୁବାଦ କରିବା ।

*ଜନନୀ ମୋ'ର,*

*ବେଳେ ବେଳେ ଆଶ୍ରମ ଓ ଆଶ୍ରମ ବାହାରର ଏକାଧିକ ବ୍ୟକ୍ତି ଲେଖିଥିବା ଗଳ୍ପଗୁଡ଼ିକୁ ମୁଁ ଅନୁବାଦ କରୁଛି । ଯଦି ସେଗୁଡ଼ିକୁ ଛପାଇବା ଲାଗି ମୋ'ର ଇଚ୍ଛା ହୁଏ, ମୁଁ ତାହା କରି ପାରିବି କି ? ସଂପ୍ରତି ପ୍ରତ୍ୟେକଟି ଲେଖା ପାଇଁ ଆପଣଙ୍କର*

---

* ଏହି ଗୁଚ୍ଛଟି ସମ୍ପୂର୍ଣ୍ଣ ଭାବରେ ଇଂରାଜୀ ଭାଷାରେ ଲିଖିତ । କେବଳ ଗୋଟିଏ ଉତ୍ତର ଫରାସୀ ଭାଷାରେ ଦିଆଯାଇଥିଲା ।

'oaob.nitrkl.ac.in' images reprocessed

*ଅନୁମୋଦନ ଦେବା ଆପଣଙ୍କ ଲାଗି କଷ୍ଟକର ହେବ । ଏହି ସାହିତ୍ୟିକ କାର୍ଯ୍ୟ ମୋ'ର ସାଧନାରେ ମୋତେ ସାହାଯ୍ୟ କରୁଛି ଅଥବା ଏକ ପ୍ରତିବନ୍ଧକ ହୋଇ ରହିଛି ?*

ତୁମେ ବେଳେ ବେଳେ ଏହି ଅନୁବାଦ କାର୍ଯ୍ୟଟିକୁ କରିପାରିବ, ମାତ୍ର ଏତେ ଅଧିକ ପରିମାଣରେ କରିବ ନାହିଁ ଯାହାଦ୍ୱାରା କି ସେଥିରେ ନିମଗ୍ନ ହୋଇ ରହିଯିବ । ଚେତନା ସାଧନା ନିମନ୍ତେ ମୁକ୍ତ ହୋଇ ରହିଥିବା ଉଚିତ ।

ପ୍ରେମ ଓ ଆଶୀର୍ବାଦ ।

*୨୯ ଡିସେମ୍ବର ୧୯୩୮*

ତୁମ ଚିଠିର ଉତ୍ତରରେ ମୁଁ ତୁମକୁ କହିପାରିବି ଯେ, ଯଦି ସମ୍ପତ୍ତିର ମୂଲ୍ୟ ମୋତେ ଦିଆଯାଏ, ତେବେ ମୁଁ ତାହା ନିଶ୍ଚୟ ଗ୍ରହଣ କରିବି । ମାତ୍ର ମୁଁ କଦାପି ଦିଅ ବୋଲି ମାଗିବି ନାହିଁ, କେବଳ ଏକ ସମ୍ପୂର୍ଣ୍ଣ ଦାନରୂପେ ଗ୍ରହଣ କରି ପାରିବି ।

ମୋ'ର ଭଲ ପାଇବା ଏବଂ ଅନେକ ଆଶୀର୍ବାଦ ତୁମ ସହିତ ରହିଛି ।

*୨୦ ଜାନୁଆରି ୧୯୩୯*

*ଜନନୀ ମୋ'ର,*

*ମାତୃଭୂମି ଓ ମାତୃଭାଷାର ସେବା କରିବାର ନାମରେ ମୋ' ଭିତରେ କେତେଗୁଡ଼ିଏ ପ୍ରଲୋଭନ ଆସୁଛନ୍ତି । ପ୍ରସିଦ୍ଧି, ଗାନ୍ଧିଜିଙ୍କର ବ୍ୟକ୍ତିତ୍ୱ ଏବଂ ତାଙ୍କର ମହାନ୍ ଲୋକହିତୈଷୀ କାର୍ଯ୍ୟ ମୋତେ ସତେଅବା ଥୋପ ପରି ଦିଶୁଛନ୍ତି । ଆପଣ ଦୟାକରି ମୋତେ ଟିକେ ରକ୍ଷା କରନ୍ତୁ । ମୋ'ର ଜଣେ ବନ୍ଧୁ ଶ୍ରୀଯୁକ୍ତ କାଲେଲ୍କରଙ୍କ ପାଖକୁ ଯାଇ ତାଙ୍କ କାର୍ଯ୍ୟରେ ଯୋଗ ଦେବାକୁ ମୋ' ଉପରେ ଚାପ ଦେଉଛନ୍ତି । ଆପଣ ଦୟାକରି ଦେଖନ୍ତୁ, ଯେପରିକି ଏଇଟି ଓ ଏହିଭଳି ଅନ୍ୟ ପ୍ରଲୋଭନଗୁଡ଼ିକ ମଧ୍ୟ ମୋତେ ଆପଣଙ୍କର ବାହୁଗୁଡ଼ିକ ମଧ୍ୟରୁ ଛିନ୍ନ କରି ନେଇ ନ ଯା'ନ୍ତି ।*

*ମୁଁ କାହାଣୀଟିଏ ଲେଖିଛି । ତାହାକୁ ଛାପିବା ଲାଗି ପଠାଇ ପାରିବି କି ?*

ହଁ, ପଠାଇ ପାରିବ, ଯଦି ସେଥିରେ କିଛି ଆପତ୍ତିଜନକ ବିଷୟ ନ ଥାଏ – ଅର୍ଥାତ୍, କୌଣସି ରାଜନୀତିକ ଅଥବା ସାମାଜିକ ବିବାଦାସ୍ପଦ କଥା ଇତ୍ୟାଦି ନ ଥାଏ ।

ମୋ'ର ପ୍ରିୟ ସନ୍ତାନଟି ଲାଗି ସ୍ନେହ ଓ ଅନେକ ଆଶୀର୍ବାଦ ।

*୨୫ ମାର୍ଚ୍ଚ ୧୯୩୯*

'oaob.nitrkl.ac.in' images reprocessed

*ମାଆ,*

*ମୁଁ ସମ୍ପାଦନା କରୁଥିବା ବିଶେଷ ଶ୍ରୀଅରବିନ୍ଦ ସଂଖ୍ୟାଟିରେ ପ୍ରକାଶ କରିବା ନିମନ୍ତେ ମୁଁ ଆପଣଙ୍କର ଏକ ସଂକ୍ଷିପ୍ତ ଜୀବନ-ବିବରଣୀ ପାଇପାରିବି କି ? ଯଦି ପାଇବି, ତେବେ ମୋତେ କାହାଙ୍କ ପାଖକୁ ଯାଇ ଅନୁରୋଧ କରିବାକୁ ହେବ ?*

ମୁଁ ମୋ'ର କୌଣସି ଜୀବନ-ବିବରଣୀ ପ୍ରକାଶିତ ହେବାକୁ ଇଚ୍ଛାକରୁ ନାହିଁ । ଆଗରୁ ମୋତେ ଯେଉଁମାନେ ଏଥିପାଇଁ ଅନୁରୋଧ କରିଛନ୍ତି, ମୁଁ କାହାକୁହେଲେ ଅନୁମତି ଦେଇ ନାହିଁ ।

ମୋର ଭଲ ପାଇବା ଓ ଅନେକ ଆଶୀର୍ବାଦ ।

*୩ ଏପ୍ରିଲ ୧୯୩୯*

*ଆଦରଣୀୟା ମାଆ,*

*ବିଶେଷ ଶ୍ରୀଅରବିନ୍ଦ ସଂଖ୍ୟାଟି ପ୍ରସ୍ତୁତ ହୋଇଗଲାଣି । ସେଥିଲାଗି ପାଠ ପ୍ରସ୍ତୁତ ଅଛି, ମୁଁ ଯେଉଁ ଅଂଶଗୁଡ଼ିକୁ ଅନୁବାଦ କରିଛି, ଏହି ଶେଷ ମୁହୂର୍ତ୍ତରେ ସେଗୁଡ଼ିକୁ ପ୍ରକାଶ କରିବା ପାଇଁ ମୁଁ ଅତ୍ୟନ୍ତ ଅନିଚ୍ଛୁକ । ଏବଂ ତେଣୁ ଏହାକୁ ବାଦ୍ ନ ଦେଲେ ମଧ୍ୟ ପରବର୍ତ୍ତୀ କୌଣସି ସଂଖ୍ୟାକୁ ରଖିଦେବାକୁ ଇଚ୍ଛା କରୁଛି ।*

*ମୋତେ ବେଶ୍ ବିରସ ବୋଧ ହେଉଛି । ମନେ ହେଉଛି, ମୁଁ କରିଥିବା ଅନୁବାଦଗୁଡ଼ିକ ସନ୍ତୋଷଜନକ ହୋଇ ନାହିଁ ।*

*କ'ଣ କରିବାକୁ ହେବ ମୁଁ ଜାଣି ପାରୁ ନାହିଁ । ମୁଁ ଭାବୁଛି, ଏହା ଆପଣଙ୍କର ଇଚ୍ଛା ଯେ ବର୍ତ୍ତମାନ ସେହି ସଂଖ୍ୟାଟି ପ୍ରକାଶ ପାଇବା ଆଦୌ ଉଚିତ ନୁହେଁ, ଏବଂ ସେହି କାରଣରୁହିଁ ମୋ' ଭିତରେ ଏହି ଅସନ୍ତୋଷ ଦେଖା ଦେଇଛି । କାରଣ, ଗତ ସପ୍ତାହ ପର୍ଯ୍ୟନ୍ତ ମୋ' କାର୍ଯ୍ୟଟିରେ ମୁଁ ସମ୍ପୂର୍ଣ୍ଣ ସନ୍ତୋଷ ପ୍ରକାଶ କରୁଥିଲି । ଯେତେବେଳେ ଏହା ଆପଣଙ୍କ ଇଚ୍ଛାର ବିରୋଧରେ ଯାଉଛି, ସେତେବେଳେ ଏହାକୁ ମୁଁ କିପରି କରିପାରିବି ?*

ଅନୁବାଦଗୁଡ଼ିକୁ କରିବାରେ ତୁମକୁ ନିଶ୍ଚୟ କଠିନ ପରିଶ୍ରମ କରିବାକୁ ପଡ଼ିଥିବ ଏବଂ ସେହି କାରଣରୁହିଁ ତୁମକୁ ବର୍ତ୍ତମାନ ଏପରି ଅସନ୍ତୁଷ୍ଟ ଏବଂ ନିରାଶ ଲାଗୁଛି । ମାତ୍ର, ଅନୁବାଦଟି ଯେ ଠିକ୍ ହୋଇଛି, ମୋ'ର ସେଥିରେ କୌଣସି ସନ୍ଦେହ ନାହିଁ ଏବଂ ତେଣୁ ତାହାର ପ୍ରକାଶନକୁ ଗଡ଼ାଇ ଦେବାର କୌଣସି କାରଣ ନାହିଁ ।

'oaob.nitrkl.ac.in' images reprocessed

ମୋ'ର ଭଲ ପାଇବା ଓ ଅନେକ ଆଶୀର୍ବାଦ ସହିତ ।

*୨୪ ମଇ ୧୯୩୯*

ମୁଁ ଅଭୟଙ୍କର ପତ୍ର ପାଇଛି, ତୁମେ ତାଙ୍କ ପାଖକୁ ଏପରି ଲେଖିବ : ''ଆଶ୍ରମ ସହିତ ସମ୍ବନ୍ଧ ରହିଥିବା ଯେକୌଣସି ବ୍ୟକ୍ତି ପାଇଁ କୌଣସି ପ୍ରକାରର ରାଜନୀତିରେ ସଂପୃକ୍ତ ହେବାର ଆଦୌ କୌଣସି ପ୍ରଶ୍ନହିଁ ଉଠୁ ନାହିଁ । ତାଙ୍କର ସାର୍ ଆକ୍‌ବର ହାଇଦରିଙ୍କ ପାଖକୁ ଆଦୌ ଯିବା ଉଚିତ ନୁହେଁ (ଯାବତୀୟ ଦୃଷ୍ଟିରୁ ବିଚାର କଲେ ତାହାର କୌଣସି ପ୍ରୟୋଜନ ମଧ ନାହିଁ) । ଯଦି ସେ ଯିବେ ଏବଂ ସାର୍ ଆକବର ଯଦି ଏ ବିଷୟରେ ଆମକୁ କହିବେ, ତେବେ ତାଙ୍କର ଏହି କାର୍ଯ୍ୟଟି ଆମର ଅନୁମୋଦନରେ ହୋଇ ନାହିଁ ବୋଲି ଆମେ କହିବାକୁ ବାଧ ହେବୁ ।'' ତୁମେ ତାଙ୍କ ପାଖକୁ ଆମର ଆଶୀର୍ବାଦ ପଠାଇଦେବ ।

*୩ ଜୁନ୍ ୧୯୩୯*

ସ୍ନେହର ସନ୍ତାନଟି,

ମୁଁ ସବୁବେଳେ ରହିଛି, ତୁମର ଅତି ନିକଟରେ ଅଛି, ତୁମ ଭିତରେ ରହିଛି – ଓ ମୋ'ର ଅନେକ ଆଶୀର୍ବାଦ ତୁମ ସହିତ ରହିଛି ।

*୧୯ ଜୁନ୍ ୧୯୩୯*

*ମାଆ,*

*ଆଜି 'କ' ବହିଗୁଡ଼ିକ ପାଇଁ ଆସିଥିଲେ । ଏହା ଅସମ୍ଭବ ବୋଲି ମୁଁ ଆପଣଙ୍କ ତରଫରୁ ତାଙ୍କୁ କହିଦେଇଛି । ସେ ଯାଉ ନାହାନ୍ତି । ସେ କହୁଛନ୍ତି ଯେ ସେ ଆପଣଙ୍କ ପାଖରେ ନିଶ୍ଚୟ ରହିବେ ଏବଂ, ତାଙ୍କର ରହିବା ବିଷୟରେ ବସ୍ତୁତଃ ଆପଣଙ୍କର କୌଣସି ଆପତ୍ତି ନାହିଁ ।*

ଏହା ସମ୍ପୂର୍ଣ୍ଣ ଭୁଲ୍ । ଶ୍ରୀଅରବିନ୍ଦ ଓ ମୁଁ ଉଭୟେ ସିଏ ଯାଆନ୍ତୁ ବୋଲି ଚାହୁଁଛୁ, କାରଣ ଆମର ଏ ବିଷୟରେ ପୂର୍ଣ୍ଣ ପ୍ରତ୍ୟୟ ରହିଛି ଯେ, ପଣ୍ଡିଚେରୀର ବାୟୁମଣ୍ଡଳ ତାଙ୍କ ମନର ଭାରସାମ୍ୟ ନିମନ୍ତେ ଆଦୌ ଅନୁକୂଳ ହେବ ନାହିଁ ଏବଂ ଏଠାର ଜଳବାୟୁ ମଧ ତାଙ୍କର ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ ।

*୨୧ ଜୁନ୍ ୧୯୩୯*

'oaob.nitrkl.ac.in' images reprocessed

ଅଭୟ ମୋ' ପାଖକୁ ଲେଖିଛନ୍ତି ଯେ ସେ ତୁମକୁ ତାଙ୍କ ସାଙ୍ଗରେ ଗୁରୁକୁଳ ନେଇଯିବାକୁ ଇଚ୍ଛା କରୁଛନ୍ତି ।

**ମୁଁ ଏପର୍ଯ୍ୟନ୍ତ ତାଙ୍କ ଚିଠିର ଉତ୍ତର ଦେଇ ନାହିଁ ।**

ତୁମେ ଏବିଷୟରେ କ'ଣ ଭାବୁଛ, ମୁଁ ଆଗ ତୁମକୁ ସେକଥା ପଚାରିବାକୁ ଇଚ୍ଛା କରୁଥିଲି ।

ଅବଶ୍ୟ, ଯଦି ତୁମେ **ମୋତେ** ପଚାରିବ, ତେବେ ମୁଁ ତୁମକୁ କହିବି ଯେ, ତୁମର ସେଠାକୁ ଯିବାର କୌଣସି କାରଣ ମୁଁ ଦେଖୁ ନାହିଁ । ମାତ୍ର, ତୁମକୁ ମୋତେ ଖୋଲି କରି ନିଜ ମନକଥା କହିବାକୁ ହେବ ।

ମୋ'ର ପ୍ରିୟ ସନ୍ତାନଟି ଲାଗି ସ୍ନେହ ଓ ଅନେକ ଆଶୀର୍ବାଦ ।

*୨୫ ସେପ୍‌ଟେମ୍ବର ୧୯୩୯*

*(ଶିଷ୍ୟ ମାଆଙ୍କୁ ଜଣାଇ ଦେଇଥିଲେ ଯେ ସେ ଆଶ୍ରମ ଛାଡ଼ି ଅନ୍ୟତ୍ର ଯିବାକୁ ଇଚ୍ଛା କରୁ ନ ଥିଲେ; ମାତ୍ର ଯଦି ମାଆ ତାଙ୍କୁ ବାହାର କରିଦେବାକୁ ଚାହାଁନ୍ତି, ତେବେ ସେ ଅବଶ୍ୟ ଚାଲିଯିବେ ।)**

ତୁମର ଉତ୍ତରଟିରେ ମୁଁ ଅତ୍ୟନ୍ତ ପ୍ରୀତ ହୋଇଛି । ଅବଶ୍ୟ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନ ଥିଲା । ତୁମ ହୃଦୟରେ ଯେ କ'ଣ ଅଛି, ତାହା ମୁଁ ଜାଣିଥିଲି ମାତ୍ର, ଅଭୟକୁ ଯେପରି ସିଧା **ନାହିଁ** ବୋଲି କହି ପାରିବି, ସେଥିପାଇଁ ମୁଁ ତୁମଠାରୁ ଏକ ଲିଖିତ ଉତ୍ତର ପାଇବାକୁ ଇଚ୍ଛା କରୁଥିଲି ।

ତୁମେ ନିଶ୍ଚିତ ରହିପାର ଯେ ମୁଁ ତୁମକୁ ଏଠାରୁ ଆଉ କୁଆଡ଼େ ପଠାଇ ଦେବି ନାହିଁ ।

ମୋର ପ୍ରିୟ ସନ୍ତାନଟିକୁ ସ୍ନେହ ଓ ଅନେକ ଆଶୀର୍ବାଦ ।

*୨୫ ସେପ୍‌ଟେମ୍ବର ୧୯୩୯*

* ମୂଳ ଚିଠିଟି ଆଉ ମିଳୁ ନାହିଁ । ତେଣୁ ଶିଷ୍ୟଜଣକ ଯେତିକି ସ୍ମରଣ କରି ପାରୁଛନ୍ତି, ତାହାରି ଆଧାର ଉପରେ ଏହି ଉକ୍ତିଟି ପ୍ରଦତ୍ତ ହୋଇଛି । ପରେ ଅନ୍ୟ ବ୍ୟକ୍ତିମାନଙ୍କ କ୍ଷେତ୍ରରେ ମଧ୍ୟ, ଯଦି ମୂଳ ଚିଠିଟି ସମ୍ପୂର୍ଣ୍ଣଭାବେ ଅଥବା ଅଂଶତଃ ମିଳୁ ନାହିଁ, ସେଗୁଡ଼ିକରେ ମଧ୍ୟ ଏହିପରି ଟିପ୍ପଣୀମାନ ଦିଆଯାଇଛି ।

'oaob.nitrkl.ac.in' images reprocessed

*ମାଆ,*

*ଆପଣଙ୍କର କାର୍ଯ୍ୟ ବିଷୟରେ ଚିନ୍ତା କରିବାକୁ ଆପଣଙ୍କ ବିଷୟରେ ଚିନ୍ତା କରିବାର ଏକ ଅଂଶ ବୋଲି କୁହାଯାଇ ପାରିବ କି ନାହିଁ, ଆପଣଙ୍କୁ ମୁଁ ସେହି କଥା ପଚାରିବାକୁ ଇଚ୍ଛା କରୁଛି । ମୁଁ ଆପଣଙ୍କୁ ସର୍ବଦା ମନେ ପକାଉ ନ ଥିଲେ ମଧ୍ୟ ଆପଣଙ୍କର କାର୍ଯ୍ୟକୁ ଯଦି ମୁଁ ମନେ ପକାଉଥାଏ ଓ ତାହାରି ବିଷୟରେ ଭାବୁଥାଏ, ତେବେ ତାହାକୁ ଉଚିତ ଦୃଷ୍ଟିକୋଣ ଆଡ଼କୁ ଅଗ୍ରସର ହେବା ବୋଲି କୁହାଯିବ କି ?*

ହଁ, ଏହା ବେଶ୍ ଉତ୍ତମ କଥା ।

*୨୭ ନଭେମ୍ବର ୧୯୩୯*

*ମାଆ,*

*ମୁଁ କୌଣସି ବିଛଣା, ମଶାରି ବା ଏପରିକି ତକିଆଟିଏ ମଧ୍ୟ ବ୍ୟବହାର କରେ ନାହିଁ । ଆଦୌ କିଛି ନ ବିଛାଇ ମୁଁ ଖଟ ଉପରେ ଶୋଇପଡ଼େ, ଅଥବା ଶପଟିଏ ବିଛାଇ ଦେଇ ତଳେ ଶୁଏ । ଆପଣ ଏହାକୁ ପସନ୍ଦ କରନ୍ତି ନାହିଁ ବୋଲି ମୋତେ କୁହାଯାଇଛି । ଏହା ସତକଥା କି ? ଅବଶ୍ୟ ମୁଁ ଆଗରୁ ବୈରାଗ୍ୟ-ସାଧନା ନିମନ୍ତେ ଏପରି କରୁଥିଲି, ମାତ୍ର ବର୍ତ୍ତମାନ ସେପରି କୌଣସି କାରଣରୁ କରୁ ନାହିଁ । ମୁଁ ଏଥିରେ ଅଭ୍ୟସ୍ତ ହୋଇଗଲିଣି ଏବଂ ଆପଣ କାହିଁକି ଆବଶ୍ୟକତା ନ ଥାଇ ଅଧିକ ଅର୍ଥବ୍ୟୟ କରିବେ, ମୁଁ ତାହାର କୌଣସି କାରଣ ଦେଖୁ ନାହିଁ । ଆପଣଙ୍କର କୌଣସି ଆପତ୍ତି ନାହିଁ ବୋଲି ମୁଁ ଆଶା କରୁଛି ।*

ଏଥିରେ ମୋ'ର ଆଦୌ କୌଣସି ଆପତ୍ତି ନାହିଁ ଏବଂ, ମୋର ଆପତ୍ତି ରହିଛି ବୋଲି କିଏ ତୁମକୁ ଯାଇ କହିଛନ୍ତି, ମୁଁ ସେହିକଥା ଭାବୁଛି ।

*ମୋର ଜଣେ ଦୂରସମ୍ପର୍କୀୟ ଭାଇ – ହାଇଦ୍ରାବାଦର ଅଧ୍ୟାପକ 'ଖ', ମୁଁ ତାଙ୍କର ଆୟୁର୍ବେଦୀୟ ଚିକିତ୍ସା କରେ ବୋଲି ଇଚ୍ଛା କରୁଛନ୍ତି । ଏଥିରେ ରୋଗୀକୁ ଦେଖିବା ଦରକାର ହେବ ନାହିଁ – ମୁଁ ଗୁରୁକୁଳରୁ ଔଷଧ ତିଆରି କରାଇ ତାଙ୍କ ପାଖକୁ ପଠାଇଦେଇ ପାରିବି । ଏଥିରୁ ମୋତେ ୮୦ ଟଙ୍କା ମିଳିବ (ଔଷଧର ମୂଲ୍ୟ ବାହାରେ) ଏବଂ ତାହା ସ୍ୱଭାବତଃ ଆପଣଙ୍କ ପାଖକୁ ଯିବ । ତାଙ୍କୁ ଚିକିତ୍ସା କରି*

'oaob.nitrkl.ac.in' images reprocessed

*ମୁଁ କିଛି ଅର୍ଥ ନିଏ ବୋଲି ଯଦି ଆପଣ ଅନୁମତି ଦେବେ, ତେବେ ଲବ୍ଧ ଅର୍ଥଟି ଆପଣଙ୍କର ଚରଣରେ ନିବେଦିତ ହେବ; ତା' ନ ହେଲେ ହୁଏତ ଆଉ କେହି ସେହି ଅର୍ଥ ପାଇବ ।*

ତୁମେ ଇଚ୍ଛାକଲେ ସେଠାରେ ଔଷଧ ତିଆରି କରାଇ ପାରିବ ମାତ୍ର ତାହାର ମୂଲ୍ୟସ୍ୱରୂପ ଆମେ କୌଣସି ପଇସା ନେବା ନାହିଁ । ଏଠାକୁ ଯାହାକିଛି ପଇସା ଆସେ, ତାହା ଅର୍ପଣ ଆକାରରେ ଆସିବା ଉଚିତ ।

ମୋ'ର ସ୍ନେହ ଏବଂ ଅନେକ ଆଶୀର୍ବାଦ ।

*୧୫ ଡିସେମ୍ବର ୧୯୩୯*

*(୧୯୪୦ରେ ଏହି ଶିଷ୍ୟ "ଗାଡ଼ି ସେବା"ର ଦାୟିତ୍ୱରେ ରହିଥିଲେ,– ଯେଉଁ ଆଶ୍ରମବାସୀମାନେ ଘରେ ଖାଉଥିଲେ, ଭୋଜନାଗାରରୁ ଖାଦ୍ୟ ନେଇ ସେମାନଙ୍କର ଘରେ ପହଞ୍ଚାଇ ଦେବା ତାଙ୍କର କାର୍ଯ୍ୟ ଥିଲା । ତାଙ୍କ କାର୍ଯ୍ୟ ବିଷୟରେ କେହି ମାଆଙ୍କ ପାଖରେ କିଛି ଅଭିଯୋଗ କରିଛନ୍ତି ବୋଲି ସେ ଯେତେବେଳେ ଶୁଣିଲେ, ସେତେବେଳେ ତାହା ସତ କି ନୁହେଁ, ମାଆଙ୍କୁ ପଚାରି ଚିଠି ଲେଖିଲେ ।)*

ତୁମର ଗାଡ଼ିସେବା ବିଷୟରେ କେହି ମୋ' ପାଖରେ ଅଭିଯୋଗ କରି ନାହାନ୍ତି ଏବଂ, ତୁମେ ନିଶ୍ଚିତ ରହି ପାରିବ ଯେ, ତୁମର କାର୍ଯ୍ୟ ସମ୍ବନ୍ଧରେ ତୁମକୁ ମୋ'ର ଯଦି କିଛି କହିବାକୁ ଥିବ, ତେବେ **ତୁମକୁ ମୁଁ ସିଧା ଲେଖିକରି** ଜଣାଇବି ।

ମାତ୍ର, ଅନ୍ୟମାନଙ୍କର ଭୁଲ୍ ତଥା ଦୁର୍ବଳତାଗୁଡ଼ିକୁ ନେଇ ତୁମେ ଏତେ ବ୍ୟସ୍ତ ହୋଇ ପଡ଼ିବ ନାହିଁ । ଏକମାତ୍ର ଉଚିତ କଥା ହେଉଛି, ଲୋକମାନେ ତୁମକୁ ଯାହା କହିବେ, ବିଶେଷତଃ ଯଦି ମୋ' ନାମକୁ ଲଗାଇ କହିବେ, ତେବେ ତୁମେ ତାହାକୁ **ବିଶ୍ୱାସ କରିବ ନାହିଁ** ।

ମୋ'ର ସ୍ନେହ ଓ ଅନେକ ଆଶୀର୍ବାଦ ।

*୨୦ ଜୁଲାଇ ୧୯୪୦*

*ମାଆ,*

*ଆପଣ ମୋ'ର ଘଟଣା ଜାଣିଛନ୍ତି । ଏହି ଅନ୍ତର୍ଗତ ଏବଂ ବାହ୍ୟ ଦ୍ୱନ୍ଦ୍ୱ*

'oaob.nitrkl.ac.in' images reprocessed

*ଭିତରେ ପଡ଼ିଗଲେ ମୁଁ କ'ଣ କରିବି, ଆପଣ ମୋତେ କହିଦିଅନ୍ତୁ । ମୋ'ର ବାହ୍ୟ ଅସୁବିଧାଗୁଡ଼ିକ ସକାଶେ ଯେଉଁମାନେ ଦାୟୀ, ସେମାନଙ୍କ ପ୍ରତି ସଦିଚ୍ଛା ରଖି ପାରୁଥିଲେ କେତେ ଭଲ କଥା ହେଉଥାନ୍ତା; ମାତ୍ର ମୁଁ ସେପରି କରିପାରୁ ନାହିଁ । ଦୟାକରି ମୋତେ ସାଧାରଣ ଭାବରେ କିଛି ମାର୍ଗଦର୍ଶନ ଦିଅନ୍ତୁ, ଯାହାକି ମୋ'ର ଉପସ୍ଥିତ ଅବସ୍ଥାରେ ମୋତେ ସାହାଯ୍ୟ କରିପାରିବ । ମୁଁ ଏତେ ବେଶୀ ସ୍ପର୍ଶକାତର ହେଲିଣି ଯେ ଏତେଟିକିଏ କଥା ମଧ୍ୟ ମୋତେ ବିଚଳିତ କରି ପକାଉଛି ।*

ଏସବୁ ହେଉଛି ପ୍ରାଣସ୍ତରୀୟ କ୍ଷୁଦ୍ରତା, ଯେଉଁଗୁଡ଼ିକ କି ସାଧନାର ସୋପାନରେ ଆବିର୍ଭୂତ ହୋଇଥା'ନ୍ତି ଏବଂ ଆମକୁ ସେଗୁଡ଼ିକୁ ଦୂର କରିଦେବାକୁ ପଡ଼ିବ । ସେଗୁଡ଼ିକୁ କଦାପି ଗୋଟିଏ ଗୋଟିଏ ସ୍ୱାଭାବିକ କ୍ରିୟା ପରିଣାମ ରୂପେ ମାନ୍ୟ ଦିଆଯିବା ଉଚିତ ନୁହେଁ, ଅନ୍ୟମାନଙ୍କର ଭୁଲ୍ କାର୍ଯ୍ୟ ସକାଶେ ସେଗୁଡ଼ିକ ଅବଶ୍ୟ ଆସିବେ ବୋଲି ଏବଂ ବାହାରର କାରଣମାନ ରହିଥିବା ପର୍ଯ୍ୟନ୍ତ ସେଗୁଡ଼ିକ ନିଶ୍ଚୟ ସେହିପରି ଆସୁଥିବେ ବୋଲି କଦାପି କୁହାଯାଇ ପାରିବ ନାହିଁ । ଅସଲ କାରଣ ତୁମ ଭିତରେହିଁ ରହିଛି ଏବଂ କେବଳ ଯୋଗଯୁକ୍ତ ସଂଯମ, ସାବଧାନତା ତଥା ପ୍ରାଣିକ ଗତିକ୍ରିୟାଠାରୁ ନିଜକୁ ଛିନ୍ନ କରି ରଖିବା ଏବଂ ସ୍ଥିର ଅଥଚ ଦୃଢ଼ ଭାବରେ ସେଗୁଡ଼ିକର ପ୍ରତ୍ୟାଖ୍ୟାନ କରିବା,– କେବଳ ଏହିସବୁ ଦ୍ୱାରାହିଁ ସେଗୁଡ଼ିକୁ ଦୂର କରାଯାଇ ପାରିବ ।

ମୋ'ର ସ୍ନେହ ଓ ଅନେକ ଆଶୀର୍ବାଦ ।

*୨୬ ଜୁଲାଇ ୧୯୪୦*

ତୁମେ ଯଦି ନିଜର ଧ୍ୟାନରେ ଆପାତତଃ ସଫଳ ହେଉ ନ ଥିବ, ତେବେ ତାହାକୁ ତଥାପି ଅବିଚ୍ଛିନ୍ନ ଭାବରେ କରିବା ଏବଂ ତୁମ ନିମ୍ନତର ପ୍ରକୃତିର ବିରୋଧ ଅପେକ୍ଷା ଅଧିକ ଅନମନୀୟ ହୋଇ ରହିବା ଦ୍ୱାରା ଅଧିକ ଭଲ ହେବ ।

ତୁମର କର୍ମ ପ୍ରଣାଳୀ ବିଷୟରେ ମୁଁ ବେଶ୍ ସନ୍ତୁଷ୍ଟ ଏବଂ ତାହା ନିଃସନ୍ଦେହ ଭାବରେ ତୁମକୁ ମୋ' ପାଖକୁ ଆସିବାରେ ସାହାଯ୍ୟ କରିବ ।

ମୋ'ର ସ୍ନେହ ଓ ଅନେକ ଆଶୀର୍ବାଦ ।

*୧୩ ସେପ୍ଟେମ୍ବର ୧୯୪୦*

*(ଏହି ଶିଷ୍ୟ ଉଲ୍ଲେଖ କରିଥିଲେ ଯେ କୌଣସି ବିଭାଗରେ ସାଧକମାନେ ସେମାନଙ୍କର କାର୍ଯ୍ୟ ସମୟରେ ଅତିବେଶୀ କଥା କହୁଛନ୍ତି ।)*

'oaob.nitrkl.ac.in' images reprocessed

ସାଧନା ଦୃଷ୍ଟିରୁ ତଥା କାର୍ଯ୍ୟଟିର ଦୃଷ୍ଟିରୁ ମଧ୍ୟ **ନୀରବରେ** କାର୍ଯ୍ୟ କରିବା ସବୁବେଳେ ଅଧିକ ଭଲ ।

*୧୯୪୦ ଦଶନ୍ଧିର ଆରମ୍ଭରେ**

*(ଏହି ଶିଷ୍ୟ ମାଆଙ୍କୁ ଜଣାଇଥିଲେ ଯେ ତାଙ୍କର ମିଳିମିଳା ହୋଇଛି । ନିଜର ଆରୋଗ୍ୟ ନିମିତ୍ତ ସେ ମାଆଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ । ସିଏ ଏକଥା ମଧ୍ୟ ଉଲ୍ଲେଖ କରିଥିଲେ ଯେ, ସେ କାର୍ଯ୍ୟ କରିବା ପାଇଁ ଆଶ୍ରମକୁ ଆସିଥିଲେ, ସାଧନା କରିବା ପାଇଁ ଆସି ନ ଥିଲେ ।)*

ତୁମ ଲାଗି ମୋ'ର ଅନେକ ଆଶୀର୍ବାଦ ।

ଏହି ଅସୁସ୍ଥତାକୁ ତୁମେ ଏହାରି ଏକ ସଙ୍କେତରୂପେ ଗ୍ରହଣ କରିବ ଯେ, ତୁମର ଯାବତୀୟ ସଂପ୍ରତ୍ୟୟ, ସମ୍ଭବତଃ ଏପରିକି ଯାବତୀୟ ସଂକଳ୍ପ ସତ୍ତ୍ୱେ ତୁମକୁ ସାଧନାହିଁ କରିବାକୁ ହେବ ଏବଂ କର୍ମ କରିବା ନିମନ୍ତେ ତୁମର ବାହ୍ୟ ଉତ୍ସର୍ଗବୋଧ ସହିତ ଗଭୀର ବୋଧଶକ୍ତି ତଥା ମାନସିକ ରୂପାନ୍ତରର ଅନ୍ତର୍ଗତ ଉତ୍ସର୍ଗବୋଧକୁ ଆଣି ମିଶାଇବାକୁ ପଡ଼ିବ; ଓ ସେହି ଉଦ୍ଦେଶ୍ୟରେହିଁ ନିଜର ଏକାନ୍ତବାସକୁ କାମରେ ଲଗାଇବାକୁ ପଡ଼ିବ ।

ମୋ'ର ସହାୟତା ଓ ସ୍ନେହ ତୁମ ସହିତ ରହିଥିବ ।

*୬ ଏପ୍ରିଲ ୧୯୫୨*

*ମାଆ,*

*ମୋ' କାର୍ଯ୍ୟକୁ ମୁଁ ଅଧିକ ଗୁଣାତ୍ମକ କରିବା ଲାଗି ପ୍ରାଣପଣେ ଚେଷ୍ଟା କରୁଛି । ସଫଳତା ମିଳୁଛି କି ନାହିଁ, ମୁଁ ସେକଥା ଜାଣେ ନାହିଁ, ମୁଁ ଏବେ ମଧ୍ୟ କ୍ଲାନ୍ତ ଓ ଦୁର୍ବଳ ଅନୁଭବ କରୁଛି । ଅସୁସ୍ଥତା ପରେ ମୁଁ ମୋ'ର ଉତ୍ସାହକୁ ପୁନଶ୍ଚ ଫେରି ପାଇ ନାହିଁ । ଅଧିକରୁ ଅଧିକ ଉପଯୋଗୀ ହେବା ଲାଗି ମୋ'ର ଇଚ୍ଛା ଶିଥିଳ ହୋଇଯାଇଛି ।*

*ମାଆ, ଆପଣ ମୋତେ ଉପଯୋଗୀ କରାନ୍ତୁ ନଚେତ୍ ଏଠାରୁ ଅନ୍ୟତ୍ର ପଠାଇ ଦିଅନ୍ତୁ । ମୁଁ କୌଣସି କାମରେ ଲାଗୁ ନ ଥିବା ଏକ ଜୀବନଯାପନ କରିବାକୁ ଆଦୌ ଚାହେଁ ନାହିଁ । ହୁଏତ ପରବର୍ତ୍ତୀ ଥରକୁ ମୁଁ ଅଧିକ ଭାଗ୍ୟବାନ୍*

---

* ଶିଷ୍ୟ ନିଜର ସ୍ମୃତିରୁହିଁ ସମ୍ଭାବ୍ୟ ତାରିଖଟିକୁ ଦେଇଛନ୍ତି; ମୂଳ ଚିଠିରେ କୌଣସି ତାରିଖ ନାହିଁ । ଏହିପରି ଆନୁମାନିକ ତାରିଖଗୁଡ଼ିକୁ ପରବର୍ତ୍ତୀ ବେଶ୍ କେତୋଟି ସ୍ଥଳରେ ଉଲ୍ଲେଖ କରାଯାଇଛି ।

'oaob.nitrkl.ac.in' images reprocessed

*ହୋଇପାରେ । ମୁଁ ଭାରି କ୍ଲାନ୍ତ,— ସବୁ ବିଷୟରେ କ୍ଲାନ୍ତ । ମୋତେ ବଦଳାଇବାକୁ ଯଦି ଆପଣଙ୍କ ପକ୍ଷରେ ଅସମ୍ଭବ ହେଉଛି, ତେବେ ମୋତେ ଚାଲିଯିବାକୁ ଦିଅନ୍ତୁ । ମୁଁ ଟିକିଏ ଦୀର୍ଘକାଳ ଏବଂ ଗଭୀର ନିଦ୍ରା ଆବଶ୍ୟକ କରୁଛି ।*

*ମାଆ, ଆପଣ ନିଜକୁ ଅପସରାଇ ନିଅନ୍ତୁ ନାହିଁ । ଥରେ ଯେତେବେଳେ ମୋତେ ସ୍ୱୀକାର କରିଛନ୍ତି, ଗୋଟିଏ ମୁହୂର୍ତ୍ତ ପାଇଁ ହେଲେ ସୁଦ୍ଧା ଯଦି ମୁଁ ଆଦୌ କୌଣସି କାର୍ଯ୍ୟରେ ଆସିଥାଏ, ତେବେ ଆପଣ ମୋତେ ବର୍ଜ୍ଜନ କରନ୍ତୁ ନାହିଁ ।*

ତୁମକୁ ''ବର୍ଜନ କରିବାର'' କୌଣସି ପ୍ରଶ୍ନ ନାହିଁ, କୌଣସି ସମ୍ଭାବନା ମଧ୍ୟ ନାହିଁ । ତୁମପ୍ରତି ମୋ'ର ଦୃଷ୍ଟିକୋଣରେ କୌଣସି ପରିବର୍ତ୍ତନ ହୋଇ ନାହିଁ । ମାତ୍ର, ତୁମର ଅସୁସ୍ଥତା ଓ ତୁମର ଏହି ବର୍ତ୍ତମାନ ସ୍ଥିତି, ଦୁଇଟିଯାକର ଗୋଟିଏ କାରଣହିଁ ରହିଛି । ଭବିଷ୍ୟତର ଉପଲବ୍ଧିଟି ନିମନ୍ତେ ମୁଁ ଯଥାଶୀଘ୍ର ଗତି କରିବାକୁ ଚେଷ୍ଟା କରୁଛି । ବେଶ୍ କ୍ଷିପ୍ର ଅଗ୍ରଗତି ହେଉଛି ଏବଂ, ମୋ'ର ନିକଟବର୍ତ୍ତୀ ହୋଇ ରହିବାକୁ ହେଲେ ଆଉଜଣେ ବ୍ୟକ୍ତିକୁ ମଧ୍ୟ କ୍ଷିପ୍ର ଭାବରେ ଗତି କରିବାକୁ ହେବ । ତୁମ ଭିତରେ ଏପରି କିଛି ଥିଲା, ଯାହାକି ବଦଳିବାକୁ ସମ୍ମତ ହେଉ ନ ଥିଲା । ଠିକ୍ ସେହି ଉପାଦାନଟି ଖୁବ୍ ଗର୍ବ କରୁଥିଲା ଯେ, ତାହାର ଯୋଗରେ ମଧ୍ୟ କୌଣସି ଆଗ୍ରହ ନ ଥିଲା, ସିଏ କେବଳ କାର୍ଯ୍ୟ କରିବାରେହିଁ ବିଶ୍ୱାସ କରୁଥିଲା, ଇତ୍ୟାଦି, ଇତ୍ୟାଦି । ଫଳରେ ତୁମେ ମୋ'ର ସୁରକ୍ଷା ମଧ୍ୟରୁ ବାହାରକୁ ଚାଲିଗଲ ଏବଂ ଅସୁସ୍ଥ ହେଲ । ଅସୁସ୍ଥତା ଆରମ୍ଭ ହେଲା ବେଳେ ମୁଁ ଯାହା ଲେଖି ପଠାଇଥିଲି, ତାହାର ଅର୍ଥ ଏହାହିଁ ଥିଲା । ମାତ୍ର, ଏହା ମୋ'ର ଆଶା ମୁତାବକ କାର୍ଯ୍ୟ କଲା ନାହିଁ ।

ବର୍ତ୍ତମାନ କେବଳ ଗୋଟିଏ କଥା କରିବାକୁ ରହିଛି; ନିଜ ପ୍ରକୃତିରେ କେତେକ ଅଂଶରେ ତୁମେ ସମୁଚିତ ଭାବରେ ବଦଳିଯିବାର ଆବଶ୍ୟକତାଟିର ସମ୍ମୁଖୀନ ହୁଅ ଏବଂ, ମୋ'ର ସାହାଯ୍ୟ ନେଇ, **ବଦଳିଯାଅ** ।

ମୋର ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।


*୧୦ ଜୁନ୍ ୧୯୫୨*

*(ଏହି ଶିଷ୍ୟ ମାଆଙ୍କ ପାଖକୁ ଜଣେ କର୍ମୀଙ୍କର ଏକ ଚିଠି ପଠାଇ ଥିଲେ ଯିଏକି ଅଭିଯୋଗ କରିଥିଲେ ଯେ, ନିଜର କାର୍ଯ୍ୟ କରିବା ଲାଗି ତାଙ୍କର ଶକ୍ତି ପାଉ ନାହିଁ ଏବଂ ସିଏ ପରମ କରୁଣାକୁ ଆଦୌ ଅନୁଭବ କରି ପାରୁ ନାହାନ୍ତି । ମାଆ ଉତ୍ତର ଦେଇଥିଲେ :)*

'oaob.nitrkl.ac.in' images reprocessed

ଏଠାରେ, ପ୍ରତ୍ୟେକ କାର୍ଯ୍ୟ ଦିଆଗଲା ବେଳେ, କାର୍ଯ୍ୟଟିକୁ ସମୁଚିତ ଭାବରେ କରିବା ନିମନ୍ତେ ଯୁଗପତ୍ ଭାବରେ ଆବଶ୍ୟକ ପୂର୍ଣ୍ଣ ଶକ୍ତି ତଥା କରୁଣା ମଧ୍ୟ ପ୍ରଦତ୍ତ ହୋଇଥାଏ । ଯଦି ତୁମେ ସେହି ଶକ୍ତି ଏବଂ କରୁଣାକୁ ଅନୁଭବ କରି ପାରୁ ନାହଁ, ତେବେ ସେଥିରୁ ପ୍ରମାଣିତ ହେଉଛି ଯେ ତୁମର ଦୃଷ୍ଟିକୋଣରେ କିଛି ଭୁଲ୍ ରହିଯାଇଛି । ହୁଏତ ବିଶ୍ୱାସର ଅଭାବ ରହିଛି ଅଥବା ତୁମେ ପୁନର୍ବାର ସେହି ପୂର୍ବ ପଥ ତଥା ପୂର୍ବ ବିଶ୍ୱାସଗୁଡ଼ିକ ଉପରେ ଯାଇ ନିପତିତ ହୋଇଛ ଏବଂ ତେଣୁ ସମସ୍ତ ଗ୍ରହଣଶୀଳତାକୁ ହରାଇ ବସିଛ ।

*୧ ଅକ୍ଟୋବର ୧୯୫୨*


Here, for each work given, the full strength and Grace are always given at the same time to do the work as it has to be done. If you do not feel the strength and the Grace it proves that there is some mistake in your attitude. The faith is lacking or you have fallen back on old tracks and old creeds and thus you lose all receptivity.
1-10.52

*ମାଆ,*

*ମୁଁ 'ପ୍ଲେ ଗ୍ରାଉଣ୍ଡ୍'ରେ ଅନୁପସ୍ଥିତ ରହିବାକୁ ଇଚ୍ଛା କରୁଛି । ଯଦି ମୁଁ ସେଠାରେ ଯାଇ ବସିବି, ତେବେ ମୋ'ର ଆଶଙ୍କା ହେଉଛି ଯେ ଅନ୍ୟମାନେ ପୂର୍ବପରି ନିଜ ନିଜର କାମ ନେଇ ସେଠାରେ ଜମା ହେବାକୁ ଆରମ୍ଭ କରିବେ ଏବଂ ତଦ୍ଦ୍ୱାରା ସ୍ଥାନଟିର ନୀରବତା ଭାଙ୍ଗିଯିବ ।*

'oaob.nitrkl.ac.in' images reprocessed

ମାତ୍ର, ଯଦି ମୁଁ ତୁମକୁ ଆବଶ୍ୟକ କରୁଥାଏ ? ତେଣୁ, ସବୁଠାରୁ ଉତ୍ତମ କଥା ହେବ ଯେ, ତୁମେ ଯାବତୀୟ ବିତରଣ ସମୟରେ ଆଦୌ **କିଛି କଥା ନ କହିବାକୁ ଏବଂ କିଛି ନ ଶୁଣିବାକୁ** ଏକ ନିୟମ କରିଦେବ ଏବଂ ବିତରଣ ଶେଷ ହୋଇଗଲେ ଯାହାକିଛି ଶୁଣିବ ଏବଂ ଉତ୍ତର ଦେବ ।

*୯ ସେପ୍ଟେମ୍ବର ୧୯୫୪*

*(ମାଆଙ୍କର ଆଦୌ କୌଣସି ସମୟ ନ ନେବାକୁ ଇଚ୍ଛା କରି, ଏହି ଶିଷ୍ୟ ଜାଣି ଜାଣି ତାଙ୍କୁ ଏଡ଼ି କରି ରହିଲେ । ମାଆ ଏ ବିଷୟରେ ଲେଖିଥିଲେ :)*

ତୁମକୁ ମୁଁ ଆଉ ଗୋଟିଏ କଥା କହିବି ଯେ, ତୁମେ ମୋତେ ଭେଟିବାକୁ କଦାପି **ଏଡ଼ିବାର** ଚେଷ୍ଟା କରିବ ନାହିଁ, କାରଣ, ତୁମ ସତ୍ତାର ଯେଉଁସବୁ ଅଂଶ ମୋ'ର ପ୍ରଭାବ ପ୍ରତି ଉନ୍ମୁକ୍ତ ରହିବାକୁ କୌଣସି ପ୍ରକାରେ ଅନିଚ୍ଛୁକ ହୋଇ ରହୁଛନ୍ତି, ନ ଭେଟିବା ଦ୍ୱାରା ସେହିସବୁ ଅଂଶକୁ ଗୋଟିଏ ପ୍ରକାରର ସମର୍ଥନ ମଧ୍ୟ ମିଳିଯିବ ।

ମୋ'ର ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

ମୋ' ସହିତ ତୁମର ସମ୍ପର୍କରେ ତୁମେ ଏକ ଶିଶୁ ଭଳି ସ୍ୱତଃସ୍ଫୂର୍ତ୍ତ ଏବଂ ସରଳ ହେବ – ଏହା ତୁମକୁ ବହୁ ବିପଦରୁ ସୁରକ୍ଷିତ କରି ରଖିବ ।

*୨୫ ଅକ୍ଟୋବର ୧୯୫୪*

*ମାଆ,*

*ଆପଣ କହିଛନ୍ତି : "ଆଉ ସବୁକିଛିକୁ ପରିହାର କରି ଆମେ ସମ୍ପୂର୍ଣ୍ଣ ଭାବରେ ଆପଣଙ୍କର ପ୍ରଭାବ ମଧ୍ୟରେ ରହିବୁ ।"* ମୁଁ ଏହି କଥାଟିକୁ ହିନ୍ଦୀରେ "ଆମେ ଆପଣଙ୍କର ରଙ୍ଗରେ ରଙ୍ଗା ହୋଇ ରହିବାକୁ ଇଚ୍ଛା କରୁଛୁ, ଅନ୍ୟ ସକଳ ରଙ୍ଗକୁ ପରିହାର କରି ତାହା ଇଚ୍ଛା କରୁଛୁ" ବୋଲି ଅନୁବାଦ କରିଛି । ଭାଷାରେ ଏହିପରି ଚଳୁଛି । ମାତ୍ର ଏହା ଠିକ୍ କି ?*

ଏଇଟି ପ୍ରକୃତ ଅର୍ଥ ନୁହେଁ । ପ୍ରତ୍ୟେକ ଶକ୍ତି ଏବଂ ବଳର ଅନ୍ୟାନ୍ୟ ଶକ୍ତି ଏବଂ ବଳ ଉପରେ ଏକ ପ୍ରଭାବ ରହିଥାଏ । ଏବଂ ଏହି କାର୍ଯ୍ୟଟି ପରସ୍ପର ଅନୁବର୍ତ୍ତୀ ଭାବରେ ଚାଲିଥାଏ । ପ୍ରଭାବ ସମୂହର ଏହି ସତତ ଏବଂ ସାଧାରଣ ବିକ୍ଷୁବ୍ଧତାରୁ ରକ୍ଷା ପାଇବା ସକାଶେ କେବଳ ଗୋଟିଏ ଉପାୟ ରହିଛି – ସେଇଟି ହେଉଛି ଦିବ୍ୟ ପରମଚେତନା

* ୨୩ ଅକ୍ଟୋବର ୧୯୩୭ର ପ୍ରାର୍ଥନା ।

'oaob.nitrkl.ac.in' images reprocessed

ଉପରେ ସମ୍ପୂର୍ଣ୍ଣ ଭାବେ ଅଭିନିବେଶିତ ହୋଇ ରହିବା ଏବଂ କେବଳ ତାହାରି ଆଡ଼କୁହିଁ ଆପଣାକୁ ଉନ୍ମୋଚିତ କରି ରଖିବା ।

୧୯୫୪

*ମାଆ,*

*ଏଠାରେ ପ୍ରାୟ ସମସ୍ତେ କଥାବାର୍ତ୍ତା ହେଉଛନ୍ତି ଯେ, ଯଦି ମୁଁ କର୍ମୀମାନଙ୍କୁ ବିଭିନ୍ନ ବିଭାଗରେ କାମ ଯୋଗାଇ ଦେବାକୁ ଇଚ୍ଛା କରିବି, ମୁଁ ସର୍ବଦା ତାହା ଅବଶ୍ୟ କରିପାରିବି; ମାତ୍ର, କୌଣସି ନା କୌଣସି କାରଣରୁ ମୁଁ ସେମାନଙ୍କୁ କାମ ଦେଉ ନାହିଁ ଓ ଏହିପରି ଭାବରେ ଅନେକ ବ୍ୟକ୍ତିଙ୍କୁ ଅସୁବିଧାରେ ପକାଉଛି । ସେମାନେ ଏହି କଥାଟିକୁ ପ୍ରକୃତରେ ବିଶ୍ୱାସ କରୁଛନ୍ତି କି ନାହିଁ ମୋତେ ଜଣା ନାହିଁ । ମୁଁ କେବେହେଲେ ଲୋକପ୍ରିୟତା କିଂବା ସାଧାରଣ ମତକୁ ଖାତିର କରି ନାହିଁ, ଏଣୁ ମୋ' ଲାଗି ଏହି ମତଟିର ଆଦୌ କୌଣସି ମହତ୍ତ୍ୱ ନାହିଁ । ମାତ୍ର ଆପଣ କାଲି ସକାଳେ ଯେପରି ଭାବରେ କହିଲେ, ଦିବ୍ୟ ପରମସତ୍ତା ମଧ ହୁଏତ ସେହିପରି ମତ ପୋଷଣ କରୁଛନ୍ତି କି ନାହିଁ, ମୁଁ ସେହିକଥା ଭାବୁଛି ।*

**ନାହିଁ**, ଦିବ୍ୟ ପରମସତ୍ତା **ଯଥାର୍ଥରେ ଜାଣିଛନ୍ତି** ଏବଂ ତେଣୁ କୌଣସି ନିରର୍ଥକ କଥାରେ ଭାଗ ନିଅନ୍ତି ନାହିଁ ।

*ଯେତେବେଳେ ଦେଖାଇ ହେବାଟାହିଁ ଆଉ ସବୁକିଛି ଅପେକ୍ଷା ଅଧିକ ମହତ୍ତ୍ୱପୂର୍ଣ୍ଣ ହୋଇ ରହିଥିବା ପରି ବୋଧ ହେଉଥାଏ, ଜୀବନକୁ ସହଜ କରିବା ନିମନ୍ତେ ଯେତେବେଳେ ସମ୍ଭାବ୍ୟ ସମସ୍ତପ୍ରକାର ସୁବିଧା ଦିଆ ଯାଉଥାଏ, ପ୍ରତିଦାନର କୌଣସି ଆଶା ନ ରଖି ଯେତେବେଳେ ଆମକୁ ସବୁକିଛି ଦିଆଯାଉଛି, ନିଜ ଭିତରୁ ଏକ ପରିବର୍ତ୍ତନ ନ ଘଟିଲେ ଲୋକମାନେ ପ୍ରକୃତରେ କିପରି କାର୍ଯ୍ୟ କରିପାରିବେ ?— ଏବଂ, ଏକଥା କହୁଥିବା ପାଇଁ ମୁଁ ଦୁଃଖିତ ଯେ, ମୋର ଆଖିଗୁଡ଼ିକ ମୋ' ଦୃଷ୍ଟି ପହଞ୍ଚି ପାରୁଥିବା ପରିସରଟି ମଧ୍ୟରେ ଏହାକୁ ଆଦୌ ଦେଖିପାରୁ ନାହିଁ । ଜୀବନ ଅଧିକରୁ ଅଧିକ ବିଶୃଙ୍ଖଳ ହୋଇଯାଉଛି, ଦିବ୍ୟ ପରମସତ୍ତା ଅଧିକ ନିକଟବର୍ତ୍ତୀ ହେଉଥିବା ପରି ବୋଧହେଉ ନାହାନ୍ତି, ସବୁକିଛି ଅସ୍ତବ୍ୟସ୍ତ ହୋଇ ଯାଉଥିବା ପରି ଲାଗୁଛି । ଯାବତୀୟ ଉଜ୍ଜ୍ୱଳ ପ୍ରତିଶ୍ରୁତିଗୁଡ଼ିକ ସତ୍ତ୍ୱେ ଭବିଷ୍ୟତରେ ଯେ କ'ଣ ପ୍ରଚ୍ଛନ୍ନ ହୋଇ ରହିଛି, ମୁଁ ସେହିକଥା ଭାବୁଛି ।*

'oaob.nitrkl.ac.in' images reprocessed

ଏଥିରେ ବସ୍ତୁଗୁଡ଼ିକ ଉପରେ କେବଳ ଏକ ନୈରାଶ୍ୟବାଦୀ ଦୃଷ୍ଟିପାତ କରାଯାଇଛି । ଏହାର ବିପରୀତଟା ମଧ୍ୟ ସମାନ ଭାବରେ ସତ ଏବଂ ଏହି ତଥାପ୍ରତୀତ ଅରାଜକତା ମଧ୍ୟଦେଇ ହୁଏତ ଏକ ନୂତନ ଏବଂ ଅଧିକ ଭଲ ବିଶ୍ୱବ୍ୟବସ୍ଥାର ପ୍ରସ୍ତୁତି ହୋଇ ଚାଲିଛି । ମାତ୍ର, ସେଇଟିକୁ ଦେଖି ପାରିବାକୁ ହେଲେ ଜଣେ ବ୍ୟକ୍ତିର **ଦିବ୍ୟ ପରମକରୁଣା ଉପରେ ବିଶ୍ୱାସ ରହିଥିବା ଉଚିତ ।**

ପ୍ରସନ୍ନ ହୁଅ ! ତୁମେ ଯେପରି ଭାବୁଛ, ସ୍ଥିତିଗୁଡ଼ିକ ଆଦୌ ସେତେ ଖରାପ ନୁହନ୍ତି । ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୭ ଅକ୍ଟୋବର ୧୯୫୬*

*(ମାଆ ଏହି ଶିଷ୍ୟଙ୍କୁ ତାଙ୍କ ଜନ୍ମଦିନରେ ତାଙ୍କୁ ଦେଖା କରିବା ଲାଗି ପ୍ଲେ' ଗ୍ରାଉଣ୍ଡକୁ ଡକାଇ ପଠାଇଲେ । ମାତ୍ର ସେ ଯାଇ ନ ଥିଲେ । ସେଦିନ ସନ୍ଧ୍ୟାରେ ସେ ତାଙ୍କୁ ବୁଝାଇକରି କହିଲେ ଯେ ସେ ତାଙ୍କୁ ଅନ୍ତର୍ଗତ ଭାବରେ କିଛି ଦେବେ ବୋଲି ଇଚ୍ଛା କରିଥିଲେ । ତହିଁ ଆରଦିନ ସେ (ଶିଷ୍ୟ) ଲେଖିଲେ:)*

*ମାଆ,*

*କାଲି ମୋ' ଆଚରଣ ପାଇଁ ମୁଁ ଦୁଃଖିତ । ଏଥିଲାଗି ମୁଁ କ୍ଷମା ଭିକ୍ଷା କରି ପାରିବି କି ? ମୁଁ ଆଶା କରୁଛି ଯେ, ମୁଁ ଯେଉଁ ସୁଯୋଗଗୁଡ଼ିକୁ ଛାଡ଼ି ଦେଲି, ତାହା କଦାପି ଚିରଦିନ ପାଇଁ ହଜି ଯାଇଥିବା ସୁଯୋଗରେ ପରିଣତ ହେବ ନାହିଁ, ଏଇଟି ଏହି କ୍ରମରେ ସର୍ବଶେଷ ଥର ହେବ ବୋଲି ମୁଁ ପ୍ରାର୍ଥନା କରିବି କି ?*

*ମୁଁ ଆପଣଙ୍କର ଯଥାର୍ଥ ସେବକ ହୋଇ ପାରନ୍ତି କି ?*

ମୋ'ର ଆଦରଣୀୟ ସନ୍ତାନ,

ଭୁଲଟି ଯେପରି ଆଉଥରେ କରା ନ ହେବ, ସେଥିଲାଗି କାଲି ରାତିରେ ମୁଁ କିଞ୍ଚିତ୍ ''କଠୋର'' ଭାବରେ କ'ଣ କହିଦେଲି । ମାତ୍ର, ସତ କହିବାକୁ ଗଲେ, ଏହାର ପରିଣାମଗୁଡ଼ିକ ଇତି ମଧ୍ୟରେ ଲୋପ ପାଇ ଯାଇଛି ଏବଂ, ମୁଁ ତୁମକୁ ଯାହା ଦେବାକୁ ଇଚ୍ଛା କରିଥିଲି, ତାହା **ଦିଆହୋଇଛି ।** ତା'ର ଯଥାର୍ଥ ବ୍ୟବହାର କରିବା ତୁମ ଉପରେ ନିର୍ଭର କରୁଛି ।

ମୁଁ ତୁମକୁ ଜଣେ **ଯଥାର୍ଥ ସେବକ**ରୂପେ ଗ୍ରହଣ କରି ସାରିଛି, ମାତ୍ର ମୁଁ ଇଚ୍ଛା କରୁଛି, ତୁମେ ଜଣେ **ଯଥାର୍ଥ ସନ୍ତାନ** ମଧ୍ୟ ହେବ, ଯେପରି କି ତୁମେ ତାହାର ପରିପୂର୍ଣ୍ଣ ଆନନ୍ଦ ଲାଭ କରି ପାରିବ ।

'oaob.nitrkl.ac.in' images reprocessed

ମୋ'ର ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୨୭ ଜାନୁଆରି ୧୯୫୭*

*(ଏହି ଶିଷ୍ୟ ଲେଖିଥିଲେ ଯେ ସେ କେବଳ କାର୍ଯ୍ୟ ସମୟରେହିଁ ମାଆଙ୍କର ଉପସ୍ଥିତି ଅନୁଭବ କରୁଥିଲେ ଏବଂ କାର୍ଯ୍ୟହିଁ ତାଙ୍କର ଏକମାତ୍ର ସାଧନା ଥିଲା । ମାଆ ଉତ୍ତର ଦେଇଥିଲେ ।)*

ପୂର୍ଣ୍ଣ ଯୋଗରେ ସାଧନା ଏବଂ ବାହ୍ୟ ଜୀବନରେ କୌଣସି ପ୍ରଭେଦ ନାହିଁ । ଦୈନନ୍ଦିନ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେହିଁ ପରମସତ୍ୟକୁ ଆବିଷ୍କାର କରିବାକୁ ଏବଂ ଅଭ୍ୟାସ କରିବାକୁ ପଡ଼ିବ ।

*୧୬ ମାର୍ଚ୍ଚ ୧୯୫୮*

*(ଶିଷ୍ୟ କାର୍ଯ୍ୟରେ ଥିବା ଏକ ଅସୁବିଧା ବିଷୟରେ ମାଆଙ୍କୁ ଜଣାଇଲେ ଏବଂ ତା'ପରେ ପୁଣି ଲେଖିଥିଲେ :)*

*ଏକ ଶୃଙ୍ଖଳା ହିସାବରେ ମୋ'ର କୌଣସି ବିଷୟରେ ଆପଣଙ୍କ ପାଖରେ ଅଭିଯୋଗ କରିବା ଉଚିତ ନୁହେଁ । କେତେଦିନ ହେଲା ମୁଁ ଏହି ପ୍ରକାରେ ଗତି କରିବାରେ ଲାଗିଛି । ମୋ'ର କୌଣସି କାରଣରୁ ଏପରି ଅନୁଭବ ହେଉଛି ଯେ, ଏକ ଅତ୍ୟନ୍ତ ଅଦୂର ଭବିଷ୍ୟତରେ ଆପଣହିଁ ବସ୍ତୁଗୁଡ଼ିକ ଉପରେ ନିୟନ୍ତ୍ରଣ ପ୍ରାପ୍ତ କରିବେ । ବର୍ତ୍ତମାନ ସ୍ଥିର ରହିବା ହେଉଛି ଏକମାତ୍ର କର୍ତ୍ତବ୍ୟ । ଏହି ଦୃଷ୍ଟିକୋଣଟି ପ୍ରକୃତରେ ଠିକ୍ କି ? – ଅଥବା ଏହାକୁ ତମସ୍‌ର ଏକ ଛଦ୍ମବେଶ ବୋଲି କୁହାଯିବ,– ମୁଁ ସେକଥା ଜାଣିବାକୁ ଇଚ୍ଛା କରୁଛି ।*

ସ୍ଥିର ରହିବା କଦାପି ତମସ୍ ହୋଇ ନ ପାରେ । ବସ୍ତୁତଃ, କେବଳ ସ୍ଥିରତା ମଧ୍ୟରେହିଁ ଯଥାର୍ଥ କାର୍ଯ୍ୟଟିକୁ କରାଯାଇ ପାରେ । ମୁଁ ଯାହାକୁ ସ୍ଥିରତା ବୋଲି କହୁଛି, ତାହା ହେଉଛି ଯେ, ଆଦୌ କୌଣସି ଘଟଣା ଦ୍ୱାରା ବିକ୍ଷୁବ୍ଧ ନ ହୋଇ ତୁମେ କାର୍ଯ୍ୟଟିକୁ କରୁଥିବ ଏବଂ ଆଦୌ କୌଣସି ବସ୍ତୁ ଦ୍ୱାରା ଚହଲି ନ ଯାଇ ପ୍ରତ୍ୟେକ ବସ୍ତୁକୁ ଅବଲୋକନ କରି ପାରୁଥିବ ।

ଅବଶ୍ୟ, ଯଦି କୌଣସି କଥା ତୁମକୁ ସମ୍ପୂର୍ଣ୍ଣ ଭୁଲ୍ ବୋଲି ମନେ ହେବ, ତେବେ ତୁମେ ସବୁବେଳେ ମୋତେ ତାହା ଜଣାଇ ପାରିବ,– ସେତେବେଳେ ମଧ୍ୟ ବିକ୍ଷୁବ୍ଧ ହେଉ ନ ଥିବ – ଏବଂ, କ'ଣ କରିବାକୁ ହେବ ମୁଁ ଦେଖିବି ।

'oaob.nitrkl.ac.in' images reprocessed

ମୋ'ର ଉପସ୍ଥିତି ଓ ମୋ'ର ଅନେକ ଆଶୀର୍ବାଦ ସର୍ବଦା ତୁମ ସହିତ ରହିଛି ।

୧୯ ସେପ୍‌ଟେମ୍ବର ୧୯୫୯

*(ଏହି ଶିଷ୍ୟ ଲେଖିଥିଲେ ଯେ, ସେ ହିନ୍ଦୀ ପଢ଼ାଇବାର କାର୍ଯ୍ୟଟିକୁ ଛାଡ଼ିଦେବାକୁ ଇଚ୍ଛା କରୁଛନ୍ତି, କାରଣ ତାଙ୍କ ଛାତ୍ରମାନଙ୍କର ଆଦୌ ଆଗ୍ରହ ନାହିଁ ।*
*ତାଙ୍କ ଚିଠିର ଶେଷରେ ଲେଖାଥିଲା :)*

*ସମସ୍ତେ କହୁଛନ୍ତି ଯେ ଆପଣ ଭାରତୀୟ ଭାଷାଗୁଡ଼ିକ ଉପରେ କୌଣସି ମହତ୍ତ୍ୱ ଦିଅନ୍ତି ନାହିଁ । ମୋ' ଛାତ୍ରମାନଙ୍କର ଅନାଗ୍ରହ ସତ୍ତ୍ୱେ ମୁଁ ସେହିପରି ପଢ଼ାଇବି ନା ଏହାକୁ ବନ୍ଦ କରିଦେବି ?*

**ଆଦୌ କୌଣସି କୁଣ୍ଠା ନ ରଖି ଏହାକୁ ଚାଲୁ ରଖ ।**

ଭାରତୀୟ ଭାଷାଗୁଡ଼ିକ ପ୍ରତି ମୋ'ର **ଗଭୀରତମ ସମ୍ମାନ** ରହିଛି, ଏବଂ ମୁଁ ଯେତେବେଳେ ସମୟ ପାଉଛି, ସଂସ୍କୃତ ଅଧ୍ୟୟନକୁ ଚାଲୁ ରଖୁଛି ।

ଅମୃତ କହନ୍ତି ଯେ ତୁମର ହିନ୍ଦୀ କ୍ଲାସ୍‌ଠାରୁ ତାଙ୍କ ତାମିଲ କ୍ଲାସ୍‌ର ଅବସ୍ଥା ଆହୁରି ଖରାପ । ସେ କହୁଛନ୍ତି ଯେ ଛାତ୍ରମାନେ ଆଉ କ୍ଲାସ୍‌କୁ ନ ଆସିଲେ ମଧ୍ୟ ସେ ତଥାପି ତାମିଲ ପଢ଼ାଇବେ ... ସେ ନିଜେ ନିଜକୁ ପଢ଼ାଇବେ !

ସ୍ନେହ ଏବଂ ଅନେକ ଆଶୀର୍ବାଦ ସହିତ ।

୩୦ ସେପ୍‌ଟେମ୍ବର ୧୯୫୯

*(ଶିଷ୍ୟଙ୍କର ହିନ୍ଦୀ ଛାତ୍ରମାନେ ତାଙ୍କୁ ଛୁଟୀଦିନଗୁଡ଼ିକ ବିଷୟରେ କିଛି କହିବାକୁ ଅନୁରୋଧ କରିଥିଲେ । ସେ ସେମାନଙ୍କର ଅନୁରୋଧ ବିଷୟରେ ମାଆଙ୍କୁ ଜଣାଇଥିଲେ ଓ ମାଆ ଉତ୍ତର ଦେଇଥିଲେ :)*

## ଛୁଟୀ ଦିନଗୁଡ଼ିକ

ଆମେ ଏହାକୁ **ପବିତ୍ର ଦିନଗୁଡ଼ିକ** ବୋଲି କହିବା କି ? ଛୁଟୀଦିନ ଦୁଇ ପ୍ରକାରର ଅଛି : ପରମ୍ପରା ଅନୁସାରେ ଭଗବାନ୍ ଛଅ ଦିନ (ବା ଯୁଗ) ଧରି ତାଙ୍କର ପୃଥିବୀକୁ ସୃଷ୍ଟି କରିବାକୁ କାର୍ଯ୍ୟ କରିଥିଲେ ଏବଂ ସପ୍ତମ ଦିନଟି ବିଶ୍ରାମ, ଧ୍ୟାନ ଏବଂ ମନନ ପାଇଁ କାର୍ଯ୍ୟ ବନ୍ଦ କଲେ । ଏଇଟିକୁ ଭଗବାନଙ୍କର ଦିବସ ବୋଲି କୁହାଯାଇ ପାରିବ ।

'oaob.nitrkl.ac.in' images reprocessed

ଦ୍ୱିତୀୟଟି ହେଉଛି : ମଣିଷ ଏବଂ ଇତରପ୍ରାଣୀ ସେମାନଙ୍କର ବ୍ୟକ୍ତିଗତ ସ୍ୱାର୍ଥ ଓ ଅହଂପ୍ରେରିତ ଉଦ୍ଦେଶ୍ୟଗୁଡ଼ିକୁ ପୂରଣ କରିବା ପାଇଁ ଛଅଦିନଯାକ କାମ କରନ୍ତି ଏବଂ ସପ୍ତମ ଦିନ ବିଶ୍ରାମ ନେବା ସକାଶେ, ନିଜ ଭିତରକୁ ତଥା ଊର୍ଦ୍ଧ୍ୱକୁ ଚାହିଁ ଦେଖିବା ସକାଶେ କାମ କରିବା ବନ୍ଦ ରଖନ୍ତି । ସେଦିନଟି ସେମାନେ ନିଜର ଜୀବନ ଏବଂ ଚେତନାର ଉତ୍ସ ଏବଂ ନିଦାନଟି ବିଷୟରେ ଚିନ୍ତା କରନ୍ତି ଏବଂ ତାହାରି ଫଳରେ ଏହାରି ମଧ୍ୟରେ ଅବଗାହନ କରି ଆପଣାର ଶକ୍ତିଗୁଡ଼ିକୁ ପୁନର୍ବାର ଫେରି ପାଆନ୍ତି ।

ଆଧୁନିକ କାଳରେ ଯେଉଁଭଳି ଭାବରେ ଏହି ଶବ୍ଦଟିକୁ ତଥା ବିଷୟଟିକୁ ବୁଝାଯାଏ, ତାହାର ଉଲ୍ଲେଖ କରିବାର କ୍ୱଚିତ୍ ଆବଶ୍ୟକତା ରହିଛି । ଅର୍ଥାତ୍, ନିଜକୁ ଆମୋଦିତ କରିବା ନିମନ୍ତେ ଏକ ବୃଥା ପ୍ରୟାସରେ ସମୟ ନଷ୍ଟ କରିବାର ଯେଉଁ ଯାବତୀୟ ସମ୍ଭାବ୍ୟ ବାଟ ରହିଛି, ସେଗୁଡ଼ିକୁ ବୁଝାଇ କହିବାର କୌଣସି ପ୍ରୟୋଜନ ନାହିଁ ।

*ଅକ୍ଟୋବର ୧୯୫୯*

*(ଏହି ଶିଷ୍ୟ ଏପରି ଜଣେ ସାଧକଙ୍କ ବିଷୟରେ ଲେଖିଥିଲେ ଯିଏ କି ପ୍ରାୟ କୌଣସି କାମ କରୁ ନ ଥିଲେ ଏବଂ ଅଧିକନ୍ତୁ, ନୂତନ କର୍ମୀମାନଙ୍କୁ ମଧ୍ୟ ''କୁଲିମାନଙ୍କ ପରି ଦାସତ୍ୱ ନ କରିବାକୁ'' ପରାମର୍ଶ ଦେଉଥିଲେ ।)*

ପୂର୍ଣ୍ଣ ଦାୟିତ୍ୱବୋଧ ସହିତ ଯେତେବେଳେ ତୁମେ ତୁମର କାର୍ଯ୍ୟକୁ କରୁ ନାହଁ, ସେତେବେଳେ ଠିକ୍ ତୁମରି ପରି ଆଚରଣ କରିବା ନିମନ୍ତେ ନୂଆ କର୍ମୀମାନଙ୍କୁ ଉତ୍ତେଜିତ କରିବା ପାଇଁ ତାହା କଦାପି ଏକ କାରଣ ହେବ ନାହିଁ ।

*୧୯୬୦ ବେଳର*

*(ଆଶ୍ରମରେ ରହିବାକୁ ଆସୁଥିବା ନୂତନ ବ୍ୟକ୍ତିମାନଙ୍କ ଲାଗି କାର୍ଯ୍ୟ ସ୍ଥିର କରିଦେବାର ଦାୟିତ୍ୱରେ ରହିଥିବା ଏହି ଶିଷ୍ୟ ଥରେ ଏପରି ଏକ ଘଟଣା ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ଯେ, ଜଣେ ବ୍ୟକ୍ତିଙ୍କୁ ସମ୍ପ୍ରତି କାର୍ଯ୍ୟଟିଏ ଦିଆ ଯାଇଥିଲା ଅଥଚ ସେବିଷୟରେ ତାଙ୍କୁ ଖବର ବି ଦିଆ ଯାଇ ନ ଥିଲା । ଏକଥା କିପରି ଘଟିପାରିଲା, ସିଏ ମାଆଙ୍କୁ ସେହିକଥା ପଚାରିଥିଲେ ।)*

ମୁଁ ତୁମକୁ କେବଳ ଏତିକି କହିପାରିବି : ଯେତେବେଳେ କୌଣସି ବ୍ୟକ୍ତି କିଂବା ବ୍ୟକ୍ତିମାନେ କାର୍ଯ୍ୟଟିଏ ପାଇବେ ବୋଲି ମୋ' ପାଖକୁ ସମ୍ବାଦ ପଠାନ୍ତି ଏବଂ ଆଶ୍ରମରେ କିଛି ସମୟ

'oaob.nitrkl.ac.in' images reprocessed

ରହିବେ ବୋଲି ଅଥବା ସ୍ଥାୟୀ ଭାବରେ ଏଠାରେ ରହିବାର ଅନୁମତି ପାଇବା ସକାଶେ ଇଚ୍ଛା ପ୍ରକାଶ କରିଥା'ନ୍ତି, ତେବେ ଆଦୌ **କୌଣସି ବ୍ୟତିକ୍ରମ** ବ୍ୟତୀତ ମୁଁ " **'ର'ଙ୍କ*** **ପାଖକୁ ଯାଅ**" (ଯଦି ମୁଁ ସିଧା ସେହି ବ୍ୟକ୍ତିଙ୍କୁ କହୁଥାଏ) **ଅଥବା "ତାଙ୍କୁ ବା ସେମାନଙ୍କୁ 'ର'ଙ୍କ ପାଖକୁ ପଠାଇଦିଅ**" ବୋଲି ଉତ୍ତର ଦେଇଥାଏ । ଏହି କଥାଟି କିପରି ଆଉ ଏକ କଥାକୁ ବଦଳିଯାଏ ଏବଂ ତୁମକୁ ଖବର ମିଳେ ନାହିଁ, ସେକଥା ମୁଁ କହି ପାରିବି ନାହିଁ – ଏହା ହେଉଛି ମନୁଷ୍ୟ ପ୍ରକୃତିର ଏକ ରହସ୍ୟ ଏବଂ, ଏଥିରେ ମୋ'ର ଆଦୌ କୌଣସି ସନ୍ଦେହ ନାହିଁ ଯେ ମୋତେ ମଧ୍ୟ ଆଦୌ କୌଣସି ସମ୍ବାଦ ନ ମିଳି ଅନେକ ଘଟଣା ଘଟିଥାଏ ।

ମାତ୍ର, ତା' ବୋଲି ଏଥିରେ ବିଚଳିତ ହେବାର କୌଣସି କାରଣ ନାହିଁ । ଆମେ କେବଳ ଶାନ୍ତହିଁ ରହିବା ଓ ମନୁଷ୍ୟ ପ୍ରକୃତି ନିର୍ଦ୍ଧାରିତ କରି ଦେଇଥିବା ସୀମାଗୁଡ଼ିକ ଭିତରେହିଁ **ଆମର** ସର୍ବୋତ୍ତମ କାର୍ଯ୍ୟଟିକୁ କରୁଥିବା ।

**ସେକଥା ଯାହା ହୋଇଥାଉ ପଛକେ, ସମ୍ପୂର୍ଣ୍ଣ ଦାୟିତ୍ୱଟି** ହେଉଛି ପରମ ପ୍ରଭୁଙ୍କର, ଆଉ ଆଦୌ କାହାରି ନୁହେଁ । ତେଣୁ, ବ୍ୟସ୍ତ ହେବାର କୌଣସି କାରଣ ନାହିଁ ।

ମୋ'ର ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୨୬ ଫେବ୍ରୁଆରି ୧୯୬୧*

*ଆମେ ଘୋଷଣା କରିଛୁ ଯେ ପ୍ରସ୍ତାବିତ ଅଦିତି ପୁସ୍ତକମାଳାରେ ପ୍ରତ୍ୟେକ ପୁସ୍ତକରେ ପ୍ରାୟ ୧୦୦ ପୃଷ୍ଠା ରହିବ । ପ୍ରଥମ ପୁସ୍ତକଟି ହେବ "ଶ୍ୱେତ ଗୋଲାପ" । ସେଥିରେ ହୁତାଙ୍କର ଉପକ୍ରମ ଦେବା ଆବଶ୍ୟକ କି ?*

ହଁ, କାରଣ ମୁଁ ଯାହାକିଛି ଲେଖିଛି, ତାହା ହୁତାଙ୍କ ପାଇଁ ଲେଖିଛି ଅନ୍ୟମାନଙ୍କ ପାଇଁ ଲେଖି ନାହିଁ । ପ୍ରତ୍ୟେକ ବ୍ୟକ୍ତିଙ୍କୁ ଯାହାକିଛି କୁହାଯାଏ, ତାହାକୁ ଏକ ଭିନ୍ନ ପ୍ରକାରେ କୁହାଯାଏ । – ଏବଂ, ସେହି ସବୁକିଛିକୁ ଏକାଠି ମିଶାଇ ଦେବା ଦ୍ୱାରା ବିଭ୍ରାନ୍ତିର ସୃଷ୍ଟି ହୁଏ ।

*୧୯୬୧*

*ମାଆ,*

*ମୁଁ ଅନୁଙ୍କ ଦ୍ୱାରା ଲିଖିତ 'ରାଜକୁମାର' ନାଟକଟିର ଏକ ସାରାଂଶ*

* ଶିଷ୍ୟ ନିଜେ ।

'oaob.nitrkl.ac.in' images reprocessed

*ପଠାଉଛି; ସାରାଂଶଟିକୁ ସେ ନିଜେ ଲେଖିଛନ୍ତି । ଆପଣ ସମୟ ପାଇଲେ ଏଇଟିକୁ ପଢ଼ି ପାରିବେ । ମୁଁ ଏହି ବିଷୟରେ କେତୋଟି ପରାମର୍ଶ ଦେବାକୁ ଆପଣଙ୍କୁ ଅନୁରୋଧ କରିବି, ଯାହାଦ୍ୱାରା କି ଏଇଟିକୁ ସାଧାରଣ ସ୍ତରରୁ ଅଧିକ ଉନ୍ନତ କରିବାରେ ସହାୟକ ହେବ ଏବଂ ତଦ୍ୱାରା ଏଥିରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତିମାନଙ୍କର ଚେତନାକୁ ମଧ୍ୟ ସାହାଯ୍ୟ ହେବ । ଶେଷ ଆଡ଼କୁ କିଛିତ୍ ପରିବର୍ତ୍ତନ ହେବା ଉଚିତ ବୋଲି ମୁଁ ଅନୁଭବ କରୁଛି; ମାତ୍ର କି ପରିବର୍ତ୍ତନ ହେବ, ମୁଁ ତାହା ଜାଣି ନାହିଁ ।*

କାହାଣୀଟିର ଘଟଣାଭୂମି **ଐତିହାସିକ** କି ? ବା ତାହାକୁ ବଦଳାଯାଇ ପାରିବ ? ଯଦି ବଦଳାଇ ହେବ, ତେବେ ବିଷ ଦେଉଥିବା ମୁହୂର୍ତ୍ତରେ ରାଜକୁମାରଙ୍କର ପ୍ରେମ ଦ୍ୱାରା ଖଳ ଶକ୍ତିର ନିମିତ୍ତଟିର ହୃଦୟ ପରିବର୍ତ୍ତନ କରି ଦିଆଯାଇ ପାରିବ, ଯଦି ସେ ସବୁକଥା ସ୍ୱୀକାର କରିଦେବ ଓ କ୍ଷମା ଲାଭ କରିବ, ତେବେ ନିଶ୍ଚୟ ଅଧିକ ଆଗ୍ରହୋଦ୍ଦୀପକ ହେବ ।

ଶକ୍ତିଟିକୁ **ଫଳପ୍ରଦ** କରାଇବା ସକାଶେ ବିପର୍ଯ୍ୟୟର ପ୍ରୟୋଜନଟିକୁ ଦେଖାଇବାର ଏହି ପୁରାତନ ବିଚାରଟି ହେଉଛି ଏକ ଦୋଷ, ଯାହାକୁ କି ଅତିକ୍ରମ କରିଯିବାକୁ ହେବ ।

ମାତ୍ର, ଯଦି କାହାଣୀଟି **ଐତିହାସିକ** ହୋଇଥାଏ ଏବଂ ତେଣୁ ତାହାକୁ ଯେମିତି ଅଛି ସେମିତି ରଖିବାକୁ ହେବ, ତେବେ ଉକ୍ତିଟି ମଧ୍ୟରେହିଁ ଉଚ୍ଚତର ସତ୍ୟଟିକୁ ବ୍ୟକ୍ତ କରାଯାଇ ପାରିବ ।

*୨୫ ଫେବ୍ରୁଆରି ୧୯୬୨*

*ମାଆ,*

*ମୁଁ ଏକ ଭ୍ରମ ଭିତରେ ରହି ଭାବୁଥିଲି ଯେ, ମୋତେ ଲୋକମାନଙ୍କ ପାଇଁ କାର୍ଯ୍ୟ ଯୋଗାଡ଼ କରିବାକୁ ହେବ । 'କ'ଙ୍କ ଅବସ୍ଥା ଭାରି ଖରାପ ଏବଂ 'ଖ' ମଧ୍ୟ ଅସୁସ୍ଥ ଅଛନ୍ତି । ତେଣୁ ମୁଁ ଭାବିଥିଲି ଯେ, ଯେତେବେଳେ 'ଗ' ଆସିବେ, ସେତେବେଳେ ତାଙ୍କୁ 'କ'ଙ୍କୁ ସାହାଯ୍ୟ କରିବା ଲାଗି ଅନେକ୍ସି ସୋସାଇଟିରେ ନିଯୁକ୍ତ କରାଯାଇ ପାରିବ । ସିଏ ଆଗରୁ ଜଣେ ବ୍ୟାପାରୀ ଥିଲେ । ସର୍ବଦା ଯେଉଁଭଳି ଘଟିଥାଏ, ଏହି ଘଟଣାଟି ମୋ' ପାଖକୁ ମୋଟେ ଆସି ନାହିଁ ଏବଂ ମୁଁ ଶୁଣୁଛି ଯେ, ଆପଣଙ୍କର ନିର୍ଦ୍ଦେଶ ଅନୁସାରେ ତାଙ୍କୁ ମୁଖ୍ୟ ଦପ୍ତରକୁ ନେଇ କାର୍ଯ୍ୟ ଦିଆଯାଉଛି !! ଅଥଚ, ମାତ୍ର କେତେ ଦିନ ପୂର୍ବେ ସେହି ଦପ୍ତରକୁ ଅସ୍ଥାୟୀ ଭାବରେ ଜଣକୁ ପଠାଇଥିଲି । ଜଣେ ନୂତନ କର୍ମୀଙ୍କ ସକାଶେ 'କ'ଙ୍କର ଅଧିକ ପ୍ରୟୋଜନ*

'oaob.nitrkl.ac.in' images reprocessed

*ରହିଛି । ମାତ୍ର, ଏହା ଯଦି ଆପଣଙ୍କର ନିର୍ଦ୍ଦେଶ ହୋଇଥାଏ, ତେବେ ମୁଁ ତାହାକୁ ମାନିନେଉଛି ।*

*ଯେତେବେଳେ କୌଣସି ଅପ୍ରୀତିକର ଅବସ୍ଥା ଆସି ପହଞ୍ଚେ ଅଥବା ଜଣେ ଅସମ୍ଭବ ବ୍ୟକ୍ତିଙ୍କୁ ସମ୍ଭାଳିବାକୁ ପଡ଼େ, ସେତେବେଳେ ପ୍ରତ୍ୟେକଥର ଏକ ଧାର୍ମିକ ନିଷ୍ଠା ସହିତ ସେଗୁଡ଼ିକୁ ମୋ'ଠାକୁ ପଠାଇ ଦିଆଯାଏ; ନ ହେଲେ ... ଏବଂ ଆପଣ କହନ୍ତି ଯେ କର୍ମନିଯୁକ୍ତି ବିଷୟରେ ମୋ'ର ହେଉଛି ଅସଲ ଦାୟିତ୍ୱ ।*

ମୋ'ର ଆଦରଣୀୟ ସନ୍ତାନ,

ଏହାକୁ ମୁଁ ଏକ ମନ୍ଦ ମିଜାଜର ଦୃଷ୍ଟାନ୍ତ ବୋଲି ଅବଶ୍ୟ ଭାବିବି କି ଏବଂ ଏହି କ୍ଷେତ୍ରରେ ଏକ ଭୁଲ ଧାରାରେ ଅହଂକୁ ସ୍ପର୍ଶ କରାଯାଇଛି ବୋଲି କହିବି କି ? ... ତୁମେ ଭାରି କଟୁ ବୋଧ ହେଉଛ । ଏବଂ ତଥାପି, କରିବାକୁ ରହିଥିବା ସବୁଠାରୁ ଅଧିକ ଫଳପ୍ରଦ କାର୍ଯ୍ୟଟି ଲାଗି କଥାଗୁଡ଼ିକୁ ତୁମ ପାଖକୁ ନିଆଯାଉ ଓ **ତୁମ** ସହିତ ପରାମର୍ଶ ଅବଶ୍ୟ କରାଯାଉ ବୋଲି କହିବା ବ୍ୟତୀତ **ମୋ'** ତରଫରୁ ମୁଁ କୌଣସି **ଚୂଡ଼ାନ୍ତ ନିଷ୍ପତ୍ତି** ଗ୍ରହଣ କରେ ନାହିଁ । ମାତ୍ର, ତୁମେ ବ୍ୟସ୍ତ ହେବ ନାହିଁ,– ବ୍ୟାପାରଗୁଡ଼ିକ ଠିକ୍ ବାଟରେ ଯାଉ ନାହିଁ ଓ ସେଥିପାଇଁ ମୁଁ ଦାୟୀ ବୋଲି ଯଦି ତୁମେ ଭାବୁଥାଅ, ତେବେ ତାହାହିଁ ହେଉ – ମୁଁ ଏଥିପାଇଁ ଦାୟୀ ବୋଲି ସ୍ୱୀକାର କରୁଛି ।

ଏହି ଘଟଣାଟିରେ, ମୁଁ ଜାଣି ବଡ଼ ଖୁସୀ ହେଲି ଯେ 'ଗ' ଅନେଷ୍ଟି ସୋସାଇଟିରେ ଅଧିକ ଭଲ ଭାବରେ ବିନିଯୁକ୍ତ ହୋଇପାରିବେ । ତେବେ, ଆମେ ତାଙ୍କୁ ସେଠାକୁ ପଠାଇଦେବୁ ଓ ସବୁକିଛି ଠିକ୍ ହୋଇଯିବ । ମାତ୍ର, ଏହି କଥାଟିକୁ, ତଥାପି ସମ୍ପୂର୍ଣ୍ଣ ସତ୍ୟ ବୋଲି କୁହାଯିବ ଯେ ବାହ୍ୟ ସଂଗଠନ ଅପେକ୍ଷା ଯାହାକୁ ମୁଁ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ବିଚାର କରେ, ମୁଁ ଅଧିକାଂଶ ସମୟରେ ସେ କର୍ମଟିରେ ରତ ହୋଇ ରହିଥାଏ – ଏହି ମୁହୂର୍ତ୍ତଟି ପାଇଁ – ଏବଂ ସେହି କାରଣରୁହିଁ, ପ୍ରତ୍ୟେକ ବ୍ୟକ୍ତି ତା'ର ସର୍ବୋତ୍ତମ ସାମର୍ଥ୍ୟ ଅନୁସାରେ ତା'ର କର୍ତ୍ତବ୍ୟ କରୁ ବୋଲି ମୁଁ ଆଶା ରଖିଥାଏ; ଦିବ୍ୟ ପରମସତ୍ତାଙ୍କର କାର୍ଯ୍ୟର ମାତ୍ରା ଓ ମହତ୍ତ୍ୱଟି ଉପରେ ତା'ର ଚକ୍ଷୁ ନିବଦ୍ଧ ହୋଇ ରହିଥାଉ ବୋଲି ମୁଁ ପ୍ରତ୍ୟାଶା ବି କରୁଥାଏ । କାରଣ ତାହା ତା'ର ବ୍ୟକ୍ତିଗତ ଅସୁବିଧାଗୁଡ଼ିକରେ ମଧ୍ୟ ତାକୁ ନିଃସନ୍ଦେହ ଭାବରେ ସାହାଯ୍ୟ କରି ପାରିବ ।

ପ୍ରତ୍ୟେକ ବ୍ୟକ୍ତି ପାଇଁ ଓ ପ୍ରତ୍ୟେକ ବିଷୟରେ ସମୟଗୁଡ଼ିକ କଠୋର ହୋଇ ରହିଛନ୍ତି – ମାତ୍ର, ଆମକୁ ଆମର ଅଭାବଗୁଡ଼ିକୁ ଅତିକ୍ରମ କରିଯିବାର ଉପାୟ ଶିଖାଇ ଦେବାକୁହିଁ ନିଶ୍ଚିତ ଭାବରେ ଏପରି ହୋଇଛି ।

'oaob.nitrkl.ac.in' images reprocessed

ତୁମଠାରେ ମୋ'ର ପୂର୍ଣ୍ଣ ବିଶ୍ୱାସ ରହିଛି, ଆଶା ମଧ୍ୟ ରହିଛି ଏବଂ ତୁମର କାର୍ଯ୍ୟକୁ ମୁଁ ଆବଶ୍ୟକ ମଧ୍ୟ କରୁଛି । ମୋ'ର କୌଣସି ସନ୍ଦେହ ନାହିଁ ଯେ ତୁମେ ନିଜର ଉପସ୍ଥିତ ଅସୁବିଧାଗୁଡ଼ିକୁ ଅତିକ୍ରମ କରିଯିବ ।

ସ୍ନେହ ଏବଂ ଅନେକ ଆଶୀର୍ବାଦ ସହିତ ।

*୬ ଅଗଷ୍ଟ ୧୯୬୨*

*ମାଆ,*

*'କ' ଏହି କଲମଟିକୁ ନେପାଳରୁ ଆଣିଛନ୍ତି । ଏଇଟିକୁ ସେ ମୋତେ ଦେଇଥିଲେ । ମୁଁ ଏହି ବିଶ୍ୱାସରେ ତାହାକୁ ଆପଣଙ୍କ ପାଖକୁ ପଠାଇ ଦେଉଛି ଯେ, ଏଇଟି ଆପଣଙ୍କ ପାଖକୁ ଆସିଲେ ତାହା ଚୀନଦେଶର ମଙ୍ଗଳ କରିବ (ଏଇଟି ଚୀନଦେଶରେ ତିଆରି ହୋଇଛି) ଏବଂ ଭାରତ ଓ ଚୀନର ସମ୍ବନ୍ଧ କ୍ଷେତ୍ରରେ ମଧ୍ୟ ମଙ୍ଗଳ ଘଟିବ ।*

ଏଇ ଦେଖ, ସେହି କଲମରେ ଲେଖା ହୋଇଥିବା ଲେଖାଟିକୁ । କଲମଟି ଭଲ ମନେ ହେଉଛି । ଚୀନ ଲାଗି ଅନେକ ଆଶୀର୍ବାଦ ।

*୨୭ ଅଗଷ୍ଟ ୧୯୬୨*

*ମାଆ,*

*କାଲି ଦିନବେଳା ମୁଁ ଶୋଇଥିଲି ଏବଂ ସେତେବେଳେ ଆପଣ ମୋ' ସ୍ୱପ୍ନରେ ଆସିଲେ ଏବଂ କିଛି କହିବାକୁ ଆରମ୍ଭ କରୁଛନ୍ତି, ସେତିକିବେଳେ ଜଣେ କିଏ କବାଟ ଖଡ଼ଖଡ଼ କରି ମୋ ନିଦ ଭାଙ୍ଗିଦେଲେ । ଏହା ତିନିଥର ଏମିତି ହୋଇଥିଲା ଏବଂ ପ୍ରତ୍ୟେକଥର କିଏ ଜଣେ କବାଟ ଖଡ଼ଖଡ଼ କଲେ, ମୋର ତୀବ୍ର ମୁଣ୍ଡବ୍ୟଥା ହେଉଥିଲା । ସ୍ୱପ୍ନ କଥା ମୋ'ର ପ୍ରାୟ ମନେ ରହେ ନାହିଁ, ମାତ୍ର ଏହି ସ୍ୱପ୍ନଟି ଅତ୍ୟନ୍ତ ସ୍ପଷ୍ଟ ହୋଇ ରହିଥିଲା । ଆପଣଙ୍କର କ'ଣ ପ୍ରକୃତରେ ମୋତେ କିଛି କହିବାକୁ ଥିଲା ସେହିକଥା ମୁଁ ଭାବୁଛି ।*

ହଁ, ମୁଁ ପ୍ରକୃତରେ ତୁମ ପାଖକୁ ଆସିଥିଲି – କେବଳ ଯେ ଏହିଥରକ ଆସିଲି ସେକଥା ମୋଟେ ନୁହେଁ । ମୁଁ କେତେକ ଆଗ୍ରହ ନେଇ ଆସିଥିଲି; ସାଧାରଣ ବ୍ୟାପାର, ଆଶ୍ରମ ବ୍ୟାପାର ଓ (ତୁମ) ସାଧନା ବିଷୟରେ କେତେକ ଆଗ୍ରହ ନେଇ ଆସିଥିଲି । ଅର୍ଥାତ୍,

'oaob.nitrkl.ac.in' images reprocessed

ତୁମର କେତେ ଦୂର ଅଗ୍ରଗତି ହୋଇଛି, ତାହା କହିବାକୁ ଆସିଥିଲି ।

ଲୋକମାନଙ୍କୁ ଦୁଆର ଠକ୍ ଠକ୍ କରିବାରୁ କ୍ଷାନ୍ତ କରି ରଖିବାଲାଗି କ'ଣ କୌଣସି ଉପାୟ ନାହିଁ ? ତୁମ କବାଟ ଉପରେ ତ ଏକ ବିଜ୍ଞପ୍ତି ଲେଖାହୋଇ ପାରିବ, ''ବର୍ତ୍ତମାନ ଦୟାକରି କବାଟ ଖଡ଼୍ ଖଡ଼୍ କରନ୍ତୁ ନାହିଁ'' ?

ସ୍ନେହ ଏବଂ ଅନେକ ଆଶୀର୍ବାଦ ସହିତ ।

*୨୫ ଅକ୍ଟୋବର୍ ୧୯୬୨*

*ମାଆ,*

*ଭାରତର ରାଷ୍ଟ୍ରପତି ଏକ ଜରୁରୀ କାଳୀନ ଅବସ୍ଥା ଘୋଷଣା କରିଛନ୍ତି ।* ସରକାର ବର୍ତ୍ତମାନ କଠୋର କାର୍ଯ୍ୟାନୁଷ୍ଠାନମାନ ଗ୍ରହଣ କରି ପାରିବେ । 'ଅ'ଠାରୁ ଆରମ୍ଭ କରି 'କ୍ଷ' ପର୍ଯ୍ୟନ୍ତ ଏଠାରେ ଆମ ଲୋକମାନେ ଫାଟକ ପାଖରେ, ରାସ୍ତାରେ ଓ ଭୋଜନାଗାର ପ୍ରଭୃତି ସ୍ଥାନରେ ନେହେରୁ ଓ ତାଙ୍କର ସରକାର ବିରୋଧରେ ଉତ୍ତେଜିତ ଭାବରେ ନାନା କଥା କହୁଛନ୍ତି । ଏପରିକି କେତେକ ବ୍ୟକ୍ତି ଏଥିରେ ଆପଣଙ୍କର ଓ ଶ୍ରୀଅରବିନ୍ଦଙ୍କର ନାମକୁ ମଧ୍ୟ ସଂଶ୍ଲିଷ୍ଟ କରି ଦେଉଛନ୍ତି । ଏହାଦ୍ୱାରା ହୁଏତ ଆଶ୍ରମକୁ ଅନାବଶ୍ୟକ ଭାବରେ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ । ମୁଁ ଏହି କଥାଟିକୁ ଆପଣଙ୍କର ଗୋଚରକୁ ଆଣୁଛି ।*

ମୁଁ ତୁମ ପାଖକୁ ଗୋଟିଏ ବିଜ୍ଞପ୍ତି ପଠାଇ ଦେଉଛି । ତୁମେ ତାହାକୁ ଭୋଜନାଗାରରେ ମାରିଦେବ ।

ଆମକୁ ନୋଟିସ୍ ବୋର୍ଡ଼ରେ ମଧ୍ୟ ଏହାକୁ ମାରିବାକୁ ହେବ ।

ଚୁପ୍ ! ଚୁପ୍ !

ଏହା ହେଉଛି ଶକ୍ତି ସଂଗ୍ରହ କରିବାର ସମୟ; ଅଯଥା ଏବଂ ନିରର୍ଥକ କଥାରେ ସେହି ଶକ୍ତିଗୁଡ଼ିକୁ ନଷ୍ଟ କରିଦେବାର ଆଦୌ ସମୟ ନୁହେଁ ।

ଯଦି କୌଣସି ବ୍ୟକ୍ତି ଦେଶର ବର୍ତ୍ତମାନ ସ୍ଥିତି ବିଷୟରେ ଏଡ଼େ ବଡ଼ ପାଟିରେ

---

* ୧୯୬୨ ମସିହା ଅକ୍ଟୋବର ୨୦ ତାରିଖ ଦିନ ଦେଶର ଉତ୍ତର ସୀମାରେ ଦୁଇଟି ସ୍ଥାନରେ ଚୀନ ଭାରତବର୍ଷ ଆକ୍ରମଣ କରିଥିଲା । ସେହି ସପ୍ତାହଟିରେ ଚୀନ ସୈନ୍ୟମାନେ ଭାରତର ଏକାଧିକ ସାମରିକ ପହରାସ୍ଥାନକୁ ଅଧିକାର କରି ନେଇଥିଲେ, ମାତ୍ର ତା'ପରେ ପଛକୁ ହଟି ଯାଇଥିଲେ ।

'oaob.nitrkl.ac.in' images reprocessed

ନିଜର ମତଗୁଡ଼ିକୁ ପ୍ରକାଶ କରନ୍ତି ତେବେ ତାଙ୍କୁ ବୁଝିବାକୁ ହେବ ଯେ, ତାଙ୍କ ମତଗୁଡ଼ିକର ଆଦୌ କୌଣସି ମୂଲ୍ୟ ନାହିଁ ଏବଂ ତଦ୍ୱାରା ସେ ଏତେ ଟିକିଏ ପରିମାଣରେ ମଧ୍ୟ ଭାରତଜନନୀଙ୍କୁ ତାଙ୍କର ସମସ୍ୟାଗୁଡ଼ିକ ମଧ୍ୟରୁ ବାହାରି ଆସିବାରେ ସାହାଯ୍ୟ କରି ପାରିବେ ନାହିଁ । ଯଦି ତୁମେ ପ୍ରକୃତରେ କାମରେ ଲାଗିବାକୁ ଇଚ୍ଛା କରୁଛ, ତେବେ ପ୍ରଥମେ ନିଜ ଉପରେ ନିୟନ୍ତ୍ରଣ ରଖ ଏବଂ ନୀରବ ରହ ।

ଚୁପ୍ ! ଚୁପ୍ ! ଚୁପ୍ !

କେବଳ ନୀରବତା ଭିତରେହିଁ କୌଣସି ବୃହତ୍ କାର୍ଯ୍ୟ ସମ୍ପନ୍ନ କରା ଯାଇପାରେ ।

*୨୮ ଅକ୍ଟୋବର ୧୯୬୨*

*ପରିଦର୍ଶକ ଏବଂ ବିଦେଶାଗତମାନଙ୍କ ସହିତ ନିଜର ବ୍ୟବହାର-କ୍ଷେତ୍ରରେ ସମସ୍ତ ଆଶ୍ରମବାସୀଙ୍କୁ ଏକ ଉତ୍ତମ ପରାମର୍ଶ ।*

*(ଏପରିକି ସେମାନଙ୍କର ପରସ୍ପର ସହିତ ବ୍ୟବହାର-କ୍ଷେତ୍ରରେ ମଧ୍ୟ)*

"ଆଶ୍ରମରେ ଘଟୁଥିବା କୌଣସି ଘଟଣା ଅଥବା ଆଶ୍ରମରେ ଥିବା କୌଣସି ବ୍ୟକ୍ତି ବିଷୟରେ ଯଦି ତୁମର ପ୍ରୀତିକର ଆଦୌ କିଛି କହିବାକୁ ନ ଥିବ, ତେବେ ତୁମେ ଚୁପ୍ ରହିବ ।

ଏହି ନୀରବତା ଯେ ଦିବ୍ୟ ପରମସତ୍ତାଙ୍କର କାର୍ଯ୍ୟ ପ୍ରତି ଆନୁଗତ୍ୟ ବୋଲି ତୁମେ ଅବଶ୍ୟ ଜାଣିରଖିବା ଉଚିତ ।"

*ଅକ୍ଟୋବର ୧୯୬୨*

*ମାଆ,*

*ଆପଣ ରାତିରେ ମୋ' ପାଖକୁ ଆସନ୍ତି ବୋଲି ଆପଣ ଲେଖିଥିଲେ । ମୁଁ ମଧ୍ୟ ଆପଣଙ୍କ ପାଖରେ ଯାଇ ପହଞ୍ଚିବାକୁ ଚେଷ୍ଟା କରୁଥାଏ, ମାତ୍ର ... ହାୟ ।*

ସେହି ଚେଷ୍ଟା ଅବ୍ୟାହତ ରଖ – ତୁମେ ଦିନେ ନା ଦିନେ ସଫଳ ହେବ । କାରଣ, ମୁଁ ଏବେ ମଧ୍ୟ ଆସୁଛି ।

ଅନେକ ଆଶୀର୍ବାଦ ।

*୯ ନଭେମ୍ବର ୧୯୬୨*

'oaob.nitrkl.ac.in' images reprocessed

# Silence! Silence!

This is a time for gathering energies, and not for wasting them away in useless and meaningless words.

Anyone who proclaims loudly his opinions on the present situation of the country, must understand that his opinions are of no value and cannot, in the least, help Mother India to come out of her difficulties.
If you want to be useful, first control yourself and keep silent.

Silence! Silence! Silence!
It is only in silence that anything great can be done

28-10-62

A good advice to all the ashramites in their dealings with visitors and foreigners (and even among themselves)

"When you have nothing pleasant to say about something or somebody in the Ashram, <u>keep silent</u>.

You must know that this silence is faithfulness to the Divine's work."

'oaob.nitrkl.ac.in' images reprocessed

*(ଏହି ଶିଷ୍ୟ ଯେତେବେଳେ 'ପୁରୋଧା'ର ସମ୍ପାଦକ ହେଲେ, ସେତେବେଳେ ସେ ପତ୍ରିକାଟି ପାଇଁ ଗଳ୍ପ ଓ ଅନ୍ୟ ଲେଖାମାନ ଲେଖିବାକୁ ଆରମ୍ଭ କଲେ । ମାତ୍ର, ମାଆଙ୍କ ପାଖରେ ସେ ଏ ବିଷୟରେ ଯେପରି କହିଥିଲେ, ଜଣେ ବଡ଼ ଲେଖକ ହେବାର ଉଚ୍ଚାକାଙ୍କ୍ଷାଟି ଯଦି ତାଙ୍କର ମୁଣ୍ଡ ଭିତରେ ଉଙ୍କି ମାରିବାକୁ ଆରମ୍ଭ କରେ ତାଙ୍କର ସେହି ମୁଣ୍ଡ ଏଡ଼େ ବଡ଼ ହୋଇ ଫୁଲିଯିବ ବୋଲି ତାଙ୍କର ଆଶଙ୍କା ହେଉଥିଲା ।)*

ପ୍ରତ୍ୟେକ ଉଚ୍ଚାକାଙ୍କ୍ଷାର ପଶ୍ଚାତ୍‌ରେ ଏକ ବୃହତ୍ ସତ୍ୟ ରହିଥାଏ, ଯାହାକି ପ୍ରକଟ ହୋଇ ଆସିବା ଲାଗି ଅନୁକୂଳ ଏକ ମୁହୂର୍ତ୍ତ ଲାଗି ଅପେକ୍ଷା କରିଥାଏ । ବର୍ତ୍ତମାନ ତ ଉଚ୍ଚାକାଙ୍କ୍ଷାଟି ଚାଲିଗଲାଣି, ବର୍ତ୍ତମାନ ସେହି ସତ୍ୟ (ସକଳ ଗୁଣ ଓ ସକଳ ସାମର୍ଥ୍ୟ)ଟି ପ୍ରକଟ ହେବାର ବେଳ ଆସିଛି ।

ଯେପରି କୌଣସି ପ୍ରକାର "ସ୍ଫୀତି"ର ବିପଦରେ ପଡ଼ିବାକୁ ନ ହୁଏ, ସେହି ବିଷୟରେ ଅତ୍ୟନ୍ତ ସାବଧାନ ରହିବ; ମାତ୍ର ମୁଁ ତ ତୁମ ସହିତ ରହିଛି, ତୁମକୁ ସାହାଯ୍ୟ କରୁଛି, ଯେପରିକି ଆଗ୍ରହୋଦ୍ଦୀପକ ହୋଇ ପାରିବାଭଳି କିଛି କରିପାରିବା ସମ୍ଭବ ହେବ ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୧୯୬୨*

*ମାଆ,*

*ଆଶ୍ରମ ସହିତ ସଂପୃକ୍ତ ଜନୈକ ବ୍ୟକ୍ତି ଗୋଟିଏ ଡାଏରୀ ପ୍ରକାଶ କରିବାକୁ ଇଚ୍ଛା କରୁଛନ୍ତି (ବ୍ୟାବସାୟିକ ଉଦ୍ଦେଶ୍ୟରେ ନୁହେଁ) ଯେଉଁଥିରେ କି ବିବେକାନନ୍ଦ, ରାମତୀର୍ଥଙ୍କର ଲେଖାଗୁଡ଼ିକ ସହିତ ଆପଣଙ୍କ ଲେଖାର ମଧ୍ୟ ଉଦ୍ଧୃତିମାନ ରହିବ । ମୁଁ ତାଙ୍କୁ କହିଛି ଯେ ଏପରି ଏକ ଖେଚେଡ଼ି ତିଆରି କରିବା ମୋଟେ ଭଲ ହେବ ନାହିଁ । ବରଂ, ମାଆଙ୍କର କଥାଗୁଡ଼ିକୁ ନ ଦେବାହିଁ ଅଧିକ ଭଲ ହେବ । ଏକଥା ଠିକ୍ ତ ?*

ତୁମେ ପୂରାପୂରି **ଠିକ୍‌ହିଁ କହିଛ** ।

*୧୯୬୨ ବେଳର*

ତୁମକୁ ଫ୍ଲୁହୋଇଛି ବୋଲି ଶୁଣିଲି – ସେକଥା ଆଦୌ ଚଳିବ ନାହିଁ ।

'oaob.nitrkl.ac.in' images reprocessed

ତୁମକୁ **ବିଶ୍ରାମ** ନେବାକୁ ହେବ – ମାତ୍ର, ପ୍ରତିକୂଳ ଶକ୍ତିଗୁଡ଼ିକ ଉଦ୍ଦେଶ୍ୟରେ କେବଳ ଏକ ମିଶ୍ରିତ ଅପ୍ରତିରୋଧର ବିଶ୍ରାମ ନୁହେଁ, ସଂକେନ୍ଦ୍ରିତ ଶକ୍ତିର ବିଶ୍ରାମ ନେବାକୁ ପଡ଼ିବ । ଏକ ବିଶ୍ରାମ, ଦୁର୍ବଳତାର ବିଶ୍ରାମ ନୁହେଁ, ଏକ **ଶକ୍ତିର** ବିଶ୍ରାମ ବୋଲି ଯାହାକୁ କୁହାଯାଇ ପାରିବ ।

ହେ ମୋ'ର ସନ୍ତାନ, ତୁମେ ପ୍ରସନ୍ନ ହୋଇଉଠ, ଯାବତୀୟ ମନ୍ଦ ପ୍ରଭାବକୁ ନିଜ ଉପରୁ ଝାଡ଼ି ଫିଙ୍ଗିଦିଅ ।

ମୋ'ର ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୭ ଜାନୁଆରି ୧୯୬୩*

*ମାଆ,*

*ଆପଣଙ୍କୁ ଆପଣଙ୍କର ନୂତନ ଶରୀରରେ ଦେଖିବା ଲାଗି ମୁଁ କେତେ ଇଚ୍ଛା କରୁଛି ।*

ମୁଁ ଭାବୁଛି, ମୋ'ର ନୂତନ **ରୂପ** ଅର୍ଥାତ୍ ମୋ'ର **ରୂପାନ୍ତରିତ ଶରୀରଟିର** ଅର୍ଥରେ ତୁମେ ଏକଥା କହିଛ । କାରଣ ଏକ **ନୂତନ** ଶରୀର ପାଇଁ, ମୁଁ ଏପରି ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଜାଣେ ନାହିଁ, ଯିଏକି ନିଜ ଭିତରେ ଏକ ପରିପୂର୍ଣ୍ଣ ଜୀବନ୍ତ ଶରୀରକୁ ସମ୍ଭବ କରି ପାରିବ, ଯାହା ମଧ୍ୟରେ କି ମୁଁ ଅନ୍ତତଃ ଆଂଶିକ ଭାବରେ ମୋ'ର ବର୍ତ୍ତମାନ ଚେତନାକୁ ନ ହରାଇ ପ୍ରବେଶ କରି ପାରିବି । ଅବଶ୍ୟ ଏହା ପ୍ରକୃତରେ ଏକ ଅପେକ୍ଷାକୃତ ଅଧିକ ଦ୍ରୁତ ପ୍ରକ୍ରିୟା ହୋଇ ପାରନ୍ତା, ମାତ୍ର ଏତେ ଉତ୍ସାହରେ ପୂର୍ଣ୍ଣ ହୋଇ ରହିଥିବା ଏହି ଶରୀରର କୋଷଗୁଡ଼ିକ ଯେଉଁମାନେ କି ରୂପାନ୍ତରର ପ୍ରାୟ ଏକ କଠୋର ପ୍ରକ୍ରିୟାରେ ଆପଣାକୁ ଏତେ ଇଚ୍ଛୁକ ଭାବରେ ବିନିଯୁକ୍ତ କରି ରଖିଛନ୍ତି, ସେମାନଙ୍କ ପାଇଁ ଆଦୌ ନ୍ୟାୟୋଚିତ ହେବ ନାହିଁ ।

ମାତ୍ର, ସେ କଥା ଯାହା ହୋଇଥାଉ ପଛକେ, ମୁଁ ଆଗରୁ ଯେପରି ତୁମକୁ କହିଛି, ଏଥିପାଇଁ ତୁମକୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ହେବ ଏବଂ ଅନେକ ଜନ୍ମଦିନକୁ ଅତିକ୍ରାନ୍ତ ହୋଇ ଯାଉଥିବାର ଦେଖିବାକୁ ହେବ । ଅବଶ୍ୟ, ଏହା ଅତ୍ୟନ୍ତ ଉତ୍ତମ କଥା ଓ ମୁଁ ତାହାକୁ ପୂର୍ଣ୍ଣଭାବରେ ସମର୍ଥନ କରୁଛି ।

ସସ୍ନେହ ।

*୨୫ ଜାନୁଆରି ୧୯୬୩*

'oaob.nitrkl.ac.in' images reprocessed

*ମାଆ,*

*ଓଡ଼ିଶା ଛାତ୍ରାବାସର ନିର୍ମାଣ ବିଷୟରେ 'କ' ଆପଣଙ୍କ ପାଖକୁ ଲେଖିଥିଲେ । ସେହି କାର୍ଯ୍ୟଟିକୁ 'ଖ' କରିଥା'ନ୍ତେ । 'ଗ' ଏବଂ 'ଘ' ତାହାର ପ୍ରାବିଧିକ ଦିଗଟିକୁ ଦେଖିବେ ଏବଂ ମୁଁ ମଧ୍ୟ ସଂପୃକ୍ତ ରହିବି । ପତ୍ରରେ ମୋର କାର୍ଯ୍ୟଟିକୁ ନିର୍ଦ୍ଧାରିତ କରିଦିଆ ଯାଇ ନାହିଁ । ଆପଣ ଏହାକୁ ଅନୁମୋଦନ କରିଛନ୍ତି ଓ ଏଥିରେ ସ୍ୱାକ୍ଷର କରିଛନ୍ତି । 'କ' ମୋତେ କହିଲେ ଯେ ଏଥିରେ ମୁଁ ଗୋଟିଏ ପ୍ରକାରର ଯୋଗସୂତ୍ରରକ୍ଷାକାରୀ ବ୍ୟକ୍ତିରୂପେ କାର୍ଯ୍ୟ କରିବି ଏବଂ ଯାହା ଯେତେବେଳେ ଆବଶ୍ୟକ ହେବ, ସେହି ଅନୁସାରେ ଆପଣଙ୍କ ସହିତ ତଥା ଅନ୍ୟ ବିଭାଗଗୁଡ଼ିକ ସହିତ ସମ୍ପର୍କ ରଖିବି । ଦର୍ଶନପରେ କାର୍ଯ୍ୟ ଆରମ୍ଭ ହେବ ।*

ଦର୍ଶନପରେ କିପରି କାର୍ଯ୍ୟ ଆରମ୍ଭ ହେବ ? ସେମାନଙ୍କ ପାଖକୁ ତ ଆବଶ୍ୟକ ଅର୍ଥ ଏ ପର୍ଯ୍ୟନ୍ତ ଆସି ନାହିଁ, କେବଳ ଏକ ଅତି **କ୍ଷୁଦ୍ର** ଅଂଶହିଁ ଆସିଛି । ଏବଂ, ଆବଶ୍ୟକ ପରିମାଣର **ଅନ୍ତତଃ** ବାରପଣ ହାତକୁ ଆସିବା ପୂର୍ବରୁ କାର୍ଯ୍ୟ ଆରମ୍ଭ କରିବା **ଅସମ୍ଭବ** ।

ପୁନଶ୍ଚ, ଯୋଜନାଟି ମଧ୍ୟ ତିଆରି ସରି ନାହିଁ, ହିସାବକିତାବ କରା ହୋଇ ନାହିଁ । ମୋ' ଜାଣିବାରେ କିଛି ପ୍ରସ୍ତୁତ ହୋଇ ନାହିଁ । ସେଭଳି ସ୍ଥିତିରେ କିଛି ଆରମ୍ଭ କରିବା ତୁଚ୍ଛା ନିର୍ବୋଧତାର କାର୍ଯ୍ୟ ହେବ । 'କ'ଙ୍କ ଚିଠି ମୋ'ର ମନେ ପଡୁଛି, ମାତ୍ର ଉପରଲିଖିତ କାରଣଗୁଡ଼ିକ ସକାଶେ ମୁଁ ତାହାକୁ ଯଥାର୍ଥ ମହତ୍ତ୍ୱ ଦେଇ ଆଦୌ ଗ୍ରହଣ କରି ନାହିଁ ଏବଂ ଏହି ବ୍ୟାପାରରେ ତୁମର ଉପସ୍ଥିତିକୁ ମଧ୍ୟ ମୁଁ କୌଣସି ବିଶେଷ ଦୃଷ୍ଟି ଦେଇ ନାହିଁ । ଏଠାରେ ତୁମର ଉପସ୍ଥିତି ମୋତେ କିଞ୍ଚିତ୍ ଅନାବଶ୍ୟକ ବୋଧ ହେଉଛି । ତେଣୁ, ଯେପର୍ଯ୍ୟନ୍ତ ସମୁଦାୟ ଅର୍ଥ ସଂଗୃହୀତ ହୋଇ ନାହିଁ ଏବଂ ସକଳ ଯୋଜନା ତଥା ହିସାବ ପ୍ରସ୍ତୁତ କରାଯାଇ ମୋତେ ଦେଖା ଯାଇ ନାହିଁ, ସେ ପର୍ଯ୍ୟନ୍ତ **କିଛି, ଆଦୌ କିଛି ହେଉ ନାହିଁ** ।

ଅନେକ ଆଶୀର୍ବାଦ ।

*୮ ଫେବ୍ରୁଆରି ୧୯୬୩*

*ମାଆ,*

*ମୋ' ଡାହାଣ ଗୋଡ଼ରେ – ଜଙ୍ଘରୁ ଏକାବେଳେକେ ଗୋଇଠି ଯାଏ – କେତେକ ସ୍ନାୟୁ ସମୁଚିତ ଭାବରେ କାର୍ଯ୍ୟ କରୁ ନାହାନ୍ତି । ସେହି ଅଂଶଟି ଜଡ଼ ହୋଇ ଆସୁଥିବା ପରି ଲାଗୁଛି ଓ ଚାଲିବାବେଳେ ମୁଁ ଛୋଟେଇ କରି ଚାଲୁଛି । ଏବଂ, ବେଳେବେଳେ ଯଦି ମୁଁ ସତର୍କ ହୋଇ ନ ପାରୁଛି, ସେତେବେଳେ ସତେ*

'oaob.nitrkl.ac.in' images reprocessed

*ଅବା ମୁଁ ନିୟନ୍ତ୍ରଣ ହରାଇ ବସିବା ପରି ମନେ ହେଉଛି । ଆପଣ ଅନୁଗ୍ରହ କରି ଦେଖିବେ । ଜାନୁଆରି ମାସରେ ମୋ'ର ଅସୁସ୍ଥତା ବେଳୁଁ ଏହା ଆରମ୍ଭ ହେଲା ।*

*ଆପଣଙ୍କୁ ସ୍ଥୂଳ ଭାବରେ ନ ଜଣାଇବା ପର୍ଯ୍ୟନ୍ତ ଏହି କଥାଗୁଡ଼ିକ କାହିଁକି ଭଲ ହୁଅନ୍ତି ନାହିଁ, ମୁଁ ସେହିକଥା ଭାବୁଛି । ଅନ୍ୟମାନଙ୍କ ପାଇଁ ମୁଁ ଆପଣଙ୍କୁ ନୀରବ ଭାବରେ ଜଣାଇଦିଏ ଏବଂ ଫଳ ମିଳିଯାଏ । ଆପଣ ମୋତେ କହିବେ କି ?*

ସେହି କଥାଟି ପ୍ରତ୍ୟେକ ବ୍ୟକ୍ତିର ଦୈହିକ ଗ୍ରହଣଶୀଳତା ଉପରେ ନିର୍ଭର କରୁଥାଏ । ଏବଂ, ସେହି ଗ୍ରହଣଶୀଳତା ସ୍ୱୟଂ ଅଳ୍ପ ବହୁତ ଆଧିପତ୍ୟ ବିସ୍ତାର କରି ରହିଥିବା ମନ ଉପରେ ନିର୍ଭର କରେ ।

*୩ ମାର୍ଚ୍ଚ ୧୯୬୩*

*(ମାଆଙ୍କର ''ବହୁପୂର୍ବର କଥା''କୁ ହିନ୍ଦୀରେ ଅନୁବାଦ କରୁଥିବା ସମୟରେ ଏହି ଶିଷ୍ୟ ଦେଖିବାକୁ ପାଇଥିଲେ ଯେ, ସେଥିରେ ଲିଖିତ କୈକେୟୀଙ୍କର କାହାଣୀଟି ହିନ୍ଦୀ ରାମାୟଣର ବର୍ଣ୍ଣନାଠାରୁ ଭିନ୍ନ ଥିଲା । ସେ ଲେଖିଥିଲେ :)*

*ଏହି ବିଷୟରେ ଲୋକମାନଙ୍କର ବିଶ୍ୱାସ ସହିତ ଯାହା ମେଳ ଖାଉ ନାହିଁ, ମୋ'ର ଆଶଙ୍କା ସେମାନେ ତାହାର ସମାଲୋଚନା କରିବେ । ସେମାନେ କହନ୍ତି ଯେ, ରାମ ତାଙ୍କୁ ବେଶୀ ଭଲ ପାଉଥିବାରୁ ତାଙ୍କୁହିଁ ସବୁଠାରୁ କଷ୍ଟକର ତଥା ଅପ୍ରୀତିଜନକ କାର୍ଯ୍ୟଟି ପାଇଁ ନିର୍ବାଚିତ କରା ଯାଇଥିଲା ।*

*ଜଣା ଯାଉଛି, ଆପଣ ଯାହା ଲେଖିଛନ୍ତି, ବଙ୍ଗଳା ରାମାୟଣର କଥା ତାହା ସହିତ ମିଳିଯାଉଛି । ମାତ୍ର ସଂସ୍କୃତ ଓ ହିନ୍ଦୀ ରାମାୟଣରେ ଅଲଗା ପ୍ରକାରର ଅଛି । ହିନ୍ଦୀ ଅନୁବାଦରେ ମୁଁ ତେବେ କ'ଣ କରିବି ?*

ମୁଁ ଯାହା ଲେଖିଛି, ତାହା ତ ସିଧା ରାମାୟଣ ପାଠ କରି ଯାହା ଲେଖିଛି ଲେଖି ନ ଥିଲି, ଷାଠିଏ ବର୍ଷ ତଳେ ସେହି ପୁସ୍ତକରେ ଇଂରାଜୀରେ ଲିଖିତ ଏକ ପୁସ୍ତକର ଅନୁବାଦରୁ ସଂଗ୍ରହ କରିଥିଲି । ତେଣୁ, ତୁମେ ଆବଶ୍ୟକ ପରିବର୍ତ୍ତନଗୁଡ଼ିକୁ ଅବଶ୍ୟ କରିପାର ।

ଅନେକ ଆଶୀର୍ବାଦ ।

*୬ ମାର୍ଚ୍ଚ ୧୯୬୩*

'oaob.nitrkl.ac.in' images reprocessed

*ମାଆ,*

*ଆପଣ ମୋତେ କହିଥିଲେ ଯେ ଆପଣଙ୍କର ନାମ ସହିତ ପଲ୍ ରିଚାର୍ଡ଼ଙ୍କର ନାମକୁ କୌଣସି ପ୍ରକାରେ ଯୁକ୍ତ କରି ଦେଖାଯିବା ଆପଣ ଇଚ୍ଛା କରନ୍ତି ନାହିଁ। 'କ' ଆଶ୍ରମର ପ୍ରଥମକାଳୀନ ଜୀବନ ବିଷୟରେ ଲେଖୁଛନ୍ତି, ଯେଉଁଥିରେ କି ସେ ଆପଣଙ୍କର ଆଶ୍ରମରେ ଆସି ପହଞ୍ଚିବା କଥା ଚର୍ଚ୍ଚା କରିଛନ୍ତି । ସେଥିରେ ସେ କହିଛନ୍ତି ଯେ, ଆପଣ ଶ୍ରୀ ରିଚାର୍ଡ଼ଙ୍କ ସହିତ ଆସିଥିଲେ, ଯିଏକି ନିର୍ବାଚନୀ କାର୍ଯ୍ୟାଦିରେ ଏଠାକୁ ଆଗମନ କରିଥିଲେ । ଏହା ଇଂରାଜୀ ଓ ବଙ୍ଗଳାରେ ବାହାରି ସାରିଛି । ବର୍ତ୍ତମାନ ହିନ୍ଦୀ ''ପୁରୋଧା''ରେ ଛପାହେବାକୁ ଆସିଛି । ଆପଣ କ'ଣ ପରାମର୍ଶ ଦେବେ ?*

ଏହି ବ୍ୟାପାରଟି ପାଇଁ ମୁଁ ଅତ୍ୟନ୍ତ ଦୁଃଖିତ । ମୋତେ ଏ ବିଷୟରେ କିଛି କୁହାଯାଇ ନ ଥିଲା । **ଏକଥାଟି ସେତିକିରେ ବନ୍ଦ ଥାଉ ।*** ଯେକୌଣସି ପ୍ରକାରେ ହେଉ ପଛକେ ବନ୍ଦ ଥାଉ । (ମୋ'ର) ଅତୀତ ଜୀବନ ବିଷୟରେ ସର୍ବଶେଷ ଥର ପାଇଁ ସାଧାରଣ ଭାବରେ ହୁଏତ ଉଲ୍ଲେଖ କରାଯାଉ !– ଏହି ଶରୀରଟି ବିଷୟରେ କିଛି କୁହାଯାଉ ବୋଲି ତାହା ଆଦୌ ଇଚ୍ଛା କରେ ନାହିଁ। ସିଏ ସ୍ଥିର ହୋଇଯିବାକୁ ଚାହେଁ। ଯଥାସମ୍ଭବ ଅଧିକ ପରିମାଣରେ **ବିସ୍ମୃତ** ହୋଇ ରହିଯିବାକୁ ଇଚ୍ଛା କରେ ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୯ ଏପ୍ରିଲ ୧୯୬୩*

*ମାଆ,*

*ବର୍ତ୍ତମାନ ଗୋଟିଏ ଅପ୍ରାସଙ୍ଗିକ ପ୍ରଶ୍ନ । ଆପଣ ଅତ୍ୟନ୍ତ କଠୋର ଭାଷାରେ ମୋ' ପାଖକୁ ଲେଖିଥିଲେ ଯେ, ଆପଣ ଆଶ୍ରମର ଟିକିନିଖି ବ୍ୟାପାରଗୁଡ଼ିକୁ ନେଇ କେହି ଆପଣଙ୍କୁ ବ୍ୟସ୍ତ କରୁ ବୋଲି ଆଦୌ ଇଚ୍ଛା କରୁ ନ ଥିଲେ । କାରଣ ଆପଣ ନିଜର ଅନ୍ତର୍ଗତ କାର୍ଯ୍ୟଟି ବିଷୟରେ ଅତ୍ୟନ୍ତ ବ୍ୟସ୍ତ ଥିଲେ । ମାତ୍ର ଏବେ ଆପଣ ଏହିଭଳି ସମ୍ବାଦ ଜାଣିବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ଏହାର କ'ଣ*

---

* ମାଆ, ''ନିର୍ବାଚନୀ କାର୍ଯ୍ୟାଦିରେ ଆସିଥିବା ପଲ୍ ରିଚାର୍ଡ଼ଙ୍କ ସହିତ ଆସିଥିଲେ,'' ଏହି ସମ୍ବାଦଟି ସଂକ୍ରାନ୍ତରେ ଏହା କୁହାଯାଇଛି । ମାଆ ସେହି ବାକ୍ୟାଂଶଟିରୁ ଗୋଟିଏ ଧାଡ଼ି ଆଣି ନିଜ ଉତ୍ତରରେ ବ୍ୟବହାର କରିଥିଲେ ଏବଂ ଏହିପରି ଭାବରେ ଉଭୟ ମଧ୍ୟରେ ରହିଥିବା ସମ୍ପର୍କଟିକୁ ଦେଖାଇ ଦେଇଥିଲେ ।

'oaob.nitrkl.ac.in' images reprocessed

*ଏହି ଅର୍ଥ ହେବ ଯେ, ଯେଉଁଠାରେ ଆପଣଙ୍କର ସମସ୍ତ ମନୋନିବେଶ ଆବଶ୍ୟକ ହେଉଥିଲା, ଆପଣ ସେହି ଗାରଟିକୁ ଅତିକ୍ରମ କରି ଯାଇଛନ୍ତି ଏବଂ ଭବିଷ୍ୟତ୍ ବର୍ତ୍ତମାନ ଆପଣଙ୍କ ହାତକୁ ଆସିଯାଇଛି, ଅଥବା, ଆମେ ଏତେ ଅଧିକ ପରିମାଣରେ ଯାବତୀୟ ବ୍ୟାପାରକୁ ଏପରି ବିଗାଡ଼ି ଦେଇଛୁ ଯେ, ଆପଣଙ୍କୁ ସେଗୁଡ଼ିକ ନିମନ୍ତେ ତଥାପି ସମୟ ଦେବାକୁ ହେଉଛି ? ମୁଁ ଭାବୁଛି, ପ୍ରଥମ କାରଣଟି ସକାଶେ ଏପରି ହେଉଥିବ କି ? ଏହାର ରହସ୍ୟ ମୋତେ ଆପଣ କହିବେ କି ?*

କୌଣସି ରହସ୍ୟ ନାହିଁ । ଦ୍ୱିତୀୟଟି ହେଉଛି ଠିକ୍ କଥା । ସବୁକଥା ବର୍ତ୍ତମାନ ଏପରି ଅଡୁଆ ହୋଇଯାଇଛି ଯେ, ସେଗୁଡ଼ିକ ଉପରେ ମୋତେ ଅଗତ୍ୟା ଏକ ଆଖି ରଖିବାକୁ ହେଉଛି ।

*୧୯ ଏପ୍ରିଲ ୧୯୬୩*

*ମାଆ,*

*ଏହି ମହିଳା 'ଖ'ଙ୍କ ବିଷୟରେ ମୁଁ କେବଳ ଦୁଇଟି ବିକଳ୍ପ ଦେଖିପାରୁଛି; ଆପଣ ତାଙ୍କୁ ଏକ ଦାନ ହିସାବରେ ରଖନ୍ତୁ ଅଥବା, ଦୁଇଜଣଙ୍କ ପାଇଁ ରେଳଭଡ଼ା ଇତ୍ୟାଦି ବାବଦରେ ପ୍ରାୟ ୧୨୦ ଟଙ୍କା ଦେଇ ଟିକିଏ କଡ଼ା ହୋଇ ତାଙ୍କୁ ଏଠାରୁ ପଠାଇ ଦେବା ଲାଗି ମୋତେ ଅନୁମତି ଦିଅନ୍ତୁ । 'ଗ' କହୁଛନ୍ତି ଯେ ତାଙ୍କର ଅବୟବଗୁଡ଼ିକ ଯକ୍ଷ୍ମା ଦ୍ୱାରା ଆକ୍ରାନ୍ତ ହେଲାଣି ।*

ସର୍ବଦା, ଆରମ୍ଭରୁହିଁ ମୁଁ ତାଙ୍କୁ ଏକ ଦାନର ଦୃଷ୍ଟାନ୍ତରୂପେ ବିଚାର କରି ଆସିଛି ଏବଂ ତାଙ୍କଠାରୁ ପ୍ରାୟ କୌଣସି କାର୍ଯ୍ୟର ପ୍ରତ୍ୟାଶା ରଖି ନାହିଁ;— ସିଏ ଏପରି କିସମର ନୁହନ୍ତି ଯିଏକି କୌଣସି କାମରେ ଲାଗିବାକୁ ଆଗ୍ରହ ରଖିଥାଆନ୍ତି । ସେ ସେହି "ଲେକ୍"ରେ ଥାଆନ୍ତୁ ଏବଂ ତାଙ୍କୁ ଏପରି କିଛି କାମ ଦିଆଯାଉ, ଯାହାକି ତାଙ୍କୁ ସ୍ଥିର କରି ରଖିପାରିବ ।

ଅନେକ ଆଶୀର୍ବାଦ ।

*୨୦ ଏପ୍ରିଲ ୧୯୬୩*

*(ହଜାର ହଜାର ଅନୁଗାମୀ ରହିଥିବା ଉତ୍ତର ଭାରତର ଜଣେ ମହିଳା ବନାରସୀ ମାଆ ଉତ୍ତର ପ୍ରଦେଶର ବହୁସ୍ଥାନରେ ବୁଲି ପ୍ରଚାର କରୁଥିଲେ ଯେ ସେ ଶ୍ରୀଅରବିନ୍ଦ ଏବଂ ମାଆଙ୍କ କାର୍ଯ୍ୟର ପ୍ରତିନିଧିତ୍ୱ କରୁଛନ୍ତି । ସିଏ ନାନାପ୍ରକାର ଭବିଷ୍ୟବାଣୀ*

'oaob.nitrkl.ac.in' images reprocessed

*ମଧ୍ୟ କରୁଥିଲେ; ସେଥିରୁ ଗୋଟିଏ ହେଉଛି ଯେ ଶ୍ରୀଅରବିନ୍ଦ ୧୯୬୪ ମସିହା ଅଗଷ୍ଟ ୧୫ ତାରିଖରେ ମନୁଷ୍ୟ ଶରୀର ଧାରଣ କରି ପୁନର୍ବାର ଆବିର୍ଭୂତ ହେବେ । ନିଜର ସମ୍ମାନ ବୃଦ୍ଧି କରିବାକୁ ଜାଲ ଚିଠିସବୁ ଦେଖାଉଥିଲେ, ଯେଉଁଗୁଡ଼ିକୁ କି ମାଆ ତାଙ୍କ ପାଖକୁ ଲେଖିଛନ୍ତି ବୋଲି ଧାରଣା ଦିଆ ଯାଉଥିଲା । ତାଙ୍କ ବିଷୟରେ ଲେଖିବା ମଧ୍ୟରେ ଏହି ଶିଷ୍ୟ ଶେଷରେ ଜଣାଇଥିଲେ :)*

*ଉତ୍ତର ପ୍ରଦେଶର ସେହି ଅଞ୍ଚଳର ପ୍ରାୟ ଚାରିହଜାର ଲୋକ ତାଙ୍କ ଗୋଷ୍ଠୀରେ ଯୋଗ ଦେଇଛନ୍ତି । ତାଙ୍କ ସହିତ ଯୋଗ ଦେବା ସକାଶେ ବହୁତ ବ୍ୟକ୍ତି ଚାକିରି ଛାଡ଼ି ଦେଇଛନ୍ତି; ଏବଂ ଏହି ସବୁକିଛି ଆପଣଙ୍କର କାର୍ଯ୍ୟ ସମ୍ପାଦନ କରିବା ଉଦ୍ଦେଶ୍ୟରେ ଓ ଶ୍ରୀଅରବିନ୍ଦଙ୍କ ନାମରେ ଚାଲିଛି । ସେହି ଅଞ୍ଚଳରେ ଥିବା ଆମ କେନ୍ଦ୍ରର ଲୋକମାନେ ତଥା ଶ୍ରୀଅରବିନ୍ଦ ସୋସାଇଟିର ସଭ୍ୟମାନେ ମିଥ୍ୟାରେ ଏହି ପ୍ରଭଞ୍ଜନଟିର ସମ୍ମୁଖରେ ସେମାନଙ୍କର ଦୃଷ୍ଟିକୋଣ ଏବଂ କର୍ତ୍ତବ୍ୟ କ'ଣ ହେବା ଉଚିତ ବୋଲି ଜାଣିବା ପାଇଁ ଇଚ୍ଛା କରୁଛନ୍ତି । ମୋତେ କିଛି ଉତ୍ତର ଦେବାକୁ ପଡ଼ିବ । ଦୟାକରି କହନ୍ତୁ ।*

ସଙ୍ଗେ ସଙ୍ଗେ ଏସବୁ ସବୁଦିନ ଲାଗି ଅବଶ୍ୟ ବନ୍ଦ ହୋଇଯିବା ଉଚିତ । ଏହା ହେଉଛି ଏକ ଶୁଦ୍ଧ ଜାଲ କାରସାଦି ଏବଂ ଯେଉଁ ମନୁଷ୍ୟମାନେ ଏହା କରନ୍ତି, ସେମାନଙ୍କର ଜେଲ୍‌ଖାନାକୁ ଯିବା ଉଚିତ* ଅଥବା, ଅନ୍ତତଃ ସେମାନଙ୍କୁ ଚାରିଆଡ଼େ ବୁଲି ନିଜର ମିଥ୍ୟାଗୁଡ଼ିକର ପ୍ରସାର କରିବାକୁ ଓ ସରଳବିଶ୍ୱାସୀ ମନୁଷ୍ୟମାନଙ୍କୁ ପ୍ରବଞ୍ଚିତ କରିବାକୁ ଆଦୌ ଅନୁମତି ଦିଆଯିବା ଉଚିତ ନୁହେଁ । ତାଙ୍କର ପ୍ରଥମ ଭବିଷ୍ୟବାଣୀଗୁଡ଼ିକ ସବୁ **ମିଥ୍ୟା ବୋଲି ପ୍ରମାଣିତ ହୋଇଛି ।** ଏଗୁଡ଼ିକ ମଧ୍ୟ ସେହି **ଏକାପରି ହେବ** ଏବଂ, ଯେଉଁମାନେ ସେଗୁଡ଼ିକରେ ବିଶ୍ୱାସ କରୁଥିବେ, ସେମାନେ କେବଳ ବୋକା ବୋଲି ପ୍ରମାଣିତ ହେବେ ।

*୨୭ ଏପ୍ରିଲ ୧୯୬୩*

*(ମାଆ ନିଜର ମାନସିକ ଭାରସାମ୍ୟ ହରାଇ ବସିଥିବା ଜଣେ ମହିଳାଙ୍କୁ ଆଶ୍ରମରୁ ବିଦାୟ ଦେବା ଲାଗି ଏହି ଶିଷ୍ୟଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମହିଳାଜଣକ ଯିବାକୁ ମନା କରିବାରୁ ସେ ଲେଖିଥିଲେ :)*

---

* ''ଜେଲଖାନାକୁ ଯିବା ଉଚିତ'' ପାର୍ଶ୍ୱରେ ମାଆ Joke ବା 'ପରିହାସ' ବୋଲି ଲେଖି ଦେଇଥିଲେ । ଏହି ବିଷୟଟିକୁ ବିଚାରାଳୟକୁ ନେବା ନିମନ୍ତେ ତାଙ୍କର ଯେ କୌଣସି ଇଚ୍ଛା ନ ଥିଲା, ତଦ୍ୱାରା ସେ ସେହି କଥାଟିକୁ ସୂଚାଇ ଦେଇଥିଲେ ।

'oaob.nitrkl.ac.in' images reprocessed

*ମାଆ,*

*ଆମେ 'କ'ଙ୍କ ପାଖକୁ ଯାଇଥିଲୁ । ସିଏ ତ କୌଣସି ଯୁକ୍ତି ଶୁଣିବା ପାଇଁ ରାଜି ହେଉ ନାହାନ୍ତି । ସିଏ କହୁଛନ୍ତି, ତାଙ୍କର ସ୍ୱାମୀ ଆସିଲେ ମଧ ସେ ଏଠାରୁ ଯିବେ ନାହିଁ । 'ଖ' ତାଙ୍କୁ ଜୋର୍ କରି ଏଠାକୁ ନେଇଯିବାକୁ ପ୍ରସ୍ତୁତ ଅଛନ୍ତି । ସେ ଆପଣଙ୍କ ସହିତ ସାକ୍ଷାତ୍ କରିବାକୁ ଚାହୁଁଛନ୍ତି । ସିଏ ଯାବତୀୟ ପ୍ରକାରର ଅର୍ଥହୀନ କଥା କହିବାରେ ଲାଗିଛନ୍ତି । ଆପଣ ଦୟାକରି ପରାମର୍ଶ ଦେବେ ।*

ତାଙ୍କୁ ଜୋର୍ କରି ଏଠାରୁ ନେଇଯିବା **ସମ୍ପୂର୍ଣ୍ଣ ଅସମ୍ଭବ** । ସାକ୍ଷାତ୍ ପାଇଁ ଅନୁମତି ଦେବାର କୌଣସି ପ୍ରଶ୍ନହିଁ ନାହିଁ । ତେଣୁ, **ଯେତେଦିନ ପାଇଁ ସେ ରହିବାକୁ ଇଚ୍ଛା କରୁଛନ୍ତି** ଥାଆନ୍ତୁ । ତାଙ୍କୁ କେଉଁଠି ଏପରି ସ୍ଥାନରେ ନେଇ ରଖ, ଯେଉଁଠାରେ କି ସେ ଯଥାସମ୍ଭବ କମ୍ କ୍ଷତି କରିପାରିବେ; ଯାହା **ନିତାନ୍ତ ଆବଶ୍ୟକ**, ତାଙ୍କୁ ତାହା ଦିଅ ଏବଂ ନ ହେଲେ ତାଙ୍କର ଉପସ୍ଥିତିକୁ ଏଡ଼ାଇବାକୁ (ଯଦି ସେ ଆମକୁ ସେଥିପାଇଁ ସୁଯୋଗ ଦିଅନ୍ତି) ଚେଷ୍ଟା କର ।

**ମୁଁ ଦେଖିବି ।**

ଅନେକ ଆଶୀର୍ବାଦ ।

*୨୭ ଏପ୍ରିଲ ୧୯୬୩*

*ମାଆ,*

*ଶାସ୍ତ୍ରୀୟ ହିନ୍ଦୀ ପଢ଼ାଇବା ବିଷୟରେ ମୋ' ପ୍ରଶ୍ନର ଉତ୍ତର ମୁଁ ଆହୁରି ପାଇଲି ନାହିଁ । ଶାସ୍ତ୍ରୀୟ ହିନ୍ଦୀ ଟିକିଏ କଷ୍ଟକର, ମାତ୍ର ଭାଷାଟିର ଅସଲ ସାର କଥା ସେଇଥିରେହିଁ ଅଛି । ଶ୍ରୀଅରବିନ୍ଦ ଶାସ୍ତ୍ରୀୟ କବିମାନଙ୍କର ଉଚ୍ଚ ପ୍ରଶଂସା କରିଛନ୍ତି । ପ୍ରୟୋଜନ ଦୃଷ୍ଟିରୁ କେତେକ ଛାତ୍ର ତାହା ଶିଖିବାକୁ ଇଚ୍ଛା କରୁ ନାହାନ୍ତି । ସେମାନେ କେବଳ ଆଧୁନିକ ହିନ୍ଦୀ ପଢ଼ିବେ,— ଏହା ସେମାନଙ୍କର ଦୈନନ୍ଦିନ କାର୍ଯ୍ୟରେ ଅଧିକ ଉପଯୋଗୀ ହେବ । ସେହି କ୍ଷେତ୍ରରେ ମଧ ସେମାନେ ଶୁଦ୍ଧ ହିନ୍ଦୀ କହିବାକୁ ରାଜି ହେଉ ନାହାନ୍ତି । ସେମାନେ ବରଂ ସେହି ଭୟଙ୍କର କିସମଟିକୁ ପସନ୍ଦ କରୁଛନ୍ତି, ଯାହାକୁ ସେମାନେ 'ପ୍ଲେଗ୍ରାଉଣ୍ଡ' ହିନ୍ଦୀ ବୋଲି କହୁଛନ୍ତି ।*

ମୁଁ ଉତ୍ତର ଦେବାକୁ ଇଚ୍ଛା କରିଥିଲି, ମାତ୍ର ତରତରରେ ପୁଣି ଭୁଲିଗଲି । ଉତ୍ତର ହେଉଛି : ତୁମେ ଦୁଇଟି ଯାକ ପଢ଼ାଅ — ଅସଲ ଭାଷା ଏବଂ ଏହାର ବର୍ତ୍ତମାନ ରୂପ,— ଦୁଇଟିକୁ ।

'oaob.nitrkl.ac.in' images reprocessed

ତାହା ବସ୍ତୁତଃ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ହେବ – ଏବଂ ସର୍ବୋପରି ସେମାନଙ୍କୁ ଖରାପ ହିନ୍ଦୀ କହିବାର ମନ୍ଦ ଅଭ୍ୟାସରୁ ବିରତ କରି ଆଣିବ ।

*ଆପଣଙ୍କ ପାଖକୁ ମୁଁ 'ଗ'ଙ୍କର ଗୋଟିଏ ଫାଇଲ୍ ପଠାଉଛି ଯେଉଁଥିରେ କି ଆପଣଙ୍କ ଜୀବନର କେତୋଟି ଘଟଣାର ବିବରଣୀ ରହିଛି । ମୁଁ ତିନି, ଚାରୋଟି ସ୍ଥାନରେ ଚିହ୍ନଦେଇ ରଖିଛି । ଏଗୁଡ଼ିକରୁ ପ୍ରାୟ ସବୁଯାକ ''ମଦର ଇଣ୍ଡିଆ'' ପତ୍ରିକାରେ ପ୍ରକାଶିତ ହୋଇ ସାରିଛି । ସେଥିରୁ କେଉଁଗୁଡ଼ିକୁ ଦେଲେ ଏହି ପୁସ୍ତକଟି ପାଇଁ ଠିକ୍ ହେବ ? ଆପଣ ଦୟାକରି ମୋତେ କିଛି ମାପକାଠି ବତାଇ ଦେବେ, ଯାହାଦ୍ୱାରା କି, କେଉଁଗୁଡ଼ିକୁ ''ଦେଇ ହେବ'' ମୁଁ ତାହା କହିପାରିବି ।*

ମୁଁ ଏହିକ୍ଷଣି ଫାଇଲ୍‌ଟିକୁ ଦେଖିଲି । ସେହି ସବୁଗୁଡ଼ିକ ଏପରି ଏକ ପ୍ରକାରର ଯାଦୁସାଦୁ ରଦ୍ଦି ଜିନିଷ, ଯାହାକୁ ମୁଁ ଦୀର୍ଘକାଳ ହେଲା ବାଛିକରି ଦେଖିବା ବନ୍ଦ କରି ଦେଇଛି । – ଏଗୁଡ଼ିକ ତ ମୋତେ ପିଲାମାନଙ୍କର ଖେଳନା ପରି ଲାଗୁଛି । କେବଳ ''ଜାପାନୀ ନୌକା'' ବିଷୟଗୁଡ଼ିକୁ ଓ ସେଥିରେ ଥିବା ମୋ'ର ଭବିଷ୍ୟବାଣୀକୁ ମୁଁ ଦେଖିବାକୁ ଇଚ୍ଛା କରୁଥିଲି – କାରଣ, ତାହା ସମ୍ପୂର୍ଣ୍ଣ ଭାବରେ ମିଛ ପରି ଶୁଭୁଛି ଓ ତେଣୁ ଏକ ସଂଶୋଧନ ଆବଶ୍ୟକ କରୁଛି ।

*ଆଜି ଆପଣଙ୍କୁ ଗୋଟିଏ ଘଟଣା କଥା କହିବି (ମୁଁ ଏହାକୁ କଦାପି ପ୍ରକାଶ କରିବି ନାହିଁ !) ମୋ' ଲେଖାଗୁଡ଼ିକ ସାହାଯ୍ୟରେ ମୁଁ ୬୭ ଟଙ୍କା ସଂଗ୍ରହ କରିଥିଲି । ମୋ'ର କେତେ ଖଣ୍ଡ ବହି ଦରକାର ଥିଲା ଓ ମୁଁ ସେଗୁଡ଼ିକୁ କିଣିବାକୁ ଇଚ୍ଛା କରୁଥିଲି । ଦିନେ ହଠାତ୍ ମୁଁ ସେହି ଟଙ୍କାକୁ ଆପଣଙ୍କୁ ଦେଇଦେଲି ଏବଂ ତା'ର ମାତ୍ର ଅଳ୍ପଦିନ ପରେ ଜଣେ ବ୍ୟକ୍ତି ସେହିସବୁ ବହିକୁ ମୋ' ପାଖକୁ ପଠାଇ ଦେଇଥିଲେ; ଏବଂ ଆହୁରି ଦୁଇଶହ ଟଙ୍କାର ଅନ୍ୟ ବହିମାନ ମଧ୍ୟ ପଠାଇଥିଲେ । ଏହି ସବୁକିଛିକୁ ସେ ଏକ ବ୍ୟକ୍ତିଗତ ଦାନ ହିସାବରେ ପଠାଇଥିଲେ ।*

ଏଭଳି ଘଟଣା ଶହ ଶହ ଥର ଘଟିଛି ଏବଂ ଏବେ ଅଧିକରୁ ଅଧିକ ଘଟୁଛି । ମାତ୍ର, ମୋତେ ଏହା ''ଅତ୍ୟନ୍ତ ସ୍ୱାଭାବିକ'' ବୋଲି ଲାଗୁଛି । ଅବଶ୍ୟ ଏସବୁ ବୁଝାଇ କହିବା ଲାଗି ମୋ'ର କୌଣସି ଇଚ୍ଛା ନାହିଁ ।

*୯ ମଇ ୧୯୬୩*

'oaob.nitrkl.ac.in' images reprocessed

*ମାଆ,*

*ମୋ' ଛାତ୍ରମାନଙ୍କ ପାଖରେ ମୁଁ ଖୁବ୍ ପ୍ରିୟ ହୋଇ ଯାଇଥିଲି, ମାତ୍ର ଏବେ ଛାତ୍ରମାନେ ନିଷ୍ଠାର ସହିତ କାର୍ଯ୍ୟ କରନ୍ତୁ ବୋଲି ପ୍ରତ୍ୟାଶା କରିବାରୁ ସେହି ଲୋକପ୍ରିୟତାକୁ ମୁଁ ହରାଇ ପକାଉଛି । ଏହାର ପ୍ରତିକାର କ'ଣ ?*

ପ୍ରତିକାର ?— ଏହାକୁ ଶାନ୍ତ ଭାବରେ ଗ୍ରହଣ କରିବ, ଆଦୌ କିଛି ଅନ୍ୟଥା ଭାବିବ ନାହିଁ ଏବଂ କୌଣସି କୋଳାହଳ ନ କରି କାମ କରି ଚାଲିଥିବ ... ଅଧିକ ଭଲ ସମୟ ଆସିବ ବୋଲି ଆଶା ରଖି ।

ଅନେକ ଆଶୀର୍ବାଦ ।

*୨୨ ମଇ ୧୯୬୩*

*ମାଆ,*

*ଜଣେ ବନ୍ଧୁ ଭୋଜନକକ୍ଷ ନିମନ୍ତେ ଚାରୋଟି କି ପାଞ୍ଚୋଟି ବିଜୁଳି ପଙ୍ଖା ଦାନ କରିବାକୁ ଇଚ୍ଛା କରୁଛନ୍ତି । ବର୍ଷେ, ଦୁଇବର୍ଷ ପାଇଁ ସେ ସେଗୁଡ଼ିକର ତତ୍ତ୍ୱାବଧାନର ଖର୍ଚ୍ଚ ମଧ୍ୟ ବହନ କରିବେ । ଆପଣ ତାହା ସ୍ୱୀକାର କରୁଛନ୍ତି କି ?*

ହଁ ।

*ମୁଁ ତାଙ୍କ ପତ୍ନୀଙ୍କଠାରୁ ଶୁଣିଛି ଯେ ସେ ମୋ' କୋଠରିରେ ଗୋଟିଏ ଛାତ ପଙ୍ଖା ମଧ୍ୟ ଲଗାଇବାକୁ ଚାହୁଁଛନ୍ତି । ମୋ'ର ପ୍ରଥମ ପ୍ରତିକ୍ରିୟା ହେଉଛି, "ନାଇଁ, ଦରକାର ନାହିଁ । ମୁଁ କୌଣସି ବିଳାସଦ୍ରବ୍ୟ ଚାହେଁ ନାହିଁ ।" ମାତ୍ର ମନେ ହେଉଛି, ଭିତରେ କେଉଁଠି ଲୋଭଟିଏ ମଧ୍ୟ ଲୁଚି ରହିଛି । ଆପଣ କ'ଣ ପରାମର୍ଶ ଦେବେ ? (ମୁଁ ଆପଣଙ୍କର ଅନୁମତି ପାଇଁ ଲେଖୁ ନାହିଁ ।)*

କୋଠରିଟି ସାନ । ପଙ୍ଖାଟିଏ ହେଲେ ଭଲ ହେବ । ତୁମେ ତାହା ଲଗାଇ ପାରିବ ଏବଂ ତଦ୍ୱାରା ଉପକାର ହେଉଛି କି ନାହିଁ ଦେଖିବ ।

**ଦାସତ୍ୱ** ହେଉଛି ଖରାପ — ସଂଯମ ପାଖରେ ଦାସତ୍ୱ ତଥା ପ୍ରୟୋଜନଗୁଡ଼ିକ ପାଖରେ ମଧ୍ୟ ଦାସତ୍ୱ । ଯାହା ଆସି ପହଞ୍ଚିବ, ଆମେ ଗ୍ରହଣ କରିବା; ମାତ୍ର, ଯଦି

'oaob.nitrkl.ac.in' images reprocessed

ସେଇଟି ପୁଣି ଚାଲିଯାଏ, ତେବେ ତାକୁ ଚାଲିଯିବାକୁ ଦେବାଲାଗି ମଧ୍ୟ ସର୍ବଦା ପ୍ରସ୍ତୁତ ଥିବା...

ଅନେକ ଆଶୀର୍ବାଦ ।

୨୪ ଜୁନ୍ ୧୯୬୩

What is bad is <u>slavery</u>.
slavery to abstinence as
well as slavery to needs.
What comes, we take
but always ready to let
it go, if it goes ---

Blessings

*(ନିଜ ଭିତରେ ଝଗଡ଼ା କରୁଥିବା ଓ ଲଢୁଥିବା ଭୋଜନକକ୍ଷର ଦୁଇଜଣ କର୍ମୀଙ୍କ ବିଷୟରେ ଏହି ଶିଷ୍ୟ ଲେଖିଥିଲେ । ତାଙ୍କ ଚିଠିର ଶେଷରେ ଥିଲା :)*

*'କ' କେତୋଟି ମୁଥ ମାରିଲେ, 'ଖ' ମଧ୍ୟ ମାରିଲେ । ଦୁହେଁଯାକ ଯାଇ*

'oaob.nitrkl.ac.in' images reprocessed

*ଗୋଟିଏ ଝରକା ଉପରେ ପଡ଼ିଲେ, ଫଳରେ ଝରକାଟି ବି ପଡ଼ିଗଲା । ଏହି ଘଟଣାଟି ୧୧ଟା ୨୫ ମିନିଟ୍‌ରେ ଘଟିଲା, ଯେତେବେଳେ କି ଭୋଜନକକ୍ଷ ଭୋଜନକାରୀଙ୍କ ଦ୍ୱାରା ପୂର୍ଣ୍ଣ ହୋଇ ରହିଥିଲା ।*

ମୁଁ 'କ'ଙ୍କଠାରୁ ଗୋଟିଏ ଚିଠି ପାଇଲି ଏବଂ ଘଟଣାଟି ବିଷୟରେ ମୁଁ ଯାହା ଭାବୁଥିଲି, ସେକଥା ତାଙ୍କୁ କହିଦେଲି ।

ମୁଁ 'ଖ'ଙ୍କ ପାଖକୁ କୌଣସି ଉତ୍ତର ଦେଉ ନାହିଁ – ମାତ୍ର ସେହି ସବୁକଥା ଗୁମ୍ଫା ମଧ୍ୟରେ ବାସ କରୁଥିବା ଆଦିମ ମନୁଷ୍ୟର ସମୟକୁ ଫେରିଯିବା ପରି ଭାରି ମନେହେଉଛି...

ଆମେ ସଭ୍ୟ ସମାଜର କୃତ୍ରିମ ଜୀବନକୁ ବଞ୍ଚିବାକୁ ଇଚ୍ଛାକରୁ ନାହୁଁ; ମାତ୍ର ମୁଥାମୁଥି ମରାମରିର ଶାସନ ମଧ୍ୟକୁ ଖସି ପଡ଼ିବା ଅପେକ୍ଷା ଏକ ବୃହତ୍ତର ସଭ୍ୟତା ଆଡ଼କୁ ଶିଡ଼ିର ଉପରକୁ କେତେ ପାହାଚ ଆରୋହଣ କରିଯିବାହିଁ ବରଂ ଅଧିକ ଭଲ ହେବ ...

ଅନେକ ଆଶୀର୍ବାଦ ସହିତ ।

*୬ ଜୁଲାଇ ୧୯୬୩*

*ମାଆ,*

*ଜୁଲାଇ ତିନି ତାରିଖ ଦିନ ଏଠାରେ ମୋ'ର ରହଣିର ୨୫ ବର୍ଷ ପୂରିଗଲା । ମୁଁ ସାଧାରଣତଃ କୌଣସି ନା କୌଣସି କାରଣରୁ ଆପଣଙ୍କଠାରୁ ଗାଳିଟିଏ ଶୁଣି ଆସୁଥିଲି । ଏଥର ମୋତେ ସେଇଟି ମିଳିଲା ନାହିଁ ।*

କାରଣ ଏବର୍ଷ ତୁମର କୌଣସି ଗାଳି ଦରକାର ନ ଥିଲା ।

*'ଗ'ଯାହାଙ୍କୁ ଯକ୍ଷ୍ମା ହୋଇଛି, ତିନି, ଚାରିଥର ସ୍ୱପ୍ନ ଦେଖିଲେଣି ଯେ, ଗୋଟିଏ ଅତ୍ୟନ୍ତ କଳା ଆକାରଟିଏ ତାଙ୍କ ପାଖକୁ ଆସୁଛି ଓ ତାଙ୍କୁ ତଣ୍ଟିଚିପି ମାରି ଦେବା ପାଇଁ ଚେଷ୍ଟା କରୁଛି । ଏପରି କାହିଁକି ଘଟୁଛି ଓ ଏଥିପାଇଁ ତାଙ୍କୁ କ'ଣ କରିବାକୁ ହେବ ବୋଲି ସେ ଜାଣିବାକୁ ଚାହୁଁଛନ୍ତି ।*

ଅବଚେତନାରେ ଗୋଟିଏ କିଛି ଭୁଲ କଳ୍ପନା ରହିଛି । ମାତ୍ର, ଯଦି ସେ ଭୟ କରି ନ ଥାନ୍ତେ, ତେବେ ତାହାର ପୁନରାବୃତ୍ତି ହୋଇ ନ ଥାଆନ୍ତା । ଅଳ୍ପ ହେଉ ବା ବହୁତ ସଚେତନ ହେଉ, ଭୟହିଁ ପ୍ରାୟ ସବୁଯାକ ଅନିଷ୍ଟ ଘଟାଇ ଥାଏ ।

'oaob.nitrkl.ac.in' images reprocessed

**ଭୟ ବ୍ୟତୀତ ଆଦୌ କିଛିହେଲେ ଘଟି ପାରିବ ନାହିଁ ।**

ତୁମେ ତାଙ୍କୁ ସେହିଭଳି କହି ଦେଇପାର ।

*ଜୁଲାଇ ୧୯୬୩*

*ମାଆ,*

*କର୍ମ ତଥା କର୍ମୀଙ୍କର କ୍ଷେତ୍ରରେ ଏକ ସର୍ବମୁଖୀନ ଅବନତି ଘଟିବାରେ ଲାଗିଛି ଏବଂ ଦାବିମାନେ ହୁ' ହୁ' ହୋଇ ବଢ଼ି ଚାଲିଛନ୍ତି ।*

ହଁ, ଏହି ବିଶୃଙ୍ଖଳାଟି ସାଧାରଣ ହୋଇଗଲାଣି । **ବିଶ୍ୱାସହିଁ** ଏକମାତ୍ର ଭରସା ।

ଅନେକ ଆଶୀର୍ବାଦ ।

*୬ ଅଗଷ୍ଟ ୧୯୬୩*

*ମାଆ,*

*ଡାକ୍ତର 'କ'ଙ୍କ ପାଖକୁ ଯିବା ବିଷୟରେ, ମୁଁ ଭାବୁଛି ଯେ, ଆଦୌ କୌଣସି ବାହ୍ୟ ସହାୟତା ବ୍ୟତୀତ ମୋ'ର ଶରୀର ଆପଣଙ୍କ ଉପରେହିଁ ନିର୍ଭର କରିବାକୁ ଶିକ୍ଷା କଲେ ତାହା ଅଧିକ ଭଲ ହେବ । ମୋ' ଭିତରେ ଏକାଧିକ ଭୟ ରହିଛି, ଏବଂ ବିଶ୍ୱାସର ଅଭାବ ମଧ୍ୟ ମୋତେ ଆକ୍ରମଣ କରିଥାଏ; ମାତ୍ର ମୁଁ ଭାବୁଛି ଯେ ଏସବୁ ସତ୍ତ୍ୱେ ଆପଣ ମୋତେ ସାହାଯ୍ୟ କରିପାରିବେ ଓ ବର୍ତ୍ତମାନ ସାହାଯ୍ୟ କରୁଛନ୍ତି । ତେବେ, ଆଉ କାହା ପାଖକୁ ଯିବାର ପ୍ରୟୋଜନ ରହିଛି କି ?*

ଏହା ଶରୀରକୁ ବିଶ୍ୱାସ ଆଣି ଦେଇଥାଏ ଏବଂ ତଦ୍ୱାରା ସହାୟତା ମିଳେ । ମାତ୍ର ଏହି କଥାଟିକୁ ମୁଁ ତୁମର ନିଷ୍ପତ୍ତି ଉପରେ ଛାଡ଼ି ଦେଉଛି ।

ଅନେକ ଆଶୀର୍ବାଦ ।

*୨୬ ଅଗଷ୍ଟ ୧୯୬୩*

*(ଆଶ୍ରମ-ଦ୍ୱାରରେ ପରିଦର୍ଶକମାନଙ୍କୁ ଭିତରକୁ ଆସିବାକୁ ଦେବାରେ ସମ୍ପ୍ରତି ଦେଖା ଦେଇଥିବା ଅସୁବିଧାଗୁଡ଼ିକ ବିଷୟରେ ଶିଷ୍ୟ ମାଆଙ୍କୁ ଜଣାଇଥିଲେ ।)*

'oaob.nitrkl.ac.in' images reprocessed

ଯାବତୀୟ ''ଗପ'' ଏବଂ ଜଟିଳତାକୁ ଏଡ଼ି ରହିବାକୁ ହେଲେ ଦ୍ୱାର ପାଖରେ ବାରଟା ଓ ଦୁଇଟା ମଧ୍ୟରେ ଜଣେ ଦ୍ୱିତୀୟ ବ୍ୟକ୍ତି କିଂବା ବାଳକକୁ ଜଗାଇ ରଖିଲେ ଅଧିକ ଭଲ ହେବ । ସେ ପରିଦର୍ଶକମାନଙ୍କୁ, ବିଶେଷତଃ ଯେତେବେଳେ ସେମାନଙ୍କ ଭିତରେ ସାନ ପିଲା ରହିଥିବେ, 'କ୍ୱାଡ୍ରସ୍ ହାଉସ'କୁ ନେଇ ଆସିବେ; ସେଠାରେ ଗୋଟିଏ ବଡ଼ ବାରଣ୍ଡା ଅଛି, ଯେଉଁଠାରେ କି ଆସୁଥିବା ଲୋକମାନଙ୍କ ସକାଶେ ଚଉକି ପଡ଼ିଥିବ ।

'ଖ' ଅତ୍ୟନ୍ତ କର୍କଶ ବ୍ୟବହାର କରୁଛନ୍ତି, ବୋଲି ମୋ' ପାଖକୁ ଏକାଧିକ ଅଭିଯୋଗ ଆସିଛି, ଏହା କେତେଦୂର ସତ୍ୟ, ସେକଥା ମୁଁ ଜାଣି ନାହିଁ, କିନ୍ତୁ ତୁମେ ତାଙ୍କୁ ଯଥାର୍ଥ ବ୍ୟବହାର କରିବା ନିମନ୍ତେ କହିପାର ।

ବାରଟାରୁ ଦୁଇଟି ପର୍ଯ୍ୟନ୍ତ **ଅଭ୍ୟର୍ଥନା ଗୃହ** ବନ୍ଦ ରହିବ ।

ଏବଂ, ବାରଣ୍ଡାରେ ପରିବାର, ପିଲାପିଲି ଓ ଜିନିଷପତ୍ରର ଭିଡ଼ ଜମିବ ନାହିଁ । ମୁଁ ବ୍ୟାପାରଗୁଡ଼ିକୁ ଟିକିଏ ଭଲ ଭାବରେ ସଂଗଠିତ କରିବାକୁ ଚେଷ୍ଟା କରୁଛି ଓ ସେଥିଲାଗି ତୁମର ସାହାଯ୍ୟ ଦରକାର କରୁଛି ।

ଅନେକ ଆଶୀର୍ବାଦ ।

*୨୪ ଅକ୍ଟୋବର ୧୯୬୩*

ତୁମର ଚିଠି ଓ ''ଗପ''ଟି ବେଶ୍ ଉପଭୋଗ୍ୟ ହେଲା ।

ଏଠାରେ ମୁଁ ଉତ୍ତରଟି ଦେଇଦେଉଛି । ଏହା ପ୍ରକୃତରେ ଏକ ଉତ୍ତର କି ? ... ସେକଥା ଯାହା ହେଉପଛକେ ଏହା ହେଉଛି ଏକ ସତ୍ୟ ଏବଂ କେତୋଟି କଥାର ଅବଶ୍ୟ ବ୍ୟାଖ୍ୟା କରିଦେବ ।

''ଯେଉଁମାନେ ସମ୍ପୂର୍ଣ୍ଣ ଭାବରେ ଏବଂ ନିର୍ଦ୍ଦୋଷ ଭାବରେ ସମର୍ପିତ ହୋଇ ରହିଥା'ନ୍ତି, ମୁଁ କେବଳ ସେହିମାନଙ୍କୁହିଁ ଆଦେଶ ଦିଏ; କାରଣ ଏହି ଆଦେଶଗୁଡ଼ିକର ଆଲୋଚନା ଅଥବା ଅବଜ୍ଞା କରାଯାଇ ପାରିବ ନାହିଁ ।''

ମୋ'ର ସ୍ନେହ ଏବଂ ଅନେକ ଆଶୀର୍ବାଦ ସହିତ ।

*୨୫ ଅକ୍ଟୋବର୍ ୧୯୬୩*

*ମାଆ,*

*ମୋ'ର ମନେ ହେଉଛି ଯେ ମୋତେ ଶ୍ରୀଅରବିନ୍ଦ ସୋସାଇଟି ଏବଂ ଓଡ଼ିଆ ଗୋଷ୍ଠୀଟି ମଧ୍ୟରେ ଜଣେ ମଧ୍ୟବର୍ତ୍ତୀ ବ୍ୟକ୍ତିରୂପେ କାର୍ଯ୍ୟ କରିବାକୁ ପଡ଼ିବ । ଆପଣ ଦୟାକରି ଆମର ସେହି ପୂର୍ବ ଚୁକ୍ତିଟିକୁ ସ୍ମରଣ କରିବେ : ତୁମେ କାମ*

'oaob.nitrkl.ac.in' images reprocessed

*କରିବ, ମୁଁ ତାହାର ଶ୍ରେୟଃଟି ପାଇବି । ଆଜି ମୋ'ର ସେମାନଙ୍କ ସହିତ ସାକ୍ଷାତ୍ କରିବାର ଅଛି ।*

ଅତ୍ୟୁତ୍ତମ ।

'ଗ'ଙ୍କୁ କହିବ ଯେ, ମୁଁ ଅଲୌକିକ ଘଟଣାମାନ ଘଟାଇବି ବୋଲି ମୋ'ଠାରୁ ଆଶା କରାଯାଇଥାଏ । ତୁମ ମଧ୍ୟରୁ ପ୍ରତ୍ୟେକଙ୍କୁ ମଧ୍ୟ କିଛି, ଅଳ୍ପ କେତୋଟି ଅଲୌକିକ ଘଟଣା ଘଟାଇବାକୁ ହେବ !

ସ୍ନେହ ଏବଂ ଅନେକ ଆଶୀର୍ବାଦ ସହିତ ।

*୧୪ ନଭେମ୍ବର ୧୯୬୩*

*(ଅର୍ଥ ଖଟାଇଥିବା ବ୍ୟକ୍ତିମାନଙ୍କର ଏକ ଗୋଷ୍ଠୀ ଏକ ନୂତନ ଗୃହର ନିର୍ମାଣ-ବ୍ୟୟରେ କମ୍ ଅର୍ଥ ଲାଗୁ ବୋଲି ଇଚ୍ଛା ପ୍ରକାଶ କରିଥିଲେ । ଏହି ଶିଷ୍ୟ ମା'ଆଙ୍କୁ ଏ ବିଷୟରେ ତାଙ୍କର ମତ ପଚାରିଥିଲେ ।)*

ଗୃହନିର୍ମାଣର କାର୍ଯ୍ୟରେ, ତୁମେ ଯେତିକି ଖର୍ଚ୍ଚ କରିବ, ସେତିକି ପାଇବ । ସେମାନେ ନିଜକୁ ଖୁବ୍ ଚତୁର ବୋଲି ଭାବୁଛନ୍ତି । ମାତ୍ର, ଯଦି ସେମାନେ କମ୍ ଖର୍ଚ୍ଚ କରିବେ, ତେବେ ପ୍ରକୃତିର ପ୍ରକୋପଗୁଡ଼ିକର ପ୍ରତିରୋଧ କରିବା ପାଇଁ ନିର୍ମିତ ଗୃହଟି ହୁଏତ ଯଥେଷ୍ଟ ମଜଭୁତ ହେବ ନାହିଁ ଏବଂ ଅଳ୍ପଦିନ ସ୍ଥାୟୀ ହେବ । ଅପ୍ରଶିକ୍ଷିତ ଏକ ମନୁଷ୍ୟର ଆଖିକୁ ବାହାରକୁ ଏକା ଦିଶୁଥିବ ସିନା, ମାତ୍ର ମଜଭୁତ ହେବା ଓ ପ୍ରତିରୋଧ କରିପାରିବାର କ୍ଷେତ୍ରରେ ସମ୍ପୂର୍ଣ୍ଣ ଭିନ୍ନ ହୋଇ ରହିଥିବ । ସେହି ସବୁକଥା କହିସାରିବା ପରେ, ମୋ'ର ନିଷ୍ପତ୍ତି ହେଉଛି : "ସେମାନେ ଯାହା ଇଚ୍ଛା କରୁଛନ୍ତି, ତାହାହିଁ କରନ୍ତୁ ।"

ବସ୍ତୁତଃ ପ୍ରତ୍ୟେକ ବ୍ୟକ୍ତିକୁ ତା'ର ଶିକ୍ଷାଟିକୁ ପାଇବାକୁ ହେବ ।

ତଥାପି ସତର୍କବାଣୀ ଯୋଗ କରି ମୁଁ କହୁଛି ଯେ ଖରାପ ଭାବରେ ତିଆରି କରା ଯାଇଥିବା ଗୋଟିଏ ଘରକୁ ମରାମତି କରାଯାଇ ପାରିବ ନାହିଁ – କାରଣ, ଅନେକ ସମୟରେ ମୂଳଦୁଆଗୁଡ଼ିକହିଁ ଦୋଷଯୁକ୍ତ ହୋଇ ରହିଥାଏ ।

ଅନେକ ଆଶୀର୍ବାଦ ।

*୧୮ ନଭେମ୍ବର ୧୯୬୩*

'oaob.nitrkl.ac.in' images reprocessed

*ମାଆ,*

*ଶ୍ରୀଅରବିନ୍ଦ ସୋସାଇଟିର ସଭାପତିଙ୍କଠାରୁ ତାଙ୍କ ସମ୍ପାଦକଙ୍କ ଜରିଆରେ ମୋ' ପାଖକୁ ବର୍ତ୍ତମାନ ଗୋଟିଏ ପ୍ରଶ୍ନ ଆସିଛି । ମୁଁ ପ୍ରସ୍ତୁତ କି ନାହିଁ,* ଏହା ମୋତେ ପଚରା ଯାଇଛି । ମୁଁ ଉତ୍ତର କ'ଣ ଦେବି, ଆପଣ ମୋତେ ଦୟା କରି କହିଦିଅନ୍ତୁ ।*

ଏହି ପ୍ରଶ୍ନଟିର ଅର୍ଥ ହେଉଛି

ତୁମେ ଦେବମୁହୂର୍ତ୍ତ ପାଇଁ ପ୍ରସ୍ତୁତ କି ?

ତୁମେ ''ହଁ'' ବୋଲି ଉତ୍ତର ଦେଇପାରିବ ।

ଅନେକ ଆଶୀର୍ବାଦ

*୧୦ ଡିସେମ୍ବର ୧୯୬୩*

*ମାଆ,*

*ମୋତେ ଲାଗୁଛି, ଦିବ୍ୟ ପରମସତ୍ତା ଠକି ହେବା ପାଇଁ ଭଲ ପାଆନ୍ତି । 'କ' ମୋତେ ଦେଇଥିବା ଏକ ସମାଚାରରେ ଲେଖିଛନ୍ତି ଯେ, ଆପଣ 'ଖ'ଙ୍କ ସହିତ ରହୁଥିବା ଦୁଇଜଣ ପିଲାଙ୍କ ପାଇଁ ସକାଳ ଜଳଖିଆ ସକାଶେ ଅନୁମତି ଦେଇଛନ୍ତି ।*

ମୋତେ ଠକି ଦିଆଯାଇଛି ବୋଲି ବିଶ୍ୱାସ କରି ତୁମେ ଭୁଲ୍ କରିଛ । ଏହା ଆଦୌ ସମ୍ଭବ ନୁହେଁ; କାରଣ, ସେମାନଙ୍କର କହୁଥିବା ଶବ୍ଦଗୁଡ଼ିକ ଅପେକ୍ଷା ସେମାନଙ୍କର ''ଅଭିପ୍ରାୟହିଁ'' ମୋ' ଲାଗି ଅନେକ ଅଧିକ ସ୍ପଷ୍ଟ ହୋଇ ଜଣା ପଡ଼ିଯାଉଛି ।

*ଜରୁରୀ ଅବସ୍ଥାର ଆଳରେ ସେମାନଙ୍କୁ ପ୍ରଥମେ ଭୋଜନାଗାରକୁ ପଠାଗଲା । ତା'ପରେ, ସେମାନଙ୍କୁ ଜାଣିନେବା ପରେ, ଆମକୁ କୁହାଗଲା ଯେ ଭୋଜନ କରିବା ନିମନ୍ତେ ସେମାନେ ଅନୁମତି ପାଇଛନ୍ତି । ଯେତେବେଳେ ଏକ ଲିଖିତ ଅନୁମତି ମଗାଗଲା, ସେତେବେଳେ ସେମାନେ ଆମର ଖାଦ୍ୟ ଖାଇବା ବନ୍ଦ କରିଦେଲେ । ତା'ପରେ ପଇସା ଦେଇ ଖାଇବାକୁ ସେମାନଙ୍କୁ ଅନୁମତି ମିଳୁ*

---

* ନିଜେ ମାଆ ସୋସାଇଟିର ସଭାପତି ଥିଲେ । ''ତୁମେ ପ୍ରସ୍ତୁତ କି ?'' ବୋଲି ତାଙ୍କର ଏହି ପ୍ରଶ୍ନଟି ପରେ ୧୯୬୪ ମସିହାର ନବବର୍ଷର ସନ୍ଦେଶରୂପେ ଘୋଷଣା କରା ଯାଇଥିଲା ।

'oaob.nitrkl.ac.in' images reprocessed

*ବୋଲି ମୋତେ ଅନୁରୋଧ କରା ଯାଇଥିଲା । ମୁଁ ଏହାର ଅର୍ଥଟିକୁ ଉତ୍ତମରୂପେ ଜାଣେ । ତେଣୁ ମୁଁ ମନା କଲି । ତା'ପରେ ମୋତେ କୁହାଗଲା ଯେ, ସେମାନେ କ୍ଷୀର କ୍ରୟ କରିବେ, ଓ ସେହି ଅର୍ଥକୁ ମାଆଙ୍କ ପାଇଁ ଅର୍ପଣ କରିବେ । ମୁଁ କହିଥିଲି, ''ଯଦି ତୁମେ କ୍ଷୀର କିଣିବ, ତେବେ ସେହି ଅର୍ଥକୁ ଅବଶ୍ୟ ଭୋଜନାଗାରକୁ ଆସିବାକୁ ହେବ ।'' ସେମାନେ ରାଜି ହେଲେ । ତା'ପରେ ମୋ' ପାଖରେ ଏହି ଚିପାଟି ଆସି ପହଞ୍ଚିଲା ଯେ, ଦୁଇଟି ପିଲା ସକାଳ ଜଳଖିଆ ଖାଇବେ ଓ ଆପଣଙ୍କୁ ମାସକୁ ୧୦ ଟଙ୍କା ଦେବେ । ଆମ ହିସାବ ଅନୁସାରେ ଦୁଇଜଣଙ୍କ ପାଇଁ ଏହା ୩୦ ଟଙ୍କା ହେବା କଥା । ଏବଂ, ଏଥିରୁ ପୁଣି ଆହୁରି କେତେ କଥା ବାହାରିବ । ଏଭଳି ଘଟଣାମାନ ବଢ଼ିବାରେ ଲାଗିଛି । ଏବଂ, ମୋତେ ଭାରି ଆଶ୍ଚର୍ଯ୍ୟ ଲାଗୁଛି ଯେ ସେଗୁଡ଼ିକ ପଛରେ ଆପଣଙ୍କର ଅନୁମୋଦନ ରହିଛି ।*

କୌଣସି ଅନୁମୋଦନ ନାହିଁ । ମାତ୍ର, ଯଦି ମୁଁ ମୋତେ ଠକିବାକୁ ଚେଷ୍ଟା କରୁଥିବା ସମସ୍ତଙ୍କ ପ୍ରତି କଠୋର ହେବି, ତେବେ ଏହି କଠୋରତାରୁ ହୁଏତ ଅନେକ କମ୍ ବ୍ୟକ୍ତି ରକ୍ଷା ପାଇବେ ।

ସ୍ନେହ ଓ ଅନେକ ଆଶୀର୍ବାଦ । ୧୯୬୩ ବେଳକୁ

*(ଏହି ଶିଷ୍ୟ ଏପରି ଜଣେ ବ୍ୟକ୍ତିଙ୍କ ସମ୍ବନ୍ଧରେ ଲେଖିଥିଲେ ଯିଏକି ଅଲୌକିକ ଘଟଣାମାନ ଘଟାଉଥିଲେ ଏବଂ ସେଗୁଡ଼ିକ ମାଆଙ୍କର ଶକ୍ତି ବଳରେ ହେଉଛି ବୋଲି ଦାବି କରୁଥିଲେ । ଚିଠିର ଶେଷରେ ଥିଲା :)*

*ଏହି ସବୁଯାକ ଅଲୌକିକ ଘଟଣାକୁ ସେ ଆପଣଙ୍କର ଶକ୍ତି ବଳରେ ଘଟାଉଛନ୍ତି ବୋଲି କହୁଛନ୍ତି । ମାତ୍ର, ଏହିସବୁ ଘଟଣାମାନ ଘଟାଇବାରେ ମାତିବା କେତେଦୂର ନିରାପଦ, ମୁଁ ସେହିକଥା ଭାବୁଛି । ଏହା ନୂଆ ବୋତଲମାନଙ୍କରେ ସେହି ପୁରୁଣା ମଦକୁ ଢାଳିବା ପରି କଥାଟିଏ ହୋଇପାରେ ।*

*ଆମେ ଆପଣ ଘଟାଉଥିବା ଅଲୌକିକ ଘଟଣାଗୁଡ଼ିକୁ ତ କେତେ ଦେଖୁଛୁ, ମାତ୍ର ନିଜକୁ ବିଜ୍ଞାପିତ କରିବା ଲାଗି ସେଗୁଡ଼ିକ କଦାପି ପ୍ରଚାରପତ୍ର ବାଣ୍ଟିବାକୁ ଆସନ୍ତି ନାହିଁ ।*

ନିଜକୁ ଦେଖାଇ ହେଉଥିବା ଅଲୌକିକ ଘଟଣାଗୁଡ଼ିକୁ ମୁଁ କେବେ ପସନ୍ଦ କରେ ନାହିଁ । — ଅଧିକାଂଶ ସମୟରେ ଅତ୍ୟନ୍ତ ଦୟନୀୟ ଭାବରେ ସେଗୁଡ଼ିକର ଅନ୍ତ ହୋଇଥାଏ ।

'oaob.nitrkl.ac.in' images reprocessed

ବୃହତ୍ ଶକ୍ତିଟିର ଚାପ ପଡ଼ିଲେ, ତାହାର ସର୍ବପ୍ରଥମ ପ୍ରତିକ୍ରିୟାରୂପେ ଅହଂଗୁଡ଼ିକ ବଡ଼ ବିପଜ୍ଜନକ ଭାବରେ ଫୁଲି ଉଠିଥା'ନ୍ତି ।

ସେହି ସବୁକିଛିର ସମ୍ମୁଖରେ କେବଳ ଗୋଟିଏ ଦୃଷ୍ଟିକୋଣହିଁ ଅବଲମ୍ବନ କରା ଯାଇପାରେ,— ତୁମେ ନିଜର ପ୍ରାଣପଣେ ଯାହାକିଛି କରିବ ଏବଂ ପରିଣାମଟିକୁ ପ୍ରଭୁଙ୍କ ହାତରେ ଛାଡ଼ି ଦେଇଥିବ ।

ଅନେକ ଆଶୀର୍ବାଦ ।

୧୯୬୩ ବେଳକୁ

*ମାଆ,*

*ମୋ' ଛାତ୍ରମାନେ କିଛି ହିନ୍ଦୀ ଶିଖିଛନ୍ତି, ମାତ୍ର ସତେ ଯେପରି ନିଜ ସମ୍ମାନରେ ବାଧା ଆସିବାପରି (!) ସେମାନେ ଶୁଦ୍ଧ ଭାବରେ ତାହା କହିବାକୁ ସିଧା ମନା କରି ଦେଉଛନ୍ତି । ବର୍ତ୍ତମାନ ମୁଁ ଗତ ପାଞ୍ଚବର୍ଷ ହେଲା ଚେଷ୍ଟା କରି ଆସିଲିଣି । ଏପରିକି ମୋ'ର ସର୍ବୋତ୍ତମ ଛାତ୍ରମାନେ ମଧ୍ୟ ମୁଁ ନ ଥିବାବେଳେ ଯାହା ତାହା କହୁଛନ୍ତି । ମୁଁ ଭାବୁଛି, ଆରବର୍ଷକୁ ଆଉ ହିନ୍ଦୀ ପଢ଼ାଇବି ନାହିଁ ।*

ଆଉ ଦୁଇବର୍ଷ ଚେଷ୍ଟା କର, ଖୁବ୍‌ସମ୍ଭବ ସାତବର୍ଷ ପରେ ସେମାନଙ୍କର ''ସମ୍ମାନ'' ମଧ୍ୟ ମୁଣ୍ଡ ନୁଆଁଇବ ! ...

ଅନେକ ଆଶୀର୍ବାଦ ।

୧୯୬୩ ବେଳର

*ମାଆ,*

*ମୁଁ ଶୁଣିଲି ଯେ ନିଜର ଜନ୍ମଦିନ ଅବସରରେ 'ଗ' ଆଜି ଆପଣଙ୍କୁ ଦେଖା କରିବାକୁ ଆସୁଛନ୍ତି । ଆପଣ ତାଙ୍କୁ କି ଭଳି ଅବସ୍ଥାରେ ଥିବାର ଦେଖିଲେ, ତାହା ଜାଣିବାକୁ ମୋ'ର ଇଚ୍ଛା ହେଉଛି । ସେ ମୋତେ ଖୁବ୍ ଭଲ ଲାଗନ୍ତି, ତଥାପି ମୋ'ର ମତ ଯେ ତାଙ୍କଠାରେ ନିଷ୍ଠା ଓ ସାଧୁତାର ଅଭାବ ରହିଛି ଓ ଅତିମାତ୍ରାରେ ଉଚ୍ଚାକାଙ୍କ୍ଷାମାନ ରହିଛି । ମୁଁ ଭାବୁଛି ଯେ, ନିଜର ବ୍ୟକ୍ତିଗତ ଲକ୍ଷ୍ୟମାନ ପୂରଣ କରିବା ନିମନ୍ତେ ସେ ଆଶ୍ରମର ନାମକୁ ବ୍ୟବହାର କରିବାକୁ ମଧ୍ୟ ଚେଷ୍ଟା କରନ୍ତି ।*

'ଗ'ଙ୍କ ସହିତ ମୋ'ର ଦେଖା ହୋଇଛି । ଆଉ ଯାହାକିଛି ହେଉ ପଛକେ, ସେ ସେସବୁ

'oaob.nitrkl.ac.in' images reprocessed

ଅପେକ୍ଷା ଅଧିକ ପରିମାଣରେ ଭାରି **ଅବିଶୋଧିତ** । ଏବଂ, ସାଧାରଣତଃ ଯାବତୀୟ ଆଦିମ ସ୍ୱଭାବର କ୍ଷେତ୍ରରେ ଯେପରି ହୋଇଥାଏ, ତାଙ୍କ ଭିତରେ ଅହଂଟି ଅତ୍ୟନ୍ତ ପ୍ରଭାବଶାଳୀ ଓ ସ୍ୱାର୍ଥପର ହୋଇ ରହିଛି । ହଁ, ତାଙ୍କ ବିଷୟରେ ଯଥାର୍ଥ ଯତ୍ନ ନିଆଯାଇ ପାରିଲେ ଏବଂ ତାଙ୍କ ଦାମ୍ଭିକତାର ନାକ ଉପରେ ବେଶ୍ କେତେଟା ମୁଥ ମାରି ତାଙ୍କୁ କଠୋର ଭାବରେ ଉଚିତ ମାର୍ଗରେ ରଖାଯାଇ ପାରିଲେ ତାଙ୍କର ଉଚ୍ଚାକାଙ୍କ୍ଷାକୁ ବ୍ୟବହାର କରି ଅବଶ୍ୟ କିଛି ସମ୍ଭବ କରାଯାଇ ପାରନ୍ତା ।

ଅନେକ ଆଶୀର୍ବାଦ ।

*୧୯୬୩ ବେଳର*

*ମାଆ,*

*'କ' ମୋତେ 'ଖ'ଙ୍କର ଖଣ୍ଡେ ଚିଠି ଦେଇଛନ୍ତି (ଫଟୋଚିତ୍ରଟି ଦେଖନ୍ତୁ) । ଏହି ବ୍ୟକ୍ତିଜଣକ ଆପଣାକୁ ସତେଅବା କେଡ଼େ ବଡ଼ ବୋଲି ଭାବୁଛନ୍ତି ଏବଂ ତାଙ୍କର ପ୍ରକୃତ ମୂଲ୍ୟ ଆମକୁ ଜଣା ନାହିଁ । ମୁଁ ତାଙ୍କୁ ଆଂଶିକ ଭାବରେ ପାଉଁରୁଟି ବିଭାଗରେ ଓ ଆଂଶିକ ଭାବରେ ମୁଦ୍ରଣ ବିଭାଗରେ 'ଗ'ଙ୍କ ସହିତ କାମ ଦେଇଛି । ପାଉଁରୁଟି ବିଭାଗରେ ତାଙ୍କୁ ଖୁବ୍ ହାଲୁକା କାମ ଦିଆଯାଇଛି, ମାତ୍ର ସେତିକି ମଧ୍ୟ ତାଙ୍କ ସକାଶେ ଅତି ବେଶୀ ହୋଇପଡୁଛି । ତାଙ୍କୁ 'ଗ'ଙ୍କ ସାଙ୍ଗରେ ଦେଲେ ମଧ୍ୟ ସେ କାମ କରିବେ ନାହିଁ । ସେ 'ଭ'ଙ୍କ ପାଖକୁ ଯିବାକୁ ଆରମ୍ଭ କଲେଣି,— ଏବଂ, ଇଏ ହେଉଛନ୍ତି ସର୍ବୋତ୍ତମ ବ୍ୟକ୍ତି ଯାହାଙ୍କ ପାଖରେ କି ଆଦୌ କିଛି ନ କରି ମଧ୍ୟ ଅତ୍ୟନ୍ତ କାର୍ଯ୍ୟବ୍ୟସ୍ତ ହୋଇ ରହିହେବ ।*

ସେହି ବ୍ୟକ୍ତିଙ୍କ ବିଷୟରେ ମୁଁ ଠିକ୍ ତାହାହିଁ କହିଥିଲି । ସେ 'ଭ'ଙ୍କ ପାଖକୁ ଯିବେ ନାହିଁ ବୋଲି ମୁଁ ମନା କରିଥିଲି । ଯଦି କାମ କରିବା ବିଷୟରେ ସେ ଆପଣାକୁ ଜଣେ କେଡ଼େ ବଡ଼ ବୋଲି ଭାବୁଛନ୍ତି, ତେବେ ସେ ଯାଇପାରନ୍ତି । ଆମର ''ଏତେ ବଡ଼ ବଡ଼ ଲୋକଙ୍କ''ର କୌଣସି ପ୍ରୟୋଜନ ନାହିଁ ।

ମାତ୍ର, ମୁଦ୍ରଣାଳୟରେ ଯଦି ସେ **ପ୍ରକୃତରେ** କୌଣସି **କାମରେ ଲାଗି ପାରୁଛନ୍ତି,** ତେବେ ସେଠାରେ ସେ ପୂରା ସମୟ କାର୍ଯ୍ୟ କରିପାରିବେ (ଦୈନିକ ଆଠ ଘଣ୍ଟା) ।

ମୋ'ର ଅନେକ ଆଶୀର୍ବାଦ ସହିତ ।

*୧୪ ଜାନୁଆରି ୧୯୬୪*

'oaob.nitrkl.ac.in' images reprocessed

*ମାଆ,*

*ଏବେ କ୍ଷୀର ଏବଂ ଅର୍ଥରେ ଯେଉଁ ଅଭାବ ହେଉଛି, ତାହାରି ପରିପ୍ରେକ୍ଷୀରେ ମୁଁ ଆମ ଲୋକମାନଙ୍କର ମନୋଭାବକୁ ଆଦୌ ବୁଝି ପାରୁ ନାହିଁ । ମୁଁ ପାଠ ପଢୁଥିବା ସମୟରେ, ଯଦି ଆମେ କୌଣସିଠାରେ ଦୁର୍ଭିକ୍ଷ, ବନ୍ୟା କିଂବା ଭୂମିକମ୍ପ ହେବାର ଶୁଣୁଥିଲୁ, ତେବେ ଆମେ କ୍ଷୀର, ଘିଅ, ପିନ୍ଧିବା ଲୁଗା ପ୍ରଭୃତି ବାବଦରେ ଆମର ଖର୍ଚ୍ଚକୁ କମ୍ କରି ଦେଉଥିଲୁ ଓ ସେଥିରୁ ମିଳୁଥିବା ପଇସାକୁ ସାହାଯ୍ୟ-ପାଣ୍ଠିକୁ ପଠାଇ ଦେଉଥିଲୁ । ମାତ୍ର, ଏଠାରେ ମୁଖ୍ୟ ଅନୁଷ୍ଠାନଟି ଯେତେବେଳେ ଅସୁବିଧା ମଧ୍ୟଦେଇ ଯାଉଛି, ସେତେବେଳେ ଆବାସୀମାନେ ଯେପରି ଆପଣାର ଆବଶ୍ୟକ ସବୁକିଛି ପାଇପାରିବେ, ସେଥିଲାଗି ଉଦ୍ୟମ କରାଯାଉଛି । ଆମେ ମଧ୍ୟ ସେତେବେଳେ ଆମ ଖାଇବା ଏବଂ ରହିବା ପାଇଁ ପଇସା ଦେଉଥିଲୁ; ଏବଂ ତଥାପି ଆମେ ଖାଇବା ଖର୍ଚ୍ଚକୁ କମ୍ କରି ପାରୁଥିଲୁ ।*

ଦୁଃଖର(!) କଥା ଯେ ବର୍ତ୍ତମାନର ସ୍ଥିତିଟି ବନ୍ୟା, ଦୁର୍ଭିକ୍ଷ, ଯୁଦ୍ଧ, ଭୂମିକମ୍ପ, ଅଗ୍ନିକାଣ୍ଡ ବା ସେହିପରି ଅନ୍ୟ କୌଣସି ସ୍ଥିତି ନୁହେଁ, ଯାହାଦ୍ୱାରା କି ମନୁଷ୍ୟର ସଂବେଦନାଗୁଡ଼ିକ ସଚଳ ହୋଇ ଉଠନ୍ତି ଓ କିଛି ସମୟ ସକାଶେ ସେହିଗୁଡ଼ିକହିଁ ଆମର "ପ୍ରୟୋଜନ" ବୋଲି କୁହା ଯାଉଥିବା ଭୌତିକ ବାସନାଗୁଡ଼ିକୁ ପରିଚାଳିତ କରିପାରନ୍ତି ।

ଆର୍ଥିକ ଅସୁବିଧାଗୁଡ଼ିକ ସାଧାରଣତଃ ମନୁଷ୍ୟମାନଙ୍କୁ ବିଦ୍ରୋହ କରିବା ଲାଗି ଉତ୍ତେଜିତ ନ କଲେ ମଧ୍ୟ ଶୁଷ୍କ ଏବଂ ରୁକ୍ଷ କରିପକାନ୍ତି । ଏବଂ, ମୁଁ ଏପରି କେତେକ ଲୋକଙ୍କୁ ଜାଣିଛି, ଯେଉଁମାନେ କି, ମୁଁ ଆବଶ୍ୟକ କରୁଥିବା ଅର୍ଥ ମୋ' ପାଖରେ ନାହିଁ ବୋଲି ଆପଣାର **ବିଶ୍ୱାସ**କୁ ମଧ୍ୟ ହରାଇ ବସିବାର ପାଖାପାଖି ହୋଇ ଆସିଥିବା ପରି ହୋଇଯାଆନ୍ତି ।

*୬ ଫେବ୍ରୁଆରି ୧୯୬୪*

*ମାଆ,*

*୨୬ ବର୍ଷକାଳ ପ୍ରୟାସ କରିବା ପରେ ମଧ୍ୟ ମୁଁ ବେଶ୍ ଜାଣିପାରୁଛି ଯେ ମୁଁ ସମ୍ପୂର୍ଣ୍ଣ ଭାବରେ ଅନୁଗତ ହୋଇ ପାରି ନାହିଁ । ଅତି ସାନ ସାନ କଥା ମୋ'ର ଭାରସାମ୍ୟକୁ ଦୋହଲାଇ ଦେଇ ପାରୁଛନ୍ତି ଓ ମୋତେ ବଦଳାଇ ଦେଉଛନ୍ତି । ମୁଁ ଭାବୁଛି, ଆପଣ କେବେହେଲେ ମଧ୍ୟ ମୋତେ ବଦଳାଇ ଦେବାରେ ସଫଳ, ହେବେ ତ ?*

'oaob.nitrkl.ac.in' images reprocessed

ମୁଁ ଦିନେ ନା ଦିନେ ଅବଶ୍ୟ ସଫଳ ହେବି ।

*ଭିତରେ ସବୁକଥାରେ ଉନ୍ନତି ହେଉଥିବା ପରି ବେଶ୍ ଲାଗୁଛି, ମାତ୍ର ବାହାରେ ଗୋଟିଏ ପ୍ରକାରର ବିଘଟନ ଦୁଆରେ ଅପେକ୍ଷା କରି ରହିଥିବା ପରି ବୋଧ ହେଉଛି । ଆମେ ପ୍ରକୃତରେ କେଉଁ ସ୍ଥିତିରେ ରହିଛୁ ?*

ଏକ ଅପୂର୍ବ ଉପଲବ୍ଧିର ସମ୍ମୁଖରେ ।

ସ୍ନେହ ଓ ଅନେକ ଆଶୀର୍ବାଦ ।

*୧୬ ମାର୍ଚ୍ଚ ୧୯୬୪*

*ମାଆ,*

*ଶ୍ରୀଅରବିନ୍ଦଙ୍କର ଅନୁଗାମୀମାନେ ରାମ, କୃଷ୍ଣ, ତଥା ଅନ୍ୟ ଦେବତାମାନଙ୍କୁ ଉପାସନା କରି ପାରିବେ ଅଥବା ପାରିବେ ନାହିଁ ବୋଲି ମୋତେ ପଚରା ଯାଇଛି । ସେମାନେ ଧର୍ମମାର୍ଗର ଉତ୍ସବଗୁଡ଼ିକୁ ପାଳନ କରିବେ ନା ବନ୍ଦ କରିଦେବେ ? ମୁଁ ଉତ୍ତର ଦେଇଛି ଯେ ପ୍ରତ୍ୟେକ ବ୍ୟକ୍ତି ଅନୁସରଣ କରିବା ପାଇଁ ଆମର ସେପରି କୌଣସି ଧରାବନ୍ଧା ନିୟମ ଆଦୌ ନାହିଁ । ପ୍ରତ୍ୟେକ ବ୍ୟକ୍ତି ତା' ନିଜ ଭିତରୁ ଯାହା ଅନୁଭବ କରିବ, ତାହାହିଁ କରିବ । ମୁଁ କହିଲି ଯେ, ଯଦି ଆନ୍ତରିକତା ରହିଥାଏ ଏବଂ ଜଣେ ବ୍ୟକ୍ତି ପରମ ପ୍ରଭୁଙ୍କର ଜଣେ ପରିକର ହେବାକୁ ଇଚ୍ଛା କରୁଥାଏ, ତେବେ ସେ ମାଆ ଏବଂ ଶ୍ରୀଅରବିନ୍ଦଙ୍କର ନାମକୁ ନ ଜାଣି ମଧ୍ୟ ତାହା ହୋଇପାରିବ ଏବଂ ମାଆ ତାଙ୍କୁ ରାଧା, କୁମାରୀ ମେରୀ ତଥା ହନୁମାନଙ୍କ ରୂପରେ ଅବଶ୍ୟ ଉତ୍ତର ଦେବେ । ଏହି ସବୁକିଛି ଆନ୍ତରିକତା ଏବଂ ବିଶ୍ୱାସ ଉପରେ ନିର୍ଭର କରିବ । ତେଣୁ, ଉତ୍ସବାନୁଷ୍ଠାନର ପାଳନ କରିବାକୁ କିଂବା ପାଳନ ନ କରିବାକୁ ଆମେ କେବେ କାହାକୁ ପରାମର୍ଶ ଦେଉ ନାହିଁ । ଆପଣ କ'ଣ କହୁଛନ୍ତି ?*

ସମ୍ପୂର୍ଣ୍ଣ ଠିକ୍ ।

ସ୍ନେହ ଏବଂ ଅନେକ ଆଶୀର୍ବାଦ ।

*୨୩ ମାର୍ଚ୍ଚ ୧୯୬୪*

'oaob.nitrkl.ac.in' images reprocessed

*ମାଆ,*

*ସାଧାରଣତଃ, ଯେତେବେଳେ ମୋତେ ଏକ ତୀବ୍ର ବିରୋଧର ସମ୍ମୁଖୀନ ହେବାକୁ ହେଉଥାଏ, ସେତେବେଳେ ମୁଁ ଆପଣଙ୍କ ଶାନ୍ତିର ଆବାହନ କରିଥାଏ ଏବଂ ମୋ'ର ବିରୋଧରେ ରହିଥିବା ବ୍ୟକ୍ତି ସ୍ଥିର ହୋଇ ଯାଆନ୍ତି । କାଲି ସେହି ପଞ୍ଜାବୀ ଯୁବକଙ୍କର କ୍ଷେତ୍ରରେ ମୁଁ ତାହାହିଁ କରିଥିଲି । ଏହା କେତେ ସମୟ ପାଇଁ ବେଶ୍ କାର୍ଯ୍ୟକାରୀ ହେଉଥିବା ପରି ମନେ ହେଲା, ମାତ୍ର ତା'ପରେ ଏକ ଅତ୍ୟନ୍ତ ପ୍ରବଳ ପ୍ରତିକ୍ରିୟାରେ ପରିଣତ ହେଲା, ଯାହାକି ମୋତେ ବରଂ ଭୟଭୀତ କରି ପକାଇଥିଲା । ଏପରି ଏକ ଘଟଣାରେ ଆମର କିପରି କ'ଣ କରିବା ଉଚିତ ?*

ସମ୍ପର୍କ ଛିନ୍ନ କରିଦେବ; ସମ୍ଭବ ହେଲେ ସାଙ୍ଗେ ସାଙ୍ଗେ ତାହାହିଁ କରିବ, ଯେପରିକି ଆକ୍ରମଣାତ୍ମକ ଅନୁସ୍ପନ୍ଦନଗୁଡ଼ିକ ତଳକୁ ଖସିପଡ଼ିବ ।

*ବେଳେ ବେଳେ, ମୁଁ ଯେତେବେଳେ କୌଣସି ପୀଡ଼ିତ ବ୍ୟକ୍ତି ପ୍ରତି ସହାନୁଭୂତି ଅନୁଭବ କରେ, ସେତେବେଳେ ମୋ'ର ଶରୀରରେ ତାଙ୍କ ଅସୁସ୍ଥତାର ଲକ୍ଷଣମାନ ଦୃଷ୍ଟିଗୋଚର ହେବାକୁ ଆରମ୍ଭ କରେ । ଚିକିତ୍ସାଶାସ୍ତ୍ରର ଜଣେ ଛାତ୍ର ହୋଇଥିବାରୁ, ଏହି କ୍ଷେତ୍ରରେ ମୋ'ର କଳ୍ପନାଶକ୍ତି ମଧ୍ୟ ବେଶ୍ କାମ କରୁଥାଏ । ଏପରି ଘଟିଲା ବେଳେ, ମୁଁ ଯେତେ ଯାହା ଚେଷ୍ଟା କଲେ ମଧ୍ୟ ତାହା ମୋତେ ଛାଡ଼ି ଚାଲିଯାଏ ନାହିଁ; ମାତ୍ର, ଆପଣଙ୍କଠାରୁ କେଇପଦ କର୍କଶ କଥା ଶୁଣିଲେ ଚାଲିଯାଏ । ତେଣୁ ମୁଁ ଆପଣଙ୍କୁ ପୁନର୍ବାର ବ୍ୟସ୍ତ କରିବି । 'କ'ଙ୍କର ମଧୁମେହ ରୋଗଟି ମୋ' ଶରୀରରେ ବନ୍ଧୁମାନଙ୍କୁ ଆବିଷ୍କାର କରୁଛି । ଆପଣଙ୍କର ସୁରକ୍ଷା ମଧ୍ୟରୁ କେବେହେଲେ ବାହାରି ନ ଯିବାକୁ ମୁଁ ଶିଖି ପାରେନ୍ତି କି ?*

ସତ୍ୟ ଏବଂ ସୌଷମ୍ୟର ଦିବ୍ୟ ଉପସ୍ଥିତିଟିକୁ ଆବାହନ କରିବା ହେଉଛି ସର୍ବୋତ୍ତମ ଉପାୟ । ଏହାଦ୍ୱାରା ବିଶୃଙ୍ଖଳା ଏବଂ ବିଭ୍ରାନ୍ତିର ଅନୁସ୍ପନ୍ଦନଗୁଡ଼ିକୁ ବଦଳାଇ ଦେବା ସମ୍ଭବ ହେବ ।

ଅନେକ ଆଶୀର୍ବାଦ ।

*୨୫ ମାର୍ଚ୍ଚ ୧୯୬୪*

*ମାଆ,*

*'ଖ'ଙ୍କ ଭାଇ ବମ୍ବେରେ କୌଣସି ବ୍ୟବସାୟ ଆରମ୍ଭ କରିବାକୁ ଇଚ୍ଛା*

'oaob.nitrkl.ac.in' images reprocessed

*କରୁଛନ୍ତି । ତାଙ୍କ ସଂସ୍ଥାଟିରେ ସେ ଶ୍ରୀ ଅରବିନ୍ଦଙ୍କ ନାମକୁ ବ୍ୟବହାର କରିବାକୁ ଚାହୁଁଛନ୍ତି । ମୁଁ ତାଙ୍କୁ କହିଛି ଯେ, ଏହି ନାମଟିକୁ ବ୍ୟବହାର କରିବା ଆଦୌ ଉଚିତ ହେବ ନାହିଁ ।*

ସେ ଶ୍ରୀ ଅରବିନ୍ଦଙ୍କର ନାମକୁ କଦାପି ବ୍ୟବହାର କରି **ପାରିବେ ନାହିଁ** ।

*୫ ମଇ ୧୯୬୪*

*ମାଆ,*

*ଏଥର ଏକ ପରିହାସ କଥା । ''ପୁରୋଧା'' ପତ୍ରିକାରେ ମୁଁ ମାଆ ଏବଂ ଶ୍ରୀଅରବିନ୍ଦଙ୍କର ଦୁଇ ସ୍ତମ୍ଭ ଉଦ୍ଧୃତି ଦେଇଥିଲି । ସେହି ଉଦ୍ଧୃତିସବୁ କେଉଁ ପୁସ୍ତକରୁ ନିଆଯାଇଛି, ମୁଁ ସବୁବେଳେ ସେକଥା ଉଲ୍ଲେଖ କରି ନ ଥାଏ । ଏବେ 'ଗ' ମୋ' ପାଖକୁ ଏକ ଲିଖିତ ମନ୍ତବ୍ୟ ପଠାଇ ସତର୍କ କରାଇ ଦେଇଛନ୍ତି ଯେ, ଏହା ଆଇନସଙ୍ଗତ ନୁହେଁ ଏବଂ ଲେଖକମାନେ ବିଚାରାଳୟରେ ମୋ' ନାମରେ ଏଥିପାଇଁ ମୋକଦ୍ଦମା ମଧ କରିପାରିବେ !! ଆପଣ ଦୁହେଁ ମୋ' ବିରୋଧରେ କେଉଁ ବିଚାରାଳୟକୁ ଯିବେ, ମୁଁ ତାହା ଜାଣିବାକୁ ଅତ୍ୟନ୍ତ ଉତ୍ସୁକ । ଯଦି ବିଚାରାଳୟ ମୋତେ ଜୋରିମାନା ଦେବାକୁ କହିବ, ତେବେ ଶ୍ରୀଅରବିନ୍ଦ ସୋସାଇଟିର* ସଭାପତି ନିଶ୍ଚୟ ସେହି ଜୋରିମାନା ଦେଇଦେବେ ।*

ମୁଁ ଭାବୁଛି, ତୁମର ଏ ବିଷୟରେ ଚିନ୍ତିତ ହେବା ଉଚିତ ନୁହେଁ ! ଏପରି କୌଣସି ବିଚାରାଳୟ ଅଛି ବୋଲି ମୋତେ ଜଣା ନାହିଁ ଓ ଜୋରିମାନା ହେବାର ଆଦୌ କୌଣସି ଆଶଙ୍କା ନାହିଁ ।

ଅନେକ ଆଶୀର୍ବାଦ ।

*୨୩ ମଇ ୧୯୬୪*

*ମାଆ,*

*'କ' ଏବଂ 'ଖ'ଙ୍କ ମଧ୍ୟରେ ଏକ ନିବିଡ଼ ଶତ୍ରୁତା ଜାତ ହୋଇଛି । ସେମାନଙ୍କର ଅଭିଯୋଗ ଶୁଣି ଶୁଣି ମୁଁ କ୍ଳାନ୍ତ ହୋଇଗଲିଣି । କାଲି 'ଗ' ଏବଂ 'ଭ' ଅବସ୍ଥାଟିକୁ ଆସି ସମ୍ଭାଳିଲେ; ନ ହେଲେ ଭୋଜନ କକ୍ଷରେ ଉଭୟ ପକ୍ଷଙ୍କୁ*

* ଶ୍ରୀଅରବିନ୍ଦ ସୋସାଇଟିର ସଭାପତି ହେଉଛନ୍ତି ସ୍ୱୟଂ ମାଆ ।

'oaob.nitrkl.ac.in' images reprocessed

*ବେଶ୍ ମାଡ଼ ଖାଇବାକୁ ପଡ଼ିଥା'ନ୍ତା !! ମୁଁ ମୋ'ର ପ୍ରାଣପଣେ ଚେଷ୍ଟା କଲିଣି, ମାତ୍ର ସେମାନଙ୍କର ଏହି କଳହର କୌଣସି କାରଣ ଖୋଜି ପାଉ ନାହିଁ । ମୋତେ ସାହାଯ୍ୟ କରନ୍ତୁ ।*

ଉତ୍ତାପହିଁ ଏହାର କାରଣ । ମୁଁ **ଶୀତଳ ସ୍ନାନର** ପରାମର୍ଶ ଦେଉଛି ।

ଅନେକ ଆଶୀର୍ବାଦ ।

*୨୭ ମଇ ୧୯୬୪*

*ମାଆ,*

*ହିନ୍ଦୀ "ପୁରୋଧା"ରେ ମୁଁ ନେହେରୁଙ୍କ ବିଷୟରେ ଏକ ସମ୍ପାଦକୀୟ ମନ୍ତବ୍ୟ ଦେବାକୁ ଇଚ୍ଛା କରୁଛି । ମୁଁ ଆପଣଙ୍କର ବାର୍ତ୍ତାଟିକୁ* ଦେବାକୁହିଁ ଭାବିଛି । ତା' ପଛକୁ ତାଙ୍କର ଓ୍ୱସିଅତ୍‌ନାମାଟି ରହିବ, ଯେଉଁଥିରେ କି ସେ ତାଙ୍କର ଶରୀର ଭାରତବର୍ଷର ମାଟି ସହିତ ଏକାତ୍ମ ହୋଇ ରହିବ ବୋଲି କହିଛନ୍ତି । ଏହାକୁ ମୁଁ ଭାରତର ଭବିଷ୍ୟତ୍ ବିଷୟରେ ଗୋଟିଏ ବାଣୀ ଦ୍ୱାରା ଉପସଂହାର କରିବାକୁ ଇଚ୍ଛା କରୁଛି । ଆପଣ କିଛି ପ୍ରସ୍ତାବ ଦେବେ କି ?*

ଏଇଟି ବେଶ୍ ଭଲ ହେବ । ମୋ'ର କେବଳ ଗୋଟିଏ ପ୍ରସ୍ତାବ ରହିଛି ଯେ,– ବର୍ତ୍ତମାନର ଅନ୍ଧକାରମୟତା ସତ୍ତ୍ୱେ ଭାରତବର୍ଷର ଭବିଷ୍ୟତ୍ ନିଶ୍ଚୟ ଉଜ୍ଜ୍ୱଳ ରହିବ ।

*ସେଦିନ ମୁଁ ସ୍ୱପ୍ନରେ ଦେଖିଲି ଯେ ଅନେକଗୁଡ଼ିଏ ଘୁଷୁରି – ବଡ଼ ଓ ସାନ ସବୁ ଆକାରର – ଙ୍କୁ ହତ୍ୟା ପାଇଁ ଭୋଜନକକ୍ଷରେ ଆଣି ରଖାଯାଇଛି । ମୁଁ ତ ଦଉଡ଼ି ପଳାଇ ଯିବାକୁ ବାହାରିଲି । ମାତ୍ର ତା'ପରେ ଭାବିଲି, "ଯଦି ମାଆ ଏପରି ଚାହୁଁଛନ୍ତି, ତେବେ ତାହାହିଁ ହେଉ ।" ମୋ' ଉପରେ ଏହି ସ୍ୱପ୍ନଟିର ଏକ ଅତ୍ୟନ୍ତ ତୀବ୍ର ପ୍ରଭାବ ପଡ଼ିଲା ।*

ସ୍ୱପ୍ନଟି ତୁମ ପୂର୍ବ ସଂସ୍କାରଗୁଡ଼ିକର ଫଳ; ସେଗୁଡ଼ିକ ଏବେ ମଧ୍ୟ ତୁମର ଅବଚେତନରେ

---

* ମଇ ୧୯୬୪ରେ ନେହେରୁଙ୍କର ତିରୋଧାନ ଅବସରରେ ମାଆଙ୍କର ଯେଉଁ ବାର୍ତ୍ତାଟି ପ୍ରଦତ୍ତ ହୋଇଥିଲା, ସେଇଟି ହେଉଛି : "ନେହେରୁ ତାଙ୍କର ଶରୀର ସିନା ତ୍ୟାଗ କଲେ, ମାତ୍ର ତାଙ୍କର ଆତ୍ମା ଭାରତବର୍ଷର ଚିରନ୍ତନ ଆତ୍ମା ସହିତ ଏକାତ୍ମ ହୋଇ ରହିଛି ।"

'oaob.nitrkl.ac.in' images reprocessed

ଜୀବନ୍ତ ହୋଇ ଅଛନ୍ତି । ଘୁଷୁରିମାନଙ୍କୁ ହତ୍ୟା କରିବାର ଆଦୌ କୌଣସି ଅଭିଳାଷ ନାହିଁ; ଅବଶ୍ୟ, ଯଦି ସେମାନେ ଲୋଭ ଏବଂ ପେଟୁପଣର ପ୍ରତୀକ ହୋଇଥିବେ, ତେବେ ତାହା ଭିନ୍ନ କଥା ହେବ ।

ଅନେକ ଆଶୀର୍ବାଦ ।

୧୦ ଜୁନ୍ ୧୯୬୪

*ମାଆ,*

*ବେଳେ ବେଳେ ମୋ' ଛାତ୍ରମାନଙ୍କ ସହିତ ମୋ'ର ବ୍ୟକ୍ତିଗତ କଥାବାର୍ତ୍ତା ହୁଏ । ଉଚ୍ଚ ପଢୁଥିବା କେତେକ ଛାତ୍ର ପଇସାକୁ ଏତେ ଅଧିକ ମହତ୍ତ୍ୱ ଦିଅନ୍ତି ଯେ ମୁଁ ତାହା ଶୁଣି ଆଶ୍ଚର୍ଯ୍ୟ ହୋଇଯାଏ । ସେମାନେ ଡାକ୍ତର ହେବାକୁ ଇଚ୍ଛା କରୁଛନ୍ତି – ଅଧିକ ରୋଜଗାର କରିବା ପାଇଁ !! "ଜୀବନରେ ପଇସାହିଁ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ କି ?" ବିଷୟରେ ମୁଁ ହିନ୍ଦୀ-ସଭାରେ ଗୋଟିଏ ବିତର୍କର ଆୟୋଜନ କରିବା ବିଷୟରେ ଚିନ୍ତା କରୁଛି । ଏହା ସେମାନଙ୍କୁ ଗମ୍ଭୀର ଭାବରେ ଚିନ୍ତା କରିବାକୁ ଏକ ଅବସର ଆଣିଦେବ କି ? କେଜାଣି ?*

ହଁ, ତୁମେ ଚେଷ୍ଟା କର – ଏହାର ଖୁବ୍ ଆବଶ୍ୟକତା ରହିଛି । ଏବେ ତ ପଇସାହିଁ ସର୍ବୋଚ୍ଚ ପରମେଶ୍ୱର ହୋଇଥିବା ପରି ବୋଧ ହେଉଛି । ପରମ ସତ୍ୟ ପଛରେ ରହିଲାଣି; ପ୍ରେମର ଦର୍ଶନହିଁ ମିଳୁ ନାହିଁ ।

ମୁଁ ଦିବ୍ୟ ପ୍ରେମର କଥା କହୁଛି; କାରଣ ମନୁଷ୍ୟମାନେ ଯାହାକୁ ପ୍ରେମ ବୋଲି କହନ୍ତି, ସେଇଟି ମଧ୍ୟ ପଇସାର ଏକ ଉତ୍ତମ ବନ୍ଧୁ ହୋଇ ରହିଛି ।

ଅନେକ ଆଶୀର୍ବାଦ ।

୧୩ ଜୁନ୍ ୧୯୬୪

*ମାଆ,*

*ଯଦି ଆପଣ ଉତ୍ତର ଦେବାକୁ ଚାହିଁବେ, ତେବେ ମୋ'ର ଗୋଟିଏ ପ୍ରଶ୍ନ ଅଛି । 'କ' ବା ତାଙ୍କର ଲୋକମାନେ ମୋ' ଉପରେ କିଂବା ଭୋଜନାଗାର ଉପରେ ଯେତେଥର ନିଜର କ୍ରୋଧ ପ୍ରକାଶ କରନ୍ତି, ଆପଣ ସେତେ ଥର ଆମକୁ ଦୋଷୀ କରନ୍ତି । କାହିଁକି ? ଅନ୍ୟମାନଙ୍କର କ୍ଷେତ୍ରରେ ଏପରି ହୁଏ ନାହିଁ ।*

'oaob.nitrkl.ac.in' images reprocessed

ର, ତୁମକୁ ଭଗବାନଙ୍କର ରାଣ, ତୁମେ ଅନ୍ୟମାନଙ୍କ ପରି ଏତେ ନିର୍ବୋଧ ହୁଅ ନାହିଁ ।

**ମୁଁ କାହାକୁ ଦୋଷୀ କରେ ନାହିଁ !** ଏବଂ କେବେହେଲେ କୌଣସି ପକ୍ଷ ନିଏ ନାହିଁ । ମାତ୍ର, ମୋ' ଦେଖିବାର ଧାରାଟି କିଞ୍ଚିତ୍ ଅନ୍ୟ ପ୍ରକାରର ହୋଇ ରହିଥାଏ । ମୋ'ର ଚେତନା ନିମନ୍ତେ ପୃଥିବୀର ସମଗ୍ର ଜୀବନଟି,— ମନୁଷ୍ୟର ଜୀବନ ଏବଂ ତାହାର ସମୁଦାୟ ମାନସିକତାଟି ସମେତ — ବହୁସ୍ପନ୍ଦନର ଏକ ବୃହତ୍ ପିଣ୍ଡ ହୋଇ ରହିଥାଏ; ସେଥିରେ ଅଧିକତମ ଅଂଶରେ ମିଥ୍ୟା, ଅଜ୍ଞାନ ଏବଂ ବିଶୃଙ୍ଖଳାର ବହୁସ୍ପନ୍ଦନ ରହିଥାଏ, ଯାହା ମଧ୍ୟରେ କି ଉଚ୍ଚତର ଭୂମିଗୁଡ଼ିକରୁ ଆସିଥିବା ଓ ପ୍ରତିରୋଧଟିକୁ ଟାଳି ଭିତରକୁ ପ୍ରବେଶ କରିବାକୁ ଇଚ୍ଛା କରୁଥିବା ପରମ ସତ୍ୟ ତଥା ସୌଷମ୍ୟର ସ୍ପନ୍ଦନଗୁଡ଼ିକ ଅଧିକରୁ ଅଧିକ କ୍ରିୟାଶୀଳ ହେବାରେ ଲାଗିଥା'ନ୍ତି ।

ଏହିପରି ଗୋଟିଏ ଦୃଷ୍ଟି ମଧ୍ୟରେ ଅହଂର ବୋଧ ଏବଂ ଯାବତୀୟ ବ୍ୟକ୍ତିଗତ ଦାବି ଓ ପୃଥକ୍‌ଭାବ ଅତ୍ୟନ୍ତ ଅବାସ୍ତବ ଏବଂ ଭ୍ରାନ୍ତିମୟ ହୋଇ ରହିଥା'ନ୍ତି ।

ଆଗରୁ ରହିଥିବା ବିଭ୍ରାନ୍ତି ମଧ୍ୟରେ ଯେତେବେଳେ କିଞ୍ଚିତ୍ **ଅଧିକ** ବିଭ୍ରାନ୍ତିର ସୃଷ୍ଟି କରାଯାଏ, ସେତେବେଳେ, ଯଥାସମ୍ଭବ ଏକ ଅଧିକ ଉତ୍ତମ ସୌଷମ୍ୟର ଅବସ୍ଥାକୁ ଫେରାଇ ଆଣିବା ନିମନ୍ତେ ମୁଁ ତାହା ଉପରକୁ କେତେକ ବିଶେଷ ସ୍ପନ୍ଦନକୁ ନିର୍ଦ୍ଦେଶିତ କରିଆଣେ । ପ୍ରକୃତରେ ଖାସ୍ ସେହି ବ୍ୟକ୍ତିମାନେ ତଜ୍ଜନିତ ''ଆଘାତ''କୁ ଅନୁଭବ କରନ୍ତି ନାହିଁ; ସେମାନେ ଯେଉଁ ଅସୌଷମ୍ୟଟି ଭିତରେ ଲାଖି ରହିଥା'ନ୍ତି କିଂବା ତାହାରି ପକ୍ଷ ଗ୍ରହଣ କରିଥା'ନ୍ତି, ଆଘାତଟି ତାହାରି ଉପରେ ଯାଇ ବାଜେ ।

ସତ୍ୟ କଥା କହିବାକୁ ଗଲେ, ମୋ'ର ପୂର୍ଣ୍ଣ ବିଶ୍ୱାସ ଥିଲା ଯେ ତୁମେ ସହଜାତ ଭାବରେ ପ୍ରେରିତ ହୋଇ ପରମ ସତ୍ୟର ପକ୍ଷରେହିଁ ରହିବ ଏବଂ ବୁଝିବ ଯେ, ଏଭଳି କ୍ଷେତ୍ରଗୁଡ଼ିକରେ କେବେହେଲେ ଗୋଟିଏ ଠିକ୍ ପାଖ ଓ ଆଉ ଗୋଟିଏ ଭୁଲ୍ ପାଖ ନ ଥାଏ; ମାତ୍ର, ଯେଉଁଟି ଯେତେ ପରିମାଣରେ ମିଥ୍ୟା ତଥା ବିଭ୍ରାନ୍ତିଟିକୁ ଅବଲମ୍ବନ କରି ରହିଥାଏ, ସେହି ଅନୁପାତରେହିଁ ସମସ୍ତଙ୍କୁ ଦୋଷରେ ଭାଗୀ ହେବାକୁ ପଡ଼େ ।

*୧୫ ଜୁଲାଇ, ୧୯୬୪*

*ମାଆ,*

*ଆପଣ କୌଣସି ପକ୍ଷ ଗ୍ରହଣ କରିବାର ଆଦୌ କୌଣସି ପ୍ରଶ୍ନହିଁ ନ ଥିଲା । ମୁଁ ବିରକ୍ତି ଦ୍ୱାରା ପ୍ରେରିତ ହୋଇ କୌଣସି ପ୍ରଶ୍ନ ପଚାରି ନ ଥିଲି । 'କ'ଙ୍କ ସହିତ ସମଞ୍ଜସତା ରକ୍ଷା କରି ରହିବାକୁ ମୁଁ ଯଥାସାଧ୍ୟ ପ୍ରୟାସ କରିଛି । ଆଉ କାହା ସହିତ ମୁଁ ଏତେ ଅବିଚ୍ଛିନ୍ନ ଭାବରେ ଏତେ ଦୀର୍ଘକାଳ ଏଥିପାଇଁ ଚେଷ୍ଟା*

'oaob.nitrkl.ac.in' images reprocessed

*କରି ନାହିଁ; ଏବଂ, ସବୁଥର ଅତ୍ୟନ୍ତ ଶୋଚନୀୟ ଭାବରେ ବିଫଳହିଁ ହେବାକୁ ପଡ଼ିଛି । ମୁଁ ସେହି ବିଷୟରେ କିଛି ଜାଣିବାକୁ ଇଚ୍ଛା କରିଥିଲି ।*

କେତେକ ବ୍ୟକ୍ତିଙ୍କର ପ୍ରାଣ ସର୍ବଦା ଅସମଞ୍ଜସତା, କ୍ଷୁଦ୍ର କଳହ ଓ ବିଭ୍ରାନ୍ତିକୁ ଆବାହନ କରି ଆଣୁଥାଏ; ସେମାନଙ୍କର ସାଧାରଣତଃ ଅତ୍ୟାଚାରିତ ହେଉଥିବାର ଏକ ପ୍ରକାରର ଦୁରାଗ୍ରହୀ କଳ୍ପନା ରହିଥାଏ ଓ ପ୍ରତ୍ୟେକ ବ୍ୟକ୍ତି ସେମାନଙ୍କର ବିରୋଧରେ ରହିଛନ୍ତି ବୋଲି ସେମାନେ ବିଶ୍ୱାସ କରୁଥା'ନ୍ତି । ସେଇଟିକୁ ଭଲ କରିବା ସବୁଠାରୁ ଅଧିକ କଷ୍ଟକର ହୋଇଥାଏ ଏବଂ ତାହା ସ୍ୱଭାବର ଏକ ମୂଳଭୂତ ପରିବର୍ତ୍ତନ ଆବଶ୍ୟକ କରେ ।

ସେମାନଙ୍କ ସହିତ କାରବାର କରିବା କ୍ଷେତ୍ରରେ ସର୍ବୋତ୍ତମ କଥା ହେଉଛି ଯେ, ତୁମେ ସେମାନଙ୍କର ପ୍ରତିକ୍ରିୟାଗୁଡ଼ିକ ପ୍ରତି କୌଣସି ଧ୍ୟାନ ଦେବ ନାହିଁ ଏବଂ ସରଳ ତଥା ନିଷ୍ପାପର ଭାବରେ ଯାହା କରିବାର କଥା କରି ଯାଉଥିବ । ଏହି ନିର୍ଦ୍ଦିଷ୍ଟ କ୍ଷେତ୍ରଟିରେ, ଏଥର 'କ' ମୋ'ଠାରୁ ଏପରି ଗାଳି ଶୁଣିଛନ୍ତି ଯାହା ସେ ମୋ'ଠାରୁ କେବେ ଶୁଣି ନ ଥିଲେ : ସମ୍ଭବତଃ ଏହାର ଏକ ପ୍ରଭାବ ପଡ଼ିବ ।

ଅନେକ ଆଶୀର୍ବାଦ ।

*୧୫ ଜୁଲାଇ ୧୯୬୪*

*ମାଆ,*

*ସମୟ ଏତେ କ୍ଷିପ୍ର ଗତିରେ କାହିଁକି ଚାଲିଯାଉଛି ବୋଲି ମୋ'ର ଜଣେ ଛାତ୍ର ମୋତେ ପଚାରିଛନ୍ତି । ମୁଁ ଭାବୁଛି, ଆମ ଭିତରେ ଚିରନ୍ତନତାର ଯେଉଁ ସ୍ପର୍ଶଟି ରହିଥାଏ, ଏହାର ତାହା ସହିତ ଏକ ସମ୍ବନ୍ଧ ରହିଛି । ମୁଁ ଠିକ୍ ସ୍ପଷ୍ଟ ହୋଇ ପାରୁ ନାହିଁ ।*

ଆମେ ଯେତେବେଳେ ବିଶ୍ୱଗତ ସୁଷମାଟି ସହିତ ସଂଯୋଗ ରଖି ବାସ କରୁଥାଉ, ସେତେବେଳେ ସମୟ ଅତିବାହିତ ହୋଇ ଯାଉଥାଏ ଓ ନିଜର ଆଦୌ କୌଣସି ଚିହ୍ନ ରଖି ଯାଏ ନାହିଁ ।

*ସଂସ୍କୃତ ଏବଂ ଅନ୍ୟାନ୍ୟ ଭାରତୀୟ ଭାଷାମାନଙ୍କରେ କେତେଜଣ ସର୍ବୋତ୍ତମ କବି ରାଧା ଏବଂ କୃଷ୍ଣଙ୍କ ବିଷୟରେ ଏପରି ଭାବରେ ସଙ୍ଗୀତମାନ ରଚନା କରିଛନ୍ତି ଯେ ସେଥିରୁ ସେମାନେ ଦୈହିକ ପ୍ରେମ ତଥା ଯୌନ ଅଭିଳାଷଗୁଡ଼ିକ*

'oaob.nitrkl.ac.in' images reprocessed

*ବିଷୟରେ ବର୍ଣ୍ଣନା କରିଥିବା ପରି ମନେ ହେଉଛି । ସେଥିରେ ତଥାପି ଏପରି କିଛି ରହିଛି ଯାହାକି ତାହା କେବଳ ଯୌନଗତ ଦୁରାଗ୍ରହ ବୋଲି ସୂଚାଇ ଦେଉଛି । ପ୍ରାଣିକ ଏବଂ ଦୈହିକ ଭୂମିରେ ଦିବ୍ୟ ପରମସତ୍ତାଙ୍କର ସଂସ୍ପର୍ଶଲାଭକୁ ବର୍ଣ୍ଣନା କରିବା ନିମନ୍ତେ ସେମାନେ ଅନ୍ୟ କୌଣସି ଭାଷାହିଁ ପାଇ ନାହାନ୍ତି, ନିଜ ସଂବେଗଗୁଡ଼ିକର ତଥା ଶରୀରର ସମ୍ପୂର୍ଣ୍ଣ ସମର୍ପଣକୁ ବର୍ଣ୍ଣନା କରିବାକୁ ଆଉ କୌଣସି ଭାଷା ପାଇ ନାହାନ୍ତି । ଏହି ସମସ୍ୟାଟି ଅନେକ ସମୟରେ ମନକୁ ଆସିଯାଉଛି ।*

ମୁଁ ଏହାକୁ ସର୍ବଦା ଯଥାର୍ଥ ଶବ୍ଦଗୁଡ଼ିକୁ ଏବଂ ଉଚିତ ଭାଷାଟିକୁ ପାଇବାର କ୍ଷେତ୍ରରେ ଏକ ଅସମର୍ଥତା ବୋଲି ବିଚାର କରିଛି । *୧୭ ଜୁଲାଇ ୧୯୬୪*

*(୧୯୬୪ ମସିହା ମଝି ସମୟରେ ଆଶ୍ରମରେ କ୍ଷୀରର ଉତ୍କଟ ଅଭାବ ହୋଇଥିଲା, କାରଣ ଅନେକ ଗାଈଙ୍କର ଫାଟୁଆ ରୋଗ ହେଲା । ହ୍ରାସ ହୋଇ ଯାଇଥିବା କ୍ଷୀରପରିମାଣର କ୍ଷତିପୂରଣ ନିମନ୍ତେ ଗୁଣ୍ଡ କ୍ଷୀର ଦିଆ ଯାଇଥିଲା । ସେଥିପାଇଁ ମାଆ ଅନୁମତି ଦେଇଥିଲେ; ମାତ୍ର ତାହାର ଫଳସ୍ୱରୂପ ଅନେକ ବ୍ୟକ୍ତିଙ୍କ ତରଫରୁ ତୀବ୍ର ଆପତ୍ତିମାନ ହୋଇଥିଲା । ସାଧାରଣ ଭାବରେ ଦେଖିଲେ ମଧ୍ୟ ସେତେବେଳେ ଆଶ୍ରମକୁ ବାହ୍ୟ ଅଭାବର ଏକ ବେଳ ପଡ଼ିଥିଲା ଏବଂ ଆଶ୍ରମର ଭବିଷ୍ୟତ୍ ବିଷୟରେ ବହୁତ ଜନରବ ଓ ନୈରାଶ୍ୟଜନକ ପୂର୍ବଶଙ୍କୁନମାନ ଦେଖା ଦେଇଥିଲା । ଏହି ଶିଷ୍ୟ ଆପଣାର ଚିଠିରେ ମାଆଙ୍କୁ ଏହିସବୁ ବିଷୟରେ ଲେଖିଥିଲେ ।)*

ହଁ, ଆଶ୍ରମରେ ଘେରାଏ ବୁଲିଆସିବା ପରେ ଏହି ଯାବତୀୟ ମିଛ ଏବଂ ନିର୍ବୋଧତାପୂର୍ଣ୍ଣ ଜନରବମାନ ମୋ' କାନରେ ପଡ଼ିଛି । ମୁଁ ସେଗୁଡ଼ିକୁ ଆଦୌ କୌଣସି ମହତ୍ତ୍ୱ ଦେଇ ନାହିଁ ।

ମୁଁ ଆଶା କରୁଛି ଯେ, ଯେଉଁମାନଙ୍କର ବିଶ୍ୱାସ ରହିଛି ଏବଂ ସାଧାରଣ ବୋଧ ମଧ୍ୟ ରହିଛି, ସେମାନେ ସେଗୁଡ଼ିକୁ ଶୁଣିବା ପାଇଁ ଆଦୌ କୌଣସି ସମୟ ନଷ୍ଟ କରିବେ ନାହିଁ ।

ଖାଦ୍ୟ ବିଷୟରେ ତୁମେ ଯାହାସବୁ କହିଛ, ମୁଁ ସେସବୁକୁ ଆଗରୁ ଜାଣିଥିଲି,– ମାତ୍ର ତୁମେ ଅବଶ୍ୟ ସ୍ୱୀକାର କରିବ ଯେ, ନିଜର କାର୍ଯ୍ୟରେ ଉନ୍ନତିବିଧାନ କରିବା ଲାଗି ଏବଂ ଏହାକୁ ଅଧିକ ଆଲୋକମୟ ଏବଂ ପ୍ରସାରଯୁକ୍ତ କରିବା ଲାଗି ସର୍ବଦା ଏକ ଉପାୟ ଅବଶ୍ୟ ରହିଛି ।

'oaob.nitrkl.ac.in' images reprocessed

ଗୁଣ୍ଡ କ୍ଷୀର ବିଷୟରେ, ମୁଁ ଥରକ ପାଇଁ 'ଖ' ପରି ଦ୍ରବ୍ୟଗୁଡ଼ିକୁ ଦେଖିବାକୁ ପାଇଥିଲି । ସ୍ୱାଦଟି ଅତ୍ୟନ୍ତ ଘୃଣାଦାୟକ ଥିଲା ଏବଂ ଶରୀର ଉପରେ ତାହାର ଆହୁରି ଅଧିକ ମନ୍ଦ ପ୍ରଭାବ ପଡ଼ିଲା । ଗୁଣ୍ଡ କ୍ଷୀର ସକାଶେ ବିଷାକ୍ତ ଖାଦ୍ୟ ଭିତରକୁ ଯିବାର ମୁଁ ଅନେକ ଦୃଷ୍ଟାନ୍ତ ଦେଖିଛି ଏବଂ ପୁଣି ସେହି ବିପଦକୁ ଡାକି ଆଣିବା ଲାଗି ଆଦୌ ପ୍ରସ୍ତୁତ ହେବି ନାହିଁ ।

ଯେତେବେଳେ ଅର୍ଥର ଅଭାବ ରହିଥାଏ, ସେତେବେଳେ ତାହାକୁ ସଦିଚ୍ଛା ଏବଂ ସଂଗଠନର ପ୍ରଗାଢ଼ ପ୍ରୟାସ ଦ୍ୱାରା ଦୂର କରିବାକୁ ହୁଏ । ବର୍ତ୍ତମାନ ମୁଁ ସେହି ପ୍ରୟାସର ଆବାହନ କରୁଛି, ତମସ୍ ଏବଂ ଆଳସ୍ୟପରାୟଣ ଉଦାସୀନତା ଉପରେ ଏକ ବିଜୟର ଆବାହନ କରୁଛି ।

କେହି ସାହସ ହରାଉ ବୋଲି ମୁଁ ଚାହୁଁ ନାହିଁ, ମାତ୍ର ପ୍ରତ୍ୟେକ ବ୍ୟକ୍ତି ନିଜକୁ ଅତିକ୍ରମ କରିଯାଉ ବୋଲି ମୁଁ ଇଚ୍ଛା କରୁଛି ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୧୮ ଜୁଲାଇ ୧୯୬୪*

*(ଏହି ଶିଷ୍ୟ ନିଜର କାର୍ଯ୍ୟ ସଂକ୍ରାନ୍ତରେ ଉପୁଜୁଥିବା କେତେକ ସମସ୍ୟାର ଚର୍ଚ୍ଚା କରି ଶେଷରେ କହିଲେ :)*

*ଏହି ସମସ୍ୟାବହୁଳ ଦିନଗୁଡ଼ିକରେ କାର୍ଯ୍ୟଟିକୁ ଅବ୍ୟାହତ ରଖିବା ପାଇଁ ଆମର ଯାହାକିଛି ଆବଶ୍ୟକ, ଆମକୁ ଆପଣ ତାହା ପ୍ରଦାନ କରନ୍ତୁ ।*

ଏକ **ଜାଗରୂକ ବିଶ୍ୱାସ** ଏହି ସ୍ଥିତିରେ ବାଟ ଦେଖାଇ ନେଇଯିବ ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୬ ଅଗଷ୍ଟ ୧୯୬୪*

*ମାଆ,*

*'କ' ମୋତେ କହୁଛନ୍ତି ଯେ, ତାଙ୍କ ବିଭାଗର 'ଖ' ଏବଂ 'ଗ' ସେମାନଙ୍କ କାର୍ଯ୍ୟରେ ପୂରା ଅବହେଳା କରୁଛନ୍ତି । ଦ୍ୱିତୀୟ ଜଣକର ଦାୟିତ୍ୱରେ ରହିଥିବା ମେସିନ୍‌ଟି ଧୂଳିରେ ଆବୃତ ହୋଇ ରହିଛି । ସେମାନଙ୍କଠାରୁ ସାନ 'ଭ' ସେମାନଙ୍କୁ ଯାବତୀୟ ପ୍ରକାର ଖରାପ ଅଭ୍ୟାସ ଶିକ୍ଷା ଦେଉଛନ୍ତି । କ'ଣ କରିବାକୁ ହେବ ମୁଁ କିଛି ଜାଣିପାରୁ ନାହିଁ ।*

'oaob.nitrkl.ac.in' images reprocessed

ମୁଖ୍ୟଙ୍କ କ୍ଷେତ୍ରରେ ଯେତେବେଳେ ଯଥାର୍ଥ **ଚେତନାଟିର** ଅଭାବ ଥାଏ, ସବୁବେଳେ ସେହି ସମୟରେହିଁ ସେବାରେ ଅପକର୍ଷ ଘଟିଥାଏ ।

କୌଣସି ସଂଗଠନ ଯଥାର୍ଥ ଭାବରେ ଚାଲିବାକୁ ହେଲେ ଅତ୍ୟାବଶ୍ୟକ ପୂର୍ବସର୍ତ୍ତ ରୂପେ ଯାହା କରିବାକୁ ରହିଛି, ସେଇଟି ବିଷୟରେ ଏକ ସ୍ପଷ୍ଟ ତଥା ନିର୍ଭୁଲ ଦୃଷ୍ଟି ଏବଂ ସେଇଟିକୁ କରିବା ନିମନ୍ତେ ଏକ **ସ୍ଥାୟୀ, ସ୍ଥିର ଓ ଦୃଢ଼** ଇଚ୍ଛା ଅବଶ୍ୟ ରହିଥିବା ଉଚିତ । ଏବଂ, ଏକ ସାଧାରଣ ନିୟମ ହିସାବରେ, ତୁମ ନିଜଠାରେ ଯେଉଁସବୁ ଗୁଣ ବିଦ୍ୟମାନ ନାହିଁ, ସେଗୁଡ଼ିକୁ ତୁମେ ଅନ୍ୟମାନଙ୍କଠାରୁ କଦାପି ଦାବି କରିବ ନାହିଁ ।

ମୁଁ ଅତ୍ୟନ୍ତ ଦୃଢ଼ ଭାବରେ ଅନୁଭବ କରୁଛି ଯେ, ସେହି ବିଭାଗଟିରେ କାର୍ଯ୍ୟର ତତ୍ତ୍ୱାବଧାନ ଯେପରି ହେବା ଉଚିତ, ସେପରି ପ୍ରକୃତରେ ହେଉ ନାହିଁ ।

*୨୫ ଅଗଷ୍ଟ ୧୯୬୪*

*ମା'ଆ,*

*କେବଳ ମୋ' ନିଜ ଲାଗି ମୁଁ ଜାଣିବାକୁ ଚାହୁଁଛି, 'କ'ଙ୍କର ଏଠାରେ ରହିବା କାହିଁକି ଉଚିତ ହେବ ନାହିଁ ? ଫେବ୍ରୁଆରି ମାସରେ ସେ ଆମ ସହିତ ଦିନକୁ ବାରଘଣ୍ଟା କରି ଦଶଦିନ ଯାଏ କାର୍ଯ୍ୟ କରିଥିଲେ । ବିଗତ ଛଅ ସପ୍ତାହ ହେଲା ସେ ଦୈନିକ ଦଶଘଣ୍ଟା ଲେଖାଏଁ କାର୍ଯ୍ୟ କରୁଛନ୍ତି ଏବଂ ତଥାପି ମୋ' ଭିତରେ ଏପରି କିଛି ରହିଛି, ଯାହାକି ତାଙ୍କ ବିଷୟରେ ସୁପାରିସ କରି ପଠାଇବାକୁ ମୋତେ ନିବୃତ୍ତ କରି ରଖୁଛି ।*

ସମ୍ଭବତଃ ଏହି କଥାଟିରୁ ତୁମର ସେହି ଅନୁଭବଟି ହେଉଛି ଯେ, ଏଠାରେ ରହିବାକୁ ଅଥବା ଫେରି ଆସିବାକୁ, କିଂବା ସିଏ ଏଠାରୁ ଚାଲିଯାଆନ୍ତୁ ବୋଲି ମୁଁ ଚାହୁଁଛି ବୋଲି ତାଙ୍କୁ ପରିଷ୍କାର ଭାବରେ କୁହାହେବା ପରେ ମଧ୍ୟ ସିଏ ଯାବତୀୟ ପ୍ରକାର ଉପାୟର (କେତେକ ଉପାୟକୁ ଆଦୌ ସିଧା ବୋଲି କହିହେବ ନାହିଁ) ଅବଲମ୍ବନ କରିଛନ୍ତି । ସେହି କାରଣରୁହିଁ, ତାଙ୍କୁ ଏଠାରେ ସ୍ଥାୟୀ ଭାବରେ ରହିବା ସକାଶେ ଥରେ ଅନୁମତି ମିଳିଗଲେ ସେ ପ୍ରକୃତରେ କ'ଣ ହେବେ ବା କ'ଣ କରିବେ, ସେକଥା ଆଦୌ ଜାଣି ହେଉ ନାହିଁ ।

ଅନେକ ଆଶୀର୍ବାଦ ।

*୨୬ ଅଗଷ୍ଟ ୧୯୬୪*

'oaob.nitrkl.ac.in' images reprocessed

*(ଏହି ଶିଷ୍ୟ ଜଣେ ମହିଳାଙ୍କ ବିଷୟରେ ଲେଖିଥିଲେ, ଯିଏ କି ମାଆ ତାଙ୍କୁ ଚାଲିଯିବାକୁ ନିର୍ଦ୍ଦେଶ ଦେଇଥିବା ସତ୍ତ୍ୱେ ତଥାପି ନ ଯାଇ ଆଶ୍ରମରେ ରହୁଥିଲେ । କର୍ତ୍ତୃତ୍ୱର ସ୍ଥାନରେ ରହିଥିବା କେହିହେଲେ ସେ ଚାଲିଯାଆନ୍ତୁ ବୋଲି ଜୋର ଦେଉ ନ ଥିଲେ । ଚିଠି ଏହିପରି ଭାବରେ ଶେଷ ହୋଇଥିଲା :)*

*ଏସବୁର ତତ୍ତ୍ୱାବଧାନ କିଏ କରିବେ, ମୁଁ ସେକଥା ଜାଣି ପାରୁ ନାହିଁ – ଅଥବା ବର୍ତ୍ତମାନ ଆମେ ସମ୍ଭବତଃ ଅରାଜକତାର ଏକ ସମୟ ମଧ୍ୟଦେଇ ଗତି କରୁଛୁ । 'କ', 'ଖ' ଏବଂ 'ଗ' ସମସ୍ତେ ତାଙ୍କର ସବୁକଥା ଜାଣନ୍ତି, ମାତ୍ର ସେମାନେ କିଛି କରୁ ନାହାନ୍ତି ।*

ହଁ, ଘଟଣାଟି ବିଷୟରେ ଈଷତ୍ ହସିଦେବାହିଁ ସର୍ବୋତ୍ତମ ହେବ ! କାରଣ, ଆଉ କିଛି କରି ହେବ ବୋଲି ବୋଧ ହେଉ ନାହିଁ । – ଅନ୍ତତଃ ବର୍ତ୍ତମାନ ପାଇଁ କିଛି କରି ହେଉ ନାହିଁ ।

ଯେତେବେଳେ ସବୁକଥା ବିଗିଡ଼ି ଯାଉଥାଏ, ସେତିକିବେଳେହିଁ ଆପଣାର ସଦିଚ୍ଛା ତଥା ଯଥାର୍ଥ ସହଯୋଗର ଭାବ ଦେଖାଇବା ନିମନ୍ତେ ସର୍ବୋତ୍ତମ ସୁଯୋଗଟି ଆସି ପହଞ୍ଚେ ।

ସ୍ନେହ ଓ ଅନେକ ଆଶୀର୍ବାଦ ।

*୩୧ ଅଗଷ୍ଟ ୧୯୬୪*

*ମାଆ,*

*ଆପଣ ପ୍ରସ୍ତାବ ଦେଇଥିଲେ ଯେ, 'କ'ଙ୍କୁ ସାହାଯ୍ୟ କରିବା ପାଇଁ ତାଙ୍କ ପୁଅଙ୍କୁ କୁହାଯାଇ ପାରିବ; ମାତ୍ର ସେହି ପୁଅ ତ 'ଖ'ଙ୍କ ସହିତ ମିଶି ତାଙ୍କର ନିଜର ଏକ ବ୍ୟବସାୟ କରୁଛନ୍ତି । ସିଏ ଆଉ ଆଶ୍ରମ ପାଇଁ କାର୍ଯ୍ୟ କରୁ ନାହାନ୍ତି । ଅନ୍ୟ ଅନେକଙ୍କ ଭଳି ସିଏ ମଧ୍ୟ ଆଶ୍ରମରେ ରହୁଛନ୍ତି ଓ ନିଜ ପାଇଁ କାର୍ଯ୍ୟ କରୁଛନ୍ତି ।*

ଠିକ୍ ସେହି କାରଣରୁହିଁ ଆଶ୍ରମ ଆର୍ଥିକ ବିନାଶ ଆଡ଼କୁ ଅଗ୍ରସର ହେବାରେ ଲାଗିଛି ।

*୧୪ ସେପ୍ଟେମ୍ବର ୧୯୬୪*

*ମାଆ,*

*ଗୋଟିଏ ପିଲାଳିଆ ପ୍ରଶ୍ନ : ଇତର ପଶୁ ଓ ଚଢ଼େଇମାନେ ଆମଭଳି ଖାଦ୍ୟପଦାର୍ଥର ସ୍ୱାଦକୁ ଅନୁଭବ କରି ପାରନ୍ତି କି ?*

'oaob.nitrkl.ac.in' images reprocessed

ହଁ, ପାରନ୍ତି; ମାତ୍ର ଆମମାନଙ୍କ ପରି ସେବିଷୟରେ **ଭାବନ୍ତି ନାହିଁ** ।

ଅନେକ ଆଶୀର୍ବାଦ ।

*୨୨ ସେପ୍ଟେମ୍ବର ୧୯୬୪*

*ମାଆ,*

*ଶ୍ରୀଅରବିନ୍ଦ ସୋସାଇଟି ତରଫରୁ ଲୁଧିଆନାରେ ଗୋଟିଏ ପ୍ରାଥମିକ ସ୍କୁଲ ଆରମ୍ଭ କରିବାର ବିଚାର କରାଯାଉଛି । ସ୍ଥାନୀୟ ଲୋକେ ଏହାକୁ ଏକ ହାଇସ୍କୁଲ ରୂପେ ଆରମ୍ଭ କରିବାକୁ ଇଚ୍ଛା କରୁଛନ୍ତି । ସେମାନେ ନିଜେ ଏଥିପାଇଁ ଅର୍ଥ ଯୋଗାଇଦେଇ ପାରିବେ । ମାତ୍ର, ଶିକ୍ଷକମାନଙ୍କୁ ନେଇ ପ୍ରଧାନ ଅସୁବିଧାଟି ହେଉଛି – ସେମାନେ ଏପରି ଗୋଟିଏ ବୃହତ୍ ପଦକ୍ଷେପ ଗ୍ରହଣ କରି ସ୍କୁଲଟିକୁ ଆପଣଙ୍କର ପ୍ରଭାବ ମଧ୍ୟରେ ରଖିପାରିବେ ତ ? ଆପଣ କ'ଣ କହୁଛନ୍ତି ?*

ପ୍ରଥମେ ଶିକ୍ଷକମାନଙ୍କୁ ଖୋଜି ବାହାର କରିବାକୁ ହେବ ଏବଂ ତା'ପରେ ଯାଇ ସ୍କୁଲଟି ଖୋଲାଯିବ ।

ଅନେକ ଆଶୀର୍ବାଦ ।

*୨୩ ଅକ୍ଟୋବର୍ ୧୯୬୪*

*ମାଆ,*

*'ଗ' ନାମକ ଜଣେ ଓଡ଼ିଆ ସନ୍ନ୍ୟାସୀ ଏଠାରେ ରହିବାକୁ ଆସିଥିଲେ । ମାତ୍ର ଅଳ୍ପ କେତେମାସ ମଧ୍ୟରେ ସେ ନିଜର ସନ୍ନ୍ୟାସ ପରିତ୍ୟାଗ କରି ଜଣେ ମନୁଷ୍ୟ ହୋଇଗଲେ । ଧ୍ୟାନ କରିବାକୁ ସେ ଭାରି ଭଲ ପାଉଛନ୍ତି । ନିଜର ଆଖିଗୁଡ଼ିକୁ ବନ୍ଦ କରିଆଣିବା ମାତ୍ରକେ ତାଙ୍କର ଶରୀର କମ୍ପି ଉଠିବାକୁ ଓ ଦୋହଲିବାକୁ ଆରମ୍ଭ କରୁଛି । ସେ ଆନନ୍ଦ ଇତ୍ୟାଦି ଅନୁଭବ କରୁଛନ୍ତି; ମାତ୍ର ବେଳେବେଳେ ନିଜ ଚାରିପାଖରେ ଓ ମୁଣ୍ଡ ଉପରେ ସାପମାନ ଦେଖୁଛନ୍ତି । ବେଳେ ବେଳେ ବନ୍ୟ ଜନ୍ତୁମାନଙ୍କର ଗହଣରେ ନିଜକୁ ଦେଖୁଛନ୍ତି । ଗତ ଚାରି ଓ ପାଞ୍ଚ ତାରିଖରେ ଧ୍ୟାନକକ୍ଷରେ ସେ ରୀତିମତ ଏକ ଦୃଶ୍ୟ ଭିଆଇ ବସିଲେ । ଆପଣଙ୍କଠାରୁ ମୁଁ କିଛି ଉତ୍ତର ନ ପାଇବା ପର୍ଯ୍ୟନ୍ତ ଧ୍ୟାନ ନ କରିବା ନିମନ୍ତେ ମୁଁ ତାଙ୍କୁ ପରାମର୍ଶ ଦେଇଛି ।*

'oaob.nitrkl.ac.in' images reprocessed

ସନ୍ନ୍ୟାସୀର ପରିଚ୍ଛଦ ପରିତ୍ୟାଗ କରିଥିବାର ପରିଣାମ ବିଷୟରେ ଏକ ଭୟ (ସମ୍ଭବତଃ ଅବଚେତନ ସ୍ତରର) ହେତୁ ଏପରି ନିଶ୍ଚୟ ହେଉଥିବ; ଏବଂ ତାଙ୍କର ସେହି ଭୟଟି ସାପମାନଙ୍କର ଆକ୍ରମଣ ପ୍ରଭୃତିର ମାଧ୍ୟମରେ ବ୍ୟକ୍ତ ହେଉଛି । ତାଙ୍କୁ କହିବ, ସେ ଆଦୌ ଭୟ କରିବେ ନାହିଁ; କହିବ ଯେ ମୋ' ପାଖରେ ଖବର ପହଞ୍ଚିଛି ଓ ଆଉ କେହି ତାଙ୍କୁ ଆଘାତ କରି ପାରିବେ ନାହିଁ ।

ସେ ଯେ ସୁରକ୍ଷା ମଧ୍ୟରେ ରହିଛନ୍ତି, ଏହି ବିଶ୍ୱାସଟି ସହିତ ଧ୍ୟାନ କରିବାକୁ ସେ ଆଉଥରେ ଚେଷ୍ଟା କରନ୍ତୁ । ମାତ୍ର, ପ୍ରଥମ ଅବସ୍ଥାରେ ସେ ସର୍ବସାଧାରଣରେ ଆଦୌ ଚେଷ୍ଟା କରିବେ ନାହିଁ । ଯଦି ତାଙ୍କର ଧ୍ୟାନଗୁଡ଼ିକ ସ୍ଥିର ହୋଇଯିବ, ତେବେ ସେ ପୁଣି ଅନ୍ୟମାନଙ୍କ ସହିତ ଧ୍ୟାନ କରିପାରିବେ ।

ଅନେକ ଆଶୀର୍ବାଦ ।

*୭ ଡିସେମ୍ବର ୧୯୬୪*

*(ଏହି ଶିଷ୍ୟ ଆଉ ଜଣେ ବ୍ୟକ୍ତିଙ୍କ ସହିତ ହୋଇଥିବା କାର୍ଯ୍ୟ ବିଷୟରେ ତାଙ୍କର ଆଲୋଚନାଟିର ବିବରଣ ଦେଇଥିଲେ । ଚିଠିର ଶେଷ ଭାଗରେ ଲେଖା ହୋଇଥିଲା :)*

*ଆମେ ସମସ୍ତେ ଗୋଟିଏ କଥାକୁ ନିଶ୍ଚିତ ବୋଲି ଜାଣିଥିଲୁ । ସେଇଟି ହେଉଛି, ''ଯେଉଁଟିକୁ ମାଆ କାମ ବୋଲି ସ୍ୱୀକାର କରିବେ, ତାହାହିଁ କାମ ।'' ମୁଁ ନିରାଶ ହେଉ ନାହିଁ; ମୋତେ ତ ବରଂ ଆନନ୍ଦ ଲାଗୁଛି ଏବଂ ଏପରିକି ଯାହାକୁ କି ମୁଁ କାମର ଅ-ଆ-ଇ ବୋଲି ବିଚାର କରୁ ନାହିଁ, ସେଇଟିକୁ ମଧ୍ୟ କରି ଚାଲିଥିବି !! କାରଣ ଆପଣଙ୍କର ଅନୁକମ୍ପା ତାହାକୁ ସ୍ୱୀକୃତି ପ୍ରଦାନ କରୁଛି !*

ଉ,— ତୁମେ କ୍ରମେ ଅତ୍ୟନ୍ତ ବିଜ୍ଞ ହୋଇ ଆସୁଛ ଏବଂ ଏହି ଉପଲବ୍ଧିର ନିକଟବର୍ତ୍ତୀ ହେବାରେ ଲାଗିଛ ଯେ, ଆମେ ଆଦୌ କିଛି ନୋହୁଁ, ଆମେ ଆଦୌ କିଛି ଜାଣି ନାହୁଁ ଏବଂ ଆମେ ଆଦୌ କିଛି ହେଲେ କରି ପାରିବୁ ନାହିଁ । କେବଳ ସେହି ସର୍ବୋଚ୍ଚ ଓ ପରମ ଦିବ୍ୟସତ୍ତାହିଁ ସବୁ ଜାଣିଛନ୍ତି, ସବୁ କରୁଛନ୍ତି, ସେଇ ସବୁକିଛି ।

ସ୍ନେହ ।

*୧୯୬୪*

'oaob.nitrkl.ac.in' images reprocessed

*ମାଆ,*

*ରନ୍ଧନଶାଳାର କେତେକ କର୍ମୀ ମଝିରେ ମଝିରେ ଟିକିଏ ସୋଡ଼ା ବ୍ୟବହାର କରିବେ ବୋଲି ଚାହୁଁଛନ୍ତି । ଆପଣ ଅନୁମତି ଦେବେ କି ?*

ତାହା ପେଟ ପାଇଁ ଆଦୌ ଖୁବ୍‌ବେଶୀ ଉପକାରୀ ହେବ ନାହିଁ ।

*ଆଉ ତେନ୍ତୁଳି ?*

ହେଉ ।

ଅନେକ ଆଶୀର୍ବାଦ ।

*୧୯୬୪*

*ମାଆ,*

*ଗୋଟିଏ ବ୍ୟକ୍ତିଗତ ପ୍ରଶ୍ନ । ବର୍ତ୍ତମାନ ଆପଣ ତେନ୍ତୁଳି ବ୍ୟବହାର କରିବାକୁ ଅନୁମତି ଦେଇଛନ୍ତି । ମାତ୍ର ପ୍ରାୟ ୨୦ ବର୍ଷ ପୂର୍ବେ ମୁଁ କାହାଲାଗି ଏକ ପାନୀୟ ପଦାର୍ଥ ପ୍ରସ୍ତୁତ କରିଥିଲି ବୋଲି ଆପଣ ମୋତେ ବେଶ୍ ବଢ଼ିଆ ଗାଳିଟାଏ ଦେଇଥିଲେ । ଆପଣ ମୋତେ କହିଥିଲେ ଯେ ତେନ୍ତୁଳି ହେଉଛି ସ୍ୱାସ୍ଥ୍ୟ ପାଇଁ ହାନିକାରିକ ଏବଂ ଭାରତୀୟମାନଙ୍କର ଆଳସ୍ୟପରାୟଣତା ନିମନ୍ତେ ଅନ୍ୟ କାରଣଗୁଡ଼ିକ ମଧ୍ୟରେ ଏହାକୁ ମଧ୍ୟ ଦାୟୀ କରାଯାଇ ପାରିବ । ଆମର ପ୍ରାଚୀନ ଋଷିମାନେ ପ୍ରାୟ ସେହି କଥା କହିଛନ୍ତି । ଇତିମଧ୍ୟରେ ଗୁଣମୂଲ୍ୟଗୁଡ଼ିକରେ ପ୍ରକୃତରେ ଏକ ପରିବର୍ତ୍ତନ ଘଟିଛି ଅଥବା ଆପଣ ମନୁଷ୍ୟମାନଙ୍କର ବାସନା ଲାଗି କିଞ୍ଚିତ୍ ପରିମାଣରେ ଏକ ଛାଡ଼ ଦେଉଛନ୍ତି, ବର୍ତ୍ତମାନ ମୁଁ ସେ କଥା ଜାଣିବାକୁ ଚାହୁଁଛି ।*

ଖାଦ୍ୟପଦାର୍ଥ ଓ ମସଲା ପ୍ରଭୃତିର ପ୍ରଭାବ ବିଷୟରେ ମୁଁ ଏତେ ପରସ୍ପର ବିରୋଧୀ ବିବରଣୀମାନ ଶୁଣିଛି ଯେ, ନ୍ୟାୟତଃ ଶେଷକୁ ଏହି ଉପସଂହାରରେ ଆସି ପହଞ୍ଚିଛି ଯେ ଆଉ ସବୁକିଛି ପରି ଏଇଟି ବି ଏକ ବ୍ୟକ୍ତିଗତ ବ୍ୟାପାର ହୋଇ ଅବଶ୍ୟ ରହିବା ଉଚିତ ଏବଂ ତେଣୁ ଆଦୌ କୌଣସି ସାଧାରଣ ନିୟମ ବାନ୍ଧି ଦିଆଯିବା ଉଚିତ ନୁହେଁ । ନିୟମଟିଏ କରି ତାହାକୁ ଜୋର୍ କରି ଚଳାଇବା ତ ଆହୁରି ଦୂରର କଥା ।

'oaob.nitrkl.ac.in' images reprocessed

ଏହି କାରଣରୁହିଁ ମୁଁ ଟିକିଏ ଉଦାର ହେଲି ।
ଅନେକ ଆଶୀର୍ବାଦ ।

୧୯୬୪

*ମାଆ,*

*'କ' ମୋ' ସହିତ କାର୍ଯ୍ୟ କରି ଆସୁଛନ୍ତି (ଫଟୋଟିକୁ ଦେଖନ୍ତୁ) । ତାଙ୍କର ଭାରି ଭୟ ହୋଇଗଲାଣି ଯେ ସେ ଦିନକୁ ଦିନ ଦୁର୍ବଳ ହୋଇ ଯାଉଛନ୍ତି । ସେ ଏବେ ଟମାଟୋ, ଲହୁଣି, ରୁଟି ଓ ପରିବା ମଧ୍ୟ ହଜମ କରି ପାରୁ ନାହାନ୍ତି । ତାଙ୍କର ବାତଜ୍ୱର ଅଛି, ବାୟୁଦୋଷ ରହିଛି । ମୁଁ ତାଙ୍କର କାମ ବଦଳାଇ ଦିଏ ବୋଲି ସେ ଇଚ୍ଛା ପ୍ରକାଶ କରୁଛନ୍ତି; ଅବଶ୍ୟ ସେ ସ୍ୱୀକାର କରୁଛନ୍ତି ଯେ, ତାଙ୍କର ବର୍ତ୍ତମାନ କାର୍ଯ୍ୟଟି ଆଦୌ କଷ୍ଟକର ନୁହେଁ କିଂବା ଅଧିକ ନୁହେଁ । ମାତ୍ର ତଥାପି କହୁଛନ୍ତି ଯେ, ଏତିକି ମଧ୍ୟ ତାଙ୍କର ସ୍ୱାସ୍ଥ୍ୟ ଦୃଷ୍ଟିରୁ ଅତିରିକ୍ତ ହୋଇଯାଉଛି । ଯଦି ମୁଁ ତାଙ୍କୁ କିଛି କହୁଛି, ତେବେ ସେ ଭାବୁଛନ୍ତି ଯେ, ମୁଁ କେବଳ ତାଙ୍କଠାରୁ କାମ ଆଦାୟ କରିବାକୁ ଇଚ୍ଛା କରୁଛି ଏବଂ ତାଙ୍କର ଶରୀର ବିଷୟରେ ଆଦୌ ଭାବୁ ନାହିଁ । ସେ କେବଳ ଡେସ୍କ ପାଖରେ ବସି କୌଣସି କାମ କରିବାକୁ ଚାହୁଁଛନ୍ତି ।*

ପ୍ରାଣିକ ଶକ୍ତି **ଅତ୍ୟନ୍ତ ଦୁର୍ବଳ** ହୋଇଯାଇଛି ଓ ମାନସିକ ସ୍ତରରୁ ବେଶ୍ ପ୍ରବଳ ଭାବରେ ପ୍ରବର୍ତ୍ତନାମାନ ବି ଆସୁଛି । ସେ ଯାହା ଚାହୁଁଛନ୍ତି, କିଛିଦିନ ସକାଶେ ତୁମେ ତାହାହିଁ କର । ଏହି ସବୁକିଛି କଳ୍ପନାରୁହିଁ ଜାତ ହେଉଛି ବୋଲି ସେ ହୁଏତ ନିଜେ ଜାଣିପାରିବେ; କାରଣ ତାଙ୍କର କଳ୍ପନାହିଁ ତାଙ୍କୁ ପୀଡ଼ିତ କରାଉଛି ଅଥବା, ବରଂ ଏପରି କୁହାଯିବା ଉଚିତ, ତାଙ୍କୁ ପୀଡ଼ିତ ହେବାର **ଧାରଣା** ଆଣି ଯୋଗାଇ ଦେଉଛି ।

୧୯୬୪

*(ଏହି ଶିଷ୍ୟ ଆଶ୍ରମରେ ରହିଥିବା ବିଭିନ୍ନ ଅସୁବିଧା ବିଷୟରେ ଲେଖିଥିଲେ ଏବଂ ତା'ପରେ ଉପସଂହାର କରିଥିଲେ :)*

*'ଖ'ଙ୍କର ଜଣେ ବନ୍ଧୁଙ୍କର ବୃଦ୍ଧ ତଥା ଅତ୍ୟନ୍ତ ଦୁର୍ବଳ ପିତାଙ୍କର ପ୍ରୋଷ୍ଟେଟ୍ ଗ୍ରନ୍ଥି ବୃଦ୍ଧି ପାଇଛି । ଅବସ୍ଥା ସାଂଘାତିକ ହୋଇଗଲାଣି । ଡାକ୍ତର ଅପରେଶନ କରିବା ସକାଶେ ପରାମର୍ଶ ଦେଇଛନ୍ତି । ସେ ଆପଣଙ୍କର ମାର୍ଗଦର୍ଶନ ଏବଂ ଆଶୀର୍ବାଦ ମାଗିଛନ୍ତି ।*

'oaob.nitrkl.ac.in' images reprocessed

ଖୁବ୍ ସମ୍ଭବ ଶେଷ କ୍ଷଣଟି ନିକଟବର୍ତ୍ତୀ ହୋଇ ଆସୁଛି । ସବୁକିଛି ତାଙ୍କର ସ୍ୱଭାବ ଓ ଇଚ୍ଛାଶକ୍ତି ଉପରେ ନିର୍ଭର କରୁଛି । ଯଦି ସେ ଶାନ୍ତ ଭାବରେ ଏବଂ କୌଣସି ସଂଘର୍ଷ ନ କରି ଚାଲିଯିବାକୁ ପସନ୍ଦ କରିବେ, ତେବେ ତାଙ୍କର ଶାନ୍ତ ହୋଇଯିବା ଉଚିତ ଓ ଯେତେ ଦିନ ସମ୍ଭବ, ସେତୋଟି ଦିନ କଟାଇଦେବା ଉଚିତ । ଯଦି ସେ ସଂଘର୍ଷ କରିବାକୁ ଭଲ ପାଇବେ, ତେବେ ତାଙ୍କର ଅପରେଶନ୍ କରାଯାଉ ଏବଂ କ'ଣ ହେଉଛି ଦେଖାଯାଉ । ଯେକୌଣସି ସ୍ଥିତିରେ ମଧ୍ୟ ତାଙ୍କ ଲାଗି ମୋ'ର ଅନେକ ଆଶୀର୍ବାଦ ରହିଥିବ ।

ଆଶ୍ରମର ପରିସ୍ଥିତି ବିଷୟରେ କହିବାକୁ ଗଲେ, ତୁମେ ଯେପରି କହୁଛ, ପରିସ୍ଥିତି ଠିକ୍ ସେହିଭଳି ରହିଛି; ସମ୍ଭବତଃ ଆହୁରି ଖରାପ ହୋଇ ରହିଛି । ଏହି କ୍ଷେତ୍ରରେ ମୁଁ ଶ୍ରୀଅରବିନ୍ଦଙ୍କ ପରି କହିବି : **ଚେତନା ନ ବଦଳିବା ପର୍ଯ୍ୟନ୍ତ ପ୍ରକୃତରେ କିଛି କରି ହେବ ନାହିଁ ।**

ତୁମେ ହସ୍ତକ୍ଷେପ କରିବ ତ — ଏବଂ ଏକ ଦୃଷ୍ଟାନ୍ତ ଓ ଏକ ନିଦର୍ଶନ ହିସାବରେ ତାହା ଅବଶ୍ୟ ଉତ୍ତମ ହେବ — ମାତ୍ର ତହିଁ ଆରଦିନ ସବୁକିଛି ଆହୁରି ଖରାପ ହୋଇଯିବ ।

ଆମେ ପରମ ସତ୍ୟକୁ ଅଭିବ୍ୟକ୍ତ ହେବାଲାଗି ଊର୍ଦ୍ଧ୍ୱରୁ ଆବାହନ ମଧ୍ୟ କରି ପାରିବା ନାହିଁ । ମିଥ୍ୟାଟି ଏଡ଼େ ବ୍ୟାପ୍ତ ଏବଂ ଏଡ଼େ ଗଭୀର ଭାବରେ ଚାରିଆଡ଼େ ପ୍ରସାରିତ ହୋଇ ରହିଛି ଯେ, ପରିଣାମରେ କେବଳ ସମ୍ପୂର୍ଣ୍ଣ ଧ୍ୱଂସସାଧନହିଁ ଘଟିବ ।

ତଥାପି, ପରମକରୁଣାର କୌଣସି ଅନ୍ତ ନାହିଁ — ସିଏ ହୁଏତ କିଛି ଉପାୟ ବତାଇଦେବ !

ଅନେକ ଆଶୀର୍ବାଦ ।

*୧୯୬୪*

*ମାଆ,*

*ମୁଁ ଅତ୍ୟନ୍ତ ଦୁଃଖର ସହିତ ଜଣାଉଛି ଯେ 'ଲେକ୍ ଇଷ୍ଟେଟ୍'ର କର୍ମୀମାନଙ୍କ ମଧ୍ୟରେ ଏକ ତୀବ୍ର ଅସନ୍ତୋଷ ଖେଳିଯାଇଛି । ମାତ୍ର, ମୁଁ ଯେତେବେଳେ 'ଗ'ଙ୍କୁ ଏହି ବିଷୟରେ କିଛି କହୁଛି, ସେତେବେଳେ ସେ ଗର୍ଜନ କରି ଉଠୁଛନ୍ତି ଓ କହୁଛନ୍ତି : "ସେଠାରେ ତ ଚମତ୍କାର ଭାବରେ କାର୍ଯ୍ୟ ଚାଲିଛି, ଇତ୍ୟାଦି, ଇତ୍ୟାଦି ।"*

ନିଜର ଚେତନାରେ ପରିବର୍ତ୍ତନ କରାଇବାକୁହିଁ ଲୋକମାନେ ଏଠାରେ ଅଛନ୍ତି । ସେମାନେ, **ସେମାନେ ସମସ୍ତେ** ନିଜର **ଲକ୍ଷ୍ୟ** ବିଷୟରେ **ନିଷ୍ଠାଯୁକ୍ତ** ନ ହେଲେ **ଯଥାର୍ଥରେ** ଆଦୌ କିଛି କରି ହେବ ନାହିଁ ।

*୧୯୬୪*

'oaob.nitrkl.ac.in' images reprocessed

People are here to change their consciousness. Unless they become, all of them, true to their aim, nothing true can be done

*ମାଆ,*

*'କ' ପହିଲା ଦିନ ଉତ୍ତରକୁ ଯାତ୍ରା କରୁଛନ୍ତି । ତାଙ୍କ ବ୍ୟବସାୟର ଅଧିକାଂଶ କାରବାର ପଶ୍ଚିମ ବଙ୍ଗରେ, ଆସାମରେ ଓ ସିକିମରେ ଅଛି । ସେଠାରେ ତାଙ୍କ ଜିନିଷପତ୍ର ଭଲ ବିକ୍ରି ହେଉଛି । ମାତ୍ର ତାଙ୍କୁ ପ୍ରଥମେ ଜିନିଷଗୁଡ଼ିକୁ ବାକିରେ ଦେବାକୁ ହେବ । ସିଏ ଏହି କାରବାର ଚାଲୁ ରଖିବେ କି ନାହିଁ, ସେକଥା ଜାଣିବାକୁ ଇଚ୍ଛା କରୁଛନ୍ତି ।*

ସାଧୁଭାବରେ ବ୍ୟବସାୟ ଚଳାଇବା କ୍ରମେ ଅଧିକରୁ ଅଧିକ ଅନିଶ୍ଚୟତାପୂର୍ଣ୍ଣ ହୋଇ ପଡୁଛି ।

*'ଖ' ବୋଲି ଜଣେ ବ୍ୟକ୍ତି ଅଛନ୍ତି, ଯାହାଙ୍କୁ କମର୍ଟ୍ ବୋର୍ଡ଼ିଂରେ କାମ ଦିଆ ଯାଇଥିଲା । ମାତ୍ର, ଅସୁସ୍ଥତା ହେତୁ ତାଙ୍କୁ କାମଟିକୁ ବନ୍ଦ କରିଦେବାକୁ ହେଲା । ତାଙ୍କର ପାକସ୍ଥଳୀରେ ବହୁତ ଯନ୍ତ୍ରଣା ହେଉଛି, ଆଖିରେ ବି ଗ୍ଲାକୋମା ହୋଇଛି ।*

'oaob.nitrkl.ac.in' images reprocessed

*ସେ ଅତ୍ୟନ୍ତ ନୈରାଶ୍ୟଭାବ ନେଇ ଏଠାକୁ ଆସିଥିଲେ । ସେ କାମ କରୁଥିବା ସମୟରେ ଭଲ କାମ କରୁଛନ୍ତି, ମାତ୍ର ଅଧିକାଂଶ ସମୟରେ ଶଯ୍ୟାଶାୟିନୀ ହୋଇ ରହୁଛନ୍ତି । ବର୍ତ୍ତମାନ ସେ ମରିବାକୁ ଇଚ୍ଛା କରୁଛନ୍ତି ।*

ଯେଉଁ ବ୍ୟକ୍ତିମାନେ ଏଠାରେ ନିଜକୁ ଦୁଃଖୀ ବୋଲି ଅନୁଭବ କରୁଛନ୍ତି ଏବଂ ସେମାନେ ଚାହୁଁଥିବା ସୁଖସ୍ୱାଚ୍ଛନ୍ଦ୍ୟ ସେମାନଙ୍କର ନାହିଁ ବୋଲି ଉପଲବ୍ଧି କରୁଛନ୍ତି, ସେମାନଙ୍କର ଏଠାରେ ରହିବା ଉଚିତ ନୁହେଁ । ଆମେ ଯେତିକି କରୁଛୁ, ତା'ଠାରୁ ଅଧିକ କରିପାରିବାର ସାମର୍ଥ୍ୟ ଆମ ପାଖରେ ନାହିଁ; ଏବଂ, ସେକଥା ଯାହା ହୋଇଥାଉ ନା କାହିଁକି, ଏକ ସୁଖସ୍ୱାଚ୍ଛନ୍ଦ୍ୟମୟ ଜୀବନ ଯୋଗାଇ ଦେବା ଆମର ଲକ୍ଷ୍ୟ ନୁହେଁ, ସେମାନଙ୍କୁ ଏକ ଦିବ୍ୟ ଜୀବନ ନିମନ୍ତେ ପ୍ରସ୍ତୁତ କରିବା ହେଉଛି ଆମର ଲକ୍ଷ୍ୟ, ଏଇଟି ଏକାବେଳେକେ ଏକ ଭିନ୍ନ କଥା ।

*୧୯୬୪*

*ମାଆ,*

*ଅକ୍‌ଟୋବର ବା ନଭେମ୍ବର ମାସରେ ମୁଁ ଶୃଙ୍ଖଳା ଫଳ ଓ ପର୍ସିମନ୍‌ର ନିର୍ଦ୍ଦିଷ୍ଟ ପରିମାଣଟି ପାଉଥିଲି । ଦୟା କରି ଦେଖିବେ, ଯଦି କିଛି ସମ୍ଭବ ହୁଏ ।*

ଯାହା ପ୍ରକୃତରେ ଦରକାର, ତାହା ନିଶ୍ଚୟ ଆସିବ ।

ଅନେକ ଆଶୀର୍ବାଦ ।

*୧୯୬୪*

*ମାଆ,*

*କାମ ବିଷୟରେ କହିବାକୁ ଗଲେ, କେତେଜଣ ପ୍ରକୃତରେ ଇଚ୍ଛୁକ ବ୍ୟକ୍ତିଙ୍କୁ ପାଇଲେ ମୁଁ ଖୁସୀ ହେବି । ଅର୍ଥର ପ୍ରଶ୍ନଟି ଉଠିବା ମାତ୍ରକେ ମୁଁ ଭୟଭୀତ ହୋଇ ପଡୁଛି ଏବଂ, ଅଧିକ ଡାଲି, ତେଲ, ମସଲା ପ୍ରଭୃତି ଦେବାର ପଛରେ ସେହି କଥାଟିହିଁ ନିହିତ ହୋଇ ରହିଛି ।*

ଏହା ପ୍ରଧାନତଃ ଅର୍ଥର ଏକ ସମସ୍ୟା ନୁହେଁ; ବୋଧହୁଏ ଅଧିକ ପରିମାଣରେ ଉଚିତ ମାତ୍ରାରେ ସମସ୍ତଙ୍କୁ ଦେଇ ପାରିବାର ସମସ୍ୟା । (ଶସ୍ୟ ପ୍ରଭୃତିର ଅଭାବ)

ମାତ୍ର, ମୁଁ ପ୍ରସ୍ତାବ କରୁଛି ଯେ, ଯାହା ଠିକ୍ ଓ ନ୍ୟାୟସଙ୍ଗତ, ଆମେ ତାହାହିଁ

'oaob.nitrkl.ac.in' images reprocessed

people who feel miserable
here and find that
they have not the
comfort they require
ought not to stay.
We are not in
a position to do
more than we do,
and, after all,
our aim is not
to give to people a
comfortable life
but to prepare them
for a Divine Life
which is quite a
different affair –

'oaob.nitrkl.ac.in' images reprocessed

କରିବା ଏବଂ ଭବିଷ୍ୟତ୍ ବିଷୟରେ ବେଶୀ ଚିନ୍ତା କରିବା ନାହିଁ । ଭବିଷ୍ୟତକୁ ପ୍ରଭୁଙ୍କର କରୁଣା ଉପରେ ଛାଡ଼ି ଦେଇଥିବା ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୧୯୬୪*

*ମାଆ,*

*'କ' ଆଉ ଗୋଟିଏ ଚିଠି ଦେଇଛନ୍ତି ଓ କିଛି ପଇସା ଓ କାଠକୋଇଲା ମାଗି ପଠାଇଛନ୍ତି ।*

ଏକଥା କହିବା ଅନାବଶ୍ୟକ ଯେ, ମୋ'ର ଶକ୍ତି ଏବଂ ସହାୟତା ପ୍ରଗାଢ଼ ଭାବରେ ସେହି ସମସ୍ତଙ୍କ ସହିତ ରହିଛି, ଯେଉଁମାନେ ମୋ' ସହିତ ଏକାଠି ମିଶି ବର୍ତ୍ତମାନର ଏହି ଅବସ୍ଥାଟି ସହିତ ସଂଗ୍ରାମ କରୁଛନ୍ତି । ସେମାନେ ବିଶ୍ୱାସ ରଖନ୍ତୁ ଓ ସହିଷ୍ଣୁ ହୁଅନ୍ତୁ, ସେମାନଙ୍କଠାରୁ ମୁଁ କେବଳ ଏତିକି ଭିକ୍ଷା କରୁଛି ।

ପରମସତ୍ୟହିଁ ବିଜୟୀ ହେବ ।

ମହତ୍ ସାହସ (Bon Courage) ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୧୧ ଫେବ୍ରୁଆରି ୧୯୬୫*

*(୧୯୬୫ ମସିହା ଫେବ୍ରୁଆରି ମାସରେ ଆଶ୍ରମର ଅନେକ ଘର ଉପରେ ପଥର ମାଡ଼ ହେଲା, ସେଗୁଡ଼ିକୁ ଲୁଟି ନିଆଗଲା ଅଥବା ନିଆଁ ଲଗାଇ ଦିଆଗଲା । ପ୍ରତ୍ୟକ୍ଷତଃ ହିନ୍ଦୀ-ବିରୋଧୀ ପ୍ରତିବାଦର ଅଂଶରୂପେ ଏସବୁ ହୋଇଥିଲା । ଯେତେବେଳେ ଆଶ୍ରମର ମୁଖ୍ୟ ଅଙ୍ଗନଟିରେ ପଥର ଯାଇ ପଡ଼ିଲା, ଭିତରେ ଥିବା ଅନେକ ବ୍ୟକ୍ତି ଆକ୍ରମଣକାରୀମାନଙ୍କୁ ପ୍ରତିହତ କରିବାକୁ ବାହାରକୁ ଚାଲି ଯାଇଥିଲେ । ଏହି ଶିଷ୍ୟ ଅବଶ୍ୟ ହତାର ଭିତରେ ରହିଥିଲେ; କାରଣ ସେହି ଭୟପ୍ରଦର୍ଶନର ଶାରୀରିକ ସ୍ତରରେ ପ୍ରତିରୋଧ କରିବା ଲାଗି ସେ ନିଜ ଭିତରୁ କୌଣସି ପ୍ରେରଣା ପାଇ ନ ଥିଲେ । ଏକ ବିଦ୍ୟୁତ୍-ପ୍ରବାହ ପରି ବଳଯୁକ୍ତ ଶକ୍ତିଟିଏ ତାଙ୍କର ଶରୀର ମଧଦେଇ ପ୍ରବାହିତ ହେଉଥିଲା ଏବଂ ଭିତରେ ସେ ଶାନ୍ତ ହୋଇ ରହିଥିଲେ । ମାଆଙ୍କୁ ନିଜର ଏହି ଅଭିଜ୍ଞତାଟିର ବର୍ଣ୍ଣନା ଦେଇ ସେ ଶେଷରେ କହିଥିଲେ :)*

'oaob.nitrkl.ac.in' images reprocessed

*ମୁଁ ଅନୁଭବ କଲି ଯେ, ଯଦି ମୁଁ ବିଶ୍ୱାସଯୁକ୍ତ ଏବଂ ଶାନ୍ତ ହୋଇ ରହିପାରିବି ଏବଂ ଆପଣଙ୍କର ସହାୟତା ଲାଗି ଆବାହନ କରିବି, ତେବେ ବାହାରର ଆଦୌ କିଛି ହେଲେ ଆଶ୍ରମକୁ ସ୍ପର୍ଶ କରି ପାରିବ ନାହିଁ । ଏପରିକି ମୁଁ ସେହି ଅବସ୍ଥାରେ ଆଶ୍ରମର ଏଣେତେଣେ ବୁଲିବାରେ ଲାଗିଥିଲି । ରାତି ଏଗାରଟା ପର ପର୍ଯ୍ୟନ୍ତ ଏହିପରି ସ୍ଥିତି ରହିଥିଲା ।*

*ଆଗରୁ ମଧ୍ୟ ମୁଁ ଏଭଳି ଏକ ଅଭିଜ୍ଞତାର ସ୍ୱାଦ ଲାଭ କରିଥିଲି, ମାତ୍ର ତାହା ମାତ୍ର କେତେଟା କ୍ଷଣରୁ ଅଧିକ କାଳ ସ୍ଥାୟୀ ହୋଇ ରହି ନ ଥିଲା । ବର୍ତ୍ତମାନ ମୋର ସନ୍ଦେହ ଜାତ ହେଉଛି ଯେ ମୋ'ର ଭୟାଳୁତାକୁ ଢାଙ୍କି ରଖିବା ଲାଗି ଏହା ଏକ ବସ୍ତ୍ରାବରଣ ହୋଇ ଆଉ ରହି ନ ଥିଲା ତ ?*

ଏଭଳି ଏକ ଅଭିଜ୍ଞତାକୁ ତୁମେ କଦାପି ସନ୍ଦେହ କରିବ ନାହିଁ ।

ଠିକ୍ ଏହିଭଳି ଏକ ଅବସ୍ଥାରେ ପ୍ରତ୍ୟେକ ବ୍ୟକ୍ତିଙ୍କର ରହିବା ଉଚିତ ଥିଲା । ମୁଁ ଆଶ୍ରମ ଉପରକୁ ଯେଉଁ ଅବସ୍ଥାଟିକୁ ଅବତରଣ କରାଇ ଆଣିବାକୁ ଇଚ୍ଛା କରୁଥିଲି ଓ ଯଦି ସମସ୍ତେ ସେଥିରେ ଅଂଶ ଗ୍ରହଣ କରିଥାଆନ୍ତେ, ତେବେ ଆଦୌ କିଛି ଘଟିପାରି ନ ଥା'ନ୍ତା; ଏପରିକି ତୀବ୍ରତମ ଆକ୍ରମଣଗୁଡ଼ିକ ମଧ୍ୟ ବୃଥା ହୋଇ ଯାଇଥା'ନ୍ତା ।

ଅନେକ ଆଶୀର୍ବାଦ ।

*୧୮ ଫେବ୍ରୁଆରି ୧୯୬୫*

*ମାଆ,*

*ଆପଣ ଭାରତୀୟମାନଙ୍କ କବଳରୁ ଭାରତକୁ ରକ୍ଷା କରନ୍ତୁ ବୋଲି ମୁଁ ଆପଣଙ୍କୁ ପ୍ରାର୍ଥନା କରୁଛି ।*

ହଁ, ଏହା ବରଂ ଆବଶ୍ୟକ ବୋଲି ବୋଧ ହେଉଛି ।

ସ୍ନେହ ଓ ଅନେକ ଆଶୀର୍ବାଦ ।

*୨୫ ଫେବ୍ରୁଆରି ୧୯୬୫*

*ମାଆ,*

*ଭୋଜନକକ୍ଷର ପଶ୍ଚିମ ଦ୍ୱାର ବାଟେ ଭୃତ୍ୟମାନଙ୍କୁ କଞ୍ଚା ପରିବା ନେବା ପାଇଁ ଅନୁମତି ଦିଆଯିବ କି ନାହିଁ, ମୁଁ ତାହା ଜାଣିବାକୁ ଚାହୁଁଛି ।*

'oaob.nitrkl.ac.in' images reprocessed

ତୁମେ ଜାଣିଛ ଯେ ଭୃତ୍ୟମାନେ ଖାଦ୍ୟଦ୍ରବ୍ୟ କାରବାର କରିବା ବିଷୟରେ ମୁଁ ଆଦୌ ଉତ୍ସାହୀ ନୁହେଁ । ମାତ୍ର, ମନେ ହେଉଛି ଯେ ଅନେକ ବ୍ୟକ୍ତି ଏହାକୁ ପସନ୍ଦ କରୁଛନ୍ତି । ବୋଧହୁଏ ଆଳସ୍ୟ ହେତୁହିଁ ସେମାନେ ଏହା ଚାହୁଁଛନ୍ତି ।

*୨୬ ଫେବ୍ରୁଆରି ୧୯୬୫*

*ମାଆ,*

*''ପୁରୋଧା''ର ପରବର୍ତ୍ତୀ ସଂଖ୍ୟାରେ ମୁଁ ଆଶ୍ରମ ଉପରେ ହୋଇଥିବା ଆକ୍ରମଣ ବିଷୟରେ 'ଖ' ପ୍ରସ୍ତୁତ କରିଥିବା ଏକ ଟିପ୍ପଣୀ ପ୍ରକାଶ କରିବାକୁ ଯାଉଛି । ଏଥିରେ କେବଳ ଯାହାହିଁ ଘଟିଛି, ତାହାରି ବିବରଣୀ ଦିଆଯାଇଛି । କୌଣସି ପ୍ରକାରର ଭାବପ୍ରବଣତା ମିଶା ଯାଇ ନାହିଁ । ସବାଶେଷରେ ଆପଣଙ୍କର ବିବୃତିଟି ରହିବ ।*

ବୁଲେଟିନ୍‌ରେ ଏହି ବିବୃତିଟି ଯେପରି ଆକାରରେ ପ୍ରକାଶ ପାଇବ, ମୁଁ ତାହାର ଗୋଟିଏ ନକଲ ପଠାଇ ଦେଉଛି । ଏହାପରେ ଏ ବିଷୟରେ ଯିଏ ଯାହା କହିବେ ଓ ପ୍ରକାଶ କରିବେ, ସେଥିରେ ସେହି ବିବୃତିଟିହିଁ ରହିବ । ତୁମେ ଯେପରି ଦେଖିପାରିବ, ମୁଁ ଏଥିରେ କେବଳ ରଚନାତ୍ମକ ଅଂଶଟି ରଖିବାକୁ ଚାହୁଁଛି । ଅବଶିଷ୍ଟଟିର କାମ ସରିଯାଇଛି ଓ ତାହାର ଆଉ କୌଣସି ପ୍ରୟୋଜନ ନାହିଁ ।

*୯ ମାର୍ଚ୍ଚ ୧୯୬୫*

*(ଆଶ୍ରମ ଉପରେ ଆକ୍ରମଣ ବିଷୟରେ ମାଆଙ୍କର ବିବୃତି)*

### ଏକ ଘୋଷଣା

କେବଳ ଉପରିଭାଗରୁହିଁ ବସ୍ତୁଗୁଡ଼ିକୁ ଦେଖୁଥିବା କେତେକ ବ୍ୟକ୍ତି ହୁଏତ ପଚାରିବେ ଯେ, ଏହା କିପରି ସମ୍ଭବ ଯେ, ଏହି ସହରରେ ଆଶ୍ରମ ଏତେ ବର୍ଷଧରି ଅଛି ଅଥଚ, ସହରବାସୀ ଏହାକୁ ଭଲ ପାଉ ନାହାନ୍ତି ?

ଏହି ପ୍ରଶ୍ନର ସର୍ବପ୍ରଥମ ଓ ଅବିଳମ୍ବ ଉତ୍ତରଟି ହେଉଛି ଯେ, ଏହି ଅଧିବାସୀମାନଙ୍କ ମଧ୍ୟରେ ଯେଉଁମାନଙ୍କୁ ଏକ ଉଚ୍ଚତର ମାନର ସଂସ୍କୃତି, ବୁଦ୍ଧିମତ୍ତା, ସଦିଚ୍ଛା ଓ ଶିକ୍ଷା ମଧ୍ୟରେ ଅନ୍ତର୍ଭୁକ୍ତ କରାଯିବ, ସେମାନେ ଯେ ଆଶ୍ରମକୁ କେବଳ ସ୍ୱାଗତ ଜଣାଇଛନ୍ତି ତା'

'oaob.nitrkl.ac.in' images reprocessed

ନୁହେଁ, ମାତ୍ର ଆଶ୍ରମ ପ୍ରତି ନିଜର ସହାନୁଭୂତି, ଶ୍ରଦ୍ଧା ଏବଂ ଶୁଭେଚ୍ଛା ମଧ୍ୟ ପ୍ରକଟ କରିଛନ୍ତି । ପଣ୍ଡିଚେରୀରେ ଶ୍ରୀଅରବିନ୍ଦ ଆଶ୍ରମର ବହୁସଂଖ୍ୟକ ନିଷ୍ଠାଯୁକ୍ତ ଏବଂ ଅନୁଗତ ଅନୁଗାମୀ ଏବଂ ବନ୍ଧୁ ରହିଛନ୍ତି ।

ଏତିକି କହିବା ପରେ, ଆମର ସ୍ଥିତି ଅତ୍ୟନ୍ତ ସ୍ୱଷ୍ଟ ହୋଇଯାଉଛି ।

ଆମେ କୌଣସି ଧର୍ମବିଶ୍ୱାସ ବା ଧର୍ମ ବିରୋଧରେ ଯୁଦ୍ଧ କରୁ ନାହିଁ ।

ଆମେ କୌଣସି ପ୍ରକାରର ସରକାରଙ୍କ ବିରୋଧରେ ଯୁଦ୍ଧ କରୁ ନାହିଁ ।

ଆମେ ସମାଜର କୌଣସି ଶ୍ରେଣୀ ବିରୋଧରେ ଯୁଦ୍ଧ କରୁ ନାହିଁ ।

ଆମେ କୌଣସି ଜାତି କିଂବା ସଭ୍ୟତା ବିରୋଧରେ ଯୁଦ୍ଧ କରୁ ନାହିଁ ।

ଆମେ ବିଭାଜନ ସହିତ ଯୁଦ୍ଧ କରୁଛୁ, ଅଚେତନା, ଅଜ୍ଞାନ, ଜଡ଼ତା ଏବଂ ମିଥ୍ୟା ସହିତ ଯୁଦ୍ଧ କରୁଛୁ ।

ଆମେ ଏହି ପୃଥିବୀ ପୃଷ୍ଠରେ ଏକତା, ଜ୍ଞାନ, ଚେତନା ତଥା ପରମସତ୍ୟର ପ୍ରତିଷ୍ଠା ନିମନ୍ତେ ଉଦ୍ୟମ କରୁଛୁ; ଏବଂ, ଯାହାକିଛି ଆଲୋକ, ଶାନ୍ତି, ସତ୍ୟ ଏବଂ ପ୍ରେମର ଏହି ନୂତନ ସୃଷ୍ଟିଟିର ଆଗମନକୁ ବିରୋଧ କରୁଛି, ଆମେ ସେହି ସବୁକିଛି ସହିତ ଯୁଦ୍ଧ କରୁଛୁ ।

*୧୬ ଫେବ୍ରୁଆରି ୧୯୬୫*

*ମାଆ,*

*ମୁଁ ଶୁଣୁଛି ଯେ, ଆଶ୍ରମ ବିରୋଧରେ ସଂପ୍ରତି ଯେଉଁ ହିଂସାଚରଣ ହେଲା, ତାହା ମହାକାଳୀଙ୍କ କ୍ରୋଧର ପରିଣାମ ସ୍ୱରୂପ ଘଟିଲା । ଏବଂ, ଏଇଟି ଯେ ଶେଷ ଆକ୍ରମଣ ନୁହେଁ, ଆପଣ ଏପରି କହିଛନ୍ତି ବୋଲି ମଧ୍ୟ ଜନରବ ହେଉଛି । ମୁଁ ଏହାକୁ ପ୍ରତିକୂଳ ଶକ୍ତିମାନଙ୍କର ଏକ କାର୍ଯ୍ୟ ବୋଲି ଭାବିଥିଲି । ଯଦି ଏହା ପ୍ରକୃତରେ ମହାକାଳୀଙ୍କର କାର୍ଯ୍ୟ ହୋଇଥାଏ, ତେବେ ଏହାର ସ୍ୱାଗତ କରାଯିବା ଉଚିତ ହେବ କି ?*

ମୁଁ ଯାହା କିଛି କହେ, ଲୋକମାନେ ତାହାକୁ ସର୍ବଦା ବିକୃତ କରିଦିଅନ୍ତି । ସେମାନଙ୍କର କଥାକୁ ବରଂ ନ ଶୁଣିବାହିଁ ଭଲ । ମାତ୍ର ମୁଁ ସେହି ବିଷୟରେ କିଛି ଲେଖିଛି ଏବଂ ତାହାର ଏକ ନକଲ ତୁମ ପାଖକୁ ଶୀଘ୍ର ପଠାଇଦେବି ।

ବିନାଶ ଓ ଧ୍ୱଂସକୁ ସ୍ୱାଗତ କରିବାର ଆଦୌ କୌଣସି କାରଣ ନାହିଁ । ମାତ୍ର, ଏଥିରୁ ଯେଉଁ ଶିକ୍ଷାଟି ମିଳିବ, ଆମେ ସେଇଟିକୁ ଅବଶ୍ୟ ଗ୍ରହଣ କରିବା ।

*୯ ମାର୍ଚ୍ଚ ୧୯୬୫*

'oaob.nitrkl.ac.in' images reprocessed

*(କାଳୀଙ୍କର କ୍ରିୟା ବିଷୟରେ ମାଆଙ୍କ ବିବୃତି)*

ଯାବତୀୟ ଧ୍ୱଂସର ପଶ୍ଚାତ୍‌ରେ, ତାହା ଭୂମିକମ୍ପ, ଅଗ୍ନ୍ୟୁତ୍ପାତ, ବାତ୍ୟା, ବନ୍ୟା ଇତ୍ୟାଦି ପ୍ରାକୃତିକ ବିପର୍ଯ୍ୟୟର ବିପୁଳ ଧ୍ୱଂସଲୀଳାମାନ ହେଉ ଅଥବା ଯୁଦ୍ଧ, ବିପ୍ଳବ, ବିଦ୍ରୋହ ଆଦି ହିଂସାପ୍ରଣୋଦିତ ମନୁଷ୍ୟକୃତ ଧ୍ୱଂସମାନ ହେଉ, ମୁଁ କାଳୀଙ୍କର ଶକ୍ତିକୁହିଁ ରହିଥିବାର ଦେଖିଥାଏ, ଯିଏକି ରୂପାନ୍ତରର ଅଗ୍ରଗତିକୁ ତ୍ୱରାନ୍ୱିତ କରାଇବା ନିମନ୍ତେ ପୃଥ୍ୱୀପରିବେଶରେ କ୍ରିୟା କରୁଛନ୍ତି ।

ଯାହାକିଛି କେବଳ ମର୍ମତଃ ଦିବ୍ୟ ନୁହେଁ, ମାତ୍ର ଉପଲବ୍ଧିର କ୍ଷେତ୍ରରେ ମଧ୍ୟ ଦିବ୍ୟ ହୋଇରହିଛି, ସେସବୁ ସେଗୁଡ଼ିକର ପ୍ରକୃତିସିଦ୍ଧ ଭାବରେହିଁ ଏହିସବୁ ଧ୍ୱଂସର ଊର୍ଦ୍ଧ୍ୱରେ ରହିଥା'ନ୍ତି, ଧ୍ୱଂସଗୁଡ଼ିକ ଏମାନଙ୍କୁ ସ୍ପର୍ଶ ବି କରିପାରେ ନାହିଁ । ତେଣୁ, ଯେଉଁ ବିପର୍ଯ୍ୟୟ ଯେତେ ବ୍ୟାପକ ହୁଏ, ସେଥିରୁ କେବଳ ଅପୂର୍ଣ୍ଣତାର ମାତ୍ରାଟି ବିଷୟରେହିଁ ପ୍ରମାଣଟିଏ ମିଳିଯାଏ ।

ଏହିସବୁ ଧ୍ୱଂସର ଯେପରି କୌଣସି ପୁନରାବୃତ୍ତି ନ ହେବ, ତାହାକୁ ଅଟକାଇ ରଖିବାର ଯଥାର୍ଥ ମାର୍ଗଟି ହେଉଛି ଯେ ଆମେ ସେଗୁଡ଼ିକରୁ ସମୁଚିତ ଭାବରେ ଶିକ୍ଷା ଲାଭ କରିବା ଏବଂ ଆବଶ୍ୟକ ଅଗ୍ରଗତିଟିକୁ ସମ୍ଭବ କରିବା ।

*୧୦ ମାର୍ଚ୍ଚ ୧୯୬୫*

*ମାଆ,*

*ଆପଣ ପଠାଇଥିବା ବାର୍ତ୍ତାଟି ପାଇଁ ମୁଁ କୃତଜ୍ଞତା ପ୍ରକାଶ କରୁଛି । ଏଇଟି କେବଳ ମୋ'ରି ପାଇଁ ନା ଏହାକୁ ''ପୁରୋଧା''ରେ ମଧ୍ୟ ଦିଆଯାଇପାରିବ ? ମହାକାଳୀ ଯେଉଁ ଧ୍ୱଂସକୁ ବହନ କରି ଆଣନ୍ତି, ତାହା ଯେତେବେଳେ ଆପଣଙ୍କର କାର୍ଯ୍ୟକୁ ତ୍ୱରାନ୍ୱିତ କରିଦେବା ସକାଶେହିଁ ଉଦ୍ଦିଷ୍ଟ ହୋଇ ରହିଥାଏ, ସେତେବେଳେ ଆମେ କାଳୀ ହସ୍ତକ୍ଷେପ କରନ୍ତୁ ବୋଲି କାହିଁକି ପ୍ରାର୍ଥନା କରିବା ନାହିଁ, ମୁଁ ସେହି କଥାଟିକୁ ଜାଣିବାକୁ ଇଚ୍ଛା କରୁଛି । ମୁଁ ଦେଖୁଛି ଯେ, ଆପଣ ଯେତେବେଳେ ଗାଳି ଦିଅନ୍ତି, ସେତେବେଳେ ଆପଣ ପଛରେ ରହି ବଳ ଦେଉଛନ୍ତି ବୋଲି ସ୍ପଷ୍ଟ ଅନୁଭବ ହେଉଥାଏ, ଯେପରିକି ଆମେ କଦାପି ତଳେ ପଡ଼ିଯିବୁ ନାହିଁ । ଯଦି ମହକାଳୀଙ୍କଠାରୁ ଅଳ୍ପ କେତୋଟି ଚାପୁଡ଼ା ଖାଇଲେ ଆମେ ଆପଣଙ୍କର ପଥରେ ସିଧା ଯାଇପାରିବୁ, ତେବେ ତାଙ୍କୁ ସ୍ୱାଗତ ନ କରାଯିବ କାହିଁକି ?*

'oaob.nitrkl.ac.in' images reprocessed

ବାର୍ତ୍ତାଟି ବୁଲେଟିନ୍‌ରେ ବାହାରିବ । ତାହା ସେଇଥିରେହିଁ ପ୍ରକାଶ ପାଉ । ଏହାକୁ ଏକ ଆଂଶିକ ମାନସିକ ପ୍ରଣାଳୀରେ ବୁଝିବା ଭାରି ସହଜ ଲାଗିବ – ଏବଂ ତାହାର ପରିଣାମ ଅତ୍ୟନ୍ତ ଅନିଷ୍ଟକାରୀ ହେବ । କେବଳ ମହାକାଳୀ ଯେ ଏକମାତ୍ର ଶକ୍ତିରୂପେ ପୃଥିବୀରେ କାର୍ଯ୍ୟ କରୁଛନ୍ତି, ସେ କଥା ତ ନୁହେଁ । ପ୍ରେମ ବି ରହିଛି, କରୁଣା ବି ରହିଛି ।

ଅନେକ ଆଶୀର୍ବାଦ ।

*୧୬ ମାର୍ଚ୍ଚ ୧୯୬୫*

*ମାଆ,*

*ଆପଣଙ୍କୁ ବ୍ୟସ୍ତ କରି ଯେ କୌଣସି ଲାଭ ହେବ ନାହିଁ, ମୁଁ ସେକଥା ଜାଣେ, ମାତ୍ର ତଥାପି ମୁଁ ନିଜକୁ ଅଟକାଇ ପାରୁ ନାହିଁ । 'କ' ତାଙ୍କର ଜଣେ ଆତ୍ମୀୟଙ୍କୁ ଗୁପ୍ତ ଭାବରେ ଆଶ୍ରମ ଭିତରକୁ ଆଣିବା ପାଇଁ ଚେଷ୍ଟା କରୁଛନ୍ତି । ସିଏ ଆସିଲେ ଆଦୌ କୌଣସି କାର୍ଯ୍ୟକୁ ଆସିବେ ନାହିଁ । ତାଙ୍କୁ ବାତମାରେ, ଦେହରେ କେତେ କେତେ ରୋଗ ମଧ୍ୟ ରହିଛି । ତାଙ୍କୁ କିଛି କାମ ଯୋଗାଇ ଦେବାକୁ ମୋତେ କୁହାଯାଇଛି; ମାତ୍ର, ଭୋଜନକକ୍ଷରେ ନୁହେଁ, ସ୍କୁଲରେ ବି ନୁହେଁ; ଯେଉଁ କାର୍ଯ୍ୟ ଏତେଟିକିଏ କଷ୍ଟକର ଲାଗିବ, ସେସବୁ କୌଣସିଟି ନୁହେଁ ! ଏପରି ବି ହୋଇପାରେ ଯେ ଆପଣ ତାଙ୍କୁ ଜାଣି ମଧ୍ୟ ନ ଥିବେ ଏବଂ ସେ ଏଠାରେ "ମାଆଙ୍କର ଅନୁମତି" ପାଇଥିବାରୁ କେଡ଼େ ଖୁସୀରେ ଆସି ରହିଛନ୍ତି ।*

*ବାହାରୁ ଦେଖିବାକୁ ସମଗ୍ର ସ୍ଥିତିଟି ଅଧିକରୁ ଅଧିକ ନୈରାଶ୍ୟମୟ ହେବାରେ ଲାଗିଛି । ମାତ୍ର, ଆପଣ ତ ରହିଛନ୍ତି ଏବଂ ମୁଁ ଆଶା କରୁଛି ଯେ ଆପଣ ଯଥେଷ୍ଟ ଭାବରେ ଶକ୍ତିଶାଳୀ ହୋଇ ରହିଛନ୍ତି ।*

ମୁଁ ଶକ୍ତିଶାଳୀ କି ନୁହେଁ, ସେକଥା ମୁଁ ଜାଣେ ନାହିଁ (କାରଣ, ସେହି 'ମୁଁ' ଟା ପ୍ରକୃତରେ କେଉଁଠି ଅଛି, ସେଥିରେ କୌଣସି ନିଶ୍ଚୟତା ନାହିଁ), ମାତ୍ର ପ୍ରଭୁ ହେଉଛନ୍ତି ସର୍ବଶକ୍ତିମାନ୍ ସେଥିରେ ଆଦୌ କୌଣସି ସନ୍ଦେହ ନାହିଁ,– ଏବଂ ସିଏ ସ୍ୱୟଂ କଥାଟିକୁ ଦେଖୁଛନ୍ତି ଓ ବୁଝୁଛନ୍ତି ।

ସ୍ନେହ ।

*୨୦ ଏପ୍ରିଲ ୧୯୬୫*

'oaob.nitrkl.ac.in' images reprocessed

*(ଭୋଜନକକ୍ଷର ଖାଦ୍ୟ ପ୍ରସ୍ତୁତ କରାଯିବାରେ ମାଆ ନଡ଼ିଆତେଲ ବ୍ୟବହାର କରିବାର ସପକ୍ଷରେ ମତ ଦେଇଥିଲେ, ମାତ୍ର ଖାଦ୍ୟ ଖାଉଥିବା ଅଧିକାଂଶ ବ୍ୟକ୍ତି ଚୀନାବାଦାମ ତେଲକୁ ଅଧିକ ପସନ୍ଦ କଲେ । ଏହି ଶିଷ୍ୟ ମାଆଙ୍କୁ ସେକଥା ବୁଝାଇ ଦେଇଥିଲେ ଏବଂ, ଆଶ୍ରମରେ ଫଳୁଥିବା କିଛି ନଡ଼ିଆକୁ ବଜାରରେ ବିକି ସେହି ପଇସାରେ ଚୀନାବାଦାମ ତେଲ କିଣାଯାଇ ପାରିବ କି ନାହିଁ, ମାଆଙ୍କୁ ତା'ପରେ ପଚାରିଥିଲେ ।)*

ନଡ଼ିଆର ଏହି ବ୍ୟାପାରଟିକୁ ମୁଁ ଆଶ୍ରମର ଏକ ଅତ୍ୟନ୍ତ ଉଦ୍‌ଭଟ ବ୍ୟାପାର ବୋଲି କହିବି । ଏକଦା ମୁଁ ଏହି ନିର୍ବୋଧତାଟି ବିରୋଧରେ ପ୍ରତିବାଦ କରିବି ବୋଲି ମଧ୍ୟ ଅନୁଭବ କରୁଥିଲି । ବର୍ତ୍ତମାନ ମୁଁ ଟିକିଏ ହସିଦେଉଛି ଓ ସେମାନଙ୍କୁ ଯାହା ଭଲ ଲାଗୁଛି ତାହାହିଁ କରନ୍ତୁ ବୋଲି ଛାଡ଼ିଦେଉଛି । ତଥାପି ମୁଁ ଗୋଟିଏ କଥା ଉପରେ ଜୋର୍ କରି କହୁଛି, ତା' ହେଲା, ସମସ୍ତେ ପିଇବା ନିମନ୍ତେ ସେମାନଙ୍କୁ ପଇଡ଼ ମିଳିପାରିବ, କାରଣ ତାହା ସ୍ୱାସ୍ଥ୍ୟ ପକ୍ଷରେ ଅତ୍ୟନ୍ତ ଉପକାରୀ । ଅଧିକନ୍ତୁ, ପାକଳ ନଡ଼ିଆକୁ ବିକ୍ରୀ କରାଯିବ ଏବଂ ରନ୍ଧନଶାଳାରେ ବ୍ୟବହୃତ ହେବା ପାଇଁ ଚୀନାବାଦାମ ତେଲ କିଣାଯିବ ।

*୫ ଜୁନ୍ ୧୯୬୫*

*ମାଆ,*

*ଏଠାକୁ ଅନେକ ସମୟରେ ଆସୁଥିବା ଜଣେ ବନ୍ଧୁ ମୋତେ ଗୋଟିଏ ପ୍ରଶ୍ନ ପଚାରିଛନ୍ତି । ଉତ୍ତରଟିକୁ ଜାଣି ନ ଥିବାରୁ ମୁଁ ପ୍ରଶ୍ନଟି ଶୁଣି କେବଳ ହସିଦେଲି ଏବଂ ଏଡ଼ି ଦେବାକୁ ଚେଷ୍ଟା କଲି । ସେ କହୁଛନ୍ତି ଯେ ସେ ପୂର୍ବେ ଯେତେବେଳେ ଆସୁଥିଲେ, ସେତେବେଳେ ସେ ଏଠାରେ କୌଣସି ନା କୌଣସି ପ୍ରକାରର ସରଳତା ଏବଂ ମିତବ୍ୟୟିତା ଦେଖି ପାରୁଥିଲେ । ବର୍ତ୍ତମାନ, ଯେତେବେଳେ ଦେଶ ଏକ ଅଧିକ ଖରାପ ଅବସ୍ଥା ଦେଇ ଗତି କରୁଛି, ସେ ଏଠାରେ ବିପୁଳ ସମ୍ପନ୍ନତା ଓ ବିଭବ ଦେଖିବାକୁ ପାଉଛନ୍ତି । ଏଥିରୁ ସେ ସିଦ୍ଧାନ୍ତ କରି ନେଉଛନ୍ତି ଯେ, ମାଆ ଆଶ୍ରମ ଉପରେ ରହିଥିବା ଦାରିଦ୍ର୍ୟର ସମସ୍ତ ଶକ୍ତିକୁ ନେଇ ସେଗୁଡ଼ିକ ଉପରେ କ୍ରିୟା କରିଛନ୍ତି ଓ ଏଠାରୁ ବହିଷ୍କୃତ କରି ଦେଇଛନ୍ତି; ବର୍ତ୍ତମାନ କେବଳ ତାହାର ପରବର୍ତ୍ତୀ ପରିଣତିଗୁଡ଼ିକହିଁ ଦେଶରେ ଦୃଶ୍ୟମାନ୍ ହେଉଛି ଏବଂ ଅଚିରେ ଦେଶ ମଧ୍ୟ ସମୃଦ୍ଧିଶାଳୀ ହୋଇଯିବ ।*

'oaob.nitrkl.ac.in' images reprocessed

କୌଣସି କଥାକୁ, କୌଣସି କ୍ରିୟାକୁ ଏକ ଅତ୍ୟନ୍ତ ପ୍ରଶସ୍ତ ଭାବରେ ଏହିଭଳି କୁହାଯାଇ ପାରିବ ସତ, ମାତ୍ର ତାହାକୁ ଶବ୍ଦ ଦେଇ ପ୍ରକାଶ କରିବା କଷ୍ଟକର ହେବ ।

୧୩ ଜୁନ୍ ୧୯୬୫

*(ଶିଷ୍ୟଙ୍କ ପାଖକୁ ଲେଖା ଯାଇଥିବା ଏହି ପତ୍ରଟିକୁ ନିଷ୍ପତ୍ତି ନିମନ୍ତେ ମାଆଙ୍କ ପାଖକୁ ପଠା ଯାଇଥିଲା ।)*

*"ର, ନିମ୍ନଲିଖିତ କଥାଟି ପ୍ରତି ମୁଁ ତୁମର ଦୃଷ୍ଟି ଆକର୍ଷଣ କରି ପାରିବି କି ?— ଆମ ଗାଆଁରୁ ଜଣେ ଭଦ୍ରଲୋକ ଏଠାକୁ ଆସିଛନ୍ତି । ଏଠାରେ ରହିବାଲାଗି ସେ ଏକନିଷ୍ଠ ପ୍ରାର୍ଥନା କରୁଛନ୍ତି । ସେ ଯେକୌଣସି କାମ କରିବାଲାଗି ପ୍ରସ୍ତୁତ ଅଛନ୍ତି । ସେ ଟିକିଏ ଟିକିଏ ବଗିଚାକାମ ଜାଣିଛନ୍ତି ଓ ପରିଶ୍ରମୀ ବୋଲି ମନେ ହେଉଛନ୍ତି । କହୁଛନ୍ତି ଯେ ସେ ବୟସ୍କା ହୋଇଥିଲେ ମଧ କଠିନ ଶ୍ରମ କରିବାରେ ତାଙ୍କର ଅଭ୍ୟାସ ଅଛି । ତୁମେ ଆବଶ୍ୟକ ଯାହା କିଛି କରି ପାରିବ କି ? ଅନେକ ଧନ୍ୟବାଦ ।"*

*ପରମା ଜନନୀଙ୍କ ପାଖକୁ ପଠାଇ ଦିଆଯାଉଛି ।*

*ଏହି ଭଦ୍ରଲୋକ ସତୁରି ପାର ହୋଇଗଲେଣି । ଭାରି ବୁଢ଼ା ଦେଖା ଯାଉଛନ୍ତି । ଯଦି ମାଆ ତାଙ୍କୁ ରଖିବାକୁ ଇଚ୍ଛା କରିବେ, 'ଖ' ତାଙ୍କୁ ମାରେ ଆନେକ୍ସ୍ ଉଦ୍ୟାନରେ ଚେଷ୍ଟା କରି ଦେଖି ପାରିବେ ।*

*'ଗ' ତାଙ୍କୁ ରହିବା ସ୍ଥାନ ଯୋଗାଇଦେବେ ।*

ମୋ'ର ଦୃଷ୍ଟି **ନାହିଁ** ବୋଲି କହୁଛି ।

ମୋ'ର ଦୟା କହୁଛି : ତାଙ୍କୁ ଥରେ ପରୀକ୍ଷା କରି ଦେଖାଯାଉ ।

ମୋର ବିଚାରବୁଦ୍ଧି କହୁଛି ଯେ ଆମେ ସେହିପରି ଭାବରେ ଧରାହିଁ ପଡ଼ିଯିବା ।

ଅନେକ ଆଶୀର୍ବାଦ ।

୧୯ ଜୁନ୍ ୧୯୬୫

*(ଭୋଜନ କକ୍ଷର ଜଣେ କର୍ମୀଙ୍କର ଏହି ଚିଠିଟିକୁ ଶିଷ୍ୟଙ୍କ ମାଧମରେ ମାଆଙ୍କ ପାଖକୁ ପଠା ଯାଇଥିଲା ।)*

'oaob.nitrkl.ac.in' images reprocessed

*ଆଦରଣୀୟା ସ୍ନେହମୟୀ ମାଆ,*

*ଗତ ଛଅବର୍ଷ ହେଲା ମୁଁ ଆପଣଙ୍କର ଭୋଜନକକ୍ଷରେ କାର୍ଯ୍ୟ କରୁଛି । ଯେତେବେଳେ ମୋ'ର ସ୍ତ୍ରୀ ମରିଗଲେ, ମୁଁ ସେତେବେଳେ ଘର ଛାଡ଼ି ଆଶ୍ରମ ଆସିଥିଲି; ମୋ' ଶାଶୂଙ୍କର ତତ୍ତ୍ୱାବଧାନରେ ମୋ'ର ଦୁଇ ଝିଅ ଏବଂ ଗୋଟିଏ ପୁଅକୁ ଛାଡ଼ି ଆସିଥିଲି । ସେମାନଙ୍କର ବର୍ତ୍ତମାନ ବୟସ ହେଉଛି ୧୪ ଓ ୯ (ଝିଅ ଦୁହେଁ) ଏବଂ ୧୦ (ପୁଅ) । ମୋ' ଶାଶୂଙ୍କର ସେପରି କିଛି ଅସରନ୍ତି ସମ୍ବଳ ନାହିଁ ଏବଂ ତେଣୁ ସେ ବର୍ତ୍ତମାନ ପିଲାମାନଙ୍କୁ ପୋଷିବାକୁ ଅକ୍ଷମ ହୋଇ ପଡୁଛନ୍ତି । ଏହି ମାତୃହୀନ ପିଲାମାନଙ୍କୁ ଏଠାକୁ ଆଣି ଆପଣଙ୍କ ଯତ୍ନରେ ବଢ଼ିବା ଲାଗି ମୁଁ ପ୍ରାର୍ଥନା କରୁଛି । ଆପଣଙ୍କର ସଦୟ ନିର୍ଦ୍ଦେଶ ଏବଂ ଅନୁମତି ପାଇଁ ଅପେକ୍ଷା କରି ରହିଲି ।*

ଭାରି ଭଲ କଥା । ମୁଁ ସାରା ପୃଥିବୀକୁ ''ଆଶ୍ରୟ ଦେବାକୁ'', ଅଥବା ଅନ୍ତତଃ ଯେଉଁମାନେ ଏକ ଅଧିକ ଭଲ ଜୀବନ ଲାଗି ଆସ୍ପୃହା ରଖୁଛନ୍ତି, ସେମାନଙ୍କୁ ସମସ୍ତଙ୍କୁ ଆଶ୍ରୟ ଯୋଗାଇ ଦେବାକୁ ନିଶ୍ଚୟ ଇଚ୍ଛା କରିବି । ମାତ୍ର ଆମର ସ୍ଥାନର ଅଭାବ ରହିଛି, ସମ୍ବଳର ଅଭାବ ରହିଛି ।

ତୁମେ ତାଙ୍କୁ କହିଦେଇ ପାରିବ ଯେ ବର୍ତ୍ତମାନ ମୁଁ 'କ'ଙ୍କୁ (ଯିଏ ବ୍ଲାନ୍‌ସିସେରିରେ କାମ କରୁଛନ୍ତି)* ମଧ ତାଙ୍କର ପତ୍ନୀ ଓ କନ୍ୟାଙ୍କୁ ଆଣିବା ବିଷୟରେ ଅନୁମତି ଦେବାକୁ ମନା କରିଛି । ...

ଏହା ସମ୍ପୂର୍ଣ୍ଣ ମନା କରିଦେବା ନୁହେଁ, କେବଳ ''ଅପେକ୍ଷା କର'' ବୋଲି କହିବା ।

ସହରଟି ଆହୁରି ବଢୁ, ସମ୍ବଳରେ ମଧ ବୃଦ୍ଧି ହେଉ ଏବଂ ତେବେ ଆମର ଆତିଥ୍ୟ ମଧ ବୃଦ୍ଧି ଲାଭ କରିପାରିବ ।

ଅନେକ ଆଶୀର୍ବାଦ ।

*୨୦ ଜୁନ୍ ୧୯୬୫*

*ମାଆ,*

*ଯେଉଁମାନେ ଘରେ ରାନ୍ଧି ଖାଉଛନ୍ତି, ଆମେ ଦେଉଥିବା ନଡ଼ିଆତେଲ ସେମାନଙ୍କୁ ସୁଆଦ ଲାଗୁ ନାହିଁ । ସେମାନେ ତା' ପରିବର୍ତ୍ତେ ଚୀନାବାଦାମ ତେଲ ଚାହୁଁଛନ୍ତି ।*

---

* ବସ୍ତ୍ର ଧାବନ ବିଭାଗ ।

'oaob.nitrkl.ac.in' images reprocessed

ସେମାନଙ୍କୁ ନଡ଼ିଆ ତେଲ ଦିଆଯାଇଛି, ତେଣୁ ସେମାନେ ଚୀନାବାଦାମ ତେଲ ଚାହୁଁଛନ୍ତି । ମାତ୍ର, ନଡ଼ିଆ ତେଲକୁହିଁ ସବୁଠାରେ (ଏପରିକି ଇଉରୋପରେ ମଧ୍ୟ) ଏକ ଉଚ୍ଚତର ଗୁଣର ତେଲ ବୋଲି ବିଚାର କରାଯାଏ ଏବଂ ହଜମ କରିବା ପାଇଁ ମଧ୍ୟ ଅଧିକ ସହଜ ହୋଇଥାଏ ।

ସେକଥା ଯାହା ହେଉ ପଛକେ, ଏସବୁ ଭାରି ସାନ ସାନ କଥା ଏବଂ ସେମାନଙ୍କର ଇଚ୍ଛା ମୁତାବକ ଏଥିରେ ଅନୁରୂପ ଅଦଳବଦଳ କରାଯାଇ ପାରିବ ।

*୨୪ ଜୁନ୍ ୧୯୬୫*

*ମାଆ,*

*କେବଳ ଆପଣଙ୍କୁ ଜଣାଇ ଦେବା ପାଇଁ କୌଣସି ଉତ୍ତର ଦେବା ଆବଶ୍ୟକ ନାହିଁ ।*

*କେତେ ମାସ ତଳେ 'ଖ' ଆମ ଭାତରନ୍ଧା ପାଇଁ ଗୋଟିଏ ଷ୍ଟେନ୍‌ଲେସ୍ ଷ୍ଟୀଲ୍‌ର କୁକର ତିଆରି କରି ଦେଇଥିଲେ । ଏଇଟିକୁ ନେଇ ଆମେ ଅନେକ ପ୍ରୟୋଗ କରିଥିଲୁ ।*

*ପ୍ରୟୋଗଟି ସଫଳ ହେଲାପରେ ସେ ଆଉଗୋଟିଏ ଆଣିଦେଲେ । ଜୁଲାଇ ମାସରେ ଆଉକେତୋଟି ଦେବେ । ସେ କହୁଛନ୍ତି ଯେ ଜୁଲାଇ ଶେଷ ସୁଦ୍ଧା ଆମେ ଆମର ସବୁଯାକ ଅନ୍ନକୁ ବାମ୍ଫରେ ରାନ୍ଧି ପାରିବା ।*

*ମାତ୍ର ଆଜି ଆଉ ଅଧିକ କେତୋଟି ଆଲୁମିନିଅମ୍ ରନ୍ଧାବାସନ ସକାଶେ 'ଗ' ବରାଦ ଦେଇଛନ୍ତି । ଏହା ଫଳରେ ଆମେ ୧୯୬୮ ଫେବ୍ରୁଆରି ବେଳକୁ ଆଶା କରା ଯାଉଥିବା ପାଞ୍ଚହଜାର ମଣିଷଙ୍କ ପାଇଁ ରାନ୍ଧିଦେବା ନିମନ୍ତେ ଯଥେଷ୍ଟ ପାତ୍ର ପାଇପାରିବୁ ।*

*ସାଧାରଣତଃ ଏହିସବୁ ଛୋଟ ଛୋଟ କଥାକୁ ମୁଁ ଆପଣଙ୍କୁ ଆଦୌ ଜଣାଇ ନ ଥା'ନ୍ତି । ମାତ୍ର, ତଥାପି ଆପଣ ଏସବୁ ଜାଣିଥିବା ଅଧିକ ଭଲ, ଯେପରିକି ଅତିରିକ୍ତ ଭାବରେ ଏକା ଜିନିଷ କିଣା ହେବାକୁ ଏଡ଼ାଇ ଦିଆଯାଇ ପାରିବ ଏବଂ ସେଥିରେ ଆପଣଙ୍କୁ ଉଭୟ ପଟେ ପଇସା ଖର୍ଚ୍ଚ କରିବାକୁ ନ ପଡ଼ିବ ।*

ତୁମେ ଏକ ଉତ୍ତର ପାଇବ ବୋଲି ଇଚ୍ଛା କରି ନାହଁ ସତ, ମାତ୍ର ମୁଁ ତୁମକୁ ତଥାପି କହିବି ଯେ, 'ଖ'ଙ୍କ ପାଖରୁ ମଗା ଯାଇଥିବା ପାତ୍ରଗୁଡ଼ିକ ପାଇଁ ମୁଁ ସମ୍ମତି ଦେଇଛି । ମାତ୍ର, ଆଲୁମିନିଅମ୍ ବାସନଗୁଡ଼ିକ ବିଷୟରେ ମୋତେ କିଛି କୁହାଯାଇ ନ ଥିଲା ଏବଂ ଏହାକୁ ମୁଁ ଅନୁମୋଦନ ବି କରୁ ନାହିଁ । କାରଣ, ଆଲୁମିନିଅମ୍ ରାନ୍ଧିବାଲାଗି ସ୍ୱାସ୍ଥ୍ୟକର ନୁହେଁ ।

'oaob.nitrkl.ac.in' images reprocessed

ମୁଁ ମୋ' ନିଜ ଅଭିଜ୍ଞତା କଥା କହୁଛି ।

ଅନେକ ଆଶୀର୍ବାଦ ।

୨୬ ଜୁନ୍ ୧୯୬୫

*ମାଆ,*

*ଆପଣଙ୍କୁ ବାରବାର ବ୍ୟସ୍ତ କରିବାକୁ ମୁଁ ଅତ୍ୟନ୍ତ ଅପ୍ରୀତିକର ବୋଲି ଠିକ୍ ଜାଣୁଛି, ମାତ୍ର ତଥାପି ଆଉଥରେ ଲେଖିବାକୁ ବାଧ ହେଉଛି । ଆଲୁମିନିଅମ୍ ପାତ୍ରଗୁଡ଼ିକ କେବଳ ଭାତ ରାନ୍ଧିବା ପାଇଁ । ମୁଁ ଭାବିଥିଲି, ଯେଉଁସବୁ ଦ୍ରବ୍ୟରେ ଲୁଣ କିଂବା ଅମ୍ଳ ଅଂଶ ନ ଥିବ, ସେହି ଦ୍ରବ୍ୟଗୁଡ଼ିକ ପାଇଁ ଏସବୁ ପାତ୍ର ଅତ୍ୟନ୍ତ ନିରାପଦ । ମାତ୍ର, ଏଥିରେ ଯଦି ଆପଣଙ୍କର ଅନୁମୋଦନ ନ ଥାଏ, ତେବେ ଆମେ ସେଗୁଡ଼ିକ ଲାଗି ଦିଆ ଯାଇଥିବା ବରାଦଟିକୁ ପ୍ରତ୍ୟାହାର କରି ଆଣିବା ।*

*ପ୍ରସଙ୍ଗ କ୍ରମେ ମୁଁ ଆପଣଙ୍କୁ ଜଣାଇବି ଯେ, ଯେତେବେଳେ ଆମର ଫରାସୀ ଏନାମେଲ୍ ବେସିନ୍‌ଗୁଡ଼ିକୁ ପରିତ୍ୟାଗ କରାଗଲା, ସେତେବେଳେ ଦହି ପାଇଁ ଆମେ କେତେକ ଭାରତୀୟ ବେସିନ୍ ମଗାଇଥିଲୁ; ମାତ୍ର ସେଗୁଡ଼ିକର ଏନାମେଲ୍ ଏତେ ଖରାପ ଥିଲା ଯେ, ସେଗୁଡ଼ିକର ଦୁଇଟା ଦିନରେ ଗନ୍ଧ ବାହାରିଲା ଏବଂ ରଙ୍ଗ ବି ଛାଡ଼ି ଛାଡ଼ି ଗଲା । ଆଉ ଅଧିକ ଭଲ କିଛି ନ ମିଳିବାରୁ ଆମେ ଦହି ପାଇଁ ଆଲୁମିନିଅମ୍ ବେସିନ୍ ବ୍ୟବହାର କରିବାକୁ ବାଧ ହେଲୁ । ବର୍ତ୍ତମାନ ସେଇଥିରେ କାମ ଚାଲିଛି । ଗାଆଁମାନଙ୍କରେ ମାଟି ପାତ୍ର ବ୍ୟବହାର କରନ୍ତି, ମାତ୍ର ଏଠାରେ ସେଗୁଡ଼ିକୁ ଆଣିଲେ ବହୁତ ସମସ୍ୟା ମଧ ଆସିବ । ଆପଣ ଇଚ୍ଛା କଲେ ଆମେ ଅଧିକ ଭଲ ଏନାମେଲ୍ ପାଇଁ ପୁନର୍ବାର ଚେଷ୍ଟା କରିପାରିବା ।*

ଆଲୁମିନିଅମ୍ ସମ୍ବନ୍ଧରେ ମୋ'ର ଏହି ଆପତ୍ତି ରହିଛି ଯେ, ତାହା ଖାଦ୍ୟଦ୍ରବ୍ୟକୁ କଳା କରିଦିଏ ଏବଂ ତା'ର ସ୍ୱାଦ ଖରାପ ଲାଗେ । ଯଦି ଭାତ ବେଳକୁ ସେପରି କିଛି ନ ହେଉଥିବ, ତେବେ ତାହାକୁ ବ୍ୟବହାର କଲେ ଠିକ୍ ଅଛି ।

ଦହି ପାଇଁ ଏହା କଦାପି ବ୍ୟବହୃତ ହେବ ନାହିଁ । ମାଟି ପାତ୍ର ହେଲେ ଅନେକ ଭଲ ହେବ । ଯଦି ସେଗୁଡ଼ିକ ଭଲ ଭାବରେ ଚିକ୍କଣ ହୋଇଥିବ, ତେବେ ତାହାହିଁ ସର୍ବୋତ୍କୃଷ୍ଟ ହେବ ।

ଅନେକ ଆଶୀର୍ବାଦ ।

୨୭ ଜୁନ୍ ୧୯୬୫

'oaob.nitrkl.ac.in' images reprocessed

*(ଏହି ଶିଷ୍ୟଙ୍କୁ କେହି ଆସି କହିଥିଲେ ଯେ ସେ କୌଣସି ଗୋଟିଏ ଅପ୍ରୀତିକର କାର୍ଯ୍ୟ କରନ୍ତୁ ବୋଲି ମାଆ ଇଚ୍ଛା କରୁଛନ୍ତି । ସେଇଟିକୁ କରିବା ନିମନ୍ତେ ସେ ଯଦିଓ ରାଜୀ ଥିଲେ, ମାତ୍ର ଏପରି ଏକ ଅନୁରୋଧରେ ସେ ଭାରି ଆଶ୍ଚର୍ଯ୍ୟ ହୋଇଥିଲେ ଓ ମାଆଙ୍କ ପାଖକୁ ଲେଖିଥିଲେ । ତାଙ୍କ ଚିଠିର ଶେଷରେ ଥିଲା :)*

*ମୁଁ ଆଶା କରୁଛି, ଆପଣଙ୍କ ସହିତ ମୋ'ର ସମ୍ପର୍କ ଆଦୌ ଏପରି ନୁହେଁ ଯେ, ମୁଁ ଏଇଟା ଅଥବା ସେଇଟାକୁ କରିବି କି ନାହିଁ, ଆପଣଙ୍କୁ ସେକଥା ମୋତେ ପଚାରିବାକୁ ପଡ଼ିବ । ପ୍ରୀତିକର ହେଉ ବା ଅପ୍ରୀତିକର ହେଉ, କୌଣସି କାର୍ଯ୍ୟଟିଏ କରିବାଲାଗି ମୋତେ କହିବା ପୂର୍ବରୁ ଆପଣଙ୍କୁ ଆଦୌ କୁଣ୍ଠିତ ହେବାକୁ ପଡ଼ିବ ନାହିଁ ବୋଲି ମୁଁ ଆଶା କରୁଛି ।*

ନା,– ଯେତେବେଳେ ତୁମଠାରେ ମୋ'ର କୌଣସି କାମ ଥାଏ, ସେତେବେଳେ ତୁମକୁ ମୁଁ ସିଧା କହିଦିଏ । ଆଉ କାହାରି ମାଧ୍ୟମରେ କହେ ନାହିଁ, ତୁମକୁ ତଦ୍ଦ୍ୱାରା ଭଲ ଲାଗିବ କି ନାହିଁ ବୋଲି ମଧ୍ୟ ଚିନ୍ତା କରେ ନାହିଁ । କାରଣ ଯେତେବେଳେ ମୁଁ ତୁମକୁ କୌଣସି କାମ ଦିଏ, ସେତେବେଳେ ତାହା ଯେ ତୁମକୁ **ଅବଶ୍ୟ ଭଲ ଲାଗିବ**, ସେ ବିଷୟରେ ମୁଁ ନିଶ୍ଚିତ ହୋଇ ରହିଥାଏ ।

ସସ୍ନେହ ।

*୨୭ ଜୁଲାଇ ୧୯୬୫*

*ମାଆ,*

*'କ' ପ୍ରତ୍ୟହ ମୋତେ ତାଙ୍କ ଦୁଃଖର କାହାଣୀ କହୁଛନ୍ତି । ଏଥିରେ ମୋ'ର ମତ ହେଉଛି ଯେ, ଆପଣଙ୍କଠାରୁ ଯାହାକିଛି ଆସିବ, ଆଦୌ କୌଣସି ଦ୍ୱିତୀୟ ଭାବନାକୁ ସ୍ଥାନ ନ ଦେଇ ଜଣେ ତାହାକୁ ଗ୍ରହଣ କରିନେବ । ଏହା ଯେ ମୋତେ ସହଜ ନୁହେଁ, ମୋତେ ସେକଥା ଜଣାଅଛି; ସେପରି ସ୍ଥଳେ ବରଂ ଆପଣଙ୍କ ସମ୍ମୁଖରେ ନେଇ ସବୁକଥା ରଖିଦେବା ବା ଏପରିକି ଆପଣଙ୍କ ସହିତ କଳହ କରିବା ମଧ୍ୟ ଉଚିତ ହୋଇପାରେ; ଏବଂ ତଦ୍ଦ୍ୱାରା ବିଷୟଟି ନିଶ୍ଚୟ ପରିଷ୍କାର ହୋଇଯିବ । ସର୍ବୋପରି, ଆଉ ଅନ୍ୟ କିଏ ଆମର ଅସୁବିଧାଗୁଡ଼ିକରେ ଆମକୁ ସାହାଯ୍ୟ କରିପାରିବ ? ତାଙ୍କୁ ଏହି କଥାଟି ଭଲ ଲାଗୁ ନାହିଁ । ମୁଁ ତାଙ୍କୁ ଏପରି ସ୍ଥିତିରେ କିପରି ସାହାଯ୍ୟ କରିପାରିବି କେଜାଣି ? ଏ ବିଷୟରେ ସେ କାହିଁକି*

'oaob.nitrkl.ac.in' images reprocessed

*ଏପରି ଅନମନୀୟ ହେଉଛନ୍ତି ଏବଂ କାହିଁକି ସର୍ବଦା ନାନା ଅସୁବିଧାର ଏକ ସମୁଦ୍ର ଭିତରେ ଯାଇ ଘାଣ୍ଟି ହେଉଛନ୍ତି, ଆପଣ ମୋତେ କହି ପାରିବେ କି ?*

ଆହୁରି ଥରେ କହିଲେ, ମନୁଷ୍ୟର ମନ ଭିତରେ ବିଶ୍ୱାସର ଯେଉଁ ଅଭାବ ରହିଥାଏ, ତାହାହିଁ ଯାବତୀୟ ଜଟିଳତା ଏବଂ ଯନ୍ତ୍ରଣାକୁ ବହନ କରିଆଣେ ଅଥଚ, ଦିବ୍ୟ ପରମ ନିର୍ଦ୍ଦେଶନା ଉପରେ ଏକ ସ୍ଥିର ବିଶ୍ୱାସ ରହିଥିଲେ ସବୁକିଛି ଅତ୍ୟନ୍ତ ସରଳ ତଥା ସହଜ ହୋଇଯାଇ ପାରୁଥା'ନ୍ତା ।

ଏହି ବିଶ୍ୱାସ ଏବଂ ପ୍ରତ୍ୟୟଟିର ଅଭିବୃଦ୍ଧି ନିମନ୍ତେହିଁ ମୁଁ ଗତ ବହୁବର୍ଷ ଧରି କାର୍ଯ୍ୟ କରୁଛି ! ଏଥିରେ ଯେ ଅତ୍ୟନ୍ତ ଅନମନୀୟ ଭାବରେ ବହୁ ପ୍ରତିରୋଧର ସମ୍ମୁଖୀନ ହେବାକୁ ପଡୁଛି, ସେଥିରେ କୌଣସି ସନ୍ଦେହ ନାହିଁ ।

ଅନେକ ଆଶୀର୍ବାଦ ।

*୧୧ ଅଗଷ୍ଟ ୧୯୬୫*

*ମା'ଆ,*

*ଆମ ଭୋଜନକକ୍ଷର ଖାଦ୍ୟକୁ ସେମାନେ ହଜମ କରି ପାରୁ ନାହାନ୍ତି ବୋଲି ଲୋକେ କହିଲାବେଳେ ମୁଁ ଆଗେ ହସି ଉଡ଼ାଇ ଦେଉଥିଲି । ବଡ଼ ବିଚିତ୍ର କଥା ଯେ, ପରିବର୍ତ୍ତିତ ଖାଦ୍ୟବ୍ୟବସ୍ଥାରେ ମୁଁ ମଧ୍ୟ କେତେକ ଅସୁବିଧାର ସମ୍ମୁଖୀନ ହେଉଛି । ମୋ'ର ଶରୀର ଯେପରି ଏହିସବୁ ପରିବର୍ତ୍ତନଲାଗି ନିଜକୁ ଅନୁକୂଳିତ କରିପାରିବ, ମୁଁ ସେଥିଲାଗି ଆପଣଙ୍କୁ ପ୍ରାର୍ଥନା କରୁଛି ।*

ଏହା ଶାରୀରିକ ଅପେକ୍ଷା ଅଧିକ ପରିମାଣରେ ମାନସିକ ।

*ପାଉଁରୁଟି ଅଥବା ବସ୍ତ୍ର ଧାବନ ବିଭାଗରେ ଯେତେବେଳେ କିଛି ସମସ୍ୟା ଦେଖା ଦେଉଛି, ସେତେବେଳେ ତାହା ମୋ' ଆଗରେ ଉପସ୍ଥାପିତ କରାଯାଉଛି । ମୁଁ ଏକ କୌଶଳ ବାହାର କରିଛି : ସଙ୍ଗେ ସଙ୍ଗେ କୌଣସି ନିଷ୍ପତ୍ତି ନ କରି ମୁଁ ବିଷୟଟିକୁ ଗଡ଼ାଇ ଦେଉଛି ଏବଂ ଅନ୍ତର୍ଗତ ଭାବରେ ତାହାକୁ ଆପଣଙ୍କ ହାତରେ ଛାଡ଼ି ଦେଉଛି । ଅତ୍ୟନ୍ତ ସ୍ୱୟଂକ୍ରିୟ ଭାବରେ ଏକ ସମାଧାନ ଆସି ପହଞ୍ଚି ଯାଉଛି ଏବଂ ତାହାର ଶ୍ରେୟଃ ମୋତେ ମିଳୁଛି ।*

'oaob.nitrkl.ac.in' images reprocessed

ବସ୍ତୁତଃ ଏହାହିଁ ଯଥାର୍ଥ ମାର୍ଗ ଓ ସକଳ କ୍ଷେତ୍ରରେ ଏଇଟିର ପ୍ରୟୋଗ ହେବା ଉଚିତ ।

*ମାତ୍ର, ରନ୍ଧନଶାଳା ବିଷୟରେ ମୁଁ ସେହି କଥାଟିକୁ କରି ପାରୁ ନାହିଁ ଏବଂ ବରଂ ବିଷୟଟିକୁ ଏଡ଼ି ଦେବାକୁ ଅଧିକ ଭଲ ମନେ କରୁଛି ।*

କାରଣ, ରନ୍ଧନଶାଳାର ବ୍ୟାପାରରେ ଏବେ ମଧ୍ୟ ଅତିବେଶୀ ଅହଂ ମିଶ୍ରିତ ହୋଇ ରହିଛି ।

*ଆପଣ ନିଜ କାର୍ଯ୍ୟରେ ମୋତେ ଅଧିକରୁ ଅଧିକ ଉପଯୋଗୀ କରାଇ ନିଅନ୍ତୁ ବୋଲି ମୁଁ ଆପଣଙ୍କୁ ସର୍ବଦା କହିଆସିଛି । ଗତ କେତେ ଦିନ ହେଲା ଏପରି ଏକ ଧାରଣା ମୋ' ଭିତରକୁ ଆସୁଛି ଯେ, ଏଇଟି ମଧ୍ୟ ଏକ ମହତ୍ତ୍ୱାକାଙ୍କ୍ଷାର ଦୃଷ୍ଟାନ୍ତ ଓ ଏକ ବ୍ୟକ୍ତିଗତ ଦାବି ଏବଂ ଯେକୌଣସି ଅନ୍ୟ ଦାବିପରି ତାହାକୁ ଏଡ଼ି ରହିବାକୁ ପଡ଼ିବ । ଅର୍ଥାତ୍, ଆପଣ ମୋତେ ଅଧିକ ଉପଯୋଗୀ କରାଇବେ ଅଥବା ଆଉ କ'ଣ କରିବେ, ସେକଥା ଆପଣଙ୍କ ଉପରେ ଛାଡ଼ି ଦିଆଯିବ... ଉପରକୁ ତ ଏହା ବେଶ୍ ଭଲ ଶୁଭୁଛି, ମାତ୍ର, ମୋ'ର ଭୟ ହେଉଛି ଯେ, ମୋ' କ୍ଷେତ୍ରରେ ପର୍ଦ୍ଦା ଅନ୍ତରାଳରେ ରହିଥିବା ତମସ୍ ଏହି ଦାବିଟିକୁ କରୁଛି ବା ଜଡ଼ତା ଅଥବା ନୈରାଶ୍ୟ ତାହା କରୁଛି – ଏହା ଯେ ଏକ ସଂକ୍ରାମଣ ପରି ବାହାରୁ ମୋ' ଭିତରକୁ ଆସୁଛି, ମୁଁ ତାହା ପରିଷ୍କାର ଭାବରେ ଦେଖିପାରୁଛି ।*

ଅଭୀପ୍ସା **ସର୍ବଦାହିଁ** ଉତ୍ତମ, ଏବଂ ଯଦି ଏଥିରେ କିଛି ଦାବି ବିମିଶ୍ରିତ ହୋଇ ରହିଥାଏ, ତେବେ ତୁମେ ନିଶ୍ଚିତ ରହିପାର ଯେ, ତାହାର କଦାପି ପରିପୂରଣ ହେବ ନାହିଁ ।

*ମୁଁ ଆଶା କରୁଛି ଯେ, କାଶ୍ମୀରରେ ଯେଉଁ ସମସ୍ୟା ଦେଖାଦେଇଛି, ତାହା ଭାରତ ଓ ପାକିସ୍ତାନ ମଧ୍ୟରେ ଏକତା ସ୍ଥାପନ କରିବା ଦିଗରେ ପ୍ରଥମ ପଦକ୍ଷେପ ରୂପେ କାର୍ଯ୍ୟ କରିବ ।**

ସର୍ବୋଚ୍ଚ ଦିବ୍ୟ ପ୍ରଜ୍ଞା ତାହାର ନିଷ୍ପତ୍ତି କରୁଛି ।

---

* ୧୯୬୫ ମସିହା ସେପ୍‌ଟେମ୍ବର ପହିଲାରେ ପାକିସ୍ତାନ ଭାରତ ଆକ୍ରମଣ କଲା ଏବଂ ଜମ୍ମୁ-କାଶ୍ମୀରର ପଶ୍ଚିମ ସୀମାରେଖାକୁ ଲଂଘନ କରିଥିଲା । ତିନି ସପ୍ତାହ ପରେ ସେପ୍‌ଟେମ୍ବର ୨୨ ତାରିଖରେ ଏକ ଯୁଦ୍ଧ-ବନ୍ଦ ଚୁକ୍ତି ଦ୍ୱାରା ସେହି ଦ୍ୱନ୍ଦ୍ୱର ସମାପ୍ତି ଘଟିଲା ।

'oaob.nitrkl.ac.in' images reprocessed

ଗୋଟିଏ ବିଷୟରେ ଆମର ପୂର୍ଣ୍ଣ ପ୍ରତ୍ୟୟ ରହିବା ଉଚିତ – ଯାହାକିଛି ଘଟୁଛି, ତାହାହିଁ ଅବଶ୍ୟ ଘଟିବ ବୋଲି ଉଦ୍ଦିଷ୍ଟ ହୋଇ ରହିଥିବାରୁହିଁ ଘଟୁଛି, ଯେପରିକି ତାହା ଆମକୁ ଏବଂ ପୃଥିବୀକୁ ଯଥାସମ୍ଭବ ଅଧିକ ଶୀଘ୍ର ଲକ୍ଷ୍ୟଟି ଆଡ଼କୁ ପରିଚାଳିତ କରି ନେଇଯିବ – ସେହି ଲକ୍ଷ୍ୟଟି ହେଲା, ଦିବ୍ୟ ପରମସତ୍ତାଙ୍କ ସହିତ ମିଳନ ଏବଂ ସର୍ବଶେଷରେ ଦିବ୍ୟ ପରମସତ୍ତାଙ୍କର ପରିପ୍ରକାଶ ।

ଏବଂ ବିଶ୍ୱାସଟି – ନିଷ୍ଠାଯୁକ୍ତ ତଥା ସତତ ବିଶ୍ୱାସଟି ଆମକୁ ଯୁଗପଦ୍ ଭାବରେ ସାହାଯ୍ୟ କରିବ, ଆମକୁ ସୁରକ୍ଷା ବି ଯୋଗାଇଦେବ ।

ସ୍ନେହ ।

*୨ ସେପ୍ଟେମ୍ବର ୧୯୬୫*

*ମାଆ,*

*'ଖ' ପଞ୍ଜାବ ଯାଉଛନ୍ତି । ସେ ମୋ' ପାଖକୁ ମାନ୍ଦ୍ରାଜରୁ ଗୋଟିଏ ତାରବାର୍ତ୍ତା ପଠାଇଛନ୍ତି : ''ଅବସ୍ଥା ବଦଳିଯାଇଛି, ମୋତେ କ'ଣ କରିବାକୁ ହେବ, ତାର ଦ୍ୱାରା ଜଣାଅ ।'' ମୁଁ ଭାବୁଛି, ଯୁଦ୍ଧ ସକାଶେ ସେ କିଛିଟ୍ ଭୀତ ହୋଇ ପଡ଼ିଛନ୍ତି ।'' ''ଆଶୀର୍ବାଦ ଅପରିବର୍ତ୍ତିତ ରହିଛି । ଯାଅ'' ବୋଲି ମୁଁ ଉତ୍ତର ଦେବି କି ? ସେ ଆପଣଙ୍କର ଆଶୀର୍ବାଦ ନେଇ ଯାଉଛନ୍ତି ।*

ସେଠାରେ ପ୍ରକୃତରେ ଯୁଦ୍ଧ ଲାଗିଛି । କେବଳ **ନିର୍ଭୟ** ହୋଇ ପାରିଲେହିଁ ସେ ସେଠାକୁ ଯାଇପାରିବେ ।

ଅନେକ ଆଶିର୍ବାଦ ।

*୭ ସେପ୍ଟେମ୍ବର ୧୯୬୫*

*(ଭାରତର ପ୍ରଧାନମନ୍ତ୍ରୀଙ୍କ ପାଖକୁ ମାଆଙ୍କର ବାର୍ତ୍ତା)*

ସତ୍ୟ ପାଇଁ ଓ ସତ୍ୟର ବିଜୟ ନିମନ୍ତେହିଁ ଭାରତବର୍ଷ ଯୁଦ୍ଧ କରୁଛି ଏବଂ ଭାରତ ଓ ପାକିସ୍ତାନ ପୁନର୍ବାର **ଗୋଟିଏ ଦେଶ**ରେ ପରିଣତ ହେବା ପର୍ଯ୍ୟନ୍ତ ଯୁଦ୍ଧ କରିଚାଲିଥିବ । କାରଣ ତାହାହିଁ ସେମାନଙ୍କ ସତ୍ତାର ଅସଲ ସତ୍ୟ ।

*୧୬ ସେପ୍ଟେମ୍ବର ୧୯୬୫* — *ମାଆ*

'oaob.nitrkl.ac.in' images reprocessed

Wisdom is coming to it — The Supr

Of one thing we must be convinced — all that happens is exactly what must happen in order to lead us and the world as quick as possible to the goal — the union with the Divine and ultimately the manifestation of the Divine.

'oaob.nitrkl.ac.in' images reprocessed

ଏହି ଅବସରରେ ମୋ'ର ବାର୍ତ୍ତାଟି ମୁଁ ଏଥିସହିତ ପଠାଉଛି (ପୃଥିବୀର ମାନସିକ ଏବଂ ଅନୁଭବ ସ୍ତରରେ ଅବସ୍ଥା ଅନୁସାରେ ତାହାକୁ ସଂଶୋଧିତ* କରାଯାଇଛି) – ଏବଂ କେତୋଟି ପ୍ରାସଙ୍ଗିକ ଉଦ୍ଧୃତି ମଧ୍ୟ ।

ତୁମର ପତ୍ରକୁ ମୁଁ ସ୍ୱାଗତ କରୁଛି ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୧୬ ସେପ୍ଟେମ୍ବର ୧୯୬୫*

*ମାଆ,*

*ଯୁଦ୍ଧ ଏବଂ ଆଶଙ୍କା କରାଯାଉଥିବା ଆକ୍ରମଣଟିର କାରଣରୁ ଆପଣଙ୍କୁ ଅର୍ଥ କ୍ଷେତ୍ରରେ ସାଂଘାତିକ ଅସୁବିଧାଗୁଡ଼ିକର ସମ୍ମୁଖୀନ ହେବାକୁ ପଡୁଥିବ । ବସ୍ତ୍ରଧାବନ ବିଭାଗ ନାମରେ 'ଗ'ଙ୍କ ପାଖରେ ଆମର ପ୍ରାୟ ୪୦୦୦ ଟଙ୍କା ଗଚ୍ଛିତ ରହିଛି । ଆପଣ ତାହାକୁ ନିଜର ପଇସା ବୋଲି ଭାବିବେ ଏବଂ ଯେତେବେଳେ ଆବଶ୍ୟକ ପଡ଼ିବ, ସେତେବେଳେ ତାହା ନେଇପାରିବେ ବୋଲି ମୁଁ ଆପଣଙ୍କୁ ଜଣାଇ ପାରିବି କି ? ଆପଣଙ୍କର କରୁଣାରୁ ଅଧିକ ଭଲ ସମୟ ଆସିବା ପର୍ଯ୍ୟନ୍ତ ଆମେ ଅବଶ୍ୟ ଚଳାଇନେବୁ । ମୁଁ ମଧ୍ୟ ୧୦୦ ଟଙ୍କା ରଖିଛି ।*

*ଘୋର ପରୀକ୍ଷାର ଏହି ସମୟରେ ଆମେ ଆପଣଙ୍କ ପ୍ରତି ଯଥାର୍ଥରେ ଅନୁଗତ ରହିନ୍ତୁ ବୋଲି ଆପଣ ଜାଣିବେ । ଯଦି ଆମେ ସକାରାତ୍ମକ ଭାବରେ କିଛି ନ କରିପାରିବୁ, ଅନ୍ତତଃ ଆପଣଙ୍କ ପାଇଁ ସମସ୍ୟାମାନ ସୃଷ୍ଟି ନ କରିବା ମଧ୍ୟ କିଛି କମ୍ କଥା ହେବ ନାହିଁ । ଭାରତ ଯଥାର୍ଥ ଭାବରେ ଆପଣଙ୍କର ହୋଇ ରହିଥାଉ, ଏହାହିଁ ଆମର ପ୍ରାର୍ଥନା ।*

ଏହି ପତ୍ରଟି ଅତ୍ୟନ୍ତ ସାନ୍ତ୍ୱନାଦାୟକ; ଏପରି ଆଦୌ ଅନେକ ସମୟରେ ଶୁଣିବାକୁ ମିଳେ ନାହିଁ । ଏହାର ମୁଁ ଅତ୍ୟନ୍ତ ପ୍ରଶଂସା କରୁଛି । ବର୍ତ୍ତମାନ ପାଇଁ ଲୁଗାକଚା ବିଭାଗର ସେହି ଅର୍ଥ କୋଷାଧ୍ୟକ୍ଷଙ୍କ ନିକଟରେ ଗଚ୍ଛିତ ରହିବ ।

ଆର୍ଥିକ ଅବସ୍ଥା କ'ଣ ହେବ, ଆମେ ସେକଥା ପରେ ଦେଖିବା ।

ସ୍ନେହ ଏବଂ ଅନେକ ଆଶୀର୍ବାଦ ସହିତ ।

*୧୭ ସେପ୍ଟେମ୍ବର ୧୯୬୫*

---

* ଏହି ଶିଷ୍ୟଙ୍କ ପାଖକୁ ଦେଇଥିବା ତାଙ୍କର ବାର୍ତ୍ତାରେ ମାଆ "shall" ଶବ୍ଦଟିକୁ କାଟି "must" ବୋଲି ଲେଖି ଦେଇଥିଲେ । ସରକାରଙ୍କ ପାଖକୁ ଲିଖିତ ବାର୍ତ୍ତାରେ "must fight" ବୋଲି ଲେଖାହୋଇଛି ।

'oaob.nitrkl.ac.in' images reprocessed

*ମାଆ,*

*ଏହି ସାମୟିକ ଗତିରୋଧଟିଂ ସମୟରେ ମୁଁ ପ୍ରାର୍ଥନା କରୁଛି : "ହେ ପରମପ୍ରଭୁ, ଆପଣଙ୍କରହିଁ ଜୟ ହେଉ, ଯିଏ କି ପ୍ରତ୍ୟେକ ବାଧା ଉପରେ ବିଜୟଲାଭ କରନ୍ତି ... ଆପଣ ଆମକୁ ଏକ କ୍ରିୟାଶୀଳ ଏବଂ ଉଦ୍ଦୀପ୍ତ ବିଶ୍ୱାସ ପ୍ରଦାନ କରନ୍ତୁ, ଯାହାକି ଆପଣଙ୍କର ବିଜୟରେ ଐକାନ୍ତିକ ତଥା ଅବିଚଳ ହୋଇ ରହିଥିବ ।'"*

ଆମେ ଅପେକ୍ଷା କରିବା ଏବଂ ଦେଖିବା । ଫଳ ତାହାହିଁ ହେବ – ମାତ୍ର, କେଉଁ ଉପାୟରେ ହେବ ଓ କେଉଁ ସମୟରେ ହେବ, ତାହା ଅନିଶ୍ଚିତ ।

ଅନେକ ଆଶୀର୍ବାଦ ।

*୨୩ ସେପ୍ଟେମ୍ବର ୧୯୬୫*

*ମାଆ,*

*ଯେତେବେଳେ 'କ'ଙ୍କ ପରି ବ୍ୟକ୍ତିମାନେ ଆସି ଆପଣଙ୍କର ବିରୋଧରେ କ'ଣ ସବୁ କହନ୍ତି, ସେତେବେଳେ ବହୁଜିହ୍ୱାବିଶିଷ୍ଟ ଗୋଟାଏ ନିଆଁ ମୋ' ଭିତରେ ଜଳିଉଠିଲା ପରି ମୁଁ ଅନୁଭବ କରିଥାଏ । ଏବଂ, ଯଦି ତାହା ସେହିପରି ଆହୁରି ଜଳିବାରେ ଲାଗେ, ତେବେ ମୁଁ ଏପରି କିଛି ଅନୁଭବ କରେ, ଯାହାକୁ କି ମୁଁ କାଳୀଙ୍କର ଉପସ୍ଥିତି ବୋଲି କହିପାରିବି । ସେଇଟି ଆସିବା ମାତ୍ରକେ ମୋ' ସମ୍ମୁଖରେ ଉପସ୍ଥିତ ଥିବା ବ୍ୟକ୍ତି ନରମ ଓ ଶାନ୍ତ ହୋଇଯା'ନ୍ତି । ଏହାର ଅର୍ଥ କ'ଣ ?*

ସେତେବେଳେ ତୁମେ ନିଶ୍ଚୟ କାଳୀଙ୍କର ଶକ୍ତିକୁ ଆବାହନ କରି ଆଣୁଥାଅ ।

*ଲୁଧିଆନାର ସେହି ସ୍କୁଲଟି ବିଷୟରେ,– ତାହାକୁ ସେମାନେ ଶ୍ରୀଅରବିନ୍ଦ ସ୍କୁଲ*

---

[୧] ପାକିସ୍ତାନ ସହିତ ଭାରତ ଯେ ଏକ ଯୁଦ୍ଧବନ୍ଦ ଚୁକ୍ତିକୁ ଗ୍ରହଣ କରିନେଲା, ଏହି ଶିଷ୍ୟଙ୍କ ସମେତ ଅନେକେ ତାହାକୁ ଦୁଇ ଦେଶ ଭବିଷ୍ୟତରେ ଏକ ହୋଇଯିବାର ସମ୍ଭାବନାରେ ଏକ ଗତିରୋଧ ବୋଲି ଅନୁଭବ କରିଥିଲେ ।

ଏଗୁଡ଼ିକ ହେଉଛି ୧୯୩୭ ମସିହା ୨୩ ଅକ୍ଟୋବରର ମାଆଙ୍କ ପ୍ରାର୍ଥନାର ପ୍ରଥମ ଏବଂ ଶେଷ ଧାଡ଼ିଗୁଡ଼ିକ ।

'oaob.nitrkl.ac.in' images reprocessed

*ବୋଲି କହିବାକୁ ଚାହୁଁଛନ୍ତି । ମୁଁ ଭାବୁଛି, କୌଣସି ସଂସ୍ଥାରେ କାର୍ଯ୍ୟ କରୁଥିବା ଲୋକମାନଙ୍କର କାର୍ଯ୍ୟରେ, ଅନ୍ତତଃ କିଛି ବର୍ଷ ପାଇଁ, ଆପଣ ସନ୍ତୁଷ୍ଟ ହୋଇ ସାରିବା ପରେ ଯାଇ ତାହାକୁ ଆପଣଙ୍କର ଅଥବା ଶ୍ରୀଅରବିନ୍ଦଙ୍କର ନାମଟିକୁ ପ୍ରଦାନ କରାଯାଇ ପାରିବ ।*

ସମ୍ପୂର୍ଣ୍ଣ ଉଚିତ କଥା ।

*ମୋ' ସହିତ କାର୍ଯ୍ୟ କରୁଥିବା 'ଖ' କହୁଛନ୍ତି ଯେ ତାଙ୍କର ସ୍ୱାସ୍ଥ୍ୟ ଭଲ ରହୁ ନାହିଁ ଏବଂ ତେଣୁ ତାଙ୍କୁ ତାଙ୍କର ଅଧିକାଂଶ କାର୍ଯ୍ୟରୁ ଅବ୍ୟାହତି ମିଳିବା ଉଚିତ । ସେ ଆଗେ ନଅଘଣ୍ଟା କାର୍ଯ୍ୟ କରୁଥିଲେ; ତାହା ପାଞ୍ଚକୁ ହ୍ରାସ କରାଗଲା, ବର୍ତ୍ତମାନ ସେ ମାତ୍ର ପ୍ରାୟ ଗୋଟିଏ ଘଣ୍ଟା ସକାଶେ କାର୍ଯ୍ୟ କରିବେ ବୋଲି ଚାହୁଁଛନ୍ତି ।*

ଭାରି ହାସ୍ୟାସ୍ପଦ କଥା । ଯଦି ସେ କୌଣସି ପଇସା ଦେଉ ନାହାନ୍ତି, ତେବେ ତୁମେ ତାଙ୍କୁ କହିବ ଯେ, ସେ ଯଦି ଏତେ କମ୍ କାମ କରିବେ, ତେବେ ଆମେ ତାଙ୍କର ଭୋଜନକୁ ମଧ୍ୟ ସେହି ଅନୁପାତରେ କମ୍ କରିବାକୁ ବାଧ୍ୟ ହେବୁ — ଏବଂ ତା'ପରେ ତାଙ୍କର ସ୍ୱାସ୍ଥ୍ୟ ଆହୁରି ଅଧିକ ଖରାପ ହେବ ।

ଅନେକ ଆଶୀର୍ବାଦ ।

*୨୫ ସେପ୍ଟେମ୍ବର ୧୯୬୫*

*ମାଆ,*

*ପଥର-ପେଷାରେ ଗହମ ପେଷିଲେ ରୁଟି ଫୁଲୁ ନାହିଁ ଏବଂ ଏକା ପରିମାଣର ଅଟା ଦିଆ ଯାଉଥିଲେ ମଧ୍ୟ ଅଧିକ ଛୋଟ ଦେଖାଯାଉଛି । ତେଣୁ ଲୋକେ ଅଧିକ ରୁଟି ଦାବି କରୁଛନ୍ତି । ଯଦି ଲୁହା ପେଷାକଳରେ ଅଟା ପେଷା ଯିବ, ତେବେ ରୁଟି ଅଧିକ ଫୁଲିବ ଏବଂ ଅଧିକ ତୃପ୍ତି ଦେଇପାରିବ ।*

ମାତ୍ର ସେହି ଉତ୍ତାପ ଫଳରେ ଖାଦ୍ୟସାରଗୁଡ଼ିକ ନଷ୍ଟ ହୋଇଯିବ ଏବଂ ଆହାରର ଏକ ମହତ୍ତ୍ୱପୂର୍ଣ୍ଣ ଭାଗ ଆଉ ମିଳି ପାରିବ ନାହିଁ ।

*୩ ଅକ୍ଟୋବର ୧୯୬୫*

'oaob.nitrkl.ac.in' images reprocessed

ର, ତୁମେ ହିନ୍ଦୀ କ୍ଲାସ୍‌ରେ ତୁମ ଛାତ୍ରମାନଙ୍କୁ ଗାଳି ଦେଉଛ କି ?

ସମ୍ପୂର୍ଣ୍ଣ ଖୋଲା ଭାବରେ ଏହି ପ୍ରଶ୍ନଟିର ଉତ୍ତର ଦେବ ଏବଂ ତେବେ, ମୁଁ ତୁମକୁ କାହିଁକି ଏହି ଅଦ୍ଭୁତ ପ୍ରଶ୍ନଟିକୁ ପଚାରୁଛି, ସେକଥା ତୁମକୁ କହିବି ।

ଅନେକ ଆଶୀର୍ବାଦ ।

*୨୧ ଅକ୍ଟୋବର୍ ୧୯୬୫*

*(ହିନ୍ଦୀ କ୍ଲାସ୍‌ର ଛାତ୍ରମାନଙ୍କ ସହିତ ସେ କିପରି ବ୍ୟବହାର କରୁଥିଲେ, ଏହି ଶିଷ୍ୟ ତାହା ବୁଝାଇ କହିଥିଲେ ଏବଂ ଶେଷରେ ଲେଖିଥିଲେ :)*

*ମୋତେ ଅନେକ ବ୍ୟକ୍ତି କହିଛନ୍ତି ଯେ, ମୁଁ ଯେତେବେଳେ ଗମ୍ଭୀର ହୋଇଯାଏ, ସେତିକିବେଳେ ମୁଁ ଗାଳି ଦେବାକୁ ଯାଉଛି ବୋଲି ମନେ ହୁଏ । ମାତ୍ର, ଗାଳି ନ ଦେଇ ପରିହାସ କରିବାରେହିଁ ମୁଁ ଅଭ୍ୟସ୍ତ ରହିଥାଏ । ଏବଂ ଉତ୍ତରରେ ସମସ୍ତଙ୍କର ହସହିଁ ଶୁଣିବାକୁ ପାଏ । ମାତ୍ର, ତଥାପି କିଛି କହି ହେବ ନାହିଁ, 'କ' ଏବଂ 'ଖ' ଦୁଇଜଣ ଛାତ୍ର ଅଛନ୍ତି, ସେମାନେ ଭାରି ଦୁର୍ବଳ; ସେମାନେ କେବେ କିଛି କରନ୍ତି ନାହିଁ ଓ ଭାରି ଅନିୟମିତ । ସେମାନଙ୍କୁ ମୁଁ କହିଦେଇଛି ଯେ, ଯଦି ସେମାନେ କାମ କରିବାକୁ ନ ଚାହାଁନ୍ତି, ସେମାନେ ଏହି ବିଷୟଟିକୁ ଛାଡ଼ି ବି ଦେଇପାରିବେ । ସମ୍ଭବତଃ ସେହି ଦୁଇଜଣ ମୋତେ ଏକ ଅତ୍ୟାଚାରୀ ବୋଲି ଭାବୁଛନ୍ତି ।*

ମୁଁ ଠିକ୍ ତାହାହିଁ ଆଶା କରୁଥିଲି । ଜଣେ ଅଳ୍ପବୟସ୍କା ବାଳିକା ମୋତେ ଲେଖି ଅଭିଯୋଗ କରିଥିଲା ଯେ ତୁମେ ତାକୁ କନ୍ଦାଇ ପକାଇଥିଲ । ସଙ୍ଗେ ସଙ୍ଗେ ମୁଁ ଭାବିଲି ଯେ, ଯେଉଁମାନେ କୌଣସି ଅଗ୍ରଗତି କରିବାକୁ ରାଜି ହୁଅନ୍ତି ନାହିଁ, ସେ ନିଶ୍ଚୟ ତାଙ୍କରି ଭିତରୁ ଜଣେ ହୋଇଥିବ । ମାତ୍ର, ସେ କ୍ଲାସଟିକୁ ଛାଡ଼ିଦେଉ ବୋଲି ତାକୁ କହିବା ପୂର୍ବରୁ ମୁଁ ନିଶ୍ଚିତ ହେବାକୁ ଚାହିଁଥିଲି ...

ଝିଅଟି କିଏ, ବୋଧହୁଏ ତୁମେ ଜାଣି ପାରୁଛ ।

ସ୍ନେହ ଓ ଅନେକ ଆଶୀର୍ବାଦ ।

*୨୨ ଅକ୍ଟୋବର୍ ୧୯୬୫*

*ମାଆ,*

*ମୁଁ ଏ କଥା ଶୁଣି ବଡ଼ ଆଚମ୍ବିତ ହେଲି ଯେ ସବୁ ଛାତ୍ରଙ୍କ ମଧ୍ୟରୁ 'ଗ'*

'oaob.nitrkl.ac.in' images reprocessed

*ମୋ'ର ଆଚରଣ ବିଷୟରେ ଅଭିଯୋଗ କରିଛି । ମୋ' କ୍ଲାସ୍‌ରେ କେବେ କେହି କାନ୍ଦି ନାହାନ୍ତି । ଆଶ୍ରମକୁ ଆସିବା ସମୟଠାରୁ 'ଗ' ମୋ' ସହିତ ଭାରି ଅନ୍ତରଙ୍ଗ ହୋଇ ରହିଛି । ସେ ମୋ' ବିଷୟଟିକୁ ଛାଡ଼ିଦେବ ବୋଲି ଠିକ୍ କରିଥିବାରୁ ମୁଁ ଅତ୍ୟନ୍ତ ଦୁଃଖିତ । ମୋ' ସହିତ କଠିନ ଉଦ୍ୟମ କରିବ ଏବଂ ବିଗତ ଅବହେଳାଟିର ପୂରଣ କରି ଆଣିବ ବୋଲି ସେ ଏକ ଯୋଜନା କରିଥିଲା । ସେ ମୋତେ ସବୁବେଳେ କହୁଥିଲା ଯେ ମୋ' କ୍ଲାସ୍ ତାକୁ ଖୁବ୍ ଭଲ ଲାଗୁଛି ଏବଂ ମୁଁ ମଧ୍ୟ ଦେଖି ପାରୁଥିଲି ଯେ, ଅନ୍ୟ କେତେକଙ୍କଠାରୁ ସେ ତାହାକୁ ଅଧିକ ଉପଭୋଗ କରୁଥିଲା । ଏଥିରୁ ସେହି ଗୋଟିଏ ପ୍ରଶ୍ନହିଁ ପଚରା ଯାଇପାରିବ : ତୁମେ ପ୍ରକୃତରେ କାହାକୁ ବିଶ୍ୱାସ କରି ପାରିବ କି ? — ଏବଂ, ଯେତେବେଳେ ପ୍ରତିକ୍ରିୟା ଏହିଭଳି ହେଉଛି, ତେବେ ଏହି ପିଲାମାନଙ୍କ ନିମନ୍ତେ କାର୍ଯ୍ୟ କରିବାରେ ଆଉ କି ଲାଭ ଅଛି ? ମୋ' ଭିତରେ ନିଶ୍ଚୟ କିଛି ସାଂଘାତିକ ଭୁଲ ରହିଥିବ, ଯାହା କି ଏଭଳି ଅଭିଯୋଗଗୁଡ଼ିକୁ ଆମନ୍ତ୍ରଣ କରି ଆଣୁଛି ।*

ପରମ ଦିବ୍ୟସତ୍ତା ପୃଥିବୀଠାରୁ ଠିକ୍ ଏହି ପ୍ରକାରର ବ୍ୟବହାର ପାଇଥା'ନ୍ତି । ଏପରିକି ଶ୍ରୀଅରବିନ୍ଦ ମଧ୍ୟ ଏଥିରୁ ବାଦ୍ ଯାଇ ନ ଥିଲେ । ତୁମେ ତ ଭଲ କରି ଜାଣିଛ ଯେ ତୁମେ ଉତ୍ତମ ସାହଚର୍ଯ୍ୟ ଭିତରେ ରହିଛ, ଏବଂ ତେଣୁ ଦୁଃଖିତ ହୋଇ ପଡ଼ିବାର କୌଣସି କାରଣ ନାହିଁ ।

*୨୩ ଅକ୍ଟୋବର୍ ୧୯୬୫*

*ମାଆ,*

*ଯଥାର୍ଥ ଶିକ୍ଷା ଦେବା ବିଷୟରେ ଆପଣ କହିଛନ୍ତି : ''ଚଳି ଆସିଥିବା ରୀତିଗୁଡ଼ିକରୁ ବାହାରକୁ ବାହାରିଯିବ ଏବଂ ଆତ୍ମାର ଅଭିବୃଦ୍ଧି ଉପରେହିଁ ଅଧିକ ଜୋର୍ ଦେବ ।'' ଏହି ବିଷୟରେ ମୁଁ ଦୁଇ ପୃଷ୍ଠା ଲେଖିଦେଇ ପାରିବି, ମାତ୍ର ପ୍ରକୃତରେ ମୁଁ ଏହି କଥାଟିକୁ ମୋଟେ ବୁଝି ପାରୁ ନାହିଁ । ରାମାୟଣ ପଢ଼ାଉଥିବା ସମୟରେ ମୁଁ ଦିବ୍ୟ ପରମସତ୍ତାଙ୍କ ପାଖରେ ଆପଣାକୁ ସମର୍ପିତ କରିଦେବା ବା ସେହିଭଳି ବିଷୟଗୁଡ଼ିକ ଉପରେ ଜୋର୍ ଦେଇଥାଏ, ମାତ୍ର ଯେତେବେଳେ ବ୍ୟାକରଣ କିଂବା ସାହିତ୍ୟର ଆଉ କୌଣସି ଦିଗ ବିଷୟରେ ପଢ଼ାଉଥାଏ, ସେତେବେଳେ ଆତ୍ମାର ଅଭିବୃଦ୍ଧି ଉପରେ ଜୋର୍ ଦେବାଲାଗି ମୁଁ କ'ଣ କରି ପାରିବି ?*

'oaob.nitrkl.ac.in' images reprocessed

ବିରୋଧଟି ଏଇଥିରୁ ନିଷ୍ପନ୍ନ ହେଉଛି ଯେ ତୁମେ ସବୁକଥାକୁ **"ମନର ସ୍ତରକୁ ନେଇଆସୁଛ"** ଏବଂ ଏହା ସମ୍ପୂର୍ଣ୍ଣ ଅସମ୍ଭବ । ଏଇଟି ଏକ ଦୃଷ୍ଟିକୋଣ, ଅଧିକାଂଶତଃ ଭିତରର ଏକ ଦୃଷ୍ଟିକୋଣ, ମାତ୍ର ଯାହାକି ଯଥାସମ୍ଭବ ଅଧିକ ପରିମାଣରେ ବାହାରକୁ ନିୟନ୍ତ୍ରଣ କରିଥାଏ ।

ଏହା ଶିଖାଇ ଦେବାର ବିଷୟଠାରୁ ଅଧିକ ପରିମାଣରେ **ବଞ୍ଚିବାର** ଏକ ବିଷୟ ।

ଅନେକ ଆଶୀର୍ବାଦ ।

*୨୮ ଅକ୍ଟୋବର୍ ୧୯୬୫*

## ବିଜ୍ଞପ୍ତି

ସମଗ୍ର ଭାରତବର୍ଷ ଖାଦ୍ୟର କ୍ଷେତ୍ରରେ ଏକ ଉତ୍କଟ ଅସୁବିଧା ଦେଇ ଗତି କରୁଛି ।

ସକଳ ଖାଦ୍ୟ ପଦାର୍ଥ ଉପରେ କଟକଣା ହୋଇଗଲାଣି ।

ମୁଁ ସମସ୍ତଙ୍କର ସଦିଚ୍ଛା ପାଖରେ ନିବେଦନ କରୁଛି ଯେ, ଯାହା ଏକାନ୍ତ ଅପରିହାର୍ଯ୍ୟ, ସେମାନେ ସେତିକିଠାରୁ କଦାପି ଅଧିକ ଚାହିଁବେ ନାହିଁ ।

*ନଭେମ୍ବର ୧୯୬୫*

*ମାଆ,*

*ପ୍ରଧାନମନ୍ତ୍ରୀ ପ୍ରତି ସୋମବାର ରାତ୍ରିର ଭୋଜନ ନ ଖାଇବାକୁ ଦେଶକୁ ନିବେଦନ କରିଛନ୍ତି । ହୋଟେଲ ପ୍ରଭୃତିଙ୍କୁ ଏଥିରେ ସହଯୋଗ କରିବାଲାଗି କୁହାଯାଉଛି । ଏହି ସଂକ୍ରାନ୍ତରେ ଆମେ କିଛି କରିବା ବୋଲି ଆଶା କରାଯାଉଛି କି ?*

ଦେଖାଇବା ଭଳି ବକ୍ତେ ଭୋଜନ ଛାଡ଼ିଦେବା ଓ ତା' ପୂର୍ବରୁ ତଥା ପରେ ଅଧିକ ଖାଇବା ଅପେକ୍ଷା **ଆଦୌ କେବେହେଲେ ଖାଦ୍ୟ ନଷ୍ଟ ନ କରିବା** ଦ୍ୱାରା ଶହେଗୁଣ ଅଧିକ ଫଳ ମିଳିବ । ତେଣୁ, ଖାଦ୍ୟ ନଷ୍ଟ କରିବା ବିରୋଧରେ ଏକ ଶକ୍ତିଶାଳୀ, ଉତ୍ସାହଯୁକ୍ତ ଓ ନିଷ୍ଠାପର ଅଭିଯାନ ଏକାନ୍ତ ଆବଶ୍ୟକ ଏବଂ ମୁଁ ସମସ୍ତ ହୃଦୟର ସହିତ ତାହାକୁ ସମର୍ଥନ ଜଣାଉଛି ।

ସେମାନେ ଯେତିକି ହଜମ କରିପାରିବେ, ତା'ଠାରୁ କେବେହେଲେ **ଅଧିକ** ନ ଖାଇ ଏବଂ ଯେତିକି ଖାଇପାରିବେ, ତା'ଠାରୁ **କେବେହେଲେ** ଅଧିକ ଖାଦ୍ୟ ନ ମାଗି ଆଶ୍ରମର ଅଧିବାସୀମାନେ ସେମାନଙ୍କର ସଦିଚ୍ଛା ଏବଂ ସହଯୋଗ ପ୍ରଦର୍ଶନ କରନ୍ତୁ ।

*୩ ନଭେମ୍ବର ୧୯୬୫*

'oaob.nitrkl.ac.in' images reprocessed

*ମାଆ,*

*ଲୁଗା-କଚା ବିଭାଗର କେତେକ ବାକୀ ପଇସା ମୋତେ ଦେବାକୁ ପଡ଼ିବ । ମୋ' ପାଖରେ ସେତିକି ପଇସା ଅଛି । ମାତ୍ର, ବିଲ୍ ଆସି ପହଞ୍ଚିବାକୁ କିଛି ସମୟ ଲାଗିବ । ମୋ' ବୁଦ୍ଧି ମୋତେ କହୁଛି : ''ବିଲ୍ ପଇସା ଦେବାକୁ ହେବ ବୋଲି ମୁଁ ଜାଣିଛି, ତେଣୁ ମୋତେ ସେହି ଅର୍ଥ ପରିମାଣକୁ ପାଖରେ ରଖିବାକୁ ପଡ଼ିବ । ଯଦି ମୁଁ ତାହାକୁ ଆପଣଙ୍କୁ ଦେଇଦେବି, ତେବେ ତାହା ପରମକରୁଣାର ଶକ୍ତିକୁ ଅବମାନନା କଲାଭଳି ହେବ । ''ମାତ୍ର, ମୋ'ର ଆଉ ଏକ ଭାଗ କହୁଛି, ''ତୁମେ ଚିନ୍ତା କର ନାହିଁ, ସେହି ପଇସାକୁ ଦେଇଦିଅ; ବିଲ୍ ଆସି ପହଞ୍ଚିବା ବେଳକୁ ଆହୁରି ପଇସା ମଧ୍ୟ ଆସି ଯାଇଥିବ ।'' ଦୁଇଟିଯାକ ବିଚାର କେହି କାହାଠାରୁ ଅଧିକ ଶକ୍ତିଶାଳୀ ନୁହଁନ୍ତି । ଏହିଭଳି କ୍ଷେତ୍ରରେ, ଏକ ନିଷ୍ପତ୍ତି ନେବାର ଯଥାର୍ଥ ରୀତିଟି କ'ଣ ?*

ମନ ଥରେ କାମ କରିବାକୁ ଆରମ୍ଭ କଲେ ତାହା ପରମକରୁଣାର କ୍ରିୟାଶୀଳତା ପାଇଁ ବାଧା ହୋଇ ଠିଆ ହୁଏ । ତେଣୁ, ସେହି ପଇସାକୁ ପାଖରେ ରଖିବାହିଁ ଅଧିକ ଭଲ ।

*୧୦ ନଭେମ୍ବର ୧୯୬୪*

*ମାଆ,*

*ସ୍କୁଲରେ ମୋ'ର କାର୍ଯ୍ୟର ଫଳ ବିଷୟରେ ଥରେ ମୁଁ ବଡ଼ ନିରାଶ ହୋଇ ପଡ଼ିଥିଲି । ସେହି କାର୍ଯ୍ୟ ଛାଡ଼ିଦେବାକୁ ଇଚ୍ଛା ହେଉଥିଲା । ଆପଣ କହିଥିଲେ ଯେ, ମୁଁ ଆଉ ସାତୋଟି ବର୍ଷ କାମ କରିବି ଓ ତା'ପରେ ଆପଣଙ୍କର ପରାମର୍ଶ ମାଗିବି । ଏହି ବର୍ଷ ମୋ' ସ୍କୁଲକାମର ସାତବର୍ଷ ପୂର୍ଣ୍ଣ ହୋଇଗଲା । ଛାତ୍ରମାନେ ମୋ' କ୍ଲାସ୍‌ଗୁଡ଼ିକରୁ ଆନନ୍ଦ ପାଉଛନ୍ତି, ମାତ୍ର ମୁଁ ସେମାନଙ୍କୁ କୌଣସି କାମ ଦିଏ ବୋଲି ସେମାନେ ପସନ୍ଦ କରୁ ନାହାଁନ୍ତି । ମୁଁ ମୋ'ର ଯେତେ ଯାହା କରିବା କଥା ସବୁ କରୁଛି, ମାତ୍ର ସେମାନଙ୍କୁ ସନ୍ତୁଷ୍ଟ କରି ପାରୁ ନାହିଁ । ମୁଁ ସେହିଠାରେ ରହିବି ନା ଛାଡ଼ିଦେବି, ଆପଣ ମୋତେ କହନ୍ତୁ । ପଢ଼ାଇବା ବ୍ୟକ୍ତିଙ୍କର ତ କୌଣସି ଅଭାବ ନାହିଁ । ମୋ' ଜାଗାରେ କାର୍ଯ୍ୟ କରିବାକୁ ଏକାଧିକ ବ୍ୟକ୍ତି ଖୁସୀରେ ରାଜୀ ହୋଇଯିବେ । ସେମାନେ ମୋ' ସ୍ଥାନଟିକୁ ଏକ ଗୌରବର ସ୍ଥାନ ବୋଲି ମନେ କରୁଛନ୍ତି ।*

'oaob.nitrkl.ac.in' images reprocessed

ତୁମେ **ଆଉ ସାତବର୍ଷ** ଚେଷ୍ଟା କର; ତା'ପରେ କ'ଣ ହେବ ଦେଖିବା । ମୁଁ ଏପରି ମଧ୍ୟ କହିବି ଯେ, ଶିକ୍ଷାଦାନ (ଏହାର ସକଳ ନୈତିକ ପରିଣାମ ସହିତ) ତୁମ ସାଧନାର ଏକ ଅଂଶ ।

ପ୍ରେମ ଓ ଆଶୀର୍ବାଦ ସହ ।

*୧୧ ନଭେମ୍ବର ୧୯୬୫*

*ମାଆ,*

*ଏବଂ ବର୍ତ୍ତମାନ ଗୋଟିଏ ବ୍ୟକ୍ତିଗତ ପ୍ରଶ୍ନ । ମୁଁ ଭଲ କରି ଜାଣିଛି ଯେ, ଉପସ୍ଥିତ ମୁହୂର୍ତ୍ତରେ ସହଯୋଗ ଏବଂ ସମନ୍ୱୟନ ଆଶ୍ରମ ନିମନ୍ତେ ଏକାନ୍ତ ଆବଶ୍ୟକ । ମୁଁ ତ ମୋ'ର ଯଥାସାଧ୍ୟ ଚେଷ୍ଟା କରୁଛି ଏବଂ ସକଳ ନିଷ୍ଠାର ସହିତ ସବୁକିଛି କରୁଛି ବୋଲି ମନେ କରୁଛି; ମାତ୍ର ଅତ୍ୟନ୍ତ ଦୟନୀୟ ଭାବରେ ବିଫଳ ହୋଇଯାଉଛି । ଲୋକମାନେ କହିବାର ମୁଁ ଶୁଣିଛି ଯେ ମୁଁ ଅତ୍ୟନ୍ତ ମିଷ୍ଟ ଭାବରେ କଥା କହେ, ମାତ୍ର ମୋ'ର କାମଗୁଡ଼ିକ ତାହାର ଠିକ୍ ଓଲଟା ହୋଇଥାଏ । ମୁଁ ଭାବୁଛି, ମୁଁ ସମସ୍ତଙ୍କୁ ଯେକୌଣସି ପ୍ରକାରେ ଚଳାଇ ନେବାକୁ ଚେଷ୍ଟା କରେ । ଆଶ୍ରମରେ ମୁଁ ହେଉଛି ଏକମାତ୍ର ନିଷ୍ଠାଯୁକ୍ତ ବ୍ୟକ୍ତି, ଏଭଳି ଭାବିବା ସକାଶେ ମୁଁ ଆଦୌ ସେତେ ନିର୍ବୋଧ ନୁହେଁ । ତେଣୁ, ମୋ' ବାଟରେ ନିଶ୍ଚୟ ସେପରି କିଛି ସାଂଘାତିକ ବାଧା ରହିଛି, ଯାହାକି ମୋତେ ବାଟ ଛାଡୁ ନାହିଁ । ମୋତେ ଅଟକାଇ ରଖୁଥିବା ଏହି କଥାଟି ପ୍ରକୃତରେ କ'ଣ, ଆପଣ ଦୟା କରି ମୋତେ କହିବେ କି ? କାର୍ଯ୍ୟ ନିମନ୍ତେ ସଫଳ ଭାବରେ ସହଯୋଗ କରିବା ଦିଗରେ କ'ଣ ମୋ'ର ବାଟକୁ ଓଗାଳି ରହିଛି, ଆପଣ କହିଦିଅନ୍ତୁ ।*

ତୁମେ ଏହାକୁ ଏକ ବ୍ୟକ୍ତିଗତ ବ୍ୟାପାର ବୋଲି ଆଦୌ ଭାବ ନାହିଁ । ଏହି ଅସମଞ୍ଜସତା ଏବଂ ବିଭ୍ରାନ୍ତି ସାରା ପୃଥିବୀଯାକ ବ୍ୟାପି ରହିଛି କାରଣ ପରମସତ୍ୟର କ୍ରିୟାରେ ମିଥ୍ୟା ପ୍ରତିରୋଧ କରିବାରେ ଲାଗିଛି । ଏବଂ ଏଠାରେ ସେହି କ୍ରିୟା ଅପେକ୍ଷାକୃତ ଅଧିକ ସଚେତନ ତଥା ସଂକେନ୍ଦ୍ରିତ ହୋଇ ରହିଥିବାରୁ ସେହି ପ୍ରତିରୋଧ ଅଧିକ ତୀବ୍ର ହେଉଛି । ଏବଂ, ଏହି ବୃହତ୍ ଅଶାନ୍ତିର ସମୟରେ ଅଧିକାଂଶ ବ୍ୟକ୍ତି ଦ୍ୱନ୍ଦ୍ୱରତ ସେହି ଶକ୍ତିଚୟଙ୍କ ଦ୍ୱାରା କଣ୍ଢେଇ ପରି ଏପାଖ ସେପାଖ ନାଚିବାରେ ଲାଗିଛନ୍ତି ।

*୨୫ ନଭେମ୍ବର ୧୯୬୫*

'oaob.nitrkl.ac.in' images reprocessed

Do not take it as a personal affair.

Disharmony and confusion are spread all over the world because of the resistance of the falsehood to the action of the Truth. Here as the action of the Truth is more conscious and concentrated the resistance is exasperated.

And in this great turmoil most of the [illegible] are moved about like puppets by forces in their complexity

*ମାଆ,*

*"Gloire à Toi?"* ପ୍ରାର୍ଥନାଟିର ଶେଷରେ "Réalisateur Suprême" ବୋଲି ଆପଣ ଯାହା ଲେଖିଛନ୍ତି, ତାହାର ଅର୍ଥ କ'ଣ ବୋଲି ମୁଁ ଆପଣଙ୍କୁ ଆଉ ଥରେ ପଚାରି ପାରିବି କି ? ଆପଣ ପ୍ରାୟ ସାତ, ଆଠବର୍ଷ ପୂର୍ବେ ମୋତେ ଏହି କଥାର ଅର୍ଥଟିକୁ ବୁଝାଇ ଦେଇଥିଲେ । ମାତ୍ର, ମୁଁ ସେକଥାଟିକୁ ସମ୍ପୂର୍ଣ୍ଣ ଭାବରେ ଭୁଲି ଯାଇଛି । ତା'ପରେ ମୁଁ ତାହାକୁ ମୌଖିକ ଅଥବା ଲିଖିତ ଭାବରେ ତିନିଥର ଆପଣଙ୍କୁ ପଚାରିଛି, ଏବଂ ଆପଣ ପ୍ରତିଥର ଉତ୍ତରଟିକୁ ଏଡ଼ି ଦେଇଛନ୍ତି । ଦୟା କରି ମୋତେ ଆଉ ଥରେ କହିଦିଅନ୍ତୁ ।*

ମୁଁ ଉଦ୍ଦେଶ୍ୟମୂଳକ ଭାବରେ ମୋଟେ "ଏଡ଼ି" ଦେଇ ନାହିଁ । ମାତ୍ର, ସମ୍ଭବତଃ, ତୁମେ ପ୍ରଶ୍ନଟିର ଯେଉଁ ମନଃସ୍ତରୀୟ ଉତ୍ତର ପାଇବାକୁ ଇଚ୍ଛା କରୁଥିଲ, ମୁଁ ତୁମକୁ ସେଇଟିକୁ ଦେଇ ନାହିଁ ।

ତୁମର ଯଥାର୍ଥ ହୃଦ୍‌ବୋଧ ହେବାଭଳି ଉତ୍ତର ଦେବାକୁ ହେଲେ ଏକ ଦୀର୍ଘ ବ୍ୟାଖ୍ୟା ଦରକାର ହେବ ଏବଂ ବର୍ତ୍ତମାନ ମୋ' ପାଖରେ ସେଥିପାଇଁ ଖୁବ୍ କମ୍ ସମୟ ରହିଛି ।

ମୁଁ ସଂକ୍ଷେପରେ ଏତିକି କହିପାରିବି ଯେ, ଜଣେ ବ୍ୟକ୍ତିର *"Réalisateur Suprême"*ର ଅର୍ଥ ହେଉଛି ଦିବ୍ୟ ପରମସତ୍ତାଙ୍କ ସହିତ ଏକାତ୍ମ ହେବା ଏବଂ ସମୂହ ପାଇଁ ଏହାର ଅର୍ଥ ହେଉଛି ଅତିମାନସ ଅର୍ଥାତ୍ ସେହି ନୂତନ ସୃଜନଟିକୁ ପୃଥିବୀପୃଷ୍ଠକୁ ଅବତରଣ କରାଇ ଆଣିବା ।

ତୁମେ ଏହାକୁ ଅନ୍ଧଭାବରେ ଏକ ସୂତ୍ରରୂପେ ବୁଝିବ ନାହିଁ, କେବଳ ଏକ ବ୍ୟାଖ୍ୟାରୂପେ ବୁଝିବ ।

ଏବଂ, *"Réalisateur"* କହିଲେ ସେହି ଉପଲବ୍ଧିର ସର୍ବୋଚ୍ଚ ପରମଶକ୍ତିକୁ, ସେହି କାର୍ଯ୍ୟଟି ଯିଏ କରୁଛି, ତାକୁ ତଥା କାର୍ଯ୍ୟଟିକୁ ମଧ୍ୟ ବୁଝାଇବ ।

ଅନେକ ଆଶୀର୍ବାଦ ।

*୨୦ ଡିସେମ୍ବର ୧୯୬୫*

*("ମାଆଙ୍କର କେତୋଟି ଉତ୍ତରକୁ" ମୂଳ ଫରାସୀ ଭାଷାରୁ ହିନ୍ଦୀରେ ଅନୁବାଦ କରୁଥିବା ସମୟରେ ଏହି ଶିଷ୍ୟ କେତୋଟି ଶବ୍ଦ ଓ ବାକ୍ୟାଂଶକୁ ବୁଝାଇ ଦେବା ନିମନ୍ତେ ମାଆଙ୍କୁ ଅନୁରୋଧ କରିଥିଲେ ।)*

---

* 'ଧ୍ୟାନ ଓ ପ୍ରାର୍ଥନା' ୨୩ ଅକ୍‌ଟୋବର ୧୯୩୭ ।

'oaob.nitrkl.ac.in' images reprocessed

*ମାଆ,*

*୧୯୪୨ ମସିହାରେ ଆପଣ ମୋତେ ଫରାସୀଭାଷା ଶିଖାଇବାକୁ ଇଚ୍ଛା କରିଥିଲେ ମାତ୍ର ସେଥିପାଇଁ ଆପଣଙ୍କର ସମୟ ନେବାକୁ ମୁଁ ଇଚ୍ଛା କଲି ନାହିଁ – କିନ୍ତୁ ବର୍ତ୍ତମାନ !!*

୧. *" Il faut bien que ceux qui ont du courage, en **aient** pour ceux qui n'en ont pas."*

(ବ୍ୟଙ୍ଗାତ୍ମକ) ଏହା ଏକାନ୍ତ ଆବଶ୍ୟକ ଯେ, ଯେଉଁମାନଙ୍କର ସାହସ ରହିଛି, ସାହସ ନ ଥିବା ବ୍ୟକ୍ତିମାନଙ୍କ ପାଇଁ ମଧ୍ୟ ସେମାନଙ୍କଠାରେ ସେଥିରୁ କେତେକ ରହିଥିବା ଉଚିତ ।

*୨. "... il y a une grande joie dans la re cherche; mais c'est Vrai que mon coeur sera toujours **altéré**".*

ଅନ୍ୱେଷଣରେ ଏକ ବୃହତ୍ ଆନନ୍ଦ ରହିଛି ସତ, ମାତ୍ର ଏହା ମଧ୍ୟ ସତ୍ୟ ଯେ, ମୋ'ର ହୃଦୟ ସବୁବେଳେ (ଜ୍ଞାନ ପାଇଁ) **ତୃଷାର୍ତ୍ତ** ହୋଇ ରହିଥିବ ।

*୧୯୬୪*

*ମାଆ,*

*ଆପଣଙ୍କର ତିନୋଟି ବାକ୍ୟାଂଶର ଅର୍ଥ ମୋତେ ବୁଝାଇ ଦିଅନ୍ତୁ :*

୧. *"Ne te fais pas de mauvais-sang."*

ଏହା (ପୂର୍ବରେ ଯାହା ବିଷୟରେ ଉଲ୍ଲେଖ କରା ଯାଇଥିବ) ବିଷୟରେ ବ୍ୟସ୍ତ ହୋଇ ପଡ଼ିବ ନାହିଁ ଅର୍ଥାତ୍ ମୁଣ୍ଡ ଖେଳାଇବ ନାହିଁ ।

*୨. "Si en toute sincérité, on n'agit que pour exprimer la volonté Divine, **il n'est pas d'action qui ne puisse échapper à l'égoïsme**; mais tant qu'on n'a pas atteint cette condition, il est des actions qui sont plus favorables au contact avec le Divin."*

'oaob.nitrkl.ac.in' images reprocessed

ଏପରି କୌଣସି କାର୍ଯ୍ୟ ନାହିଁ, ଯାହା ସ୍ୱାର୍ଥପରତାରୁ ମୁକ୍ତ ରହି ନ ପାରିବ, ଅର୍ଥାତ୍, ଆଦୌ କୌଣସି ବ୍ୟତିକ୍ରମ ବ୍ୟତୀତ ଯାବତୀୟ କାର୍ଯ୍ୟ ନିଃସ୍ୱାର୍ଥପର ହୋଇ ପାରିବ ।

*୩. "La santé est l'expression extérieure d'une harmonie profonde, il faut en être fier et non la mépriser."*

ଉତ୍ତମ ସ୍ୱାସ୍ଥ୍ୟ ହେଉଛି ଏକ ଅନ୍ତର୍ଗତ ସମଞ୍ଜସତାର ବାହ୍ୟ ପ୍ରକାଶ । ଉତ୍ତମ ସ୍ୱାସ୍ଥ୍ୟର ଅଧିକାରୀ ହେଲେ ଆମର ଗର୍ବ ଅନୁଭବ କରିବା ଉଚିତ (ଅର୍ଥାତ୍ ଉତ୍ତମ ସ୍ୱାସ୍ଥ୍ୟ ଲାଭ କରିଥିବାରୁ ଖୁସି ହେବା ଉଚିତ) ଏବଂ କଦାପି ତାହାକୁ ତୁଚ୍ଛ ବୋଲି ଭାବିବା ଉଚିତ ନୁହେଁ । (ଅର୍ଥାତ୍ ଉତ୍ତମ ସ୍ୱାସ୍ଥ୍ୟକୁ ତିରସ୍କାର କରିବା ଉଚିତ ନୁହେଁ) ।

*୧୯୬୪*

*ମାଆ,*

*ଏହି ଶେଷ ବାକ୍ୟଟିକୁ ବ୍ୟାଖ୍ୟା କରିଦିଅନ୍ତୁ : "Le véritable amourest une chose trés profonde et trés calme dans son intensit é: il peut trés bien ne pas se manifester par des effusions extérieures."*

ପ୍ରେମ ହୁଏତ ନିଜକୁ ଆଦୌ କୌଣସି ବାହ୍ୟ କାର୍ଯ୍ୟରେ (ବା ସଙ୍କେତରେ – କିଂବା ଆକାରରେ) – ଭାବମିଶ୍ରିତ ଅଥବା ସ୍ନେହପୂର୍ଣ୍ଣ କୌଣସି କାର୍ଯ୍ୟରେ ଅଭିବ୍ୟକ୍ତ କରି ନ ପାରେ ।

ଫରାସୀ ଭାଷାରେ "effusions" ଶବ୍ଦଟିକୁ ବ୍ୟଙ୍ଗସୂଚକ ଭାବରେ ବ୍ୟବହାର କରାଯାଏ ଏବଂ ସ୍ନେହର ବାହ୍ୟ ପ୍ରଦର୍ଶନକୁ ବୁଝାଇଥାଏ ।

*୧୯୬୪*

*ମାଆ,*

*"ଦିବ୍ୟ ପରମସତ୍ତାଙ୍କୁ ଜୟ କରିବା ଅତ୍ୟନ୍ତ କଷ୍ଟକର" – ମୋ'ର ମନେ ହେଉଛି ଯେ ଏହି ବାକ୍ୟାଂଶଟିକୁ ମୁଁ ଠିକ୍ ଭାବରେ ବୁଝି ନାହିଁ ।*

'oaob.nitrkl.ac.in' images reprocessed

"ଜୟ କରିବା" କଥାଟିକୁ ତୁମେ "ଅଧିକାର କରିବା" ବା "ଆତ୍ମସାତ୍ କରିବା" ଅର୍ଥରେ ବୁଝିବ ।

ତୁମେ ହୁଏତ କହିପାରିବ – ଦିବ୍ୟ ପରମଚେତନାକୁ ଜୟ କରିବା ଏକ କଷ୍ଟକର କାର୍ଯ୍ୟ ।

ମନ୍ତବ୍ୟ : ଦିବ୍ୟ ପରମସତ୍ତାଙ୍କ ବିଷୟରେ ସଚେତନ ହେବା ଓ ତାଙ୍କରି ସ୍ୱଭାବର ଅଧିକାରୀ ହେବା ମନୁଷ୍ୟମାନଙ୍କ ପକ୍ଷରେ କଷ୍ଟକର ।

୧୯୬୪

*ମା'ଆ,*

*ମିଲ୍ – କୋଠରିଟି ବିଷୟରେ ଆପଣ ଯେଉଁ ବ୍ୟବସ୍ଥା କରି ଦେଇଛନ୍ତି, 'କ' ମୋତେ ସେ କଥା କହିଛନ୍ତି । ଏକଥା ଶୁଣି ମୁଁ ଅତୀବ ଖୁସୀ, ଏହା 'ଖ'ଙ୍କୁ ତାଙ୍କର ଅତ୍ୟାବଶ୍ୟକ ବିଶ୍ରାମ ପ୍ରଦାନ କରି ପାରିବ । ମୁଁ ଆଶା କରୁଛି ଯେ, ଏହା ଅତ୍ୟନ୍ତ ଉତ୍ତମ ଭାବରେ କାର୍ଯ୍ୟ କରିବ ।*

ଜଣେ ବ୍ୟକ୍ତି ନିଜ ଇଚ୍ଛାର ବିଜୟ ଅପେକ୍ଷା ସମଞ୍ଜସତା ନିମନ୍ତେ କେତେଦୂର ଅଧିକ ଉଦ୍ୟମଶୀଳ ହେଉଛି, ଏକଥା ତାହାରି ଉପରେ ନିର୍ଭର କରିବ !

ପ୍ରେମ ସମସ୍ତଙ୍କ ଭିତରେ ରହିଛି, ସମାନ ଭାବରେ ପ୍ରତ୍ୟେକଙ୍କର ଅଗ୍ରଗତି ଲାଗି କାର୍ଯ୍ୟ କରୁଛି – ମାତ୍ର ଯେଉଁମାନେ ସେଥିପ୍ରତି ଉଦ୍ୟମଶୀଳ ହୋଇ ପାରୁଛନ୍ତି, ଏହା ସେହିମାନଙ୍କ ମଧ୍ୟରେହିଁ ବିଜୟୀ ହେଉଛି ।

ସସ୍ନେହ ।

୧୯୬୪


*(ଆଶ୍ରମରେ କ୍ଷୀରର ଅଭାବ ଘଟିଥିବା ସମୟରେ ମା'ଆ ଶିଷ୍ୟଙ୍କ ପାଖରୁ ତଥ୍ୟଗତ ହିସାବ ମଗାଇ ପଠାଇଥିଲେ ।)*

ଯଦି ତୁମେ ଦେଇ ପାରିବ ବା ସଂଗ୍ରହ କରି ପାରିବ, ତେବେ ମୁଁ ଦୁଇଟି କଥା ଜାଣିବାକୁ ଚାହୁଁଛି :

୧) ଯଦି ଆମେ **ପୂରା କ୍ଷୀର ଯୋଗାଇବା**, ତେବେ ପ୍ରତ୍ୟହ କେତେ **ଲିଟର୍** କ୍ଷୀର ଆବଶ୍ୟକ ହେବ ?

୨) ସବୁଆଡୁ ମିଶାଇ ଦେଖିଲେ ଆମେ ବର୍ତ୍ତମାନ ଦିନକୁ କେତେ (ସର୍ବାଧିକ) ଲିଟର୍ କ୍ଷୀର ପାଉଛୁ ?

'oaob.nitrkl.ac.in' images reprocessed



Love is with all, working for the progress of each one equally — but it triumphs in those who care for it.

Love

ଉଚିତ ପଦ୍ଧତି, ଶୃଙ୍ଖଳା ଏବଂ ଯତ୍ନ ରହିଥିଲେ, ଏପରି କୌଣସି ଅସୁବିଧା ନାହିଁ, ଯାହାର ସମାଧାନ ହୋଇ ନ ପାରିବ ।

ସ୍ନେହ ଏବଂ ଅନେକ ଆଶୀର୍ବାଦ ସହିତ ।

*ପ୍ରାୟ ୧୯୬୫ ବେଳକୁ*

*(ଏହି ଶିଷ୍ୟ ବସ୍ତ୍ର ଧାବନ ବିଭାଗର କର୍ମୀମାନଙ୍କର ଅଭିଯୋଗୁଡ଼ିକ ବିଷୟରେ ଅବଗତ କରାଇଥିଲେ ।)*

'oaob.nitrkl.ac.in' images reprocessed

କର୍ମୀମାନଙ୍କର ବିଭିନ୍ନ ବିବରଣୀଗୁଡ଼ିକ ବିଷୟରେ ତୁମେ ସାବଧାନ ରହିବ – ସେଗୁଡ଼ିକ ସର୍ବଦା ଭାରି ଏକତରଫା ହୋଇଥାଏ । ପ୍ରତ୍ୟେକ ବ୍ୟକ୍ତି ସର୍ବଦା କେବଳ ନିଜର ଅଭିରୁଚିଗୁଡ଼ିକ (ପସନ୍ଦ ଓ ଅପସନ୍ଦ) ସହିତ ଯାହାକିଛି କହିଥା'ନ୍ତି ଏବଂ ଏଣୁ କଦର୍ଥ କରି ଦେଇଥା'ନ୍ତି ।

ଅନେକ ଆଶୀର୍ବାଦ ।

*ପ୍ରାୟ ୧୯୬୫ ବେଳକୁ*

*ମାଆ,*

*ମୁଁ ଗୋଟିଏ ବିଚିତ୍ର ସ୍ୱପ୍ନ ଦେଖିଲି । କମ୍ୟୁନିଷ୍ଟମାନେ ମୋ' କୋଠରି ଉପରେ ଆକ୍ରମଣ କଲେ । ବାହାରୁ ଆସି ଝରକାଗୁଡ଼ିକ ଉପରେ ଚଢ଼ିଗଲେ । କେତେ କ'ଣ ଗାଳି ଦେଉଥିଲେ ଓ ଚିତ୍କାର କରୁଥିଲେ; ମାତ୍ର କୌଣସି ଏକ ବସ୍ତୁ ସେମାନଙ୍କୁ ଘର ଭିତରେ ପ୍ରବେଶ କରିବାରୁ ନିବୃତ୍ତ କରି ରଖିଥିଲା । ସତେଯେପରି ଏହି ଘଟଣାଟିର ମୋ' ସହିତ କିଛି ସମ୍ବନ୍ଧ ନାହିଁ, ମୁଁ ସେହିପରି ସମ୍ପୂର୍ଣ୍ଣ ଅବିଚଳିତ ଭାବରେ ଛିଡ଼ା ହୋଇ ରହିଥିଲି ।*

ଏହା ଦେଶ ସଂକ୍ରାନ୍ତରେ, ବ୍ୟକ୍ତିଗତ ଭାବରେ ତୁମର ନୁହେଁ ।

*କାଲି ମୋ'ର ଡାହାଣ ବାହୁରେ କିଞ୍ଚିତ୍, ଆଘାତ ଲାଗିଥିଲା । କାହିଁକି ମୁଁ କହି ପାରିବି ନାହିଁ, ମାତ୍ର ପ୍ରାୟ ଗୋଟିଏ ମିନିଟ୍ ସକାଶେ ମୁଁ ବେହୋସ୍ ହୋଇ ପଡ଼ିଲି । ମୁଁ ଏହାର କୌଣସି କାରଣ ଦେଖିପାରୁ ନାହିଁ ।*

ଆହୁରି ଅଧିକ ସାତତ୍ୟ ସହିତ ଦିବ୍ୟ ପରମ ଉପସ୍ଥିତି ଉପରେ ସଂକେନ୍ଦ୍ରିତ ହୋଇ ରହ ଏବଂ ତେବେ ସୁରକ୍ଷାଟି ଅଧିକ ସ୍ୱତଃସ୍ଫୂର୍ତ୍ତ ହୋଇପାରିବ ।

ସ୍ନେହ ଓ ଅନେକ ଆଶୀର୍ବାଦ ।

*ପ୍ରାୟ ୧୯୬୫ ବେଳକୁ*

*ମାଆ,*

*ନିଜର ଚେତନାରେ ଏତେଟିକିଏ ଊର୍ଦ୍ଧ୍ୱକୁ ଉଠିବା ପାଇଁ ଉଦ୍ୟମ କରିବା ସମୟରେ ମୁଁ ଏକ ବୃହତ୍ ଗତିରୋଧ ଅନୁଭବ କରେ ଏବଂ ତାହାଫଳରେ*

'oaob.nitrkl.ac.in' images reprocessed

*ଚେତନା ଉପରକୁ ନ ଉଠି ତଳକୁ ଖସି ପଡ଼ିବା ପରି ବୋଧ ହୁଏ । ଯେତେବେଳେ ଉଦ୍ୟମ କରିବା ଛାଡ଼ିଦିଏ, ସେତେବେଳେ ସବୁକିଛି ସ୍ୱାଭାବିକ ହୋଇଯାଏ ।*

ଅଗ୍ରଗତି ବିଷୟରେ କହିବାକୁ ଗଲେ, ତୁମେ **ମାନସିକ ସ୍ତରରେ** ଉଦ୍ୟମ କରୁଛ ବୋଲି ଏପରି ହେଉଛି ଏବଂ, ମାନସିକ ସ୍ତରଟି ଚେତନା ପାଇଁ ସର୍ବଦା ଏକ ପରିସୀମନ ପରି କାର୍ଯ୍ୟ କରିଥାଏ । କେବଳ ହୃଦୟ ଏବଂ ଚୈତ୍ୟର ଆସ୍ପୃହାରେ ତାହା ଫଳପ୍ରଦ ହୋଇପାରିବ । (ଏବଂ, ଯେତେବେଳେ ତୁମେ ଉଦ୍ୟମ କରିବା ବନ୍ଦ କରିଦେଉଛ, ସେତେବେଳେ ତୁମେ ମୋତେ କାର୍ଯ୍ୟ କରିବାକୁ ବାଟ ଛାଡ଼ିଦେଉଛ ଏବଂ ମୋତେ ଯଥାର୍ଥ ପ୍ରଣାଳୀଟି ଜଣା ଅଛି !)

*ପ୍ରାୟ ୧୯୬୫ ବେଳକୁ*

*ମାଆ,*

*"ବିନୋଦ କହିଲେ କ'ଣ ବୁଝାଏ", ସେ ବିଷୟରେ ମୁଁ ପ୍ରାଚୀନ ଓ ଆଧୁନିକ ବହୁତ କିଛି ପଢ଼ିଛି । ଆପଣଙ୍କର ବିନୋଦ ସେହିସବୁ ସଂଜ୍ଞା ସହିତ ଆଦୌ ଖାପ ଖାଏ ନାହିଁ ଏବଂ ତଥାପି ଆପଣଙ୍କର ବିନୋଦହିଁ ମୋତେ ସବୁଠାରୁ ଅଧିକ ବିନୋଦଯୁକ୍ତ ବୋଲି ଲାଗୁଛି । ଯଥାର୍ଥ ବିନୋଦ କହିଲେ ପ୍ରକୃତରେ କ'ଣ, ଆପଣ ମୋତେ ତାହା କହିପାରିବେ କି ?*

ସର୍ବୋଚ୍ଚ ସତ୍ତାଙ୍କର ବିନୋଦ ।

*ପ୍ରାୟ ୧୯୬୫ ବେଳକୁ*

*ମାଆ,*

*ପ୍ରାଚୀନ ପରମ୍ପରା ଅନୁସାରେ ସତ୍ୟ, ତ୍ରେତା, ଦ୍ୱାପର ଓ କଳି,— ଏହି ଚାରୋଟି ଯୁଗର ଗୋଟିଏ କ୍ରମ ରହିଛି । ଆପଣାର "ଯୋଗ ଓ ଏହାର ଉଦ୍ଦେଶ୍ୟ" ଗ୍ରନ୍ଥରେ ଶ୍ରୀଅରବିନ୍ଦ ଏହି କ୍ରମଟିକୁ ସମର୍ଥନ କରିଥିବା ପରି ମନେ ହେଉଛି । ଅନ୍ୟ ସ୍ଥାନଗୁଡ଼ିକରେ ମୁଁ ନିର୍ଦ୍ଦିଷ୍ଟ ଭାବରେ କିଛି ଉଲ୍ଲେଖ ରହିଥିବାର ଦେଖିଲି ନାହିଁ । ଆପଣ ଯେଉଁ ସତ୍ୟଯୁଗଟିକୁ ଆଣିବାକୁ ଯାଉଛନ୍ତି, ସେଇଟି ପରେ ମଧ୍ୟ ଅନ୍ୟ ତିନୋଟି ଯୁଗ ପୁଣି ଆସିବ ଓ ପୃଥିବୀ ବାରମ୍ବାର ଏହି ଅନ୍ଧକାର ମଧ୍ୟକୁ ପତିତ ହେବା ଲାଗି ବାଧ ହେଉଥିବ କି ନାହିଁ, ଆପଣ ଅନୁଗ୍ରହ କରି ମୋତେ ସେକଥା କହିବେ ।*

'oaob.nitrkl.ac.in' images reprocessed

ମୁଁ ଯାହା ଆଣିବାକୁ ଯାଉଛି, ଲୋକମାନେ ସେଇଟିକୁ କ'ଣ କହିବେ ମୁଁ ତାହା ଜାଣେ ନାହିଁ, ମାତ୍ର ଶ୍ରୀଅରବିନ୍ଦଙ୍କର କହିବା ଅନୁସାରେ ତାହା ପରେ ଏକ ନୂତନ ସୃଜନ ଆସିବ ଏବଂ ଅତିମାନସର ଆଗମନ ଘଟିବ । ମୁଁ କେବଳ ସେତିକି ଜାଣିଛି ।

ଅନେକ ଆଶୀର୍ବାଦ ।

*ପ୍ରାୟ ୧୯୬୫ ବେଳକୁ*

*ମାଆ,*

*ଗାଈର କ'ଣ ପ୍ରକୃତରେ ଏକ ବିଶେଷ ପବିତ୍ରତା ରହିଛି ନା ଏହାକୁ ଆର୍ଥିକ ଆବଶ୍ୟକତା ଉପରେ ଆଧାରିତ କେବଳ ଏକ ପରମ୍ପରା ବୋଲି କୁହାଯିବ ?*

କେବଳ ପରମ୍ପରା, ଓ ତାହା ପ୍ରାଚୀନ ପ୍ରତୀକଗୁଡ଼ିକ ଉପରେ ଆଧାରିତ ରହିଛି ।

ଅନେକ ଆଶୀର୍ବାଦ ।

*ପ୍ରାୟ ୧୯୬୫ ବେଳକୁ*

*ମାଆ,*

*ଅତ୍ୟନ୍ତ ସ୍ୱଳ୍ପ ବ୍ୟବଧାନରେ 'ଗ' ଅନେକ ଶିଶୁ ଉତ୍ପନ୍ନ କରିଛନ୍ତି । ମୁଁ ତାଙ୍କୁ କିଛିଦିନ ନିୟନ୍ତ୍ରଣ ଅବଲମ୍ବନ କରିବା ନିମନ୍ତେ ପରାମର୍ଶ ଦେଲି । ମାତ୍ର ସେକଥା ନ କରି, ପରବର୍ତ୍ତୀ ଅବସରଟି ଆସି ପହଞ୍ଚିବା ସମୟରେ ସେ ନିଜ ପତ୍ନୀଙ୍କର ଗର୍ଭ ନଷ୍ଟ କରିଦେବାକୁ ଚେଷ୍ଟା କଲେ । ଏହା ସଫଳ ହୋଇ ପାରିଲା ନାହିଁ । ତାଙ୍କର ପତ୍ନୀ ଅସୁସ୍ଥ ଅଛନ୍ତି । ବର୍ତ୍ତମାନ ସେ ଯଥାର୍ଥ ମାର୍ଗଟିକୁ ଜାଣିବାକୁ ଇଚ୍ଛା କରୁଛନ୍ତି ।*

**ନିୟନ୍ତ୍ରଣ**, ବା, ଯଦି ସେ ଏଥିଲାଗି ଅସମର୍ଥ ହେବେ (?), ନିଜର ଶଲ୍ୟୋପଚାର । ଏହା ଏବେ ଅତ୍ୟନ୍ତ ଲୋକପ୍ରିୟ ହେଲାଣି ।

*ପ୍ରାୟ ୧୯୬୫ ବେଳକୁ*

*ମାଆ,*

*'କ'ଙ୍କୁ ନେଇ ଯେଉଁସବୁ ଗଡ଼ବଡ଼ ହେଲା ମୁଁ ସେଥିପାଇଁ ଅତ୍ୟନ୍ତ ଦୁଃଖିତ ।*

'oaob.nitrkl.ac.in' images reprocessed

*ସେ ମୋତେ ଏକାଧିକ ବାର କହିଛନ୍ତି ଯେ, ନିଜ ବିଭାଗରେ ସେ ଭାରି ଅସୁଖୀ ହୋଇ ରହିଛନ୍ତି ଓ ସେଠୁ ବାହାରି ଆସିବାକୁ ଇଚ୍ଛା କରୁଛନ୍ତି । ମାତ୍ର, 'ଖ'ଙ୍କ ସାମନାରେ ସେକଥା କହିବାକୁ ଇଚ୍ଛା କରୁ ନାହାନ୍ତି । ସେ ଏପରି କୁହାଯାଉ ବୋଲି ଇଚ୍ଛା କରୁଛନ୍ତି ଯେ, ମାଆ ଚାହୁଁଛନ୍ତି ବୋଲି ସେ ବିଭାଗ ବଦଳାଇ ବସ୍ତ୍ର ଧାବନ ବିଭାଗକୁ ଆସୁଛନ୍ତି ।*

ଏପରି ଏକ ଦୁର୍ବଳତା ବଢ଼ି ବଢ଼ି ଏକ କପଟତାରେ ପରିଣତ ହେବ, ମୁଁ ଏକଥା ଆଦୌ ଇଚ୍ଛା କରେ ନାହିଁ । ଆଉ କ'ଣ ଅନ୍ୟ ବ୍ୟକ୍ତି କେହି ନାହିଁ, ଯିଏ କି ବସ୍ତ୍ର ଧାବନ ବିଭାଗର ଦାୟିତ୍ୱ ନେଇ ପାରିବ ?

'ଗ'ଙ୍କ ଜାଗାରେ ବସ୍ତ୍ର ଧାବନ ବିଭାଗରେ ଆଉ କାହାକୁ ନିୟୋଜିତ କରିବା ବିଷୟରେ, 'କ' ମନ ଖୋଲି ସେଠାକୁ ଯାଇ ସେହି କାର୍ଯ୍ୟଟିକୁ କରିବାକୁ ଇଚ୍ଛା କରୁଛନ୍ତି ବୋଲି 'ଖ'ଙ୍କୁ ନ କହିବା ପର୍ଯ୍ୟନ୍ତ ମୁଁ ତାଙ୍କୁ ଆଦୌ ଚାହିଁବି ନାହିଁ, କାରଣ ମୋ' କଥାରେ କୌଣସି କୂଟନୀତି ନ ଥାଏ ଏବଂ ପରିଣାମ ଯାହା ହେଉ ପଛକେ, 'ଖ'ଙ୍କୁ ମୁଁ ସତକଥାଟିକୁହିଁ କହିବି ।

ବସ୍ତୁତଃ, ଲୁଗାକଚାରେ କାର୍ଯ୍ୟ କରିବା ଲାଗି କିଞ୍ଚିତ୍ ଅଧିକ ସାହସ ଥିବା ଆଉ ଜଣଙ୍କୁ ଖୋଜି ବାହାର କରିବାହିଁ ଅଧିକ ଭଲ ହେବ ।

ଅନେକ ଧନ୍ୟବାଦ ।

*୧୫ ଜାନୁଆରି ୧୯୬୬*

*ମାଆ,*

*ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ ଏବଂ ହିନ୍ଦୀରେ ପୁନର୍କଥିତ (ଅନୂଦିତ ନୁହେଁ) କାହାଣୀଗୁଡ଼ିକୁ ହିନ୍ଦୀ ''ପୁରୋଧା''ରେ ପ୍ରକାଶିତ କରିବାକୁ ମୁଁ ଆପଣଙ୍କର ଅନୁମତି ନେଇଥିଲି ।*

ତାହାର ସରଳ ଅନୁବାଦ ହେଲେ ଅଧିକ ଭଲ ହେବ ବୋଲି ମୋ'ର ମନେ ହେଉଛି । ସେଗୁଡ଼ିକର ଅନୁବାଦ ନ କରି ତୁମେ ସେଗୁଡ଼ିକୁ କାହିଁକି ପୁନର୍କଥିତ ଭାବରେ ପ୍ରକାଶ କରୁଛ ?

*୪ ଫେବ୍ରୁଆରି ୧୯୬୬*

'oaob.nitrkl.ac.in' images reprocessed

*ମାଆ,*

*ଶ୍ରୀଅରବିନ୍ଦଙ୍କର କାହାଣୀଗୁଡ଼ିକୁ ହିନ୍ଦୀରେ ପୁନର୍କଥିତ ଭାବରେ ପ୍ରକାଶ କରିବାର କାରଣ ଅତ୍ୟନ୍ତ ସରଳ । ଏହାକୁ ସାଧୁତା ବୋଲି କୁହାଯିବ । ଆମେ ତାଙ୍କର "ବାଜୀ ପ୍ରଭୁ" କିଂବା "ମୁକ୍ତିଦାତା ପର୍ସିଅସ୍"ର ଅନୁବାଦ କରିପାରିବୁ ବୋଲି ଛଳନା କରିବାକୁ ଚାହୁଁ ନାହୁଁ । ଥରେ ଆପଣ ମୋତେ ଯେପରି କହିଥିଲେ, "ଯେଉଁ ଚେତନାରୁ ସେ ସେଗୁଡ଼ିକୁ ଲେଖିଛନ୍ତି, ସେହି ଚେତନାରେ ପହଞ୍ଚି ନ ପାରିଲେ" ଆମେ ମୂଳ ଲେଖାର ପାଖ ମଧ୍ୟ ମାଡ଼ି ପାରିବୁ ନାହିଁ । ସେହି ଚେତନାରେ ପହଞ୍ଚିବାର କଥାଟିକୁ ସ୍ୱପ୍ନରେ ମଧ୍ୟ କଳ୍ପନା କରାଯାଇ ପାରିବ ନାହିଁ । କାହାଣୀଗୁଡ଼ିକ ଖୁବ୍ ସୁନ୍ଦର; ସେଗୁଡ଼ିକୁ ଆମେ ନିଜ ଭାଷାରେ କହିଦେଉଛୁ ଏବଂ କହୁଛୁ ଯେ, ଯେଉଁମାନେ ପାରିବେ, ସେମାନଙ୍କର ମୂଳଟିକୁ ପାଠ କରିବାର ଚେଷ୍ଟା କରିବା ଉଚିତ । ଏହି ଆଲୋକରେହିଁ ଆପଣ "ପୁରୋଧା"ରେ ସେଗୁଡ଼ିକର ପୁନର୍କଥନ ଲାଗି ଅନୁମତି ପ୍ରଦାନ କରିଥିଲେ । ନିଷ୍ଠାପର ହେବା ଲାଗି ଚେଷ୍ଟା କରୁଥିବା ଅନୁବାଦ ଭାରି ପଣ୍ଡିତିଆ ହୋଇଯାଏ ଏବଂ ସରଳ ଆକର୍ଷଣକୁ ହରାଇ ବସେ । ସହଜଲଭ୍ୟ ଯାବତୀୟ ଅନୁବାଦ ଏହାହିଁ ପ୍ରମାଣ କରି ଦେଉଛନ୍ତି ।*

ଏହି ଦୃଷ୍ଟିରୁ ବିଷୟଟିର ବିଚାର କଲେ — ଏହିପରିହିଁ ହେଉ ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୪ ଫେବ୍ରୁଆରି ୧୯୬୬*

*ମାଆ,*

*ଆପଣଙ୍କର ଏଥିରେ ସମ୍ପୂର୍ଣ୍ଣ ଅନୁମୋଦନ ରହିଛି ବୋଲି ଧାରଣା କରି ମୁଁ ଉପନିଷଦର ବା ମହାଭାରତର କାହାଣୀଗୁଡ଼ିକ ପରି "ଶ୍ରୀଅରବିନ୍ଦଙ୍କର କାହାଣୀମାନ" ଦେବାକୁ ଯୋଜନା କରିଥିଲି । 'କ' ମୂଳଗୁଡ଼ିକୁ ପଢ଼ି ହିନ୍ଦୀରେ ଲେଖି ଦେଉଛନ୍ତି । ତା'ପରେ ମୁଁ ସମସ୍ତ ଅବୟବଟି ଉପରେ ଟିକିଏ କଲମ ମାରିଦେଉଛି । ବର୍ତ୍ତମାନ ମୋ'ର ଆଶଙ୍କା ହେଉଛି ଯେ ଆପଣଙ୍କୁ ଏହା ବିଶେଷ ଭଲ ଲାଗି ନ ଥିଲା । ଏହି ଯୋଜନାରେ ଆପଣଙ୍କର ଅନୁମୋଦନ ରହିଛି ବୋଲି ମୁଁ ଆଗରୁ ଘୋଷଣା କରି ଦେଇଥିବାରୁ ବର୍ତ୍ତମାନ ତାହାକୁ ପ୍ରତ୍ୟାହାର କରିନେବା କଷ୍ଟକର ହେବ । ତେବେ କ'ଣ କରାଯିବ ? ମୁଁ ଏଥିରେ ଖୁସୀ ନୁହେଁ ।*

'oaob.nitrkl.ac.in' images reprocessed

ଏହା ବେଶ୍ ଠିକ୍ ଅଛି । ତୁମେ ଖୁସିରେ ଅଗ୍ରସର ହୋଇଯାଅ । ତୁମେ ଯେପରି କଥାଟିକୁ କହିଛ, ମୋତେ ତାହା ଭଲ ଲାଗୁଛି ।

ଯେଉଁ ଅନ୍ତର୍ଗତ ଭାବ ନେଇ କଥାଗୁଡ଼ିକୁ କରାଯାଏ, ସବୁ ତାହାରି ଉପରେ ନିର୍ଭର କରୁଥାଏ ।

ତୁମର ଦୃଷ୍ଟିକୋଣଟି ଭଲ; ତେଣୁ ସବୁକିଛି ଠିକ୍ ଅଛି ।

*ମୁଁ ରାଧା ଓ କୃଷ୍ଣଙ୍କ ବିଷୟରେ କେତୋଟି ସୁନ୍ଦର କବିତା ପଢ଼ୁଅଛି । ରାଧା କେଡ଼େ ଜୀବନ୍ତ ମନେ ହେଉଛନ୍ତି । ଆଧୁନିକ କାଳର ବିଦ୍ୱାନ୍‌ମାନେ କହୁଛନ୍ତି ଯେ, କୃଷ୍ଣ-ଉପାସନା ସହିତ ରାଧାଙ୍କୁ ଏକାବେଳେକେ ଏବେ ଯୋଡ଼ି ଦିଆଯାଇଛି । ରାଧା ପ୍ରକୃତରେ ଥିଲେ କି ନାହିଁ, ଆପଣ ମୋତେ ସେକଥା କହି ପାରିବେ କି ?*

ସେ ଅବଶ୍ୟ ଥିଲେ ଓ ବର୍ତ୍ତମାନ ମଧ୍ୟ ଅଛନ୍ତି ।

ସ୍ନେହ ଓ ଅନେକ ଆଶୀର୍ବାଦ ।

*୮ ଫେବ୍ରୁଆରି ୧୯୬୬*

*ମାଆ,*

*ଭାରତର ରାଜନୀତିକ ଓ ଆର୍ଥିକ ଅବସ୍ଥା ଅଧିକରୁ ଅଧିକ ହାସ୍ୟାସ୍ପଦ ହେବାରେ ଲାଗିଛି । ଆପଣ ଦୟାକରି ଭାରତବର୍ଷକୁ ଭାରତୀୟମାନଙ୍କ ହାତରୁ ରକ୍ଷା କରନ୍ତୁ ଏବଂ ଆମକୁ ଆପଣଙ୍କ କରୁଣାର ଯୋଗ୍ୟ କରିନିଅନ୍ତୁ ।*

ଦିବ୍ୟ ପରମସତ୍ତାଙ୍କର କରୁଣା ଅତ୍ୟନ୍ତ ଚମତ୍କାର ଏବଂ ସର୍ବଶକ୍ତିମାନ୍ ।

ଏବଂ, ପରମପ୍ରଭୁ ଯେଉଁ ଧାରାରେ କାର୍ଯ୍ୟ କରନ୍ତି, ସେଥିରେ ବିନୋଦର ଏକ ଆନନ୍ଦଦାୟକ ଭାବହିଁ ପୂର୍ଣ୍ଣ ହୋଇ ରହିଥାଏ...

ସ୍ନେହ ଓ ଅନେକ ଆଶୀର୍ବାଦ ।

*୬ ମାର୍ଚ୍ଚ ୧୯୬୬*

*ମାଆ,*

*ଆଜି ସକାଳ ସାଢ଼େ ଆଠଟା ସମୟରେ ଶ୍ରମ ବିଭାଗର ସରକାରୀ ପରିଦର୍ଶକ ଆମ ବସ୍ତ୍ର ଧାବନ ବିଭାଗ ପରିଦର୍ଶନ କରିବାକୁ ଆସୁଛନ୍ତି । ଯଦି*

'oaob.nitrkl.ac.in' images reprocessed

*ଆମେ କୋଡ଼ିଏ ବା ତତୋଽଧିକ ବ୍ୟକ୍ତିଙ୍କୁ ନିଯୁକ୍ତି ଦେଉଥିବା, ତେବେ ଯାଇ ଆମେ ଫ୍ୟାକ୍ଟ୍ରୀ ଆଇନର ପରିସର ମଧ୍ୟକୁ ଆସିବା । ଆମର ୨୩ ଜଣ ବ୍ୟକ୍ତି ଅଛନ୍ତି । ଅଧିକାଂଶ ବ୍ୟକ୍ତି ବା ପ୍ରକୃତରେ କହିଲେ ସବୁ ବିଜ୍ଞ ବ୍ୟକ୍ତି ଆମ ପାଖରେ ୧୯ ଜଣ ବ୍ୟକ୍ତି କାର୍ଯ୍ୟ କରୁଛନ୍ତି ବୋଲି ଘୋଷଣା କରିବାକୁ ମୋତେ ପରାମର୍ଶ ଦେଉଛନ୍ତି । ମାତ୍ର ମୁଁ ଭାବୁଛି ଯେ ଆଶ୍ରମର ଗୋଟିଏ ବିଭାଗ ମିଛ ଘୋଷଣାମାନ ଦେବା ଆଦୌ ଉଚିତ ହେବ ନାହିଁ ଏବଂ ତେଣୁ ମୁଁ ଠିକ୍ ସଂଖ୍ୟାଟିକୁହିଁ କହିବି । ମୁଁ ଠିକ୍ କାର୍ଯ୍ୟ କରୁଛି ତ ? ମୋ'ର ଘୋଷଣା ଫଳରେ ଆପଣଙ୍କୁ ପ୍ରୋଭିଡ଼େଣ୍ଟ ପାଣ୍ଠି ପ୍ରଭୃତି ଲାଗି ଅର୍ଥ ଦେବାକୁ ପଡ଼ିବ ।*

ତୁମେ କଦାପି ଏକ ଭୁଲ୍ ସଂଖ୍ୟା ଦେଇ ପାରିବ ନାହିଁ — ମାତ୍ର, ପରିକରମାନଙ୍କର ସଂଖ୍ୟାକୁ ପ୍ରକୃତରେ ୧୯କୁ କମାଇ ଆଣିବା ସମ୍ଭବ ହେବ ନାହିଁ କି ?

*୨୧ ମାର୍ଚ୍ଚ ୧୯୬୬*

*(ଏହି ଶିଷ୍ୟ ପ୍ରକୃତରେ କ'ଣ କରିବେ, ସେ ବିଷୟରେ କିଛି ନିଷ୍ପତ୍ତି କରି ପାରୁ ନ ଥିଲେ, କାରଣ ତାଙ୍କ ସତ୍ତାର ବିଭିନ୍ନ ଭାଗଗୁଡ଼ିକ ପରସ୍ପର ବିରୋଧୀ ଯୁକ୍ତିମାନ ବାଢ଼ିବାରେ ଲାଗିଥିଲେ ଏବଂ ପ୍ରତ୍ୟେକଟି ଯୁକ୍ତି ଠିକ୍ ବୋଲି ମନେ ହେଉଥିଲା । ଏହି ପରିସ୍ଥିତିରେ ସେ କ'ଣ କରିବେ ବୋଲି ମାଆଙ୍କୁ ପଚାରିଥିଲେ ।)*

ଉତ୍ତର ଦେବା ଲାଗି ମୁଁ ସମ୍ପୂର୍ଣ୍ଣ ଇଚ୍ଛୁକ ଅଛି — ମାତ୍ର ସମ୍ଭବତଃ ଏହି ଉତ୍ତରଟି ମଧ୍ୟ ତୁମକୁ ପୁନର୍ବାର ଚକିତ କରି ପକାଇବ ...

ବସ୍ତୁତଃ, ତୁମର ବିଭିନ୍ନ ଭାଗଗୁଡ଼ିକ ଠିକ୍ ଠିକ୍ ଯୁକ୍ତି କରୁଛନ୍ତି । ଏବଂ, ଏହି କ୍ଷେତ୍ରରେ ବିଜ୍ଞତାର କାର୍ଯ୍ୟ ହେଉଛି ଯେ, ତୁମେ ଚେତନା ମଧ୍ୟରେ ଯଥେଷ୍ଟ ଗଭୀର ଯାଏ ଯିବ ଓ ଏପରି ଏକ ସ୍ଥାନରେ ଯାଇ ପହଞ୍ଚିବ, ଯେଉଁଠାରେ କି ସେମାନେ ପରସ୍ପର ସହିତ ମିଳିତ ହୋଇ ଯାଉଥିବେ ଓ ସମ୍ମତ ହେଉଥିବେ,— ଯେଉଁଠାରେ କି ସେମାନେ ପରସ୍ପରର ବିରୋଧ ନ କରି ପରସ୍ପରର ପରିପୂରକ ହେଉଥିବେ ।

ତୁମେ ପ୍ରକୃତରେ କେଉଁ କାର୍ଯ୍ୟଟିକୁ କରିବ, ସେ ବିଷୟରେ କହିବାକୁ ଗଲେ, ଅତି କଠୋର ନୀତିଗୁଡ଼ିକ ଦ୍ୱାରା ସୃଷ୍ଟ ହେଉଥିବା ଅସୁବିଧାଗୁଡ଼ିକ ଅପେକ୍ଷା ଏକ ମୃଦୁ ଓ ସମଞ୍ଜସତାପୂର୍ଣ୍ଣ କ୍ରିୟାଶୀଳତା ସାଧାରଣତଃ ଅଧିକ ଫଳପ୍ରଦ ହୋଇଥାଏ ... ମାତ୍ର ସେଇଟିକୁ ମଧ୍ୟ ଚରମ ବୋଲି ଗ୍ରହଣ କରିନେବା ଉଚିତ ନୁହେଁ;— ତେଣୁ, ସର୍ବୋତ୍କୃଷ୍ଟ

'oaob.nitrkl.ac.in' images reprocessed

ସ୍ଥିତି ହେଉଛି, ପ୍ରତ୍ୟେକ ଅବସରରେ, ଅନ୍ତର୍ଗତ ନୀରବତା ମଧ୍ୟରେ ଊର୍ଦ୍ଧ୍ୱରୁହିଁ ମାର୍ଗଦର୍ଶନଟିକୁ ଗ୍ରହଣ କରିବା ।

ସତତ ଅଭ୍ୟାସ ତଥା ସଦିଚ୍ଛା ଦ୍ୱାରା ଏହା ସମ୍ଭବ ହୋଇଥାଏ ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୨୪ ମାର୍ଚ୍ଚ ୧୯୬୬*

*ମାଆ,*

*ଆମର ପୁରୁଣା କର୍ମୀମାନେ, ଖରାପ ଭାବରେ ଖାଦ୍ୟ ପ୍ରସ୍ତୁତ କରିବା ଦୋଷରେ ଯେଉଁମାନଙ୍କୁ ଦୋଷୀ କରାଯାଉଛି, ବାରଂବାର ଅଧିକ ମସଲା, ଅଧିକ ତେଲ ଅଥବା ତଦନୁରୂପ ସାମଗ୍ରୀଗୁଡ଼ିକ ଲାଗି ଅନୁରୋଧ କରି ଆସିଛନ୍ତି । ଯେତେବେଳେ ମୁଁ ପାକଶାଳାର କାର୍ଯ୍ୟଟିକୁ ଗ୍ରହଣ କରିଥିଲି, ସେତେବେଳେ ସେମାନଙ୍କ ମଧ୍ୟରୁ କେତେଜଣ ମୋତେ ମଧ୍ୟ ନିବେଦନ କରି ସେକଥା କହିଥିଲେ । ମୁଁ ସେମାନଙ୍କୁ ଚୁପ୍ ରହିବାକୁ ଅନୁରୋଧ କରିଥିଲି, କାରଣ ଆଶ୍ରମରେ ଆର୍ଥିକ ଅସୁବିଧାମାନ ରହିଥିଲା । ମାତ୍ର ପରେ ମୁଁ ଭାବିଲି ଯେ ମୋ'ର ସେମାନଙ୍କୁ ସେମାନଙ୍କର କାର୍ଯ୍ୟରେ କିଛିତ୍ ସ୍ୱାଧୀନତା ଦେବାକୁ ଚେଷ୍ଟା କରିବା ଉଚିତ ହେବ । ମୁଁ 'ଖ'ଙ୍କ ସହିତ କଥା ହେଲି ଓ ସେମାନଙ୍କ ସକାଶେ ଅଧିକ ମସଲା ଓ ତେଲ ଯୋଗାଡ଼ କରି ଆଣିଲି । ମୁଁ ଠିକ୍ କଲି ବା ଭୁଲ୍ କଲି, ଆପଣଙ୍କଠାରୁ ମିଳିଥିବା ଉତ୍ତରଟି ବର୍ତ୍ତମାନ ମୋତେ ସେହି ସନ୍ଦେହରେ ପକାଇ ଦେଇଛି ।*

ର, ତୁମର ପ୍ରକୃତରେ କ'ଣ ହୋଇଛି ? ମୁଁ ସର୍ବଦା ତୁମକୁ ସେହି ବିରଳ ବ୍ୟକ୍ତିମାନଙ୍କ ଭିତରୁ ଜଣେ ବୋଲି ବିଚାର କରିଆସିଛି, ଯେଉଁମାନେ କି ମୋ'ର ପରିହାସଗୁଡ଼ିକୁ ବୁଝିପାରନ୍ତି !... କିନ୍ତୁ ବର୍ତ୍ତମାନ ! ତୁମେ ଗୋଟିଏ ସ୍ୱଚ୍ଛ ପରିହାସକୁହିଁ ଏତେ ଗମ୍ଭୀର ଭାବରେ ଗ୍ରହଣ କରୁଛ !... ତୁମର କର୍ମୀମାନଙ୍କ ବିରୋଧରେ ମୋ'ର କିଛି କହିବାର ନାହିଁ । ଏହି କ୍ଷେତ୍ରରେ ବରଂ ଠିକ୍ ଓଲଟାଟାହିଁ କୁହାଯିବ; ସେମାନଙ୍କ ମଧ୍ୟରେ କାର୍ଯ୍ୟ ଲାଗି ଏକ ନୂତନ ଆଗ୍ରହ ଜାଗ୍ରତ କରି ଆଣିବା ମୋ'ର ଉଦ୍ଦେଶ୍ୟ ଥିଲା ଏବଂ, ଏକ ପ୍ରକୃତ ଅନୁଭବର ଦୃଢ଼ ଭୂମି ଉପରେ, ଏକ ଭୋଜନଯୋଗ୍ୟ ରନ୍ଧନ ନିମନ୍ତେ ଯାହା ଆବଶ୍ୟକ ସେମାନଙ୍କୁ ମୁଁ ତାହା ଦେବା ଲାଗି ଭାବିଥିଲି । ତୁମେ ବୁଝିବା ସକାଶେ ଯେ, ଆଗରୁ ସବୁକଥାକୁ ମୋତେ ତନ୍ନ ତନ୍ନ କରି କହିଦେବାକୁ ପଡୁଥିବାରୁ ମୁଁ ପ୍ରକୃତରେ ଦୁଃଖିତ ।

'oaob.nitrkl.ac.in' images reprocessed

ଯିଏ ତୁମକୁ ଏକଥାଟି କହିଛନ୍ତି, ତୁମେ ତାଙ୍କୁ କହିଦେଇ ପାରିବ ଯେ, ରନ୍ଧା ପାଇଁ ଯାହା ଆବଶ୍ୟକ, ତାଙ୍କୁ ସେହି ସବୁକିଛି ଅବଶ୍ୟ ମିଳିବ; ମାତ୍ର, ସମଗ୍ର ବିଷୟଟିକୁ ପୁଣି ଭଲ ଭାବରେ ସଂଗଠିତ କରିନେବାକୁ ହେବ ଏବଂ, କୌଣସି ସ୍ଥାୟୀ କଥାକୁ କଦାପି ତରତର ହୋଇ କରାଯାଇ ପାରିବ ନାହିଁ ।

ତେଣୁ, ମୁଁ ଯାହାକିଛି କହିଛି ବା କରିଛି, ତୁମ କାର୍ଯ୍ୟରେ ମୁଁ ସନ୍ତୁଷ୍ଟ ନୁହେଁ ବୋଲି ଯଦି ତାହା ତୁମକୁ ସେହିପରି ଏକ ଧାରଣା ଏବେ ଆଣିଦେଇଛି, ତେବେ ସେଥିଲାଗି ମୁଁ ଅତ୍ୟନ୍ତ ଦୁଃଖିତ, କାରଣ ମୋ' ଚେତନାରେ ସେଭଳି ଆଦୌ କୌଣସି ଜିନିଷ ନାହିଁ । ପରିସ୍ଥିତି ଖରାପ ବୋଲି ମୋତେ ଜଣାଅଛି ଏବଂ ତେଣୁ, ଯାହା ସର୍ବୋତ୍ତମ ଭାବରେ କରିହେବ, ତୁମେ ତାହାହିଁ କରୁଛ । ମାତ୍ର, ପ୍ରତ୍ୟେକ ବ୍ୟକ୍ତି ଓ ପ୍ରତ୍ୟେକ ବସ୍ତୁର କ୍ଷେତ୍ରରେ ସର୍ବଦା ଅବଶ୍ୟ ଏକ ଅଗ୍ରଗତି ହୋଇପାରିବ ଏବଂ ମୁଁ ମଧ ଏକ ସମ୍ଭାବ୍ୟ ଉନ୍ନତିକୁ ଦୃଷ୍ଟି ସମକ୍ଷରେ ରଖି ସର୍ବଦା କାର୍ଯ୍ୟ କରୁଛି । କଠିନତମ ଅସୁବିଧାମାନ ଯେ ବୃହତ୍ତମ ବିଜୟଗୁଡ଼ିକୁ ସର୍ବଦା ବହନ କରି ଆଣନ୍ତି, ସେକଥା ମୁଁ ଭଲଭାବେ ଜାଣିଛି ।

ଏବଂ ମୋ'ର ବିଶ୍ୱାସ ଅଛି ଯେ, ତୁମେ ସେଥିପାଇଁ ମୋ' ସହିତ ଅବଶ୍ୟ ରହିଛ ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୨୬ ମାର୍ଚ୍ଚ ୧୯୬୬*

*(ଭୋଜନକକ୍ଷର ଜଣେ କର୍ମୀଙ୍କ ସହିତ ହୋଇଥିବା ମତପାର୍ଥକ୍ୟ ବିଷୟରେ ଏହି ଶିଷ୍ୟ ଲେଖିଥିଲେ । ତାଙ୍କ ପତ୍ରର ଶେଷରେ ଥିଲା :)*

*କ୍ରୋଧ ସହିତ ଲେଖିଥିବାରୁ ମୁଁ ଦୁଃଖିତ, ମାତ୍ର ଏ ଧରଣର ଏକ ଅବିଶ୍ୱାସ ପ୍ରକୃତରେ ଅତ୍ୟନ୍ତ ଆଘାତ ଦିଏ ଏବଂ ମୁଁ ତାହାକୁ ଲୁଚାଇ ରଖେ ନାହିଁ ।*

ଏହି କ୍ଷେତ୍ରରେ **କୌଣସି ଅବିଶ୍ୱାସ ନ ଥିଲା** ଏବଂ ତୁମେ ଏହାକୁ ସେପରି ଭାବରେ ଗ୍ରହଣ କରିଥିବାରୁ ମୁଁ ଦୁଃଖିତ । ମାତ୍ର ବର୍ତ୍ତମାନ ମୁଁ ତୁମକୁ **ଗମ୍ଭୀର ଭାବରେ** (କାରଣ ତୁମେ ମୋ'ର ପରିହାସଗୁଡ଼ିକୁ ବୁଝୁଥିଲା ପରି ଆଦୌ ମନେ ହେଉ ନାହିଁ) କହୁଛି ଯେ, ସବୁଠାରୁ ଭଲ କଥା ହେଉଛି ଯେ ତୁମେ 'ଗ'ଙ୍କ ସହିତ ମୁକ୍ତ, ଖୋଲାଖୋଲି ଏବଂ ବନ୍ଧୁତ୍ୱପୂର୍ଣ୍ଣ କଥାବାର୍ତ୍ତା କରିବ ଓ ସମସ୍ୟାଟିର ସମାଧାନ କରିବାକୁ ହେଲେ ତୁମେ ସେଇଟି ଉପରେ କିଭଳି ଦୃଷ୍ଟିପାତ କରୁଛ, ତାଙ୍କୁ ସେକଥା କହିଦେବ ।

ଯଦି ତୁମେ ଦୁଇଜଣଯାକ ଏକ ସମଞ୍ଜସତାପୂର୍ଣ୍ଣ ଏବଂ ଫଳପ୍ରଦ ସମାଧାନରେ

'oaob.nitrkl.ac.in' images reprocessed

ଆସି ପହଞ୍ଚି ପାରିବ, ତେବେ ମୁଁ ତାହାକୁ... ମୋ' ଲାଗି ଏକ ବୃହତ୍ ବିଜୟ ବୋଲି ଭାବିବି ।

ସ୍ନେହ ଓ ଅନେକ ଆର୍ଶୀବାଦ ସହିତ ।

*୨ ଏପ୍ରିଲ ୧୯୬୬*

*ମାଆ,*

*ମୋ' ହାତ କିପରି ଅଛି ବୋଲି ଆପଣ ପଚାରିଛନ୍ତି । ମୁଁ କ'ଣ ଉତ୍ତର ଦେବି ଜାଣି ପାରୁ ନାହିଁ । ଏହି ବିଷୟରେ ଆପଣଙ୍କୁ ସମ୍ବାଦ ଦେବା ପୂର୍ବରୁ, ଗୋଟିଏ ଫୋଟୋ ଉଠାଇ ପାରିବା ସକାଶେ ମଧ ମୁଁ ଆପଣଙ୍କର ସାହାଯ୍ୟ ଲାଗି ପ୍ରାର୍ଥନା କରୁଥିଲି; କେବଳ ଆପଣଙ୍କୁ ସତତ ସ୍ମରଣ କରିବା ଦ୍ୱାରାହିଁ ମୁଁ ମୋ' କାର୍ଯ୍ୟଟିକୁ ସମ୍ପୂର୍ଣ୍ଣ କରି ପାରିଲି । ମାତ୍ର, ଆପଣଙ୍କର ଆଶୀର୍ବାଦ ବାର୍ତ୍ତା ମିଳିବା ପରେ ମୁଁ ପ୍ରତ୍ୟେକଟି ପ୍ରାୟ ତିରିଶି କିଲୋ ଓଜନ ଥିବା ଏକାଧିକ ଅଙ୍ଗୁର-ବାକ୍ସ ଉଠାଇ ପାରିଲି, ଏବଂ ଆପଣଙ୍କୁ ଥରେ ମଧ ଡାକିବା ପାଇଁ ଭୁଲିଗଲି । ତେଣୁ, କେଉଁ ଅବସ୍ଥାଟି ଅଧିକ ଭଲ, ଏଥିରୁ ଆପଣ ତାହା ବିଚାର କରି ପାରିବେ !!*

ତୁମ କ୍ଷେତ୍ରରେ କେବଳ ମାନସିକ ସମ୍ପର୍କ ସ୍ଥାପନ ଅପେକ୍ଷା ସ୍ଥୂଳ ସମ୍ପର୍କ ସ୍ଥାପନ (ଏଥର ଲେଖିବାର ମାଧମରେ) ଯେ ଅଧିକ ଫଳପ୍ରଦ, ଏଥିରୁ ତାହାର ଆଉଥରେ ପ୍ରମାଣ ମିଳିଲା ।

ସ୍ନେହ ଓ ଅନେକ ଆଶୀର୍ବାଦ ।

*୭ ଏପ୍ରିଲ ୧୯୬୬*

*ମାଆ,*

*ମୁଁ ଯେତେବେଳେ ଏଠାକୁ ଆସିଲି, ସେତେବେଳେ ମୋତେ ଆପଣ ଭୋଜନକକ୍ଷରେ କାମ ଦେଇଥିଲେ । ଏଣୁ, ଅନ୍ୟମାନେ ଶ୍ରୀଅରବିନ୍ଦଙ୍କୁ ପ୍ରଣାମ କରୁଥିବା ସମୟରେ ଗତ ଦର୍ଶନ-ଦିନ ମୁଁ କାର୍ଯ୍ୟରତ ଥିଲି । ମୋ' କାର୍ଯ୍ୟଟି ସାଢ଼େ ନଅଟା ପର୍ଯ୍ୟନ୍ତ ଲାଗି ରହିଥିଲା, ମାତ୍ର ମୋ' ଗୋଷ୍ଠୀଟି ପାଇଁ ନଅଟା ଯାଏ ଦର୍ଶନ ଲାଗି ଯିବାସକାଶେ ସମୟ ଧାର୍ଯ୍ୟ ହୋଇଥିଲା । ମୋତେ ସମସ୍ତେ କହିଲେ ଯେ କାମ ଛାଡ଼ି ମୋ'ର ଅବଶ୍ୟ ଯିବା ଉଚିତ, ନ ହେଲେ ମୋତେ ଦର୍ଶନଟିକୁ ହରାଇବାକୁହିଁ ପଡ଼ିବ । ମୁଁ କୌଣସି ଚିନ୍ତା କଲି ନାହିଁ । କାର୍ଯ୍ୟ ସାରିବାପରେ ଯାଇ ମୁଁ ଆସିଲି,— ଏବଂ, କ'ଣ ହେଲା ଦେଖନ୍ତୁ,— ଶ୍ରୀଅରବିନ୍ଦଙ୍କର*

'oaob.nitrkl.ac.in' images reprocessed

*ମଧ୍ୟ କିଞ୍ଚିତ୍ ବିଳମ୍ବ ହୋଇଥିଲା ଓ ମୁଁ ଆସିବା ପରେ ଯାଇ ମୋ' ଗୋଷ୍ଠୀର ପାଳି ପଡ଼ିଲା ।*

ଅତ୍ୟନ୍ତ ସ୍ୱାଭାବିକ କଥା !

*ଯେତେବେଳେ 'କ'ଙ୍କ କାର୍ଯ୍ୟଟିକୁ କରିବା ସକାଶେ ଆପଣ ମୋତେ ଉପର ମହଲାକୁ ଡାକିଲେ, ସେତେବେଳେ ଆପଣ ମୋତେ କହିଲେ ଯେ, ଯଦି ମୁଁ କେବଳ କାମ ବିଷୟରେହିଁ ଚିନ୍ତା କରନ୍ତି ଏବଂ ଆପଣଙ୍କୁ ପ୍ରତ୍ୟେକ ଥର ଭେଟିଲାବେଳେ ଆପଣଙ୍କ ଆଡ଼କୁ ନ ଅନାନ୍ତି, ତେବେ ମୁଁ ଅନେକ ଅନେକ ଅସୁବିଧାକୁ ଏଡ଼ିଦେଇ ପାରନ୍ତି । ନିଷ୍ଠାପର ଭାବରେ ସେହି ପରାମର୍ଶଟିକୁ ମାନିବା ଲାଗି ମୁଁ ପ୍ରାଣପଣେ ଚେଷ୍ଟା କରିଛି ଏବଂ ତଦ୍ୱାରା ମୋତେ ବହୁତ ସାହାଯ୍ୟ ମିଳିଛି । ସେହିପରି ଭାବରେ, ଏକାଧିକ ବାର ଶ୍ରୀଅରବିନ୍ଦଙ୍କ ପ୍ରକୋଷ୍ଠ ଆଡ଼କୁ ଯିବାକୁ ପଡ଼ିଥିଲେ ମଧ୍ୟ ମୁଁ ତାଙ୍କ ଆଡ଼କୁ ମଧ୍ୟ ଆଦୌ ଅନାଇ ନାହିଁ । ଆପଣ ମୋତେ ଦେଖି ପାରୁଛନ୍ତି, ମୁଁ ତାହାକୁହିଁ ସର୍ବଦା ଯଥେଷ୍ଟ ବୋଲି ଭାବିଛି,– ତେଣୁ, ଆପଣଙ୍କ ଆଡ଼କୁ ଅନାଇବାର ଆଉ କୌଣସି ପ୍ରୟୋଜନ ନାହିଁ । ଯଦି ଆପଣ ମୋତେ ଏହି ଧାରାଟିକୁ ବଦଳାଇ ଦେବାକୁ କହିବେ, ତେବେ ମୁଁ ନିଶ୍ଚିତ ଭାବରେ ତାହାହିଁ କରିବି;– ଆପଣ ଯେତିକି ଇଚ୍ଛା କରିବେ, ମୁଁ ସେତିକି ଅବଶ୍ୟ କରିପାରିବି । ଜୀବନଟା ନାନା ବିରୋଧାଭାସରେ ପୂର୍ଣ୍ଣ ହୋଇ ରହିଥାଏ, ନୁହେଁ କି ?*

ତୁମର ମନୋଭାବଟି ଅତ୍ୟନ୍ତ ଚମତ୍କାର ଏବଂ, କାର୍ଯ୍ୟ ଲାଗି ତଥା ତୁମ ନିଜ ଲାଗି ମଧ୍ୟ ଅତ୍ୟନ୍ତ ସହାୟକ ।

ତେଣୁ, ଯେପରି ଅଛି, ଆମେ ତାହାକୁ ସେହିପରି ରଖିବା ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୮ ଏପ୍ରିଲ୍ ୧୯୬୬*

*ମାଆ,*

*ମୁଁ ବର୍ତ୍ତମାନ ଏହି କ୍ଷୀର ନିଅଣ୍ଟ ହେଉଥିବା ସମୟରେ କ୍ଷୀର ବାଣ୍ଟିବାର ଭବିଷ୍ୟତ୍ ବ୍ୟବସ୍ଥାଟି ବିଷୟରେ କିଛି କହିବି । ମୋ' ନିଜର କୌଣସି ପ୍ରସ୍ତାବ ଦେବା ପରିବର୍ତ୍ତେ, ଆପଣ ମୁଁ କ'ଣ କରେ ବୋଲି ଇଚ୍ଛା କରୁଛନ୍ତି, ମୁଁ ନିର୍ଦ୍ଦିଷ୍ଟ*

'oaob.nitrkl.ac.in' images reprocessed

*ଭାବରେ ସେହି କଥାଟିକୁ ଜାଣିବାକୁ ଇଚ୍ଛା କରୁଛି। ପିଲା କହିଲେ ଆମେ କେଉଁମାନଙ୍କୁ ବୁଝିବା ଏବଂ ଅଧିକା କ୍ଷୀରତକ କିଭଳି ଭାବରେ ଦିଆଯିବ ?*

ପନ୍ଦର ବର୍ଷରୁ କମ୍ ପ୍ରତ୍ୟେକଙ୍କୁ ମୁଁ ପିଲା ବୋଲି ବିଚାର କରିବି । ଦଶବର୍ଷ ବୟସର ପିଲାଙ୍କୁ ଦୈନିକ ଅନ୍ତତଃ ପୂରା ଦୁଇ କପ୍ କ୍ଷୀର ଦିଆଯାଉ ବୋଲି ମୁଁ ଇଚ୍ଛା କରୁଛି (ଅବଶ୍ୟ, ଯେଉଁମାନେ କ୍ଷୀର ଭଲ ପାଆନ୍ତି ନାହିଁ, ସେମାନଙ୍କୁ କ୍ଷୀର ନିଅ ବୋଲି ଆଦୌ କୁହାଯିବ ନାହିଁ ।)

ରୋଗୀମାନଙ୍କୁ, ଯଦି ଡାକ୍ତର ସୁପାରିସ କରିଥିବେ, ସେମାନେ ଇଚ୍ଛା କଲେ ମଧ୍ୟ କ୍ଷୀର ଦିଆଯାଇ ପାରିବ । ଏତିକି ବ୍ୟତୀତ, ଆଉ ଅନ୍ୟମାନଙ୍କ କଥାକୁ ମୁଁ ତୁମ "ପ୍ରଜ୍ଞା" ଉପରେହିଁ ଛାଡ଼ିଦେଉଛି ।

*୧୪ ଏପ୍ରିଲ ୧୯୬୬*

*ମାଆ,*

*(ଶୁଖାଶୁଖି କରିବାକୁ ବ୍ୟବହୃତ ହେଉଥିବା) ମୋ' ଉପର ମହଲା ଅଗଣାରେ ଯେଉଁ କାଚ ବାକ୍ସଟି ରହିଥିଲା, ଝଡ଼ପବନ ତାହାକୁ ପ୍ରାୟ ଦୁଇ ମିଟର ଉଡ଼ାଇ ନେଇ ଆଉଗୋଟାଏ ଜାଗାରେ ପକାଇଦେଲା ଏବଂ ସବୁଯାକ କାଚ ଭାଙ୍ଗିଗଲା । ଆଶ୍ରମ ଓ ପଣ୍ଡିଚେରୀ ପ୍ରତି ଏହି ଝଡ଼ର ଏକ ବିଶେଷ ଶ୍ରଦ୍ଧା ଥିଲାଭଳି ମନେ ହେଉଛି ।*

ହଁ, ହୋଇପାରେ ।

ଝଡ଼ଟିର ପଛରେ ଥିବା ଶକ୍ତିଗୁଡ଼ିକ ଆଦୌ ଶତ୍ରୁଭାବାପନ୍ନ ନ ଥିଲେ; ସେମାନଙ୍କ ଭିତରେ ରୂପାନ୍ତରକାରୀ ସାମର୍ଥ୍ୟ ପୂର୍ଣ୍ଣ ହୋଇ ରହିଥିଲା । ତୁମେ ଉଚିତ କାର୍ଯ୍ୟହିଁ କରିଛ ଏବଂ, ମୁଁ ତୁମକୁ ନିର୍ଭରରେ ସହିତ କହିପାରିବି ଯେ, ଉତ୍ତେଜିତ ହୋଇ କିଛି କରି ପକାଇବାରେ ନିଜକୁ ଛାଡ଼ିଦେବା ଅପେକ୍ଷା ନିଜ ଭିତରକୁ ପ୍ରବେଶ କରି ଶକ୍ତିଟିକୁ ଗ୍ରହଣ କରିବା ପ୍ରକୃତରେ ଅଧିକ ସହାୟକ ହୋଇଥାଏ । "ତମସ୍" ଯେ ଆଦୌ ଭଲ ନୁହେଁ, ସେଥିରେ କୌଣସି ସନ୍ଦେହ ନାହିଁ; ମାତ୍ର, କେବଳ ଦିବ୍ୟ ପରମଚେତନା ପାଖରେ ସମର୍ପିତ ହୋଇ ରହିବା ଦ୍ୱାରାହିଁ ସେହି ତମସ୍‌କୁ ବଦଳାଇ ଦିଆଯାଇ ପାରିବ ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୬ ମଇ ୧୯୬୬*

'oaob.nitrkl.ac.in' images reprocessed

*ମାଆ,*

*ସେଦିନ ଜଣେ ବ୍ୟକ୍ତି ଆସି ତାଙ୍କ ଲୁଗାପଟା କଚାହେବା ପାଇଁ ସେ ଦେଇ ପାରିବେ କି ନାହିଁ ବୋଲି ମୋତେ ପଚାରିଲେ । ମୁଁ କହିଲି, ''ଆପଣ ଏଠାରେ ବର୍ଷେ ରହିବାପରେ ଯାଇ ତାହା କରିପାରିବେ ।'' ଏବଂ, ସେ ସାଙ୍ଗେ ସାଙ୍ଗେ ଆପଣ ଦେଇଥିବା ଏକ ଅନୁମୋଦନକାରୀ କାଗଜ ବାହାର କରି ମୋତେ ଦେଖାଇଲେ !!*

କୌଣସି ଦାବିରେ ସ୍ୱାକ୍ଷର କରିବା ପୂର୍ବରୁ, ସଂପୃକ୍ତ ବ୍ୟକ୍ତି ଏଠାରେ ଏକ ବର୍ଷରୁ ଅଧିକ ରହିଲେଣି କି ନାହିଁ ବୋଲି ମୁଁ **ସର୍ବଦା** ପଚାରିଥାଏ ଏବଂ ପ୍ରତ୍ୟେକଥର ମୋତେ **ହଁ** ବୋଲି କୁହାଯାଏ । ଏକଥାଟିକୁ ରୋକିବା ଲାଗି ମୋ' ପାଖରେ କୌଣସି ଉପାୟ ନାହିଁ, କାରଣ କିଏ ଆସୁଛି ଓ କାହାକୁ ରହିବା ପାଇଁ ଅନୁମତି ଦିଆଯାଉଛି, ମୁଁ ସେକଥା ଜାଣି ନାହିଁ । ଖୁବ୍ ଅଳ୍ପସଂଖ୍ୟକ ବ୍ୟକ୍ତିଙ୍କର କ୍ଷେତ୍ରରେହିଁ ମୋତେ ସମ୍ବାଦ ମିଳିଥାଏ । ତେଣୁ, ତୁମଠାରୁ ଆସିଥିବା ଏକ ଟିପ୍ପଣୀ ଉପରେ ପ୍ରଦତ୍ତ ହୋଇ ନ ଥିଲେ ଯାବତୀୟ ଦସ୍ତଖତକୁ ପ୍ରତ୍ୟାଖ୍ୟାନ କରିବାହିଁ ଏହି କ୍ଷେତ୍ରରେ ଏକମାତ୍ର ନୀତି ହୋଇ ରହିବା ଉଚିତ ।

ଅନେକ ଆଶୀର୍ବାଦ ।

*୧୭ ମଇ ୧୯୬୬*

*ମାଆ,*

*ନିଜ ଖର୍ଚ୍ଚରେ ଏଠାରେ ଗୋଟିଏ ବର୍ଷ ପାଇଁ ଆସିଥିବା ଏକ ଗୁଜରାଟୀ ଦମ୍ପତି ବିନା ଶୁଳ୍କରେ ଭୋଜନ ପାଇବା ଲାଗି ଅନୁରୋଧ କରୁଛନ୍ତି । ସ୍ୱାମୀ ପାଉଁରୁଟି ବିଭାଗରେ କାମ କରନ୍ତି, ସ୍ତ୍ରୀ ରନ୍ଧନଶାଳାରେ । ସ୍ୱାମୀ କହନ୍ତି ଯେ ସେ ପ୍ରତ୍ୟାଶିତ ଅର୍ଥକୁ ଏବେ ଆଉ ଘରୁ ପାଉ ନାହାନ୍ତି । କର୍ମରେ ସେମାନେ ଆଦୌ ମନ୍ଦ ନୁହଁନ୍ତି ।*

କାମ କରୁଥିବା ପର୍ଯ୍ୟନ୍ତ ସେମାନେ ଖାଦ୍ୟ ପାଇପାରନ୍ତି ।

*କେତେଜଣ ବନ୍ଧୁ ପରାମର୍ଶ ଦେଉଛନ୍ତି ଯେ, ''ପୁରୋଧା''ରେ ସାଧନା ବିଷୟରେ ଆପଣ ଓ ଶ୍ରୀଅରବିନ୍ଦଙ୍କର ଆହୁରି ଅଧିକ କଥା ପ୍ରକାଶ ପାଇବା ଉଚିତ । ମୁଁ ଭାବୁଛି ଯେ, ଯଦି ଆମେ ତରୁଣମାନଙ୍କ ନିକଟକୁ ଯିବାକୁ ଇଚ୍ଛା କରୁଛୁ,–*

'oaob.nitrkl.ac.in' images reprocessed

*ପତ୍ରିକାଟି ସେହିମାନଙ୍କ ଲାଗି ଉଦ୍ଦିଷ୍ଟ,– ତେବେ ଆମର ଏଥିରେ ସାଧନା ବିଷୟରେ ସିଧା କିଛି କହିବା ଠିକ୍ ହେବ ନାହିଁ । ଆମେ ଆଶ୍ରମ ପ୍ରତି ଓ ଆପଣଙ୍କ ଶିକ୍ଷାଗୁଡ଼ିକ ପ୍ରତି ସେମାନଙ୍କର ଦୃଷ୍ଟି ଆକର୍ଷଣ କରିବା ଏବଂ ଆପଣଙ୍କର ପୁସ୍ତକଗୁଡ଼ିକୁ ସିଧା ପଢ଼ିବା ଲାଗି ସେମାନଙ୍କୁ ପ୍ରେରଣା ଦେବା । ଏବଂ, ଏହି ପତ୍ରିକାଟିର ପ୍ରକୃତ ପ୍ରୟୋଜନଟି ବିଷୟରେ କହିବାକୁ ଗଲେ, ମୁଁ ଭାବୁଛି ଯେ, ପତ୍ରିକାରେ କ'ଣ ଲେଖା ହେଉଛି, ତାହା ଅପେକ୍ଷା, କେଉଁ ଚେତନାରେ ଯାବତୀୟ କଥା ଲେଖା ହେଉଛି, ତାହାରି ଉପରେହିଁ ସବୁକିଛି ଅନେକ ଅଧିକ ପରିମାଣରେ ନିର୍ଭର କରିବ ।*

ତୁମେ ଠିକ୍ କଥା କହୁଛ ।

*୨ ଜୁଲାଇ ୧୯୬୬*

*(ଏହି ଶିଷ୍ୟ ବୁଝାଇ ଲେଖିଥିଲେ ଯେ, ଭୋଜନ-କକ୍ଷରେ ଖାଦ୍ୟ ଖାଇବା ପାଇଁ ପରିଦର୍ଶକମାନଙ୍କୁ ଦୁଇଟି ଭିନ୍ନ ଭିନ୍ନ ମାନରେ ପଇସା ଦେବାକୁ ପଡୁଛି । ପତ୍ରର ଶେଷଭାଗରେ ଥିଲା :)*

*ସେମାନେ ପ୍ରକୃତରେ ଛବିଶି ଦିନ ପାଇଁ ଦୈନିକ ଅଢ଼େଇ ଟଙ୍କା କରି ପଇସା ନେଉଛନ୍ତି । ଏହି ନିୟମଟିରେ କୌଣସି ଏକରୂପତା ରହୁ ନାହିଁ । ଏକା ଜିନିଷ ପାଇଁ ବିଭିନ୍ନ ଲୋକଙ୍କୁ ବିଭିନ୍ନ ହାରରେ ପଇସା ଦେବାକୁ ହେଉଛି । 'କ' କହନ୍ତି ଯେ, 'ଖ'ଙ୍କ ଜ୍ଞାତସାରରେହିଁ ସେ ପରିବର୍ତ୍ତନଟିକୁ କରିଛନ୍ତି, ମାତ୍ର ସେ ('ଖ') କଥାଟିକୁ ଜାଣିଥିବା ପରି ଆଦୌ ବୋଧ ହେଉ ନାହିଁ । ଏକ ସ୍ପଷ୍ଟୀକରଣ ଲାଗି ଆପଣଙ୍କୁ ପଚାରିବା ନିମନ୍ତେ ମୁଁ 'ଗ'ଙ୍କୁ କହିଥିଲି, ମାତ୍ର...*

କଥାଟି ଅତ୍ୟନ୍ତ ଆଗ୍ରହୋଦ୍ଦୀପକ, ମାତ୍ର ଆଦୌ ଅପ୍ରତ୍ୟାଶିତ ନୁହେଁ । ମୁଁ ଏସବୁ କଥା ବୁଝିବା "ଛାଡ଼ିଦେବା" ପରେ ପ୍ରତ୍ୟେକ ବ୍ୟକ୍ତି ନିଜର ଧାରଣା ଅନୁସାରେହିଁ କାର୍ଯ୍ୟ କରି ଯାଉଛନ୍ତି ଓ ଅନ୍ୟମାନଙ୍କ ସହିତ କୌଣସି ସମନ୍ୱୟ ରକ୍ଷା କରୁ ନାହାନ୍ତି । ଏବଂ,– ମୋତେ ଅନ୍ୟମନସ୍କ ନ କରିବାର ଆଳରେ,– ମୋ' ସହିତ ପରାମର୍ଶ ନ କରି ଓ ଏପରିକି ମୋତେ ନ ଜଣାଇ ମଧ୍ୟ ଏଗୁଡ଼ିକ ହେଉଛି !

ଅବଶ୍ୟ, ମୋ' ନିଜ ଉପାୟରେ, ଘଟୁଥିବା ଘଟଣାଗୁଡ଼ିକ ବିଷୟରେ ଅଳ୍ପବହୁତ

'oaob.nitrkl.ac.in' images reprocessed

ଜାଣି ପାରୁଥିଲେ ମଧ, ମୁଁ କେବଳ ହସିଦେଉଛି ଓ କୌଣସି ହସ୍ତକ୍ଷେପ କରୁ ନାହିଁ । ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆପଣାର ଅଭିଜ୍ଞତା ଦ୍ୱାରାହିଁ ଶିଖିବାକୁ ହେବ ।

ମୁଁ ସେହି ଦିନଟି ପାଇଁ ଅପେକ୍ଷା କରିଛି, ଯେତେବେଳେ କି ଶୃଙ୍ଖଳାହିଁ ବିଶୃଙ୍ଖଳା ଉପରେ ବିଜୟୀ ହେବ ଏବଂ ସମଞ୍ଜସତା ବିଭ୍ରାନ୍ତିକୁ ଆୟତ୍ତ କରିନେବ । ଏହି ଦିଗରେ ଯାବତୀୟ ପ୍ରଚେଷ୍ଟା ପଛରେ ମୁଁ ଅବଶ୍ୟ ରହିଛି ।

ଅନେକ ଆଶୀର୍ବାଦ ।

*୬ ଜୁଲାଇ ୧୯୬୬*

*ମାଆ,*

*ବହୁସଂଖ୍ୟକ ଭାରତୀୟ ସନ୍ଥଙ୍କର ଜୀବନୀରୁ ଆମେ ପଢ଼ିବାକୁ ପାଉଛୁ ଯେ, ପୂର୍ଣ୍ଣ ଆସ୍ଥାର ସହିତ ଜଣେ ସନ୍ଥ ମାନବ ଆହାର ଗ୍ରହଣ କରୁ ନ ଥିଲେ ଯେପର୍ଯ୍ୟନ୍ତ ପରମେଶ୍ୱର ମନୁଷ୍ୟର ରୂପ ଧାରଣ କରି ଆବିର୍ଭୂତ ହୋଇ ନ ଥିଲେ ଓ ତାଙ୍କ ସହିତ ଭୋଜନ କରି ନ ଥିଲେ ଏବଂ ବର୍ଣ୍ଣନା ଅଛି ଯେ, ପରମେଶ୍ୱର ପ୍ରକୃତରେ ମନୁଷ୍ୟର ରୂପ ଧାରଣ କରି ଆସିଥିଲେ, ଠିକ୍ ଜଣେ ମନୁଷ୍ୟ ପରି ଆଚରଣ କରିଥିଲେ ଏବଂ ଭୋଜନ କରିଥିଲେ । ଏହିସବୁ ଗଳ୍ପ ପଶ୍ଚାତରେ କୌଣସି ସତ୍ୟ ରହିଛି କି ?*

ଏହା ହେଉଛି ଏକ ମନସ୍ତାତ୍ତ୍ୱିକ ସତ୍ୟ, କାରଣ ଯଦି ତୁମେ ନିଜେ ସେହିପରି ନିଷ୍ପତ୍ତି କରିବ, ତେବେ ତୁମ ଲାଗି ଯେକୌଣସି ବ୍ୟକ୍ତି ମଧ ପରମେଶ୍ୱରରେ ପରିଣତ ହୋଇଯାଇ ପାରିବ । ଏହି ବ୍ୟକ୍ତିନିଷ୍ଠ ଦୃଷ୍ଟିକୋଣଟି ବିଷୟରେ ସାଧାରଣତଃ ଯେତିକି ବିଶ୍ୱାସ କରାଯାଏ, ତାହାଠାରୁ ଅଧିକ ବ୍ୟାପକଭାବେ ଏହା ପ୍ରଚଳିତ ହୋଇ ରହିଛି ।

*୨୩ ଜୁଲାଇ ୧୯୬୬*

*ମାଆ,*

*ବର୍ତ୍ତମାନ ମୁଁ ଶ୍ରୀଅରବିନ୍ଦଙ୍କର "ପ୍ରେମ ଓ ମୃତ୍ୟୁ" ପଢୁଛି । ଏଥିରେ ଯେପରି ଚିରନ୍ତନ ରାତ୍ରି ଓ ଚିରନ୍ତନ ଦୁଃଖର ପରିବ୍ୟାପ୍ତ ଅଞ୍ଚଳର ବର୍ଣ୍ଣନା କରାଯାଇଛି, ସେଗୁଡ଼ିକ କ'ଣ ପ୍ରକୃତରେ ଥାଆନ୍ତି ? ଏବଂ, ମୃତ୍ୟୁ ପରେ ଆମେମାନେ କ'ଣ ସେଠାକୁ ଯାଉ ? ଏହିସବୁ ଯାବତୀୟ ଦୁଃଖ, ବିଷାଦ, ଅନ୍ଧକାର ଏବଂ ଗର୍ଜନପୂର୍ଣ୍ଣ ନଦୀଗୁଡ଼ିକ ସହିତ ସେଗୁଡ଼ିକ ନରକ ପରି ବୋଧ ହେଉଛନ୍ତି । ସତ୍ତାର କେଉଁଅଂଶଟି ସେଠାକୁ ଯାଏ ଏବଂ କେଉଁ କାରଣରୁ ଯାଏ ?*

'oaob.nitrkl.ac.in' images reprocessed

ପ୍ରାଣିକ ଜଗତଟି ଅଧିକାଂଶତଃ ଠିକ୍ ସେହିପରି ଏବଂ, ଯେଉଁମାନେ ଗୋଟାସୁଦ୍ଧା ଜଡ଼ ଏବଂ ପ୍ରାଣର ସ୍ତରରେ ଜୀବନ ବଞ୍ଚନ୍ତି, ମୃତ୍ୟୁପରେ ସେହିମାନେ ସେଠାକୁ ଯାଆନ୍ତି ।... ମାତ୍ର, ପରମ କରୁଣା ବି ତ ରହିଛି !...

*୨ ଅଗଷ୍ଟ ୧୯୬୬*

*ମାଆ,*

*"ପ୍ରେମ ଓ ମୃତ୍ୟୁ"ରେ ଯେଉଁ ପ୍ରାଣିକ ଜଗତର ବର୍ଣ୍ଣନା ରହିଛି, ଆପଣ ତାହା ବିଷୟରେ କହିଛନ୍ତି ଯେ, "ଯେଉଁମାନେ ଗୋଟାସୁଦ୍ଧା ଜଡ଼ ଏବଂ ପ୍ରାଣର ସ୍ତରରେ ଜୀବନ ବଞ୍ଚନ୍ତି, ମୃତ୍ୟୁ ପରେ ସେହିମାନେ ସେଠାକୁ ଯାଆନ୍ତି ।" ଏହାର କ'ଣ ଏହି ଅର୍ଥ ହେବ ଯେ, ଇତରପ୍ରାଣୀ ଓ ଉଦ୍ଭିଦମାନେ ମଧ୍ୟ ସେଠାକୁ ଯାଆନ୍ତି ? ସେମାନେ ସେଠାରୁ ମୁକୁଳି ଆସିପାରନ୍ତି କିପରି ?*

କେବଳ ଅତ୍ୟନ୍ତ ବିରଳ କେତୋଟି ଦୃଷ୍ଟାନ୍ତକୁ ବାଦ୍ ଦେଲେ, ଇତର ପ୍ରାଣୀମାନେ ବ୍ୟକ୍ତି-ସ୍ତରକୁ ଆସି ନ ଥା'ନ୍ତି ଏବଂ, ସେମାନେ ଯେତେବେଳେ ମରନ୍ତି, ସେତେବେଳେ ଆପଣାର ଜାତିଟିର ବୋଧସ୍ତର(sprint of the species)କୁ ଫେରି ଆସନ୍ତି ।

*"ପ୍ରେମ ଓ ମୃତ୍ୟୁ"ରେ ରୁରୁ ଓ ପ୍ରିୟମ୍ବଦାଙ୍କୁ ସାବିତ୍ରୀ ଓ ସତ୍ୟବାନଙ୍କର ପ୍ରଥମ ରୂପ ବୋଲି କହିହେବ କି ?*

ଶ୍ରୀଅରବିନ୍ଦ ମୋତେ ସେ ବିଷୟରେ କିଛି କହି ନାହାନ୍ତି ।

*୬ ଅଗଷ୍ଟ ୧୯୬୬*

*ମାଆ,*

*'କ' ହେଉଛନ୍ତି ମୋ'ର ଜଣେ ଛାତ୍ରୀ । ସିଏ କଠିନ ପରିଶ୍ରମ କରିପାରନ୍ତି, ମାତ୍ର କିଛିହେଲେ ଧରି ରଖିପାରନ୍ତି ନାହିଁ । ଦୁଃଖିତ ହୁଅନ୍ତି, ପୁନର୍ବାର ପରିଶ୍ରମ କରନ୍ତି, ମାତ୍ର ସେହି ଗୋଟିଏ ଫଳ ହୋଇଥାଏ । ତାଙ୍କର ଉଦ୍ୟମ ଦୃଷ୍ଟିରୁ ମୁଁ ତାଙ୍କୁ ଉପର କ୍ଲାସ୍‌କୁ ଉତ୍ତୀର୍ଣ୍ଣ କରାଇନେଲି, ମାତ୍ର ସେ ପ୍ରକୃତରେ ଅଷ୍ଟମ ଶ୍ରେଣୀ ନିମନ୍ତେ ଯୋଗ୍ୟ ନ ଥିଲେ । ଏବର୍ଷ ମଧ୍ୟ ସେହି ଗୋଟିଏ ପ୍ରକାରର ଅବସ୍ଥା । ତାଙ୍କର ଭଉଣୀ 'ଖ' ବୁଦ୍ଧିମତୀ, କିନ୍ତୁ ଆଳସ୍ୟପରାୟଣା । ମୋତେ ଏକାଧିକ*

'oaob.nitrkl.ac.in' images reprocessed

*ବାର ତଥାପି ଧୈର୍ଯ୍ୟ ନ ହରାଇବାକୁ ଚେଷ୍ଟା କରିବାକୁ ପଡ଼ିଲାଣି । ତାଙ୍କର ଆଗ୍ରହ ରହିଛି, ମାତ୍ର ସେ କ୍ୱଚିତ୍ ପରିଶ୍ରମ କରନ୍ତି ଏବଂ ତେଣୁ କ୍ୱଚିତ୍ କୌଣସି ସଫଳତା ଲାଭ କରନ୍ତି । ଏଭଳି ଛାତ୍ରଛାତ୍ରୀ ମାନଙ୍କର କ୍ଷେତ୍ରରେ କ'ଣ କରିବାକୁ ହେବ ?*

ତଥାପି ଧୈର୍ଯ୍ୟ ରଖିଥିବ । ଏହା ହେଉଛି ଗୋଟିଏ ପ୍ରକାରର ମାନସିକ ତମସ୍ : ସେମାନେ ଦିନେ ନା ଦିନେ ଅବଶ୍ୟ ଜାଗି ଉଠିବେ ।

*୬ ଅଗଷ୍ଟ ୧୯୬୬*

*ମାଆ,*

*ଏବେ ହୋଇଥିବା ବାତ୍ୟାଟି ମଧ୍ୟ କ'ଣ ଦିବ୍ୟ ପରମସତ୍ତାଙ୍କର ରୂପାନ୍ତରକାରିଣୀ ଶକ୍ତିଗୁଡ଼ିକ ଦ୍ୱାରା ସଂଘଟିତ ହୋଇଥିଲା ?*

ପ୍ରକୃତି ତା' ନିଜ ପ୍ରଣାଳୀରେ ସହଯୋଗିତା କରୁଛି । ଏକ ସ୍ୱତଃସ୍ଫୂର୍ତ୍ତ ଆନ୍ତରିକତାକୁ ବିକଶିତ କରାଇ ଆଣିବା ପାଇଁ ସବୁକିଛି ଅଭିପ୍ରେତ ହୋଇ ରହିଛି ।

ଅନେକ ଆଶୀର୍ବାଦ ।

*୭ ନଭେମ୍ବର ୧୯୬୬*

*ମାଆ,*

*ମୋ' ପତ୍ରିକାଟି ପାଇଁ ମୁଁ କାହାଣୀସବୁ ଲେଖେ । ବର୍ତ୍ତମାନ ମୁଁ ଆପଣଙ୍କୁ ଗୋଟିଏ ସତ କାହାଣୀ କହିବି । ଏଠାକୁ ଜଣେ ଭଦ୍ରବ୍ୟକ୍ତି ଆସିଥିଲେ । ଆପଣା ପାଇଁ ଗୋଟିଏ ଚାରିମହାଲା କୋଠା ତିଆରି କରୁଥିଲେ ଏବଂ ମାସକୁ ପ୍ରାୟ ୧୨୦୦ରୁ ୧୬୦୦ ପର୍ଯ୍ୟନ୍ତ ଟଙ୍କା ରୋଜଗାର କରୁଥିଲେ ମଧ୍ୟ ନିଜକୁ ସେ ଜଣେ ଦରିଦ୍ର ବ୍ୟକ୍ତି ବୋଲି କହୁଥିଲେ । ସେ ଆପଣଙ୍କର "ବିଶେଷ ଦର୍ଶନ" ପାଇବେ ବୋଲି ଇଚ୍ଛା କରିଥିଲେ, ମାତ୍ର ଆପଣ ଅନୁମତି ଦେଲେ ନାହିଁ । ଏହା ପ୍ରକୃତରେ ଏକ ଦୟନୀୟ କଥା ହେଲା । ବିଚରା ଭଦ୍ରବ୍ୟକ୍ତି ଜଣକ ପୁନର୍ବାର ଚିନ୍ତା କଲେ ଯେ ଯଦି ଆପଣ ନିଜର ମତ-ପରିବର୍ତ୍ତନ କରିବେ ଓ ତାଙ୍କୁ ସାକ୍ଷାତ୍ ଦେବେ, ତେବେ ସେ ଆପଣଙ୍କୁ ଦଶଟଙ୍କା ଦେବେ ଓ ତାଙ୍କର ପତ୍ନୀ ପନ୍ଦର ଟଙ୍କା ଦେବେ । ଆପଣ ତଥାପି ତାଙ୍କୁ ସାକ୍ଷାତ୍ ଦେଲେ ନାହିଁ । ଜଣେ ବନ୍ଧୁ ତାଙ୍କୁ*

'oaob.nitrkl.ac.in' images reprocessed

*ଶହେଟଙ୍କା ଦେବା ଲାଗି ପରାମର୍ଶ ଦେଇଥିଲେ, ମାତ୍ର ସେପରି କରିବା ତାଙ୍କ ପକ୍ଷରେ ଆଦୌ ସମ୍ଭବ ନ ଥିଲା; ସେ କାରଣ ଦର୍ଶାଇଲେ ଯେ ତାଙ୍କ ପାଖରେ ସେତିକି ପଇସା ପ୍ରକୃତରେ ନ ଥିଲା । ଭଗ୍ନ ହୃଦୟ ହୋଇ ଲେଉଟି ଯାଉଥିବା ସମୟରେ ସେ ଆନ୍ଧରେ ଦଳେ ଛାତ୍ରଙ୍କର ହାବୁଡ଼ରେ ପଡ଼ିଥିଲେ । ଭାରି କାକୁତି ମିନତି କରି ସେ ସେମାନଙ୍କର କୃପା ପ୍ରାର୍ଥନା କରିଥିଲେ ଏବଂ ଦିବ୍ୟ କରୁଣାବଳରେ ସେମାନଙ୍କର କବଳରୁ ରକ୍ଷା ପାଇବା ସକାଶେ ସଙ୍ଗେ ସଙ୍ଗେ ପାଞ୍ଚଶହ ଟଙ୍କା କାଢ଼ିଦେଇ ପାରିଲେ !!*

ଦୃଶ୍ୟସଜ୍ଜାରେ କିଞ୍ଚିତ୍ ପରିବର୍ତ୍ତନମାନ କରି ଏହି ଗୋଟିଏ କାହାଣୀକୁ ଅନେକ, ଅନେକ ବାର କୁହାଯାଇ ପାରିବ !...

ଏବଂ, ଦିବ୍ୟ ପରମ କରୁଣାର ସାମର୍ଥ୍ୟ ବିଷୟରେ ରହିଥିବା କାହାଣୀଗୁଡ଼ିକ ବିଷୟରେ କ'ଣ କୁହାଯିବ ? ସମ୍ଭବତଃ ସେଗୁଡ଼ିକର ସଂଖ୍ୟା କଦାପି ଏତେ ବେଶୀ ହେବ ନାହିଁ ସତ, ମାତ୍ର ଅବଶ୍ୟ ଅଧିକ ପରିମାଣରେ ସାନ୍ତ୍ୱନାଦାୟକ ହେବ ।...

ସ୍ନେହ ଓ ଅନେକ ଆଶୀର୍ବାଦ ।

*୮ ନଭେମ୍ବର ୧୯୬୬*

*ମାଆ,*

*କାଲି ରାତିରେ 'ଗ' ମୋ' ପାଖକୁ ଆସିଥିଲେ । ତାଙ୍କର କାର୍ଯ୍ୟ ବିଷୟରେ ଆମେ ଅନେକ ସମୟଯାଏ କଥାବାର୍ତ୍ତା ହେଲୁ । ମନେହେଲା, ସେ ତଦ୍ଦ୍ୱାରା ସ୍ଥିର ହେଲେ ଏବଂ ସନ୍ତୋଷ ସହିତ ବିଦାହୋଇ ଗଲେ । ଏହି ବିଷୟରେ ମୁଁ ଯେତିକି ଭଲ ଭାବରେ କଥା କହିପାରୁଛି, ତାହାର ଅର୍ଦ୍ଧାଂଶ ମଧ୍ୟ କାର୍ଯ୍ୟରେ ଦେଖାଇଦେଇ ପାରନ୍ତି କି ! ମାତ୍ର ହାୟ, ସେକଥା କେବେହେଲେ ଘଟେ ନାହିଁ । ବେଳେ ବେଳେ ଭୟ ବି ହୁଏ ଯେ, କର୍ମରେ ରହିଥିବା ମୋ'ର ଆଗ୍ରହ କ୍ରମେ କମି କମି ଯାଉଛି । ଏପରିକି, ଫଳ ସହିତ ସମ୍ବନ୍ଧ ରଖିଥିବା କାର୍ଯ୍ୟରେ ମଧ୍ୟ ମୁଁ ଆଗ ତୁଳନାରେ ଅଧେ ଅଂଶରେ ମଧ୍ୟ ଉତ୍ସାହର ସହିତ ନିଜକୁ ନିଯୁକ୍ତ କରିପାରେ ନାହିଁ । ଏପରି ହୁଏତ ହୋଇପାରେ ଯେ, ମୁଁ କ୍ରମେ ଆଗ୍ରହ ହରାଇ ବସୁଛି ଅଥବା ବୁଢ଼ା ହୋଇଯାଉଛି କିଂବା ତତ୍ପରତାପୂର୍ଣ୍ଣ କୌଣସି କ୍ରିୟାଶୀଳତା ନ ଥାଇ କାମଟିଏ କରିବାକୁ ଶିକ୍ଷା କରୁଛି । କେବଳ ଆପଣହିଁ ସବୁ ଜାଣନ୍ତି ।*

'oaob.nitrkl.ac.in' images reprocessed

ମୁଁ ଭାବୁଛି, **ପ୍ରଜ୍ଞାର** ଉଦୟ ହୋଇଆସୁଛି ଏବଂ ସେଥିରୁ ଯଥାର୍ଥ ସମତା ମଧ୍ୟ ସମ୍ଭବ ହେବ ।

ଅନେକ ଆଶୀର୍ବାଦ । *୧୭ ନଭେମ୍ବର ୧୯୬୬*

ହଁ, ଗୋଟିଏ କଥା ସୁନିଶ୍ଚିତ – ତୁମ ବିଭାଗରେ ମୁଁ ପ୍ରକୃତରେ ଜଣେ ଧନୀ ବ୍ୟକ୍ତି ଏବଂ କିଞ୍ଚିତ୍ ଅର୍ଥର ଅଧିକାରୀ ହୋଇଥାଏ । ଅନ୍ୟ ଅନେକଙ୍କ ବିଭାଗରେ ମୁଁ ଜଣେ ଦରିଦ୍ର ବ୍ୟକ୍ତି ଓ ଋଣଗ୍ରସ୍ତ ହୋଇ ରହିଛି...

ଅନେକ ଆଶୀର୍ବାଦ ।

*୮ ଡିସେମ୍ବର ୧୯୬୬*

*ମାଆ,*

*'କ'ଙ୍କୁ ପେଷାକଳର ଦାୟିତ୍ୱ ଦିଆଯିବା ପରେ ଅଟା ଆଦୌ ଭଲ ହେଉ ନାହିଁ; ତେଣୁ ରୁଟି ମଧ୍ୟ ଭଲଭାବରେ ଫୁଲୁ ନାହିଁ ଏବଂ ଟାଣ ରହିଯାଉଛି । ମାତ୍ର ଲୋକମାନେ କହୁଛନ୍ତି ଯେ, କମ୍ ଖର୍ଚ୍ଚ ହେବା ଦୃଷ୍ଟିରୁ ମୁଁ କୁଆଡ଼େ ରୁଟିର ଆକାରକୁ ଛୋଟ କରି ଦେବା ପାଇଁ ନିର୍ଦ୍ଦେଶ ଦେଇଛି । 'କ' ଏକଥା କହିଥିବାର ଶୁଣିବାକୁ ମିଳୁଛି ଯେ, ମୁହିଁ ପ୍ରକୃତରେ ତାଙ୍କ ଆଗରେ ପ୍ରତିବନ୍ଧକ ହୋଇ ଠିଆ ହୋଇଛି, ନ ହେଲେ ସେ ରୁଟି-ତିଆରି ବିଭାଗ ଉପରେ ନିଜର ନିୟନ୍ତ୍ରଣ ରଖି ପାରିଥା'ନ୍ତେ । ମୁଁ ନିଜେ ଏ ବିଷୟରେ ଯେତେଦୂର ଜାଣିଛି, ଜଣେ ବିଭାଗୀୟ ମୁଖ୍ୟ ହେବାରେ ମୋ'ଠାରେ ଆଦୌ କୌଣସି ଉତ୍ସୁକତା ନାହିଁ; ମୋତେ ଏହାର ଯଥେଷ୍ଟ ଆସ୍ୱାଦ ମିଳି ସାରିଲାଣି । ମାତ୍ର, ମୋତେ ଦିଆ ଯାଇଥିବା ଗୋଟିଏ ଦାୟିତ୍ୱରୁ ମୁଁ ପଳାଇ ଯିବାକୁ ମଧ୍ୟ ଇଚ୍ଛା କରୁ ନାହିଁ । ଯଦି ମୋତେ ସେହି ଦାୟିତ୍ୱରେ ରହିବାକୁ ହୁଏ, ତେବେ ମୁଁ ଯେପରି ଅଧିକ ଉପଯୋଗୀ ହୋଇପାରିବି, ଆପଣ ମୋତେ ସେଥିପାଇଁ କେତେକ ମାର୍ଗ ବତାଇ ଦିଅନ୍ତୁ । ଯଦି ଆପଣଙ୍କର ଦୃଷ୍ଟିରେ ଆଉ କେହି ବ୍ୟକ୍ତି ରହିଥା'ନ୍ତି, ତେବେ ଦାୟିତ୍ୱଟିରୁ ଓହରି ଯିବାରେ ମୁଁ କୌଣସି ଆପତ୍ତି କରିବି ନାହିଁ ।*

ତୁମେ ଅର୍ଥର ତତ୍ତ୍ୱାବଧାନ କରିବ ବୋଲି ମୁଁ ଇଚ୍ଛା କରିଥିଲି,– କାରଣ, ପଇସା ଯେ ମୋ' ପାଖକୁ ଅବଶ୍ୟ ଆସିବ, ସେବିଷୟରେ ନିଶ୍ଚିତ ହେବା ନିମନ୍ତେ ଏହି ଗୋଟିଏହିଁ ଉପାୟ ରହିଥିଲା ।

'oaob.nitrkl.ac.in' images reprocessed

ମାତ୍ର, ଯଦି ଅନ୍ୟ ବ୍ୟକ୍ତିମାନେ ସହଯୋଗ କରିବାକୁ ସମ୍ମତ ହେବେ, ତେବେ ସେହି ବିଭାଗର କର୍ମସଂଗଠନକୁ ସେମାନଙ୍କୁ ଦିଆଯାଇ ପାରିବ ।

ମୁଁ ତୁମଠାରୁ କିଞ୍ଚିତ୍ ଅଧିକ ସମୟ ଏବଂ ଧୈର୍ଯ୍ୟ ଇଚ୍ଛାକରୁଛି ଓ ଏହାଦ୍ୱାରା ସବୁକିଛି ଏକ ଅଧିକ ନିର୍ଦ୍ଦିଷ୍ଟ ଆକାରକୁ ଆସିଯିବ ବୋଲି ଆଶାକରୁଛି ।

ଲୋକମାନଙ୍କର ଅସନ୍ତୋଷ ବିଷୟରେ କହିବାକୁ ଗଲେ, ସେମାନେ ତ ସବୁବେଳେ ଆପତ୍ତି ଏବଂ ଅଭିଯୋଗ କରୁଥା'ନ୍ତି । ଆମେ ଏହାକୁ କଦାପି କୌଣସି ମହତ୍ତ୍ୱ ଦେବା ନାହିଁ ।

*୧୯୬୬*

*(ଏହି ଶିଷ୍ୟ ଲେଖିଥିଲେ ଯେ, ସେ ରୁଟିତିଆରି, ଲୁଗାକଚା ଏବଂ ଭୋଜନକକ୍ଷ ବିଭାଗଗୁଡ଼ିକର ସଂଗଠନ ବିଷୟରେ ଅବଶ୍ୟ ତତ୍ତ୍ୱାବଧାନ କରିବେ ସିନା, ମାତ୍ର ସେଗୁଡ଼ିକର ହିସାବ ରଖି ପାରିବେ ନାହିଁ, କାରଣ ତାଙ୍କୁ ହିସାବ ରଖିବାର ବିଦ୍ୟାଟି ଜଣା ନାହିଁ ।)*

ସବୁକଥା ଉଚିତ ଭାବରେ ସଂଗଠିତ ହୋଇ ରହିବାକୁ ମୁଁ ଖୁବ୍ ଭଲ ପାଏ । ସଂଗଠନ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ଆନ୍ତରିକତା ସହିତ ଏହି କାର୍ଯ୍ୟଟିକୁ କରିବାକୁ ଚାହାନ୍ତି ତ, ମୋର କେବଳ ସ୍ପଷ୍ଟ ଓ ନିର୍ଭୁଲ ସମ୍ବାଦହିଁ ଦରକାର । ଯେତେବେଳେ ଏତିକି ଦିଆଯିବ ଓ ସଂଗଠନକାରୀ ପରମ ଶକ୍ତିଟି ଉପରେ ଯଥେଷ୍ଟ ଆସ୍ଥା ରଖିଥିବ, ତେବେ ତାହାହିଁ ଯଥେଷ୍ଟ ହେବ । ଆଉ ଯାହାକିଛି ବାକୀ ରହିଲା, ତାହା ଅବଶ୍ୟ କରାଯିବ ।

ଅନେକ ଆଶୀର୍ବାଦ ।

*ପ୍ରାୟ ୧୯୬୬ ବେଳକୁ*

*ମାଆ,*

*ଅସୁବିଧାମାନଙ୍କୁ ଡାକି ଆଣିବାରେ ମନୁଷ୍ୟର ଯେ କେତେ ବେଶୀ ସାମର୍ଥ୍ୟ ରହିଛି, ଆପଣ ନିଶ୍ଚୟ ତାହାକୁ ଯଥୋଚିତ ଭାବେ ଉପଲବ୍ଧି କରିବେ । ମୋ'ର ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ଭଲ ଥିଲା, କେଉଁଠି କୌଣସି ଗୋଳମାଳ ନ ଥିଲା । ତା'ପରେ ଆକାଶରେ ଗୋଟିଏ କାଉ ପରି ମୋ' ମୁଣ୍ଡକୁ ଧାରଣାଟିଏ ଆସିଲା : "ତୁ ଦିବ୍ୟ ସୁରକ୍ଷାର କଥା କହୁଛୁ; 'ଖ' ଏବଂ 'ଗ'କୁ ଦେଖ୍,— ସେମାନେ ଅସୁସ୍ଥ ହୋଇ ପଡ଼ିଛନ୍ତି,— ଯେଉଁମାନେ କି ତୋ'ଠାରୁ ଅଧିକ ଉପଯୋଗୀ ବୋଲି*

'oaob.nitrkl.ac.in' images reprocessed

*ସେହିମାନଙ୍କୁହିଁ କୁହାଯିବ ।'' ଏହି ଧାରଣାଟାକୁ ମୁଁ ନିକାଳି ଦେଲି,– ମାତ୍ର ଏକ ସର୍ଦ୍ଦି ଆକାରରେ ପାନ ନାତଟିଏ ଖାଇସାରିବା ପରେ ଯାଇ ତାହା ସମ୍ଭବ ହେଲା । ମାତ୍ର, ବଡ଼ ଭାଗ୍ୟର କଥା ଯେ ଦିବ୍ୟ ପରମସୁରକ୍ଷା ମୋ'ର ନିର୍ବୋଧତାକୁ ଆଦୌ କୌଣସି ଧ୍ୟାନ ଦିଏ ନାହିଁ ।*

ଏହା ଉପଯୋଗୀ ହେବାର ଆଦୌ କୌଣସି ପ୍ରଶ୍ନ ନୁହେଁ । ପରମ କରୁଣା ଯେପରି ତା' କାର୍ଯ୍ୟର ଏକ ସର୍ବୋତ୍ତମ ତଥା ସମ୍ପୂର୍ଣ୍ଣ ପରିଣାମ ହାସଲ କରିପାରିବ, ସେଥିଲାଗି ବିଶ୍ୱାସକୁ ମଧ୍ୟ ସମ୍ପୂର୍ଣ୍ଣ ଏବଂ ସର୍ବୋତ୍ତମ ହେବାକୁ ପଡ଼ିବ । କେଉଁଠାରେ ???

ସସ୍ନେହ ।

*ପ୍ରାୟ ୧୯୬୬ ବେଳକୁ*

*ମାଆ,*

*ରୁଟିତିଆରି ବିଭାଗରୁ ଜଣେ କର୍ମୀ ଆଗରୁ ଯାଇଛନ୍ତି ଏବଂ 'କ' ମଧ୍ୟ ଛଅ ତାରିଖରେ ଯିବେ । ସେଠାରେ ଦୁଇଜଣ ବ୍ୟକ୍ତି ଲୋଡ଼ା ହେବେ ଏବଂ ଭୋଜନକକ୍ଷ ପାଇଁ ଜଣେ ।*

ଏବେ ଲୋକମାନଙ୍କ ସହିତ ମୋ'ର କୌଣସି ଯୋଗସୂତ୍ର ନାହିଁ ଏବଂ କର୍ମୀମାନଙ୍କୁ ଆବିଷ୍କାର କରିବାର କୌଣସି ବାହ୍ୟ ସାଧନ ମଧ୍ୟ ନାହିଁ । ତେଣୁ, କେବଳ ସେହି ଅଦୃଶ୍ୟ ପରମଶକ୍ତିଙ୍କର ସାମର୍ଥ୍ୟ ଉପରେହିଁ ଭରସା କରିବାକୁ ହେବ ।

ସ୍ନେହ ଓ ଅନେକ ଆଶୀର୍ବାଦ ।

*ପ୍ରାୟ ୧୯୬୬ ବେଳକୁ*

*ମାଆ,*

*ମୋ' ସହିତ କାର୍ଯ୍ୟ କରୁଥିବା 'ଖ' ଆପଣଙ୍କ ପାଇଁ ଗୋଟିଏ ମୂଦା ଚିଠି ଦେଇଛନ୍ତି । ବୋଧହୁଏ ସେ ନିଜର ପିଲାମାନଙ୍କୁ ଏଠାକୁ ଆଣିବାଲାଗି ଇଚ୍ଛା କରୁଛନ୍ତି । ଗତବର୍ଷ ଆପଣ କହିଥିଲେ ଯେ, ଅବସ୍ଥାରେ ଉନ୍ନତି ଘଟିଲେ ଆପଣ ସେମାନଙ୍କୁ ଆସିବାଲାଗି ଅନୁମତି ଦେବେ ।*

ଅବସ୍ଥାରେ କୌଣସି ଉନ୍ନତି ଘଟି ନାହିଁ; ମାତ୍ର ଯଦି ସେ ଜଣେ ଭଲ କର୍ମୀ ହୋଇଥା'ନ୍ତି,

'oaob.nitrkl.ac.in' images reprocessed

ତେବେ ନିଜ ପରିବାରକୁ ଏଠାକୁ ଆଣିବାଲାଗି ତାଙ୍କୁ ଅନୁମତି ଦେବା ଅଧିକ ଭଲ ହେବ ।

ଅସୁବିଧାଟି ମୋତେ ଜଣା ଅଛି ଏବଂ ମୁଁ ଚେଷ୍ଟା ମଧ୍ୟ କରୁଛି; କିନ୍ତୁ ଖୁବ୍ କମ୍‌ସଂଖ୍ୟକ ବ୍ୟକ୍ତି ଆଜିକାଲି ଆନ୍ତରିକତା ସହିତ କାର୍ଯ୍ୟ କରିବାକୁ ଇଚ୍ଛା କରୁଛନ୍ତି ।

ଯେତେବେଳେ ମୁଁ କୌଣସି ବ୍ୟକ୍ତିର ସମ୍ବାଦ ପାଏ, ମୁଁ ସଙ୍ଗେ ସଙ୍ଗେ ତୁମ ପାଖକୁ ତାଙ୍କୁ ପଠାଇଦିଏ । ମାତ୍ର ଏହା ଖୁବ୍‌ବେଶୀ ଫଳପ୍ରଦ ବୋଲି ମନେ ହେଉ ନାହିଁ ।

ଅନେକ ଆଶୀର୍ବାଦ ।

*ପ୍ରାୟ ୧୯୬୬ ବେଳକୁ*

*ମାଆ,*

*ମୋ'ର ଜଣେ ଛାତ୍ରୀ ନିଜର ଏକ ରଚନାରେ ଲେଖିଛନ୍ତି ଯେ, ଏଠାରେ ଯୌନ-ଭାବନା ସହିତ କୌଣସି ସମ୍ପର୍କ ନ ରଖିବା ପାଇଁ ଆମଠାରୁ ଆଶା କରାଯାଉଛି; ମାତ୍ର ତଥାପି ପ୍ରତ୍ୟେକ ଅବସରରେ କିଛି କଥା କହିବା ସମୟରେ ଆମକୁ ସେହି ଯୌନବିଷୟକୁହିଁ ସ୍ମରଣ କରିବାକୁ ପଡୁଛି, ଯେପରିକି ଲିଙ୍ଗ ବିଷୟରେ ଆମର କୌଣସି ଭୁଲ ନ ହୁଏ !*

ଏଇଟା କେବଳ ଏକ **ପରିହାସ** ମାତ୍ର... ଅଥବା, ଏହାକୁ ମନର ଗୋଟିଏ ବିକାର ବୋଲି କୁହାଯିବ, ଓ ଯଥାର୍ଥରେ ଯେଉଁଥି ଲାଗି ପରାମର୍ଶଟି ଦିଆଯାଇଛି, ତାହାକୁ ବୁଝିବା ନିମନ୍ତେ ଅସମ୍ମତ ହେବାର ଏକ ଚତୁର ଛଳ ବୋଲି କୁହାଯିବ ।

ଅନେକ ଆଶୀର୍ବାଦ ।

*ପ୍ରାୟ ୧୯୬୬ ବେଳକୁ*

*ମାଆ,*

*ଭାରତ ସରକାରଙ୍କ ଠାରୁ ଆମେ ଗୋଟିଏ ମୌଖିକ ପ୍ରତିଶ୍ରୁତି ପାଇଥିଲୁ ଯେ, ସେମାନେ ପାଞ୍ଚଶହ କପି ହିନ୍ଦୀ "ପୁରୋଧା"ର ଗ୍ରାହକ ହେବେ । ସରକାରୀ ଭାବରେ ବରାଦ ଆସୁ ଆସୁ ସାତମାସ ବିଳମ୍ବ ହେଲା । ଆମେ ସେମାନଙ୍କ ପାଇଁ ଅଧିକା କପି ଛାପିଲୁ ଏବଂ ବର୍ତ୍ତମାନ ସେମାନେ କେବଳ ୧୫୦ କପି ନେବେ ବୋଲି କହୁଛନ୍ତି ।*

'oaob.nitrkl.ac.in' images reprocessed

*ବିଗତ କେତେ ବର୍ଷ ମୁଁ ପଇସା ବିଷୟରେ କେବେହେଲେ ଭାବି ନ ଥିଲି । ବର୍ତ୍ତମାନ ମୋତେ ଆପଣଙ୍କଠାରୁ ଅଧିକରୁ ଅଧିକ ମାଗିବାକୁ ପଡ଼ିବ ।*

ମାତ୍ର କ'ଣ କରାଯିବ ? ସବୁଆଡୁ କେବଳ ସେହିପରି ହେଉଛି । ଏଇଟି ଗୋଟିଏ ନୂତନ ସମସ୍ୟା ପରି ଲାଗୁଛି, ଅତ୍ୟନ୍ତ ଦୈବଘଟିତ ଭାବରେ ଯାହାର ସମାଧାନ କରିବାକୁ ପଡ଼ିବ : ଅତି ଅଳ୍ପ ଅର୍ଜନ କରିବା ଏବଂ ତଥାପି ଅନେକ ଅଧିକ ବ୍ୟୟ କରିବା !

ସ୍ନେହ ଓ ଅନେକ ଆଶୀର୍ବାଦ ।

*ପ୍ରାୟ ୧୯୬୬ ବେଳକୁ*

*ମାଆ,*

*କୌଣସି ଡାକ୍ତର କେବେ ବିଶ୍ୱାସ କରିବେ ଯେ, କାଲି ଯେତେବେଳେ ମୁଁ ଆପଣଙ୍କ ପାଖକୁ ମୋ'ର ପତ୍ରଟିକୁ ଲେଖୁଥିଲି, ସେତେବେଳେ ମୋ'ର ଗିଲ୍‌ଟି ଏଡ଼େ ବଡ଼ ହୋଇ ଫୁଲି ଯାଇଥିଲା ଯେ ମୋତେ ଚାଲିବାକୁ ଭାରି କଷ୍ଟ ହେଉଥିଲା । ଆଜି ସକାଳେ ଯେତେବେଳେ ଆପଣ ମୋ'ର ଚିଠି ପାଇଲେ, ସେହି ଫୁଲାଟା ମୋତେ କମି ଯାଉଥିଲା ପରି ଲାଗିଲା ଏବଂ, ଯେତେବେଳେ ମୁଁ ଆପଣଙ୍କର ଚିଠି ପାଇଲି, ସେଇଟା ଅଧେ ସାନ ହୋଇ ଯାଇଥିଲା । ବର୍ତ୍ତମାନ ତ ମୁଁ ଦଉଡ଼ି ବି ପାରିବି ! ମୋ' ପାଦର ଫୁଲାଟା ମଧ୍ୟ ଠିକ୍ ସେହିପରି ଭାବରେ କମ୍ ହୋଇଯାଏ, ମାତ୍ର କୌଣସିଟା ସମ୍ପୂର୍ଣ୍ଣ ଭାବରେ ଯାଏ ନାହିଁ । ସେମାନେ ଏପରି ଗୋଟିଏ ବିନ୍ଦୁରେ ଆସି ପହଞ୍ଚି ଯାଆନ୍ତି, ଯେତେବେଳେ କି ସେମାନେ ଆଉ କୌଣସି କ୍ଷତି କରନ୍ତି ନାହିଁ ଏବଂ ତା'ପରେ ଅଗ୍ରଗତି ବନ୍ଦ ହୋଇଯାଏ ।*

ଏଥିରୁ ତୁମ ଶରୀରର ଗ୍ରହଣଶୀଳତାର ମାତ୍ରାଟି ନିର୍ଭୁଲ ଭାବରେ ଜଣାପଡ଼ିଯାଉଛି । ରୁଗ୍ଣ ଅଂଶଗୁଡ଼ିକରେ ଶକ୍ତିକୁ ସଂକେନ୍ଦ୍ରିତ କରି ରଖ ଏବଂ ସେଗୁଡ଼ିକର ଅଧିକ ଆରୋଗ୍ୟ ସମ୍ଭବ ହେବ ।

*ପ୍ରାୟ ୧୯୬୬ ବେଳକୁ*

ଅତିରିକ୍ତ ଭାବରେ ଉଚ୍ଚାଶାମାନ ରଖୁଥିବା ଯୋଜନାଗୁଡ଼ିକ ସାଧାରଣତଃ ଭୁଶୁଡ଼ି ପଡ଼ିଥା'ନ୍ତି । ତେଣୁ ଧୀରେ ଧୀରେ ଅଥଚ ଅବିରତ ଭାବରେ ଗତି କରିବା ଅଧିକ ଭଲ ।

ଅନେକ ଆଶୀର୍ବାଦ ।

*ପ୍ରାୟ ୧୯୬୬ ବେଳକୁ*

'oaob.nitrkl.ac.in' images reprocessed

*(ନିମ୍ନଲିଖିତ ପତ୍ରଟିରେ ଥିବା "ବାଛି ନେବା" ଏବଂ "ରସାତଳ" ଶବ୍ଦ ଦୁଇଟି ମାଆଙ୍କର ୧୯୬୭ର ନବବର୍ଷୀୟ ବାର୍ତ୍ତାରୁ ଆସିଛି : "ମନୁଷ୍ୟଗଣ, ଦେଶମାନେ ଓ ମହାଦେଶମାନେ ! ତୁମମାନଙ୍କୁ ଅବଶ୍ୟ ବାଛିନେବାକୁ ହେବ : ପରମସତ୍ୟ ଅଥବା ରସାତଳ ।")*

*ମାଆ,*

*ବାଛିନେବାଟା ବହୁପୂର୍ବରୁ ହୋଇସାରିଛି । ମାତ୍ର, ସେହି ଦିଗରେ କୌଣସି ଅଗ୍ରଗତି ହୋଇ ପାରୁ ନାହିଁ । ରାସାତଳଟା ଏକାବେଳେକେ ସମ୍ମୁଖରେ ଆଁ କରି ଅନାଇଥିବା ପରି ମନେ ହେଉଛି । ତଥାପି ଏକ ଆସ୍ଥା ରହିଛି ଯେ, ତାହା ପଥ ଉପରୁ ଅବଶ୍ୟ ଅପସାରିତ ହୋଇଯିବ ।*

ତୁମର ସେହି ଆସ୍ଥା ଅତ୍ୟନ୍ତ ଯଥାର୍ଥ । ଯେଉଁମାନେ ତଥାପି ଶୋଇ ରହିଛନ୍ତି ଏବଂ ଆପଣାର ନିଦ୍ରାରେ ବେଶ୍ ସନ୍ତୁଷ୍ଟ ହୋଇ ଅଛନ୍ତି, ସନ୍ଦେଶଟି କେବଳ ସେହିମାନଙ୍କ ଲାଗି ।

ଅନେକ ଆଶୀର୍ବାଦ ।

*୨ ଜାନୁଆରି ୧୯୬୭*

*ମାଆ,*

*ଧ୍ୟାନ, କର୍ମ ଓ ସମର୍ପଣ ପ୍ରଭୃତି ବିଷୟରେ ହିନ୍ଦୀରେ କିଛି ଲେଖିବାକୁ 'ଗ' ମୋତେ କହୁଛନ୍ତି । ସିଏ କହୁଛନ୍ତି ଯେ ମୁଁ ହେଉଛି ଏକମାତ୍ର ବ୍ୟକ୍ତି ଯିଏକି ଯଥାର୍ଥ ଭାବରେ ଲେଖିପାରିବ । ମୁଁ ଅନୁଭବ କରୁଛି ଯେ ତାହା ଜଣେ ଅନ୍ଧ ବ୍ୟକ୍ତି ଆହୁରି ଅନେକ ଅନ୍ଧ ବ୍ୟକ୍ତିଙ୍କୁ ବାଟ ଦେଖାଇ ନେଉଥିବା ପରି ହେବ । ନିଜ ଉପରେ ଅବଲୋକନ କରି ମୁଁ ଭାବୁଛି, ମୁଁ ପ୍ରକୃତରେ କ'ଣ ଜାଣିଛି ଯେ ଅନ୍ୟମାନଙ୍କୁ ସେହି ବିଷୟରେ କିଛି କହିପାରିବି ।*

ଲେଖିଚାଲ । **ପ୍ରେରଣାଟି** ଯେ ପ୍ରସ୍ତୁତ ହୋଇ ରହି ନାହିଁ ଓ ତୁମ ପାଖକୁ ଆସିବାଲାଗି ଅପେକ୍ଷା କରି ରହି ନାହିଁ, ତୁମେ ତାହା କିପରି ଜାଣିଲ ?

ସସ୍ନେହ ।

*୧୦ ଫେବ୍ରୁଆରି ୧୯୬୭*

'oaob.nitrkl.ac.in' images reprocessed

*ମାଆ,*

*"ପୁରୋଧା" ପାଇଁ ମୁଁ ସାଧନା ସହିତ ସମ୍ବନ୍ଧ ରଖିଥିବା ବିଷୟଗୁଡ଼ିକ ଉପରେ ଲେଖିବି ବୋଲି ଆପଣ ମୋତେ କହିଥିଲେ । ଏବଂ, ମୁଁ ଧ୍ୟାନ ବିଷୟରେ ମୋ'ର ପ୍ରଥମ ଲେଖାଟିକୁ ଲେଖୁଛି !! ଏବଂ ତଥାପି, ଆପଣ ମୋତେ ଥରେ କହିଥିଲେ ଯେ, ଯଦି ମୋତେ କେବେ ଦଣ୍ଡ ପାଇବାକୁ ହୁଏ, ତେବେ ସେଥିପାଇଁ ମୋତେ ଅଧଘଣ୍ଟାଏ ଧ୍ୟାନରେ ବସିବାକୁ କୁହାଯିବ !*

ତୁମେ ଏହି ବିଷୟରେ ଲେଖିବାକୁ ଅସମର୍ଥ ବୋଲି ମୁଁ କେବେ କହି ନାହିଁ ।

ଅନେକ ଆଶୀର୍ବାଦ ।

*୮ ମାର୍ଚ୍ଚ ୧୯୬୭*

*ମାଆ,*

*"ପୁରୋଧା" ପାଇଁ ଲେଖିବାରେ ମୁଁ ଅସୁବିଧାର ସମ୍ମୁଖୀନ ହେଉଛି । ମୁଁ ଯାହାକିଛି ଲେଖୁଛି, ତାହା ଫମ୍ପା ବା ଶୂନ୍ୟ ବୋଲି ମୁଁ ଉତ୍ତମରୂପେ ଦେଖିପାରୁଛି । ଏବଂ ମୋତେ ତଥାପି ଲେଖିବାକୁ ହେଉଛି, କାରଣ ମାସିକ ପତ୍ରିକାଟିର ଦାୟିତ୍ୱ ମୋ' ଉପରେ ରହିଛି ।*

ତୁମର ସହାୟତା ପାଇଁ ଶ୍ରୀଅରବିନ୍ଦଙ୍କୁ ଆବାହନ କର ଏବଂ ଏହା ଠିକ୍ ହୋଇଯିବ ।

*୨୪ ମାର୍ଚ୍ଚ ୧୯୬୭*

ମୋ'ର ନାଆଁ ନେଇ ତୁମକୁ ଯାହା ବାର ବାର କୁହାଯାଉଛି, ତୁମେ ସେବିଷୟରେ ସାବଧାନ ରହିବ — ଯେଉଁ ଭାବଟି ସହିତ ଏହା କୁହାଯାଇଛି, ସେଇଟି ନଷ୍ଟ ହୋଇ ଯାଉଛି ।

*୨୯ ମାର୍ଚ୍ଚ ୧୯୬୭*

*ମାଆ,*

*(ଏକାଧିକ ସମସ୍ୟାର ବର୍ଣ୍ଣନା କରିବା ପରେ :) ଅଣତିରିଶ ତାରିଖ ପରି ଗୋଟିଏ ଭଲ ଦିନରେ ଆଉ କେଉଁସବୁ କାହାଣୀ ! ମୋ' ଭିତରକୁ ଯେପରି କୌଣସି ତିକ୍ତତା ସଂକ୍ରମିତ ହୋଇ ନ ଆସୁ !*

'oaob.nitrkl.ac.in' images reprocessed

ତିକ୍ତ ହେବାବେଳେ ପରମ ଦିବ୍ୟସତ୍ତାଙ୍କଠାରୁ ଆମର ଖିଅ ଛିଡ଼ିଯାଏ ଏବଂ ଆମେ ଅତ୍ୟନ୍ତ "ଉତ୍କଟ" ଭାବରେ ମନୁଷ୍ୟସ୍ତରୀୟ ହୋଇ ରହିଥାଉ ।...

ସ୍ନେହ ଓ ଅନେକ ଆଶୀର୍ବାଦ ।

*୨୯ ମାର୍ଚ୍ଚ ୧୯୬୭*

*ମାଆ,*

*ମୁଁ ମୋ'ର ଦାୟିତ୍ୱବୋଧକୁ ହରାଇ ପକାଉଛି ବୋଲି ଯେ ମୁଁ ତିକ୍ତ ହୋଇ ଯାଉଛି, ସେକଥା ଆଦୌ ନୁହେଁ । (ଏହି ଶବ୍ଦଗୁଡ଼ିକ ପ୍ରକୃତ ଅର୍ଥଟିକୁ ଆଦୌ ବ୍ୟକ୍ତ କରୁ ନାହାନ୍ତି ।) 'କ'ହିଁ ଅଧିକରୁ ଅଧିକ ତିକ୍ତ ହୋଇ ଉଠୁଛନ୍ତି – ଏମିତିକି ଆପଣଙ୍କ ବିରୋଧରେ ମଧ ସିଏ ଅନୁଭବ କରୁଛନ୍ତି ଯେ, ସିଏ ଯେଉଁମାନଙ୍କୁ ବୁଢ଼ା ଦଳ ବୋଲି କହୁଛନ୍ତି, ଆମେ ସେହି ସମସ୍ତେ ଅଚିରେ ଏକ ଅସହାୟ ଅବସ୍ଥାରେ ଆସି ପଡ଼ିଯିବୁ । ମୁଁ ଯେପରି କୌଣସି ପ୍ରକାରେ ସଂକ୍ରମିତ ନ ହୁଏ, ମୁଁ ସେଥିପାଇଁ ପ୍ରାର୍ଥନା କରୁଥିଲି ।*

ଯାହାକିଛି ଘଟେ, ଆମକୁ ସର୍ବଦା ସେହି ଗୋଟିଏ ଶିକ୍ଷା ପ୍ରଦାନ କରିବାକୁହିଁ ତାହା ଘଟିଥାଏ । ଆମେ ନିଜର ଅହଂର କବଳରୁ ମୁକ୍ତ ନ ହେବା ପର୍ଯ୍ୟନ୍ତ ଆମ ନିଜ ପାଇଁ ଅଥବା ଅନ୍ୟମାନଙ୍କ ପାଇଁ ଆଦୌ କୌଣସି ଶାନ୍ତି ସମ୍ଭବ ହୁଏ ନାହିଁ । ଏବଂ, ସେହି ଅହଂଟି ନ ଥିଲେ ଜୀବନ ପ୍ରକୃତରେ ଏକ ଚମତ୍କାର ବିସ୍ମୟରେ ପରିଣତ ହୋଇଯାଏ ।...

ସସ୍ନେହ ।

*୩୦ ମାର୍ଚ୍ଚ ୧୯୬୭*

*ମାଆ,*

*ସମ୍ଭବତଃ ଆପଣ ଜାଣିଛନ୍ତି ଯେ ଆମେ ପାଉଥିବା ଚିନିର ପରିମାଣ କମ୍ ହୋଇ ଯାଇଛି । ଏ ବିଷୟରେ ଆମର ନୂତନ ନୀତି ବିଷୟରେ ମୁଁ ଆପଣଙ୍କର ମାର୍ଗ ଦର୍ଶନ କାମନା କରୁଛି । ଯଦି ଆପଣ ଇଚ୍ଛା କରିବେ, ତେବେ ମୁଁ ଚିନି – ଖର୍ଚ୍ଚର ଟିକିନିଖି ବିବରଣୀ ଆପଣଙ୍କ ପାଖକୁ ପଠାଇଦେବି ।*

ସେହି ଖବର ମୁଁ ଗତକାଲି ପାଇଲି ଏବଂ ଉତ୍ତରରେ ତୁମକୁ କେବଳ ଏତିକି କହିବି : **ଯାହା ସର୍ବୋତ୍ତମ ହେବ, ତୁମେ ତାହାହିଁ କର ।**

'oaob.nitrkl.ac.in' images reprocessed

All that happens
is to teach us one
and the same lesson. –

Unless we get
rid of our ego
there is no peace
either for ourselves
or for the others.

And without ego
the life becomes
such a wonderful
marvel ! ...

love

'oaob.nitrkl.ac.in' images reprocessed

ଯଦି ତୁମେ ମୋ' ପାଇଁ ଚିନିର ବ୍ୟବହାର କରୁଥିବ, ତେବେ ତାହାକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିଦେବ । ଦରକାର ହେଲେ ତା' ବଦଳରେ ଗ୍ଲୁକୋଜ୍ ବ୍ୟବହାର କରା ଯାଇପାରେ ।

ମୁଁ ଭାବୁଛି, ଏସବୁ ଘଟଣା ଆମକୁ ନମନୀୟ ହେବାକୁ ଶିକ୍ଷା ଦେବ ।

ସ୍ନେହ ଓ ଅନେକ ଆଶୀର୍ବାଦ ।

*୧୩ ଏପ୍ରିଲ୍ ୧୯୬୭*

*ମାଆ,*

*ମନେ ହେଉଛି, ଆପଣ ନିଜକୁ ଜଣେ ଖୁବ୍ ବଡ଼ ଆହାରୀ ବୋଲି ଭାବୁଛନ୍ତି ! ଆପଣ ଚିନି ବନ୍ଦ କରିଦେଲେ ସତେଯେପରି ତଦ୍ଦ୍ୱାରା ବହୁତ ଚିନି ବଞ୍ଚିଯିବ ! ପ୍ରାୟ ୧୯୫୧ ମସିହାଠାରୁ ମୁଁ ଆପଣଙ୍କ ପାଇଁ କୌଣସି ଚିନି ବ୍ୟବହାର କରି ନାହିଁ, କାରଣ ଆପଣ ମୋତେ ଚିନି ବ୍ୟବହାର ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସକାଳର ବାଦାମ ସରବତରେ ମୁଁ ମହୁ ପକାଇଦିଏ ଓ ସନ୍ଧ୍ୟାବେଳେ ଆଖୁରସ ଦେଇଦିଏ । ଡାଳିମ୍ବ ରସରେ ଅଧିକ ମିଠା ଦେବା ଆବଶ୍ୟକ ହେଲେ ମୁଁ ସେହି ଆଖୁରସ ବ୍ୟବହାର କରେ ।*

ମୋ'ର ପାନୀୟଗୁଡ଼ିକରେ ତୁମେ ଚିନି ପକାଉନାହଁ ଜାଣି ମୁଁ ଅତ୍ୟନ୍ତ ଖୁସୀ । ଏସବୁ ଏହିପରି ଯଥେଷ୍ଟ ମିଠା ହେଉଛି । ମୋ' କହିଥିବା କଥାଟିକୁ ତୁମେ ମନେ ରଖିଛ ବୋଲି ତୁମକୁ ମୁଁ ଅଭିନନ୍ଦନ ଜଣାଉଛି – ଏହା ପ୍ରକୃତରେ ଏକ ଅସାଧାରଣ ଘଟଣା !...

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୧୪ ଏପ୍ରିଲ୍ ୧୯୬୭*

*ମାଆ,*

*ଭବିଷ୍ୟତ୍ ଉପରେ ଅଧିକ ମହତ୍ତ୍ୱ ଦେଇ ଆପଣ ଏବେ ଶିକ୍ଷାକେନ୍ଦ୍ରକୁ ପଠାଇଥିବା ବାର୍ତ୍ତାଗୁଡ଼ିକର ପରିପ୍ରେକ୍ଷୀରେ : ଭାଷା ପଢ଼ାଉଥିବା ଜଣେ ଶିକ୍ଷକ ହିସାବରେ ମୁଁ ରାମାୟଣ, କବୀରଙ୍କର ଭଜନ, ମୀରାଭଜନ ଏବଂ ଉପନିଷଦ୍ ଓ ମହାଭାରତର କାହାଣୀଗୁଡ଼ିକ ଉପରେ ଅତ୍ୟନ୍ତ ମହତ୍ତ୍ୱ ଦେଇଆସିଛି । ମୋ'ର କ'ଣ କରିବା ଉଚିତ ଆପଣ ଅନୁଗ୍ରହ କରି ମୋତେ କହିଦିଅନ୍ତୁ । ସେଗୁଡ଼ିକ ଅତୀତର ବୋଲି ଯଦି ମୁଁ ସେଗୁଡ଼ିକୁ ଛାଡ଼ିଦେବି, ତେବେ ତା'ବଦଳରେ ଆଉ*

'oaob.nitrkl.ac.in' images reprocessed

*କ'ଣ ସବୁ ରଖିବି ? ଯଦି ସେହିଗୁଡ଼ିକୁହିଁ ବ୍ୟବହାର କରିବି, ତେବେ ଆପଣଙ୍କ ଚିନ୍ତାସ୍ରୋତର ବିରୋଧରେ ଯିବାପରି ହେବ ନାହିଁ କି ?*

ଆଦୌ ନୁହେଁ । ଏହି କ୍ଷେତ୍ରରେ ଦୃଷ୍ଟିକୋଣହିଁ ମହତ୍ତ୍ୱପୂର୍ଣ୍ଣ ହେବ ।

*ତଳ ଶ୍ରେଣୀଗୁଡ଼ିକରେ ମଧ୍ୟ ମୁଁ ଭାରତୀୟ ସାହିତ୍ୟର କାହାଣୀଗୁଡ଼ିକ ଉପରେ ଖୁବ୍ ମହତ୍ତ୍ୱ ଦେଇଥାଏ । ଆମର ଭବିଷ୍ୟତ୍ ସମ୍ବନ୍ଧରେ କୌଣସି ଦୃଷ୍ଟି ବା ଅନ୍ଦାଜ ନାହିଁ ଏବଂ, ଯଦି ଅତୀତର ବିଷୟ ବୋଲି ଆମେ ଏସବୁକୁ ବାଦ୍ ଦେଇଦେବା, ତେବେ ସାହିତ୍ୟ ଭିତରେ ଆଉ କ'ଣ ଅବଶେଷ ରହିବ ?*

ଅତୀତ ଭବିଷ୍ୟତ୍ ଆଡ଼କୁ ଲମ୍ଫ ପ୍ରଦାନ କରିବାର ଏକ ଭୂମି ହୋଇ ରହିବ; ଆମକୁ ଅଗ୍ରଗତି କରିବାରୁ ନିବୃତ୍ତ କରି ରଖିବାର ଏକ ଜଞ୍ଜିର ପରି ହେବ ନାହିଁ ।

ମୁଁ ଯେଉଁଭଳି କହିଲି, ଅତୀତ ବିଷୟରେ ରହିଥିବା ଦୃଷ୍ଟିକୋଣଟି ଉପରେହିଁ ସବୁକିଛି ନିର୍ଭର କରିବ ।

*ମୁଁ ଯେତେଦୂର ବିଚାର କରିପାରୁଛି, ପଢ଼ାଇବା ଓ ଲେଖିବା ଛାଡ଼ିଦେଇ କେବଳ ଶାରୀରିକ କାର୍ଯ୍ୟ ମଧ୍ୟକୁ ଫେରିଯିବା ଓ ଆଗମନୀଟି ସକାଶେ ଅପେକ୍ଷା କରି ରହିବାହିଁ ମୋ' ନିଜ ପାଇଁ ସର୍ବୋତ୍ତମ କଥା ହେବ । ମାତ୍ର, ସେପରି କଲେ ଆପଣଙ୍କୁ ଦୋଷ ଦେବାପରି ହେବ; କାରଣ ମୋ'ର ଆପାତ ଇଚ୍ଛାଗୁଡ଼ିକ ବିରୋଧରେ ଆପଣହିଁ ମୋତେ ଏହିସବୁ କାର୍ଯ୍ୟଭାର ପ୍ରଦାନ କରିଥିଲେ ।*

ଏବଂ, ଏବେ ମଧ୍ୟ ମୁଁ ତୁମକୁ ସେହି କାର୍ଯ୍ୟଗୁଡ଼ିକୁ ଦେଉଛି । ଏକ ପରିବର୍ତ୍ତନ ଦରକାର ବୋଲି ଯଦି ତୁମେ ଅନୁଭବ କରୁଥିବ, ତେବେ **ଦୃଷ୍ଟିକୋଣରେହିଁ** ସେହି ପରିବର୍ତ୍ତନ ହୋଇ ପାରିବ, ଯାହାକି, ଯାହା କହିବାକୁ ଏବଂ ଉପଲବ୍ଧି କରିବାକୁ ରହିଛି, ତାହାରି ଉପରେ ଅଧିକ ମହତ୍ତ୍ୱ ଦେବ ଏବଂ ଅତୀତକୁ ଭବିଷ୍ୟତ୍ ନିମନ୍ତେ ଏକ ପ୍ରସ୍ତୁତିରୂପେ ବ୍ୟବହାର କରୁଥିବ ।

ଏହି କାର୍ଯ୍ୟଟିକୁ କରିବା ମୋତେ କଷ୍ଟକର ହେବ ନାହିଁ – ଏବଂ, ତୁମେ ଯେ ତାହାକୁ ସହଜରେ ଅବଶ୍ୟ କରିବ, ସେବିଷୟରେ ମୁଁ ସୁନିଶ୍ଚିତ ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ । *୧୭ ଏପ୍ରିଲ୍ ୧୯୬୭*

'oaob.nitrkl.ac.in' images reprocessed

*(ଏହି ଶିଷ୍ୟ ଲେଖିଥିଲେ ଯେ, ଭୋଜନକକ୍ଷରେ ରୋଷେଇଘରେ ଜଣେ ତତ୍ତ୍ୱାବଧାରକଙ୍କର ନିଷ୍ପତ୍ତିଗୁଡ଼ିକ ଫଳରେ ଅନେକ କର୍ମୀ ଅତ୍ୟନ୍ତ ଦୁଃଖିତ ହୋଇ ପଡ଼ିଥିଲେ । ତାଙ୍କର ଚିଠିରେ ଶେଷକୁ ଥିଲା :)*

*ଏହିସବୁ ସ୍ଥିତିରେ ଆପଣ ଅନୁଗ୍ରହ କରି ଦେଖିବେ, ଯେପରି କାର୍ଯ୍ୟରେ ଆଦୌ କୌଣସି ଅବନତି ଘଟିବ ନାହିଁ । ରନ୍ଧନଶାଳାରେ ଭଲ କର୍ମୀ କେହି ନାହାନ୍ତି । ଏହା ହେଉଛି ଗୋଟିଏ ସବୁଠାରୁ ଅଧିକ ଅବହେଳିତ ହୋଇ ରହିଥିବା ବିଭାଗ । ମୁଁ ଆଶା କରୁଛି ଯେ ଏହିସବୁ ଦ୍ୱନ୍ଦ୍ୱ ଭିତରୁ ନିଶ୍ଚୟ କିଛି ଅଧିକ ଭଲ ସମ୍ଭବ ହେବ । ମୁଁ ଅଲୌକିକ ଘଟଣାରେ ସର୍ବଦା ବିଶ୍ୱାସ ରଖିଥାଏ ।*

ଯେତେବେଳେ ମନୁଷ୍ୟର ଭାବୋତ୍ତେଜନା କର୍ମର ପରିଚାଳନା କରେ, ସେତେବେଳେ ମୁଁ ଜଣେ ସାକ୍ଷୀ ପରି ଅଲଗା ଠିଆ ହୋଇ ରହିଥାଏ । ଯାହାକିଛି ନିଷ୍ପତ୍ତି ହୁଏ, ମୋତେ ଭଦ୍ର ଭାବରେ ସେକଥା ଜଣାଇ ଦିଆ ଯାଉଥାଏ – କ'ଣ କରିବାକୁ ହେବ, ମୋତେ କଦାପି ପଚରା ଯାଏ ନାହିଁ ।

ମୁଁ କଦାପି କୌଣସି ଆଦେଶ ଦେଇ ପାରିବି ନାହିଁ; କାରଣ ଯଦି ଆଦେଶଗୁଡ଼ିକୁ ଅମାନ୍ୟ କରାଯାଏ, ତେବେ ନିଃସନ୍ଦେହ ଭାବରେ ତାହା ଏକ ବିପର୍ଯ୍ୟୟରେହିଁ ପରଣତ ହେବ ।

ତେଣୁ, ଉତ୍ତେଜନାଗୁଡ଼ିକ କମିଯିବା ପର୍ଯ୍ୟନ୍ତ ଧୈର୍ଯ୍ୟର ସହିତ ଅପେକ୍ଷା କରିବା ଓ... ସର୍ବୋତ୍ତମହିଁ ଘଟିବ ବୋଲି ଆଶା କରିବା ବ୍ୟତୀତ ଆଉ କିଛି କରିବାର ନାହିଁ ।

ସମ୍ଭବତଃ ଏପରି ହେବ ଯେ, କେତେକ ବ୍ୟକ୍ତି ହୁଏତ କଠିନ ଶ୍ରମର ଆବଶ୍ୟକତା ବିଷୟରେ ସଚେତନ ହୋଇ ପାରିବେ...

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୧୯ ଏପ୍ରିଲ ୧୯୬୭*

*ମାଆ,*

*ବିଗତ କେତେକ ଅବସରରେ ଦର୍ଶନର କାର୍ଯ୍ୟ ପରେ ମୋତେ ଅତ୍ୟନ୍ତ କ୍ଲାନ୍ତ ଲାଗିଛି । ଏହି ଅବଧିଟି ମଧ୍ୟରେ ମୁଁ ଖୁବ୍‌ବେଶୀ ଶାରୀରିକ କାର୍ଯ୍ୟ କରେ ନାହିଁ । ମୋତେ ଆଦୌ କାତର ଅଥବା ଉତ୍ତେଜିତ ଲାଗେ ନାହିଁ; ଏବଂ ଏଥର ମୋତେ ବ୍ୟକ୍ତିଗତ ଦାୟିତ୍ୱ ବିଷୟରେ ମଧ୍ୟ କୌଣସି ଅନୁଭବ ହେଲା ନାହିଁ । ମାତ୍ର, ମୁଁ ସବୁ ସମୟରେ ଉପସ୍ଥିତ ଥାଏ ଏବଂ ଶେଷରେ ଅତିରିକ୍ତ ପରିମାଣରେ*

'oaob.nitrkl.ac.in' images reprocessed

*କ୍ଳାନ୍ତ ଅନୁଭବ କରେ । ଯଦି ମୋତେ କିଛି କାର୍ଯ୍ୟ କରିବାକୁ ଥାଏ, ତେବେ ବେଶ୍ ଭଲ ଲାଗେ । ମାତ୍ର, ତା'ପରେ ଯାଇ କ୍ଳାନ୍ତି ଆସେ । କାହିଁକି ଏପରି ହୁଏ ? ମୋତେ ଏଥିପାଇଁ କ'ଣ କରିବାକୁ ହେବ ?*

କାରଣ, କାର୍ଯ୍ୟ କରୁଥିବା ସମୟରେ ତୁମେ ପରମଶକ୍ତିଟି ଆଡ଼କୁ ଗ୍ରହଣଶୀଳ ହୋଇ ରହିଥାଅ ଏବଂ ତାହାହିଁ ତୁମକୁ ବଳ ପ୍ରଦାନ କରି ରଖିଥାଏ । ମାତ୍ର, ଯେତେବେଳେ କାର୍ଯ୍ୟର କୌଣସି ଚାପ ନ ଥାଏ, ସେତେବେଳେ ତୁମେ କମ୍ ଗ୍ରହଣଶୀଳ ହୋଇଯାଅ । ସକଳ ପରିସ୍ଥିତିରେ ଏବଂ ସର୍ବଦା ଗ୍ରହଣଶୀଳ ହୋଇ ରହିବାକୁ ତୁମକୁ ଶିଖିବାକୁ ହେବ; ବିଶେଷ କରି ବିଶ୍ରାମ ନେଲାବେଳେ ମଧ୍ୟ ଗ୍ରହଣଶୀଳ ହୋଇ ରହିବାକୁ ଶିକ୍ଷା କରିବ । ଏହା କଦାପି ଜଡ଼ତାର ଏକ "ବିଶ୍ରାମ" ହୋଇ ନ ଥିବ, ମାତ୍ର ଗ୍ରହଣଶୀଳତାର ଏକ ଯଥାର୍ଥ ବିଶ୍ରାମ ହୋଇ ରହିଥିବ ।

ଅନେକ ଆଶୀର୍ବାଦ ।

*୯ ମଇ ୧୯୬୭*

*ମାଆ,*

*ରନ୍ଧନକକ୍ଷର ଆସନଗୁଡ଼ିକ ବହୁତ ଚିରି ଫାଟି ଗଲେଣି । ନୂଆ କେତୋଟି ଲାଗି ଅନୁରୋଧ କରିବା ପୂର୍ବରୁ, ଆମେ ଏହିପରି ଆସନ ପକାଇବା ଚାଲୁ ରଖିବା ଅଥବା ବହୁ ପରିମାଣରେ ଟେବୁଲ ଓ ଚୁଲର ବ୍ୟବହାର କରିବା, ମୁଁ ସେହିକଥା ଜାଣିବାକୁ ଇଚ୍ଛା କରୁଛି । ବର୍ତ୍ତମାନ ଆମର ଦୁଇଟି କୋଠରିରେ ଟେବୁଲ ଆଉ ଚୁଲ୍ ପଡ଼ିଛି ଓ ବାକୀ କୋଠରିଗୁଡ଼ିକରେ ଆସନ ପଡ଼ିଛି ।*

ଏପରି କେତେକ ବ୍ୟକ୍ତି ସର୍ବଦା ରହିବେ, ଯେଉଁମାନେ କି ତଳେ ବସିବାକୁ ଅଧିକ ପସନ୍ଦ କରିବେ । ତେଣୁ, କିଛି ଆସନ ମଗାଅ ।

*୧୧ ମଇ ୧୯୬୭*

*ମାଆ,*

*ଏହି ସୃଷ୍ଟିର ଯୋଜନା କରିବାକୁ ଆପଣଙ୍କୁ କେତେ କାଳ ଲାଗିଥିଲା ଏବଂ ତାହାକୁ କାର୍ଯ୍ୟକାରୀ କରିବାକୁ ସେତେବେଳେ କିଏ ଥିଲେ, ଆପଣ ମୋତେ କହିପାରିବେ କି ?*

'oaob.nitrkl.ac.in' images reprocessed

ଆଗରୁ କିଛି ଯୋଜନା କରାହୋଇ ନ ଥିଲା । ସବୁକିଛି ତତ୍‌କ୍ଷଣାତ୍ ପ୍ରତ୍ୟକ୍ଷ ଭାବରେ ହେଲା, ମଧ୍ୟବର୍ତ୍ତୀ କୌଣସି ବ୍ୟକ୍ତି ନ ଥାଇ ପ୍ରତ୍ୟକ୍ଷ ଭାବରେ ସ୍ୱତଃସ୍ଫୂର୍ତ୍ତ ଭାବରେ ହୋଇଥିଲା । ମଧ୍ୟବର୍ତ୍ତୀ ମାନଙ୍କର ହସ୍ତକ୍ଷେପ ଫଳରେ ସବୁକିଛି ଅଧିକାଂଶତଃ ଜଟିଳ ହୋଇଯାଇଛି ସିନା, ସେଗୁଡ଼ିକୁ ସରଳ କରିବାରେ କୌଣସି ସହାୟତା ମିଳି ନାହିଁ । କହିଲେ ପ୍ରକୃତରେ ଏକ ଲମ୍ବା କାହାଣୀ ହେବ ।

ଅନେକ ଆଶୀର୍ବାଦ ।

*୧୩ ମଇ ୧୯୬୭*

*ମାଆ,*

*୧୯୪୭ ମସିହା ପୂର୍ବରୁ ଆପଣ କହିଥିଲେ ଯେ ଭାରତବର୍ଷ କର୍କଟରୋଗ ପରି ଏକ ବ୍ୟାଧି ଦ୍ୱାରା ପୀଡ଼ିତ ହୋଇ ରହିଛି : ତାହା ଫଳରେ ତାହାର ପ୍ରତ୍ୟେକ ଅବୟବ ଅନ୍ୟ ଅବୟବଗୁଡ଼ିକର କ୍ଷୟ ଘଟାଇ ନିଜେ ବୃଦ୍ଧି ଲାଭ କରିବା ଲାଗି ଉଦ୍ୟମ କରୁଛି । ସେହି ସମୟରେ ଆମେ ଏକଥାକୁ ଦେଖି ପାରୁ ନ ଥିଲୁ । ବର୍ତ୍ତମାନ ସେହି କର୍କଟରୋଗକୁ, ଏପରିକି ଏକ କୁଷ୍ଠରୋଗକୁ ମଧ ସମସ୍ତେ ଦେଖି ପାରୁଛନ୍ତି । କେବଳ ଆପଣଙ୍କର ଉପସ୍ଥିତି ବ୍ୟତୀତ ସବୁକିଛି ଚରମ ମାତ୍ରାରେ ଅନ୍ଧକାରାଚ୍ଛନ୍ନ ହୋଇ ରହିଛି । ଭାରତବର୍ଷ ତା'ର ଧ୍ୟେୟଟିକୁ ପରିପୂର୍ଣ୍ଣ କରିବା ପୂର୍ବରୁ ଏକ ପୂର୍ଣ୍ଣ ବିଧ୍ୱଂସର ଆବଶ୍ୟକତା ରହିଛି କି ? ଏହା କ'ଣ ପ୍ରକୃତରେ ଏକ ଦୀର୍ଘ ସମୟ ଅବଶ୍ୟ ନେବ ?*

ଯେତେବେଳେ କୌଣସି କାର୍ଯ୍ୟ କରିବାକୁ ରହିଥିବ, ସେତେବେଳେ ସେହି ବିଷୟରେ ଯେତେ କମ୍ କଥା କୁହାଯାଏ, ତାହା ସେତିକି ଅଧିକ ଭଲ ହେବ ।

*୧୭ ମଇ ୧୯୬୭*

*ମାଆ,*

*'ଖ' ବହୁଦିନରୁ ମୋ' ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରଖି ଆସିଛନ୍ତି ଏବଂ ବର୍ତ୍ତମାନ ସେ ପରାମର୍ଶ ପାଇଁ ମଧ ମୋ' ପାଖକୁ ଆସିଲେଣି । ବେଳେବେଳେ ତାଙ୍କୁ ବଡ଼ ଏକାକୀ ଲାଗୁଛି ଓ ସେ ବିବାହ କରିବା ସକାଶେ ଚିନ୍ତା କରୁଛନ୍ତି । ଏହି ଆଶ୍ରମହିଁ ତାଙ୍କ ଲାଗି ଯଥାର୍ଥ ସ୍ଥାନ ଓ ଅନ୍ୟ ସବୁକିଛିର ତାଙ୍କ ପାଇଁ ଆଦୌ କୌଣସି ଉପଯୋଗିତା ନାହିଁ ବୋଲି ମଧ ସେ ସମୟ ସମୟରେ ଭାବୁଛନ୍ତି । ମୁଁ*

'oaob.nitrkl.ac.in' images reprocessed

*ତାଙ୍କୁ ସିଧା ଭାବରେ କୌଣସି ପରାମର୍ଶ ଦେଉ ନାହିଁ; ମାତ୍ର, ସିଏ ପ୍ରକୃତରେ ଏହିଭଳି ଜୀବନ ଲାଗି ଉଦ୍ଦିଷ୍ଟ ହୋଇ ରହିଛନ୍ତି ଏବଂ, ନିଜର ସମସ୍ୟାଟିକୁ ନେଇ ସେ ମୋ' ପାଖକୁ ଆସିବାବେଳେ ମୁଁ କିପରି ନୀତି ଅବଲମ୍ବନ କରିବି, ସେହି କଥାଟିକୁ ଜାଣିବା ପାଇଁ ଇଚ୍ଛା କରୁଛି ।*

ସିଏ ଯେ ଏଠାରେ ରହିଛନ୍ତି, ତାହାହିଁ ପ୍ରମାଣ କରୁଛି ଯେ ତାଙ୍କର ସତ୍ତାରେ କୌଣସିଠାରେ ଏକ ଅଭୀପ୍ସା ନିଶ୍ଚିତ ଭାବରେ ରହିଛି; ଏବଂ, ସହାୟତା ଲାଭ କଲେ ସେହି ଅଭୀପ୍ସା ସମଗ୍ର ସତ୍ତାଟିରେ ସଞ୍ଚାରିତ ହୋଇଯାଇ ପାରିବ ।

ସସ୍ନେହ ।

*୫ ଜୁନ୍ ୧୯୬୭*

*(ଆଶ୍ରମରେ ଫଳ ଓ ଚିନିର ଏକ ଅଭାବ ପରିଲକ୍ଷିତ ହେଉଛି ବୋଲି ଏହି ଶିଷ୍ୟ ମାଆଙ୍କୁ ଜଣାଇଥିଲେ ।)*

ଚିନି ପ୍ରଧାନତଃ ପିଲାଙ୍କ ପାଇଁ ଉପଯୋଗୀ; ଅନ୍ୟମାନଙ୍କ ପାଇଁ ଆଉକିଛିରେ ଅବଶ୍ୟ କାମ ଚଳିଯିବ ।

ନିଃସନ୍ଦେହ ଭାବରେ, ଏହି ସବୁକିଛି ଆମକୁ ଏହି ଶିକ୍ଷା ଦେଇଯାଉଛି ଯେ, ଯାହାକିଛି **ପ୍ରକୃତରେ ଆବଶ୍ୟକ**, ଆମେ ତାହାହିଁ ବ୍ୟବହାର କରିବା ଓ ବାକୀ ଅନ୍ୟାନ୍ୟ ବିଷୟରେ ଯେ ଆଦୌ ଚିନ୍ତିତ ହେବା ନାହିଁ ଆମକୁ ଏହିଭଳି ଏକ **ସ୍ଥିର ବିଶ୍ୱାସ** ରଖିବାକୁ ହେବ !

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୧୫ ଜୁନ୍ ୧୯୬୭*

*ମାଆ,*

*'ଗ' ଭୋଜନ କକ୍ଷ ଉପରେ ନିୟନ୍ତ୍ରଣ ରଖିବାଲାଗି ଅତ୍ୟନ୍ତ ଉତ୍ସୁକ ହେଉଛନ୍ତି । ଯଦି ଆପଣଙ୍କର ଆପତ୍ତି ନ ଥାଏ, ତେବେ ଆପଣ ଡିସେମ୍ବର ମାସରେ ନୂତନ ବ୍ୟବସ୍ଥା କରିବା ସମୟରେ ସିଏ ଭୋଜନକକ୍ଷର ଦାୟିତ୍ୱ ଗ୍ରହଣ କରନ୍ତୁ ।*

'oaob.nitrkl.ac.in' images reprocessed

ଏହା କିପରି ଯେ ସମ୍ଭବ ହେବ, ମୁଁ ତାହା ଦେଖି ପାରୁ ନାହିଁ । ଏହା ପଛରେ ଅନେକ କାରଣ ରହିଛି ଓ ମୁଁ ଏଠାରେ ସେସବୁର ଉଲ୍ଲେଖ କରି ପାରିବି ନାହିଁ । ମୁଁ ପ୍ରକୃତରେ କୌଣସି ନୂତନ ବ୍ୟବସ୍ଥା **କରିବାକୁ ଯାଉ ନାହିଁ** । ମୁଁ କେବଳ ଏକ **ନୂଆ ରନ୍ଧନଶାଳା ଆରମ୍ଭ କରାଉଛି** ।* କାରଣ, ଲୋକମାନଙ୍କର ସଂଖ୍ୟା ଏତେ ବଢ଼ିଗଲାଣି ଯେ, ଏକାବେଳେ ଏତେବେଶୀ ସଂଖ୍ୟାରେ ଲୋକଙ୍କ ପାଇଁ ରାନ୍ଧିବା କଷ୍ଟକର ହୋଇପଡୁଛି ।

ପୁନଶ୍ଚ ଶିକ୍ଷାକେନ୍ଦ୍ରର ପିଲାମାନଙ୍କ ପାଇଁ ଖାଦ୍ୟ ଏବଂ ଆଶ୍ରମବାସୀଙ୍କ ପାଇଁ ଖାଦ୍ୟ,— ଉଭୟ ଭିତରେ କିଞ୍ଚିତ୍ ପାର୍ଥକ୍ୟ ମଧ୍ୟ ରହିବା ଆବଶ୍ୟକ ହେଉଛି, କାରଣ ନିଜର **ଅଭିବୃଦ୍ଧି** ନିମନ୍ତେ ପିଲାମାନେ ନିଶ୍ଚୟ ବିଶେଷ ଖାଦ୍ୟ ଆବଶ୍ୟକ କରିବେ ।

*୨୬ ଜୁନ୍ ୧୯୬୭*

*ମାଆ,*

*ଶ୍ରୀଅରବିନ୍ଦ ଆଶ୍ରମରେ ଆପଣଙ୍କର ଉପସ୍ଥିତି ସତ୍ତ୍ୱେ ଉତ୍ତମ ସ୍ୱାସ୍ଥ୍ୟ ଲାଗି ପ୍ରତ୍ୟେକ ବ୍ୟକ୍ତି କାହିଁକି ଭୋଜନ, ଶାରୀରିକ କୃଷ୍ଟି ଏବଂ ଡାକ୍ତରଙ୍କ ବିଷୟରେ ଚିନ୍ତା କରୁଥିବା ପରି ବୋଧ ହେଉଛନ୍ତି, ଆପଣ ମୋତେ କହି ପାରିବେ କି ? ଦିବ୍ୟ ପରମ ସହାୟତା ଯଦି ଇଚ୍ଛା କରିବ, ନିଜକୁ ଅବଶ୍ୟ ଏକ ଚତୁର୍ଥ ସ୍ଥାନରେ ନେଇ ରଖିପାରିବ । ବର୍ତ୍ତମାନ ସ୍ଥିତିରେ ଆପଣଙ୍କର ସାହାଯ୍ୟ ବିଷୟରେ କିଛି କହିବା ମଧ୍ୟ କଷ୍ଟକର ହେଉଛି । ଲୋକମାନେ ଏପରି ଭାବୁଥିଲା ପରି ଲାଗୁଛି ଯେ, ଆପଣଙ୍କର ସାହାଯ୍ୟ ବିଷୟରେ କହିବା ଦ୍ୱାରା ଜଣେ ହୁଏତ ଦେଖାଇ ହେବାକୁ ଚେଷ୍ଟା କରୁଛି କିଂବା ସିଧା ଧର୍ମାନ୍ଧ ହୋଇଥିବାରୁ ଏପରି କହୁଛି ।*

ଶ୍ରୀଅରବିନ୍ଦ କହିଥିଲେ ଯେ, ଶରୀରକୁ ମଧ୍ୟ ଯୋଗର ଅନ୍ତର୍ଭୁକ୍ତ କରି ନିଆଯିବ; ତାହାକୁ ପ୍ରତ୍ୟାଖ୍ୟାନ କରାଯିବ ନାହିଁ ବା ତାହାପ୍ରତି କୌଣସି ଅବହେଳା ପ୍ରଦର୍ଶନ କରା ଯିବ ନାହିଁ । ଏବଂ, ଏଠାରେ ପ୍ରାୟ ସମସ୍ତେ ସେଥିରୁ ଭାବିନେଲେ ଯେ ସେମାନେ ପ୍ରକୃତରେ ଶରୀରର ସ୍ତରରେହିଁ ଯୋଗ କରୁଛନ୍ତି ଏବଂ ଫଳରେ ଶାରୀରିକ "ଆବଶ୍ୟକତା" ତଥା ବାସନାଗୁଡ଼ିକର ଫାଶରେ ପଡ଼ିଗଲେ ।...

ନିଷ୍କପଟ ଭାବରେ କହିବାକୁ ଗଲେ, ଯେଉଁ ତଥାକଥିତ ପ୍ରତ୍ୟାଖ୍ୟାନକାରୀ

---

* ଆଶ୍ରମ ଶିକ୍ଷାକେନ୍ଦ୍ରର ଛାତ୍ରମାନଙ୍କ ପାଇଁ କର୍ଣର୍ ହାଉସ୍ ରନ୍ଧନଶାଳା (ଓ ଭୋଜନ-କକ୍ଷ) ।।

'oaob.nitrkl.ac.in' images reprocessed

ବୈରାଗୀମାନେ ଅନ୍ୟମାନଙ୍କ ଲାଗି ଦ୍ୱେଷ, ଅସତ୍ ଇଚ୍ଛା ଏବଂ ଘୃଣାପୂର୍ଣ୍ଣ ନାନାବିଧ ଭାବରେ ପୂର୍ଣ୍ଣ ହୋଇ ରହିଥା'ନ୍ତି, ମୁଁ ସେମାନଙ୍କର ଭୁଲ୍‌ଠାରୁ ଏହି ଭୁଲ୍‌ଟିକୁ ବରଂ ଅଧିକ ପସନ୍ଦ କରିଥାଏ ।

ଏହି ବିଷୟରେ ଯାହାକିଛି କୁହାଯାଇ ପାରିବ, ସେହି ସବୁକିଛି କହିବାକୁ କୌଣସି ବେଳ ନାହିଁ ।

ମାତ୍ର... ଅନ୍ୟାନ୍ୟ ବହୁ ମନ୍ଦ ଅଭ୍ୟାସ ଅପେକ୍ଷା ଦୋଷ ଦେଖାଇବାର ଏହି ଭାବଟି ପ୍ରକୃତରେ ଅଧିକ ଧ୍ୱଂସମୂଳକ ଭାବରେ କାର୍ଯ୍ୟ କରିଥାଏ ।

ଅନେକ ଆଶୀର୍ବାଦ ।

*୧୨ ଜୁଲାଇ ୧୯୬୭*

*ମାଆ,*

*ନିଜର ଶରୀରକୁ ମୁଁ କେବେହେଲେ ଘୃଣା କରି ନାହିଁ କିମ୍ବା କେବେହେଲେ ତାହାର ସ୍ତୁତି ମଧ୍ୟ କରି ନାହିଁ । ଅବଶ୍ୟ ବୈରାଗ୍ୟ ଆଡ଼କୁ ମୋ'ର ଏକ ପ୍ରବଣତା ରହିଆସିଛି । କାଲି ମୁଁ ଆଦୌ କାହାର ଦୋଷ ଦେଖାଇ ନ ଥିଲି ।*

ମୋ'ର ମନ୍ତବ୍ୟଟି ତୁମ ଲାଗି ନୁହେଁ, ଏକ ଅତ୍ୟନ୍ତ ସାଧାରଣ କଥାରୂପେହିଁ ବ୍ୟକ୍ତ କରା ଯାଇଥିଲା ।

*ମାତ୍ର, ଯେତେବେଳେ ଲୋକମାନେ ସେମାନଙ୍କର ସ୍ୱାସ୍ଥ୍ୟ ବିଷୟରେ ବିଳାପ କରି ମୋ'ପାଖକୁ ଆସନ୍ତି ଏବଂ ଏଇଟା ସେଇଟା କରି ମଧ୍ୟ ସେମାନଙ୍କର ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ହୋଇ ନାହିଁ ବୋଲି ମୋତେ କହନ୍ତି, ସେତେବେଳେ ମୋତେ ଅବଶ୍ୟ ଦୁଃଖିତ, ରୁଷ୍ଟ ଓ ବିରକ୍ତ ଲାଗିଥାଏ । ଏବଂ, ଆପଣଙ୍କଠାରେ ବିଶ୍ୱାସ ରଖିବାକୁ ମୁଁ ସେମାନଙ୍କୁ ଯଦି କହେ ସେମାନେ ଯେ ମୋ' କଥାରେ ଆଦୌ ବିଶ୍ୱାସ କରିବେ ନାହିଁ, ତାହା ମଧ୍ୟ ମୁଁ ସେମାନଙ୍କର ମୁହଁରୁ ବେଶ୍ ଲକ୍ଷ୍ୟ କରି ପାରୁଥାଏ । ସେମାନେ ବରଂ ଭାବିବେ ଯେ, ସେମାନଙ୍କୁ ମୁଁ ଅଧିକ କ୍ଷୀର ବା ଫଳ ଦେବାକୁ ଇଚ୍ଛା କରୁ ନାହିଁ ବୋଲି ସେମାନଙ୍କୁ ଏହିସବୁ କାହାଣୀ ଶୁଣାଉଛି । ଏହି କଥାଟିକୁହିଁ ମୁଁ ବଡ଼ ନିରାଶାଦାୟକ ବୋଲି ଅନୁଭବ କରୁଛି ।*

ନିରାଶାଜନକ ଅନୁଭବ କାହିଁକି କରିବ ? ଯଦି ଯଥାର୍ଥ ବିଶ୍ୱାସ ରହିଥିବା ବ୍ୟକ୍ତି ଶହେରେ

'oaob.nitrkl.ac.in' images reprocessed

ଜଣେ ମଧ୍ୟ ଥିବେ, ତେବେ ତାହାକୁହିଁ ତ ଏକ ଅଦ୍ଭୁତ ଦୈବକୃପା ବୋଲି ଜାଣିବାକୁ ହେବ !

*ଏବେ ମୁଁ ବର୍ତ୍ତମାନର ଦଲାଇ ଲାମାଙ୍କର ଆତ୍ମଜୀବନୀ ପଢୁଛି । ଦଲାଇ ଲାମାଙ୍କର ପୁନର୍ବାର ଜନ୍ମଗ୍ରହଣ କରିବା ଓ ଆବିଷ୍କୃତ ହେବାର କାହାଣୀଟିରେ ପ୍ରକୃତରେ କୌଣସି ସତ୍ୟ ଅଛି କି ?*

ଏକଦା ମୁଁ ସେମାନଙ୍କର କହାଣୀଟିକୁ ଜାଣିଥିଲି, ମାତ୍ର ବର୍ତ୍ତମାନ ସେଇଟିକୁ ଭୁଲିଯାଇଛି । ତେଣୁ, ସାଧାରଣ ଭାବରେ କେବଳ ଏତିକି ବ୍ୟତୀତ ମୁଁ ଆଉ କିଛି କହି ପାରିବି ନାହିଁ;— ଯାହା ଅନ୍ତତଃ ଥରେହେଲେ ନ ଘଟିଛି, ଜଣେ ମନୁଷ୍ୟ ତାହାର ଆଦୌ କୌଣସି କଳ୍ପନା କରିପାରିବ ନାହିଁ । ତେଣୁ, କଥାଟି ପଛରେ ଏକ ସତ୍ୟ ସର୍ବଦା ଅବଶ୍ୟ ରହିଛି । ଆମେ ଯେତେବେଳେ ତାହାକୁ ଏକ ସାଧାରଣ ସତ୍ୟରେ ପରିଣତ କରିନେଉ ଓ ସେଥିରୁ ଏକ ନିୟମ ବାହାର କରୁ, ଆମେ ସେତିକିବେଳେହିଁ ଭୁଲ୍‌କରୁ ।

ସ୍ନେହ ଓ ଅନେକ ଆଶୀର୍ବାଦ ।

*୧୩ ଜୁଲାଇ ୧୯୬୭*

*ମାଆ,*

*ପରୀକ୍ଷା କରିବା ବିଷୟରେ ମୁଁ ଆପଣଙ୍କର ବାର୍ତ୍ତାଗୁଡ଼ିକୁ ଦେଖିଛି । ଏହି ପରୀକ୍ଷାଗୁଡ଼ିକର କୌଣସି ଉପଯୋଗିତା ନାହିଁ ବୋଲି ମୁଁ ଅବଶ୍ୟ ସ୍ୱୀକାର କରୁଛି । ତଥାପି, ବ୍ୟକ୍ତିଗତ ଭାବରେ ମୋ'ର କେତେକ ପ୍ରଶ୍ନ ରହିଛି । ମୁଁ ଗୋଟିଏ ଭାଷା ଶିକ୍ଷା ଦେଉଛି । ସେହି ଭାଷାଟିରେ ମୋ'ର ଛାତ୍ରମାନଙ୍କର ଏକ ଦଖଲ ଆସିଲାଣି କି ନାହିଁ, ତାହା ମୋତେ ଦେଖିବାକୁ ହେବ । ମୋ'ର ଗୋଟିଏ ଶ୍ରେଣୀରେ ମୁଁ ପରୀକ୍ଷା ନ କରାଇ ପ୍ରବନ୍ଧ ଲେଖାଉଛି । ଫଳ ସନ୍ତୋଷଜନକ ହୋଇଛି । ମାତ୍ର, ନିମ୍ନଲିଖିତ କ୍ଷେତ୍ରଗୁଡ଼ିକରେ ମୁଁ କ'ଣ କରିପାରିବି :*

*୧. କ – ସେ ବେଶ୍ ଭଲ ଭାବରେ ହିନ୍ଦୀ ବୁଝି ପାରୁଛି, ମାତ୍ର ସେ ବହୁତ ଅମନୋଯୋଗୀ, କୌଣସି ପରିଶ୍ରମ କରୁ ନାହିଁ ଓ ଅନେକ ସମୟରେ ଉପସ୍ଥିତ ରହୁ ନାହିଁ ।*

*୨. ଖ – ବୁଦ୍ଧି ଓ ସାମର୍ଥ୍ୟ ଖୁବ୍ ରହିଛି, ମାତ୍ର ସେ ସବୁବେଳେ ପରିଶ୍ରମ କରିବାରୁ ଦୂରରେ ରହିଛି ଓ ନିଜର ମଧୁର ଏବଂ ବୁଦ୍ଧିମତ୍ତାପୂର୍ଣ୍ଣ କଥା ଦ୍ୱାରା*

'oaob.nitrkl.ac.in' images reprocessed

*ମୋତେ ଠକିବାକୁ ଚେଷ୍ଟା କରୁଛି । ମୋତେ ତାଙ୍କୁ ଛାଡ଼ି ଦେବାକୁ ହେଲା ।*

*୩. ଗ – ଖୁବ୍ ଆଗ୍ରହ ରହିଛି, ସାହିତ୍ୟର ରସ ପାଇବାର ଶକ୍ତି ଅଛି, ମାତ୍ର ଶୁଦ୍ଧ ଭାବରେ ଗୋଟିଏ ବାକ୍ୟ ବି ଲେଖିପାରେ ନାହିଁ ।*

*ତଳ ଶ୍ରେଣୀମାନଙ୍କରେ ଏହି ଧରଣର ଅନ୍ୟମାନେ ବି ରହିଛନ୍ତି, ଯେଉଁମାନଙ୍କ ମଧ୍ୟରେ କେବଳ ମାତ୍ରାରେହିଁ ଫରକ ରହିଛି ।*

ଯେଉଁମାନଙ୍କର ନିଷ୍ଠା ନାହିଁ, ସେମାନେ ପ୍ରକୃତରେ କିଛି ଶିଖିବାକୁ ଚାହୁଁ ନାହାନ୍ତି; ସେମାନେ ଶିକ୍ଷକଙ୍କଠାରୁ ଭଲ ନମ୍ବର ବା ପ୍ରଶଂସା ପାଇବାକୁ ଇଚ୍ଛା କରୁଛନ୍ତି – ସେମାନେ ଆଦୌ ରୁଚିକର ନୁହଁନ୍ତି ।

*ଜଣେ ଛାତ୍ର ଭାଷାଟିକୁ ଭଲ ଭାବରେ ଜାଣିଛି ଓ ଉପର ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇ ପାରିବ ବୋଲି ଆପଣାର ଅନ୍ତର୍ଗତ ସଂଯୋଗସ୍ଥାପନ ଦ୍ୱାରା ଜଣେ ଶିକ୍ଷକ ପକ୍ଷରେ ଜାଣିପାରିବା ସମ୍ଭବ କି ?– 'ଚ' (W) ମୋ' ଶ୍ରେଣୀରେ ବର୍ଷଟି ଭିତରେ ଦଶଦିନ ମୋତେ ଚମତ୍କୃତ କରି ଦେଇଥିଲେ, ମାତ୍ର ବାକୀ ଦିନତକ କେବଳ ଶୁଣିବା ବ୍ୟତୀତ ନିଜର ଆଉ କୌଣସି ପରିଚୟ ଦେଇ ନ ଥିଲେ । ସେହି ଦଶଟି ଦିନରେ ଯେଉଁ ସମ୍ଭାବନାର ପରିଚୟ ମିଳିଥିଲା, ତାହାକୁ ଭିତ୍ତିକରିହିଁ ମୁଁ ତାଙ୍କୁ ସର୍ବଦା ଉତ୍ତୀର୍ଣ୍ଣ କରାଇ ନେଉଥିଲି ।*

ଏହା ଠିକ୍ କଥା ।

ଛାତ୍ର ବା ଛାତ୍ରୀଟି ପ୍ରକୃତରେ କିଛି ଶିଖିଛି ଏବଂ ଏକ ଅଗ୍ରଗତି କରିଛି କି ନାହିଁ, ସେକଥା ଜାଣିବା ପାଇଁ ଜଣେ ଶିକ୍ଷକ ପିଲାଟିକୁ ପ୍ରକୃତରେ ପରୀକ୍ଷା କରି ନେଉଥିବ । ମାତ୍ର, ତାହା ଏକ ବ୍ୟକ୍ତିଗତ ମୂଲ୍ୟାୟନ ହେବା ଉଚିତ ଏବଂ ପ୍ରତ୍ୟେକ ଛାତ୍ରକୁ ଖାପ ଖାଇଲାଭଳି ଭିନ୍ନ ଭିନ୍ନ ହେବା ଉଚିତ । ସବୁ ଛାତ୍ରଙ୍କ ପାଇଁ ସେଇ ଗୋଟିଏ ପ୍ରକାରର କୌଣସି ଯାନ୍ତ୍ରିକ ମୂଲ୍ୟାୟନ ହେବା ଉଚିତ ନୁହେଁ । ଏହି ମୂଲ୍ୟାୟନ ସ୍ୱତଃସ୍ଫୂର୍ତ୍ତ ଓ ଅପ୍ରତ୍ୟାଶିତ ଭାବରେ ହେବା ଉଚିତ, ଏବଂ ସେଥିରେ ଛଳନା ବା ନିଷ୍ଠାହୀନତା ଲାଗି କୌଣସି ସ୍ଥାନ ରହିବା ଉଚିତ ନୁହେଁ । ସ୍ୱାଭାବିକ ଭାବରେ ବି, ଏପରି କରିବା ଜଣେ ଶିକ୍ଷକ ଲାଗି ଅଧିକ କଷ୍ଟକର ହେବ,– ମାତ୍ର ତାହା ଅଧିକ ଜୀବନ୍ତ ଏବଂ ଆଗ୍ରହୋଦ୍ଦୀପକ ମଧ୍ୟ ହୋଇପାରିବ ।

ତୁମ ଛାତ୍ରମାନଙ୍କ ସମ୍ବନ୍ଧରେ ତୁମର ପ୍ରଦତ୍ତ ମନ୍ତବ୍ୟଗୁଡ଼ିକୁ ମୁଁ ବେଶ୍ ଉପଭୋଗ

'oaob.nitrkl.ac.in' images reprocessed

କଲି । ସେଥିରୁ ପ୍ରମାଣିତ ହେଉଛି ଯେ ସେମାନଙ୍କ ସହିତ ତୁମର ଏକ ବ୍ୟକ୍ତିଗତ ଯୋଗସୂତ୍ର ରହିଛି — ଏବଂ ଉତ୍ତମ ଶିକ୍ଷଣ ନିମନ୍ତେ ତାହା ଏକାନ୍ତ ଆବଶ୍ୟକ ।

ଅନେକ ଆଶୀର୍ବାଦ । *୨୫ ଜୁଲାଇ ୧୯୬୭*

*ମାଆ,*

*ଗତ ତିନିଦିନ ହେଲା ରାତ୍ରିରେ ଭାରି ଅସୁସ୍ଥ ଲାଗୁଛି । ମାତ୍ର, ଆପଣଙ୍କ ପାଖକୁ ପଠାଇବାକୁ ଥିବା ବିବରଣୀଟିକୁ ଲେଖିବାର ସମୟ ହୋଇଯିବା ମାତ୍ରକେ ମୁଁ ପୂରା ସୁସ୍ଥ ହୋଇଯାଉଛି । ଗଭୀର ନିଶ୍ୱାସ-ପ୍ରଶ୍ୱାସ ସର୍ବଦା ମୋ'ର ସବଳ ଲକ୍ଷଣବିନ୍ଦୁ ହୋଇ ରହିଥିଲା । ଚର୍ବି ବଢ଼ିଯିବା ହେତୁ ତାହାର ସେହି ଗଭୀରତା ନଷ୍ଟ ହୋଇଯାଇଛି ଓ ଆହୁରି ସବୁ କ'ଣ ହୋଇଯାଇଛି କେଜାଣି ?*

ଯଦି ତୁମେ ଯଥାର୍ଥ ଭାବରେ ନିଃଶ୍ୱାସ ନେବାକୁ **ଇଚ୍ଛା କରୁଥିବ**, ତେବେ ତୁମେ ତାହା ଅବଶ୍ୟ ପାରିବ ।

କେବଳ ସେହି ଦିବ୍ୟ ପରମଇଚ୍ଛା ଉପରେ ଆସ୍ଥା ସ୍ଥାପନ କରିବାର ଏବଂ ତୁମ ଭିତରେ ତାହାକୁ **ମୁକ୍ତ ଭାବରେ କାର୍ଯ୍ୟ କରିବାଲାଗି ବାଟ ଛାଡ଼ିଦେବାର** ସମୟ ଆସି ପହଞ୍ଚିଛି ।

ଗତକାଲି ମୁଁ ତୁମକୁ ଯେଉଁ ଉତ୍ତରଟି ଲେଖି ପଠାଇବାକୁ ଇଚ୍ଛା କରୁଥିଲି, ଏଇଟି ଅବିକଳ ସେହିପରି, ମାତ୍ର କାଲି ମୋ'ପାଖରେ କୌଣସି ସମୟ ନ ଥିଲା ।

ପୁଣିଥରେ କହୁଛି — ଅବଶେଷରେ ସେହି ସମୟ ଆସି ପହଞ୍ଚିଛି, ଯେତେବେଳେ କି ଆଉ ନିଜର କ୍ଷୁଦ୍ର ଇଚ୍ଛାଟି ଉପରେ ଆଦୌ ଆସ୍ଥା ରଖି ହେବ ନାହିଁ, ଯେତେବେଳେ ସମସ୍ତ ବ୍ୟାପାରଟିକୁ ଦିବ୍ୟ ପରମଇଚ୍ଛାଟି ହାତରେ ଛାଡ଼ିଦେବାକୁ ପଡ଼ିବ ଏବଂ, ତୁମ ଭିତରେ ତାଙ୍କୁ ଆପଣାର କାର୍ଯ୍ୟ କରିବାକୁ ଛାଡ଼ିଦେବାକୁ ପଡ଼ିବ । କେବଳ ତୁମର ମନ କିଂବା ଅନୁଭୂତିଗୁଡ଼ିକର କ୍ଷେତ୍ରରେ ନୁହେଁ, ମାତ୍ର ପ୍ରଧାନତଃ ତୁମ ଶରୀର ଭିତରେ କାର୍ଯ୍ୟ କରିବାଲାଗି ବାଟ ଛାଡ଼ିଦେବାକୁ ହେବ । ଏବଂ, ଆନ୍ତରିକତା ସହିତ ଏଇଟିକୁ କରିପାରିଲେ, ଶରୀରସ୍ତରୀୟ ଏହି ଯାବତୀୟ ନିର୍ବୋଧତା ସମ୍ପୂର୍ଣ୍ଣ ଭାବରେ ଅନ୍ତର୍ହିତ ହୋଇଯିବ ଏବଂ ନିଜର କାର୍ଯ୍ୟ ଲାଗି ତୁମେ ସମର୍ଥ ଓ ବଳଯୁକ୍ତ ହୋଇ ରହିପାରିବ ।

ଅନେକ ଆଶୀର୍ବାଦ ।

*୨୮ ଜୁଲାଇ ୧୯୬୭*

'oaob.nitrkl.ac.in' images reprocessed

*ମାଆ,*

*ଶିକ୍ଷାର କ୍ଷେତ୍ରରେ ଆପଣ ପ୍ରକୃତରେ କ'ଣ ଇଚ୍ଛା କରନ୍ତି, ତାହାକୁ ବୁଝିବା ଅତ୍ୟନ୍ତ କଷ୍ଟକର, ମାତ୍ର ମୁଁ ତାହାକୁ ଯେତିକି ବୁଝିଛି, ସେଥିରୁ ମୋ'ର ମନେହେଉଛି ଯେ, ଆମେ ବର୍ତ୍ତମାନ ସେହି କ୍ଷେତ୍ରରେ ଯାହାକିଛି କରୁଛୁ, ତାହାର ଆଦୌ କୌଣସି ଉପଯୋଗିତା ନାହିଁ । ହିନ୍ଦୀ କାବ୍ୟିକ ସାହିତ୍ୟରେ କିଛି ଉଚ୍ଚତର ପଦାର୍ଥ ଅବଶ୍ୟ ରହିଛି, ମାତ୍ର ଆପଣ ଯାହା ଇଚ୍ଛା କରୁଛନ୍ତି, ତାହାର ତୁଳନାରେ ସେହି ଉଚ୍ଚତାଗୁଡ଼ିକର ପ୍ରକୃତରେ କେତେ ବା ମୂଲ୍ୟ ରହିଛି ? ଯଦି ଆମେ ଭଲ ଭାଷା ଓ ତାହାର ଯଥାର୍ଥ ବ୍ୟବହାର ଶିକ୍ଷା କରିବାକୁ ଇଚ୍ଛା କରୁଥାଉ, ତେବେ ଆମକୁ ଏପରି ନାନା ଗଳ୍ପ ଏବଂ ଉପନ୍ୟାସ ପାଠ କରିବାକୁ ହେଉଛି, ଯେଉଁଗୁଡ଼ିକ କି ଅତ୍ୟନ୍ତ ନିମ୍ନ ଧରଣର; କାରଣ, ମନୁଷ୍ୟର ଜୀବନ ବର୍ତ୍ତମାନ ଯେଉଁପରି ହୋଇ ରହିଛି, ସେଗୁଡ଼ିକରେ ତାହାର ସେହିପରି ବର୍ଣ୍ଣନା କରାଯାଇଛି ।*

*ମୁଁ ଯାହାକିଛି କରୁଛି, ଆପଣ ଯାହା ଚାହୁଁଛନ୍ତି, ସେଗୁଡ଼ିକ ତାହା ନୁହେଁ ବୋଲି ମୁଁ ଜାଣି ପାରୁଥିଲେ ମଧ୍ୟ ଯେତେବେଳେ ମୋତେ ତାହାହିଁ କରିବାକୁ ପଡୁଛି, ସେତିକିବେଳେ ଅସଲ ଅସୁବିଧାଟି ଆସି ପହଞ୍ଚୁଛି । ଏବଂ, ଆପଣାକୁ ସମ୍ପୂର୍ଣ୍ଣ ଭାବରେ ଆପଣଙ୍କ ହାତରେ ନେଇ ନିକ୍ଷିପ୍ତ କରିଦେବାକୁ ମୋ'ର କୌଣସି ସାହସ ନାହିଁ ।*

ତୁମର ଅସୁବିଧାଟି ଏଇଥିରୁ ଜନ୍ମଲାଭ କରୁଛି ଯେ, ଜୀବନରେ କେତେକ ଉଚ୍ଚତର ଓ ପୁଣି କେତେକ ନିମ୍ନତର ବସ୍ତୁ ରହିଛି ବୋଲି ତୁମେ ତଥାପି ସେହି ପୁରାତନ ବିଶ୍ୱାସଟି ଭିତରେ ରହିଯାଇଛ । ଏହା ଆଦୌ ଠିକ୍ ନୁହେଁ । କୌଣସି ବସ୍ତୁ କିଂବା କାର୍ଯ୍ୟ କଦାପି ଉଚ୍ଚ ବା ନୀଚ ହୋଇ ପାରିବ ନାହିଁ; କାର୍ଯ୍ୟ କରୁଥିବା ବ୍ୟକ୍ତିଟିର **ଚେତନାହିଁ** ସତ୍ୟ ଅଥବା ମିଥ୍ୟା ହୋଇଥିବ ।

ଯଦି ତୁମେ ନିଜର ଚେତନାକୁ ସର୍ବୋଚ୍ଚ ପରମଚେତନାଙ୍କ ସହିତ ଯୁକ୍ତ କରି ପାରିବ ଏବଂ ତାହାକୁ ପ୍ରକାଶିତ କରିବ ତେବେ, ତୁମେ ଯାହାକିଛି ଭାବୁଥିବ, ଅନୁଭବ କରୁଥିବ ଅଥବା **କରୁଥିବ**, ତାହା ଅବଶ୍ୟ ଆଲୋକମୟ ଏବଂ ସତ୍ୟ ହୋଇପାରିବ । ତେଣୁ, ତୁମେ ଯେଉଁ ବିଷୟଟିକୁ ପଢ଼ାଉଛ, ତାହାକୁ ବଦଳାଇବାକୁ ପଡ଼ିବ ନାହିଁ; ତୁମେ ଯେଉଁ ଚେତନା ସହିତ ପଢ଼ାଉଛ, ସେହି ଚେତନାକୁହିଁ ସନ୍ଦୀପିତ କରିବାକୁ ହେବ ।

ସ୍ନେହ ଓ ଅନେକ ଆଶୀର୍ବାଦ ।

*୩୧ ଜୁଲାଇ ୧୯୬୭*

'oaob.nitrkl.ac.in' images reprocessed

*ମାଆ,*

*ରୋଷେଇଶାଳାରୁ ପାନୀୟ ଜଳ ଯୋଗାଇ ଦିଆ ଯାଏ ନାହିଁ । ଏହା (ରୋଷେଇଶାଳା) କେବଳ ରନ୍ଧନପାଇଁହିଁ ପାନୀୟ ଜଳ ଦରକାର କରେ । ଆମର ଦୁର୍ଭାଗ୍ୟ ଯେ, ଲୋକମାନେ ଅସୁସ୍ଥ ହୋଇ ପଡୁଛନ୍ତି ବୋଲି ଆମକୁ ଟିପ୍ପଣୀ ଶୁଣିବାକୁ ପଡ଼ିଥାଏ । ଅବଶ୍ୟ ଏକଥା ସତ ଯେ ଆମ ଫିଲ୍‌ଟରଗୁଡ଼ିକ ପୂର୍ଣ୍ଣ ଯୋଗ୍ୟତାର ସହିତ କାର୍ଯ୍ୟ କରନ୍ତି ନାହିଁ, ମାତ୍ର ତାହା ଏକ ଭିନ୍ନ କଥା । ଲୋକେ ଯେ ଯାହାକିଛି ସକାଶେ ମଧ୍ୟ ଆମକୁ ଦୋଷ ଦିଅନ୍ତି, ଏଥିରେ ବିସ୍ମିତ ହେବାର କିଛି ନାହିଁ ।*

ମୁଁ କୌଣସି କଥାକୁ କିଂବା ବ୍ୟକ୍ତିଙ୍କୁ ଦୋଷ ଦେଉ ନାହିଁ ଏବଂ ଜାଣିଛି ଯେ ପ୍ରତ୍ୟେକ ବ୍ୟକ୍ତି ତାଙ୍କର ଯଥାଶକ୍ତି ସର୍ବୋତ୍ତମ ଭାବରେ ସବୁ କରୁଛନ୍ତି । କାର୍ଯ୍ୟଟି ଯେ ଅତ୍ୟନ୍ତ କଷ୍ଟକର ତାହା ଅବଶ୍ୟ ସ୍ପଷ୍ଟ ହୋଇଯାଉଛି । ମାତ୍ର, ସେହି କଷ୍ଟଗୁଡ଼ିକ ଉପରେ ବିଜୟ ହାସଲ କରିବା ନିମନ୍ତେ କ'ଣ ଆମେ ଏଠାରେ ରହି ନାହୁଁ ?

ସସ୍ନେହ ।

*୨୩ ଅଗଷ୍ଟ ୧୯୬୭*

*ମାଆ,*

*ଅକ୍‌ଟୋବର ସଂଖ୍ୟା ''ପୁରୋଧା''ରେ ମୁଁ ଆପଣଙ୍କର ଏହି ବାର୍ତ୍ତାଟିକୁ ପ୍ରକାଶ କରୁଛି : ''ବର୍ତ୍ତମାନ ସମୟରେ, ଯେତେବେଳେ କି ଯାବତୀୟ କଥା ଖରାପରୁ ଅଧିକ ଖରାପ ଆଡ଼କୁ ଗତି କରୁଥିବା ପରି ମନେହେଉଛି, ଠିକ୍ ସେତିକିବେଳେହିଁ ଆମକୁ ବିଶ୍ୱାସର ଏକ ସର୍ବୋଚ୍ଚ କ୍ରିୟାଶୀଳ ପରିଚୟ ଦେବାକୁ ହେବ ଏବଂ, ପରମ କରୁଣା ଯେ ଆମକୁ କଦାପି ପରାହତ କରି ଦେବେ ନାହିଁ, ସେହି କଥାଟିକୁ ଜାଣିବାକୁ ପଡ଼ିବ ।'' ''ଆମକୁ ବିଶ୍ୱାସର ଏକ ସର୍ବୋଚ୍ଚ କ୍ରିୟାଶୀଳ ପରିଚୟ ଦେବାକୁ ହେବ''– ମୁଁ ଏହି କଥାଟିକୁ ସଂପୂର୍ଣ୍ଣ ଭାବରେ ବୁଝି ପାରୁ ନାହିଁ ।*

ଏହାଦ୍ୱାରା ମୁଁ ବୁଝୁଛି ଯେ, ଫଳାଫଳ ବିଷୟରେ କୌଣସି ଦୃଷ୍ଟି ନ ରଖି ଆମେ ନିଜର ଅନ୍ତର୍ଗତ ଦୃଢ଼ବିଶ୍ୱାସ ଅନୁସାରେହିଁ କାର୍ଯ୍ୟ କରିବା ଏବଂ ଠିକ୍ ଓଲଟା ଯାବତୀୟ ତଥାକଥିତ ପ୍ରମାଣଗୁଡ଼ିକ ସତ୍ତ୍ୱେ ନିଜର ବିଶ୍ୱାସଟିକୁ ଅବିଚଳିତ କରି ରଖିଥିବା ।

*୨୮ ଅଗଷ୍ଟ ୧୯୬୭*

'oaob.nitrkl.ac.in' images reprocessed

*ମାଆ,*

*ଆପଣଙ୍କର ୯୦ତମ ଜନ୍ମଦିବସ ଉପଲକ୍ଷେ ଫେବ୍ରୁଆରୀରେ ଏଠାକୁ ବହୁତ ଲୋକ ଆସିବେ । ମୋ' ଉପରେ କେତେ କେତେ ପରିସଂଖ୍ୟାନ ଓ ହିସାବକୁ ଆଣି ଗଦା କରି ଦିଆଯାଉଛି ଏବଂ ତଦ୍ଦ୍ୱାରା ମୋତେ ସମ୍ଭାବ୍ୟ ସକଳ ପ୍ରକାରର ଅସୁବିଧାଗୁଡ଼ିକୁ ଦର୍ଶାଇ ଦିଆହେଉଛି; ମାତ୍ର ମୁଁ ସେଗୁଡ଼ିକ ପ୍ରତି ତଥାପି ଆଖି ବନ୍ଦ କରି ରଖିଛି । ମୁଁ ଭାବୁଛି ଯେ, ଯେତେ ଯାହା ତ୍ରୁଟି ରହିଥିଲେ ମଧ୍ୟ ଆପଣ ଅବଶ୍ୟ ଏକ ସମାଧାନ ବତାଇଦେବେ ଏବଂ ସବୁକଥା ନିର୍ବିଘ୍ନରେ ହୋଇଯିବ । ମୁଁ ଅନୁଭବ କରୁଛି ଯେ, ମୋ' କାର୍ଯ୍ୟଟିରେ ଯଦି ମୁଁ ଆପଣଙ୍କ ସହିତ ଅଧିକ ଓ ଆହୁରି ଶକ୍ତିଶାଳୀ ଭାବରେ ଯୁକ୍ତ ହୋଇ ନ ରହେ, ତେବେ ଜଣେ ବିଭାଗୀୟ ମୁଖ୍ୟ ହୋଇ ରହିବାରେ ଆଉ ଆଦୌ କୌଣସି କାରଣ ରହିବ ନାହିଁ । ଏକ ସାଧାରଣ ହୋଟେଲ ପରିଚାଳକ ହୁଏତ ଅଧିକ ଯୋଗ୍ୟତାର ସହିତ ସବୁକିଛି କରିଦେଇ ପାରିବ ।*

*ଏହି ଅବସରଟି ପାଇଁ ଯାହାକିଛି ଆବଶ୍ୟକ, ଆପଣ ଅନୁଗ୍ରହପୂର୍ବକ ସେସବୁ ଅବଶ୍ୟ ପ୍ରଦାନ କରିବେ ।*

ପରିସଂଖ୍ୟାନ ଏବଂ ଯାବତୀୟ ହିସାବ,— ଏସବୁ କେବଳ ମନସ୍ତରର କଥା, ଏବଂ ଏଠାରେ ଉଚ୍ଚତର ଶକ୍ତିଟିର କ୍ରିୟାଶୀଳ ହୋଇ ରହିବା ଦ୍ୱାରା ଯାବତୀୟ ମନସ୍ତରୀୟ ବିଧାନକୁ ସତତ ନିଷ୍ଫଳ କରି ଦିଆଯାଏ ।

ତୁମ ଭିତରର ପ୍ରତିକ୍ରିୟାଟି ମୋଟାମୋଟି ଯଥାର୍ଥ । ମାତ୍ର ଏହା ଦ୍ୱାରା ତୁମର ସଂପୂର୍ଣ୍ଣ ହୃଦ୍‌ବୋଧ ହୋଇଯିବା ଉଚିତ ନୁହେଁ, କାରଣ ଦୀର୍ଘକାଳ ଧରି ତାହା ଏକ ଅହଂପ୍ରେରିତ ପ୍ରତିକ୍ରିୟା ସହିତ ଗୋଳିଆମିଶା ହୋଇ ରହିଥିଲା ।

ବର୍ତ୍ତମାନ ସେହି ବିମିଶ୍ରଣ କ୍ରମେ କମି କମି ଯାଉଛି । ତେଣୁ, ଏପରି ଆଶା କରାଯାଇ ପାରିବ ଯେ, ଆରବର୍ଷକୁ ତାହା ସମ୍ପୂର୍ଣ୍ଣଭାବେ ଚାଲି ଯାଇଥିବ — ଏବଂ ସେତେବେଳେ ତୁମପାଇଁ ସବୁକଥା ସ୍ୱଚ୍ଛ ଏବଂ ସରଳ ହୋଇଯିବ... ହୁଏତ ସମସ୍ତଙ୍କ ପାଇଁ ନ ହେଲେ ମଧ୍ୟ ତୁମପାଇଁ ହେବ ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ । ୩ ସେପ୍‌ଟେମ୍ବର ୧୯୬୭

*(ଘରକୁ ପାଠ ଦେବା ସମ୍ପର୍କରେ ଆଶ୍ରମ-ବିଦ୍ୟାଳୟର ଗୋଟିଏ ବିଜ୍ଞପ୍ତି ବିଷୟରେ ଏହି ଶିଷ୍ୟ ମାଆଙ୍କ ପାଖକୁ ଲେଖିଥିଲେ ।)*

'oaob.nitrkl.ac.in' images reprocessed

ଉଭୟ ପିତାମାତା ଓ ପିଲାଙ୍କ ପାଖରୁ ଅଭିଯୋଗ କରି ବହୁତ ଚିଠି ଆସିଲା ଯେ, ଘରକୁ ପାଠ ଦିଆ ଯାଉଥିବାରୁ ପିଲାମାନେ ଡେରିରେ ଶୋଉଛନ୍ତି ଏବଂ ଯଥେଷ୍ଟ ସମୟ ଶୋଉ ନ ଥିବାରୁ ଖୁବ୍ କ୍ଳାନ୍ତ ହୋଇ ଯାଉଛନ୍ତି,– ତା'ପରେ ଯାଇ ଏହି ବିଜ୍ଞପ୍ତିଟି ଆସିଛି ।

ଏସବୁ ଅଭିଯୋଗରେ ଯେ ବହୁତ ଅତିରଞ୍ଜନ ରହିଛି, ମୋତେ ସେକଥା ଜଣାଅଛି; ମାତ୍ର ସେଥିରୁ ଏହି ସୂଚନାଟି ମଧ୍ୟ ମିଳିଯାଉଛି ଯେ ବିଦ୍ୟାଳୟର କାର୍ଯ୍ୟନିର୍ଘଣ୍ଟରେ ଅବଶ୍ୟ କେତେକ ଅଗ୍ରଗତି ହାସଲ କରିବାକୁ ହେବ । ସୁଘଟ୍ୟ ଓ ସୁନମ୍ୟ ଭାବରେ ଏହି ବ୍ୟବସ୍ଥାଟିର ଟିକିନିଖିକୁ ବିଚାର କରି ସ୍ଥିର କରିବାକୁ ପଡ଼ିବ ।

ସବୁ ପିଲାଙ୍କ ପାଇଁ ଏକା ନିୟମର ପ୍ରୟୋଗ ହେଉ, ମୁଁ ଏହା ସମର୍ଥନ କରେ ନାହିଁ, କାରଣ ଏହାଦ୍ୱାରା ସମସ୍ତଙ୍କୁ ଏକରୂପ ଭାବରେ ଗୋଟିଏ ସ୍ତରକୁ ନେଇ ଆସିବାକୁ ପଡ଼େ । ଏହାଫଳରେ ଯେଉଁମାନେ ପଛରେ ରହିଥା'ନ୍ତି, ସେମାନଙ୍କୁ କିଞ୍ଚିତ୍ ଅଧିକ ସୁବିଧା ମିଳିଥାଏ, ମାତ୍ର ଯେଉଁମାନେ ସାଧାରଣ ସ୍ତରରୁ ଉପରେ ରହିଥା'ନ୍ତି, ସେମାନଙ୍କ ପାଇଁ କ୍ଷତିକାରକ ହୋଇପଡ଼େ ।

ଯେଉଁମାନେ ପରିଶ୍ରମ କରିବାକୁ ଓ ଶିଖିବାକୁ ଇଚ୍ଛା କରିବେ, ସେମାନଙ୍କୁ ଅବଶ୍ୟ ଉତ୍ସାହ ଦିଆଯିବ, ମାତ୍ର ଯେଉଁମାନଙ୍କୁ ପାଠପଢ଼ା ଭଲ ଲାଗୁ ନ ଥିବ, ସେମାନଙ୍କୁ ଅନ୍ୟ ଏକ ବାଟରେ ପରିଚାଳିତ କରାଯିବା ଆବଶ୍ୟକ ।

ଏହିସବୁ ବିଷୟର ଯଥାର୍ଥ ଭାବରେ ବ୍ୟବସ୍ଥା ଓ ସଂଗଠନ ହେବ । ତାହାକୁ କିପରି ଭାବରେ କାର୍ଯ୍ୟକାରୀ କରାଯିବ, ତାହାର ନିକିନିଖିକୁ ପରେ ସ୍ଥିର କରାଯିବ ।

ଅନେକ ଆଶୀର୍ବାଦ ।

*୨୬ ସେପ୍ଟେମ୍ବର ୧୯୬୭*

*ମାଆ,*

*ଜଣେ କର୍ମୀ ଶିକ୍ଷାକେନ୍ଦ୍ରରେ ଯାଇ ଥରେ ଯୋଗଦେଲେ ସେ ଜଣେ "ମହତ୍ତ୍ୱପୂର୍ଣ୍ଣ ବ୍ୟକ୍ତି" ହୋଇ ଯାଉଛନ୍ତି ଏବଂ କର୍ମରେ ହେଳା କରୁଛନ୍ତି । ଶିକ୍ଷାକେନ୍ଦ୍ର ସହିତ ଯୋଡ଼ା ହୋଇ ରହିଥିବା ସେହି ଅପବାଦଟିକୁ ଦୂର କରିବାଲାଗି କିଛି କରାଯିବା ଆବଶ୍ୟକ । ଶିକ୍ଷକ ଏବଂ ଛାତ୍ରମାନେ ଆହୁରି ଅଧିକ ସୁବିଧା ଓ ଆରାମ ଆଶା କରୁଛନ୍ତି । କାର୍ଯ୍ୟକୁ ଏଡ଼ିବାର ଲକ୍ଷ୍ୟ ରଖି ସେମାନେ ଶିକ୍ଷାକେନ୍ଦ୍ର ସହିତ ଲାଖି ରହୁଛନ୍ତି । ଏବଂ, ଯଦି ସେମାନେ କୌଣସି କାର୍ଯ୍ୟପାଇଁ ପ୍ରେରିତ ହେଉଛନ୍ତି, ତେବେ ସେମାନେ ସେଠାରେ ନିଜର ପୂରା ଶକ୍ତି ଦେଉ ନାହାନ୍ତି ଓ ଖୁବ୍‌ବେଶୀ କାମରେ ଆସୁ ନାହାନ୍ତି ।*

'oaob.nitrkl.ac.in' images reprocessed

*ଅଥବା, ସେମାନେ ହୁଏତ କୌଣସି ବିଶେଷ ସତ୍ତା* ହୋଇଥିବେ, ଯେଉଁମାନେ କି ଏଠାକୁ ଅନ୍ୟ କ'ଣ ପାଇଁ ଆସିଛନ୍ତି ଏବଂ ଆମେ ସେମାନଙ୍କୁ ନେଇ ଭୁଲ୍ ପ୍ରତ୍ୟାଶାମାନ କରିବାରେ ଲାଗିଛୁ ।*

ବୃହତ୍ତର ସତ୍ତାମାନେ ସର୍ବଦା ସମସ୍ତଙ୍କଠାରୁ ଅଧିକ ସରଳ ଓ ଅଧିକ ବିନମ୍ର ହୁଅନ୍ତି ।

ଅନେକ ଆଶୀର୍ବାଦ । *୨ ଅକ୍ଟୋବର ୧୯୬୭*

*ମାଆ,*

*ଶ୍ରେଣୀମାନଙ୍କରେ ଛାତ୍ରଛାତ୍ରୀଙ୍କୁ ଉତ୍ତୀର୍ଣ୍ଣ କରାଇବା ବିଷୟରେ ମୁଁ ଆପଣଙ୍କର ମାର୍ଗଦର୍ଶନ ଚାହୁଁଛି ।...*

*'କ' ଭାରି ଦୁର୍ବଳ, ଅତ୍ୟନ୍ତ ଅନିୟମିତ । ଇଚ୍ଛା କଲେ ସେ ଭଲ କରି ପାରିବ; ଏବଂ 'ଖ'ର ଜନ୍ମଦିନ ଉତ୍ସବ ପରେ ସେ ଅଧିକ ବୁଦ୍ଧିମତ୍ତାର ପରିଚୟ ଦେଇଛି । ସେଠାରେ ସେ ଏକ ତାରକାର ଭୂମିକା ଗ୍ରହଣ କରିଥିଲା ।*

ବୁଦ୍ଧିମତ୍ତା ଏବଂ ବୋଧଶକ୍ତି ନିଶ୍ଚିତ ଭାବରେ କାର୍ଯ୍ୟରେ ନିୟମିତ ହେବା ଅପେକ୍ଷା ଅଧିକ ମହତ୍ତ୍ୱପୂର୍ଣ୍ଣ । ସ୍ଥିରତା ହୁଏତ ପରେ ଅର୍ଜନ କରାଯାଇପାରେ ।

*୫ ଅକ୍ଟୋବର ୧୯୬୭*

*ମାଆ,*

*ମୋ'ର ଛାତ୍ରଛାତ୍ରୀମାନେ ଯାହା କହିବାକୁ ଇଚ୍ଛା କରନ୍ତି, ମୁଁ ସେମାନଙ୍କୁ ତାହା କହିବାକୁ ସ୍ୱାଧୀନତା ଦେଇଥାଏ । ବେଳେ ବେଳେ ସେମାନେ ବିକୃତ କଥାସବୁ ଲେଖିଥା'ନ୍ତି । ଜଣେ କେହି ଲେଖିଛନ୍ତି : ''ଯୌବନକାଳ ଉପଭୋଗ ପାଇଁ ଉଦ୍ଦିଷ୍ଟ; ବେକାର ବୁଢ଼ାମାନେହିଁ କହନ୍ତି ଯେ ଆମକୁ ଭବିଷ୍ୟତ ସକାଶେ କାର୍ଯ୍ୟ କରିବାକୁ ହେବ, ଇତ୍ୟାଦି, ଇତ୍ୟାଦି ।'' ସେମାନେ ଯାହା ସତ କଥା, ତାହା ଅବଶ୍ୟ ଜାଣନ୍ତି; ମାତ୍ର ତଥାପି ଏହିଭଳି କଥାସବୁ ଲେଖନ୍ତି । ଏସବୁ କ୍ଷେତ୍ରରେ ମୁଁ କିଭଳି ଦୃଷ୍ଟିକୋଣ ଗ୍ରହଣ କରିବି ? ଅନ୍ୟ କେତେକ ବ୍ୟକ୍ତିଙ୍କ ପରି, ସେମାନେ କେବଳ ମୋତେ ସନ୍ତୁଷ୍ଟ କଲାଭଳି କଥାମାନ କହନ୍ତୁ ବୋଲି ମୁଁ ଇଚ୍ଛାକରେ ନାହିଁ ।*

---

* ''ବିଶେଷ ସତ୍ତା'' ପାଖରେ ମାଆ ''ମୋ' ଜାଣିବାରେ ନୁହଁନ୍ତି'' ବୋଲି ଲେଖିଥିଲେ ।।

'oaob.nitrkl.ac.in' images reprocessed

ତୁମେ ସେମାନଙ୍କୁ କହିଦେଇ ପାରିବ ଯେ, ଅନ୍ୟତ୍ର ଶିକ୍ଷା ଦିଆଯାଉ ନ ଥିବା କୌଣସି କଥାକୁ ସେମାନେ ଏଠାରେ ଶିକ୍ଷା କରିପାରିବେ ବୋଲି ଯଦି ସେମାନେ ବିଶ୍ୱାସ କରୁ ନ ଥା'ନ୍ତି, ତେବେ ସେମାନେ ଇଚ୍ଛାକଲେ ଅନ୍ୟ କୌଣସି ସ୍କୁଲକୁ ଯାଇପାରିବେ... ଆମେ କଦାପି ସେମାନଙ୍କର ଅଭାବ ଅନୁଭବ କରିବୁ ନାହିଁ ।

ଅତି ସାଧାରଣ ପଲେ ଛାତ୍ରଛାତ୍ରୀଙ୍କ ଅପେକ୍ଷା ନିର୍ବାଚିତ କେତେଜଣଙ୍କୁ ରଖିବା ଅଧିକ ଭଲ ହେବ ।

ଅନେକ ଆଶୀର୍ବାଦ ।

*୪ ଅକ୍ଟୋବର ୧୯୬୭*

*ମାଆ,*

*କାଲି ରାତିରେ ଶ୍ରୀଅରବିନ୍ଦ ଫରାସୀ ବିପ୍ଳବ ବିଷୟରେ ଲେଖିଥିବା କଥାଗୁଡ଼ିକୁ ପଢୁଥିଲି । ତାହାକୁ ପଢ଼ିସାରିବା ପରେ ଜଣେ ଅନୁଭବ କରିବ ଯେ, ଆମେ ଯାହାକିଛି ପାଠ କରୁ, ଅଧ୍ୟୟନ କରୁ କିଂବା ଶିକ୍ଷା କରୁ, ତାହା ହେଉଛି କେବଳ ଗଦାଏ ମିଛ କଥା; ତେବେ ସେହି ମିଥ୍ୟାକୁ ଶିକ୍ଷା କରିବାରେ କାହିଁକି କୌଣସି ଚେଷ୍ଟା କରାଯିବ ?*

ମୁଁ ଭାବୁଛି, କେବଳ ଏକ ମାନସିକ କସରତ ପାଇଁ ଏହା କରାଯାଏ !

ସ୍ନେହ ଓ ଅନେକ ଆଶୀର୍ବାଦ ।

*୧୬ ଅକ୍ଟୋବର ୧୯୬୭*

*ମାଆ,*

*ମୁଁ ଆମ ପିଲାମାନେ ଅଂଶଗ୍ରହଣ କରିଥିବା ରେଡ଼ିଓ କାର୍ଯ୍ୟକ୍ରମଟିକୁ ଶୁଣିଲି । ମୁଁ ଭାବୁଛି, ଏହିଭଳି କାର୍ଯ୍ୟକ୍ରମମାନ ବେଶ୍ ଉପଯୋଗୀ ହୋଇପାରିବ । ମାତ୍ର ଆମ ପିଲାମାନଙ୍କର ଉପସ୍ଥାପନାରେ ମୁଁ ଆଦୌ ଖୁସି ହୋଇପାରିଲି ନାହିଁ ।*

*ସମସ୍ତେ ଯାହାକୁ ସାଧାରଣ ଜ୍ଞାନ ବୋଲି କହନ୍ତି, ତା'ଉପରେ ଆପଣ କୌଣସି ଗୁରୁତ୍ୱ ଦିଅନ୍ତି କି ନାହିଁ, ମୁଁ ସେକଥା ଜାଣେ ନାହିଁ । ଚାରୋଟିଯାକ ବାଳକଙ୍କୁ ପଚରା ଯାଇଥିଲା, ''ଆର୍କଟ୍ ଭ୍ରାତୃବର୍ଗ ବୋଲି କେଉଁମାନଙ୍କୁ କୁହାଯାଏ ?'' ଏହାର ଉତ୍ତର ସେମାନେ କେହି ଜାଣି ନ ଥିଲେ । ଶିକ୍ଷା ଓ ରାଜନୀତିର କ୍ଷେତ୍ରରେ ଏମାନେ ହେଉଛନ୍ତି ମାଡ୍ରାଜର ଜଣେ ଜଣେ ପ୍ରଖ୍ୟାତ*

'oaob.nitrkl.ac.in' images reprocessed

*ବ୍ୟକ୍ତି । ଏବେ ସେମାନଙ୍କର ୮୧ତମ ଜନ୍ମଦିବସ ପାଳନ କରାଯାଉଛି ଏବଂ ଖବରକାଗଜମାନଙ୍କରେ ସେମାନଙ୍କର ଛବି ଭର୍ତ୍ତିହୋଇ ରହିଛି । ସ୍ଥାନୀୟ ଲୋକମାନେ ଏଥିରୁ ବୁଝିବେ ଯେ, ଆମେ ଦକ୍ଷିଣ ଭାରତ ବିଷୟରେ କୌଣସି ଆଗ୍ରହ ପ୍ରକାଶ କରୁ ନାହିଁ ଏବଂ ଡି. ଏମ. କେ.* ସର୍ବଦା ଯେପରି କହୁଛି, ସେମାନଙ୍କୁ ଆମେ ଘୃଣା କରିଥାଉ ।*

ଅତ୍ୟନ୍ତ ଦୁଃଖର ସହିତ ମୁଁ କହୁଛି ଯେ, ଏହି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିମାନଙ୍କର ଅସ୍ତିତ୍ୱ ବିଷୟରେ ମୁଁ ନିଜେ ମଧ୍ୟ କିଛି ଜାଣି ନ ଥିଲି ! ତେଣୁ, ମୋ'ର ପୂର୍ଣ୍ଣ ପ୍ରତ୍ୟୟ ହେଉଛି ଯେ, ସେମାନଙ୍କୁ ନ ଜାଣି ମଧ୍ୟ ଜଣେ ବ୍ୟକ୍ତି ତଥାପି ପ୍ରଜ୍ଞାସମ୍ପନ୍ନ ହୋଇ ପାରିବ...

ଆମେ ପୃଥିବୀର ଅବଶିଷ୍ଟାଂଶ ଉପରେ ଯେତିକି ଗୁରୁତ୍ୱ ଦେଉଛେଁ, ଭାରତର ଦକ୍ଷିଣାଞ୍ଚଳକୁ ମୋଟେ ତାହାଠାରୁ ଅଧିକ ଗୁରୁତ୍ୱ ଦେଇ ପାରିବା ନାହିଁ ।– ଏବଂ, ଏହି ପୃଥିବୀପୃଷ୍ଠରେ ଏତେ ଏତେ ଅତ୍ୟନ୍ତ ମୂଲ୍ୟବାନ୍ ମନୁଷ୍ୟ ଅଛନ୍ତି, ଯେଉଁମାନଙ୍କର ଅସ୍ତିତ୍ୱ ବିଷୟରେ ଆମେ କିଛି ଜାଣି ନାହୁଁ !...

*୨୬ ଅକ୍ଟୋବର ୧୯୬୭*

*ମାଆ,*

*ମହେଶ ଯୋଗୀ ବୋଲି ଜଣେ ବ୍ୟକ୍ତି ଅଛନ୍ତି, ଯିଏକି ଇଉରୋପରେ ଅତ୍ୟନ୍ତ ଲୋକପ୍ରିୟ ହୋଇ ଯାଇଛନ୍ତି । ସେ ଗୋଟିଏ ଯୋଗ ବିଶ୍ୱବିଦ୍ୟାଳୟ ଆରମ୍ଭ କରିଥିଲେ; ଏବେ ସେ ଗୋଟିଏ ଆନ୍ତର୍ଜାତିକ ନଗରୀ ଆରମ୍ଭ କରିବାକୁ ଯାଉଛନ୍ତି – ନିଃସନ୍ଦେହ ଭାବରେ ସେ ଆପଣଙ୍କୁ ନକଲ କରୁଛନ୍ତି । ସେ ଧ୍ୟାନ ବିଷୟରେ ଏକ ଗ୍ରାଫ୍ ତିଆରି କରିଛନ୍ତି । ମୁଁ ସେଇଟିକୁ ଅପଣଙ୍କ ପାଖକୁ ପଠାଉଛି । ଏହା ପ୍ରକୃତରେ ବିଶ୍ୱାତୀତ ବୋଲି ବୋଧ ହେଉଛି !*

ନୂତନ ସୃଷ୍ଟିଟିକୁ ଆଖି ଆଗରେ ରଖି ପୃଥିବୀକୁ ସେଥିଲାଗି ପ୍ରସ୍ତୁତ କରି ନେବା ପାଇଁ ସମସ୍ତକିଛି ଓ ଯାହାକିଛି ସର୍ବୋଚ୍ଚ ପରମପ୍ରଜ୍ଞାଙ୍କ ପାଇଁ ନିମିତ୍ତରୂପେ ବ୍ୟବହୃତ ହୋଇପାରିବ !...

ଅନେକ ଆଶୀର୍ବାଦ ।

*୨୮ ନଭେମ୍ବର ୧୯୬୭*

---

* ଏକ ଆଞ୍ଚଳିକ ରାଜନୈତିକ ଦଳ ।।

'oaob.nitrkl.ac.in' images reprocessed

Everything and anything can be an instrument for the Supreme Wisdom to prepare the earth in view of the new creation! — — .

Blessings

'oaob.nitrkl.ac.in' images reprocessed

*ମାଆ,*

*ବିଗତ ପ୍ରାୟ ତିନି ଚାରିଦିନ ହେବ ମୁଁ ବେଶ୍ ଅସୁସ୍ଥ ଅଛି । ତରଳ ଝାଡ଼ା ଏବଂ ବାନ୍ତି ହେଉଛି ଏହାର କେତୋଟି ଲକ୍ଷଣ । ସାଧାରଣତଃ ମୋ' ମନଟା ନିରାଶ ହୋଇପଡ଼ିବା ସମୟରେ ଏପରି ହୁଏ । ମାତ୍ର ଏଥର ସେପରି ହୋଇ ନାହିଁ । ମୁଁ ତିନିଦିନ ପାଇଁ କିଛି ଖାଇ ନ ଥିଲି ଓ ମୋ'ର ଦେହ ଭଲ ଥିଲା । କାଲି କିଛି ଖାଦ୍ୟ ଖାଇଲି ଏବଂ ସମସ୍ୟାଟି ପୁଣି ଆରମ୍ଭ ହୋଇଗଲା । ଅସଲ କାରଣଟି ନିଶ୍ଚୟ ଆଉ କେଉଁଠାରେ ରହିଥିବ ।*

ଅସ୍ଥିରତା ଏବଂ ଉତ୍ତେଜନା ହେତୁ ଏପରି ହେଉଛି । ଏପରି କାହିଁକି ହେଲା ?

ଶାନ୍ତି, ଦିବ୍ୟ ପରମଶାନ୍ତିକୁ ନିଜ ପାକସ୍ଥଳୀ ମଧ୍ୟକୁ ଅବତୀର୍ଣ୍ଣ କରାଇ ଆଣ ଏବଂ ଏହା ଠିକ୍ ହୋଇଯିବ ।

ସ୍ନେହ ଓ ଅନେକ ଆଶୀର୍ବାଦ । *୨ ଡିସେମ୍ବର ୧୯୬୭*

*ମାଆ,*

*ପାକସ୍ଥଳୀ ଭିତରେ ବେଳେ ବେଳେ ମୃଦୁ କମ୍ପନ ଅନୁଭବ କରିବା ବ୍ୟତୀତ ମୁଁ ଅନ୍ୟ କୌଣସି ଅସ୍ଥିରତା ବା ଉତ୍ତେଜନା ଜାଣି ନାହିଁ । ଗତ କେତେଦିନ ହେଲା ବରଂ ମୁଁ ନିସ୍ତବ୍ଧ ପରି ହୋଇଯାଇଛି । ସାଧାରଣତଃ ମୁଁ ଆପଣଙ୍କର ଶାନ୍ତିକୁ ଆବାହନ କରିଆଣେ ଓ ତାହା ଅକାଟ୍ୟ ଭାବରେ କାମ ଦିଏ । ଏଥର କ'ଣ ଗୋଟାଏ ଧର୍ମଘଟ ହୋଇଗଲା କି ? ଏଥର କୌଣସି ଆବାହନ ସମ୍ଭବହିଁ ହେଉ ନାହିଁ ।*

ଏହା ଏକ ଗୁରୁତର କଥା ! ତୁମେ ଏହାର "କାରଣ" ବାହାର କରିବାକୁ ଚେଷ୍ଟା କର ।

*୨ ଡିସେମ୍ବର ୧୯୬୭*

*ମାଆ,*

*ଆପଣଙ୍କୁ ଆବାହନ କରିବା ବିଷୟରେ ମୁଁ କାହିଁକି ଏତେଦୂର ଜଡ଼ପ୍ରାୟ ଅନୁଭବ କରୁଛି, ମୁଁ କହି ପାରିବି ନାହିଁ । ଏଭଳି ଜଡ଼ ପର୍ଯ୍ୟାୟମାନ ଉଚ୍ଚ ପର୍ଯ୍ୟାୟଗୁଡ଼ିକର ପରେ ଆସିଥାଏ, ଯେତେବେଳେ କି ସବୁକିଛି ଆପଣଙ୍କୁ ଆବାହନ କରୁଥିବା ପରି ଓ ଆପଣଙ୍କଠାରେ ଉତ୍ସର୍ଗୀକୃତ ହୋଇ ରହିଥିଲା ପରି*

'oaob.nitrkl.ac.in' images reprocessed

*ମନେ ହେଉଥାଏ । ଏହିସବୁ ଜଡ଼ପ୍ରାୟ ପର୍ଯ୍ୟାୟଗୁଡ଼ିକରେ ସତେଅବା କେବଳ ତମସ୍‌ହିଁ ରାଜତ୍ୱ କଲାପରି ଲାଗୁଥାଏ । ଏହିପରି କେତେଟା ଦିନ ଚାଲିଯିବା ପରେ ସେମାନେ ବି ସାଧାରଣତଃ ଅତିକ୍ରାନ୍ତ ହୋଇ ଯାଆନ୍ତି ।*

ଏଥିରୁ ପ୍ରମାଣିତ ହେଉଛି ଯେ, ତୁମର ସମୁଦାୟ ସତ୍ତାଟି କେନ୍ଦ୍ରସ୍ଥ ଚୈତ୍ୟ ଉପସ୍ଥିତିଟିର ଚାରିପାଖରେ ଏକତାବଦ୍ଧ ହୋଇପାରି ନାହିଁ ।

ଏହା ହେଉଛି ଏକ ବ୍ୟକ୍ତିଗତ କାର୍ଯ୍ୟ, ଯାହାକୁ କି ପ୍ରତ୍ୟେକ ବ୍ୟକ୍ତି ନିଜ ପାଇଁ ଅବଶ୍ୟ ହାସଲ କରିବ । ସହାୟତା ଅନୁକ୍ଷଣ ରହିଛି; ମାତ୍ର, ଗ୍ରହଣଶୀଳତା ଏବଂ ସଚେତନ ନିବେଦନର ପରିଣାମ ଅନୁସାରେହିଁ ତା' କାର୍ଯ୍ୟର ଫଳପ୍ରଦତା ନିୟନ୍ତ୍ରିତ ହୋଇ ରହିଥିବ ।

ମୋଟ ଉପରେ, ଉଦ୍ୟମରେ ଯଥାର୍ଥ ଧୈର୍ଯ୍ୟ ରହିଛି କି ନାହିଁ, ଏଇଟା ତା'ର ଏକ ପ୍ରଶ୍ନ ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୩ ଡିସେମ୍ବର ୧୯୬୭*

*ମାଆ,*

*ପରମ ସୁରକ୍ଷା ମଧ୍ୟରୁ ମୁଁ ପୁନର୍ବାର ବାହାରକୁ ବାହାରି ଯାଇଛି । ଏହା ପ୍ରକୃତରେ ଏକ ଖରାପ କଥା । ଫଳ-କୋଠରୀ ଓ 'ଗ'ଙ୍କ କୋଠରୀ ମଧ୍ୟରେ ଥିବା ଛାତ ଉପରେ ମୁଁ ବର୍ଷାରେ ପଡ଼ି ଯାଇଥିଲି । ଫଳରସର ଟ୍ରେ'ରେ ଥିବା ସବୁ କାଚଗ୍ଲାସ ଭାଙ୍ଗିଗଲା । ମୋ' ଦେହରେ ଅଳ୍ପକିଛି କେବଳ ଖଣ୍ଡିଆ ହୋଇ ଗଲା ସିନା, ମୁଁ ରକ୍ଷା ପାଇଗଲି । ସମ୍ଭବତଃ ଏହି ଘଟଣାଟି ଗ୍ରହଣଶୀଳତାର ଅଭାବ ବିଷୟରେ ମୋତେ ସାବଧାନ କରିଦେଉଛି । କେବଳ ଆପଣହିଁ ଏହାର ଆରୋଗ୍ୟବିଧାନ କରିପାରିବେ । ଏହାକୁ କଦାପି ମୋ' ନିଜର ଉଦ୍ୟମ ଉପରେ ଛାଡ଼ି ଦେବେ ନାହିଁ !*

ଏଇଟା ହେଉଛି ବରଂ ଠିକ୍ ତାହାର ଏକ ଓଲଟା କଥା – ନିଷ୍କ୍ରିୟ ଭାବରେ ତୁମେ ବିଶ୍ୱାସ ଅବଲମ୍ବନ କର; ମୋତେ ଏଇ କାର୍ଯ୍ୟଟିକୁ କରିବାକୁ ଦିଅ... ଏବଂ ଏହା ସମ୍ପାଦିତ ହୋଇଯାଇଛି । ତୁମର ଗତ ଚିଠିଟି ପରେ ତୁମ ଉପରେ ଏକ ବଳବାନ୍ ତଥା ପ୍ରାୟ ସତତ ଶକ୍ତିସଂକେନ୍ଦ୍ରଣ କାର୍ଯ୍ୟକାରୀ ହୋଇ ରହିଛି । ତାହାକୁ ଯଥାର୍ଥ ଭାବରେ ଗ୍ରହଣ କରିପାରିଲେ, ତୁମର ଅବଶ୍ୟ **ସମ୍ପୂର୍ଣ୍ଣ ଠିକ୍** ହୋଇଯିବା ଉଚିତ ।

ସ୍ନେହ ଓ ଅନେକ ଆଶୀର୍ବାଦ । *୮ ଡିସେମ୍ବର ୧୯୬୭*

'oaob.nitrkl.ac.in' images reprocessed

*ମାଆ,*

*ଏଠାକୁ ଅନେକ ସମୟରେ ଆସୁଥିବା ହିନ୍ଦୀ କବି 'କ' ଚିଠି ଲେଖିଛନ୍ତି ଯେ, ଭାରତ ସରକାରଙ୍କଠାରୁ ସିଏ ଯେଉଁସବୁ ଉପାଧି ପାଇଥିଲେ, ସେଗୁଡ଼ିକୁ ଫେରାଇ ଦେବା ଲାଗି ତାଙ୍କ ଉପରେ ଖୁବ୍ ଚାପ ପଡ଼ୁଛି । ସେ ପଦ୍ମଭୂଷଣ ପୁରସ୍କାର ଲାଭ କରିଛନ୍ତି । ସେପରି ହେଲେ ତାଙ୍କୁ ନିଜର ଚାକିରିଟିକୁ ମଧ ଛାଡ଼ିଦେବାକୁ ହେବ । ସରକାରଙ୍କର ଭାଷାବିଷୟକ ନୀତିର ପ୍ରତିବାଦରେ ଏପରି କରିବାକୁ ପଡ଼ିବ । ସେ ଆପଣଙ୍କର ପରାମର୍ଶ ପ୍ରାର୍ଥନା କରିଛନ୍ତି । ମୁଁ ତାଙ୍କୁ କ'ଣ କହିବି ?*

ସିଏ କୌଣସି ଭୟପ୍ରଦର୍ଶନକୁ କାହିଁକି କର୍ଣ୍ଣପାତ କରିବେ ? ତାଙ୍କୁ **ଅନ୍ତର ଭିତରୁ ଆସୁଥିବା** ନିର୍ଦ୍ଦେଶ ଅନୁସାରେହିଁ କାର୍ଯ୍ୟ କରିବାକୁ ହେବ, ଜନସାଧାରଣଙ୍କର ମତ ଅନୁସାରେ ଆଦୌ ନୁହେଁ ।

*ସଂସ୍କୃତ ଏକ ସର୍ବଭାରତୀୟ ଭାଷା ବୋଲି ତାଙ୍କୁ ମୁଁ ଧାରଣାଟି ଦେବି କି ?*

ହଁ ।

ଅନେକ ଆଶୀର୍ବାଦ ।

*୨୯ ଡିସେମ୍ବର ୧୯୬୭*

*ମାଆ,*

*ଲୁଧିଆନାରୁ ଆସିଥିବା ଜଣେ ଯୁବକ 'ଖ' ତାଙ୍କ ପତ୍ନୀଙ୍କ ପାଖରୁ ଗୋଟିଏ ତାରବାର୍ତ୍ତା ପାଇଛନ୍ତି । ସେଠାରେ କେହିଜଣେ ଅସୁସ୍ଥ ଅଛନ୍ତି । ତାଙ୍କୁ ଉଡ଼ାଜାହାଜରେ ଫେରିଯିବାକୁ କୁହାଯାଇଛି । ସେ ଆପଣଙ୍କର ପରାମର୍ଶ ଓ ଆଶୀର୍ବାଦ ଭିକ୍ଷା କରିଛନ୍ତି ।*

ଏହା କ'ଣ ଏକାନ୍ତ ଆବଶ୍ୟକ ? ସାଧାରଣତଃ ଏହି ଆବେଦନଗୁଡ଼ିକ ସଂପୂର୍ଣ୍ଣ ଭାବେ ଆନ୍ତରିକ ହୋଇ ନ ଥାଏ ।

*ପ୍ରାୟ ୧୯୬୭ ବେଳକୁ*

'oaob.nitrkl.ac.in' images reprocessed

*ମାଆ,*

*ଲୁଗାକଟା ବିଭାଗର ଶ୍ରମିକମାନଙ୍କ ସହିତ ଆମେ ସ୍ୱାକ୍ଷର କରିଥିବା ଚୁକ୍ତି ଅନୁସାରେ, ଆମେ ସେମାନଙ୍କର ମହଙ୍ଗା ଭତ୍ତାକୁ ସେମାନଙ୍କ ବେତନ ସହିତ ମିଶାଇ ଦେଇଥିଲୁ । ସମଗ୍ର ଭାରତବର୍ଷରେ ଶ୍ରମିକମାନେ ଏହି ଦାବୀ କରୁଛନ୍ତି । ମାତ୍ର ଏଠାରେ, ଆମେ ସ୍ୱତଃପ୍ରବୃତ୍ତ ହୋଇ ତାହା କଲୁ ବୋଲି, ସେମାନେ ବର୍ତ୍ତମାନ ତାହାକୁ ବଦଳାଇବାକୁ ଇଚ୍ଛା କରୁଛନ୍ତି । 'ଗ' ସମସ୍ତ ସ୍ଥିତିଟି ବିଷୟରେ ବୁଝାଇଦେବା ପରେ, ସେମାନେ ଯାହା ଇଚ୍ଛା କରିବେ, ମୁଁ ସେହିକଥା କରିବି ବୋଲି ସମ୍ମତି ଦେଇଛି । ଏବଂ, ଯାହା ସେମାନଙ୍କ ସକାଶେ କମ୍ ଲାଭପ୍ରଦ, ସେମାନେ ସେହିକଥା ଚାହୁଁଛନ୍ତି । ସେମାନଙ୍କ ନିମନ୍ତେ ଅଧିକ ଲାଭଜନକ ହେଉଥିବା କୌଣସି କଥା ଯେ ଆମେ କରିପାରିବୁ, ସେମାନେ ଏହା ବିଶ୍ୱାସ କରିପାରୁ ନାହାନ୍ତି । ଏହି ଅବିଶ୍ୱାସକୁ ଦୂର କରିବାର କି ଉପାୟ ଅଛି ?*

ତୁମେ ଅନ୍ଧମାନଙ୍କୁ ଦେଖିବା ଲାଗି ସମର୍ଥ କରାଇ ପାରିବ କି ?

ସମଗ୍ର ମାନବଜାତି – ଅତି ଅଳ୍ପ କେତେକ ବ୍ୟତିକ୍ରମଙ୍କୁ ଛାଡ଼ିଦେଲେ – ଦିବ୍ୟ ପରମସତ୍ତାଙ୍କୁ ଅବିଶ୍ୱାସ କରୁଛି ଏବଂ ତାଙ୍କର ପରମ କରୁଣା ତଥାପି ସର୍ବାଧିକ ପରିମାଣରେ ସକ୍ରିୟ ହୋଇ ରହିଛି ।

*ପ୍ରାୟ ୧୯୬୭ ବେଳକୁ*

*ମାଆ,*

*ଯଦି ଆପଣ ଅନୁଗ୍ରହ କରି ଉତ୍ତର ଦେବେ, ତେବେ ମୋ'ର ପ୍ରଶ୍ନଟିଏ ରହିଛି । ରାମାୟଣରେ ଲେଖା ହୋଇଛି ଯେ, ପୃଥିବୀପୃଷ୍ଠରେ ତାଙ୍କର କାର୍ଯ୍ୟ ସମ୍ପାଦିତ ହୋଇଗଲା ବୋଲି ଯେତେବେଳେ ରାମଚନ୍ଦ୍ର ଦେଖିଲେ, ସେତେବେଳେ ସେ ନିଜର ଅନୁଚରବର୍ଗଙ୍କୁ ନେଇ ସରଯୂନଦୀରେ ପ୍ରବେଶ କଲେ । ଏକ ଅବତାରଙ୍କର କାର୍ଯ୍ୟ ଉପରେ କୌଣସି ବିଚାର କରିବା ଆଦୌ ଉଚିତ ନୁହେଁ, ମାତ୍ର ଏହି କାର୍ଯ୍ୟଟି ଏକ ସାମୂହିକ ଆତ୍ମହତ୍ୟା ପରି ପ୍ରତୀତ ହେଉଛି ଏବଂ ଆତ୍ମହତ୍ୟାକୁ ଘୋରତମ ଅପରାଧ ବୋଲି ବିଚାର କରାଯାଏ । ଏହାର କିପରି ଏକ ବ୍ୟାଖ୍ୟା ଦିଆଯାଇ ପାରିବ ?*

'oaob.nitrkl.ac.in' images reprocessed

୧) ସର୍ବୋଚ୍ଚ ପରମଙ୍କ କ୍ଷେତ୍ରରେ ଅପରାଧ ବୋଲି କିଛି ନାହିଁ ।

୨) ପରମପ୍ରଭୁଙ୍କ ପାଖରୁ ଦୂର ହୋଇ ରହିବା ଅପେକ୍ଷା ଭକ୍ତ ଲାଗି ଅଧିକ ବଡ଼ ଅପରାଧ ଆଉ କିଛି ନାହିଁ ।

୩) ଯେଉଁ କାଳରେ ରାମାୟଣର କଳ୍ପନା କରାଯାଇଥିଲା ଏବଂ ରାମାୟଣ ଲେଖା ଯାଇଥିଲା, ସେତେବେଳେ, ପୃଥିବୀ ଏକ ଦିବ୍ୟ ଜଗତରେ ରୂପାନ୍ତରିତ ହେବ ଏବଂ ସର୍ବୋଚ୍ଚ ପରମଙ୍କର ଏକ ନିବାସରେ ପରିଣତ ହେବ ବୋଲି ଶ୍ରୀଅରବିନ୍ଦ ଯେଉଁ ଜ୍ଞାନଟିର ଉଦ୍‌ଘାଟନ କରିଛନ୍ତି, ତାହାକୁ କେହି ଜାଣି ନ ଥିଲେ ଅଥବା ଗ୍ରହଣ କରି ନ ଥିଲେ ।

ଯଦି ତୁମେ ଏହି ତିନୋଟିଯାକ କଥା ଉପରେ ବିଚାର କରିବ, ତେବେ ତୁମେ ଉକ୍ତ କାହାଣୀଟିକୁ ନିଶ୍ଚୟ ବୁଝିପାରିବ (ଅବଶ୍ୟ ଏପରି ହୋଇପାରେ ଯେ, କଥାଗୁଡ଼ିକୁ ଯେପରି ଭାବରେ କୁହାଯାଇଛି, ସେଗୁଡ଼ିକ ସେହିପରି ପ୍ରକୃତରେ ଘଟି ନ ଥିଲା)

*ପ୍ରାୟ ୧୯୬୭ ବେଳକୁ*

*ମାଆ,*

*ସଂସ୍କୃତ ଭାରତବର୍ଷର ସାଧାରଣ ଜାତୀୟ ଭାଷା ହେବା ବିଷୟରେ ମାଆ ଠିକ୍ କ'ଣ କହୁଛନ୍ତି, ଶ୍ରୀଯୁକ୍ତ ବିନୋବା ଭାବେ ତାହା ଜାଣିବାକୁ ଇଚ୍ଛା କରିଛନ୍ତି ବୋଲି ଜଣେ ଉଭୟପକ୍ଷୀୟ ବନ୍ଧୁ ଲେଖିଛନ୍ତି ।*

*ମୁଁ ସମ୍ଭବତଃ ଏଥିରେ ଅଧିକ ଏତିକି କହିବି ଯେ, ସଂସ୍କୃତର କଷ୍ଟକର ବ୍ୟାକରଣକୁ ସମସ୍ତେ ଶିକ୍ଷା କରିବେ ବୋଲି ଆପଣ ଆଶା କରୁଛନ୍ତି କି ? ଏହି ଭାଷାକୁ ଜନସାଧାରଣ ବ୍ୟବହାର କରିବେ ନା ଇଂଲଣ୍ଡରେ ଲାଟିନ୍ ପରି ଏହା କେବଳ ଔପଚାରିକତା ଉଦ୍ଦେଶ୍ୟରେ ବ୍ୟବହୃତ ହେବ ?*

ବ୍ୟାକରଣ ଦୃଷ୍ଟିରୁ ସର୍ବସାଧାରଣଙ୍କର ବ୍ୟବହାର ପାଇଁ ମୁଁ ଏକ ସରଳୀକୃତ ସଂସ୍କୃତ ବିଷୟରେ ଚିନ୍ତା କରୁଥିଲି । ମାତ୍ର, ଏହା ପ୍ରକୃତରେ ସମ୍ଭବ ହେବ କି ନ ହେବ, ମୁଁ ସେକଥା ଜାଣି ନାହିଁ ।

*୮ ମାର୍ଚ୍ଚ ୧୯୬୮*

*ମାଆ,*

*ଜଣେ ବ୍ୟକ୍ତି ମାନସିକ କିଂବା ଶାରୀରିକ ଭାବରେ ସୁସ୍ଥ ନ ଥିଲେ ତା'ର*

'oaob.nitrkl.ac.in' images reprocessed

*ଆପଣଙ୍କର ପାନୀୟ ପ୍ରଭୃତି ତିଆରି କରିବା ଠିକ୍ ହେବ କି ? ମନ ତ ଉଭୟର ସପକ୍ଷରେହିଁ ଚମତ୍କାର ଭାରସାମ୍ୟଯୁକ୍ତ ଯୁକ୍ତିମାନ ଆଣି ବାଢ଼ିଦେଉଛି !*

ଯଦି ତୁମେ ପାନୀୟ ପ୍ରସ୍ତୁତ ନ କରିବ, ତେବେ ମୋତେ ପାନୀୟ ବିନା କାର୍ଯ୍ୟ ଚଳାଇବାକୁ ପଡ଼ିବ । ଅସୁସ୍ଥ ଥିବା ସମୟରେ ତୁମେ ତାହା ପ୍ରସ୍ତୁତ କଲେ, ମୁଁ ଅସୁବିଧାଟିକୁ କଷ୍ଟରେ ସମାଧାନ କରିବି । ତେଣୁ, ଏକମାତ୍ର ପ୍ରତିକାର ହେଉଛି ଯେ, ପାନୀୟ ପ୍ରସ୍ତୁତ କରିବା ସମୟରେ ତୁମେ ଠିକ୍ ସ୍ଥିତିରେ ରହିବ — ଏହା ଆମ ଉଭୟଙ୍କ ସକାଶେ ହିତକାରକ ହେବ ।...

ସ୍ନେହ ଓ ଅନେକ ଆଶୀର୍ବାଦ ।

*୮ ମାର୍ଚ୍ଚ ୧୯୬୮*

*ମାଆ,*

*ମୁଁ ଇତିମଧ୍ୟରେ ଭୋଜନଶାଳାରେ ୩୦ବର୍ଷ ଯାବତ୍ କାର୍ଯ୍ୟ କଲିଣି । ଆସୁଥିବା ଦିନଗୁଡ଼ିକର ଏକାନ୍ତ ପ୍ରୟୋଜନଗୁଡ଼ିକୁ ମେଣ୍ଟାଇବା ଲାଗି ଅପେକ୍ଷାକୃତ କମ୍ ବୟସର ବ୍ୟକ୍ତିମାନଙ୍କୁ ନିଯୁକ୍ତ କରିବାକୁ ଯଦି ଆପଣ ଅଧିକ ଭଲ ବୋଲି ବିଚାର କରୁଥିବେ, ତେବେ ମୁଁ ସଂପୂର୍ଣ୍ଣ ଇଚ୍ଛାକୃତ ଭାବରେ ଏହି କାର୍ଯ୍ୟରୁ ଓହରି ଯିବି । ମୁଁ ଯାହା କହୁଛି, ତାହାହିଁ ପ୍ରକୃତରେ ଇଚ୍ଛା କରୁଛି ।*

*ମୋ କାର୍ଯ୍ୟରେ, ମୁଁ ଆଦୌ କୌଣସି ଯୋଜନା କରୁ ନ ଥିଲି । ମୁଁ ଏହାକୁ ଆପଣଙ୍କ ଉପରେ ଛାଡ଼ି ଦେଉଥିଲି ଏବଂ ଆପଣ ମୋତେ କେବେହେଲେ ଧୋକା ଦେଇ ନାହାନ୍ତି । ଏହି ଅନୁଭବ ବଢ଼ିବାରେ ଲାଗିଥାଉ ।*

କାର୍ଯ୍ୟଟିର ହିତ ଦୃଷ୍ଟିରୁ, ତୁମେହିଁ ଏହି କାର୍ଯ୍ୟରେ ରହିବା ଅଧିକ ଭଲ ହେବ, କାରଣ ତୁମେ ମୋତେ ଆବାହନ କରିପାରିବ, ଅନୁଭବ ବି କରିପାରିବ । ଅପର ପକ୍ଷରେ, ଜଣେ ଅଳ୍ପବୟସ୍କ ବ୍ୟକ୍ତି ହୁଏତ ଆଦୌ କାମରେ ଲାଗି ନ ଥିବା ଶକ୍ତି ଦ୍ୱାରା ପୂର୍ଣ୍ଣ ହୋଇ ରହିଥିବ ମାତ୍ର ସେ ନିଜେ କାର୍ଯ୍ୟଗୁଡ଼ିକୁ କରୁଛି ବୋଲି ବିଶ୍ୱାସ କରୁଥିବ । ତୁମେହିଁ ଏହି କାର୍ଯ୍ୟଟିକୁ କରିବା ପଛରେ ହୁଏତ ଆହୁରି କେତେକ ଉତ୍ତମ କାରଣ ମଧ୍ୟ ଥାଇପାରେ — ଉଦାହରଣ ସ୍ୱରୂପ ସାଧୁତା ଓ ଆନ୍ତରିକତା ପ୍ରଭୃତି — ମାତ୍ର ସେଗୁଡ଼ିକୁ ଉଲ୍ଲେଖ କରିବାର କୌଣସି ଆବଶ୍ୟକତା ନାହିଁ ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ । *୧୫ ମାର୍ଚ୍ଚ ୧୯୬୮*

'oaob.nitrkl.ac.in' images reprocessed

*(ତାଙ୍କୁ ଦିଆ ଯାଉଥିବା ଗୋଟିଏ ପଙ୍ଖାକୁ ସେ ଗ୍ରହଣ କରିବେ କି ନାହିଁ, ଏହି ଶିଷ୍ୟ ସେକଥା ପଚାରିଥିଲେ, ଚିଠିର ଶେଷରେ ସେ ନିଜର ବୈରାଗ୍ୟ-ମନୋଭାବର ଉଲ୍ଲେଖ କରି :)*

*ଏବେ ମଧ୍ୟ ଆରାମଦାୟକ ବସ୍ତୁଗୁଡ଼ିକ ପାଇଁ ମୁଁ ଏକ ସଙ୍କୋଚ ଅନୁଭବ କରିଥାଏ ।*

ବାସନା ଯେତିକି ଖରାପ, ସଙ୍କୋଚ ମଧ୍ୟ ସେତିକି ଖରାପ । ତେଣୁ, ତୁମେ ପଙ୍ଖାଟିକୁ ରଖ ଏବଂ ଦିବ୍ୟ ପରମସତ୍ତାଙ୍କର ଇଚ୍ଛାଟିକୁ ପୂର୍ଣ୍ଣ ହେବାକୁ ଦିଅ । କାରଣ, ଅସଲ କଥା ହେଉଛି, ସର୍ବଦା କେବଳ ତାଙ୍କରି ଇଚ୍ଛାହିଁ ବଳବତ୍ତର ରହିଥାଏ ।

ସ୍ନେହ ଓ ଅନେକ ଆଶୀର୍ବାଦ ।

*୧୫ ଏପ୍ରିଲ୍ ୧୯୬୮*

*ମାଆ,*

*୧୯୬୦ ମସିହାରେ ଆପଣ ମୋ'ର ଡାହାଣ ଗୋଡ଼ ଏବଂ ପାଦରେ ଥିବା ବାତଜ୍ୱରଜନିତ ଫୁଲାକୁ ବସ୍ତୁତଃ ପ୍ରାୟ ଆରୋଗ୍ୟ କରି ଦେଇଥିଲେ । ପ୍ରାୟ ଏକ ସପ୍ତାହ ପୂର୍ବେ ଗୋଡ଼ଫୁଲାଟି ପ୍ରତିଶୋଧ ନେବାଭଳି ପୁଣି ଫେରି ଆସିଲା । ସେହି ଜାଗାଟା ଭାରି ଗରମ ଲାଗୁଛି, ଅଶ୍ୱସ୍ତିରେ ଭର୍ତ୍ତି ହୋଇ ରହିଛି, କୁଣ୍ଡାଇ ହେଉଛି ଓ ବେଳେ ବେଳେ ବଥା ବି ହେଉଛି । ମୋତେ ଛୋଟେଇ ଛୋଟେଇ ଚାଲିବାକୁ ହେଉଛି; ଗୋଡ଼ଟା ଫୁଲି ପ୍ରାୟ ଦୁଇଗୁଣ ମୋଟ ହୋଇଯାଇଛି ।*

ତୁମର ବିଶ୍ୱାସରେ ନିଶ୍ଚୟ ଏକ ସାଂଘାତିକ ହ୍ରାସ ଘଟିଥିବ; କାରଣ ଶକ୍ତିଟି ତ ସେହି ଆଗପରି ସମାନ ଭାବରେ କାର୍ଯ୍ୟ କରୁଛି (ଏହା ଅଧିକ ବଳଯୁକ୍ତ ହୋଇଥିବାର ପ୍ରମାଣ ମଧ୍ୟ ମିଳିଛି), ମାତ୍ର, ବିଶ୍ୱାସ ଯେତିକି ଶୁଦ୍ଧ ହେବ, ଶକ୍ତି ମଧ୍ୟ ସେହି ପରିମାଣରେ ଅଧିକ ଫଳପ୍ରଦ ହେଉଥିବ ।

*'କ' ମୋ' ପାଖକୁ ଦୁଇଜଣ କର୍ମୀଙ୍କୁ ପଠାଇଛନ୍ତି । ସେମାନଙ୍କର ରହିବା ବିଷୟରେ ଅସୁବିଧା ରହିଛି ବୋଲି ସେ ମୋତେ ଖବର ଦେଇଛନ୍ତି; ମାତ୍ର ମୁଦ୍ରଣ-ବିଭାଗର ନିଜ କର୍ମୀମାନଙ୍କ ସକାଶେ ରହିବା ଘର ରହିଛି । ତେଣୁ,*

'oaob.nitrkl.ac.in' images reprocessed

*ମୋ'ର ଏହି କର୍ମୀମାନଙ୍କୁ ସେହି ମୁଦ୍ରଣ-ବିଭାଗକୁ ପଠାଇବା ଉଚିତ ହେବ ଏବଂ କର୍ମୀମାନେ ସେଠାରେ ରହିବାକୁ ଘର ପାଇପାରିବେ । ଏପରି ଗୋଟିଏ ବିଚାର ବିରୋଧରେ ମୋ' ଭିତରେ କ'ଣ କିଛି ବିଦ୍ରୋହ କରିଉଠୁଛି; ସେହିପରି ତୁଳନା କରି ମୁଁ କହିପାରିବି ଯେ ଭୋଜନ-ବିଭାଗ ତ ସବୁ ବ୍ୟକ୍ତିଙ୍କୁ ଖାଇବା ଯୋଗାଇ ଦେଉଛି, ତେଣୁ ସବୁଯାକ କର୍ମୀ ସେହି ବିଭାଗରେ ଯାଇ କାର୍ଯ୍ୟ କରିବା ଉଚିତ ।*

ବସ୍ତୁତଃ, କାର୍ଯ୍ୟ ଯୋଗାଇଦେବାର କ୍ଷେତ୍ରରେ ଦୁଇଟି କଥା ବିଚାର କରିବାକୁ ହେବ,– ଗୋଟିଏ ପକ୍ଷରେ ଆବଶ୍ୟକତା ଏବଂ ଅନ୍ୟ ପକ୍ଷରେ କର୍ମୀମାନଙ୍କର ସାମର୍ଥ୍ୟ; ଏହା ବ୍ୟତୀତ ବାକୀ ଯାହାକିଛି ରହିଥିବ, ସେଥିରେ ନିଶ୍ଚୟ ଏକ କୂଟନୀତିକ ମିଥ୍ୟାର ସ୍ୱାଦ ରହିଥିବ ।

*୨୦ ମଇ ୧୯୬୮*

*ମାଆ,*

*ମୋତେ ଆପଣ ଏକାଧିକ ଥର "ମୋ' ବିଶ୍ୱାସର ଏକ ପତନ" ବିଷୟରେ କହିଛନ୍ତି । ପ୍ରକୃତରେ କହିବାକୁ ଗଲେ ଏହି କଥାଟିକୁ ମୁଁ ଆଦୌ ବୁଝିପାରୁ ନାହିଁ । ମୋ' ଭିତରେ ପ୍ରକୃତରେ ବିଶ୍ୱାସ ଅଛି କି ନାହିଁ, ବସ୍ତୁତଃ ମୁଁ ସେକଥା ମଧ୍ୟ ଜାଣେ ନାହିଁ । ମୋ'ର ଗୋଡ଼ ଭଲ ହେଉ କି ନ ହେଉ, ସେଥିରେ ବେଶିକିଛି ଯାଏଆସ ନାହିଁ; କିନ୍ତୁ ମୋ ଭିତରେ ଅନ୍ତତଃ କିଛିହେଲେ ବିଶ୍ୱାସ ରହିଥାଉ ।*

ସତକଥା କହିବାକୁ ଗଲେ, ତୁମ ଭିତରେ ବିଶ୍ୱାସ ରହିବା କିଂବା ବିଶ୍ୱାସ ରହିଛି ବୋଲି ତୁମର ବିଶ୍ୱାସ କରିବା ଉପରେ ମୁଁ ଆଦୌ ଖୁବ୍‌ବେଶୀ ମହତ୍ତ୍ୱ ଦିଏ ନାହିଁ । ମୁଁ ଏତିକି ଇଚ୍ଛା କରୁଥାଏ ଯେ ତୁମେ ସୁସ୍ଥ ରହିବା ଉଚିତ୍ ଏବଂ ଖୁସୀ ହୋଇ ନିଜର କାର୍ଯ୍ୟଟିକୁ କରିବା ଉଚିତ । ତୁମ କ୍ଷେତ୍ରରେ, ତୁମର ଶରୀର ସମ୍ବନ୍ଧରେ କହିବାକୁ ଗଲେ, ମୁଁ ତ ଏକ ଅତ୍ୟନ୍ତ ଉଲ୍ଲେଖନୀୟ ଗ୍ରହଣଶୀଳତା ଏବଂ ଏକ ଆଶୁ ଆରୋଗ୍ୟ ସହିତ ବେଶ୍ ଅଭ୍ୟସ୍ତ ହୋଇ ରହିଥିଲି,– ସେହି କାରଣରୁହିଁ ମୁଁ ଏପରି ମନ୍ତବ୍ୟଟିଏ ଦେଇଛି ।

"ଆମେ" ("ଆମେ" ଅର୍ଥ ପୃଥିବୀ) ଯେ ଏକ କଷ୍ଟପୂର୍ଣ୍ଣ ପର୍ଯ୍ୟାୟ ମଧ୍ୟଦେଇ ଗତି କରୁଛୁ, ସେଥିରେ କୌଣସି ସନ୍ଦେହ ନାହିଁ; ମାତ୍ର ଯେଉଁମାନେ ଅବିଚଳିତ ରହିବେ,

'oaob.nitrkl.ac.in' images reprocessed

ସେମାନେ ଏଥିରୁ **ପୂର୍ବାପେକ୍ଷା ଅନେକ ଅଧିକ ବଳଯୁକ୍ତ ହୋଇ** ବାହାରି ଆସିବେ ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୨୧ ମଇ ୧୯୬୮*

*ମାଆ,*

*କାଲି ମୋ' ଗୋଡ଼ ଆଣ୍ଠୁପର୍ଯ୍ୟନ୍ତ ଫୁଲି ଯାଇଥିଲା ବୋଲି କହିଲେ କେବଳ ଆପଣଙ୍କ ବ୍ୟତୀତ ଆଉ କେହି ବିଶ୍ୱାସ କରିବେ ନାହିଁ । ତାହା ଭାରି ଉତ୍ତପ୍ତ ଏବଂ କଠିନ ହୋଇ ରହିଥିଲା, ପାଦଟା ତା' ସାଧାରଣ ଆକାରର ଦୁଇଗୁଣ ହୋଇ ଯାଇଥିଲା । ସେତିକିବେଳେ ଆପଣଙ୍କର ଲେଖା ଆସି ପହଞ୍ଚିଲା । ମୋ' ଫୁଲା କମି ଯାଉଥିବାଟା ମୁଁ ନିଜ ଆଖିରେ ମଧ୍ୟ ଦେଖିପାରିଲି । ଏହା ପ୍ରତ୍ୟେକ ମିନିଟ୍‌ରେ କମି କମି ଯାଉଥିଲା ଏବଂ ଅଳ୍ପ କେତେ ମିନିଟ ଭିତରେ ଫୁଲାଟି କେବଳ ଗୋଇଠିଯାଏ ରହିଲା ଏବଂ ତଳଭାଗଟା ମଧ୍ୟ ଆଗ ଅପେକ୍ଷା ଅନେକ ଭଲ ଲାଗୁଥିଲା । ପ୍ରାୟ ଅଧଘଣ୍ଟାଏ ମଧ୍ୟରେ ଏହା ପ୍ରାୟ ସାଧାରଣ ଅବସ୍ଥାକୁ ଚାଲି ଆସିଥିଲା । ତାହାର କେତେଘଣ୍ଟା ପରେ ବର୍ତ୍ତମାନ ପୁଣି ଫୁଲାଟା କିଛି ପରିମାଣରେ ଲେଉଟି ଆସିଛି । ମୁଁ ନିଃସନ୍ଦେହ ହୋଇଯାଇଛି ଯେ, ମୁଁ ଆଉ ପୁନର୍ବାର ଆପଣଙ୍କୁ ଆଦୌ ବ୍ୟସ୍ତ କରିବି ନାହିଁ,– ଏଇଟା ନିଶ୍ଚୟ ଦୂର ହୋଇଯିବ – ମୋ' ବିଶ୍ୱାସର ଏଥିରେ କୌଣସି ବାହାଦୁରୀ ନାହିଁ !*

ସାବାସ୍ ! ଏହା ଖୁବ୍ ଭଲ କଥା, ଏହାହିଁ ଠିକ୍ ଏବଂ ଏଇଟି ସ୍ଥାୟୀ ହୋଇ ରହିବା ଉଚିତ ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୨୨ ମଇ ୧୯୬୮*

*ମାଆ,*

*ମୋ'ର ତିନିଜଣ ନୂତନ-ପ୍ରଶିକ୍ଷିତ ଶିକ୍ଷକ, 'କ', 'ଖ' ଏବଂ 'ଗ' ନିଜନିଜର କାର୍ଯ୍ୟକୁ ଠିକ୍ ଭାବରେ କରିବାକୁ ଚେଷ୍ଟା କରୁଛନ୍ତି, ମାତ୍ର ମୁଁ ଦେଖିପାରୁଛି ଯେ, ସେମାନଙ୍କର ଶ୍ରେଣୀରେ ଜୀବନର ଅଭାବ ରହିଛି । ସେମାନେ ଭାରି ନୀରସ ବ୍ୟକ୍ତି । ସମଗ୍ର ଶ୍ରେଣୀଟା ସୁପ୍ତ ଥିବା ପରି ମନେହେଉଛି । ସେମାନଙ୍କର କାର୍ଯ୍ୟରେ ଜୀବନର ସଞ୍ଚାର କିପରି କରାଯାଇ ପାରିବ ?*

'oaob.nitrkl.ac.in' images reprocessed

*ପ୍ଲେ ଗ୍ରାଉଣ୍ଡ୍ରର କାର୍ଯ୍ୟକ୍ରମଗୁଡ଼ିକରେ ପ୍ରତିଯୋଗିତା ଓ ପୁରସ୍କାରର ବ୍ୟବସ୍ଥା ରହିଛି । ଶିକ୍ଷାକେନ୍ଦ୍ରରେ କ'ଣ ସେଗୁଡ଼ିକୁ ଉଠାଇ ଦିଆ ଯାଇଛି କି ?*

ପୁରସ୍କାରଗୁଡ଼ିକ ସାଧାରଣତଃ ଜୀବନର ଏକ ନିମ୍ନ ମାନରହିଁ ସୂଚନା ଦେଇଥାଏ – ମାତ୍ର, ଯଦି ଆମେ ତଥାପି ସେହି ମାନରେ ରହିଥିବା...

ଯଦି ଆବଶ୍ୟକ ମନେକରୁଛ, ତେବେ ଏହା କରିପାର ।

*୨୯ ମଇ ୧୯୬୮*

*ମାଆ,*

*ନିଜର ବ୍ୟକ୍ତିଗତ ଅସୁବିଧାଗୁଡ଼ିକ ବିଷୟରେ ଲୋକମାନେ ମୋ'ପାଖକୁ ଆସିବାବେଳେ ମୁଁ ଖୁବ୍ କ୍ଳାନ୍ତ ହୋଇପଡ଼େ । ସେମାନେ ଚାଲିଯିବା ପରେହିଁ ମୁଁ ସେହି କ୍ଳାନ୍ତିଟିକୁ ଅନୁଭବ କରେ । ସେତେବେଳେ ଆପଣଙ୍କୁ ଆବାହନ କରେ ଓ ପାଞ୍ଚ ଦଶ ମିନିଟ୍‌ରେ କ୍ଳାନ୍ତିଭିତରୁ ମୁକ୍ତ ହୋଇଯାଏ । କାଲି ବହୁ ଦିନପରେ 'କ' ମୋ'ପାଖକୁ ଆସିଥିଲେ ଏବଂ ନିଜର ସବୁକିଛି ପାରିବାରିକ ପ୍ରସଙ୍ଗଗୁଡ଼ାକୁ ବର୍ଣ୍ଣନା କରି କହିଥିଲେ । ମୁଁ ପ୍ରାଣପୂର୍ଣ୍ଣ ହୋଇ ରହିଥିଲି; ମାତ୍ର ସେ ଚାଲିଯିବା ପରେ ମୁଁ ଗୋଟାସୁଦ୍ଧା କ୍ଳାନ୍ତ ହୋଇ ପଡ଼ିଲି । ମୋ'ର ସମୁଦାୟ ଶରୀରଟି ଅତି ଶୋଚନୀୟ ଭାବରେ କ୍ଳାନ୍ତ ହୋଇ ପଡ଼ିଥିଲା ଏବଂ ଇତିମଧ୍ୟରେ ୨୪ ଘଣ୍ଟା ଚାଲି ଯାଇଥିଲେ ମଧ୍ୟ ମୁଁ ସେଥିରୁ ମୁକ୍ତ ହୋଇ ପାରି ନାହିଁ ।*

ହଁ – ଏପରି ହୁଏ, କାରଣ ସେ ନିଜେ କିଛି ନ ଦେଇ, କେବଳ ନେବାରେ ଲାଗିଥା'ନ୍ତି । ମାତ୍ର, ମୋତେ ଆବାହନ କରୁଥିବାବେଳେ କିଞ୍ଚିତ୍ ପରିମାଣରେ ସଂକେନ୍ଦ୍ରିତ ହୋଇ ରହିବ ଏବଂ ତେବେ ସବୁ କ୍ଳାନ୍ତି ଦୂର ହୋଇଯିବ ।...

ସ୍ନେହ ଓ ଅନେକ ଆଶୀର୍ବାଦ ।

*୨୭ ଜୁନ୍ ୧୯୬୮*

*ମାଆ,*

*ଆପଣ ମୋତେ କହିଥିଲେ ଯେ, ଯେତେବେଳେ ମୋ'ର ଆବଶ୍ୟକ ହେବ, ସେତେବେଳେ ଆପଣଙ୍କର ଅନ୍ତର୍ଗତ ମାର୍ଗଦର୍ଶନ ମୋତେ ଅବଶ୍ୟ ପ୍ରାପ୍ତ ହେଉଥିବ । ତାହା ପ୍ରାପ୍ତ ହେଉଛି ସତ, ମାତ୍ର ମୁଁ ଅଧିକାଂଶ ସମୟରେ ତାହାକୁ*

'oaob.nitrkl.ac.in' images reprocessed

*ଅଲଗା କରି ଚିହ୍ନିପାରୁ ନାହିଁ ଏବଂ ତାହାକୁ ମୋ' ନିଜର ମତ ବୋଲି ଭ୍ରମ କରି ପକାଉଛି ଏବଂ ତେଣୁ ତାହାଉପରେ କୌଣସି ଜୋର୍ ଦେଉ ନାହିଁ । କେବଳ ଫଳରୁ ଜଣାପଡୁଛି ଯେ ମୁଁ ଗୋଟିଏ ଭୁଲ୍ କରି ପକାଇଥିଲି ।*

ଠିକ୍ ଏହିପରି ଭାବରେହିଁ ଭେଦଟିକୁ ଜାଣିବାର ଉପାୟକୁ ଶିକ୍ଷା କରାଯାଏ ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୫ ମାର୍ଚ୍ଚ ୧୯୬୯*

*ମାଆ,*

*ବହୁସଂଖ୍ୟକ ଆହାରକାରୀଙ୍କର କହିବା ଅନୁସାରେ ଭୋଜନଶାଳାରେ ତରକାରୀରେ ଅନେକ ଉନ୍ନତି ହୋଇଛି । କ୍ଷୀରର ପରିମାଣ ମଧ୍ୟ ବଢ଼ିଛି । ତଥାପି, ପ୍ରତ୍ୟେକ ଦିନେ ଛାଡ଼ି ଦିନେ ମୋ' ପାଖକୁ ପରିବା, ତେଲ, ମସଲାଦି ଓ ଅଧିକ କ୍ଷୀରପାଇଁ ଦାବୀ ଆସୁଛି । ଏହି ଦାବୀଗୁଡ଼ିକୁ ସବେଅବା ନିୟମତଃ ଏକ ଅଧିକାର ପରି କରାଯାଉଛି । ଏହି ଦାବୀଗୁଡ଼ିକର କିପରି ସମ୍ମୁଖୀନ ହୋଇ ହେବ ? ଯେତେବେଳେ ମୋ' ପାଖରେ ଫଳ ରହିଥାଏ, ସେତେବେଳେ ମୁଁ ତାହାକୁ ମୁକ୍ତ ହସ୍ତରେ ଦେଇଦିଏ ।*

ଅଧିକାଂଶ ବ୍ୟକ୍ତିଙ୍କୁ କେବଳ **ଲୋଭାସକ୍ତ** ବୋଲି କୁହାଯିବ ଏବଂ ସେମାନଙ୍କର କଥା ଆଦୌ ବିଚାର କରାଯିବ ନାହିଁ । କେବଳ, ଯଦି ସ୍ୱାସ୍ଥ୍ୟହିଁ କାରଣ ହୋଇଥିବ, ତେବେ ସେମାନଙ୍କ କଥା ବିଚାର କରାଯାଇ ପାରିବ ଏବଂ ତୁମେ କିଞ୍ଚିତ୍ ଉଦାର ହୋଇପାରିବ ।

ଅନେକ ଆଶୀର୍ବାଦ ।

*୧୬ ମଇ ୧୯୬୯*

*(''ଦିବ୍ୟ ଜୀବନ'' ଗ୍ରନ୍ଥର ଏକ ହିନ୍ଦୀ ଅନୁବାଦ ବିଷୟରେ)*

ଏଠାରୁ ଯାହା ବାହାରିବ, ତାହା ଏକ ଉତ୍ତମ ଅନୁବାଦ ହୋଇଥିବା ଉଚିତ, ତା' ନ ହେଲେ ଏହା ଅସମ୍ଭବ । ଏଠାରେ ବ୍ୟକ୍ତିମାନଙ୍କର ବା ସେମାନେ କ'ଣ ଭାବୁଛନ୍ତି, ତାହାର କୌଣସି ପ୍ରଶ୍ନ ଉଠୁ ନାହିଁ । ମୋଟ କଥା ହେଉଛି ଯେ କାର୍ଯ୍ୟଟିକୁ ଯଥାର୍ଥ ଭାବରେ କରାଯିବ ।

*୧୭ ଜୁନ୍ ୧୯୬୯*

'oaob.nitrkl.ac.in' images reprocessed

*ମାଆ,*

*'ମାଉଣ୍ଟେନ୍ ପାରାଡାଇଜ'ରୁ ଆସୁଥିବା ବାକ୍ସ, ବାକ୍ସ ଶେଷ ମଝିରେ କେଉଁଠି ଅଟିକି ରହିଛି ।*

*କ୍ଷୀରର ପରିମାଣ ଅନେକ ପରିମାଣରେ କମିଯାଇଛି । ବର୍ତ୍ତମାନ କିଛି ଦିନଲାଗି ସେଇ ଅବସ୍ଥାରେ ଆଦୌ କୌଣସି ଉନ୍ନତି ହୋଇ ନ ପାରେ, କାରଣ ଆମର ଅନେକ ଗାଈ ମରି ଯାଇଛନ୍ତି । ବର୍ଷା କମ୍ ହୋଇଥିବାରୁ ପରିବା ମଧ୍ୟ ଉଚିତ ପରିମାଣରେ ମିଳୁ ନାହିଁ । ଏବଂ ତଥାପି, ଆମକୁ ଦେବାବେଳେ କୃପଣ ନ ହେବାକୁ କୁହାଯାଉଛି ।*

ତେଣୁ ଆମକୁ ବିଶ୍ୱାସର ସହିତ ସହ୍ୟ କରିବାକୁ ହେବ ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୧୨ ଅଗଷ୍ଟ ୧୯୬୯*

*ମାଆ,*

*ଶ୍ରୀଅରବିନ୍ଦଙ୍କର ଜୀବନ ବିଷୟରେ ମୋତେ ଗୋଟିଏ ସାନ ବହି ଲେଖିବାକୁ କୁହା ଯାଇଥିଲା । ଏଥିପାଇଁ ଭାରତ ସରକାର ମୋତେ ହଜାରେ ଟଙ୍କା ଦେଇଥା'ନ୍ତେ । ମୁଁ ପାଣ୍ଡୁଲିପି ପ୍ରସ୍ତୁତ କରି ପଠାଇଲି । ସେମାନେ ସେଥିରେ ଅନେକ ପରିବର୍ତ୍ତନର ପ୍ରସ୍ତାବ ଦେଇଛନ୍ତି : କ୍ରିପ୍‌ସ ପ୍ରସ୍ତାବଗୁଡ଼ିକ ଉପରେ ଶ୍ରୀଅରବିନ୍ଦଙ୍କର ବାର୍ତ୍ତାର କୌଣସି ଉଲ୍ଲେଖ ସେଥିରେ ରହିବ ନାହିଁ । (ଚୀନ୍‌ର ଆକ୍ରମଣ, କୋରିଆ ପ୍ରଭୃତି ବିଷୟରେ ତାଙ୍କର ଉକ୍ତିଗୁଡ଼ିକୁ ଅନୁମତି ଦିଆଯାଇଛି ।) ବ୍ରହ୍ମଚର୍ଯ୍ୟ ବିଷୟରେ କିଛି କୁହା ଯିବ ନାହିଁ । ଏପରି କୌଣସି ବିଷୟକୁ ଉଲ୍ଲେଖ କରା ଯିବ ନାହିଁ, ଯାହାର ପ୍ରମାଣ ଯୋଗାଇ ଦେଇହେବ ନାହିଁ । ମୁଁ ସେମାନଙ୍କୁ ମୋ'ର ଏ ବହିଟିକୁ ଦେବାକୁ ମନା କରିଦେଇଛି । କେବଳ ଆପଣଙ୍କର ଅବଗତି ନିମନ୍ତେ ।**

ମାତ୍ର, ସେମାନେ ଏପରି ଜଣେ ବ୍ୟକ୍ତିଙ୍କୁ ଏକ ପୁସ୍ତକ ଲେଖି ଦେବାପାଇଁ କହିବେ, ଯିଏକି ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧରେ କିଛି ହେଲେ ଜାଣି ନ ଥିବେ ଓ ଯିଏ ଅନେକ ନିରର୍ଥକ କଥା କହି ପାରୁଥିବେ ।...

---

* ଭାରତ ସରକାର ପରେ ଏହି ଶିଷ୍ୟଙ୍କର ବହିଟିକୁ ଗ୍ରହଣ କରିଥିଲେ ଏବଂ ବିନା ସଂଶୋଧନରେ ତାହାକୁ ପ୍ରକାଶ କରିଥିଲେ ॥

'oaob.nitrkl.ac.in' images reprocessed

ତେବେ, କ'ଣ କରାଯିବ ?...

*୫ ସେପ୍‌ଟେମ୍ବର ୧୯୬୯*

*ମାଆ,*

*ଗତ କେତେବର୍ଷ ମଧ୍ୟରେ ''ପୁରୋଧା''ରେ ପ୍ରକାଶିତ ବିଜ୍ଞାପନଗୁଡ଼ିକ ବାବଦରେ ମୁଁ ୧୦,୦୦୦ଟଙ୍କା ପାଇବି ବୋଲି ଆଶା କରୁଛି । ଏହାର ପ୍ରଥମ କିସ୍ତୀରୂପେ ୫୦୦ଟଙ୍କା ଆସି ପହଞ୍ଚି ଗଲାଣି । ତାହା ଆପଣଙ୍କ ପାଖକୁ ଯିବାପାଇଁ ଇଚ୍ଛା କରୁଛି ।*

*ଏହି ପଇସାକୁ କାମରେ ଲଗାଇବା ବିଷୟରେ ମୋ'ର ଦୁଇଟି ବିଚାର ରହିଛି : (୧) ଏହାକୁ ଜମା ରଖାଯିବ ଏବଂ ଏହାର ସୁଧରେ ବିଦ୍ୟାଳୟ ଓ ପାଠାଗାରମାନଙ୍କୁ ବିନା ପଇସାରେ ''ପୁରୋଧା'' ପଠାଯିବ । (୨) ଭବିଷ୍ୟତ୍ ବିଷୟରେ ଆଦୌ କୌଣସି ଚିନ୍ତା କରା ଯିବ ନାହିଁ ଏବଂ ସମସ୍ତ ପରିମାଣଟିକୁ ଶତବାର୍ଷିକୀ ଯାଏ ପତ୍ରିକାଟିର ପ୍ରଚାରରେ ବ୍ୟବହାର କରାଯିବ ଯେପରିକି ଆପଣଙ୍କର ସନ୍ଦେଶ ସେହି ଖର୍ଚ୍ଚରେ ଯଥାସମ୍ଭବ ଅଧିକସଂଖ୍ୟକ ଲୋକଙ୍କ ପାଖରେ ଯାଇ ପହଞ୍ଚି ପାରିବ । ମୁଁ ନିଷ୍ପତ୍ତି ନେବାକୁ ଅକ୍ଷମ । ଦୟା କରି ପରାମର୍ଶ ଦିଅନ୍ତୁ ।*

ପଇସାରୁ ସୁଧ ପାଇବାର ସପକ୍ଷରେ ମୁଁ ନୁହେଁ । ତେଣୁ, ତୁମେ ଯେପରି ସର୍ବୋତ୍ତମ ବୋଲି ବିଚାର କରିବ, ଏହାକୁ ସେହି ଅନୁସାରେ ଅନ୍ୟ ଏକ କାର୍ଯ୍ୟରେ ଲଗାଇବ ।

ଅନେକ ଆଶୀର୍ବାଦ ।

*୫ ସେପ୍‌ଟେମ୍ବର ୧୯୬୯*

*ମାଆ,*

*ମୁଁ ଗୋଟିଏ ଅଡୁଆରେ ପଡ଼ିଯାଇଛି । ୧୨୫ଟଙ୍କା ଦେଲେ ଜଣେ ବ୍ୟକ୍ତି ''ପୁରୋଧା''ର ଆଜୀବନ ସଭ୍ୟ ହୋଇପାରେ । ସେହି ଅର୍ଥକୁ 'ଖ'ଙ୍କ ପାଖରେ ତାଙ୍କ ବ୍ୟବସାୟରେ ଜମା ରଖାଯାଏ ଓ ସେ ଆମକୁ ସୁଧ ହିସାବରେ ବର୍ଷକୁ ୧୪ଟଙ୍କା ଦିଅନ୍ତି । ଆପଣ ତ ଟଙ୍କା ଜମା କରି ସୁଧ ପାଇବାର ପକ୍ଷରେ ନୁହଁନ୍ତି, ତେବେ ମୁଁ ଏହି କ୍ଷେତ୍ରରେ କ'ଣ କରିବି ? ଆମର ପ୍ରାୟ ୪୦ ଜଣ ଆଜୀବନ ସଭ୍ୟ ଅଛନ୍ତି ଏବଂ ଏବେ ଆମକୁ ଅଧିକ ସଭ୍ୟ ମିଳୁଛନ୍ତି । ପୁନଶ୍ଚ, ''ପୁରୋଧା''ର ମଧ୍ୟ ବ୍ୟାଙ୍କ୍‌ରେ କିଛି ଟଙ୍କା ଜମା ଅଛି, ଯେଉଁଥିରୁ କି ଆମକୁ ସୁଧ ମିଳୁଛି । ଦୟାକରି ପଥ ପ୍ରଦର୍ଶନ କରନ୍ତୁ ।*

'oaob.nitrkl.ac.in' images reprocessed

ମୁଁ ତ ଆଗାମୀ କାଲିର ପୃଥିବୀକୁ ଦେଖିବାରେ ଲାଗିଛି, ମାତ୍ର ଗତ କାଲିର ପୃଥିବୀଟି ତଥାପି ଜୀବିତ ରହିଛି ଏବଂ ଆହୁରି କିଛି ସମୟଲାଗି ଅବଶ୍ୟ ଜୀବିତ ରହିବ । ପୁରାତନ ବ୍ୟବସ୍ଥାଗୁଡ଼ିକ ଜୀବିତ ରହିଥିବା ପର୍ଯ୍ୟନ୍ତହିଁ ସେହିପରି ଚାଲିଥାଉ ।

ପୃଥିବୀପୃଷ୍ଠରେ ପରିବର୍ତ୍ତନଗୁଡ଼ିକ ଧୀରଗତିରେ ଆସେ ।

ବ୍ୟସ୍ତ ହୁଅ ନାହିଁ – ଏବଂ ଭବିଷ୍ୟତ୍ ନିମନ୍ତେ ଆଶା ରଖ ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୬ ସେପ୍ଟେମ୍ବର ୧୯୬୯*

*ମାଆ,*

*ଏବର୍ଷ ଶିକ୍ଷାକେନ୍ଦ୍ରରେ ମୋ'ର କାର୍ଯ୍ୟ ବିଷୟରେ ମୁଁ ପ୍ରକୃତରେ ଭାରି ନିରାଶ ହୋଇଛି । ପିଲାମାନଙ୍କ ତରଫରୁ ଯେପରି ପ୍ରଥମେ ନେତୃତ୍ୱ ଆସିବ, ମୁଁ ସେଥିଲାଗି ଚେଷ୍ଟା କରି ଆସିଛି । ଆମେ କ'ଣସବୁ କରିପାରନ୍ତେ ଓ ତାହାକୁ କିପରି କରିପାରନ୍ତେ, ସେହି ବିଷୟରେ ମୁଁ ସେମାନଙ୍କ ଆଗରେ କେତେ ଡଜନ୍ ପ୍ରସ୍ତାବ ନେଇ ରଖୁଛି । ମାତ୍ର, ସେଗୁଡ଼ିକର କୌଣସି ଅନୁସ୍ପନ୍ଦନ ମିଳୁ ନାହିଁ, ସେମାନଙ୍କ ତରଫରୁ ପ୍ରଥମେ କିଛି ଆସୁ ନାହିଁ, କୌଣସି ପ୍ରସ୍ତାବ ଆସୁ ନାହିଁ – ସତେ ଯେପରି ମୁଁ ଗୋଟାଏ କାନ୍ଥ ଆଗରେ କଥା କହିବାରେ ଲାଗିଛି । ତଥାପି, ଛାତ୍ରମାନେ ଭଲ, ବନ୍ଧୁତାସମ୍ପନ୍ନ ଏବଂ ବୁଦ୍ଧିମାନ୍ । ମୋ' ଭିତରେ ନିଶ୍ଚୟ ଏପରି କିଛିର ଅଭାବ ରହିଛି, ଯାହାଫଳରେ କି ପାରୁପର୍ଯ୍ୟନ୍ତ ଚେଷ୍ଟା କରି ମଧ୍ୟ ମୁଁ କୌଣସି ଅନୁସ୍ପନ୍ଦନ ପାଉ ନାହିଁ । ଶ୍ରେଣୀଟିକୁ ଛାଡ଼ିଦେବାକୁ ଇଚ୍ଛା ହେଉଛି । ମୋ' ଜୀବନରେ ପ୍ରଥମ ଥର ପାଇଁ ଏପରି ଅନୁଭୂତି ହେଲା । କାଲି ତ ମୁଁ ପ୍ରାୟ ଏହି କଥାଟିକୁ କହିଦେବାକୁ ବସିଥିଲି ଯେ ମୁଁ ଆଉ ସେମାନଙ୍କ ଶ୍ରେଣୀକୁ ଆସିବି ନାହିଁ । ମାତ୍ର, ଭିତରେ ମୋତେ ଆଉକିଛି ସେଥିରୁ କ୍ଷାନ୍ତ କରି ରଖିନେଲା । ଏହି ଶ୍ରେଣୀଟିରେ ମଧ୍ୟ, ଯଦି ମୁଁ ନିଜର ଇଚ୍ଛାକୁ ନେଇ ଲଦି ଦେଉଛି, ତେବେ ମୋତେ ଉତ୍ତମ ଅନୁସ୍ପନ୍ଦନ ମିଳିଯାଉଛି ।*

ତୁମେ ନିଜ ଇଚ୍ଛାକୁ କାହିଁକି ଲଦିବ ନାହିଁ ? ସେମାନଙ୍କର ଇଚ୍ଛାଠାରୁ ତୁମର ଇଚ୍ଛା ନିଶ୍ଚୟ ଅଧିକ ସନ୍ଦୀପନଯୁକ୍ତ ଏବଂ ତେଣୁ ତାହାର ସେମାନଙ୍କୁ ପରିଚାଳିତ କରିନେବାକୁ ଅବଶ୍ୟ ଅଧିକାର ରହିଛି ।

ଅବଶ୍ୟ, ତୁମେ ଶ୍ରେଣୀଟିକୁ ଛାଡ଼ିଦେବାର କୌଣସି ପ୍ରଶ୍ନହିଁ ଉଠୁ ନାହିଁ – ମାତ୍ର,

'oaob.nitrkl.ac.in' images reprocessed

ତୁମେ ନିଜର ଇଚ୍ଛାଶକ୍ତିକୁ କାମରେ ଲଗାଅ ଏବଂ ଶ୍ରେଣୀଟିକୁ ଅଗ୍ରସର କରାଅ ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୬ ସେପ୍ଟେମ୍ବର ୧୯୬୯*

*ମାଆ,*

*୧୯୧୯ ମସିହାରେ ଶ୍ରୀଅରବିନ୍ଦ ଲେଖିଥିଲେ ଯେ, ଏହିସବୁ ନାନା ଅରାଜକତା ଏବଂ ବିପର୍ଯ୍ୟୟ ହେଉଛି ଏକ ନୂତନ ସୃଷ୍ଟିର ଜନ୍ମଲାଭ କରୁଥିବା ଜନିତ ଯନ୍ତ୍ରଣାମାତ୍ର । ଏସବୁ ଯନ୍ତ୍ରଣା ଆଉ କେତେକାଳ ଯାଏ ଲାଗି ରହିଥିବ – ଆଶ୍ରମରେ, ଭାରତବର୍ଷରେ ତଥା ଆଖର ପୃଥିବୀରେ ଲାଗି ରହିଥିବ ?*

ପୃଥିବୀ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ଓ ନୂତନ ସୃଷ୍ଟିଟିକୁ ଗ୍ରହଣ କରିବାଲାଗି ଇଚ୍ଛୁକ ହେବା ପର୍ଯ୍ୟନ୍ତ ଏହା ଲାଗି ରହିବ । ଏହି ବର୍ଷର ଆରମ୍ଭରୁ ଏହି ନୂତନ ସୃଷ୍ଟିର ଚେତନାଟି ପୃଥିବୀପୃଷ୍ଠରେ କାର୍ଯ୍ୟ କରିବାକୁ ଆରମ୍ଭ କରି ଦେଲାଣି ।

ଯଦି ଲୋକମାନେ ତାହାକୁ ପ୍ରତିରୋଧ ନ କରି ତାହା ସହିତ ସହଯୋଗ କରନ୍ତେ, ତେବେ ଏହା ଅଧିକ ତ୍ୱରାର ସହିତ ସମ୍ଭବ ହୋଇ ଯାଆନ୍ତା ।

ମାତ୍ର ନିର୍ବୋଧତା ଓ ଅଜ୍ଞାନ – ଅତ୍ୟନ୍ତ ଅନମନୀୟ ହୋଇ ରହିଛି ।

ସ୍ନେହ ଓ ଅନେକ ଆଶୀର୍ବାଦ ।

*୨୯ ସେପ୍ଟେମ୍ବର ୧୯୬୯*

*ମାଆ,*

*'କ', 'ଖ' ଏବଂ 'ଗ' ଅରୋଷ୍ଟୀଲ୍ ନାମରେ ଏକ ଫ୍ୟାକ୍ଟରି ତିଆରି କରିବାର ଏହି ପ୍ରକଳ୍ପରେ ପରସ୍ପରର ସହ-ଅଂଶୀଦାର ହୋଇ ରହିବେ । ସେମାନେ ଏଥିରେ ବିଭିନ୍ନ ପରିମାଣର ଅର୍ଥ ଲଗାଇବେ । ଏଥିରୁ ଯେଉଁ ଲାଭ ମିଳିବ, ତାହା ବିତରଣ କିପରି ହେବ ? ସେମାନେ ଲଗାଇଥିବା ଅର୍ଥର ଅନୁପାତରେ ନା ଆଉ କୌଣସି ପ୍ରକାରେ ? 'କ' ସବୁଠାରୁ ଅଧିକ ପୁଞ୍ଜି ଲଗାଇବେ । ସମସ୍ତେ କହିଲେ ଯେ ଏଥିପାଇଁ ଦୁଇଲକ୍ଷ ଟଙ୍କା ଦରକାର ହେବ ।*

ସେମାନେ ଏହି କଥାଟିକୁ ଜାଣିଥିବା ପରି ବୋଧ ହେଉ ନାହିଁ ଯେ ଅରୋଭିଲ୍‌ରେ ସବୁ ଖର୍ଚ୍ଚର ଭରଣା ସେମାନଙ୍କର ନିଜର ଭରଣପୋଷଣ ସମେତ ହୋଇଯିବା ପରେ, ବାକୀ

'oaob.nitrkl.ac.in' images reprocessed

ଯାହା ଲାଭ ବଳିବ, ତାହା ନଗରୀଟିର ପାଣ୍ଠିକୁ ଯିବ ।

ଅନେକ ଆଶୀର୍ବାଦ ।

*୧୬ ଅକ୍ଟୋବର ୧୯୬୯*

*ମାଆ,*

*"ପୁରୋଧା" ବିଷୟରେ ମୁଁ ଆଦୌ ଖୁବ୍‌ବେଶୀ ସନ୍ତୁଷ୍ଟ ନୁହେଁ । ଏହା ତଥାପି ଅତିରିକ୍ତ ପରିମାଣରେ ଅତୀତକୁ ଆଧାର କରି ରହିଛି ଏବଂ ଭବିଷ୍ୟତ୍ ମଧ୍ୟକୁ ଆପଣାର ପଥଟିକୁ ଦେଖି ପାରୁ ନାହିଁ ।*

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଭବିଷ୍ୟତ୍ ଅତୀତ ଅପେକ୍ଷା ଅଧିକ ଭଲ ହେବ । ଆମକୁ କେବଳ ଆଗକୁ ଓ ଆହୁରି ଅଧିକ ଆଗକୁ ଯିବାକୁହିଁ ପଡ଼ିବ ।

ସ୍ନେହ ଓ ଅନେକ ଆଶୀର୍ବାଦ ।

*୧୭ ଜାନୁଆରି ୧୯୭୦*

*ମାଆ,*

*ଖବରକାଗଜ ପଢ଼ିବା ବିଷୟରେ ଆପଣଙ୍କର ମନ୍ତବ୍ୟଟିକୁ* କାଲି ମୋତେ ଦେଖାଇ ଦିଆ ଯାଇଥିଲା । ବର୍ତ୍ତମାନ ଆପଣ ବ୍ୟକ୍ତିଗତ ଭାବରେ ମୋ' ସକାଶେ କହନ୍ତୁ । ମୁଁ ତେରବର୍ଷ ବୟସରୁ ନିୟମିତ ଭାବରେ ଖବରକାଗଜ ପଢ଼ି ଆସୁଛି । ମୋତେ ସେଗୁଡ଼ିକ ପଢ଼ିବା ବନ୍ଦ କରିଦେବାକୁ ହେବ ବୋଲି କହିଲେ ମୁଁ ନିଶ୍ଚୟ ବନ୍ଦ କରିଦେଇ ପାରିବି ।*

ବନ୍ଦ କରିବା ଦରକାର ହେବ ନାହିଁ । ତୁମ ନିଜର ଏକ ବିବେକ ଅବଶ୍ୟ ରହିଥିବ ।

*୪ ଫେବ୍ରୁଆରି ୧୯୭୦*

---

* "ପୃଥିବୀରେ ପ୍ରକୃତରେ କ'ଣସବୁ ଘଟୁଛି ବୋଲି ଯଦି ତୁମେ ଜାଣିବାକୁ ଇଚ୍ଛା କରୁଥିବ, ତେବେ ତୁମର ଆଦୌ କୌଣସି ପ୍ରକାରର ଖବରକାଗଜ ପଢ଼ିବା ଉଚିତ ହେବ ନାହିଁ, କାରଣ ସେଗୁଡ଼ିକ ମିଥ୍ୟାରେ ପୂର୍ଣ୍ଣ ହୋଇ ରହିଥା'ନ୍ତି ।

"ଖବରକାଗଜ ପଢ଼ିବାର ଅର୍ଥ ହେଉଛି ବୃହତ୍ତମ ସାମୂହିକ ମିଥ୍ୟାଗୁଡ଼ିକରେ ଅଂଶଗ୍ରହଣ କରିବା ।"

'oaob.nitrkl.ac.in' images reprocessed

*ମାଆ,*

*ଏହି କଥାଟି ମୋ' ମନ ଦ୍ୱାରା ଫନ୍ଦା ହୋଇଥିବା ଗୋଟିଏ କଥା ବୋଲି ଭାବିବାକୁ ଆରମ୍ଭ କରିବା ପୂର୍ବରୁ ମୁଁ ଆପଣଙ୍କୁ କହିବାକୁ ଇଚ୍ଛାକରୁଛି ଯେ, ଦର୍ଶନର ଠିକ୍ ପୂର୍ବରୁ ମୋ' ପିଚାର ଏକ ଅତି ଅସଜ ସ୍ଥାନରେ ପିଙ୍ଗ୍‌ପଙ୍ଗ୍ ବଲ୍ ଆକୃତିର ଗୋଟାଏ ବଥ ହୋଇଥିଲା । ଚଲାବୁଲା କରିବା ଅତ୍ୟନ୍ତ କଷ୍ଟକର ହୋଇଥିଲା । ଶୋଇବାକୁ ଯିବା ପୂର୍ବରୁ ମୁଁ ଆପଣଙ୍କୁ କହିଥିଲି, "ଏପରି ମୋତେ ଚଳିବ ନାହିଁ । ଏହି ବଥଟା ଏହିପରି ରହିଥିଲେ ମୋତେ ଦର୍ଶନର ସାରା ସପ୍ତାହ ବିଛଣାରେ ରହିବାକୁ ପଡ଼ିବ ।" ଏହା ସମ୍ଭବ କି ସମ୍ଭବ ନୁହେଁ ମୁଁ ଜାଣି ନାହିଁ, ମାତ୍ର ସକାଳ ବେଳକୁ ବଥଟା ସେହି ଅସଜ ଜାଗାରୁ ପ୍ରାୟ ତିନିଇଞ୍ଚ ଘୁଞ୍ଚି ଯାଇଥିଲା ଏବଂ ମୁଁ ମୁକ୍ତ ଭାବରେ ଚଲାବୁଲା କରିପାରିଲି । ଦିନେ, ଦୁଇ ଦିନରେ ତାହା ଫାଟି ଯାଇଥିଲା ଏବଂ ବର୍ତ୍ତମାନ ସମ୍ପୂର୍ଣ୍ଣ ଶୁଖିଗଲାଣି । ବଥଟା ପ୍ରକୃତରେ ଏପରି ଭାବରେ ଘୁଞ୍ଚିଯାଇ ପାରିଲା କି ନାହିଁ, ମୁଁ ସେବିଷୟରେ ଏବେ ମଧ୍ୟ ବିସ୍ମିତ ହେଉଛି ।*

ସବୁକିଛି ଅବଶ୍ୟ ଘଟିପାରେ । କେବଳ ଆମର "ତର୍କପ୍ରବଣ" ମନଗୁଡ଼ିକହିଁ ବାଧାଗୁଡ଼ିକୁ ଆଣି ଛିଡ଼ା କରିଥା'ନ୍ତି । ତୁମ ଶରୀରକୁ ମୁଁ ତାହାର ଗ୍ରହଣଶୀଳତା ପାଇଁ ଅବଶ୍ୟ ଅଭିନନ୍ଦନ ଜଣାଉଛି ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୨୫ ଫେବ୍ରୁଆରି ୧୯୭୦*

*ମାଆ,*

*ଏଠାକୁ ଆସିବା ପୂର୍ବରୁ ଜର୍ମାନ୍‌ଭାଷା ଶିଖିବା ନିମନ୍ତେ ମୁଁ ଅତ୍ୟନ୍ତ ଉତ୍ସୁକ ଥିଲି, ମାତ୍ର ମୋତେ ସେଥିଲାଗି ସୁଯୋଗ ମିଳି ନ ଥିଲା । ବର୍ତ୍ତମାନ ଏକ ସୁଯୋଗ ମୋ' ଦୁଆର ପାଖରେ ଆସି ଖଡ଼ଖଡ଼ କରୁଛି । ମାତ୍ର ମୋ'ର ଉତ୍ସାହ ହେଉ ନାହିଁ । ଯଦି ମୋ' ପାଇଁ ତାହା ଉପଯୋଗୀ ହୁଏ, ତେବେ ମୁଁ ଶିଖିବି; ନ ହେଲେ ଶିଖିବି ନାହିଁ । କ'ଣ କରିବାକୁ ହେବ କହନ୍ତୁ ।*

ଯଦି ସୁଯୋଗଟିଏ ଆସିଲା, ତେବେ ତାହାର ଅର୍ଥ ହେଉଛି ଯେ ତାହା ଉପଯୋଗୀ ହୋଇ ପାରିବ ।

ସ୍ନେହ ଓ ଅନେକ ଆଶୀର୍ବାଦ । *୨୩ ମାର୍ଚ୍ଚ ୧୯୭୦*

'oaob.nitrkl.ac.in' images reprocessed

*ମାଆ,*

*ସାଧାରଣ ଜୀବନରୁ ବାହାରି ଆସିବାକୁ ଉତ୍ସୁକ ହେଉଥିବା ଜଣେ କଲେଜଛାତ୍ର ମୋ' ପାଖକୁ ଅନେକ ଥର ଚିଠି ଲେଖିଲେଣି । ସେ ମନ ଖୋଲାକରି ସବୁ ଲେଖୁଛନ୍ତି । ସେ କହନ୍ତି ଯେ, ଆପଣଙ୍କର ଫଟୋ ଉପରେ ନିଜକୁ ଅଭିନିବେଶିତ କରି ସେ ଧ୍ୟାନରେ ବସିବାକୁ ଚେଷ୍ଟା କରୁଛନ୍ତି, ମାତ୍ର ଏବେ ସେ ଆପଣଙ୍କ ଲାଗି ଅତି ପ୍ରବଳ ବାଳକ-ବାଳିକା-ସଦୃଶ ଆକର୍ଷଣ ଅନୁଭବ କରୁଛନ୍ତି । ସେ ମୋର ପରାମର୍ଶ ମାଗିଛନ୍ତି ।*

ଏପରି ହୋଇପାରେ ଯେ ସେହି ଫଟୋ ହେଉଛି ଏକ ପ୍ରାଚୀନ ଫଟୋ । ତାଙ୍କୁ ଅଦ୍ୟତମ କାଳର ଗୋଟିଏ ଫଟୋ ବ୍ୟବହାର କରିବାକୁ ହେବ ।

ତା' ନ ହେଲେ, ତାଙ୍କୁ ସେହି ଅବବୋଧଟିକୁ ଟାଣି ବାହାର କରି ନେଇ ହୃତ୍‌କେନ୍ଦ୍ରରେ ନିବେଦିତ କରିଦେବାକୁ ପଡ଼ିବ ।

ଅନେକ ଆଶୀର୍ବାଦ ।

*୨୧ ଏପ୍ରିଲ୍ ୧୯୭୦*

*ମାଆ,*

*ମୋ' ଭିତରେ ଗୋଟାଏ ଭୟ ଜାଗ୍ରତ ହେଉଛି । ପିଲାଦିନରୁ ଏଠାକୁ ଆସିବା ପର୍ଯ୍ୟନ୍ତ ଲୋକଙ୍କର ନେତା ହେବାପାଇଁ ମୋ'ର ଗୋଟିଏ ଉଚ୍ଚାକାଙ୍କ୍ଷା ରହିଥିଲା ଓ ମୁଁ ସେଥିଲାଗି ନିଜକୁ ପ୍ରସ୍ତୁତ କରିବାକୁ ଚେଷ୍ଟା ମଧ୍ୟ କରୁଥିଲି । ଏଠାକୁ ଆସିବା ପରେ ସେହି ଆକାଙ୍କ୍ଷା ସମ୍ପୂର୍ଣ୍ଣ ଧୋଇ ହୋଇଗଲା । ଏବେ ଦିନେ 'କ' ଓ 'ଖ' ମୋତେ ବାଧ୍ୟ କରି ସେମାନଙ୍କର ଯୁବ-ବୈଠକକୁ ନେଇ ଯାଇଥିଲେ ଏବଂ ମୋତେ କିଛି କହିବାକୁ ବି ବାଧ୍ୟ କଲେ । ମୁଁ ଭଲ କହିଲି ବୋଲି ସେମାନେ କହୁଛନ୍ତି ଓ ସେମାନେ ଠିକ୍ କରିଛନ୍ତି ଯେ, ଏଥର ଯେବେ ସେମାନଙ୍କର ଏଠି ଏକ ସମାବେଶ ହେବ, ସେଥିରେ ମୋତେ କହିବାକୁ ପଡ଼ିବ । ମୋ'ର ଭୟ ହେଉଛି ଯେ ଏପରି ହେଲେ ସେହି ପୁରାତନ ଉଚ୍ଚାକାଙ୍କ୍ଷାଟି ପୁନର୍ବାର ଏକ ନୂତନ ଆକାରରେ ଲେଉଟି ଆସିବ ଏବଂ ମୋ'ର ଅହଂକୁ ପୁଣି ଫୁଲାଇଦେବ । ଆପଣ ଦୟା କରି ମୋତେ ଆଉଜଣେ 'ଗ' ହେବାରୁ ରକ୍ଷା କରନ୍ତୁ ।*

'oaob.nitrkl.ac.in' images reprocessed

ତୁମପାଇଁ କୌଣସି ବିପଦ ଘଟିବ ନାହିଁ । ତୁମକୁ କେବଳ ମୋ'ରି ଭଳି ସ୍ମରଣ କରିବାକୁ ହେବ ଯେ, ଆମେ ଯେତେବେଳେ ସଙ୍ଗତିଯୁକ୍ତ ଭାବରେ କିଛି କହିବାକୁ ଚେଷ୍ଟାକରୁ, ସେତେବେଳେ ଶ୍ରୀଅରବିନ୍ଦହିଁ ସର୍ବଦା ସେହି କଥାଟିକୁ କହୁଥା'ନ୍ତି ।

ମୋ'ର ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୨ ଜୁନ୍ ୧୯୭୦*

*ମାଆ,*

*ଅଳ୍ପ କେତେ ସପ୍ତାହ ତଳେ ସେମାନେ ମୋତେ ଅରୋଭିଲ୍ ନେଇ ଯାଇଥିଲେ । ସେଠାରେ ଲୋକମାନଙ୍କୁ କାର୍ଯ୍ୟ କରୁଥିବାର ଦେଖି ମୋତେ ଭାରି ଆନନ୍ଦ ଲାଗିଲା । ଏଠାରେ ଯେଉଁ ଲୋକମାନେ ଥିଲେ, ସେମାନଙ୍କ ସମ୍ବନ୍ଧରେ ଆମେ ବହୁ ପ୍ରକାରର ଖରାପ ବିବରଣୀ ଶୁଣିବାକୁ ପାଉ । ସେମାନେ ନାନା କଠିନ ଶ୍ରମରେ ବ୍ୟସ୍ତ ହୋଇ ରହିଥିଲେ । ଆମ ଭିତରୁ ଅନେକେ ଏତେ ଶ୍ରମ କଦାପି କରି ପାରିବେ ନାହିଁ । ଆପଣତ ଜାଣନ୍ତି, ମୋତେ କାମ ଦେଖାଇ ସନ୍ତୁଷ୍ଟ କରିବା ଆଦୌ ସହଜ ନୁହେଁ, ମାତ୍ର ସେଠାରେ ମୋତେ ପ୍ରକୃତରେ ଭଲ ଲାଗିଲା ।*

ତୁମେ ଯାହା ଲେଖିଛ, ମୁଁ ସେଥିରେ ଅତ୍ୟନ୍ତ ଆନନ୍ଦିତ; ତୁମ ସହିତ ମୁଁ ସମ୍ପୂର୍ଣ୍ଣ ଏକମତ । ତେଣୁ, ସବୁକିଛି ଠିକ୍ ଭାବରେ ଚାଲିଛି ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୨୩ ଜୁନ୍ ୧୯୭୦*

*ମାଆ,*

*ସେମାନେ ଶ୍ରୀଅରବିନ୍ଦଙ୍କ କର୍ମଧାରାରେ ଯୋଗଦେବେ କି ନାହିଁ, ମୋ'ର କେତେଜଣ ନିଷ୍ଠାପର କର୍ମୀ ମୋତେ ତାହା ପଚାରୁଛନ୍ତି । ମୁଁ ସେମାନଙ୍କୁ କହିଛି ଯେ ସେମାନେ ହେଉଛନ୍ତି ଶ୍ରୀମାଆଙ୍କ କର୍ମଧାରାର ଗୋଟିଏ ଅଂଶ । ତେଣୁ ସେମାନଙ୍କର ଏଇଟିକୁ ଛାଡ଼ି ସେଇଟି ପଛରେ ଧାଇଁବା ଉଚିତ ହେବ ନାହିଁ ।*

ସମ୍ପୂର୍ଣ୍ଣଭାବେ ଠିକ୍ କଥା ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୨୫ ଜୁନ୍ ୧୯୭୦*

'oaob.nitrkl.ac.in' images reprocessed

*ମାଆ,*

*"ପୁରୋଧା"ର ଅର୍ଦ୍ଧାଂଶ ଆପଣ ତଥା ଶ୍ରୀଅରବିନ୍ଦଙ୍କର ଲେଖାର ଅନୁବାଦଗୁଡ଼ିକ ସକାଶେ ଉଦ୍ଦିଷ୍ଟ ହୋଇଥାଏ । ଅବଶିଷ୍ଟ ଅଂଶରେ ଅନ୍ୟାନ୍ୟ ବିଷୟ ଥାଏ; ଆପଣଙ୍କ ଶିକ୍ଷାଗୁଡ଼ିକର କେତେକ ବିଭାବ ଉପରେ ଆଧାରିତ ଗଳ୍ପଗୁଡ଼ିକ ମଧ୍ୟ ସେଥିରେ ଅନ୍ତର୍ଭୁକ୍ତ ହୋଇ ରହିଥାଏ । ଆପଣ ମୋତେ କହିଥିଲେ ଯେ, ମୁଁ ଯାହା ଲେଖିଛି ତାହା ମହତ୍ତ୍ୱପୂର୍ଣ୍ଣ ନୁହେଁ, ଯେଉଁ ଚେତନାରୁ ମୁଁ ଲେଖିଛି, ତାହା ହେଉଛି ଅଧିକ ମହତ୍ତ୍ୱପୂର୍ଣ୍ଣ । ବର୍ତ୍ତମାନ କେତେଜଣ ବନ୍ଧୁ କହୁଛନ୍ତି ଯେ, ମୋତେ ଶ୍ରୀଅରବିନ୍ଦ କର୍ମଧାରାର ଗୁଳାଟିଙ୍କୁ ଅନୁସରଣ କରିବାକୁ ପଡ଼ିବ । ଏହାର ଅର୍ଥ ପ୍ରକୃତରେ କ'ଣ, ମୁଁ ତାହା ମୋଟେ ବୁଝି ପାରୁ ନାହିଁ । ତରୁଣ ବ୍ୟକ୍ତିମାନଙ୍କ ପାଇଁ "ଅଗ୍ନି" ବୋଲି ଯେଉଁ ନୂତନ ପତ୍ରିକାଟି ଏବେ ବାହାରୁଛି, ସେଥିରେ ମୁଁ କେଉଁ ପ୍ରଣାଳୀଟିକୁ ଅନୁସରଣ କରିବି ବୋଲି ଆପଣ ଇଚ୍ଛା କରୁଛନ୍ତି ? ଶ୍ରୀଅରବିନ୍ଦ କର୍ମଧାରାର ପରିପ୍ରେକ୍ଷୀରେ ଆପଣ "ପୁରୋଧା"ରେ କୌଣସି ପରିବର୍ତ୍ତନର ପ୍ରସ୍ତାବ ଦେବେ କି ?*

କୌଣସି ପରିବର୍ତ୍ତନର ଆବଶ୍ୟକ ନାହିଁ । ଏହା ସଂପୂର୍ଣ୍ଣ ଠିକ୍‌ଭାବେ ଚାଲିଛି ।

"ଅଗ୍ନି" ବିଷୟରେ କହିବାକୁ ଗଲେ, ଜୀବନ ଯେ ପ୍ରକୃତରେ ସୁନ୍ଦର ହୋଇପାରିବ, ପିଲାମାନଙ୍କୁ ସେକଥା ଅବଶ୍ୟ ଶିକ୍ଷା ଦେବାକୁ ପଡ଼ିବ ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୧୭ ଜୁଲାଇ ୧୯୭୦*

ଯେଉଁମାନେ ଏକ ହିନ୍ଦୀଭାଷୀ ପ୍ରଦେଶର ଅଧିବାସୀ, କେବଳ ସେମାନଙ୍କ ପାଇଁ ହିନ୍ଦୀ ଭଲ ହେବ । ସଂସ୍କୃତ ସବୁ ଭାରତୀୟଙ୍କ ନିମନ୍ତେ ଭଲ ହେବ ।

*ପ୍ରାୟ ୧୯୭୦ ବେଳକୁ*

*(ଭାରତର ଜାତୀୟ ଭାଷା ହିସାବରେ ଶ୍ରୀଅରବିନ୍ଦ ହିନ୍ଦୀ ବିଷୟରେ ଅଧିକ ଅନୁକୂଳ ମତ ପୋଷଣ କରୁଥିଲେ ବୋଲି ଭୁଲ୍ କଥା ଶୁଣି ଏହି ଶିଷ୍ୟ ମାଆଙ୍କୁ ସେ କାହିଁକି "ସଂସ୍କୃତ ଭାରତବର୍ଷର ଜାତୀୟ ଭାଷା ହେବା ଉଚିତ" ବୋଲି ଲେଖିଥିଲେ, ତାହା ପଚାରି ପଠାଇଥିଲେ ।)*

'oaob.nitrkl.ac.in' images reprocessed

Hindi is good only for those who belong to a Hindi speaking province, Sanskrit is good for all Indians.

ମୁଁ ସଂସ୍କୃତ ବୋଲି କହିଲି, କାରଣ ଶ୍ରୀଅରବିନ୍ଦ ମୋତେ ସେହିପରି କହିଥିଲେ ।

ଅନେକ ଆଶୀର୍ବାଦ ।

*ପ୍ରାୟ ୧୯୭୧ ବେଳକୁ*

*ମାଆ,*

*ଭୋଜନଶାଳା ବିରୋଧରେ ଏକ ବିଧିବଦ୍ଧ ଆନ୍ଦୋଳନ ଚାଲିଛି । ଏହି ଅଭିଯୋଗଟି ସେହି ଗୋଟିଏ ଭାଗରୁ ବାରଂବାର ଆସୁଛି । ସମାଲୋଚନାକାରୀଙ୍କ ପାଇଁ ଗ୍ରହଣୀୟ ହେଲାଭଳି ଆଉଜଣଙ୍କୁ ଦାୟିତ୍ୱଟି ଦେଇ ଅବସର ଗ୍ରହଣ କରିବାକୁ ମୁଁ ପ୍ରକୃତରେ ସୁଖୀ ହେବି, ଯେପରିକି ଆପଣଙ୍କୁ ଆଉ ବାରଂବାର ବ୍ୟସ୍ତ ହେବାକୁ ପଡ଼ିବ ନାହିଁ ।*

ତୁମେ ନ ଥିଲେ ମୋତେ **ସର୍ବଦା** ବ୍ୟସ୍ତ ହେବାକୁ ପଡ଼ିବ । ତେଣୁ, ଅନ୍ତତଃ ମୋ' ସକାଶେ, ଏଇଟା ଅଧିକ ଉତ୍ତମ ହେବ ଯଦି ତୁମେ **ତୁମର ଏହି କାର୍ଯ୍ୟଟିକୁ ବଜାୟ ରଖିବ** ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୪ ମଇ ୧୯୭୧*

*(କର୍ମସ୍ଥାନରେ ଅତି ନିକଟ ଭାବରେ ସଂପୃକ୍ତ ହୋଇ ରହିଥିବା ମାତ୍ର ପରସ୍ପର ପ୍ରତି ଅତ୍ୟନ୍ତ ତିକ୍ତ ମନୋଭାବ ରଖିଥିବା ଦୁଇଜଣ ବ୍ୟକ୍ତିଙ୍କ ସମ୍ବନ୍ଧରେ ଏହି ଶିଷ୍ୟ ଲେଖିଥିଲେ ।)*

'oaob.nitrkl.ac.in' images reprocessed

ଜୀବନର ଯାବତୀୟ ତିକ୍ତତା ସର୍ବଦା ସେହି ଅହଂରୁହିଁ ନିଷ୍ପନ୍ନ ହୋଇଥାଏ;– ଅହଂ ସିଂହାସନରୁ ଓହ୍ଲାଇ ଯିବାକୁ ମୋଟେ ରାଜି ହେଉ ନ ଥାଏ ।

ଅନେକ ଆଶୀର୍ବାଦ । *ତାରିଖ ନାହିଁ ।*

*ମାଆ,*

*କେଉଁଟି ଆପଣଙ୍କ ନିମନ୍ତେ ଅଧିକ ସୁବିଧାଜନକ ହେବ, ସେକଥା ମୁଁ ଜାଣି ପାରିବି କି : ଯଦି ମୋ'ର ଆପଣଙ୍କ ପାଖରେ କିଛି କାମ ଥାଏ, ତେବେ ମୁଁ ବ୍ୟକ୍ତିଗତ ଭାବରେ ଆପଣଙ୍କ ସହିତ କଥାବାର୍ତ୍ତା କରିବି, ନା ଆପଣଙ୍କୁ ଲେଖି କରି ଜଣାଇବି ?*

ତୁମେ ମୋ' ସହିତ ସର୍ବଦା କଥାବାର୍ତ୍ତା କରିପାରିବ ଏବଂ ତାହା ହୁଏତ ଅଧିକ ସୁବିଧାଜନକ ମଧ୍ୟ ହେବ । କାରଣ, ଯଦି ମୋ' ତରଫରୁ କିଛି ପଚାରିବାକୁ ଥିବ, ତେବେ ମୁଁ ସଙ୍ଗେ ସଙ୍ଗେ ପଚାରି ପାରିବି ଏବଂ ସମସ୍ୟାଟିର ବି ସଙ୍ଗେ ସଙ୍ଗେ ସମାଧାନ ହୋଇଯାଇ ପାରିବ ।

*(ଏହି ଶିଷ୍ୟ ତା'ପରେ ଜଣେ ସହକର୍ମୀଙ୍କ ସହିତ ତାଙ୍କର ରହିଥିବା ମତଭେଦ ବିଷୟରେ ବୁଝାଇ କହିଥିଲେ ।)*

ଏହା କହିବା ଅନାବଶ୍ୟକ ଯେ ତୁମେ ଏବଂ 'କ' ଉଭୟେ ଠିକ୍ କଥା (ଅଥବା ଭୁଲ୍ କଥା) କହୁଛ । ଏହା ହେଉଛି ଗୋଟିଏ ପ୍ରଶ୍ନର ଦୁଇଟି ଭିନ୍ନ ଭିନ୍ନ ଦିଗ, ଏବଂ ଏହି କ୍ଷେତ୍ରରେ ଅନ୍ୟ ଦୃଷ୍ଟିକୋଣ ଗୁଡ଼ିକୁ ମଧ୍ୟ ଅବଶ୍ୟ ଗ୍ରହଣ କରାଯାଇ ପାରିବ ।

ମନରେ କେବଳ ଏହି ଗୋଟିଏ କଥା ରଖିଥିବା ଉଚିତ ଯେ, କେହି ଜଣେ କଦାପି ସଂପୂର୍ଣ୍ଣ ଭାବରେ ଠିକ୍ କହୁ ନାହାନ୍ତି ଅଥବା ସମ୍ପୂର୍ଣ୍ଣ ଭାବରେ ଭୁଲ୍ ମଧ୍ୟ କହୁ ନାହାନ୍ତି । ତେଣୁ, ଏଇଟିକୁ ଅଥବା ସେଇଟିକୁ ସମର୍ଥନ କରି କଦାପି କୌଣସି ନିଷ୍ପତ୍ତି ଗ୍ରହଣ କରାଯାଇ ପାରିବ ନାହିଁ ।

ଜଣେ ଯାହାକୁ ସର୍ବୋତ୍ତମ ବୋଲି ଭାବୁଛି ବା ଅନୁଭବ କରୁଛି, ସିଏ ସେହି ଅନୁସାରେ ଯଥାସମ୍ଭବ ଅଧିକ ଭଲ ଭାବରେ ସେଇଟିକୁ କରୁ... ଦିବ୍ୟ ପରମଚେତନା ପରିଣାମଗୁଡ଼ିକ ବିଷୟରେ ଅବଶ୍ୟ ଆବଶ୍ୟକ ବ୍ୟବସ୍ଥା କରିନେଇ ପାରିବେ ।

ଅନେକ ଆଶୀର୍ବାଦ । *ତାରିଖ ନାହିଁ ।*

'oaob.nitrkl.ac.in' images reprocessed

ମୋ'ର ପ୍ରିୟ ସନ୍ତାନ,

ନିଜକୁ ଅପସରାଇ ନେବା ଅପେକ୍ଷା ଆପଣାର ମସ୍ତିଷ୍କଟିକୁ ପରିଷ୍କାର କରିବା ଅନେକ ଅଧିକ ସହଜ। ବସ୍ତୁତଃ ଦ୍ୱିତୀୟ ବିକଳ୍ପଟି ସମ୍ପୂର୍ଣ୍ଣ ଭାବରେ ଅସମ୍ଭବ ହୋଇ ରହିଥିବ। ମୁଁ ଏଠାରେ ତୁମକୁ ଆବଶ୍ୟକ କରୁଛି ଓ ତୁମକୁ ଚାଲିଯିବାକୁ ଦେବାପାଇଁ ମୋ'ର କୌଣସି ଅଭିପ୍ରାୟ ନାହିଁ। ସତକଥା କହିବାକୁ ଗଲେ, ମୁଁ ବିଚାର କରୁଛି ଯେ ମୁଁ ତୁମକୁ ଯେଉଁ ଦାୟିତ୍ୱ ଏବଂ କାର୍ଯ୍ୟଟିକୁ ଦେଇଛି ସେଇଟିକୁ ପରିତ୍ୟାଗ କରିବା, କାର୍ଯ୍ୟଟିର ବିଷୟରେ କେତେକ ଅନିବାର୍ଯ୍ୟ କମ୍‌ବେଶୀ ହୋଇଯାଉଥିବାରୁ ତା'କୁ ନେଇ କିଛି ଅପ୍ରୀତିକର (ମାତ୍ର କ୍ଷଣସ୍ଥାୟୀ) ପ୍ରତିକ୍ରିୟାର ବଶବର୍ତ୍ତୀ ହେବା ଅପେକ୍ଷା ନିଶ୍ଚୟ **ଅନେକ ପରିମାଣରେ ଅଧିକ ଅବିଶ୍ୱସ୍ତତା** ହେବ।

ତୁମ ଭିତରେ ହେଉଥିବା ସମସ୍ତ ଅଶାନ୍ତିକୁ, ତୁମେ କର୍ମସଂଗଠନ-କ୍ଷେତ୍ରରେ କେତେକ ମାମୁଲି ପରିବର୍ତ୍ତନର ଫଳ ବୋଲି ନ ଭାବି ବରଂ କୌଣସି ପ୍ରତିକୂଳ ଶକ୍ତିର ଆକ୍ରମଣ (ପରୀକ୍ଷା)ର ପରିଣାମ ବୋଲିହିଁ ବିଚାର କର।

ମୁଁ ଭାବୁଛି ଯେ ତୁମେ ଇତିମଧ୍ୟରେ ବିଭ୍ରାନ୍ତିଟି ମଧ୍ୟରୁ ମୁକ୍ତ ହୋଇ ଆସିଲଣି; ତଥାପି ମୁଁ ତୁମପାଇଁ ଏଇଟି ପଠାଉଛି, ଯେପରିକି ତାହାର ଆଉ କୌଣସି ଚିହ୍ନ ମଧ୍ୟ ତୁମଭିତରେ ରହିବ ନାହିଁ...

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ। *ତାରିଖ ନାହିଁ*

ଆପାତଃ ବିରୋଧ ବିଷୟରେ ଆଦୌ କୌଣସି ଚିନ୍ତା କର ନାହିଁ। ତା' ପଛରେ ସର୍ବଦା ଏକ ପରମସତ୍ୟ ବିଦ୍ୟମାନ ରହିଛି।

*ତାରିଖ ନାହିଁ*

ଖୁସୀ ହୁଅ, ସବୁ ଠିକ୍ ହୋଇଯିବ। ଆମକୁ ଯଦି ତିଷ୍ଠି ରହିବାର ଏବଂ ସ୍ଥାୟୀ ହୋଇ ରହିବାର ଉପାୟଟି ଜଣା ଥିବ, ତେବେ ସବୁ ଠିକ୍ ହୋଇଯିବ।

ସ୍ନେହ ଓ ଅନେକ ଆଶୀର୍ବାଦ। *ତାରିଖ ନାହିଁ।*

*ମାଆଙ୍କ ଦ୍ୱାରା ଅଙ୍କା ଯାଇଥିବା ଗୋଟିଏ ଖୁସୀ ବିଲେଇର ଛବି, ତାଙ୍କର ଅଖୁସୀ ଶିଷ୍ୟଙ୍କର ଖୁସୀକୁ ଜାଗ୍ରତ କରି ଆଣିବା ନିମନ୍ତେ।*

'oaob.nitrkl.ac.in' images reprocessed

*Cheer up, all will be all right, if we know how to last and endure.*

*Love and blessings*

*M.*



'oaob.nitrkl.ac.in' images reprocessed

# ଚତୁର୍ଥ ଗୁଚ୍ଛ

(୧୯୪୨ - ୧୯୭୦)

'oaob.nitrkl.ac.in' images reprocessed

'oaob.nitrkl.ac.in' images reprocessed

## ଚତୁର୍ଥ ଗୁଚ୍ଛ

ଜଣେ ଶିଷ୍ୟଙ୍କ ପାଖକୁ, ଯିଏକି ୩୧ ବର୍ଷ ବୟସରେ ୧୯୩୧ ମସିହାରେ ଶ୍ରୀଅରବିନ୍ଦ ଆଶ୍ରମରେ ଆସି ଯୋଗ ଦେଇଥିଲେ । ସେ କୋଠାବାଡ଼ି – ନିର୍ମାଣ ବିଭାଗରେ ୧୯୪୦ ଦଶନ୍ଧିର ମଧ୍ୟଭାଗ ଯାଏ କାର୍ଯ୍ୟ କରିଥିଲେ ଓ ତା'ପରେ ଆସବାବ-ପତ୍ର ବିଭାଗର ମୁଖ୍ୟ ହେଲେ ଏବଂ ୧୯୭୦ରେ ତାଙ୍କର ମୃତ୍ୟୁ ପର୍ଯ୍ୟନ୍ତ ତାହାରି ପରିଚାଳନା କରିଥିଲେ ।

ଶ୍ରୀଅରବିନ୍ଦ, ମାଆ,

ଆପଣମାନଙ୍କର ଶିକ୍ଷାକୁ ବୁଝିବା ଲାଗି ଆମର ପ୍ରଚେଷ୍ଟାରେ ଆମକୁ ଆପଣମାନଙ୍କର ସହାୟତା ପ୍ରଦାନ କରନ୍ତୁ ।

*୧୯୪୨*

*(ଏହି ଶିଷ୍ୟ ପରିଚାଳନା କରୁଥିବା ଗୋଟିଏ ଶ୍ରେଣୀ ପାଇଁ କାର୍ଯ୍ୟକ୍ରମ)*

୧. ପ୍ରାର୍ଥନା

(ଶ୍ରୀଅରବିନ୍ଦ ମାଆ – ଆପଣମାନଙ୍କର ଶିକ୍ଷାକୁ ବୁଝିବାଲାଗି ଆମର ପ୍ରଚେଷ୍ଟାରେ ଆମକୁ ଆପଣମାନଙ୍କର ସହାୟତା ପ୍ରଦାନ କରନ୍ତୁ ।)

୨. **ଶ୍ରୀଅରବିନ୍ଦଙ୍କର ରଚନାର ଅଧ୍ୟୟନ ।**

୩. ଗୋଟିଏ ମୁହୂର୍ତ୍ତ ନୀରବତା

୪. **ଯାହା ପଠିତ ହୋଇଛି,** ତାହା ବିଷୟରେ ଇଚ୍ଛୁକ ଯିଏ କେହି ଗୋଟିଏ ପ୍ରଶ୍ନ ପଚାରି ପାରିବ ।

୫. ପ୍ରଶ୍ନଟିର ଉତ୍ତର ଦିଆଯିବ ।

୬. **କୌଣସି ସାଧାରଣ ଆଲୋଚନା ହେବ ନାହିଁ ।**

ଏହା କୌଣସି ଏକ **ଗୋଷ୍ଠୀର** ବୈଠକ ନୁହେଁ, ଏହା ହେଉଛି କେବଳ ଏକ କ୍ଲାସ୍, ଯାହାକି ଶ୍ରୀଅରବିନ୍ଦଙ୍କର ରଚିତ ପୁସ୍ତକଗୁଡ଼ିକର ଅଧ୍ୟୟନ ପାଇଁ ଗଠିତ ହୋଇଛି ।

*୩୧ ଅକ୍ଟୋବର ୧୯୪୨*

'oaob.nitrkl.ac.in' images reprocessed

*ମାଆ,*

*ଆମ ''ଯୋଗ ସମନ୍ୱୟ'' କ୍ଲାସ୍‌ରେ ଚୈତ୍ୟ ସତ୍ତାର ପ୍ରଶ୍ନଟି ଉତ୍‌ଥାପିତ ହୋଇଛି । ''ଦିବ୍ୟ ଜୀବନ'' ଗ୍ରନ୍ଥରେ ଥିବା ''ମାନବର ଦ୍ୱୈତ ଆତ୍ମା'' ଅଧ୍ୟାୟଟିରେ ଶ୍ରୀଅରବିନ୍ଦ ପ୍ରଥମେ ଚୈତ୍ୟ ଅସ୍ତିତ୍ୱଟି ବିଷୟରେ କହିଛନ୍ତି, ଯିଏକି ''ସାକ୍ଷୀ ଓ ନିୟନ୍ତ୍ରଣକାରୀ, ପ୍ରଚ୍ଛନ୍ନ ପଥପ୍ରଦର୍ଶକ ଓ ସକ୍ରେଟିସ୍‌ଙ୍କର 'ପ୍ରେରକ ଆତ୍ମା' ଇତ୍ୟାଦି ପରି ହୋଇ ରହିଥାଏ । ତା'ପରେ ସେ କହିଛନ୍ତି ଯେ ସେହି ଅସ୍ତିତ୍ୱ ଆମ ଭିତରେ ଚୈତ୍ୟ ପୁରୁଷର ଆକାର ଗ୍ରହଣ କରେ; ଯାହାଦ୍ୱାରା କି ସେ ସୁନିଶ୍ଚିତ ଭାବରେ ଚୈତ୍ୟ ସତ୍ତାର କଥାହିଁ କହୁଛନ୍ତି ଏବଂ, ତାଙ୍କରି କଥାରେ କହିଲେ, ସେହି ସତ୍ତାଟି ବୃଦ୍ଧି ଓ ବିକାଶଲାଭ କରୁଥାଏ ଏବଂ ଜନ୍ମରୁ ମୃତ୍ୟୁଯାଏ ପଡ଼ିଥିବା ପଥଟି ଉପରେ ଚାରଣା କରୁଥାଏ ।''*

*ତା'ପରେ, ଆମେ ଚୈତ୍ୟ ଅସ୍ତିତ୍ୱଟିର ଅଧିକାରୀ ହୋଇଥାଉ ଏବଂ, ପ୍ରକୃତି ମଧ୍ୟରେ ଏହାର ଆତ୍ମ-ପ୍ରକ୍ଷେପଣ ସଦୃଶ ଚୈତ୍ୟ ସତ୍ତାଟିକୁ ମଧ୍ୟ ଲାଭ କରୁ ଏବଂ ମନୁଷ୍ୟର ଗୁପ୍ତ ହୃଦୟ ମଧ୍ୟରେହିଁ ସେମାନେ ଅବସ୍ଥାନ କରୁଥା'ନ୍ତି ।*

*(୧) ମାତ୍ର, ସେହି ଦିବ୍ୟ ପରମସତ୍ତାଙ୍କ ସମ୍ବନ୍ଧରେ କ'ଣ କୁହାଯିବ ଯିଏକି, ଗୀତା ଓ ଉପନିଷଦ ଗୁଡ଼ିକରେ ଯେପରି କୁହାଯାଇଛି, ମନୁଷ୍ୟମାନଙ୍କର ହୃଦୟରେ ପରମ ଅଧିଷ୍ଠାତାରୂପେ ରହିଥା'ନ୍ତି ?*

*(୨) ତେବେ, ଏଠାରେ ସେହି ଚୈତ୍ୟ ଅସ୍ତିତ୍ୱ କଥା କୁହାଯାଇଛି ଅଥବା ଅନ୍ତରସ୍ଥିତ ଦିବ୍ୟ ପରମସତ୍ତାଙ୍କର କଥା କୁହାଯାଇଛି ? ଚୈତ୍ୟ ଅସ୍ତିତ୍ୱକୁ ବ୍ୟକ୍ତିରୂପ ଦିବ୍ୟସତ୍ତା ବୋଲି କୁହାଯାଇ ପାରିବ କି ?*

*(୩) କେବଳ ଏହି ଚୈତ୍ୟ ସତ୍ତାଟି କ'ଣ ବିକାଶଲାଭ କରୁଥାଏ ଏବଂ ପଶ୍ଚାତରେ ଥାଇ ଚୈତ୍ୟ ଅସ୍ତିତ୍ୱଟି ସେହି ବିବର୍ତ୍ତନର କେବଳ ଏକ ଅବଲମ୍ବନ ହୋଇ ରହିଥାଏ ?*

ଶ୍ରୀଅରବିନ୍ଦଙ୍କର ଶିକ୍ଷଣ ମଧ୍ୟରେ ଏସବୁ କଠୋର ପ୍ରକାରଭେଦ ଆଦୌ କିଛିହେଲେ ନାହିଁ । ଚୈତ୍ୟ ଅସ୍ତିତ୍ୱ ଏବଂ ଚୈତ୍ୟ ସତ୍ତା ସେହି ଗୋଟିଏ ବସ୍ତୁକୁହିଁ ବୁଝାଉଛି, ଏକ ଭିନ୍ନ ଦୃଷ୍ଟିରୁ ଦେଖିଲେ ଏଗୁଡ଼ିକୁ ଭିନ୍ନ ବୋଲି ବର୍ଣ୍ଣନା କରାଯାଇଛି । ଏହାକୁ ଆମେ ଅନ୍ତରସ୍ଥିତ ଦିବ୍ୟ ପରମସତ୍ତା ବୋଲି କହିବା ନାହିଁ, ମାତ୍ର ଏହା ତାହାକୁ ଧାରଣ କରୁଛି ବୋଲି କୁହାଯାଇପାରିବ ।

ଅନେକ ଆଶୀର୍ବାଦ ।

*୬ ଜୁଲାଇ ୧୯୪୩*

'oaob.nitrkl.ac.in' images reprocessed

*ମାଆ,*

*କାଲି ଆମ କବିତା-କ୍ଲାସ୍‌ରେ, କବିତା-ଅଧ୍ୟୟନ ପଛରେ ଆମେ ଆମ ଆଗରେ ଯେଉଁ ଲକ୍ଷ୍ୟଟି ରଖିଛୁ, ମୁଁ ସେବିଷୟରେ କହୁଥିଲି : ସମସ୍ତ ବିଶ୍ୱରେ ବ୍ୟାପ୍ତ ହୋଇ ରହିଥିବା ସେହି ଦିବ୍ୟ ସୌନ୍ଦର୍ଯ୍ୟ ଓ ଦିବ୍ୟ ଆନନ୍ଦର ଅବବୋଧ ଏବଂ ଉପଭୋଗ । ଏବଂ ମୁଁ କହିଲି ଯେ, ଆମେ ଯେମିତି ଯୋଗମାର୍ଗରେ ସମଗ୍ର ଜୀବନଟିକୁ ସାଦରେ ଗ୍ରହଣ କରୁ, ସେମିତି ଆମେ କବିତାରେ ରହିଥିବା ଜୀବନାତ୍ମାର ସମଗ୍ର ଯଥାର୍ଥ ଆତ୍ମ-ଅଭିବ୍ୟକ୍ତିଟିକୁ ମଧ୍ୟ ସ୍ୱୀକାର କରି ନେଇଥାଉ । ଦିବ୍ୟ ପରମ ସୌନ୍ଦର୍ଯ୍ୟର ମୁକ୍ତ ଓ ନିରାସକ୍ତ ଉପାସକ ଏବଂ ଦିବ୍ୟ ପରମ ଆନନ୍ଦର ଅନ୍ୱେଷଣକାରୀ ପରି ଆମେ କାବ୍ୟସୃଷ୍ଟିର ସମଗ୍ର ଆୟତନ ମଧ୍ୟରେ ଉପରୁ ତଳକୁ ଶ୍ରେଣୀବଦ୍ଧ କରିବା ।*

*ପରେ ଉପରବେଳା 'କ' ମୋତେ କହିଥିଲେ ଯେ 'ଖ'ଙ୍କୁ ପ୍ରେମକବିତା ଭଲ ଲାଗେ ନାହିଁ ଏବଂ ତେଣୁ କେତେ ଦିନ ପୂର୍ବେ ସେ ସେଗୁଡ଼ିକ ସମ୍ବନ୍ଧରେ ମୁଁ ଦେଇଥିବା ମନ୍ତବ୍ୟ ଉପରେ ବିରକ୍ତି ପ୍ରକାଶ କରିଥିଲେ । ମନେ ହେଉଛି, କାଲି ମଧ୍ୟ ସେ ସେହି କଥାରେ ଦୁଃଖିତ ହୋଇ ପଡ଼ିଥିଲେ । ବିଭିନ୍ନ ବିଷୟରେ ତାଙ୍କର ସଂକୀର୍ଣ୍ଣ ଓ କଠୋର ମତମାନ ରହିଛି ଓ ସେ ଅନ୍ୟମାନଙ୍କର ମତକୁ ଆଦୌ ସହ୍ୟ କରି ପାରନ୍ତି ନାହିଁ ।*

ମାତ୍ର, ମୁଁ ଭାବୁଛି, ତୁମର ଏହି କବିତା ଅଧ୍ୟୟନରେ ତୁମେ ପ୍ରେମର ମାନୁଷୀ ଦିଗଟି ଉପରେ ଅତିବେଶୀ ଜୋର୍ ନ ଦେଲେ ଅଧିକ ଭଲ ହେବ, କାରଣ ଏହା ସାଧନା ନିମନ୍ତେ ସହାୟକ ହୁଏ ନାହିଁ ଏବଂ କେତେକଙ୍କ ପାଇଁ ସ୍ପଷ୍ଟଭାବରେ କ୍ଷତିକାରକ ହୋଇଥାଏ ।

ମୋର ଅନେକ ଆଶୀର୍ବାଦ ।

*୧୩ ଜୁଲାଇ ୧୯୪୩*

*ମାଆ,*

*ଆମେ ଯଥାସମ୍ଭବ ଅଧିକ ପରିମାଣରେ ଶ୍ରୀଅରବିନ୍ଦଙ୍କର ରଚନାଗୁଡ଼ିକ ମଧ୍ୟରେ ନିଜକୁ ଆବଦ୍ଧ କରି ରଖିବୁ ଏବଂ ଦର୍ଶନ ତଥା କାବ୍ୟ ଉଭୟ କ୍ଷେତ୍ରରେ ତୁଳନାତ୍ମକ ଅଧ୍ୟୟନର ଆମ ଅଭ୍ୟାସଟିକୁ ପରିତ୍ୟାଗ କରିବୁ ବୋଲି ଆପଣ ଯେପରି ଇଚ୍ଛା ପ୍ରକାଶ କରିଛନ୍ତି, ତାହା ମୁଁ କ୍ଲାସରେ ସମସ୍ତଙ୍କୁ କହିଦେବି କି ?*

'oaob.nitrkl.ac.in' images reprocessed

*କାରଣ, ତୁଳନାତ୍ମକ ଅଧ୍ୟୟନଟି ଦ୍ୱାରା ଅଚେତନ ଭାବରେ ନାନାପ୍ରକାର ବିମିଶ୍ରଣ ହୋଇଯାଉଛି ଏବଂ ତାଙ୍କର ଶିକ୍ଷଣଟି ଆଉ ଶୁଦ୍ଧ ହୋଇ ରହି ପାରୁ ନାହିଁ ।*

ସେମାନଙ୍କୁ ଉକ୍ତ କଥାଟି କହିଦେଲେ ଅବଶ୍ୟ ଭଲ ହେବ ।

ମୋର ସ୍ନେହ ଓ ଅନେକ ଆଶୀର୍ବାଦ ।

*୩ ନଭେମ୍ବର ୧୯୪୩*

*ମାଆ,*

*"ମରଣହୀନ ଦ୍ରାକ୍ଷାଲତାର ସୂର୍ଯ୍ୟୋଜ୍ଜ୍ୱଳ ଦ୍ରାକ୍ଷାଫଳ" — ଏହି କଥାଟିକୁ ମୁଁ ସେହି ଅମର ସଚେତନ ଅସ୍ତିତ୍ୱର ଆଲୋକରଶ୍ମି ବୋଲି ବ୍ୟାଖ୍ୟା କଲି, କାଳର ବକ୍ଷଉପରେ ପରମ ନୃତ୍ୟକାରୀର ପାଦଗୁଡ଼ିକ ଦ୍ୱାରା ଚାପି ହୋଇ ପ୍ରେମରୂପୀ ରକ୍ତଗୋଲାପ ରଙ୍ଗର ସୁରାରସକୁ ଉତ୍ପନ୍ନ କରିଥାଏ । ମାତ୍ର, ଏହି ବ୍ୟାଖ୍ୟାଟି ସମ୍ବନ୍ଧରେ କିଞ୍ଚିତ୍ ମତପାର୍ଥକ୍ୟ ରହିଥିଲା...*

ମୁଁ କାବ୍ୟକୁ ଦର୍ଶନ ଏବଂ ବିଶ୍ଲେଷଣର ଅତୀତ ବୋଲି ଅନୁଭବ କରିଥାଏ ।

*୭ ଡିସେମ୍ବର ୧୯୪୩*

*ମାଆ,*

*ମନେ ହେଉଛି 'ଗ' ସମାଧି ଓ ଏହାର ଭିନ୍ନ ଭିନ୍ନ ରୂପ ବିଷୟରେ ବିଶେଷ ଭାବରେ ଆଗ୍ରହ ପ୍ରକାଶ କରୁଛନ୍ତି । ପରବର୍ତ୍ତୀ "ଯୋଗସମନ୍ୱୟ" କ୍ଲାସ୍‌ରେ, ହଠଯୋଗ ଓ ରାଜଯୋଗ ବିଷୟରେ ଲେଖା ହୋଇଥିବା ଅଧ୍ୟାୟଗୁଡ଼ିକୁ ସାରାଂଶ କରି କହିବା ସମୟରେ ମୁଁ ଆପଣଙ୍କର ଅନୁମୋଦନ ଏବଂ ଆଶୀର୍ବାଦ ସହିତ, ସମାଧିର ଭିନ୍ନ ଭିନ୍ନ ପ୍ରକାର ଓ ଆମର ଯୋଗଟି ମଧ୍ୟରେ ଆମେ ସମାଧିକୁ କେଉଁସବୁ ପ୍ରୟୋଜନରେ ଲଗାଇଥାଉ, ସେଗୁଡ଼ିକୁ ବୁଝାଇ କହିଦେବାକୁ ଚେଷ୍ଟା କରିବି ।*

ଆଦୌ କୌଣସି ପ୍ରୟୋଜନ ନାହିଁ ।

*୧୮ ଜାନୁଆରୀ ୧୯୪୪*

'oaob.nitrkl.ac.in' images reprocessed

*ମାଆ,*

*ଆପଣଙ୍କର ନୀରବତା ହୁଏତ ଏହାହିଁ ସୂଚାଇ ଦେଉଛି ଯେ, ମୋ'ର ପ୍ରଣାମ ଦିନ ଗୁଡ଼ିକର ସଂଖ୍ୟା କମାଇ ଦେବାଲାଗି ମୋ'ର ପ୍ରସ୍ତାବକୁ ଆପଣ ଅନୁମୋଦନ କରି ନାହାନ୍ତି । ତେଣୁ ମୁଁ ଏହାକୁ ପୂର୍ବ ପରି, ସପ୍ତାହକୁ ଦୁଇଥର, ଚାଲୁ ରଖିବି ଏବଂ ଏପରି ଗୋଟିଏ ପ୍ରସ୍ତାବ ଦେଇଥିବାରୁ ମୁଁ ଆପଣଙ୍କଠାରେ କ୍ଷମାଭିକ୍ଷା କରୁଛି ।*

ତୁମେ କିଛି ଭୁଲ୍ କରି ନାହଁ – ଏକ ଅତ୍ୟନ୍ତ ହାର୍ଦ୍ଦିକ ଅନୁଭୂତିରୁହିଁ ସେହି ପ୍ରସ୍ତାବଟି ଆସିଥିଲା । ମାତ୍ର, ବର୍ତ୍ତମାନ ଅବସ୍ଥାଟି ଯେଉଁଭଳି ରହିଛି (ପ୍ରତିଦିନ ରାତିରେ ପ୍ରାୟ ୧୨୦ ଜଣ ବ୍ୟକ୍ତି ଆସୁଛନ୍ତି ।) ଗୋଟିଏ ବଢ଼ିବା ବା ଗୋଟିଏ କମିଯିବା ଦ୍ୱାରା ଆଦୌ କୌଣସି ଫରକ ହୋଇଯିବ ନାହିଁ ।

ମୋ'ର ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୧୨ ଡିସେମ୍ବର ୧୯୪୪*

*ମାଆ,*

*ଏପରି କ'ଣ କୁହାଯାଇ ପାରିବ ଯେ, ଅତିମାନସର ପୂର୍ଣ୍ଣ ପରିପ୍ରକାଶ ପରେ ମଧ୍ୟ ଆହୁରି ଏକ ପରବର୍ତ୍ତୀ ବିବର୍ତ୍ତନ ନିମନ୍ତେ ସମ୍ଭାବନା ରହିଛି ? ବା ଆମେ କ'ଣ କହିପାରିବା ଯେ ଏହି କ୍ଷେତ୍ରରେ ହୁଏତ ଏକ ଅନନ୍ତ ସଂଖ୍ୟାର ଅନୁକ୍ରମ ରହିଛି; ମାତ୍ର ଏଠାରେ ସଂବୃତ୍ତ ହୋଇ ରହିଥିବା ଅତିମାନସର ପୂର୍ଣ୍ଣ ଅଭିବ୍ୟକ୍ତି ଘଟିବା ପରେ ଆଉ କୌଣସି ବିବର୍ତ୍ତନ ଆଦୌ ହେବ ନାହିଁ ?*

ଏକ ଅନନ୍ତ ପ୍ରଗତି ଅବଶ୍ୟ ଘଟିବ;– କିନ୍ତୁ ଆହୁରି ଅଧିକ ବିବର୍ତ୍ତନ ଅଥବା ଆଉ କୌଣସି ବିବର୍ତ୍ତନ ନ ହେବା ବିଷୟରେ କହିବାକୁ ଗଲେ, ତାହାକୁ ଏକ ଅନୁମାନ ବୋଲି କହିବାକୁ ହେବ, ଯାହାର କି ଉପସ୍ଥିତ ମୁହୂର୍ତ୍ତଟିରେ ଆଦୌ କୌଣସି ପ୍ରୟୋଜନ ଥିବାପରି ମନେ ହେଉ ନାହିଁ ।

ମୋ'ର ସ୍ନେହ ଓ ଅନେକ ଆଶୀର୍ବାଦ ।

*୨୭ ଫେବ୍ରୁଆରି ୧୯୪୫*

'oaob.nitrkl.ac.in' images reprocessed

*ମାଆ,*

*ବ୍ୟାଖ୍ୟା ଏବଂ ଦୃଷ୍ଟାନ୍ତ ଦେବା ଦୃଷ୍ଟିରୁ ବେଳେ ବେଳେ ମୁଁ ଅନ୍ୟ କାବ୍ୟକାର ତଥା ଦାର୍ଶନିକଙ୍କର କେତେକ ସମାନ୍ତର ଉକ୍ତିକୁ ଉଦ୍ଧାର କରି ପାରିବି କି ? ମୁଁ ଦେଖିଛି ଯେ, ଗୋଟିଏ ଉପଯୁକ୍ତ ଉଦ୍ଧୃତିର ଉପସ୍ଥିତ ବିଷୟଟି ଉପରେ ଏକ ଆଲୋକସମ୍ପାତ ଘଟାଇଆଣେ ଏବଂ ଏକ କଷ୍ଟକର ବିଷୟକୁ ବୋଧଗମ୍ୟ କରାଇଥାଏ ।*

ମୋ' ନିଜର ଅଭିଜ୍ଞତା ହେଉଛି ଯେ, ଉଦ୍ଧୃତି ବ୍ୟବହାର କରିବା ଦ୍ୱାରା ସ୍ପଷ୍ଟୀକରଣ ପରିବର୍ତ୍ତେ ବ୍ୟକ୍ତିର ବରଂ ବିଭ୍ରାନ୍ତିହିଁ ସାର ହୋଇଥାଏ ।

ମୋ'ର ସ୍ନେହ ଓ ଅନେକ ଆଶୀର୍ବାଦ ।

*୧୧ ଡିସେମ୍ବର ୧୯୪୫*

*ମାଆ,*

*କିଛିଦିନ ତଳେ 'କ' ମୋତେ ''ଚିନ୍ତା ଓ ଦୃଷ୍ଟି ନିମେଷ''ର ଗୋଟିଏ ହିନ୍ଦୀ ଅନୁବାଦ ଆଣି ଦେଖାଇଥିଲେ । ମୁଁ ସେଥିରେ କେତେକ ପୂରା ଭୁଲ୍ ଥିବାର ଦେଖି ପାରିଲି । ମାଆ 'ଖ' ଓ 'ଗ' ଯେଉଁ ଅନୁବାଦଗୁଡ଼ିକୁ କରୁଛନ୍ତି, ଛପାଇବା ପୂର୍ବରୁ ସେଗୁଡ଼ିକର ସଂଶୋଧନ ନିମନ୍ତେ ସେଗୁଡ଼ିକୁ 'କ'ଙ୍କୁ ଦେଖାଇନେବା ସମ୍ଭବ ହୁଅନ୍ତା ନାହିଁ କି ?*

ତେବେ, ''ସ୍ୱାଭିମାନ'' ପାଇଁ ଆଉ କି ସ୍ଥାନ ରହିବ ?... ଲୋକମାନେ ଯେ ଭୁଲ୍ କରୁଛନ୍ତି, ସେମାନଙ୍କୁ ସେହି କଥା ବୁଝାଇ ପାରିବା ହେଉଛି ଅତ୍ୟନ୍ତ କଷ୍ଟକର ।

*୧୮ ଜୁନ୍ ୧୯୪୬*

*ସ୍ନେହମୟୀ ମାଆ,*

*ଗତକାଲି ଆପଣ କହିଲେ ଯେ, ଆମ ''ଯୋଗ-ସମନ୍ୱୟ'' କ୍ଲାସ୍‌ରେ ଶ୍ରୀଅରବିନ୍ଦଙ୍କର ଲେଖାଗୁଡ଼ିକ ବିଷୟରେ ଟିପ୍ପଣୀ କରିବା ଏକାନ୍ତ ନିରର୍ଥକ ଓ ଏପରିକି ନିର୍ବୋଧତାର କାର୍ଯ୍ୟ ହେବ । ସ୍ନେହମୟୀ ମାଆ, ମୁଁ ବର୍ଷ ବର୍ଷ ଧରି ମୋ'ର କ୍ଲାସ୍‌ଗୁଡ଼ିକରେ ଏହି ନିର୍ବୋଧତାହିଁ କରିଆସିଛି । ମୁଁ ଯେପରି ଆଉ କୌଣସି ଟିପ୍ପଣୀ ନ ଦେବି, ଆପଣ ମୋତେ ସେଥିଲାଗି ଅନୁମତି ଦିଅନ୍ତୁ ବୋଲି ମୁଁ ଆପଣଙ୍କ ପାଖରେ ଭିକ୍ଷା କରିପାରିବି କି ?*

'oaob.nitrkl.ac.in' images reprocessed

ଶ୍ରୀଅରବିନ୍ଦଙ୍କର ଗ୍ରନ୍ଥଗୁଡ଼ିକ ବିଷୟରେ ବ୍ୟାଖ୍ୟାମାନ ଦିଆଗଲେ ଅନେକ ଆଳସ୍ୟମନା ବ୍ୟକ୍ତି ଅତ୍ୟନ୍ତ ଖୁସୀ ହୁଅନ୍ତି । କାରଣ ସେଥିରୁ ସେମାନେ ଅନୁଭବ କରନ୍ତି ଯେ ଏହାଦ୍ୱାରା ସେମାନେ କଥାଗୁଡ଼ିକୁ ଅଧିକ ଭଲ ଭାବରେ ବୁଝି ପାରୁଛନ୍ତି । ଏହି କାରଣରୁ ମୁଁ ଏହି କ୍ଷେତ୍ରରେ କେବେ ହସ୍ତକ୍ଷେପ କରି ନାହିଁ । ବସ୍ତୁତଃ, ଶ୍ରୀଅରବିନ୍ଦଙ୍କର ଲେଖାଗୁଡ଼ିକ ସହିତ ଆଦୌ କୌଣସି ପରିଚୟ ଅର୍ଜନ କରି ନ ଥିବା ଅପେକ୍ଷା ଲୋକମାନେ ସେଗୁଡ଼ିକର ପଠନକୁ ଶ୍ରବଣ କରିବା ଓ ସେଗୁଡ଼ିକରେ ଆଗ୍ରହୀ ହେବା ଅବଶ୍ୟ ଅଧିକ ଭଲ ହେବ ।

ତେଣୁ ତୁମେ ଯେପରି କ୍ଲାସ୍ କରୁଥିଲ ଅବଶ୍ୟ କରିବ; ମାତ୍ର ଟିପ୍ପଣୀମାନ କରିବା ସମୟରେ ତୁମକୁ ଏକଥା ବୁଝିବାକୁ ପଡ଼ିବ ଯେ, ସେଗୁଡ଼ିକ ନିଶ୍ଚୟ ଅଯଥେଷ୍ଟହିଁ ହେବ, ଏବଂ ଏହି ବିଷୟରେ ତୁମେ ଯେତେ ଯାହା କରିବ ପଛକେ ମୂଳ ଲେଖାଟି ତା'ଠାରୁ ଅବଶ୍ୟ ଅନେକ ଅଧିକ ପ୍ରଭାବସମ୍ପନ୍ନ ହେବ ।

ମୋ'ର ଅନେକ ଆଶୀର୍ବାଦ ସହିତ ।

*୧୧ ନଭେମ୍ବର ୧୯୪୭*

*(ଏହି ଶିଷ୍ୟଙ୍କୁ ଷାଠିଏ ବର୍ଷ ପୂରିଯିବା ପରେ ଓ ସେ ଆସବାବପତ୍ର ବିଭାଗର ମୁଖ୍ୟରୂପେ କାର୍ଯ୍ୟ କରୁଥିବାବେଳେ ଅବଶିଷ୍ଟ ପତ୍ରଗୁଡ଼ିକ ଲେଖା ହୋଇଛି ।)*

*ସ୍ନେହମୟୀ ମାଆ,*

*ଯଦି ନିମ୍ନଲିଖିତ ପ୍ରସ୍ତାବଟିକୁ ଆପଣ ଅନୁମୋଦନ କରୁଥା'ନ୍ତି, ତେବେ ମୁଁ ସେଇଟିକୁ ଆପଣଙ୍କର ଅଧିକାର ପ୍ରଦାନ ଲାଗି ନିବେଦନ କରୁଛି ।*

*'ଅନେଷ୍ଟି ସୋସାଇଟି'ରେ ଆମେ କେତେକ ଆସବାବପତ୍ର ସମସ୍ତଙ୍କର ଦେଖିବାଭଳି ପ୍ରଦର୍ଶିତ କରିବାକୁ ପ୍ରସ୍ତୁତ ହୋଇଗଲୁଣି । ଜିନିଷଗୁଡ଼ିକ ଉପରେ ସେଗୁଡ଼ିକର ଦାମ୍ ଲେଖାହୋଇ ରହିବ, ଯେପରିକି ଗ୍ରାହକମାନେ ତାହା ଦେଖିପାରୁଥିବେ । ଆମ ଜିନିଷଗୁଡ଼ିକ ବେଶ୍ ମଜବୁତ ଓ ଆକର୍ଷକ ହୋଇଛି, ଏବଂ ଦାମ୍‌ଗୁଡ଼ିକ ମଧ୍ୟ ଯଥୋଚିତ ହୋଇଛି । 'କ' ସମ୍ପୂର୍ଣ୍ଣ ଭାବରେ ସହମତ ହୋଇଛନ୍ତି । ତାଙ୍କୁ ଆମେ ପାଞ୍ଚ ପ୍ରତିଶତ ଛାଡ଼ ଦେବୁ ।*

ମାତ୍ର ଆଶ୍ରମ ଯେତେ ଯାହା ଦରକାର କରିବ, ତାକୁ ସେଗୁଡ଼ିକୁ ଯୋଗାଇଦେବା ସମ୍ଭବ ହେବ କି ଏବଂ ତା' ସଙ୍ଗେ ସଙ୍ଗେ ବିକ୍ରୀ ନିମନ୍ତେ ଯଥେଷ୍ଟ ବସ୍ତୁ ତିଆରି କରି ହେବ କି ?

'oaob.nitrkl.ac.in' images reprocessed

ଆଶ୍ରମର ଆବଶ୍ୟକତାହିଁ ସବାଆଗ ବିଚାରକୁ ଅବଶ୍ୟ ଆସିବ ।

ଅନେକ ଆଶୀର୍ବାଦ ।

*୧୨ ମାର୍ଚ୍ଚ ୧୯୬୪*

*ସ୍ନେହମୟୀ ମାଆ,*

*ମୁଁ ଡକ୍ଟର 'ଖ'ଙ୍କୁ ସାକ୍ଷାତ କରିବାକୁ ଯାଇଥିଲି । ସେ ମୋ' ଉପରେ ବିରକ୍ତ ହୋଇଛନ୍ତି, କାରଣ 'ଗ' ତାଙ୍କୁ କହି ଦେଇଥିଲେ ଯେ ମାଆ ପ୍ରତ୍ୟେକ ରୋଗୀଙ୍କ ସକାଶେ ଗୋଟିଏ ଲେଖାଏଁ ଟେବୁଲ, ଚଉକୀ, ଲୁଗା-ଆଲଣା ଏବଂ ଖଟ ଯୋଗାଇ ଦେବାକୁ ଅନୁମତି ପ୍ରଦାନ କରିଛନ୍ତି । ଆପଣ ତ ଏପରି କେବେ କହି ନାହାନ୍ତି; ତେଣୁ 'ଗ' ଏକଥା ଯେ କିପରି କହିପାରିଲେ ମୁଁ ସେକଥା ଭାବି ବିସ୍ମିତ ହେଉଛି ।*

*ସେକଥା ଯାହା ହେଉ ପଛକେ, ଏହି ଅନାବଶ୍ୟକ ଉପଦ୍ରବଟିକୁ ସଂକ୍ଷିପ୍ତ କରି ଆଣିବା ପାଇଁ 'ଆରୋଗ୍ୟ-ସଦନ'ରେ କେତେ ରୋଗୀଙ୍କ ପାଇଁ ସ୍ଥାନ ହୋଇ ପାରିବ ମୁଁ ସେକଥା ତାଙ୍କୁ ପଚାରିଲି । ସେ ମୋତେ ଦଶ ବୋଲି କହିଲେ । ତେଣୁ ଯଦି ଆପଣ ଅନୁମୋଦନ କରିବେ, ତେବେ ମୁଁ ତାଙ୍କୁ ଦଶଟି ଲେଖାଏଁ ଟେବୁଲ, ଚଉକୀ, ଖଟ ଓ ଲୁଗା-ଆଲଣା ଯୋଗାଇ ଦେବି ତା'ପରେ ଅଭିଯୋଗର ଆଉ କୌଣସି କାରଣ ରହିବ ନାହିଁ ।*

ହଁ, ଆମେ ଏକ ମିଥ୍ୟାର ଜଗତରେ ବାସ କରୁଛୁ । ଶାନ୍ତି ଦୃଷ୍ଟିରୁ ଏ ବିଷୟରେ କୌଣସି ନଜର ନ ଦେବାହିଁ ଅଧିକ ଭଲ କଥା ହେବ ।

ମୋ'ର ଅନେକ ଆଶୀର୍ବାଦ ।

*୧୪ ଜୁଲାଇ ୧୯୬୪*

*ସ୍ନେହମୟୀ ମାଆ,*

*ମଝିରେ ମଝିରେ ମୁଁ ବଙ୍ଗଳା ଓ ହିନ୍ଦୀରେ ଏପରି ଅନେକ ଲେଖା ଦେଖୁଛି ଯେଉଁଥିରେ କି ଶ୍ରୀଅରବିନ୍ଦଙ୍କର ଶିକ୍ଷଣଗୁଡ଼ିକୁ ଠିକ୍ ଭାବରେ ଉପସ୍ଥାପନା କରା ଯାଇ ନାହିଁ । ଏସବୁ ବନ୍ଦ କରିବା ନିମନ୍ତେ କ'ଣ କିଛି କରାଯାଇ ପାରିବ ନାହିଁ ?*

ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏସବୁ ଘଟଣା ଘଟିବା ଅତ୍ୟନ୍ତ ଦୁଃଖର କଥା ଏବଂ

'oaob.nitrkl.ac.in' images reprocessed

ସେଗୁଡ଼ିକ ହେଉଛି ଆଶ୍ରମରେ ଘଟୁଥିବା ଏକ ସମଗ୍ର ଘଟଣାଧାରାର ଗୋଟିଏ ଗୋଟିଏ ଅଂଶ; କାରଣ ପ୍ରତ୍ୟେକ ବ୍ୟକ୍ତି ଯେପରି ଖୁସୀ ସେହିପରି ତା' କାମଗୁଡ଼ିକୁ କରୁଥିବା ପରି ମନେ ହେଉଛି ଓ ତାହା ଉପରେ କୌଣସି କଟକଣା ନାହିଁ । ଚେତନାକ୍ଷେତ୍ରରେ ଆନ୍ତରିକତା ଓ ସାଧୁତାର ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଅଭାବ ରହିଛି ।

ମୋ'ର ଅନେକ ଆଶୀର୍ବାଦ ।

*୩୦ ଜୁଲାଇ ୧୯୬୪*

*ସ୍ନେହମୟୀ ମାଆ,*

*ବିଗତ କେତେଦିନ ହେଲା ମୁଁ ଖୁବ୍ କ୍ଳାନ୍ତ ଅନୁଭବ କରୁଛି ଏବଂ ମୋ'ର ଯକୃତ ସଂପୂର୍ଣ୍ଣ ଭାବରେ ବିଗିଡ଼ି ଯାଇଛି । ସମ୍ଭବତଃ ଏହା ମୋ' ନିର୍ବୋଧତାର କାରଣରୁହିଁ ହେଉଛି । ମୁଁ ଭାବିଥିଲି ଯେ ମୁଁ ଯେତେ ଅଧିକ କାମ ଏବଂ ବ୍ୟାୟାମ କରିବି, ମୋତେ ସେତେ ଅଧିକ ଭଲ ଲାଗିବ । ତେଣୁ ମୁଁ ଅନେକ ଦୂରକୁ ବୁଲି ପଳାଉଥିଲି । ଫଳ ଏପରି ହେଲା ଯେ ବର୍ତ୍ତମାନ ଏପରିକି କଥା କହିବା ସମୟରେ ମଧ କ୍ଳାନ୍ତ ଲାଗୁଛି ଏବଂ ଏତେଟିକିଏ ବ୍ୟାୟାମ କଲେ ମୁଁ ଅଧିକ ଦୁର୍ବଳ ହୋଇପଡୁଛି ।*

*ସ୍ନେହମୟୀ ମାଆ, ଏ ବିଷୟରେ ଆପଣଙ୍କର ମୋ'ଲାଗି କିଛି କହିବାକୁ ଥିଲେ ମୁଁ ଅତ୍ୟନ୍ତ ଖୁସୀ ହେବି ।*

ମନ ସର୍ବଦା ଶରୀର ଉପରେ ତା'ର ନିଜ ନିୟମଟିକୁ ଜାରି କରିବାଲାଗି ଉଦ୍ୟମ କରିବାକୁ ଇଚ୍ଛା କରୁଥାଏ । ମାତ୍ର ସେହି ନିୟମ ଯେ ଅବଶ୍ୟ ଦିବ୍ୟ ପ୍ରଜ୍ଞା ହୋଇଥିବ, ସେକଥା ଆଦୌ ନୁହେଁ । ଏବଂ ତେଣୁ ଶରୀର କଷ୍ଟ ଭୋଗ କରୁଥାଏ ।

ତୁମର ଶରୀର ଯେପରି ନିଜର ଭାରସାମ୍ୟକୁ ଫେରି ପାଇବ ସେଥିଲାଗି ତୁମେ ତାକୁ ତାହାର ଆବଶ୍ୟକ ବିଶ୍ରାମ ଅବଶ୍ୟ ଦେବ ।

ମୋ'ର ଅନେକ ଆଶୀର୍ବାଦ ସହିତ ।

*୨୧ ଅଗଷ୍ଟ ୧୯୬୪*

*ସ୍ନେହମୟୀ ମାଆ,*

*ଆପଣଙ୍କର ୧୯୩୦-୩୧ର କଥୋପକଥନରେ ଆପଣ ଚୈତ୍ୟ ଉପସ୍ଥିତି ଏବଂ ଚୈତ୍ୟ ସତ୍ତା ସମ୍ବନ୍ଧରେ କହିଛନ୍ତି : "ଯେତେବେଳେ ଯଦିଓ ଚୈତ୍ୟ*

'oaob.nitrkl.ac.in' images reprocessed

*ସତ୍ତା ଊର୍ଦ୍ଧ୍ୱରୁ ଆସୁଥିବା ଏକ ସତ୍ତା ବା ବ୍ୟକ୍ତିତ୍ୱ ସହିତ ଯୁକ୍ତ ହୋଇଯାଏ, ତାହା ସେତିକିବେଳେହିଁ ନିଜର ପୂର୍ଣ୍ଣପ୍ରାପ୍ତି ଏବଂ ସମଗ୍ର ପରିପୂର୍ଣ୍ଣତା ଲାଭ କରିଥାଏ ।* ସ୍ନେହମୟୀ ମାଆ, ଏହି ବାକ୍ୟଟିକୁ ମୁଁ ବୁଝି ପାରି ନାହିଁ । ଏଠାରେ ଆପଣ କ'ଣ ଜୀବାତ୍ମା ବିଷୟରେ କହୁଛନ୍ତି ? ଯଦି ତା' ନ ହୋଇଥାଏ, ତେବେ ଆପଣ କେଉଁ ''ଊର୍ଦ୍ଧ୍ୱରୁ ଆସୁଥିବା ସତ୍ତା ବା ବ୍ୟକ୍ତିତ୍ୱ''ର ଆଲୋଚନା କରିଛନ୍ତି ?*

ମୋ'ର କଥାଟି ଯେପରି ଅଧିକ ସୁନିଶ୍ଚିତ ଶୁଣା ନ ଯିବ, ସେଇଥିଲାଗି ମୁଁ ''ଊର୍ଦ୍ଧ୍ୱରୁ ଆସୁଥିବା ସତ୍ତା'' ବୋଲି ଲେଖିଥିଲି, କାରଣ ସେହି କ୍ଷେତ୍ରରେ ବହୁ ସମ୍ଭାବନା ରହିଛି, ଅଧିମାନସସ୍ଥ କୌଣସି ଦେବତାଙ୍କର ଏକ ''ବିଭୂତି''ଠାରୁ ଆରମ୍ଭ କରି ଏକ ଅତିମାନସ ସତ୍ତା ଓ ଏପରିକି ସର୍ବୋଚ୍ଚ ପରମସତ୍ତାଙ୍କଠାରୁ ଏକ ସିଧା ନିର୍ଗମନ (ଏକ ଅବତାର) ପର୍ଯ୍ୟନ୍ତ ବହୁ ସମ୍ଭାବନା ରହିଛି ।

ଅନେକ ଆଶୀର୍ବାଦ ।

*୨୯ ଅକ୍ଟୋବର ୧୯୬୪*

*ସ୍ନେହମୟୀ ମାଆ,*

*ଆପଣ ମୋତେ ସତ୍ପ୍ରେମଙ୍କ ଦ୍ୱାରା ଲିଖିତ ''ଶ୍ରୀଅରବିନ୍ଦ ବା ଚେତନାର ଅଭିଯାନ'' ପୁସ୍ତକଟି ଦେବେ ବୋଲି ମୁଁ ଆପଣଙ୍କୁ ଅନୁରୋଧ କରି ପାରିବି କି ? ଏଇଟି ବିଷୟରେ ମୁଁ କୁଣ୍ଠାବୋଧ କରୁଥିଲି, କାରଣ ଏହାର ଦାମ୍ ଅନେକ; ମାତ୍ର ମୁଁ ଭାବୁଛି ଯେ ଏଇଟି କେବଳ ମୋ'ର ବର୍ତ୍ତମାନର କାର୍ଯ୍ୟରେ ନୁହେଁ, ପରେ ମଧ୍ୟ ମୋ'ପାଇଁ ଅତ୍ୟନ୍ତ ଉପଯୋଗୀ ହୋଇପାରିବ । ଯଦି ସେହି ପୁସ୍ତକରୁ କିଛି ଉଦ୍ଧାର କରିବା ଆବଶ୍ୟକ ହେବ, ତେବେ ମୁଁ ତାହା କରି ପାରୁଥିବି ।*

ତୁମେ ତ ଫରାସୀ ଜାଣିଛ, ତେଣୁ ଅନୁବାଦ ଅପେକ୍ଷା ମୂଳ ଭାଷାରେହିଁ ପଢ଼ିବା ଦ୍ୱାରା ସୁନିଶ୍ଚିତ ଭାବରେ ତୁମଲାଗି ଅଧିକ ଭଲ ହେବ । କାଳେ ତୁମ ପାଖରେ ସେଇଟି ନ ଥିବ, ମୁଁ ତୁମଲାଗି ଫରାସୀ ଗ୍ରନ୍ଥଟିକୁ ପଠାଇ ଦେଉଛି ।

ମୋ'ର ଅନେକ ଆଶୀର୍ବାଦ ।

*୨୬ ଡିସେମ୍ବର ୧୯୬୪*

---

* ପ୍ରଶ୍ନ ଓ ଉତ୍ତର, ଜନ୍ମଶତବାର୍ଷିକୀ ସଂସ୍କରଣ, ୩ୟ ଖଣ୍ଡ, ପୃଷ୍ଠା - ୧୫୦ ॥

'oaob.nitrkl.ac.in' images reprocessed

*ସ୍ନେହମୟୀ ମାଆ,*

*ମୁଁ ଆଗରୁ ଆପଣଙ୍କୁ ଯେପରି କହିଥିଲି, 'କ'ଙ୍କର କାମ କରିବାକୁ ଆଦୌ କୌଣସି ଇଚ୍ଛା ନାହିଁ । ଆପଣ ତାଙ୍କୁ ଦୈନିକ ଆଠଘଣ୍ଟା କାମ କରିବାକୁ କହିଲେ, ମାତ୍ର ସିଏ କେବଳ ଚାରିଘଣ୍ଟା କାମ କରିବାପାଇଁ ପ୍ରତିଶ୍ରୁତି ଦେଲେ । ଧୀରେ ଧୀରେ ସେ ଏହାକୁ ମଧ୍ୟ କମ୍ କରି ଦେଲେଣି ଓ ବର୍ତ୍ତମାନ ସେ ଯାବତୀୟ କାମକୁ ପ୍ରାୟ ଛାଡ଼ି ଦେଇଛନ୍ତି । ମାତ୍ର ତାଙ୍କ ଜାଗାରେ ଆଉଜଣେ କେହି ନ ପାଇଲେ ଆମେ ତାଙ୍କୁ ଛାଡ଼ିଦେଇ ପାରିବୁ ନାହିଁ । ଇତ୍ୟବସରେ, ମୁଁ ଆଶା ମଧ୍ୟ କରୁଛି ଯେ ଆପଣଙ୍କର କରୁଣା ବଳରେ ତାଙ୍କର ଅଧିକ ଆନ୍ତରିକତା ସହିତ କାର୍ଯ୍ୟ କରିବା ଉଚିତ ବୋଲି ସେ ନିଶ୍ଚୟ ନିଜେ ଅନୁଭବ କରିବେ ।*

ଜଣେ ମରୁଥିବା ବ୍ୟକ୍ତିକୁ ଆରୋଗ୍ୟ କରିବା ଅପେକ୍ଷା କୌଣସି ଆନ୍ତରିକତା ନ ଥିବା ଜଣେ ବ୍ୟକ୍ତିକୁ ଆନ୍ତରିକତା ଆଣିଦେବା ଅଧିକ କଷ୍ଟକର ହେବ ।

ଅନେକ ଆଶୀର୍ବାଦ ।

*୩୦ ଜାନୁଆରି ୧୯୬୫*

*ସ୍ନେହମୟୀ ମାଆ,*

*ପ୍ରାୟ ଦୁଇବର୍ଷ ପୂର୍ବେ 'ଖ' ଟେରା ହେବାକୁ ଆରମ୍ଭ କଲେ । ଗତ ଗୋଟିଏ ବର୍ଷ ବା ଅଧିକ ଦିନ ହେଲା ସେ ଚଷମା ବ୍ୟବହାର କରୁଛନ୍ତି, ମାତ୍ର ତାଙ୍କର ସେହି ସମସ୍ୟାଟି ବଢ଼ି ବଢ଼ି ଚାଲିଛି । ବର୍ତ୍ତମାନ ତାଙ୍କୁ ଅପରେଶନ ପାଇଁ ପରାମର୍ଶ ଦିଆଯାଇଛି । ମାତ୍ର ଯାହା ଆପଣ ନିଷ୍ପତ୍ତି କରିବେ ସେ ତାହାହିଁ କରିବେ । ଦୟାକରି ଆପଣ ନିଜର ନିଷ୍ପତ୍ତି ଦିଅନ୍ତୁ ।*

ଏସବୁ ପ୍ରକାରର ବିଷୟରେ ମୁଁ କିଛି ନିଷ୍ପତ୍ତି କରି ପାରିବି ନାହିଁ; ମାତ୍ର ଯେଉଁ ବିଶେଷଜ୍ଞମାନେ ଯଥାର୍ଥ ନିଷ୍ପତ୍ତିଟିକୁ କରିବେ, ସେମାନଙ୍କ ଲାଗି ମୁଁ ନିଜର ଆଶୀର୍ବାଦ ପ୍ରଦାନ କରୁଛି ।

ଅନେକ ଆଶୀର୍ବାଦ ।

*୨୫ ଫେବ୍ରୁଆରି ୧୯୬୫*

*ସ୍ନେହମୟୀ ମାଆ,*

*ଏଥିସହିତ ମୁଁ କାଲି 'ଗ'ଙ୍କ ଠାରୁ ପାଇଥିବା ଚିଠିଟିଏ ପଠାଉଛି । ମୁଁ*

'oaob.nitrkl.ac.in' images reprocessed

*ଚିହ୍ନ ଦେଇଥିବା ପାରାଟିକୁ ଆପଣ ଦୟାକରି ଥରେ ଦେଖିବେ । ସେ ଆପଣଙ୍କ ପାଖକୁ ନିଜେ ଲେଖିବେ ବୋଲି କହୁଛନ୍ତି । ସ୍ନେହମୟୀ ମାଆ, ମୁଁ ପ୍ରାର୍ଥନା କରୁଛି ଯେ ଆପଣଙ୍କର ଇଚ୍ଛା ତାଙ୍କର ନିଷ୍ପତ୍ତିକୁ ମାର୍ଗଦର୍ଶନ ଦେବ ଏବଂ ସେ ନିଜର ମନଦ୍ୱାରା କଦାପି ଉଚିତ ପଥରୁ ବିଚ୍ୟୁତ ହୋଇ ଯିବାକୁ ନିଜକୁ ଛାଡ଼ି ଦେବେ ନାହିଁ । ମନ ତ ଆପଣା ବିଷୟରେ ଭାରି ଅତିବିଶ୍ୱାସୀ ହୋଇ ରହିଥିବା ପରି ମନେ ହେଉଥାଏ ।*

"ଦିବ୍ୟ ମାର୍ଗଦର୍ଶନ" ବିଷୟରେ ସେ ନିଜେ କ'ଣ ବୁଝୁଛନ୍ତି, ସବୁକଥା ତାହାରି ଉପରେ ନିର୍ଭର କରୁଛି । ତାଙ୍କର ପ୍ରଥମ ସାକ୍ଷାତ ପରେ ମୁଁ ତାଙ୍କୁ ଲେଖିଥିଲି ଯେ, ପାର୍ଥିବ ଦୃଷ୍ଟିରୁ ଆଶ୍ରମ ସକାଶେ ଏକ ସମଗ୍ର ପୁନର୍ସଂଗଠନ ଏକାନ୍ତ ଆବଶ୍ୟକ ହେଉଛି ଓ ସେ ଏଥିରେ ମୋତେ ସାହାଯ୍ୟ କରିବେ ବୋଲି ମୁଁ ଭାବୁଛି । ମାତ୍ର ଯଦି ସେ ଆମେରିକାରୁ ନିଜ ସଙ୍ଗରେ ଦାନସୂତ୍ରରେ ଅଥବା ବିନାସୁଧରେ ୨୫ବର୍ଷ ପାଇଁ ଋଣ ଦିଆ ଯାଇଥିବା ଅର୍ଥ ଆଣିପାରିବେ, ତେବେଯାଇ ତାହା ସମ୍ଭବ ହେବ ବୋଲି ମଧ୍ୟ ମୁଁ ତାଙ୍କୁ ଲେଖିଥିଲି । ମୁଁ ଦଶକୋଟି* ଟଙ୍କାର ଏକ ପରିମାଣ ବିଷୟରେ ଉଲ୍ଲେଖ କରିଥିଲି ।

ସେ ଏହାକୁ ସର୍ବଦା ଏକ ଅସମ୍ଭବ ସର୍ତ୍ତ ବୋଲି ବିଚାର କରି ଆସିଛନ୍ତି – ମାତ୍ର ତଥାପି ଏହା ହେଉଛି ଏକ **ଅପରିହାର୍ଯ୍ୟ ସର୍ତ୍ତ** । ଏହା ବ୍ୟତୀତ ଆଦୌ କିଛି କରାଯାଇ ପାରିବ ନାହିଁ ।

ମୋ'ର ଅନେକ ଆଶୀର୍ବାଦ ।

ପୁନଶ୍ଚ : ବର୍ତ୍ତମାନ ସୁଦ୍ଧା ଦଶକୋଟି ଟଙ୍କା ମଧ୍ୟ ଯଥେଷ୍ଟ ହେବ ନାହିଁ, କାରଣ ବର୍ତ୍ତମାନ ଆମେ ଅରୋଭିଲ୍ ପ୍ରକଳ୍ପଟିକୁ ମଧ୍ୟ ହାତକୁ ନେଇଛୁ,– କେବଳ ଏଇଟିପାଇଁ ତ ଅନ୍ତତଃ ୫୦ କୋଟି ଲାଗିବ ।

ଅର୍ଥ ବ୍ୟତୀତ, ଆମର ବର୍ତ୍ତମାନ କର୍ମଧାରାର ପ୍ରଣାଳୀର ଆଦୌ **କିଛିହେଲେ** ବଦଳାଇ ପାରିବା ସମ୍ଭବ ହେବ ନାହିଁ । *୨୭ ମଇ ୧୯୬୫*

*ସ୍ନେହମୟୀ ମାଆ,*

*କିଛିଦିନ ପୂର୍ବେ ଆପଣଙ୍କୁ ମୁଁ ଯେପରି କହିଥିଲି, 'କ' ଆଉ ମୋତେ କାମ କରିବାକୁ ଇଚ୍ଛା କରୁ ନାହାନ୍ତି । ସିଏ ତାଙ୍କର ପ୍ରାୟ ସବୁ କାମ ଛାଡ଼ି ସାରିଲେଣି ଏବଂ କେବଳ ହିସାବର ଏକ କ୍ଷୁଦ୍ର ଅଂଶର ଦେଖାଶୁଣା କରୁଛନ୍ତି ।*

* ଏକକୋଟି = ଶହେ ଲକ୍ଷ ।

'oaob.nitrkl.ac.in' images reprocessed

*ଏବଂ ସେହି କାର୍ଯ୍ୟଟିରେ ମଧ୍ୟ ବହୁତ ଭୁଲ କରି ଦେଉଛନ୍ତି । ସ୍ନେହମୟୀ ମାଆ, ସିଏ ଛଅଘଣ୍ଟା କାମ କରିବେ ଏବଂ ମୁଁ ସକାଳେ ଉପର ମହଲାକୁ ଯିବା ସମୟରେ ଆଦୌ ଚାଲି ଯିବେ ନାହିଁ ବୋଲି ଆପଣ ତାଙ୍କୁ କହିବେ ବୋଲି ମୁଁ ବିନୀତ ଭାବରେ ଆପଣଙ୍କୁ ଅନୁରୋଧ କରି ପାରିବି କି ?*

*ଏହା ପ୍ରକୃତରେ ଏକ ବିଚିତ୍ର କଥା : ନିଜକୁ ଆପଣଙ୍କ କାର୍ଯ୍ୟ ମଧ୍ୟକୁ ସଂପୂର୍ଣ୍ଣ ଭାବରେ ନିକ୍ଷିପ୍ତ କରି ନ ଦେଇ ଲୋକେ ଅଧିକରୁ ଅଧିକ ପରିମାଣରେ ନିଜକୁ କାର୍ଯ୍ୟରୁ ନିବୃତ୍ତ କରି ରଖୁଛନ୍ତି । ବିଭାଗଗୁଡ଼ିକର କାର୍ଯ୍ୟ ବୃଦ୍ଧି ପାଇବାରେ ଲାଗିଛି ଏବଂ ଚାରିଆଡ଼େ ବିଶୃଙ୍ଖଳା ପଶିଗଲାଣି । କେବଳ ଆପଣଙ୍କର କରୁଣାହିଁ ଆମଭିତରେ ରହିଥିବା ଆଳସ୍ୟ ଏବଂ ଅନାନ୍ତରିକତାକୁ ଜୟ କରିପାରିବ ଓ ଏହି ବିଶୃଙ୍ଖଳା ମଧ୍ୟରୁ ଶୃଙ୍ଖଳା ସମ୍ଭବ କରି ଆଣିବ । ମୁଁ ଆପଣଙ୍କ କରୁଣାର ହସ୍ତକ୍ଷେପ ନିମନ୍ତେ ପ୍ରାର୍ଥନା କରୁଛି ।*

ଅନାନ୍ତରିକତା ପ୍ରକୃତରେ ଆଦୌ କୌଣସି ଆରୋଗ୍ୟ ମାନୁ ନ ଥିବା ଗୋଟିଏ ଦୋଷ ପରି ବୋଧ ହେଉଛି, ଯାହାକି ଏକ ସତ୍ତା ମଧ୍ୟରେ କରୁଣାର ଯାବତୀୟ କାର୍ଯ୍ୟକୁ ବ୍ୟର୍ଥ କରି ଦେଉଥାଏ । ଏହା ଯେ ଏକ ଅନାନ୍ତରିକତା ଏଥିରେ କୌଣସି ସନ୍ଦେହ ନାହିଁ; ଏବଂ ଏହି କାରଣରୁହିଁ ପୃଥିବୀରେ କାଳୀଙ୍କର ପ୍ରଚଣ୍ଡ ହସ୍ତକ୍ଷେପ ଆବଶ୍ୟକ ହୋଇପଡ଼ିଛି ।

ଆନ୍ତରିକତା ନ ଥିବା ଜଣେ ବ୍ୟକ୍ତିକୁ ଆଦେଶ ଦେବା ମୋ' ପକ୍ଷରେ ହୁଏତ ସମ୍ଭବ ମଧ୍ୟ ହେବ ନାହିଁ, କାରଣ ସେହି କ୍ଷେତ୍ରରେ ସେ କପଟତା ସହିତହିଁ ସେଥିପ୍ରତି ନିଜର ଅନୁସ୍ୱନ୍ଦନ ଜଣାଇବ ଏବଂ ତଦ୍ଦ୍ୱାରା ସେ ନିମଗ୍ନ ହୋଇ ରହିଥିବା ଅନ୍ଧକାରଟି କେବଳ ଅଧିକ ବୃଦ୍ଧି ପାଇବାହିଁ ସାର ହେବ ।

ତୁମେ ହୁଏତ ଆନ୍ତରିକତା ନ ଥିବା ଲୋକମାନଙ୍କ ସହିତ କୌଣସି ସମ୍ବନ୍ଧ ରଖିବ ନାହିଁ ଅଥବା ସେମାନେ ଯେଉଁପରି ଅଛନ୍ତି, ସେମାନଙ୍କୁ ସେହି ଭାବରେହିଁ ଗ୍ରହଣ କରିବ ।

ଅନେକ ଆଶୀର୍ବାଦ ।

*୨ ଜୁନ୍ ୧୯୬୫*

*ସ୍ନେହମୟୀ ମାଆ,*

*ହେମିଓପାଥ୍ ଡାକ୍ତର 'ଖ' ଲେଖିଛନ୍ତି : ''ମାଆଙ୍କର କରୁଣା ଦ୍ୱାରା ଏଠାରେ ମୋର ନୂତନ କରି ଖୋଲା ଯାଇଥିବା ଚିକିତ୍ସାଳୟରେ ଚାଲିଥିବା କାର୍ଯ୍ୟର ପରିମାଣ ଅନନ୍ତ ଗୁଣରେ ବୃଦ୍ଧିପ୍ରାପ୍ତ ହୋଇପାରିଛି ।'' ସେଥିରୁ*

'oaob.nitrkl.ac.in' images reprocessed

*ଜଣାପଡୁଛି ଯେ, ଆପଣଙ୍କର କରୁଣାବଳରେ ପୀଡ଼ିତ ବ୍ୟକ୍ତିମାନଙ୍କର ସଂଖ୍ୟା ବୃଦ୍ଧି ପାଇଛି ଏବଂ ଚିକିତ୍ସକ ମଧ୍ୟ ସେଥିରେ ଅତ୍ୟନ୍ତ ପ୍ରସନ୍ନତା ଅନୁଭବ କରୁଛନ୍ତି । ଏଥିରେ ମୁଁ ଅତ୍ୟନ୍ତ ଆଶ୍ଚର୍ଯ୍ୟ ଏବଂ ଆମୋଦିତ ବି ହେଉଛି ।*

ଭାଗ୍ୟର କଥା ଯେ, ସେ ବ୍ୟବହାର କରିଥିବା କଥାଟି କେବଳ ଏକ ଭଦ୍ରତାବ୍ୟଞ୍ଜକ ଶବ୍ଦରୂପେହିଁ ବ୍ୟବହୃତ ହୋଇଛି ଏବଂ ତା'ପଛରେ କୌଣସି ଅନୁରୂପ ଭାବ ଆଦୌ ନାହିଁ । ଅନେକ ବ୍ୟକ୍ତି ଯେପରି ସବୁବେଳେ ''ଭଗବାନଙ୍କୁ ଧନ୍ୟବାଦ'' ବୋଲି କହିଥାନ୍ତି, ଇଏ ଠିକ୍ ସେହିପରି ଗୋଟିଏ କଥା – ଏହାସହିତ କୌଣସି ପ୍ରକୃତ ଭାବନାର କିଛି ସମ୍ବନ୍ଧ ନାହିଁ ।

ଅନେକ ଆଶୀର୍ବାଦ ।

*୫ ଅଗଷ୍ଟ ୧୯୬୫*

*ସ୍ନେହମୟୀ ମାଆ,*

*ମୁଁ ଦେଖୁଛି ଯେ ବିଦ୍ୟୁତ୍‌ଶକ୍ତି ସାହାଯ୍ୟରେ 'ଗ' ମୋ' ଦେହରେ ଯେଉଁ ମାଲିଶ୍ କଲେ, ତଦ୍ଦ୍ୱାରା ଆଗରୁ ଦୁର୍ବଳ ଏବଂ ସଂବେଦନଶୀଳ ହୋଇ ରହିଥିବା ମୋ'ର ପାକସ୍ଥଳୀଟି ଆହୁରି ଦୁର୍ବଳ ହୋଇ ଯାଇଛି ଏବଂ ଫଳରେ ମୋତେ ଆଗ ଅପେକ୍ଷା ଆହୁରି ଅଧିକ କ୍ଲାନ୍ତ ଲାଗୁଛି । ଆପଣ ସମ୍ମତ ହେଲେ ମୁଁ ଏହି ଚିକିତ୍ସାକୁ ବରଂ ବନ୍ଦ କରିଦିଅନ୍ତି । ମୁଁ ଏକଥା ଅଧିକରୁ ଅଧିକ ପରିମାଣରେ ଅନୁଭବ କରୁଛି ଯେ, ଆପଣଙ୍କର କରୁଣା ବ୍ୟତୀତ ଆଉ କିଛିହେଲେ ମୋ'ର ପୂର୍ଣ୍ଣ ଆରୋଗ୍ୟବିଧାନ କରି ପାରିବ ନାହିଁ ଏବଂ ମୁଁ ନିଜକୁ ତାହାରି ଆଶ୍ରୟରେହିଁ ନ୍ୟସ୍ତ କରିଦେବି । ଯଦି ମୁଁ ଆପଣଙ୍କୁ ଭଲ ପାଉଥାଏ ଓ ଯଦି ଆପଣଙ୍କର ଯଥାର୍ଥ ଅନୁଗତ ହୋଇ ରହିଥାଏ, ତେବେ ଆପଣ ଯେ ଏହି ଜଡ଼ ଶରୀରଟିକୁ ସମ୍ପୂର୍ଣ୍ଣ ଭାବରେ ବଦଳାଇ ଦେବେ ସେଥିରେ ମୋର ଆଦୌ କୌଣସି ସନ୍ଦେହ ନାହିଁ ।*

ଏହା ବିଲକୁଲ ଠିକ୍ କଥା; ଯଦି ଚିକିତ୍ସାଟି ଦ୍ୱାରା ତୁମର ଉପକାର ନ ହେଉଛି, ତେବେ ତୁମେ ତାହାକୁ ଅବଶ୍ୟ ବନ୍ଦ କରିଦେବ ।

ଏକଥା ସତ ଯେ କେବଳ ଦିବ୍ୟ ଶକ୍ତି ଦ୍ୱାରାହିଁ ସମ୍ପୂର୍ଣ୍ଣ ପରିବର୍ତ୍ତନ ସମ୍ଭବ ହୋଇ ପାରିବ; ମାତ୍ର ଏବେ ପୃଥିବୀ ଯେଉଁ ଅବସ୍ଥା ଭିତରେ ରହିଛି ସେହି ପ୍ରକ୍ରିୟାଟି ସେହି

'oaob.nitrkl.ac.in' images reprocessed

ଦୃଷ୍ଟିରୁ ବହୁତ ସମୟ ନେବ, ଏବଂ ତେଣୁ ଆମର ବିଶ୍ୱାସ ମଧ୍ୟ ତଦନୁରୂପ ଅତ୍ୟନ୍ତ ଧୈର୍ଯ୍ୟଶାଳୀ ହୋଇ ରହିପାରିବା ଉଚିତ।

ଅନେକ ଆଶୀର୍ବାଦ।

*୩୦ ଅଗଷ୍ଟ ୧୯୬୫*

*ସ୍ନେହମୟୀ ମାଆ,*

*ଯୁଦ୍ଧ* ଏବଂ ଏହା ଆବଶ୍ୟକ କରୁଥିବା ସଂଯମଗୁଡ଼ିକ ଦୃଷ୍ଟିରୁ ଆସବାବପତ୍ର ଯୋଗାଇ ଦେବାର କ୍ଷେତ୍ରରେ ଆମେ କେତେକ ପରିମାଣରେ ମିତବ୍ୟୟତା ଅବଲମ୍ବନ କରୁ ବୋଲି ଆପଣ ଚାହିଁବେ କି ? ଅତିବେଶୀ ବ୍ୟୟ ଆବଶ୍ୟକ କରୁଥିବା ବରାଦଗୁଡ଼ିକୁ ଆମେ କାଟିଦେଇ ପାରିବୁ କି ଏବଂ ଯୁଗପତ୍ ଭାବରେ, ବର୍ତ୍ତମାନ ଅବସ୍ଥାର ଆବଶ୍ୟକତା ଅନୁସାରେ ଖର୍ଚ୍ଚରେ ମଧ୍ୟ କିଛି କାଟ କରିଦେବୁ କି ?*

ହଁ, ଅନ୍ତତଃ ବହୁଖର୍ଚ୍ଚୀ ବରାଦଗୁଡ଼ିକୁ ଅବଶ୍ୟ ବନ୍ଦ କରିବାକୁ ପଡ଼ିବ, କାରଣ ସେଗୁଡ଼ିକ ଏଠି ଆଦୌ ଖାପ ଖାଇ ପାରିବେ ନାହିଁ।

ଅନେକ ଆଶୀର୍ବାଦ।

*୨୨ ସେପ୍ଟେମ୍ବର ୧୯୬୫*

*ସ୍ନେହମୟୀ ମାଆ,*

*ବିଗତ ତିନିଦିନ ହେଲା ମୁଁ 'କ'ଙ୍କର ପ୍ରାକୃତିକ ଚିକିତ୍ସାର ପ୍ରୟୋଗ କରୁଛି ଏବଂ ତାଙ୍କ ପରାମର୍ଶ ଅନୁସାରେ ମୁଁ ପିଉଥିବା କ୍ଷୀର ଓ ପାଣିର ପରିମାଣକୁ ଅଧେ କମ୍ କରି ଦେଇଛି। ଯଦି ଆପଣ କହିବେ, ତେବେ ମୁଁ ଏହି ଚିକିତ୍ସାକୁ ଆଉ କେତେଦିନଯାଏ ଚାଲୁ ରଖିବି।*

ମୁଁ ତୁମକୁ କମ୍ କ୍ଷୀର ପିଇବାକୁ ପରାମର୍ଶ ଦେବି ନାହିଁ। କାରଣ ତୁମେ ତ ପୂର୍ବରୁହିଁ ଅତିକମ୍ ଭୋଜନ କରୁଛ। ଏବଂ ଏହିପରି ଖାଇବା କମ୍ ହୋଇ ଯାଉଥିବା ସଙ୍ଗେ ସଙ୍ଗେ ଆହାର ଗ୍ରହଣ କରିବାର ସାମର୍ଥ୍ୟ ମଧ୍ୟ ଚାଲି ଯାଉଥିବ ଏବଂ ତଦ୍ୱାରା ଜୀବନୀଶକ୍ତି ହ୍ରାସ ହୋଇଯିବ।

* ସେପ୍ଟେମ୍ବର ୧୯୬୫ରେ ଭାରତ-ପାକିସ୍ଥାନ ଯୁଦ୍ଧ।

'oaob.nitrkl.ac.in' images reprocessed

*ସ୍ନେହମୟୀ ମାଆ,*

*ମୁଁ ସୁନିଶ୍ଚିତ ଯେ ଏହି ବର୍ଷଟି ସରିଯିବା ମଧ୍ୟରେ ମୋ'ର ଅଭିଯୋଗ ମଧ୍ୟ ଚିରଦିନ ପାଇଁ ବନ୍ଦ ହୋଇଯିବ । ଯଦି ଆପଣ ଅନୁମୋଦନ କରନ୍ତି, ତେବେ ମୁଁ ଏହି ପ୍ରାକୃତିକ ଚିକିତ୍ସାକୁ ଚାଲୁ ରଖିବି; ତା' ନ ହେଲେ ବନ୍ଦ କରିଦେବି । ମୁଁ ସମ୍ପୂର୍ଣ୍ଣ ଭାବରେ ନିଜକୁ ଆପଣଙ୍କର ଶକ୍ତି ପାଖରେ ଅର୍ପଣ କରି ଦେଉଛି ।*

ଯେତେବେଳେ ତୁମେ ସେଥିରୁ ଉପକାର ପାଉଛ, ସେହି ପ୍ରାକୃତିକ ଚିକିତ୍ସା ଚାଲୁ ରହିଥାଉ; ଏବଂ ନିଜର ବିଶ୍ୱାସକୁ ମଧ୍ୟ ଅବିଚଳ ଓ ଜୀବନ୍ତ କରି ରଖିଥାଅ । କାରଣ, ଆରୋଗ୍ୟ ପାଇଁ ଏହା ଅତ୍ୟନ୍ତ ଅତ୍ୟାବଶ୍ୟକ ।

ଅନେକ ଆଶୀର୍ବାଦ ।

*୨ ଅକ୍ଟୋବର ୧୯୬୫*

*ସ୍ନେହମୟୀ ମାଆ,*

*ଆଗରୁ ମୁଁ ଦିନକୁ ତିନିଥର କ୍ଷୀର ପିଉଥିଲି : ସକାଳେ, ଖରାବେଳେ ଓ ସନ୍ଧ୍ୟାରେ । ମାତ୍ର, 'କ' ଓ 'ଖ' ମୋତେ କହିଛନ୍ତି ଯେ, ଖରାବେଳେ ଚହ୍ଲା ପିଇଲେ ତାହା ଅଧିକ ସହଜରେ ହଜମ ହେବ ଏବଂ ଏକ ଦୁର୍ବଳ ଦେହାବସ୍ଥା ନିମନ୍ତେ ତାହା ଅଧିକ ଉପକାର କରିବ । ସେଥିଲାଗି ମୁଁ ଖରାବେଳେ କ୍ଷୀର ବଦଳରେ ଚହ୍ଲା ପିଉଛି ।*

*ମାତ୍ର ଏହି ସବୁକିଛି ପରାମର୍ଶର କୌଣସି ତାତ୍ପର୍ଯ୍ୟ ନାହିଁ । ସ୍ନେହମୟୀ ମାଆ, ଆପଣ ମୋତେ ଯାହା କରିବାକୁ କହିବେ, ମୁଁ ତାହାହିଁ କରିବି ।*

ଚହ୍ଲା ବ୍ୟବହାର କରିବା ଅତି ଚମତ୍କାର ହେବ ଏବଂ ତୁମେ ତାହା ପିଇବା ଚାଲୁ ରଖ । ତୁମେ ନିଜକୁ କଦାପି ଭୋକିଲା ରଖିବ ନାହିଁ ଓ ଯଥେଷ୍ଟ ପରିମାଣରେ ପୁଷ୍ଟିକର ଖାଦ୍ୟ ଖାଇବ ।

ଅନେକ ଆଶୀର୍ବାଦ ।

*୩ ଅକ୍ଟୋବର ୧୯୬୫*

*ସ୍ନେହମୟୀ ମାଆ,*

*ତାଙ୍କର ସର୍ବଶେଷ ଚିଠିରେ 'ଗ' ଲେଖିଛନ୍ତି, ''ମୁଁ ମାଆଙ୍କଠାରୁ ମୋ' ଶେଷ ଦୁଇଟି ଚିଠିର କୌଣସି ଉତ୍ତର ପାଇ ନାହିଁ । ଚିଠିଦୁଇଟି ଆଉ କୁଆଡ଼େ*

'oaob.nitrkl.ac.in' images reprocessed

*ଚାଲି ଯାଇଥିବ ବୋଲି ତୁମେ ଭାବୁଛ କି ?'' ସ୍ନେହମୟୀ ମାଆ, ମୁଁ ତାଙ୍କୁ ଉତ୍ତରରେ କ'ଣ ଲେଖିବି ବୋଲି ଆପଣ ଚାହୁଁଛନ୍ତି ?*

ଏଇକଥା ଲେଖିବ : ''ମୁଁ ତାଙ୍କର ଦୁଇଖଣ୍ଡଯାକ ଚିଠି ପାଇଛି ଓ ପଢ଼ିଛି । ସଙ୍ଗେ ସଙ୍ଗେ ମନସ୍ତରରେ ତାହାର ଉତ୍ତର ଯାଇଥିଲା ଏବଂ, ତାଙ୍କର ଭାବନାଗୁଡ଼ିକ ଯେତେବେଳେ ମୋ' ପାଖରେ ଆସି ପହଞ୍ଚୁଛନ୍ତି, ସେତେବେଳେ ଉତ୍ତରଗୁଡ଼ିକ ମଧ୍ୟ ସଙ୍ଗେ ସଙ୍ଗେ ଚାଲିଯାଉଛି । ଏଇଟି ଅତ୍ୟାବଶ୍ୟକ ଯେ, ଏହିପରି ମନସ୍ତରରେ ପତ୍ରର ଆଦାନପ୍ରଦାନ ତାଙ୍କ ସାଧନାର ଅଙ୍ଗ ହୋଇ ରହିବା ଉଚିତ ଏବଂ ଏକ ନିର୍ଦ୍ଦିଷ୍ଟ ପରିପୂର୍ଣ୍ଣତା ମଧ୍ୟ ହାସଲ କରିପାରିବା ଉଚିତ । ତଥାପି, ସମୟକ୍ରମେ ମୁଁ ତାଙ୍କ ପାଖକୁ ଲେଖିବି ବୋଲି ଇଚ୍ଛା ରଖିଛି ଏବଂ, ମୁଁ ତାଙ୍କଠାରୁ କ'ଣ ଆଶା କରୁଛି, ତାଙ୍କୁ ସେତେବେଳେ ସ୍ଥୂଳ ଭାବରେ ଅବଶ୍ୟ ଜଣାଇଦେବି ।

''ତାଙ୍କୁ ଆପଣାର ପ୍ରସ୍ତୁତି ଅବ୍ୟାହତ ରଖିବାକୁ ହେବ ଏବଂ ସେ ନିଜର ବିକାଶକୁ ମଧ୍ୟ ଅଧିକରୁ ଅଧିକ ପରିପୂର୍ଣ୍ଣ ଭାବେ କରୁଥିବେ, ଯେପରିକି, ଯାହା କରିବା ଆବଶ୍ୟକ, ସେ ତାହା କରିବା ଲାଗି ପ୍ରସ୍ତୁତ ହୋଇଯିବେ । ମୋର ଅନେକ ଆଶୀର୍ବାଦ ରହିଛି ।''

''ତୁମେ ଏହାକୁ ଅନୁବାଦ କରି ତାଙ୍କ ପାଖକୁ ପଠାଇଦେଇ ପାରିବ ।

ଅନେକ ଆଶୀର୍ବାଦ ।

*୧୮ ଅକ୍ଟୋବର ୧୯୬୫*

*ସ୍ନେହମୟୀ ମାଆ,*

*ଆସନ୍ତା ବର୍ଷ ପାଇଁ ନୂଆ ଷ୍ଟକ୍-ବହିଗୁଡ଼ିକ ତିଆରି କରିବାକୁ 'କ' ମନା କରିଛନ୍ତି । ଏବଂ 'ଖ' ମଧ୍ୟ ସେଥିପାଇଁ ଇଚ୍ଛୁକ ନୁହଁନ୍ତି କି ପ୍ରସ୍ତୁତ ନୁହଁନ୍ତି, ସେ ମଧ୍ୟ କିଛି କରି ପାରିବେ । ସେ ନିଜକୁ ଯେକୌଣସି କାର୍ଯ୍ୟ ନିମନ୍ତେ ଅଯୋଗ୍ୟ କରି ସାରିଲେଣି । ମୁଁ ଆପଣଙ୍କୁ ଏକଥା ଅବଗତ କରାଉଛି, ଯେପରିକି ଆପଣଙ୍କର କରୁଣାବଳରେ ଏଇପରି ସ୍ଥିତିରେ କିଛି ଉନ୍ନତି ହୋଇପାରିବ ।*

ମୋ'ର ଭୟ ହେଉଛି ଯେ ଅଳସୁଆ ମଣିଷମାନଙ୍କ ଉପରେ **କରୁଣାର କୌଣସି ପ୍ରଭାବ** ପଡ଼େ ନାହିଁ ।

ଅନେକ ଆଶୀର୍ବାଦ ।

*୧୦ ଡିସେମ୍ବର ୧୯୬୫*

'oaob.nitrkl.ac.in' images reprocessed

*ସ୍ନେହମୟୀ ମାଆ,*

*ଆପଣ ମୋତେ ଯେପରି କରିବା ପାଇଁ କହିଥିଲେ, ମୁଁ ପ୍ରତିଦିନ ସେହିପରି ସକାଳେ କ୍ଷୀର ଓ ଗୋଟିଏ ଦରସିଝା ଅଣ୍ଡା ଖାଉଛି । ଆଜି ମୋ'ପାଇଁ ଆପଣ ଯେଉଁ ଅଣ୍ଡାଟିକୁ ପଠାଇଛନ୍ତି, ମୁଁ ତାକୁ କାଲି ସକାଳେ ପ୍ରାୟ ସାଢ଼େ ଛଅଟାବେଳେ ଖାଇବି ।*

*ଇତିମଧ୍ୟରେ ମୁଁ ଆଉ ଗୋଟିଏ ପ୍ରଣାଳୀର ଖବର ମଧ୍ୟ ପାଇଛି : ଗୋଟିଏ କଞ୍ଚା ଅଣ୍ଡାକୁ କ୍ଷୀର ଭିତରେ ଭାଙ୍ଗି ଗୋଳାଇଦେବ ଏବଂ ତା'ପରେ ତାକୁ ପିଇବ । ଅର୍ଥାତ୍ ଅଣ୍ଡାକୁ ଆଉ ପ୍ରଥମେ ପାଣିରେ ସିଝାଇବାକୁ ପଡ଼ିବ ନାହିଁ ।*

*ଏହି ଦୁଇଟିରୁ ମୁଁ କେଉଁଟି କରେ ବୋଲି ଆପଣ ପସନ୍ଦ କରୁଛନ୍ତି ? କାଲିର ଅଣ୍ଡାଟିକୁ ମୁଁ ଆଜି କ୍ଷୀରରେ ଭାଙ୍ଗି ପିଇବି କି ? ଏହା ହଜମ କରିବାକୁ ସହଜ ହେବ ତ ?*

**କଞ୍ଚା** ଅଣ୍ଡାହିଁ ସବୁଠାରୁ ଅଧିକ ସହଜରେ ହଜମ ହୁଏ ।

ଅଣ୍ଡାଗୁଡ଼ିକୁ ଯେତିକି ଅଧିକ ରାନ୍ଧିବ, ସେଗୁଡ଼ିକୁ ହଜମ କରିବା ସେତିକି ଅଧିକ କଷ୍ଟକର ହେବ । ଯଦି ତୁମ ଅଣ୍ଡାଟିକୁ ଗୋଟିଏ ଶୀତଳ ସ୍ଥାନରେ ରଖିବ, ତେବେ ତୁମେ ସେଇଟିକୁ ତହିଁ ଆରଦିନ ମଧ୍ୟ ବ୍ୟବହାର କରିପାରିବ; ତାକୁ କ୍ଷୀର ସହିତ ଭଲ ଭାବରେ ମିଶାଇଦେବ ଏବଂ ଯଦି ଇଚ୍ଛା କରିବ, ତାହାକୁ ଟିକେ ମିଠାଳିଆ କରିଦେବ ।

ଅନେକ ଆଶୀର୍ବାଦ । *୨୮ ଜାନୁଆରି ୧୯୬୬*

*ସ୍ନେହମୟୀ ମାଆ,*

*ଡାକ୍ତରମାନେ ଯାହା ନିର୍ଣ୍ଣୟ କରୁଛନ୍ତି, ମୁଁ ପ୍ରତ୍ୟେକ କଥାକୁ ନେଇ ଆପଣଙ୍କ ଆଗରେ ଥୋଇ ଦେଉଛି, ଯେପରିକି ଆପଣଙ୍କର କରୁଣା ଏଇଟି ଉପରେ କାର୍ଯ୍ୟ କରିପାରିବ; ମାତ୍ର, ମୋ' ଶରୀର ସକାଶେ କ'ଣ ଘଟିବ ବା ନ ଘଟିବ, ସେବିଷୟରେ ମୁଁ ଆଦୌ ବ୍ୟସ୍ତ ନୁହେଁ । ମୋ'ର ଶରୀର ହେଉଛି ଆପଣଙ୍କର ଯନ୍ତ୍ର, ଏବଂ ତାହାକୁ କିପରି ସକଳ ରୁଗ୍ଣତାରୁ ମୁକ୍ତ କରି ରୂପାନ୍ତରିତ କରିବାକୁ ହେବ, କେବଳ ଆପଣହିଁ ତାହା ଜାଣନ୍ତି ।*

*ମୋ'ର ଅନ୍ତରସ୍ଥ ସତ୍ତା ବିଷୟରେ ମୁଁ ଏତିକି କହିବି ଯେ, ତାହା ଆପଣଙ୍କର ପ୍ରେମ ମଧ୍ୟରେ ନିମଜ୍ଜିତ ହୋଇ ରହିଛି, ଆପଣଙ୍କର ପ୍ରେମହିଁ ମୋ'ର ଜୀବନ, ମୋ'ର ଏକମାତ୍ର ଅବଲମ୍ବନ, ମୋ'ର ଶାନ୍ତି ଓ ମୋ'ର ଆନନ୍ଦ ।*

'oaob.nitrkl.ac.in' images reprocessed

ନିଜର ବିଶ୍ୱାସକୁ ଅବିଚଳିତ ରଖିଥାଅ ଏବଂ ଶାଶ୍ୱତ ପ୍ରେମ ମଧ୍ୟରେ ନିମଜ୍ଜିତ ହୋଇ ରହ । ତାହାହିଁ ଏକମାତ୍ର ସତ୍ୟ ।

ମୋ'ର ଶକ୍ତି ଓ ମୋ'ର ଅନେକ ଆଶୀର୍ବାଦ ତୁମ ସହିତ ରହିଛି ।

*୯ ମଇ ୧୯୬୬*

*ସ୍ନେହମୟୀ ମାଆ,*

*କାଲି ସକାଳେ ଡାକ୍ତର 'ଖ' ମୋତେ ଦେଖିବାକୁ ଆସିଥିଲେ । ସେ କହନ୍ତି ଯେ, ମୋତେ ଅଧିକ ଖାଦ୍ୟ ଖାଇବାକୁ ହେବ ଏବଂ ଅଧିକ ପୁଷ୍ଟିଦାୟକ ଖାଦ୍ୟ ଭୋଜନ କରିବାକୁ ପଡ଼ିବ । ସେ କହୁଛନ୍ତି ଯେ, ଯଦି ମୁଁ ଘନ ଓ ପୁଷ୍ଟିଦାୟକ ଖାଦ୍ୟ ନ ଖାଇବି, ତେବେ ଏହି ଅସୁସ୍ଥତା ଆଦୌ ଭଲ ହେବ ନାହିଁ । ପାକସ୍ଥଳୀ ନିଶ୍ଚୟ ପ୍ରତିରୋଧ କରିବ; ତଥାପି ତାହାକୁ ଖାପ ଖୁଆଇ ନେବାକୁ ପଡ଼ିବ ।*

ଗତ କେତେ ଦିନ ହେଲା ମୁଁ ତୁମକୁ ଏକଥା କହିବାକୁ ଇଚ୍ଛା କରିଆସିଛି ଯେ, ତୁମକୁ ଅଧିକ ଖାଇବାକୁ ହେବ ଏବଂ ଅଧିକ ପୁଷ୍ଟିକର ଖାଦ୍ୟ ଆହାର କରିବାକୁ ପଡ଼ିବ ।

ତୁମର ଶରୀରକୁ ବଳ ଦେବା ପାଇଁ ଏହା ଅତ୍ୟାବଶ୍ୟକ; ତୁମେ ଅଧିକ ଶକ୍ତିଶାଳୀ ହେବା ସଙ୍ଗେ ସଙ୍ଗେ ଖାଦ୍ୟ ଗ୍ରହଣ କରିବା ତୁମ ଲାଗି ଅଧିକ ସହଜ ହୋଇଯିବ ।

ଅନେକ ଆଶୀର୍ବାଦ ।

*୨୦ ମଇ ୧୯୬୬*

*ସ୍ନେହମୟୀ ମାଆ,*

*ଗତ ପଚିଶିବର୍ଷ କିଂବା ତତୋଽଧିକ କାଳ ହେଲା ମୋତେ କଷ୍ଟଦେଇ ଆସୁଥିବା ଏହି ନିଦ୍ରାହୀନତା ରୋଗରୁ ଆପଣ ମୋତେ ମୁକ୍ତ କରନ୍ତୁ, ଏହା ମୋ'ର ବିନୀତ ପ୍ରାର୍ଥନା । କାଲି ରାତିରେ ମୁଁ ମୋଟେ ଘଣ୍ଟାଟିଏ ଶୋଇଛି । ଏବଂ, ଗତ ପ୍ରାୟ କୋଡ଼ିଏଟି ରାତି ମୋ'ର ପ୍ରାୟ ଆଦୌ ନିଦ ହୋଇ ନାହିଁ । ଡାକ୍ତର 'ଗ' କହୁଛନ୍ତି ଯେ, ନିଦବଟିକା ବ୍ୟତୀତ ଏହି ରୋଗ ସକାଶେ ଆଉ ଅନ୍ୟ କୌଣସି ଔଷଧ ନାହିଁ । ମାତ୍ର କେତେବର୍ଷ ତଳେ ଆପଣ ମୋତେ ନିଦବଟିକା ନ ଖାଇବାକୁ କହିଥିଲେ ।*

ଇଚ୍ଛା କଲା ମାତ୍ରକେ ମନ ଭିତରଟି କିପରି ଶାନ୍ତ ହୋଇଯିବ, ସେହି ଉପାୟଟିକୁ ଜାଣି

'oaob.nitrkl.ac.in' images reprocessed

ନିଦ୍ରାର ଆବଶ୍ୟକତାରୁ ମୁକ୍ତି ଲାଭ କରିବା ହେଉଛି ନିଦ୍ରାହୀନତା ରୋଗ ପାଇଁ ଏକମାତ୍ର ଔଷଧ । ଯେତେବେଳେ ତୁମେ ଇଚ୍ଛା କଲାମାତ୍ରକେ ଶାନ୍ତ ହୋଇଯାଇ ପାରିବ, ସେତେବେଳେ ତୁମେ ନିଜର ଶରୀରକୁ ଏକ ପୂର୍ଣ୍ଣ ବିଶ୍ରାମର ଅବସ୍ଥାରେ ନେଇ ରଖିନେବ ଏବଂ ବିଛଣା ଉପରେ ଆରାମ ସହିତ ନିଜକୁ ପ୍ରସାରିତ କରି ଦେଇଥିବ; ତା'ପରେ ତୁମେ ନିଜ ଭିତରକୁ ଚାଲିଯିବ ଏବଂ ଏହିପରି ଭାବରେ କ୍ରମେ ପୂର୍ଣ୍ଣ ମାନସିକ ଶାନ୍ତି ଉପଲବ୍ଧ ହେବ ଏବଂ ତୁମେ ଏକ ଅତ୍ୟନ୍ତ ଗଭୀର ନିଦର ଅବସ୍ଥା ପରି ଗୋଟିଏ ଅବସ୍ଥାରେ ଯାଇ ପ୍ରବେଶ କରିବ । କେବଳ ନିଜ ଇଚ୍ଛାରେ ଏହି କଥାଟିକୁ କରିବାର ଉପାୟ ଶିଖିଯାଇ ପାରିଲେ ଏବଂ ପ୍ରତ୍ୟେକ ଦିନ ରାତିରେ ନିୟମିତ ତାହାକୁ ଅଭ୍ୟାସ କରିପାରିଲେ, ନିଦ ନ ହେଲେ ମଧ୍ୟ ତୁମର ଆଦୌ କୌଣସି କ୍ଷତି ହେବ ନାହିଁକି ?

ଯଦି ତାହା କରି ନ ପାରିବ, ତେବେ ନିଦବଟିକାର ସାହାଯ୍ୟ ନେବାକୁ ପ୍ରସ୍ତୁତ ହୋଇଯିବ ।

ଅନେକ ଆଶୀର୍ବାଦ ।

*୩୦ ମଇ ୧୯୬୬*

*ସ୍ନେହମୟୀ ମାଆ,*

*ମୋ' ହୃତ୍‌ପିଣ୍ଡର ଅବସ୍ଥା ଦିନକୁ ଦିନ ଅଧିକ ଖରାପ ହେବାରେ ଲାଗିଛି ବୋଲି ଆପଣ ମୋତେ ସୂଚାଇଦେବା ପରେ, ମୁଁ ବର୍ତ୍ତମାନ ଖାଉଥିବା ଔଷଧକୁ ଆଉ ଖାଇଲି ନାହିଁ । ଭାବିଲି, "ମାଆ ମୋତେ ଯାହା ସେବନ କରିବାକୁ କହିବେ, ମୁଁ କେବଳ ତାହାହିଁ ସେବନ କରିବି ।" ମାତ୍ର, ମୁଁ ଆଦୌ କୌଣସି ଔଷଧ ସେବନ ନ କରେ ଏବଂ ନିଜକୁ ଐକାନ୍ତିକ ଭାବରେ ଆପଣଙ୍କର ସର୍ବଶକ୍ତିମତ୍ତା ମଧକୁ ଉନ୍ମୋଚିତ କରିଦିଏ ବୋଲି ଯଦି ଆପଣ ଇଚ୍ଛା କରୁଥା'ନ୍ତି, ତେବେ ମୁଁ ଆନନ୍ଦର ସହିତ ତାହାହିଁ କରିବି ।*

ସ୍ଥୂଳ ଅଥଚ ସନ୍ଦୀପନଯୁକ୍ତ ଆରୋଗ୍ୟ-ଉପଚାର ଦ୍ୱାରା ଶରୀରର ଯତ୍ନ ନିଆଯିବା ଏକାନ୍ତ ଆବଶ୍ୟକ ।

ଅନେକ ଆଶୀର୍ବାଦ ।

*୧୯୬୮ ବା ୧୯୬୯*

'oaob.nitrkl.ac.in' images reprocessed

*ସ୍ନେହମୟୀ ମାଆ,*

*ଆପଣ ମୋତେ ଏହି ଶୋଚନୀୟ ସ୍ୱାସ୍ଥ୍ୟାବସ୍ଥାରୁ ବାହାରକୁ ବାହାର କରିନିଅନ୍ତୁ ଓ ମୋତେ ପୂର୍ଣ୍ଣ ଭାବରେ ଅଗ୍ରଗତି କରିବାକୁ ସହାୟତା କରନ୍ତୁ, ଆପଣଙ୍କ ପାଖରେ ମୁଁ ବ୍ୟାକୁଳ ଭାବରେ ପ୍ରାର୍ଥନା କରୁଛି । ଆପଣ ଜାଣନ୍ତି ଯେ, ଆପଣଙ୍କୁ ଭଲ ପାଇବା ଏବଂ ଆପଣଙ୍କର କାର୍ଯ୍ୟ କରିବା ହେଉଛି ମୋ' ଆତ୍ମାର ଏକମାତ୍ର ଅଭୀପ୍ସା । ଆପଣଙ୍କର ସେବା ନିମନ୍ତେ ଆପଣ ମୋତେ ଶାରୀରିକ ଭାବରେ ସକ୍ରିୟ କରାନ୍ତୁ ।*

ତୁମେ ସର୍ବଦା ଜଣେ ଅନୁଗତ ସେବକ ହୋଇ ରହିଆସିଛ ଏବଂ ବର୍ତ୍ତମାନ ମଧ୍ୟ ତାହାହିଁ ଅଛ । ଆଦୌ ଚିନ୍ତା କର ନାହିଁ । ଯଦି ତୁମର ଶରୀର ଶାରୀରିକ କାର୍ଯ୍ୟ ଲାଗି ଆଉ ସମର୍ଥ ହୋଇ ପାରୁ ନାହିଁ, ତେବେ ତୁମ ନିକଟରେ ରହିଥିବା ସକଳ ସମୟକୁ ତୁମେ ନିଜ ଅନ୍ତର୍ଗତ ଚେତନାର ବିକାଶରେ ବିନିଯୋଗ କର ଏବଂ ଅଧିକରୁ ଅଧିକ ସଚେତନତା ସହିତ ନିଜକୁ ପରମ ଦିବ୍ୟସତ୍ତାଙ୍କ ସହିତ ଯୁକ୍ତ କରିଦିଅ ।

ପଠନ, ଧ୍ୟାନ, ଚିନ୍ତନ, ନୀରବତା ଏବଂ ଅଭିନିବେଶ ମଧ୍ୟରେ ସର୍ବଦା ତୁମ କଥା ଶୁଣିବାକୁ ଓ ତୁମକୁ ମାର୍ଗ ଦେଖାଇ ଦେବାକୁ ଉପସ୍ଥିତ ରହିଥିବା ଦିବ୍ୟ ପରମସତ୍ତାଙ୍କ ପାଖରେ ଆତ୍ମନିବେଦନ କର ।

ଅନେକ ଆଶୀର୍ବାଦ ।

*୧୯୬୮ ବା ୧୯୬୯*

*ସ୍ନେହମୟୀ ମାଆ,*

*୨୩ ତାରିଖ ପର୍ଯ୍ୟନ୍ତ ମୁଁ 'କ'ଙ୍କ ସହିତ କାର୍ଯ୍ୟ କରିଥିଲି, ମାତ୍ର ମୋ'ର ମୁଣ୍ଡବୁଲା ଏତେ ଉତ୍କଟ ହେବାକୁ ଲାଗିଲା ଯେ, ମୁଁ ଆଉ ବାହାରକୁ ଯିବାକୁ ସାହସ କଲି ନାହିଁ । ମୋ'ର ରକ୍ତଚାପ ୯୬/୭୦ ଯାଏ ଖସିଯାଇଛି,— ଡାକ୍ତର 'ଖ' ଆଜି ସକାଳେ ଆସିଥିଲେ ଓ ପରୀକ୍ଷା କରି ଏକଥା କହିଲେ ।*

*ସ୍ନେହମୟୀ ମାଆ, ଯଦି ସମ୍ଭବ ହୁଏ, ତେବେ ଆପଣ ମୋତେ ଏହି ଅନ୍ଧକାର ଓ ଯନ୍ତ୍ରଣା ମଧ୍ୟରୁ ଟାଣି ବାହାର କରି ନିଅନ୍ତୁ । ଯଦି ତାହା ସମ୍ଭବ ନ ହୁଏ, ତେବେ ମୁଁ ଯେପରି ମୋ' ଭିତରେ ଆପଣଙ୍କର ଜୀବନ୍ତ ଉପସ୍ଥିତିକୁ ଅନୁଭବ କରିବାକୁ ସମର୍ଥ ହୁଏ, ଆପଣ ସେତିକି ଦୟା କରନ୍ତୁ; ତେବେ ମୁଁ ସକଳ ଯନ୍ତ୍ରଣାକୁ ଅବଶ୍ୟ ସହ୍ୟକରି ପାରିବି ।*

'oaob.nitrkl.ac.in' images reprocessed

ଖରାପ ଅନୁଭବ କରିବାକୁ ଆରମ୍ଭ କଲା ମାତ୍ରକେ ତୁମେ ଏହି କଥାଟିକୁ ବାରମ୍ବାର ଉଚ୍ଚାରଣ କରିବାକୁ ଚେଷ୍ଟା କରିବ : "ହେ ପରମପ୍ରଭୁ, କେବଳ ଆପଣଙ୍କୁହିଁ ଚିନ୍ତା କରିବା ଲାଗି ଆପଣ ମୋତେ ବଳ ଦିଅନ୍ତୁ !"

ମୋ'ର ସ୍ନେହ ଓ ଅନେକ ଆଶୀର୍ବାଦ ସହିତ । *୨୪ ମାର୍ଚ୍ଚ ୧୯୬୯*

ମୋ'ର ପ୍ରିୟ ସନ୍ତାନ,

ମାର୍ଜନା କରିବାକୁ ଆଦୌ କିଛି ନାହିଁ, ତୁମେ କିଛିହେଲେ ଭୁଲ୍ କାର୍ଯ୍ୟ କରି ନାହଁ ।

ମୁଁ ଯେତେବେଳେ ତୁମର ଶେଷ ଚିଠିଟି ପାଇଲି, ସେତେବେଳେ ତୁମର ପ୍ରାର୍ଥନାକୁ ସର୍ବୋଚ୍ଚ ପରମପ୍ରଭୁଙ୍କ ପାଖକୁ ପ୍ରେରଣ କରି ଦେଇଥିଲି ଯେପରିକି ଆଦୌ କୌଣସି ପ୍ରତିବନ୍ଧକର ସମ୍ମୁଖୀନ ନ ହୋଇ ସତ୍ୟ ଆପଣାକୁ ପ୍ରକଟ କରିପାରିବ ।

ଶାନ୍ତ ହୁଅ, ବିଶ୍ୱାସଯୁକ୍ତ ହୋଇ ରହ : ଯାହା ଘଟୁଛି, ତାହା ହେଉଛି ତୁମର ଚୈତ୍ୟ ସତ୍ତା ନିମନ୍ତେ ସର୍ବୋତ୍ତମ; ଏବଂ ଅନ୍ତରସ୍ଥ ଶାନ୍ତି ଭିତରେ ତୁମେ ଅନୁଭବ କରିପାରିବ ଯେ, ପରମପ୍ରଭୁ ତୁମ ସହିତ ରହିଛନ୍ତି ଏବଂ ସେ ସକଳ ପରୀକ୍ଷା ଦେଇ ତୁମକୁ ସଫଳତା ସହିତ ଅବଶ୍ୟ ପରିଚାଳିତ କରି ନେଇଯିବେ ।

ତୁମର କାର୍ଯ୍ୟ ବିଷୟରେ, କ'ଣ ବ୍ୟବସ୍ଥା କରାଯାଇ ପାରିବ, ମୁଁ ତାହା ଅବଶ୍ୟ ଦେଖିବି, ଯେପରିକି, ତୁମର ଶରୀର ଯେତିକି ସହ୍ୟ କରିପାରିବ, ତାକୁ ତା'ଠାରୁ ଅଧିକ ଭାର ନ ଦେଇ ତୁମେ ତଥାପି କୌଣସି ଏକ କାର୍ଯ୍ୟରେ ରତ ରହିପାରିବ ।

ମୋ'ର ଅନେକ ଆଶୀର୍ବାଦ ସର୍ବଦା ତୁମ ସହିତ ରହିଛି ।

*୨୬ ଅଗଷ୍ଟ ୧୯୬୯*

ମୋ'ର ପ୍ରିୟ ସନ୍ତାନ,

ତୁମ ପ୍ରତି ମୁଁ ଆଦୌ ଅପ୍ରସନ୍ନ ନୁହେଁ,— ବରଂ ଓଲଟି, ମୁଁ ତୁମକୁ ସାହସ ଏବଂ ସହିଷ୍ଣୁତା ଦ୍ୱାରା ପୂର୍ଣ୍ଣ ହୋଇ ରହିଥିବାର ଦେଖିପାରୁଛି ।

ମାତ୍ର, ମୋ'ର କାର୍ଯ୍ୟଟି ମୋତେ ଏତେ ଅଧିକ ନିମଗ୍ନ କରି ରଖୁଛି ଯେ, ଅଧିକାଂଶ ସମୟରେ ମୁଁ ଗୋଟିଏ ଧାଡ଼ି ଲେଖିବାକୁ ମଧ୍ୟ ସମୟ ପାଉ ନାହିଁ ।

ନିଦ୍ରାହୀନ ଭାବରେ ରାତି ପରେ ରାତି କଟାଇବା ଓ ତାହାଫଳରେ ଯନ୍ତ୍ରଣା ଭୋଗ କରିବା ଅପେକ୍ଷା ନିଦ ହେବା ପାଇଁ ବଟିକା ଖାଇବା ଅଧିକ ଭଲ ହେବ । କେବେହେଲେ କଳ୍ପନା କରିବ ନାହିଁ ଯେ ମୁଁ ତୁମପ୍ରତି ଅପ୍ରସନ୍ନ ହୋଇଛି ।

'oaob.nitrkl.ac.in' images reprocessed

ମୋ'ର ଶକ୍ତି, ମୋ'ର ପ୍ରେମ ଓ ମୋ'ର ଆଶୀର୍ବାଦଚୟ ସର୍ବଦା ତୁମସହିତ ରହିଛି, ଯେପରିକି ତୁମେ ଶାନ୍ତ, ସ୍ଥିର ଏବଂ ସନ୍ତୋଷଯୁକ୍ତ ହୋଇ ରହିପାରିବ ।

*୨୨ ଜାନୁଆରି ୧୯୭୦*

'oaob.nitrkl.ac.in' images reprocessed

'oaob.nitrkl.ac.in' images reprocessed

# ପଞ୍ଚମ ଗୁଚ୍ଛ

## (୧୯୬୦ - ୧୯୭୩)

'oaob.nitrkl.ac.in' images reprocessed

'oaob.nitrkl.ac.in' images reprocessed

## ପଞ୍ଚମ ଗୁଚ୍ଛ

ଜଣେ ଶିଷ୍ୟଙ୍କୁ, ଯିଏକି ଆଠବର୍ଷ ବୟସରେ ୧୯୪୪ ମସିହାରେ ଶ୍ରୀଅରବିନ୍ଦ ଆଶ୍ରମରେ ଆସି ଯୋଗ ଦେଇଥିଲେ । ଆଶ୍ରମର ଶାରୀରିକ ଶିକ୍ଷା ବିଭାଗରେ ପ୍ରାୟ ୩୦ ବର୍ଷ କାଳ କାର୍ଯ୍ୟ କରିଥିଲେ ଏବଂ ଏଗାର ବର୍ଷ ବୟସରେ ସେହି ପ୍ରଥମକାଳୀନ କ୍ୟାପ୍‌ଟେନମାନଙ୍କ ଭିତରୁ ଜଣେ ହୋଇପାରିଥିଲେ ।

*ସ୍ନେହମୟୀ ମାଆ,*

*ପ୍ଲେ ଗ୍ରାଉଣ୍ଡରେ ହେଉଥିବା ସାମୂହିକ ଧ୍ୟାନବେଳେ ଆପଣ ଆମସହିତ ରହିଥା'ନ୍ତି କି ?*

ଅବଶ୍ୟ ରହିଥାଏ । ମୁଁ ସବୁବେଳେ ସେଠାରେ ରହିଥାଏ ।

*ସେଥିରୁ ଉପକୃତ ହୋଇପାରିବା ନିମନ୍ତେ ଆମର କାହାଉପରେ ଧ୍ୟାନସ୍ଥ ହୋଇ ରହିବା ଉଚିତ ? ଏବଂ କିପରି ?*

ପଦ୍ଧତିଟି ସବୁବେଳେ ସେଇ ଗୋଟିଏ । ସାଧାରଣତଃ ବାହାରକୁ ବିକ୍ଷିପ୍ତ ହୋଇ ଚାଲି ଯାଉଥିବା ଶକ୍ତିଗୁଡ଼ିକୁ ତୁମେ ଏକତ୍ର କରି ଆଣିବ; ନିଜ ଭିତରେ ଚେତନାକୁ ସଂକେନ୍ଦ୍ରିତ କରି ରଖିବ, ଉପରିଭାଗର ଉତ୍ତେଜନାର ବହୁ ତଳେ ସଂକେନ୍ଦ୍ରିତ ହୋଇ ରହିଥିବ; ଏବଂ ଯଥାସମ୍ଭବ ଅଧିକ ପରିମାଣରେ ନିଜର ହୃଦୟ ଓ ମସ୍ତିଷ୍କରେ ଏକ ପୂର୍ଣ୍ଣ ସ୍ଥିରତା ପ୍ରତିଷ୍ଠିତ କରି ରଖିବ । ତା'ପରେ ଯଦି ତୁମର କୌଣସି ଆସ୍ପୃହା ରହିଥିବ, ତେବେ ତାହାକୁ ସୂତ୍ରବଦ୍ଧ କରି ଆଣିବ ଏବଂ ଊର୍ଦ୍ଧ୍ବରୁ ଦିବ୍ୟ ଶକ୍ତିକୁ ଗ୍ରହଣ କରିବା ନିମନ୍ତେ ନିଜକୁ ଉନ୍ମୋଚିତ କରିଦେବ ।

*୧ ଜୁଲାଇ ୧୯୬୦*

*ସ୍ନେହମୟୀ ମାଆ,*

*ମୋ' ପାଇଁ ଏପରି କିଛି ଲେଖିଦେବେ, ଯାହାକୁ କି ମୁଁ ବର୍ଷସାରା ମନେ ରଖିପାରିବି ।*

'oaob.nitrkl.ac.in' images reprocessed

ଆମ ସତ୍ତାର ପରିପୂର୍ଣ୍ଣତା ହାସଲ କରିବା ଏବଂ ମନୁଷ୍ୟରୂପୀ ପଶୁକୁ ଏକ ଦିବ୍ୟ ମନୁଷ୍ୟ ରୂପେ ବଦଳାଇ ଦେବା,— ଏହାହିଁ ଆମର ଲକ୍ଷ୍ୟ ।

ମୋ'ର ଅନେକ ଆଶୀର୍ବାଦ ସହିତ । *୫ ଜୁଲାଇ ୧୯୬୦*

*ସ୍ନେହମୟୀ ମାଆ,*

*ଯଦି କୌଣସି ଆତ୍ମା ଗୋଟିଏ ଜୀବନରେ ଏକ ବାଳକରୂପେ ଜନ୍ମ ନେଇଥାଏ, ତେବେ ସେ ପରବର୍ତ୍ତୀ ଜୀବନଗୁଡ଼ିକରେ ମଧ୍ୟ ସେହିପରି ଏକ ବାଳକ ହୋଇ ରହେ ଅଥବା ସେ ଏକ ବାଳିକା ହୋଇ ମଧ୍ୟ ଜନ୍ମଗ୍ରହଣ କରିପାରେ ?*

ମତ ତଥା ସମ୍ପ୍ରଦାୟ ଅନୁସାରେ ଏ ବିଷୟରେ ଅତ୍ୟନ୍ତ ପୃଥକ୍ ସିଦ୍ଧାନ୍ତମାନ ରହିଛି ଏବଂ ନିଜର ଦାବୀଗୁଡ଼ିକର ସମର୍ଥନ ନିମନ୍ତେ ପ୍ରତ୍ୟେକର ଚମତ୍କାର ଯୁକ୍ତି ମଧ୍ୟ ରହିଛି ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏହି ଯାବତୀୟ ବିବୃତ୍ତିରେ ସତ୍ୟର କୌଣସି ନା କୌଣସି ଉପାଦାନ ଅବଶ୍ୟ ଅଛି; ଏବଂ ସବୁ ଦୃଷ୍ଟାନ୍ତଗୁଡ଼ିକ ଯେ ସମ୍ଭବ ହୋଇପାରେ, କେବଳ ସେତିକି ନୁହେଁ, ମାତ୍ର ପୃଥିବୀ-ଇତିହାସର କୌଣସି ନା କୌଣସି ସମୟରେ ସେଗୁଡ଼ିକ ଅବଶ୍ୟ ଘଟିଛି ଓ ଏବେ ମଧ୍ୟ ଘଟୁଛି ।

ମୋ' ନିଜର ଅଭିଜ୍ଞତାରୁହିଁ ମୁଁ ଏହି ବିଷୟରେ ସୁନିଶ୍ଚିତ ଭାବରେ ଯାହାକିଛି କହିପାରିବି ।

ମୋ'ର ଅଭିଜ୍ଞତା ଅନୁସାରେ, ଆତ୍ମା ହେଉଛି ଏକ ଦିବ୍ୟ ଉପାଦାନ, ସର୍ବୋଚ୍ଚ ପରମ ଦିବ୍ୟତାର ଏକ ଶାଶ୍ୱତ ଅଂଶ, ଏବଂ ତେଣୁ କେବଳ ନିଜର ବିଧାନ ବ୍ୟତୀତ ଏହା ଆଉ ଅନ୍ୟ କୌଣସି ବିଧାନ ଦ୍ୱାରା କଦାପି ସୀମିତ ଅଥବା ଆବଦ୍ଧ ହୋଇ ରହି ପାରିବ ନାହିଁ । ପରମ ପ୍ରଭୁହିଁ ପୃଥିବୀରେ ତାଙ୍କ କାର୍ଯ୍ୟକୁ ସମ୍ପାଦିତ କରିବା ପାଇଁ ଏହି ଆତ୍ମାଗୁଡ଼ିକର ପ୍ରସର୍ଜନ କରିଥା'ନ୍ତି ଏବଂ ପ୍ରତ୍ୟେକ ଆତ୍ମା ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଏବଂ ନିର୍ଦ୍ଦିଷ୍ଟ କର୍ମଭାର ନେଇ, ଏକ ନିର୍ଦ୍ଦିଷ୍ଟ ନିୟତି ନେଇ ପୃଥିବୀପୃଷ୍ଠକୁ ଆସିଥାଏ । ପ୍ରତ୍ୟେକର ଏକ ନିଜସ୍ୱ ବିଧାନ ରହିଥାଏ, ଯାହାକି କେବଳ ତାହାରି ପାଇଁହିଁ ଉଦ୍ଦିଷ୍ଟ ଥାଏ ଏବଂ ତେଣୁ ତାହାକୁ କଦାପି ଏକ ସାଧାରଣ ବିଧାନରେ ପରିଣତ କରାଯାଇ ପାରିବ ନାହିଁ ।

ତେଣୁ ସମ୍ଭୂତିର ଏହି ଚିରନ୍ତନ ସ୍ରୋତଟି ମଧ୍ୟରେ, କଳ୍ପନୀୟ ତଥା ଅକଳ୍ପନୀୟ ସମ୍ଭାବ୍ୟ ପ୍ରତ୍ୟେକ ଘଟଣା ସୁନିଶ୍ଚିତ ଭାବରେ ଅବଶ୍ୟ ଘଟିବ ।

*୧୪ ଜୁଲାଇ ୧୯୬୦*

'oaob.nitrkl.ac.in' images reprocessed

*ସ୍ନେହମୟୀ ମାଆ,*

*ମୋ' ଭାଇ ଅନ୍ୟ କେତେଜଣ ବାଳକଙ୍କ ସହିତ ଏକତ୍ର ରାତିରେ ସ୍ପୋର୍ଟସ୍ ଗ୍ରାଉଣ୍ଡରେ କାମ କରିବାକୁ ଆରମ୍ଭ କରିଛି । ଦିନଯାକର ଅଧ୍ୟୟନ ଓ ଉପରବେଳାର ଶାରୀରିକ ଶିକ୍ଷାର କାର୍ଯ୍ୟକ୍ରମଗୁଡ଼ିକ ପରେ ତା'ପାଇଁ ଏହି କାର୍ଯ୍ୟଟିକୁ କରିବା କେତେଦୂର ଠିକ୍ କି ନାହିଁ ମୁଁ ସେକଥା ଜାଣି ନାହିଁ । ମଧ୍ୟାହ୍ନ-ଭୋଜନ ପରେ ମଧ୍ୟ ସେ କୌଣସି ବିଶ୍ରାମ ନେଉ ନାହିଁ । ସେ ମୋଟେ କ୍ଲାନ୍ତ ଅନୁଭବ କରୁ ନାହିଁ ବୋଲି କହୁଛି । କାଲି ପ୍ରାୟ ମଧ୍ୟରାତ୍ରି ବେଳକୁ ସେ ସ୍ପୋର୍ଟସ୍ ଗ୍ରାଉଣ୍ଡରୁ ଫେରିଲା, ମାତ୍ର ସେ କହୁଛି ଯେ ଭବିଷ୍ୟତରେ ଅଧିକ ଆଗରୁ ନିଶ୍ଚୟ ଫେରିବ ।*

*ମାଆ, ଆପଣ ଯଦି ଏହାକୁ ଠିକ୍ ବୋଲି ଭାବୁଥିବେ, ତେବେ ମୁଁ ତାକୁ ସେହି କାର୍ଯ୍ୟରୁ ଆଦୌ ନିବୃତ୍ତ କରିବି ନାହିଁ ।*

ଯଦି ସେ **ଖୁସୀ ହୋଇ** ଏହି କାର୍ଯ୍ୟଟିକୁ କରୁଛି, ତେବେ ତା' ବୟସରେ ତାହାର ଆଦୌ କୌଣସି କ୍ଷତି ହେବ ନାହିଁ; ଅବଶ୍ୟ ଏହା ଏକାଦିକ୍ରମେ ଅନେକ ଦିନ ଲାଗିରହିବା ଆଦୌ ଉଚିତ ନୁହେଁ । ମାତ୍ର ଯେକୌଣସି ପରିସ୍ଥିତିରେ ମଧ୍ୟ, ସେ କ୍ଲାନ୍ତ ଅନୁଭବ କରିବାକୁ ଆରମ୍ଭ କରିବା ମାତ୍ରେହିଁ ତାକୁ ଅବଶ୍ୟ **ବିଶ୍ରାମ ନେବାକୁ** ହେବ ।

ଅନେକ ଆଶୀର୍ବାଦ ।

*୨୪ ମଇ ୧୯୬୩*

ଏକ ଉଦାର ହୃଦୟ ଅତୀତର ଅପରାଧ ଓ ଅପମାନଗୁଡ଼ିକ ସର୍ବଦା ଭୁଲିଯାଏ ଏବଂ ପୁଣି ସମଞ୍ଜସତାର ପ୍ରତିଷ୍ଠା ନିମନ୍ତେ ପ୍ରସ୍ତୁତ ହୋଇ ରହିଥାଏ ।

ଆମେ ସମସ୍ତେ ଚାଲ ଅତୀତର ଯାବତୀୟ ଅନ୍ଧକାରାଚ୍ଛନ୍ନ ଏବଂ କୁତ୍ସିତ କଥାଗୁଡ଼ିକୁ ଭୁଲିଯିବା, ଯେପରିକି ସେହି ଆଲୋକୋଜ୍ଜ୍ୱଳ ଭବିଷ୍ୟତଟି ନିମନ୍ତେ ଆମେ ନିଜକୁ ପ୍ରସ୍ତୁତ କରି ପାରିବା ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୨ ଏପ୍ରିଲ୍ ୧୯୬୭*

*ସୁବର୍ଣ୍ଣ ଏବଂ ନୀଳିମା ମଝିରେ*
*ଏକ ରଜତୋଜ୍ଜ୍ୱଳ ବାୟୁତଳରେ ମୁଁ ମୋ'ର ସ୍ୱପ୍ନଗୁଡ଼ିକୁ*
*ଏକତ୍ର କରିଆଣିଛି ଏବଂ*

'oaob.nitrkl.ac.in' images reprocessed

*ସେଗୁଡ଼ିକୁ କୋମଳ ଭାବରେ ଗୁଡ଼ାଇଦେଇ*
*ସେହିଠାରେ ଛାଡ଼ିଦେଇ ଆସିଛି,*
*ତୁମ ବିଷୟରେ ମୋ'ର ସେହି ରତ୍ନଖଚିତ ସ୍ୱପ୍ନଗୁଡ଼ିକୁ ।*

*– "ଏକ ଈଶ୍ୱରୀୟ ଶ୍ରମ", ଶ୍ରୀଅରବିନ୍ଦ*

ରଜତୋଜ୍ଜ୍ୱଳ ବାୟୁତଳର ଅର୍ଥ ହେଉଛି ଆଧ୍ୟାତ୍ମିକ ରାଜ୍ୟ । ସୁବର୍ଣ୍ଣ ହେଉଛି ଅତିମାନସ ଏବଂ ନୀଳିମା ହେଉଛି ମନ ।

"ସ୍ୱପ୍ନଗୁଡ଼ିକ" କହିଲେ ସେହି ଯାବତୀୟ ଅନୁପଲବ୍ଧ ପ୍ରତ୍ୟାଶାଗୁଡ଼ିକୁ ବୁଝାଉଛି, ଭବିଷ୍ୟତରେ ଯେଉଁଗୁଡ଼ିକୁ ଉପଲବ୍ଧି କରିବାକୁ ହେବ – ଏହି "ସ୍ୱପ୍ନଗୁଡ଼ିକୁ" ସେଗୁଡ଼ିକର ଉପଲବ୍ଧିର ସମ୍ଭାବନା ନିମନ୍ତେ କୋମଳ ତଥା ସ୍ନେହାର୍ଦ୍ର ଭାବରେ ସୁରକ୍ଷିତ କରି ରଖାଯାଇଛି ।

*୨୬ ଜୁଲାଇ ୧୯୬୯*

*ସ୍ନେହମୟୀ ମାଆ,*

*(୧) କୁହାଯାଇଥାଏ ଯେ, "ଏକ ଈଶ୍ୱରୀୟ ଶ୍ରମ" ପୃଥିବୀପୃଷ୍ଠରେ ଶ୍ରୀଅରବିନ୍ଦଙ୍କର ନିଜର ଅନୁଭୂତିଗୁଡ଼ିକୁ ବର୍ଣ୍ଣନା କରେ । ଏହା ସତ କି ?*

*(୨) ଆପଣ ବ୍ୟାଖ୍ୟା କରିଛନ୍ତି ଯେ, 'ସ୍ୱପ୍ନଗୁଡ଼ିକ' କହିଲେ "ଭବିଷ୍ୟତରେ ଉପଲବ୍ଧି କରିବାକୁ ରହିଥିବା ଯାବତୀୟ ଅନୁପଲବ୍ଧ ପ୍ରତ୍ୟାଶାଗୁଡ଼ିକୁ ବୁଝାଉଛି ।" ପଦଟିର ସର୍ବଶେଷ ଧାଡ଼ିରେ ଶ୍ରୀଅରବିନ୍ଦ "ତୁମ ବିଷୟରେ ମୋ'ର ସେହି ରତ୍ନଖଚିତ ସ୍ୱପ୍ନଗୁଡ଼ିକୁ" ବୋଲି କହିଛନ୍ତି । "ତୁମେ" କହିଲେ ଏଠାରେ କାହାକୁ ସୂଚିତ କରୁଛି ?*

ଶ୍ରୀଅରବିନ୍ଦ ଆମକୁ ଯାହା ବୁଝିବା ଲାଗି ଇଚ୍ଛା କରିଥିଲେ, ତାହାକୁ ସେହିପରି ରଖିବାହିଁ ଅଧିକ ଭଲ : ପରମେଶ୍ୱର ତାଙ୍କର ସୃଷ୍ଟି, ଏହି ପୃଥିବୀକୁ କହୁଛନ୍ତି ।

*୨୭ ଜୁଲାଇ ୧୯୬୯*

ମୋ'ର ପ୍ରିୟ ସନ୍ତାନ,

ନିଜର ସ୍ୱଭାବକୁ ରାତାରାତି ବଦଳାଇଦେବା ଯେ ଏକାନ୍ତ ଅସମ୍ଭବ, ମୁଁ ସେକଥା ଜାଣିଛି; ମାତ୍ର, ଏହି କଥାଟିକୁ ତୁମେ ସଙ୍ଗେ ସଙ୍ଗେ ଅବଶ୍ୟ ବୁଝିପାରିବ ଏବଂ ଗ୍ରହଣ କରିନେଇ ପାରିବ ଯେ ରାଗିଯିବା ଏବଂ ଅସ୍ଥିର ହୋଇ ପଡ଼ିବାହିଁ ହେଉଛି ବୃହତ୍ ଦୁର୍ବଳତାର

'oaob.nitrkl.ac.in' images reprocessed

ଏକ ସଙ୍କେତ ମାତ୍ର । ଏବଂ, ମୁଁ ଯେପରି ତୁମକୁ କହିଥିଲି, ତୁମଠାରେ ଆଦୌ ଶୋଭା ପାଉ ନ ଥିବା ଏହି ଦୁର୍ବଳତାକୁ ଜୟ କରିବା ଲାଗି ନିଷ୍ପତ୍ତି କରିନେବା ମୁହୂର୍ତ୍ତରୁହିଁ ମୋ'ର ଶକ୍ତି ତୁମ ସହିତ ଯାଇ ଅବଶ୍ୟ ରହିଥାଏ । ତେଣୁ, ତୁମକୁ ମୁଁ ଏହି କଥାଟି କହୁଛି ଯେ, ବର୍ତ୍ତମାନଠାରୁହିଁ ମୁଁ ତୁମକୁ ଦେଉଥିବା ଏହି ଶକ୍ତିଟିକୁ ତୁମେ ନିଜର ପ୍ରତିକ୍ରିୟାଗୁଡ଼ିକୁ ନିୟନ୍ତ୍ରଣରେ ରଖିବା ଲାଗି ଏବଂ ରାଗଟି ଚାଲିଯିବା ପର୍ଯ୍ୟନ୍ତ ଚୁପ୍ ହୋଇ ରହିବା ଲାଗି ବ୍ୟବହାର କରିବ । ଏଇଟି ହେଲା ସର୍ବପ୍ରଥମ ଅପରିହାର୍ଯ୍ୟ ପଦକ୍ଷେପ । ଏବଂ, ପରେ ତୁମ ରାଗ ପଛରେ ଯେ କୌଣସି ଯୁକ୍ତିଯୁକ୍ତତା ବା ଆଦୌ କୌଣସି ଭୂମି ନାହିଁ, ସେହି କଥାଟିକୁ ବୁଝିପାରିବା ନିମନ୍ତେ ମୁଁ ତୁମକୁ ଧୀରେ ଧୀରେ ସାହାଯ୍ୟ ମଧ କରିବି ।

ତୁମ ଲାଗି ରହିଥିବା ମୋ'ର ସମସ୍ତ ଭଲ ପାଇବା ସହିତ ମୁଁ ତୁମକୁ ଅନୁରୋଧ କରୁଛି ଯେ ତୁମେ ହାସଲ କରିବାକୁ ରହିଥିବା ଏହି ବୃହଦ୍ ଅଗ୍ରଗତିଟି ନିମନ୍ତେ ଆବଶ୍ୟକ ହେଉଥିବା ପ୍ରୟାସଟିକୁ ନିଶ୍ଚୟ କରିବ; ଏହା ରୂପାନ୍ତର ଲାଗି ଯଥାର୍ଥ ଦ୍ୱାରଟିକୁ ଉନ୍ମୋଚିତ କରିଦେବ ।

ମୋ'ର ସ୍ନେହ ଏବଂ ଅନେକ ଆଶୀର୍ବାଦ ତୁମ ସହିତ ରହିଛି ।

*ଅଗଷ୍ଟ ୧୯୬୯*

*ସ୍ନେହମୟୀ ମାଆ,*

*ଆମର କ'ଣ ପଢ଼ିବା ଉଚିତ ବା ପଢ଼ିବା ଉଚିତ ନୁହେଁ, ଆମର ସେହି କଥାଟିକୁ ଆମେ କିପରି ବାଛିପାରିବୁ ? ''ହାଲୁକା ବିଷୟ'' କିଛି, ଉଦାହରଣ ସ୍ୱରୂପ ଖବରକାଗଜ ଓ ପତ୍ରିକାସବୁ, ପଢ଼ିବା ଭଲ କି ?*

ସାଧାରଣ ଖବରକାଗଜ, ପତ୍ରିକା ଓ ଉପନ୍ୟାସ ଧରଣର ବହିମାନ ଅଳସମନା ମଣିଷମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ହୋଇ ରହିଥାଏ, ଯେଉଁମାନେ କି କିଛି ଶିଖିବା ଲାଗି ପଢ଼ନ୍ତି ନାହିଁ, ମାତ୍ର କେବଳ ଚିତ୍ତବିନୋଦନ ସକାଶେ ଏବଂ କିଞ୍ଚିତ୍ ହାଲୁକା ଅନୁଭବ କରିବା ସକାଶେ ଯାହାକିଛି ପଢ଼ିଥା'ନ୍ତି । ଏହି କଥାଟି ସେହିଭଳି ଲୋକମାନେ କରିପାରିବେ, ଯେଉଁମାନେ ଜୀବନଟା ଯେତେବେଳେ ଯେଉଁପ୍ରକାରେ ଆସେ, ତାହାକୁ ସେହିଭଳି ଗ୍ରହଣ କରିନିଅନ୍ତି ଏବଂ ଅଗ୍ରଗତି ଅଥବା ବସ୍ତୁଗୁଡ଼ିକୁ ଅଧିକ ଗଭୀର ଭାବରେ ବୁଝିବା ବିଷୟରେ କୌଣସି ଚିନ୍ତା କରନ୍ତି ନାହିଁ ।

ପୃଥିବୀରେ କ'ଣସବୁ ଘଟୁଛି ଏବଂ ମନୁଷ୍ୟର ଅଗ୍ରଗତି ବିଷୟରେ ସେଗୁଡ଼ିକ ଯେପରି ସୂଚନା ଦେଉଛନ୍ତି, ସେହି କଥା ଜାଣିବା ପାଇଁ କେତେକ ଲୋକ ଯାହାକିଛି

'oaob.nitrkl.ac.in' images reprocessed

ପଢ଼ନ୍ତି; ପଢ଼ିବା ସଙ୍ଗେ ସଙ୍ଗେ ସେମାନେ ହୁଏତ ସିନେମା ଦେଖି ଯାଆନ୍ତି ଏବଂ ରେଡ଼ିଓ ଶୁଣନ୍ତି ।

ଏକ ଉତ୍ତମ ଶୈଳୀର ବିକାଶ ନିମନ୍ତେ ଯେଉଁ ବ୍ୟକ୍ତିମାନେ କିଛି ପଢ଼ନ୍ତି, ସେମାନଙ୍କର ପ୍ରକୃତରେ ବହୁତ ପଢ଼ାପଢ଼ି କରିବା ଉଚିତ ଏବଂ ସେମାନେ ସାହିତ୍ୟିକ ମୂଲ୍ୟ ଓ ଗୁଣ ରହିଥିବା ପୁସ୍ତକଗୁଡ଼ିକୁ ଅବଶ୍ୟ ବାଛିବେ ।

କେତେକ ବ୍ୟକ୍ତି କିଛି ଶିଖିବା ଉଦ୍ଦେଶ୍ୟରେ ପଢ଼ନ୍ତି । ସେମାନେ ଯେଉଁସବୁ ବିଷୟରେ ଆଗ୍ରହ ରଖିଥା'ନ୍ତି,– ଦର୍ଶନ, ବିଜ୍ଞାନ, କଳା ପ୍ରଭୃତି, ସେସବୁ ବିଷୟରେ ସେମାନଙ୍କର ଶିକ୍ଷାପ୍ରଦ ପୁସ୍ତକମାନ ବାଛିନେବା ଉଚିତ ।

ଏବଂ, ଶେଷରେ, ଅତି କମ୍‌ସଂଖ୍ୟକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ଜୀବନକୁ, ତାହାର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟକୁ ବୁଝିବା ଲାଗି ଇଚ୍ଛା କରୁଥା'ନ୍ତି । ସେମାନଙ୍କ ନିମନ୍ତେ ଶ୍ରୀଅରବିନ୍ଦଙ୍କର ରଚନାଗୁଡ଼ିକହିଁ ସର୍ବୋତ୍ତମ ପଠନବସ୍ତୁ ହୋଇ ରହିଥାଏ ।

ଅନେକ ଅଶୀର୍ବାଦ ।

*୧୦ ସେପ୍ଟେମ୍ବର ୧୯୬୯*

*ସ୍ନେହମୟୀ ମାଆ,*

*ଆପଣଙ୍କର ଯଥାର୍ଥ ସନ୍ତାନ ହେବା ନିମନ୍ତେ ଆପଣ ମୋତେ ସହାଯ୍ୟ କରନ୍ତୁ ।*

ଏଇଟି ଗୋଟିଏ ଉତ୍ତମ ସଂକଳ୍ପ । ତୁମେ ମୋ'ର ସହାୟତା ଓ ମୋ' ଚେତନାର ଉପସ୍ଥିତି ବିଷୟରେ ସୁନିଶ୍ଚିତ ରହିପାରିବ; ତୁମେ ଯେତେବେଳେ ସେହି ଚେତନାକୁ ଆବାହନ କରିବ, ତାହା ସେତେବେଳେ ମଧ୍ୟ ତୁମର ପଥଟିକୁ ଆଲୋକିତ କରିଦେବାକୁ ଏବଂ ତୁମକୁ ବାଟ ବତାଇ ଦେବାକୁ ତୁମ ସହିତ ଅବଶ୍ୟ ରହିଥିବ । ନୀରବ ଆସ୍ପୃହା ମଧ୍ୟରେହିଁ ତୁମେ ଏହି ଉପସ୍ଥିତି ସମ୍ବନ୍ଧରେ ସଚେତନ ହୋଇପାରିବ ଏବଂ ଏହାର ସହାୟତା ଗ୍ରହଣ କରିବାକୁ ସମର୍ଥ ହୋଇପାରିବ ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୧୦ ନଭେମ୍ବର ୧୯୬୯*

*ସ୍ନେହମୟୀ ମାଆ,*

*ଆପଣ ଆଶ୍ରମରେ ବିବାହ ଲାଗି ଅନୁମତି ଦେବାକୁ କାହିଁକି ଆରମ୍ଭ କଲେ ?*

'oaob.nitrkl.ac.in' images reprocessed

ଯେଉଁ ବ୍ୟକ୍ତିମାନେ କୌଣସି ଯୌନଗତ ସମ୍ପର୍କ ଇଚ୍ଛା କରୁ ନାହାନ୍ତି ବୋଲି ଘୋଷଣା କରିଛନ୍ତି, ମୁଁ ଏହାକୁ ସେହିମାନଙ୍କ ଲାଗି ଅନୁମତି ଦେଇଛି;– ସେମାନେ ଆନ୍ତରିକତା ସହକାରେ ସେପରି ଘୋଷଣା କରିଛନ୍ତି ବୋଲି ମୁଁ ଆଶା କରୁଛି । ଏଇଟି ହେଉଛି ସେମାନଙ୍କ ଏବଂ ସେମାନଙ୍କର ବିବେକ ମଧ୍ୟରେ ନିଷ୍ପତ୍ତି ନେବାର ଗୋଟିଏ ବିଷୟ ।

ଅନେକ ଆଶୀର୍ବାଦ ।

*୨୩ ଡିସେମ୍ବର ୧୯୬୯*

*ସ୍ନେହମୟୀ ମାଆ,*

*ଆମେ ଏଠାରେ ବଡ଼ଦିନ ପର୍ବଟିକୁ କାହିଁକି ପାଳନ କରୁଛୁ ? ଆମପାଇଁ ଏହି ଦିନଟିରେ କି ବିଶେଷ ତାତ୍ପର୍ଯ୍ୟ ରହିଛି ? ଏବଂ ଇଉରୋପୀୟ ଓ ଭାରତୀୟମାନଙ୍କ ମଧ୍ୟରେ ଏକ ବାଛବିଚାର କାହିଁକି ବଡ଼ଦିନରେ କରାଯାଏ ?*

ଖ୍ରୀଷ୍ଟିଆନ୍ ଧର୍ମ ଡିସେମ୍ବର ୨୫ ତାରିଖକୁ ଖ୍ରୀଷ୍ଟଜନ୍ମର ଦିବସରେ ପରିଣତ କରିବାର ବହୁ ପୂର୍ବରୁ ଏହି ଦିନଟିକୁ ସୂର୍ଯ୍ୟଙ୍କର ପୁନରାବର୍ତ୍ତନର, ଆଲୋକର ଏକ ଦିବସରୂପେ ପାଳନ କରା ଯାଉଥିଲା । ଆଲୋକର ନବଜନ୍ମ ଲାଭ କରିବାର ଏହି ପ୍ରାଚୀନ ପ୍ରତୀକଟିକୁହିଁ ଆମେ ଏଠାରେ ପାଳନ କରିବାକୁ ଇଚ୍ଛା କରୁଛୁ ।

ମୋ' ଜାଣିବାରେ, ଆଶ୍ରମର ପ୍ରତ୍ୟେକ ବ୍ୟକ୍ତିଙ୍କୁ ବଡ଼ଦିନ ବୃକ୍ଷ ତଥା ବଡ଼ଦିନର ବିତରଣ ଉପଲକ୍ଷେ ସେଠାକୁ ଆସିବାଲାଗି ଅନୁମତି ଦିଆଯାଏ ।

ଇଉରୋପୀୟ ଓ ଆମେରିକାବାସୀମାନଙ୍କ ପାଖକୁ ବିଶେଷ ଡାଲାମାନ ପଠାଇବାର ଯେଉଁ ରୀତି ରହିଛି, ତାହାର କାରଣ ହେଉଛି ଯେ, ସେହିସବୁ ଦେଶରେ ସେମାନେ ବଡ଼ଦିନ ଉପଲକ୍ଷେ ସାଧାରଣତଃ ପରସ୍ପରକୁ ଉପହାରମାନ ଦେଇଥା'ନ୍ତି । ଜାନୁଆରି ପହିଲାଦିନ ନୁହେଁ । ବାସ୍, ଏତିକି କାରଣ ।

ଅନେକ ଆଶୀର୍ବାଦ ।

*୨୬ ଡିସେମ୍ବର ୧୯୬୯*

*ସ୍ନେହମୟୀ ମାଆ,*

*ନବବର୍ଷର ବାଣୀରେ "ପୃଥିବୀ ଏକ ବୃହତ୍ ପରିବର୍ତ୍ତନ ପାଇଁ ପ୍ରସ୍ତୁତ ହେଉଛି"ବୋଲି ଆପଣ ଯାହା କହିଛନ୍ତି, ସେଥିରେ ଆପଣ ଭୌତିକ ରୂପାନ୍ତର କଥା ଉଲ୍ଲେଖ କରୁଛନ୍ତି କି ? ଏବଂ, ଏଥିରେ ଆମେ କିପରି ସାହାଯ୍ୟ କରି ପାରିବୁ ?*

'oaob.nitrkl.ac.in' images reprocessed

ଏଠାରେ ସେହି ସତ୍ତାଟିର ଆଗମନ ବିଷୟରେ କୁହାଯାଇଛି, ଯାହାକି ମନୁଷ୍ୟର ପରବର୍ତ୍ତୀ ବିବର୍ତ୍ତନରୂପେ ଆସିବ; ସେହି ସତ୍ତା, ଇତରପ୍ରାଣୀର ପରିପ୍ରେକ୍ଷୀରେ ମନୁଷ୍ୟ ଯାହା ହୋଇ ରହିଥିଲା, ବର୍ତ୍ତମାନ ମନୁଷ୍ୟର ପରିପ୍ରେକ୍ଷୀରେ ତାହାରି ସଦୃଶ ହୋଇ ରହିବ । ବର୍ତ୍ତମାନ ସେହି ସତ୍ତାଟିକୁ ପ୍ରସ୍ତୁତ କରାଯାଉଛି । ଏବଂ, ୧୯୬୯ ମସିହା ଜାନୁଆରି ପହିଲା ଦିନ ଯାହାର ଆଗମନ ଘଟିଲା, ସେହି ନୂତନ ଚେତନାଟିର କ୍ରିୟା ଫଳରେ ସେହି କାର୍ଯ୍ୟଟି ଇତିମଧ୍ୟରେ ଆରମ୍ଭ ବି ହୋଇଗଲାଣି । ଏବଂ, ଯେଉଁମାନେ ପ୍ରସ୍ତୁତ ଅଛନ୍ତି, ସେ ସମସ୍ତଙ୍କ ଭିତରେ ତାହା କ୍ରିୟା କରୁଛି । ସେହି ଚେତନାର କାର୍ଯ୍ୟଟି ସଘନ ହୋଇଛି ଓ ଅଧିକରୁ ଅଧିକ ମୂର୍ତ୍ତ ହେବାରେ ଲାଗିଛି । ଏହି କ୍ରିୟାର ପରିଣାମଟିକୁ ଆମେ ତ୍ୱରାନ୍ୱିତ କରିବାକୁ ଇଚ୍ଛା କରୁଥିଲେ ଆମକୁ ଯଥାର୍ଥ ଭାବରେ ଗ୍ରହଣଶୀଳ ହେବାକୁ ପଡ଼ିବ ।

ଅନେକ ଆଶୀର୍ବାଦ ।

*୧ ଜାନୁଆରି ୧୯୭୦*

*ସ୍ନେହମୟୀ ମାଆ,*

*'କ' ଦେହତ୍ୟାଗ କରିବାର ଆଜିକୁ ଠିକ୍ ନଅବର୍ଷ ହୋଇଗଲା । ବର୍ତ୍ତମାନ ସେ କେଉଁଠି ଅଛନ୍ତି ? ତାଙ୍କର ପୁନର୍ଜନ୍ମ ହୋଇଛି କି ?*

'କ'ଙ୍କର ଚୈତ୍ୟ ସତ୍ତା ବିଶ୍ରାମ କରୁଛି ଓ ଏବେ ମଧ୍ୟ ସେଠାରେ ରହିଛି ।

ଅନେକ ଆଶୀର୍ବାଦ । *୧୯ ମାର୍ଚ୍ଚ ୧୯୭୦*

*ସ୍ନେହମୟୀ ମାଆ,*

*ଯେତେବେଳେ ଚୈତ୍ୟ ସତ୍ତା ଦେହକୁ ଛାଡ଼ି ଚାଲିଯାଏ ଏବଂ ବିଶ୍ରାମ ମଧ୍ୟରେ ପ୍ରବିଷ୍ଟ ହୁଏ, ସେତେବେଳେ ସେଇଟି ସହିତ କୌଣସି ଯୋଗସୂତ୍ର ସ୍ଥାପନ କରିବା ସମ୍ଭବ ହୁଏ କି ? ମୁଁ ଅନେକ ସମୟରେ 'କ'ଙ୍କୁ ସ୍ୱପ୍ନ ଦେଖେ ଏବଂ ସେହି ସ୍ୱପ୍ନଗୁଡ଼ିକ ଅଧିକାଂଶ ସମୟରେ ଅତ୍ୟନ୍ତ ପ୍ରାଞ୍ଜଳ ହୋଇ ଦେଖାଯାଏ । ତାଙ୍କ ସହିତ ଏକ ଯୋଗସୂତ୍ର ରହିଛି ବୋଲି ଏପରି ହୁଏ ନା ମୋ'ର ଅବଚେତନରୁ ତାହା ଉଦ୍ଭୂତ ହୋଇ ଆସିଥାଏ ?*

ଏଗୁଡ଼ିକ ଖୁବ୍‌ସମ୍ଭବ ଅବଚେତନ କ୍ରିୟାଶୀଳତା ବୋଲି କୁହାଯିବ, ଯେଉଁଗୁଡ଼ିକ କି ତୁମେ ଶୋଇଥିବା ସମୟରେ ଉପରିଭାଗରେ ଆସି ଆବିର୍ଭୂତ ହୋଇଥା'ନ୍ତି ।

'oaob.nitrkl.ac.in' images reprocessed

ସଂଜ୍ଞା ଅନୁସାରେ ଚୈତ୍ୟ ବିଶ୍ରାମକୁ ନିଷ୍କ୍ରିୟ ବୋଲି କୁହାଯିବ ।

ମାତ୍ର, ଯଦି ତୁମର କୌଣସି ସ୍ୱପ୍ନ ଅତ୍ୟନ୍ତ ଅବିକଳ ଭାବରେ ମନେ ରହିଥିବ, ତେବେ ତୁମେ ତାହାକୁ ମୋତେ କହିଦେବ ଏବଂ ମୁଁ ପରୀକ୍ଷା କରି ଦେଖିବି ।

ଅନେକ ଆଶୀର୍ବାଦ ।

*୨୦ ମାର୍ଚ୍ଚ ୧୯୭୦*

*ସ୍ନେହମୟୀ ମାଆ,*

*ମୁଁ ଏବେ 'କ'କୁ ଯେଉଁ ସ୍ୱପ୍ନ ଦେଖୁଛି ସେଥିରେ ମୁଁ ତାଙ୍କୁ ଏକ ପରିଚିତ ପୃଷ୍ଠଭୂମିରେ ଦେଖିବାକୁ ପାଉଛି, ଅର୍ଥାତ୍ ତାଙ୍କୁ ମୁଁ ଆମ ଘରେ, ପ୍ଲେ ଗ୍ରାଉଣ୍ଡଠାରେ କିଂବା ଆଶ୍ରମରେ ଦେଖିବାକୁ ପାଉଛି । ଏବଂ, ଯେତେବେଳେ ତାଙ୍କୁ ଦେଖୁଛି, ସେତେବେଳେ ମୋ'ର ସର୍ବଦା ଏହିପରି ଏକ ଅନୁଭବ ହେଉଛି ଯେ, ସେ ସତେଅବା ଅନେକ ଦିନ ପରେ ଏକ ବହୁଦୂର ସ୍ଥାନରୁ ଏଠାକୁ ଫେରି ଆସିଛନ୍ତି । ମୁଁ କେବେହେଲେ ତାଙ୍କୁ ଅଧିକ ସମୟ ପାଇଁ ଦେଖିବାକୁ ପାଏ ନାହିଁ, ସର୍ବଦା ମାତ୍ର ଅଳ୍ପକେତେ ମୁହୂର୍ତ୍ତ ପାଇଁ ଦେଖେ ଏବଂ ସେତେବେଳେ ମଧ୍ୟ ସେ ଆଦୌ କିଛି କଥା କହନ୍ତି ନାହିଁ । ସେ କେଉଁଆଡ଼େ ଯାଇଥିଲେ ବୋଲି ମୁଁ ତାଙ୍କୁ ଦୁଇଥର ପଚାରିଲି, ମାତ୍ର ସେ ଖାଲି ଟିକିଏ ଟିକିଏ ହସିଲେ, କିନ୍ତୁ କିଛି କହିଲେ ନାହିଁ ।*

*ସକାଳୁ ନିଦ ଭାଙ୍ଗିବା ସମୟରେ ମୁଁ ତାଙ୍କୁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ସ୍ମରଣ କରିପାରେ; ଅବଶ୍ୟ ରାତିରେ ଦେଖିଥିବା ସ୍ୱପ୍ନଗୁଡ଼ିକର ଅନ୍ୟାନ୍ୟ ଅଂଶ ବିଷୟରେ ମୁଁ କିଛିହେଲେ ମନେ ପକାଇପାରେ ନାହିଁ ।*

ଏହି ଦୃଷ୍ଟାନ୍ତଟିରେ, ତୁମର ସ୍ୱପ୍ନଗୁଡ଼ିକ ଏପରି ସୂଚିତ କରାଇ ଦେଉଥିବା ପରି ମନେ ହେଉଛି ଯେ, ସେ ସଂପ୍ରତି ଏକ ନୂତନ ଶରୀର ଗ୍ରହଣ କରିଛନ୍ତି; ମାତ୍ର ମୋତେ ସେ ବିଷୟରେ କୌଣସି ସମ୍ବାଦ ମିଳି ନାହିଁ । ଏହା ଅବଶ୍ୟ ସମ୍ଭବ ।

ମୁଁ ଯେଉଁ ପିଲାମାନଙ୍କୁ ଦେଖିଛି, ସେ ସେମାନଙ୍କ ଭିତରେ କଦାପି ନ ଥିବେ, କାରଣ ତେବେ ମୁଁ ତାଙ୍କୁ ଚିହ୍ନି ପାରିଥା'ନ୍ତି । ମାତ୍ର, ଆହୁରି କେତେ କେତେ ପିଲା ମଧ୍ୟ ରହିଛନ୍ତି !

ଅନେକ ଆଶୀର୍ବାଦ ।

*୨୧ ମାର୍ଚ୍ଚ ୧୯୭୦*

'oaob.nitrkl.ac.in' images reprocessed

*ସ୍ନେହମୟୀ ମାଆ,*

*ଏକ ନିର୍ଦ୍ଦିଷ୍ଟ ଚୈତ୍ୟ ସତ୍ତା ଏକ ନୂତନ ଶରୀର ଗ୍ରହଣ କରିଛି ନା ନାହିଁ, ତାହାକୁ ସୁନିଶ୍ଚିତରୂପେ ଜାଣିବାଲାଗି କୌଣସି ଉପାୟ ରହିଛି କି ?*

ହଁ, ଏକ ଉପାୟ ରହିଛି ।

ତୁମକୁ ସଚେତନ ଭାବରେ ଚୈତ୍ୟ ଜଗତ୍ ମଧ୍ୟକୁ ପ୍ରବେଶ କରିବାକୁ ହେବ ଏବଂ ତୁମେ ଖୋଜୁଥିବା ଚୈତ୍ୟ ସତ୍ତାଟି ସେଠାରେ ଅଛି କି ନାହିଁ, ତାହା ଦେଖିବାକୁ ହେବ । ଯଦି ତାକୁ ଦେଖିବ, ତେବେ ତୁମକୁ ଉତ୍ତର ମିଳିଯିବ । ଯଦି ନ ଦେଖିବ, ତେବେ ଏକ ଯୋଗସୂତ୍ର ପାଇବା ନିମନ୍ତେ ତୁମକୁ ତାହା ଉପରେ ସଂକେନ୍ଦ୍ରିତ ରହିବାକୁ ହେବ ଏବଂ, ସେ କେଉଁ ମନୁଷ୍ୟଶରୀରରେ ଯାଇ ପ୍ରବେଶ କରିଛନ୍ତି, ତାହା ତୁମକୁ ଦେଖାଇଦେବା ନିମନ୍ତେ ତାଙ୍କୁ ପଚାରିବାକୁ ପଡ଼ିବ । ଏହା ଏକ ଦୀର୍ଘ ଏବଂ ଅତ୍ୟନ୍ତ ସୂକ୍ଷ୍ମ କାର୍ଯ୍ୟ ହୋଇପାରେ ।

ଏହା କରିବାକୁ ଚେଷ୍ଟା କରିବା ପାଇଁ ତୁମର ଇଚ୍ଛା ହେଉଛି କି ?

ଅନେକ ଆଶୀର୍ବାଦ ।

*୨୩ ମାର୍ଚ୍ଚ ୧୯୭୦*

*ସ୍ନେହମୟୀ ମାଆ,*

*ଯଦି ଆପଣ ମାର୍ଗଦର୍ଶନ କରାଇବେ, ତେବେ ମୁଁ ଏହି ପ୍ରୟୋଗଟି କରିବାକୁ ଖୁବ୍ ଇଚ୍ଛା କରିବି ।*

ମୁଁ ସାହାଯ୍ୟ କରିବାକୁ ପ୍ରସ୍ତୁତ ଅଛି ।

ନିଜ ଚୈତ୍ୟ ସତ୍ତା ସହିତ ସଚେତନଭାବେ ଯୁକ୍ତ ହେବା ହେଉଛି ପ୍ରଥମ ପଦକ୍ଷେପ । ଏଥିପାଇଁ ଚେଷ୍ଟା କରିଛ କି ? ଯଦି କରିଥାଅ, ତେବେ କ'ଣସବୁ ଘଟିଲା, ମୋତେ କୁହ ।

ଅନେକ ଆଶୀର୍ବାଦ ।

*୨୪ ମାର୍ଚ୍ଚ ୧୯୭୦*

*ସ୍ନେହମୟୀ ମାଆ,*

*ଆଜିକାଲି ମୋ'ର ମନ ଏପରି ଏକ ବିକ୍ଷୁବ୍ଧ ଅବସ୍ଥାରେ ରହୁଛି ଯେ*

'oaob.nitrkl.ac.in' images reprocessed

*ମୋ' ଚୈତ୍ୟ ସତ୍ତା ସହିତ ମୁଁ କୌଣସି ଯୋଗସୂତ୍ର ଅନୁଭବ କରିପାରୁ ନାହିଁ । ମୋ'ର ଆଦୌ ଏକ ଚୈତ୍ୟ ସତ୍ତା ରହିଛି ବୋଲି ମଧ୍ୟ ମୁଁ ଆଉ ଭାବୁ ନାହିଁ ।*

ମୋ' ପ୍ରିୟ ସନ୍ତାନ, ଆଦୌ ଦୁଃଖିତ ହୋଇ ପଡ଼ ନାହିଁ; ତୁମର ଚୈତ୍ୟ ସତ୍ତା ଅବଶ୍ୟ ରହିଛି । ଯଦି ତାହା ଚାଲି ଯାଇଥା'ନ୍ତା, ତେବେ ତୁମର ଶରୀର ମଧ୍ୟ ଆଉ ବଞ୍ଚିବାକୁ ସମର୍ଥ ହୁଅନ୍ତା ନାହିଁ ।

ତୁମେ ତାହାର ଉପସ୍ଥିତି ବିଷୟରେ ହୁଏତ ଆଉ ଖୁବ୍ ସଚେତନ ହୋଇ ପାରୁ ନ ଥିବ, କାରଣ ତୁମର ମନ ଅତ୍ୟନ୍ତ କୋଳାହଳପୂର୍ଣ୍ଣ ହୋଇ ପଡ଼ିଛି, ଯାହା ଫଳରେ କି ଚୈତ୍ୟ ଉପସ୍ଥିତିଟିକୁ ଅନୁଭବ କରିବାଲାଗି ତୁମେ ଆଉ ଯଥେଷ୍ଟ ସ୍ଥିର ହୋଇ ପାରୁନାହଁ । ମାତ୍ର, ସେହି ଅବସ୍ଥାକୁ ଦୂର କରାଯାଇ ପାରିବ । ଏବଂ, ତୁମେ ଚେଷ୍ଟାକରିବାକୁ ଚାହୁଁଛ ବୋଲି ଯେହେତୁ ମୋତେ କହିଥିଲ, ତେଣୁ ତୁମ ପାଖକୁ ପଠାଇବା ସକାଶେ ମୁଁ କାଲି ଶ୍ରୀଅରବିନ୍ଦଙ୍କର ରଚନାରୁ ଏହି ଉଦ୍ଧୃତିଟି ବାଛିଥିଲି :

"ସତତ ଏବଂ ଆନ୍ତରିକତାଯୁକ୍ତ ଆସ୍ପୃହା ଏବଂ ଦିବ୍ୟ ପରମସତ୍ତାଙ୍କ ଆଡ଼କୁ ଅଭିମୁଖୀ ହେବା ନିମନ୍ତେ ଆବଶ୍ୟକ ଇଚ୍ଛାଟି,— କେବଳ ଏହାକୁହିଁ ଚୈତ୍ୟସତ୍ତାକୁ ପୁରୋଭାଗକୁ ଆଣିବାରେ ସର୍ବୋତ୍ତମ ସାଧନରୂପେ କାର୍ଯ୍ୟରେ ଲଗାଇହେବ ।"

ପ୍ରତ୍ୟହ ଗୋଟିଏ ସମୟ ସ୍ଥିର କର, ଯେତେବେଳେ କି ତୁମେ ମୁକ୍ତ ଏବଂ ଶାନ୍ତ ରହିଥିବ; ଅବିକ୍ଷୁବ୍ଧ ଭାବରେ ନିଶ୍ଚିନ୍ତ ହୋଇ ବସ ଏବଂ ନିଜର ଚୈତ୍ୟ ସତ୍ତା ମଧ୍ୟକୁ ପ୍ରବେଶ କରିବାର ଏକ ଆସ୍ପୃହା ନେଇ ସେହି ଚୈତ୍ୟ ସତ୍ତା ବିଷୟରେ ଚିନ୍ତାକର । ଯଦି ସଙ୍ଗେ ସଙ୍ଗେ ସଫଳ ହୋଇ ନ ପାରିବ, ତେବେ ଆଦୌ ନିରୁତ୍ସାହିତ ହୋଇ ଯିବ ନାହିଁ; ତୁମେ ଦିନେ ନା ଦିନେ ନିଶ୍ଚୟ ସଫଳ ହେବ । ମୁଁ ତୁମକୁ କେବଳ ଏତିକି କହିବାକୁ ଚାହୁଁଛି ଯେ, ତୁମେ ଦିନର କେଉଁ ସମୟଟିକୁ ଏଥିପାଇଁ ବାଛିଲ, ମୋତେ ତାହା ଜଣାଇଦେବ ଯେପରିକି ମୁଁ ଅଧିକ ସଚେତନ ଭାବରେ ତୁମକୁ ସାହାଯ୍ୟ କରିପାରିବି ।

ମୋ'ର ସମସ୍ତ ସ୍ନେହ ଏବଂ ଆଶୀର୍ବାଦ ସହିତ ।

*୨୫ ମାର୍ଚ୍ଚ ୧୯୭୦*

*ସ୍ନେହମୟୀ ମାଆ,*

*ପ୍ରତ୍ୟହ ଦିନ ୧୨ଟା ୪୫ରୁ ଗୋଟାଏ ପର୍ଯ୍ୟନ୍ତ ମୁଁ ଏହା କରିବାକୁ ଚେଷ୍ଟା କରିବି । ଯଦି କିଛି କରି ପାରିବାରେ ସଫଳ ହୁଏ, ତେବେ ଆପଣଙ୍କୁ ଲେଖି ଜଣାଇବି । ସ୍ନେହମୟୀ ମାଆ, ମୋତେ ଆପଣ ସାହାଯ୍ୟ କରିବେ ।*

'oaob.nitrkl.ac.in' images reprocessed

ଉତ୍ତମ; ଏହା ମୋ' ଲାଗି ଏକ ସୁବିଧାଜନକ ସମୟ ଏବଂ ତୁମେ ନିଶ୍ଚିତ ରହିବ ଯେ ମୁଁ ତୁମକୁ ସାହାଯ୍ୟ କରିବି ।

ଅନେକ ଆଶୀର୍ବାଦ ।

*୨୬ ମାର୍ଚ୍ଚ ୧୯୭୦*

*ସ୍ନେହମୟୀ ମାଆ,*

*ପ୍ରତ୍ୟହ ଅପରାହ୍ଣରେ ମୋ'ର ଏହି ଅଭିନିବେଶ ସମୟରେ ଆପଣ ମୋତେ ସାହାଯ୍ୟ କରିବେ ବୋଲି ଯାହା କହୁଛନ୍ତି, ସେତେବେଳେ ଆପଣ କ'ଣ ସବୁ କରିବେ, ସେକଥା ଜାଣିବାକୁ ମୋ'ର ଇଚ୍ଛା ହେଉଛି ।*

ମୁଁ ତୁମ ଉପରେ ଅଭିନିବିଷ୍ଟ ହୋଇ ରହିବି, ଏବଂ ତୁମର ଚେତନାରେ ଯଦି କିଛି ଅନୁସନ୍ଧାନ ସୃଷ୍ଟିହୁଏ, ତେବେ ଅନ୍ୱେଷଣଟି ଆରମ୍ଭ କରିବାଲାଗି ମୁଁ ତାକୁ ଚୈତ୍ୟ ଜଗତ ମଧ୍ୟକୁ ବାଟ ଦେଖାଇ ନେଇଯିବି ।

ଅନେକ ଆଶୀର୍ବାଦ ।

*୨୭ ମାର୍ଚ୍ଚ ୧୯୭୦*

*ସ୍ନେହମୟୀ ମାଆ,*

*'କ' ତାଙ୍କର ପରବର୍ତ୍ତୀ ଜନ୍ମରେ ଆଶ୍ରମକୁ ଫେରିଆସିବେ ବୋଲି ଆପଣ ସୁନିଶ୍ଚିତ କି ?*

ନା – ଏହା ଆଦୌ ସୁନିଶ୍ଚିତ ନୁହେଁ ।

*ଯେଉଁ ସତ୍ତାମାନେ ଗୋଟିଏ ଜୀବନରେ ଆପଣଙ୍କର ସମ୍ପର୍କରେ ଆସି ଥାଆନ୍ତି, ସେମାନଙ୍କ ପରବର୍ତ୍ତୀ ଜନ୍ମରେ ସେମାନେ ଆପଣଙ୍କ ପାଖକୁ ଫେରି ଆସନ୍ତି କି ?*

ଆପଣାର ପସନ୍ଦ ମୁତାବକ ଏକ ସ୍ଥାନକୁ ସଚେତନ ଭାବରେ ଫେରି ଆସୁଥିବା ସତ୍ତାମାନଙ୍କର ସଂଖ୍ୟା ବହୁତ କମ୍ ।

ଯେଉଁମାନେ ଫେରି ଆସିଛନ୍ତି, ସେମାନେ ହେଉଛନ୍ତି ମୁଖ୍ୟତଃ ଏପରି ଗୋଟିଏ

'oaob.nitrkl.ac.in' images reprocessed

ଗୋଟିଏ ସତ୍ତା, ଯେଉଁମାନେ କି ଶରୀରକୁ ଛାଡ଼ିବା ପୂର୍ବରୁ, ଏକ ନୂତନ ଶରୀର ମଧ୍ୟକୁ ଆସିବାଲାଗି ଇଚ୍ଛା ପ୍ରକାଶ କରିଥା'ନ୍ତି ।

ମାତ୍ର, ସବୁକିଛି ସମ୍ଭବ ହୋଇପାରେ ।

ଅନେକ ଆଶୀର୍ବାଦ ।

*୨୮ ମାର୍ଚ୍ଚ ୧୯୭୦*

*ସ୍ନେହମୟୀ ମାଆ,*

*ନିଜର ପୂର୍ବ ଜନ୍ମଗୁଡ଼ିକ ବିଷୟରେ ମନେ ରଖିବା କିପରି ସମ୍ଭବ ହୁଏ ?*

ଚୈତ୍ୟସତ୍ତା ସହିତ ସମ୍ପର୍କସ୍ଥାପନ ବଳରେ ବିଗତ ଜନ୍ମଗୁଡ଼ିକ ବିଷୟରେ ଆଂଶିକ ସ୍ମରଣମାନ ଉପଲବ୍ଧ ହୋଇଥାଏ ।— ସେହିସବୁ ଘଟଣାବଳୀ ମନେପଡ଼େ ଯେଉଁଥିରେ ଚୈତ୍ୟସତ୍ତା ଅଂଶଗ୍ରହଣ କରିଥିଲା ।

ଯେତେବେଳେ ଚୈତ୍ୟସତ୍ତାର ସେହି ସମାନ ଉପାଦାନଗୁଡ଼ିକ ପୁନର୍ବାର କ୍ରିୟାଶୀଳ ହୋଇଉଠନ୍ତି, ସେତେବେଳେ ଏହା ସ୍ୱତଃସ୍ଫୂର୍ତ୍ତ ଭାବରେ ଘଟିଥାଏ ।

ସେଥିଲାଗି ଜାଣି ଜାଣି କୌଣସି ମାନସିକ ପ୍ରଚେଷ୍ଟା କଲେ ତଦ୍ଦ୍ୱାରା ଭ୍ରମୋତ୍ପାଦକ କଳ୍ପନାମାନ ଉତ୍ପନ୍ନ ହେବାର ଆଶଙ୍କା ରହିଥାଏ ।

ଅନେକ ଆଶୀର୍ବାଦ ।

*୩ ଏପ୍ରିଲ ୧୯୭୦*

*ସ୍ନେହମୟୀ ମାଆ,*

*କୌଣସି ବିଶେଷ ତାରିଖଗୁଡ଼ିକର ଅବସରରେ ପୃଥିବୀରେ ବିଶେଷ ଶକ୍ତିମାନେ କ୍ରିୟାଶୀଳ ହୋଇ ରହନ୍ତି କି ?*

*ଶ୍ରୀଅରବିନ୍ଦଙ୍କ ଆଗମନର ୬୦ତମ ବାର୍ଷିକ ଅବସରରେ ଆଜି କ'ଣ ବିଶେଷ ଘଟଣା ଘଟୁଥିବ ?*

ଶକ୍ତିଗୁଡ଼ିକ ସର୍ବଦା ବିଦ୍ୟମାନ ରହିଥା'ନ୍ତି, ଗୃହୀତ ହେବା ପାଇଁ ଅପେକ୍ଷା କରିଥା'ନ୍ତି । ପ୍ରଧାନତଃ ଆଳସ୍ୟଜଡ଼ିତ ସ୍ମୃତିଗୁଡ଼ିକୁ ଏବଂ ତୀକ୍ଷ୍ଣତା ହରାଇ ବସିଥିବା ଗ୍ରହଣଶୀଳତାଗୁଡ଼ିକୁ ଜାଗ୍ରତ କରି ଆଣିବା ପାଇଁ ବିଶେଷ ତାରିଖଗୁଡ଼ିକର ଆବଶ୍ୟକତା ରହିଥାଏ । ବସ୍ତୁତଃ, ପଣ୍ଡିଚେରୀ ସହରହିଁ ଏହି ୬୦ତମ ବାର୍ଷିକ ଅବସରଟିକୁ ପାଳନ କରିବା ଉଚିତ ଥିଲା,

'oaob.nitrkl.ac.in' images reprocessed

କାରଣ ଶ୍ରୀଅରବିନ୍ଦଙ୍କର ଆଗମନ ଏହାର ନିୟତିକୁ ପ୍ରଭୂତ ଭାବରେ ବଦଳାଇ ଦେଇଛି ।

ଅନେକ ଆଶୀର୍ବାଦ ।

*୪ ଏପ୍ରିଲ ୧୯୭୦*

ଶିଶୁଟିଏ ଜନ୍ମ ହେବା ପୂର୍ବରୁ ମଧ୍ୟ ମାଆ ନିଜର ଦୃଷ୍ଟିକୋଣ ଏବଂ ନିଜର ଭାବନାଗୁଡ଼ିକର ମାଧ୍ୟମରେ ତାକୁ ଶିକ୍ଷା ଦେବା ଆରମ୍ଭ କରିଦେଇ ପାରିବ ।

ମୋ'ର ସ୍ନେହ ଏବଂ ଅନେକ ଆଶୀର୍ବାଦ ସହିତ ।

*୧୬ ଜୁଲାଇ ୧୯୭୦*

ତୁମ ସତ୍ତାର ସୁଗଭୀର ତଳରେ, ତୁମ ବକ୍ଷର ଗଭୀରରେ, ଦିବ୍ୟ ପରମ ଉପସ୍ଥିତି ସର୍ବଦା ବିଦ୍ୟମାନ ରହିଛନ୍ତି, ଆଲୋକମୟ ଏବଂ ଶାନ୍ତ, ପ୍ରେମ ତଥା ପ୍ରଜ୍ଞା ଦ୍ୱାରା ପୂର୍ଣ୍ଣ ହୋଇ ରହିଛନ୍ତି । ସେ ସେଠାରେ ବିଦ୍ୟମାନ ଅଛନ୍ତି, ଯେପରିକି ତୁମେ ତାଙ୍କ ସହିତ ଯୁକ୍ତ ହୋଇ ପାରିବ ଏବଂ ଯେପରିକି ସେ ତୁମକୁ ଏକ ଆଲୋକମୟ ଏବଂ କାନ୍ତିଯୁକ୍ତ ଚେତନାରେ ରୂପାନ୍ତରିତ କରିଦେଇ ପାରିବେ ।

ତୁମେ ଏବଂ ମୁଁ ଏକତ୍ର ତୁମ ସତ୍ତାର ଉପରିଭାଗରେ ରହିଥିବା ଏହି ଯାବତୀୟ ବାହ୍ୟ କୋଳାହଳକୁ ନୀରବ କରି ଆଣିବାକୁ ଚେଷ୍ଟା କରିବା ଯେପରିକି, ନୀରବତା ଏବଂ ଶାନ୍ତି ମଧ୍ୟରେ ତୁମେ ଏହି ଅନ୍ତର୍ଗତ ମହିମା ସହିତ ଯୁକ୍ତ ହୋଇପାରିବ ।

ତେବେ, ସେହି ଦିନଟି ତୁମ ନୂତନ ଜନ୍ମର ଦିବସରେ ପରିଣତ ହୋଇଯିବ ।

*୧ ଅଗଷ୍ଟ ୧୯୭୦*

ନିଜକୁ ନୀରବ କରି ଆଣିବାର ଉପାୟଟିକୁ ଜାଣିବା,— ତାହାର ମୂଲ୍ୟକୁ ଅନେକ ସମୟରେ କଳନା କରାଯାଇ ପାରେ ନାହିଁ ।

ନୀରବତାହିଁ ଯଥାର୍ଥ ଜ୍ଞାନଲାଗି ଦ୍ୱାର ଉନ୍ମୁକ୍ତ କରି ଦେଇଥାଏ ।

*୨ ଅଗଷ୍ଟ ୧୯୭୦*

ମୁଁ ତୁମର ଚୈତ୍ୟ ସତ୍ତାଟିକୁ ଦେଖୁଛି,— ତୁମର ସତ୍ତା ମଧ୍ୟରେ ତାହା ସିଧା ହୋଇ ଠିଆ ହୋଇଛି, ତୁମ ଜୀବନ ସକାଶେ ଦାୟିତ୍ୱ ନେବା ପାଇଁ ଏବଂ ତୁମକୁ ପରମ ଆଲୋକ ଓ ସତ୍ୟ ମଧ୍ୟକୁ ପରିଚାଳିତ କରି ନେବା ପାଇଁ ପ୍ରସ୍ତୁତ ହୋଇ ରହିଛି । ତାହାର ପ୍ରତିଷ୍ଠା

'oaob.nitrkl.ac.in' images reprocessed

ପ୍ରକୃତରେ ମହାନ୍, ସଂକଳ୍ପ ଅପରାହତ; ତାହା ଅବଶ୍ୟ ବିଜୟଟିକୁ ହାସଲ କରିବ ।

*୩ ଅଗଷ୍ଟ ୧୯୭୦*

ଏକ ମୂର୍ତ୍ତିପରି ସ୍ଥିର ଅଥଚ ସତର୍କ ଏବଂ ସଦାସଚେତ ତୁମର ଚୈତ୍ୟ ସତ୍ତା ତୁମକୁ ଦିବ୍ୟ ପରମସତ୍ତାଙ୍କ ନିକଟକୁ ପରିଚାଳିତ କରି ନେଇଯିବ ବୋଲି ତୁମ ଜୀବନଟି ଉପରେ ସଜାଗ ଦୃଷ୍ଟି ରଖିଛି ।

*୫ ଅଗଷ୍ଟ ୧୯୭୦*

ତୁମର ଚୈତ୍ୟ ସତ୍ତା ଆଲୋକିତ ଏବଂ ଶାନ୍ତ ହୋଇ ରହିଛି,... ଜ୍ୟୋତିର୍ମୟ ହୋଇ ରହିଛି ।

*୬ ଅଗଷ୍ଟ ୧୯୭୦*

ତୁମର ହୃଦୟ ହେଉଛି ଏକ ଆଲୋକମୟ ସଦନ; ତାହାହିଁ ତୁମର ସମୁଦାୟ ସତ୍ତାକୁ ପରିଚାଳିତ କରୁ ।

ସସ୍ନେହ ।

*୨୯ ଅକ୍ଟୋବର ୧୯୭୦*

ଶବ୍ଦମୁଖରତା ଅପେକ୍ଷା ତାହା ଯେତେ ଶକ୍ତିଶାଳୀ ହୋଇଥାଉ ପଛକେ, ନୀରବତାରେ ଏକ ବୃହତ୍ତର ଶକ୍ତି ରହିଛି । ପୂର୍ଣ୍ଣ ଅଭିନିବେଶର ନୀରବତା ମଧ୍ୟରେହିଁ ବୃହତ୍ତମ ରୂପାନ୍ତରଗୁଡ଼ିକ ସମ୍ଭବ ହୋଇଛି ।

*୨ ନଭେମ୍ବର ୧୯୭୦*

ଯାବତୀୟ ପରିସ୍ଥିତିରେ ହସି ଜାଣିବାହିଁ ଦିବ୍ୟ ପ୍ରଜ୍ଞାକୁ ଲାଭ କରିବାର ଶୀଘ୍ରତମ ଉପାୟ ।

କେବଳ ଅହଂଟାହିଁ କ୍ରୋଧ କରେ, ନିରାଶ ହୋଇପଡ଼େ; ଏବଂ ସେହି ଅହଂ ତୁମର ଚେତନାକୁ ଆଚ୍ଛନ୍ନ କରି ରଖେ, ଅଗ୍ରଗତିରେ ବାଧା ସୃଷ୍ଟିକରେ ।

ଅହଂ ବଦଳେ ନାହିଁ, କାରଣ ସର୍ବଦା ଠିକ୍‌ହିଁ କରୁଛି ବୋଲି ତାହା ସୁନିଶ୍ଚିତ ଅନୁଭବ କରୁଥାଏ ।

ଅନେକ ଆଶୀର୍ବାଦ ।

*୨୪ ନଭେମ୍ବର ୧୯୭୦*

'oaob.nitrkl.ac.in' images reprocessed

*ସ୍ନେହମୟୀ ମାଆ,*

*ମୋ'ର ଗୋଷ୍ଠୀ-କାର୍ଯ୍ୟଗୁଡ଼ିକରେ ଆଦୌ କୌଣସି ଆଗ୍ରହ ଆସୁ ନାହିଁ । କେବଳ ଏକ କର୍ତ୍ତବ୍ୟ ହିସାବରେହିଁ ମୁଁ କାର୍ଯ୍ୟଟିକୁ କରୁଛି, ସେଥିରେ ଆଦୌ କୌଣସି ଉତ୍ସାହ ରଖୁ ନାହିଁ । ମୋ' ସ୍ଥାନରେ ଆଉ କେହି ସେହି କାର୍ଯ୍ୟ କଲେ ଅଧିକ ଭଲ ହେବ ନାହିଁ କି ? ନିଜକୁ ସର୍ବୋତ୍ତମ ଭାବରେ ଦେଇ ନ ପାରିଲେ ପିଲାଙ୍କ ପ୍ରତି ନ୍ୟାୟ ବିଚାର ହେଉ ନାହିଁ ବୋଲି ମୁଁ ଅନୁଭବ କରୁଛି । ଆପଣ ମୋତେ ଯାହା କହିବେ, ମୁଁ ତାହାହିଁ କରିବି ।*

ତୁମର ଜ୍ଞାନ ରହିଛି, ଅଭିଜ୍ଞତା ମଧ୍ୟ ରହିଛି; ଭଲ ପାଠ ପଢ଼ାଇବା ନିମନ୍ତେ ସେଗୁଡ଼ିକ ହେଉଛି ଅପରିହାର୍ଯ୍ୟ ପ୍ରୟୋଜନ । ମୁଁ ବିଶ୍ୱାସ କରୁଛି ଯେ ତୁମେ ଜଣେ ଖୁବ୍ ଭଲ ଶିକ୍ଷକ ଏବଂ ପିଲାମାନଙ୍କୁ ପାଠ ପଢ଼ାଇବା ବନ୍ଦ କରିଦେଲେ ସେମାନେ ପ୍ରକୃତରେ ବହୁତ କିଛି ହରାଇବେ । ତେଣୁ, ଛାଡ଼ି ନ ଦେଇ ଲାଗିରୁହ, ଏବଂ ଅଚିରେ ଦେଖିବାକୁ ପାଇବ ଯେ, ତୁମେ ପୁନର୍ବାର ସେଥିରୁ ଆନନ୍ଦ ପାଇବ ।

ସ୍ନେହ ଓ ଅନେକ ଆଶୀର୍ବାଦ ।

*୧୬ ଜୁନ୍ ୧୯୭୧*

*ସ୍ନେହମୟୀ ମାଆ,*

*ମୋ' ଭିତରେ ଉଠୁଥିବା ଏହି ଝଡ଼ଟିକୁ ଶାନ୍ତ କରନ୍ତୁ ଏବଂ ଶାନ୍ତିର ପ୍ରତିଷ୍ଠା କରନ୍ତୁ । ଏହି ଅସ୍ଥିରତାକୁ ସ୍ଥିର କରି ଆଣନ୍ତୁ ଏବଂ ପ୍ରେମହିଁ ପୁନର୍ବାର ରାଜତ୍ୱ କରୁ । ଏହି ମୁହୂର୍ତ୍ତରେ ମୁଁ ମୋ'ର ସମୁଦାୟ ହୃଦୟ ସହିତ ଆପଣଙ୍କର ପ୍ରକୃତ ସନ୍ତାନଟିଏ ହେବା ପାଇଁ ଆକାଙ୍କ୍ଷା କରୁଛି । ଆପଣଙ୍କର ଉପଯୁକ୍ତ ହେବାକୁ ଆପଣ ମୋତେ ସାହାଯ୍ୟ କରନ୍ତୁ ।*

ମୋ'ର ପ୍ରିୟ ସନ୍ତାନ,

ତୁମେ ଯାହା ଲେଖିଛ, ତାହାକୁ ପଢ଼ି ମୁଁ ଖୁବ୍ ଆନନ୍ଦିତ ହେଲି ।

ତୁମର ଜନ୍ମଦିନଟି ଯଥାର୍ଥରେ ଏକ ନୂତନ ଚେତନା ମଧ୍ୟକୁ ତୁମର ଜନ୍ମଲାଭ କରିବାର ଏକ ଅବସରରେ ପରିଣତ ହେବ । ସେହି ଯଥାର୍ଥ ଚେତନାହିଁ ତୁମକୁ ଦିବ୍ୟ ଉପଲବ୍ଧି ଆଡ଼କୁ ପରିଚାଳିତ କରି ନେଇଯିବ ।

'oaob.nitrkl.ac.in' images reprocessed

ମାତ୍ର ବର୍ତ୍ତମାନ ତୁମକୁ ମୁଁ ଏତିକି କହିବାକୁ ଇଚ୍ଛା କରୁଛି ଯେ, ତୁମକୁ ତୁମ ମାର୍ଗରେ ସାହାଯ୍ୟ କରିବାକୁ ମୋ'ର ଭଲ ପାଇବା ଏବଂ ସହାୟତା ସର୍ବଦା ତୁମ ସହିତ ରହିଛି ।

ଅନେକ ଆଶୀର୍ବାଦ ।

*୨ ଜୁଲାଇ ୧୯୭୧*

ଯେଉଁ ବିଜୟଟିକୁ ଆମେ ହାସଲ କରିବୁ ତାହା ଆମ ନିଜ ଉପରେ ବିଜୟ, ତା'ହେଲେ ଆମେ କେବଳ ପରମ ଦିବ୍ୟସତ୍ତାଙ୍କରହିଁ ହୋଇଯିବୁ ।

ସସ୍ନେହ ।

*୨୯ ସେପ୍ଟେମ୍ବର ୧୯୭୧*

ସୃଷ୍ଟି ମଧ୍ୟରେ ମହାକାଳୀ ଦିବ୍ୟ ପ୍ରେମକୁହିଁ ପ୍ରକଟ କରିଥା'ନ୍ତି; ମାତ୍ର ସେହି ପ୍ରେମ ପ୍ରକୃତରେ ଏଡ଼େ ଶକ୍ତିଶାଳୀ ଓ ଏଡ଼େ ମହାନ୍ ଯେ, ଅଧିକାଂଶ ମନୁଷ୍ୟ ତାହାକୁ ଭୟହିଁ କରନ୍ତି ।

*୧୮ ଅକ୍ଟୋବର ୧୯୭୧*

କ୍ରମବଦ୍ଧ ଏକାଧିକ ଜୀବନର ମଧ୍ୟଦେଇ ଅଗ୍ରଗତି କରିବାକୁ ଓ ନିଜର ପୂର୍ଣ୍ଣତା ଲାଭ କରିବାକୁ ଆମେ ଏହି ପୃଥିବୀରେ ରହିଛୁ । ଏଥର ଆମେ ଯାହା ହାସଲ କରି ନ ପାରିବା, ତାହାକୁ ପରବର୍ତ୍ତୀ ଜନ୍ମରେ କରିବା; ଏବଂ ଏ ଜନ୍ମରେ ଆମେ ଯାହାକିଛି ଅଗ୍ରଗତି କରିଥିବା ତାହା ସେତେବେଳେ ଆମକୁ ସାହାଯ୍ୟ କରିବ ।

ଯେଉଁମାନେ କାଳୀଙ୍କର ଆବାହନ କରନ୍ତି, କାଳୀ ସେମାନଙ୍କୁ ଅବଶ୍ୟ ସାହାଯ୍ୟ କରନ୍ତି ଏବଂ ତାଙ୍କର ସହାୟତା ଦ୍ୱାରା ଅଗ୍ରଗତି ଶୀଘ୍ରତର ଭାବରେ ପ୍ରାପ୍ତ ହୋଇଥାଏ ।

ଅନେକ ଆଶୀର୍ବାଦ ।

*୧୫ ନଭେମ୍ବର ୧୯୭୧*

ଦିବ୍ୟ ପରମସତ୍ତାଙ୍କ ସହିତ ସାକ୍ଷାତ ଲାଭ କରିବାର ଏବଂ ତାଙ୍କ ସହିତ ଯୁକ୍ତ ହେବାର ଆନନ୍ଦଟିକୁ ସମ୍ଭବ କରିବା ପାଇଁ ବ୍ୟକ୍ତି-ଜୀବନର ସୃଷ୍ଟି ହୋଇଛି ।

ଅନେକ ଆଶୀର୍ବାଦ ।

*୨୯ ନଭେମ୍ବର ୧୯୭୧*

'oaob.nitrkl.ac.in' images reprocessed

ଆଗକୁ ଆହୁରି ଏକ ପଦକ୍ଷେପ ନେବାକୁ ହେବ ଯାହା ଆପଣାର ପୂର୍ଣ୍ଣ ମୂଲ୍ୟ ଲାଭ କରିବାକୁ ହେଲେ, ଏକ ସ୍ୱତଃସ୍ଫୂର୍ତ୍ତ ପ୍ରୟୋଜନର ପରିଣାମହିଁ ହୋଇଥିବା ଉଚିତ ।

ଅନେକ ଆଶୀର୍ବାଦ ।

*୩୦ ନଭେମ୍ବର ୧୯୭୧*

ଏହି ବିଷୟରେ ଶ୍ରୀଅରବିନ୍ଦ ଯାହା ଲେଖିଛନ୍ତି, ତୁମେ ତାହାକୁ ମନୋଯୋଗ ସହକାରେ ପାଠ କରି ମନୁଷ୍ୟର ପରିପୂର୍ଣ୍ଣତା-ଲାଭ କହିଲେ ଅବଶ୍ୟ କ'ଣ ବୁଝାଇବା ଉଚିତ, ସେହି ବିଷୟରେ ଏକ ସ୍ପଷ୍ଟ ଧାରଣାକୁ ବିକାଶ କର ।

ନିଜର ସ୍ୱଭାବକୁ ଅନ୍ତରଙ୍ଗ ଭାବରେ ଦୃଷ୍ଟିପାତ କରି, ଆଦର୍ଶ ଅବସ୍ଥାଟିକୁ ପ୍ରାପ୍ତ ହେବାଲାଗି ପ୍ରକୃତରେ କାହାର ରୂପାନ୍ତର ଘଟିବା ଆବଶ୍ୟକ, ସେହି ବିଷୟରେ ସଜ୍ଞାନ ହୁଅ । ତା'ପରେ ଆନ୍ତରିକତା ସହିତ କାମରେ ଲାଗିଯାଅ ଏବଂ ନିଜର ଅନ୍ତର୍ଗତ ତଥା ବହିର୍ଗତ ଉଭୟ ଗତିସ୍ପନ୍ଦନଗୁଡ଼ିକୁ ଅବଲୋକନ କର । ଏବଂ, ପ୍ରତ୍ୟେକଥର ତୁମେ ନିଜ ପାଇଁ ନିର୍ଦ୍ଧାରିତ କରି ଦେଇଥିବା ଆଦର୍ଶଟିର ଯାହାକିଛି ବିରୋଧ କରୁଛି ବୋଲି ଦେଖିବାକୁ ପାଉଛ, ତାହାର ସଂଶୋଧନ ନିମିତ୍ତ ଏକ ପ୍ରୟାସ କର ।

ଅନେକ ଆଶୀର୍ବାଦ ।

*୧ ଡିସେମ୍ବର ୧୯୭୧*

*ସ୍ନେହମୟୀ ମାଆ,*

*ଯୁଦ୍ଧ* ପ୍ରତି ଆମର କିପରି ଦୃଷ୍ଟିକୋଣ ଗ୍ରହଣ କରିବା ଉଚିତ ?*

ମନସ୍ତାତ୍ତ୍ୱିକ ସ୍ତରରେ କେବଳ ଏକ ସ୍ଥିର ଏବଂ ଅବିଚଳ ବିଶ୍ୱାସ ରଖିବାରହିଁ ଆବଶ୍ୟକତା ରହିଛି ।

ଭୌତିକ ସ୍ତରରେ, ଏହା ପରିସ୍ଥିତିଗୁଡ଼ିକ ଉପରେହିଁ ନିର୍ଭର କରିବ ।

ଅନେକ ଆଶୀର୍ବାଦ ।

*୩ ଡିସେମ୍ବର ୧୯୭୧*

ଲୋକମାନଙ୍କର ଜୀବନରେ ଦେଖା ଦେଉଥିବା ଅଧିକାଂଶ ଅସୁବିଧା ସେମାନଙ୍କର କ୍ରିୟାଗୁଡ଼ିକ

---

* ଭାରତ ଓ ପାକିସ୍ତାନ ମଧ୍ୟରେ ।

'oaob.nitrkl.ac.in' images reprocessed

ଉପରେ ନିଜ ନିୟନ୍ତ୍ରଣର ଅଭାବ ଏବଂ ଅନ୍ୟମାନଙ୍କର କ୍ରିୟାଗୁଡ଼ିକ ପ୍ରତି ସେମାନଙ୍କର ନାନା ପ୍ରତିକ୍ରିୟା ଗୁଡ଼ିକରୁହିଁ ଦେଖା ଦେଇଥାଏ ।

ନିଜର ସ୍ୱଭାବ ତଥା ଦୁର୍ବଳତାଗୁଡ଼ିକ ଦୃଷ୍ଟିରୁ, ଜଣେ ବ୍ୟକ୍ତି ତା' ନିଜ ପାଇଁ ଏପରି କେତେକ ଶୃଙ୍ଖଳାର ନିର୍ଦ୍ଧାରଣ କରିଦେବ, ଯାହାକୁ କି ସେ ନିରନ୍ତର ପାଳନ କରୁଥିବ; ଉଦାହରଣ ସ୍ୱରୂପ, ସିଏ କେବେହେଲେ କଳହ କରିବ ନାହିଁ, ଆଉ କେହି କିଛି ଅପ୍ରୀତିକର କଥା କହିଲାବେଳେ ଅଥବା ଅପ୍ରୀତିକର କାର୍ଯ୍ୟ କଲାବେଳେ ସେ ଜବାବରେ ଆଦୌ କିଛି କହିବ ନାହିଁ ବା କରିବ ନାହିଁ, ଆଉ ଜଣେ ତା' ସହିତ ଏକମତ ନ ହେଉଥିବା ସମୟରେ ସେ ଯୁକ୍ତି କରିବ ନାହିଁ । ସ୍ପଷ୍ଟତଃ, ବସ୍ତୁଚୟର ଅଥବା ବ୍ୟକ୍ତିମାନେ ତା'ର ମନୋମତ ନ ହୋଇଥିବା ସମୟରେ ସେ କଦାପି କ୍ରୋଧର ବଶବର୍ତ୍ତୀ ହେବ ନାହିଁ ।

ସ୍ୱଭାବତଃ, ଯଦି ଜଣେ ବ୍ୟକ୍ତି ନିଜକୁ ନିୟନ୍ତ୍ରଣରେ ରଖିବାରେ ଅଭ୍ୟସ୍ତ ନ ଥିବ, ତେବେ ସେହି ଅଭ୍ୟାସଟିକୁ ଅର୍ଜନ କରିବାଲାଗି ବେଶ୍ ଅନେକ ପ୍ରଚେଷ୍ଟା କରିବା ଆବଶ୍ୟକ ହେବ । ମାତ୍ର, ଯଦି କେହି ପ୍ରକୃତରେ ଅଗ୍ରଗତି କରିବାକୁ ଇଚ୍ଛା କରୁଥିବ, ତେବେ ଏକଥାଟି ଅବଶ୍ୟ ଅପରିହାର୍ଯ୍ୟ ହୋଇ ରହିଥିବ ।

ପଥଟି ଅତି ଦୀର୍ଘ । ସେହି କାରଣରୁହିଁ ଧୈର୍ଯ୍ୟ ରଖିବାକୁ ହେବ ଓ ନିଜପ୍ରତି ଏକ ଅବ୍ୟର୍ଥ ଆନ୍ତରିକତା ପୋଷଣ କରିବାକୁ ପଡ଼ିବ ।

ଅନ୍ୟମାନଙ୍କ ସହିତ ଶାନ୍ତିରେ ବାସ କରିବାକୁ ହେଲେ ଆତ୍ମସଂଯମ ଅତ୍ୟାବଶ୍ୟକ; ଏବଂ, ଯେଉଁମାନେ ରୂପାନ୍ତରର କୌଣସି ଆସ୍ପୃହା ରଖନ୍ତି ନାହିଁ, ସେମାନଙ୍କର ମଧ୍ୟ ଏହାର ଅଭ୍ୟାସ କରିବା ଉଚିତ ।

ଅନେକ ଆଶୀର୍ବାଦ ।

*୧୨ ଡିସେମ୍ବର ୧୯୭୧*

ଯେତେବେଳେ ଜଣେ ବ୍ୟକ୍ତି ଆଉ ଜଣେ ବ୍ୟକ୍ତିକୁ ଭଲ ପାଉଥାଏ, ସେତେବେଳେ ସାଧାରଣତଃ ସେ ଏହି ପ୍ରଥମ ଭୁଲଟିକୁ କରିଥାଏ ଯେ, ଅନ୍ୟ ବ୍ୟକ୍ତିଟି ମଧ୍ୟ ତାକୁ ଭଲ ପାଉ ବୋଲି ସେ ପ୍ରତ୍ୟାଶା କରେ; ସେହି ଅନ୍ୟ ବ୍ୟକ୍ତି ତା'ର ନିଜ ଧାରାରେ ଏବଂ ନିଜ ସ୍ୱଭାବ ଅନୁସାରେ ନୁହେଁ, ଏହି ପ୍ରଥମ ବ୍ୟକ୍ତିର ନିଜ ଧାରାରେ ଓ ତାହାର ବାସନାଗୁଡ଼ିକର ପରିପୂରଣ କରିବାକୁହିଁ ସେ ଭଲ ପାଉ ବୋଲି ପ୍ରଥମ ବ୍ୟକ୍ତିଟି ଆଶା କରୁଥାଏ । ଯାବତୀୟ ମାନୁଷିକ ଦୁଃଖ, ନୈରାଶ୍ୟ ଏବଂ କଷ୍ଟଭୋଗର ଏଇଟି ହେଉଛି ସର୍ବପ୍ରଥମ କାରଣ ।

ଭଲ ପାଇବାର ଅର୍ଥ ହେଉଛି ଆଦୌ କୌଣସି ମୂଲଚାଲ ନ କରି ନିଜକୁ

'oaob.nitrkl.ac.in' images reprocessed

ଦେଇଦେବା,– ତା' ନ ହେଲେ ତାହା ଆଦୌ ଭଲ ପାଇବା ନୁହେଁ । ମାତ୍ର ଏହି କଥାଟିକୁ କ୍ୱଚିତ୍ କେହି ବୁଝିଥା'ନ୍ତି ଏବଂ ଆହୁରି ଅଧିକ କ୍ୱଚିତ୍ ପାଳନ କରିଥା'ନ୍ତି । ଏବଂ, ପରିଣାମଗୁଡ଼ିକ ଅତ୍ୟନ୍ତ ଦୁଃଖମୟ ହୋଇଥାଏ ।

ଯେତେବେଳେ କୌଣସି ଅଗ୍ରଗତି କରିବାକୁ ରହିଥାଏ, ସେତେବେଳେ ତୁମେ ସେଇଟିର ସାଧନଲାଗି କାର୍ଯ୍ୟ ଆରମ୍ଭ କରିଦେବ; ଅନ୍ୟମାନେ ଏକଥା କରୁ ନାହାନ୍ତି ବୋଲି ଆଳ ଦେଖାଇ କଦାପି ନିଜକୁ କ୍ଷମା ଦେବ ନାହିଁ ।

ପ୍ରତ୍ୟେକ ବ୍ୟକ୍ତି ସର୍ବପ୍ରଥମେ ତା' ନିଜ ପାଇଁ ଦାୟୀ; ଏବଂ, ଯଦି ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ତୁମର ଅଭିଳାଷ ରହିଥାଏ, ତେବେ, ଜଣେ ବ୍ୟକ୍ତିର କ'ଣ ହେବା ଉଚିତ, ତାହାର ଏକ ଉଦାହରଣ ନିଜେ ପ୍ରଦାନ କରିହିଁ ତୁମେ ସେମାନଙ୍କୁ ସବୁଠାରୁ ଅଧିକ ଫଳପ୍ରଦ ଭାବରେ ସାହାଯ୍ୟ କରିପାରିବ ।

ଏବଂ, ଦିବ୍ୟ ପରମକରୁଣା ସର୍ବଦା ମହଜୁଦ ରହିଥିବ; ଯେଉଁମାନଙ୍କର ଆନ୍ତରିକତା ରହିଛି, ସେମାନଙ୍କ ସମସ୍ତଙ୍କ ସକାଶେ ଅଦ୍ଭୁତ ଭାବରେ ଫଳଦାୟକ ହୋଇ ରହିଥିବ ।

*୨୮ ଡିସେମ୍ବର ୧୯୭୧*

ଆମକୁ ଏକ ମହିମାମୟ ଭବିଷ୍ୟ ଉପରେ ବିଶ୍ୱାସ ପ୍ରଦାନ କର, ତାହାକୁ ଉପଲବ୍ଧି କରିବାର ସାମର୍ଥ୍ୟ ମଧ୍ୟ ଦିଅ ।

*୩୦ ଡିସେମ୍ବର ୧୯୭୧*

ପ୍ରଭୁ ପରମୋଚ୍ଚ ସତ୍ୟ,

ଆପଣଙ୍କୁ ଜାଣିବାଲାଗି ଏବଂ ଆପଣଙ୍କର କାର୍ଯ୍ୟ କରିବାଲାଗି ଆମେ ଆସ୍ପୃହା କରୁଛୁ ।

ଆପଣ ଆମକୁ ଆପଣଙ୍କର ଉପଯୁକ୍ତ ସନ୍ତାନ ହେବାରେ ସାହାଯ୍ୟ କରନ୍ତୁ ।

ଏବଂ ଏଥିପାଇଁ, ଆପଣ ଆମକୁ ଆପଣଙ୍କର ସତତ ଆଶୀର୍ବାଦଗୁଡ଼ିକ ସମ୍ବନ୍ଧରେ ସଚେତନ କରି ରଖିଥା'ନ୍ତୁ, ଯେପରିକି କୃତଜ୍ଞତାହିଁ ଆମର ହୃଦୟଗୁଡ଼ିକୁ ପୂର୍ଣ୍ଣ କରି ରଖିଥିବ ଓ ଆମ ଜୀବନଗୁଡ଼ିକର ପରିଚାଳନା କରୁଥିବ ।

*୨ ଜାନୁଆରୀ ୧୯୭୨*

ଆପଣାର ଅଧ୍ୟବସାୟରେ ତୁମେ ଅବଶ୍ୟ ନିଷ୍ଠାଯୁକ୍ତ ହୋଇ ରହିବ; ତେବେ, ଯେଉଁ କଥାଗୁଡ଼ିକୁ ତୁମେ ଆଜି କରି ନ ପାରୁଛ, ତାହାକୁ ନିଶ୍ଚୟ ଦିନେ ନା ଦିନେ କରିପାରିବ,

'oaob.nitrkl.ac.in' images reprocessed

ନିୟମିତ ତଥା ଅବିରାମ ପ୍ରୟାସ ଦ୍ୱାରା ତାହାକୁ ଅବଶ୍ୟ କରିପାରିବ ।

ନିଜକୁ ଐକାନ୍ତିକ ଭାବରେ ଦିବ୍ୟ ପରମସତ୍ତାଙ୍କ ପାଖରେ ଅର୍ପଣ କରିଦିଅ ଏବଂ ଦିବ୍ୟ ସହାୟତା ତୁମ ପାଖରେ ସବୁବେଳେ ରହିଥିବ ।

*୪ ଜାନୁଆରି ୧୯୭୨*

ଜଣେ ବ୍ୟକ୍ତି ଯେତେବେଳେ ଯଥାର୍ଥ ଓ ସମଗ୍ର ଭାବରେ ଦିବ୍ୟ ପରମସତ୍ତାଙ୍କୁ ଭଲ ପାଉଥାଏ, ତେବେ ସେ ତାଙ୍କର ସୃଷ୍ଟି ଏବଂ ସୃଷ୍ଟ ଜୀବମାନଙ୍କୁ ମଧ୍ୟ ଭଲ ପାଏ । ଏବଂ ସ୍ୱଭାବତଃ, ତାଙ୍କର ସୃଷ୍ଟ ସେହି ଜୀବମାନଙ୍କ ମଧ୍ୟରେ ହୁଏତ ଏପରି କେତେକ ଥାଇପାରନ୍ତି, ଯେଉଁମାନେ କି ତା'ଲାଗି ଅଧିକ ନିକଟ ପରି ଲାଗନ୍ତି ଓ ସେ ସେମାନଙ୍କୁ ବିଶେଷ ଭାବରେ ଭଲ ପାଏ । ମାତ୍ର, ସେତେବେଳେ ସେ ଯେଉଁ ପ୍ରେମଟିକୁ ଅନୁଭବ କରେ, ତାହା କଦାପି ଏହି ସାଧାରଣ ମାନୁଷିକ କିସମର ପ୍ରେମ ହୋଇ ରହି ନ ଥାଏ; ତାହା ଏପରି ଏକ ପ୍ରେମ ହୋଇ ରହି ନ ଥାଏ, ଯାହାକି ଯାବୁଡ଼ି ଧରିବାକୁ କିଂବା ଅଧିକାର କରିବାକୁ ଇଚ୍ଛା କରୁଥାଏ, ମାତ୍ର ଏପରି ଏକ ପ୍ରେମ ହୋଇ ରହିଥାଏ, ଯାହାକି ପ୍ରତିବଦଳରେ ଆଦୌ କିଛି ହେଲେ ନ ମାଗି ଆପଣାକୁ ଦେଇ ପାରୁଥାଏ ।

ଭଲ ପାଇବାର ଆନନ୍ଦଲାଗିହିଁ ଭଲ ପାଇବା ହେଉଛି ଏକ ଶାନ୍ତିପୂର୍ଣ୍ଣ ଓ ସୁଖୀ ଜୀବନ ନିମନ୍ତେ ଆବଶ୍ୟକ; ଅର୍ଥାତ୍, ଅନ୍ୟ ଭାଷାରେ କହିଲେ, ତାହା ସକଳ ବସ୍ତୁରେ ଦିବ୍ୟ ପରମସତ୍ତାଙ୍କୁହିଁ ଭଲ ପାଇବାକୁ ବୁଝାଉଥାଏ ।

ଦିବ୍ୟ ପରମସତ୍ତା ଯାହା ଇଚ୍ଛା କରୁଛନ୍ତି କେବଳ ତାହାହିଁ ଇଚ୍ଛା କରିବା, ସେହି ପ୍ରେମ ଯଦି ପରିଶେଷରେ ସେହି ସ୍ତରକୁ ଉନ୍ନୀତ ହୋଇଯାଏ, ତେବେ ପରିପୂର୍ଣ୍ଣ ଶାନ୍ତି ଉପଲବ୍ଧ ହୋଇଥାଏ ।

*୫ ଡିସେମ୍ବର ୧୯୭୨*

ମନୁଷ୍ୟ-ଜୀବନର ଅବଧି ପାଇଁ ଶହେ ସଂଖ୍ୟାଟିର ସ୍ୱତଃ କୌଣସି ବିଶେଷ ତାତ୍ପର୍ଯ୍ୟ ନାହିଁ, ମାତ୍ର, ମନୁଷ୍ୟର ଜୀବନଟା ଯେ ଏପରି ଜଟିଳ ହୋଇପଡ଼ିଛି, କେବଳ ସେହି କାରଣରୁହିଁ ତାହା ସେହି ଅନୁସାରେ ଅଳ୍ପସ୍ଥାୟୀ ମଧ୍ୟ ହୋଇଗଲାଣି ଏବଂ ଏବେ ଶହେ ବର୍ଷ ହେବାଯାଏ ବଞ୍ଚିବା ଅତ୍ୟନ୍ତ ବିରଳ ହୋଇ ପଡ଼ିଛି ।

ଯେତେବେଳେ ମନୁଷ୍ୟ ପ୍ରକୃତି ସହିତ ପୂର୍ଣ୍ଣ ସମଞ୍ଜସତା ରକ୍ଷା କରି ଜୀବନ ବଞ୍ଚୁଥିଲା, ସେତେବେଳେ ତା'ର ଜୀବନ ଦୀର୍ଘତର ହେଉଥିଲା ।

ଯେତେବେଳେ ମନୁଷ୍ୟ ଦିବ୍ୟ ସତ୍ତାଙ୍କ ଦ୍ୱାରା ଓ ଦିବ୍ୟ ପରମସତ୍ତାଙ୍କ ସକାଶେ

'oaob.nitrkl.ac.in' images reprocessed

ଜୀବନ ବଞ୍ଚିପାରିବ, ସେତେବେଳେ ତାହାର ଜୀବନ ଅଧିକ ଦୀର୍ଘ ହେବ ଏବଂ ଦିନେ ନା ଦିନେ ଦିବ୍ୟ ପରମସତ୍ତା ତା' ଆଗରେ ଅମରତ୍ୱର ରହସ୍ୟକୁ ମଧ୍ୟ ଉଦ୍‌ଘାଟିତ କରିଦେବେ ।

*୬ ଜାନୁଆରି ୧୯୭୨*

ଯେଉଁ ଲୋକମାନେ ଶ୍ରୀଅରବିନ୍ଦଙ୍କର ଶତବାର୍ଷିକୀ ପାଳନ କରୁଛନ୍ତି, ସେହିମାନଙ୍କର ଆବାହନହିଁ ତାଙ୍କର ଉପସ୍ଥିତିକୁ ଅଧିକ କ୍ରିୟାଶୀଳ ଏବଂ ଫଳଦାୟକ କରି ଦେଉଛି । ମାତ୍ର, ଯେଉଁମାନେ ସତତ ତାଙ୍କ ସହିତ ରହିଛନ୍ତି, ସେମାନଙ୍କ ପାଇଁ ଏହା କ୍ୱଚିତ୍ ଏକ ପ୍ରଭେଦ ଘଟାଉଛି ।

ଯେତେବେଳେ ଲୋକେ ତାଙ୍କର ସମାଧି ପାଖରେ ଧ୍ୟାନସ୍ଥ ହୋଇ ବସନ୍ତି, ସେତେବେଳେ ମଧ୍ୟ ସେହି ସମାନ କଥାଟି ଘଟିଥାଏ : ସେ ସେଠାରେ ସର୍ବଦା ରହିଥା'ନ୍ତି, ମାତ୍ର ସେମାନଙ୍କ ଆବାହନର ଅନୁସ୍ପନ୍ଦନ ଦ୍ୱାରା ତାଙ୍କର ଉପସ୍ଥିତିଟି ଅଧିକ କ୍ରିୟାଶୀଳ ହୋଇଥାଏ ।

*୭ ଜାନୁଆରି ୧୯୭୨*

ଯେଉଁ ବିଦ୍ୟାର୍ଥୀମାନେ ଜୀବନରେ କିପରି ସଫଳତା ଲାଭ କରାଯାଏ ଓ କିପରି ପଇସା ଉପାର୍ଜନ କରାଯାଏ; ତାହାହିଁ ଶିକ୍ଷା କରିବାକୁ ଇଚ୍ଛା କରନ୍ତି, ଏଠାରେ ସେମାନଙ୍କର କୌଣସି ଆବଶ୍ୟକତା ନାହିଁ । ଆମେ କେବଳ ସେହିପରି ବିଦ୍ୟାର୍ଥୀମାନଙ୍କୁ ଚାହୁଁ, ଯେଉଁମାନେ କି ଏକ ଉଚ୍ଚତର ଜୀବନ ବଞ୍ଚିବାଲାଗି ଇଚ୍ଛା କରୁଛନ୍ତି । ତେଣୁ ପିଲାମାନେ ସେହି ନୂତନ ଜୀବନର ପ୍ରତିନିଧିତ୍ୱ କରିବେ ଅଥବା "ସଫଳ" ହୋଇ ଏକ ସାଧାରଣ ଜୀବନ ଯାପନ କରିବେ, ସେମାନଙ୍କୁ ତାହାର ନିଷ୍ପତ୍ତି କରିବାକୁ ପଡ଼ିବ । ମୁଁ ଭାବୁଛି ଯେ, କେତେକ ପିଲା ନିଶ୍ଚୟ ଏଠାରୁ ଚାଲିଯିବେ ।

*୩୦ ଜାନୁଆରି ୧୯୭୨*

ଯେଉଁ ଅଜ୍ଞାନମୟ ସଦିଚ୍ଛା ଆମର ପରିଚର୍ଯ୍ୟା କରୁଛି ବୋଲି ଭାବୁଛି ମାତ୍ର ଆମକୁ କେବଳ ଭ୍ରଷ୍ଟହିଁ କରି ପକାଉଛି, ଆପଣ ଆମକୁ ତାହାର କବଳରୁ ରକ୍ଷା କରନ୍ତୁ ।

ଆମର ଚେତନାକୁ ଯାବତୀୟ ଅଜ୍ଞାନରୁ ଦୂର କରି ତାହାକୁ ଶୁଦ୍ଧ କରି ଦିଅନ୍ତୁ, ଯେପରିକି ଆମେ ପରମ ସତ୍ୟରେ ରହିହିଁ ଆପଣଙ୍କର ସେବା କରିପାରିବୁ ।

*୧୨ ଫେବୃଆରି ୧୯୭୨*

'oaob.nitrkl.ac.in' images reprocessed

ସର୍ବୋଚ୍ଚ ପରମସତ୍ତା ତାଙ୍କୁ ଖୋଜି ପାଇବାରେ ତୁମକୁ ସାହାଯ୍ୟ କରିବେ ବୋଲି ତାଙ୍କ ପାଖରେ ମୁଁ ପ୍ରାର୍ଥନା କରିଛି ଏବଂ, ଏହି ଆବିଷ୍କାର କରିବାରେ ତୁମକୁ ସାହାଯ୍ୟ କରିବାରେ ପ୍ରତ୍ୟହ ତୁମ ପାଇଁ ମୁହୂର୍ତ୍ତଟିଏ ଦେବାଲାଗି ମଧ୍ୟ ମୁଁ ପ୍ରସ୍ତୁତ ଅଛି ।

ତୁମଠାରୁ ମୁଁ କେବଳ ଆଶା କରୁଛି ଯେ, ଆମେ ଯେତିକି ସମୟ ଏକତ୍ର ଅଭିନିବେଶିତ ହୋଇ ରହିବା, ତୁମେ ସେହି ସମୟରେ ନୀରବ ହୋଇ ରହିବ ।

ଯଦି ତୁମେ ହାଲୁକା ହୋଇଯାଇ ପାରିବ ଏବଂ ସହଜ ଅନୁଭବ କରିବ, ତେବେ ତାହା ଅତି ଉତ୍ତମ ହେବ; ଯଦି ତୁମେ ନୀରବତା ମଧ୍ୟରେ ପ୍ରବେଶ କରିପାରିବ, ତେବେ ତାହା ସର୍ବୋତ୍ତମ ହୋଇପାରିବ । ପ୍ରତିଦିନ ଆମେ ଆରମ୍ଭରେ "ମୁଁ ଯେପରି ଆପଣଙ୍କ ଉପସ୍ଥିତି ବିଷୟରେ ସଚେତନ ହୁଏ, ଆପଣ ମୋତେ ସେହି ସାମର୍ଥ୍ୟଟିକୁ ଦିଅନ୍ତୁ" ବୋଲି ପ୍ରାର୍ଥନା କରିବା ଏବଂ, ଆମେ ଏକତ୍ର ଆମ ଅଭୀପ୍ସାର ନୀରବତା ଏବଂ ଉଦ୍ଦୀପ୍ତତା ମଧ୍ୟରେ ଅନୁରୂପ ଏକ ମୁହୂର୍ତ୍ତ ସକାଶେ ଆସ୍ପୃହା କରୁଥିବା ।

*୧୦ ମାର୍ଚ୍ଚ ୧୯୭୨*

ଆମେ ଯେଉଁ ପରମ ଦିବ୍ୟସତ୍ତାଙ୍କର ଅନ୍ୱେଷଣ କରୁଛୁ, ସେ ଆଦୌ ଅତି ଦୂରରେ ନାହାନ୍ତି, ଆଦୌ ଅପହଞ୍ଚ ହୋଇ ରହି ନାହାନ୍ତି । ସେ ତାଙ୍କ ସୃଷ୍ଟିର ହୃଦୟ ଭିତରେ ରହିଛନ୍ତି ଏବଂ, ଆମଠାରୁ ଏତିକି ଇଚ୍ଛା କରୁଛନ୍ତି ଯେ, ଆମେ ତାଙ୍କୁ ଆବିଷ୍କାର କରିବା ଓ ବ୍ୟକ୍ତିଗତ ଜୀବନରେ ଏକ ରୂପାନ୍ତର ସମ୍ଭବ କରି ତାଙ୍କୁ ଜାଣିବାର ଯୋଗ୍ୟ ହେବା, ତାଙ୍କ ସହିତ ଯୁକ୍ତ ହୋଇଯିବା ଏବଂ ସର୍ବଶେଷରେ ସଚେତନ ଭାବରେ ତାଙ୍କୁ ପ୍ରକାଶିତ କରି ଆଣିବା ।

ଆମେ ଏଥିସକାଶେହିଁ ଆପଣାକୁ ଅର୍ପିତ କରି ରଖିବା; ଏହାହିଁ ହେଉଛି ଆମ ଜୀବନର ଯଥାର୍ଥ ଉଦ୍ଦେଶ୍ୟ ।

ଏବଂ, ସେହି ମହାନ୍ ଉପଲବ୍ଧି ଆଡ଼କୁ ସର୍ବପ୍ରଥମ ସୋପାନଟି ହେଉଛି ଅତିମାନସ ଚେତନାର ପରିପ୍ରକାଶ ।

*୨୦ ମାର୍ଚ୍ଚ ୧୯୭୨*

ନୂତନ ସୃଷ୍ଟି ନିମନ୍ତେ ଏହି ସୋପାନଟିକୁ ଗ୍ରହଣ କରିବାକୁ ହେଲେ ଆମକୁ ନିଜର ମନକୁ ନୀରବ କରି ଆଣିବାର ଉପାୟଟିକୁ ଶିକ୍ଷା କରିବାକୁ ହେବ ଏବଂ ପରମ ଚେତନା ମଧ୍ୟକୁ ଉନ୍ନୀତ ହେବାକୁ ପଡ଼ିବ ।

*୨ ଏପ୍ରିଲ ୧୯୭୨*

'oaob.nitrkl.ac.in' images reprocessed

କେବଳ ନୀରବତାରେହିଁ ଚେତନା ଅଭିବୃଦ୍ଧି ଲାଭ କରେ। ଏହା ଆପଣଙ୍କୁହିଁ ଅଧିକରୁ ଅଧିକ ଜାଣିବା ପାଇଁ ଆସ୍ପୃହା କରୁଥାଏ।

*୩ ଏପ୍ରିଲ ୧୯୭୨*

ନୀରବତାରେହିଁ ସବୁଠାରୁ ମହାନ୍ ଆସ୍ପୃହା ବିଦ୍ୟମାନ ରହିଛି।

ଆମେ ପ୍ରାର୍ଥନା କରୁଛୁ ଯେ ସେଠାରେ ବୃହତ୍ତମ ଗ୍ରହଣଶୀଳତାଟି ମଧ୍ୟ ରହିଥାଉ।

*୪ ଏପ୍ରିଲ ୧୯୭୨*

ଆପଣଙ୍କୁ ଅଶେଷ ଧନ୍ୟବାଦ, ହେ ପରମ ପ୍ରଭୁ। ଆପଣ ପ୍ରତ୍ୟେକ ନିଷ୍ଠାଯୁକ୍ତ ଆସ୍ପୃହାଲାଗି ଅଦ୍ଭୁତ ଭାବରେ ଅନୁସ୍ପନ୍ଦନ ଜ୍ଞାପନ କରିଥା'ନ୍ତି।

*୫ ଏପ୍ରିଲ ୧୯୭୨*

ସର୍ବଶ୍ରେଷ୍ଠ ଭକ୍ତି ନୀରବତାରେହିଁ ରହିଥାଏ।

*୬ ଏପ୍ରିଲ ୧୯୭୨*

ଚେତନା ଯେତେବେଳେ ଆପଣଙ୍କର ପରମ ଉପସ୍ଥିତି ଉଦ୍ଦେଶ୍ୟରେ ସମ୍ପୂର୍ଣ୍ଣ ଭାବରେ ଜାଗ୍ରତ ହୋଇଯାଏ, ସେତେବେଳେ ଏପରି ଗୋଟିଏ ମୁହୂର୍ତ୍ତ ଆସି ପହଞ୍ଚେ, ଯେତେବେଳେ କି ସେହି ନୀରବତା ମଧ୍ୟରେହିଁ ସବୁଠାରୁ ଅଧିକ ଶକ୍ତିଶାଳୀ କ୍ରିୟାଶୀଳତା ନିହିତ ହୋଇ ରହିଥାଏ।

*୭ ଏପ୍ରିଲ ୧୯୭୨*

ଆପଣ ଯାହା ଇଚ୍ଛା କରୁଛନ୍ତି, ସର୍ବଦା ଓ ସକଳ ପରିସ୍ଥିତିରେ ତାହାହିଁ ଇଚ୍ଛା କରିବା,– ଅଖଣ୍ଡ ଶାନ୍ତିର ଆସ୍ୱାଦନ କରିବାଲାଗି ତାହାହିଁ ଏକମାତ୍ର ଉପାୟ।

*୮ ଏପ୍ରିଲ ୧୯୭୨*

ଆମେ କେବେହେଲେ ଏକୁଟିଆ ହୋଇ ରହି ନ ଥାଉ : ପରମ ଦିବ୍ୟସତ୍ତା ସତତ ଆମ ସହିତ ଥାଆନ୍ତି। ତାଙ୍କର ଉପସ୍ଥିତି ବିଷୟରେ ସଚେତନ ହେବା – ଏହା ଆମର କାମ।

ଅନେକ ଆଶୀର୍ବାଦ।

*୧ ଜାନୁଆରି ୧୯୭୩*

'oaob.nitrkl.ac.in' images reprocessed

ମୁଁ ସର୍ବଦା ତୁମ ସହିତ ରହିଛି । ଏବଂ, ଦିବ୍ୟ ପରମସତ୍ତାଙ୍କର ସାକ୍ଷାତ୍ ଲାଭ କରିବାରେ ତୁମକୁ ସାହାଯ୍ୟ କରିବାକୁ ତୁମର ଯାତ୍ରାରେ ସର୍ବଦା ମୁଁ ତୁମ ସହିତ ରହିଥିବି । ସେହି ସାକ୍ଷାତ ଲାଭ କରିବା,– ସ୍ଥାୟୀ ସୁଖ ଲାଭ କରିବାର ଏକମାତ୍ରହିଁ ଉପାୟ । ତୁମର ଜନ୍ମଦିନରେ ତୁମ ସହିତ ଦେଖା ହେବ ବୋଲି ମୁଁ ଆଶା କରୁଛି; ତୁମ ଜୀବନର ଯଥାର୍ଥ ଲକ୍ଷ୍ୟ ଯାହା ସେହି କରୁଣାଲାଗି ତୁମେ ପ୍ରାର୍ଥନା କର ।

ତୁମର ବିଶ୍ୱାସ ଏବଂ ଆସ୍ଥା ଅତୁଟ ରହିଥାଉ, ମୋ'ର କେବଳ ଏତିକି କାମନା ।

ମୁଁ ନିଜକୁ ତୁମର ହୃଦୟ ଭିତରେ ନେଇ ରଖୁଛି ଯେପରିକି ତୁମେ ସେଠାରେ ମୋତେ ସର୍ବଦା ଦେଖିବାକୁ ପାଇବ ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*ତାରିଖ ନାହିଁ*

'oaob.nitrkl.ac.in' images reprocessed

'oaob.nitrkl.ac.in' images reprocessed

# ଷଷ୍ଠ ଗୁଚ୍ଛ
(୧୯୬୧ - ୧୯୬୮)

'oaob.nitrkl.ac.in' images reprocessed

'oaob.nitrkl.ac.in' images reprocessed

## ଷଷ୍ଠ ଗୁଚ୍ଛ*

ଏକ ଶିଷ୍ୟଙ୍କୁ, ଯିଏକି ଏକୋଇଶି ବର୍ଷ ବୟସରେ ୧୯୩୯ ମସିହାରେ ଶ୍ରୀଅରବିନ୍ଦ ଆଶ୍ରମରେ ଆସି ଯୋଗ ଦେଇଥିଲେ, ତାହାଙ୍କୁ ଏହା ଲିଖିତ । ସେ ପ୍ରଥମେ ଆଶ୍ରମର ଜଣେ ସେକ୍ରେଟରୀଙ୍କର ସହକାରୀ ରୂପେ କାର୍ଯ୍ୟ କଲେ, ତା'ପରେ ଏକାଧିକ ଅତିଥିଭବନର ପରିଚାଳନାରେ ତତ୍ତ୍ୱାବଧାରକ ହେଲେ ଏବଂ ବର୍ତ୍ତମାନ ସିଏ ଜଣେ ଲେଖକ, ଅଧ୍ୟାପକ ଏବଂ ତିନୋଟି ପତ୍ରିକାର ସମ୍ପାଦକ ।

*(ଏହି ଶିଷ୍ୟ ତାଙ୍କ ବିରୋଧରେ ରଚନା କରା ଯାଉଥିବା କେତେକ ଜନରବ ବିଷୟରେ ମାଆଙ୍କୁ ଲେଖିଥିଲେ ।)*

ମୋ'ର ପ୍ରିୟ ସନ୍ତାନ,

ବିଗତ କେତେମାସ ଧରି ତୁମେ ଆଧ୍ୟାତ୍ମିକ ଦୃଷ୍ଟିରୁ କ୍ଷିପ୍ର ଅଗ୍ରଗତି କରୁଛ ଏବଂ ମୁଁ ଭାବୁଛି ଯେ ଏହିସବୁ ଆକ୍ରମଣକୁ ତୁମେ ସେହି ପରୀକ୍ଷାଗୁଡ଼ିକର ବାହ୍ୟ ପ୍ରକାଶରୂପେ ଗ୍ରହଣ କରିବ, ଯେଉଁଗୁଡ଼ିକୁ କି ପ୍ରତିକୂଳ ଶକ୍ତିମାନେ ସାଧନାକୁ ଅଧିକ ବଳଯୁକ୍ତ ତଥା ପ୍ରଗାଢ଼ କରିବାର ଅଭିପ୍ରାୟରେ ଆଣି ପହଞ୍ଚାଇ ଥାଆନ୍ତି । ଏହା ତୁମକୁ ଦିବ୍ୟ ସତ୍ତାଙ୍କ ଉପରେ ଏକ ଐକାନ୍ତିକ ବିଶ୍ୱାସ ଏବଂ ଆସ୍ଥା ଆଣି ଦେବାରେହିଁ ଶିକ୍ଷା ଦେଉଛି, କାରଣ ସେସବୁ ସମ୍ପୂର୍ଣ୍ଣ ଏବଂ ଦୋଷମୁକ୍ତ ହେଲେହିଁ ଯାବତୀୟ ଦୁଃଖ ଏବଂ ଯାବତୀୟ ଚିନ୍ତା ତୁମକୁ ଛାଡ଼ି ଚାଲିଯାଇ ପାରିବ ।

ମୁଁ ତୁମର ହୃଦୟ ଭିତରେ ସ୍ପଷ୍ଟ ପଢ଼ିପାରୁଛି ଏବଂ ତୁମ ମନ ଭିତରେ ସ୍ପଷ୍ଟ ଦେଖିପାରୁଛି – ଅନ୍ୟ ଯେକୌଣସି ବ୍ୟକ୍ତିଠାରୁ ଆସୁଥିବା ମନୋଭାବ, ଗୁଳିଗପ ଏବଂ ପ୍ରରୋଚନାଗୁଡ଼ିକ ମୋ'ର ନିଷ୍ପତ୍ତିଗୁଡ଼ିକ ଉପରେ ଆଦୌ କୌଣସି ପ୍ରଭାବ ପକାଇ ପାରିବ ନାହିଁ । କେବଳ ପରମପ୍ରଭୁହିଁ ମୋ'ର ମାର୍ଗଦର୍ଶକ, ଏବଂ ପରମ ସତ୍ୟହିଁ ମୋ'ର ଏକମାତ୍ର ଲକ୍ଷ୍ୟ ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୨୫ ଡିସେମ୍ବର ୧୯୬୧*

---

* ଏହି ଗୁଚ୍ଛଟି ସମ୍ପୂର୍ଣ୍ଣ ଭାବରେ ଇଂରାଜୀ ଭାଷାରେ ଲିଖିତ ।

'oaob.nitrkl.ac.in' images reprocessed

*(ଏହି ଶିଷ୍ୟ ତାଙ୍କ ଉପରେ କରାଯାଇଥିବା ଦୋଷାରୋପଗୁଡ଼ିକ ବିଷୟରେ ଲେଖିଥିଲେ,– ସେ ଅର୍ଥର ଅପବ୍ୟବହାର କରୁଛନ୍ତି ବୋଲି ସେଥିରେ ଏକ ଦୋଷାରୋପ ମଧ୍ୟ ରହିଥିଲା ।)*

ଏହି ଦୋଷାରୋପଗୁଡ଼ିକ ମଧ୍ୟରେ ରହିଥିବା ନିର୍ବୋଧତାଟା ଏତେ ସ୍ପଷ୍ଟ ଜଣା ପଡ଼ିଯାଉଛି ଯେ, ସେଗୁଡ଼ିକୁ ମୋ' ପାଖରେ ପୁନର୍ବାର କହିବାକୁ ଆଦୌ କାହାରି ସାହସ ହୋଇ ନାହିଁ । ସେଗୁଡ଼ିକୁ ମୁଁ ତୁମର ଚିଠିରେହିଁ ପ୍ରଥମଥର ପାଇଁ ପଢ଼ିଲି ।

ବିଶେଷତଃ, ଅର୍ଥ ବିଷୟରେ ଯାହା କୁହାଯାଇଛି, ତାହା ତୁମ ସ୍ୱଭାବଟିର ଏତେ ବିରୋଧୀ ଯେ, ଲୋକେ ସେଗୁଡ଼ିକୁ ଯେ କିପରି ଉଦ୍‌ଭାବନ କରି ପାରିଲେ, ତାହା ସହଜରେ କଳ୍ପନା କରି ହେଉ ନାହିଁ । ଅବଶ୍ୟ ଏକଥା ଏକାନ୍ତ ସତ୍ୟ ଯେ ମନୁଷ୍ୟମାନଙ୍କର କୁଟିଳତାର ଆଦୌ କୌଣସି ସୀମାହିଁ ନାହିଁ ।

ତେବେ, ଏକମାତ୍ର ଉଚିତ କଥା ହେଉଛି ଯେ, ତୁମେ ସେସବୁକୁ ସମ୍ପୂର୍ଣ୍ଣ ଭାବରେ ଭୁଲିଯିବ ଏବଂ, ଦିବ୍ୟ ପରମସତ୍ତା ଯେ ସତ୍ୟ ଓ ମିଥ୍ୟା ଭିତରେ ରହିଥିବା ପାର୍ଥକ୍ୟଟିକୁ ଅବଶ୍ୟ ଜାଣିପାରିବେ, ନିଜ ଭିତରେ ଏହି ବିଶ୍ୱାସଟିକୁ ସଜୀବ କରି ରଖିଥିବ ।

ମୋ'ର ସ୍ନେହ ଏବଂ ଅନେକ ଆଶୀର୍ବାଦ ସହିତ ମୁଁ ତୁମକୁ ନିର୍ଭର ଭାବରେ କହିଦେଉଛି ଯେ, ତୁମ ସେବାର ଆନ୍ତରିକତାକୁ ମୁଁ ଭଲ କରି ଜାଣିଛି ।

*୧୯୬୨ର ପ୍ରଥମ ଭାଗରେ*

*ମୋ'ର ପ୍ରିୟ ସନ୍ତାନ,*

*ତୁମର ଚମତ୍କାର ପତ୍ରଟିକୁ ମୁଁ ପାଠ କରିଛି । ତୁମର ଯେଉଁ ଅଭିଜ୍ଞତାଟି ହୋଇଛି, ତୁମର ଠିକ୍ ସେହି ଅଭିଜ୍ଞତାଟି ହେଉ ବୋଲି ମୁଁ ଇଚ୍ଛା କରିଥିଲି ଏବଂ, ସେଇଟି ଯେପରି ଭାବରେ ତୁମ ପାଖକୁ ଆସୁ ବୋଲି ମୁଁ ପ୍ରତ୍ୟାଶା କରିଥିଲି, ତାହା ଠିକ୍ ସେହିପରି ଭାବରେ ଆସିଲା । ତୁମେ ସେଇଟିକୁ ଧାରଣ କରି ରଖିବ, ସେଇଟିକୁ ସ୍ଥାୟୀ ଭାବରେ ବୃଦ୍ଧି ଲାଭ କରିବାକୁ ଦେବ, ଯେପରିକି ତାହା ତୁମଠାରେ ଚିରସ୍ଥାୟୀ ହୋଇ ରହିବ ।*

ଏବଂ, ଏବେ ଘଟିଥିବା ଘାଟଣାଗୁଡ଼ିକ ବିଷୟରେ, ତୁମେ କୌଣସି ଭୟ କର ନାହିଁ । ଦିବ୍ୟ ପରମପ୍ରେମହିଁ ସତ୍ୟର ସବୁଠାରୁ ଅଧିକ ସାରକଥା ଏବଂ ମାନୁଷୀ ସ୍ତରର କୌଣସି ବିଭ୍ରାନ୍ତି ଦ୍ୱାରା ତାହା କୌଣସି ପ୍ରକାରେ ଆକ୍ରାନ୍ତ ହୋଇ ପଡ଼ିବ ନାହିଁ ।

'oaob.nitrkl.ac.in' images reprocessed

ମେଘସବୁ ଆସୁଥିବେ ଓ ଚାଲି ଯାଉଥିବେ, ମାତ୍ର ପରମସତ୍ୟରୂପୀ ସୂର୍ଯ୍ୟଙ୍କର କିରଣ ଦେବା କଦାପି ବନ୍ଦ ହେବ ନାହିଁ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ।

*୭ ଜୁନ୍ ୧୯୬୨*

*(ଏହି ଶିଷ୍ୟ ତାଙ୍କର ଏକ ସଦ୍ୟ ଅନୁଭୂତି ବିଷୟରେ ଲେଖିଥିଲେ,– ସେଥିରେ ସେ ଆପଣାକୁ ତୃତୀୟ ପୁରୁଷରେ ବର୍ଣ୍ଣନା କରିଥିଲେ।)*

*ପୁଣି ଆହୁରି ଗୋଟିଏ ମୋହ ଭାଙ୍ଗିଗଲା। ସେ ହୃଦୟଙ୍ଗମ କରିପାରିଲେ ଯେ, କେତେ କେତେ ସମୟରେ ସେ ଯେଉଁମାନଙ୍କ ପାଇଁ କେତେସବୁ କାମ କରିଥିଲେ ଏବଂ ଏପରିକି କେତେ ସେବା ମଧ୍ୟ କରିଥିଲେ, ସେମାନେ ଏକାଧିକ ଅବସରରେ ତାଙ୍କର ବିରୋଧୀ ହୋଇ କାର୍ଯ୍ୟ କରିଥିଲେ। ହୃଦୟକୁ ପ୍ରାୟ ବିଦୀର୍ଣ୍ଣ କରି ଦେଉଥିବା ଅନୁଭବ ସହିତ ସେ ଦେଖିଲେ ଯେ, ଯେଉଁମାନଙ୍କର ନାନା ବିପଦ ଓ ପରୀକ୍ଷା ସମୟରେ ସେ ସେମାନଙ୍କ ସହିତ ବନ୍ଧୁତା ସ୍ଥାପନ କରିଥିଲେ ଏବଂ ସେମାନଙ୍କର ଆବଶ୍ୟକ ସମୟରେ ସେମାନଙ୍କ ପାଖରେ ଯାଇ ଛିଡ଼ା ହୋଇଥିଲେ, ସେମାନେ ଏକାବେଳେକେ ପ୍ରଥମ ଅବସରରେହିଁ ତାଙ୍କୁ ହତାଶ କରିଦେଲେ। ସିଏ ତ ଗୋଟାସୁଦ୍ଧା ଅବାକ୍ ହୋଇଗଲେ ଏବଂ ଆଗକୁ କିପରି ଗୋଡ଼ ପକାଇବାକୁ ହେବ, ସେହି ବିଷୟରେ ଆଦୌ କିଛି ଜାଣି ପାରିଲେ ନାହିଁ – ଆଉ କାହା ଉପରେ ଗୋଡ଼ ଦେଇ ଛିଡ଼ା ହେବାକୁ ମଧ୍ୟ ସତେଅବା ଆଉ କୌଣସି ବସ୍ତୁହିଁ ନ ଥିଲା। ତା'ପରେ ହଠାତ୍, ଏକ ଅନ୍ତିମ ନିଶ୍ଚୟାତ୍ମକତାର ବୋଧ ସହିତ, ଏହି ବାକ୍ୟଗୁଡ଼ିକ ମୋ ସମ୍ମୁଖରେ ସତେ ଯେପରି ଲେଖି ହୋଇଗଲା :*

*"କେହିହେଲେ କାହାରିପାଇଁ ନୁହନ୍ତି। ଯଦି ତୁମେ ଦିବ୍ୟ ପରମସତ୍ତାଙ୍କ ପାଇଁ ରହିଥିବ, ତେବେ କେବଳ ସେହିଁ ତୁମ ପାଇଁ ରହିବେ।"*

*ଗୋଟିଏ ଝଲକରେହିଁ ତାଙ୍କ ପାଇଁ ଏକ ସମ୍ପୂର୍ଣ୍ଣ ମାର୍ଗଟିଏ ଉନ୍ମୋଚିତ ହୋଇ ଯାଇଥିଲା ଏବଂ ତାହାରି ଉପରେ ଚାଲିବା ନିମନ୍ତେ ବଳ ମଧ୍ୟ ଆସି ପହଞ୍ଚିଗଲା।*

*ଏସବୁ କ'ଣ ଆମ ଦିବ୍ୟଜନନୀଙ୍କର କଥା ନୁହେଁ ?*

'oaob.nitrkl.ac.in' images reprocessed

କାଲି ସନ୍ଧ୍ୟାବେଳେ ମୋ'ର କାର୍ଡ଼ ତୁମେ ପାଇଛ ବୋଲି ମୁଁ ଅନୁଭବ କରିବା ପରେହିଁ ସେଥିରେ ଲେଖା ହୋଇଥିବା କଥାଗୁଡ଼ିକର ଏକ ବ୍ୟାଖ୍ୟାରୂପେ ମୁଁ ତୁମ ପାଖକୁ **ଠିକ୍** ଏହି ବାର୍ତ୍ତାଟି ପଠାଇଥିଲି । କେବଳ ସେହି ଦିବ୍ୟ ପରମସତ୍ତାଙ୍କଠାରେହିଁ ଆସ୍ଥା ରଖ । ପରମ ଦିବ୍ୟସତ୍ତା ତୁମକୁ କଦାପି ନିରାଶ କରିବେ ନାହିଁ ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୩୧ ଜୁଲାଇ ୧୯୬୨*

*(ଏହି ଶିଷ୍ୟ କୌଣସି ଏକ କାର୍ଯ୍ୟରୁ – ଦୁଇଜଣ ବ୍ୟକ୍ତିଙ୍କୁ ସେମାନଙ୍କର ପୁରୁଣା ବାସସ୍ଥାନରୁ ନୂଆ ଜାଗାକୁ ସ୍ଥାନାନ୍ତରିତ କରାଇବା ପାଇଁ – ନିଜକୁ ପ୍ରତ୍ୟାହୃତ କରି ନେଇଥିଲେ । ମାତ୍ର ସେହି ବିଷୟରେ ସେ ମାଆଙ୍କୁ ଜଣାଇ ନ ଥିଲେ । ପରେ, ମାଆ ଯେତେବେଳେ ଅନୁସନ୍ଧାନ କରି ପଚାରିଲେ, ସେତେବେଳେ ସେ ତାଙ୍କର ନିଷ୍ପତ୍ତିଟିର କାରଣଗୁଡ଼ିକ ବିଷୟରେ ମାଆଙ୍କୁ କହିଥିଲେ ଏବଂ ତାଙ୍କ ସହିତ ପରାମର୍ଶ କରି ନ ଥିବାରୁ କ୍ଷମାପ୍ରାର୍ଥନା କରିଥିଲେ ।)*

ମୋ'ର ପ୍ରିୟ ସନ୍ତାନ,

ଭଲ ପାଇବା ରହିଥିଲେ କ୍ଷମା ଦେବାର ଆଉ କୌଣସି ଆବଶ୍ୟକତା ନ ଥାଏ । ଏହି କ୍ଷେତ୍ରରେ ଏକ ସମ୍ପୂର୍ଣ୍ଣ ବୁଝାମଣା ରହିଛି । ମୁଁ କେବଳ କାର୍ଯ୍ୟଟି ଦୃଷ୍ଟିରୁହିଁ ଲେଖିଥିଲି, ଏବଂ ସବୁକିଛିକୁ ଅଧିକ ସହଜ କରି ଆଣିବାର ଏକ ଉପାୟ ରହିଛି ବୋଲି ଏପରି ଲେଖିଥିଲି । ଏବଂ ସେଥିଲାଗି ତୁମକୁ ସାହାଯ୍ୟ କରିବାକୁ ମଧ୍ୟ ମୁଁ ପ୍ରସ୍ତୁତ ଅଛି ।

ସର୍ବପ୍ରଥମେ ଗୋଟିଏ ବିଷୟରେ ତୁମକୁ ସତର୍କ କରିଦେବାକୁ ପଡ଼ିବ : ଅନ୍ୟମାନେ କ'ଣ କହିଛନ୍ତି ବୋଲି ଯେତେବେଳେ ଲୋକେ ତୁମକୁ ଯାଇ କିଛି କହିବେ, ତୁମେ ସେତେବେଳେ ସେମାନଙ୍କ କଥାରେ କଦାପି ବିଶ୍ୱାସ କରିବ ନାହିଁ । – କାରଣ ଏହା **ସର୍ବଦା ମିଥ୍ୟାହିଁ** ହୋଇ ରହିଥାଏ; ଅଧିକାଂଶ କ୍ଷେତ୍ରରେ ଶବ୍ଦଗୁଡ଼ିକ ମଧ୍ୟ ଆଦୌ ନିର୍ଭୁଲ ନ ଥାଏ; ତଥାପି, ହୁଏତ ଅବିକଳ ସେହି ଶବ୍ଦଗୁଡ଼ିକୁ ବ୍ୟବହାର କରି କଥାଟିକୁ କୁହାଯାଉଥିଲେ ମଧ୍ୟ, କଥାଟିର ଭାବଟିକୁ **ସର୍ବଦା** ବିକୃତ କରିଦିଆଯାଇଥାଏ ।

ଦ୍ୱିତୀୟରେ, ଲୋକମାନଙ୍କର ଗୋଟିଏ ନିବାସସ୍ଥାନରୁ ଆଉଗୋଟିକୁ ଯିବା ବିଷୟରେ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବା ପୂର୍ବରୁ ଯଦି ତୁମେ ସମ୍ପୃକ୍ତ ବ୍ୟକ୍ତିଙ୍କ ସହିତ କଥାବାର୍ତ୍ତା କରିନେବ ଏବଂ ସିଏ ହୁଏତ କରିଥିବା ଆପତ୍ତିଟିକୁ ଯଦି ମୋତେ ଜଣାଇଦେବ, ତେବେ ଅନେକ ସମସ୍ୟା ଓ ଅସୁବିଧାର ସହଜରେ ସମାଧାନ ହୋଇଯାଇ ପାରିବ ଏବଂ

'oaob.nitrkl.ac.in' images reprocessed

ମନ୍ଦ ପ୍ରତିକ୍ରିୟାଗୁଡ଼ିକୁ ମଧ୍ୟ ଏଡ଼ି ଦିଆଯାଇ ପାରିବ ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୧୧ ଡିସେମ୍ବର ୧୯୬୨*

*ସ୍ନେହମୟୀ ମାଆ,*

*... କେବଳ ଆପଣଙ୍କୁ ଜଣାଇ ଦେବାକୁହିଁ ମୁଁ ମୋ' ବିଷୟରେ ଉଠିଥିବା ଏହି ଜନରବଗୁଡ଼ିକର ଉଲ୍ଲେଖ କରିଛି । ଆପଣଙ୍କର କରୁଣା ହେତୁ ଏହିସବୁ ଆକ୍ରମଣ ଦ୍ୱାରା ମୁଁ ଆଉ ମୋଟେ ଆକ୍ରାନ୍ତ ହୋଇ ପଡୁ ନାହିଁ । ପ୍ରତ୍ୟେକ ଥର, ଏହିଭଳି କିଛି ଶୁଣିବା ମାତ୍ରକେ, ମୁଁ ଆପଣଙ୍କର ଭଲ ପାଇବାକୁ ସ୍ମରଣ କରୁଛି ଏବଂ ସ୍ଥିର ସଂକଳ୍ପର ସହିତ ମୋ'ର କାର୍ଯ୍ୟ କରିଯାଉଛି ।*

*ମୁଁ ଅନୁଭବ କରୁଛି ଯେ, ବାହାରର ପରିସ୍ଥିତି ଯାହା ହୋଇଥାଉ ନା କାହିଁକି, ସର୍ବଶେଷରେ ଆପଣଙ୍କର ଶକ୍ତିହିଁ ପ୍ରତ୍ୟେକ ବସ୍ତୁକୁ ସେଗୁଡ଼ିକର ଆକାର ପ୍ରଦାନ କରିବ । ମୁଁ ଇତିମଧ୍ୟରେ ଏକ ଊର୍ଦ୍ଧ୍ୱଗାମୀ ମୋଡ଼ର(Curve) ଆରମ୍ଭଗୁଡ଼ିକୁ ଦେଖି ପାରିଲିଣି ଏବଂ ପୁନର୍ବାର ନୂଆ କରି ଆପଣାକୁ ଆପଣଙ୍କର ସେବା ନିମନ୍ତେ ଉତ୍ସର୍ଗ କରୁଛି ।*

ହଁ, ତୁମେ ଏହି ଆସ୍ଥାଟି ହେତୁ ବିଶ୍ୱାସଯୁକ୍ତ ଏବଂ ସ୍ଥିର ହୋଇ ରହିବ । ଆମକୁ ସହିଯିବାକୁ ହେବ – ଏହି ଅଗ୍ନି ପରୀକ୍ଷାର ପ୍ରାନ୍ତରେ ବିଜୟ ଅବଶ୍ୟ ରହିଛି ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୬ ଜାନୁଆରୀ ୧୯୬୩*

ସାଧକମାନଙ୍କ ଲାଗି କ'ଣ ପ୍ରକୃତରେ ଉତ୍ତମ, ସେକଥା ସେମାନଙ୍କଠାରୁ ମୁଁ ଅଧିକ ଭଲଭାବରେ ଜାଣିଛି ବୋଲି ସେମାନେ ଯେତେବେଳେ ବୁଝିବେ, ସେତେବେଳେ ସେମାନଙ୍କର ଅଧିକାଂଶ ଅସୁବିଧା ଅନ୍ତର୍ହିତ ହୋଇଯିବ ।

ଅନେକ ଆଶୀର୍ବାଦ ।

*୩୦ ମାର୍ଚ୍ଚ, ୧୯୬୩*

*ସ୍ନେହମୟୀ ମାଆ,*

*ପରଲୋକଗତ କେତେକ ସିଦ୍ଧ-ପୁରୁଷ ବାଘ କିଂବା ସର୍ପ ଭଳି*

'oaob.nitrkl.ac.in' images reprocessed

*ପ୍ରାଣୀମାନଙ୍କର ରୂପ ଧରି ଏହି ପୃଥିବୀରେ ବୁଲନ୍ତି ବୋଲି ଜଣେ ଦୁଇଜଣଙ୍କର ଅନୁରୂପ ଲେଖାରୁ ପଢ଼ି ମୁଁ ଅତ୍ୟନ୍ତ କୌତୁହଳରେ ପଡ଼ିଯାଇଛି । ଏହା ପ୍ରକୃତରେ ସମ୍ଭବ କି ? ଏବଂ, ଏହିପରି ଅବ-ମନୁଷ୍ୟ ସ୍ତରର ରୂପ ଧାରଣ କରିବା ପଛରେ କି ଉଦ୍ଦେଶ୍ୟ ଥାଇପାରେ ?*

ଏହା ବେଶ୍ ସମ୍ଭବ,— ମାତ୍ର ସେହି ବିଷୟରେ ମୋ'ର କୌଣସି ବ୍ୟକ୍ତିଗତ ଅଭିଜ୍ଞତା ନ ଥିବାରୁ ମୁଁ ତାହା ଉପରେ କିଛି କହିପାରିବି ନାହିଁ ।

ଅନେକ ଆଶୀର୍ବାଦ ।

*୧୭ ମଇ ୧୯୬୩*

*ସ୍ନେହମୟୀ ମାଆ,*

*ବିଗତ କେତେଦିନ ହେଲା ମୁଁ ଏକ ମନ୍ଦ ଅବସ୍ଥା ଭିତରେ ରହିଛି । ଆଜି ସକାଳେ ଭୁଲ୍ ଭାବରେ ପାଠ କରିବା ଓ ଭୁଲ୍ ଭାବରେ ଟାଇପ୍ କରିବାର ଅଭ୍ୟାସଟି ମଧ୍ୟ ଭାରି ପ୍ରବଳ ହୋଇଯାଇଛି ।*

ଯେତେବେଳେ ଚେତନା ଭିତରେ ''ଯନ୍ତ୍ର''ଟିକୁ କାର୍ଯ୍ୟଟି ତୁଳନାରେ ଅଧିକ ମହତ୍ତ୍ୱପୂର୍ଣ୍ଣ ହେବାଲାଗି ଅନୁମତି ଦିଆଯାଏ, ସେତିକିବେଳେ ଏପରି ଘଟେ ।

ଏହା ଶୀଘ୍ର ଦୂର ହୋଇଯିବ ।

ଅନେକ ଆଶୀର୍ବାଦ ସହିତ ।

*୨୪ ମଇ ୧୯୬୩*

*ସ୍ନେହମୟୀ ମାଆ,*

*କେତେ ମାସ ପୂର୍ବେ ଯେତେବେଳେ ମୁଁ ପ୍ରକାଶନ ବିଷୟରେ କେତେକ ଅସୁବିଧାର ଉପସ୍ଥାପନା କରିଥିଲି, ସେତେବେଳେ ଦିବ୍ୟଜନନୀ ମୋ' ପାଖକୁ ଲେଖିଥିଲେ ଯେ, ''ଯୋଗାଧାର'' ତଥା ''ଯୋଗ-ପ୍ରଦୀପ'' ପ୍ରଭୃତି ସାନ ସାନ ବହିଗୁଡ଼ିକୁ ବାହାର ପ୍ରକାଶକମାନଙ୍କର ମାଧ୍ୟମରେ ଶସ୍ତା ସଂସ୍କରଣରେ ପ୍ରକାଶ କରାଯାଇ ପାରିବ । ସେହି ଅନୁସାରେ ମୁଁ କଲିକତା ପାଠମନ୍ଦିର ସହିତ ଯୋଗାଯୋଗ କଲି ଏବଂ ସେମାନେ ''ଯୋଗାଧାର'' ପୁସ୍ତକଟିକୁ ଛପାଇବା ଲାଗି ବନ୍ଦୋବସ୍ତ କଲେ । ଏହାର ତିନିହଜାର କପି ଛପାଯାଉଛି । କାଗଜ କିଣା*

'oaob.nitrkl.ac.in' images reprocessed

*ସରିଲାଣି । ଅଧା ବହିର ପ୍ରୁଫ୍ ଠିକ୍ ବୋଲି ପଠା ସରିଲାଣି । ମୁଦ୍ରଣାଳୟ ସହିତ ହୋଇଥିବା ଚୁକ୍ତିଟିକୁ କାର୍ଯ୍ୟକାରୀ କରାଯାଉଛି ।*

*ବର୍ତ୍ତମାନ ଶୁଣାଯାଉଛି ଯେ, ଏହି ସମଗ୍ର ପ୍ରକଳ୍ପଟିକୁ ବନ୍ଦ କରି ଦିଆଯିବାର ବିଚାର କରାଯାଉଛି । ମାତ୍ର ଅନ୍ତତଃ "ଯୋଗାଧାର" ପୁସ୍ତକଟିର କ୍ଷେତ୍ରରେ ଏଥିପାଇଁ ଅନେକ ବିଳମ୍ବ ହୋଇଗଲାଣି ବୋଲି କହିବାକୁ ପଡ଼ିବ, କାରଣ ଯାବତୀୟ କାର୍ଯ୍ୟ ବହୁଦୂର ଅଗ୍ରସର ହୋଇଗଲାଣି । ମାଆ ଦୟା କରି ବିଚାର କରିବେ ।*

ମୁଁ ଅତି ଦୁଃଖିତ, ମାତ୍ର ଏହି ସବୁକିଛିରେ ଏକ ଭୁଲବୁଝାମଣା ହୋଇଯାଇଛି । କାରଣ ହେଉଛି ଯେ ଶ୍ରୀଅରବିନ୍ଦ ତାଙ୍କର କୌଣସି ପୁସ୍ତକ ଶସ୍ତା ସଂସ୍କରଣ ହୋଇ ବାହାରୁ ବୋଲି ଇଚ୍ଛା କରନ୍ତି ନାହିଁ;— ତାଙ୍କର ପୁସ୍ତକଗୁଡ଼ିକ ବହୁ ସଂଖ୍ୟକ ସାଧାରଣ ପାଠକମାନଙ୍କ ଲାଗି ଆଦୌ ଉଦ୍ଦିଷ୍ଟ ନୁହେଁ ଏବଂ କେବଳ ନିର୍ବାଚିତ ଅଳ୍ପସଂଖ୍ୟକ ବ୍ୟକ୍ତିହିଁ ତାଙ୍କର ପୁସ୍ତକଗୁଡ଼ିକୁ ପଢ଼ିପାରିବେ ଏବଂ ସେହିମାନେହିଁ ପଢ଼ିବା ଉଚିତ ।

ସେକଥା ସର୍ବଦା କହିଛନ୍ତି, ମୁଁ ମଧ୍ୟ ସର୍ବଦା ସେହିକଥା କହିଛି ଏବଂ ତାହାକୁ ବର୍ତ୍ତମାନ ବଦଳାଇ ହେବ ନାହିଁ । ଏକ ଶସ୍ତା ସଂସ୍କରଣ ପ୍ରକାଶିତ ହେବା ଅପେକ୍ଷା ମୁଁ ବରଂ ଖର୍ଚ୍ଚ ହୋଇ ଯାଇଥିବା ଅର୍ଥକୁ ଦେଇଦେବା ନିମନ୍ତେ ପ୍ରସ୍ତୁତ ଅଛି ।

*ମଇ ୧୯୬୩*

*ସ୍ନେହମୟୀ ମାଆ,*

*କାଲି ରାତିରେ ମୁଁ ଗୋଟିଏ ଭାରି ଅପ୍ରୀତିକର ସ୍ୱପ୍ନ ଦେଖିଲି । ଦର୍ଶନ ଦେବାଲାଗି ମାଆ ବାଲ୍‌କନି ଉପରକୁ ଆସୁଥିଲେ । ବହୁସଂଖ୍ୟକ ଲୋକ ଜମା ହେବାକୁ ଲାଗିଥିଲେ । ଏବଂ ଯେତେବେଳେ ସେ ଆବିର୍ଭୂତ ହେଲେ, ଅସଦିଚ୍ଛା-ସମ୍ପନ୍ନ କେତେକ ଲୋକ ସତେଅବା ସେମାନେ ଲୁଚି ରହିଥିବା ସ୍ଥାନଗୁଡ଼ିକରୁ ବାହାରି ପଡ଼ିଲେ ଏବଂ ଏକ ବ୍ୟାଘାତ ସୃଷ୍ଟି କରିବାର ମତଲବରେ ତଳୁ ଉପରକୁ ଓ ଉପରୁ ତଳକୁ ଡେଇଁବାକୁ ଲାଗିଲେ । ସେଠାରେ ଗୋଟିଏ ଦଳ ସାମରିକ ଶୈଳୀରେ ସାମରିକ ପୋଷାକରେ ମଧ୍ୟ ଥିଲେ, ଯେଉଁମାନେ କି ମାଆଙ୍କର ଠିକ୍ ତଳକୁ ଛିଡ଼ା ହୋଇଥିଲେ ଓ ମାଆଙ୍କ ଆଡ଼କୁ ନିଜର ଅସ୍ତ୍ରଗୁଡ଼ିକୁ ପ୍ରଦର୍ଶିତ କରି ରଖିଥିଲେ । ମାତ୍ର ଦର୍ଶନଟି ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ଉଦ୍‌ଯାପିତ ହେଲା ଏବଂ ଏହିସବୁ ଘଟଣା ପ୍ରତି ମା' ଆଦୌ କୌଣସି ଦୃଷ୍ଟି ପକାଇ ନ ଥିଲେ ।*

'oaob.nitrkl.ac.in' images reprocessed

*ସ୍ୱପ୍ନଟି ଭିତରେ ଅବଶ୍ୟ କିଛି ନା କିଛି ମନ୍ଦ ରହିଥିଲା ଏବଂ ଏହା ଏବେ ମଧ୍ୟ ନ ଯାଇ ଲାଖି ରହିଛି ।*

ଦିବ୍ୟ ପରମ ରୂପାନ୍ତର ବିରୋଧରେ ପୃଥିବୀରେ ସ୍ପଷ୍ଟତଃ ଏକ ବିରୋଧ ରହିଛି; ମାତ୍ର ଯେଉଁମାନଙ୍କଠାରେ ଏକ ନିଷ୍ଠାପୂର୍ଣ୍ଣ ବିଶ୍ୱାସ ରହିଛି, ଏହି ଶକ୍ତିମାନେ ସେମାନଙ୍କର କୌଣସି କ୍ଷତି କରିପାରିବେ ନାହିଁ ।

ବର୍ତ୍ତମାନ ତୁମେ ତ ସ୍ୱପ୍ନଟିକୁ ମୋ' କାନକୁ ଆଣିଲ; ତେଣୁ ସେଇଟି ବିଷୟରେ ତୁମେ ଆଉ କିଛି ଭାବ ନାହିଁ ଏବଂ ଏହାର ସମସ୍ତ ପ୍ରଭାବ ଅବଶ୍ୟ ଅନ୍ତର୍ହିତ ହୋଇଯିବ ।

ସ୍ନେହ ଓ ଅନେକ ଆଶୀର୍ବାଦ ।

*୨୮ ଜୁଲାଇ ୧୯୬୩*

*ସ୍ନେହମୟୀ ମାଆ,*

*ଏବେ କେତେଦିନ ହେଲା ମୁଁ ଗୋଟିଏ ବିଚିତ୍ର ସ୍ୱପ୍ନ ଅନେକ ସମୟରେ ଦେଖୁଛି । ମୋ' ମୁହଁ ଭିତରୁ ସୂତାପରି ଜିନିଷମାନ ଅସରନ୍ତି ଭାବରେ ବାହାରୁଛି । ମୁଁ ସେଗୁଡ଼ିକୁ ଟାଣି ବାହାର କରିଦେଉଛି, ମାତ୍ର ତଥାପି ବାହାର କରିବା ପାଇଁ ପାଟି ଭିତରୁ ଆହୁରି ଅଧିକ କିଛି ଆସି ପହଞ୍ଚି ଯାଉଛି । ସବୁ ନିଃଶେଷିତ ହୋଇ ବାହାରି ଆସିଲେ ଓ ମୁଁ ସେଗୁଡ଼ିକୁ କାଢ଼ି ଫିଙ୍ଗିଦେଇ ସାରିଲେ ଯାଇ ମୁଁ ଆଶ୍ୱସ୍ତ ଅନୁଭବ କରୁଛି । ଆପଣଙ୍କର ଶକ୍ତି କ୍ରିୟାଶୀଳ ହେବା ଦ୍ୱାରା ମୋ'ର ବ୍ୟବସ୍ଥାଟି ଭିତରୁ କିଛି ବସ୍ତୁ ବାହାରି ଯାଉଛି ବୋଲି ଏହା ସୂଚିତ କରି ଦେଉଛି କି ? ଅଥବା, ମୋ ପକ୍ଷରେ କୌଣସି ଏକ ଦିଗରେ ଏକ ବିଶେଷ ପ୍ରୟାସ କରିବା ନିମନ୍ତେ ଏହା ମୋତେ ଆହ୍ୱାନ ଦେଇ ଯାଉଛି କି ?*

ମନେ ହେଉଛି, ଯେପରି ଦିବ୍ୟ ଶକ୍ତିହିଁ କ୍ରିୟା କରୁଛି ଏବଂ, ଏଥିପାଇଁ ତୁମଠାରୁ ଏକ ସହଯୋଗକାରୀ ସମ୍ମତିରହିଁ ଆବଶ୍ୟକତା ରହିଛି ।

*୧୫ ସେପ୍ଟେମ୍ବର ୧୯୬୩*

*(ଏହି ଶିଷ୍ୟ କେତେକ ଦୁର୍ଭାଗ୍ୟଜନକ ଘଟଣା ବିଷୟରେ ଲେଖିଥିଲେ । ତାଙ୍କ ପତ୍ରର ଶେଷ ଭାଗରେ ଥିଲା :)*

*ସ୍ନେହମୟୀ ମାଆ, ଆପଣ ମୋତେ କ୍ଷମା କରିବେ ଯେ, ମୁଁ ଏସବୁ*

'oaob.nitrkl.ac.in' images reprocessed

*କଥା ଲେଖିବା ସକାଶେ ମୋ' ସ୍ୱାଧୀନତାକୁ ବ୍ୟବହାର କରିଛି । ଲେଖିବା ବେଳକୁ ମୋ'ର ହୃଦୟ ରୋଦନ କରିଉଠୁଛି । ସବୁକଥା ଅବଶ୍ୟ ବଦଳିଯିବ ବୋଲି ଆମକୁ ଭରସାର କଥାଟିଏ ଆପଣ ଶୁଣାଇବେ । ଆପଣ ନିଜର ସୁରକ୍ଷାକାରୀ ଶକ୍ତିଗୁଡ଼ିକୁ କ୍ରିୟାଶୀଳ କରାଇଦେବେ ଓ ବିଭ୍ରାନ୍ତି ଏବଂ ବିଶୃଙ୍ଖଳା ମଧ୍ୟରେ ତଥାପି ଆହୁରି ଅଧିକ ଗଭୀର ଭାବରେ ପ୍ରବେଶ କରିବାରୁ ଆମକୁ ରକ୍ଷାକରିବେ ।*

ଶକ୍ତି ବା ନ୍ୟାୟ ପାଇଁ ନୁହେଁ, କେବଳ କୃପା ଏବଂ କରୁଣା ପାଇଁ ପ୍ରାର୍ଥନା କରିବାକୁ ହେବ; କାରଣ, ଯଦି କାଳୀଙ୍କର ପ୍ରକାଶ ଘଟିବ, ତେବେ ଆଉ କ'ଣ ବା କିଏ ତଥାପି ଠିଆ ହୋଇ ରହିବାକୁ ସମର୍ଥ ହେବ !...

ସ୍ନେହ ଓ ଅଧିକ ଆଶୀର୍ବାଦ ସହିତ ।

*୮ ଅକ୍ଟୋବର, ୧୯୬୩*

*ସ୍ନେହମୟୀ ମାଆ,*

*ଅନ୍ୟମାନଙ୍କ ପ୍ରତି ଉତ୍ତମ ଭାବ ରଖିବାକୁ ଏବଂ ଦିବ୍ୟ ଜନନୀଙ୍କର ସୃଷ୍ଟିରେ ସମଞ୍ଜସତାରହିଁ ଏକ ଶକ୍ତି ହୋଇ ରହିବାକୁ ମୋ'ର ଅବିରତ ପ୍ରୟାସ ସତ୍ତ୍ୱେ ଏପରି କେତୋଟି ଘଟଣା ଘଟୁଛି ଯାହାକି ଏକ ସର୍ବନାଶକାରୀ ଆଘାତ ଭଳି ମୋ' ଦେହରେ ଆସି ବାଜୁଛି । ଉଦାହରଣ ସ୍ୱରୂପ, 'କ' ଏବେ ମୋ ବିଷୟରେ କହିଛନ୍ତି : ''ତୁମେ ତାଙ୍କୁ ମୋଟେ ଜାଣ ନାହିଁ; ସେ ପ୍ରକୃତରେ କ'ଣ, ସେକଥା କେବଳ ମାଆ ଜାଣିଛନ୍ତି ଓ ମୁଁ ଜାଣିଛି । ତାଙ୍କ ବିଭାଗଗୁଡ଼ିକରେ ଲୁଚାଛପା ହୋଇ କ'ଣସବୁ ଘଟୁଛି ଏବଂ ସେ କିପରି ଲୋକମାନଙ୍କୁ ଉତ୍ପୀଡ଼ିତ କରୁଛନ୍ତି, ତୁମେ ସେକଥା ଜାଣି ନାହଁ ।''*

*ବର୍ତ୍ତମାନ, ମୋ' କଥାଟି ଅତ୍ୟନ୍ତ ସରଳ । ଏହି ପରିସ୍ଥିତିରେ ମୋ' ଦୃଷ୍ଟିକୋଣଟି କ'ଣ ହେବା ଉଚିତ ? ବହୁଦିନ ଧରି 'କ' ଏବଂ ମୋ' ଭିତରେ ରହିଥିବା ସଂଘାତଟିକୁ କମ୍ କରି ସମଞ୍ଜସତା ସୃଷ୍ଟି କରିବାକୁ ମୁଁ କେତେ କେତେ ପଦକ୍ଷେପ ନେଇସାରିଛି । ଏହାକୁ କ'ଣ ମୁଁ ସ୍ଥଗିତ କରିଦେବି ଓ ସମ୍ବନ୍ଧଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ କାଟିଦେବି ? ବା, ସେ ମୋ' ବିଷୟରେ ଯାହାସବୁ କହୁଛନ୍ତି, ତାହାକୁ ଜାଣି ମଧ୍ୟ ମୋ'ର କାର୍ଯ୍ୟଗୁଡ଼ିକରେ ଅଗ୍ରସର ହେଉଥିବି ?*

'oaob.nitrkl.ac.in' images reprocessed

ମୋ'ର ପ୍ରିୟ ସନ୍ତାନ,

ଏହି ସ୍ଥାନଟିର ବିଭ୍ରାନ୍ତିକର ସ୍ଥିତିଟି ପାଇଁ ମୁଁ ପ୍ରକୃତରେ ଦୁଃଖିତ । ଏହା ମୋତେ ସତେଅବା ଗୋଟାଏ ଅରାଜକତା ପରି ବୋଧହେଉଛି ।

ଏକ ସମଞ୍ଜସତା ସୃଷ୍ଟି କରିବା ନିମନ୍ତେ ତୁମର ପ୍ରୟାସ ଏବଂ ପ୍ରଚେଷ୍ଟାଗୁଡ଼ିକ ବିଷୟରେ ମୁଁ ଅତ୍ୟନ୍ତ ଭଲ ଭାବରେ ଜାଣିଛି । ସାହାଯ୍ୟ କରିବା ନିମନ୍ତେ ମୁଁ ସେଗୁଡ଼ିକର ପଛରେ ମଧ୍ୟ ରହିଛି – ତୁମେ ସେହି କଥାଟିକୁ ଜାଣିଛ । ଠିକ୍ କେଉଁ ସ୍ଥାନରେ ବସ୍ତୁଗୁଡ଼ିକ ମୋଡ଼ି ହୋଇଛି ଓ ବକ୍ର ହୋଇଯାଉଛି, ସେବିଷୟରେ ମଧ୍ୟ ମୁଁ ବେଶ୍ ଅବଗତ ରହିଛି । ମାତ୍ର, ବିଜୟଲାଭ କରିବାପାଇଁ କେବଳ ଗୋଟିଏ ବାଟ ରହିଛି – ସେଇଟି ହେଉଛି, ତୁମେ **ଅଦମ୍ୟ** ଭାବରେ ଯଥାର୍ଥ ଦୃଷ୍ଟିକୋଣଟିକୁ **ସର୍ବଦା ରଖିଥାଅ** । ଯାହାକିଛି ହେଉ ପଛକେ, ଯାବତୀୟ ବିରୋଧ ଏବଂ ବିରୋଧିତା ସତ୍ତ୍ୱେ ସେଇଟିକୁ ଅବଶ୍ୟ ରଖିଥାଅ ।

ପରମସତ୍ୟ ବିଷୟରେ ସମ୍ପୂର୍ଣ୍ଣ ଭାବରେ ସଚେତନ ରହି ଆମେ ଯାହା କରିବାକୁ ହେବ, ତାହାକୁ ଅବଶ୍ୟ କରିବା, ସର୍ବଦା ଉଚିତ କଥାଟିକୁ ଉଚିତ ମାର୍ଗରେ କରିବା; ତାହାର ଫଳଟି କାହା ଉପରେ କିପରି ପଡ଼ିବ, ଅନ୍ୟମାନେ ସେଗୁଡ଼ିକର କି ଉତ୍ତର ଦେବେ ଓ ପରିଣାମଗୁଡ଼ିକ କ'ଣ ହେବ, ସେଗୁଡ଼ିକ ପାଇଁ ଆଦୌ କୌଣସି ଚିନ୍ତା କରିବା ନାହିଁ । କେବଳ ପରମ ସତ୍ୟ ଉପରେହିଁ ଦୃଷ୍ଟିକୁ ନିବଦ୍ଧ ରଖି ଆମେ ଅଗ୍ରସର ହେବା ଏବଂ **ବିଜୟଲାଭ** କରିବା ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୧୬ ଅକ୍ଟୋବର ୧୯୬୩*

*ସ୍ନେହମୟୀ ମାଆ,*

*ମୁଁ ପୁନର୍ବାର ଏକ ଅଡୁଆ ଭିତରେ ପଡ଼ିଯାଇଛି ଏବଂ ସେଥିରୁ ମୋତେ ବାହାରି ପାରୁ ନାହିଁ । ଭିତରେ ତାଳୁଠାରୁ ତଳିପା ପର୍ଯ୍ୟନ୍ତ ଅରାଜକତା ରାଜତ୍ୱ କରୁଛି । ସେଠାରେ ଏକ ଉତ୍ପୀଡ଼ନକାରୀ ଶୁଷ୍କତା ଏବଂ ଅସ୍ଥିରତା ଭର୍ତ୍ତି ହୋଇ ରହିଛି । ମନ କାର୍ଯ୍ୟ କରିବାକୁ ସମ୍ମତ ହେଉ ନାହିଁ । ଫଳରେ ସମୟର ଯେଉଁ ବରବାଦ ହେଉଛି, ମୁଁ ସେଥିଲାଗି ଅତ୍ୟନ୍ତ ଦୟନୀୟ ଅନୁଭବ କରୁଛି । ମୋ'ର ପ୍ରାର୍ଥନା, ଆପଣ କିଛି କରନ୍ତୁ ।*

ଏକାବେଳେକେ ଚାରିଆଡୁ ଏହା ଏକ ସମୁଦାୟ ସାଧାରଣ ଆକ୍ରମଣ ହୋଇଛି ।

ଯଥାସମ୍ଭବ ଅଧିକ ସ୍ଥିର ଏବଂ ଶାନ୍ତ ହୋଇ ରହିବାକୁ ଚେଷ୍ଟାକର ଏବଂ ...

'oaob.nitrkl.ac.in' images reprocessed

ସେଇଟାକୁ ଚାଲିଯିବାକୁ ଦିଅ ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୩୧ ଅକ୍ଟୋବର୍ ୧୯୬୩*

*ସ୍ନେହମୟୀ ମାଆ,*

*କାଲି ରାତିରେ ଏକ ସ୍ୱପ୍ନରେ ପ୍ରାୟ ଗଦା ଗଦା ଫିତାପରି ବସ୍ତୁ ମୋ' ପାଟିଭିତରୁ ବାହାରିଲା । ଭାରି ଉଶ୍ୱାସ (ଏବଂ ଘୃଣା ବି) ଲାଗିଲା । ସଂପ୍ରତି ଏଭଳି ବହୁତ ଥର ଘଟିଲାଣି । ଏହାର କୌଣସି ଅର୍ଥ ଅଛି କି ?*

ଏହା ପୁରାତନ ଆସକ୍ତିଗୁଡ଼ିକର ପ୍ରତୀକ ହୋଇପାରେ । ସେଗୁଡ଼ିକ ଯେ ବାହାରି ଯାଉଛନ୍ତି, ତାହା ଭଲ କଥା ।

ଅନେକ ଆଶୀର୍ବାଦ ।

*୨୯ ଜାନୁଆରି ୧୯୬୪*

*ଦିବ୍ୟଜନନୀ ଥରେ କହିଥିଲେ ଯେ, କୋଷଗୁଡ଼ିକ ସ୍ତରରେ ଲୋଭ ରହିଥିଲେ ତାହାରି ଭିତରେହିଁ ଆବୁ ଘାଆ ହେବାର କାରଣ ହୁଏ । ମସ୍ତିଷ୍କ ଭିତରେ ଯେଉଁ ଘାଆମାନ ହୁଏ, ବିଶେଷତଃ କେଉଁଭଳି ମନସ୍ତାତ୍ତ୍ୱିକ ବିକୃତିକୁ ସେଥିପାଇଁ ଦାୟୀ କରାଯିବ ?*

ଖ୍ୟାତି ନିମନ୍ତେ ଲୋଭ ।

*ଫେବ୍ରୁଆରି ୧୯୬୪*

*ସ୍ନେହମୟୀ ମାଆ,*

*ମୋତେ ଅତ୍ୟନ୍ତ କ୍ଲାନ୍ତ ଲାଗୁଛି । ଏତେ ଅଧିକ ସଂଖ୍ୟାରେ ଲୋକମାନଙ୍କୁ ଭେଟୁଥିବାରୁ ମୋ' ଭିତରୁ ଯେପରି ସବୁକିଛି ଶୋଷିହୋଇ ଚାଲିଯାଉଛି । ଗତକାଲି ରାତିରେ ମୁଁ ଶୋଇ ପାରିଲି ନାହିଁ । ମୋ' ଅଫିସରେ କାର୍ଯ୍ୟ କରୁଥିବା ଅନ୍ୟମାନଙ୍କଠାରେ ମଧ୍ୟ କ୍ଲାନ୍ତିର ସଙ୍କେତମାନ ଦେଖିବାକୁ ମିଳିଲାଣି । ବିନୀତ ପ୍ରାର୍ଥନା, ଆମକୁ ସମ୍ଭାଳି ରଖନ୍ତୁ ।*

'oaob.nitrkl.ac.in' images reprocessed

ତୁମକୁ ସାହାଯ୍ୟ କରିବାକୁ ଯଥାର୍ଥ ଶକ୍ତିଟି ମହଜୁଦ ରହିଛି । ନିଜ ବିଷୟରେ ଆଦୌ ଚିନ୍ତା କର ନାହିଁ, କେବଳ ପରମ ଦିବ୍ୟସତ୍ତାଙ୍କ ବିଷୟରେହିଁ ଚିନ୍ତା କର ।

ଅନେକ ଆଶୀର୍ବାଦ ।

*୨ ମାର୍ଚ୍ଚ ୧୯୬୪*

*ସ୍ନେହମୟୀ ମାଆ,*

*ଯେତେବେଳେ ଲୋକେ ହୃଦ୍‌ଯନ୍ତ୍ରରେ ଏକ ଆକ୍ରମଣ ଅଥବା ହୃଦ୍‌ଯନ୍ତ୍ରର କ୍ରିୟା ବନ୍ଦ ହେବା ବିଷୟରେ କହନ୍ତି, ସେତେବେଳେ ପ୍ରତିକୂଳ ଶକ୍ତିମାନେ ବାହାରୁ ପ୍ରକୃତରେ କୌଣସି ଆକ୍ରମଣ ଅଥବା ଆଘାତ କରନ୍ତି ବା ସେହି କ୍ଷେତ୍ରରେ ସମସ୍ତ ଦୈହିକ ପ୍ରକ୍ରିୟାଟି ବନ୍ଦ ହୋଇ ଯାଏ ବା ଭୁଲ୍ ଭାବରେ କାର୍ଯ୍ୟ କରୁଥାଏ ?*

ପ୍ରତ୍ୟେକ କ୍ଷେତ୍ରରେ ଅଲଗା ଅଲଗା ଘଟଣା ଘଟେ । ଅନେକ ସମୟରେ ଆଘାତଟି ବାହାରୁ ଆସେ, ମାତ୍ର ଅଧିକତର ସମୟରେ ସ୍ଥୂଳ ଶରୀରରେ କୌଣସି ବିଫଳତା ଆସି ଘଟିଥାଏ ।

ବେଳେ ବେଳେ ଉଭୟ ଘଟଣା ଘଟେ ଏବଂ ସେହି କ୍ଷେତ୍ରରେ ତାହା ପ୍ରାଣାନ୍ତକ ହୁଏ ।

*ଜୁନ୍ ୧୯୬୪*

*ସ୍ନେହମୟୀ ମାଆ,*

*ନିମ୍ନଲିଖିତ ଘଟଣାଗୁଡ଼ିକର ବ୍ୟାଖ୍ୟା କ'ଣ ହୋଇପାରେ ?*

*୧) ଗୋଟିଏ ପିଲାକୁ ଭଲ ପୋଷାକପତ୍ର ପିନ୍ଧାଇ ବୁଲିଆସିବା ପାଇଁ ପଠାଯାଇଛି । କେହି ଜଣେ ତା' ଆଡ଼କୁ ଅନାଇ "କେଡ଼େ ସୁନ୍ଦର ଦିଶୁଛି !" ବୋଲି କହିଦେଲା । ସେହି ରାତିରେହିଁ ପିଲାଟିକୁ ଜ୍ୱର ହେଲା ମାତ୍ର, ଯଦି ପିଲାଟି ଘରକୁ ଫେରିଆସିବା ପରେ କିଛି କ୍ରିୟାବିଧି କରାଯାଉଛି, ଉଦାହରଣ ସ୍ୱରୂପ ଚୁମୁଟାଏ ଲୁଣକୁ ତା' ଆଗରେ ତିନିଥର ବୁଲାଇ ଅଣାଯାଉଛି, ତେବେ ଆଦୌ କୌଣସି ଅଘଟଣା ଘଟୁ ନାହିଁ ।*

*୨) ଭୋଜନ ପ୍ରସ୍ତୁତ ହେଉଛି । ସେଥିରେ କିଛି ସୁଗନ୍ଧଯୁକ୍ତ ପତ୍ର ପକାଇବା ସମୟରେ ହୁଏତ କୌଣସି ବ୍ୟକ୍ତି ସେହି ବାଟଦେଇ ଚାଲିଯାଉଛି ଏବଂ ଫଳରେ ଭୋଜନଦ୍ରବ୍ୟରେ ଆଉ ଆଦୌ କୌଣସି ବାସନା ରହୁ ନାହିଁ ।*

'oaob.nitrkl.ac.in' images reprocessed

*ଅଥବା, ସବୁ ଜିନିଷ ପ୍ରସ୍ତୁତ କରି ରଖାଯାଉଛି, ପିଠୋଉ ସଜ ହୋଇ ରହୁଛି । ବଘରା ଯାଉଛି; ହୁଏତ ତା'ପରେ ଜଣେ କେହି ଆସି ତା' ଆଡ଼େ ଅନାଇ ଦେଉଛି;– ତା'ପରେ ସବୁକିଛି ନଷ୍ଟ ହୋଇ ଯାଉଛି ।*

*ଏହିସବୁ ଘଟଣାର କ୍ଷେତ୍ରରେ ମଣିଷକୁ ମାଧ୍ୟମରୂପେ ବ୍ୟବହାର କରି କୌଣସି ମନ୍ଦ ସତ୍ତା କ'ଣ କାର୍ଯ୍ୟ କରୁଛି ନା ସ୍ୱୟଂ ବ୍ୟକ୍ତିଟିକୁହିଁ ଏହି ଖଳତାର ମୂଳ କାରଣ ବୋଲି କୁହାଯିବ ?*

ଏହା ଯାହା ମନ ତାହା ହୋଇପାରେ, ଏବଂ ବସ୍ତୁତଃ, **ଭିନ୍ନଭିନ୍ନ** କ୍ଷେତ୍ରରେ ଏକାବେଳେକେ ଭିନ୍ନ ଭିନ୍ନ ହୋଇ ରହିଥାଏ । ମାନସିକ ସ୍ତରରେ ମାତ୍ର ଏକ ଭୁଲ୍ ସଂରଚନାଠାରୁ ଆରମ୍ଭ କରି କୌଣସି ଏକ ପ୍ରତିକୂଳ ଶକ୍ତି ବା ସତ୍ତାର କ୍ରିୟା ପର୍ଯ୍ୟନ୍ତ ଏହା ସବୁକିଛି ହୋଇପାରେ,– ମାନୁଷିକ ମନ୍ଦ ଇଚ୍ଛାର ଯାବତୀୟ ମାନଦଣ୍ଡରେ ଏହା ଘଟିପାରେ ।

*ସେପ୍‌ଟେମ୍ବର ୧୯୬୪*

*ସ୍ନେହମୟୀ ମାଆ,*

*ମୋ' ପାଖକୁ ପ୍ରଶ୍ନଟିଏ ଆସିଛି । ତନ୍ତ୍ରମାର୍ଗରେ, ନିମ୍ନତର ଚେତନାଟି ଛଅଟିଯାକ କେନ୍ଦ୍ର ବା ଚକ୍ରର ମଧ୍ୟଦେଇ ଉଚ୍ଚତର ଚେତନାକୁ ଭେଟିବା ପାଇଁ ଓ ତାହା ସହିତ ମିଳିତ ହେବା ପାଇଁ ଉପରକୁ ଗତି କରୁଥାଏ ଏବଂ ଏହି ଆରୋହଣର କ୍ରମଟିରେ ଚକ୍ରଗୁଡ଼ିକ ଭାଙ୍ଗି ଭାଙ୍ଗି ଯାଉଥାଏ । ଆମ ଯୋଗମାର୍ଗରେ ମଧ୍ୟ ଚକ୍ରଗୁଡ଼ିକ ଏହିପରି ଭାଙ୍ଗି ଫିଟି ଫିଟି ଯାଏ କି ? ବା, ସେଗୁଡ଼ିକ କେବଳ ଶିଥିଳ ହୋଇଯାଏ ଏବଂ ଫିଟିଯାଏ ? ଯଦି ସେପରି ହେଉଥାଏ, ତେବେ ତାହାର ପ୍ରଣାଳୀଟି କ'ଣ ?*

ମନେ ହେଉଛି, ସତେଯେପରି ପ୍ରଶ୍ନଟିରେ କେବଳ ଶବ୍ଦଗୁଡ଼ାଏହିଁ ରହିଛି । ଭାଙ୍ଗିଯାଏ ବୋଲି କହିଲେ ଏଠାରେ ପ୍ରକୃତରେ କ'ଣ ବୁଝାଉଛି ? ଖଣ୍ଡ ଖଣ୍ଡ ହୋଇ ଭାଙ୍ଗିଯାଏ କି ? ପ୍ରାୟ ଏପରି ହେଉ ନ ଥିବ । ସେହି କେନ୍ଦ୍ରଗୁଡ଼ିକ ହୁଏତ **ଖୋଲି ହୋଇ** ଯାଉଥିବେ ଏବଂ ଶକ୍ତିଟିକୁ ଊର୍ଦ୍ଧ୍ୱକୁ ଯିବା ପାଇଁ ବାଟ ଛାଡ଼ି ଦେଉଥିବେ – ଏଇଟିହିଁ ଅଧିକ ସମ୍ଭବ ଲାଗୁଛି ।

ମାତ୍ର, ପ୍ରତ୍ୟେକ ବ୍ୟକ୍ତି ପାଇଁ ଅନୁଭୂତିଟି ଭିନ୍ନହିଁ ହୋଇଥାଏ – ଏବଂ, ଏପରି ଗୋଟିଏ ନିୟମ ବାହାର କରିବାକୁ ଚେଷ୍ଟା କରିବା ଯାହାଦ୍ୱାରା କି ଯାବତୀୟ ସକଳ

'oaob.nitrkl.ac.in' images reprocessed

ଅନୁଭୂତି ପରିଚାଳିତ ହେଉଥିବେ,– ଏହାକୁ କେବଳ ଏକ ପିଲାଳିଆ ମନଃସ୍ତରୀୟ ନିରର୍ଥକତା ବୋଲି କୁହାଯିବ ।

ଆତ୍ମା ହେଉଛି **ମୁକ୍ତ** ଏବଂ ଆପଣାର ଯାବତୀୟ କ୍ରିୟାଶୀଳତାରେ ଏହା ସର୍ବଦା ମୁକ୍ତହିଁ ରହିବ ।

*୩ ଅକ୍ଟୋବର ୧୯୬୪*

*ସ୍ନେହମୟୀ ମାଆ,*

*ଗତ ଅଗଷ୍ଟ ମାସରେ 'ଖ' ମୋତେ ଭେଟିଥିଲେ ଏବଂ, ଶ୍ରୀଅରବିନ୍ଦ ଓ ମାଆଙ୍କର ଭକ୍ତମାନଙ୍କ ଲାଗି ସେମାନଙ୍କର କେନ୍ଦ୍ରରେ ରହିଥିବା ଅନ୍ୟ ଦେବଦେବୀଙ୍କର ପୂଜା କରିବାର ଅନୁମତି ରହିଛି କି ନାହିଁ, ସେକଥା ପଚାରିଥିଲେ । ସେ କହିଲେ ଯେ, ଲୋକେ ଯେଉଁସବୁ ଦେବମୂର୍ତ୍ତି ସହିତ ଅଭ୍ୟସ୍ତ ରହି ଆସିଛନ୍ତି, ସେହିମାନଙ୍କୁ ମାଧ୍ୟମ କରି ଅତିମାନସ ଯୋଗ କରାଯାଇ ପାରିବ ଓ ଏହାର ଲକ୍ଷ୍ୟସ୍ଥଳରେ ଯାଇ ପହଞ୍ଚିହେବ ବୋଲି ଲେଖୁଥିବା ଏବଂ ପ୍ରଚାର କରୁଥିବା ବ୍ୟକ୍ତିମାନେ ଅନେକ ବିଭ୍ରାନ୍ତି ସୃଷ୍ଟି କରିଛନ୍ତି । ଶ୍ରୀଅରବିନ୍ଦ ଏବଂ ମାଆଙ୍କର ଆଦର୍ଶର ପ୍ରସାର ନିମନ୍ତେ ପ୍ରାଚୀନ ପୁରାଣଗୁଡ଼ିକର ଏବଂ ତୁଳସୀ ରାମାୟଣର ବ୍ୟାଖ୍ୟା କରାଯାଉଛି । ସେମାନଙ୍କର ମତ ହେଉଛି ଯେ, ଶ୍ରୀକୃଷ୍ଣ, ରାମ, ସୀତା – ସମସ୍ତେ ଅତିମାନସର ସତ୍ୟକୁ ଅବଶ୍ୟ ପ୍ରଦାନ କରିପାରିବେ ।*

*ମାଆଙ୍କଠାରୁ ମାର୍ଗଦର୍ଶନ ମାଗିବା ପାଇଁ ମୋତେ ଅନୁରୋଧ କରିଥିବା 'ଖ'ଙ୍କର ଚିଠିଟି ଏଇଠି ଅଛି ।*

ଯେଉଁମାନେ ତଥାପି ଦେବତାମାନଙ୍କଠାରେ ବିଶ୍ୱାସ ରଖିଛନ୍ତି, ସେମାନେ ସେହିଭଳି ଅନୁଭବ କରୁଥିଲେ ଅବଶ୍ୟ ସେମାନଙ୍କର ପୂଜା ଓ ଅର୍ଚ୍ଚନା କରିପାରିବେ – ମାତ୍ର, ସେମାନଙ୍କୁ ଜାଣି ରଖିବାକୁ ହେବ ଯେ, ଏହି ଧର୍ମ ତଥା ଏହି ଉପାସନାର ଶ୍ରୀଅରବନ୍ଦଙ୍କର ଶିକ୍ଷାଟି ସହିତ ଆଦୌ କୌଣସି ସମ୍ବନ୍ଧ ନାହିଁ ଏବଂ, ଅତିମାନସ ଉପଲବ୍ଧି ସହିତ ମଧ୍ୟ **ଆଦୌ କୌଣସି ପ୍ରକାରର ସମ୍ପର୍କ** ନାହିଁ ।

*ଅକ୍ଟୋବର୍ ୧୯୬୪*

*(ଏହି ଶିଷ୍ୟ ଜଣେ ଭକ୍ତଙ୍କ ବିଷୟରେ ଲେଖିଥିଲେ ଯିଏ କି ଅଧିକ ସୁଧହାରରେ ଆଶ୍ରମକୁ ଅର୍ଥ ଋଣ ଦେବାକୁ ଇଚ୍ଛା କରୁଥିଲେ ।)*

'oaob.nitrkl.ac.in' images reprocessed

ଏକ ଯୁକ୍ତିଯୁକ୍ତ ସୁଧହାରରେ ମଧ ମୁଁ ଅର୍ଥ ଋଣ ଆଣିବାକୁ ସମର୍ଥନ କରେ ନାହିଁ – ଏହି ସୁଧହାରଟି ତ ଅତିରିକ୍ତ ହୋଇଯାଇଛି ଏବଂ ଆଦୌ ଆଇନ୍‌ସଙ୍ଗତ ନୁହେଁ,– ଏହାର ଆଦୌ କୌଣସି ପ୍ରଶ୍ନହିଁ ଉଠୁ ନାହିଁ।

ଯେଉଁମାନେ ଶ୍ରୀଅରବିନ୍ଦଙ୍କ ଯୋଗରେ ବିଶ୍ୱାସ ରଖିଛନ୍ତି, ସେମାନଙ୍କୁ ବୁଝିବାକୁ ହେବ ଯେ, ଅଧିକ ପଇସା ଆଣିଦେବାକୁ ପଇସା କଦାପି ଉଦ୍ଦିଷ୍ଟ ନୁହେଁ, ମାତ୍ର ନୂତନ ସୃଷ୍ଟିର ଆଗମନ ନିମନ୍ତେ ପ୍ରସ୍ତୁତ ହେବାଲାଗି ପୃଥିବୀକୁ ସାହାଯ୍ୟ କରିବାକୁହିଁ ତାହା ଉଦ୍ଦିଷ୍ଟ।

ଅନେକ ଆଶୀର୍ବାଦ ସହିତ।

*୨୩ ଡିସେମ୍ବର ୧୯୬୪*

*(ଶ୍ରୀଅରବିନ୍ଦଙ୍କର ରଚନାବଳୀର ପ୍ରକାଶ ନିମନ୍ତେ ଏହି ଶିଷ୍ୟ ଅନ୍ୟମାନଙ୍କର ସହଯୋଗରେ ଏକ ପ୍ରସ୍ତାବ ଉପସ୍ଥାପିତ କରିଥିଲେ। ସର୍ବସାଧାରଣଙ୍କୁ ଏକ ଅଳ୍ପ ମୂଲ୍ୟରେ ବହିଗୁଡ଼ିକୁ ଯୋଗାଇ ଦେଇ ବିକ୍ରୀରେ ବୃଦ୍ଧି ଘଟାଇବା ଏହାର ଅଭିପ୍ରାୟ ଥିଲା। ପ୍ରଥମ ପର୍ଯ୍ୟାୟରେ ଛଅ ଖଣ୍ଡ ଅଶୀ ପୃଷ୍ଠାର ପକେଟ-ପୁସ୍ତକ ବାହାର କରିବାର ପ୍ରସ୍ତାବ ଥିଲା। ସେଗୁଡ଼ିକୁ ଗୋଟିଏ ଟଙ୍କାର ମୂଲ୍ୟରେ ବିକ୍ରୀ କରିବାର କଥା ହୋଇଥିଲା। ପ୍ରସ୍ତାବଟିର ମୂଳ ଚିଠିଟିରେ ମାଆ ଲେଖି ଦେଇଥିଲେ :)*

ଯୋଜନାଟି ବେଶ୍ ଭଲ ମାତ୍ର ଶ୍ରୀଅରବିନ୍ଦଙ୍କର ଭୂପୃଷ୍ଠର କାର୍ଯ୍ୟର କ୍ଷେତ୍ରରେ ସେଇଟିକୁ ଲାଗୁ କରା ହେବ ନାହିଁ।

ଅନେକ ଆଶୀର୍ବାଦ।

(ପ୍ରସ୍ତାବଟିର ଶେଷ ଭାଗରେ ମାଆ ଲେଖିଥିଲେ :)

ଏହି ପରିକଳ୍ପନାଟିକୁ ମାନସିକ ଭାବରେ ଅତି ଉତ୍ତମରୂପେ ଯୋଜନା କରାଯାଇଛି। ମାତ୍ର, ମୁଁ ତୁମକୁ ଅବଶ୍ୟ ସ୍ମରଣ କରାଇଦେବି ଯେ, ତାଙ୍କର ରଚନାବଳୀ ସର୍ବସାଧାରଣଙ୍କ ପାଇଁ ଆଦୌ ଉଦ୍ଦିଷ୍ଟ ନୁହେଁ ଏବଂ ତାହାକୁ ସେଭଳି କଦାପି ବ୍ୟବହାର କରାଯିବ ନାହିଁ ବୋଲି ଶ୍ରୀଅରବିନ୍ଦ ଆମକୁ ସତର୍କ କରାଇ ଦେଇଛନ୍ତି।

ତେଣୁ, ପ୍ରସ୍ତାବଟିକୁ ପରିହାର କରିବାହିଁ ଅଧିକ ପ୍ରଜ୍ଞାର କାର୍ଯ୍ୟ ହେବ।

ଅନେକ ଆଶୀର୍ବାଦ।

*୨୧ ଜୁନ୍ ୧୯୬୫*

'oaob.nitrkl.ac.in' images reprocessed

*ମୋ' ହୃଦୟର ନିକଟବର୍ତ୍ତିନୀ ମାଆ,*

*ଗତ କେତେଦିନ ହେଲା ମୋ'ର ଅତୀତ ଏକ ସ୍ପନ୍ଦନମୟ ରୂପରେ ମୋ'ର ଚକ୍ଷୁସମକ୍ଷରେ ଆସି ଆବିର୍ଭୂତ ହୋଇଛି । ମୁଁ କିପରି ଭୁଲ୍ ଭିତରେ ଥିଲି, କିପରି ଅନ୍ୟମାନଙ୍କ ପ୍ରତି କର୍କଶ ହୋଇଥିଲି ଓ ସେମାନଙ୍କର ଅନିଷ୍ଟ କରିଥିଲି, ମୁଁ ଏବେ ସବୁକିଛି ଦେଖିପାରୁଛି । ମୋ'ର ସମସ୍ତ ଦୋଷ ସତ୍ତ୍ୱେ ଦିବ୍ୟଜନନୀ ମୋତେ କିପରି ଉତ୍ତୋଳିତ କରି ଧରି ରଖିଛନ୍ତି, ସେହିକଥାର ପ୍ରତ୍ୟକ୍ଷ କରୁଥିଲାବେଳେ ତାଙ୍କ ପ୍ରତି ମୋ'ର କୃତଜ୍ଞତା ସହସ୍ର ଗୁଣରେ ବୃଦ୍ଧି ପାଇବାରେ ଲାଗିଛି ।*

*ମୋ'ର ନିଜ ପରିଚୟ ବିଲୟ ଲଭୁ ଏବଂ ମୁଁ ଆପଣଙ୍କର ମହାସିନ୍ଧୁ ମଧ୍ୟରେ ଗୋଟିଏ ଜଳବିନ୍ଦୁରେ ପରିଣତ ହୋଇଯାଏ ।*

ଯାହାକିଛି କଠିନ, ଯାହାକିଛି ଅନ୍ଧକାରାଚ୍ଛନ୍ନ, ତାହା ଅବଶ୍ୟ ଶାଶ୍ୱତ ପରମପ୍ରେମ ମଧ୍ୟରେ ବିଲୀନ ହୋଇଯିବ ...

ପ୍ରେମ ଓ ଆଶୀର୍ବାଦ ସହିତ ।

*୧୯୬୫ ମସିହା ମଧ୍ୟଭାଗରେ*

*(ପରସ୍ପର ସହିତ ଉତ୍ତମ ଭାବରେ ଚଳି ପାରୁ ନ ଥିବା ଦୁଇଜଣ ଆତ୍ମୀୟ ଗୋଟିଏ ଘରେ ଏକତ୍ର ବାସ କରିବେ କି ନାହିଁ, ଏହି ଶିଷ୍ୟ ସେକଥା ପଚାରିଥିଲେ ।)*

ସମଚିତ୍ତତାର ଅଭ୍ୟାସ ନିମନ୍ତେ ମନସ୍ତତ୍ତ୍ୱ-ସ୍ତରର ଅସୁବିଧାଗୁଡ଼ିକୁ ହୁଏତ ଏକ ଚମତ୍କାର ସୁଯୋଗରୂପେ ଗ୍ରହଣ କରାଯାଇ ପାରିବ ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୧୯୬୫ର ମଧ୍ୟଭାଗରେ*

*ସ୍ନେହମୟୀ ମାଆ,*

*ମୁଁ ବର୍ତ୍ତମାନ ଶୁଣିବାକୁ ପାଇଲି ଯେ, ଗୁରୁଙ୍କର ସକଳ ଅଙ୍ଗପ୍ରତ୍ୟଙ୍ଗରୁ (ଯଥା ଆଖି ଓ ହାତଗୁଡ଼ିକରୁ) କରୁଣାର ଧାରା ବହି ଆସୁଥିଲେ ମଧ୍ୟ, ଯାହା ପଦଯୁଗଳରୁ ପ୍ରସର୍ଜିତ ହେଉଥାଏ, ତାହାହିଁ ସବୁଠାରୁ ଅଧିକ ଗତିଶୀଳ ହୋଇ ରହିଥାଏ ଏବଂ କରୁଣା ଦ୍ୱାରା ପୂର୍ଣ୍ଣ ଥାଏ । ସେହି କାରଣରୁ, କୁହା ଯାଇଥାଏ*

'oaob.nitrkl.ac.in' images reprocessed

*ଯେ, ଭାରତୀୟ ପରମ୍ପରା ଅନୁସାରେ ପାଦ ପାଖରେହିଁ ପ୍ରଣାମ କରିବାକୁ ହୁଏ । ଏହା ସତ୍ୟ କି ?*

ଏଠାରେ ଶ୍ରୀଅରବିନ୍ଦ ତୁମ ପ୍ରଶ୍ନଟିର ଉତ୍ତର ଦେଇଛନ୍ତି :

... ଯେଉଁଠାରେ ସେ ନିଜର ପାଦଦୁଇଟିକୁ ଚାପି ଦିଅନ୍ତି,
ଏକ ସମ୍ମୋହନକାରୀ ଆନନ୍ଦର ଅଦ୍‌ଭୂତ ସ୍ରୋତମାନ
ପ୍ରବାହିତ ହେଉଥା'ନ୍ତି ।

*

ତାଙ୍କର ପଦଯୁଗଳ ଦ୍ୱାରା
ଜୀବନର ବ୍ୟଥାଦାୟକ କମ୍ପନଗୁଡ଼ିକର ଉପଶମ ଲାଗି
ସମସ୍ତ ବିଶ୍ୱ ପ୍ରକୃତି କେବଳ ତାଙ୍କୁହିଁ ମୌନ ଭାବରେ ଡାକିବାରେ ଲାଗିଥାଏ ।*

ଅନେକ ଆଶୀର୍ବାଦ ।

୧୯୬୭

## ଅନ୍ୟମାନଙ୍କ ତରଫରୁ ଲିଖିତ ପତ୍ରଗୁଡ଼ିକ

*ନିଜର ମନ୍ଦ ସ୍ୱାସ୍ଥ୍ୟର କାରଣରୁ 'କ' ଏକ ପରିବର୍ତ୍ତନ ପାଇଁ ଆଶ୍ରମରୁ ବାହାରକୁ ଚାଲିଯିବା ପାଇଁ ପରାମର୍ଶମାନ ପାଉଛନ୍ତି । ଏହିସବୁ ପ୍ରସ୍ତାବକୁ ସେ ପ୍ରତ୍ୟାଖ୍ୟାନ କରିବେ ଅଥବା ମାଆ ତାଙ୍କୁ ଏକ ପରିବର୍ତ୍ତନ ପାଇଁ ବାହାରକୁ ଯିବାଲାଗି ପରାମର୍ଶ ଦେବେ, ସେ ସେହିକଥା ପଚାରିଛନ୍ତି ।*

ମୁଁ ଏକ ପରିବର୍ତ୍ତନରେ ଆଦୌ ବିଶ୍ୱାସ କରେ ନାହିଁ । ଏଇଟି ହେଉଛି ତାଙ୍କ ପାଇଁ ତାଙ୍କ ସ୍ୱଭାବ ଓ ତାଙ୍କ ମିଜାଜର ଗୋଟିଏ ପ୍ରଶ୍ନ ଏବଂ ସେ ଯେଉଁଠାକୁ ଯାଆନ୍ତୁ ପଛକେ,

---

* ଶ୍ରୀଅରବିନ୍ଦଙ୍କ ରଚନାରୁ ନିଆ ଯାଇଥିବା ଏହି ଦୁଇଟି ଉଦ୍ଧୃତି ମାଆ ଏହି ଶିଷ୍ୟଙ୍କ ପାଖକୁ ପଠାଇଥିବା ଗୋଟିଏ କାର୍ଡ ଉପରେ ଲେଖା ହୋଇଛି । ପ୍ରଥମଟି ''ମାଆ'' ବହିରୁ ନିଆଯାଇଛି ଏବଂ ଦ୍ୱିତୀୟଟି ''ସାବିତ୍ରୀ''ରୁ ନିଆଯାଇଛି । (ଶ୍ରୀଅରବିନ୍ଦ ଜନ୍ମଶତବାର୍ଷିକୀ ଗ୍ରନ୍ଥସଂଗ୍ରହ, ୨୫ଶ ଖଣ୍ଡ, ପୃଷ୍ଠା-୩୧ ଏବଂ ୨୮ଶ ଖଣ୍ଡ, ପୃଷ୍ଠା-୩୧୪)

'oaob.nitrkl.ac.in' images reprocessed

ସେଇଟି ମଧ୍ୟ ଅବଶ୍ୟ ତାଙ୍କ ସାଙ୍ଗେ ସାଙ୍ଗେ ଯାଉଥିବ । କେବଳ ସାଧନା ଦ୍ୱାରା ଉପଲବ୍ଧ ଚରିତ୍ରର ଏକ ପରିବର୍ତ୍ତନହିଁ ତାଙ୍କର ସ୍ୱାସ୍ଥ୍ୟବିଧାନ କରିପାରିବ ।

ମୋ'ର ଅନେକ ଆଶୀର୍ବାଦ ସହିତ ତୁମେ ଏଇଟିକୁ ତାଙ୍କୁ ଦେଖାଇ ପାରିବ ।

*୧ ଜୁନ୍ ୧୯୬୨*

*ସ୍ନେହମୟୀ ମାଆ,*

*ସେ ଏବେ ରହୁଥିବା ଅସ୍ୱାସ୍ଥ୍ୟକର କୋଠରୀଟିରେ 'କ' ଆଦୌ ସୁଖ ଅନୁଭବ କରୁ ନାହାନ୍ତି । କୋଠରୀଟି ଅନ୍ଧାର ଏବଂ ପବନ ଯିବା ଆସିବାର ଭଲ ବନ୍ଦୋବସ୍ତ ନାହିଁ । ଯଦି ମାଆ ଅନୁମୋଦନ କରନ୍ତି, ତେବେ ମୁଁ ତାଙ୍କୁ 'ଖ'ଙ୍କ ଦ୍ୱାରା ପରିଚାଳିତ ଅତିଥିଭବନକୁ ସ୍ଥାନାନ୍ତରିତ କରିଦେବି ବୋଲି ଭାବୁଛି । ସେ ଦୁହେଁ ଘନିଷ୍ଠ ବନ୍ଧୁ ଏବଂ ଦୁହେଁ ପରସ୍ପର ସହିତ ସହଯୋଗ କରି ଅତିଥିଶାଳାଟିକୁ ମଧ୍ୟ ଅଧିକ ସୁବିଧାଜନକ ଭାବରେ ଚଳାଇ ପାରିବେ ।*

ଯେହେତୁ ଏହା ଦ୍ୱାରା ଭଲ ହେବ ବୋଲି ତୁମେ ଭାବୁଛ, ତେବେ ତୁମେ ପରୀକ୍ଷା କରି ଅବଶ୍ୟ ଦେଖିବ ।

ମାତ୍ର, ଯେଉଁମାନଙ୍କର ସବୁଥିରେ ଆପତ୍ତି କରିବାର ଏକ ସ୍ୱଭାବ ରହିଛି, ସେମାନେ ସାଧାରଣତଃ ସେହି ସ୍ୱଭାବଟିକୁ ଯାବୁଡ଼ି ଧରନ୍ତି ଓ କେବେହେଲେ ସନ୍ତୁଷ୍ଟ ହୁଅନ୍ତି ନାହିଁ । ... ଯେତେବେଳ ଯାଏ ଅଶ୍ୱସ୍ତିର କାରଣରୂପେ ପରିସ୍ଥିତିକୁ ଓ ଅନ୍ୟମାନଙ୍କୁ ଦୋଷ ଦିଆଯାଉଥାଏ, ସେତେବେଳଯାଏ ଜଣେ ମନୁଷ୍ୟ ମିଥ୍ୟା ଭିତରେ ଅନେକ ଗଭୀରରେ ଯାଇ ରହିଥାଏ । ତା' ଜୀବନରେ ଯାହାକିଛି ଘଟୁଛି, ସେଥିଲାଗି ସେ ନିଜେ ଦାୟୀ ବୋଲି ବିଜ୍ଞ ବ୍ୟକ୍ତି ଜାଣିଥାଏ ଏବଂ ତେଣୁ ନିଜର ସ୍ୱଭାବରେ ସଂଶୋଧନ ଆଣିବାକୁ ଉଦ୍ୟମ କରୁଥାଏ ।

ଅନେକ ଆଶୀର୍ବାଦ ।

*୯ ଜୁନ୍ ୧୯୬୨*

*ନଭେମ୍ବରରେ ସ୍କୁଲଛୁଟି ସମୟରେ 'ଗ' ତାଙ୍କର ଝିଅ 'କ' (ବୋର୍ଡ଼ିଂ ଛାତ୍ରୀବାସର)କୁ ନିଜ ନିବାସକୁ ନେବାଲାଗି ଇଚ୍ଛା କରୁଛନ୍ତି । ସେ ଏଥିଲାଗି ମାଆଙ୍କର ଅନୁମତି ପ୍ରାର୍ଥନା କରିଛନ୍ତି । ବାଳିକାଟି ଡିସେମ୍ବର ପହିଲାର ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକରେ କୌଣସି ଅଂଶ ଗ୍ରହଣ କରି ନାହିଁ ।*

'oaob.nitrkl.ac.in' images reprocessed

ଯଦି ଝିଅଟି ମଧ୍ୟ ତାହାହିଁ ଇଚ୍ଛା କରୁଥାଏ, ତେବେ ସେହିପରି ହେଉ ।

*ଅକ୍ଟୋବର୍ ୧୯୬୨*

*ଆସନ୍ତା ମାସରେ ସ୍କୁଲ ଛୁଟି ସମୟରେ ନିମ୍ନଲିଖିତ ପିଲାମାନେ ଘରକୁ ଯିବାଲାଗି ଅନୁମତି ପ୍ରାର୍ଥନା କରୁଛନ୍ତି । (ଚାରୋଟି ନାମ ଦିଆଯାଇଛି)*

ଛୁଟୀ ସମୟରେ ପିଲାମାନଙ୍କର ଘରକୁ ଯିବାକୁ ମୁଁ କେବେହେଲେ ପ୍ରୋତ୍ସାହିତ କରେ ନାହିଁ, କାରଣ ଏହାଦ୍ୱାରା ସାଧାରଣତଃ ଅନେକ ମନ୍ଦ ଫଳ ହୋଇଥାଏ । ମାତ୍ର, ଯେତେବେଳେ ପିଲାମାନେ ନିଜେ ଏହା ଇଚ୍ଛା କରୁଛନ୍ତି, ତେବେ ମୁଁ ହଁ ବୋଲି କହିବି । ମାତ୍ର, ସର୍ତ୍ତ ହେଉଛି ଯେ ସେମାନେ ସ୍କୁଲ ପୁନର୍ବାର ଖୋଲିବା ପୂର୍ବରୁହିଁ ଫେରିଆସିବେ ।

ଅନେକ ଆଶୀର୍ବାଦ ।

*ଅକ୍ଟୋବର ୧୯୬୨*

*ଜଣେ ଶିକ୍ଷୟିତ୍ରୀ 'ଖ' ବର୍ତ୍ତମାନ ଆଶ୍ରମ ପରିଦର୍ଶନ କରିବାକୁ ଆସିଛନ୍ତି । କେତେ ବର୍ଷ ପୂର୍ବେ ସେ ଆଧ୍ୟାତ୍ମିକ ଜୀବନ ଗ୍ରହଣ କରିବାଲାଗି ନିଷ୍ପତ୍ତି କରିଥିଲେ ଏବଂ ତାହା କରିବା ନିମନ୍ତେ ଯଥାସାଧ୍ୟ ଉଦ୍ୟମ କରି ଆସୁଛନ୍ତି । ମାତ୍ର ସେ ଅତ୍ୟନ୍ତ ଶକ୍ତିଶାଳୀ ଭାବରେ ଯୌନସୁଖର ଆକର୍ଷଣକୁ ଅନୁଭବ କରୁଛନ୍ତି ଏବଂ କିପରି ଆଗକୁ ଯିବାକୁ ହେବ, ସେକଥା ଜାଣିପାରୁ ନାହାନ୍ତି । ତାଙ୍କର ବିବାହ କରିବା ଉଚିତ ହେବ ଅଥବା ସେ ଯାହା ଅସୁବିଧା ହେଉ ପଛକେ ସାଧନାରେହିଁ ଅବିଚଳ ରହିବେ, ସେଥିଲାଗି ସେ ମାଆଙ୍କର ମାର୍ଗଦର୍ଶନ ପ୍ରାର୍ଥନା କରିଛନ୍ତି । ଏଥିସହିତ ତାଙ୍କର ଗୋଟିଏ ଫଟୋ ମଧ୍ୟ ପଠାଯାଇଛି ।*

ବର୍ତ୍ତମାନ ସେ ବିବାହ କରନ୍ତୁ; ପରେ ଆଧ୍ୟାତ୍ମିକ ଜୀବନକୁ ଆସିବେ । ସେ ଏବେ ମଧ୍ୟ ପ୍ରସ୍ତୁତ ହୋଇ ନାହାନ୍ତି ।

ଯେତେବେଳେ ଆହ୍ୱାନଟି ଯଥାର୍ଥରେ ଆସେ, ସେତେବେଳେ ସମ୍ଭାବ୍ୟ କୌଣସି କୁଣ୍ଠା ରହେ ନାହିଁ ।

ଅନେକ ଆଶୀର୍ବାଦ ।

*ଅକ୍ଟୋବର୍ ୧୯୬୨*

'oaob.nitrkl.ac.in' images reprocessed

*ବଙ୍ଗଳାର ଜଣେ ଭକ୍ତ 'ଗ' ଅନେକ ବର୍ଷ ହେଲା ଆମ ସହିତ ସମ୍ପର୍କରେ ରହିଛନ୍ତି । ଏବେ ସେ କେତେକ ସାଧୁଙ୍କର ସଂସ୍ପର୍ଶରେ ଆସିଥିଲେ । ସେହି କାରଣରୁ ମାଆଙ୍କ ସହିତ ରହିଥିବା ତାଙ୍କର ସମ୍ପର୍କଟି ଛିନ୍ନ ହୋଇଗଲା ନାହିଁ ତ,— ଏବେ ସେ ଏହିପରି ଏକ ସନ୍ଦେହରେ ଘାଣ୍ଟି ହେଉଛନ୍ତି । ସେ ମାଆଙ୍କ ଲାଗି ଉନ୍ମୋଚିତ ଅଛନ୍ତି ଅଥବା ଉନ୍ମୋଚିତ ହୋଇପାରିବେ କି ନାହିଁ ବୋଲି ପଚାରିଛନ୍ତି ।*

ଯଦି ମା'ଙ୍କ ସହ ସମ୍ପର୍କ ରଖିବେ, ତେବେ ତାଙ୍କୁ ଅତ୍ୟନ୍ତ ସାବଧାନ ହେବାକୁ ପଡ଼ିବ । ସାଧାରଣତଃ ପ୍ରଭାବଗୁଡ଼ିକୁ ଗୋଳିଆମିଶା କରିଦେବାଟା ଆଦୌ ସହାୟକ ହୋଇ ନ ଥାଏ ।

ଅନେକ ଆଶୀର୍ବାଦ ।

*ଅକ୍ଟୋବର୍ ୧୯୬୨*

*ସ୍ନେହମୟୀ ମାଆ,*

*'କ' ପୁନର୍ବାର ବଦମିଜାଜୀ ହୋଇ ପଡ଼ିଛନ୍ତି । ସେ କହୁଛନ୍ତି ଯେ ସେ ମରିଯିବାକୁ ଇଚ୍ଛା କରୁଛନ୍ତି; ବର୍ତ୍ତମାନ ବସ୍ତୁଗୁଡ଼ିକ ତାଙ୍କ ଜୀବନରେ ଯେପରି ହୋଇ ରହିଛନ୍ତି, ସେଥିରେ ସେ ଅଗ୍ରଗତିର ଆଦୌ କୌଣସି ସମ୍ଭାବନା ଦେଖି ପାରୁ ନାହାନ୍ତି । ତାଙ୍କ ଭିତରେ ଆଦୌ କୌଣସି ସୁଖ ନାହିଁ ଏବଂ ଆଶ୍ରମକୁ ଆସି ଏକ ଭୁଲ୍ କରିଛନ୍ତି ବୋଲି ସେ ଅନୁଭବ କରୁଛନ୍ତି । ସବୁକିଛିର ବିଚାର କରି ଦେଖିଲେ, ସେ ଅତ୍ୟନ୍ତ ବିଷଣ୍ଣ ହୋଇ ପଡ଼ିଛନ୍ତି ଏବଂ ତାଙ୍କର ମୁଣ୍ଡ ପାଗଳ ହୋଇଯିବ ବୋଲି କହୁଛନ୍ତି । ତାଙ୍କର ଉତ୍ସାହକୁ ପୁନଶ୍ଚ ଫେରାଇ ଆଣିବାକୁ କେବଳ ମାଆହିଁ କିଛି କରିପାରିବେ ।*

ମୁଁ ତାଙ୍କୁ ସର୍ବଦା ଏହିପରି ଥିବାରହିଁ ଜାଣିଛି — ସେହି କାରଣରୁହିଁ ତାଙ୍କୁ ଆସିବାଲାଗି ଅନୁମତି ଦେବା ପାଇଁ ମୁଁ ସବୁବେଳେ ନାହିଁ କରି ଆସିଥିଲି; କାରଣ, ସେ ପ୍ରକୃତରେ ଯେଉଁଠାରେ ନ ଥା'ନ୍ତି, ସବୁବେଳେ ସେହିଠାରେହିଁ ରହିବାକୁ ଇଚ୍ଛା କରୁଥା'ନ୍ତି ।

ମାତ୍ର, ବର୍ତ୍ତମାନ ତ ସିଏ ଏଠାରେହିଁ ରହିଛନ୍ତି; ତେଣୁ ତାଙ୍କର ଅଗ୍ରଗତି ଏବଂ ଆରୋଗ୍ୟ ନିମନ୍ତେ କେବଳ ଏହି ଗୋଟିଏ ସମ୍ଭାବନା ରହିଛି ଯେ, ଏଠାରୁ ଚାଲିଯିବା ସକାଶେ ଭିତରୁ ଯେତେ ଝୁଙ୍କି ଆସୁଥିଲେ ମଧ୍ୟ ତାଙ୍କ ଭିତରେ ରହିଥିବା ସମ୍ଭାବ୍ୟ ଯାବତୀୟ

'oaob.nitrkl.ac.in' images reprocessed

ଇଚ୍ଛାଶକ୍ତି ସହିତ ସେ ଏହିଠାରେହିଁ **ରହିବାକୁ** ଇଚ୍ଛା କରିବେ । ଯଦି ସେ ମୋତେ ସୁଯୋଗ ପ୍ରଦାନ କରିବେ, ତେବେ ମୁଁ ଅବଶ୍ୟ ତାଙ୍କୁ ସାହାଯ୍ୟ କରିବି; ମାତ୍ର ତାଙ୍କୁ ଏକଥା ଜାଣି ରଖିବାକୁ ହେବ ଯେ, ଏହାହିଁ ହେଉଛି ତାଙ୍କ ପାଇଁ ମୁକ୍ତିଲାଭର **ଏକମାତ୍ର ଉପାୟ** ।

ମୋ'ର ଅନେକ ଆଶୀର୍ବାଦ ସହିତ ।

*୧୪ ଜାନୁଆରି ୧୯୬୩*

*ସ୍ନେହମୟୀ ମାଆ,*

*ଜଣେ ପରିଦର୍ଶକ ଏପରି ପ୍ରଶ୍ନଟିଏ ପଚାରୁଛନ୍ତି, ଯାହାର କି ମୁଁ କୌଣସି ଉତ୍ତର ଦେଇ ପାରୁ ନାହିଁ । ସେହି ତରୁଣଜଣକ କଡ଼୍‌କ୍ଲୋର୍‌ରେ ଶିକ୍ଷକତା କରୁଛନ୍ତି, ଗତ ତିନି ଚାରି ବର୍ଷ ହେଲା ଏଠାକୁ ଅନେକ ଥର ଆସିଛନ୍ତି । ସେ କହୁଛନ୍ତି ଯେ, ସିଏ ଯେତେଥର ଅଧଘଣ୍ଟାଏ ପର୍ଯ୍ୟନ୍ତ ଧ୍ୟାନସ୍ଥ ହୋଇ ବସୁଛନ୍ତି, ତାଙ୍କୁ ଅତି ପ୍ରବଳ ଭାବରେ ଭୋକ ଲାଗୁଛି । ଧ୍ୟାନ ସମୟରେ ତାଙ୍କୁ ଶାନ୍ତ ଲାଗୁଛି, ଖୁସୀ ଓ ଆଉ ସବୁକିଛି ଲାଗୁଛି । ମାତ୍ର ଏହି ଭୋକ ପୁଣି କାହିଁକି ହେଉଛି ? ଧ୍ୟାନ ପୂର୍ବରୁ ସେ ପେଟପୂରା ଖାଦ୍ୟ ଖାଇବାକୁ ଚେଷ୍ଟା କରିଛନ୍ତି, ତଥାପି ଭୋକ ଆସି ପହଞ୍ଚି ଯାଉଛି । ମାଆ, କାହିଁକି ଏପରି ହେଉଛି ?*

ଏପରି ହେଉଛି, କାରଣ ଧ୍ୟାନସମୟର ସ୍ଥିରତା ମଧ୍ୟରେ ସେ ପରମଶକ୍ତି ନିମନ୍ତେ ତାଙ୍କ ଶରୀରର ଗ୍ରହଣଶୀଳତାକୁ ବଢ଼ାଇ ଦେଉଛନ୍ତି । ଏପରି ଯେ ସର୍ବଦା ହେବ, ତାହା କଦାପି ନୁହେଁ; ମାତ୍ର ଗ୍ରହଣ କରିବା ଏବଂ ଅନ୍ତରସ୍ଥ କରିବାର ଏହି ସାମର୍ଥ୍ୟଟି ଅନେକ ସମୟରେ ନିଜକୁ ଆହାର ଗ୍ରହଣ କରିବାର ଏକ ସାମର୍ଥ୍ୟରେ ବି ପରିଣତ କରିପାରେ – କିନ୍ତୁ ଏହାର ଅର୍ଥ ଆଦୌ ନୁହେଁ ଯେ, ଠିକ୍ ସେହି ସମୟରେ ତାଙ୍କୁ କିଛି ନା କିଛି ଭୋଜନ କରିବାକୁହିଁ ପଡ଼ିବ ।

*୨୬ ଜାନୁଆରି ୧୯୬୩*

*(ଜନୈକ ପରିଦର୍ଶକ ଆଶ୍ରମରେ ତାଙ୍କର ଅଳ୍ପକାଳର ରହଣିଟି ଦ୍ୱାରା ଗଭୀର ଭାବରେ ମୁଗ୍ଧ ହୋଇ ପଡ଼ିଥିଲେ ମଧ୍ୟ, ଆଉ ଦୁଇଜଣଙ୍କ ସାଙ୍ଗରେ ଭ୍ରମଣ କରୁଥିବାରୁ ଆଶ୍ରମ ଛାଡ଼ିବାକୁ ବାଧ୍ୟ ହୋଇଥିଲେ । ଏହି ଶିଷ୍ୟ ମାଆଙ୍କୁ ତାଙ୍କ କାହାଣୀଟିକୁ ବର୍ଣ୍ଣନା କରି କହିଥିଲେ ଏବଂ ଶେଷରେ ଲେଖିଥିଲେ, "ଏହି ସମସ୍ତ ଘଟଣାଟି ମୋତେ ଖୁବ୍ ଦୁଃଖିତ କରି ପକାଇଛି ।" ସେ ସଂପୃକ୍ତ ବ୍ୟକ୍ତିମାନଙ୍କର ଫଟୋଗୁଡ଼ିକୁ ମଧ୍ୟ ଚିଠି ସହିତ ପଠାଇଥିଲେ ।)*

'oaob.nitrkl.ac.in' images reprocessed

ମୁଁ ସେମାନଙ୍କର ଫଟୋଗୁଡ଼ିକୁ ଦେଖିଲି । ସେମାନଙ୍କ ଭିତରୁ କେହି ତଥାପି ପ୍ରସ୍ତୁତ ନାହାନ୍ତି । ମାତ୍ର, ପରମଶକ୍ତି ଅବଶ୍ୟ କାର୍ଯ୍ୟ କରିବ ଏବଂ ପରେ ଏହାର ଫଳସ୍ୱରୂପ ହୁଏତ କିଛି ଅବଶ୍ୟ ଘଟିବ ।

ତୁମେ ଏପରି ଦୁଃଖିତ ହୁଅ ନାହିଁ,— ଘଟଣାଗୁଡ଼ିକ ଘଟିବାକୁ ଥାଏ ବୋଲିହିଁ ଘଟେ ଏବଂ ପରିଶେଷରେ ସବୁକିଛି ସର୍ବୋଚ୍ଚ ପରମସତ୍ତାଙ୍କର ସେହି ଚୂଡ଼ାନ୍ତ ବିଜୟ ପାଖରେହିଁ ନେଇ ପହଞ୍ଚାଇ ଦିଏ ।

ଅନେକ ଆଶୀର୍ବାଦ ସହିତ ।

*ଜାନୁଆରି ୧୯୬୩*

*'ଖ' ବାରବାର ସୁପାରିଶ କରିବାରୁ ଦୁଇବର୍ଷ ତଳେ 'ଗ'ଙ୍କୁ ତାଙ୍କର ତିନୋଟି ପିଲାଙ୍କ ସହିତ ରହିବାକୁ ଅନୁମତି ଦିଆ ଯାଇଥିଲା । ଗତ ଏକବର୍ଷ ହେଲା ସେ ଏକ ଛାତ୍ରାବାସର ଦାୟିତ୍ୱରେ ଅଛନ୍ତି ଏବଂ ଅତ୍ୟନ୍ତ ସନ୍ଦୀପିତ ଧାରାରେ ସେଇଟିକୁ ଚଳାଇ ଆସିଛନ୍ତି । ତାଙ୍କର ଦୁଇଟି ଝିଅ ଏକ ସ୍ଥାନୀୟ ବିଦ୍ୟାଳୟକୁ ଯାଉଛନ୍ତି; ପୁଅଟି ଆମ ବିଦ୍ୟାଳୟକୁ ଆସୁଛି । 'ଗ' ଏବଂ ସେ ନିଜେ ମଧ୍ୟ ଆଶା କରୁଛନ୍ତି ଯେ, ବର୍ତ୍ତମାନ ସେମାନଙ୍କୁ ଆଶ୍ରମର ଅନ୍ତେବାସୀମାନଙ୍କର ସ୍ଥାୟୀ ତାଲିକାରେ ଅନ୍ତର୍ଭୁକ୍ତ କରି ନିଆଯିବ ।*

ଏହି ପୃଥିବୀରେ **ସ୍ଥାୟୀ** ବୋଲି ପୁଣି କ'ଣ ଅଛି ? 'କ' ତ ଏଠାରେ ୧୯୨୧ରୁ (୪୨ ବର୍ଷ) ଅଛନ୍ତି ଏବଂ ତଥାପି **ସ୍ଥାୟୀ** ହେବା ନିମନ୍ତେ କେବେହେଲେ ଅନୁରୋଧ କରି ନାହାନ୍ତି ।

*ସେପ୍ଟେମ୍ବର ୧୯୬୩*

*ଡାକ୍ତରମାନେ କହିଲେଣି ଯେ, ଦୃଷ୍ଟିପଟଳର ଅଲଗା ହୋଇଯିବା ଫଳରେ 'ଖ'ଙ୍କର ଗୋଟିଏ ଆଖି ସମ୍ପୂର୍ଣ୍ଣ ଭାବରେ ଅଚଳ ହୋଇଯାଇଛି; ଆଉଗୋଟିଏ ଆଖିରେ ମୋତିଆବିନ୍ଦୁ ହେବାର ଆଶଙ୍କା ରହିଛି । ତାଙ୍କର ସାଧାରଣ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ଅତ୍ୟନ୍ତ ଖରାପ । ସେ ସାହାଯ୍ୟ ପାଇଁ ପ୍ରାର୍ଥନା କରୁଛନ୍ତି ଏବଂ ସେ କାହାର ଚିକିତ୍ସାରେ ରହିବେ ବୋଲି ମାଆ ଇଚ୍ଛା କରିବେ, ସେକଥା ଜାଣିବାକୁ ଚାହିଁଛନ୍ତି ।*

'oaob.nitrkl.ac.in' images reprocessed

ସେ ନିଜେ ତାଙ୍କ ଡାକ୍ତର ବାଛନ୍ତୁ, କାରଣ ଡାକ୍ତରଙ୍କଠାରେ ବିଶ୍ୱାସ ରହିଥିବାହିଁ ସବୁଠାରୁ **ଅଧିକ ମହତ୍ତ୍ୱପୂର୍ଣ୍ଣ** କଥା ।

ଅନେକ ଆଶୀର୍ବାଦ ।

*ଅକ୍ଟୋବର୍ ୧୯୬୩*

*ସ୍ନେହମୟୀ ମାଆ,*

*'ଗ' ଏବେ ଏକାଧିକ ବର୍ଷ ହେଲା କୌଣସି ନା କୌଣସି ଅସୁସ୍ଥତା ଭୋଗିବାରେ ଲାଗିଛନ୍ତି । ସାଧାରଣତଃ, ତାଙ୍କର ହାତ ଓ ପାଦ ପୋଡ଼ାଜଳା କରୁଛି, ଏବଂ ସ୍ନାୟବିକ ଅନ୍ୟ ଅସୁସ୍ଥତା ମଧ୍ୟ ରହିଛି । ଏସବୁର "ପ୍ରକୃତ କାରଣ" ବିଷୟରେ ଦୁଇଗୋଟି ପ୍ରସ୍ତାବ ଦିଆଯାଉଛି : (୧) କୌଣସି ବ୍ୟକ୍ତି ତାଙ୍କ ଉପରେ ହୁଏତ ଗୁଣିଗାରେଡ଼ି ପ୍ରୟୋଗ କରୁଛନ୍ତି । ତାଙ୍କ ଭିତରେ କେତେ ନା କେତେ ଅଶୁଭସୂଚକ ଇଚ୍ଛା ଭର୍ତ୍ତି ହୋଇ ରହିଛି । (୨) କୌଣସି ମନ୍ଦିରରୁ ହୋଇଥିବା ଏକ ଦୈବବାଣୀ ମଧ୍ୟ ରହିଛି ଯେ, ଘର ପାଖରେ ରହିଥିବା ଗୋଟିଏ ବୁଢ଼ା, ବହୁ ପୁରୁଣା ଗଛରେ ବାସ କରୁଥିବା ଏକ ପ୍ରେତ କୋପକରିବା ହେତୁ ଏପରି ହେଉଛି ।*

*କେବଳ ମାଆହିଁ ପ୍ରକୃତ କଥା ଜାଣିଛନ୍ତି । 'ଗ' ମାଆଙ୍କର କୃପାମୟ ହସ୍ତକ୍ଷେପ ଏବଂ ସୁରକ୍ଷା ପାଇଁ ପ୍ରାର୍ଥନା କରୁଛନ୍ତି ।*

ସର୍ବପ୍ରଥମେ ତାଙ୍କ ଯାବତୀୟ ଭୌତିକ ସମ୍ଭାବନାର ପ୍ରତିକାର କରାଇବାକୁ ପଡ଼ିବ; ଉଦାହରଣସ୍ୱରୂପ ତାଙ୍କ ହତା ଭିତରେ ରହିଥିବା ଅସ୍ୱାସ୍ଥ୍ୟକର ମଇଳା କୋଣଗୁଡ଼ିକୁ ଠିକ୍ କରିବାକୁ ହେବ ।

ଏବଂ, ତଥାପି ଯଦି ଦୁଇଟି ଗୂଢ଼ କାରଣ ଭିତରୁ ଗୋଟିକ ସକାଶେ ଏଭଳି ଘଟୁଥିବ, ସେ କାହିଁକି ତାହାର ଅଧୀନ ହୋଇ ରହିବେ ? ସହାୟତା ଏବଂ ସୁରକ୍ଷା ନିମନ୍ତେ ଅନ୍ତରର ସହିତ ପ୍ରାର୍ଥନା କରିବା ଏବଂ **ସକଳ ଭୟ** ପରିତ୍ୟାଗ କରିବା ଦ୍ୱାରା ଏହାକୁ ସହଜରେ ବାହାର କରି ଦେଇହେବ ।

ଅନେକ ଆଶୀର୍ବାଦ ସହିତ ।

*୯ ନଭେମ୍ବର ୧୯୬୩*

*'କ' କହୁଛନ୍ତି ଯେ ସେ ଏହି ମାର୍ଗଟିକୁ ଗ୍ରହଣ କରିବାକୁ ଚାହୁଁଛନ୍ତି ଏବଂ ସେହି ଦୃଷ୍ଟିରୁ ସାଧନା (ଧ୍ୟାନ ପ୍ରଭୃତି) କରି ଆସୁଛନ୍ତି । ମାତ୍ର, ତାଙ୍କର ପତ୍ନୀ ଏଥିରେ*

'oaob.nitrkl.ac.in' images reprocessed

*ପ୍ରତିବନ୍ଧକ ହୋଇ ଛିଡ଼ା ହେଉଛନ୍ତି ଏବଂ ଜିଦ୍ କରି କହୁଛନ୍ତି ତାଙ୍କର ପତି କଦାପି ତାଙ୍କର (ପତ୍ନୀଙ୍କର) ଯୌନ-ଜୀବନକୁ ଅସ୍ୱୀକାର କରି ପାରିବେ ନାହିଁ । ସେ (ପତି) ମାର୍ଗଦର୍ଶନ ନିମନ୍ତେ ପ୍ରାର୍ଥନା କରୁଛନ୍ତି । ସାଧନା ନିମନ୍ତେ ସେ ପତ୍ନୀଙ୍କଠାରୁ ଅଲଗା ହୋଇଯିବେ କି ? ବା, ଏଥିପାଇଁ କିଛି ଅନ୍ୟ ବାଟ ରହିଛି ?*

ସେ ନିଷ୍ଠାପ୍ରବଣ ହୋଇ ରହିବେ ଏବଂ ଭିତରର ମାର୍ଗଦର୍ଶନକୁ ମାନିବେ,– କେବଳ ଏତିକି ବ୍ୟତୀତ ଆଉ କୌଣସି ପରାମର୍ଶ ଦିଆଯାଇ ପାରିବ ନାହିଁ ।

ସନ୍ତାନଲାଭ ଦୃଷ୍ଟିରେ ତାହା ହେବା ଅବଶ୍ୟ ଅନ୍ୟ କଥା, ମାତ୍ର (ସାଧନାର ଦୃଷ୍ଟିରୁ) ମୁଁ ଯୌନ ସମ୍ଭୋଗଲାଗି ଆଉ କୌଣସି ଯୁକ୍ତିସଙ୍ଗତତା ଦେଖି ପାରୁ ନାହିଁ ।

*ଡିସେମ୍ବର ୧୯୬୩*

*(ଆଶ୍ରମ ଅତିଥି-ଭବନର ପରିଚାଳକ ଅତ୍ୟଧିକ କର୍ମଭାରରେ କ୍ଳାନ୍ତ ହୋଇ ଯାଉଛନ୍ତି; ଏଣୁ ଏକ ନୈଶ ଭୋଜନର ପ୍ରସ୍ତୁତିକୁ ସେ ବନ୍ଦ କରି ଦେବେ କି ନାହିଁ ବୋଲି ଏହି ଶିଷ୍ୟ ପଚାରିଥିଲେ ।)*

ଏହି କାର୍ଯ୍ୟଟିକୁ ଯଥାର୍ଥ ଭାବରେ କରିବା ପାଇଁ ଜଣେ ବ୍ୟକ୍ତିକୁ ବଳବାନ୍ ଏବଂ **ନମନୀୟ** ହେବାକୁ ପଡ଼ିବ ଏବଂ, ତୁମ ସମସ୍ତଙ୍କର ପଛରେ ରହି ସାହାଯ୍ୟ କରୁଥିବା **ଅକ୍ଷୟ ଶକ୍ତିକୁ** କିପରି କାର୍ଯ୍ୟରେ ଲଗାଇବାକୁ ହୁଏ, ସେକଥା ମଧ୍ୟ ଜାଣିବାକୁ ପଡ଼ିବ ।

ମୋ'ର ଅଧିକ କିଛି କହିବାର ନାହିଁ । ମାତ୍ର, ଏଠାରେ ଥିବା ସମସ୍ତେ ଏଠା ପ୍ରୟୋଜନଗୁଡ଼ିକର ଉଚ୍ଚତାଟିର ଅନୁରୂପ ଅବଶ୍ୟ ହେବେ ବୋଲି ମୁଁ ଆଶା କରୁଛି । ଯଦି ଆମେ ସେତିକି ମଧ୍ୟ କରିବାଲାଗି ସମର୍ଥ ନ ହେବା, ତେବେ ପରମସତ୍ୟର ଆଲୋକ ଯେତେବେଳେ ପୃଥିବୀପୃଷ୍ଠରେ ପ୍ରକାଶିତ ହେବାଲାଗି ଆସି ପହଞ୍ଚିଯିବ, ସେତେବେଳେ ତାହାର ଅବତରଣ ନିମନ୍ତେ ଆମେ ପ୍ରସ୍ତୁତ ହୋଇ ପାରିବା ବୋଲି ଆଉ କିପରି ଆଶା କରିପାରିବା !

ଅନେକ ଆଶୀର୍ବାଦ ।

*୧୫ ଜାନୁଆରି ୧୯୬୪*

*'ଖ' ମୋତେ ବାରମ୍ବାର ତାଙ୍କର ନିରାଶ ଭାବ ଏବଂ ଜୀବନପ୍ରତି ତାଙ୍କର ଆଗ୍ରହ ଚାଲି ଯାଉଥିବା ବିଷୟରେ କହୁଛନ୍ତି । କାଲି ସନ୍ଧ୍ୟାବେଳେ ସେ ବିଶେଷ ଭାବରେ*

'oaob.nitrkl.ac.in' images reprocessed

*ଅଶକ୍ତ ହୋଇ ପଡ଼ିଥିଲେ ଏବଂ ସେ ମରି ଯାଉଥିବା ପରି ଅନୁଭବ କରୁଛନ୍ତି ବୋଲି ମୋତେ କହିଲେ । ପ୍ରତ୍ୟହ ରାତ୍ରିରେ ସେ ଏହି ଆଶା ପୋଷଣ କରି ଶୋଇବାକୁ ଯାଉଛନ୍ତି ଯେ ସକାଳ ହେବା ପୂର୍ବରୁ ସେ ନିଶ୍ଚୟ ମରି ସାରିଥିବେ । ଏକ ସମୟରେ ସେ କେବଳ କାମରେ ଏକ ପରିବର୍ତ୍ତନ ଇଚ୍ଛା କରିଥିଲେ । ଏବେ ଅନୁଭବ କରୁଛନ୍ତି ଯେ, ଯଦି ତାଙ୍କୁ ଯେକୌଣସି ମତେ ଜୀବିତ ରହିବାକୁ ହୁଏ, ତେବେ ତାଙ୍କର ଆଶ୍ରମରୁ ଅନ୍ୟତ୍ର ଚାଲିଯିବାହିଁ ଉଚିତ ହେବ ।*

'ଗ' ଆଉ କେଉଁଠି ତାଙ୍କୁ କାମଟିଏ ଯାଚିଥିଲେ, ମାତ୍ର ସେ ମନା କଲେ । ଏଣୁ ପ୍ରକୃତରେ ସ୍ୱଭାବହିଁ ବଦଳିବା ଉଚିତ, ପରିପାର୍ଶ୍ୱିକ ସ୍ଥିତି ଓ କରୁଥିବା କାମ ବଦଳିଲେ କିଛି ହେବ ନାହିଁ ।

ଏହାକୁ ତାଙ୍କ ପ୍ରାଣିକ ସ୍ତରର ଏକ ଦୃଷ୍ଟିକୋଣ, ନିରାଶା ଭିତରେ ରହିବାର ଦୃଷ୍ଟିକୋଣ ବୋଲି କୁହାଯିବ ଏବଂ କୌଣସି ନା କୌଣସି କାରଣରୁ ସେ ସେଇଥି ସକାଶେ ଇଚ୍ଛା ମଧ୍ୟ କରୁଛନ୍ତି । ତାହାକୁ ଦୂର କରିଦେବା ସକାଶେ ଯଥାର୍ଥ ଆଲୋକ ଏବଂ ଶକ୍ତିଟିକୁ ନିଜ ଭିତରକୁ ଓହ୍ଲାଇ ଆସିବାକୁ ଯଦି ସେ ଅନୁମତି ନ ଦିଅନ୍ତି, ତେବେ ଆଉ କ'ଣ କରିବାକୁ ହେବ ମୋତେ କିଛି ଦେଖାଯାଉ ନାହିଁ ।

ଅନେକ ଆଶୀର୍ବାଦ ।

*ଜାନୁଆରି ୧୯୬୪*

*'ଖ' ପ୍ରାର୍ଥନା କରିଛନ୍ତି ଯେ ତାଙ୍କ ଲାଗି ପ୍ରତିଦିନ ଗୋଟିଏ ଫୁଲ ମାଆଙ୍କଠାରୁ ଡାକ୍ତରଖାନାକୁ ପଠାଯିବ । ତାଙ୍କର ଚିଠିଟି ପାଇ ମାଆ କିଛି କହିଛନ୍ତି କି ନାହିଁ, ସେକଥା ସେ ଜାଣିବାକୁ ଚାହିଁଛନ୍ତି । ଆଜି ଦିନ ସାଢ଼େ ଏଗାରଟା ବେଳେ ମୁଁ ତାଙ୍କୁ ଦେଖିବାକୁ ଯାଇଥିବା ସମୟରେ ସେ ଅତ୍ୟନ୍ତ ବିଷଣ୍ଣ ଥିଲେ ।*

ତୁମେ ତାଙ୍କୁ କହିବ ଯେ କେବଳ **ବିଶ୍ୱାସ**, ଏକ ଯଥାର୍ଥ, ନିଷ୍ଠାଯୁକ୍ତ, ଅବିଚଳ ବିଶ୍ୱାସ ଦ୍ୱାରାହିଁ ସେ ତାଙ୍କର କଷ୍ଟରୁ ମୁକ୍ତିଲାଭ କରିପାରିବେ; ଏବଂ ଏପରି ଏକ ବିଶ୍ୱାସ, ଯାହା **କୌଣସି ଦାବୀ କରୁ ନ ଥିବ** । ଏହା ବ୍ୟତୀତ ଆଉ ଯାହାକିଛି କଲେ ତାହା କେବଳ ତୁଚ୍ଛା ମୂଲଚାଲ କରୁଥିବା ପରି ହେବ ।

ଅନେକ ଆଶୀର୍ବାଦ ।

*ଜାନୁଆରି ୧୯୬୪*

'oaob.nitrkl.ac.in' images reprocessed

*ସ୍ନେହମୟୀ ମାଆ,*

*ଅଳ୍ପ କେତେ ସମୟ ପୂର୍ବେ 'ଖ' ମୋ ପାଖକୁ ଖବର ପଠାଇଥିଲେ ଯେ ତାଙ୍କୁ ବେଶ୍ ଅସୁସ୍ଥ ଲାଗୁଛି; ସେ ମୋତେ ତାଙ୍କ ପାଖକୁ ଯିବାଲାଗି କହିଥିଲେ । ମୁଁ ଯାଇ ତାଙ୍କୁ ଭେଟି ଆସିଲି । ତାଙ୍କୁ ଭାରି ଦୁର୍ବଳ ଲାଗୁଛି ବୋଲି ସେ କହିଲେ; ଡାକ୍ତରଖାନାର ଡାକ୍ତରମାନେ ଦିନ ତମାମ୍ ତାଙ୍କୁ ଖାଲି ଔଷଧ ଦେଇ କଷ୍ଟ ଦେଉଛନ୍ତି ଏବଂ ସେ ଆଉ ମୋଟେ ସହି ପାରୁ ନାହାନ୍ତି : ତାଙ୍କୁ ଅତିରିକ୍ତ ଭାବରେ କ୍ଳାନ୍ତ ଲାଗୁଛି ।*

*ବାହାରେ ଜୀବନଟା ଯେ କିପରି ଗୋଟାଏ ନର୍କପରି ହୋଇ ରହିଛି, ଏହିପରି ପ୍ରତ୍ୟେକଥର ଡାକ୍ତରଖାନାକୁ ଯାଇ ମୋର ସେହିଭଳି ଏକ ଅନୁଭବ ହୋଇଯାଉଛି । ଏଠାରେ ଆଶ୍ରମରେ ଦିବ୍ୟଜନନୀ ଆମକୁ କିପରି ଏକ ସ୍ୱର୍ଗସଦୃଶ ସ୍ଥିତିରେ ଯେ ରଖିଛନ୍ତି, ଅଧିକରୁ ଅଧିକ ଶକ୍ତିଶାଳୀ ଭାବରେ ମୁଁ ତାହା ହୃଦୟଙ୍ଗମ କରୁଛି । ଯେଉଁମାନେ ଏଠାରେ ସତେଅବା ଅଭ୍ୟସ୍ତ ଭାବରେ କେବଳ ଅସନ୍ତୋଷ ପ୍ରକାଶ କରୁଛନ୍ତି, ମୁଁ ଭାବୁଛି ସେମାନଙ୍କୁ ସପ୍ତାହରେ ଥରେ ବାଧ୍ୟ କରି ଡାକ୍ତରଖାନା ଦେଖାଇ ନିଆଯିବା ଉଚିତ ହୁଅନ୍ତା !*

ଏକଥା ସମ୍ପୂର୍ଣ୍ଣ ଠିକ୍; ମାତ୍ର ଅସନ୍ତୋଷର ଏହି ସ୍ଥିତିଟି 'ଖ'ଙ୍କ କ୍ଷେତ୍ରରେ ପ୍ରକୃତରେ ଅତିରିକ୍ତ ହୋଇ ଯାଇଥିଲା, ଏବଂ ସତକୁ ସତ ସେହି କାରଣରୁ ତାଙ୍କୁ, ସେ ବର୍ତ୍ତମାନ ଯେଉଁଠାରେ ଅଛନ୍ତି, ସେଠାକୁ ଯିବାକୁ ହେଲା ।

ତାଙ୍କୁ ତଥାପି ଶାନ୍ତ ହୋଇ ଶିଖିବାକୁ ପଡ଼ିବ ଏବଂ ଯାବତୀୟ ବିଷୟ ଯେପରି ଆସୁଥିବ, ସେଗୁଡ଼ିକୁ ସେହିପରି ଗ୍ରହଣ କରିନେବାକୁ ହେବ ।

ଏଥିସହିତ ମୁଁ ତାଙ୍କଲାଗି ଗୋଟିଏ ଚିଠି ଲେଖି ପଠାଉଛି; ତୁମେ ସେଇଟିକୁ ନିଜେ ତାଙ୍କ ହାତରେ ଦେବ ଓ ତାଙ୍କୁ ଉତ୍ସାହ ଦେବାଭଳି କିଛି ଅବଶ୍ୟ କହିବ ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୯ ଫେବ୍ରୁଆରି ୧୯୬୪*

*ସ୍ନେହମୟୀ ମାଆ,*

*ଗତ ପନ୍ଦରଦିନ ହେଲା 'ଗ' ଆମ ଅଫିସ୍‌ରେ କାମ କରୁଛନ୍ତି । ସେ ଖୁବ୍ ଉତ୍ତମରୂପେ ସବୁ କାର୍ଯ୍ୟ କରୁଛନ୍ତି ଏବଂ ତାଙ୍କର କାର୍ଯ୍ୟଦକ୍ଷତା ତଥା ଉତ୍ସର୍ଗ-ମନୋଭାବରେ ମୁଁ ଗର୍ବ ଅନୁଭବ କରୁଛି । ସେ ଅଳ୍ପଦିନରେ ମାନ୍ଦ୍ରାଜ ଯାଉଛନ୍ତି ।*

'oaob.nitrkl.ac.in' images reprocessed

*ତାଙ୍କର ଜୀବନରେ ଏକ ନୂତନ ପର୍ଯ୍ୟାୟର ଆଗମନ ସମ୍ଭବ ହେଉ ବୋଲି ଅନୁମତି ଦେବାକୁ ମୁଁ ମାଆଙ୍କ ପାଖରେ ଆନ୍ତରିକ ଭାବରେ ପ୍ରାର୍ଥନା କରିବି । ଏପର୍ଯ୍ୟନ୍ତ, ତାଙ୍କର ସର୍ବତୋମୁଖୀ ବିଚକ୍ଷଣତା ସତ୍ତ୍ୱେ ସେ ଏପରି ଏକ ବହୁବର୍ଣ୍ଣ ବୃତ୍ତି ମଧ୍ୟଦେଇ ଗତି କରିଛନ୍ତି ଯେଉଁଥିରେ କି ତାଙ୍କୁ ପ୍ରତ୍ୟେକ ପଦକ୍ଷେପରେ ଘୋର ନିରାଶାହିଁ ମିଳିଛି । ମାଆ, ମୁଁ ପ୍ରାର୍ଥନା କରୁଛି, ବର୍ତ୍ତମାନଠାରୁ ସେଥିରେ ଏକ ପୂର୍ଣ୍ଣଚ୍ଛେଦ ପଡୁ ।*

ଯଦି ଆମେ ଯଥାର୍ଥ ଭାବରେ ଅସୁବିଧାଗୁଡ଼ିକର ସମ୍ମୁଖୀନ ହୋଇ ଜାଣିଥିବା, ତେବେ ସେଗୁଡ଼ିକ ସର୍ବଦା ପ୍ରକୃତରେ ଆଶୀର୍ବାଦ ସଦୃଶହିଁ କାମ ଦେବେ ।

ଅନେକ ଆଶୀର୍ବାଦ ।

*ମାର୍ଚ୍ଚ ୧୯୬୪*

*କାମ୍ପାଲା କେନ୍ଦ୍ରର ଜଣେ ସଦସ୍ୟ 'କ' ଅଭିଯୋଗ କରିଛନ୍ତି ଯେ ସେଠାରେ ଦାୟିତ୍ୱରେ ଥିବା ବ୍ୟକ୍ତିଜଣକ ୨୯ ଫେବ୍ରୁଆରି ଅନୁଷ୍ଠାନ ସମୟରେ ତାଙ୍କୁ ଅପମାନିତ କରିଛନ୍ତି । ସେ ଦିବ୍ୟଜନନୀଙ୍କଠାରୁ ସାନ୍ତ୍ୱନା ଭିକ୍ଷା କରୁଛନ୍ତି ।*

ସେ ପରମ ଦିବ୍ୟସତ୍ତାଙ୍କ ବିଷୟରେ ଚିନ୍ତା କରନ୍ତୁ, ନିଜ ବିଷୟରେ ନୁହେଁ ।

*ମାର୍ଚ୍ଚ ୧୯୬୪*

*'ଖ'ଙ୍କ ନିବାସରେ ଆମେ କେତୋଟି କୋଠରୀ ଭଡ଼ାରେ ନେଇଛୁ । ଏହିସବୁ କୋଠରୀ ନିମନ୍ତେ ସେ 'ଗ'ଙ୍କଠାରୁ ଭଡ଼ାରେ ଆସବାବପତ୍ର ଆଣିଛନ୍ତି । ବର୍ତ୍ତମାନ ଯାହା ଜଣାଯାଉଛି, 'ଗ' ଆସବାବପତ୍ର ବାବତର ଭଡ଼ାକୁ ବଢ଼ାଇ ଦେଇଛନ୍ତି । ତେଣୁ 'ଖ' କହୁଛନ୍ତି ଯେ, କୋଠରୀଗୁଡ଼ିକର ଭଡ଼ା ମଧ୍ୟ ହୁଏତ ଅଧିକ ହେବ ଅଥବା ଆସବାବପତ୍ର ନିମନ୍ତେ ଅଧିକ ଭଡ଼ା ଦେବାରୁ ତାଙ୍କୁ ମୁକ୍ତ ରଖାଯିବ । ଏହି ବାବତରେ ମାସକୁ ପ୍ରାୟ ଦଶଙ୍କୋର ପ୍ରଶ୍ନ ଉଠୁଛି ।*

ଏଡ଼େ ଛୋଟ ଛୋଟ କଥା ! ସଦିଚ୍ଛା ଏବଂ ନିଃସ୍ୱାର୍ଥପରତା ଦ୍ୱାରା ଏହିସବୁ କଥା ଅତି ସହଜରେ ମୀମାଂସିତ ହୋଇଯାଇପାରିବ ।

*ଏପ୍ରିଲ ୧୯୬୪*

'oaob.nitrkl.ac.in' images reprocessed

*ନିଜ ସ୍ୱାସ୍ଥ୍ୟ ବିଷୟରେ ଘଟିଥିବା ନିମ୍ନଲିଖିତ ଘଟଣାଗୁଡ଼ିକୁ ମାଆଙ୍କ ଆଗରେ ଉପସ୍ଥାପିତ କରିବାଲାଗି 'କ' ମୋତେ କହିଛନ୍ତି : (୧) ଯେପରି ଭାବରେ କ୍ରମେ ଆରୋଗ୍ୟ ହେଉଛି, ଡାକ୍ତରଖାନାର ଡାକ୍ତର ସେଥିରେ ସନ୍ତୁଷ୍ଟ ନୁହନ୍ତି । ଚିକିତ୍ସା ହେବାର ତିନିମାସ ପରେ ମଧ୍ୟ ସବୁକଥା ଅନିଶ୍ଚିତ ଅବସ୍ଥାରେ ରହିଛି ଏବଂ ଡାକ୍ତରମାନେ ଆଗକୁ କିପରି ଚିକିତ୍ସା କରିବେ, ସେ ବିଷୟରେ ନିଶ୍ଚିତ ହୋଇ ପାରୁ ନାହାନ୍ତି । ମାଆ ଏଥିରେ କିଛି ପରାମର୍ଶ ଦିଅନ୍ତୁ ଓ ଭେଲୋର ଡାକ୍ତରଖାନା ଭଳି ଅନ୍ୟ କୌଣସି ସ୍ଥାନକୁ ହୁଏତ ତାଙ୍କୁ ପଠାଇବାର ବ୍ୟବସ୍ଥା କରିଦିଅନ୍ତୁ ବୋଲି ସେ ତାଙ୍କୁ ଜଣାଉଛନ୍ତି । (୨) ଗତ ତିନିମାସ ହେବ, ତାଙ୍କୁ ଲଗାତାର କଡ଼ା କଡ଼ା ଔଷଧସବୁ ଦିଆଯାଉଛି । ଫଳରେ ତାଙ୍କୁ ଅତ୍ୟନ୍ତ ଦୁର୍ବଳ ଲାଗିଲାଣି । ତାଙ୍କର ବନ୍ଧୁ 'ଖ' ତାଙ୍କୁ ପରାମର୍ଶ ଦେଇଥିବା ପରି ମନେ ହେଉଛି ଯେ, ସେ ଏସବୁ ଔଷଧ ବ୍ୟବହାର ନ କରି ବରଂ ଆୟୁର୍ବେଦର ଆର୍ସେନିକ୍ ଔଷଧଟିଏ ଖାଆନ୍ତୁ । ମାତ୍ର ଏପରି ଭାବରେ ଆୟୁର୍ବେଦ ଏବଂ ଡାକ୍ତରୀ ଚିକିତ୍ସାକୁ ଏକାଠି ମିଶାଇ ଦେବା ଉଚିତ ହେବ କି ? 'କ' କୌଣସି ଉତ୍ତର ପାଉ ନାହାନ୍ତି ଓ ସବୁକଥା ମାଆଙ୍କୁ ଜଣାଇ ଦିଆଯାଉ ବୋଲି ଇଚ୍ଛା କରିଛନ୍ତି ।*

ଏହିସବୁ ଜଟିଳତା ଏବଂ କଷ୍ଟଭୋଗର ଯଥାର୍ଥ କାରଣକୁ ମୁଁ ଏଡ଼େ ଭଲ ଭାବରେ ଜାଣିଛି ଯେ, ତାଙ୍କୁ ମୁଁ ଆଦୌ କୌଣସି ପରାମର୍ଶ ଦେଇ ପାରିବି ନାହିଁ; କାରଣ, କେବଳ ତାଙ୍କ ସ୍ୱଭାବର ଏକ ଅନ୍ତର୍ଗତ ଏବଂ ମୂଳଭୂତ ପରିବର୍ତ୍ତନହିଁ ତାଙ୍କର ଏହି ଅଗ୍ନି ପରୀକ୍ଷାଟିରୁ ତାଙ୍କୁ ମୁକ୍ତ କରି ଆଣିପାରିବ । ତାଙ୍କ ସହିତ ଶକ୍ତିର ଏକ ସଚେତନ ଏବଂ ସ୍ଥାୟୀ ସଂକେନ୍ଦ୍ରଣ ରହିଥିଲା ଏବଂ ଏବେ ମଧ୍ୟ ରହିଛି, ଯାହାକି କେଉଁ କାଳରୁ ତାଙ୍କର ଆରୋଗ୍ୟବିଧାନ କରି ସାରନ୍ତାଣି । ମାତ୍ର ତାଙ୍କ ଭିତରେ ଯେଉଁ ନୈରାଶ୍ୟବାଦ ଓ ଅସନ୍ତୋଷ ଦୃଢ଼ ହୋଇ ରହିଛି, ତାହାହିଁ କ୍ରିୟାଶୀଳତାଟିକୁ ସତତ ନଷ୍ଟ କରିଦେଉଛି ।

ତାଙ୍କ ମଧ୍ୟରେ ଏକ ଯଥାର୍ଥ ବିଶ୍ୱାସ ରହୁ ଏବଂ ତା'ପରେ ସବୁକିଛି ସଜାଡ଼ି ହୋଇଯିବ ।

ଅନେକ ଆଶୀର୍ବାଦ । *ମଇ ୧୯୬୪*

*ଇତିହାସର ଜଣେ ଅଧ୍ୟାପକ 'ଗ' ଆଶ୍ରମରେ ଯୋଗ ଦେବାକୁ ଇଚ୍ଛା କରୁଛନ୍ତି । ସେ ଜଣେ ସୁସ୍ଥ ସବଳ ବ୍ୟକ୍ତି, 'କ'ଙ୍କର ଠିକ୍ ଏହିପରି ଜଣେ ବ୍ୟକ୍ତିଙ୍କର ଆବଶ୍ୟକତା ରହିଛି ।*

'oaob.nitrkl.ac.in' images reprocessed

ଆମର ଅଧ୍ୟାପକ ଲୋଡ଼ା ନାହାନ୍ତି ! ମାତ୍ର, ତୁମେ ତାଙ୍କୁ 'କ'ଙ୍କ ପାଖକୁ ପଠାଇ ପାରିବ ଓ ସିଏ କ'ଣ କହୁଛନ୍ତି ଦେଖିବ ।

*ଜୁଲାଇ ୧୯୬୪*

*ସ୍ନେହମୟୀ ମାଆ,*

*ଆମ କନ୍ନଡ଼ ପତ୍ରିକାର ଜଣେ ଗୃହୀ ପାଠକ ଏହି ପ୍ରଶ୍ନ ଦୁଇଟିକୁ ପଚାରିଛନ୍ତି, ଯାହାର କି ମୁଁ ଉତ୍ତର ଦେଇପାରୁ ନାହିଁ । ଦିବ୍ୟଜନନୀ ଦୟାକରି ସାହାଯ୍ୟ କରିବେ କି ?*

*(୧) କିପରି ଭାବରେ ଖାଦ୍ୟପ୍ରତି ରହିଥିବା ବାସନାକୁ (ସମ୍ପୂର୍ଣ୍ଣ ଭାବରେ ବିଲୁପ୍ତ ନ କଲେ ମଧ୍ୟ) ହ୍ରାସ କରାଯାଇ ପାରିବ ? (୨) କ'ଣ କଲେ ଯୌନ ବାସନାକୁ ମଧ୍ୟ(ସମ୍ପୂର୍ଣ୍ଣ ଭାବରେ ବିଲୁପ୍ତ ନ କଲେ ମଧ୍ୟ) ହ୍ରାସ କରାଯାଇ ପାରିବ ?*

ଦୁଇଟିଯାକ ପ୍ରଶ୍ନ ନିମନ୍ତେ ଗୋଟିଏ ଉତ୍ତର : ଆହୁରି ଅଧିକ ଆଗ୍ରହୋଦ୍ଦୀପକ କୌଣସି କାର୍ଯ୍ୟରେ ନିଜକୁ ତତ୍ପର ରଖିବ – ତା' ନ ହେଲେ, ସବୁଠାରୁ ଅଧିକ ସ୍ଥୂଳ ସ୍ତରରୁ ଆରମ୍ଭ କରି ସବୁଠାରୁ ଅଧିକ ଆଧ୍ୟାତ୍ମିକ ପର୍ଯ୍ୟନ୍ତ ଏଥିପାଇଁ ଶହ ଶହ ଉପାୟ ରହିଛି ।

ଅନେକ ଆଶୀର୍ବାଦ ।

*ଅଗଷ୍ଟ ୧୯୬୪*

*ରୋଡ଼େସିଆର ଏନ୍' ଦୋଲାଠାରେ ରହିଥିବା କେନ୍ଦ୍ରର ଜଣେ ସଦସ୍ୟ 'ଖ' ଆଉ ଜଣେ ବ୍ୟକ୍ତିର ସାହାଯ୍ୟରେ ସେହି ଦେଶର ମୁଦ୍ରାକୁ ଚୋରା ଭାବରେ ବାହାରକୁ ନେଇଯିବା ଲାଗି ଉଦ୍ୟମ କରିଥିବାରୁ ପୋଲିସ ପାଖରେ ଅସୁବିଧାରେ ପଡ଼ିଛନ୍ତି । ସେହି ଅନ୍ୟ ବ୍ୟକ୍ତିଟି ଧରା ପଡ଼ିଛି ଏବଂ ପୋଲିସ୍ ଘଟଣାଟି ମଧ୍ୟକୁ ଆସି ଯାଇଛନ୍ତି । ସେ ସାହାଯ୍ୟ ପାଇଁ ପ୍ରାର୍ଥନା କରୁଛନ୍ତି ।*

ପରମ ଦିବ୍ୟସତ୍ତାଙ୍କ କାର୍ଯ୍ୟ ଲାଗି ସେ କ'ଣ କରିଛନ୍ତି ଯେ, ବର୍ତ୍ତମାନ ସାହାଯ୍ୟ ପାଇଁ ପ୍ରାର୍ଥନା କରୁଛନ୍ତି ?

*ସେପ୍ଟେମ୍ବର ୧୯୬୪*

'oaob.nitrkl.ac.in' images reprocessed

*'ଗ' (ଶିଶୁନିବାସର)ଙ୍କର ପିତାମାତା ସ୍କୁଲ ଛୁଟୀରେ ସେମାନଙ୍କର ଝିଅ ବମ୍ବେ ଯିବାର ପ୍ରସ୍ତାବଟିକୁ ମାଆ ଅନୁମୋଦନ କରିବେ କି ନାହିଁ ବୋଲି ପଚାରି ଚିଠି ଦେଇଛନ୍ତି । ଝିଅଟି ନିଜେ ଯିବାକୁ ଇଚ୍ଛା କରୁଛି ।*

ସାଧାରଣତଃ, ପିଲାମାନେ ଯେତେବେଳେ ଛୁଟୀ କଟାଇବାକୁ ବାହାରକୁ ଯାଆନ୍ତି, ସେତେବେଳେ ସେମାନେ ବେଶ୍ ପ୍ରଦୂଷିତ ହୋଇ ଫେରିଆସନ୍ତି – ମାତ୍ର, ଝିଅଟି ଯଦି ନିଜେ ଯିବାକୁ ମନ କରୁଛି, ତେବେ ସେ ଯାଇପାରିବ ।

*ଅକ୍ଟୋବର୍ ୧୯୬୪*

*ରୋଡ୍ସେିଆରୁ ଚୋରାରେ ବାହାରକୁ ମୁଦ୍ରା ଆଣୁଥିବା ହେତୁ ଅସୁବିଧାରେ ପଡ଼ିଥିବା 'ଖ' ବର୍ତ୍ତମାନ ଜେଲ୍‌କୁ ଯିବାର ଆଶଙ୍କା ମଧ୍ୟରେ ରହିଛନ୍ତି । ସେ ସାହାଯ୍ୟ ପାଇଁ ପ୍ରାର୍ଥନା କରିଛନ୍ତି ।*

ସେସବୁ କିସମର ବ୍ୟାପାରରେ ମୋ'ର ଆଦୌ କିଛି କରିବାର ନାହିଁ ।

*ଡିସେମ୍ବର ୧୯୬୪*

*'ଗ' ତାଙ୍କ ପତ୍ନୀଙ୍କ ବିଷୟରେ ଲେଖିଥିବା ଚିଠିଟିକୁ ମୁଁ ଏଥିସହିତ ପଠାଉଛି । ପତ୍ନୀଙ୍କ ପାଖକୁ ନେବା ଲାଗି ସେ ଆପଣଙ୍କ କରୁଣାର ଏକ ନିଦର୍ଶନ ପାଇବାସକାଶେ ଆଶା କରୁଛନ୍ତି ।*

ତାଙ୍କ ପତ୍ନୀ ତାଙ୍କର ବାହ୍ୟ ସତ୍ତାଟିକୁ ଶୁଦ୍ଧ କରନ୍ତୁ ଏବଂ ସର୍ବୋଚ୍ଚ ପରମଦିବ୍ୟଙ୍କ ପାଖରେ ନିଜକୁ ପରିପୂର୍ଣ୍ଣ ତଥା ନିର୍ଦ୍ଦୋଷ ଭାବରେ ସମର୍ପଣ କରିଦେଇ ନିଜର ଅହଂକୁ ବିଲୁପ୍ତ କରିଦିଅନ୍ତୁ; ଏବଂ, ପ୍ରତିବନ୍ଧକଟି ଅବଶ୍ୟ ଦୂର ହୋଇଯିବ ।

ଅବତରଣ ଏବଂ ମିଳନ ନିମନ୍ତେ ଆମ ନିଜକୁ ଯଥେଷ୍ଟ ପରିମାଣରେ ଶୁଦ୍ଧ ତଥା ଗ୍ରହଣଶୀଳ କରିବା ସକାଶେ ଆପଣାକୁ ବାଧ୍ୟ କରିବାଲାଗିହିଁ ପ୍ରତିକୂଳ ଶକ୍ତିମାନଙ୍କୁ କାର୍ଯ୍ୟ କରିବାର ଅନୁମତି ଦିଆ ଯାଇଥାଏ ।

ସ୍ନେହ ଓ ଅନେକ ଆଶୀର୍ବାଦ ସହିତ ।

*୩୦ ଡିସେମ୍ବର ୧୯୬୪*

'oaob.nitrkl.ac.in' images reprocessed

*'କ' ଜଣେ ଦରିଦ୍ର ବ୍ୟକ୍ତି, ଯିଏ କି ଏଠାକୁ ବସ୍ତୁତଃ ପ୍ରତି ସପ୍ତାହରେ ଆସନ୍ତି, ସମାଧି ପାଖରେ ଧ୍ୟାନ କରନ୍ତି ଏବଂ ଅତ୍ୟନ୍ତ ନିୟମିତ ଭାବରେ ଅର୍ଥଦାନ କରନ୍ତି । ସେ ମାଆଙ୍କର ଉପସ୍ଥିତି ତଥା ମାର୍ଗଦର୍ଶନକୁ ଅନୁଭବ କରନ୍ତି । ମାତ୍ର, ପ୍ରତ୍ୟେକ ଥର, ଯେତେବେଳେ ତାଙ୍କର ଏକ ଉତ୍ତମ ଆଧ୍ୟାତ୍ମିକ ଅନୁଭୂତି ହୋଇଥାଏ, ସେତେବେଳେ ତାଙ୍କ ଗୃହ ଏବଂ ବ୍ୟବସାୟର କ୍ଷେତ୍ରରେ କିଛି ନା କିଛି ମନ୍ଦ ଅବଶ୍ୟ ଘଟିଥାଏ । ଉଦାହରଣ ସ୍ୱରୂପ, କାଲି, "ହୃଦୟର ଗଭୀରତା ମଧ୍ୟକୁ ଯାଇପାରିଲେ ତୁମେ ସେଠାରେ ଦିବ୍ୟଜନନୀଙ୍କୁ ଅବଶ୍ୟ ଭେଟିବ" ଉକ୍ତିଟିକୁ ସେ ଦେଖିବାକୁ ପାଇଲେ ଏବଂ ତତ୍‌କ୍ଷଣାତ୍ ମାଆଙ୍କୁ ସେହିଠାରେ ଉପବେଶନର ମୁଦ୍ରାରେ ଦେଖିପାରିଲେ । ମାତ୍ର, ଏହାର ଟିକିଏ ପରେ, ତାଙ୍କର ସବାସାନ ପିଲାଟି ଗୋଟିଏ ବସ୍ ତଳେ ପ୍ରାୟ ଚାପି ହୋଇଯିବାକୁ ଯାଉଥିଲା ଏବଂ ପୁଣି ଦୁଇଘଣ୍ଟା ପରେ ତାଙ୍କର ସବାବଡ଼ ପୁଅଟି ଏକ ଉଚ୍ଚ ପାଚେରୀ ଉପରୁ ତଳକୁ ଖସିପଡ଼ିଲା । ସେ ଏପରି ଘଟଣାସବୁ ନିୟମିତ ଭାବରେ ଘଟୁଥିବାରୁ ଭାରି ଚକିତ ହୋଇ ଯାଉଛନ୍ତି । ସେ ଆପଣଙ୍କର ଆଶୀର୍ବାଦ ଲାଗି ପ୍ରାର୍ଥନା କରିଛନ୍ତି ।*

ଯାହାକିଛି ଘଟେ, ତାହା ପରମକରୁଣାର ପରିଣାମସ୍ୱରୂପ ଘଟେ ଏବଂ ଆଧ୍ୟାତ୍ମିକ ଦୃଷ୍ଟିରୁ ସର୍ବୋତ୍ତମ ଭାବରେ ଯାହା ଘଟିପାରନ୍ତା, ତାହାହିଁ ଘଟେ ।

ସ୍ନେହ ଓ ଅନେକ ଆଶୀର୍ବାଦ ।

*ମାର୍ଚ୍ଚ ୧୯୬୫*

*ମୋ' ପରିବାରର ଜଣେ ବନ୍ଧୁ 'ଗ'ଙ୍କ ଦୁଇବର୍ଷର ନାତି 'ଖ' ଜନ୍ମରୁ ତିନିମାସ ଯାଏ ସମ୍ପୂର୍ଣ୍ଣ ଠିକ୍ ଥିଲା । ସେତିକିବେଳେ ସେ ମିଳିମିଳାରେ ଆକ୍ରାନ୍ତ ହେଲା । ପ୍ରାୟ ଦଶଦିନ ଧରି ତାକୁ ଅନେକ କଡ଼ା ଔଷଧ ଦିଆ ଯାଇଥିଲା । ତା'ପରେ ତା'ର ଦେହ ଆଉ କେବେହେଲେ ସୁସ୍ଥ ରହିଲା ନାହିଁ; ତାକୁ ପିହୁଳା ମାରିବାକୁ ଆରମ୍ଭ କଲା ଏବଂ ବର୍ତ୍ତମାନ ସେ ପ୍ରାୟ ଜଡ଼ ହୋଇ ପଡ଼ି ରହିଲା ପରି ରହିଛି । ସେ ମୁକ୍ତ ଭାବରେ ଛିଡ଼ା ହୋଇପାରୁ ନାହିଁ କିଂବା ଚାଲିପାରୁ ନାହିଁ, କଥା କହୁ ନାହିଁ କିଂବା ଲୋକମାନଙ୍କୁ ସଙ୍ଗେ ସଙ୍ଗେ ଚିହ୍ନି ବି ପାରୁ ନାହିଁ ।*

*'କ' ଚିହ୍ନିତ ଫଟୋଟି ଅସୁସ୍ଥତା ପୂର୍ବରୁ ନିଆ ଯାଇଥିଲା, 'ଖ' ଚିହ୍ନିତ ଫଟୋଟି ଏହି ମାସରେ ନିଆଯାଇଛି । ପରିବାରଟି ଦିବ୍ୟଜନନୀଙ୍କର କରୁଣା ଏବଂ ଆଶୀର୍ବାଦ ନିମନ୍ତେ ପ୍ରାର୍ଥନା କରୁଛି ।*

'oaob.nitrkl.ac.in' images reprocessed

ଆଧୁନିକ ଔଷଧସବୁ ପିଲାମାନଙ୍କ ପାଇଁ ଆଦୌ ଅନୁକୂଳ ନୁହେଁ ।

ଅନେକ ଆଶୀର୍ବାଦ ।

*(ପିଲାଟିର ଫଟୋ ସହିତ ଆସିଥିବା କାଗଜଟି ଉପରେ ମାଆ ଲେଖି ଦେଇଥିଲେ :)*

ଯଦି ପ୍ରକୃତିକୁ ଏକ ସୁଯୋଗ ଦିଆଯାଏ, ତେବେ ସିଏ ହୁଏତ ଏହି କ୍ଷତିଟିକୁ ପୂରଣ କରି ପାରିବ ।

ଜୁନ୍ ୧୯୬୫

*ଆମେରିକାର ଭଦ୍ରମହିଳା 'କ' ଅତିଥି ଭବନରେ ଏକ ବୃହତ୍ ସମସ୍ୟା ହୋଇଗଲେଣି । ସେ ଭୃତ୍ୟମାନଙ୍କ ଉପରେ ଆକ୍ରମଣ କରୁଛନ୍ତି, ଖାଇବା ଟେବୁଲରେ ଅତ୍ୟନ୍ତ ମନ୍ଦ ଆଚରଣ କରୁଛନ୍ତି ଏବଂ ନିଜକୁ ସମ୍ପୂର୍ଣ୍ଣ ଭାବରେ ଏକ ଉପଦ୍ରବକାରୀରେ ପରିଣତ କରି ଦେଉଛନ୍ତି । କାଲି ରାତିରେ ସେ ଭୋର ତିନିଟା ବେଳେ ଟାଇପ୍ କରିବାକୁ ଆରମ୍ଭ କଲେ । ଦୁଇଜଣଯାକ ପରିଚାଳକ 'ଖ' ଏବଂ 'ଗ' ତାଙ୍କୁ ସମ୍ଭାଳି ରଖିପାରିବାକୁ ଅସମ୍ଭବ ବୋଲି ଭାବୁଛନ୍ତି ।*

*ଅବଶ୍ୟ ଏକଥା ସତ ଯେ, ବିଶେଷ ବ୍ୟବସ୍ଥାମାନ ବିଷୟରେ ଜଣେ ପରିଚାଳକ 'ଖ' ତାଙ୍କୁ ଯାବତୀୟ ପ୍ରକାରର ପ୍ରତିଶ୍ରୁତି ଦେଇଥିଲେ, ଆରମ୍ଭରେ ସେ ପ୍ରାୟ ସମସ୍ତଙ୍କ ସହିତ ସେହିଭଳି କରନ୍ତି । ବର୍ତ୍ତମାନ କ'ଣ କରାଯିବ ?*

ସେ (ଭଦ୍ରମହିଳା) ମୋ' ପାଖକୁ ପତ୍ର ଲେଖିଛନ୍ତି ଏବଂ ତାଙ୍କ ପତ୍ରରୁ ମୁଁ ଜାଣିବାକୁ ପାଉଛି ଯେ ସିଏ ନିଜ ପାଇଁ ଗୋଟିଏ କୋଠାରୀ ଓ ତାଙ୍କ ଜିନିଷପତ୍ର ପାଇଁ ଆଉଗୋଟିଏ କୋଠାରୀ ଚାହୁଁଛନ୍ତି । ତତ୍‌ସହ, କିଛି ଖାଦ୍ୟସାମଗ୍ରୀ ରଖିବେ ବୋଲି ଏକ ରେଫ୍ରିଜେରେଟରରେ କିଛି ସ୍ଥାନ ଚାହୁଁଛନ୍ତି ଏବଂ ନିଜର ଭୋଜନ ବିଷୟରେ ସେ ଅତ୍ୟନ୍ତ କଠୋର ନିୟମମାନ ରକ୍ଷା କରି ଚଳନ୍ତି । ଯଦି କିଛି ପ୍ରତିଶ୍ରୁତି ଆଗରୁ ଦିଆ ଯାଇଥାଏ, ତେବେ ସେଗୁଡ଼ିକୁ ଅବଶ୍ୟ ରକ୍ଷା କରିବାକୁ ପଡ଼ିବ । ଏହି କ୍ଷେତ୍ରରେ ଏକ ସମାଧାନମୂଳକ ଏବଂ ବୁଝିବାର ଆଗ୍ରହ ରହିଥିବା ଏକ ମନୋଭାବନା ରଖିବା ଆବଶ୍ୟକ ହେବ । ସେହିଟି ବ୍ୟତୀତ ଅନ୍ୟ ଯେକୌଣସି ଦୃଷ୍ଟିକୋଣକୁ ଆଶ୍ରମରେ ଅପମାନଜନକ ଏବଂ ଶ୍ରୀଅରବିନ୍ଦଙ୍କର ଅଯୋଗ୍ୟ ବୋଲି କୁହାଯିବ ।

ଅନେକ ଆଶୀର୍ବାଦ ।

୩୦ ଜୁନ୍ ୧୯୬୫

'oaob.nitrkl.ac.in' images reprocessed

*ସ୍ନେହମୟୀ ମାଆ,*

*'କ' ବଡ଼ ଦୁଃଖରେ ଅଛନ୍ତି । ଗତ ସପ୍ତାହରେ ପ୍ରାୟ ବାଧ ହେଲାପରି ନିଜ ଶରୀର ଭିତରୁ ବାହାରକୁ ଚାଲିଯିବାର ତାଙ୍କର ପୁରୁଣା ସମସ୍ୟାଟି ପୁନର୍ବାର ଆରମ୍ଭ ହୋଇଛି । ଅପରାହ୍ନ ସମୟରେ ଦଶମିନିଟ ଅବଧିର ଏକ ନିଦ୍ରାବେଳେ ସେ ନିଜ ଶରୀରରୁ ବାହାରି ଆସିଥିଲେ, ମାତ୍ର ପୁନର୍ବାର ତା' ଭିତରେ ପ୍ରବେଶ କରିପାରିଲେ ନାହିଁ । ସେ ଦିବ୍ୟଜନନୀଙ୍କୁ ଡାକିଲେ । ପାଦଠାରୁ ମସ୍ତକ ପର୍ଯ୍ୟନ୍ତ ବଳର ଏକ ଆବୃତକାରୀ ବୃହଦ୍‌ଶକ୍ତି ଏବଂ ସଇସଇ ହେବାର ଅବବୋଧକୁ ସେ ଅନୁଭବ କରିପାରିଲେ ଏବଂ ତା'ପରେ ଯାଇ ନିଜ ଶରୀର ମଧ୍ୟରେ ପ୍ରବେଶ କରି ପାରିଥିଲେ । ପରେ ତାଙ୍କୁ ଅତ୍ୟନ୍ତ କ୍ଳାନ୍ତ ଲାଗିଲା । ସେହି ରାତିରେ ସେ ଭଲ ଭାବରେ ଶୋଇ ପାରିଲେ ନାହିଁ, ଶରୀର ଦରଜ ଲାଗୁଥିଲା । ଏବଂ ତାଙ୍କ ମୁହଁରେ ଥିଲା ମୃତ୍ୟୁର ପାଣ୍ଡୁରତା ।*

*ତହିଁ ଆରଦିନ ଅପରାହ୍ନ ସମୟରେ ଶୋଇଥିବାବେଳେ ସେ ପୁଣି ନିଜ ଶରୀରରୁ ବାହାରକୁ ବାହାରି ଯାଇଥିଲେ ଏବଂ ତାହା ଉପରେ ଝୁଲିକରି ରହିଥିଲେ, ମାତ୍ର ପୁନର୍ବାର ଶରୀରରେ ପ୍ରବେଶ କରି ପାରିଲେ ନାହିଁ । ମାଆଙ୍କୁ ଡାକିଲେ, ମାତ୍ର କିଛି ଅନୁସ୍ପନ୍ଦନ ମିଳି ନ ଥିଲା । ବାରବାର ଡାକିବାକୁ ଲାଗିଲେ, କିନ୍ତୁ କିଛି ଘଟିଲା ନାହିଁ । ସେ ମସ୍ତକ ବା ପାଦ କୌଣସି ଆଡ଼ୁ ମଧ ନିଜ ଶରୀର ଭିତରକୁ ପ୍ରବେଶ କରି ପାରିଲେ ନାହିଁ । ଶରୀର ଆଦୌ କୌଣସି ପ୍ରବେଶ ଦ୍ୱାର ଯୋଗାଇ ଦେଲା ନାହିଁ । ମୃତ୍ୟୁ ଆସି ପହଞ୍ଚିଗଲା ବୋଲି ସେ ଅନୁଭବ କରିବାକୁ ଲାଗିଲେ ଏବଂ ଆଉ ମୋଟେ ପୁନର୍ବାର ଶରୀର ଭିତରେ ପ୍ରବେଶ କରି ପାରିଲେ ନାହିଁ । ସେ ପ୍ରାୟ କିଂକର୍ତ୍ତବ୍ୟବିମୂଢ଼ ହୋଇଗଲେ, ମାତ୍ର ତଥାପି ଆପଣାକୁ କୌଣସିମତେ ପ୍ରକୃତିସ୍ଥ କରି ରଖିଲେ ଏବଂ ଶରୀର ଚାରିପାଖରେ ଚକ୍କର ବୁଲିବାକୁ ଲାଗିଲେ । ତା' ପରେ ଉପର ଆଡ଼କୁ ଉଡ଼ିଗଲେ ଏବଂ ଛାତ ପାଖରେ କାନ୍ଥ ଉପରେ ମାଆଙ୍କ ପାଦପଦ୍ମର ରଙ୍ଗୀନ ଛବିଟିଏ ଝୁଲୁଥିବାର ଦେଖିବାକୁ ପାଇଲେ । ପାଖକୁ ଯାଇ ସେହି ପାଦପଦ୍ମକୁ ବ୍ୟାକୁଳ ଭାବରେ ପ୍ରାର୍ଥନା କଲେ । ତା'ପରେ ଯାଇ ମୁଣ୍ଡବାଟେ ଶରୀର ଭିତରକୁ ପ୍ରବେଶ କରିବାକୁ ସମର୍ଥ ହେଲେ । ମାତ୍ର, ସେଥିପାଇଁ ତାଙ୍କୁ ବହୁତ କଷ୍ଟ ଓ ଯନ୍ତ୍ରଣା ଭୋଗିବାକୁ ପଡ଼ିଲା । ତାଙ୍କର ସମସ୍ତ ଶରୀର ଗୋଟାସୁଦ୍ଧା କାଲୁଆ ଓ ଥଣ୍ଡା ଲାଗୁଥିଲା ଏବଂ, ସ୍ୱାଭାବିକ ଅବସ୍ଥାକୁ ଫେରି ଆସିବାଲାଗି ବେଶ୍ କିଛି ସମୟ ମଧ ଲାଗିଥିଲା ।*

*ସେ ଆପଣଙ୍କର ସାହଯ୍ୟ ନିମନ୍ତେ ପ୍ରାର୍ଥନା କରୁଛନ୍ତି ।*

'oaob.nitrkl.ac.in' images reprocessed

ନିଜର **ହୃଦୟକେନ୍ଦ୍ର** (ସୌର ଚକ୍ର) ଦେଇ ଶରୀର ଭିତରକୁ ପ୍ରବେଶ କରିବାକୁ **ପଡ଼ିଥାଏ** – ଅନ୍ୟ ଦୁଇଟିକୁ (ପାଦ ଓ ମସ୍ତକ) ଅସମ୍ଭବ ବୋଲି ବିଚାର କରାଯାଏ । ତେଣୁ, ମସ୍ତକ ବାଟଦେଇ ପ୍ରବେଶ କରିଥିବା ବ୍ୟାପାରଟି ଅଲୌକିକ ବୋଲି ବୋଧ ହେଉଛି ଏବଂ, ତାହା ଯେ ଅତୀବ ଯନ୍ତ୍ରଣାଦାୟକ ହେଲା, ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

ମାତ୍ର, **ଭୟ କରିବା** ହେଉଛି ସବୁଠାରୁ ଅଧିକ ଗର୍ହିତ କଥା । ଆଉ ସବୁକିଛି ପରିସ୍ଥିତି ସ୍ୱାଭାବିକ ରହିଥିଲେ ମଧ୍ୟ ଭୟହିଁ ବହୁ ଅସୁବିଧାକୁ ଆକର୍ଷିତ କରି ଆଣିଥାଏ ।

ପରମ ଦିବ୍ୟସତ୍ତାଙ୍କର କରୁଣା ଉପରେ ଅବିଚଳ ବିଶ୍ୱାସ ରଖିବା ହେଉଛି ଏକମାତ୍ର ଯଥାର୍ଥ ସମାଧାନ । ନିଷ୍ଠାଯୁକ୍ତ ଏବଂ ସମ୍ପୂର୍ଣ୍ଣ ସେହି ବିଶ୍ୱାସ ଦ୍ୱାରା ଜଣେ ସର୍ବଦାହିଁ ନିରାପଦ ରହିଥିବ ।

ଅନେକ ଆଶୀର୍ବାଦ ।

*୧୫ ସେପ୍ଟେମ୍ବର ୧୯୬୫*

*'ଖ' (ସିମଲାର ଗୂଢ଼ବିଦ୍ୟାବାଦୀ) ଲେଖିଛନ୍ତି ଯେ ତାଙ୍କର ସବାବଡ଼ ଝିଅ 'ଗ' (୯ ବର୍ଷ) ଅତ୍ୟନ୍ତ ଅସ୍ୱାଭାବିକ ଭାବରେ ଅନ୍ୟମନସ୍କ ହେଉଛି ଏବଂ ସର୍ବଦା ନାନା ସ୍ୱପ୍ନ ଭିତରେହିଁ ବୁଡ଼ିରହୁଛି । ସେ ଅନୁଭବ କରୁଛନ୍ତି ଯେ, ପିଲାଟିର ଚୈତ୍ୟସତ୍ତା ସମ୍ପୂର୍ଣ୍ଣ ଭାବରେ ଶରୀର ଭିତରକୁ ଆସି ନ ଥିବାରୁ ସମ୍ଭବତଃ ଏଭଳି ହେଉଛି । ଏହା ପ୍ରକୃତରେ ଏକ କାରଣ ହୋଇପାରେ କି ବୋଲି ସେ ପଚାରିଛନ୍ତି ଏବଂ, ଏହି ବ୍ୟାପାରରେ କ'ଣ କରାଯାଇ ପାରିବ, ସେ ବିଷୟରେ ଦିବ୍ୟ ଜନନୀ କିଛି ପରାମର୍ଶ ଦେଇପାରିବେ କି ବୋଲି ଇଚ୍ଛା ପ୍ରକାଶ କରିଛନ୍ତି । ଝିଅଟିର ଫଟୋ ଏଥି ସହିତ ପଠାଯାଇଛି ।*

ପିଲାଟି ବେଶ୍ ପ୍ରଫୁଲ୍ଲ ଦିଶୁଛି । ସେ ପ୍ରକୃତରେ ଯେପରି, ସେମାନେ ତାକୁ ସେହିପରି ହେବାକୁ ଛାଡ଼ିଦେବେ ଏବଂ ତା' ଇଚ୍ଛାରେ ବିରୋଧ କରିବେ ନାହିଁ । ସାଧାରଣ ମନୁଷ୍ୟମାନଙ୍କ ପରି ହେବାର ଉଚିତ ସମୟ ଆସିବା ମାତ୍ରକେ ସେ ନିଶ୍ଚୟ ସେହିପରି ହୋଇଯିବ । ଯାବତୀୟ ହସ୍ତକ୍ଷେପ ଏକ ଆଧ୍ୟାତ୍ମିକ ଅପରାଧ ଭଳି ହେବ ।

*ନଭେମ୍ବର ୧୯୬୫*

'oaob.nitrkl.ac.in' images reprocessed

*(ଏହି ଶିଷ୍ୟ ଜଣେ ବାଳକ ବିଷୟରେ ଲେଖିଥିଲେ, ଯାହାକୁ କି ଅନେକ ସମୟରେ ଏକ କ୍ଷୁଦ୍ର ଧରଣର ବାତ ମାରୁଥିଲା ଓ ସେତେବେଳେ ସେ ମୁଣ୍ଡକୁ ହିକା ମାରିବା ପରି ହଲାଇବାକୁ ଲାଗୁଥିଲା ।)*

ବାଳକଟି ଅତିମାତ୍ରାରେ ସଂବେଦନଶୀଳ ଏବଂ ତା' ଭିତରେ ଅନେକ ଉତ୍ତମ ସମ୍ଭାବନା ରହିଛି । ମାତ୍ର, ତା' ସହିତ ଅନେକ ଧୈର୍ଯ୍ୟ ସହକାରେ ବ୍ୟବହାର କରାଯିବା ଉଚିତ ଏବଂ ବିଶେଷତଃ ସମ୍ପୂର୍ଣ୍ଣ ଶାନ୍ତ ଓ ସ୍ଥିର ଭାବରେ ଆଚରଣ କରାଯିବା ଉଚିତ । ଏତେଟିକିଏ ଧୈର୍ଯ୍ୟହୀନତା, କଠୋରତା ଏବଂ ବିରକ୍ତି ମଧ ତାକୁ ସମ୍ପୂର୍ଣ୍ଣ ଭାବରେ ଅଶାନ୍ତ କରି ପକାଇବ, ଯେକୌଣସି କର୍କଶ ବ୍ୟବହାର ହୁଏତ ରୋଗ-ଆକ୍ରମଣର ଏକ କାରଣ ହୋଇପାରିବ । ମୁଁ ଏହି କଥାଟି ଉପରେ ଜୋର୍ ଦେଉଛି, ଯଦି ସେ ଭଲ ହେଉ ବୋଲି ପିତାମାତା ପ୍ରକୃତରେ ଇଚ୍ଛା କରୁଥିବେ, ତେବେ ସେମାନେ ତା' ସହିତ ଅତ୍ୟନ୍ତ କୋମଳ ବ୍ୟବହାର କରିବେ ।

ଅନେକ ଆଶୀର୍ବାଦ ।

*ନଭେମ୍ବର ୧୯୬୫*

*'କ' ବିଶେଷ କରୁଣା ଲାଗି ପ୍ରାର୍ଥନା କରୁଛନ୍ତି । ସେ ଅତି ଦୁଃଖରେ ପଡ଼ିଛନ୍ତି; ତାଙ୍କର ବ୍ୟବସାୟରେ ପ୍ରତିଦିନ ଏକ ନୂଆ ନୂଆ ସଂକଟ ଆସି ପହଞ୍ଚୁଛି ଏବଂ ସେ ଆଉ ଅବସ୍ଥାଟିକୁ ମୋଟେ ସମ୍ଭାଳି ପାରୁ ନାହାନ୍ତି ।*

ଯଦି ସେ ମନକୁ ସ୍ଥିର ରଖିବେ ଓ ହୃଦୟକୁ ମଧ ଶାନ୍ତ ରଖିବେ, ତେବେ ଅବସ୍ଥାଟିକୁ ନିଶ୍ଚୟ ସମ୍ଭାଳି ନେଇ ପାରିବେ ।

ଅନେକ ଆଶୀର୍ବାଦ ।

*ଡିସେମ୍ବର ୧୯୬୫*

*ଜ୍ୟୋତିଷମାନେ 'ଖ'ଙ୍କୁ କହିଛନ୍ତି ଯେ, ଆଗାମୀ ତିନି ବର୍ଷ ସମୟ ତାଙ୍କ ପାଇଁ ଖୁବ୍ ଖରାପ ପଡ଼ିବ । — ତାଙ୍କ ଅଫିସରେ ଠିକ୍ ତାଙ୍କ ଉପରେ ରହିଥିବା ବ୍ୟକ୍ତିଜଣକ କମ୍ପାନୀ ଛାଡ଼ି ଚାଲି ଯାଉଛନ୍ତି ଏବଂ ତେଣୁ ତାଙ୍କର ପଦବୀଟି ମଧ ତା'ପରେ ବର୍ତ୍ତମାନ ପରି ଆଦୌ ନିରାପଦ ହୋଇ ରହି ନ ପାରେ । ତାଙ୍କ ସହିତ ଭଡ଼ାରେ ରହୁଥିବା ବ୍ୟକ୍ତିଜଣକ ମଧ ଚାଲିଗଲେଣି ଏବଂ ପରମକରୁଣାର*

'oaob.nitrkl.ac.in' images reprocessed

*ବଳରେ ଲାଭ କରିଥିବା ପ୍ଲାଟ୍‌ଟିର ରକ୍ଷଣାବେକ୍ଷଣ କରିବା ତାଙ୍କ ଲାଗି କଷ୍ଟକର ହେଉଛି ।*

*ସେ ଦିବ୍ୟଜନନୀଙ୍କର ଆଶୀର୍ବାଦ ଲାଗି ପ୍ରାର୍ଥନା କରିଛନ୍ତି ।*

ବିଶ୍ୱାସ ଏବଂ ଆସ୍ଥାର ସହିତ ତାଙ୍କୁ ଅସୁବିଧାଟିର ସମ୍ମୁଖୀନ ହେବାକୁ ପଡ଼ିବ; ଏବଂ ତା'ହେଲେ ସବୁକିଛି ଶେଷକୁ ଭଲ ହୋଇଯିବ ।

ଅନେକ ଆଶୀର୍ବାଦ ।

*ମାର୍ଚ୍ଚ ୧୯୬୬*

*ସ୍ନେହମୟୀ ମାଆ,*

*'ଗ'ଙ୍କ ବିରୋଧରେ କେହି ଗୁଣିଗାରେଡ଼ି ପ୍ରୟୋଗ କରିଛନ୍ତି ବୋଲି କୁହାଯାଉଛି । ଗୋଟିଏ ଖମ୍ବ ଉପରେ ଲେମ୍ବୁଟିଏ ରଖାଯାଇ ଥିବାର ଦେଖିବାକୁ ମିଳିଥିଲା । ସେହି ଘରେ ସମସ୍ତେ ଅସୁସ୍ଥ ହେଉଛନ୍ତି ଏବଂ ସେଠା ପରିବେଶ ମଧ୍ୟ ଅତ୍ୟନ୍ତ ଅଶାନ୍ତ ହୋଇ ରହିଛି ।*

ସେହି ଖମ୍ବଟି ଉପରେ ସେମାନେ ଧୂପ ଜଳାଇ ଦିଅନ୍ତୁ — ଶ୍ରୀଅରବିନ୍ଦଙ୍କର ନାମକୁ ଆବାହନ କରି ।

*୧୯ ମାର୍ଚ୍ଚ ୧୯୬୬*

*କେତେଦିନ ହେଲା 'କ'ଙ୍କର ଦାନ୍ତବିନ୍ଧା ଲାଗିରହିଛି । ଏବେ ଦିନେ ତାଙ୍କର ସ୍ୱାମୀ ତାଙ୍କୁ କହିଲେ : ମାଆ ବୁଲେଟିନ୍‌ରେ ଯାହା ଲେଖିଛନ୍ତି, ତାକୁ ପରୀକ୍ଷା କରି ଦେଖୁନ କାହିଁକି ? ଶରୀର ମଧ୍ୟରୁ ବାହାରିଯାଅ ଓ ବିନ୍ଧୁଥିବା ସ୍ଥାନଟି ଉପରେ ସଂକେନ୍ଦ୍ରଣ କର । ସେ ସେହିପରି କଲେ । ବିନ୍ଧା ବନ୍ଦ ହୋଇଗଲା । ମାତ୍ର, ତା'ପରେ ଯାହା ହେଲା, ତାହା ବେଶ୍ ଆଗ୍ରହୋଦ୍ଦୀପକ । ଦିନବେଳେ ତାଙ୍କର କୌଣସି ଯନ୍ତ୍ରଣା ହେଲା ନାହିଁ, ମାତ୍ର ନିଦରେ ଶୋଇଥିବା ସମୟରେ ଦାନ୍ତରେ ତୀବ୍ର ଯନ୍ତ୍ରଣା ହେବାକୁ ଆରମ୍ଭ କଲା ।*

*କେବଳ ଶୋଇବାବେଳେ ଯନ୍ତ୍ରଣାଟି କାହିଁକି ଆସିଲା ?*

'oaob.nitrkl.ac.in' images reprocessed

କାରଣ, ତାଙ୍କର ଚେତନାଟି ଅନ୍ୟତ୍ର ଚାଲି ଯାଇଥିଲା ଏବଂ ନିଜ ଶରୀର ଉପରେ ସେ ଆଉ ସଂକେନ୍ଦ୍ରିତ ହୋଇ ରହି ନ ଥିଲେ ।

*ମାର୍ଚ୍ଚ ୧୯୬୬*

*ସ୍ନେହମୟୀ ମାଆ,*

*ଗତକାଲି ଦିବ୍ୟଜନନୀ 'ଖ'ଙ୍କ ପରିବାରରେ ବାଳକଟିକୁ ଦେଖିଥିଲେ । ନିଜ ପୁଅର ଭେଷଜ-ଚିକିତ୍ସାରେ ମାର୍ଗଦର୍ଶନ ଲାଗି 'ଖ' ମାଆଙ୍କୁ ପ୍ରାର୍ଥନା କରିଛନ୍ତି । ମାଆ ଯେପରି କହିବେ, ସେ ନିର୍ବିବାଦରେ ତାହାହିଁ କରିବେ ।*

ବାଳକଟି ସହିତ ଆପଣାର ସମ୍ପର୍କରେ ପିତାମାତା ଯଦି ମୋଟେ ବ୍ୟସ୍ତ ଓ ପ୍ରାୟ କାତର ହୋଇ ନ ପଡ଼ିବେ, ତେବେ ତା'ର ଆରୋଗ୍ୟ ଲାଗି ତଦ୍ଦ୍ୱାରା ଅନେକ ସହାୟତା ମିଳିବ ।

ଅନେକ ଆଶୀର୍ବାଦ ।

*ଜୁଲାଇ ୧୯୬୬*

*'ଗ' ତାଙ୍କ ଝିଅଠାରୁ ଖବର ପାଇଛନ୍ତି ଯେ, ଝିଅଟି ବମ୍ବେର ଜନୈକ ବ୍ୟକ୍ତିଙ୍କ ସହିତ ବିବାହ କରିବାକୁ ଯାଉଛନ୍ତି, ଯାହାଙ୍କ ବିଷୟରେ କି 'ଗ' କିଛି ଜାଣି ନାହାନ୍ତି । ତାଙ୍କୁ କିଛି ନ ଜଣାଇ ଝିଅ ଓ ତାଙ୍କର ମାଆ ବମ୍ବେରେ ଗୋଟିଏ ଫ୍ଲାଟ୍ ଯୋଗାଡ଼ କରିବା ପାଇଁ ସେହି ବ୍ୟକ୍ତିଙ୍କ ପାଖକୁ ୧୮,୦୦୦ ଟଙ୍କା ପଠାଇ ଦେଇଛନ୍ତି । ଏହାଦ୍ୱାରା ଯେଉଁ ଦୁଃଖଦ ଘଟଣା ଘଟିବ ବୋଲି 'ଗ' ଆଶଙ୍କା କରୁଛନ୍ତି, ତାହାକୁ ଏଡ଼ାଇବା ସକାଶେ ସେ ଦିବ୍ୟଜନନୀଙ୍କର ସହାୟତା ପ୍ରାର୍ଥନା କରିଛନ୍ତି ।*

ନିଜ ଜୀବନ ବିଷୟରେ, ସେ ପୁରୁଷ ହେଉ ଅଥବା ସ୍ତ୍ରୀ ହେଉ, ନିଷ୍ପତ୍ତି କରିବାଲାଗି ପ୍ରତ୍ୟେକ ବ୍ୟକ୍ତିର ଅବଶ୍ୟ ସ୍ୱାଧୀନତା ରହିବ ।

*ଏପ୍ରିଲ ୧୯୬୭*

*(ଏହି ଶିଷ୍ୟ ଏପରି ଜଣେ ଭକ୍ତଙ୍କ ତରଫରୁ ମାଆଙ୍କୁ ଲେଖିଥିଲେ, ଯିଏ ଆଶଙ୍କା କରୁଥିଲେ ଯେ ତାଙ୍କ ବ୍ୟବସାୟର ଅଂଶୀଦାର ତାଙ୍କର ଅନିଷ୍ଟ କରିବା ନିମନ୍ତେ ଗୁଣିଗାରେଡ଼ି ଜାଣିଥିବା ଜଣେ ବ୍ୟକ୍ତିଙ୍କୁ ପଇସା ଦେଇ ଲଗାଇଛନ୍ତି ।)*

'oaob.nitrkl.ac.in' images reprocessed

ଯିଏ ପରମ ଦିବ୍ୟଙ୍କଠାରେ ବିଶ୍ୱାସ ରଖିଥାଏ, ତା'ପାଇଁ କୌଣସି ଭୟ ନ ଥାଏ ।

ଅନେକ ଆଶୀର୍ବାଦ ।

*ଜାନୁଆରି ୧୯୬୮*

'oaob.nitrkl.ac.in' images reprocessed

## ବିଷୟଗୁଡ଼ିକର ଟିପ୍ପଣୀ

ଏହି ଖଣ୍ଡଟିରେ ରହିଥିବା ଛଅଟି ପତ୍ର-ଗୁଚ୍ଛ ମଧ୍ୟରୁ ଦୁଇଟିକୁ ଏଠାରେ ପ୍ରଥମଥର ପାଇଁ ପ୍ରକାଶ କରାଯାଉଛି; ଚାରୋଟି ଗୁଚ୍ଛ ସମ୍ପୂର୍ଣ୍ଣ କିଂବା ଆଂଶିକ ଭାବରେ ଫରାସୀ ତଥା ଇଂରାଜୀ ଭାଷାରେ ବାହାରୁଥିବା ଏକ ଦ୍ୱିଭାଷୀ ତ୍ରୈମାସିକ Sri Aurobindo International Centre of Education ରେ ଆଗରୁ ପ୍ରକାଶିତ ହୋଇଥିଲା । ଗୁଚ୍ଛଟିରୁ ଦୁଇଟି ସମ୍ପୂର୍ଣ୍ଣ ଭାବରେ ଇଂରାଜୀ ଭାଷାରେ ଏବଂ ଚାରୋଟି ପୂର୍ଣ୍ଣତଃ ଅଥବା ମୁଖ୍ୟତଃ ଫରାସୀ ଭାଷାରେ ପ୍ରକାଶିତ ହୋଇଥିଲେ । ଫରାସୀ ପାଠରୁ ମୂଳ ଅନୁବାଦଗୁଡ଼ିକୁ ଏଠାରେ ପ୍ରକାଶ କରିବା ପୂର୍ବରୁ ସଂଶୋଧିତ କରି ଦିଆଯାଇଛି । ନିମ୍ନରେ ପ୍ରତ୍ୟେକ ଗୁଚ୍ଛ ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରାଯାଉଛି ।

ପ୍ରଥମ ଗୁଚ୍ଛ : ମୂଳ ଫରାସୀ ଭାଷାରେ । ଏହାର କିୟଦଂଶ ପ୍ରଥମେ ଇଂରାଜୀ ଅନୁବାଦରେ Breath of Grace (ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ, ପଣ୍ଡିଚେରୀ, ୧୯୭୩, ପୃଷ୍ଠା ୨୦୭-୩୫୩) ପୁସ୍ତକରେ ପ୍ରକାଶ ପାଇଥିଲା । ଏହାର ଏକ ବୃହତ୍ତର ଅଂଶ ପରେ ନଭେମ୍ବର ୧୯୮୧ଠାରୁ ନଭେମ୍ବର ୧୯୮୬ ପର୍ଯ୍ୟନ୍ତ ଧାରାବାହିକ ଭାବରେ Bulletinର ତ୍ରୈମାସିକ ସଂଖ୍ୟାଗୁଡ଼ିକରେ ବାହାରିଲା । ସେହି ପାଠଟିକୁ, କେତୋଟିକୁ ବାଦ୍ ଦିଆଯାଇ ଓ ଆହୁରି କେତୋଟି ନୂଆକୁ ଯୋଡ଼ି, ଏହି ଖଣ୍ଡଟିରେ ପ୍ରକାଶ କରାଯାଉଛି ।

ଦ୍ୱିତୀୟ ଗୁଚ୍ଛ : ମୂଳ ଫରାସୀ ଭାଷାରେ । ତାହାର ଇଂରାଜୀ ଅନୁବାଦ ଏଠାରେ ପ୍ରଥମଥର ପାଇଁ ପ୍ରକାଶ କରାଯାଉଛି ।

ତୃତୀୟ ଗୁଚ୍ଛ : ୧୯ ଜୁନ୍, ୧୯୩୯ର ଉତ୍ତର, ପ୍ରାୟ ୧୯୬୫ ବେଳକୁ ଲେଖା ଯାଇଥିବା "Be careful about"ରୁ ଆରମ୍ଭ ହୋଇଥିବା ଉତ୍ତରଟିରେ "they are always biased" ବାକ୍ୟାଂଶଟିକୁ ବାଦ୍ ଦେଲେ ଅବଶିଷ୍ଟ ସବୁ ଇଂରାଜୀରେ ଲେଖା ହୋଇଥିଲା । ଏଗୁଡ଼ିକର ପ୍ରାୟ ଏକ ତୃତୀୟାଂଶ ୧୯୮୭ ମସିହାର ଫେବ୍ରୁଆରି, ଏପ୍ରିଲ୍ ଓ ଅଗଷ୍ଟ ସଂଖ୍ୟା Bulletinରେ ପ୍ରକାଶିତ ହୋଇଥିଲା । ସମ୍ପୂର୍ଣ୍ଣ ଗୁଚ୍ଛଟି ୧୯୮୮ରେ ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ, ପଣ୍ଡିଚେରୀ ଦ୍ୱାରା ପ୍ରକାଶିତ Guidance in Work : Correspondence with a Disciple ନାମକ ଏକ ପୁସ୍ତକାକାରରେ ପ୍ରକାଶ ପାଇଲା । ଶ୍ରୀଅରବିନ୍ଦଙ୍କ

'oaob.nitrkl.ac.in' images reprocessed

ଦ୍ୱାରା ପ୍ରଦତ୍ତ ଛଅଟି ଉତ୍ତରକୁ ବାଦ୍ ଦେଇ ସେହି ପାଠଟି ଏଠାରେ ପୁନର୍ବାର ପ୍ରକାଶିତ ହେଉଛି ।

ଚତୁର୍ଥ ଗୁଚ୍ଛ : ମୂଳଟି ପ୍ରଧାନତଃ ଫରାସୀ ଭାଷାରେ । ପ୍ରଥମ ଏଗାରଟି (୧୮ ଜୁନ୍ ୧୯୪୬ ଯାଏ ସେଇଟିକୁ ମିଶାଇ ସବୁଗୁଡ଼ିକ) ଇଂରାଜୀରେ ଲେଖା ହୋଇଥିଲା, ବାକୀଗୁଡ଼ିକ ଫରାସୀରେ । ଏଗୁଡ଼ିକୁ ପ୍ରଥମଥର ପାଇଁ ଏଠାରେ ପ୍ରକାଶ କରାଯାଉଛି ।

ପଞ୍ଚମ ଗୁଚ୍ଛ : ମୂଳ ପ୍ରଧାନତଃ ଫରାସୀ ଭାଷାରେ । କେବଳ ଚାରୋଟି ଇଂରାଜୀରେ ୨୪ ମଇ ୧୯୬୩, ୨ ଏପ୍ରିଲ ୧୯୬୭, ୨୬ ଜୁଲାଇ ୧୯୬୯ ଏବଂ ୨୭ ଜୁଲାଇ ୧୯୬୯ର ପାଠଗୁଡ଼ିକ । ୩ ଜାନୁଆରି ୧୯୭୨ର ପାଠଟିରେ 'Successful' ଶବ୍ଦଟି ମଧ୍ୟ ଇଂରାଜୀରେ ଲେଖା ହୋଇଥିଲା । ଏପ୍ରିଲ ଓ ଅଗଷ୍ଟ ସଂଖ୍ୟା 'Bulletin'ରେ ଅଧିକାଂଶ ପ୍ରକାଶିତ ହୋଇଥିଲା । ଆଉ କେତେଗୋଟି ନୂଆ ପାଠକୁ ଯୋଡ଼ି ସେଇଟିକୁହିଁ ଏଠାରେ ପୁଣି ପ୍ରକାଶିତ କରାଯାଇଛି ।

ଷଷ୍ଠ ଗୁଚ୍ଛ : ମୂଳ ଇଂରାଜୀ ଭାଷାରେ । ଏହାର ପ୍ରଥମାର୍ଦ୍ଧରେ ରହିଥିବା ("Letters on Behalf of Others" ପର୍ଯ୍ୟନ୍ତ) ପ୍ରଥମେ "Mother and I" (ପୃଷ୍ଠା ୬୯-୭୯) ପୁସ୍ତକରେ ପ୍ରକାଶିତ ହୋଇଥିଲା । (Dipti Publications, ପଣ୍ଡିଚେରୀ, ୧୯୮୪) ପୂର୍ଣ୍ଣ ପାଠଟିର ଅଧିକାଂଶ ନଭେମ୍ବର ୧୯୮୭ ଏବଂ ଫେବ୍ରୁଆରି ୧୯୮୮ ସଂଖ୍ୟା Bulletinରେ ପ୍ରଥମେ ବାହାରିଥିଲା । ନୂଆ ଆଉ କେତୋଟିକୁ ଯୋଡ଼ି ସେହି ପାଠଟିକୁ ଏଠାରେ ପ୍ରକାଶିତ କରାଯାଉଛି ।

'oaob.nitrkl.ac.in' images reprocessed

'oaob.nitrkl.ac.in' images reprocessed